# SARALA UTKALA ABHIDHANA

## Based On Jagannath Rao's Sankshipta Utakala Abhidana

EDITED BY

Pandit Kulamani Dash Kabyatirtha

1932

Electronic version 2009

developed by

**Srujanika**

Jagamara, PO: Khandagiri, Bhubaneswar 751030,
email: srujanika@gmail.com

Copyright © 2009, Srujanika.

# ସରଳ ଉତ୍କଳ ଅଭିଧାନ

(ଜଗନ୍ନାଥ ରାଓଙ୍କ ସଂକ୍ଷିପ୍ତ ଉତ୍କଳ ଅଭିଧାନ ଅବଲମ୍ବନରେ)

ପଣ୍ଡିତ କୁଳମଣି ଦାଶ କାବ୍ୟତୀର୍ଥଙ୍କ କର୍ତ୍ତୃକ ସମ୍ପାଦିତ

୧୯୩୨

ଇଲେକ୍ଟ୍ରନିକ ସଂସ୍କରଣ (୨୦୦୯) ପ୍ରସ୍ତୁତି

**ସୃଜନିକା**


ଜାଗମରା, ଡାକ: ଖଣ୍ଡଗିରି, ଭୁବନେଶ୍ୱର ୭୫୧୦୩୦

(ସ୍ୱତ୍ତ୍ୱ: ୨୦୦୯ ସୃଜନିକା – କ୍ରିଏଟିଭ କମନ୍ସ୍ ଜି.ପି.ଏଲ୍. ମୁକ୍ତ ସଫ୍ଟୱେର ଲାଇସେନ୍ସ୍ ଜରିଆରେ ବିତରିତ )

This program is **free software**; you can redistribute it and/or modify it **with due acknowledgement to the developers** under the terms of the GNU General Public License as published by the Free Software Foundation (*http://www.gnu.org/*).

>> ସୂଚୀ ଓ ବ୍ୟବହାର ପାଇଁ ସୂଚନା ପର ପୃଷ୍ଠାରେ >>

# ବ୍ୟବହାର ପାଇଁ ସଂକ୍ଷିପ୍ତ ସୂଚନା

ତଳେ ଥିବା ବିଷୟ ଓ ଅକ୍ଷର ସୂଚୀ ଉପରେ ଦର୍ଶିକା (କର୍ସର) ଚଳାଇଲେ କେତେ ଜାଗାରେ ତାହାର ହାତ ରୂପ () ବଦଳି ଆଙ୍ଗୁଠି ରୂପ () ନେବ । ସେହି ଜାଗାରେ ମାଉସ୍‌ର ବାମ ବୋତାମ ଦବାଇଲେ ସେହି ବିଷୟ ଥିବା ପୃଷ୍ଠା ଖୋଲିବ । କୌଣସି ଅକ୍ଷର ଉପରେ ଆଙ୍ଗୁଠି ଦର୍ଶିକା ରଖି ମାଉସ ବାମ ବୋତାମ ଦବାଇଲେ ଆଉ ଗୋଟିଏ ଶବ୍ଦସୂଚୀ ପୃଷ୍ଠା ଖୋଲିବ । ସେଥିରେ ନିର୍ବାଚିତ ଅକ୍ଷରରେ ଆରମ୍ଭ ହେଉଥିବା ଶବ୍ଦଗୁଡ଼ିକ ରହିଥିବ । ପ୍ରତିଟି ଶବ୍ଦଯୋଡ଼ି ହେଉଛି ଅଭିଧାନର ନିର୍ଦ୍ଦିଷ୍ଟ ପୃଷ୍ଠାରେ ଥିବା ଆରମ୍ଭ ଓ ଶେଷ ଶବ୍ଦ, ଯାହା ପୃଷ୍ଠାର ଉପରେ ଦିଆଯାଇଥାଏ । ତେଣୁ ଖୋଜୁଥିବା ଶବ୍ଦକୁ ଯିବାକୁ ହେଲେ ତା'ର ଆଗ ଓ ପରର ଶବ୍ଦଯୋଡ଼ି ଉପରେ ମାଉସ ଚିପିବାକୁ ହେବ ।

ଏହି ସୂଚୀ ପୃଷ୍ଠାଟି ଫାଇଲର ଆରମ୍ଭରେ ରହିଛି, ତେଣୁ ଆକ୍ରୋବାଟ ରିଡରର ନେଭିଗେସନ ବା ପୃଷ୍ଠାଚିହ୍ନ (ବୁକ୍‌ମାର୍କ) ସାହାଯ୍ୟରେ ଏଠାକୁ ସହଜରେ ଫେରିଆସିହେବ ।

**(ଆକ୍ରୋବାଟ ରିଡରର ସାହାଯ୍ୟ ବ୍ୟବସ୍ଥାରୁ ଏସବୁ ବିଷୟରେ ଅଧିକ ଜାଣିହେବ)**


## ଭୂମିକା, ସାଂକେତିକ ଚିହ୍ନ

*ଅକ୍ଷର ସୂଚୀ*

ଅ ଆ ଇ ଈ ଉ ଊ ଋ ଏ ଐ ଓ ଔ

କ କ୍ଷ ଖ ଗ ଘ ଙ ଚ ଛ ଜ ଝ ଞ

ଟ ଠ ଡ ଢ ଣ ତ ଥ ଦ ଧ ନ

ପ ଫ ବ ଭ ମ ଯ ର ଳ ଲ ଵ

ଶ ଷ ସ ହ (କ୍ଷ)

# ଅ

ଅ – ଅଂଶକ
ଅଂଶଳ – ଅକଣ୍ଟକ
ଅକତିୟାର – ଅକସ୍ମାତ୍
ଅକାଟ – ଅକୀର୍ତ୍ତି
ଅକୁଣ୍ଠିତ – ଅକ୍ଷର
ଅକ୍ଷରେଖା – ଅଖାଦ୍ୟ
ଅଖିଆ – ଅଗାଡ଼ି
ଅଗାଧ – ଅଗ୍ରଗଣ୍ୟ
ଅଗ୍ରଗାମୀ – ଅଙ୍ଗ
ଅଙ୍ଗଛି – ଅଙ୍ଗୁଳ
ଅଙ୍ଗୁଷ୍ଠ – ଅଚ୍ଛ
ଅଚ୍ଛତ୍ର – ଅଜାତଶତ୍ରୁ
ଅଜାଣ୍ଟୁର – ଅଟକିବା
ଅଟନ – ଅଠାଇଶ
ଅଠାକାଠି – ଅଢ଼ା
ଅଢ଼ାଇ – ଅଣାଅଣୀ
ଅଣାଇବା – ଅଣ୍ଡିରା
ଅଣ୍ଡିରାଚଣ୍ଡୀ – ଅତିକ୍ରାନ୍ତ
ଅତିଚାର – ଅତୁଳ
ଅତୁଲ୍ୟ – ଅଥଳ
ଅଥବା – ଅଦ୍ୟତନ
ଅଦ୍ୟାପି – ଅଧାଅଧି
ଅଧାକାଛି – ଅଧିଦେବତା
ଅଧିପ – ଅଧୀଶ
ଅଧୁନା – ଅଧ୍ୟା
ଅଧ୍ୟାତ୍ମ – ଅଧ୍ୱ
ଅଧ୍ୱଗ – ଅନଧ୍ୟୟନ
ଅନନ୍ତ – ଅନମ୍ବର
ଅନର୍ଗଳ – ଅନାକାର
ଅନାଗତ – ଅନାୟାସ
ଅନାରତ – ଅନିନ୍ଦନୀୟ
ଅନିମିଷ – ଅନୀକିନୀ
ଅନୀତି – ଅନୁଗ୍ରହ
ଅନୁଗ୍ରାହକ – ଅନୁନୟ
ଅନୁନାସିକ – ଅନୁଭାବ
ଅନୁଭୂତ – ଅନୁରକ୍ତି
ଅନୁରାଗ – ଅନୁଶାସନ
ଅନୁଶୀଳନ – ଅନୁସ୍ୱାର
ଅନୂଢ଼ – ଅନ୍ତଃପୁର
ଅନ୍ତଃପୁରିକା– ଅନ୍ତରିକ୍ଷ
ଅନ୍ତରୀପ – ଅନ୍ତେବାସୀ
ଅନ୍ତ୍ୟ – ଅନ୍ଧାରକଣା
ଅନ୍ଧାରିବିଜେ – ଅନ୍ୟବିଧ
ଅନ୍ୟଭୃତ୍ – ଅପକର୍ମ
ଅପକ୍ୱ – ଅପତ୍ରପ
ଅପଥ – ଅପଯଶଃ
ଅପର – ଅପରିହାର୍ଯ୍ୟ
ଅପରୋକ୍ଷ – ଅପସ୍ମାର
ଅପହୃତ – ଅପି
ଅପିଚ – ଅପ୍ରକାଶ୍ୟ
ଅପ୍ରଚ୍ଛନ୍ନ – ଅପ୍ରୀତି
ଅପ୍ସରା – ଅଭବ୍ୟ
ଅଭୟ – ଅଭିଜାତ
ଅଭିଜ୍ଞ – ଅଭିଭାବକ

ଅଭିଭୂତ - ଅଭିଳାଷ
ଅଭିବାଦନ - ଅଭୀଷ୍ଟ
ଅଭୁକ୍ତ - ଅଭ୍ୟୁତ୍ଥିତ
ଅଭ୍ୟୁଦୟ - ଅମରଗୁରୁ
ଅମରତ୍ୱ - ଅମାର
ଅମାରୀ - ଅମୃତକର
ଅମୃତକୁଣ୍ଡ - ଅମ୍ବୁଃ
ଅମ୍ଭୋଜ - ଅୟି
ଅଯୁକ୍ତ - ଅରଜି
ଅରଟ - ଅରିଷ୍ଟ
ଅରୁଆ - ଅର୍ଖିତ
ଅର୍ଗଳ - ଅର୍ଥପର
ଅର୍ଥାଗମ - ଅର୍ବୁଦ
ଅର୍ଶ - ଅଲଙ୍ଘ୍ୟ
ଅଲଣା - ଅଲୀକ
ଅଲେଖ - ଅବଗୁଣ୍ଠନ
ଅବଗୁଣ୍ଠିତ - ଅବଧାରଣ
ଅବଧାରିତ - ଅବମାନନା
ଅବୟବ - ଅବଶ୍ୟ
ଅବଶ୍ୟମ୍ଭାବୀ - ଅବାଧ୍ୟ
ଅବାନ୍ତର - ଅବିଭାଜ୍ୟ
ଅବିମୃଷ୍ୟକାରୀ - ଅବୈତନିକ
ଅବୈଧ - ଅଶିଷ୍ଟ
ଅଶୀ - ଅଶ୍ରୁତପୂର୍ବ
ଅଶ୍ଳୀଳ - ଅଷ୍ଟ
ଅଷ୍ଟକ - ଅସଂଶୟ
ଅସକନ୍ଦି - ଅସମ୍ଭବ
ଅସମ୍ଭାବ୍ୟ - ଅସାର
ଅସାବଧାନ - ଅସୂର୍ଯ୍ୟମ୍ପଶ୍ୟା
ଅସ୍ତ - ଅସ୍ମିତା
ଅସ୍ତ୍ର - ଅହିରା
ଅହେତୁକ - ଅହ୍ୟ

## ଆ

ଆ - ଆଇ
ଆଉଁସିବା - ଆକାଶକୁସୁମ
ଆକାଶବାଣୀ - ଆଖର
ଆଖରୋଟ - ଆଗ
ଆଗଚଲା - ଆଙ୍କୁଡ଼ା
ଆଙ୍କୁଶ - ଆଚ୍ଛାଦ
ଆଚ୍ଛାଦିତ - ଆଟୋପ
ଆଠ - ଆଡୁଆଳ
ଆଢ୍ୟ - ଆତାପି
ଆତିଥେୟ - ଆତ୍ମବତ୍
ଆତ୍ମଶ୍ଳାଘା - ଆଦିମ
ଆଦିଷ୍ଟ - ଆଧ୍ୟାତ୍ମିକ
ଆନ - ଆପଟ
ଆପଣ - ଆପେକ୍ଷିକ
ଆପ୍ତ - ଆମଗନ୍ଧି
ଆମଞ୍ଜିବା - ଆମୋଦ
ଆମୋଦିତ - ଆୟାତ
ଆୟାସ - ଆରବ୍ଧ
ଆରମ୍ଭ - ଆରୋହଣ
ଆରୋହଣୀ - ଆଳଙ୍କାରିକ
ଆଳଟ - ଆଳୁବାଳୁ
ଆଲେଖ୍ୟ - ଆବହନ

ଆବହମାନ – ଆବୃତ୍ତି
ଆବେଗ – ଆଶ୍ଚର୍ଯ୍ୟାନ୍ୱିତ
ଆଶ୍ରମ – ଆସନ୍ତା
ଆସନ୍ନ – ଆସ୍ୱଦ
ଆସ୍ୱର୍ଦ୍ଧା – ଆହ୍ନିକ
ଆହ୍ନିକଗତି – ଆହ୍ୱାନ

## ଇ

ଇ – ଇଙ୍ଗୁଦୀ
ଇଞ୍ଚଡ଼ – ଇତର
ଇତରବିଶେଷ – ଇନ୍ଦୀବର
ଇନ୍ଦୁ – ଇନ୍ଦ୍ରିୟ
ଇନ୍ଦ୍ରିୟଗୋଚର – ଇଷି
ଇଷିକା – ଇହଲୋକ

## ଈ

ଈ – ଈଶ୍ୱରୀ
ଈଷ – ଈହା

## ଉ

ଉ – ଉଆରିଜା
ଉଇ – ଉଖାଡ଼ିବା
ଉଖୁଡ଼ା – ଉଚ୍ଚାଟନ
ଉଚ୍ଚାବଚ – ଉଜାଡ଼
ଉଜାଡ଼ିବା – ଉଠିବା
ଉଡ଼ା – ଉତ୍କର୍ଷ
ଉତ୍କଳ – ଉତ୍ତରା
ଉତ୍ତରାଧିକାରୀ – ଉତ୍‌ଥାପନ
ଉତ୍‌ଥାପିତ – ଉତ୍ସଙ୍ଗ
ଉତ୍ସନ୍ନ – ଉଦର୍କ
ଉଦାତ୍ତ – ଉଦ୍‌ଗତ
ଉଦ୍‌ଗମ – ଉଦ୍ଧତ
ଉଦ୍ଧାର – ଉଦ୍ଭୂତ
ଉଦ୍‌ଭ୍ରାନ୍ତ – ଉଦ୍‌ବେଗ
ଉଦ୍‌ବେଜିତ – ଉନ୍ମଦ
ଉନ୍ମନାଃ – ଉପକାରିତା
ଉପକାରୀ – ଉପଚିତ
ଉପଜିହ୍ୱା – ଉପଧର୍ମ
ଉପଧା – ଉପପଦ
ଉପପନ୍ନ – ଉପଯୋଗୀ
ଉପର – ଉପବେଶନ
ଉପଶମ – ଉପାକ୍ଷ
ଉପାଖ୍ୟାନ – ଉପାସକ
ଉପାସନା – ଉଭା
ଉଭାଇଯିବା – ଉର୍ଣ୍ଣନାଭ
ଉର୍ଣ୍ଣା – ଉଲ୍ଲଙ୍ଘନ
ଉଲ୍ଲସିତ – ଉଷୁମୁଳିଆ
ଉଶ୍ୱାସ – ଉହୁଙ୍କିବା

## ଊ

ଊ – ଊର୍ଜ୍ଜସ୍ୱଳ
ଊର୍ଣ୍ଣନାଭ – ଊହ୍ୟ

## ଋ

ଋ – ଋଷ୍ଟ

ଋ ୠ ଌ

## ଏ

ଏ - ଏକଗୁୟାଁ
ଏକଘରିଆ - ଏକପଦିଆ
ଏକଲା - ଏକାନବେ
ଏକାନ୍ତ - ଏଜାତିକା
ଏଜାହାର - ଏତଲାନାମା
ଏତାଦୃଶ - ଏହ୍ନେ

## ଐ

ଐ - ଐହିକ

## ଓ

ଓ - ଓଜସ୍ୱିତା
ଓଜସ୍ୱୀ - ଓତପ୍ରୋତ
ଓତା - ଓଲଣ
ଓଲ - ଓସ୍ତ
ଓସ୍ତାତ୍ - ଓହ୍ଲାଇବା
ଔ
ଔ - ଔପପତ୍ତିକ
ଔପମ୍ୟ - ଔଷ୍ଠ୍ୟ

## କ

କ - କଅଁଳା
କଅଁଳିବା - କଉଡ଼ି
କଉପିନୀ - କକ୍ଷା
କଖାରୁ - କଚୁ
କଚୁରି - କଟ
କଟକ - କଠା
କଠାଉ - କଣୀ
କଣ୍ଟେ - କଣ୍ଡୁ
କଣ୍ଡୁୟନ - କଥୋପକଥନ
କଥ୍ୟ - କଦୁଷ୍ଣ
କଦ୍ରୁ - କନ୍ଦ
କନ୍ଦମୂଳ - କପର୍ଦ୍ଦ
କପର୍ଦ୍ଦୀ - କଫ
କଫଣୀ - କମଳଣୀ
କମଳା - କମ୍ବୁଗ୍ରୀବା
କୟାଁ - କରଣୀୟ
କରତ - କରଭ
କରଭୂ - କରୀ
କରୀନ୍ଦ୍ର - କର୍ଣ୍ଣକୁହର
କର୍ଣ୍ଣଗୋଚର - କର୍ଦ୍ଦମ
କର୍ପଟ - କର୍ମଧାରୟ
କର୍ମନାଶା - କଳଙ୍କିତ
କଳତ୍ର - କଳସ
କଳହ - କଳିଆ
କଳିଆରି - କଳେବର
କଳ୍କି - କବରୀ
କବଳ - କଷ
କଷଣ - କହ୍ନା
କହ୍ଲାର - କାକପଦ
କାକବନ୍ଧ୍ୟା - କାଗଜା
କାଙ୍କ - କାଜିକୋଟ୍
କାଞ୍ଚନ - କାଠିନ୍ୟ

କାଠୁଆ - କାଣ୍ଡିଆ
କାଣ୍ଡିବା - କାନତରାଟ୍
କାନ୍ତ - କାଫର୍
କାମ - କାଯ଼
କାଯ଼ସ୍ଥ - କାର୍ତ୍ତିକ
କାର୍ତ୍ତିକେଯ଼ - କାଳପୁରୁଷ
କାଳରାତ୍ରି - କାଳ୍ପନିକ
କାବା - କାହ୍ଲାଳ
କାହ୍ଲାଳି - କିମ୍ବା
କିମ୍ଭୂତ - କିରଣ
କିରଣମାଳୀ - କୀଦୃକ୍
କୀନାଶ - କୁକୁର
କୁକ୍କୁଟ - କୁଟା
କୁଟି - କୁଣ୍ଡାଇବା
କୁଣ୍ଡିଆ - କୁନ୍ଦ
କୁନ୍ଦନ - କୁମ୍ଭୀର
କୁରଙ୍ଗ - କୁଳବତୀ
କୁଲା - କୁଶଳୀ
କୁଶାରୀ - କୁହ୍ଲିଆ
କୂଅ - କୃତାର୍ଥ
କୃତି - କୃଶାନୁ
କୃଷକ - କେଣେ
କେଣ୍ଡା - କେରଳ
କେରପାଲ - କେଶପାଶ
କେଶମାର୍ଜକ - କୈଶିକ
କୈଶୋର - କୋଜାଗର
କୋଟ - କୋଦଣ୍ଡ
କୋଦମା - କୋଲ

କୋଲଥ - କୋଷ୍ଠ
କୋହ - କ୍ରତୁ
କ୍ରନ୍ଦନ - କ୍ରେଯ଼
କ୍ରୋଡ଼ - କ୍ଷଣଭଙ୍ଗୁର
କ୍ଷତ - କ୍ଷାର
କ୍ଷାଳନ - କ୍ଷୁଧିତ
କ୍ଷୁବ୍ଧ - କ୍ଷ୍ମାଭୃତ୍

## ଖ

ଖ - ଖଙ୍କାରିବା
ଖଙ୍ଗା - ଖଞ୍ଜିବା
ଖଟ - ଖଡ଼ୀ
ଖଡୁ - ଖଣ୍ଡିତା
ଖଣ୍ଡିବା - ଖନ୍ଦ
ଖପତି - ଖରଡ଼ିବା
ଖରମୁଜା - ଖଳି
ଖଲିବା - ଖାଣ୍ଡି
ଖାଣ୍ଡିଖିଆ - ଖାରା
ଖାରି - ଖିଲାଣ
ଖିସା - ଖୁନ୍ଦା
ଖୁନ୍ଦିବା - ଖେଞ୍ଚିବା
ଖେତ - ଖୋଦିତ
ଖୋପ - ଖ୍ୟାପନ

## ଗ

ଗ - ଗଜପତି
ଗଜରା - ଗଡ଼ବଡ଼
ଗଡ଼ାଣିଆ - ଗଣିକା

ଗଣିତ – ଗଣ୍ଡାର
ଗଣ୍ଡି – ଗନ୍ତବ୍ୟ
ଗନ୍ତାଇତ – ଗଭସ୍ତି
ଗଭସ୍ତିମାନ୍ – ଗରଦ
ଗରମ – ଗର୍ଭକେଶର
ଗର୍ଭିଣା – ଗଲା
ଗଲାଇବା – ଗହନ
ଗହମ – ଗାଣପତ୍ୟ
ଗାଣିତିକ – ଗାନ୍ଧର୍ବ
ଗାନ୍ଧାର – ଗାର୍ହପତ୍ୟ
ଗାର୍ହସ୍ଥ୍ୟ – ଗିରିମଲ୍ଲିକା
ଗିରିସଙ୍କଟ – ଗୁଆଳୀସଭା
ଗୁଇଁଗାଇଁ – ଗୁଡ଼ତ୍ୱକ୍
ଗୁଡ଼ା – ଗୁଣନ
ଗୁଣନୀୟ – ଗୁଣିତକ
ଗୁଣୀ – ଗୁପ୍ତି
ଗୁମ୍ – ଗୁଳଞ୍ଚ
ଗୁଳା – ଗୁହାଳ
ଗୁହ୍ୟ – ଗେଧ
ଗେୟ – ଗୋଖା
ଗୋଘ୍ନ – ଗୋତମ
ଗୋତ୍ର – ଗୋପା
ଗୋପାଳ – ଗୋମେଧ
ଗୋର – ଗୋଳମାଳ
ଗୋଲା – ଗୋସାଣୀ
ଗୋସ୍ୱାମୀ – ଗ୍ରନ୍ଥକୀଟ
ଗ୍ରନ୍ଥନ – ଗ୍ରାହ
ଗ୍ରାହକ – ଗ୍ଲାନି

## ଘ

ଘ – ଘଟଣା
ଘଟରଘୁମା – ଘଣ୍ଟ
ଘଣ୍ଟପାଟୁଆ – ଘନସାର
ଘନାଘନ – ଘର୍ଷଣ
ଘଷରା – ଘାଣ୍ଟିଆ
ଘାଣ୍ଟିବା – ଘୁଙ୍ଗା
ଘୁଙ୍ଗୁଡ଼ି – ଘୂର୍ଣ୍ଣନ
ଘୂର୍ଣ୍ଣାୟମାନ – ଘୋଡ଼ଣୀ
ଘୋଡ଼ା – ଘ୍ରାତ

## ଙ

## ଚ

ଚ – ଚଉତ
ଚଉତନା – ଚଉସ୍ତରି
ଚଉଁରୀ – ଚକ୍ତି
ଚକ୍ର – ଚଖା
ଚଗଲା – ଚଟାଣ
ଚଟି – ଚଣ୍ଡବଳି
ଚଣ୍ଡାଳ – ଚତୁର୍ଦ୍ଦଶ
ଚତୁର୍ଦୋଳ – ଚତୁଃସମ
ଚତ୍ୱର – ଚନ୍ଦ୍ରଭାଗା
ଚନ୍ଦ୍ରମାଃ – ଚପଳା
ଚପେଟ – ଚମ୍ପଟ
ଚମ୍ପତି – ଚରା
ଚରାଇବା – ଚର୍ମକାର
ଚର୍ମପାଦୁକା – ଚଲାକି

ଚଳାଚଳ - ଚହଲ

ଚହଲିବା - ଚାଚେରୀ

ଚାଞ୍ଚଡ଼ା - ଚାତୁର୍ମାସ୍ୟ

ଚାତୁର୍ଯ୍ୟ - ଚାପଡ଼

ଚାପଡ଼ାଇବା - ଚାରୁ

ଚାରୁଧାରା - ଚାଷୀ

ଚାହାଣି - ଚିଟାଉ

ଚିଠା - ଚିତ୍ରକ

ଚିତ୍ରକର - ଚିନ୍ମୟ

ଚିପା - ଚିରାଇତା

ଚିରାଗତ - ଚୀନା

ଚୀର - ଚୁଟିଆ

ଚୁଟୀ - ଚୂନରା

ଚୂନା - ଚେତଃ

ଚେତନ - ଚେଲ

ଚେଲା - ଚୋପା

ଚୋର - ଚୌଧୁରୀ

ଚୌପଟ - ଚ୍ୟୁତି

## ଛ

ଛ - ଛଇଳ

ଛଉ - ଛଡ଼ା

ଛଡ଼ାଇବା - ଛତ୍ର

ଛତ୍ରପତି - ଛପନ

ଛପା - ଛାଗ

ଛାଙ୍କିବା - ଛାନ୍ଦ

ଛାପ - ଛି

ଛିକାର - ଛୁ

ଛୁଆ - ଛେତଖାନା

ଛେତା - ଛୋଟା

ଛୋଟେଇବା - ଛୋଲା

## ଜ

ଜ - ଜଗତୀ

ଜଗଦମ୍ବା - ଜଙ୍ଘାଙ୍ଗ

ଜଞ୍ଜାଳ - ଜଡ଼ିବା

ଜଣ - ଜନାନ୍ତିକ

ଜନାର୍ଦନ - ଜବର

ଜବତ୍ - ଜମ୍ବୁକ

ଜମ୍ଭାରି - ଜରାୟୁଜ

ଜରି - ଜଳପାନ

ଜଳପ୍ରପାତ - ଜଳୀ

ଜଳେଚର - ଜହ୍ନ

ଜହ୍ନା - ଜାଗିରି

ଜାଗିବା - ଜାତି

ଜାତିଫଳ - ଜାବୁଡ଼ା

ଜାମଦଗ୍ନ୍ୟ - ଜାରି

ଜାରିବା - ଜାହ୍ନବୀ

ଜିଆ - ଜିତ

ଜିତେନ୍ଦ୍ରିୟ - ଜୀଆଇବା

ଜୀଇଁବା - ଜୀବୀ

ଜୁଆଇଁ - ଜୁଳୁଜୁଳିଆ

ଜୁଲୁପି - ଜେରା

ଜେଲ୍ - ଜ୍ଞାନବାନ୍

ଜ୍ଞାନଯୋଗ - ଜ୍ୟୋତିର୍ମୟ

ଜ୍ୟୋତିରିଙ୍ଗଣ - ଜ୍ୟୋତ୍ସ୍ନା

ଜ୍ୱର - ଜ୍ୱାଳା

## ଝ

ଝ - ଝଙ୍କାଳିଆ

ଝଞ୍ଜଟ - ଝଣଝଣ

ଝଣ୍ଡା - ଝଲସିବା

ଝଳି - ଝାଡ଼ନ୍

ଝାଡ଼ା - ଝାଳିବା

ଝାସ - ଝିଲ

ଝିଲି - ଝୁମ୍ପୁଡ଼ି

ଝରା - ଝୋବା

## ଞ

ଞ - ଞ

## ଟ

ଟ - ଟପା

ଟପାଳିଆ - ଟାକରା

ଟାକିବା - ଟାଣି

ଟାଣିବା - ଟିକିଟିକି

ଟିକିଲି - ଟୀକାକାର

ଟୁକୁଣା - ଟୋକାଇ

ଟୋକିବା - ଟୋଲା

## ଠ

ଠ - ଠଉରିବା

ଠକ - ଠାପୁଆ

ଠାବ - ଠେଙ୍ଗା

ଠେଙ୍ଗ - ଠୋର

## ଡ

ଡ - ଡଗର

ଡଗରା - ଡହକ

ଡହଳବିକଳ - ଡାଲଚିନି

ଡାଲା - ଡିମ୍ବ

ଡିମ୍ବଜ - ଡେଙ୍ଗା

ଡେଙ୍ଗୁରା - ଡୌଲ

## ଢ

ଢ - ଢବା

ଢାଇ - ଢେଙ୍କା

ଢେମଣା - ଢୌକନ

## ଣ

ଣ - ଣ୍ୟ

## ତ

ତ - ତକ୍ଷଣେ

ତକ୍ଷା - ତଡ଼ାଗ

ତଡ଼ାପଡ଼ିବା - ତତ୍କାଳିକ

ତତ୍କ୍ଷଣାତ୍ - ତତ୍ର

ତତ୍ରତ୍ୟ - ତଦା

ତଦାନୀଂ - ତନୁମଧ୍ୟା

ତନୂନ - ତପତୀ

ତପନ - ତପୋଲୋକ

ତପୋବନ - ତମିସ୍ରା

ତମୋଗୁଣ – ତରଙ୍ଗ
ତରଙ୍ଗାୟତ – ତରଳିତ
ତରଳିବା – ତରୁମୃଗ
ତରୁରାଜ – ତଲାସିବା
ତଳି – ତାକତରକ
ତାକିତ୍ – ତାଡ଼ିତ
ତାଡ଼ିବା – ତାନ୍ତ୍ରିକ
ତାପ – ତାମସିକ
ତାମସୀ – ତାମ୍ବୂଳ
ତାର – ତାରିଫ୍
ତାରୁଣ୍ୟ – ତାଲିକା
ତାଲିମ୍ – ତାହିବା
ତିଅଣ – ତିନି
ତିନିକାଳ – ତିରିଶ
ତିରୋଧାନ – ତୀକ୍ଷ୍ଣ
ତୀକ୍ଷ୍ଣକଣ୍ଟକ – ତୀର୍ଥଙ୍କର
ତୀର୍ଥକାଳ – ତୁଚ୍ଛାଇବା
ତୁଟି – ତୁନ୍ନ
ତୁମୁଳ – ତୁରୀ
ତୁରିତ – ତୁଳାଭିଣା
ତୁଳି – ତୂର
ତୂର୍ଣ୍ଣ – ତୃଷା
ତୃଷିତ – ତେଣୁ
ତେଣେ – ତେଲୀ
ତେଲିଆ – ତୋଡ଼ାଣି
ତୋଡ଼ି – ତୋଳା
ତୋଳାଇବା – ତ୍ୟାଜ୍ୟ
ତ୍ରପ – ତ୍ରିଂଶତ୍
ତ୍ରିକ – ତ୍ରିତୟ
ତ୍ରିତାପ – ତ୍ରିନୟନ
ତ୍ରିନୟନା – ତ୍ରିବର୍ଷୀୟ
ତ୍ରିବଳି – ତ୍ରିବିଷ୍ଟପ
ତ୍ରିବେଣୀ – ତ୍ରୁଟିତ
ତ୍ରୁଟି – ତ୍ରୋଟି
ତ୍ର୍ୟଂଶ – ତ୍ୱିଷାମ୍ପତି

# ଥ

ଥ – ଥନ୍ତରା
ଥନ୍ତଲ – ଥାନ
ଥାନମୁଣ୍ଡା – ଥେଣ୍ଟା
ଥୋଇବା – ଥୋର

# ଦ

ଦ – ଦଂଷ୍ଟ୍ରୀ
ଦକ – ଦକ୍ଷିଣାୟନ
ଦକ୍ଷିଣାବର୍ତ୍ତ – ଦଣ୍ଡପାଟ
ଦଣ୍ଡପାଣି – ଦଣ୍ଡ୍ୟ
ଦତ୍ତ – ଦଧୀଚି
ଦନା – ଦଫାଦାର
ଦବାଇବା – ଦମ୍ଭୋଳି
ଦମ୍ୟ – ଦରମା
ଦରବାର – ଦର୍ଶନ
ଦର୍ଶନୀ – ଦବିଷ୍ଠ
ଦଶ – ଦଶା
ଦଶାବତାର – ଦସ୍ତୁର
ଦସ୍ତୁରୀ – ଦାଉ

ଦାଉଦାଉ – ଦାଢ଼ୁଆ
ଦାଣ୍ଡିବା – ଦାନଶୀଳ
ଦାନା – ଦାୟଭାଗ
ଦାୟାଦ – ଦାରୋଗା
ଦାର୍ଢ୍ୟ – ଦାହକ
ଦାହଜ୍ୱର – ଦିକ୍‌ଶୂଳ
ଦିଗ୍‌ଦର୍ଶନଯନ୍ତ୍ର – ଦିନକର
ଦିନକରାତ୍ମଜ – ଦିବାବସୁ
ଦିବି – ଦୀନନାଥ
ଦୀନାର – ଦୀର୍ଘକେଶ
ଦୀର୍ଘଗ୍ରୀବା – ଦୀର୍ଘସୂତ୍ରୀ
ଦୀର୍ଘାୟୁ – ଦୁଃସମୟ
ଦୁଃସହ – ଦୁଣ୍ଡୁଭ
ଦୁଦୁରା – ଦୁରାକାଙ୍‌କ୍ଷ
ଦୁରାକାଙ୍‌କ୍ଷା – ଦୁର୍ଗ
ଦୁର୍ଗତ – ଦୁର୍ଦ୍ଦିନ
ଦୁର୍ଦ୍ଦୈବ – ଦୁର୍ଭାବନା
ଦୁର୍ଭିକ୍ଷ – ଦୁର୍ଲଙ୍ଘ୍ୟ
ଦୁର୍ଲଭ – ଦୁବେଇ
ଦୁଶ୍ଚର – ଦୁଷ୍ମନ୍ତ
ଦୁସମନ – ଦୂରତଃ
ଦୂରତା – ଦୂଷଣ
ଦୂଷଣାରି – ଦୃଷ୍ଟ
ଦୃଷ୍ଟରଜାଃ – ଦେଖାଳି
ଦେଖିବା – ଦେବଖାତ
ଦେବଗାୟକ – ଦେବନଦୀ
ଦେବପୁରୀ – ଦେବବୃକ୍ଷ
ଦେବବ୍ରତ – ଦେଶ
ଦେଶକାଳଜ୍ଞ – ଦେହୁରୀ
ଦୈତ୍ୟ – ଦୈବାତ୍
ଦୈବାଦେଶ – ଦୋରବସ୍ତ
ଦୋରସ୍ତ – ଦୋଷାକର
ଦୋଷାବହ – ଦୌଡ଼ିବା
ଦୌରାତ୍ମ୍ୟ – ଦ୍ୟୂତକର
ଦ୍ୟୋ – ଦ୍ରାବ
ଦ୍ରାବକ – ଦ୍ରୋହ
ଦ୍ରୋହୀ – ଦ୍ୱାର
ଦ୍ୱାରକା – ଦ୍ୱିଗର୍ଭ
ଦ୍ୱିଗୁ – ଦ୍ୱିତ୍ୱ
ଦ୍ୱିଦଳ – ଦ୍ୱିଶଙ୍ଗ
ଦ୍ୱିଷତ୍ – ଦ୍ୱୈତବାଦୀ
ଦ୍ୱୈଧ – ଦ୍ୱ୍ୟର୍ଥ

# ଧ

ଧ – ଧକ୍‌ଧକ୍
ଧକ୍କା – ଧଣ୍ଡି
ଧତଡ଼ – ଧନୁର୍ଗୁଣ
ଧନୁର୍ଦ୍ଧର – ଧନ୍ୱ
ଧନ୍ୱନ୍ତରି – ଧରଣି
ଧରଣିଧର – ଧର୍ମ
ଧର୍ମଘଟ – ଧର୍ମପରାୟଣ
ଧର୍ମପୁତ୍ର – ଧର୍ମାଧିକାର
ଧର୍ମାଧିକାରୀ – ଧବଳ
ଧବଳପକ୍ଷ – ଧାତୁ
ଧାତୁବିଦ୍ୟା – ଧାନ୍ୟ
ଧାନ୍ୟରାଜ – ଧାରାପାତ

ଧାରାବାହିକ – ଧିକ୍କାର
ଧିଙ୍ଗାସ – ଧୀରୋଦାତ୍ତ
ଧୀରୋଦ୍ଧତ – ଧୁମାଧୁମି
ଧୁମାଳିଆ – ଧୂମଜ
ଧୂମପାୟୀ – ଧୂଳିପଟଳ
ଧୂସର – ଧେନୁ
ଧେନୁକ – ଧୋତି
ଧୋବ – ଧ୍ୱଜ
ଧ୍ୱଜଭଙ୍ଗ – ଧ୍ୱାନ୍ତ

## ନ

ନ – ନଅରମୁଥା
ନଇ – ନକୁଳୀ
ନକେଇ – ନଗଜା
ନଗଣ୍ୟ – ନଜର
ନଜରନଳୀ – ନଡ଼ା
ନଡ଼ିଆ – ନଦୀଜ
ନଦୀତରସ୍ଥାନ – ନନ୍ଦିଆ
ନନ୍ଦିକା – ନଭଃ
ନଭଶ୍ଚକ୍ଷୁଃ – ନମସ୍କାର
ନମସ୍କୃତ – ନର
ନରକ – ନରଲୋକ
ନରବାହନ – ନର୍ମ
ନର୍ମଠ – ନଳି
ନଳିକା – ନବତିକା
ନବଦଳ – ନବରଙ୍ଗ
ନବରତ୍ନ – ନବୀଭୂତ
ନବେ – ନହୁଣୀ
ନହୁଲି – ନାକ୍ଷତ୍ର
ନାଗ – ନାଗରକ
ନାଗରଙ୍ଗ – ନାଗେଶ
ନାଗେଶ୍ୱର – ନାଟମନ୍ଦିର
ନାଟିକା – ନାଦୀ
ନାଦେୟ – ନାଭିଜ
ନାଭିଭୂ – ନାୟେବ୍
ନାର – ନାଲିଶ୍
ନାଳୀ – ନାସଦାନୀ
ନାସପତ୍ର – ନାହୁଡ଼
ନି – ନିଃସମ୍ବଳ
ନିଃସରଣ – ନିଆଜ
ନିଆଡ଼ – ନିକା
ନିକାଞ୍ଚନ – ନିକୁମ୍ଭିଲା
ନିକୁରମ୍ବ – ନିଗଡ଼ିତ
ନିଗଦିତ – ନିଜସ୍ୱ
ନିଟ – ନିଦାରୁଣ
ନିଦିଧ୍ୟାସନ – ନିନ୍ଦକ
ନିନ୍ଦନ – ନିବନ୍ଧ
ନିବନ୍ଧନ – ନିମୀଳନ
ନିମୀଳିତ – ନିୟୋକ୍ତା
ନିୟୋଗ – ନିରଖ
ନିରଙ୍କୁଶ – ନିରୟ
ନିରର୍ଗଳ – ନିରାକରଣ
ନିରାକରିଷ୍ଣୁ – ନିରିନ୍ଦ୍ରିୟ
ନିରୀକ୍ଷକ – ନିରୂପକ
ନିରୂପଣ – ନିର୍ଘାତ
ନିର୍ଘୋଷ – ନିର୍ଦ୍ଦୋଷ

ନିର୍ଧନ - ନିର୍ଭା
ନିର୍ଭିନ୍ନ - ନିର୍ମୋକ
ନିର୍ମୋହ - ନିର୍ବହଣ
ନିର୍ବାଚନ - ନିର୍ବିକଳ୍ପ
ନିର୍ବିକାର - ନିବର୍ତ୍ତ
ନିବର୍ତ୍ତନ - ନିବିଡ଼
ନିବିଷ୍ଟ - ନିଶାଟ
ନିଶାଣ - ନିଶ୍ଚିତ
ନିଶ୍ଚିନ୍ତ - ନିଷେଧ
ନିଷେଧକ - ନିଷ୍କ୍ରମ
ନିଷ୍କ୍ରୟ - ନିଷ୍ପ୍ରୟୋଜନ
ନିଷ୍ଫଳ - ନିସ୍ତେଜ
ନିସ୍ତ୍ରିଂଶ - ନୀଚାଶୟ
ନୀଚୁ - ନୀରୋଗ
ନୀଳ - ନୁଉଁଛୁଣା
ନୁଖୁରା - ନେଙ୍ଗଡ଼ା
ନେଞ୍ଜରା - ନୈକଷେୟ
ନୈତିକ - ନୋତରା
ନୋଧା - ନ୍ୟାସୀ
ନ୍ୟୁବ୍‌ଜ - ନ୍ୟୁନାଧିକ୍ୟ

# ପ

ପ - ପଇଡ଼
ପଇତା - ପକ୍ଷପାତିତା
ପକ୍ଷପାତୀ - ପଗଡ଼
ପଗ୍‌ଡ଼ି - ପଚନ
ପଚପଚ - ପଞ୍ଚକ
ପଞ୍ଚକଷାୟ - ପଞ୍ଚନଦ
ପଞ୍ଚନିମ୍ବ - ପଞ୍ଚମହାପାତକ
ପଞ୍ଚମହାଯଜ୍ଞ - ପଞ୍ଚବଟୀ
ପଞ୍ଚବାଣ - ପଞ୍ଚାଙ୍ଗୁଳ
ପଞ୍ଚାଣୋଇ - ପଞ୍ଚେନ୍ଦ୍ରିୟ
ପଞ୍ଚେଷୁ - ପଟାପଟି
ପଟାଳି - ପଚିଶ
ପଠନ - ପଢ଼ା
ପଢୁଆ - ପଣ୍ଡିତ
ପଣ୍ଡିତମ୍ମନ୍ୟ - ପତାଇବା
ପତାକା - ପତୁଲି
ପତ୍ତନ - ପଥ୍ୟ
ପଦ - ପଦ୍ମା
ପଦ୍ମାକର - ପନିର
ପନ୍ଥା - ପୟାର
ପୟୋଜ - ପରଗଣା
ପରଚେ - ପରଦାରିକ
ପରଦେଶ - ପରମପଦ
ପରମପୁରୁଷ - ପରଶ
ପରଶୁ - ପରାକାଷ୍ଠା
ପରାକୃତ - ପରାବର୍ତ୍ତିତ
ପରାବୃତ୍ତି - ପରୀକ୍ଷିତ୍
ପରିଖା - ପରିଚ୍ଛିନ୍ନ
ପରିଚ୍ଛେଦ - ପରିତୋଷ
ପରିତ୍ୟକ୍ତ - ପରିପାଟୀ
ପରିପୂର୍ଣ୍ଣ - ପରିମେୟ
ପରିରମ୍ଭ - ପରିବେତ୍ତା
ପରିବେଦନ - ପରିଶିଷ୍ଟ
ପରିଶୀଳନ - ପରିହାର

ପରିହାର୍ଯ୍ୟ - ପରେତରାଟ
ପରେଷ୍ଟି - ପର୍ଯ୍ୟନ୍ତଭୂ
ପର୍ଯ୍ୟବସାନ - ପର୍ବତ
ପର୍ବତାରି - ପଲଳ
ପଲସ୍ତରା - ପଲ୍ଲବ
ପଲ୍ଲବଗ୍ରାହୀ - ପଶା
ପଶାପାଲି - ପସାରୀ
ପସାରୁଣୀ - ପହିଆ
ପହିଜ - ପାଂଶୁ
ପାଂଶୁଳ - ପାଖୁଡ଼ା
ପାଖେଇବା - ପାଞ୍ଚଭୌତିକ
ପାଞ୍ଚାଳ - ପାଟମହାଦେଈ
ପାଟରା - ପାଠକ
ପାଠଶାଳା - ପାଣ୍ଠି
ପାଣ୍ଡର - ପାତା
ପାତାଳ - ପାଦାତି
ପାଦୁକ - ପାପଡ଼
ପାପାତ୍ମା - ପାରତନ୍ତ୍ର୍ୟ
ପାରତ୍ରିକ - ପାରାପାର
ପାରିଜାତ - ପାରୁଷ୍ୟ
ପାର୍ଥ - ପାଲଟ
ପାଲଟା - ପାବକ
ପାବଚ୍ଛ - ପାହାଡ଼ା
ପାହାଡ଼ିଆ - ପିଆଳ
ପିଆଶାଳ - ପିଛ
ପିଛା - ପିଢ଼ା
ପିଣ୍ଡ - ପିଧାନ
ପିନଦ୍ଧ - ପିଶାଚ
ପିଶିତ - ପୀତାମ୍ବର
ପୀନ - ପୁଙ୍ଖାନୁପୁଙ୍ଖ
ପୁଙ୍ଗ - ପୁଟିତ
ପୁଡ଼ା - ପୁତ୍ର
ପୁତ୍ରକ - ପୁନର୍ଭୂ
ପୁନଶ୍ଚ - ପୁରସ୍କୃତ
ପୁରା - ପୁରୀଷ
ପୁରୁ - ପୁରୋଡ଼ାଶ
ପୁରୋଧାଃ - ପୁଷ୍କର
ପୁଷ୍କରିଣୀ - ପୁଷ୍ପାୟୁଧ
ପୁଷ୍ପିତ - ପୂତ
ପୂତନା - ପୂର୍ଣ୍ଣ
ପୂର୍ଣ୍ଣକାମ - ପୂର୍ବପର୍ବତ
ପୂର୍ବଫାଲ୍‌ଗୁନୀ - ପୃତନା
ପୃଥକ୍ - ପୃଷ୍ଠଦଣ୍ଡ
ପୃଷ୍ଠପୋଷକ - ପେଟିକା
ପେଟୁ - ପେଳ
ପେଳବ - ପୈଶାଚ
ପୈଶୁନ୍ୟ - ପୋଡ଼
ପୋଡ଼ା - ପୋଷା
ପୋଷ୍ୟ - ପୌରୋହିତ୍ୟ
ପୌର୍ଣ୍ଣମାସୀ - ପ୍ରକାଶ
ପ୍ରକାଶକ - ପ୍ରକ୍ରିୟା
ପ୍ରକ୍ଷାଳନ - ପ୍ରଚକ୍ଷଃ
ପ୍ରଚଣ୍ଡ - ପ୍ରଜନନ
ପ୍ରଜା - ପ୍ରଣୟିନୀ
ପ୍ରଣୟୀ - ପ୍ରତାରିତ
ପ୍ରତି - ପ୍ରତିଜ୍ଞାତ

ପ୍ରତିଦାନ - ପ୍ରତିପାଦନ
ପ୍ରତିପାଦିତ - ପ୍ରତିମା
ପ୍ରତିମୂର୍ତ୍ତି - ପ୍ରତିଶବ୍ଦ
ପ୍ରତିଶ୍ରୁତ - ପ୍ରତୀତି
ପ୍ରତୀପ - ପ୍ରତ୍ୟର୍ପିତ
ପ୍ରତ୍ୟବାୟ - ପ୍ରତ୍ୟୁପକାର
ପ୍ରତ୍ୟୁଷ - ପ୍ରଦର୍ଶିତ
ପ୍ରଦଳି - ପ୍ରବଳ
ପ୍ରବାଳ - ପ୍ରଭୂତ
ପ୍ରଭୃତି - ପ୍ରମୋଦିତ
ପ୍ରଯତ୍ନ - ପ୍ରଳାପ
ପ୍ରଲେପ - ପ୍ରବିଷ୍ଟ
ପ୍ରବୀଣ - ପ୍ରଶଂସନୀୟ
ପ୍ରଶଂସିତ - ପ୍ରସାଧନ
ପ୍ରସାଧିତ - ପ୍ରସ୍ଥିତ
ପ୍ରସ୍ନବ - ପ୍ରାଂଶୁ
ପ୍ରାକ୍ - ପ୍ରାଙ୍କ
ପ୍ରାଙ୍କା - ପ୍ରାଦୁର୍ଭୂତ
ପ୍ରାଧାନ୍ୟ - ପ୍ରାରବ୍ଧ
ପ୍ରାରମ୍ଭ - ପ୍ରିୟଙ୍ଗୁ
ପ୍ରିୟତର - ପ୍ରେମ
ପ୍ରେମିକ - ପ୍ରୌଢ଼ା
ପ୍ରୌଢ଼ି - ପ୍ଲୁତ

## ଫ

ଫ - ଫଁ ଫଁ
ଫଇସଲା - ଫଡ଼ଫଡ଼
ଫଡ଼ା - ଫମ୍ପା
ଫୟସଲା - ଫଳତଃ
ଫଳନ୍ତା - ଫାଉ
ଫାଏଦା - ଫାରସା
ଫାଳ - ଫୁଙ୍କାରିବା
ଫୁଙ୍କିବା - ଫୁଲା
ଫୁଲାଇବା - ଫେନିଳ
ଫେର - ଫୋପଡ଼
ଫୋପାଡ଼ିବା - ଫୌଜଦାରୀ

## ବ

ବ - ବଂଶ
ବଂଶଧର - ବକରୀ
ବକଳ - ବଗଚରା
ବଗଡ଼ - ବଚନୀୟ
ବଚସ୍କର - ବଞ୍ଜୁଳ
ବଟ - ବଡ଼ବା
ବଡ଼ଭି - ବଣ
ବଣା - ବତୁରିବା
ବସ୍ତ୍ର - ବଦ୍
ବଦ୍‌ଜାତ - ବନଚର
ବନପ୍ରିୟ - ବନ୍ଦର
ବନ୍ଦା - ବନ୍ଧୁକ
ବନ୍ଧଜୀବ - ବୟଃକ୍ରମ
ବୟଃସନ୍ଧି - ବରଣା
ବରଣୀୟ - ବରାରୋହା
ବରାବର - ବର୍ଣ୍ଣକ
ବର୍ଣ୍ଣନ - ବର୍ଯ୍ୟ
ବର୍ବର - ବଲମ

ବଳୟ – ବଳିତା
ବଳିଦାନ – ବଲ୍ଲବ
ବଲ୍ଲଭ – ବସନ୍ତ
ବସନ୍ତଦୂତ – ବହ
ବହନ – ବହୁଦର୍ଶୀ
ବହୁଧା – ବାଇସ
ବାଉଳା – ବାଗ୍ଦେବୀ
ବାଗ୍ମୀ – ବାଛରା
ବାଛିବା – ବାଟିକା
ବାଟିବା – ବାଣୀ
ବାଣ୍ଟ – ବାଦାମ
ବାଦିତ – ବାନ୍ତି
ବାନ୍ଧବ – ବାମ୍ଫ
ବାୟବ୍ୟ – ବାରିଜ
ବାରିଦ – ବାଲଖିଲ୍ୟ
ବାଲଧି – ବାଷଠି
ବାଷ୍ପ – ବାସୁଙ୍ଗା
ବାସୁଦେବ – ବାହାବା
ବାହାର – ବାହୁନା
ବାହୁନିବା – ବିକର୍ଷ
ବିକର୍ଷଣ – ବିକ୍ରୟ
ବିକ୍ରୀତ – ବିଗର୍ହିତ
ବିଗିଡ଼ିବା – ବିଚାରଣୀୟ
ବିଚାରିତ – ବିଜନ୍ମା
ବିଜୟ – ବିଜ୍ଞେୟ
ବିଞ୍ଚଣା – ବିଡ଼ିବା
ବିଡ଼ୋଜାଃ – ବିଦାରକ
ବିଦାରଣ – ବିଦ୍ୟାଧର

ବିଦ୍ୟାର୍ଥୀ – ବିଧାଃ
ବିଧା – ବିନତ
ବିନତା – ବିନିପାତ
ବିନିମୟ – ବିନ୍ଧ୍ୟ
ବିନ୍ୟସ୍ତ – ବିପୃଷ୍
ବିପ୍ର – ବିଭା
ବିଭାକର – ବିଭ୍ରାଟ
ବିଭ୍ରାନ୍ତ – ବିମୋହନ
ବିମୋହିତ – ବିରଜାଃ
ବିରଞ୍ଚି – ବିରୂଢ଼
ବିରୂପ – ବିଲାଇ
ବିଳାପ – ବିଲୋମଜ
ବିଲୋଳ – ବିବାଦୀ
ବିବାସନ – ବିଶଲ୍ୟ
ବିଶଲ୍ୟକରଣୀ – ବିଶେଷଣ
ବିଶେଷତଃ – ବିଶ୍ୱନାଥ
ବିଶ୍ୱବିଦ୍ୟାଳୟ – ବିଷମ
ବିଷୟ – ବିଷ୍ଣୁରଥ
ବିସ – ବିସ୍ଫୋଟକ
ବିସ୍ମୟ – ବୀକ୍ଷିତ
ବୀଚି – ବୀର
ବୀରପ୍ରସୂ – ବୁଣିବା
ବୁଦା – ବୁହେ
ବୃଂହିତ – ବୃଦ୍ଧପ୍ରମାତାମହ
ବୃଦ୍ଧା – ବୃହତ୍
ବୃହତୀ – ବେଙ୍ଗଲା
ବେଙ୍ଗା – ବେତସ
ବେତା – ବେଧନ

ବେଧନୀ – ବେବର୍ତ୍ତା
ବେବାକ୍ – ବୈକୁଣ୍ଠ
ବୈଖାନସ – ବୈଦେହୀ
ବୈଦ୍ୟ – ବୈଲକ୍ଷଣ୍ୟ
ବୈବାହିକ – ବୋଝିଆ
ବୋଡ଼ା – ବୋବାଇବା
ବୋହୂ – ବ୍ୟତିବ୍ୟସ୍ତ
ବ୍ୟତୀତ – ବ୍ୟବଧାନ
ବ୍ୟବସାୟ – ବ୍ୟାକୁଳ
ବ୍ୟାଖ୍ୟା – ବ୍ୟାବୃତ୍ତ
ବ୍ୟାସ – ବ୍ୟୋମଯାନ
ବ୍ରଜ – ବ୍ରହ୍ମଣ୍ୟ
ବ୍ରହ୍ମତ୍ର – ବ୍ରହ୍ମାଣ୍ଡ
ବ୍ରହ୍ମାବର୍ତ୍ତ – ବ୍ରୀହି

## ଭ

ଭ – ଭଇଁଚ
ଭଉଁରୀ – ଭଗନ୍ଦର
ଭଗବତୀ – ଭଞ୍ଜନ
ଭଟ – ଭଣିବା
ଭଣ୍ଡ – ଭୟାବହ
ଭର – ଭର୍ମ
ଭର୍ତ୍ସନ – ଭବିଷ୍ୟତ୍
ଭବ୍ୟ – ଭାଗହର
ଭାଗହାର – ଭାଜ୍ୟ
ଭାଟ – ଭାର
ଭାରକେନ୍ଦ୍ର – ଭାର୍ଯ୍ୟା
ଭାଲ – ଭାଷିତ
ଭାଷିବା – ଭିକ୍ଷୁ
ଭିକ୍ଷୁକ – ଭିଷକ୍
ଭୀ – ଭୁଜ
ଭୁଜଗ – ଭୁଶୁଣ୍ଡୀ
ଭୁଷୁଣ୍ଡା – ଭୂତପୂର୍ବ
ଭୂତଭୃତ୍ – ଭୂମିଷ୍ଠ
ଭୂୟଃ – ଭୃତ୍
ଭୃତ – ଭେଦକ
ଭେଦନ – ଭୋ
ଭୋଇ – ଭୋଳ
ଭୋଳା – ଭ୍ରୂକୁଟି
ଭ୍ରୂକ୍ଷେପ – ଭ୍ରୂଲତା

## ମ

ମ – ମଇଳା
ମଇଁଷି – ମକରକ୍ରାନ୍ତି
ମକରନ୍ଦ – ମଙ୍ଗନ
ମଙ୍ଗଳ – ମଜୁରୀ
ମଜ୍ଜନ – ମଞ୍ଜର
ମଞ୍ଜୁଳ – ମଢ଼ିଆ
ମଣୁଆଶାଙ୍ଖୋଳି – ମଣ୍ଡଳ
ମଣ୍ଡଳେଶ୍ୱର – ମତ୍ସର
ମତ୍ସ୍ୟରଙ୍କ – ମଦନଲେଖ
ମଦରଙ୍ଗା – ମଧୁପର୍କ
ମଧୁର – ମନସ୍କାମ
ମନସ୍ତାପ – ମନୋନୀତ
ମନୋରଞ୍ଜନ – ମନ୍ଦାଏ
ମନ୍ଦାକିନୀ – ମଫସଲିଆ

ମମ - ମରିବା
ମରୀଚି - ମର୍ମଭେଦୀ
ମର୍ମର - ମଳିବା
ମଲ୍ଲୁ - ମସୃଣ
ମସ୍କରା - ମହାଜନ
ମହାଜନି - ମହାଭାଗ
ମହାଭାରତ - ମହାବୀର
ମହାବ୍ୟାଧି - ମହୀରୁହ
ମହୀଲତା - ମାଇ
ମାଉଁସ - ମାଘ
ମାଙ୍କଡ଼ - ମାଡ଼ିବା
ମାଡୁଆ - ମାତୁଳ
ମାତୃକା - ମାଧ୍ୟାକର୍ଷଣ
ମାନ - ମାନୁଷିକ
ମାନ୍ତ୍ରିକ - ମାୟାବୀ
ମାର - ମାର୍ଗଣ
ମାର୍ଗଶିର - ମାଲସ
ମାଳା - ମାହାର
ମାହାରା - ମିତଣୀ
ମିତବ୍ୟୟୀ - ମିଳିମିଳା
ମିଶା - ମିନ୍‌ହା
ମୀମାଂସକ - ମୁକ୍ତ
ମୁକ୍ତକଣ୍ଠ - ମୁଗୁନି
ମୁଗୁର - ମୁଣ୍ଡ
ମୁଣ୍ଡନ - ମୁଦେଇ
ମୁଦ୍ଗ - ମୁନିଙ୍ଗା
ମୁମୁକ୍ଷୁ - ମୁଷିତ
ମୁଷ୍କ - ମୂଢ଼
ମୂଢ଼ଗର୍ଭ - ମୂଳକ
ମୂଳଦୁଆ - ମୃଗଶିରାଃ
ମୃଗାଙ୍କ - ମୃଦ୍ୱୀ
ମୃଷା - ମେଣ୍ଟି
ମେଣ୍ଟିବା - ମେରୁଦଣ୍ଡ
ମେଳ - ମୈତ୍ରୀ
ମୈଥିଳୀ - ମୋଡ଼
ମୋଡ଼ା - ମୋହିନୀ
ମୌକିଲ - ମୌଳିକ
ମ୍ରକ୍ଷଣ - ମ୍ଳେଚ୍ଛ

## ଯ

ଯ - ଯଜଃ
ଯଜର୍ବେଦୀ - ଯତ୍ର
ଯଥା - ଯଦୁ
ଯଦୁପତି - ଯମୁନାଜନକ
ଯଯାତି - ଯା
ଯା ଆସ - ଯାତନା
ଯାତାୟାତ - ଯାପ୍ୟ
ଯାମ - ଯୁଆଳି
ଯୁକ୍ତ - ଯୁଲମ୍
ଯୁବକ - ଯେ
ଯେଉଟ - ଯୋଗକ୍ଷେମ
ଯୋଗାଣ - ଯୋଜନା
ଯୋଜିତ - ଯୌବନ
ଯୌବରାଜ୍ୟ - ଯୌବରାଜ୍ୟ

## ର

ର - ରକ୍ଷକ

ରକ୍ଷଣ - ରଙ୍ଗା

ରଙ୍ଗାଇବା - ରଜସ୍ୱଳା

ରଜା - ରଣପା

ରଣରଣ - ରଦି

ରନ୍ଧା - ରଶ୍ମି

ରସ - ରସି

ରସିକ - ରାକା

ରାକ୍ଷସ - ରାଜର୍ଷି

ରାଜସ୍ୱ - ରାଣ୍ଡ

ରାତି - ରାୟ

ରାଳ - ରାହାଜାନୀ

ରାହୁ - ରୁକ୍ଷ

ରୁଖା - ରୁପା

ରୁମ - ରୂପ୍ୟ

ରେକ - ରୋକଡ଼

ରୋକା - ରୋମକୂପ

ରୋମନ୍ଥ - ରୋହିଣୀପତି

ରୋହିତ - ରୌହିଣେୟ

## ଳ,ଲ

ଳ - ଲକ୍ଷଣା

ଲକ୍ଷଣୀୟ - ଲଘିମା

ଲଘିଷ୍ଠ - ଲଟପଟ

ଲଟା - ଲଭିବା

ଲଭ୍ୟ - ଲଳିତା

ଲବ - ଲାଉ

ଲାକ୍ଷା - ଲାଞ୍ଜି

ଲାଟ - ଲିଆ

ଲିଖନ - ଲୀଳା

ଲୁକ୍କାୟିତ - ଲୁଣ୍ଠି

ଲୁଦୁବୁଦୁ - ଲେଖିବା

ଲେଖ୍ୟ - ଲୋ

ଲୋକ - ଲୋଭ

ଲୋଭନୀୟ - ଲୋହି

ଲୋହିତ - ଲୌହିତ୍ୟ

## ଶ

ଶ - ଶକାବ୍ଦ

ଶକାର - ଶଙ୍କୁ

ଶଙ୍ଖ - ଶତକୁମ୍ଭ

ଶତକ୍ରତୁ - ଶପଥ

ଶପ୍ତ - ଶମ୍ବଳ

ଶମ୍ଭୁ - ଶରଭ

ଶରମ - ଶଳ

ଶଲ୍ୟ - ଶହର

ଶାଉଁଳା - ଶାନ୍ତ

ଶାନ୍ତନୁ - ଶାରୀରିକ

ଶାର୍ଙ୍ଗ - ଶାସ୍ତି

ଶାସ୍ତ୍ର - ଶିକ୍ଷିତ

ଶିଖ - ଶିଞ୍ଜିନୀ

ଶିଠା - ଶିରୀଷ

ଶିରୋଧାର୍ଯ୍ୟ - ଶିବିର

ଶିଶି - ଶୀର୍ଣ୍ଣ

ଶୀଷ - ଶୁଝିବା
ଶୁଣ୍ଠି - ଶୁଷ୍କ
ଶୂକ - ଶୃଙ୍ଖଳିତ
ଶୃଙ୍ଗ - ଶୈଳ
ଶୈଳୀ - ଶୋଧନ
ଶୋଧା - ଶୋଷୀ
ଶୋହିବା - ଶ୍ରମ
ଶ୍ରମଣ - ଶ୍ରୀଖଣ୍ଡ
ଶ୍ରୀଧର - ଶ୍ରେୟସ୍କର
ଶ୍ରେଷ୍ଠ - ଶ୍ଲେଷ୍ମା
ଶୋକ - ଶ୍ୱେତସାର

## ଷ

ଷ - ଷଣ୍ଡ
ଷଣ୍ଢ - ଷୋହଳ

## ସ

ସ - ସଂକୁଡ଼ି
ସଂକ୍ରମ - ସଂଘଟନ
ସଂଘର୍ଷ - ସଂଯୋଜିତ
ସଂରକ୍ଷ - ସଂବିଦ୍
ସଂବିଷ୍ଟ - ସଂସଦ୍
ସଂସାର - ସଂହତି
ସଂହର୍ଷ - ସକାମ
ସକାଳ - ସଙ୍କଳିତ
ସଙ୍କାଶ - ସଂଖ୍ୟା
ସଂଖ୍ୟାତ - ସଛଳ
ସଜ - ସଞ୍ଚଳନ
ସଞ୍ଚା - ସଜ୍ଜୁ
ସଣ୍ଢଣା - ସତ୍ତ୍ୱ
ସତ୍ତ୍ୱବାନ୍ - ସଦାଚାର
ସଦାବ୍ରତ - ସନ୍ତତ
ସନ୍ତତି - ସନ୍ଦର୍ଭ
ସନ୍ଦର୍ଶନ - ସନ୍ନିଧାନ
ସନ୍ନିପାତ - ସପ୍ତ
ସପ୍ତକ - ସଭା
ସଭାଜନ - ସମତୁଲ
ସମଦଣ୍ଡ - ସମବାୟ
ସମବେତ - ସମାପିକା
ସମାପିତ - ସମୀଚୀନ
ସମୀପ - ସମୁଦିତ
ସମୁଦୀ - ସମ୍ପର୍କୀୟ
ସମ୍ପା - ସମ୍ବଚାରି
ସମ୍ବଳ - ସମ୍ଭ୍ରାନ୍ତ
ସମ୍ମତ - ସରଘର
ସରଘରିଆ - ସରସିଜ
ସରସୀ - ସରୋବର
ସର୍ଗ - ସର୍ବଂସହା
ସର୍ବସ୍ୱ - ସବ୍ୟସାଚୀ
ସଶଙ୍କ - ସହବାସ
ସହସା - ସାଂବାଦିକ
ସାଂସାରିକ - ସାକ୍ଷାତ୍
ସାକ୍ଷାତ୍କାର - ସାଜିମାଟି
ସାଜିବା - ସାଧନ
ସାଧକ - ସାନ୍ଧ୍ୟ
ସାନ୍ନିଧ୍ୟ - ସାମିଲ

ସାମୀପ୍ୟ - ସାରଣି
ସାରଥି - ସାର୍ବଜନୀନ
ସାର୍ବଭୌମ - ସାହା
ସାହାଡ଼ା - ସିଂହ
ସିଂହଦ୍ୱାର - ସିତ
ସିତକର - ସିନ୍ଧୁ
ସିନ୍ଧୁସୁତା - ସୀବନ
ସୀସ - ସୁକୃତି
ସୁକୃତି - ସୁତ
ସୁତନୁ - ସୁନୁସୁନିଆଁ
ସୁଛା - ସୁମନାଃ
ସୁମନ୍ତ୍ର - ସୁରସୁନ୍ଦରୀ
ସୁରା - ସୁଷୁମ୍ନା
ସୁସଞ୍ଚ - ସୂଚିକ
ସୂଚିତ - ସୂନୃତ
ସୂପ - ସେକିବା
ସେଚନ - ସେହ୍ନା
ସୈକତ - ସୌଖ୍ୟ
ସୌଗନ୍ଧିକ - ସୌରାଷ୍ଟ୍ର
ସୌରି - ସ୍ତବ୍ଧ
ସ୍ତମ୍ଭ - ସ୍ଥଳପଦ୍ମ
ସ୍ଥବିର - ସ୍ଥେୟ
ସ୍ଥୈର୍ଯ୍ୟ - ସ୍ପର୍ଶମଣି
ସ୍ପର୍ଶୀ - ସ୍ପୃଶ୍ୟ
ସ୍ମର - ସ୍ୟୂତ
ସ୍ରକ୍ - ସ୍ୱତଃ
ସ୍ୱତଃପ୍ରବୃତ୍ତ - ସ୍ୱୟମ୍ଭୁବ

ସ୍ୱର - ସ୍ୱସା
ସ୍ୱସ୍ତି - ସ୍ୱାଭାବିକ
ସ୍ୱାମିତ୍ୱ - ସ୍ୱେଦଜ
ସ୍ୱୈର - ସ୍ୱୈରୀ

## ହ

ହ - ହଂସୁଲୀ
ହଁ - ହଟଣୁ
ହଟ୍ଟ - ହତାଦର
ହତାଶ - ହମାଲିବା
ହମ୍ବା - ହରିକା
ହରିକାଠ - ହରିହୟ
ହରିହର - ହଲପ୍
ହଲା - ହଷ୍ଟେଲ
ହସ - ହାକିବା
ହାକିମ - ହାଣ୍ଡି
ହାଣ୍ଡିଆ - ହାରାମ୍
ହାରି - ହାଲୋଳ
ହାବ - ହାହାକାର
ହି - ହିତୈଷଣା
ହିତୈଷୀ - ହିରଣ୍ମୟ
ହିରଣ୍ୟ - ହୁଞ୍ଚଡ଼ିବା
ହୁଡ଼ - ହୁମ୍
ହୁରୁଡ଼ା - ହୃଦୟଙ୍ଗମ
ହୃଦ୍‌ଗତ - ହେତୁବାଦ
ହେନ୍ତାଳ - ହେହେ
ହୈ - ହୋସ୍
ହ୍ୟଃ - ହ୍ୱାନ

# ସରଳ ଉତ୍କଳ ଅଭିଧାନ

[୰ଜଗନ୍ନାଥ ରାଓଙ୍କ ସଂକ୍ଷିପ୍ତ ଉତ୍କଳ ଅଭିଧାନ ଅବଲମ୍ବନରେ]

ପଣ୍ଡିତ ଶ୍ରୀ କୁଳମଣି ଦାଶ କାବ୍ୟତୀର୍ଥଙ୍କ

କର୍ତ୍ତୃକ

ସମ୍ପାଦିତ ।

ସ୍ୱତ୍ୱାଧିକାରୀ ଓ ପ୍ରକାଶକ—

ଶ୍ରୀ ବିଶ୍ୱନାଥ କର

ଉତ୍କଳ ସାହିତ୍ୟ ପ୍ରେସ,

କଟକ ।

ପ୍ରଥମ ସଂସ୍କରଣ ।

ମୂଲ୍ୟ ଦେଢ଼ଟଙ୍କା ମାତ୍ର ।

Printed by V. Kar
THE UTKAL SAHITYA PRESS,
CUTTACK.
1932

# ଭୂମିକା

ଆମ୍ଭମାନଙ୍କ ଭାଷାରେ ଅଭିଧାନ ଗ୍ରନ୍ଥର ବଡ଼ ଅଭାବ । ଯେଉଁ ଖଣ୍ଡେ ଦୁଇ ଖଣ୍ଡି ବର୍ତ୍ତମାନ ମିଳୁଅଛି, ମୂଲ୍ୟାଧିକ୍ୟ ହେତୁରୁ ସାଧାରଣ ଗ୍ରାହକଙ୍କ ପକ୍ଷରେ ତାହା କିଣିବା ମଧ୍ୟ ସହଜସାଧ୍ୟ ନୁହେଁ । ଏହି ଅସୁବିଧା ଦୂର କରିବାପାଇଁ ମୁଁ ସ୍ୱର୍ଗତ ଜଗନ୍ନାଥ ରାଓଙ୍କ "ସଂକ୍ଷିପ୍ତ ଉତ୍କଳ ଅଭିଧାନ" ଖଣ୍ଡିର ସ୍ୱତ୍ୱ ତାଙ୍କର ପତ୍ନୀଙ୍କଠାରୁ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତରେ ଗ୍ରହଣ କରି ପ୍ରକାଶ କରିବାକୁ ମନସ୍ଥ କରିଥିଲି । ମାତ୍ର ପ୍ରକାଶ କରିବା ପୂର୍ବେ ଦେଖିଲି ଯେ, ସେ ଅଭିଧାନ ଖଣ୍ଡି ଆଉ ବର୍ତ୍ତମାନ ଯୁଗର ଉପଯୋଗୀ ନୁହେଁ । ତେଣୁ ତାହାକୁ ଅବଲମ୍ବନ କରି ଖଣ୍ଡିଏ ସରଳ ସୁଲଭ ଅଭିଧାନ ଲେଖିବାପାଇଁ ମୁଁ ପଣ୍ଡିତ କୁଳମଣି ଦାଶଙ୍କୁ ଅନୁରୋଧ କଲି । ମୋ ବିଚାର ଅନୁସାରେ ସେ ଯେଉଁ ଅଭିଧାନ ଖଣ୍ଡି ସଙ୍କଳନ କରିଦେଲେ, ତାହାକୁ **'ସରଳ ଉତ୍କଳ ଅଭିଧାନ'** ନାମରେ ପ୍ରକାଶ କଲୁ । ଏହାଦ୍ୱାରା ଯେବେ

ସାଧାରଣ ପାଠକମାନଙ୍କର କିଛି ସୁବିଧା ହେବ, ତାହାହେଲେ ମୋର ପରିଶ୍ରମ ଓ ଅର୍ଥବ୍ୟୟ ସଫଳ ହେଲା ବୋଲି ମୁଁ ମନେ କରିବି ।

ବର୍ତ୍ତମାନ ଭାଷାରେ ପ୍ରଚଳିତ ପ୍ରାୟ ଯାବତୀୟ ଶବ୍ଦ ଏଥିରେ ସଙ୍କଳିତ ହୋଇଅଛି ଏବଂ ପ୍ରତ୍ୟେକ ଶବ୍ଦର ପଦପରିଚୟ, ବ୍ୟୁତ୍ପତ୍ତି ଓ ଅର୍ଥ ସଂକ୍ଷିପ୍ତ ଅଥଚ ସୁଖବୋଧ୍ୟ ଭାବରେ ଏଥିରେ ଦିଆଯାଇଅଛି । ମୁଁ ଆଶା କରିଥିଲି, ପ୍ରାୟ ୭୦୦ ପୃଷ୍ଠାରେ ଏହି ଅଭିଧାନ ଖଣ୍ଡି ପୂର୍ଣ୍ଣ ହୋଇଯିବ ଏବଂ ଟ ୧୪ ଙ୍କା ମାତ୍ର ମୂଲ୍ୟରେ ସାଧାରଣ ଗ୍ରାହକଙ୍କୁ ଦିଆଯାଇ ପାରିବ, ମାତ୍ର ଶେଷରେ ଦେଖିଲି ଯେ, ସମଗ୍ର ଗ୍ରନ୍ଥଟି କ୍ରମେ ସହସ୍ରାଧିକ ପୃଷ୍ଠା ଅଧିକାର କଲା, ଏପରି ଅବସ୍ଥାରେ ମୂଲ୍ୟ ବଢ଼ାଇ ଦେବା ଉଚିତ ଥିଲା, ମାତ୍ର ବର୍ତ୍ତମାନ ଲୋକମାନଙ୍କର ଆର୍ଥିକ ଅବସ୍ଥାର ଶୋଚନୀୟତା ଦେଖି ସାମାନ୍ୟ ଲାଭରେ ସେହି ମୂଲ୍ୟରେ ଏହି ପ୍ରକାଣ୍ଡ ଗ୍ରନ୍ଥ ପ୍ରଦାନ କରିବା ସ୍ଥିର କଲି । ସ୍ମଲ୍ ପାଇକା ଅକ୍ଷରରେ ଛପାଇଥିଲେ ବ୍ୟୟ କିଛି କମିଯାଇ ଥାଆନ୍ତା; ମାତ୍ର ତଦ୍ୱାରା ପଢ଼ିବାରେ ବଡ଼ ଅସୁବିଧା ହେବ ଜାଣି ଏହାକୁ 'ପାଇକା' ଅକ୍ଷରରେ ମୁଦ୍ରିତ କରିଅଛି ।

ଓଡ଼ିଆ ଭାଷାର ଉଚ୍ଚାରଣରେ ତଥା ଆକାରରେ କିଛି ପ୍ରଭେଦ ନ ଥିଲେହେଁ ଏପର୍ଯ୍ୟନ୍ତ ଯେତେ ଅଭିଧାନ ସଙ୍କଳିତ ହୋଇଥିଲା, ତହିଁରେ ସଂସ୍କୃତ

ଭାଷାର ନିୟମ ଅନୁସାରେ ବର୍ଗ୍ୟ 'ବ' ଓ ଅବର୍ଗ୍ୟ 'ବ' କୁ ବର୍ଣ୍ଣମାଳାକ୍ରମେ ଭିନ୍ନ ଭିନ୍ନ ସ୍ଥାନରେ ସନ୍ନିବେଶିତ କରାଯାଇଥିଲା । ତେଣୁ 'ବ' ଆଦ୍ୟରେ ଥିବା କୌଣସି ଶବ୍ଦ ଅଭିଧାନରେ ଖୋଜିବାବେଳେ ପାଠକମାନଙ୍କୁ ବଡ଼ ଅସୁବିଧା ଭୋଗ କରିବାକୁ ପଡ଼ୁଥିଲା । ସେହି ଅସୁବିଧା ଦୂର କରିବାପାଇଁ ଏ ଅଭିଧାନରେ ଦୁଇ 'ବ' କୁ ଏକତ୍ର କରି ଦିଆ-ଯାଇଅଛି । କେବଳ ଶବ୍ଦ ଆଦ୍ୟରେ ଯେ ବର୍ଗ୍ୟ 'ବ' ବା ଅବର୍ଗ୍ୟ 'ବ' ରହେ ତାହା ନୁହେଁ, ଶବ୍ଦମଧ୍ୟରେ ଓ ଶେଷରେ ମଧ୍ୟ ଏହି ଦୁଇ 'ବ' ର ସ୍ଥାନ ବର୍ଣ୍ଣମାଳାନୁରୂପ ଲେଖା ହୁଏ । ଏ ସଂସ୍କରଣରେ ଶବ୍ଦର ମଧ୍ୟବର୍ତ୍ତୀ 'ବ' ଓ ଶେଷ 'ବ'ର କୌଣସି ପରିବର୍ତ୍ତନ କରାଯାଇ ନାହିଁ, ପରବର୍ତ୍ତୀ ସଂସ୍କରଣରେ ତାହା କରିବାର ଇଚ୍ଛା ରହିଲା ।

ଶବ୍ଦସଂଖ୍ୟା କ୍ରମେ ବଢ଼ିବାରୁ ଉଚ୍ଚାରଣ ଓ ବର୍ଣ୍ଣବିନ୍ୟାସରେ ସାମାନ୍ୟ ପାର୍ଥକ୍ୟଯୁକ୍ତ ଏକାର୍ଥ-ବୋଧକ ଶବ୍ଦମାନଙ୍କ କେତେକ ସ୍ଥଳରେ ବନ୍ଧନୀ-ମଧ୍ୟସ୍ଥ କରି ଏକଶବ୍ଦରୂପେ ପ୍ରକାଶ କରାଯାଇଅଛି । ଉଦାହରଣସ୍ୱରୂପ କହାଯାଇପାରେ ଯେ, 'ସୁଙ୍ଘିବା' 'ସୁଙ୍ଘିବା' ଏକାର୍ଥବୋଧକ ଏହି ଦୁଇଟି ଶବ୍ଦକୁ 'ସୁଙ୍ଘ (ଙ୍ଘି) ବା' ଆକାରରେ ଓ 'ଶଚ' ଓ 'ଶଚୀ' ଏହି ଦୁଇ ଶବ୍ଦକୁ 'ଶଚ, (ଚୀ)' ଆକାରରେ ପ୍ରକାଶ କରାଯାଇଅଛି । ଇତ୍ୟାଦି ।

ଆମ୍ଭମାନଙ୍କ ଭାଷାରେ କ୍ୱଚିତ୍ ପ୍ରଚଳିତ କେତେକ ପ୍ରାଚୀନ, ପ୍ରାଦେଶିକ ଓ ବୈଦେଶିକ ଶବ୍ଦ ଏ ସଂସ୍କରଣରେ ଦିଆଯାଇ ନାହିଁ । ସେ ସବୁ ଦେଇଥିଲେ ଗ୍ରନ୍ଥ ଆକାର ବଢ଼ି ଯାଇଥାଆନ୍ତା ଓ ମୂଲ୍ୟ ମଧ୍ୟ ଅଧିକ କରିବାକୁ ପଡ଼ିଥାଆନ୍ତା । ଏ ଗ୍ରନ୍ଥ ପ୍ରତି ପାଠକସମାଜର ଆଦର ଦେଖିଲେ ପରବର୍ତ୍ତୀ ସଂସ୍କରଣରେ ସେଗୁଡ଼ିକ ଯୋଗ କରି କିଛି ମୂଲ୍ୟ ବଢ଼ାଇ ଦିଆଯିବ ।

ମନୁଷ୍ୟ ସ୍ୱଭାବତଃ ଭ୍ରମାଧୀନ, ଏପରି ଅବସ୍ଥାରେ ଏ ଗ୍ରନ୍ଥରେ ଯେ ଭ୍ରମ ପ୍ରମାଦ ନ ଥିବ, ଏହା କହାଯାଇ ପାରୁ ନାହିଁ । ବିଶେଷତଃ ମୁଦ୍ରାକର ପ୍ରମାଦ ଓ ମୁଦ୍ରଣବେଳେ ଅକ୍ଷର ଓ ମାତ୍ରାଦିର ଭାଙ୍ଗିବା ଦୋଷ କେତେକ ସ୍ଥାନରେ ଦେଖାଯାଇ ପାରେ । ଆଶା କରେ ପାଠକମାନେ ଏଥିପ୍ରତି ମାର୍ଜନା କରିବେ ।

କଟକ
୧୫।୯।୩୧

ପ୍ରକାଶକ

# ସାଙ୍କେତିକ ଚିହ୍ନ

ଏହି ଗ୍ରନ୍ଥରେ ବ୍ୟବହୃତ କେତେକ ସାଙ୍କେତିକ ଚିହ୍ନର ବ୍ୟାଖ୍ୟା :—

ବି.=ବିଶେଷ୍ୟ

ବିଂ.=ବିଶେଷଣ

ସର୍ବ.=ସର୍ବନାମ

ଅଂ.=ଅବ୍ୟୟ

କ୍ରି.=କ୍ରିୟା

କ୍ରି ବି.=କ୍ରିୟାବାଚକ ବିଶେଷ୍ୟ

କ୍ରି. ବିଂ.=କ୍ରିୟା ବିଶେଷଣ

ଦେ=ଦେଶଜ

ଯା=ଯାବନିକ

ବୈ=ବୈଦେଶିକ

ଇଂ=ଇଂରାଜୀ ।

ସଂ.=ସମ୍ବଲପୁର

———

# ସରଳ ଉତ୍କଳ ଅଭିଧାନ

## ଅ

ଅ, ବି. ଆଦ୍ୟ ସ୍ୱର, ବିଷ୍ଣୁ । ଅ°. ଅଭାବ ।

ଅଅଁଳା, ଅଁଳା — ବି. (ଆମଳକ ଶବ୍ଦଜ) ଏକପ୍ରକାର ଗଛ ଓ ତାହାର ଫଳ ।

ଅଇଁଠା, ଅଇଣ୍ଠା — ବି. (ଉଚ୍ଛିଷ୍ଟ ଶବ୍ଦଜ) ଭୋଜନାବଶେଷ ।

ଅଇଘର, ବି. ଅଗ୍ନ୍ୟୁତ୍ସବ ପୂର୍ଣ୍ଣିମା, ମାଘପୂର୍ଣ୍ଣିମା ।

ଅଇଣ୍ଡିଆ, ବି. ଗର୍ଭିଣୀ ମାତାର ସ୍ତନ୍ୟପାନ କଲେ ଶିଶୁର ଯେଉଁ ରୋଗ ହୁଏ ।

ଅଇନା, ବି. (ଯାବନିକ) ଦର୍ପଣ ।

ଅଇନ, ବି. (ଯାବନିକ) ତର୍କ, ଯୁକ୍ତି, ଜିଦ୍ ।

ଅଇରି, ବି.(ଗ୍ରା) ଅରି, ଶତ୍ରୁ, ଗୋପାଳ ଜାତିବିଶେଷ ।

ଅଋଣୀ, ବି. ( ଅ-ଋଣିନ୍ ) ଯେ ଋଣଗ୍ରସ୍ତ ନୁହେ, ଅନୃଣୀ ।

ଅଂଶ, ବି. (ଅନ୍ଶ୍-ଅ) ଭାଗ, ଖଣ୍ଡ ।

ଅଂଶକ, ବି. (ଅନ୍ଶ୍-ଅକ) ଜ୍ଞାତି, ଭାଗ । ବି°. ଯେ ଭାଗ କରେ ।

ଅଂଶଜ, ବିଂ. (ଅଂଶ-ଜ) ବଳବାନ୍ ।
ଅଂଶା, ବି. (ଅଂଶୁ ଶବ୍ଦଜ) ପଦାର୍ଥର ସୂକ୍ଷ୍ମାଂଶ, କାଠର ମଞ୍ଜ ।
ଅଂଶିତ, ବିଂ. (ଅଂଶ-ତ) ବିଭକ୍ତ ।
ଅଂଶୀ, ବିଂ. (ଅଂଶ-ଇନ୍) ଭାଗୀ ।
ଅଂଶୀଦାର, ବିଂ. (ଯା) ଅଂଶଭାଗୀ, ଦାୟାଦ ।
ଅଂଶୁ, ବି. (ଅନ୍‌ଶ୍-ଉ) କିରଣ, ସୂତାର ଅଗ୍ରଭାଗ ।
ଅଂଶୁକ, ବି. ( ଅଂଶୁ-କ ) ବସ୍ତ୍ର, ତେଜପତ୍ର, କିରଣ ।
ଅଂଶୁକାୟ, ବି. ( ଅଂଶୁ-କାୟ ) ଯେଉଁ ସବୁ ଜନ୍ତୁ ଦେହରେ ଆଲୋକ ଥାଏ ।
ଅଂଶୁଧର, ବି. (ଅଂଶୁ-ଧୃ-ଅ) ସୂର୍ଯ୍ୟବଂଶୀୟ ଅସମଞ୍ଜ ରାଜା, ସୂର୍ଯ୍ୟ ।
ଅଂଶୁପା, ବି. (ନାମ) କଟକ ଜିଲ୍ଲାର ଗୋଟିଏ ହ୍ରଦ, ଆଇଁସପା ।
ଅଂଶୁମାନ୍, ବି. (ଅଂଶୁ-ମତ୍) ସୂର୍ଯ୍ୟ ।
ଅଂଶୁମାଳୀ, ବି. (ଅଂଶୁମାଳା-ଇନ୍) ସୂର୍ଯ୍ୟ ।
ଅଂସେଇ, ବି. (ଦେଶଜ) ପଶୁ ପଦାର୍ଥରେ ଉତ୍ପନ୍ନ କ୍ଷୁଦ୍ର କୀଟ ।
ଅଂହ୍ରି, ବି. (ଅନ୍‌ହ୍-ରି) ଚରଣ, ପାଦ ।
ଅକ, ବି. (ଅ-କ=ସୁଖ) ଦୁଃଖ ।
ଅକଡ଼, ବି. (ଦେଶଜ) ଅନାୟତ୍ତ, ଅସୁବିଧା ।
ଅକଣ୍ଟକ, ବିଂ. (ଅ-କଣ୍ଟକ) ବାଧାଶୂନ୍ୟ ।

ଅକତସ୍ମାର, ବି. (ଯାବନିକ) ଅଧିକାର, ଗୃହ ।
ଅକଥା, ବି. କୁକଥା, ମନ୍ଦକଥା ।
ଅକଥ୍ୟ, ବିଂ. (ଅ-କଥ-ଯ) ଯାହା କହିବା ଉଚିତ ନୁହେଁ, ଅବକ୍ତବ୍ୟ ।
ଅକଥନୀୟ, ବିଂ. (ଅ-କଥ-ଅନୀୟ) ଅକଥ୍ୟ ।
ଅକର, ଅକରା } ବିଂ. ଯେଉଁ ଜମିରେ କର ନାହିଁ, ନିଷ୍କର ।
ଅକରକରା, ବି. ( ନାମ ) ଗୁଳ୍ମଜାତୀୟ ବୃକ୍ଷ ଓ ତାହାର ଫଳ ।
ଅକରୁଣ, ବିଂ. (ଅ-କରୁଣ) ନିର୍ଦ୍ଦୟ, ନିଷ୍ଠୁର ।
ଅକର୍ମ, ବି. (ଅ-କର୍ମ) ମନ୍ଦକର୍ମ, ଅକାର୍ଯ୍ୟ ।
ଅକର୍ମକ, ବିଂ. (ଅ-କର୍ମ-କ) କର୍ମହୀନ ।
ଅକର୍ମଣ୍ୟ, ବିଂ. (ଅ-କର୍ମନ୍-ଯ) ନିକମା, ଅଯୋଗ୍ୟ ।
ଅକର୍ମା, ବିଂ. ହତଭାଗ୍ୟ, ହୀନକର୍ମା, ଭାଗ୍ୟହୀନ ।
ଅକଲ, ବିଂ. (ଯାବନିକ) ବୁଦ୍ଧି, ଜ୍ଞାନ ।
ଅକଳଙ୍କ, ବିଂ. (ଅ-କଳଙ୍କ) ନିର୍ଦ୍ଦୋଷ, ନିର୍ମଳ ।
ଅକଳଣା, ଅକଳନ୍ତା } ବିଂ. (ଦେଶଜ) ପ୍ରଚୁର, ଅସୀମ ।
ଅକଲ 'ଲ)ଆ, ବିଂ. (ଆକାଳିକ ଶବ୍ଦଜ) ଅସାମୟିକ, ଅସୁବିଧାଜନକ ।
ଅକଳିତ, ବିଂ. (ଅ-କଳ-ତ) ଅସୀମ ।
ଅକସ, ବି. (ଯାବନିକ) ଅଦୈତ, ବାଦ ।
ଅକସ୍ମାତ୍, ଅଂ. (ଅ-କସ୍ମାତ୍) ହଠାତ୍ ।

ଅକାଟ } ବିଂ. (ଅକାଟ୍ୟ ଶବ୍ଦଜ) ଯାହାକୁ କଟି
ଅକାଟୁ } କାଟେ ନାହିଁ, ଅବ୍ୟର୍ଥ । ବି. ଔଷଧ
ବୁଟିବିଶେଷ ।

ଅକାଟ୍ୟ, ବିଂ. (ଅ-କଟ୍-ଯ) ଅଖଣ୍ଡନୀୟ ।

ଅକାତ } ବିଂ. (ଦେଶଜ) ଅମାପ, ଅତି ଗମ୍ଭୀର,
ଅକାତକାତ } ଯେଉଁଠାକୁ କାତ ପାଏ ନାହିଁ ।

ଅକାତର, ବିଂ. ଯେ କାତର ହୁଏ ନାହିଁ, ନିର୍ଭୀକ,
ଅନାୟାସ ।

ଅକାନବିନ୍ଧ (ନ୍ଧା), ବି. (ଦେଶଜ) ଗୋଲାକାର
ପତ୍ରବିଶିଷ୍ଟ ଏକପ୍ରକାର ଗୁଳ୍ମ ।

ଅକାମକା } ବିଂ. (ସଂ. ଅକର୍ମା) ଅଳସୁଆ,
ଅକାମୀ } ନିଷ୍କର୍ମା ।

ଅକାରଣ, ବିଂ. (ଅ-କାରଣ) ବୃଥା, ନିରର୍ଥକ ।

ଅକାର୍ଯ୍ୟ, ବି. (ଅ-କାର୍ଯ୍ୟ) କୁକର୍ମ, ମନ୍ଦକାମ ।

ଅକାଳ, ବି. (ଅ-କାଳ) ଅସମୟ, ଦୁର୍ଭିକ୍ଷ,
ଅଶୁଦ୍ଧ କାଳ ।

ଅକାଳକାଣ୍ଡ, ବି. ଆକସ୍ମିକ ଘଟନା ।

ଅକାଳକୁଷ୍ମାଣ୍ଡ, ବି. ଅକାମୀ, ଅକର୍ମଣ୍ୟ ।

ଅକିଞ୍ଚନ, ବିଂ. (ଅ-କିଞ୍ଚନ) ଦରିଦ୍ର, ନିର୍ଧନ ।

ଅକିଞ୍ଚିତ୍କର, ବିଂ. (ଅ-କିଞ୍ଚିତ୍-କର) ଅକର୍ମଣ୍ୟ,
ତୁଚ୍ଛ, ସାମାନ୍ୟ ।

ଅକିଦା, ବି. ଋଣ, ଶ୍ରଦ୍ଧା, ଆଶ୍ରୟ ।

ଅକୀର୍ତ୍ତି, ବି. (ଅ-କୀର୍ତ୍ତି) ନିନ୍ଦା, ଅପଯଶ ।

ଅକୁଣ୍ଠିତ, ବିଂ. (ଅ-କୁଣ୍ଠ-ତ) ପ୍ରତିଘ୍ନଯୁକ୍ତ, ଅବ୍ୟାହତ, ଅସଂକୁଚିତ ।

ଅକୁତୋଭୟ, ବିଂ. (ଅକୁତଃ-ଭୟ) ନିର୍ଭୟ ।

ଅକୂପାର, ବି. (ଅ-କୂପାର) ସମୁଦ୍ର, ଜଳଧି ।

ଅକ୍ରୂର, ବି. (ନାମ) କୃଷ୍ଣଙ୍କ କକେଇ, କଂସର ଦୂତ ।

ଅକୃତଜ୍ଞ, ବିଂ. ( ଅ-କୃତଜ୍ଞ ) କୃତଘ୍ନ, ଯେ ଉପକାର ମାନେ ନାହିଁ ।

ଅକ୍ତ, ବିଂ. (ଅନ୍‌ଜ-ତ) ଯୁକ୍ତ, ଲେପିତ ।

ଅକ୍ରୂର, ବି. ( ଅ-କ୍ରୂର ) କୃଷ୍ଣଙ୍କ ପିତୃବ୍ୟ । ବି. ସରଳ ।

ଅକ୍ଲେଶ, ବି. ଅନାୟାସ । ବିଂ. କେଶରହିତ ।

ଅକ୍ଷ, ବି. ( ଅକ୍ଷ୍-ଅ ) ପାଶକ, ପଶାଖେଳ, ଗ୍ରହ, ଭ୍ରମଣର ପଥ, ଅଖ ।

ଅକ୍ଷତ, ବିଂ. (ଅ-କ୍ଷତ) ଆଘାତଶୂନ୍ୟ, ଅଖଣ୍ଡିତ । ବିଂ. ଅଭଗ୍ନ ଉଆ ଚାଉଳ ।

ଅକ୍ଷତଯୋନି, ବି. ଅପ୍ରାପ୍ତବୟସ୍କା ବାଳିକା, କୁମାରୀ ।

ଅକ୍ଷଦଣ୍ଡ, ବି. (Axis) ମେରୁଦଣ୍ଡ ।

ଅକ୍ଷପାଦ, ବି. (ଅକ୍ଷ-ପାଦ) ଗୌତମ ମୁନି ।

ଅକ୍ଷମ, ବିଂ. (ଅ-କ୍ଷମ୍-ଅ) କ୍ଷମତାରହିତ, ଅଶକ୍ତ ।

ଅକ୍ଷମାଳା, ବି. (ଅକ୍ଷ-ମାଳା) ଜପମାଳା ।

ଅକ୍ଷୟ, ବିଂ. (ଅ-କ୍ଷୟ) ଚିରସ୍ଥାୟୀ ।

ଅକ୍ଷର, ବି. ପୁଂ. ( ଅ-କ୍ଷର ) ବ୍ରହ୍ମ, ପରମେଶ୍ୱର, ଅକାରାଦି ବର୍ଣ୍ଣ । ବିଂ. ସ୍ଥାୟୀ ।

ଅକ୍ଷରେଖା, ବି. ( Lines of latitude ) ଭୂଗୋଳକ ଉପରେ କଳ୍ପିତ ମଣ୍ଡଳାକାର ରେଖା-ବିଶେଷ ।

ଅକ୍ଷସୂତ୍ର, ବି. (ଅକ୍ଷ-ସୂତ୍ର) ଜପମାଳା ।

ଅକ୍ଷାଂଶ, ବି. (ଅକ୍ଷ-ଅଂଶ) ବିଷୁବରେଖାର ଉତ୍ତର ଦକ୍ଷିଣ ଓ ପୂର୍ବ ପଶ୍ଚିମ ଭୂଭାଗକୁ ଭୂଗୋଳବେତ୍ତା-ମାନେ ୩୬୦ ସମାନ ଅଂଶରେ ବିଭାଗ କରନ୍ତି, ସେହି ଏକ ଏକ ଅଂଶର ନାମ ଅକ୍ଷାଂଶ ।

ଅକ୍ଷି, ବି. (ଅକ୍ଷ-ଇ) ଚକ୍ଷୁ ।

ଅକ୍ଷୁଣ୍ଣ, ବିଂ. (ଅ-କ୍ଷୁଣ୍ଣ) ଅଖଣ୍ଡିଆ, ପୂର୍ଣ୍ଣ, ନଖଣ ।

ଅକ୍ଷୌହିଣୀ, ବି. (ଅକ୍ଷ-ଊହିନୀ) ଅସଂଖ୍ୟସେନା, ୧୦୯୩୫୦ ପଦାତି, ୬୫୬୧୦ ଅଶ୍ୱ, ୨୧୮୭୦ ହସ୍ତୀ ଓ ୨୧୮୭୦ ରଥ, ଏତତ୍ସଂଖ୍ୟକ ସେନାର ସମଷ୍ଟି ।

ଅଖ, ବି. (ସଂ-ଅକ୍ଷ) ଗାଡ଼ିର ଦୁଇଚକର ସଂଯୋଜକ କାଷ୍ଠ, ଅଭ୍ୟାସ ।

ଅଖଞ୍ଜ, ବି. (ଦେଶଜ) ଅସୁବିଧା । ବିଂ. ଅଖଞ୍ଜିଆ ।

ଅଖଣ୍ଡ, ବିଂ. (ଅ-ଖଣ୍ଡ) ସମ୍ପୂର୍ଣ୍ଣ, ସମଗ୍ର ।

ଅଖଣ୍ଡଳ, ବି. (ଅ-ଖଣ୍ଡଳ) ପୃଥିବୀ ।

ଅଖଣ୍ଡିତ, ବିଂ. (ଅ-ଖଣ୍ଡ-ତ) ପୂର୍ଣ୍ଣ, ଅକ୍ଷୁଣ୍ଣ ।

ଅଖା, ବି. (ଦେଶଜ) ଝୋଟ ଥଳୀ, ବସ୍ତା ।

ଅଖାଡ଼ୁଆ, ବିଂ. (ଦେଶଜ) ବିସ୍ତୃରଶକ୍ତିରହିତ ।

ଅଖାଦ୍ୟ, ବି. (ଅ-ଖାଦ୍ୟ) ମନ୍ଦଖାଦ୍ୟ, ଅଭକ୍ଷ୍ୟ ।

ଅଖିଆ, ବି°. (ଦେଶଜ) ଉପବାସୀ । ସ୍ତ୍ରୀ. ଅଖାଈ ।

ଅଖିଳ, ବି°. (ଅ-ଖିଳ) ସମଗ୍ର, ସମୁଦାୟ ।

ଅଖ୍ୟାତ, ବି. (ଅ-ଖ୍ୟା-ତ) ଅଯଶ, ନିନ୍ଦା ।

ଅଗ, ବି. (ଅ-ଗମ୍-ଅ) ପର୍ବତ, ବୃକ୍ଷ, ସୂର୍ଯ୍ୟ, ସର୍ପ, ଅଗ୍ରଭାଗ ।

ଅଗଣା, ବି. ଅଙ୍ଗନ, ଗୃହର ଚତ୍ୱର, ବାହାର ।

ଅଗଣନୀୟ, ଅଗଣ୍ୟ } ବି°. (ଅ-ଗଣ-ଅନୀୟ, ଯ) ଅସଂଖ୍ୟ, ଅଗ୍ରାହ୍ୟ ।

ଅଗତ୍ୟା, ଅ°. (ଅ-ଗତ୍ୟା) ସୁତରାଂ, ଗତ୍ୟନ୍ତର ଅଭାବରେ ।

ଅଗଦ, ବି. (ଅ-ଗଦ) ଔଷଧ । ବି°. ସୁସ୍ଥ ।

ଅଗନାଗ୍ନି, ଅଗନାଅଗନ } ବି°. (ଦେଶଜ) ଦୁର୍ଗମ, ନିବିଡ଼, ଅତିଘନ (ବନ) ।

ଅଗମ୍ୟ, ବି°. (ଅ-ଗମ୍-ଯ) ଦୁର୍ଗମ, ଯେଉଁଠାକୁ କେହି ଗମନ କରି ନ ପାରେ । ମ୍ୟା, ସ୍ତ୍ରୀ. ସହବାସର ଅଯୋଗ୍ୟା ।

ଅଗର, ବି. (ଅଗୁରୁ ଶବ୍ଦଜ) କୃଷ୍ଣଚନ୍ଦନ ।

ଅଗରା, ବି. (ଦେଶଜ) ଏକଜାତୀୟ ଗୁଳ୍ମ, ଅଗିଲା ।

ଅଗରଥୁ, ବି. (ଦେଶଜ) ଏକପ୍ରକାର ଶାଗ ।

ଅଗସ୍ତି, ଅଗସ୍ତ୍ୟ } ବି. (ଅଗ-ସ୍ତ୍ୟୈ-ଅ, ଇ) ଜଣେ ମୁନି, ବକପୁଷ୍ପ, ନକ୍ଷତ୍ରବିଶେଷ ।

ଅଗା, ବି. ବି°. (ଦେଶଜ) ନିର୍ବୋଧ, ଅଜ୍ଞ ।

ଅଗାଡ଼ି, ବି. (ଦେଶଜ) ଅସାର ଧାନ । ବି°. ଅସାର, ନିକୃଷ୍ଟ ।

ଅଗାଧ, ବିଂ. (ଅ-ଗାଧ) ଅତି ଗମ୍ଭୀର ।

ଅଗାର } ବି. (ଅଗ-ଆ-ଋ-ଅ) ଗୃହ, ଘର ।
ଆଗାର }

ଅଗି, ବି. ଅଗ୍ରଭାଗ, ମାଘପୂର୍ଣ୍ଣିମାର ଉତ୍ସବ ।

ଅଗିଲା ବି. ବାଉଁଶ ପ୍ରଭୃତିର ଅଗ, ଅଗସ୍ତ ।

ଅଗୁଆଁର, ବିଂ. (ଦେଶଜ) ଅଜ୍ଞାନ, ଅବିବେଚକ ।

ଅଗୁରୁ, ବି. (ଅ-ଗୁରୁ) ସୁଗନ୍ଧ କାଷ୍ଠବିଶେଷ । ବିଂ. ଲଘୁ ।

ଅଗୁଳି, ବି. (ପ୍ରାଚୀନ ପଦ୍ୟ) ପ୍ରସ୍ଥ ବା ଓସାର ।

ଅଗୋଚର, ବିଂ. (ଅ-ଗୋଚର) ଅଜ୍ଞାତ ।

ଅଗ୍ନି, ବି. (ଅଗ୍-ନି) ବହ୍ନି, ନିଆଁ ।

ଅଗ୍ନିକୋଣ, ବି. ଦକ୍ଷିଣ ଓ ପୂର୍ବଦିଗର ମଧ୍ୟବର୍ତ୍ତୀ କୋଣ ।

ଅଗ୍ନିମାନ୍ଦ୍ୟ, ବି. ବାତାଜୀର୍ଣ୍ଣ ରୋଗ ।

ଅଗ୍ନିଶର୍ମା, ବିଂ. (ଅଗ୍ନି-ଶର୍ମନ୍) ମହାକ୍ରୋଧୀ ।

ଅଗ୍ନିଷ୍ଟୋମ, (ଅଗ୍ନି-ସ୍ତୁ-ମ) ଯାଗବିଶେଷ ।

ଅଗ୍ନିହୋତ୍ର, ବି. (ଅଗ୍ନି-ହୁ-ତ୍ର) ବୈଦିକ ହୋମ ।

ଅଗ୍ନିହୋତ୍ରୀ, ବି. ( ଅଗ୍ନିହୋତ୍ର-ଇନ୍ ) ନିତ୍ୟ ହୋମକର୍ତ୍ତା ।

ଅଗ୍ନ୍ୟୁତ୍ପାତ, ବି. (ଅଗ୍ନି-ଉତ୍ପାତ) ଆଗ୍ନେୟ ପର୍ବତରୁ ଧୂଆଁ ପ୍ରଭୃତି ବାହାରିବା ।

ଅଗ୍ର, ବିଂ. (ଅଗ-ର) ଆଦ୍ୟ, ପ୍ରଧାନ ।

ଅଗ୍ରଗଣ୍ୟ, ବିଂ. (ଅଗ୍ର-ଗଣ୍ୟ) ପ୍ରଧାନ, ଶ୍ରେଷ୍ଠ ।

ଅଗ୍ରଗାମୀ, ବି°. (ଅଗ୍ର-ଗମ୍-ଇନ୍) ଅଗ୍ରସର ।
ଅଗ୍ରଜ, ବି°. (ଅଗ୍ର-ଜନ୍-ଅ) ଜ୍ୟେଷ୍ଠ, ବଡ଼ ଭାଇ ।
ଅଗ୍ରଜନ୍ମା, ବି. (ଅଗ୍ର-ଜନ୍ମ) ବ୍ରାହ୍ମଣ, ବଡ଼ ଭାଇ ।
ଅଗ୍ରତେ, ଅ°. (ଅଗ୍ରତଃ ଶବ୍ଦଜ) ଆଗରେ, ସମ୍ମୁଖରେ ।
ଅଗ୍ରହାୟଣ, ବି. (ଅଗ୍ର-ହାୟନ) ମାର୍ଗଶିର ମାସ ।
ଅଗ୍ରଣୀ, ବି. (ଅଗ୍ର-ନୀ-କ୍ୱିପ୍) ସେନାପତି, ନେତା ।
ଅଗ୍ରସର, ବି°. (ଅଗ୍ର-ସୃ-ଅ) ଅଗ୍ରଗାମୀ ।
ଅଗ୍ରିମ, ବି°. (ଅଗ୍ର-ଇମ) ଆଗତୁରା, ଜ୍ୟେଷ୍ଠ ।
ଅଘ, ବି. (ଅଘ୍ ଅ) ପାପ ।
ଅଘଟନ, ବି°. ( ଅ-ଘଟନ ) ଅସୁନ୍ଦର ।
ଅଘୋର, ବି. ( ଅ-ଘୋର ) ମହାଦେବ । ବି°. ସୁନ୍ଦର, ଅତି ଭୟାନକ ।
ଅଙ୍କ, ବି. ( ଅନ୍କ-ଅ ) ଚିହ୍ନ, କଳଙ୍କ, କୋଡ଼, ସଂଖ୍ୟା, ପରିଚ୍ଛେଦ ।
ଅଙ୍କନ, ବି. (ଅଙ୍କ-ଅନ) ଚିହ୍ନକରଣ, ଚିତ୍ର କରିବା ।
ଅଙ୍କରାନ୍ତି, ବି. ( ଦେଶଜ ) ଔଷଧିଗୁଳ୍ମବିଶେଷ ।
ଅଙ୍କି, ବି. ( ଦେଶଜ ) ବାଡ଼ ଘେରା ହୋଇଥିବା ସ୍ଥାନ, ଖୁଆଡ଼ ।
ଅଙ୍କିତ, ବି°. ( ଅଙ୍କ-ତ ) ଚିହ୍ନିତ, ଲିଖିତ, ଚିହ୍ନିତ ।
ଅଙ୍କୁର, ବି. ( ଅଙ୍କ-ଉର ) ଗଜା ।
ଅଙ୍କୁଶ, ବି. (ଅଙ୍କ-ଉଶ) ହସ୍ତିତାଡ଼ନ ଦଣ୍ଡ, ଆଙ୍କୁଡ଼ି ।
ଅଙ୍ଗ, ବି. ( ଅନ୍ଗ-ଅ ) ଅବୟବ, ଶରୀର, ଦେଶ-ବିଶେଷ ।

ଅଙ୍ଗଷ୍ଟୁ, ବି. ( ସମ୍ବଲପୁର ) ଗାମୁଛା ।

ଅଙ୍ଗଦ, ବି. ( ନାମ ) ବାଳିର ପୁଅ, ବାଜୁ ନାମକ ଅଳଙ୍କାର ।

ଅଙ୍ଗନ, ବି. ( ଅନ୍‌ଗ-ଅନ ) ଅଗଣା ।

ଅଙ୍ଗନା, ବି. ( ଅନ୍‌ଗ-ନ-ଆ ) ସ୍ତ୍ରୀ ।

ଅଙ୍ଗନ୍ୟାସ, ବି. ମନ୍ତ୍ରୋଚ୍ଚାରଣପୂର୍ବକ ଶରୀରର ବିଭିନ୍ନ ଅଙ୍ଗ ସ୍ପର୍ଶ କରିବା ।

ଅଙ୍ଗଭଙ୍ଗୀ, ବି. ( ଅଙ୍ଗ-ଭଙ୍ଗୀ ) ନାଚିବାବେଳେ ଅଙ୍ଗଚାଳନା, ଅଭିନୟ ।

ଅଙ୍ଗରଖା, ବି. ସାଙ୍ଗୁ, କୁର୍ତ୍ତା, ଜାମା ।

ଅଙ୍ଗରାଗ, ବି.(ଅଙ୍ଗ-ରାଗ) ଚନ୍ଦନ କୁଙ୍କୁମାଦି ଗାତ୍ର-ଲେପନ ଦ୍ରବ୍ୟ ।

ଅଙ୍ଗା, ବି. ( ଦେଶଜ ) ଜାମା, ଘରର ଏକ ଅଂଶ ।

ଅଙ୍ଗାର } ବି. ( ଅନଗ୍‌ ଆର, କ ) କୋଇଲା,
ଅଙ୍ଗାରକ } ମଙ୍ଗଳଗ୍ରହ ।

ଅଙ୍ଗାରକାମ୍ଳ } ବି. ବାଷ୍ପବିଶେଷ, ଦୂଷିତ ବାଷ୍ପ ।
ଅଙ୍ଗାରାମ୍ଳ }

ଅଙ୍ଗୀକାର, ବି. ( ଅଙ୍ଗ-ଚ୍ୱି-କୃ-ଅ ) ସ୍ୱୀକାର, ସମ୍ମତି ।

ଅଙ୍ଗୁର, ବି. ଏକପ୍ରକାର ଫଳ ।

ଅଙ୍ଗୁରୀ } ବି. ( ଅନଗ୍‌-ଉର, ଅଙ୍ଗୁରୀ-ଈୟ )
ଅଙ୍ଗୁରୀୟ } ମୁଦି ।

ଅଙ୍ଗୁଳ } ବି. ( ଅନଗ୍‌-ଉଳ, ଉଳି ) ଆଙ୍ଗୁଳି,
ଅଙ୍ଗୁଳି } ଆଙ୍ଗୁଠି ।

ଅଙ୍ଗୁଷ୍ଠ, ବି. ( ଅଙ୍ଗ-ସ୍ଥା-ଅ ) ବୁଢ଼ା ଆଙ୍ଗୁଠି ।

ଅଙ୍ଘ୍ରି, ବି. ( ଅନ୍‌ଘ୍‌-ରି ) ପାଦ ।

ଅଚର, ବି. ( ଅ-ଚର ) ସ୍ଥାବର ।

ଅଚଳ, ବି. ( ଅ-ଚଲ୍ ଅ ) ପର୍ବତ, ପଥର, ପଙ୍ଗୁ ।

ଅଚଳା, ବିଂ. ସ୍ଥିର । ବି. ପୃଥିବୀ ।

ଅଗ୍ର, ବି. (ଦେଶଜ) କୃଷର ସୁବିଧା ପାଇଁ ଲଙ୍ଗଳ-ଦ୍ୱାରା ଚହ୍ନିତ ଜମିର ଅଂଶ ।

ଅଗ୍ରନକ, ବି. (ଦେଶଜ) ମାଂସଭକ୍ଷ୍ୟ । ବିଂ. ଭୟାନକ ।

ଅଗ୍ରୁଆ, ବିଂ. ( ଦେଶଜ ) ଛାତ ।

ଅଚନ୍ଦ୍ରମାସ୍ୟ, ବିଂ. ( ଅ-ଚନ୍ଦ୍ର-ଅମାସ୍ୟ ) ଚନ୍ଦ୍ରାର ଅତୀତ, ଅଲ୍ପବମାସ୍ୟ ।

ଅଚନ୍ତା, ବିଂ. (ଦେଶଜ) ନିଶ୍ଚିନ୍ତ ।

ଅଚନ୍ତିତପୂର୍ବ, ବିଂ. ( ଅ-ଚନ୍ତିତ-ପର୍ବ ) ଯାହା ପୂର୍ବରେ ଚିନ୍ତା କରା ହୋଇ ନ ଥାଏ ।

ଅଚିନ୍ତ୍ୟ, ବିଂ. ( ଅ-ଚିନ୍ତା-ଯ ) ଯାହା ଚିନ୍ତାର ବିଷୟ ନୁହେ ।

ଅଚିର, ବିଂ. ( ଅ-ଚିର ) କ୍ଷଣିକ, ଚଞ୍ଚଳ ।

ଅଚିରାତ୍, ଅଂ. ହଠାତ୍, ଅବିଳମ୍ବେ ।

ଅଚିହ୍ନା, ବିଂ. ଅପରିଚିତ ।

ଅଚେତନ } ବିଂ. (ଅ-ଚେତନ, ଚେତଃ) ଅଜ୍ଞାନ,
ଅଚେତା } ଜୀବନହୀନ, ଜଡ଼ ।

ଅଚେବନ, ବିଂ. (ପ୍ରାଚୀନ) ଅଜ୍ଞାନ, ଅଚେତନ ।

ଅଚ୍ଛ, ବିଂ (ଅନଚ୍‌-ଛ) ନିର୍ମଳ ।

ଅଚ୍ଛନ୍ନ, ବିଂ. (ଅ-ଛନ୍ନ) ଅଗ୍ରଜକ ।

ଅଚ୍ଛେଦ୍ୟ, ବିଂ. (ଅ-ଛିଦ୍-ଯ) ଯାହାକୁ ଛେଦନ କରିଯାଇ ପାରେ ନାହିଁ ।

ଅଚ୍ୟୁତ, ବି. (ଅ-ଚ୍ୟୁତ୍-ଅ) କୃଷ୍ଣ, ବିଷ୍ଣୁ ।

ଅଛବ<br>ଅଛୁଆଁ } ବିଂ. (ଦେଶଜ) ଅସ୍ପୃଶ୍ୟ ।

ଅଛି, କ୍ରି. (ଦେଶଜ) ହେବା, ରହିବା ।

ଅଜ, ବିଂ. (ଅ-ଜନ୍-ଅ) ଜନ୍ମରହିତ । ବି. ବ୍ରହ୍ମା, ବିଷ୍ଣୁ, ଦଶରଥଙ୍କ ପିତା, ଛେଳି । ସ୍ତ୍ରୀ. ଅଜା—ମାଈ ଛେଳି ।

ଅଜଗବ, ବି. (ଅଜ-ଗୋ-ଅ) ଶିବଧନୁ, ପିନାକ ।

ଅଜଗର, ବି. (ଅଜ-ଗୃ-ଅ) ବୃହତ୍ ସର୍ପବିଶେଷ ।

ଅଜଟ, ବିଂ. (ଦେଶଜ) ଅବୁଝା ।

ଅଜଡ଼, ବିଂ. (ଦେଶଜ) ଅଜୀର୍ଣ୍ଣ ।

ଅଜଡ଼ା, ବିଂ. (ଦେଶଜ) ରୁଗ୍ଣ, ଢିଲା ।

ଅଜଣା, ବିଂ. (ଦେଶଜ) ଅଜ୍ଞାତ ।

ଅଜର, ବିଂ. (ଅ-ଜୃ-ଅ) ଜରାରହିତ । ବି. ଦେବତା ।

ଅଜସ୍ର, କ୍ରି. ବିଂ. (ଅ-ଜସ୍-ର) ନିରନ୍ତର, ସର୍ବଦା ।

ଅଜା, ବି. (ଆର୍ଯ୍ୟ ଶବ୍ଦଜ) ମାତାମହ, ପିତାମହ, ମାଈ ଛେଳି ।

ଅଜାଡ଼ିବା. କ୍ରି. (ଦେଶଜ) ଢାଳିବା ।

ଅଜାତଶତ୍ରୁ, ବି. (ଅ-ଜାତଶତ୍ରୁ) ଯୁଧିଷ୍ଠିର, ଶିବ । ବିଂ. ଶତ୍ରୁହୀନ ।

ଅଜାଶୁର, ବି. (ଦେଶଜ) ସ୍ତ୍ରୀ ବା ସ୍ୱାମିର ପିତାମହ ବା ମାତାମହ ।

ଅଜିନ, ବି. (ଅଜ-ଇନ) ମୃଗଚର୍ମ, ଚର୍ମ ।

ଅଜିର, ବି. (ଅଜ୍-ଇର୍ ଅଗଣା, ବାୟୁ ।

ଅଜୀର୍ଣ୍ଣ, ବି. (ଅ-ଜୃ-ତ) ରୋଗବିଶେଷ, ଉଦରାମୟ ରୋଗ ।

ଅଜେୟ, ବିଂ. (ଅ-ଜି-ଯ) ଯାହାକୁ କେହି ଜିଣି ପାରନ୍ତି ନାହିଁ ।

ଅଜ୍ଞ, ବିଂ. (ଅ-ଜ୍ଞା-ଅ) ଅଜ୍ଞାନ, ମୂର୍ଖ ।

ଅଜ୍ଞେୟ, ବିଂ. (ଅ-ଜ୍ଞା-ଯ) ଯାହା ବୁଝି ହୁଏ ନାହିଁ, ଜ୍ଞାନାତୀତ ।

ଅଝାଲ, ବି. (ଦେଶଜ) ଯାହାଜ ଓ ନୌକାରେ ବ୍ୟବହୃତ ପାଲ ।

ଅଞ୍ଚଳ, ବି. (ଅନ୍‌ଚ୍-ଅଲ) ପଣତ, ପ୍ରଦେଶ ।

ଅଞ୍ଜନ, ବି. (ଅନ୍‌ଜ-ଅନ) କଜ୍ଜଳ ।

ଅଞ୍ଜନା, ବି. ହନୁମାନଙ୍କ ମାତା, ପଶ୍ଚିମ ଦିଗର ହସ୍ତିନୀ ।

ଅଞ୍ଜଳି, ବି. ( ଅନଜ୍-ଅଳି ) ଆଞ୍ଜୁଳା, ଦୁଇ ପୋଷ ।

ଅଟକ, ବି. (ଯାବନିକ) ବାଧା, ବନ୍ଦ ।

ଅଟକଳ, ବି. (ଦେଶଜ) ଅନୁମାନ ।

ଅଟକାଳି, ବି. ( ଦେଶଜ ) ଯାଉ, ଯାଉପାଣି ।

ଅଟକିବା, କ୍ରି. ( ଦେଶଜ ) ବନ୍ଧ ହେବା, ରହିଯିବା ।

ଅଟନ, ବି. ( ଅଟ୍-ଅନ ) ଭ୍ରମଣ ।

ଅଟଳ, ବିଂ. ( ଅ-ଟଳ ) ସ୍ଥିର ।

ଅଟବି, ଅଟବୀ } ବି. ( ଅଟ୍-ଅବି, ସ୍ତ୍ରୀ. ଈ ) ବନ ।

ଅଟା, ବି. ( ଦେଶଜ ) ଗୃହଳ ଗହମ ପ୍ରଭୃତିର ଚନା, ନଆଁ ରଖିବାପାଇଁ କୁଟାରେ ତିଆର ହୋଇଥିବା ବରଆ ।

ଅଟେଇ, ବି. (ଦେଶଜ) ଗୋରୁଙ୍କୁଆଡ଼, ଗୋରଡ଼ା ।

ଅଟ୍ଟ, ବି. (ଅଟ୍ଟ-ଅ) କୋଠାଘର, ହାଟ । ବିଂ. ଉଚ୍ଚ ।

ଅଟ୍ଟହାସ୍ୟ, ବି. ( ଅଟ୍ଟ-ହାସ୍ୟ ) ଉଚ୍ଚହାସ୍ୟ ।

ଅଟ୍ଟା, ଅଟ୍ଟାଳି, ଅଟ୍ଟାଳିକା } ବି. କୋଠାଘର ।

ଅଠଚାଳିଶ, ବି. ବିଂ. ଅଷ୍ଟଚତ୍ୱାରିଂଶତ୍, ୪୮ ସଂଖ୍ୟା ।

ଅଠତିରିଶ, ବି. ବିଂ. ଅଷ୍ଟତ୍ରିଂଶତ୍, ୩୮ ସଂଖ୍ୟା ।

ଅଠର, ବି. ବିଂ. ଅଷ୍ଟାଦଶ, ୧୮ ସଂଖ୍ୟା ।

ଅଠଷଠି, ବି. ବିଂ. ଅଷ୍ଟଷଷ୍ଟି, ୬୮ ସଂଖ୍ୟା ।

ଅଠସ୍ତରି, ବି. ବିଂ. ଅଷ୍ଟସପ୍ତତି, ୭୮ ସଂଖ୍ୟା ।

ଅଠା, ବି. ( ଦେଶଜ ) ଲେହ୍ୟ, ଯୋଡ଼ ରଖିବାରେ ବ୍ୟବହୃତ ନର୍ଯ୍ୟାସ ।

ଅଠାଅଶୀ, ବି. ବିଂ. ଅଷ୍ଟାଶୀତି, ୮୮ ସଂଖ୍ୟା ।

ଅଠାଇଶ, ବି. ବିଂ. ଅଷ୍ଟାବିଂଶ, ୨୮ ସଂଖ୍ୟା ।

ଅଠାକାଠି } ବି. ( ଦେଶଜ ) ଚଢ଼େଇ ଧରିବା
ଅଠାକାଣ୍ଡିଆ } ପାଇଁ ଏକପ୍ରକାର ନଳ, ଚନ୍ଦ୍ରାନ୍ତ ।

ଅଠାଠିକ୍, ବିଂ. ( ଦେଶଜ ) ସମାପ୍ତ ।

ଅଠାନବେ, ବି. ବିଂ. ଅଷ୍ଟନବତି, ୯୮ ସଂଖ୍ୟା ।

ଅଠାଳିଆ, ବିଂ. ( ଦେଶଜ ) ଅଠା ହେତୁରୁ ଚଟ-ଚଟିଆ, ଅଠାଯୁକ୍ତ ।

ଅଠାବନ, ବି. ବିଂ. ଅଷ୍ଟପଞ୍ଚାଶତ୍, ୫୮ ସଂଖ୍ୟା ।

ଅଠିକଣା, ବିଂ. ( ଦେଶଜ ) ଅନିର୍ଦ୍ଦିଷ୍ଟ, ଅସ୍ତବ୍ୟସ୍ତ, ଅସୁନ୍ଦର ।

ଅଡ଼ଙ୍ଗ, ବି. ( ଦେଶଜ ) ପିଣ୍ଡା, ବାରଣ୍ଡା, ଖାନକ ଦ୍ରବ୍ୟ ଯେଉଁଠାରୁ ଜନ୍ମେ ।

ଅଡ଼ର୍, ବି. ( ଇଂ. Order ) ଆଦେଶ, ହୁକୁମ ।

ଅଡ଼ର୍ଲି, ବି. ( ଇଂ. Orderly ) ଆଦେଶକାରୀ, ଚପରାସି, ଅର୍ଦ୍ଦଳି ।

ଅଡ଼ା, ବି. ( ଦେଶଜ ) ଆଡ୍ଡା, ଏକତ୍ର ବସିବା ସ୍ଥାନ, ପଞ୍ଜୁରୀର ଯେଉଁ କାଠିରେ ଶୁଆ ବସେ, ଅଳଗୁଣୀ, ଅର୍ଗଳୀ ।

ଅଡ଼ାଇବା, କ୍ରି. ( ଦେଶଜ ) ଜଗି କରି ଚଳାଇବା, ଗତି କରାଇବା ।

ଅଡ଼ିବା, କ୍ରି. ( ଦେଶଜ ) ଉଚ୍ଛୃଙ୍ଖଳ ହେବା, ଅବାଧ ହେବା ।

ଅଡ଼ୁଆ, ବିଂ. ( ଦେଶଜ ) ଜଟିଳ, ଗୋଳମାଳିଆ ।

ଅଢ଼ା, ବି. ( ଦେଶଜ ) ଧାନ୍ୟାଦି ମାପିବାର କାଷ୍ଠାଦି ନିର୍ମିତ ପାତ୍ରବିଶେଷ ।

ଅଢ଼ାଇ, ବ. (ଦେଶଜ) ଦୁଇ ଓ ଅଧେ, ୨½ ।

ଅଢ଼ିଆ, ବ. (ଗଡ଼ଜାତ) ସିଧା ସାମଗ୍ରୀ ।

**ଅଢ଼େଇଆ**, ବ. ଦୁଇ ସେର ଅଧେ ପରିମିତ ମାଣବା ଓଜନ, ଅଢ଼େଇ ଗୁଣ ।

ଅଣ, ବ. (ଦେଶଜ) ଝୋଳ, ବ୍ୟଞ୍ଜନ ରସ ।

ଅଣକ, ବ. (ଦେଶଜ) ନଡ଼ିଆ ସଢ଼େଇରେ ତିଆରି ଏକପ୍ରକାର କରଚୁଲି, ଡଙ୍କା ।

ଅଣକୀଳା / ଅଣକୀଳ / ଅନକୀଳ — ବ. (ଦେଶଜ) ଗାଡ଼ି ଚକକୁ ଅଟକାଇବାପାଇଁ ଅଖ ମୁଣ୍ଡରେ ଦିଆଯାଇଥିବା ଖିଲ ।

ଅଣଖୁଆ, ବ. (ଦେଶଜ) ଆଖୁ ପରି ଦିଶୁଥିବା ଏକପ୍ରକାର ତୃଣ ।

ଅଣଗୃସ, ବ. ବିଂ. ଊନପଞ୍ଚାଶତ୍, ୪୯ ସଂଖ୍ୟା, ମୃତ୍ୟୁ ପୂର୍ବେ ବଢ଼ୁବା ଖର ନିଶ୍ୱାସ ।

ଅଣନବେ, ବ. ବିଂ. ଊନନବତି, ୮୯ ସଂଖ୍ୟା ।

ଅଣନାତି, ବ. (ଦେଶଜ) ନାତି ବା ନାତୁଣୀର ପୁଅ । ସ୍ତ୍ରୀ. ଅଣନାତୁଣୀ ।

ଅଣସର, ବ. (ଅନବସର ଶବ୍ଦଜ) ସ୍ନାନପୂର୍ଣ୍ଣିମା ଓ ଗୁଣ୍ଡିଚାର ମଧ୍ୟବର୍ତ୍ତୀ କାଳ ।

ଅଣା, ବ. (ଦେଶଜ) ଟଙ୍କାର ଷୋଳ ଭାଗର ଏକ ଭାଗ ।

ଅଣାଅଶୀ, ବ. ବିଂ. ଊନାଶୀତି, ୭୯ ସଂଖ୍ୟା ।

ଅଣାଇବା, କ୍ରି. (ଦେଶଜ) ପାର୍ଶ୍ୱପରିବର୍ତ୍ତନ, ଆଣିବା କ୍ରିୟାର ଣିଜନ୍ତ ରୂପ ।

ଅଣି, ବି. (ଦେଶଜ) ଏକ ଅଣା ମୂଲ୍ୟର ମୁଦ୍ରାଖଣ୍ଡ ।

ଅଣିମାଦି, ବି. ଅଷ୍ଟନିଧି ।

ଅଣୁ, ବି. ସୂକ୍ଷ୍ମକଣିକା ।

ଅଣୁବୀକ୍ଷଣ, ବି. ( ଅଣୁ-ବି-ଈକ୍ଷ-ଅନ ) ଚକ୍ଷୁର ଅଗୋଚର କ୍ଷୁଦ୍ର ପଦାର୍ଥ ଦର୍ଶନାର୍ଥ ଯନ୍ତ୍ରବିଶେଷ ।

ଅଣ୍ଟ, ବି. (ଦେଶଜ) ସଦ୍ଭାବ ।

ଅଣ୍ଟା, ବି. (ଦେଶଜ) କଟିଦେଶ ।

ଅଣ୍ଟାଇବା, କ୍ରି. ( ଦେଶଜ ) ଅଣ୍ଟା ସାହାଯ୍ୟରେ ଟେକିବା, ସାହାଯ୍ୟ କରିବା ।

ଅଣ୍ଟାଖୋସା }
ଅଣ୍ଟାଗୁଞ୍ଜା } ବି. (ଦେଶଜ) ଲାଞ୍ଚ, ଉତ୍କୋଚ ।

ଅଣ୍ଟାସୂତା, ବି. (ଦେଶଜ) ରୌପ୍ୟାଦି ନିର୍ମିତ କଟି-ସୂତ୍ର ।

ଅଣ୍ଟି, ବି. (ଦେଶଜ) ପିନ୍ଧିବା ଲୁଗାକୁ ଥଳିଆକାର କରିବା ।

ଅଣ୍ଟିବା, କ୍ର. (ଦେଶଜ) ଯଥେଷ୍ଟ ହେବା ।

ଅଣ୍ଡ, ବି. (ଅମ୍-ଡ) ଡିମ୍ବ, ମୁଷ୍କ, ଶୁକ୍ର ।

ଅଣ୍ଡଜ, ବିଂ. (ଅଣ୍ଡ-ଜନ୍-ଅ) ଡିମ୍ବଜାତ ଜନ୍ତୁ ।

ଅଣ୍ଡା, ବି. ଅଣ୍ଡ, ଡିମ୍ବ ।

ଅଣ୍ଡାଳିବା, କ୍ରି. ଖୋଜିବା, ଦରାଣ୍ଡିବା ।

ଅଣ୍ଡିରା, ବିଂ. ଅଣ୍ଡୀର, ପୁରୁଷଜାତୀୟ ।

ଅଣ୍ଡିରଚଣ୍ଡୀ, ବିଂ. ସ୍ତ୍ରୀ. ପୁରୁଷସ୍ୱଭାବା ଲଜ୍ଜାହୀନା ସ୍ତ୍ରୀ ।

ଅତଏବ, ଅଂ. (ଅଦସ୍-ତସ୍-ଏବ) ଏହି ହେତୁରୁ ।

ଅତଟ, ବି. (ଅ-ତଟ-ଅ) ଅତଡ଼ା, ଭୃଗୁ, ନଦୀକୂଳ ।

ଅତଡ଼ା, ବି. ଅତଟ, ନଦୀତୀର, ନଆଁଗଦା ।

ଅତଣ୍ଡ୍ର, ବି. (ଦେଶଜ) ଲତାବିଶେଷ ।

ଅତନୁ, ବି. (ଅ-ତନୁ) କନ୍ଦର୍ପ, କାମ ।

ଅତନ୍ଦ୍ରିତ, ବିଂ. (ଅ-ତନ୍ଦ୍ରା-ଇତ) ଜାଗରୂକ, ସାବଧାନ, ନିରଳସ ।

ଅତର, ବି. (ଯାବନିକ) ତରଳ ନିର୍ଯ୍ୟାସ ।

ଅତର୍କିତ, ବିଂ. (ଅ-ତର୍କିତ) ଅଲକ୍ଷିତ, ହଠାତ୍ ।

ଅତର୍ଚ୍ଛ, ଅତରଛ } ବି. ଅତିହାସ, ମହାଭୟ । ବିଂ. ଅତି ଭୀତ ।

ଅତଳ, ବି. ( ଅ-ତଳ ) ସପ୍ତପାତାଳ ଅନ୍ତର୍ଗତ ପାତାଳବିଶେଷ । ବି. ଅତି ଗଭୀର ।

ଅତଳସ୍ପର୍ଶ, ବିଂ. ( ଅତଳ-ସ୍ପୃଶ୍-ଅ ) ଅଗାଧ, ଅତି ଗଭୀର ।

ଅତଲସ, ବି. (ଯାବନିକ) ବସ୍ତ୍ରର ଭଙ୍ଗୀବିଶେଷ ।

ଅତସୀ, ବି. (ଅତ-ଅସ୍-ଈ) ପେଶୀଗଛ ବା ତାହାର ଫୁଲ ।

ଅତି, ଅଂ. ଖୁବ୍ ବେଶି, ଉତ୍କର୍ଷ, ଅତିଶୟ ।

ଅତିକ୍ରମ, ବି. (ଅତି-କ୍ରମ୍-ଅ) ଉଲ୍ଲଙ୍ଘନ, ଅନ୍ୟଥାଚରଣ ।

ଅତିକ୍ରାନ୍ତ, ବିଂ. (ଅତି-କ୍ରମ୍-ତ) ଲଙ୍ଘନ, ଅତୀତ ।

ଅତିଚାର, ବି. (ଅତି-ଚର୍-ଅ) ଗ୍ରହମାନଙ୍କର ସ୍ୱ ସ୍ୱ ରାଶି ଅତିକ୍ରମ କରି ଗମନ କରିବା ।

ଅତିଥି, ବି. (ଅତ୍-ଇଥି) ଅଭ୍ୟାଗତ, ପରିବ୍ରାଜକ ।

ଅତିପାତ, ବି. (ଅତି-ପତ୍-ଅ) ଯାପନ ।

ଅତିବଡ଼ୀ, ବି. ( ଦେଶଜ ) ଓଡ଼ିଶାର ବୈଷ୍ଣବ ସମ୍ପ୍ରଦାୟବିଶେଷ ।

ଅତିମାନୁଷ, ବିଂ. (ଅତି-ମାନୁଷ) ଅଲୌକିକ ।

ଅତିରଞ୍ଜନ, ବି. ( ଅତି-ରଞ୍ଜ୍-ଅନ ) ବେଶି କରି କହିବା ବା ଲେଖିବା ।

ଅତିରିକ୍ତ, ବିଂ. (ଅତି-ରିଚ୍-ତ) ଅଧିକ ।

ଅତିରେକ, ବିଂ. (ଅତି-ରିଚ୍-ଅ) ଆଧିକ୍ୟ ।

ଅତିବାହିତ, ବିଂ. (ଅତି-ବହ-ଇ-ତ) ଯାପିତ ।

ଅତିଶୟ, ବିଂ. (ଅତି-ଶୀ-ଅ) ଅଧିକ, ଅତ୍ୟନ୍ତ ।

ଅତିଶୟୋକ୍ତି, ବି. (ଅତିଶୟ-ଉକ୍ତି) ଅର୍ଥାଲଙ୍କାର-ବିଶେଷ ।

ଅତିସାର, ବି. (ଅତି-ସୃ-ଅ) ଅତିମାତ୍ରାରେ ଝାଡ଼ା ହେବା ରୋଗ, ଉଦରାମୟ ରୋଗ ।

ଅତୀତ, ବିଂ. (ଅତି-ଇ-ତ) ଗତ, ଅତିକ୍ରାନ୍ତ ।

ଅତୀନ୍ଦ୍ରିୟ, ବିଂ. ( ଅତି-ଇନ୍ଦ୍ରିୟ ) ଇନ୍ଦ୍ରିୟର ଅଗୋଚର, ସୂକ୍ଷ୍ମ ।

ଅତୀବ, ବିଂ. (ଅତି-ଇବ) ଅଧିକ ।

ଅତୁଳ, ଅତୁଳନ } ବିଂ. (ଅ-ତୁଳ-ଅ, ଅନ) ଅନୁପମ ।

ଅତୁଲ୍ୟ, ବିଂ. ତୁଳନାରହିତ । ବି. ( ଦେଶଜ )
ହାତ ଖଜୁ ।
ଅତୃପ୍ତ, ବିଂ. ( ଅ-ତୃପ୍ତ ) ଅସନ୍ତୁଷ୍ଟ ।
ଅତ୍ୟନ୍ତ, ବିଂ. ( ଅତି-ଅନ୍ତ ) ଅଧିକ ।
ଅତ୍ୟୟ, ବି. ( ଅତି-ଇ-ଅ ) ଅପଗମ, ବିନାଶ ।
ଅତ୍ୟଳ୍ପ, ବିଂ. ( ଅତି-ଅଳ୍ପ ) ଯତ୍‌କିଞ୍ଚିତ୍ ।
ଅତ୍ୟାଚାର, ବି. ( ଅତି-ଆ-ଚର୍-ଅ ) ଉତ୍ପୀଡ଼ନ ।
ଅତ୍ୟାଚାରୀ, ବିଂ. ( ଅତି-ଆ-ଚର୍-ଇନ୍ ) ଦୁରାତ୍ମା,
ଉତ୍ପୀଡ଼କ ।
ଅତ୍ୟାହିତ, ବିଂ. ( ଅତି-ଆ-ଧା-ତ ) ଅମଙ୍ଗଳ । ବି.
ବିପଦ, ଭୟ ।
ଅତ୍ୟୁକ୍ତି, ବି. ( ଅତି-ବଚ୍-ତି ) ଅଧିକ ଉକ୍ତି, ବେଶି
କରି କହିବା ।
ଅତ୍ର, ଅଂ. ( ଇଦମ୍-ତ୍ର ) ଏଠାରେ ।
ଅତ୍ରତ୍ୟ, ବିଂ. (ଅତ୍ର-ତ୍ୟ) ଏତତ୍‌ସ୍ଥାନୀୟ, ଏତଦ୍ଦେଶୀୟ ।
ଅତ୍ରି, ବି. ( ନାମ ) ସପ୍ତର୍ଷି ମଧ୍ୟରୁ ଏକତମ ।
ଅଥଚ, ଅଂ. ତଥାପି, ଆହୁରି ।
ଅଥୟ, ବିଂ. ( ଅ-ଥୟ ) ଅସ୍ଥିର ।
ଅଥରପା / ଅଥର୍ପା } ବିଂ. ଅସ୍ଥିରପାଦ, ଅଖାଡ଼ୁଆ; ଚଞ୍ଚଳ ।
ଅଥର୍ବ, ବି. ( ଅଥ-ରୁ-ଅ ) ଚତୁର୍ଥ ବେଦ । ବିଂ.
ଅତିବୁଢ଼ା, ରୋଗୀ ।
ଅଥଳ, ବିଂ. ଅତି ଗଭୀର ।

ଅଥବା, ଅ°. କିମ୍ବା, ଅବା ।
ଅଥାଚା, ବି°. ( ଦେଶଜ ) ଅଚକ୍ଷିତ ।
ଅଥାର, ବି. ( ଦେଶଜ ) ପିଠାସିଝା ହାଣ୍ଡି ।

ଅଦଉତ } ବି. ( ଯାବନିକ ) ଅକସ,
ଅଦୌତ } ଅହନ୍ତା ।

ଅଦା, ବି. ଆର୍ଦ୍ରକ ।
ଅଦାଲତ୍, ବି. ( ଯାବନିକ ) ବିଚାରାଳୟ, ମୁନସଫି କଚେରୀ ।

ଅଦୂର, ବି°. ( ଅ-ଦୂର ) ଅତି ନିକଟ ।
ଅଦିତି, ବି. ( ଅ-ଦା-ଇତି ) ଦେବମାତା ।
ଅଦୃଶ୍ୟ, ବି°. ( ଅ-ଦୃଶ୍ୟ ) ଯାହା ଦେଖାଯାଏ ନାହିଁ, ଅଦର୍ଶକ ।
ଅଦୃଷ୍ଟ, ବି. ( ଅ-ଦୃଶ୍-ତ ) ଭାଗ୍ୟ । ବି°. ଅଦେଖା ।
ଅଦୃଷ୍ଟପୂର୍ବ, ବି°. ( ଅ-ଦୃଷ୍ଟ-ପୂର୍ବ ) ଯାହା ପୂର୍ବେ ଦେଖା ହୋଇ ନାହିଁ ।

ଅଦୃଷ୍ଟରଜା, ବି°. ( ଅ-ଦୃଷ୍ଟ-ରଜସ୍-ଆ ) କୁମାରୀ, ବାଳିକା ।
ଅଦ୍ଭୁତ, ବି°. ( ଅତ୍-ଭୂ-ଉତ ) ବିସ୍ମୟଜନକ । ବି. ଆଶ୍ଚର୍ଯ୍ୟ ।

ଅଦ୍ୟ, ଅ°. ( ଇଦମ୍-ଦ୍ୟ ) ଆଜି ।
ଅଦ୍ୟତନ, ବି°. ( ଅଦ୍ୟ-ତନ ହେବା ଅର୍ଥରେ ) ଆଜିର ।

ଅଦ୍ୟାପି } ଅଂ. ( ଅଦ୍ୟ—ଅପି, ଅବଧି ) ଆଜ-
ଅଦ୍ୟାବଧି } ପର୍ଯ୍ୟନ୍ତ ।

ଅଦ୍ରି, ବି. (ଅ-ଦ୍ରୀ ଇ) ପର୍ବତ ।

ଅଦ୍ୱିତୀୟ, ବିଂ. (ଅ-ଦ୍ୱିତୀୟ) ସର୍ବପ୍ରଧାନ ।

ଅଦ୍ୱୈତ, ବି. ( ଅ—ଦ୍ୱୈତ=ଦ୍ୱିତୀୟତ୍ୱ ) ଯାହାର ଦ୍ୱିତୀୟ ନାହିଁ ।

ଅଦ୍ୱୈତବାଦୀ, ବିଂ. (ଅଦ୍ୱୈତ-ବଦ=କହିବା-ଇନ୍ ପ୍ରତ୍ୟୟ) ଯେଉଁମାନେ କହନ୍ତି 'ଜୀବ ଈଶ୍ୱର ଏକ' ।

ଅଧଃ, ଅଂ. (ଅଧର—ଅସ) ନିମ୍ନ, ତଳପ୍ରଦେଶ ।

ଅଧ
ଅଧା } ବି. (ଗ୍ରା) ( ଅର୍ଦ୍ଧର ଅପଭ୍ରଂଶ ) ଦୁଇଭାଗରୁ ଏକଭାଗ ।
ଅଧେ

ଅଧମ, ବିଂ. ( ଅଧସ୍-ମ ସ୍ଥିତ ଅର୍ଥରେ ) ଅପକୃଷ୍ଟ, ନିମ୍ନସ୍ଥ ।

ଅଧମର୍ଣ୍ଣ, ବି. (ଅଧମ—ଋଣ) ଖାତକ, ଋଣୀ ।

ଅଧମାଙ୍ଗ, ବିଂ. (ଅଧମ-ଅଙ୍ଗ) ପାଦ, ଚରଣ ।

ଅଧର, ବି. (ଅଧଃ—ର) ନିମ୍ନ ଓଷ୍ଠ ।

ଅଧର୍ମ, ବି. (ଅ—ଧର୍ମ) ପାପ, ଅନ୍ୟାୟ, ଅପରାଧ ।

ଅଧଲା, ବି. ( ଦେଶଜ ) ଏକ ପଇସାର ଅର୍ଦ୍ଧ, ସେହି ମୂଲ୍ୟର ମୁଦ୍ରା ।

ଅଧସ୍ତନ, ବିଂ. (ଅଧଃ-ତନ, ହେବା ଅର୍ଥରେ)ନିମ୍ନସ୍ଥ, ଅଧୀନ ।

ଅଧାଅଧି, ବି. (ଦେଶଜ) ମୋଟରେ ଅଧେ ।

ଅଧାକାନ୍ତି, ବି. (ଦେଶଜ) କ୍ଷୁଦ୍ରକାନ୍ତ ।

ଅଧାଡୁଆ, ବି. (ଦେଶଜ) ଅର୍ଦ୍ଧପକ୍ୱ ।

ଅଧାମ, ବି. (ଦେଶଜ) ଘନୀଭୂତ ଦୁଗ୍ଧ, ସ୍ୱବଡ଼ ।

ଅଧି, ଅଂ. ଆଧିକ୍ୟ, ଅଧିକାର, ଉପରିଭାଗ ଅର୍ଥ-ବୋଧକ ଉପସର୍ଗ ।

ଅଧିକ, ବିଂ. (ଅଧି-କ) ବେଶି, ଅତିରିକ୍ତ ।

ଅଧିକନ୍ତୁ, ଅଂ. ଆହୁରି, ଅପର, ବିଶେଷତଃ ।

ଅଧିକରଣ, ବି. ( ଅଧି-କୃ-ଅନ ) ଆଧାର, କାରକ-ବିଶେଷ, ବିଚାରାଳୟ ।

ଅଧିକାର, ବି. (ଅଧି-କୃ-ଅ) ସ୍ୱାମିତ୍ୱ, ପ୍ରଭୁତ୍ୱ ।

ଅଧିକାରୀ, ବିଂ. ( ଅଧି-କୃ-ଇନ୍ ) ପ୍ରଭୁ, ମଠର ସହକାରୀ ମହନ୍ତ ।

ଅଧିକାଂଶ, ବି. (ଅଧିକ-ଅଂଶ) ଅଧିକଭାଗ ।

ଅଧିକୃତ, ବିଂ. ( ଅଧି-କୃ-ତ ) ନିଯୁକ୍ତ, ଯାହା ଅଧିକାର କରାଯାଇଅଛି ।

ଅଧିଗତ, ବିଂ. (ଅଧି-ଗମ୍-ତ) ପ୍ରାପ୍ତ, ଜ୍ଞାତ ।

ଅଧିଗମ, ବି. (ଅଧି-ଗମ୍-ଅ) ଉପାର୍ଜନ, ପ୍ରାପ୍ତି ।

ଅଧିଜ୍ୟ, ବିଂ. (ଅଧି-ଜ୍ୟା) ଜ୍ୟାଯୁକ୍ତ, ଗୁଣ ଚଢ଼ିଥିବା ଧନୁ ।

ଅଧିତ୍ୟକା, ବି. ( ଅଧି=ଉପରେ ତ୍ୟକ୍, ହେବା ଅର୍ଥରେ ସ୍ତ୍ରୀ. ଆ) ପର୍ବତ ଉପରିଭାଗସ୍ଥ ସମତଳଭୂମି ।

ଅଧିଦେବତା, ବି. ( ଅଧି-ଦେବତା ) ଇଷ୍ଟଦେବ, ଶ୍ରେଷ୍ଠ ଦେବତା ।

ଅଧିପ } ବି. (ଅଧି-ପା=ପାଳନ କରିବା-ଅ, ତି
ଅଧିପତି } ପ୍ରତ୍ୟୟ) ରାଜା, ପ୍ରଭୁ ।

ଅଧିମାସ, ବି. (ଅଧି=ଅଧିକ-ମାସ) ମଳମାସ ।

ଅଧିରାଜ, ବିଂ. (ଅଧି=ପ୍ରଧାନ-ରାଜା) ପ୍ରଧାନ ରାଜା ।

ଅଧିରୂଢ଼, ବିଂ. (ଅଧି-ରୁହ୍-ତ) ଆରୂଢ଼, ଆରୋପିତ ।

ଅଧିରୋହଣ, ବି. (ଅଧି-ରୁହ୍-ଅନ) ଆରୋହଣ ।

ଅଧିବାସ, ବି. (ଅଧି-ବସ୍-ଅ) ନିବାସ, ଶୁଭକର୍ମର ପୂର୍ବ ସଂସ୍କାର କ୍ରିୟା ।

ଅଧିବାସୀ, ବିଂ (ଅଧି-ବସ୍-ଇନ୍) ନିବାସୀ, ବାସିନ୍ଦା ।

ଅଧିବେଶନ. ବି. (ଅଧି-ବିଶ୍-ଅନ) ସଭାର ବୈଠକ ।

ଅଧିଷ୍ଠାତା, ବିଂ. (ଅଧି-ସ୍ଥା=ରହିବା ତୃ) ସ୍ଥିତିକାରୀ । ସ୍ତ୍ରୀ. ଅଧିଷ୍ଠାତ୍ରୀ ।

ଅଧିଷ୍ଠାତ୍ରୀ, ବିଂ. (ଅଧି-ସ୍ଥା-ତୃ-ଈ) ସ୍ଥିତିକାରିଣୀ, କର୍ତ୍ତ୍ରୀ ।

ଅଧିଷ୍ଠାନ, ବି. (ଅଧି-ସ୍ଥା-ଅନ) ସ୍ଥିତି ।

ଅଧୀତ, ବିଂ. (ଅଧି-ଇ=ପଢ଼ିବା-ତ) ଅଭ୍ୟସ୍ତ ।

ଅଧୀତି, ବି. (ଅଧି ଇ-ତି) ଅଧ୍ୟୟନ, ପାଠାଭ୍ୟାସ ।

ଅଧୀନ, ବିଂ. (ଅଧି-ଇନ=ପ୍ରଭୁ) ବଶୀଭୂତ, ଆଶ୍ରିତ । ବି. ଅଧୀନତା ।

ଅଧୀର, ବିଂ (ଅ-ଧୀର=ସ୍ଥିର) ଯେ ସ୍ଥିର ନୁହେ, ଅଥୟ, ଚଞ୍ଚଳ ।

ଅଧୀଶ } ବି. (ଅଧି-ଈଶ, ଈଶ୍ୱର=ପ୍ରଭୁ) ମହାରାଜ,
ଅଧୀଶ୍ୱର } ସମ୍ରାଟ୍ ।

ଅଧୂନା, ଅଂ. (ଅଦସ୍-ଧୂନା) ଏହିକ୍ଷଣି, ବର୍ତ୍ତମାନ ।
ଅଧୂନାତନ, ବିଂ. (ଅଧୂନା-ତନ=ହେବା ଅର୍ଥରେ) ଆଜିକାଲିର, ଆଧୂନିକ ।
ଅଧୂଲି, ବି. ( ଦେଶଜ) ଏକ ଟଙ୍କାର ଅର୍ଦ୍ଧ ପରିମିତ ମୁଦ୍ରା, ଆଠ ଅଣୀ ।
ଅଧୈର୍ଯ୍ୟ, ବି.(ଅ-ଧୀର-ଯ)ଚଞ୍ଚଳତା । ବିଂ. କାତର, ଭୀତ ।
ଅଧୋକ୍ଷଜ, ବି. (ଅଧଃ-ଅକ୍ଷଜ)ଇନ୍ଦ୍ରିୟାତୀତ, ବିଷ୍ଣୁ ।
ଅଧୋଗାମୀ, ବିଂ. (ଅଧଃ-ଗମ୍-ଇନ୍) ନିମ୍ନଗାମୀ ।
ଅଧୋବାୟୁ, ବି. (ଅଧଃ-ବାୟୁ) ଅପାନ ବାୟୁ ।
ଅଧୋଗତ, ବି. (ଅଧଃ-ଗତ) ଅବନତ ।
ଅଧୋଭୁବନ, ବି. ( ଅଧଃ=ନିମ୍ନ, ଭୁବନ=ଜଗତ୍ ) ପାତାଳ, ରସାତଳାଦି ସପ୍ତ ପାତାଳ ।
ଅଧୋମୁଖ } ବିଂ. (ଅଧଃ=ନିମ୍ନ, ମୁଖ, ବଦନ=
ଅଧୋବଦନ } ମୁହଁ ଯାହାର) ନତମୁଖ ।
ଅଧ୍ୟକ୍ଷ, ବିଂ. (ଅଧି-ଅକ୍ଷ) ପ୍ରଧାନ କର୍ମକାରକ ।
ଅଧ୍ୟୟନ, ବି. (ଅଧି-ଇ-ଅନ) ପାଠାଭ୍ୟାସ କରିବା, ପଢ଼ିବା ।
ଅଧ୍ୟବସାୟ, ବି. (ଅଧି-ଅବ-ସୋ-ଅ) ଯତ୍ନ, ଅବିଶ୍ରାନ୍ତ ଉଦ୍ୟୋଗ ।
ଅଧ୍ୟା } ବି.( ଦେଶଜ ) ଦେବତା ନିକଟରେ
ଅଧିଆ } ଅଭୀଷ୍ଟଲାଭାର୍ଥ ଉପବାସାଦି କରି ଜାଗ୍ରତ ରହିବା ।

ଅଧ୍ୟାତ୍ମ, ବିଂ. ( ଅଧି-ଆତ୍ମନ୍-ଅ ) ଆତ୍ମାସମ୍ବନ୍ଧୀୟ, ଚିତ୍ତବିଷୟକ ।

ଅଧ୍ୟାପକ, ବି. (ଅଧି-ଇ-[ଣିଜନ୍ତ] ଅକ) ପାଠଗୁରୁ, ଆଚାର୍ଯ୍ୟ ।

ଅଧ୍ୟାପନ } ବି. ( ଅଧି-ଇ-[ଣିଜନ୍ତ] ଅନ-ଆ )
ଅଧ୍ୟାପନା } ପଢ଼ାଇବା ।

ଅଧ୍ୟାୟ, ବି. (ଅଧି-ଇ-ଅ) ଗ୍ରନ୍ଥର ପରିଚ୍ଛେଦ ।

ଅଧ୍ୟାୟୀ, ବିଂ. ( ଅଧି-ଇ-ଇନ୍ ) ଛାତ୍ର, ଅଧ୍ୟୟନକାରୀ ।

ଅଧ୍ୟାସ } ବି. ( ଅଧି-ଆସ୍ ଅ, ଅନ ) ଆରୋପ,
ଅଧ୍ୟାସନ } କଳ୍ପନା, ଉପବେଶନ ।

ଅଧ୍ୟାସିତ, ବିଂ. ( ଅଧି-ଆସ୍-ତ ) ଯେଉଁ ସ୍ଥାନରେ ରହନ୍ତି ।

ଅଧ୍ୟାସୀନ, ବିଂ. (ଅଧି-ଆସ୍-ଆନ) ଉପବିଷ୍ଟ ।

ଅଧ୍ୟାହାର, ବି. ( ଅଧି-ଆ-ହୃ-ଅ ) ତର୍କ, ଅସମ୍ପୂର୍ଣ୍ଣ ବାକ୍ୟର ପୂରଣ ।

ଅଧ୍ୟୁଷିତ, ବିଂ. ( ଅଧି-ବସ୍-ତ ) ଯେଉଁ ସ୍ଥାନରେ ବାସ କରଯାଏ, ଅଧିବାସୀ, ଉପବିଷ୍ଟ ।

ଅଧ୍ୟେତା, ବିଂ. (ଅଧି-ଇ-ତୃ) ଛାତ୍ର ।

ଅଧ୍ରୁବ, ବିଂ. ( ଅ-ଧ୍ରୁବ=ନିଶ୍ଚିତ ) ଯାହା ନିଶ୍ଚିତ ନୁହେ ।

ଅଧ୍ୱ, ବି. (ଅତ୍=ସର୍ବଦା ଗମନ କରିବା, ବନ୍), ମାର୍ଗ, ଉପାୟ ।

ଅଧ୍ୱଗ, ବି. (ଅଧ୍ୱ=ପଥ, ଗମ୍-ଅ) ପଥିକ ।

ଅଧ୍ୱଗା, ସ୍ତ୍ରୀ. (ଅଧ୍ୱ-ଗମ୍-ଆ) ନଦୀ ।

ଅଧ୍ୱର, ବି. (ଅଧ୍ୱନ୍-ଋ-ଅ) ଯଜ୍ଞ, ସାବଧାନ ।

ଅନକ୍ଷର, ବିଂ. (ଅନ୍-ଅକ୍ଷର) ଅକ୍ଷରଜ୍ଞାନହୀନ, ମୂର୍ଖ । ବି. ନିନ୍ଦା ।

ଅନଘ, ବି. ( ଅନ୍-ଅଘ ) ନିଷ୍ପାପ, ନିର୍ମଳ, ପବିତ୍ର, ସୁନ୍ଦର ।

ଅନଙ୍ଗ, ବି. (ଅନ୍-ଅଙ୍ଗ) କନ୍ଦର୍ପ ।

ଅନଚ୍ଛ, ବିଂ. ( ଅନ୍-ଅଚ୍ଛ ) ଯାହା ନିର୍ମଳ ନୁହେଁ, ଅସ୍ୱଚ୍ଛ ।

ଅନଟନ, ବି. (ଅନ୍-ଅଟନ) ଅଭାବ, ଅପ୍ରଚଳ ।

ଅନତିଦୂର, ବିଂ. (ଅନ୍-ଅତିଦୂର) ଅଳ୍ପଦୂରବର୍ତ୍ତୀ ।

ଅନତିବଳମ୍ବ, କ୍ରି. ବିଂ. ( ଅନ୍-ଅତିବଳମ୍ବ ) ଅଧିକ ବିଳମ୍ବ ନ କରି ।

ଅନଧିକ, ବିଂ. (ଅନ୍-ଅଧିକ)ଅଳ୍ପ, ଈଷତ୍, କିଞ୍ଚିତ୍ ।

ଅନଧିକାର, ବିଂ. ( ଅନ୍-ଅଧି-କୃ-ଅ ) ଅଧିକାର ନ ଥିବା ।

ଅନଧିକାରଚର୍ଚ୍ଚା, ବି. ଅଧିକାର ବହିର୍ଭୂତ ବିଷୟର ଆଲୋଚନା ।

ଅନଧିଗତ, ବିଂ. ( ଅନ୍-ଅଧି-ଗମ୍-ତ ) ଅପ୍ରାପ୍ତ, ଅଜ୍ଞାତ, ଅବିଦିତ, ଅପଠିତ ।

ଅନଧ୍ୟୟନ, ଅନଧ୍ୟାୟ } ବି. ( ଅନ୍-ଅଧ୍ୟୟନ, ଅଧ୍ୟାୟ ) ପାଠାଭାବ, ଯେଉଁ ଦିନମାନଙ୍କରେ ଅଧ୍ୟୟନ ବନ୍ଦ ରହେ ।

ଅନନ୍ତ, ବ. ( ଅନ୍-ଅନ୍ତ ) ଆକାଶ, ପରମେଶ୍ୱର, ବାସୁକି ।

ଅନନ୍ତବ୍ରତ, ବ. ଭାଦ୍ର ଶୁକ୍ଳ ଚତୁର୍ଦ୍ଦଶୀର ପ୍ରସିଦ୍ଧ ବ୍ରତ ।

ଅନନ୍ତମୂଳ, ବ. ଚେମେଣ୍ଡ ଲଇ, ଶତାବରୀ ।

ଅନନ୍ତର, କି. ବଂ. ( ଅନ୍-ଅନ୍ତର ) ପଶ୍ଚାତ୍, ଏଥି-ଉତ୍ତାରୁ ।

ଅନନ୍ତବିଜୟ, ବ. ଯୁଧିଷ୍ଠିରଙ୍କ ଶଙ୍ଖ ।

ଅନନ୍ତା, ବ. ( ଅନନ୍ତ-ଆ ) ଦୁର୍ଗା, ପୃଥିବୀ, ଦୂବ, ଅନନ୍ତମୂଳ । ପ୍ରା. (ବାଲେ) ବୁଢ଼ା ମାଙ୍କଡ଼ ।

ଅନନ୍ୟଗତି, ବଂ. (ଅନ୍-ଅନ୍ୟଗତି) ଯାହାର ଅନ୍ୟ ଉପାୟ ନାହିଁ ।

ଅନନ୍ୟସାଧାରଣ, ବଂ. ( ଅନ୍-ଅନ୍ୟସାଧାରଣ ) ଅନ୍ୟ ସାଧାରଣରେ ଯାହା ନାହିଁ ।

ଅନପତ୍ୟ, ବଂ. (ଅନ୍-ଅପତ୍ୟ=ସନ୍ତାନ) ସନ୍ତାନ-ବିହୀନ ।

ଅନପାୟୀ, ବଂ. (ଅନ୍-ଅପାୟ [ଅପ-ଇ-ଅ]-ଇନ୍) ଚିରସ୍ଥାୟୀ ।

ଅନପେକ୍ଷ, ବଂ (ଅନ୍-ଅପେକ୍ଷା) ନିରପେକ୍ଷ, ସ୍ୱାଧୀନ ।

ଅନପେତ, ବଂ. (ଅନ୍-ଅପେତ) ଅପୃଥକ୍, ଯୁକ୍ତ ।

ଅନଭିଜ୍ଞ, ବଂ. (ଅନ୍-ଅଭି-ଜ୍ଞା-ଅ) ମୂର୍ଖ ।

ଅନମ୍ବର, ବଂ.(ଅନ୍-ଅମ୍ବର=ବସ୍ତ୍ର ଯାହାର) ଆବରଣ-ଶୂନ୍ୟ, ଆକାଶ ।

ଅନର୍ଗଳ, ବି°. (ଅନ୍-ଅର୍ଗଳ=ବାଧା) ଯଥେଚ୍ଛାଗୃତ୍ତ, ବାଧାଶୂନ୍ୟ, ନିର୍ବିରୋଧ ।

ଅନର୍ଘ, ବି°. (ଅନ୍-ଅର୍ଘ) ଅମୂଲ୍ୟ ।

ଅନର୍ଥ, ବି. (ଅନ୍-ଅର୍ଥ) ଅନିଷ୍ଟ, ଅମଙ୍ଗଳ ।

ଅନର୍ଥକ, ବି°. (ଅନ୍-ଅର୍ଥ-କ) ନିରର୍ଥକ, ବୃଥା ।

ଅନର୍ଯ୍ୟାପ, ବି°. ( ଦେଶଜ ) ପ୍ରଚୁର, ଅପରିମିତ ।

ଅନର୍ହ, ବି°. (ଅନ୍-ଅର୍ହ) ଅଯୋଗ୍ୟ ।

ଅନଳ, ବି. (ଅନ୍-ଅଳ) ଅଥବା (ଅ-ନଳ=ବନ୍ଧନ) ଅଗ୍ନି ।

ଅନଳ୍ପ, ବି°. (ଅନ୍-ଅଳ୍ପ) ଅଧିକ, ବହୁତ ।

ଅନବଦ୍ୟ, ବି°. (ଅନ୍-ଅବଦ୍ୟ) ଅନିନ୍ଦ୍ୟ, ସମ୍ଭ୍ରାନ୍ତ ।

ଅନବଧାନତା, ବି.(ଅନ୍-ଅବ-ଧା-ଅନ-ତା) ଅସାବ-ଧାନତା ।

ଅନବରତ, କ୍ରି. ବି°. (ଅନ୍-ଅବ-ରମ୍-ତ) ସର୍ବଦା, ନିରନ୍ତର ।

ଅନଶନ, ବି (ଅନ୍-ଅଶ୍-ଅନ) ଉପବାସ ।

ଅନଶ୍ୱର, ବି°. (ଅ-ନଶ୍ୱର) ଅକ୍ଷୟ, ଅବିନାଶୀ ।

ଅନସୂୟା, ବି. (ଅନ୍-ଅସୂୟା=ଦ୍ୱେଷ) ଅତ୍ରିଋଷିଙ୍କ ପତ୍ନୀ, ଶକୁନ୍ତଳାଙ୍କ ସଖୀ ।

ଅନାଇବା, ବି. (ଦେଶଜ) ଗୃହିଁବା ।

ଅନାଉଣି, ବି. (ଦେଶଜ) ଗୃହାଣି, କଟାକ୍ଷ ।

ଅନାକାର, ବି.(ଅନ୍-ଆକାର) ପରମେଶ୍ୱର,ଆକାଶ । ବି°. ଆକାରହୀନ ।

ଅନାଗତ, ବିଂ. (ଅନ୍-ଆ-ଗମ୍-ତ) ଅନୁପସ୍ଥିତ, ଭବିଷ୍ୟତ୍ ।
ଅନାଗତବିଧାତା, ବିଂ. ଯେ ଭବିଷ୍ୟତ୍ ପାଇଁ ଆଗରୁ ସଞ୍ଚୟ କରି ରଖେ ।
ଅନାଚାର, ବି. (ଅନ୍-ଆଚାର) ମନ୍ଦ ଆଚାର, କଦାଚାର । ବିଂ. ଆଚାରହୀନ ।
ଅନାଜ, ବି. (ଦେଶଜ) ପରିବା ।
ଅନାଡ଼ି, ବିଂ. (ଦେଶଜ) ଓଲୁ, ନିର୍ବୋଧ ।
ଅନାତପ, ବି. (ଅନ୍-ଆତପ) ଛାୟା, ଖରାର ଅଭାବ ।
ଅନାତ୍ମୀୟ, ବିଂ. (ଅନ୍-ଆତ୍ମୀୟ) ପର, ବିପକ୍ଷ ।
ଅନାଥ, ବିଂ. (ଅ-ନାଥ=ସ୍ୱାମୀ) ଆଶ୍ରୟହୀନ ।
ଅନାଥା, ବିଂ. (ଅ-ନାଥ-ଆ) ଆଶ୍ରୟହୀନା, ବିଧବା ।
ଅନାଦର, ବି. (ଅନ୍-ଆ-ଦୃ-ଅ) ଅଯତ୍ନ, ଅବଜ୍ଞା ।
ଅନାଦ୍ର, ବିଂ. (ଅନ୍-ଆଦ୍ର) ଆଦ୍ରରହିତ ।
ଅନାଦୃତ, ବିଂ. (ଅନ୍-ଆ-ଦୃ-ତ) ଆଦରହୀନ, ତିରସ୍କୃତ ।
ଅନାମତ, କ୍ରିଂ. ବିଂ. (ଦେଶଜ) ନିରନ୍ତର, ସର୍ବଦା ।
ଅନାମୟ, ବି. (ଅନ୍-ଆମୟ) ସ୍ୱାସ୍ଥ୍ୟ, ନୀରୋଗାବସ୍ଥା ।
ଅନାମିକା, ବି. (ଅ-ନାମନ୍-ଇକ-ଆ) କନିଷ୍ଠାଙ୍ଗୁଳିର ନିକଟସ୍ଥ ଅଙ୍ଗୁଳି ।
ଅନାୟତ୍ତ, ବିଂ. (ଅନ୍-ଆୟତ୍ତ=ଅଧୀନ) ସ୍ୱାଧୀନ, ଅବାଧ ।
ଅନାୟାସ, କ୍ରି. ବିଂ. (ଅନ୍-ଆୟାସ) ଅକ୍ଲେଶ, ସହଜ ।

ଅନାରତ, କ୍ରି. ବିଂ. (ଅନ୍-ଆ-ରମ୍-ତ) ଅବିଶ୍ରାନ୍ତ, ନିରନ୍ତର ।

ଅନାରସ, ବି. (ଦେଶଜ) ସପୁରି ।

ଅନାର୍ଯ୍ୟ, ବିଂ. (ଅନ୍-ଋ-ଯ) ଅଭଦ୍ର, ଅସଭ୍ୟ, ଅପ୍ରଧାନ ।

ଅନାବନା, ବି. (ଦେଶଜ) ଏଣୁ ତେଣୁ, ବାରମିଶା, ଅନିୟମିତ ।

ଅନାବିଳ, ବିଂ. (ଅନ୍-ଆବିଳ) ନିର୍ମଳ, ସ୍ୱଚ୍ଛ, ନିଃସନ୍ଦେହ ।

ଅନାବିଷ୍ଟ, ବିଂ. (ଅନ୍-ଆବିଷ୍ଟ) ଅମନୋଯୋଗୀ ।

ଅନାବୃତ, ବିଂ. (ଅ -ଆ-ବୃ-ତ) ଖୋଲା, ଆବରଣ-ଶୂନ୍ୟ ।

ଅନାବୃଷ୍ଟି, ବି. (ଅନ୍-ଆ-ବୃଷ୍-ତି) ବୃଷ୍ଟିର ଅଭାବ, ମରୁଡ଼ି ।

ଅନାହାର, ବି. ଭୋଜନାଭାବ । ବିଂ. ଉପବାସୀ ।

ଅନାହୂତ, ବିଂ. (ଅନ୍-ଆହୂତ) ଅନିମନ୍ତ୍ରିତ ।

ଅନାସ୍ଥା, ବି. (ଅନ୍-ଆସ୍ଥା=ଆଦର) ଅଯତ୍ନ, ତାଚ୍ଛଲ୍ୟ ।

ଅନିଚ୍ଛା, ବି. (ଅନ୍-ଇଚ୍ଛା) ଅରୁଚି, ସ୍ପୃହାର ଅଭାବ ।

ଅନିଚ୍ଛୁ, ଅନିଚ୍ଛୁକ } ବିଂ. (ଅନ୍-ଇଚ୍ଛୁ, କ) ଯେ ଇଚ୍ଛା କରେ ନାହିଁ ।

ଅନିତ୍ୟ, ବିଂ. (ଅ-ନିତ୍ୟ) ଅସ୍ଥାୟୀ, ଭଙ୍ଗୁର ।

ଅନିଦ୍ରା, ବି. (ଅ-ନିଦ୍ରା) ନିଦ୍ରାର ଅଭାବ ।

ଅନିନ୍ଦନୀୟ, ଅନିନ୍ଦ୍ୟ } ବିଂ. (ଅ-ନିନ୍ଦନୀୟ, ନିନ୍ଦ୍ୟ) ଯେ ନିନ୍ଦନୀୟ ନୁହେ ।

ଅନିମିଷ } ବି. ( ଅ-ନିମିଷ, ନିମେଷ=ପଲକ )
ଅନିମେଷ } ଯାହାଙ୍କ ଚକ୍ଷୁରେ ପଲକ ପଡ଼େ ନାହିଁ।

ଅନିଯ୍ୟତ, ବିଂ. (ଅ-ନିଯ୍ୟତ) ଯାହା'ର ସ୍ଥିରତା ନାହିଁ, ଅସ୍ଥିର ।

ଅନିୟମ, ବି. (ଅ-ନିୟମ) ନିୟମ ଲଙ୍ଘନ ।

ଅନିୟମିତ, ବିଂ. (ଅ-ନିୟମିତ) ଅନିର୍ଦ୍ଦିଷ୍ଟ।

ଅନିର୍ବଚନୀୟ, ବିଂ. (ଅ-ନିର୍-ବଚ୍-ଅନୀୟ)ଅକଥନୀୟ ।

ଅନିରୁଦ୍ଧ, ବି. (ଅ-ନି-ରୁଧ୍-ତ) ଊଷାର ସ୍ୱାମୀ, କୃଷ୍ଣଙ୍କ ନାତି । ବିଂ. ଅନିବାରିତ ।

ଅନିଳ, ବି. (ଅନ୍=ବଞ୍ଚିବା-ଇଳ) ପବନ ।

ଅନିବନ୍ଧନ, ବିଂ. (ଅ-ନିବନ୍ଧନ) ଅକାରଣ, ଅହେତୁକ ।

ଅନିବାର୍ଯ୍ୟ, ବିଂ (ଅ-ନି-ବୃ-ଯ) ଯାହା ବାରଣ କରାଯାଇ ନ ପାରେ ।

ଅନିଶ, କ୍ରି. ବିଂ. (ଅ-ନିଶା) ନିରନ୍ତର, ସର୍ବଦା ।

ଅନିଶା } ବି. (ଗ୍ରାମ୍ୟ) ଅପେକ୍ଷା ।
ଅଦିଶା }

ଅନିଷ୍ଟ, ବିଂ. (ଅନ୍-ଇଷ୍ଟ) ଅପକାର, ହାନି ।

ଅନୀକ, ବି. (ଅନ୍-ଈକ) ସୈନ୍ୟ, ଯୋଦ୍ଧା, ଯୁଦ୍ଧ, ସମୂହ ।

ଅନୀକିନୀ, ବିଂ. ( ଅନୀକ-ଇନ୍-ସ୍ତ୍ରୀ. ଈ ) ୨୧୮୭ ହସ୍ତୀ, ୨୧୮୭ ରଥ, ୬୫୬୧ ଅଶ୍ୱ ଓ ୧୦୯୩୫ ପଦାତି—ଏହି ପରିମିତ ସୈନ୍ୟଦଳ ।

ଅଗୀତ, ବି. (ଅ-ଗୀତ) କୁଗୀତ, ମନ୍ଦଗୀତ ।

ଅନୁ, ଅଂ. ( ଉପସର୍ଗ) ପଶ୍ଚାତ୍, ସଦୃଶ, ଅଧୀନ, ନିକୃଷ୍ଟ, ସହିତ ।

ଅନୁକମ୍ପା, ବି. ( ଅନୁ=ପଶ୍ଚାତ୍-କମ୍ପ-ଆ ) ଦୟା, ଅନୁଗ୍ରହ ।

ଅନୁକରଣ, ବି. (ଅନୁ=ସଦୃଶ-କୃ-ଅନ) ସଦୃଶୀ-କରଣ, ନକଲ କରିବା ।

ଅନୁକୂଳ, ବିଂ. ( ଅନୁ-କୂଳ ) ସହାୟ, (ଚଳିତ କଥାରେ) ଯାତ୍ରା ଆରମ୍ଭ ।

ଅନୁକ୍ତ, ବିଂ. (ଅନ୍-ବଚ୍-ତ) ଅକଥିତ ।

ଅନୁକ୍ରମ, ବି. (ଅନୁ-କ୍ରମ୍-ଅ) ଯଥାକ୍ରମ, ପର୍ଯ୍ୟାୟ ।

ଅନୁକ୍ରମଣିକା, ବି. ( ଅନୁ-କ୍ରମ୍-ଅନ-ଇକ-ଆ ) ଭୂମିକା, ଅବତରଣିକା ।

ଅନୁକ୍ରୋଶ, ବିଂ. (ଅନୁ-କ୍ରୁଶ୍-ଅ) ଦୟା, କୃପା ।

ଅନୁକ୍ଷଣ, କ୍ରି. ବିଂ. (ଅନୁ-କ୍ଷଣ=ସମୟ) ସର୍ବଦା ।

ଅନୁଗ<br>ଅନୁଗତ } ବିଂ. ( ଅନୁ=ପଶ୍ଚାତ୍-ଗମ୍-ଅ, ତ ) ଅନୁସରଣୀୟ, ଭୃତ୍ୟ ।

ଅନୁଗମନ, ବି. (ଅନୁ-ଗମ୍-ଅନ) ପଶ୍ଚାତ୍ ଗମନ ।

ଅନୁଗାମୀ, ବିଂ. (ଅନୁ-ଗମ୍-ଇନ୍, ଶୀଳ ଅର୍ଥରେ) ପଶ୍ଚାଦ୍‌ଗାମୀ, ସଙ୍ଗୀ ।

ଅନୁଗୃହୀତ, ବିଂ. ( ଅନୁ ଗ୍ରହ୍-ତ ) ଅନୁଗ୍ରହପ୍ରାପ୍ତ, ଉପକୃତ, ପ୍ରତିପାଳିତ ।

ଅନୁଗ୍ରହ, ବି. (ଅନୁ-ଗ୍ରହ) ଦୟା, ପ୍ରସାଦ ।

ଅନୁଗ୍ରାହକ, ବିଂ. (ଅନୁ-ଗ୍ରହ-ଅକ) ସାହାଯ୍ୟକାରୀ, ଯେ ବ୍ୟକ୍ତି ଅନୁଗ୍ରହ କରେ ।

ଅନୁଚର, ବି. (ଅନୁ-ଚର) ସଙ୍ଗୀ, ଭୃତ୍ୟ ।

ଅନୁଚିକୀର୍ଷା, ବି. (ଅନୁ=ସଦୃଶ-ଚିକୀର୍ଷା=କରିବାର ଇଚ୍ଛା) ନକଲ ବା ଅନୁକରଣ କରିବାର ଇଚ୍ଛା ।

ଅନୁଚିତ, ବିଂ. (ଅନ୍-ଉଚିତ) ଅକର୍ତ୍ତବ୍ୟ, ଅସଙ୍ଗତ ।

ଅନୁଜ, ବି. (ଅନୁ=ପଶ୍ଚାତ୍-ଜନ୍-ଅ) ସାନ ଭାଇ । ସ୍ତ୍ରୀ. ଜା, ସାନ ଭଉଣୀ ।

ଅନୁଜୀବୀ, ବିଂ. (ଅନୁ-ଜୀବ୍-ଇନ୍) ତ, ଦାସ, ଅନୁଚର ।

ଅନୁଜ୍ଞା, ବି. (ଅନୁ-ଜ୍ଞା-ଅ) ଅନୁମତି, ହୁକୁମ ।

ଅନୁଜ୍ଞାତ, ବିଂ. (ଅନୁ-ଜ୍ଞା-ତ) ଆଦିଷ୍ଟ, ଅନୁମତି-ପ୍ରାପ୍ତ ।

ଅନୁତପ୍ତ, ବିଂ. (ଅନୁ=ପଶ୍ଚାତ୍-ତପ୍-ତ) ଆଗେ କୌଣସି ମନ୍ଦ କାର୍ଯ୍ୟ କରି ପଛେ ତାପପ୍ରାପ୍ତ ।

ଅନୁତାପ, ବି. (ଅନୁ-ତପ୍-ଅ) ପଶ୍ଚାତ୍ତାପ ।

ଅନୁତ୍ତମ, ବି. (ଅନ୍-ଉତ୍ତମ) ଅତ୍ୟୁତ୍ତମ ।

ଅନୁଦାର, ବିଂ. (ଅନ୍-ଉଦାର) ଅସାଧୁ, ନୀଚାଶୟ ।

ଅନୁଦିନ, କ୍ରି. ବିଂ. (ଅନୁ-ଦିନ) ପ୍ରତିଦିନ, ପ୍ରତ୍ୟହ ।

ଅନୁଦ୍ଧତ, ବିଂ. (ଅନ୍-ଉଦ୍ଧତ) ନମ୍ର, ବିନୀତ ।

ଅନୁଧାବନ, ବି. (ଅନୁ-ଧାବ୍-ଅନ) ପଶ୍ଚାଦ୍ଗମନ, ମନୋନିବେଶ ।

ଅନୁନୟ, ବି. (ଅନୁ-ନୀ-ଅ) ବିନୟ, ସ୍ତୁତିବାଦ ।

ଅନୁନାସିକ, ବିଂ. ( ଅନୁ-ନାସିକା-ଅ ) ନାସିକାରୁ ଉଚ୍ଚାରିତ ବର୍ଣ୍ଣ । ଯଥା—ଙ, ଞ, ଣ, ନ, ମ ।

ଅନୁପକାର, ବିଂ. (ଅନ୍-ଉପକାର) ଅପକାର, କ୍ଷତି, ହାନି ।

ଅନୁପମ, ବିଂ. (ଅନ୍-ଉପମା) ଉପମାରହିତ ।

ଅନୁପଯୁକ୍ତ, ବିଂ. (ଅନ୍-ଉପଯୁକ୍ତ) ଅଯୋଗ୍ୟ,ଅକ୍ଷମ, ଅନୁଚିତ ।

ଅନୁପସ୍ଥିତ, ବିଂ. ( ଅନ୍-ଉପସ୍ଥିତ ) ଅନାଗତ, ଯେ ଆସି ନାହିଁ ।

ଅନୁପାତ, ବି. (ଅନୁ-ପତ୍-ଅ) ପଶ୍ଚାତ୍‌ପତନ, ଏକ ଅଙ୍କ ସଙ୍ଗେ ଅନ୍ୟ ଅଙ୍କର ସମ୍ବନ୍ଧ ।

ଅନୁପାନ, ବି. (ଅନୁ-ପା-ଅନ) ଔଷଧ ସେବନ ପରେ ବା ସଙ୍ଗରେ ପାନୀୟ ବା ସେବ୍ୟ ଦ୍ରବ୍ୟ ।

ଅନୁପ୍ରାଣିତ, ବିଂ. (ଅନୁ-ପ୍ର-ଣିଜନ୍ତ ଅନ୍ ଧାତୁ-ତ) ସଂଜୀବିତ, ପ୍ରୋତ୍ସାହିତ ।

ଅନୁପ୍ରାସ, ବି. (ଅନୁ-ପ୍ର-ଅସ୍-ଅ) କାବ୍ୟର ଅଳଙ୍କାର-ବିଶେଷ ।

ଅନୁବନ୍ଧ, ବି. ( ଅନୁ-ବନ୍ଧ୍-ଅ ) ସମ୍ବନ୍ଧ, ଉପକ୍ରମ, ଆରମ୍ଭ, ଅନୁରୋଧ ।

ଅନୁଭବ, ବି. (ଅନୁ-ଭୂ-ଅ) ବୋଧ, ଉପଲବ୍ଧି ।

ଅନୁଭବୀ, ବିଂ. ( ଅନୁଭବ୍-ଇନ୍ ) ଯେ ଉପଲବ୍ଧି କରେ ।

ଅନୁଭାବ, ବି. (ଅନୁ-ଭୂ-ଅ) ପ୍ରଭାବ, ମହିମା, ତେଜ ।

ଅନୁଭୂତ, ବଂ. (ଅନୁ-ଭୂ-ତ) ଉପଲବ୍ଧ ।

ଅନୁଭୂତି, ବଂ. (ଅନୁ-ଭୂ-ତି) ଉପଲବ୍ଧି, ଅନୁଭବ ।

ଅନୁମତ, ବଂ. (ଅନୁ-ମନ୍-ତ) ସ୍ୱୀକୃତ, ସମ୍ମତ, ଅନୁମୋଦିତ, ଆଦିଷ୍ଟ ।

ଅନୁମତି, ବ. (ଅନୁ-ମନ୍-ତି) ଅନୁଜ୍ଞା, ମଞ୍ଜୁରୀ ।

ଅନୁମରଣ, ବ. (ଅନୁ-ମୃ-ଅନ) ସହମରଣ ।

ଅନୁମାନ, ବ. ( ଅନୁ-ମା-ଅନ ) ହେତୁଦ୍ୱାରା ବସ୍ତୁ ନିର୍ଣ୍ଣୟ ।

ଅନୁମିତ, ବଂ. (ଅନୁ-ମା-ତ) ହେତୁ ବା ତର୍କଦ୍ୱାରା ନିଶ୍ଚିତ ।

ଅନୁମିତି, ବ. (ଅନୁ-ମା-ତି) ଅନୁମାନ ।

ଅନୁମୃତା, ବଂ. (ଅନୁ-ମୃ-ତ-ସ୍ତ୍ରୀ. ଆ) ସହମୃତା ।

ଅନୁମେୟ, ବଂ. (ଅନୁ-ମା-ଯ) ଅନୁମାନଦ୍ୱାରା ଯାହା ଜଣାଯାଏ ।

ଅନୁମୋଦନ, ବ. (ଅନୁ-ମୁଦ୍-ଅନ) ସମ୍ମତିଦାନ, ସମର୍ଥନ ।

ଅନୁଯାତ୍ରିକ } ବଂ. ( ଅନୁଯାତ୍ରା-ଇକ ) ଅନୁଚର,
ଅନୁଯାତ୍ରୀ } ସଙ୍ଗୀ ।

ଅନୁଯାୟୀ , ବଂ. (ଅନୁ-ଯା-ଇନ୍) ସଦୃଶ, ଅନୁଗାମୀ ।

ଅନୁଯୋଗ, ବ. (ଅନୁ-ଯୁଜ୍-ଅ) ପ୍ରଶ୍ନ, ତିରସ୍କାର, ଅଭିଯୋଗ ।

ଅନୁରକ୍ତ, ବଂ. (ଅନୁ-ରନ୍ଜ୍-ତ) ସ୍ନେହୀ, ଆସକ୍ତ ।

ଅନୁରକ୍ତି, ବ. ( ଅନୁ-ରନ୍ଜ୍-ତି ) ସ୍ନେହ, ଶ୍ରଦ୍ଧା, ଆସକ୍ତି ।

ଅନୁରାଗ, ବି. (ଅନୁ-ରନ୍‌ଜ୍-ଅ) ସ୍ନେହ, ପ୍ରୀତି ।

ଅନୁରାଗୀ, ବିଂ. (ଅନ-ରନ୍‌ଜ୍-ଇନ୍) ଅନୁରାଗଯୁକ୍ତ, ସ୍ନେହୀ ।

ଅନୁରାଧା, ବି. (ଅନୁ-ରାଧ୍-ଅ ଆ) ସପ୍ତଦଶ ନକ୍ଷତ୍ର ।

ଅନୁରୁଦ୍ଧ, ବିଂ. (ଅନୁ-ରୁଧ୍-ତ) ଯାହାକୁ ଅନୁରୋଧ କରାଯାଇଅଛି, ଉପରୁଦ୍ଧ ।

ଅନୁରୂପ, ବିଂ. ( ଅନୁ-ରୂପ ) ସଦୃଶ; ତୁଲ୍ୟ ।

ଅନୁରୋଧ, ବି. (ଅନୁ-ରୁଧ୍-ଅ) ଉପରୋଧ, ସ୍ୱାର୍ଥସିଦ୍ଧି ଇଚ୍ଛାରେ ପରକୁ ପ୍ରାର୍ଥନା ।

ଅନୁଲୋମ, ବିଂ. (ଅନୁ-ଲୋମ) ଅନୁକୂଳ । ବି. ଅନୁକ୍ରମ, ଯଥାକ୍ରମ ।

ଅନୁବର୍ତ୍ତନ, ବି. ( ଅନୁ-ବୃତ୍-ଅନ ) ପଶ୍ଚାତ୍ ଗମନ ।

ଅନୁବର୍ତ୍ତୀ, ବିଂ. ( ଅନୁ-ବୃତ୍-ଇନ୍ ) ପଶ୍ଚାଦ୍ଗାମୀ, ଅନୁଯାୟୀ ।

ଅନୁବାଦ, ବି. ( ଅନୁ-ବଦ୍-ଅ) ତର୍ଜମା, ଭାଷାନ୍ତରୀ-କରଣ ।

ଅନୁବାଦକ, ବିଂ. (ଅନୁ-ବଦ୍-ଅକ) ଯେ ତର୍ଜମା କରେ ।

ଅନୁଶୟ, ବି. ( ଅନୁ-ଶୀ-ଅ ) ଅନୁତାପ, ପଶ୍ଚାତ୍ତାପ ।

ଅନୁଶର, ବି. ( ଅନୁ=ସର୍ବଦା-ଶୃ=ହିଂସା କରିବା-ଅ ) ରାକ୍ଷସ ।

ଅନୁଶାସନ, ବି. ( ଅନ-ଶାସ୍-ଅନ ) ଆଜ୍ଞା, ଉପଦେଶ ।

ଅନୁଶୀଳନ, ବି. ( ଅନୁ-ଶୀଲ୍-ଅନ ) ଚର୍ଚ୍ଚା, ଅଭ୍ୟାସ, ଆବୃତ୍ତି ।

ଅନୁଶୀଳନୀ, ବି. ( ଅନୁ-ଶୀଲ୍-ଅନ-ଈ ) ସମସ୍ୟା ସମାଧାନ, ସାଧନୀ ।

ଅନୁଶୋଚନା, ବି. ( ଅନୁ-ଶୁଚ୍-ଅନ୍-ଆ ) ପଶ୍ଚାତ୍ ଶୋକ ।

ଅନୁଷ୍ଠାନ, ବି. ( ଅନୁ-ସ୍ଥା-ଅନ ) ସମ୍ପାଦନ, ଆରମ୍ଭ ।

ଅନୁଷ୍ଠିତ, ବିଂ. ( ଅନୁ-ସ୍ଥା-ତ ) ଆରବ୍ଧ, ସମ୍ପାଦିତ ।

ଅନୁସନ୍ଧାନ, ବି. ( ଅନୁ-ସମ୍-ଧା-ଅନ ) ଅନ୍ୱେଷଣ, ଗବେଷଣା ।

ଅନୁସନ୍ଧିତ୍ସା, ବି. ( ଅନୁ-ସମ୍-ଧା ଧାତୁ-ସନନ୍ତ-ଆ ) ଖୋଜିବାର ଇଚ୍ଛା ।

ଅନୁସନ୍ଧିତ୍ସୁ, ବିଂ. ( ଅନୁ-ସମ-ଧା ଧାତୁ-ସନନ୍ତ-ଉ ) ଯେ ଖୋଜେ ।

ଅନୁସରଣ, ବି. ( ଅନୁ-ସୃ-ଅନ ) ପଶ୍ଚାତ୍‌ଗମନ ।

ଅନୁସରଣିଆ, ବିଂ. ( ଦେଶଜ ) ଆଶ୍ରିତ ।

ଅନୁସରିବା, କ୍ରି. ( ଦେଶଜ ) ଆଶ୍ରିତ ହୋଇ ରହିବା ।

ଅନୁସାରୀ, ବି. ( ଅନୁ-ସୃ-ଅ, ସ୍ତ୍ରୀ. ଈ ) ଦାସୀ । ବିଂ. (ସୃ-ଇନ୍) ଅନୁଗାମୀ, ଯେ ଅନୁସରଣ କରେ ।

ଅନୁସାରେ, କ୍ରି. ବିଂ. ( ଦେଶଜ ) ଅନୁଯାୟୀ ।

ଅନୁସ୍ୱାର, ବି. ( ଅନୁ-ସ୍ୱର-ଅ ) ଯେ ସ୍ୱର ସହିତ ଉଚ୍ଚାରିତ ହୁଏ, ତାହାର ଚିହ୍ନ ଂ ।

ଅନୂଢ଼, ବିଂ. ( ଅନ୍-ବହ୍-ତ ) ଅବିବାହିତ । ସ୍ତ୍ରୀ. ଢ଼ା ଅବିବାହିତା ।

ଅନୂଦିତ ( ଅନ୍-ବଦ୍-ତ ) ଭାଷାନ୍ତରିତ ।

ଅନୂନ, ବିଂ. ( ଅନ୍-ଊନ ) ଅଧିକ, ବେଶୀ ।

ଅନୂରୁ, ( ଅନ୍-ଊରୁ ) ସୂର୍ଯ୍ୟସାରଥି, ଅରୁଣ ।

ଅନୂପ, ବିଂ. ( ଅନୁ-ଅପ୍ ) ଜଳଯୁକ୍ତ ସ୍ଥାନ, ତଳମାଳ ।

ଅନୃଣୀ, ବିଂ. ( ଅନ୍-ଋଣୀ ) ଅଋଣୀ, ଯାହାର ଋଣ ନାହିଁ ।

ଅନୃତ, ବି.( ଅନ୍-ଋତ ) ମିଥ୍ୟା ।

ଅନେକ, ସଂ. ( ଅନ୍-ଏକ ) ଅଧିକ, ଏକରୁ ବେଶୀ ।

ଅନେକପ, ବି. (ଅନ-ଏକ-ପା-ଅ) ହାତୀ ।

ଅନୈକ୍ୟ, ବି. (ଅନ-ଏକ-ଯ) ଅମିଳନ, ମତଭେଦ ।

ଅନୋକହ, ବି. ( ଅନସ୍-ଅକ-ହନ୍-ଅ ) ଗଛ ।

ଅନୌଚିତ୍ୟ, ( ଅନୁଚିତ-ଯ ) ଅବିଧି, ଅଯୁକ୍ତତା ।

ଅନ୍ତଃ, ଅଂ. ମଧ୍ୟରେ, ଭିତରେ ।

ଅନ୍ତଃକରଣ, ବି. ( ଅନ୍ତଃ-କରଣ ) ଅନ୍ତରିନ୍ଦ୍ରିୟ, ମନ ।

ଅନ୍ତଃପାତୀ, ବିଂ. ( ଅନ୍ତଃ-ପତ୍-ଇନ୍ ) ଅନ୍ତର୍ଗତ, ମଧ୍ୟଗତ ।

ଅନ୍ତଃପୁର, ବି. ( ଅନ୍ତଃ-ପୁର ) ଅନ୍ଦର ମହଲ, ସ୍ତ୍ରୀ ମହଲ ।

ଅନ୍ତଃପୁରିକା, ବି. ( ଅନ୍ତଃ-ପୁର-ଇକ-ଆ ) ଅନ୍ତଃପୁରସ୍ଥା ସ୍ତ୍ରୀ ଲୋକ ।

ଅନ୍ତଃସତ୍ତ୍ୱା, ବି. ( ଅନ୍ତଃ—ସତ୍ତ୍ୱ ) ଗର୍ଭବତୀ ।

ଅନ୍ତଃସ୍ଥ, ବିଂ. ( ଅନ୍ତଃ-ସ୍ଥା-ଅ ) ମଧ୍ୟସ୍ଥିତ, ସ୍ପର୍ଶ ଓ ଉଷ୍ମବର୍ଣ୍ଣର ମଧ୍ୟବର୍ତ୍ତୀ ।

ଅନ୍ତଃସଲିଳବାହିନୀ, ବିଂ. ( ଅନ୍ତଃ—ସଲିଳ—ବହ—ଇନ-ଈ ) ଯାହା ମଧ୍ୟରେ ଜଳ ପ୍ରବାହିତ ହୁଏ ।

ଅନ୍ତଃସାର, ବି. ( ଅନ୍ତଃ-ସାର ) ଅନ୍ତର୍ଗତ ସ୍ଥିରାଂଶ ।

ଅନ୍ତ, ବି. ( ଅମ୍-ତ ) ପ୍ରାପ୍ତ, ଶେଷ, ସୀମା, ମଧ୍ୟ, ନାଶ ।

ଅନ୍ତକ, ବି. ( ଅନ୍ତ—କ ) ଯମ, ବିନାଶକ ।

ଅନ୍ତତଃ, ଅଂ. ( ଅନ୍ତ—ତସ୍ ) ନିତାନ୍ତ ପକ୍ଷେ ।

ଅନ୍ତର, ଅଂ. ( ଅନ୍ତ—ରା-୦ ) ଅନ୍ତରେ, ମନରେ ।

ଅନ୍ତର, ବି. ( ଅନ୍ତ—ରା-ଅ ) ପ୍ରଭେଦ, ବ୍ୟବଧାନ, ଆଚ୍ଛାଦନ ।

ଅନ୍ତରଙ୍ଗ, ବିଂ. ( ଅନ୍ତଃ-ଗମ୍—ଅ ) ଆତ୍ମୀୟ ।

ଅନ୍ତରାତ୍ମା, ବି. ( ଅନ୍ତଃ—ଆତ୍ମନ୍ ) ଜୀବାତ୍ମା, ବିବେକ, ପରମାତ୍ମା ।

ଅନ୍ତରାୟ, ବି. ( ଅନ୍ତର-ଇ-ଅ ) ପ୍ରତିବନ୍ଧକ, ବିଘ୍ନ ।

ଅନ୍ତରାଳ, ବି. ( ଅନ୍ତର-ଲା-ଅ ) ଅଭ୍ୟନ୍ତର, ଉହାଡ଼ ।

ଅନ୍ତରିତ, ବିଂ. ( ଅନ୍ତର୍-ଇତ ) ତିରୋହିତ, ଅପହୃତ ।

ଅନ୍ତରିକ୍ଷ } ବି. ( ଅନ୍ତଃ-ଈକ୍ଷ-ଅ ) ଆକାଶ ।
ଅନ୍ତରୀକ୍ଷ

ଅନ୍ତରୀପ, ବି. ( ଅନ୍ତଃ-ଅପ୍-ଅ ) ଯେଉଁ ସ୍ଥଳଭାଗ କ୍ରମେ ସୂକ୍ଷ୍ମ ହୋଇ ସମୁଦ୍ର ମଧ୍ୟକୁ ପଶି ଯାଇଥାଏ ।

ଅନ୍ତର୍ଗତ, ବିଂ. (ଅନ୍ତଃ-ଗମ୍-ତ) ମଧ୍ୟବର୍ତ୍ତୀ, ମଧ୍ୟଗତ ।

ଅନ୍ତର୍ଦାହ, ବି. ( ଅନ୍ତଃ-ଦହ-ଅ ) ମନଃକଷ୍ଟ, ମନ ପୋଡ଼ିଯିବା ।

ଅନ୍ତର୍ଦ୍ଧାନ, ବି. ( ଅନ୍ତଃ-ଧା-ଅନ ) ତିରୋଧାନ, ଲୁଚିଯିବା ।

ଅନ୍ତର୍ବତ୍ନୀ, ବି. ସ୍ତ୍ରୀ. (ଅନ୍ତଃ-ବତ୍-ସ୍ତ୍ରୀ. ଈ) ଗର୍ଭବତୀ, ଗର୍ଭିଣୀ ।

ଅନ୍ତର୍ବର୍ତ୍ତୀ, ବିଂ. (ଅନ୍ତଃ-ବୃତ୍-ଇନ୍)ମଧ୍ୟସ୍ଥ, ଅନ୍ତର୍ଗତ ।

ଅନ୍ତର୍ଭୁକ୍ତ, ବିଂ. (ଅନ୍ତଃ-ଭୁଜ୍-ତ) ଅନ୍ତର୍ଗତ,ମଧ୍ୟସ୍ଥିତ ।

ଅନ୍ତର୍ଭୂତ, ବିଂ. (ଅନ୍ତଃ-ଭୂ-ତ) ଅନ୍ତର୍ଗତ,ମଧ୍ୟବର୍ତ୍ତୀ ।

ଅନ୍ତର୍ଯାମୀ, ବିଂ. (ଅନ୍ତର୍-ଯମ୍-ଇନ୍) ଯେ ମନକଥା ଜାଣନ୍ତି । ବି. ପରମେଶ୍ୱର ।

ଅନ୍ତର୍ହିତ, ବିଂ. (ଅନ୍ତର-ଧା-ତ) ତିରୋହିତ ।

ଅନ୍ତସ୍ଥ, ବିଂ. ( ଅନ୍ତ-ସ୍ଥା-ଅ ) ମଧ୍ୟସ୍ଥ, ଯ ଠାରୁ ହ ପର୍ଯ୍ୟନ୍ତ ବର୍ଣ୍ଣମାଳା ।

ଅନ୍ତି, ବି. ( ଦେଶଜ) କକ୍ଷାରୁ ପ୍ରଷ୍ଠ ତର ଭିତରେ ଥିବା ଅଂଶ ।

ଅନ୍ତିକ, ବିଂ. (ଅନ୍ତ-ଇକ) ସନ୍ନିହିତ । ବି. ସନ୍ନିଧାନ ।

ଅନ୍ତିମ, ବିଂ. (ଅନ୍ତ ଇମନ୍) ଶେଷ, ଚରମ ।

ଅନ୍ତୁଡ଼ିଶାଳ, ବି. (ଦେଶଜ) ସୂତିକାଗୃହ ।

ଅନ୍ତେବାସୀ, ବିଂ. ( ଅନ୍ତେ-ବସ୍-ଇନ୍ ) ଶିଷ୍ୟ, ଶୁଦ୍ର, ଚଣ୍ଡାଳ ।

ଅନ୍ତ୍ୟ, ବିଂ. (ଅନ୍ତ-ଯ) ଅନ୍ତିମ । ବି. ମ୍ଲେଚ୍ଛଜାତି ।

ଅନ୍ତ୍ୟଜ, ବି. (ଅନ୍ତ୍ୟ-ଜନ୍-ଅ) ଶୂଦ୍ର, ଚଣ୍ଡାଳ । ବିଂ. ଅଧମ, ନୀଚ ।

ଅନ୍ତ୍ୟବର୍ଣ୍ଣ, ବିଂ. (ଅନ୍ତ୍ୟ-ବର୍ଣ୍ଣ) ଶେଷ ଅକ୍ଷର, ଶୂଦ୍ର ଜାତି ।

ଅନ୍ତ୍ୟେଷ୍ଟି, ବି. (ଅନ୍ତ୍ୟ-ଯଜ୍-ତି) ଶେଷକ୍ରିୟା, ଶବ-ଦାହାଦି ସଂସ୍କାର ।

ଅନ୍ତ୍ର, ବି. (ଅମ୍-ତ୍ର) ଉଦରସ୍ଥ ନାଡ଼ୀ ।

ଅନ୍ଦାଜ, ବି. ( ଯାବନିକ ) ଅନୁମାନ ।

ଅନ୍ଦାଜି, ବିଂ. (ଯାବନିକ) ଆନୁମାନିକ ।

ଅନ୍ଦେଶା, ବି. (ଯାବନିକ) ଭାବନା, ଅପେକ୍ଷା ।

ଅନ୍ଧ, ବିଂ. (ଅନ୍ଧ-ଅ) ଦୃଷ୍ଟିହୀନ, ଅନ୍ଧକାରମୟ ।

ଅନ୍ଧକାର, ବିଂ. (ଅନ୍ଧ-କୃ-ଅ) ଅନ୍ଧାର ।

ଅନ୍ଧକୂପ, ବି. ଅନ୍ଧକାରମୟ କୂପ ।

ଅନ୍ଧପୁଟୁଳି } ଅନ୍ଧପୋଟଳି } ବି. (ଦେଶଜ) ଆଖିଉପରେ ଯେଉଁ ପଟି ବାନ୍ଧିଦେଲେ କିଛି ଦେଖାଯାଏ ନାହିଁ ।

ଅନ୍ଧାଧୁନ୍ଦ, ବିଂ. (ଦେଶଜ) ନ୍ୟାୟବିଚାର ବିରହିତ, ଅନ୍ୟାୟ ।

ଅନ୍ଧାର, ବି. ଅନ୍ଧକାର, ତମିର । ବିଂ. ଅନ୍ଧକାର-ମୟ ।

ଅନ୍ଧାରକଣା, ବିଂ. ( ଦେଶଜ ) ସଞ୍ଜରେ ଯାହାକୁ ଦିଶେ ନାହିଁ ।

ଅନ୍ଧାରବଜେ, ବି. (ଦେଶଜ) ରାଜା ବା ରାଜପୁରୁଷଙ୍କର ଗୋପନ ଅନୁସନ୍ଧାନ ପାଇଁ ରାତରେ ଯିବା ।

ଅନ୍ଧାରିଆ } ବିଂ. (ଦେଶଜ) ଅନ୍ଧକାରମୟ ।
ଅନ୍ଧାରୁଆ }

ଅନ୍ଧୁଣୀ, ବି. ଅନ୍ଧର ସ୍ତ୍ରୀଲିଙ୍ଗ, ମାଛ ଧରିବାର ଯନ୍ତ୍ରବିଶେଷ ।

ଅନ୍ଧ୍ରଦେଶ, ବି. କଳିଙ୍ଗର ଦକ୍ଷିଣ ଦେଶ, ପ୍ରାଚୀନ ତୈଲଙ୍ଗ ଦେଶ ।

ଅନ୍ନ, ବି. (ଅଦ୍-ତ) ଭାତ, ଖାଦ୍ୟ ।

ଅନ୍ନଦା, ବି. (ଅନ୍ନ-ଦା-ଆ) ଭଗବତୀ । ବିଂ. ଯେଉଁ ସ୍ତ୍ରୀ ଅନ୍ନ ଦାନ କରେ ।

ଅନ୍ନପୂର୍ଣ୍ଣା, ବି. ସ୍ତ୍ରୀ. (ଅନ୍ନ-ପୂର୍ଣ୍ଣ) ବିଶ୍ୱେଶ୍ୱରୀ, ଭଗବତୀ ।

ଅନ୍ନପ୍ରାଶନ, ବି. (ଅନ୍ନ-ପ୍ର-ଅଶ୍-ଅନ) ଶିଶୁର ପ୍ରଥମ ଅନ୍ନଭକ୍ଷଣ ।

ଅନ୍ୟ, ସଂ. (ଅନ୍-ଯ) ଭିନ୍ନ, ଅପର ।

ଅନ୍ୟତମ, ବିଂ. (ଅନ୍ୟ-ତମ) ଅନେକଙ୍କ ମଧ୍ୟରେ ଜଣେ ।

ଅନ୍ୟତର, ବିଂ. (ଅନ୍ୟ-ତର) ଦୁଇଜଣ ମଧ୍ୟରେ ଜଣେ ।

ଅନ୍ୟତ୍ର, ଅଂ. (ଅନ୍ୟ-ତ୍ର) ଅନ୍ୟଠାରେ ।

ଅନ୍ୟଥା, ଅଂ. (ଅନ୍ୟ-ଥା) ଅନ୍ୟ ପ୍ରକାର ।

ଅନ୍ୟପୁଷ୍ଟ, ବି. (ଅନ୍ୟ-ପୁଷ୍ଟ) କୋକିଳ ।

ଅନ୍ୟବିଧ, ବିଂ. (ଅନ୍ୟ-ବିଧା) ଅନ୍ୟ ପ୍ରକାର ।

ଅନ୍ୟଭୃତ୍, ବି. (ଅନ୍ୟ-ଭୃ-କ୍ୱିପ୍) କୁଆ, କାକ ।

ଅନ୍ୟଭୃତ, ବି. ( ଅନ୍ୟ-ଭୃ-ତ ) କୋକିଳ । ବିଂ. ଅନ୍ୟଦ୍ୱାରା ପାଳିତ ।

ଅନ୍ୟମନସ୍କ, ବିଂ. ( ଅନ୍ୟ-ମନସ୍-କ ) ଅନ୍ୟମନାଃ, ଅମନୋଯୋଗୀ ।

ଅନାଚାର, ବି. (ଅନ୍-ଆଚାର) ଅନ୍ୟାଯ୍ୟ ଆଚରଣ, ଆଚାରବହିର୍ଭୂତ କର୍ମ ।

ଅନ୍ୟାନ୍ୟ, ବି. (ଅନ୍ୟ-ଅନ୍ୟ) ଅପରାପର, ଆଉ ।

ଅନ୍ୟାୟ, ବି. (ଅ-ନ୍ୟାୟ) ଅବିଚାର ।

ଅନ୍ୟାଯ୍ୟ, ବିଂ. ( ଅ-ନ୍ୟାଯ୍ୟ ) ଅନୁଚିତ, ଯାହା ନ୍ୟାୟସଙ୍ଗତ ନୁହେ ।

ଅନ୍ୱୟ, ବି. (ଅନୁ-ଇ-ଅ) ବାକ୍ୟ କିମ୍ବା ପଦର ସମ୍ବନ୍ଧ ନିର୍ଣ୍ଣୟ, ବଂଶ, ସମ୍ବନ୍ଧ ।

ଅନ୍ୟୂନ, ବିଂ. (ଅ-ନ୍ୟୂନ) ନ୍ୟୂନ ନୁହେ, ଅଧିକ ।

ଅନ୍ୱେଷଣ, ବି. ( ଅନୁ-ଇଷ୍-ଅନ ) ଅନୁସନ୍ଧାନ, ଖୋଜିବା ।

ଅନ୍ୟୋନ୍ୟ, ବିଂ. (ଅନ୍ୟ-ଅନ୍ୟ) ପରସ୍ପର ।

ଅନ୍ୱିତ, ବିଂ. (ଅନୁ-ଇ-ତ) ଯୁକ୍ତ, ସମ୍ବନ୍ଧପ୍ରାପ୍ତ ।

ଅପ୍, ବି. (ଆପ୍-କ୍ୱିପ୍) ଜଳ ।

ଅପ, ଅଂ. ( ଉପସର୍ଗ ) ଅପକୃଷ୍ଟ, ଅଧମ, କୁତ୍ସିତ, ଅନାଦର, ବିରୁଦ୍ଧ, ବର୍ଜନ, ବିୟୋଗ ।

ଅପକର୍ଷ, ବି. (ଅପ-କୃଷ୍-ଅ) ନିକୃଷ୍ଟତା ।

ଅପକର୍ମ, ବି. (ଅପ-କର୍ମ) ନିନ୍ଦିତକର୍ମ, କୁକାର୍ଯ୍ୟ ।

ଅପକ୍ୱ, ବିଂ. (ଅ-ପଚ୍-ତ) କଞ୍ଚା, ଅସିଦ୍ଧ।

ଅପକ୍ଷପାତୀ, ବିଂ. ( ଅ-ପକ୍ଷପାତୀ ) ନିରପେକ୍ଷ, ପକ୍ଷପାତଶୂନ୍ୟ।

ଅପକାର, ବି. (ଅପ-କୃ-ଅ) ହାନି, ଅମଙ୍ଗଳ।

ଅପକାରୀ, ବିଂ. (ଅପକାର-ଇନ୍ ) କ୍ଷତିକାରକ।

ଅପକୀର୍ତ୍ତି, ବି. (ଅପ-କୀର୍ତ୍ତି) ନିନ୍ଦା, ଅଖ୍ୟାତି।

ଅପକୃଷ୍ଟ, ବିଂ. (ଅପ-କୃଷ୍-ତ) ନିକୃଷ୍ଟ, ହୀନ।

ଅପଗତ, ବିଂ. (ଅପ-ଗମ୍-ତ) ମୃତ, ପଳାୟିତ।

ଅପଗମ, ବି. ( ଅପ-ଗମ୍-ଅ ) ବିନାଶ, ପ୍ରସ୍ଥାନ, ପଳାୟନ।

ଅପଗା, ବି. (ଅପ-ଗମ୍-ଅ-ଆ) ନଦୀ।

ଅପଘନ, ବି. (ଅପ-ହନ୍-ଅ) ଶରୀର, ଅଙ୍ଗ।

ଅପଘାତ, ବି. (ଅପ-ହନ୍-ତ) ଅକାଳମୃତ୍ୟୁ।

ଅପଚୟ, ବି. (ଅପ-ଚି-ଅ) କ୍ଷତି।

ଅପଚାର, ବି. (ଅପ-ଚର୍-ଅ) ଅପଥ୍ୟଗ୍ରହଣ।

ଅପଚିତ, ବିଂ. (ଅପ-ଚି-ତ) ବ୍ୟୟିତ, ନଷ୍ଟ, କ୍ଷୀଣ।

ଅପଟୀ, ବି. (ଅ-ପଟ୍-ଅ-ଈ) ପରଦା।

ଅପଟୁ, ବିଂ. ( ଅ-ପଟୁ ) ଅକ୍ଷମ, ଅସମର୍ଥ।

ଅପଡ଼, ବି. ( ଦେଶଜ ) ବିବାଦ, ବିରୋଧ। ବିଂ. ବିରୋଧୀ।

ଅପତ୍ୟ, ବି. ( ଅ-ପତ୍-ଯ ) ପୁତ୍ର କନ୍ୟା, ସନ୍ତାନ ସନ୍ତତି।

ଅପତ୍ରପ, ବିଂ. (ଅପ-ତ୍ରପା) ନିର୍ଲଜ୍ଜ।

ଅପଥ, ବି. (ଅ-ପଥ) ଅବାଟ, କୁପଥ ।

ଅପଥ୍ୟ, ବିଂ. ( ଅ-ପଥ୍ୟ ) ରୋଗିର ଭୋଜନ ଅଯୋଗ୍ୟ ।

ଅପଦସ୍ଥ, ବିଂ. ( ଅ-ପଦ-ସ୍ଥା-ଅ ) କର୍ମଚ୍ୟୁତ, ଅପମାନିତ ।

ଅପଦାର୍ଥ, ବିଂ. (ଅ-ପଦ-ଅର୍ଥ) ଅସାର ।

ଅପଦେବତା, ବି. ( ଅପ-ଦେବତା ) ପ୍ରେତ, ଭୂତ ପ୍ରଭୃତି ଦେବଯୋନି ।

ଅପଦେଶ, ବି. (ଅପ-ଦିଶ୍-ଅ) ଛଳ,ବ୍ୟାଜ, କପଟ ।

ଅପନୟନ, ବି. (ଅପ-ନୀ-ଅନ) ଦୂରୀକରଣ ।

ଅପନୀତ, ବିଂ. (ଅପ-ନୀ-ତ) ଦୂରୀକୃତ ।

ଅପନୋଦନ, ବି. (ଅପ-ନୁଦ୍-ଅନ) ଖଣ୍ଡନ, ତ୍ୟାଗ ।

ଅପନ୍ତରି, ବି. (ଦେଶଜ) ଜନସମାଗମଶୂନ୍ୟ ପ୍ରାନ୍ତର ।

ଅପଭାଷା, ବି. (ଅପ-ଭାଷା) ନିନ୍ଦିତ ଭାଷା ।

ଅପଭ୍ରଂଶ } ବି. (ଅପ-ଭ୍ରନ୍ସ୍-ଅ) ଅପଭାଷା ।
ଅପଭ୍ରଂସ }

ଅପମାନ, ବି. (ଅପ-ମା-ଅନ) ଅବଜ୍ଞା, ଅନାଦର ।

ଅପମାନିତ, ବିଂ. ( ଅପ-ମାନିତ ) ତିରସ୍କୃତ, ଅନାଦୃତ ।

ଅପମାରଙ୍ଗ, ବି. (ଦେଶଜ) ଅପାମାର୍ଗ, କ୍ଷୁଦ୍ରଗୁଳ୍ମ-ବିଶେଷ ।

ଅପମୃତ୍ୟୁ, ବି. (ଅପ-ମୃ-ତ୍ୟୁ ) ଅକାଳମୃତ୍ୟୁ ।

ଅପଯଶଃ, ବି. (ଅପ-ଯଶଃ) ନିନ୍ଦା ।

ଅପର, ବିଂ. (ଅ-ପୃ-ଅ) ଅନ୍ୟ, ଭିନ୍ନ ।
ଅପରନ୍ତ, ଅଂ. (ଅପର-ନ୍ତ) ପରକାଳରେ ।
ଅପରପକ୍ଷ, ବି. (ଅପର-ପକ୍ଷ) କୃଷ୍ଣପକ୍ଷ, ପିତୃପକ୍ଷ ।
ଅପରାଜିତ, ବିଂ. (ଅ-ପରା-ଜି-ତ) ଅପରାଭୂତ, ଯେ ହାର ନାହିଁ । ବି. ବିଷ୍ଣୁ ।
ଅପରାଜିତା, ବି. ଦୁର୍ଗା, ଏକ ପ୍ରକାର ଲତା ।
ଅପରାଧ, ବି. (ଅପ-ରାଧ୍-ଅ) ଦୋଷ ।
ଅପରାଧୀ, ବିଂ. (ଅପରାଧ-ଇନ୍) ଦୋଷୀ ।
ଅପରାହ୍ଣ, ବି. (ଅପର-ଅହନ୍) ଉପରବେଳା ।
ଅପରିଚିତ, ବିଂ. (ଅ-ପରି-ଚି-ତ) ଅଚିହ୍ନା, ଅଜଣା ।
ଅପରିଚ୍ଛନ୍ନ, ବିଂ. (ଅ-ପରି-ଛଦ୍-ତ) ମଳିନ ।
ଅପରିଚ୍ଛିନ୍ନ, ବିଂ. (ଅ-ପରି-ଛିଦ୍-ତ) ଅସୀମ ।
ଅପରିଣତ, ବିଂ. (ଅ-ପରି-ନମ୍-ତ) କଞ୍ଚା, ଅପକ୍ୱ ।
ଅପରିଣାମଦର୍ଶୀ, ବିଂ. (ଅପରିଣାମ-ଦୃଶ୍-ଇନ୍) ପରେ କଣ ଘଟିବ ଏହା ନ ବିଚାରି ଯେ କର୍ମ କରେ ।
ଅପରିମିତ, ବିଂ. (ଅ-ପରି-ମା-ତ) ପରିମାଣରହିତ, ପ୍ରଚୁର ।
ଅପରିଷ୍କାର, ବି. ବିଂ. (ଅ-ପରିଷ୍କାର) ଅନିର୍ମଳ ।
ଅପରିଷ୍କୃତ, ବିଂ. (ଅ-ପରିଷ୍କୃତ) ଅମାର୍ଜିତ ।
ଅପରିସୀମ, ବିଂ. (ଅ-ପରି-ସୀମା-ଅ) ଅସୀମ, ସୀମାରହିତ ।
ଅପରିହାର୍ଯ୍ୟ, ବିଂ. (ଅ-ପରି-ହୃ-ଯ) ଅଲଂଘ୍ୟ ।

ଅପରୋକ୍ଷ, ବି°. (ଅ-ପରୋକ୍ଷ) ପ୍ରତ୍ୟକ୍ଷ, ସାକ୍ଷାତ୍ ।

ଅପରୂପ, ବି°. (ଅପ-ରୂପ) ତୁଳନାରହିତ ।

ଅପର୍ଣ୍ଣା, ବି. (ଅ-ପର୍ଣ୍ଣ-ଆ) ପାର୍ବତୀ ।

ଅପତ୍ତିଆ } ବି°. ( ଅପ୍ରତ୍ୟୟ ଶବ୍ଦଜ ) ଯାହାର
ଅପତ୍ତିଆଣୀ } ବିଶ୍ବବାରେ ବିଶ୍ୱାସ ନ ଥାଏ ।

ଅପର୍ଯ୍ୟାପ୍ତ, ବି°. ( ଅ-ପରି-ଆପ୍-ତ ) ଅପରିମିତ, ଅସୀମ ।

ଅପଳାପ, ବି. (ଅପ-ଲପ୍-ଅ) ଅସ୍ବୀକାର ।

ଅପବର୍ଗ, ବି. ( ଅପ-ବୃଜ୍-ଅ ) ମୋକ୍ଷ, ଫଳସିଦ୍ଧି, ପରିତ୍ୟାଗ ।

ଅପବାଦ, ବି. (ଅପ-ବଦ୍-ଅ) ନିନ୍ଦା ।

ଅପବ୍ୟୟ, ବି. (ଅପ-ବି-ଇ-ଅ) ବୃଥା ଖରଚ ।

ଅପବ୍ୟୟୀ, ବି°. (ଅପବ୍ୟୟ-ଇନ୍) ବୃଥା ଖର୍ଚ୍ଚି ।

ଅପଶଦ } ବି°. (ଅପ-ସଦ୍-ଅ) ଅଧମ ।
ଅପସଦ }

ଅପସନ୍ଦ, ବି°. (ଦେଶଜ) ଅମନୋମତ, ନିନ୍ଦିତ ।

ଅପସର, ବି. (ଅପ-ସୃ-ଅ) ବଡ଼ ଡକାଆ ।

ଅପସରିବା, କ୍ରି. ଘୁଞ୍ଚିବା, ଅପସୃତ ହେବା ।

ଅପସାରିତ, ବି° (ଅପ-ସାରି-ତ) ବହିର୍ଗତ, ଚ୍ୟୁତ, ପଳାୟିତ ।

ଅପସୃତ, ବି°. (ଅପ-ସୃ-ତ) ଅପଗତ, ଚଳିତ ।

ଅପସ୍ମାର, ବି. ( ଅପ-ସ୍ମୃ-ଅ ) ବାତରୋଗବିଶେଷ, ମୂର୍ଚ୍ଛା ରୋଗ ।

ଅପହତ, ବିଂ. (ଅପ-ହନ୍-ତ) ନଷ୍ଟ, ମୃତ ।
ଅପହରଣ, ବି. (ଅପ-ହୃ-ଅନ) ଚୌର୍ଯ୍ୟ ।
ଅପହାରକ, ବିଂ. (ଅପ-ହୃ-ଅକ) ଚୋର ।
ଅପହୃତ, ବିଂ. (ଅପ-ହୃ-ତ) ଚୋରିତ, ଅପଚିତ ।
ଅପହ୍ନବ } ବି. ( ଅପ-ହ୍ନୁ-ଅ, ତ ) ଗୋପନ,
ଅପହ୍ନୁତି } ଅପଲାପ, ଅସ୍ୱୀକାର ।
ଅପା, ବି. (ଦେଶଜ) ବଡ଼ ଭଉଣୀ, ନାନୀ, ପିଇସୀ ।
ଅପାକ, ବି. (ଅ-ପଚ୍-ଅ) ଅପକ୍ୱାବସ୍ଥା ।
ଅପାଙ୍ଗ, ବି. (ଅପ-ଅଙ୍ଗ)ଚକ୍ଷୁର ପ୍ରାନ୍ତଭାଗ, କଟାକ୍ଷ ।
ଅପାଟବ, ବି. (ଅ-ପାଟବ) ଅପଟୁତ୍ୱ । ( ଦେଶଜ ) ଅସଙ୍ଗତ ।
ଅପାଣ୍ଡୁକ, ବିଂ. (ଗ୍ରାମ୍ୟ) ନିର୍ବୋଧ ।
ଅପାତ୍ର, ବି. (ଅ-ପାତ୍ର) ଅସତ୍ ପାତ୍ର, ଅଧମ ପାତ୍ର ।
ଅପାଦାନ, ବି. (ଅପ-ଆ-ଦା-ଅନ) କାରକବିଶେଷ ।
ଅପାନ, ବି. (ଅପ-ଅନ୍-ଅ) ଶରୀରର ବାୟୁବିଶେଷ, ଅଧୋବାୟୁ, ମଳଦ୍ୱାର ।
ଅପାମାର୍ଗ, ବି. (ଅପ-ଆ-ମୃଜ୍-ଅ) ଅପାମାରଙ୍ଗ ।
ଅପାୟ, ବି. (ଅପ-ଇ-ଅ) ବିନାଶ, କ୍ଷତି ।
ଅପାର, ବିଂ. (ଅ-ପାର) ଅସୀମ ।
ଅପାରଗ, ବିଂ. (ଅ-ପାରଗ) ଅକ୍ଷମ, ଅଯୋଗ୍ୟ ।
ଅପାଳକ, ବି. (ଅ-ପାଳକ) ଦୁର୍ଭିକ୍ଷ, ଅନାବୃଷ୍ଟି ।
ଅପି, ଅଂ. ( ଉପସର୍ଗ ) ସମ୍ଭାବନା, ନିଶ୍ଚୟ, ସନ୍ଦେହ, ନିନ୍ଦା, ପ୍ରଶ୍ନ, ଅନୁଜ୍ଞା ।

ଅପିଚ }
ଅପିତୁ } ଅଂ. (ଅପି-ଚ, ତୁ) ଆହୁରି, କନ୍ତୁ ।

ଅପିଧାନ, ବି. (ଅପି-ଧା-ଅନ) ଆଚ୍ଛାଦନ, ଆବରଣ ।

ଅପିଲ, ବି. (ଇଂ. Appeal) ଉଚ୍ଚ ବିଚାରାଳୟରେ ପୁନର୍ବିଚାର ପ୍ରାର୍ଥନା ।

ଅପୁତ୍ର }
ଅପୁତ୍ରକ } ବିଂ. (ଅ-ପୁତ୍ର, କ) ପୁତ୍ରହୀନ, ନିଃସନ୍ତାନ ।

ଅପୂପ, ବି. (ଅ-ପୂପ) ପିଷ୍ଟକ, ପିଠା ।

ଅପୂର୍ବ, ବିଂ. (ଅ-ପୂର୍ବ) ଆଶ୍ଚର୍ଯ୍ୟଜନକ । ବି. ଅଦୃଷ୍ଟ, କପାଳ ।

ଅପେକ୍ଷା, ବି. ( ଅପ-ଈକ୍ଷ-ଆ ) ଅନାଇ ରହିବା, ଆକାଙ୍କ୍ଷା, ପ୍ରତୀକ୍ଷା ।

ଅପେକ୍ଷାକୃତ, ବିଂ. (ଅପେକ୍ଷା-କୃ-ତ) ତୁଳନାରେ ।

ଅପେକ୍ଷିତ, ବିଂ. (ଅପ-ଈକ୍ଷିତ) ଆକାଙ୍କ୍ଷିତ ।

ଅପେତ, ବିଂ. (ଅପ-ଇ-ତ) ତ୍ୟକ୍ତ, ଗତ ।

ଅପେୟ, ବି. (ଅ-ପେୟ) ପାନର ଅଯୋଗ୍ୟ ।

ଅପୋଗଣ୍ଡ, ବି. (ଅ-ପୋଗଣ୍ଡ) ୫ଠାରୁ ୧୦ ପର୍ଯ୍ୟନ୍ତ ବୟସର ବାଳକଙ୍କୁ ପୋଗଣ୍ଡ କହାଯାଏ, ଅପୋଗଣ୍ଡ ଯେ ତହିଁରୁ ସାନ ।

ଅପୌରୁଷେୟ, ବିଂ. (ଅ-ପୁରୁଷ-ଏୟ) ଅମାନୁଷ ।

ଅପ୍ରକଟ, ବିଂ. (ଅ-ପ୍ରକଟ) ଅପ୍ରକାଶିତ ।

ଅପ୍ରକାଶ୍ୟ, ବିଂ. (ଅ-ପ୍ରକାଶ୍ୟ) ପ୍ରକାଶର ଅଯୋଗ୍ୟ, ଗୋପନୀୟ ।

ଅପ୍ରଚ୍ଛନ୍ନ } ବି. ( ଗ୍ରାମ୍ୟ ) ଅପରିଷ୍କୃତ, ମଳିନ,
ଅପ୍ରଚ୍ଛିନ୍ନ } ହୀନ ।

ଅପ୍ରତିଭ, ବିଂ. (ଅ-ପ୍ରତିଭା) ବୁଦ୍ଧିହୀନ, ଲଜ୍ଜିତ ।

ଅପ୍ରତିମ, ବିଂ. ( ଅ-ପ୍ରତିମା ) ନିରୁପମ, ଅନୁପମ, ଅତୁଲ୍ୟ ।

ଅପ୍ରତିଷ୍ଠ, ବିଂ. (ଅ-ପ୍ରତିଷ୍ଠା) ପ୍ରତିଷ୍ଠିତ ହୋଇ ନ ଥିବା, ଯଶୋହୀନ ।

ଅପ୍ରତିହତ, ବିଂ. ( ଅ-ପ୍ରତି-ହନ୍-ତ ) ପ୍ରତିବନ୍ଧକରହିତ ।

ଅପ୍ରତୁଳ, ବି. (ଅ-ପ୍ର-ତୁଳ-ଅ) ଅଭାବ । ବିଂ. ଅଳ୍ପ ।

ଅପ୍ରତ୍ୟକ୍ଷ, ବିଂ. ( ଅ-ପ୍ରତ୍ୟକ୍ଷ ) ଅଜଣା, ଅସାକ୍ଷାତ୍, ପରୋକ୍ଷ ।

ଅପ୍ରମତ୍ତ, ବିଂ. (ଅ-ପ୍ରମତ୍ତ) ସାବଧାନ ।

ଅପ୍ରମିତ, ବିଂ. (ଅ-ପ୍ର-ମା-ତ) ଅସଂଖ୍ୟ, ଅଗଣିତ ।

ଅପ୍ରଶସ୍ତ, ବିଂ. (ଅ-ପ୍ରଶସ୍ତ) ସଂକୀର୍ଣ୍ଣ, ମନ୍ଦ, ନିନ୍ଦିତ, ଅଶୁଭ ।

ଅପ୍ରସ୍ତୁତ, ବିଂ. (ଅ-ପ୍ରସ୍ତୁତ) ଲଜ୍ଜିତ, ଅପ୍ରତିଭ ।

ଅପ୍ରାକୃତ, ବିଂ. (ଅ-ପ୍ରାକୃତ) ଯାହା ନୈସର୍ଗିକ ନୁହେ, ଅକୃତ୍ରିମ ।

ଅପ୍ରାପ୍ତବୟସ୍କ, ବିଂ. (ଅ-ପ୍ରାପ୍ତ-ବୟଃ-କ) ନାବାଳକ ।

ଅପ୍ରାପ୍ୟ, ବିଂ. (ଅ-ପ୍ର-ଆପ୍-ଯ) ଦୁର୍ଲଭ, ଦୁଷ୍ପ୍ରାପ୍ୟ ।

ଅପ୍ରିୟ, ବିଂ. (ଅ-ପ୍ରିୟ) ଅନଭିମତ । ବି. ନିନ୍ଦା ।

ଅପ୍ରୀତି, ବି. (ଅ-ପ୍ରୀତି) ଅପ୍ରଣୟ, ବିରୋଧ, ବିବାଦ ।

ଅପ୍ସରା, ବ. ( ଅପ-ସୃ-ଅସ୍ ) ସ୍ୱର୍ଗବେଶ୍ୟା ।
ଅଫିମ, ବ. (ଦେଶଜ) ଅହିଫେନ, ଆପୁ ।
ଅଫିସ୍, ବ. (ଇଂ.Office)ସରକାରୀ କାର୍ଯ୍ୟକ୍ଷେତ୍ର ।
ଅଫୁଟା, ବ. (ଦେଶଜ) ଅପ୍ରକାଶିତ, ଅବ୍ୟକ୍ତ ।
ଅଫେନ, ବ. (ଅ-ଫେନ) ଅଫିମ ।
ଅବଧ, ବଂ. (ଗ୍ରା) ( ଅବଧ୍ୟର ଅପଭ୍ରଂଶ ) ବଧର ଅଯୋଗ୍ୟ । ବ. ଅଯୋଧ୍ୟା ।
ଅବର୍ଯ୍ୟା, ବଂ. (ଗ୍ରାମ୍ୟ) ଅପରିଷ୍କୃତ, ମଳିନ, ନିନ୍ଦ୍ୟ ।
ଅବା, ଅଂ. ଅଥବା, କିମ୍ବା, ପୁଣି ।
ଅବାଟ, ବ. (ଦେଶଜ) ଅମଡ଼ା, ଅପଥ ।
ଅବାଧ, ବଂ. (ଅ-ବାଧା) ବାଧାହୀନ ।
ଅବଗୁଣ, ବ. (ଦେଶଜ) ଦୁର୍ଗୁଣ, ଅନିଷ୍ଟ, ମନ୍ଦ ।
ଅବୋଧ, ବଂ. (ଅ-ବୋଧ) ନିର୍ବୋଧ, ଅଜ୍ଞାନ ।
ଅବ୍ଜ, ବ. (ଅପ୍-ଜନ୍-ଅ) ପଦ୍ମ, ଚନ୍ଦ୍ର, ଶଙ୍ଖ ।
ଅବ୍ଦ, ବ. (ଅପ୍-ଦା-ଅ)ଜଳଦ, ମେଘ, ବର୍ଷ, ମୁଥା ।
ଅବ୍ଧି, ବ. (ଅପ୍-ଧା-ଇ) ଜଳଧି, ସମୁଦ୍ର ।
ଅବ୍ରାହ୍ମଣ, ବ. (ଅ-ବ୍ରାହ୍ମଣ) ନିନ୍ଦିତ ବ୍ରାହ୍ମଣ ।
ଅଭକ୍ତି, ବ. (ଅ-ଭକ୍ତି) ଘୃଣା, ଅଶ୍ରଦ୍ଧା ।
ଅଭକ୍ଷ୍ୟ, ବ. (ଅ-ଭକ୍ଷ୍ୟ) ଅଖାଦ୍ୟ ।
ଅଭଡ଼ା } ବ. ( ଦେଶଜ ) ଅନ୍ନ ମହାପ୍ରସାଦ,
ଅବଢ଼ା } ଅବବାହିତ ପୁରୁଷ ।
ଅଭଦ୍ର, ବଂ. (ଅ-ଭଦ୍ର) ଅସଭ୍ୟ, ନିନ୍ଦିତ ।
ଅଭବ୍ୟ, ବଂ. (ଅ-ଭବ୍ୟ) ଅସଭ୍ୟ, ଠକ ।

ଅଭସ୍ମ, ବି. ( ଅ-ଭସ୍ମ-ଅ ) ଭସ୍ମଶୂନ୍ୟ । ବି. ବେଣାମୂଳ ।

ଅଭସ୍ମା, ବି. ( ଅ-ଭସ୍ମ-ଅ ) ଦୁର୍ଗା, ହରଡ଼ା । ବିଂ. ଭସ୍ମଶୂନ୍ୟା ।

ଅଭାଗା, ବିଂ. (ଦେଶଜ) ହତଭାଗ୍ୟ, ଦୁର୍ଭାଗ୍ୟ ।

ଅଭାଗୀ }
ଅଭାଗିନୀ } ବିଂ. ସ୍ତ୍ରୀ. (ଦେଶଜ) ହତଭାଗିନୀ ସ୍ତ୍ରୀ ।

ଅଭାଜନ, ବି. ( ଅ-ଭାଜନ ) ଅପାତ୍ର, ଅଯୋଗ୍ୟ-ପାତ୍ର ।

ଅଭାବ, ବି. (ଅ-ଭୂ-ଅ) ନ ଥିବା, ଅବିଦ୍ୟମାନତା ।

ଅଭାବନୀୟ, ବିଂ. ( ଅ-ଭୂ-ଅନୀୟ ) ଅଚିନ୍ତନୀୟ ।

ଅଭି, ଅଂ. ( ଉପସର୍ଗ ) ନିକଟ, ସର୍ବତୋଭାବ, ସାଦୃଶ୍ୟ, ବିଦ୍ୟମାନତା, ଅଭିମୁଖ୍ୟ, ବିଶେଷ ଉପକରଣ ଇତ୍ୟାଦି ।

ଅଭିଆଡ଼ୀ, ବିଂ. ସ୍ତ୍ରୀ. ( ଦେଶଜ ) ଅବିବାହିତା, ଅନୂଢ଼ା ।

ଅଭିକ, ବିଂ. ( ଅଭି-କମ୍-ଅ ) କାମୁକ, ଲମ୍ପଟ ।

ଅଭିଖ୍ୟା, ବି. ( ଅଭି-ଖ୍ୟା-ଅ-ଆ ) ଶୋଭା, ନାମ ।

ଅଭିଚାର, ବି. ( ଅଭି-ଚର୍-ଅ ) ପରହିଂସା-କର୍ମ, ମାରଣ ।

ଅଭିଜନ, ବି. ( ଅଭି-ଜନ୍-ଅ ) ସଦ୍‌ବଂଶ ।

ଅଭିଜାତ, ବିଂ. ( ଅଭି-ଜନ୍-ତ ) ସଦ୍‌ବଂଶଜାତ, କୁଳୀନ ।

ଅଭିଜ୍ଞ, ବିଂ. ( ଅଭି-ଜ୍ଞା-ଅ ) ପଣ୍ଡିତ, ନିପୁଣ ।
ଅଭିଜ୍ଞତା, ବି. ( ଅଭିଜ୍ଞ-ତା ) ନିପୁଣତା, ବହୁ-ଦର୍ଶିତା ।

ଅଭିଜ୍ଞା, ବି. (ଅଭିଜ୍ଞ-ଆ) ପ୍ରଥମଜ୍ଞାନ, ଆଦ୍ୟଜ୍ଞାନ ।
ଅଭିଜ୍ଞାନ, ବି. (ଅଭି-ଜ୍ଞା-ଅନ) ଚିହ୍ନ, ସ୍ମାରକ ବସ୍ତୁ ।
ଅଭିଜ୍ଞାନଶକୁନ୍ତଳ, ବି. ବିଖ୍ୟାତ କବି କାଳିଦାସଙ୍କ ବିରଚିତ ନାଟକ ଗ୍ରନ୍ଥବିଶେଷ ।
ଅଭିଧା, ବି. ( ଅଭି-ଧା-ଅ ) ନାମ, ଶବ୍ଦ ଶକ୍ତି-ବିଶେଷ ।
ଅଭିଧାନ, ବି. ( ଅଭି-ଧା-ଅନ ) ନାମ, ଶବ୍ଦକୋଷ ।
ଅଭିଧେୟ, ବିଂ. (ଅଭି-ଧା-ଯ) ବାଚ୍ୟ, କଥନୀୟ ।
ଅଭିନନ୍ଦନ, ବି. (ଅଭି-ନନ୍ଦ୍-ଅନ) ପ୍ରଶଂସା, ସ୍ତୁତି ।
ଅଭିନୟ, ବି. (ଅଭି-ନୀ-ଅ) ନାଟକ ପ୍ରଦର୍ଶନ ।
ଅଭିନବ, ବିଂ. (ଅଭି-ନୁ-ଅ) ନୂତନ ।
ଅଭିନିବିଷ୍ଟ,ବିଂ. (ଅଭି-ନି-ବିଶ୍-ତ) ମନୋଯୋଗୀ ।
ଅଭିନିବେଶ, ବି. (ଅଭି-ନି-ବିଶ୍-ଅ) ମନୋଯୋଗ ।
ଅଭିମାତ, ବିଂ. (ଅଭି-ମା-ତ) ସଜ୍ଜିତ, ଭୂଷିତ ।
ଅଭିନେତା, ବିଂ. ( ଅଭି-ନୀ-ତୃ ) ଅଭିନୟକାରୀ ।
ଅଭିନ୍ନ, ବିଂ. (ଅ-ଭିନ୍ନ) ଅବିଭକ୍ତ, ସମଗ୍ର, ଏକ ।
ଅଭିପ୍ରାୟ, ବି. (ଅଭି-ପ୍ର-ଇ-ଅ) ଆଶୟ, ଭାବ ।
ଅଭିପ୍ରେତ, ବିଂ. (ଅଭି-ପ୍ର-ଇ ତ) ବାଞ୍ଛିତ, ସମ୍ମତ ।
ଅଭିଭବ, ବି. ( ଅଭି-ଭୂ-ଅ ) ପରାଭବ, ହାରିବା ।
ଅଭିଭାବକ, ବି. ( ଅଭି-ଭୂ-ଅକ ) ରକ୍ଷକ, ଆଶ୍ରୟ-ଦାତା ।

ଅଭିଭୂତ, ବିଂ. (ଅଭି-ଭୂ-ତ) ପରାସ୍ତ, ଅବଶ ।

ଅଭିମତ, ବି. ( ଅଭି-ମନ୍-ତ ) ଅଭିପ୍ରାୟ । ବିଂ. ସମ୍ମତ ।

ଅଭିମନ୍ୟୁ, ବି. (ଅ-ଭି-ମନ୍ୟୁ) ଅର୍ଜୁନଙ୍କ ଔରସରେ ସୁଭଦ୍ରାଙ୍କ ଗର୍ଭଜାତ ସନ୍ତାନ ।

ଅଭିମାନ, ବି. (ଅଭି-ମା ଅନ) ଅହଙ୍କାର ।

ଅଭିମାନୀ, ବିଂ. ( ଅଭିମାନ-ଇନ୍ ) ଅହଙ୍କାରୀ, ଅଭିମାନଯୁକ୍ତ ।

ଅଭିମୁଖ, ବିଂ. (ଅଭି-ମୁଖ) ସମ୍ମୁଖ, ସମକ୍ଷ ।

ଅଭିଯାନ, ବି. (ଅଭି-ଯା-ଅନ) ଅଭିଗମନ, ଆକ୍ରମଣ, ଯୁଦ୍ଧଯାତ୍ରା ।

ଅଭିଯୁକ୍ତ, ବିଂ. (ଅଭି-ଯୁଜ-ତ) ଆକ୍ରାନ୍ତ, ପ୍ରତିବାଦୀ, ଆସାମୀ ।

ଅଭିଯୋକ୍ତା ବିଂ. (ଅଭି-ଯୁଜ୍-ତ) ଅଭିଯୋଗକାରୀ, ବାଦୀ ।

ଅଭିଯୋଗ, ବି. (ଅଭି-ଯୁଜ୍-ଅ) ନାଲିଶ, ଗୁହାରି, ଆକ୍ରମଣ ।

ଅଭିରାମ, ବିଂ. (ଅଭି-ରମ୍-ଅ) ସୁନ୍ଦର, ପ୍ରିୟ ।

ଅଭିରୁଚି, ବି. (ଅଭି-ରୁଚ୍-ଇ) ସ୍ପୃହା, ଇଚ୍ଛା ।

ଅଭିଲଷଣୀୟ, ବିଂ. (ଅଭି-ଲଷ୍-ଅନୀୟ) ବାଞ୍ଛନୀୟ ।

ଅଭିଲଷିତ, ବିଂ. (ଅଭି-ଲଷ୍-ତ) ବାଞ୍ଛିତ, ଇଷ୍ଟ ।

ଅଭିଲା, ବିଂ. (ଦେଶଜ ) ନିଷ୍କର୍ମା, ନିର୍ଲଜ୍ଜ ।

ଅଭିଳାଷ, ବି. (ଅଭି-ଲଷ୍-ଅ) ସ୍ପୃହା, ଅନୁରାଗ ।

ଅଭିବାଦନ, ବି. ( ଅଭି-ବଦ୍-ଇ-ଅନ ) ପାଦ ସ୍ପର୍ଶ-ପୂର୍ବକ ବନ୍ଦନା ବା ନମସ୍କାର ।

ଅଭିବ୍ୟକ୍ତ, ବିଂ. (ଅଭି-ବ୍ୟକ୍ତ) ପ୍ରକାଶିତ ।

ଅଭିବ୍ୟକ୍ତି, ବି. (ଅଭି-ବି-ଅନ୍‌ଜ୍-ତି) ପ୍ରକାଶ ।

ଅଭିଶପ୍ତ, ବିଂ. (ଅଭି-ଶପ୍-ତ) ଅଭିଶାପଗ୍ରସ୍ତ ।

ଅଭିଶାପ, ବି. (ଅଭି-ଶପ୍-ଅ) ଅଭିସମ୍ପାତ, ମିଥ୍ୟା-ଦୋଷାରୋପ ।

ଅଭିଷିକ୍ତ, ବିଂ. (ଅଭି-ସିଚ୍-ତ) ସ୍ନାତ ।

ଅଭିଷେକ, ବିଂ. (ଅଭି-ସିଚ୍-ଅକ) ମନ୍ତ୍ରାଦି ପାଠଦ୍ୱାରା ପୂତ ଜଳରେ ସ୍ନାନ ।

ଅଭିସନ୍ଧି, ବି. ( ଅଭି-ସମ୍-ଧା-ଇ ) ଅଭିପ୍ରାୟ, ଉଦ୍ଦେଶ୍ୟ ।

ଅଭିସମ୍ପାତ, ବି. (ଅଭି-ସମ୍-ପତ୍-ଅ) ଅଭିଶାପ ।

ଅଭିସାର, ବି. ( ଅଭି-ସୃ-ଅ ) ସଙ୍କେତ ସ୍ଥାନକୁ ଗମନ ।

ଅଭିସାରିକା, ବି. (ଅଭି-ସୃ-ଇକ-ଆ) ସଙ୍କେତସ୍ଥାନ-ଗାମିନୀ ।

ଅଭିସାରିଣୀ, ବି. ସ୍ତ୍ରୀ. ( ଅଭି-ସୃ-ଇନ୍-ଈ ) ଅଭିସାରିକା ।

ଅଭିହିତ, ବିଂ. (ଅଭି-ଧା-ତ) କଥିତ, ଉକ୍ତ ।

ଅଭୀପ୍‌ସିତ, ବିଂ. ( ଅଭି-ଆପ୍-ସନ୍-ତ ) ବାଞ୍ଛିତ, ଅଭିଳଷିତ ।

ଅଭୀଷ୍ଟ, ବିଂ. (ଅଭି-ଇଷ୍-ତ) ବାଞ୍ଛିତ, ଅଭିଳଷିତ ।

ଅଭୁକ୍ତ, ବି°. (ଅ-ଭୁଜ୍-ତ) ଅନାହାରୀ, ଯେ ଖାଇ ନାହିଁ, ଯାହା ଖିଆଯାଇ ନାହିଁ ।

ଅଭୂତପୂର୍ବ, ବି°. (ଅ-ଭୂ-ତ ପୂର୍ବ) ଆଶ୍ଚର୍ଯ୍ୟଜନକ, ଯାହା ପୂର୍ବେ ହୋଇ ନ ଥିଲା ।

ଅଭେକା, ବି°. (ଦେଶଜ) ଦରିଦ୍ର, ବସ୍ତ୍ରହୀନ, ନିଷ୍କର୍ମା ।

ଅଭେଦ୍ୟ, ବି°. (ଅ-ଭିଦ୍-ଯ) ଅଭେଦନୀୟ, ଯାହା ଭେଦ କରାଯାଇ ନ ପାରେ ।

ଅଭ୍ୟଙ୍ଗ, ବି. (ଅଭି-ଅଙ୍ଗ) ତୈଳାଦି ମର୍ଦ୍ଦନ ।

ଅଭ୍ୟନ୍ତର, ବି. (ଅଭି-ଅନ୍ତର) ମଧ୍ୟ, ଅନ୍ତରାଳ । ବି°. ମଧ୍ୟବର୍ତ୍ତୀ ।

ଅଭ୍ୟନ୍ତରୀଣ, ବି°. (ଅଭ୍ୟନ୍ତର-ଈନ୍) ଅନ୍ତର୍ବର୍ତ୍ତୀ, ମଧ୍ୟବର୍ତ୍ତୀ ।

ଅଭ୍ୟର୍ଥନା, ବି. (ଅଭି-ଅର୍ଥ୍-ଅନ୍-ଆ) ସମାଦର ।

ଅଭ୍ୟସ୍ତ, ବି°. (ଅଭି-ଅସ୍-ତ) ଅଭ୍ୟାସଦ୍ୱାରା ଶିକ୍ଷିତ ।

ଅଭ୍ୟାଗତ, ବି. (ଅଭି-ଆ-ଗମ୍-ତ) ଅତିଥି । ବି°. ସମ୍ମୁଖାଗତ ।

ଅଭ୍ୟାସ, ବି. (ଅଭି-ଅସ୍-ଅ) ପୁନଃ ପୁନଃ ଅନୁଶୀଳନ । ବି°. ନିକଟ ।

ଅଭ୍ୟୁତ୍ଥାନ, ବି. (ଅଭି-ଉତ୍-ସ୍ଥା-ଅନ) ଅଭ୍ୟୁଦୟ, ଉନ୍ନତି, ଉଦ୍ୟମ ।

ଅଭ୍ୟୁତ୍ଥିତ, ବି°. ( ଅଭି-ଉତ୍-ସ୍ଥା-ତ ) ଉଦିତ, ପ୍ରଜ୍ୱଳିତ ।

ଅଭ୍ୟୁଦୟ, ବି. (ଅଭି-ଉତ୍-ଇ-ଅ) ମଙ୍ଗଳ, ଉନ୍ନତି ।
ଅଭ୍ର, ବି. (ଅପ୍-ଭୃ-ଅ) ଆକାଶ, ମେଘ, ମେଘନାଳ ।
ଅଭ୍ରଂଲିହ, ବିଂ. (ଅଭ୍ର-ଲିହ୍-ଅ) ଅତ୍ୟୁଚ୍ଚ, ଗଗନସ୍ପର୍ଶୀ । ବି. ବାୟୁ ।
ଅଭ୍ରକ, ବି. (ଅଭ୍ର-କ) ଅଭ୍ର, ମେଘନାଳ ।
ଅଭ୍ରଙ୍କଷ, ବିଂ. (ଅଭ୍ର-କଷ୍-ଅ) ଆକାଶସ୍ପର୍ଶୀ । ବି. ମେଘ, ବାୟୁ ।
ଅଭ୍ରପୁଷ୍ପ, ବି. (ଅଭ୍ର-ପୁଷ୍ପ) ଜଳ, କଦମ୍ବଗଛ, ବେତସଗଛ ।
ଅଭ୍ରମାତଙ୍ଗ, ବି. ଐରାବତ ହସ୍ତୀ ।
ଅଭ୍ରମୁ, ବି. ଐରାବତ ହସ୍ତିର ସ୍ତ୍ରୀ, ପୂର୍ବ ଦିଗର ହସ୍ତିନୀ ।
ଅଭ୍ରାନ୍ତ, ବିଂ. (ଅ-ଭ୍ରମ୍-ତ) ଭ୍ରମଶୂନ୍ୟ, ଭ୍ରାନ୍ତିରହିତ ।
ଅମଙ୍ଗ, ବି. (ଦେଶଜ) ଅସମ୍ମତ, ଅନିଚ୍ଛୁକ ।
ଅମଙ୍ଗଳ, ବି. (ଅ-ମଙ୍ଗଳ) ଅଶୁଭ । ବି. ମଙ୍ଗଳାଭାବ ।
ଅମଚ୍ଛା, ବି. (ଦେଶଜ) ନିକୃଷ୍ଟ ମତ୍ସ୍ୟବିଶେଷ, ନିକୃଷ୍ଟ ଜାତି ।
ଅମଡ଼ା, ବି. (ଦେଶଜ) ଅବାଟ ।
ଅମଣା
ଅମଣିଆ } ବିଂ. (ଦେଶଜ) ଅବାଧ୍ୟ, ଅଶିକ୍ଷିତ ।
ଅମଧ, ବିଂ. (ଦେଶଜ) ଅସଙ୍ଗତ ।
ଅମର, ବି. (ଅ-ମୃ-ଅ) ଦେବତା । ବିଂ. ମରଣଶୂନ୍ୟ ।
ଅମରଗୁରୁ, ବି. (ଅମର-ଗୁରୁ) ବୃହସ୍ପତି ।

ଅମରତ୍ୱ
ଅମରତା } ବି. (ଅମର-ତ୍ୱ, ତା) ଚିରସ୍ମରଣୀୟତା ।

ଅମରା, ବି. (ଅମର-ଆ) ଇନ୍ଦ୍ରଙ୍କ ପୁରୀ, ଦୂବା ।

ଅମରାଳୟ, ବି. (ଅମର-ଆଳୟ) ସ୍ୱର୍ଗ ।

ଅମରାବତୀ, ବି. (ଅମର-ବତ୍-ଈ) ଇନ୍ଦ୍ରନଗରୀ ।

ଅମରୀ, ବି. (ଅମର-ଈ) ଦେବସ୍ତ୍ରୀ ।

ଅମର୍ତ୍ତ୍ୟ, ବିଂ. (ଅ-ମର୍ତ୍ତ୍ୟ) ସ୍ୱର୍ଗୀୟ । ବି. ଦେବତା ।

ଅମର୍ଷ, ବି. (ଅ-ମୃଷ୍-ଅ) କ୍ରୋଧ, ଅକ୍ଷମା ।

ଅମଲା, ବି. (ଯାବନିକ) କଚିରୀ ପ୍ରଭୃତି କର୍ମଚାରୀ ।

ଅମଳ, ବିଂ. ( ଅ-ମଳ ) ନିର୍ମଳ, ପରିଷ୍କୃତ । ବି. ମାଦକଦ୍ରବ୍ୟ, ଅଧିକାରକାଳ ।

ଅମା, ବି. (ଅ-ମା-କ୍ୱିପ୍)ଅମାବାସ୍ୟା, ସହିତ,ନିକଟ ।

ଅମାତ୍ୟ, ବି. (ଅମା-ଅତ୍-ଯ) ମନ୍ତ୍ରୀ, ସହଚର ।

ଅମାନତ୍, ବି. (ଯାବନିକ) ବିବାଦ ନିଷ୍ପତ୍ତିପର୍ଯ୍ୟନ୍ତ (ଅର୍ଥାତ୍) ଗଚ୍ଛିତ ।

ଅମାନିଆ, ବିଂ. (ଦେଶଜ) ଯେ ମାନେ ନାହିଁ ।

ଅମାନୁଷ, ବିଂ. ଅଲୌକିକ, ମନୁଷ୍ୟାତୀତ ।

ଅମାପ, ବିଂ. (ଦେଶଜ) ଅପରିମିତ ।

ଅମାବସୀ
ଅମାବସ୍ୟା
ଅମାବାସ୍ୟା } ବି. (ଅମା-ବସ୍-ଯ)କୃଷ୍ଣ ପକ୍ଷର ଶେଷ ତିଥି ।

ଅମାୟିକ, ବିଂ. (ଅ-ମାୟା-ଇକ) ଅକପଟ, ସରଳ ।

ଅମାର, ବି. ଶସ୍ୟାଗାର, ଧାନକୋଠି ।

ଅମାସ୍ତ, ବି. (ବୈଦେଶିକ) ହାତୀ ଉପରେ ବସିବା ଆସନ, ହାଉଦା ।

ଅମାଲୁ, ବି. (ଦେଶଜ) ସୁମିଷ୍ଟ ପିଷ୍ଟକବିଶେଷ ।

ଅମାସ୍ୟା, ବି. (ଦେଶଜ) ଅମାବାସ୍ୟା ।

ଅମିତ, ବିଂ. (ଅ-ମା-ତ) ଅପରିମିତ ।

ଅମିନ, ବି. (ଯାବନିକ) ଭୂପରିମାପକ କର୍ମଚାରୀ ।

ଅମିୟ, ବିଂ. ( ଅମୃତ ଶବ୍ଦଜ ) ଅମୃତସଦୃଶ । ବି. ଅମୃତ ।

ଅମିର୍. ବି. (ଯାବନିକ) ଧନୀ ।

ଅମିଶ୍ର, ବିଂ. (ଅ-ମିଶ୍ର)ନିର୍ଭେଳା, ଯାହା ମିଶା ନୁହେ ।

ଅମୁକ, ସ. ଅନିର୍ଦ୍ଦିଷ୍ଟ, ଫଲଣା ।

ଅମୁତ୍ର, ଅଂ. (ଅଦସ୍-ତ୍ର, ନିପାତନ) ପରକାଳରେ, ଅନ୍ୟ ଜନ୍ମରେ ।

ଅମୁଦା, ବିଂ. (ଦେଶଜ) ଖୋଲା ।

ଅମୂର୍ତ୍ତ, ବିଂ. (ଅ-ମୂର୍ତ୍ତି) ମୂର୍ତ୍ତିଶୂନ୍ୟ । ବି. ଆକାଶ, ବାୟୁ ।

ଅମୂଳ
ଅମୂଳକ } ବିଂ. (ଅ-ମୂଳ, କ) ମୂଳହୀନ, ମିଥ୍ୟା ।

ଅମୂଲମୂଲ, ବିଂ. (ଦେଶଜ) ମହରଗ ।

ଅମୂଲ୍ୟ, ବିଂ. (ଅ-ମୂଲ୍ୟ) ବହୁମୂଲ୍ୟ ।

ଅମୃତ, ବି. (ଅ-ମୃ-ତ) ସୁଧା, ଜଳ, ଘୃତ, ଦୁଗ୍ଧ, ସୁସ୍ୱାଦୁ ବସ୍ତୁ । ବିଂ. ପ୍ରିୟ, ସୁନ୍ଦର, ଅମର ।

ଅମୃତକର, ବି. (ଅମୃତ-କର) ଚନ୍ଦ୍ର ।

ଅମୃତକୁଣ୍ଡ, ବି. (ଦେଶଜ)କଦଳୀ, ଦୁଧ ଓ ଛେନା-
ଆଦି ମିଶ୍ରିତ ଖାଦ୍ୟବିଶେଷ ।

ଅମୃତଘଣ୍ଟା, ବି. (ଦେଶଜ) ଘୁଙ୍ଗୁର ବାଦ୍ୟବିଶେଷ ।

ଅମୃତଭଣ୍ଡା. ବି. ( ଦେଶଜ ) ଏକ ପ୍ରକାର ଫଳ ଓ
ତାହାର ଗଛ ।

ଅମେଧ, ବିଂ. (ଅ-ମେଧ) ଅପବିତ୍ର ।

ଅମେୟ, ବିଂ. (ଅ-ମା-ଯ) ଅପରିମେୟ ।

ଅମୋଘ, ବିଂ. (ଅ-ମୋଘ) ଅବ୍ୟର୍ଥ, ସଫଳ ।

ଅମ୍ବକ, ବି. (ଅମ୍ବ୍-ଅକ) ଚକ୍ଷୁ, ନେତ୍ର ।

ଅମ୍ବର, ବି. (ଅମ୍ବ୍-ଅର) ଆକାଶ, ବସ୍ତ୍ର ।

ଅମ୍ବା, ବି. (ଅମ୍ବ୍-ଅ-ଆ) ମାତା, ଦୁର୍ଗା ।

ଅମ୍ବାଳିକା, ବି. ଦୁର୍ଗା, ପାଣ୍ଡୁଙ୍କ ଜନନୀ ।

ଅମ୍ବିକା, ବି. ( ଅମ୍ବା-ଇକ୍-ଆ ) ଦୁର୍ଗା, ଧୃତରାଷ୍ଟ୍ରଙ୍କ
ଜନନୀ ।

ଅମ୍ବୁ, ବି. (ଅମ୍ବ୍-ଉ) ଜଳ ।

ଅମ୍ବୁଜ, ବି. ( ଅମ୍ବୁ-ଜନ୍-ଅ ) ପଦ୍ମ, ଚନ୍ଦ୍ର, ଶଙ୍ଖ,
ବଜ୍ର ।

ଅମ୍ବୁଦ, ବି. (ଅମ୍ବୁ-ଦା-ଅ) ମେଘ ।

ଅମ୍ବୁଧି, ବି. (ଅମ୍ବୁ-ଧା-ଇ) ସମୁଦ୍ର ।

ଅମ୍ବୁରାଶି, ବି. (ଅମ୍ବୁ-ରାଶି) ସମୁଦ୍ର ।

ଅମ୍ବୁରୁହ, ବି. (ଅମ୍ବୁ-ରୁହ୍-ଅ) ପଦ୍ମ, ଜଳଜ ।

ଅମ୍ବୁବାହ, ବି. (ଅମ୍ବୁ-ବହ୍-ଅ) ମେଘ ।

ଅମ୍ଭଃ, ବି. (ଅମ୍ଭସ୍ ଶବ୍ଦ) ଜଳ ।

ଅମ୍ଭୋଜ, ବି. (ଅମ୍ଭଃ-ଜନ୍-ଅ) ପଦ୍ମ, ଚନ୍ଦ୍ର, ସାରସ ପକ୍ଷୀ ।

ଅମ୍ଭୋଦାମା, ବିଂ. (ଦେଶଜ) ବଡ଼ ଦାତା ।

ଅମ୍ଭୋଧି } ବି. ( ଅମ୍ଭଃ-ଧା-ଇ, ନି-ଧା-ଇ )
ଅମ୍ଭୋନିଧି } ସମୁଦ୍ର ।

ଅମ୍ଭୋରୁହ, ବି. (ଅମ୍ଭଃ-ରୁହ୍-ଅ) ପଦ୍ମ ।

ଅମ୍ର } ବି. (ଅମ୍-ର) ଆମ୍ବ, ବୃକ୍ଷ ।
ଆମ୍ର }

ଅମ୍ଳ, ବି ( ଅମ୍-ଳ ) ଯେ ରୋଗ ଜନ୍ମାଏ, ରସ-ବିଶେଷ । ବିଂ. ଅମ୍ଳରସଯୁକ୍ତ ।

ଅମ୍ଳଜନ } ବି. ( ଇଂ. Oxygen ) ବର୍ଣ୍ଣହୀନ
ଅମ୍ଳଜାନ } ଅଦୃଶ୍ୟ ବାୟୁବିଶେଷ ।

ଅମ୍ଳପିତ୍ତ, ବି. ଅଜୀର୍ଣ୍ଣଜନିତ ପିତ୍ତବୃଦ୍ଧି ।

ଅମ୍ଳାନ, ବିଂ. (ଅ-ମ୍ଳାନ) ସତେଜ, ମାଳିନ୍ୟରହିତ ।

ଅୟଃ, ବି. (ଇ-ଅସ୍) ଲୁହା ।

ଅୟତ୍ନ, ବି. (ଅ-ଯତ୍ନ) ଅନାଦର, ଅନାସ୍ଥା ।

ଅଯଥା, ବିଂ. (ଅ-ଯଥା) ଅନୁପଯୁକ୍ତ, ଅଯୋଗ୍ୟ ।

ଅଯଥାର୍ଥ, ବିଂ. (ଅ-ଯଥାର୍ଥ) ଅସତ୍ୟ, ମିଥ୍ୟା ।

ଅୟନ, ବି. (ଇ-ଅନ) ପଥ, ଗତି ।

ଅଯଶଃ, ବି. (ଅ-ଯଶଃ) ଅଖ୍ୟାତି, ନିନ୍ଦା ।

ଅୟସ୍କାନ୍ତ, ବି. (ଅୟଃ-କାନ୍ତ) ଚୁମ୍ବକ ପଥର ।

ଅଯାଚିତ, ବିଂ. (ଅ-ଯାଚ୍-ତ) ଅପ୍ରାର୍ଥିତ ।

ଅୟି, ଅଂ. କୋମଳ ସମ୍ବୋଧନ, ପ୍ରଶ୍ନ, ଅନୁନୟ ।

ଅଯୁକ୍ତ, ବିଂ. (ଅ-ଯୁକ୍ତ) ଅନ୍ୟମନସ୍କ, ଅନୁଚିତ ।

ଅଯୁଗ୍ମ, ବିଂ. ବିଯୋଡ଼ ।

ଅଯୁତ, ବିଂ. (ଅ-ଯୁତ) ଦଶ ସହସ୍ର ।

ଅଯୋଗବାହ, ବି. ( ଅ-ଯୋଗ-ବାହ-ଅ ) ଅନୁସ୍ୱାର ବିସର୍ଗ ବର୍ଣ୍ଣ ।

ଅଯୋଗ୍ୟ, ବିଂ. ( ଅ-ଯୋଗ୍ୟ ) ଅନୁପଯୁକ୍ତ, ଅନୁଚିତ ।

ଅୟୋଘନ, ବି. (ଅୟଃ-ହନ୍-ଅ) ହାତୁଡ଼ୀ ।

ଅଯୋନିସମ୍ଭବା, ବି. ( ଅ-ଯୋନି-ସମ୍-ଭୂ-ଅ-ଆ ) ଅଗର୍ଭଜାତା, ସୀତା

ଅଯୌକ୍ତିକ, ବିଂ. (ଅ-ଯୌକ୍ତିକ) ଯୁକ୍ତିବିରୁଦ୍ଧ ।

ଅର, ବି. (ଋ-ଅ) ଚକର ପକ୍ଷ ।

ଅରକ } ବି. ପୁଷ୍ପାଦିର ନିର୍ଯ୍ୟାସ ।
ଅରଖ }

ଅରଖି, ବି. ଦେଶି ମଦ ।

ଅରକ୍ଷ } ବିଂ.(ଅ-ରକ୍ଷ, ରକ୍ଷିତ) ଯେ ରକ୍ଷିତ ନୁହେ,
ଅରକ୍ଷିତ } ଅପାଳିତ, ଅନାଥ ।

ଅରଗଳୀ } ବି. କବାଟର କିଳଣି ।
ଅର୍ଗଳୀ }

ଅରଘଟ୍ଟ, ବି. ( ଅର-ଘଟ୍ଟ ) କୂଅରୁ ପାଣି କାଢ଼ିବା କଳ ।

ଅରଜ } ବି. (ଯାବନିକ) ଦରଖାସ୍ତ, ନିବେଦନ-
ଅର୍ଜି } ପତ୍ର

ଅରଟ, ବି. (ଦେଶଜ) ସୂତା କାଟିବାର ଯନ୍ତ୍ରବିଶେଷ ।
ଅରଟୀ, ବି. (ଦେଶଜ) ଏକପ୍ରକାର ବାଦ୍ୟଯନ୍ତ୍ର ।
ଅରଣା, ବିଂ. (ଦେଶଜ) ବନ୍ୟ, ଆରଣ୍ୟ ।
ଅରଣି } ବି. (ଋ-ଅନ) ଅଗ୍ନ୍ୟୁତ୍ପାଦକ ମନ୍ଥନଦଣ୍ଡ ।
ଅରଣୀ }
ଅରଣ୍ୟ, ବି. (ଋ-ଅନ୍-ଯ) ବନ ।
ଅରଣ୍ୟାନୀ, ବି. (ଅରଣ୍ୟ-ଆନୀ) ମହାରଣ୍ୟ, ନିବିଡ଼ ବନ ।
ଅରଦଳି } ବି. (ଇଂ. Orderly) ଆଦେଶବାହୀ
ଅର୍ଦ୍ଦଳି } ଚପରାସି ।
ଅରମା, ବିଂ. (ଦେଶଜ) ଅପରିଷ୍କୃତ ବଣୁଆ ସ୍ଥାନ ।
ଅରବିନ୍ଦ, ବି. (ଅର-ବିନ୍ଦ) ପଦ୍ମ ।
ଅରିଷ୍ଟି, ବି. (ଅରିଷ୍ଟ ଶବ୍ଦଜ) ବିପଦ୍, ଅନିଷ୍ଟ ।
ଅରସିକ, ବିଂ. (ଅ-ରସିକ) ଯେ ରସଜ୍ଞ ନୁହେ ।
ଅରାଏ, ବି. (ଦେଶଜ) ଅଳ୍ପ କିଛି ।
ଅରାଜକ, ବିଂ. (ଅ-ରାଜନ୍-କ) ରାଜଶୂନ୍ୟ, ଯେଉଁ ଦେଶରେ ରାଜା ନାହିଁ ।
ଅରାତି, ବି. (ଅ-ରା-ତି) ଶତ୍ରୁ ।
ଅରି, ବି. ( ଋ-ଇ ) ଶତ୍ରୁ, ଚକ୍ର, କାମ କ୍ରୋଧାଦି ଷଡ଼୍‌ରିପୁ ।
ଅରିନ୍ଦମ, ବିଂ (ଅରି-ଦମ୍-ଅ) ଶତ୍ରୁଦମନକାରୀ ।
ଅରିଷ୍ଟ, ବି. (ଅ-ରିଷ୍ଟ) ପୋଖରୀଘର, ସୂତିକାଗୃହ, ଘୋଳଦହି, ଉପଦ୍ରବ, ବିପଦ୍ ।

ଅରୁଆ, ବି°. (ଦେଶଜ) ଉଆ, ଅକ୍ଷତ ।

ଅରୁଚ, ବି. (ଅ-ରୁଚ) ଅଶ୍ରଦ୍ଧା । ବି°. ଶ୍ରଦ୍ଧାହୀନ, ଅନାସକ୍ତ ।

ଅରୁଣ, ବି (ଋ-ଉନ) ସୂର୍ଯ୍ୟ, ସୂର୍ଯ୍ୟ ସାରଥି, ଈଷତ୍ ରକ୍ତିମା ।

ଅରୁଣିମା, ବି. (ଅରୁଣ-ଇମନ୍) ରକ୍ତିମା ।

ଅରୁନ୍ତୁଦ, ବି°. (ଅରୁ=ମର୍ମସ୍ଥାନ-ତୁଦ୍-ଅ)ମର୍ମପୀଡ଼କ, କ୍ଲେଶକର ।

ଅରୁନ୍ଧତୀ, ବି. (ଅ-ରୁଧ୍-ତ-ଈ) ବଶିଷ୍ଠ ଋଷିଙ୍କ ପତ୍ନୀ, ନକ୍ଷତ୍ରବିଶେଷ ।

ଅରେ } ଅ°. କ୍ରୋଧ ଓ ଅବଜ୍ଞାସୂଚକ
ଆରେ } ସମ୍ବୋଧନ ।

ଅରୋଗ } ବି°. (ଅ-ରୋଗ, ଇନ୍) ରୋଗହୀନ,
ଅରୋଗୀ } ନୀରୋଗ ।

ଅରୋଚକ, ବି°. ( ଅ-ରୁଚ୍-ଅକ ) ଭକ୍ଷ୍ୟଦ୍ରବ୍ୟରେ ରୁଚି ନ ହେବା ରୋଗ, ଅରୁଚିଜନକ ।

ଅର୍କ, ବି. (ଅର୍କ-ଅ) ସୂର୍ଯ୍ୟ, ଇନ୍ଦ୍ର, ବିଷ୍ଣୁ, ପଣ୍ଡିତ ।

ଅର୍କକ୍ଷେତ୍ର, ବି. ( ଅର୍କ୍-କ୍ଷେତ୍ର ) ସିଂହରାଶି, କୋଣାର୍କ ।

ଅର୍କଜା, ବି. (ଅର୍କ-ଜନ୍-ଅ, ଆ) ଯମୁନା ।

ଅର୍କପାଦପ, ବି. ଅରଖଗଛ ।

ଅର୍ଖିତ } ବି°. (ଅରକ୍ଷିତ ଶବ୍ଦଜ) ଅନାଥ ।
ଅରଖିତ }

ଅର୍ଗଳ, ବି. ( ଋଜ୍-ଅଳ ) କବାଟର କିଳଣୀ, ପ୍ରତି-ବନ୍ଧକ । ନା, ଏକ ପ୍ରକାର ସ୍ତୋତ୍ର ।

ଅର୍ଘ, ବି. (ଅର୍ଘ୍-ଅ) ମୂଲ୍ୟ, ପୂଜା, ପୂଜାର ଉପଚାର ।

ଅର୍ଘ୍ୟ, ବିଂ. (ଅର୍ଘ-ଯ) ପୂଜାର ଉପକରଣ, ପୂଜ୍ୟ ।

ଅର୍ଚ୍ଚନା, ବି. (ଅର୍ଚ୍-ଅନ୍-ଆ) ପୂଜା, ବନ୍ଦନା ।

ଅର୍ଜନ, ବି. (ଅର୍ଜ୍-ଅନ) ଉପାର୍ଜନ ।

ଅର୍ଜିନବିସ୍, ବି. ( ଯାବନିକ ) ଦରଖାସ୍ତ ଲେଖକ, ମୋହରିର ।

ଅର୍ଜୁନ, ବି. ( ଅର୍ଜ-ଉନ ) ପାଣ୍ଡୁଙ୍କ ତୃତୀୟ ପୁତ୍ର, କାର୍ତ୍ତବୀର୍ଯ୍ୟ, ଏକପ୍ରକାର ଗଛ, କର୍ପୂର, ଚନ୍ଦ୍ରକରଣ ।

ଅର୍ଣ୍ଣ<br>ଅର୍ଣ୍ଣସ୍ } ବି. ( ଋ-ନ, ଅସ୍ ) ଜଳ ।

ଅର୍ଣ୍ଣବ, ବି. (ଅର୍ଣ୍ଣ-ବ) ସମୁଦ୍ର ।

ଅର୍ଣ୍ଣବତରି<br>ଅର୍ଣ୍ଣବପୋତ } ବି. (ଅର୍ଣ୍ଣବ-ତରି, ପୋତ) ଜାହାଜ ।

ଅର୍ଣ୍ଣବଯାନ, ବି. (ଅର୍ଣ୍ଣବ-ଯା-ଅନ) ଜାହାଜ ।

ଅର୍ଥ, ବି. (ଋ-ଥ) ଧନ, ଉଦ୍ଦେଶ୍ୟ, ଅଭିଧେୟ ବା ମାନେ ।

ଅର୍ଥକର, ବିଂ. (ଅର୍ଥ-କୃ-ଅ) ଯହିଁରେ ଧନ ଉପାର୍ଜନ ହୁଏ । ସ୍ତ୍ରୀ. ଅର୍ଥକରୀ ।

ଅର୍ଥଗୃଧ୍ନୁ, ବିଂ. (ଅର୍ଥ-ଗୃଧ୍-ନୁ) ଧନଲୋଭୀ ।

ଅର୍ଥତଃ, ଅଂ. (ଅର୍ଥ-ତସ୍) ବସ୍ତୁତଃ, ଫଳତଃ ।

ଅର୍ଥପର, ବିଂ. (ଅର୍ଥ-ପର) ଧନଲୋଭୀ, କୃପଣ ।

ଅର୍ଥାଗମ, ବି. (ଅର୍ଥ-ଆ-ଗମ୍-ଅ)ଉପାର୍ଜନ,ଅର୍ଥପ୍ରାପ୍ତି ।
ଅର୍ଥାତ୍, ଅ°. ଅର୍ଥବଶତଃ, ଫଳତଃ, ବସ୍ତୁତଃ ।
ଅର୍ଥାନ୍ତର, ବି°. (ଅର୍ଥ-ଅନ୍ତର) ଅନ୍ୟ ଅର୍ଥ ।
ଅର୍ଥିତ, ବି°. (ଅର୍ଥ-ତ) ବାଞ୍ଛିତ, ଅଭିଳଷିତ ।
ଅର୍ଥୀ, ବି°. (ଅର୍ଥ-ଇନ୍) ପ୍ରାର୍ଥୀ, ଧନୀ, ଅଧ୍ୟାପକ ।
ଅର୍ଥେ, ଅ°. (ପ୍ରତ୍ୟୟ) ନିମନ୍ତେ, ପାଇଁ ।
ଅର୍ଦ୍ଦିତ, ବି°. (ଅର୍ଦ୍-ତ) ପୀଡ଼ିତ, ଯାଚିତ, ଗତ ।
ଅର୍ଦ୍ଧ, ବି. (ଋଧ୍-ଅ) ସମାଂଶ । ବି°. ବିଭକ୍ତ ।
ଅର୍ଦ୍ଧଚନ୍ଦ୍ର, ବି. ଚନ୍ଦ୍ରର ଅର୍ଦ୍ଧେକ, ଗଳା ଚିପି ଧରିବା, ଗଳାଧକା ।
ଅର୍ଦ୍ଧରାତ୍ର, ବି. ( ଅର୍ଦ୍ଧ-ରାତ୍ରି ) ନିଶୀଥ, ରାତ୍ରିର ମଧ୍ୟଭାଗ ।
ଅର୍ଦ୍ଧାଙ୍ଗ, ବି. (ଅର୍ଦ୍ଧ-ଅଙ୍ଗ)ଶରୀରର ଅର୍ଦ୍ଧେକ,ପତ୍ନୀ ।
ଅର୍ପଣ, ବି. (ଋ-ଇ-ଅନ) ସମର୍ପଣ, ପ୍ରଦାନ ।
ଅର୍ପିତ, ବି°. (ଋ-ଇ-ତ) ଦତ୍ତ, ନ୍ୟସ୍ତ ।
ଅର୍ଭ / ଅର୍ଭକ } ବି. (ଋ-ଭ, କ) ଶିଶୁ, ମୂର୍ଖ ।
ଅର୍ଯ୍ୟମା, ବି. ( ଋ-ମନ୍ ) ସୂର୍ଯ୍ୟ, ଉତ୍ତରଫାଲ୍‌ଗୁନୀ ନକ୍ଷତ୍ର ।
ଅର୍ବାଚୀନ, ବି°. (ଅର୍ବାର୍ ଇନ) ନିର୍ବୁଦ୍ଧି, ନୂତନ, ଅଧମ, ପଶ୍ଚାଦ୍‌ବର୍ତ୍ତୀ ।
ଅର୍ବୁଦ, ବି. ( ଅର୍ବ୍-ଉଦ ) ଦଶ କୋଟୀ ସଂଖ୍ୟା, ଆବୁ ରୋଗ ।

ଅର୍ଶ, ବି. (ଅର୍‌-ଶ-ଅ) ରୋଗବିଶେଷ ।

ଅର୍ହ, ବିଂ. (ଅର୍ହ-ଅ) ଯୋଗ୍ୟ, ଉପଯୁକ୍ତ, ପୂଜ୍ୟ ।

ଅଳକ, ବି. ( ଅଲ୍‌-ଅକ ) ଚୂର୍ଣ୍ଣ କୁନ୍ତଳ, ଅଙ୍ଗଲିପ୍ତ କୁଙ୍କୁମ ।

ଅଳକା, ବି. ( ଅଲ୍‌-ଅକ-ଆ ) ଆଠ ଦଶ ବର୍ଷର ବାଳିକା, କୁବେରପୁରୀ, ଅଳଙ୍କାରବିଶେଷ ।

ଅଲ, ଅଲକ୍ତକ } ବି. (ଅ-ଲକ୍ତ, କ) ଅଳତା, ଲାକ୍ଷାରସ ।

ଅଲକ୍ଷ, ବିଂ. (ଅ-ଲକ୍ଷ) (ପ୍ରା) ଅସମାନ, ତୁଳନାର ଅଯୋଗ୍ୟ ।

ଅଲକ୍ଷଣ, ବି. (ଅ-ଲକ୍ଷଣ) କୁଲକ୍ଷଣ, ଅମଙ୍ଗଳ ।

ଅଲକ୍ଷଣୀ, ବିଂ. ( ଦେଶଜ ) ଅଲକ୍ଷଣା, ମନ୍ଦ ଲକ୍ଷଣ ଥିବା ସ୍ତ୍ରୀ ।

ଅଲକ୍ଷିତ, ବିଂ. (ଅ-ଲକ୍ଷ-ତ) ଅଦୃଷ୍ଟ, ଅଜ୍ଞାତ ।

ଅଲକ୍ଷ୍ମୀ, ବି. ( ଅ-ଲକ୍ଷ୍ମୀ ) ଲକ୍ଷ୍ମୀଙ୍କ ବଡ଼ ଭଉଣୀ, ଲକ୍ଷ୍ମୀବିରୋଧିନୀ ଦେବତା, ଦୁର୍ଦ୍ଦଶା ।

ଅଲଗା, ବିଂ. (ଦେଶଜ) ଅସଂଲଗ୍ନ, ପୃଥକ୍ ।

ଅଲଗୁଣୀ, ବି. (ଦେଶଜ) ଯେଉଁ ଆଶ୍ରୟରେ ଲୁଗା ପ୍ରଭୃତି ରଖାଯାଏ ।

ଅଳଙ୍କାର, ବି. (ଅଲମ୍‌-କୃ-ଅ) ଭୂଷଣ, ଆଭରଣ ।

ଅଳଙ୍କୃତ, ବିଂ. (ଅଲମ୍‌-କୃ-ତ) ଭୂଷିତ, ମଣ୍ଡିତ ।

ଅଲଙ୍ଘ୍ୟ, ବିଂ. ( ଅ-ଲନ୍‌ଘ୍‌-ଯ ) ଦୁରତିକ୍ରମଣୀୟ, ଯାହା ଅତିକ୍ରମ କରାଯାଏ ନାହିଁ ।

ଅଲଣା, ବି॰. ( ଦେଶଜ ) ଲବଣହୀନ, ଅଲବଣ, ଅଳ୍ପ ଲବଣଯୁକ୍ତ, ବିସ୍ୱାଦ ।

ଅଳତା, ବି. (ଦେଶଜ) ଅଲକ୍ତକ, ଲାକ୍ଷାରସ ।

ଅଳନ୍ଧୁ, ବି. ଅଳନ୍ଧୂମ, ରନ୍ଧା ଘରର କଳା ।

ଅଳପ, ବି॰. (ଦେଶଜ) ଅଳ୍ପ, ସାମାନ୍ୟ ।

ଅଲଗ୍ନ, ବି॰. (ଦେଶଜ) ଅପରିଷ୍କୃତ, ଅଡୁଆ ।

ଅଲବତ୍ତ, ଅ॰. (ଯାବନିକ) ନିଶ୍ଚେଁ ।

ଅଳସ, ବି॰. ( ଅ-ଲସ୍-ଅ ) ଅଳସୁଆ । ବି. ମଠ, ବିଳମ୍ବ ।

ଅଳସୁଆ, ବି॰. (ଦେଶଜ) ଅଳସ, ଅକର୍ମଣ୍ୟ ।

ଅଳାଇଚ, ବି. (ଦେଶଜ)ଏଳା, ଏକ ପ୍ରକାର ମସଲା ।

ଅଲାହିଦା, ବି॰. (ଯାବନିକ) ଅସଂପୃକ୍ତ, ସ୍ୱତନ୍ତ୍ର ।

ଅଲାଗି, ବି॰. ସ୍ତ୍ରୀ. (ଦେଶଜ) ରଜୋବତୀ ଅସ୍ପୃଶ୍ୟା ସ୍ତ୍ରୀ, ଅସୁନ୍ଦର ।

ଅଲାଜୁକ, ବି॰. (ଦେଶଜ) ନିର୍ଲଜ୍ଜ ।

ଅଲାବୁ, ବି. (ଅ-ଲବ୍-ଉ) ଲାଉ ।

ଅଳି, ବି. (ଅଲ୍-ଇ) ଭ୍ରମର, କୋଇଲି । (ଦେଶଜ) ସନିର୍ବନ୍ଧ ଅନୁରୋଧ ।

ଅଲିଅର, ବି॰. (ଦେଶଜ) ଖେଳୁଆ, ଖେଳକେବସର ।

ଅଳିଆ, ବି. (ଦେଶଜ) ଝାଡୁଆ, ଆବର୍ଜନା ।

ଅଳିନ୍ଦ, ବି. (ଅଲ୍-ଇନ୍ଦ) ପିଣ୍ଡା, ବାରଣ୍ଡା ।

ଅଳୀକ, ବି. ( ଅଲ୍-ଇକ ) ଲଲାଟ, ଆକାଶ । ବି॰. ମିଥ୍ୟା ।

ଅଲେଖ, ବି. (ଅ-ଲେଖା) ଛଳକରଚନା, ମହିମା-
ଧର୍ମୀ । ବିଂ. ଅଗଣା, ମିଚ, ନିକୃଷ୍ଟ ।

ଅଲୋକସାମାନ୍ୟ, ବିଂ. ( ଅ-ଲୋକ-ସାମାନ୍ୟ )
ଅସାଧାରଣ ।

ଅଲୋକିତ, ବିଂ.(ଅଲୋକ-ଇତ)ଆଶ୍ଚର୍ଯ୍ୟାନ୍ୱିତ, ଅପୂର୍ବ,
ଅଦେଖା ।

ଅଲୌକିକ, ବିଂ. ( ଅ-ଲୋକ-ଇକ ) ଅସାମାନ୍ୟ,
ଲୋକାତୀତ ।

ଅଳ୍ପ, ବିଂ. (ଅଲ୍-ପ) କ୍ଷୁଦ୍ର, ଈଷତ୍, କମ୍, ତୁଚ୍ଛ ।

ଅଳ୍ପାୟୁଃ } ବିଂ. (ଅଳ୍ପ-ଆୟୁଃ) ଯେ ବେଶି ଦିନ
ଅଳ୍ପାୟୁଷ } ବଞ୍ଚେ ନାହିଁ ।

ଅବ, ଅଂ ( ଉପସର୍ଗ ) ବିସ୍ତାର, ଜ୍ଞାନ, ଆଲମ୍ବନ,
ବ୍ୟାପ୍ତି ।

ଅବକାଶ, ବି. (ଅବ-କାଶ-ଅ) ଅବସର, ଛୁଟି ।

ଅବକ୍ତବ୍ୟ, ବିଂ. (ଅ-ବକ୍ତବ୍ୟ) ଅବାଚ୍ୟ, ଅକଥ୍ୟ ।

ଅବଗତ, ବିଂ. (ଅବ-ଗମ୍-ତ) ଜ୍ଞାତ ।

ଅବଗତି, ବି. (ଅବ-ଗମ୍-ତି) ଜ୍ଞାନ, ଜାଣିବା ।

ଅବଗାହ } ବି. (ଅବ-ଗାହ୍-ଅ,ଅନ) ଗାଧୋଇବା,
ଅବଗାହନ } ମଜ୍ଜନ, ବୁଡ଼ିବା ।

ଅବଗାହିବା, କ୍ରି. (ଦେଶଜ) ଗାଧୋଇବା ।

ଅବଗାହୀ, ବିଂ. (ଅବ-ଗାହ୍-ଇନ୍) ମଗ୍ନ, ଅନୁଭବୀ ।

ଅବଗୁଣ୍ଠନ, ବି. ( ଅବ-ଗୁଣ୍ଠ୍-ଅନ ) ଓଢ଼ଣା,
ଆଚ୍ଛାଦନ ।

ଅବଗୁଣ୍ଠିତ, ବିଂ. (ଅବ-ଗୁଣ୍ଠ-ତ) ଆବୃତ, ଆଚ୍ଛାଦିତ ।

ଅବଗ୍ରହ, ବି. (ଅବ-ଗ୍ରହ୍-ଅ) ଅନାବୃଷ୍ଟି ।

ଅବଚ୍ଛିନ୍ନ, ବିଂ. (ଅବ-ଚ୍ଛିଦ୍-ତ) ବିଶିଷ୍ଟ, ସୀମାବଦ୍ଧ ।

ଅବଚ୍ଛେଦ, ବି. ( ଅବ-ଚ୍ଛିଦ୍-ଅ ) ବିଭାଗ, ବିଚ୍ଛେଦ, ଖଣ୍ଡ, ସୀମା ।

ଅବଜ୍ଞା, ବି. (ଅବ-ଜ୍ଞା-ଅ) ତିରସ୍କାର, ଅବମାନ ।

ଅବଜ୍ଞାତ, ବିଂ. (ଅବ-ଜ୍ଞା-ତ) ଘୃଣିତ, ତିରସ୍କୃତ ।

ଅବତଂସ, ବି. ( ଅବ-ତନ୍ସ-ଅ ) କର୍ଣ୍ଣଭୂଷଣ, ଶିରୋଭୂଷଣ ।

ଅବତରଣ, ବି. ( ଅବ-ତ-ଅନ ) ଅବରୋହଣ, ଓହ୍ଲାଇବା ।

ଅବତରଣିକା, ବି. (ଅବ-ତରଣ-ଇକ-ଆ) ଭୂମିକା, ମୁଖବନ୍ଧ ।

ଅବତାର, ବି. (ଅବ-ତ-ଅ) ଉତ୍ପତ୍ତି, ଦେବାଦିଙ୍କର ମର୍ତ୍ତ୍ୟରେ ଦେହ ପରିଗ୍ରହ, ତୀର୍ଥ, ଘାଟ ।

ଅବତୀର୍ଣ୍ଣ, ବିଂ. (ଅବ-ତୃ-ତ) ଆବିର୍ଭୂତ, ଜନ୍ମାଗତ ।

ଅବଦାତ, ବିଂ. (ଅବ-ଦୈ-ତ) ଶୁକ୍ଳ, ଗୌର, ସୁନ୍ଦର ।

ଅବଦ୍ୟ, ବିଂ. ( ଅ-ବଦ୍-ଯ ) ନିନ୍ଦନୀୟ, ନିକୃଷ୍ଟ, ଅଧମ ।

ଅବଧାନ, ବି (ଅବ-ଧା-ଅନ) ମନୋଯୋଗ, ଗୃହ-ଶାଳୀର ଶିକ୍ଷକ ।

ଅବଧାରଣ, ବି (ଅବ-ଧୃ-ଇ-ଅନ) ନିରୂପଣ, ନିଶ୍ଚୟ କରିବା ।

ଅବଧାରିତ, ବିଂ. (ଅବ-ଧୃ-ଇ-ତ) ନିର୍ଣ୍ଣୀତ ।

ଅବଧାର୍ଯ୍ୟ, ବିଂ (ଅବ-ଧୃ-ଯ) ନିର୍ଣ୍ଣେୟ ।

ଅବଧି, ବି. (ଅବ-ଧା-ଇ) ସୀମା, ପର୍ଯ୍ୟନ୍ତ ।

ଅବଧୂତ, ବିଂ (ଅବ-ଧୂ-ତ) କମ୍ପିତ, ତିରସ୍କୃତ । ବି. ସନ୍ନ୍ୟାସୀ ।

ଅବଧ୍ୟ, ବିଂ. (ଅ-ବଧ୍ୟ) ବଧର ଅଯୋଗ୍ୟ ।

ଅବନତ, ବିଂ. (ଅବ-ନମ୍-ତ) ଅନୁନ୍ନତ, ନମ୍ର ।

ଅବନତି, ବି. (ଅବ-ନମ୍-ତି) ଅନୁନ୍ନତି, ଅଧୋଗତି, ବିନମ୍ର ।

ଅବନା, ବିଂ. ( ଦେଶଜ ) ଯହିଁରେ 'ଇ'କାରାଦି ବିନାନ ନ ଥାଏ, ଅକଣ୍ଠା ।

ଅବନି, } ବି (ଅବ୍-ଅନ-ଇ, ଈ) ପୃଥିବୀ ।
ଅବନୀ, }

ଅବନ୍ତୀ, ବି. ( ଅବ୍-ଅନ୍ତ-ଈ ) ଦେଶବିଶେଷ, ଉଜ୍ଜୟିନୀ ।

ଅବବୋଧ, ବି. (ଅବ-ବୁଧ-ଅ) ଜ୍ଞାନ, ଅବଗତି, ଜାଗରଣ, ଅନୁଭବ ।

ଅବଭାସ, ବି. (ଅବ-ଭାସ-ଅ) ପ୍ରକାଶ, ସ୍ଫୁରଣ ।

ଅବଭୃଥ, ବି. ( ଅବ-ଭୃ-ଥ ) ଯଜ୍ଞ ଶେଷରେ କରାଯିବା ସ୍ନାନ ବା ଯଜ୍ଞସ୍ନାନ ।

ଅବମାନ, ବି ( ଅବ-ମାନ୍-ଅ ) ଅପମାନ, ଅନାଦର ।

ଅବମାନନା, ବି (ଅବ-ମାନ-ଅନ୍-ଆ) ଅପମାନ ।

ଅବୟବ, ବି. (ଅବ-ଯୁ-ଅ) ଅଙ୍ଗ, ଶରୀର ।

ଅବର, ବିଂ. (ଅ-ବର) ନିକୃଷ୍ଟ, କନିଷ୍ଠ ।

ଅବରଜ, ବି. (ଅବର-ଜନ୍-ଅ) ସାନ ଭାଇ, ଶୂଦ୍ର ।

ଅବରୁଦ୍ଧ, ବିଂ. (ଅବ-ରୁଧ୍-ତ) ବଦ୍ଧ, କଏଦୀ, ବନ୍ଦୀ ।

ଅବରୋଧ, ବି. (ଅବ-ରୁଧ୍-ଅ ଅନ୍ତଃପୁର, ପ୍ରତିବନ୍ଧ, ଅଟକ ।

ଅବରୋହ, ବି. (ଅବ-ରୁହ୍-ଅ) ଓହ୍ଲାଣ, ଆଗମନ; ତଳକୁ ଆସିବା ।

ଅବରୋହଣ, ବି. (ଅବ-ରୁହ୍-ଅନ) ଓହ୍ଲାଇବା ।

ଅବଲମ୍ବନ, ବି. (ଅବ-ଲମ୍ବ୍-ଅନ) ଆଶ୍ରୟ, ଗ୍ରହଣ ।

ଅବଳା, ବି. (ଅ-ବଳ୍-ଆ) ସ୍ତ୍ରୀଲୋକ ।

ଅବଲୀଳା, ବି (ଅବ-ଲୀଳା) ଅନାୟାସ, ଅକ୍ଳେଶ ।

ଅବଲୁଣ୍ଠନ, ବି. (ଅବ-ଲୁଣ୍ଠ-ଅନ) ମାଟିରେ ଗଡ଼ିବା ।

ଅବଲେପ, ବି. ( ଅବ-ଲିପ-ଅ ) ଗର୍ବ, ବିଦ୍ୱେଷ ।

ଅବଲେହ, ବି. (ଅବ-ଲିହ୍-ଅ) ଜିହ୍ୱାଦ୍ୱାରା ଚାଟିବା ଔଷଧ ପ୍ରଭୃତି ।

ଅବଲୋକନ, ବି. (ଅବ-ଲୁକ୍-ଅନ) ଦର୍ଶନ ।

ଅବବାହିକା, ବି. (ଅବ-ବାହିକା) ନଈର ଦୁଇ କୂଳର ଗଡ଼ାଣିଆ ସ୍ଥାନ, (Basin)

ଅବଶ, ବିଂ. (ଅ-ବଶ୍-ଅ) ଅନାୟତ୍ତ, ପରାଧୀନ ।

ଅବଶିଷ୍ଟ, ବିଂ (ଅବ୍-ଶିଷ୍-ତ) ପରିଶିଷ୍ଟ, ବାକି ।

ଅବଶେଷ, ବି. (ଅବ-ଶିଷ୍-ଅ) ପରିଶେଷ, ଶେଷ ।

ଅବଶ୍ୟ, ଅଂ. ସର୍ବଥା, ନିଶ୍ଚୟ । ବିଂ. ଅବାଧ୍ୟ, ନିଶ୍ଚିତ ।

ଅବଶ୍ୟମ୍ଭାବୀ, ବିଂ. (ଅବଶ୍ୟ-ଭୂ-ଇନ୍) ଅନିବାର୍ଯ୍ୟ ।
ଅବସନ୍ନ, ବିଂ. (ଅବ-ସଦ୍-ତ) ଶ୍ରାନ୍ତ, କ୍ଲାନ୍ତ ।
ଅବସର, ବି. (ଅବ-ସୃ-ଅ) ଅବକାଶ, ଛୁଟି ।
ଅବସାଦ, ବି. (ଅବ-ସଦ୍-ଅ) କ୍ଲାନ୍ତି, ବିଷାଦ ।
ଅବସାନ, ବି. (ଅବ-ସୋ-ଅନ) ଶେଷ, ସମାପ୍ତି ।
ଅବସିତ, ବିଂ. (ଅବ-ସୋ-ତ) ସମାପ୍ତ ।
ଅବସ୍କର, ବି. ( ଅବ-କୃ-ଅ ) ମଇଳା, ଆବର୍ଜନା, ବିଷ୍ଠା ।
ଅବସ୍ତୁ, ବି. (ଅ-ବସ୍ତୁ) ଅସାର ।
ଅବସ୍ଥା, ବି. (ଅବ-ସ୍ଥା-ଅ) ଦଶା, ସ୍ଥିତି ।
ଅବସ୍ଥାନ, ବି. (ଅବ-ସ୍ଥା-ଅନ) ସ୍ଥିତି, ବାସ ।
ଅବସ୍ଥିତ, ବିଂ. (ଅବ-ସ୍ଥା-ତ) ରହିଥିବା, ସ୍ଥିତ ।
ଅବସ୍ଥିତି, ବି. (ଅବ-ସ୍ଥା-ତି) ଅବସ୍ଥାନ, ବାସ ।
ଅବହିତ, ବିଂ. (ଅବ-ଧା-ତ) ମନୋଯୋଗୀ ।
ଅବହେଳା, ବି. ( ଅବ-ହେଡ୍-ଅ-ଆ ) ଅବଜ୍ଞା, ଅନାସ୍ଥା ।
ଅବା, ଅଂ. ଅଥବା, କିମ୍ବା ।
ଅବାକ୍, ବିଂ. (ଅବ-ଅନ୍ଚ-କ୍ୱିପ୍) ବାକ୍ୟହୀନ ।
ଅବାଚୀ, ବି. (ଅବାଚ୍-ଈ) ଦକ୍ଷିଣ ଦିଗ ।
ଅବାଚ୍ୟ, ବି. (ଅ-ବାଚ୍ୟ) ନିନ୍ଦିତ ବାକ୍ୟ । ବିଂ. ଅବକ୍ତବ୍ୟ ।
ଅବାଧ, ବିଂ. (ଅ-ବାଧା) ନିର୍ବିଘ୍ନ, ଅନାୟାସ ।
ଅବାଧ୍ୟ, ବିଂ. (ଅ-ବାଧ୍-ଯ) ଅବଶୀଭୂତ ।

ଅବାନ୍ତର, ବିଂ. (ଅବ-ଅନ୍ତର) ମଧ୍ୟଗତ, ଅନ୍ତଃପାତୀ, ବାହ୍ୟ, ଆନୁଷଙ୍ଗିକ ।
ଅବାରିତ, ବିଂ. (ଅ-ବାର-ତ) ମୁକ୍ତ, ଅନିଷିଦ୍ଧ ।
ଅବାସ୍ତବ, ବିଂ. (ଅ-ବସ୍ତୁ-ଅ) ଅଯଥାର୍ଥ, ଅମୂଳକ ।
ଅବିକଳ, ବିଂ. (ଅ-ବିକଳ) ଠିକ୍, ଯଥାଯଥ ।
ଅବିକୃତ, ବିଂ. (ଅ-ବିକୃତ) ପ୍ରକୃତ, ଯଥାଭୂତ ।
ଅବିଗୁଣ, ବି. (ଦେଶଜ) ଅନିଷ୍ଟ, ଅଶୁଭଫଳ ।
ଅବିଘ୍ନ, ବିଂ. (ଅ-ବିଘ୍ନ) ନିରାପଦ, ନିର୍ବିଘ୍ନ ।
ଅବିଚଳିତ, ବିଂ. (ଅ-ବି-ଚଲ୍-ତ) ସ୍ଥିର, ଦୃଢ଼ ।
ଅବିଚାର, ବି. ( ଅ-ବି-ଚର୍-ଅ ) ଅନ୍ୟାୟ୍ୟ ବିଚାର
ଅବିଚ୍ଛିନ୍ନ, ବିଂ. (ଅ-ବି-ଛିଦ୍-ତ) ଅସ୍ୱତନ୍ତ୍ର ।
ଅବିତଥ, ବିଂ. (ଅ-ବିତଥ) ସତ୍ୟ, ଯଥାର୍ଥ ।
ଅବିଦିତ, ବିଂ. (ଅ-ବିଦିତ) ଅଗୋଚର, ଅଜଣା ।
ଅବିଦ୍ୟ, ବିଂ. (ଅ-ବିଦ୍ୟା) ମୂର୍ଖ ।
ଅବିଦ୍ୟା, ବି. (ଅ-ବିଦ୍ୟା) ଅଜ୍ଞାନ, ମାୟା ।
ଅବିଧି, ବି. (ଅ-ବିଧି) ଶାସ୍ତ୍ରବିରୁଦ୍ଧ, ନିୟମବହିର୍ଭୂତ ।
ଅବିଧେୟ, ବିଂ. ( ଅ-ବିଧେୟ ) ଅନୁଚିତ, ଯାହା ବିଧିସଙ୍ଗତ ନୁହେ ।
ଅବିନୟ, ବି. (ଅ-ବିନୟ) ଧୃଷ୍ଟତା, ଔଦ୍ଧତ୍ୟ ।
ଅବିନଶ୍ୱର, ବିଂ. (ଅ-ବି-ନଶ୍-ବର) ଅବିନାଶୀ ।
ଅବିନୀତ, ବିଂ. (ଅ-ବିନୀତ) ଉଦ୍ଧତ, ଗର୍ବୀ ।
ଅବିଭାଜ୍ୟ, ବିଂ. (ଅ-ବିଭାଜ୍ୟ) ସୂକ୍ଷ୍ମ ।

ଅବିମୃଷ୍ୟକାରୀ, ବିଂ. ( ଅ-ବି-ମୃଷ୍-ଯ-କୃ-ଇନ୍ ) ଅବିବେକୀ ।

ଅବିର, ବି. ( ଦେଶଜ ) ଫଗୁ ।

ଅବିରତ, ବିଂ. (ଅ-ବି-ରମ୍-ତ) ଅନବରତ, ସତତ ।

ଅବିରଳ, ବିଂ (ଅ-ବିରଳ) ନିବିଡ଼, ଘନ ।

ଅବିରାମ, ବିଂ. (ଅ-ବିରାମ) ସତତ, ଅବିଶ୍ରାନ୍ତ ।

ଅବିରୋଧ, ବିଂ. (ଅ-ବିରୋଧ) ନିର୍ବିଘ୍ନ, ଅନାୟାସ ।

ଅବିଳମ୍ବ, ବିଂ. (ଅ-ବିଳମ୍ବ) ଶୀଘ୍ର, ତ୍ୱରିତ ।

ଅବିବାହିତ, ବିଂ. (ଅ-ବିବାହ-ଇତ) ଯେ ବିବାହ କରି ନାହିଁ, ଅପରିଣୀତ ।

ଅବିବେକ
ଅବିବେକୀ } ବିଂ. ( ଅ-ବିବେକ ) ବିବେକହୀନ, ଅଜ୍ଞାନ ।

ଅବିବେଚକ, ବିଂ. (ଅ-ବିବେଚକ) ବିଚାରହୀନ ।

ଅବିଶ୍ରାନ୍ତ, ବିଂ. (ଅ-ବି-ଶ୍ରମ୍-ତ) ସତତ, ଅନବରତ ।

ଅବିହିତ, ବିଂ. (ଅ-ବି-ଧା-ତ) ଅନୁଚିତ, ଅସଙ୍ଗତ ।

ଅବୀ, ବି. (ଅବ୍-ଇ-ଈ) ଷ୍ଟୁଗୀ, ରଜସ୍ୱଳା ସ୍ତ୍ରୀ ।

ଅବୀରା, ବି. (ଅ-ବୀର-ଆ) ପତିପୁତ୍ରହୀନା ସ୍ତ୍ରୀ ।

ଅବୁଝା
ଅବୁଝ
ଅବୁଝାମଣା } ବିଂ. ( ଦେଶଜ ) ଯେ ବୁଝେ ନାହିଁ, ଅବିବେକ ।

ଅବେକ୍ଷଣ, ବି. (ଅବ-ଈକ୍ଷ-ଅନ) ଦର୍ଶନ, ଆଲୋଚନା ।

ଅବୈତନିକ, ବିଂ. (ଅ-ବେତନ-ଇକ) ଯେ ବେତନ-ଭୋଗୀ ନୁହେଁ ।

ଅବୈଧ, ବିଂ. ( ଅ-ବିଧି-ଅ ) ଅସଙ୍ଗତ, ଅଯୌକ୍ତିକ ।
ଅବୋଧ, ବିଂ. ( ଅ-ବୋଧ ) ମୂର୍ଖ, ବୁଦ୍ଧିହୀନ ।
ଅବ୍ୟୟ, ବିଂ. ( ଅ-ବି-ଇ-ଅ ) ଅବିନାଶ, ବିଷ୍ଣୁ, ବିକାରଶୂନ୍ୟ ।
ଅବ୍ୟର୍ଥ, ବିଂ. ( ଅ-ବ୍ୟର୍ଥ ) ସଫଳ ।
ଅବ୍ୟବସ୍ଥିତ, ବିଂ. (ଅ-ବି-ଅବସ୍ଥା-ତ) ଅସ୍ଥିର, ଚଞ୍ଚଳ ।
ଅବ୍ୟବହିତ, ବିଂ. (ଅ-ବ୍ୟବହିତ) ବ୍ୟବଧାନଶୂନ୍ୟ ।
ଅବ୍ୟାଜ, ବିଂ. ( ଅ-ବ୍ୟାଜ ) ସରଳ, ଅନାୟାସ । ବି. ସାରଲ୍ୟ, ଅକପଟତା ।
ଅବ୍ୟାହତ, ବିଂ ( ଅ-ବି-ଆ-ହନ୍-ତ ) ବ୍ୟାଘାତରହିତ ।
ଅବ୍ୟାହତି, ବି. (ଅ-ବି-ଆ-ହନ୍-ତି) ନିଷ୍କୃତି, ରକ୍ଷା ।
ଅଶକ୍ତ, ବିଂ ( ଅ-ଶକ୍-ତ ) ଅସମର୍ଥ, ଅପାରଗ ।
ଅଶକ୍ୟ, ବିଂ. ( ଅ-ଶକ୍-ଯ ) ଅସାଧ୍ୟ, ଶକ୍ତିର ବହିର୍ଭୂତ ।
ଅଶନ, ବିଂ. ( ଅଶ୍-ଅନ ) ଭୋଜନ ।
ଅଶନି, ବିଂ. (ଅଶ୍-ଅନି ) ବଜ୍ର, ବିଦ୍ୟୁତ୍ ।
ଅଶରଣ, ବିଂ. ( ଅ-ଶରଣ ) ନିରାଶ୍ରୟ, ଅନାଥ ।
ଅଶରୀରୀ, ବିଂ. ( ଅ-ଶରୀର-ଇନ୍ ) ନିରାକାର, ଆକାରଶୂନ୍ୟ, ଶୂନ୍ୟ ।
ଅଶାନ୍ତି, ବି. ( ଅ-ଶମ୍-ତି ) ଉପଦ୍ରବ, ଦୁଃଖ ।
ଅଶିକ୍ଷିତ, ବିଂ. ( ଅ-ଶିକ୍ଷିତ ) ଅନଭିଜ୍ଞ, ମୂର୍ଖ ।
ଅଶିଷ୍ଟ, ବିଂ. ( ଅ-ଶାସ୍-ତ ) ଦୁରନ୍ତ, ଅଶାନ୍ତ ।

ଅଶୀ, ବି. ବି°. ଅଶୀତି, ୮୦ ସଂଖ୍ୟା ।
ଅଶୀତି, ବି°. ୮୦ ସଂଖ୍ୟା, ଅଶୀ ।
ଅଶୁଆର, ବିଃ. ଅଶ୍ୱବାର, ଅଶ୍ୱାରୋହୀ ।
ଅଶୁଚି, ବି°. ( ଅ-ଶୁଚି ) ଅପବିତ୍ର ।
ଅଶୁଦ୍ଧ, ବି. ( ଅ-ଶୁଦ୍ଧ ) ଅପବିତ୍ର ।
ଅଶୁଦ୍ଧି, ବି°. ( ଅ-ଶୁଦ୍ଧି ) ଅପବିତ୍ରତା ।
ଅଶୁଭ, ବି°. ( ଅ-ଶୁଭ ) ଅମଙ୍ଗଳ ।
ଅଶେଷ, ବି°. ( ଅ-ଶେଷ ) ଅସମ୍ପୂର୍ଣ୍ଣ, ସମୁଦାୟ ।
ଅଶୋକ, ବି. ( ଅ-ଶୋକ ) ବୃକ୍ଷବିଶେଷ । ବି°. ଶୋକହୀନ ।
ଅଶୌଚ, ବି. ( ଅ-ଶୌଚ ) ଅଶୁଦ୍ଧ ।
ଅଶ୍ମ, ବି°. ( ଅଶ୍-ମନ୍ ) ପଥର, ପର୍ବତ, ମେଘ ।
ଅଶ୍ମରୀ, ବି. ( ଅଶ୍ମର-ଈ ) ପଥୁରିଆ ରୋଗ, ମୂତ୍ରକୃଚ୍ଛ୍ର ।
ଅଶ୍ରଦ୍ଧା, ବି°. (ଅ-ଶ୍ରଦ୍ଧା) ଘୃଣା, ଅଭକ୍ତି, ଅନାଦର ।
ଅଶ୍ର / ଅସ୍ର } ବି. ( ଅଶ୍, ଅସ୍-ର ) ଲୁହ, ରକ୍ତ ।
ଅଶ୍ରାବ୍ୟ, ବି°. (ଅ-ଶ୍ରାବ୍ୟ ) ଯାହା ଶ୍ରବଣଯୋଗ୍ୟ ନହେ, ଶ୍ରୁତିକଟୁ ।
ଅଶ୍ରୁ, ବି. ( ଅଶ୍-ରୁ ) ଲୋତକ, ଚକ୍ଷୁର ଜଳ ।
ଅଶ୍ରୁତ, ବି°. (ଅ-ଶ୍ରୁତ ) ଯାହା ଶୁଣା ହୋଇ ନାହିଁ ।
ଅଶ୍ରୁତପୂର୍ବ, ବି°. ( ଅ-ଶ୍ରୁତ-ପୂର୍ବ ) ଯାହା ପୂର୍ବରେ ଶୁଣା ହୋଇ ନାହିଁ ।

ଅଶ୍ଳୀଳ, ବିଂ. ( ଅ-ଶ୍ରୀ-ଲ ) ଜଘନ୍ୟ, ଶ୍ରୀଯୁକ୍ତ ନୁହେଁ ।

ଅଶ୍ଳେଷା, ବି. ଅ- ଶ୍ଳିଷ-ଅ ) ୯ମ ନକ୍ଷତ୍ର ।

ଅଶ୍ୱ, ବି. ( ଅଶ୍-ବ ) ଘୋଟକ ।

ଅଶ୍ୱକର୍ଣ୍ଣ, ବି. ( ଅଶ୍ୱ-କର୍ଣ୍ଣ ) ଶାଳଗଛ ।

ଅଶ୍ୱତର, ବି. ( ଅଶ୍ୱ-ତର ) ଖଚର, ଗଧମିଶା ଘୋଡ଼ା । ସ୍ତ୍ରୀ. ଅଶ୍ୱତରୀ ।

ଅଶ୍ୱତ୍ଥ, ବି. ( ଅଶ୍ୱ-ସ୍ଥା-ଅ ) ବଟବୃକ୍ଷ, ସର୍ପ୍ପ ।

ଅଶ୍ୱତ୍ଥାମା, ବି. ( ଅଶ୍ୱ-ସ୍ଥା-ମନ୍ ) ଦ୍ରୋଣଙ୍କ ଔରସରେ କୃପୀଙ୍କ ଗର୍ଭରେ ଜାତ ପୁତ୍ର ।

ଅଶ୍ୱମୁଖ, ବି. ( ଅଶ୍ୱ-ମୁଖ ) କିନ୍ନର । ସ୍ତ୍ରୀ. ଅଶ୍ୱମୁଖୀ ।

ଅଶ୍ୱମେଧ, ବି. ( ଅଶ୍ୱ-ମେଧ ) ଯଜ୍ଞବିଶେଷ ।

ଅଶ୍ୱବାର, ବିଂ. ( ଅଶ୍ୱ-ବୃ-ଅ ) ଅଶ୍ୱାରୋହୀ ।

ଅଶ୍ୱାରି, ବି. (ଅଶ୍ୱ-ଅରି) ମହିଷ ।

ଅଶ୍ୱାରୋହୀ, ବିଂ. (ଅଶ୍ୱ-ଆ-ରୁହ୍-ଇନ୍)ଘୋଡ଼ସବାର ।

ଅଶ୍ୱିନୀ, ବି. (ଅଶ୍ୱ-ଇନ୍-ଈ) ପ୍ରଥମ ନକ୍ଷତ୍ର ।

ଅଶ୍ୱିନୀକୁମାର, ବି. (ଅଶ୍ୱିନୀ-କୁମାର) ସ୍ୱର୍ଗବୈଦ୍ୟ ।

ଅଷାଢ଼, ବି. (ଆଷାଢ଼ର ଅପଭ୍ରଂଶ) ଯେଉଁ ମାସର ପୂର୍ଣ୍ଣିମାରେ ଉତ୍ତରାଷାଢ଼ା ନକ୍ଷତ୍ର ହୁଏ ।

ଅଷାଢ଼ୁଆ, ବି. (ଦେଶଜ) ଆଷାଢ଼ ମାସରେ ଉତ୍ପନ୍ନ ବନ୍ୟ ଫଳବିଶେଷ ।

ଅଷ୍ଟ, ବିଂ. ଆଠ, ୮ ସଂଖ୍ୟା ।

ଅଷ୍ଟକ, ବି (ଅଷ୍ଟନ୍-କ) ଆଠ ଅଧ୍ୟାୟବିଶିଷ୍ଟ ଗ୍ରନ୍ଥ ବା ଆଠ ଶ୍ଳୋକବିଶିଷ୍ଟ ରଚନା ।

ଅଷ୍ଟଦିକ୍‌ପାଳ, ବି. (ଅଷ୍ଟଦିକ୍-ପୃ-ଅ) ଆଠ ଦିଗର ଅଧିଷ୍ଠାତ୍ରୀ ଦେବତା ।

ଅଷ୍ଟଧା, ଅଂ (ଅଷ୍ଟ-ଧା) ଆଠ ପ୍ରକାର ।

ଅଷ୍ଟଧାତୁ, ବି. ସ୍ୱର୍ଣ୍ଣ, ରୌପ୍ୟ, ଲୌହ, ତାମ୍ର, ସୀସକ, କାନ୍ତ ଲୌହ, ରଙ୍ଗ ଓ ଇସ୍ପାତ ।

ଅଷ୍ଟମ, ବିଂ. (ଅଷ୍ଟନ୍-ମ) ଆଠର ପୂରଣ ।

ଅଷ୍ଟମୀ, ବି. (ଅଷ୍ଟମ-ଈ) ଅମାବାସ୍ୟା ବା ପୂର୍ଣ୍ଣିମାର ପରବର୍ତ୍ତୀ ଅଷ୍ଟମ ଦିବସ ।

ଅଷ୍ଟାଙ୍ଗ, ବି. (ଅଷ୍ଟ ଅଙ୍ଗ) ଜାନୁ, ପାଦ, ହସ୍ତ, ଉର, ବୁଦ୍ଧି, ଶିର, ବାକ୍ୟ ଓ ଚକ୍ଷୁଃ ।

ଅଷ୍ଟାଦଶ, ବିଂ. ୧୮ ସଂଖ୍ୟାର ପୂରଣ ।

ଅଷ୍ଟାପଦ, ବି. ( ଅଷ୍ଟନ୍-ପଦ ) ବୁଢ଼ିଆଣୀ, ମୃଗ-ବିଶେଷ, ସୁବର୍ଣ୍ଣ ।

ଅଷ୍ଟାବଧାନୀ, ବିଂ. ଯେଉଁ ଲୋକ ଏକ ସମୟରେ ଆଠଗୋଟି କାମ କରି ପାରେ ।

ଅଷ୍ଟାବିଂଶତି, ବିଂ. ୨୮ ସଂଖ୍ୟା ।

ଅସଂଖ୍ୟ, ବିଂ. (ଅ-ସମ୍-ଖ୍ୟା-ଅ) ଅଗଣ୍ୟ ।

ଅସଂଯତ, ବିଂ. ( ଅ-ସମ୍-ଯମ୍-ତ ) ଅନିୟମିତ ।

ଅସଂଲଗ୍ନ, ବିଂ. (ଅ-ସମ୍-ଲଗ୍-ତ) ଅସଙ୍ଗତ, ପୂର୍ବା-ପର ବିରୁଦ୍ଧ ।

ଅସଂଶୟ, ବିଂ. (ଅ-ସମ୍-ଶୀ-ଅ) ନିଃସନ୍ଦେହ ।

ଅସକଢ଼, ବି. (ଦେଶଜ) ଅଡ଼ୁଆ, ଗୋଳମାଳ ।
ଅସକଟ୍ଟ, ବି. (ଦେଶଜ) ଅଳିଆ, ମଇଳା ।
ଅସଙ୍ଗତ, ବିଂ. ( ଅ-ସମ୍-ଗମ୍-ତ ) ଅସମ୍ବନ୍ଧ, ଅଯୌକ୍ତିକ ।
ଅସଚ୍ଚରିତ, ବିଂ. (ଅସତ୍-ଚରିତ) ଦୁଶ୍ଚରିତ ।
ଅସଜ, ବିଂ. (ଦେଶଜ) ବିଶୃଙ୍ଖଳ । ବି. ଅସୁବିଧା ।
ଅସଣା } ବିଂ. (ଦେଶଜ) ଅପରିଷ୍କୃତ ।
ଅସନା }
ଅସତ୍, ବିଂ. ( ଅ-ସତ୍ ) ଅସାଧୁ, ଦୁଶ୍ଚରିତ୍ର । ସ୍ତ୍ରୀ. ଅସତୀ ।
ଅସତ୍ୟ, ବିଂ. (ଅ-ସତ୍ୟ) ମିଥ୍ୟା ।
ଅସନ, ବି. (ଅସ୍-ଅନ) ପିଆଶାଳଗଛ, ଅସନଗଛ ।
ଅସନ୍ତୋଷ, ବି. (ଅ-ସନ୍ତୋଷ) ଅତୃପ୍ତି, ବିରକ୍ତି ।
ଅସପତ୍ନ, ବିଂ (ଅ-ସପତ୍ନ) ଶତ୍ରୁଶୂନ୍ୟ, ନିଷ୍କଣ୍ଟକ ।
ଅସଭ୍ୟ, ବିଂ. (ଅ-ସଭା-ଯ) ଖଳ ।
ଅସମ, ବିଂ. (ଅ-ସମ) ଅତୁଲ୍ୟ, ଅନୁପମ ।
ଅସମର୍ଥ, ବିଂ. (ଅ-ସମର୍ଥ ) ଅକ୍ଷମ ।
ଅସମାପ୍ତ } ବିଂ ( ଅ-ସମାପ୍ତ, ସମ୍ପୂର୍ଣ୍ଣ ) ଯାହା ପୂର୍ଣ୍ଣ
ଅସମ୍ପୂର୍ଣ୍ଣ } ହୋଇ ନାହିଁ ।
ଅସମ୍ପୃକ୍ତ, ବିଂ. (ଅ-ସଂପୃକ୍ତ) ସମ୍ପର୍କଶୂନ୍ୟ ।
ଅସମ୍ଭାଳ, ବିଂ. ( ଦେଶଜ ) ଉଦ୍‌ବିଗ୍ନ, ଅସ୍ତବ୍ୟସ୍ତ ।
ଅସମ୍ଭବ, ବିଂ. (ଅ-ସମ୍-ଭୂ-ଅ) ଆଶ୍ଚର୍ଯ୍ୟ ।

ଅସମ୍ଭାବ୍ୟ, ବିଂ. ( ଅ-ସମ୍ଭାବ୍ୟ ) ଯାହା ସମ୍ଭାବନା ଯୋଗ୍ୟ ନୁହେ, ଅଲୌକିକ ।

ଅସମ୍ଭ୍ରମ, ବିଂ. (ଅ-ସମ୍ଭ୍ରମ) ଅମର୍ଯ୍ୟାଦା, ଅପମାନ ।

ଅସମ୍ମତ, ବିଂ. ( ଅ-ସମ୍ମତ ) ଅନଭିମତ, ଅପ୍ରିୟ, ନାରାଜ୍, ଅମଙ୍ଗ ।

ଅସମ୍ମାନ, ବି. (ଅ-ସମ୍ମାନ) ଅନାଦର, ଅପମାନ ।

ଅସର, ବି. (ଗ୍ରାମ୍ୟ) ଅବସର, ଫୁରୁସତ୍ ।

ଅସରନ୍ତ, ବିଂ. (ଦେଶଜ) ଅକ୍ଷୟ ।

ଅସରପା } ବି. ( ଦେଶଜ ତୈଳପାୟୀ ପତଙ୍ଗ-
ଅସରଢ଼ା } ବିଶେଷ ।

ଅସରପି, ବି. (ଦେଶଜ) ସ୍ୱର୍ଣ୍ଣମୁଦ୍ରା ।

ଅସରା, ବି. (ଦେଶଜ) ଆସାର, ବୃଷ୍ଟିଧାରାସମ୍ପାତ ।

ଅସଲ, ବିଂ. (ଦେଶଜ) ଯେ ଜାରଜ ନୁହେ । ବି. ମୂଳଧନ ।

ଅସବର୍ଣ୍ଣ, ବିଂ. (ଅ-ସବର୍ଣ୍ଣ) ଭିନ୍ନଜାତୀୟ ।

ଅସହଣି, ବିଂ. (ଦେଶଜ) ଅସହିଷ୍ଣୁ ।

ଅସହାୟ, ବିଂ. (ଅ-ସହାୟ) ନିଃସହାୟ ।

ଅସହିଷ୍ଣୁ, ବିଂ. (ଅ-ସହିଷ୍ଣୁ) ଯେ ସହି ପାରେ ନାହିଁ ।

ଅସହ୍ୟ, ବିଂ. (ଅ-ସହ୍-ଯ) ଅସହନୀୟ ।

ଅସାଧାରଣ, ବିଂ. ( ଅ-ସାଧାରଣ ) ଅସାମାନ୍ୟ, ଅତୁଲ୍ୟ ।

ଅସାଧ୍ୟ, ବିଂ. (ଅ-ସାଧ୍-ଯ) ସାଧନାର ଅଯୋଗ୍ୟ ।

ଅସାର, ବିଂ. (ଅ-ସାର) ସାରହୀନ । ବି. ଗବଗଛ ।

ଅସାବଧାନ , ବିଂ. (ଅ-ସାବଧାନ) ସାବଧାନତାଶୂନ୍ୟ।
ଅସାଷ୍ଟମ, ବିଂ. (ଦେଶଜ) ଅଜ୍ଞାନ, ଅଚେତନ ।
ଅସି, ବି. (ଅସ୍-ଇ) କରବାଳ, ଖଡ୍ଗ ।
ଅସିତ, ବି. (ଅ-ସିତ) କୃଷ୍ଣବର୍ଣ୍ଣ, ଶନଗ୍ରହ ।
ଅସିଦ୍ଧ, ବିଂ. (ଅ-ସିଦ୍ଧ) ଅସିଝା, ଅସମ୍ପନ୍ନ ।
ଅସପୁତ୍ରୀ, ବି. (ଅସି-ପୁତ୍ରୀ) ଛୁରୀ, ଖ୍ଞୁର ।
ଅସୀମ, ବିଂ. (ଅ-ସୀମନ୍-ଅ) ଅନନ୍ତ, ସୀମାରହିତ ।
ଅସୁକୁ, ବି. (ଦେଶଜ) ଅସୁଖ, ଘଣା, ଅରୁଚ ।
ଅସୁଖ, ବି. (ଅ-ସୁଖ) ଦୁଃଖ; କ୍ଳେଶ ।
ଅସୁଖୀ, ବିଂ. ( ଅସୁଖ-ଇନ୍ ) ଯେ ଦୁଃଖ ଭୋଗ କରେ, ଦୁଃଖୀ, ପୀଡ଼ିତ ।
ଅସୁତୁର, ବିଂ. (ଗ୍ରାମ୍ୟ) ଅସୁନ୍ଦର, ଅସୁବିଧାଜନକ ।
ଅସୁମାର } ଅସୁମାର } ବିଂ. (ଦେଶଜ) ଅସଂଖ୍ୟ ।
ଅସୁର, ବି. ( ଅ-ସୁର ) ଦୈତ୍ୟ, ଦାନବ ।
ଅସୁରୀ, ବି. (ଅସୁର-ସ୍ତ୍ରୀ-ଈ) ରାକ୍ଷସୀ, ରଇସୋରକ୍ଷ ।
ଅସୁଲ, ବି. (ଯାବନକ) ଆଦାୟ ।
ଅସୁସାର, ବିଂ. (ଦେଶଜ) ଅସୁବିଧାଜନକ, ଅଡୁଆ ।
ଅସୁସ୍ଥ, ବିଂ. (ଅ-ସୁସ୍ଥ) ପୀଡ଼ିତ, ସୁଖରହିତ ।
ଅସୂୟା, ବି. ( ଅସ-ଆ ) ଦ୍ୱେଷ, କ୍ରୋଧ, ପରଶ୍ରୀକାତରତା ।
ଅସର୍ଯ୍ୟମ୍ପଶ୍ୟା, ବି. ସ୍ତ୍ରୀ. ଯେଉଁ ସ୍ତ୍ରୀ ସର୍ଯ୍ୟଙ୍କୁ ସୁଦ୍ଧା ଦେଖେ ନାହିଁ ।

ଅସ୍ତ, ବିଂ. (ଅସ୍-ତ) ନିକ୍ଷିପ୍ତ । ବି. ସୂର୍ଯ୍ୟ ଚନ୍ଦ୍ରାଦିର ଅସ୍ତଗମନ ।

ଅସ୍ତବ୍ୟସ୍ତ, ବିଂ. (ଅସ୍ତ-ବ୍ୟସ୍ତ) ଅସ୍ଥିର, ଚଞ୍ଚଳ ।

ଅସ୍ତମିତ, ବିଂ. (ଅସ୍ତଂ-ଇ-ତ) ଅସ୍ତଗତ, ନଷ୍ଟ ।

ଅସ୍ତାଚଳ. ବି. (ଅସ୍ତ-ଅଚଳ) ପଶ୍ଚିମ ଦିଗସ୍ଥ ପର୍ବତ ।

ଅସ୍ତାବଲ, ବି. (ଯାବନିକ) ଅଶ୍ୱଶାଳା, ମନ୍ଦୁରା ।

ଅସ୍ତି, ଅଂ. (ଅସ୍-ତି) ବିଦ୍ୟମାନତା, ସ୍ଥିତ, ଅଛି ।

ଅସ୍ତିତ୍ୱ, ବି. (ଅସ୍ତି-ତ୍ୱ) ବିଦ୍ୟମାନତା ।

ଅସ୍ତୁ, ଅଂ. (ଅସ୍-ତୁ) ହେଉ ।

ଅସ୍ଥାନ, ବି. (ଅ-ସ୍ଥାନ) ଅଯୋଗ୍ୟସ୍ଥାନ ।

ଅସ୍ଥିମାନ୍, ବିଂ. (ଅସ୍ଥି-ମତ୍) ଅସ୍ଥିବିଶିଷ୍ଟ ପ୍ରାଣୀ ।

ଅସ୍ତ୍ର, ବି. (ଅସ୍-ତ୍ର) ଶସ୍ତ୍ର ।

ଅସ୍ଥାବର, ବି.(ଅ-ସ୍ଥା-ବର) ଅସ୍ଥାୟୀ, ଚଳନ୍ତ ।

ଅସ୍ଥି, ବି. (ଅସ୍-ଥି) ହାଡ଼ ।

ଅସ୍ଥିର, ବିଂ. (ଅ-ସ୍ଥିର) ଚଞ୍ଚଳ, ଅସ୍ଥାୟୀ ।

ଅସ୍ପଷ୍ଟ, ବିଂ. (ଅ-ସ୍ପଷ୍ଟ) ଯାହା ଭଲରୂପେ ଶୁଣାଯାଏ ନାହିଁ, ପଢ଼ାଯାଏ ନାହିଁ ବା ବୁଝାଯାଏ ନାହିଁ ।

ଅସ୍ପୃଶ୍ୟ, ବିଂ. ( ଅ-ସ୍ପୃଶ୍ୟ ) ସ୍ପର୍ଶ ବା ଛୁଇଁବାର ଅଯୋଗ୍ୟ, ଅଶୁଚି ।

ଅସ୍ଫୁଟ, ବିଂ. (ଅ-ସ୍ଫୁଟ) ଅପ୍ରକାଶିତ, କ୍ଷୀଣ ।

ଅସ୍ମଦୀୟ, ବିଂ. (ଅସ୍ମଦ୍-ଈୟ) ଆମ୍ଭ ସମ୍ବନ୍ଧୀୟ ।

ଅସ୍ମିତା, ବି. ( ଅସ୍ମି-ତା ) ମୁଁ ଅଛି ଏହି ଜ୍ଞାନ, ଅହଂଜ୍ଞାନ ।

ଅସ୍ର, ବି. (ଅସ୍-ର) ଘର ବା ପଦାର୍ଥର କୋଣ, ରକ୍ତ, ଲୋତକ ।

ଅସ୍ରପ, ବି. ( ଅସ୍ର-ପା-ଅ ) ଯେ ରକ୍ତପାନ କରେ, ରାକ୍ଷସ । ପା, ସ୍ତ୍ରୀ. ରାକ୍ଷସୀ, ଜୋକ । ( ଦେଶଜ ) ଅସରପା (ପତଙ୍ଗ) ।

ଅସ୍ୱୀକାର, ବି. ( ଅ-ସ୍ୱୀକାର ) ନାମଞ୍ଜୁର, ସ୍ୱୀକାରାଭାବ ।

ଅହଙ୍କାର, ବି. (ଅହଂ-କୃ-ଅ) ଗର୍ବ, ଦମ୍ଭ ।

ଅହନ୍, ବି. (ଅହ୍-ଅନ୍) ଦିନ, ଦିବସ ।

ଅହନ୍ତା, ବି. ( ଦେଶଜ ) ଅକସ, ଅଦଉତ ।

ଅହମ୍ମକ, ବିଂ. ( ଯାବନିକ ) ଓଲୁ, ନିର୍ବୋଧ ।

ଅହମିକା, ବି. ( ଅହଂ-କ-ଆ ) ଅହଙ୍କାର ।

ଅହରହ, କ୍ରି. ବିଂ. (ଅହନ୍-ଅହନ୍ ) ପ୍ରତିଦିନ ।

ଅହର୍ନିଶ, କ୍ରି. ବିଂ. ( ଅହନ୍-ନିଶା ) ସର୍ବଦା, ନିରନ୍ତର ।

ଅହି, ବି. ( ଅ-ହା-ଇ ) ସର୍ପ ।

ଅହିଆ, ବି. ( ଦେଶଜ ) ଅସ୍ଥାୟୀ ଚୁଲ୍ଲୀ ।

ଅହିତ, ବିଂ. ( ଅ-ହିତ ) ଅମଙ୍ଗଳ, ଶତ୍ରୁ ।

ଅହିତୁଣ୍ଡିକ, ବି. ( ଅହିତୁଣ୍ଡ-ଇକ୍ ) ସାପୁଆ କେଳା ।

ଅହିଫେନ, ବି. ( ଅହି-ଫେନ ) ଅଫିମ ।

ଅହିମକର, ବି. ( ଅ-ହିମ-କର ) ସୂର୍ଯ୍ୟ ।

ଅହିରା, ଅଇଁରା } ବି. ( ଦେଶଜ ) ଅଗ୍ନି ଉତ୍ସବ ପର୍ଣ୍ଣିମା, ମଳା ।

ଅହେତୁକ, ବିଂ. ( ଅ-ହେତୁ-କ ) କାରଣହୀନ ।

ଅହୋ, ଅଂ. ଆଶ୍ଚର୍ଯ୍ୟ, ସମ୍ବୋଧନ ।

ଅହୋରାତ୍ର, ବି. ( ଅହନ୍-ରାତ୍ରି ) ଦିବାରାତ୍ର ।

ଅହୁଣିଆ, ବି. ( ଦେଶଜ ) ଯାହା ଦେବତାଙ୍କ ନିକଟରେ ନୈବେଦ୍ୟ ହୋଇ ନ ଥାଏ ।

ଅହ୍ୟ, ଅହୁଅ } ବି. ( ଦେଶଜ ) ସଧବା ସ୍ତ୍ରୀ ।

— ❋ —

## ଆ

ଆ, ବି. ଶିବ, ଅନନ୍ତ । ଅଂ. ( ଉପସର୍ଗ ) ଈଷତ୍, ସୀମା, ବ୍ୟାଜ ଇତ୍ୟାଦି ।

ଆଂଶିକ, ବିଂ. ( ଅଂଶ-ଇକ ) ଅପୂର୍ଣ୍ଣ ।

ଆଃ, ଅଂ. ସୁଖ ଓ ଦୁଃଖସୂଚକ ସ୍ୱର ।

ଆଁ, ବି. (ଦେଶଜ) ମୁଖବ୍ୟାଦାନ, ପାଟି ମେଲ କରିବା ।

ଆଁଶୁ, ବି. (ଦେଶଜ) ସୂକ୍ଷ୍ମାଗ୍ର ତୀକ୍ଷ୍ଣ କଣ୍ଟକବତ୍ ବସ୍ତୁ ।

ଆଇନ, ବି (ଯାବନିକ) ରାଜନିୟମ, ବ୍ୟବସ୍ଥାଶାସ୍ତ୍ର ।

ଆଇନା, ବି. (ଯାବନିକ) ଦର୍ପଣ ।

ଆଇଁଷ, ବି. (ଦେଶଜ) ଆମିଷ, ମାଛ ମାଂସ ପ୍ରଭୃତି ।

ଆଇଁଷଆ, ଆଇଁଷିଣିଆ } ବିଂ. (ଦେଶଜ) ଆମିଷଗନ୍ଧଯୁକ୍ତ ।

ଆଈ, ବି. (ଦେଶଜ) ମାତାମହୀ, ପିତାମହୀ ।

ଆଉଁସିବା, କ୍ରି. ( ଦେଶଜ ) ଦେହରେ ହାତ ବୁଲାଇବା ।

ଆଉ, ଅଂ. (ଦେଶଜ) ପୁଣି, ଆହୁରି ।

ଆଉଜବା, କ୍ରି. (ଦେଶଜ) ଏକଆଡ଼କୁ ଢଳିବା ।

ଆଉଟିବା, କ୍ରି. (ଦେଶଜ) ତରଳାଇବା, ଘାଣ୍ଟିବା ।

ଆଉଡ଼ିବା } କ୍ରି. (ଦେଶଜ) ଆବୃତ୍ତି କରିବା,
ଆଉଡ଼ାଇବା } ପଇଟେଇବା ।

ଆକଟ, ବି. (ଦେଶଜ) ଶାସନ, ତାଡ଼ନା ।

ଆକଣ୍ଠ, ଅଂ. ( ଆ-କଣ୍ଠ ) କଣ୍ଠପର୍ଯ୍ୟନ୍ତ । ବିଂ. କଣ୍ଠାଗତ ।

ଆକତା, ବିଂ. (ଦେଶଜ) ଅକ୍ଷମ, ହାଲିଆ ।

ଆକର, ବି. (ଆ-କୃ-ଅ) ଖଣି, ସମୂହ ।

ଆକରିକ, ବିଂ. (ଆକର-ଇକ) ଖଣିଜ ।

ଆକର୍ଣ୍ଣ, ଅଂ. (ଆ-କର୍ଣ୍ଣ) କର୍ଣ୍ଣପର୍ଯ୍ୟନ୍ତ ।

ଆକର୍ଷଣ, ବି. (ଆ-କୃଷ୍-ଅନ) ବଳପୂର୍ବକ ଏକ ପଦାର୍ଥକୁ ଅନ୍ୟସ୍ଥାନକୁ ଟାଣିନେବା ।

ଆକର୍ଷଣୀ, ବି. (ଆ-କୃଷ-ଅନ-ଈ) ଆଙ୍କୁଡ଼ୀ ।

ଆକସ୍ମିକ, ବିଂ. (ଅକସ୍ମାତ୍-ଇକ) ହଠାତ୍ ଉତ୍ପନ୍ନ ।

ଆକାଙ୍କ୍ଷା, ବି. (ଆ-କାଙ୍କ୍ଷ୍-ଆ) ଇଚ୍ଛା ।

ଆକାର, ବି. (ଆ-କୃ-ଅ) ଆକୃତି, ମୂର୍ତ୍ତି ।

ଆକାଶ, ବି. (ଆ-କାଶ୍-ଅ) ଗଗନ, ଶୂନ୍ୟ ସ୍ଥାନ ।

ଆକାଶକୁସୁମ, ବି. (ଆକାଶ-କୁସୁମ) ଆକାଶରେ

କୁସୁମ ଫୁଟେ ନାହିଁ, ଅତଏବ ଆକାଶ କୁସୁମ ମାନେ ମିଥ୍ୟା ବସ୍ତୁ ।

ଆକାଶବାଣୀ, ବି. ଶୂନ୍ୟରୁ ଦେବତାଦିଙ୍କ କଥା ।

ଆକିଞ୍ଚନ, ବି. (ଅକିଞ୍ଚନ-ଅ) ଦରିଦ୍ରତା, ଅକିଞ୍ଚନତା ।

ଆକୀର୍ଣ୍ଣ, ବିଂ. (ଆ-କୃ-ତ) ବିକ୍ଷିପ୍ତ, ବ୍ୟାପ୍ତ ।

ଆକୁଞ୍ଚନ, ବି. (ଆ-କୁଞ୍ଚ-ଅନ) ସଙ୍କୋଚନ ।

ଆକୁଳ, ବିଂ. (ଆ-କୁଳ୍-ଅ) ବ୍ୟଗ୍ର, ଉଦ୍ବିଗ୍ନ ।

ଆକୃତି, ବି. (ଆ-କୃ-ତି) ଆକାର ।

ଆକୃଷ୍ଟ, ବିଂ. (ଆ-କୃଷ୍-ତ) ଯାହାକୁ ଆକର୍ଷଣ କରା ହୋଇଅଛି ।

ଆକ୍ରମକ, ବିଂ. (ଆ-କ୍ରମ୍-ଅକ) ଆକ୍ରମଣକାରୀ ।

ଆକ୍ରମଣ, ବି. (ଆ-କ୍ରମ-ଅନ) ଚଢ଼ାଉ, ଆରୋହଣ ।

ଆକ୍ରା, ବି. (ଦେଶଜ) ଦୁର୍ମୂଲ୍ୟ, ଲୋଡ଼ା, ଆବଶ୍ୟକ ।

ଆକ୍ରାନ୍ତ, ବିଂ. (ଆ-କ୍ରମ୍-ତ) ଅତିରକ୍ତ, ଅଭିଭୂତ ।

ଆକ୍ରୋଶ, ବି. (ଆ-କ୍ରୁଶ୍-ଅ) କଟୂକ୍ତି, ଭର୍ତ୍ସନା, କ୍ରୋଧ ।

ଆକ୍ଷେପ, ବି. (ଆ-କ୍ଷିପ୍-ଅ) ଦୁଃଖ, ନିନ୍ଦା, ଆକର୍ଷଣ ।

ଆଖଡ଼ା, ବି. (ଦେଶଜ) ନୃତ୍ୟଗୀତାଦି କରିବା ସ୍ଥାନ, ବ୍ୟାୟାମ କରିବା ଆଡ଼ା ।

ଆଖଣ୍ଡଳ, ବି. (ଆ-ଖଣ୍ଡ-ଅଳ) ଇନ୍ଦ୍ର ।

ଆଖନ୍ଦ, ବି. (ଦେଶଜ) ଅଟକ, ଜବତ ।

ଆଖପାଖ, ବି. (ଦେଶଜ) ନିକଟ, ସମୀପ ।

ଆଖର, ବି. (ଯାବନିକ) ଶେଷ । ସଂ. ବି. (ଆଖନ୍-ଅର୍) ଖଣିତ ।

ଆଖରୋଟ, ବି. (ଯାବନିକ) ଏକ ପ୍ରକାର ଫଳ ।
ଆଖି, ବି. ( ଦେଶଜ) ଅକ୍ଷି, ଚକ୍ଷୁ, ନଡ଼ିଆମୁଣ୍ଡରେ ଥିବା ଛିଦ୍ର ।
ଆଖିଡ଼ିଆଁ, ବି. (ଦେଶଜ) ଆଖି ଡେଇଁବା, ଚକ୍ଷୁ-ସ୍ଫୁରଣ ।
ଆଖିଧରା ବି. (ଦେଶଜ) ଚକ୍ଷୁରୋଗବିଶେଷ ।
ଆଖିଫୁଟା, ବିଂ. (ଗାଳି) ଅଦୂରଦର୍ଶୀ, ମୂର୍ଖ ।
ଆଖିପତା, ବି (ଦେଶଜ)ଆଖିର ଢାଙ୍କୁଣୀ,ନେତ୍ରପତ୍ର ।
ଆଖୁ, ବି (ଦେଶଜ) ଇକ୍ଷୁ । (ସଂ) ବି. (ଆ-ଖନ୍-ଉ) ମୂଷା, କୃପଣ ।
ଆଖୁଗ, ବିଂ. (ଆଖୁ-ଗମ୍-ଅ) ଗଣେଶ ।
ଆଖୁଶାଳ, ବି. (ଦେଶଜ)ଆଖୁ ପେଡ଼ା ହେବା ସ୍ଥାନ ।
ଆଖୁଭୁକ୍, ବି. (ଆଖୁ ଭୁଜ୍-କ୍ୱିପ୍ ) ବିରାଡ଼ି ।
ଆଖେଟ, ବି. (ଆ-ଖିଟ୍-ଅ) ମୃଗୟା, ପାରଧି ।
ଆଖେଟକ, ବି. ( ଆ-ଖିଟ୍-ଅକ) ମୃଗୟା, ଶିକାରି ।
ଆଖ୍ୟା, ବି (ଆ-ଖ୍ୟା-ଅ-ଆ) ନାମ, ସଂଜ୍ଞା ।
ଆଖ୍ୟାତ, ବିଂ. (ଆ-ଖ୍ୟା-ତ) କଥିତ ।
ଆଖ୍ୟାନ, ବି. (ଆ-ଖ୍ୟା-ଅନ) କଥନ, ନାମୋଲ୍ଲେଖ, ଇତିହାସ ।
ଆଖ୍ୟାୟିକା, ବି. (ଆ-ଖ୍ୟା-ଅକ୍-ଆ) ଇତିହାସ, ଉପନ୍ୟାସ ।
ଆଗ, ବି. (ଦେଶଜ) ସମ୍ମୁଖ, ଅଗ୍ର ବିବର୍ତ୍ତୀ ।

ଆଗଚଲ୍ଲ
ଆଗବୋଲ୍ଲ } ବିଂ. (ଦେଶଜ) ଫାଜଲ୍, ଚଲାଖ ।

ଆଗତ, ବିଂ. (ଆ-ଗମ୍-ତ) ଉପସ୍ଥିତ, ପ୍ରାପ୍ତ ।

ଆଗମନ, ବି. (ଆ-ଗମ୍-ଅନ) ଆସିବା, ଉପସ୍ଥିତ ।

ଆଗମ, ବି. (ଆଗମ୍-ଅ) ବେଦାଦି ଶାସ୍ତ୍ର ।

ଆଗାମୀ, ବିଂ (ଆ-ଗମ୍-ଇନ୍) ଭବିଷ୍ୟତ୍, ଭାବୀ ।

ଆଗାର, ବି. (ଅଗାର-ଅ) ଗୃହ, ଆବାସ ।

ଆଗୁଳା, ବି. (ଦେ) ଲୁହା ମୁଦି ।

ଆଗୁଆ
ଆଗୁସାର } ବିଂ. ( ଦେ ) ଅଗ୍ରଗାମୀ, ମୁଖର ।

ଆଗେ ଅଂ. (ଦେଶଜ) ପୂର୍ବକାଳରେ ।

ଆଗୋ, ଅଂ. କୋମଳ ସମ୍ବୋଧନବାଚକ ଶବ୍ଦ ।

ଆଗ୍ନେୟ, ବିଂ. (ଅଗ୍ନି-ଏୟ) ଅଗ୍ନିସମ୍ବନ୍ଧୀୟ ।

ଆଗ୍ନେୟଗିରି, ବି. ଯେଉଁ ପର୍ବତରୁ ଉତ୍ତପ୍ତ ଜଳ, ଭସ୍ମ, ଓ ଗଳିତ ଧାତୁଦ୍ରବ୍ୟ ବାହାରେ ।

ଆଗ୍ରହ, ବି. (ଆ-ଗ୍ରହ୍-ଅ)ଅତି ଯତ୍ନ, ଅତି ବ୍ୟଗ୍ରତା ।

ଆଗ୍ରହାୟଣ, ବି. (ଅଗ୍ରହାୟନ-ଅ) ମାର୍ଗଶିର ମାସ ।

ଆଘାତ, ବି. (ଆ-ହନ୍-ଅ) ପ୍ରହାର, ବଧ ।

ଆଘ୍ରାଣ, ବି.( ଆ-ଘ୍ରା-ଅନ) ଗନ୍ଧଗ୍ରହଣ, ଶୁଙ୍ଘିବା ।

ଆଘ୍ରାତ, ବିଂ.(ଆ-ଘ୍ରା-ତ)ଯାହା ଘ୍ରାଣ କରାଯାଇଅଛି ।

ଆଙ୍କିବା, କି. ଅଙ୍କନ କରିବା, ଚିତ୍ର କରିବା ।

ଆଙ୍କୁଡ଼ା
ଆଙ୍କୁଡ଼ୀ } ବି. (ଦେ) ଲଗି (ଉଚ୍ଚ ସ୍ଥାନରୁ ଫଳାଦି ତୋଳିବାରେ ବ୍ୟବହୃତ ।)

ଆଙ୍କୁଶ, ଆଙ୍କୁଶୀ } ବି. (ଦେଶଜ) ଅଙ୍କୁଶ ।

ଆଙ୍ଗିକ, ବିଂ. (ଅଙ୍ଗ-ଇକ) ଅଙ୍ଗସମ୍ବନ୍ଧୀୟ ।

ଆଙ୍ଗିରସ, ବି. (ଅଙ୍ଗିରସ-ଅ) ବୃହସ୍ପତି ।

ଆଙ୍ଗୁଠି, ବି. (ଦେଶଜ) ଅଙ୍ଗୁଳି ।

ଆଙ୍ଗୁଳ, ଆଙ୍ଗୁଳି } ବି. (ଦେଶଜ ଅଙ୍ଗଳି ।

ଆଚମନ, ବି. (ଆ-ଚମ୍-ଅନ) ଭୋଜନାନ୍ତ ଶେଷରେ ମୁଖ ପ୍ରକ୍ଷାଳନ ।

ଆଚମ୍ବିତ, ବିଂ.(ଦେଶଜ) ଚକିତ, ସ୍ତବ୍ଧ । ଅଂ. ହଠାତ୍ ।

ଆଚରଣ, ଆଚାର } ବି. ( ଆ-ଚର୍-ଅନ, ଅ ) ଅନୁଷ୍ଠାନ, ବ୍ୟବହାର ।

ଆଚରିତ, ବିଂ. (ଆ-ଚର୍-ତ) ବ୍ୟବହୃତ ।

ଆଚାର, ବି. (ଆ-ଚର୍-ଅ) ଆଚରଣ । ( ଦେଶଜ ) ଅମ୍ଳ ଦ୍ରବ୍ୟବିଶେଷ ।

ଆଚାର୍ଯ୍ୟ, ବି. (ଆ-ଚର-ଯ) ଶିକ୍ଷାଗୁରୁ, ପୁରୋହିତ ।

ଆଚାର୍ଯ୍ୟା, ବି. ସ୍ତ୍ରୀ. (ଆଚାର୍ଯ୍ୟ-ଆ) ଯେଉଁ ସ୍ତ୍ରୀ ନିଜେ ପଢ଼ାନ୍ତି, ଅଧ୍ୟାପିକା ।

ଆଚାର୍ଯ୍ୟାଣୀ, ବି. ସ୍ତ୍ରୀ.(ଆଚାର୍ଯ୍ୟ-ଆନୀ)ଆଚାର୍ଯ୍ୟଙ୍କ ସ୍ତ୍ରୀ ।

ଆଚ୍ଛନ୍ନ, ବିଂ. (ଆ-ଛଦ୍-ତ) ଆବୃତ, ଅଭିଭୂତ ।

ଆଚ୍ଛା, ଆଚ୍ଛୁ } ବିଂ. (ଦେଶଜ)ଭଲ,ଉତ୍ତମ । ଅଂ. ହେଉ ।

ଆଚ୍ଛାଦ, ଆଚ୍ଛାଦନ } ବି. ( ଆ-ଛଦ-ଇ-ଅ, ଅନ ) ଆବରଣ, ଢାଙ୍କୁଣି ।

ଆଚ୍ଛାଦିତ, ବି°. (ଆ-ଛଦ୍-ଇ-ତ) ଆବୃତ, ଆଚ୍ଛନ୍ନ ।

ଆଜ } ଅ°. (ଦେଶଜ) ଅଦ୍ୟ ।
ଆଜି

ଆଜନ୍ମ, କ୍ରି. ବି. (ଆ-ଜନ୍ମ) ଜନ୍ମାବଧି, ଯାବଜ୍ଜୀବନ ।

ଆଜାନୁ, କ୍ରି. ବି°. (ଆ-ଜାନୁ) ଆଣ୍ଠୁ ପର୍ଯ୍ୟନ୍ତ ।

ଆଜି, ଅ°. (ଦେଶଜ) ଅଦ୍ୟ । ସ୍ତ୍ରୀ. ବି. ଯୁଦ୍ଧ ।

ଆଜିକାଲି, ଅ°. (ଦେ) ଏବେ, ବର୍ତ୍ତମାନ, ଅଧୁନା ।

ଆଜୀବ, ବି. (ଆ-ଜୀବ୍-ଅ) ଜୀବିକା, ଜୀବନୋପାୟ ।

ଆଜୀବନ, କ୍ରି. ବି°. (ଆ-ଜୀବ୍-ଅନ)ଜୀବନ ଥିବାଯାଏ ।

ଆଜ୍ଞା, ବି. (ଆ-ଜ୍ଞା-ଅ) ଆଦେଶ ।

ଆଜ୍ଞାକାରୀ, ବି°. (ଆଜ୍ଞା-କୃ-ଇନ୍) ଆଜ୍ଞାବହ ।

ଆଜ୍ୟ, ବି. (ଆ-ଅନଜ୍-ଯ) ଘୃତ ।

ଆଜୁଁ, ଅ°. (ଦେଶଜ) ଆଜିଠାରୁ ।

ଆଞ୍ଚ, ବି. (ଦେଶଜ) ଭାବନା, ଢଙ୍କା, ଦାଉ, କଳନା ।

ଆଞ୍ଚିବା,. କ୍ରି. (ଦେଶଜ)ଠାଣିବା, ଅନୁମାନ କରିବା, ନୁଆଇଁବା ।

ଆଚ୍ଛୋଇବା } କ୍ରି. (ଦେଶଜ)ଆଚମନ କରିବା,ଖାଇ
ଆଞ୍ଚୁଆଇବା } ସାରି ମୁହଁ ହାତ ଧୋଇବା ।

ଆଞ୍ଜୁଳା } ବି. (ଦେଶଜ) ଦୁଇ ହାତ ଯୋଡ଼ି ପାନ
ଆଞ୍ଜୁଳି } ପରି କରିବା, ଅଞ୍ଜଳି ।

ଆଟିକା, ବି. (ଦେଶଜ)ଗ୍ରୁଟ ହାଣ୍ଡି ।

ଆଟୁ, ବି. (ଦେଶଜ) ମାଟିକୋଠା, ମାଟି ଗୃହ ।

ଆଟୋପ, ବି. (ଆ-ଟୁପ୍-ଅ) ଗର୍ବ ।

ଆଠ, ବି. ବିଂ. ଅଷ୍ଟ, ୮ ସଂଖ୍ୟା ।

ଆଠଣି } ବି. (ଦେଶଜ) ଅଧଲି ।
ଆଠଅଣି }

ଆଡ଼, ବିଂ. (ଦେଶଜ) ପାର୍ଶ୍ୱ, ଦିଗ, ପକ୍ଷ, ପୃଷ୍ଠ, ଅର୍ଦ୍ଧ, ଈଷତ୍ ବକ୍ର ।

ଆଡ଼ଣି } ବି. ( ଦେଶଜ ) ବସ୍ତ୍ରନିର୍ମିତ ପଙ୍ଖା,
ଆଢ଼ଣୀ } ବ୍ୟଜନ ।

ଆଡ଼ତ୍‌ଦାର, ବି. (ଯାବନିକ) ଦଣ୍ଡିଆ, ମାଲଗୋଦାମ ରକ୍ଷକ ।

ଆଡ଼ତ, ବି. (ଦେଶଜ) ଗୃହକାର୍ଯ୍ୟ, ପାଇକି ।

ଆଡ଼ପ, ବି. (ଦେଶଜ) ଜଗନ୍ନାଥଙ୍କ ଗୁଣ୍ଡିଚ୍ଚମଣ୍ଡପ ।

ଆଡ଼୍‌ଭୋକେଟ, ବି. (ଇଂ. advocate) ଓକିଲ ।

ଆଡ଼ମ୍ବର, ବି (ଆ-ଡମ୍ବ-ଅର) ସମାରୋହ, ଜାକ୍‌ଜମକ ।

ଆଡା, ବି. (ଦେଶଜ) ଦଳବଦ୍ଧ ହୋଇ ବସିବା ସ୍ଥାନ, ମାଛ ଧରିବା ଯନ୍ତ୍ରବିଶେଷ, ଦୀର୍ଘ, ପ୍ରସ୍ଥ ।

ଆଡ଼୍ଡ଼ି, ବି. (ଦେଶଜ) ଶିକାର ଉଦ୍ଦେଶ୍ୟରେ ଯେଉଁ ସ୍ଥାନରେ ଲୁଚି ବସନ୍ତି ।

ଆଡ଼ିବା, କ୍ରି. (ଦେଶଜ) ଶିକାର, ପାରିଧି, ବନଗୁହାଁଣୀ, ଅଟକାଇବା, ଖେଳରେ ବାଜି ରଖିବା ।

ଆଢ଼କ, ବି. ( ଆ-ଢୌକ-ଅ ) ଶସ୍ୟ ମପିବା ପାତ୍ରବିଶେଷ, ଅଢ଼ା, ଆଠ ସେର ପରିମାଣ ।

ଆଢ଼ୁଆଳ, ବି. ଅନ୍ତରାଳ, ବ୍ୟବଧାନ ।

ଆଢ଼୍ୟ, ବି॰. (ଆ-ଧ୍ୟୈ-ଅ) ଧନବାନ୍ ।
ଆଣବିକ, ବି॰. (ଅଣୁ-ଇକ) ଅଣୁ ସମ୍ବନ୍ଧୀୟ ।
ଆଣି, ବି. (ଦେଶଜ) ଗଣ୍ଡ, ଟେକ, ମର୍ଯ୍ୟାଦା ।
ଆଣିବା, କ୍ରି. (ଦେଶଜ) ଆନୟନ କରିବା ।
ଆଣ୍ଠ, ବି॰. (ଦେଶଜ) ଶକ୍ତ ।
ଆଣ୍ଠୁଆ, ବି॰. (ଦେଶଜ)ଠାଣୁଆ, ଅହଙ୍କାରୀ ।
ଆଣ୍ଠୁ, ବି. (ଦେଶଜ) ଜାନୁ ।
ଆଣ୍ଠୁଆ, ବି. (ଦେଶଜ) ଆଣ୍ଠୁଦ୍ୱାରା ଆଘାତ ।
ଆଣ୍ଠୁଏ, ଆଣ୍ଠୁଆଣି } ବି. (ଦେ) ଆଣ୍ଠୁ ପରିମିତ ।
ଆଣ୍ଠୁକୁଡ଼ା, ବି॰. (ଦେ) ନିଃସନ୍ତାନ, ଅପୁତ୍ରକ ।
ଆଣ୍ଠୋଇବା, କ୍ରି. (ଦେ) ଆଣ୍ଠୁ ମାଡ଼ି ବସିବା ।
ଆତ, ଆଇତ } ବି. (ଦେ) ଫଳ ବୃକ୍ଷବିଶେଷ ।
ଆତଙ୍କ, ବି. (ଆ-ତନକ୍-ଅ) ଭୟ, ଶଙ୍କା ।
ଆତଙ୍କ, ବି. (ଦେଶଜ) ଭୟ, ପୀଡ଼ା ।
ଆତତାୟୀ, ବି. ( ଆତତ-ଇ-ଇନ୍ )ବଧୋଦ୍ୟତ ।
ଆତପ, ବି. (ଆ-ତପ୍-ଅ) ଖରା । ବି॰. ଅରୁଆ ।
ଆତପତ୍ର, ବି.(ଆତପ-ତ୍ରୈ-ଅ) ଛତା, ଛତ୍ର ।
ଆତଯାତ, ବି. (ଦେଶଜ) ଯିବାଆସିବା ।
ଆତସବାଜି, ବି. (ଦେ) ଅଗ୍ନିକ୍ରୀଡ଼ା, ବାଣପ୍ରଭୃତି ।
ଆତାପି, ବି. ଅସୁରବିଶେଷ, ଲେମ୍ବୁଜାତୀୟ ଅମ୍ଳ ଫଳବିଶେଷ ।

ଆତିଥେୟ, ବିଂ. ( ଅତିଥି-ଏୟ ) ଅତିଥିସେବକ ।
ଆତିଥ୍ୟ, ବିଂ. ( ଅତିଥି-ଯ ) ଅତିଥିସେବା ।
ଆତିଶଯ୍ୟ, ବିଂ. ( ଅତିଶୟ-ଯ ) ଆଧିକ୍ୟ ।
ଆତୁର, ବିଂ. ( ଆ-ତୁର-ଅ ) କାତର, ଅଧୀର ।
ଆତ୍ମଗତ, କ୍ରି. ବିଂ. ( ଆତ୍ମନ୍-ଗତ ) ସ୍ୱଗତ, ମନେ ମନେ ।
ଆତ୍ମଗ୍ଳାନି, ବି. ( ଆତ୍ମନ୍-ଗ୍ଳୈ-ତି ) ମନ୍ଦ କାର୍ଯ୍ୟ କଲେ ମନରେ ଯେଉଁ ଅସୁଖ ହୁଏ ।
ଆତ୍ମଘାତୀ, ବିଂ. ( ଆତ୍ମନ୍-ହନ୍-ଇନ୍ ) ଆତ୍ମହତ୍ୟାକାରୀ, ଯେ ଆପେ ଆପେ ମରେ ।
ଆତ୍ମଜ, ବି. ( ଆତ୍ମନ୍-ଜନ୍-ଅ ) ପୁତ୍ର, ସନ୍ତାନ ।
ଆତ୍ମଜା, ବି. ( ଆତ୍ମନ୍-ଜନ୍-ଅ-ଆ )କନ୍ୟା,ଦୁହିତା ।
ଆତ୍ମଜ୍ଞ, ବିଂ. ( ଆତ୍ମନ୍-ଜ୍ଞା-ଅ ) ଯେ ଆପଣାକୁ ଚିହ୍ନେ, ତତ୍ତ୍ୱଜ୍ଞ, ପଣ୍ଡିତ ।
ଆତ୍ମଜ୍ଞାନ, ବି. ( ଆତ୍ମନ୍-ଜ୍ଞା-ଅନ ) ନିଜର ଜ୍ଞାନ, ଆପଣାକୁ ଚିହ୍ନିବା ।
ଆତ୍ମପ୍ରସାଦ, ବି. ( ଆତ୍ମନ୍-ପ୍ରସାଦ ) ଆତ୍ମାର ପ୍ରସନ୍ନତା, ମନର ହର୍ଷ ।
ଆତ୍ମଭୂ, ବି. ( ଆତ୍ମନ୍-ଭୂ-କ୍ୱିପ୍ ) ବ୍ରହ୍ମା, କନ୍ଦର୍ପ ।
ଆତ୍ମଭୂତ, ବି. ( ଆତ୍ମନ୍-ଭୂତ ) ନିଜର ସମ୍ପତ୍ତି, ନିଜସ୍ୱ ।
ଆତ୍ମମ୍ଭରି, ବିଂ. ( ଆତ୍ମନ୍-ଭୃ-ଇ )ପେଟୁ, ସ୍ୱାର୍ଥପର ।
ଆତ୍ମବତ୍, ଅଂ. ( ଆତ୍ମନ୍-ବତ୍ ) ଆପଣା ପରି ।

ଆତ୍ମଶ୍ଳାଘା; ବି. ( ଆତ୍ମନ୍-ଶ୍ଳାଘା ) ଆତ୍ମପ୍ରଶଂସା ।
ଆତ୍ମସାତ୍; ବିଂ. ( ଆତ୍ମନ୍-ସାତ୍ ) ଆପଣାର ଆୟତ୍ତ ।
ଆତ୍ମହତ୍ୟା; ବି. ( ଆତ୍ମନ୍-ହତ୍ୟା ) ସ୍ୱହସ୍ତରେ ନିଜ ପ୍ରାଣ ବଧ କରିବା ।
ଆତ୍ମା, ବି. ( ଆ-ଅତ୍-ମନ ) ଆପେ, ବ୍ରହ୍ମା, ଜୀବ ।
ଆତ୍ମୀୟ, ବିଂ. (ଆତ୍ମନ୍-ଈୟ)ଆତ୍ମାସମ୍ପର୍କୀୟ,କୁଟୁମ୍ବ ।
ଆତ୍ମୀୟତା, ବି. (ଆତ୍ମୀୟ-ତା)ବନ୍ଧୁତା,ଅନ୍ତରଙ୍ଗତା ।
ଆତ୍ରେୟ, ବିଂ. ( ଅତ୍ରି-ଏୟ ) ଅତ୍ରିଗୋତ୍ରଜ, ଅତ୍ରିପୁତ୍ର, ଚନ୍ଦ୍ର, ଦୁର୍ବାସା ।
ଆଦତ୍, ବିଂ. (ଯାବନିକ) ଅଭ୍ୟାସ, ଆଗ୍ରହ ।
ଆଦର, ବି. (ଆ-ଦୃ-ଅ) ସମ୍ମାନ, ମର୍ଯ୍ୟାଦା, ସ୍ନେହ ।
ଆଦରଣୀୟ, ବିଂ. (ଆ-ଦୃ-ଅନୀୟ)ଆଦରର ଯୋଗ୍ୟ, ମାନନୀୟ ।
ଆଦରିବା, କି. ଆଦର କରି ଗ୍ରହଣ କରିବା ।
ଆଦର୍ଶ, ବି. (ଆ-ଦୃଶ୍-ଅ) ଦର୍ପଣ, ନମୁନା ।
ଆଦାନ, ବି. (ଆ-ଦା-ଅନ)ଗ୍ରହଣ, ଆଦାୟ କରିବା ।
ଆଦାୟ, ବି. (ଆ-ଦା-ଯ) ଗ୍ରହଣ, ନେବା, ଅସୁଲ ।
ଆଦି, ବି. (ଆ-ଦା-ଇ) ପ୍ରଥମ, ମୂଳ ।
ଆଦିକବି, ବି. ବାଲ୍ମୀକି, ବ୍ରହ୍ମା ।
ଆଦିକାରଣ, ବି. ପ୍ରଥମ କାରଣ ।
ଆଦିତ୍ୟ, ବି. (ଅଦିତି-ଯ) ରବି, ଦେବତା
ଆଦିପୁରୁଷ, ବି. ବଂଶର ପ୍ରଥମପୁରୁଷ ।
ଆଦିମ, ବିଂ. (ଆଦି-ମ) ପ୍ରଥମ, ଆଦ୍ୟ ।

ଆଦିଷ୍ଟ, ବିଂ. (ଆ-ଦିଶ୍-ତ, ଆଦେଶପ୍ରାପ୍ତ ।
ଆଦୃତ, ବିଂ. (ଆ-ଦୃ-ତ) ଆଦରପ୍ରାପ୍ତ, ସମ୍ମାନିତ ।
ଆଦେଶ, ବି. (ଆ-ଦିଶ୍-ଅ) ଆଜ୍ଞା, ହୁକୁମ ।
ଆଦୌ, କ୍ରି. ବିଂ. ପ୍ରଥମରେ, ଜମାରୁ ।
ଆଦ୍ୟ, ବିଂ. (ଆଦି-ଯ) ପ୍ରଥମ, ଆଦିମ ।
ଆଦ୍ୟନ୍ତ, ବିଂ. (ଆଦି-ଅନ୍ତ) ଆରମ୍ଭ ଓ ଶେଷ । ବି. ଆରମ୍ଭ ଶେଷ ।
ଆଦ୍ୟୋପାନ୍ତ, ବିଂ. ( ଆଦ୍ୟ-ଉପ-ଅନ୍ତ ) ପ୍ରଥମରୁ ଶେଷଯାଏ ।
ଆଧାର, ବି. (ଆ-ଧୃ-ଅ) ପାତ୍ର, ଆଶ୍ରୟ, ଗଛମୂଳର ମଣ୍ଡା । (ଗ୍ରା) ଖାଦ୍ୟ ।
ଆଧି, ବି. (ଆ-ଧା-ଇ) ଗଚ୍ଛିତ ବସ୍ତୁ, ମନୋବ୍ୟଥା ।
ଆଧିକ୍ୟ, ବି. (ଅଧିକ-ଯ) ଆତିଶଯ୍ୟ, ପ୍ରାଧାନ୍ୟ ।
ଆଧିଦୈବିକ, ବିଂ. (ଅଧି-ଦେବ-ଇକ) ଦୈବଜାତ, ଗ୍ରହାଦି ସମ୍ଭୂତ ।
ଆଧିପତ୍ୟ, ବି. (ଅଧିପତି-ଯ) ପ୍ରଭୁତ୍ୱ, ସ୍ୱାମିତ୍ୱ ।
ଆଧିଭୌତିକ, ବିଂ. ( ଅଧି-ଭୂତ-ଇକ ) ଭୂତଜାତ, କ୍ଷିତ୍ୟାଦି ପଞ୍ଚଭୂତଜାତ ।
ଆଧୁନିକ, ବିଂ. (ଅଧୁନା-ଇକ) ଇଦାନୀନ୍ତନ, ଆଜି-କାଲିର ।
ଆଧୋରଣ, ବି. (ଆ-ଧୋରୁ-ଅନ) ମାହୁନ୍ତ ।
ଆଧ୍ମାନ, ବି. (ଆ-ଧ୍ମା-ଅନ) ଉଚ୍ଚାରଣ, ଶବ୍ଦ ।
ଆଧ୍ୟାତ୍ମିକ, ବିଂ. (ଅଧି-ଆତ୍ମନ୍-ଇକ) ଆତ୍ମସମ୍ବନ୍ଧୀୟ ।

ଆନ, ବି°. (ପ୍ରା) (ଅନ୍ୟର ଅପଭ୍ରଂଶ) ଅନ୍ୟ । ବି. ଶପଥ ବା ରାଣ ।

ଆନତ, ବି°. (ଆ-ନମ୍-ତ) ନମ୍ରୀଭୂତ, ଅବନତ ।

ଆନନ, ବି. (ଆ-ଅନ୍-ଅନ) ବଦନ, ମୁଖ ।

ଆନନ୍ଦ, ବି. ( ଆ-ନନ୍ଦ୍-ଅ ) ଆହ୍ଲାଦ, ହର୍ଷ । ବି°. ହର୍ଷଯୁକ୍ତ ।

ଆନନ୍ଦିତ, ବି°. (ଆ-ନନ୍ଦ-ତ) ହୃଷ୍ଟ, ପ୍ରଫୁଲ୍ଲ ।

ଆନୟନ, ବି. (ଆ-ନୀ-ଅନ) ଆଣିବା ।

ଆନୀତ, ବି°. ( ଆ-ନୀ-ତ ) ଯାହା ଆନୟନ କରା ହୋଇଅଛି ।

ଆନୁକୂଲ୍ୟ, ବି. (ଅନୁକୂଳ-ଯ) ସାହାଯ୍ୟ ।

ଆନୁଗତ୍ୟ, ବି. (ଅନୁଗତ-ଯ)ଅନୁବୃତ୍ତି, ଅନୁସରଣ ।

ଆନୁପୂର୍ବିକ, ବି°. ( ଅନୁ-ପର୍ବ-ଇକ ) କ୍ରମାନୁସାରୀ ।

ଆନୁମାନିକ, ବି° (ଅନୁମାନ-ଇକ) ଅନ୍ଦାଜ,ସମ୍ଭାବ୍ୟ ।

ଆନୁଷଙ୍ଗିକ, ବି°. (ଅନୁଷଙ୍ଗ-ଇକ)ସଂଲଗ୍ନ, ସଂପୃକ୍ତ ।

ଆନ୍ତରିକ, ବି°. (ଅନ୍ତର-ଇକ) ମନୋଗତ ।

ଆନ୍ଦୋଳନ, ବି. ( ଆ-ନ୍ଦୋଳ-ଅନ ) ଅନୁଶୀଳନ, ଆଲୋଚନା ।

ଆନ୍ଦୋଳିତ, ବି°. (ଆନ୍ଦୋଳ-ଇତ)ଚଳିତ, କମ୍ପିତ ।

ଆପଃ / ଆପ } ବି. (ଆପ୍-ଅସ୍) ଜଳ ।

ଆପକ୍ୱ, ବି°. (ଆ-ପଚ୍-ତ) ଈଷତ୍‌ପକ ।

ଆପଟ, ବି. (ଦେଶଜ) ଆବରଣ, ଛତ୍ୟ ।

ଆପଣ, ବି. (ଆ-ପଣ୍-ଅ) ବିକ୍ରୟ ସ୍ଥାନ, ହାଟ । ସର୍ବନାମ. ଭବାନ୍, ତୁମ୍ଭେ ।

ଆପଣା, ସ. ନିଜେ, ସ୍ୱୟଂ । ବିଂ. ନିଜ ।

ଆପଣିକ, ବିଂ. (ଆପଣ-ଇକ) ଦୋକାନୀ, ବିକ୍ରେତା ।

ଆପତ୍ତି, ବି. (ଆ-ପଦ୍-ତି) ବିପତ୍ତି, ବାଧାଦାନ ।

ଆପଦ, ବି. (ଆ-ପଦ୍-ଅ) ବିପଦ, ଦୁଃଖ ।

ଆପନ୍ନ, ବିଂ. (ଆ-ପଦ୍-ତ) ବିପଦ୍‌ଗ୍ରସ୍ତ, ଲବ୍ଧ, ପ୍ରାପ୍ତ ।

ଆପାତ, ବି. (ଆ-ପତ୍-ଅ) ପତନ, ଆଗମନ, ପ୍ରଥମ ସମୟ ।

ଆପାତତଃ, ଅଂ. (ଆପାତ-ତସ୍) ସଂପ୍ରତି, ଇଦାନୀଂ ।

ଆପାଦମସ୍ତକ, ବିଂ. ( ଆ-ପାଦ-ମସ୍ତକ ) ପାଦଠାରୁ ମସ୍ତକ ପର୍ଯ୍ୟନ୍ତ ।

ଆପାଦିତ, ବିଂ. (ଆ-ପାଦି-ତ)ସମ୍ପାଦିତ, ଅନୁଷ୍ଠିତ ।

ଆପାମର, ବିଂ. (ଆ-ପାମର)ପାମର ପର୍ଯ୍ୟନ୍ତ,ସକଳ ।

ଆପିଲ } ବି. ( ଇଂ. appeal ) ପୁନର୍ବିଚାର
ଅପିଲ } ପ୍ରାର୍ଥନା ।

ଆପୀଡ଼, ବି. (ଆ-ପୀଡ଼୍-ଅ) ଶିରୋଭୂଷଣ, କିରୀଟ ।

ଆପୀନ, ବି. (ଆ-ପୀନ) ଗାଈର ସ୍ତନ, ପଦ୍ମା, କୂପ ।

ଆପୁ, ବି. (ଦେଶଜ) ଅଫିମ ।

ଆପୁଆ, ବିଂ. (ଦେଶଜ) ଅଫିମୀ, ଅଫିମଖୋର ।

ଆପୂପ, ବି. (ଅପୂପ-ଅ) ପିଷ୍ଟକ, ପିଠା ।

ଆପେ, ସ. (ଦେଶଜ) ନିଜେ, ସ୍ୱୟଂ ।

ଆପେକ୍ଷିକ, ବିଂ. ( ଅପେକ୍ଷା-ଇକ ) ଅପେକ୍ଷାକୃତ ।

ଆପ୍ତ, ବିଂ. (ଅପ୍-ତ) ଅଭ୍ରାନ୍ତ, ବିଶ୍ୱସ୍ତ, ଆତ୍ମୀୟ, ହିତ ।

ଆପ୍ୟାୟିତ, ବିଂ. (ଆ-ପ୍ୟାୟ୍-ତ) ତୃପ୍ତ, ସନ୍ତୁଷ୍ଟ ।

ଆପ୍ଲୁତ, ବିଂ. (ଆ-ପ୍ଲୁ-ତ) ସ୍ନାତ, ମଗ୍ନ ।

ଆବଦ୍ଧ, ବିଂ. (ଆ-ବନ୍ଧ୍-ତ) ବ୍ୟାପୃତ, ସଂଲଗ୍ନ ।

ଆବାକାବା, ବିଂ. (ଦେଶଜ) କିଂକର୍ତ୍ତବ୍ୟବିମୂଢ଼ ।

ଆବାଦ୍, ବି. (ଯାବନିକ) କର୍ଷଣ, ଚୃଷ କରିବା ।

ଆବୁଡ଼ାଖାବୁଡ଼ା, ବିଂ. (ଦେଶଜ) ବନ୍ଧୁର, ଅସମାନ, ଉଚ୍ଚ ନୀଚ ।

ଆଭରଣ ବି. (ଆ-ଭୃ-ଅନ) ଅଳଙ୍କାର, ଭୂଷଣ ।

ଆଭା, ବି. (ଆ-ଭା-ଆ) ଦୀପ୍ତି, କାନ୍ତି ।

ଆଭାଷ, ବି. ( ଆ-ଭାଷ-ଅ ) ଭୂମିକା, ଆଳାପ ।

ଆଭାସ, ବି. (ଆ-ଭାସ୍-ଅ) ଅଭିପ୍ରାୟ, ସାଦୃଶ୍ୟ, ଦୀପ୍ତି, ପ୍ରତିବିମ୍ବ ।

ଆଭିଜାତ୍ୟ, ବି. ( ଅଭିଜାତ-ଯ ) କୌଳୀନ୍ୟ, ବଂଶମର୍ଯ୍ୟାଦା ।

ଆଭିମୁଖ୍ୟ, ବି. (ଅଭିମୁଖ-ଯ) ସମ୍ମୁଖୀନତ୍ୱ ।

ଆଭୀର, ବି. ( ଆ-ଭୀ-ର୍-ଅ ) ଗଉଡ଼, ଗୋପାଳ । ସ୍ତ୍ରୀ, ସ୍ତ୍ରୀ. ଗଉଡୁଣୀ ।

ଆଭୋଗ, ବି. (ଆ-ଭୁଜ୍-ଅ) ପୂର୍ଣ୍ଣତା, ବିସ୍ତାର, ଯତ୍ନ ।

ଆଭ୍ୟନ୍ତର, ବିଂ. (ଅଭ୍ୟନ୍ତର-ଅ) ମାନସିକ ।

ଆମ, ବି. ( ଅମ୍-ଅ ) ରୋଗ, ପୀଡ଼ା । ବିଂ ଅପକ୍ୱ, କଞ୍ଚା ।

ଆମଗନ୍ଧି, ବି. (ଆମ-ଗନ୍ଧ-ଇ) ଦୁର୍ଗନ୍ଧ ।

ଆମଞ୍ଚିବା, କ୍ରି. (ଦେ) ଧନୁରେ ଶର ସନ୍ଧାନ କରିବା ।

ଆମଦାନୀ (ଯାବନିକ) ଆୟ ।

ଆମନ୍ତ୍ରଣ, ବି. ( ଆ-ମନ୍ତ୍ର୍-ଅନ ) ସମ୍ବୋଧନ, ନିମନ୍ତ୍ରଣ ।

ଆମନ୍ତ୍ରିତ, ବିଂ. (ଆ-ମନ୍ତ୍ର-ତ) ଆହୂତ, ନିମନ୍ତ୍ରିତ ।

ଆମୟ, ବି. (ଆମ୍-ଯା-ଅ) ରୋଗ, ବ୍ୟାଧି ।

ଆମରକ୍ତ, ବି. (ଆମ-ରକ୍ତ) ଉଦରାମୟ ରୋଗ ।

ଆମରଣ, କ୍ରି. ବିଂ. (ଆ-ମରଣ) ମରଣପର୍ଯ୍ୟନ୍ତ ।

ଆମଳକ<br>ଆମଳକୀ } ବି. (ଆ-ମଳ-କ-ଅ, ଈ) ଅଁଳା ଫଳ, ଧାତ୍ରୀ ଫଳ ।

ଆମଲ, ବି. ( ଯାବନିକ ) ବେତନଭୋଗୀ କରାଣ ପ୍ରଭୃତି କର୍ମଚାରୀ ।

ଆମବାତ, ବି. (ଆମ-ବାତ) ବାତରୋଗବିଶେଷ ।

ଆମାଶୟ, ବି. (ଆମ-ଆଶୟ) ଗର୍ଭସ୍ଥ ଯନ୍ତ୍ରବିଶେଷ, ରୋଗବିଶେଷ ।

ଆମଶୂଳ, ବି. (ଆମ-ଶୂଳ) ରୋଗବିଶେଷ ।

ଆମିକ୍ଷା<br>ଆମୀକ୍ଷା } ବି. (ଆ-ମିଷ୍-ସ-ଆ) ଛେନା ।

ଆମିଷ, ବି. (ଆ-ମିଷ୍-ଅ) ମାଂସ ଓ ମତ୍ସ୍ୟାଦି, ଲାଞ୍ଚ ।

ଆମିଷାଶୀ, ବିଂ. (ଆମିଷ-ଅଶ୍-ଇନ୍) ଆମିଷଭୋଜୀ ।

ଆମୂଳ, ବିଂ (ଆ-ମୂଳ) ମୂଳପର୍ଯ୍ୟନ୍ତ, ପ୍ରଥମାବଧି ।

ଆମେ, ସ. (ଦେ) ଆମ୍ଭେ, ଆମ୍ଭେମାନେ ।

ଆମୋଦ, ବି. (ଆ-ମୁଦ୍-ଅ) ଆନନ୍ଦ, ହର୍ଷ, ସୁଗନ୍ଧ ।

ଆମୋଦିତ, ବିଂ. ( ଆମୋଦ-ଇତ ) ଆନନ୍ଦିତ, ସୁଗନ୍ଧଯୁକ୍ତ ।

ଆମ୍ନାୟ, ବି. (ଆ-ମ୍ନା-ୟ) ବେଦ, କୁଳଧର୍ମ ।

ଆମ୍ର, ବି. (ଆମ-ର-ଅ) ଆମ୍ବ ।

ଆମ୍ରାତ } ବି. (ଆମ୍ର-ଅତ୍-ଅ, ଅକ) ଆମ୍ବଡ଼ା ।
ଆମ୍ରାତକ }

ଆମ୍ବ, ବି. (ଦେଶଜ) ଆମ୍ର, ଚୂତଫଳ ।

ଆମ୍ବଡ଼ା, ବି. (ଦେଶଜ) ଆମ୍ରାତକ ।

ଆମ୍ବସଢ଼ା, ବି. (ଦେ) ପାଚିଲା ଆମ୍ବର ଶୁଷ୍କ ରସ ।

ଆମ୍ବିଳ, ବି, (ଦେଶଜ) ଖଟେଇ ।

ଆମ୍ବିଳା, ବିଂ. (ଦେଶଜ) ଖଟା, ଅମ୍ଳରସଯୁକ୍ତ ।

ଆମ୍ବୁଲ, ବି. (ଦେ) ଲବଣଯୁକ୍ତ ଶୁଷ୍କ ଆମ୍ରଖଣ୍ଡ ।

ଆମ୍ଭେ, ସଂ. ( ଅସ୍ମଦ୍ ଶବ୍ଦଜ ) ମାନ୍ୟାର୍ଥରେ ଉତ୍ତମ ପୁରୁଷ ଏକବଚନ ଓ ବହୁବଚନ ପଦ ।

ଆୟ, ବି. (ଆ-ଇ-ଅ) ଲାଭ, ଧନାଗମ ।

ଆୟତ, ବି. (ଆ-ୟମ୍-ତ) ସମକୋଣୀ ସମାନ୍ତରାଳ କ୍ଷେତ୍ର । ବିଂ. ବିସ୍ତୃତ ।

ଆୟତନ, ବି. (ଆ-ୟତ୍-ଅନ) ପରିମାଣ, ପରିସର ।

ଆୟତ୍ତ, ବିଂ. (ଆ-ୟତ୍-ତ) ବଶୀଭୂତ, ଅଧୀନ ।

ଆୟସ, ବିଂ. (ଅୟସ୍-ଅ) ଲୌହନିର୍ମିତ । ବି. ଲୌହ ।

ଆୟସୀ, ବିଂ. ( ଅୟସ୍-ଅ-ଈ ) ଲୌହମୟୀ ।

ଆୟା, ବି. (ଯାବନିକ) ଧାଈ, ଦାସୀ ।

ଆୟାତ, ବି. (ଆ-ଯା-ତ) ଆଗମନ । ବିଂ. ଆଗତ ।

ଆଯ୍ୱାସ, ବି. (ଆ-ଯସ୍-ଅ) କ୍ଳାନ୍ତ, ପରଶ୍ରମ ।
ଆୟୁଃ, ବି. (ଇ-ଉସ୍) ଜୀବନ, ପରମାୟୁ ।
ଆୟୁଧ, ବି. (ଆ-ଯୁଧ୍-ଅ) ଅସ୍ତ୍ର ଶସ୍ତ୍ର ।
ଆୟୁଧାଗାର, ବି. ( ଆୟୁଧ-ଆଗାର ) ଅସ୍ତ୍ରଗୃହ, ଯେଉଁ ଘରେ ଅସ୍ତ୍ର ଶସ୍ତ୍ରାଦି ରହେ ।
ଆୟୁଧୀୟ, ବିଂ. (ଆୟୁଧ-ଇୟ) ଯୋଦ୍ଧା ।
ଆୟୁର୍ବେଦ, ବି, (ଆୟୁଃ-ବିଦ୍-ଅ) ଚିକିତ୍ସାଶାସ୍ତ୍ର ।
ଆୟୁଷ୍ମାନ୍, ବିଂ. (ଆୟୁଷ୍-ମତ୍) ଦୀର୍ଘାୟୁ ।
ଆୟୁଷ୍ୟ, ବିଂ. (ଆୟୁଷ୍-ଯ) ଯାହାଦ୍ୱାରା ଆୟୁବୃଦ୍ଧି ହୁଏ, ଆୟୁଷ୍କର । ବି. ଅନ୍ନ, ପଥ୍ୟ ।
ଆୟୋଜନ, ବି. (ଆ-ଯୁଜ୍-ଅନ) ସଂଗ୍ରହ, ଆହରଣ ।
ଆର, ବି. (ଋ-ଅ) ମଙ୍ଗଳ ଗ୍ରହ । (ଦେଶଜ) ଅନ୍ୟ ।
ଆରକୂଟ, ବି. (ଆର-କୂଟ) ପିତ୍ତଳ ।
ଆରକ୍ତ, ବିଂ. (ଆ-ରନ୍‌ଜ-ତ) ଈଷତ୍ ଲାଲ ।
ଆରକ୍ତିମା, ବି. (ଆରକ୍ତ-ଇମନ୍) ରକ୍ତବର୍ଣ୍ଣ ।
ଆରଣ୍ୟ, ବିଂ. (ଅରଣ୍ୟ-ଅ) ବନଜାତ, ବଣୁଆ ।
ଆରଣ୍ୟକ, ବି. (ଅରଣ୍ୟ-କ) ହସ୍ତୀ, ମହାଭାରତର ପର୍ବବିଶେଷ, ବନବାସୀ ।
ଆରତ, ବି. (ଆ-ରମ୍-ତ) ଆନତ, ନିବୃତ୍ତି, କ୍ଷାନ୍ତ ।
ଆରନାଳ, ବି. (ଆର-ନାଳ) କାଞ୍ଜି, ତୋରାଣୀ ।
ଆରପାର, ବିଂ. (ଦେ) ଅସ୍ତବ୍ୟସ୍ତ ।
ଆରବ୍ଧ, ବିଂ. ( ଆ-ରଭ-ତ ) ଯାହା ଆରମ୍ଭ କରା ହୋଇଅଛି ।

ଆରମ୍ଭ, ବି. (ଆ-ରଭ୍-ଅ) ଉଦ୍‌ଯୋଗ, ଉପକ୍ରମ।

ଆରବ } ବି. ( ଆ-ରୁ-ଅ ) ଶବ୍ଦ, ଧ୍ୱନି,
ଆରାବ } ଦେଶବିଶେଷ।

ଆରାତ୍ରିକ, ବି. (ଆ-ରାତ୍ରି-କ) ନୀରାଜନା, ଆଳତି।

ଆରାଧନା, ବି. (ଆ-ରାଧ୍-ଅନ-ଆ) ଉପାସନା,ସେବା।

ଆରାଧ୍ୟ, ବିଂ. (ଆ-ରାଧ୍-ଯ) ଉପାସ୍ୟ, ସେବ୍ୟ।

ଆରାମ, ବି. (ଆ-ରମ୍-ଅ) ଉପବନ, ସୁସ୍ଥତା।

ଆରଶି } ବି. (ଦେ) ଆଦର୍ଶ, ଦର୍ପଣ।
ଆରଶି }

ଆରିଷା, ବି. (ଦେ) ଏକପ୍ରକାର ପିଠା।

ଆରୂଢ଼, ବିଂ. ( ଆ-ରୁହ୍-ତ ) ଯେ ଆରୋହଣ କରିଅଛି।

ଆରେ, ଅଂ. ଅବଜ୍ଞାସୂଚକ ସମ୍ବୋଧନ ଅବ୍ୟୟ।

ଆରେକ } ବିଂ. ( ଦେଶଜ ) ଅନ୍ୟ ଜଣେ, ଅପର
ଆରକ } ବ୍ୟକ୍ତି।

ଆରୋଗ୍ୟ, ବି. (ଅରୋଗ-ଯ) ସ୍ୱାସ୍ଥ୍ୟ, ରୋଗାଭାବ।

ଆରୋପ, ବି. (ଆ-ରୋହ-ଅ) କଳ୍ପନା, ଉଦ୍ଭାବନ।

ଆରୋପଣ, ବି. (ଆ-ରୋହ-ଅନ) ଆରୋପ କରିବା, ଆରୋହଣ, ଧନୁରେ ଗୁଣ ସଂଯୋଗ, ରୋଇବା।

ଆରୋହ, ବି. (ଆ-ରୁହ୍-ଅ) ଦୈର୍ଘ୍ୟ, ଉଚ୍ଚତା, ସ୍ତ୍ରୀର ନିତମ୍ବ।

ଆରୋହଣ, ବି. (ଆ-ରୁହ୍-ଅନ) ଉପରେ ଚଢ଼ିବା, ପାହାଚ।

ଆରୋହଣୀ, ବି. ( ଆ–ରୁହ୍‌-ଅନ-ଈ ) ସୋପାନ ।

ଆରୋହୀ, ବିଂ. ( ଆ-ରୁହ୍‌-ଇନ୍‌ ) ଆରୋହଣକାରୀ ।

ଆର୍ଜବ, ବି. (ଋଜୁ-ଅ) ସରଳତା, ଋଜୁତା ।

ଆର୍ଜୁନି, ବି. (ଅର୍ଜୁନ-ଇ) ଅଭିମନ୍ୟୁ ।

ଆର୍ତ୍ତ, ବିଂ. (ଆ-ଋ-ତ) ପୀଡ଼ିତ, ବ୍ୟାକୁଳ ।

ଆର୍ତ୍ତବ, ବିଂ. (ଋତୁ-ଅ) ଋତୁଜାତ, ସ୍ତ୍ରୀରଜଃ ।

ଆର୍ତ୍ତି, ବି. (ଆ ଋ-ତି) ପୀଡ଼ା, ଧନୁର ଅଗ୍ର ।

ଆର୍ଥିକ ବିଂ. ( ଅର୍ଥ-ଇକ ) ଅର୍ଥଜ୍ଞ, ବିଜ୍ଞ, ଧନୀ ।

ଆର୍ଦ୍ର, ବିଂ. (ଆର୍ଦ୍‌-ର) ଓଦା, ଶିଥିଳ ।

ଆର୍ଦ୍ରକ, ବି. (ଆର୍ଦ୍ର-କ) ଅଦା ।

ଆର୍ଦ୍ରା, ବି. (ଆର୍ଦ୍ର-ଆ) ନକ୍ଷତ୍ରବିଶେଷ ।

ଆର୍ଦୋଳି, ବି. (ଦେଶଜ) ଅଳି ।

ଆର୍ଯ୍ୟ, ବିଂ. ( ଆ-ଋ-ଯ ) ସଭ୍ୟ, ପୂଜ୍ୟ, ଶ୍ରେଷ୍ଠ । ବି. ସ୍ୱାମୀ, ଗୁରୁ ।

ଆର୍ଯ୍ୟପୁତ୍ର, ବି. (ଆର୍ଯ୍ୟ-ପୁତ୍ର) ସ୍ୱାମୀ, ଗୁରୁପୁତ୍ର ।

ଆର୍ଯ୍ୟା, ବି. (ଆର୍ଯ୍ୟ-ଆ) ପାର୍ବତୀ, ପୂଜ୍ୟା ।

ଆର୍ଯ୍ୟାବର୍ତ୍ତ, ବି. ( ଆର୍ଯ୍ୟ–ଆବର୍ତ୍ତ ) ହିମାଳୟ ଓ ବିନ୍ଧ୍ୟପର୍ବତର ମଧ୍ୟବର୍ତ୍ତୀ ସ୍ଥାନ ।

ଆର୍ଷ, ବିଂ. ( ଋଷି-ଅ ) ଋଷିସମ୍ବନ୍ଧୀୟ, ଋଷିକଥିତ ବା ପ୍ରଯୁକ୍ତ ।

ଆଲ, ବି. (ଦେଶଜ) ଛଲ, ବେଲ ।

ଆଲକାତରା, ବି. (ଯାବନିକ) ରାଳ ।

ଆଲଙ୍କାରିକ, ବିଂ. ( ଅଲଙ୍କାର-ଇକ ) ଅଲଙ୍କାରଶାସ୍ତ୍ରଜ୍ଞ ।

ଆଲଟ, ବି. (ଦେଶଜ ପଙ୍ଖା ।
ଆଲତ, ବି. ଆରକ୍ତିକ, ମାରଜନା ।
ଆଲପିନ୍, ବି. (ଯା) ସୂକ୍ଷ୍ମ ଲୁହାକଣ୍ଟା, ପିନ୍ କଣ୍ଟା ।
ଆଲମାର, ବି. କାଷ୍ଠାଦିନିର୍ମିତ ସିନ୍ଦୁକ ।
ଆଲମ୍ବ, ବି. (ଆ-ଲମ୍ବ୍-ଅ) ଅବଲମ୍ବନ, ଆଶ୍ରୟ ।
ଆଲୟ, ବି. (ଆ-ଲୀ-ଅ) ଗୃହ, ବାସସ୍ଥାନ ।
ଆଲବାଳ, ବି. (ଆ-ଲୁ-ଆଲ) ମନ୍ଦା ।
ଆଲସ୍ୟ, ବି. (ଅଳସ-ଯ) ଅଳସୁଆପଣ, ମାନ୍ଦ୍ୟ ।
ଆଳାପ, ବି. ( ଆ-ଳପ୍-ଅ ) କଥୋପକଥନ ।
ଆଳାପିନୀ, ବି. (ଆଳାପ-ଇନ୍-ଈ) ବୀଣା ।
ଆଳାପୀ, ବିଂ. (ଆଳାପ-ଇନ୍) ଆଳାପକାରୀ, ପ୍ରଣୟୀ ।
ଆଳି } ବି. (ଅଲଂ=ଭୂଷିତ କରିବା-ଇ, ଈ) ସଖୀ,
ଆଳୀ } ଯୁବତୀ, ଶ୍ରେଣୀ, ଭ୍ରମର, ବିଛା ।
ଆଲିଙ୍ଗନ, ବି. ( ଆ-ଲିନ୍‌ଗ୍-ଅନ ) ଆଶ୍ଳେଷ ।
ଆଳିପଣା, ବି. ( ଦେଶଜ ) ବିବାହାଦି ଉତ୍ସବରେ
ମିଷ୍ଟାନ୍ନ ଭୋଜନ ।
ଆଲୀଢ଼, ବିଂ. (ଆ-ଲିହ୍-ତ) ଭକ୍ଷିତ, ଆସ୍ୱାଦିତ ।
ଆଳୁ, ବି.(ଆ-ଲ-ଉ) କ୍ଷୁଦ୍ର ଜଳାଧାର, କଳସ, ମୂଳ-
ବିଶେଷ । ଅଂ. ବ୍ୟାକରଣ ପ୍ରତ୍ୟୟବିଶେଷ ।
ଆଲୁଅ, ବି. ଚକ୍ଷୁରୋଗବିଶେଷ, ଦୀପ୍ତି, ପ୍ରକାଶ ।
ଆଲୁଳାୟିତ, ବିଂ. (ଆ-ଲୁଲ-ଣିଚ୍-ତ) ବନ୍ଧନରହିତ,
ମୁକୁଳା ।
ଆଲୁବାଲୁ, ବିଂ. (ଦେଶଜ) ଇତସ୍ତତଃ ବିକ୍ଷିପ୍ତ ।

ଆଲେଖ୍ୟ, ବି. (ଆ-ଲିଖ୍-ଯ) ଚିତ୍ର, ଛବି ।
ଆଲୋ, ଅଂ. ସ୍ତ୍ରୀଲୋକ ପ୍ରତି ବ୍ୟବହୃତ ସମ୍ବୋଧନ ।
ଆଲୋକ, ବି. ( ଆ-ଲୋକ୍-ଅ ) ଦର୍ଶନ, ଆଲୁଅ ।
ଆଲୋକନ, ବି. (ଆ-ଲୋକ-ଅନ) ଦୃଷ୍ଟି, ଦର୍ଶନ ।
ଆଲୋଚନା, ବି. ( ଆ-ଲୋଚ୍-ଅନ-ଆ ) ଚର୍ଚ୍ଚା ।

ଆଲୋଚନୀୟ, ଆଲୋଚ୍ୟ } ବିଂ. ( ଆ-ଲୋଚ୍-ଅନୀୟ, ଯ ) ଅନୁଶୀଳନୀୟ, ଆଲୋଚନାଯୋଗ୍ୟ।

ଆଲୋଡ଼ନ, ବି. (ଆ-ଲୁଡ଼୍-ଅନ) ମନ୍ଥନ, ଆବର୍ତ୍ତନ ।
ଆଲୋଡ଼ିତ, ବିଂ. (ଆ-ଲୁଡ଼୍-ତ) ଆନ୍ଦୋଳିତ,ମଥିତ, ।
ଆଉର, ବି. (ଆଓର ଶବ୍ଦଜ) ଆଉ, ପୁଣି ।
ଆବରକ, ବିଂ. (ଆ-ବୃ-ଅକ) ଆଚ୍ଛାଦକ ।
ଆବରଣ, ବି. (ଆ-ବୃ-ଅନ) ଢାଲ, ଢାଙ୍କଣୀ ।
ଆବରିବା, କ୍ରି. ଘୋଡ଼ାଇବା, ଢାଙ୍କିବା ।
ଆବର୍ଜନ (ନା), ବି. ( ଆ-ବୃଜ୍ ଅନ୍-ଆ ) ଝାଡୁଆ ।
ଆବର୍ତ୍ତ, ବି. (ଆ-ବୃତ୍-ଅ) ଜଳ ଭଉଁରୀ, ଘୂର୍ଣ୍ଣନ ।
ଆବର୍ତ୍ତନ, ବି. (ଆ-ବୃତ୍-ଅନ) ଫେରାଇବା, ଘୂର୍ଣ୍ଣନ ।

ଆବଳି, ଆବଳୀ } ବି. (ଆ-ବଲ୍-ଇ,ଈ)ଶ୍ରେଣୀ, ପଂକ୍ତି ।

ଆବଶ୍ୟକ, ବିଂ. (ଅବଶ୍ୟ-କ) ପ୍ରୟୋଜନୀୟ ।
ଆବହ, ବିଂ. (ଆ-ବହ-ଅ) ବହନକାରୀ, ଉତ୍ପାଦକ ।
ବି. ବାୟୁବିଶେଷ ।
ଆବହନ, ବି. (ଆ-ବହ୍-ଅନ) ଉତ୍ପାଦନ ।

ଆବହମାନ, ବିଂ. ( ଆବହ-ଆନ ) ଚିରପ୍ରଚଳିତ, କ୍ରମାଗତ ।

ଆବାକାବା, ବିଂ. (ଦେଶଜ) ହତବୁଦ୍ଧି, ଅପ୍ରତିଭ ।

ଆବାଳବୃଦ୍ଧବନିତା, ଅଂ. ବାଳକ ବୃଦ୍ଧ ଏବଂ ସ୍ତ୍ରୀଲୋକ ପର୍ଯ୍ୟନ୍ତ ।

ଆବାସ, ବି. (ଆ-ବସ-ଅ) ଗୃହ, ଭବନ ।

ଆବାହନ, ବି. (ଆ-ବହ୍-ଇ-ଅନ) ନିମନ୍ତ୍ରଣ, ଆହ୍ୱାନ ।

ଆବିର୍ଭାବ, ବି. (ଆବିସ୍-ଭୂ-ଅ) ପ୍ରକାଶ, ଉଦୟ ।

ଆବିର୍ଭୂତ, ବିଂ. (ଆବିସ୍-ଭୂ-ତ) ପ୍ରକାଶିତ, ଉଦିତ ।

ଆବିଳ, ବିଂ. (ଆ-ବିଲ୍-ଅ) ଗୋଳିଆ, ସନ୍ଦିଗ୍ଧ ।

ଆବିଷ୍କାର, ବି. ( ଆବିସ୍-କୃ-ଅ ) ଅନୁସନ୍ଧାନଦ୍ୱାରା ପ୍ରକାଶ କରଣ ।

ଆବିଷ୍କୃତ, ବିଂ. (ଆବିସ୍-କୃ-ତ) ପ୍ରକଟିତ, ପ୍ରକାଶିତ ।

ଆବିଷ୍କ୍ରିୟା, ବି. ( ଆବିସ୍-କ୍ରିୟା ) ଅନୁସନ୍ଧାନଦ୍ୱାରା ପ୍ରକାଶ ।

ଆବିଷ୍ଟ, ବିଂ. (ଅ-ବିଶ୍-ତ) ଅତିଶୟ ମନୋଯୋଗୀ ।

ଆବୁ, ବି. (ଦେ) ଅର୍ବୁଦ, ମାଂସବୃଦ୍ଧି ରୋଗବିଶେଷ ।

ଆବୁଡ଼ାପଡ଼ିବା କ୍ରି. (ଦେଶଜ) ଆଗଭର ହେବା ।

ଆବୁରିଆବୁରି, ବି. ( ଦେଶଜ) ମୋର ମୋର କହି ଗ୍ରହଣ କରିବା ।

ଆବୃତ, ବିଂ. (ଆ-ବୃ-ତ) ଆଚ୍ଛାଦିତ, ବେଷ୍ଟିତ ।

ଆବୃତ୍ତ, ବିଂ. (ଆ-ବୃତ୍-ତ) ଅଭ୍ୟସ୍ତ, ଆଗତ ।

ଆବୃତ୍ତି, ବି. (ଆ-ବୃତ୍-ତି) ପଠନ, ଅଭ୍ୟାସ ।

ଆବେଗ, ବି. (ଆ-ବିଜ୍-ଅ) ଚଞ୍ଚଳତା, ଚିତ୍ତସମ୍ଭ୍ରମ ।
ଆବେଦକ, ବିଂ. (ଆ-ବିଦ୍-ଇ-ଅକ) ପ୍ରାର୍ଥନାକାରୀ ।
ଆବେଦନ, ବି. ( ଆ-ବିଦ୍-ଇ-ଅନ ) ପ୍ରାର୍ଥନା ।
ଆବେଶ, ବି. (ଆ-ବିଶ୍-ଅ) ଅଧିଷ୍ଠାନ, ପ୍ରବେଶ, ଅପସ୍ମାର; ଅଭିନିବେଶ ।
ଆଶ; ବି. (ଅଶ୍-ଅ) ଭୋଜନ, ଇଚ୍ଛା, ବାଞ୍ଛା ।
ଆଶକ୍ତି, ବି. (ଆ-ଶକ୍-ତି) ସାମର୍ଥ୍ୟ, ଯୋଗ୍ୟତା ।
ଆଶଙ୍କା, ବି. (ଆ-ଶଙ୍କ୍-ଆ) ସନ୍ଦେହଯୁକ୍ତ, ଭୟ ।
ଆଶୟ, ବି. (ଆ-ଶୀ-ଅ) ଅଭିପ୍ରାୟ, ଆଶ୍ରୟ ।
ଆଶା, ବି. (ଆ-ଅଶ୍-ଅ-ଆ) ଆକାଙ୍କ୍ଷା, ଦିଗ ।
ଆଶାବଳୀ, ବି. (ଦେଶଜ) ଏକପ୍ରକାର ବୃକ୍ଷ ।
ଆଶାୟୀ, ବିଂ. (ଆଶା-ଇ-ଇନ୍) ଆଶାଯୁକ୍ତ ।
ଆଶିଷ, ବି. (ଦେଶଜ) ଆଶୀର୍ବାଦ ।
ଆଶୀର୍ବାଦ, ବି. (ଆଶିସ୍-ବଦ୍-ଅ) ଶୁଭ ଇଚ୍ଛାସୂଚକ ବାକ୍ୟ ।
ଆଶୀବିଷ, ବି, (ଆଶୀ-ବିଷ) ସର୍ପ ।
ଆଶୁ, କ୍ରି, ବିଂ. (ଅଶ୍-ଉ) ଶୀଘ୍ର, ଦ୍ରୁତ, ବଉଳି ଧାନ ।
ଆଶୁଗ, ବି. (ଆଶୁ-ଗମ୍-ଅ) ଶର, ଯେ ଶୀଘ୍ର ଗମନ କରେ ।
ଆଶୁତୋଷ, ବି. (ଆଶୁ-ତୋଷ) ମହାଦେବ ।
ଆଶ୍ଚର୍ଯ୍ୟ, ବି. ଆ-ଚର୍-ଯ)ଚମତ୍କାର । ବିଂ. ଅପୂର୍ବ ।
ଆଶ୍ଚର୍ଯ୍ୟାନ୍ୱିତ, ବିଂ. (ଆଶ୍ଚର୍ଯ୍ୟ-ଅନୁ-ଇ-ତ)ବିସ୍ମିତ ।

ଆଶ୍ରମ, ବ. (ଆ-ଶ୍ରମ୍-ଅ) ମୁନିମାନଙ୍କର ବାସସ୍ଥାନ, ବ୍ରହ୍ମଚର୍ଯ୍ୟାଦି ଚତୁର୍ବିଧ ଅବସ୍ଥା ।

ଆଶ୍ରୟ, ବି. (ଆ-ଶ୍ରି-ଅ) ଗୃହ, ଅବଲମ୍ବନ ।

ଆଶ୍ରା, ବ. (ଦେଶଜ) ଆଶ୍ରୟ ।

ଆଶ୍ରିତ, ବିଂ. (ଆ-ଶ୍ରି-ତ) ଶରଣାଗତ ।

ଆଶ୍ଳିଷ୍ଟ, ବିଂ. (ଆ-ଶ୍ଳିଷ୍-ତ) ଆଲିଙ୍ଗନ, ସଂଯୁକ୍ତ ।

ଆଶ୍ଳେଷ, ବି. (ଆ-ଶ୍ଳିଷ୍-ଅ) ଆଲିଙ୍ଗନ, ମିଳନ ।

ଆଶ୍ୱସ୍ତ, ବିଂ. (ଆ-ଶ୍ୱସ୍-ତ) ଆଶ୍ୱାସପ୍ରାପ୍ତ ।

ଆଶ୍ୱାସ, ବି. (ଆ-ଶ୍ୱସ୍-ଅ) ଆଶାଦାନ, ପ୍ରବୋଧ ।

ଆଶ୍ୱାସନା, ବି. (ଆ-ଶ୍ୱସ୍-ଅନ-ଆ) ସାନ୍ତ୍ୱନାଦେବା ।

ଆଶ୍ୱିନ, ବି. (ଅଶ୍ୱିନୀ-ଅ) ମାସବିଶେଷ ।

ଆଷାଢ଼, ବି. (ଆଷାଢ଼ୀ-ଅ) ମଳୟପର୍ବତ, ମାସ-ବିଶେଷ ।

ଆଁସ, ବି (ଦେଶଜ) ଧାର, ଦାଢ଼ ।

ଆସକ୍ତ, ବିଂ. (ଆ-ସନ୍ଜ୍-ତ) ପ୍ରୀତ, ଲଗ୍ନ ।

ଆସକ୍ତି, ବି. (ଆ-ସନଜ୍-ତି) ଅନୁରାଗ, ମନୋଯୋଗ, ସହବାସ, ସଙ୍ଗ ।

ଆସଙ୍ଗ, ବି. (ଆ-ସନଜ୍-ଅ) ଅନୁରାଗ, ସଂସର୍ଗ ।

ଆସଙ୍ଗଲିପ୍ସା, ବି. (ଆସଙ୍ଗ-ଲଭ୍-ସନ୍-ଆ) ସଙ୍ଗ-ଲାଳସା ।

ଆସତ୍ତି, ବି. (ଆ-ସଦ୍-ତି) ମିଳନ, ସନ୍ନିଧି, ଲାଭ

ଆସନ, ବି. (ଆସ୍-ଅନ) ବସିବା ସ୍ଥାନ, କମ୍ବଳାଦି ।

ଆସନ୍ତା, ବିଂ. (ଦେଶଜ) ଆଗାମୀ, ଆସୁଥିବା ।

ଆସନ୍ନ, ବିଂ. (ଆ-ସଦ୍-ତ) ଉପସ୍ଥିତ, ନିକଟବର୍ତ୍ତୀ ।
ଆସନ୍ନକାଳ, ବି. (ଆସନ୍ନ-କାଳ) ମରଣସମୟ ।
ଆସପାଶ, ବି. (ଦେଶଜ) ସମୀପ ।
ଆସମାନ୍, ବି. (ଯାବନିକ) ଶୂନ୍ୟ, ଆକାଶ ।
ଆସମୁଦ୍ର କ୍ରି. ବିଂ. (ଆ-ସମୁଦ୍ର) ସମୁଦ୍ରପର୍ଯ୍ୟନ୍ତ ।
ଆସବ, ବି. (ଆ-ସୁ-ଅ) ମଦ୍ୟ, ମଧୁ ।
ଆସାଦନ, ବି. (ଆ-ସଦ୍-ଅନ) ଲାଭ, ପ୍ରାପ୍ତି ।
ଆସାମୀ, ବି. (ଯାବନିକ) ପ୍ରତିବାଦୀ ।
ଆସାର, ବି. (ଆ-ସୃ-ଅ) ବୃଷ୍ଟିପାତ, ଅସାର ।
ଆସିବା, କ୍ରି. (ଦେଶଜ) ଆଗମନ କରିବା । ବିଂ. ଆସନ୍ତା । ବି. ଆଗମନ ।

ଆସୁର }
ଆସୁରିକ } ବିଂ. ( ଅସୁର-ଅ, ଇକ ) ଅସୁର ସମ୍ବନ୍ଧୀୟ ।

ଆସୀନ, ବିଂ. (ଆସ୍-ଆନ) ଉପବିଷ୍ଟ, ସ୍ଥିତ ।
ଆସ୍କନ୍ଦିତ, ବି. (ଆ-ସ୍କନ୍ଦ୍-ତ) ଅଶ୍ୱର ପ୍ଲୁତଗତି ।

ଆସ୍ତର }
ଆସ୍ତରଣ } ବି. (ଆ-ସ୍ତୃ-ଅ, ଅନ) ଶଯ୍ୟା ।

ଆସ୍ତିକ, ବିଂ. (ଅସ୍ତି-ଇକ) ଈଶ୍ୱରବାଦୀ ।

ଆସ୍ତିକ୍ୟ }
ଆସ୍ତିକତା } ବି. (ଅସ୍ତିକ-ଯ, ତା) ଈଶ୍ୱରବିଶ୍ୱାସ

ଆସ୍ଥା, ବି. (ଆ-ସ୍ଥା-ଆ) ଅବଲମ୍ବନ, ଆଦର, ସ୍ଥିତି ।
ଆସ୍ଥାନ, ବି. (ଆ-ସ୍ଥା-ଅନ) ସଭା, ବିଶ୍ରାମ ସ୍ଥାନ ।
ଆସ୍ପଦ, ବି. (ଆ-ପଦ୍-ଅ) ସ୍ଥାନ, ପ୍ରତିଷ୍ଠା, ପଦ ।

ଆସ୍ଫର୍ଦ୍ଧା, ବି. ( ଆ-ସ୍ପର୍ଦ୍ଧ-ଆ ) ଆସ୍ଫାଳନ, ମାତ୍ସର୍ଯ୍ୟ-ପ୍ରକାଶ ।

ଆସ୍ଫାଳନ, ବି. (ଆ-ସ୍ଫାଳ-ଅନ) ତାଡ଼ନ, ଗର୍ବପ୍ରକାଶ ।

ଆସ୍ୟ, ବି. (ଆସ୍-ଯ) ମୁଖ, ଆନନ ।

ଆସ୍ୱାଦ, ବି. (ଆ-ସ୍ୱଦ୍-ଅ) ମଧୁରସ୍ୱାଦ ରସ ।

ଆସ୍ୱାଦନ, ବି. ( ଆ-ସ୍ୱଦ୍-ଇ-ଅନ ) ଚାଖିବା ।

ଆହତ, ବିଂ. (ଆ-ହନ୍-ତ) ଆଘାତପ୍ରାପ୍ତ, ତାଡ଼ିତ ।

ଆହରଣ, ବି. (ଆ-ହୃ-ଅନ) ସଂଗ୍ରହ, ଆୟୋଜନ ।

ଆହବ, ବି. (ଆ-ହ୍ୱେ-ଅ) ଯୁଦ୍ଧ, ଯଜ୍ଞ ।

ଆହା, ଅଂ. ଖେଦସୂଚକ ଅବ୍ୟୟ ।

ଆହାବ, ବି. (ଆ-ହ୍ୱେ-ଅ) ଅଗ୍ନି, ଯୁଦ୍ଧ । (ଦେଶଜ) ସାହସ ।

ଆହାର, ବି. (ଆ-ହୃ-ଅ) ଭୋଜନ, ଭକ୍ଷ୍ୟବସ୍ତୁ ।

ଆହାର୍ଯ୍ୟ, ବି. ( ଆ-ହୃ-ଯ ) ବେଶଭୂଷା, ଭକ୍ଷ୍ୟବସ୍ତୁ ।

ଆହିତାଗ୍ନି, ବି. (ଆହିତ-ଅଗ୍ନି) ଅଗ୍ନିହୋତ୍ରୀ ।

ଆହୁତି, ବି. (ଆ-ହୁ-ତି) ମନ୍ତ୍ରପାଠପୂର୍ବକ ଅଗ୍ନିରେ ଘୃତାଦି ପ୍ରକ୍ଷେପ ।

ଆହୁରି, ଅଂ. (ଦେଶଜ) ପୁଣି, ଆଉ ।

ଆହୂତ, ବିଂ. (ଆ-ହ୍ୱେ-ତ) ଆମନ୍ତ୍ରିତ, ସମ୍ବୋଧିତ ।

ଆହୁଳା, ବି. ( ଦେଶଜ ) କ୍ଷେପଣୀ ।

ଆହେ, ଅଂ. (ଅହୋର ଅପଭ୍ରଂଶ) ସମ୍ବୋଧନସୂଚକ ଅବ୍ୟୟ ।

ଆହ୍ନିକ, ବିଂ. (ଅହନ୍-ଇକ) ଦୈନିକ । ବି. ସନ୍ଧ୍ୟା-ବନ୍ଦନାଦି ।

ଆହ୍ନିକଗତ, ବି. (ଆହ୍ନିକ-ଗତ) ପୃଥିବୀର ଦୈନିକ ଗତି ।

ଆହ୍ଲାଦ, ବି. (ଆ-ହ୍ଲାଦ୍-ଅ) ହର୍ଷ ।

ଆହ୍ଲାଦିତ, ବିଂ. (ଆ-ହ୍ଲାଦ୍-ତ) ଆନନ୍ଦିତ ।

ଆହ୍ୱାନ, ବି. (ଆ-ହ୍ୱେ-ଅନ) ଆବାହନ, ଡାକିବା ।

—ଃ—

# ଇ

ଇ, ତୃତୀୟ ସ୍ୱରବର୍ଣ୍ଣ । ବି. ( ଇ୍ = ଗମନ ) କୋପ, ନିନ୍ଦା, ବିସ୍ମୟ, କାମ ।

ଇଂରାଜ } ବି. ( ଦେଶଜ ) ଇଂଲଣ୍ଡ ଦେଶର
ଇଂରେଜ } ଲୋକ ।

ଇଃ, ଅଂ. ଖେଦ, ଘୃଣା ବା ବିରକ୍ତିସୂଚକ ଅବ୍ୟୟ, କାମଦେବ ।

ଇଉରୋପ, ବି. (ବୈଦେଶିକ) ପଶ୍ଚିମ ମହାଦେଶ ।

ଇକାର, ବି. (ଇ-କାର) 'ଇ' ଅକ୍ଷର ।

ଇକ୍ଷୁ, ବି. ( ଇଷ୍-ସୁ ) ଆଖୁ ଗଛ ।

ଇକ୍ଷ୍ୱାକୁ, ବି. (ଇକ୍ଷୁ-ଅକ-ଉ) ସୂର୍ଯ୍ୟବଂଶର ଆଦ୍ୟ ରାଜା, ପିତା ମନୁ ।

ଇଙ୍କଡ଼, ବି. (ଦେଶଜ) ଖଡ଼ଜୁଣ, ଏକପ୍ରକାର ତୃଣ ।

ଇଙ୍ଗିତ, ବି. (ଇନ୍‌ଗ୍-ତ) ସଙ୍କେତ, ଠାର ।

ଇଙ୍ଗିତ, ବି. (ଦେଶଜ) ଥଟ୍ଟା, ପରିହାସ ।

ଇଙ୍ଗୁଧି, ବି. (ଇଙ୍ଗ-ଦ-ଇ) ତାପସତରୁ, ବୃକ୍ଷବିଶେଷ ।

ଇଈଡ଼, ବି. (ଦେଶଜ) କପିପଣସ ।

ଇଚ୍ଛା, ବି. (ଇଷ୍-ଆ) ବାଞ୍ଛା, ସ୍ପୃହା ।

ଇଚ୍ଛାମୟ, ବି. (ଇଚ୍ଛା-ମୟ) ପରମେଶ୍ୱର ।

ଇଚ୍ଛୁ, ଇଚ୍ଛୁକ } ବିଂ. (ଇଷ୍-ଉ, କ) ଇଚ୍ଛାଯୁକ୍ତ, ଉତ୍ସାହୀ ।

ଇଜତ, ଇଜ୍ଜତ } ବି. (ଯାବନିକ) ମର୍ଯ୍ୟାଦା, ସମ୍ମାନ ।

ଇଜରା, ବି. (ଯା) କସ୍ତୁ ଆଦାୟ କରିବା କ୍ଷମତା ।

ଇଜରାଦାର, ବି (ଯାବନିକ) ଯେ ନିର୍ଦ୍ଦିଷ୍ଟ ସର୍ତ୍ତରେ ଭୂମ୍ୟାଦି ଗ୍ରହଣ କରେ ।

ଇଜାହାର, ବି. (ଯାବନିକ) ଅଭିଯୋଗ ବର୍ଣ୍ଣନା ।

ଇଜ୍ଜଳ, ବି. (ଇଡ଼-ଜଳ) ହିଞ୍ଜଳଗଛ ।

ଇଜ୍ୟା, ବି. (ଯଜ୍-ଆ) ଯଜ୍ଞ, ପୂଜା । ବିଂ. ପୂଜ୍ୟ ।

ଇଞ୍ଜିନ୍, ବି. (ଇଂ. Engine) ବାଷ୍ପୀୟ କଳ ।

ଇଞ୍ଜିନିଅର, ବି. (ଇଂ. Engineer) ବାଷ୍ପୀୟ କଳର ଚାଳକ, ଶିଳ୍ପଜ୍ଞ ।

ଇଟଲା, ବି. (ଦେଶଜ) ଏକପ୍ରକାର ଫୁଲ ।

ଇଟା, ବି. (ଇଷ୍ଟକର ଅପଭ୍ରଂଶ) ପୋଡ଼ା ମାଟିଖଣ୍ଡ ।

ଇଟାଭାଟି, ବି. (ଦେଶଜ) ସଜ୍ଜିତ ଇଷ୍ଟକସ୍ତୂପ ।

ଇଡ଼ିବା, ବି. (ଦେ) ତରଳ ପଦାର୍ଥ ପ୍ରଭୃତି ଢାଳିବା ।

ଇଣ୍ଡୁରି, ବି. (ଦେଶଜ) ଏକ ପ୍ରକାର ପିଠା ।

ଇତ, ବିଂ. (ଇ-ତ) ଗତ, ପ୍ରାପ୍ତ ।

ଇତର, ବିଂ. (ଇ-ତ-ଅ) ନୀଚ, ଅଧମ, ପାମର ।

ଇତରବିଶେଷ, ବି. ଭେଦାଭେଦ, ଭିନ୍ନତା ।
ଇତରେତର, ବିଂ. ( ଇତର-ଇତର ) ପରସ୍ପର, ଅନ୍ୟୋନ୍ୟ ।
ଇତସ୍ତତଃ, ଅଂ. (ଇତଃ-ତତଃ) ଏଣେ ତେଣେ ।
ଇତି, ଅଂ. (ଇ-ତି) ଅତଏବ, ସମାପ୍ତି ।
ଇତିକର୍ତ୍ତବ୍ୟ, ବିଂ. ( ଇତି-କର୍ତ୍ତବ୍ୟ ) ଏହା ଉଚିତ ବା କରଣୀୟ ।
ଇତିବୃତ୍ତ, ବି. (ଇତି-ବୃତ୍-ତ) ଯାହା ଘଟିଅଛି, ଇତିହାସ ।
ଇତିହାସ, ବି. ( ଇତିହ-ଅସ୍-ଅ ) ପୂର୍ବବୃତ୍ତାନ୍ତ, ପ୍ରାଚୀନ କଥା ।
ଇତ୍ୟାଦି, ଅଂ. (ଇତି-ଆଦି) ପ୍ରଭୃତି ।
ଇଦାନୀଂ, ଅଂ. (ଇଦମ୍-ଦାନୀଂ) ଏହିକ୍ଷଣି, ସମ୍ପ୍ରତି ।
ଇଦାନୀନ୍ତନ, ବିଂ. (ଇଦାନୀଂ-ତନ) ଆଧୁନିକ, ନବ୍ୟ ।
ଇନ୍‌ତାନ, ବି. (ଯାବନିକ) ପରୀକ୍ଷା ।
ଇନ, ବି. (ଇ-ନ) ସୂର୍ଯ୍ୟ, ପତି, ପ୍ରଭୁ, ରାଜା । ବିଂ. ଶ୍ରେଷ୍ଠ ।
ଇନାମ, ବି. (ଯାବନିକ) ପୁରସ୍କାର ।
ଇନ୍ଦାରା, ବି. (ହିନ୍ଦୀ) କ୍ଷୁଦ୍ର ଜଳାଶୟ, କୂପ
ଇନ୍ଦିରା, ବି. (ଇନ୍ଦ-ରା) ଲକ୍ଷ୍ମୀ ।
ଇନ୍ଦୀବର } ବି. (ଇନ୍ଦି-ବର) ନୀଳପଦ୍ମ, ନୀଳକଇଁ ।
ଇନ୍ଦିବର }

ଇନ୍ଦୁ, ବି. (ଇନ୍ଦ୍-ଉ) ଶଶୀ, ଚନ୍ଦ୍ର ।
ଇନ୍ଦୁମତୀ, ବି (ଇନ୍ଦୁ-ମତୁ-ଈ) ପୂର୍ଣ୍ଣିମା, ଅଜ ରାଜାଙ୍କ ସ୍ତ୍ରୀ ।
ଇନ୍ଦୁର
ଇନ୍ଦୂର } ବି. (ଉନ୍ଦ୍-ଉର) ମୂଷିକ ।
ଇନ୍ଦୁରେଖା
ଇନ୍ଦୁଲେଖା } ବି. (ଇନ୍ଦୁ-ରେଖା, ଲେଖା) ଚନ୍ଦ୍ରକଳା ।
ଇନ୍ଦ୍ର, ବି. (ଇନ୍ଦ୍-ର) ଦେବରାଜ । ବିଂ. ପ୍ରଭୁ ।
ଇନ୍ଦ୍ରଗୋପ, ବି. ରକ୍ତବର୍ଣ୍ଣ କ୍ଷୁଦ୍ର କୀଟବିଶେଷ, ସାଧବ-
ଝିଅ ବୋହୂ ପୋକ ।
ଇନ୍ଦ୍ରଚାପ, ବି. (ଇନ୍ଦ୍ର-ଚାପ) ଇନ୍ଦ୍ରଧନୁ ।
ଇନ୍ଦ୍ରଜାଲ, ବି. (ଇନ୍ଦ୍ର-ଜାଲ) ଭେଳକିବାଜୀ, କୁହକ ।
ଇନ୍ଦ୍ରଜାଲିକ, ବିଂ. (ଇନ୍ଦ୍ରଜାଲ-ଇକ) ବାଜୀକର ।
ଇନ୍ଦ୍ରଜିତ୍, ବି. ( ଇନ୍ଦ୍ର-ଜି-କ୍ୱିପ୍ ) ମେଘନାଦ ।
ଇନ୍ଦ୍ରଧନୁ, ବି. (ଇନ୍ଦ୍ର-ଧନୁଃ) ଇନ୍ଦ୍ରଚାପ ।
ଇନ୍ଦ୍ରନୀଳମଣି, ବି. ମରକତମଣି, ନୀଳବର୍ଣ୍ଣ ମଣିବିଶେଷ ।
ଇନ୍ଦ୍ରପ୍ରସ୍ଥ, ବି. (ଇନ୍ଦ୍ର-ପ୍ରସ୍ଥ) ପ୍ରାଚୀନ ଦିଲ୍ଲୀ ।
ଇନ୍ଦ୍ରାଣୀ, ବି. (ଇନ୍ଦ୍ର-ଆନୀ) ଇନ୍ଦ୍ରପତ୍ନୀ, ଶଚୀ, ଦୁର୍ଗା ।
ଇନ୍ଦ୍ରାୟୁଧ, ବି. (ଇନ୍ଦ୍ର-ଆୟୁଧ) ଇନ୍ଦ୍ରଧନୁ ।
ଇନ୍ଦ୍ରାରି, ବି. (ଇନ୍ଦ୍ର-ଅରି) ଅସୁର, ଦୈତ୍ୟ ।
ଇନ୍ଦ୍ରି, ବି. (ଇନ୍ଦ୍ରିୟ ଶବ୍ଦଜ) ଇନ୍ଦ୍ରିୟ, ଲିଙ୍ଗ ।
ଇନ୍ଦ୍ରିୟ, ବି. ( ଇନ୍ଦ୍ର-ଇୟ ) ଯାହାଦ୍ୱାରା ପଦାର୍ଥର
ଜ୍ଞାନ ଜନ୍ମେ ।

ଇନ୍ଦ୍ରିୟଗୋଚର } ବି°.(ଇନ୍ଦ୍ରିୟ-ଗୋଚର,ଗ୍ରାହ୍ୟ)
ଇନ୍ଦ୍ରିୟଗ୍ରାହ୍ୟ } ଇନ୍ଦ୍ରିୟଦ୍ୱାରା ଯାହା ଜଣା-ଯାଏ, ଜ୍ଞାନଗମ୍ୟ ।

ଇନ୍ଧନ, ବି. (ଇନ୍ଧ-ଅନ) ଜାଳଣି କାଠ, ଜାଳ ।

ଇଭ, ବି. (ଇ-ଭ) କରୀ, ହସ୍ତୀ ।

ଇୟତ୍, ବି°. ( ଇଦମ୍-ଯତ୍ ) ଏତାବତ୍, ଏତେ, ଏତକ !

ଇୟତ୍ତା, ବି. (ଇୟତ୍-ତା) ଏତାବତ୍, ସୀମା ।

ଇରମ୍ମଦ, ବି. (ଇରା-ମଦ)ମେଘଜ୍ୟୋତ, ବଜ୍ରାଗ୍ନି ।

ଇରା, ବି. (ଇର୍-ଆ) ଜଳ, ପୃଥିବୀ ।

ଇରାବାନ୍, ବି. (ଇରା-ବତ୍) ସମୁଦ୍ର ।

ଇରୁଣ୍ଡି } ବି. (ଦେ) ଚଉକାଠର ତଳ ଅଂଶ ।
ଇରୁଣ୍ଡିବନ୍ଧ }

ଇଲତ୍, ବି°. (ଯାବନିକ) ମନ୍ଦ, ଖରାପ ।

ଇଲାକା, ବି. (ଯାବନିକ) ଅଧିକାର, ସମ୍ବନ୍ଧ ।

ଇଲଶୀ, ବି. (ଇଲ୍ଲିଶ ଶବ୍ଦଜ) ଏକ ପ୍ରକାର ମାଛ ।

ଇଲଲା, ବି. ( ଇଲ୍-ବଲ-ଆ ) କାଳପୁରୁଷ ମଧ୍ୟସ୍ଥ ଏକ ରେଖାରେ ଅବସ୍ଥିତ ନକ୍ଷତ୍ରତ୍ରୟ ।

ଇଶାଦ୍, ବି°. (ଯାବନିକ) ସାକ୍ଷୀ ।

ଇଶାନ, (ଣ) ବି. (ଈଶାନ ଶବ୍ଦଜ)ଶିବ, ପୂର୍ବୋତ୍ତର କୋଣ ।

ଇଶାରା, ବି°. (ଯାବନିକ) ଠାର, ସଙ୍କେତ ।

ଇଷି, ଅ°. ପୀଡ଼ାସୂଚକ ଅନୁକରଣଧ୍ୱନି,ଶୀତ୍କାର ।

ଇଷିକା, ବି. (ଇଷ୍‌-ଇକ-ଆ) କାଇଁଶ ତୃଣ ।
ଇଷୁ, ବି. (ଇଷ୍‌-ଉ) ଶର, ବାଣ ।
ଇଷୁଧି, ବି. (ଇଷୁ-ଧା-ଇ) ତୂଣୀର, ବାଣାଧାର ।
ଇଷ୍ଟ, ବିଂ. (ଇଷ୍‌-ତ) ବାଞ୍ଛିତ, ପ୍ରିୟ । ବି. ଇଚ୍ଛା ।
ଇଷ୍ଟକ, ବି (ଇଷ୍‌-ତକ) ଇଟା ।
ଇଷ୍ଟଦେବ } ବି. (ଇଷ୍ଟ-ଦେବ, ଦେବତା) ମନ୍ତ୍ର-
ଇଷ୍ଟଦେବତା } ଦାତା, ଗୁରୁ, ଅଭୀଷ୍ଟଦେବତା ।
ଇସ୍‌ , ଅଂ. ଘୃଣାବ୍ୟଞ୍ଜକ ଶବ୍ଦ ।
ଇସ୍ତଫା, ବି. (ଯାବନିକ) ଛାଡ଼ପତ୍ର, କର୍ମତ୍ୟାଗପତ୍ର ।
ଇସ୍ତମରାର, ବିଂ. (ଯାବନିକ) ଚିରସ୍ଥାୟୀ ।
ଇସ୍ତାହାର, ବି. (ଯାବନିକ) ବିଜ୍ଞାପନ !
ଇସ୍ତି, ବି. (ଯାବନିକ) ଧୋବ ଲୁଗାକୁ ଚିକ୍କଣ କରିବା-
ପାଇଁ ଧୋବା ଯେଉଁ ଯନ୍ତ୍ର ବ୍ୟବହାର କରେ ।
ଇସ୍ପାତ୍‌, ବି. (ଯାବନିକ) ଏକପ୍ରକାର କଠିନ ଲୁହା ।
ଇହ, ଅଂ. (ଇଦମ୍‌-ହ) ଏଠାରେ, ଏହି ସଂସାରରେ ।
ଇହକାଳ, ବି. (ଇହ-କାଳ) ଜନ୍ମଠାରୁ ମୃତ୍ୟୁପର୍ଯ୍ୟନ୍ତ
ସମୟ ।
ଇହଲୋକ, ବି. (ଇହ-ଲୋକ) ଏହି ଜଗତ୍‌, ଭୂଲୋକ ।

# ଈ

ଈ, ନ. ଚତୁର୍ଥ ସ୍ୱରବର୍ଣ୍ଣ, କନ୍ଦର୍ପ, ଲକ୍ଷ୍ମୀ ।

ଈଃ, ଅଂ. ଯନ୍ତ୍ରଣା ବା କୋଧାଦ୍ୟବୋଧକ ଅବ୍ୟୟ ।

ଈକ୍ଷଣ, ନ. (ଈକ୍ଷ୍-ଅନ) ଦୃଷ୍ଟି, ଦର୍ଶନ ।

ଈକ୍ଷିତ, ବଂ. (ଈକ୍ଷ୍-ତ) ଦୃଷ୍ଟ । ବ. ଦର୍ଶନ ।

ଈତି, ବ. ( ଈ-ତି ) ଅତିବୃଷ୍ଟି, ଅନାବୃଷ୍ଟି ପ୍ରଭୃତି ଶସ୍ୟର ଉପଦ୍ରବ । ଯଥା—ଅତିବୃଷ୍ଟିରନାବୃଷ୍ଟିଃ ଶଳଭା ମୂଷକାଃ ଖଗାଃ । ପ୍ରତ୍ୟାସନ୍ନାଶ୍ଚ ରାଜାନଃ ଷଡେତା ଇତୟଃ ସ୍ମୃତାଃ ।

ଈଦୃକ୍ } ବଂ. ( ଇଦମ୍-ଦୃଶ୍-ଅ ) ଏ ପ୍ରକାର,
ଈଦୃଶ } ଏବମ୍ଭୂତ ।

ଈପ୍ସା, ବ. (ଆପ୍-ସନ୍-ଅ-ଆ) ପାଇବା ଇଚ୍ଛା ।

ଈପ୍ସୁ, ବଂ. (ଆପ୍-ସନ୍-ଉ) ଇଚ୍ଛୁକ, ଅଭିଳାଷୀ ।

ଈର୍ଷା } ବ. ( ଈର୍ଷ୍ୟ-ଆ ) ପରଶ୍ରୀକାତରତା,
ଈର୍ଷ୍ୟା } ହିଂସା ।

ଈର୍ଷାଳୁ, ବଂ. (ଈର୍ଷା-ଆଳୁ) ପରଶ୍ରୀକାତର ।

ଈଶ, ବ. (ଈଶ୍-ଅ) ଶିବ । ବଂ. ସ୍ୱାମୀ, ପ୍ରଧାନ ।

ଈଶାନ, ବ. ( ଈଶ୍-ଆନ ) ମହେଶ୍ୱର, ଉତ୍ତର-ପୂର୍ବକୋଣ ।

ଈଶାନୀ ବ. (ଈଶ୍-ଆନୀ) ଦୁର୍ଗା ।

ଈଶ୍ୱର, ବ. (ଈଶ୍-ବର)ଶିବ, ବ୍ରହ୍ମା । ବଂ. ଶ୍ରେଷ୍ଠ ।

ଈଶ୍ୱରୀ, ବ. (ଈଶ୍ୱର-ଈ) ଦୁର୍ଗା ।

ଈଷ, ବ. (ଈଷା ଶବ୍ଦଜ) ଲାଙ୍ଗଳଦଣ୍ଡ ।
ଈଷତ୍, ଅ°. (ଈଷ୍-ଅତ୍) ଅଳ୍ପ, କିଞ୍ଚିତ୍, କିଛି ।
ଈହା, ବ. (ଈହ୍-ଅ) ଚେଷ୍ଟା, ଯତ୍ନ ।

---

# ଉ

ଉ, ନ. ପଞ୍ଚମ ସ୍ୱରବର୍ଣ୍ଣ । ଅ°. ସମ୍ବୋଧନ, କ୍ରୋଧାଦି-ସୂଚକ, ବିସ୍ମୟ ।
ଉଃ, ଅ°. କ୍ରୋଧ ବା ଦୁଃଖବୋଧକ ଅବ୍ୟୟ ।
ଉଁ, ଅ°. ଦୁଃଖ, କ୍ରୋଧ ଓ ସ୍ୱୀକାରସୂଚକ ଅବ୍ୟୟ ।
ଉଆ, ବ°. (ଦେଶଜ) ଅରୁଆ ।
ଉଆଁସ, ବ. (ଦେଶଜ) ଅମାବାସ୍ୟା ।
ଉଆଁସୀ, ବ°. (ଦେଶଜ) ଯେଉଁ କନ୍ୟା ଅମାବାସ୍ୟା ତିଥିରେ ଜନ୍ମିଥାଏ, କୁଲକ୍ଷଣା ।
ଉଆସ, ବ. (ଆବାସର ଅପଭ୍ରଂଶ) ରାଜବାଟୀ, ନଅର ।
ଉଆପଖିଆ, ବ°. ( ଦେଶଜ ) ଉଆ ଚାଉଳସଦୃଶ ହୋଇଥିବା ଉଷୁନା ଚାଉଳ ।
ଉଆପସ୍, ବ. (ଯାବନିକ) ପ୍ରତ୍ୟର୍ପଣ, ଫେରସ୍ତ ।
ଉଆରଣ୍ଟ, ବ. (ଇଂ. Warrant) ଗିରଫ୍, ପରୱାନା ।
ଉଆରସ୍, ବ. (ଯାବନିକ) କ୍ରୀତ, ଉତ୍ତରାଧିକାରୀ ।
ଉଆରଜା, ବ. (ଯାବନିକ) ଜମିଦାରୀ କଚେରୀରେ ଥିବା ଏକପ୍ରକାର କାଗଜ ।

ଉଇ, ବି. ପିପୀଲିକାବିଶେଷ ।
ଉଇଠାଙ୍କୁ, ବି. ( ଦେ ) ଉଇହୁଙ୍କା ଭିତରେ ଥିବା ଉଇରାଣୀ ଓ ତାହାର ବସା ।
ଉଇଲ୍ } ବି. (ଇං. Will) ଚରମପତ୍ର,
ଉଇଲ୍‌ନାମା } ଉତ୍ତରାଧିକାରୀ ମନୋନୟନ ପତ୍ର ।
ଉଇଁବା, ବି. (ଦେଶଜ) ଉଦୟ ହେବା ।
ଉକ୍‌ଚେଇବା, କ୍ରି,(ଦେଶଜ) ଝୁଲାଇବା, ଲଟକାଇବା ।
ଉଁକାରିବା, କ୍ରି. ( ଦେଶଜ ) ଉଚ୍ଚାରଣ କରିବାକୁ ଆରମ୍ଭ କରିବା ।
ଉକାଳିବା, କ୍ରି. (ଦେଶଜ) ଉଦ୍ଧାର କରିବା, ବାନ୍ତି କରିବା ।
ଉକିଲ୍, ବି. ( ଯାବନିକ ) ମକଦ୍ଦମାର ପ୍ରତିନିଧି ।
ଉକୁ, ବି. (ଯାବନିକ) ଆରମ୍ଭ ।
ଉକୁଚିବା, କ୍ରି. ( ଦେ ) ଟାଙ୍ଗିବା, ଓହଳାଇବା ।
ଉକୁଟ, ବି. (ଦେଶଜ) ଭଙ୍ଗୀ ।
ଉକୁଟାଇବା, କ୍ରି. (ଦେଶଜ) ବୋଳିବା, ଲଗାଇବା ।
ଉକୁଟିବା, କ୍ରି. (ଦେ) ପ୍ରକାଶିତ ହେବା, ଅମ୍ଳଦ୍ରବ୍ୟ ଦ୍ୱାରା ଧାତୁପାତ୍ର ବିକୃତ ହେବା ।
ଉକୁଣି, ବି. (ଦେଶଜ) ଉକ୍ଳୁଣ, କେଶକୀଟ ।
ଉକ୍ତ, ବିଂ. ( ବଚ୍-ତ ) କଥିତ ।
ଉକ୍ତି, ବି. (ବଚ୍-ତି) କଥା, ବଚନ, ବାକ୍ୟ ।
ଉଖାଡ଼ିବା } କ୍ରି. ( ଦେ ) କେଞ୍ଚି ଖୋଳିବା ।
ଉଖାରିବା }

ଉଖୁଡ଼ା, ବି. (ଦେ) ଗୁଡ଼ମିଶା ଖଇ ।
ଉଖୁରାଇବା, କ୍ରି. (ଦେଶଜ) ଉଝ୍କାଇବା ।
ଉଗାରିବା, କ୍ରି. ( ଦେଶଜ ) ବାନ୍ତି କରିବା ।
ଉଗାଳିବା, କ୍ରି. ( ଦେଶଜ ) ଅଟକାଇବା ।
ଉଗୁଡ଼ାଇବା, କ୍ରି. (ଦେଶଜ) ମୁହଁ ମାଡ଼ି ପକାଇବା ।
ଉଗୁଳା, ବିଂ. ( ଦେଶଜ ) ବଳକା, ଉଚ୍ଛିଷ୍ଟ ।
ଉଗ୍ର, ବିଂ. (ଉର୍-ର) ତୀବ୍ର, ପ୍ରଚଣ୍ଡ ।
ଉଗ୍ରଚଣ୍ଡୀ, ବି. (ଉଗ୍ର-ଚଣ୍ଡୀ) ଚଣ୍ଡିକା ଦେବୀ ।
ଉଗ୍ରତା, ବି. ( ଉଗ୍ର-ତା ) ଦୁଷ୍ଟପଣିଆ ।
ଉଘାଡ଼, ବି. (ଦେଶଜ) ଏକପ୍ରକାର ଖଡ଼ ବା ମଞ୍ଚା ।
ଉଘେଇବା, କ୍ରି. (ଦେ)ଦୋଷ ଦେଖାଇ ଗାଳି ଦେବା
ଉଙ୍କିବା } କ୍ରି. ( ଦେଶଜ ) ଲୁଚି ମୁଣ୍ଡ ଟେକି
ଉଙ୍କି ମାରିବା } ଦେଖିବା ।
ଉଚିତ, ବିଂ. ( ବଚ୍-ଇତ ) ନ୍ୟାଯ୍ୟ, ଯୋଗ୍ୟ ।
ଉଚ୍ଚ, ବିଂ. ( ଉତ୍-ଚି-ଅ ) ଉନ୍ନତ ।
ଉଚ୍ଚବାଚ୍, ବି. ( ଦେଶଜ ) ପରସ୍ପର ଉଚ୍ଚ ସ୍ୱରରେ କଳି କରିବା ।
ଉଚ୍ଚରିତ, ବିଂ. (ଉତ୍-ଚର୍-ତ) ଶବ୍ଦାୟିତ, କଥିତ ।
ଉଚ୍ଚଳିତ, ବିଂ. (ଉତ୍-ଚଳ-ତ) ନିର୍ଗତ, ପ୍ରସ୍ଥିତ ।
ଉଚ୍ଚା } ବିଂ. ( ଦେ ) ଉନ୍ନତ, ଉଚ୍ଚ । ବି.
ଉଞ୍ଚା } ଉଚ୍ଚତା ।
ଉଚ୍ଚାଟ, ବି ( ଉଚ୍ଚ-ଅଟ୍-ଅ ) ଚଞ୍ଚଳତା, ଉଦ୍‌ବେଗ
ଉଚ୍ଚାଟନ, ବି. ( ଉଚ୍ଚ-ଅଟ୍-ଅନ ) ଚଞ୍ଚଳକରଣ, ଉଦ୍‌ବେଗ ।

ଉଚ୍ଚାବଚ, ବିଂ. ( ଉଚ୍ଚ-ଅବଚ ) ବନ୍ଧୁର, ଖାଲଢିପ ।

ଉଚ୍ଚାରଣ, ବି. (ଉତ୍-ଚୃର୍-ଅନ) କଥନ ।

ଉଚ୍ଚୈଃଶ୍ରବା, ବି. ( ଉଚ୍ଚୈଃ-ଶ୍ରବସ୍ ) ଇନ୍ଦ୍ରଙ୍କର ଘୋଟକ । ବିଂ. ବଧିର ।

ଉଚ୍ଛ, ଉଚ୍ଛବ } ବି. (ଦେ) ଉତ୍ସବ, ବିବାହର ପରଦିନ ।

ଉଚ୍ଛନ୍ନ, ବିଂ. (ଉତ୍-ଛନ୍ନ) ଚଞ୍ଚଳ, ବ୍ୟଗ୍ର ।

ଉଚ୍ଛଳିତ, ବିଂ. ( ଉତ୍-ଶଲ୍-ତ ) ଉଦ୍ଗତ, ଉତ୍ଥିତ ।

ଉଚ୍ଛିନ୍ନ, ବିଂ. (ଉତ୍-ଛିଦ୍-ତ) ବିନାଶିତ, ଉନ୍ମୂଳିତ ।

ଉଚ୍ଛିଷ୍ଟ, ବିଂ. (ଉତ୍-ଶି -ତ) ଭୁକ୍ତାବଶିଷ୍ଟ, ଅଇଣ୍ଠା ।

ଉଚ୍ଛୃଙ୍ଖଳ, ବିଂ. ( ଉତ୍-ଶୃଙ୍ଖଳ ) ସ୍ୱେଚ୍ଛାଗାମୀ ।

ଉଚ୍ଛେଦ, ବି. (ଉତ୍-ଛିଦ୍-ଅ) ବିନାଶ, ଉନ୍ମୂଳନ ।

ଉଚ୍ଛ୍ୱସିତ, ବିଂ. (ଉତ୍-ଶ୍ୱସ୍-ତ) ପ୍ରସ୍ଫୁଟିତ, ବିକଶିତ । ବି. ଉଚ୍ଛ୍ୱାସ ।

ଉଚ୍ଛ୍ୱାସ, ବି. (ଉତ୍-ଶ୍ୱସ୍-ଅ) ନିଃଶ୍ୱାସ, ପ୍ରାଣ, ବିକାଶ ।

ଉଛୁଣି, ଉଛୁଣିକା } ଅଂ. (ଦେ) ଏହିକ୍ଷଣି, ବର୍ତ୍ତମାନ ।

ଉଛୁର, ବି. (ଦେଶଜ) ବିଳମ୍ବ, ଡେରି ।

ଉଛୁଳିବା, କ୍ରି. ( ଦେ ) ଉପରକୁ ଉଠିବା, ଉଦ୍ଧତ ହେବା ।

ଉଜଳା, (ଦେଶଜ) ଧୋବା ।

ଉଜାଗର. ବି. (ଦେଶଜ) ଅନିଦ୍ର, ଜାଗ୍ରତ ।

ଉଜାଡ଼, ବି. (ଦେଶଜ) ନାଶ, କ୍ଷତି ।

**ଉଜାଡ଼ିବା**, କ୍ରି. (ଦେଶଜ) ନଷ୍ଟ କରିବା ।

**ଉଜାଣି**, ବି. (ଦେ) ସ୍ରୋତର ବିପରୀତ ଦିଗରେ ଗତି ।

**ଉଜିର**, ବି. (ଯାବନିକ) ମନ୍ତ୍ରୀ ।

**ଉଜୁଡ଼ା**, ବିଂ. (ଦେ) ନାଶକାରୀ ।

**ଉଜୁଡ଼ିବା**, କ୍ରି. (ଦେଶଜ) ନଷ୍ଟ ହେବା ।

**ଉଝଟ**, ବିଂ. (ଦେଶଜ) ଦୁଷ୍ଟ, ଜିଦିଖୋର ।

**ଉଝାଳିବା**, କ୍ରି. (ଦେ) ଉଜ୍ଜ୍ୱଳ କରିବା, ପଙ୍କୋଦ୍ଧାର କରିବା ।

**ଉଞ୍ଚ**, ବିଂ. (ଦେଶଜ) ଉଚ୍ଚ, ଉନ୍ନତ ।

**ଉଞ୍ଚେଇବା**, କ୍ରି. (ଦେ) ଆଘାତ କରିବାକୁ ଟେକିବା ।

**ଉଞ୍ଛ**, ବି. (ଉଞ୍ଛ୍-ଅ) ଧାନ୍ୟାଦି ଖୁଣ୍ଟି ସଂଗ୍ରହ କରିବା ।

**ଉଞ୍ଛିବା**, କ୍ରି. (ଦେ) ଶାଉଁଳିବା, ଓଟାରିନେବା ।

**ଉଟ**, ବି. (ଉଟ୍-ଅ) ଉଷ୍ଟ୍ର ।

**ଉଟଜ**, ବି. (ଉଟ-ଜ) ପର୍ଣ୍ଣଶାଳା ।

**ଉଠା**, ବିଂ. (ଦେଶଜ) ଅସ୍ଥାୟୀ ।

**ଉଠାଣ**, (ଦେ) କାଳି କରି ସଉଦା ନେବା, ଉପରକୁ ଉଠିବା ।

**ଉଠାଣି**, ବି. (ଦେ) ଉପରକୁ ଯିବା, ଊର୍ଦ୍ଧ୍ୱଗତି । ବିଂ. ଯେ ଉପରକୁ ଯାଏ ।

**ଉଠିଆ**, ବି. (ଦେଶଜ) ଆବାଦୀ, ଉନ୍ନତ, ଉପୁରି ।

**ଉଠିଆରି**, ବି. (ଦେଶଜ) ଶିଶୁଜନ୍ମର ୭ମ ଦିନରେ କୃତ ଅନୁଷ୍ଠାନବିଶେଷ ।

**ଉଠିବା**, କ୍ରି. (ଦେଶଜ) ଠିଆ ହେବା, ଅଙ୍କୁରୋତ୍ପତ୍ତି ।

ଉଡ଼ା, ବିଂ. (ଦେ) ଉଡ଼ୁଥିବା, ଅନବସ୍ଥିତ। ବି. ଉଡ଼ିବା।

ଉଡ଼ୁ, ବି. (ଉଡ଼୍-ଉ) ନକ୍ଷତ୍ର, ତାରା, ଜଳ।

ଉଡ଼ୁପ, } ବି. (ଉଡ଼ୁ-ପା-ଅ) ଚନ୍ଦ୍ର, ନୌକା,
ଉଡ଼ୁମ୍ପ, } ଭେଳା।

ଉଡ଼ୁମ୍ବର } ବି. (ଉଡ଼ୁଂ-ବୃ-ଅ) ଯଜ୍ଞ ଡିମ୍ବିରିଗଛ।
ଉଦୁମ୍ବର }

ଉଡ଼୍ଡୟନ, ବି. (ଉତ୍-ଡୀ-ଅନ) ଉଡ଼ିବା।

ଉଡ୍ଡୀନ, ବିଂ. ( ଉତ୍-ଡୀ-ତ ) ଊର୍ଦ୍ଧ୍ୱଗତ, ଯାହା ଉଡିଅଛି।

ଉଡ୍ଡୀୟମାନ, ବିଂ. (ଉତ୍-ଡୀ-ଆନ) ଉଡ଼ନ୍ତା।

ଉଢ଼ାଳ, ବି. (ଦେଶଜ) ଆଢ଼ୁଆଳ, ଆବରଣ।

ଉଣ୍ଡିବା, କ୍ରି. (ଦେଶଜ) ଖୋଜିବା, ଠଉର କରିବା।

ଉତଲା, ବିଂ. (ଦେଶଜ) ଉତ୍କଣ୍ଠିତ।

ଉତାରିବା, କ୍ରି. ( ଦେଶଜ ) ପ୍ରସ୍ତୁତ କରିବା, ଓହ୍ଲାଇବା, ଖୋଲିବା, ନକଲ କରିବା।

ଉତିଆଣି, ବିଂ. (ଦେଶଜ) ଦୁଧଖିଆ ପିଲା।

ଉତୁରିବା, କ୍ରି. (ଦେ) ଅବତୀର୍ଣ୍ଣ ହେବା, ଉଚ୍ଛୁଳିବା।

ଉତୁଖା, ବି. ( ଦେଶଜ ) ଉନ୍ଦୁଖାନ୍ନ, ଓତା।

ଉତ୍, ଅଂ. (ଉପସର୍ଗ) ଊର୍ଦ୍ଧ୍ୱ, ଉତ୍କର୍ଷ।

ଉତ୍କଟ, ବିଂ. (ଉତ୍-କଟ୍-ଅ) ଉଦ୍ଦାମ, ଅଧିକ, ଦୁଃସାଧ୍ୟ।

ଉତ୍କଣ୍ଠା, ବି. (ଉତ୍-କଣ୍ଠ-ଅ-ଆ) ଭାବନା, ଉଦ୍ବେଗ।

ଉତ୍କଣ୍ଠିତ, ବିଂ. (ଉତ୍କଣ୍ଠା-ଇତ) ଉଦ୍ବିଗ୍ନ, ଉତ୍ସୁକ।

ଉତ୍କର୍ଷ, ବି. (ଉତ୍-କୃଷ୍-ଅ) ଆତିଶଯ୍ୟ, ଆଧିକ୍ୟ।

**ଉତ୍କଳ**, ବି. (ଉତ୍-କଲ-ଅ) ଓଡ଼ିଶା ଦେଶ ।

**ଉତ୍କଳିକା**, ବି. ( ଉତ୍-କଲ-ଅକ-ଆ ) ଲହରୀ, ଉଦ୍‌ବେଗ ।

**ଉତ୍କୀର୍ଣ୍ଣ**, ବିଂ. (ଉତ୍-କୃ-ତ) ଖୋଦିତ, ଖୋଳା ।

**ଉତ୍କୃଷ୍ଟ**, ବିଂ. (ଉତ୍-କୃଷ୍-ତ) ଶ୍ରେଷ୍ଠ, ଉତ୍ତମ ।

**ଉତ୍କୋଚ**, ବି. (ଉତ୍-କୁଚ୍-ଅ) ଲାଞ୍ଚ, ରସବତ୍ ।

**ଉତ୍କ୍ଷିପ୍ତ**, ବିଂ. (ଉତ୍-କ୍ଷିପ୍-ତ) ଉର୍ଦ୍ଧ୍ୱକୁ ନିକ୍ଷିପ୍ତ ।

**ଉଜ୍ଜ୍ୱଳ**, ବିଂ. ( ଉତ୍-ଜ୍ୱଲ ) ନିର୍ମଳ, ଦୀପ୍ତିମାନ୍ ।

**ଉତ୍ତପ୍ତ**, ବିଂ. (ଉତ୍-ତପ୍-ତ) ଉଷ୍ଣ, ସନ୍ତପ୍ତ ।

**ଉତ୍ତମ**, ବିଂ. (ଉତ୍-ତମ୍-ଅ) ଉତ୍କୃଷ୍ଟ, ଶ୍ରେଷ୍ଠ ।

**ଉତ୍ତମର୍ଣ୍ଣ**, ବିଂ (ଉତ୍ତମ-ଋଣ) ମହାଜନ, ସାହୁ ।

**ଉତ୍ତମାଙ୍ଗ**, ବି. (ଉତ୍ତମ-ଅଙ୍ଗ) ମସ୍ତକ, ଶିର ।

**ଉତ୍ତମ୍ଭ**, ବି. (ଉତ୍-ସ୍ତମ୍ଭ-ଅ) ନିବୃତ୍ତି, ସ୍ତମ୍ଭୀଭାବ ।

**ଉତ୍ତର**, ବି. (ଉତ୍-ତୃ-ଅ) ପ୍ରତିବଚନ, ସିଦ୍ଧାନ୍ତ ।

**ଉତ୍ତରକାଳ**, ବି. ଭବିଷ୍ୟତ୍ ସମୟ ।

**ଉତ୍ତରପକ୍ଷ**, ବି. (ଉତ୍ତର-ପକ୍ଷ) ପ୍ରଶ୍ନକର୍ତ୍ତାର ବିପରୀତ ପକ୍ଷ, ସିଦ୍ଧାନ୍ତ ପକ୍ଷ । ।

**ଉତ୍ତରଭାଦ୍ରପଦ**, ବି. ଷଡ଼୍‌ବିଂଶ ନକ୍ଷତ୍ର ।

**ଉତ୍ତରଣ**, ବି. (ଉତ୍-ତରଣ) ନଦ୍ୟାଦି ପାର ହେବା, ଉତୁରିବା ।

**ଉତ୍ତରଳ**, ବିଂ. (ଉତ୍-ତରଳ) ଚଞ୍ଚଳ ।

**ଉତ୍ତରସାଧକ**, ବିଂ. ସାହାଯ୍ୟକାରୀ, ସହକାରୀ ।

**ଉତ୍ତରା**, ବି. ବିରାଟ ରାଜକନ୍ୟା, ଅଭିମନ୍ୟୁପତ୍ନୀ । ବିଂ (ଦେ) ଉତ୍ତରଦିକ୍ ସମ୍ବନ୍ଧୀୟ ।

ଉତ୍ତରାଧିକାରୀ, ବିଂ. (ଉତ୍ତରାଧିକାର-ଇନ୍) ଉଆରସ।
ଉତ୍ତରାଫାଲ୍ଗୁନୀ, ବି. ଦ୍ୱାଦଶ ନକ୍ଷତ୍ର।
ଉତ୍ତରାୟଣ, ବି. (ଉତ୍ତର-ଅୟନ) ସୂର୍ଯ୍ୟଙ୍କ ଉତ୍ତରଗତି।
ଉତ୍ତରାଷାଢ଼ା, ବି. ଏକବିଂଶ ନକ୍ଷତ୍ର।
ଉତ୍ତରୀୟ, ବି. (ଉତ୍ତର-ଈୟ) ଚଦର।
ଉତ୍ତରୋତ୍ତର, କ୍ରି. ବିଂ. (ଉତ୍ତର-ଉତ୍ତର) ପରେ ପରେ, କ୍ରମେ କ୍ରମେ।
ଉତ୍ତାନ, ବିଂ. (ଉତ୍-ତନ୍-ଅ) ଊର୍ଦ୍ଧ୍ୱମୁଖ, ଚିତ୍।
ଉତ୍ତାପ, ବି (ଉତ୍-ତପ୍-ଅ) ତାପ, ଉଷ୍ଣତା।
ଉତ୍ତାରେ, କ୍ରି. ବିଂ. (ଦେଶଜ) ପରେ।
ଉତ୍ତାଳ, ବିଂ. (ଉତ୍-ତଲ୍-ଅ) ମହତ୍, ଶ୍ରେଷ୍ଠ, ଭୟାନକ।
ଉତ୍ତୀର୍ଣ୍ଣ, ବିଂ. (ଉତ୍-ତୃ-ତ) ନଦ୍ୟାଦିରୁ ଉତ୍ଥିତ, ନିର୍ଗତ, କୃତକାର୍ଯ୍ୟ।
ଉତ୍ତୁଙ୍ଗ, ବିଂ. (ଉତ୍-ତୁଙ୍ଗ) ଉଚ୍ଚ, ଉନ୍ନତ, ତୁଙ୍ଗ।
ଉତ୍ତେଜକ, ବିଂ. (ଉତ୍-ତଜ-ଅକ) ଉଦ୍ଦୀପକ, ପ୍ରବର୍ତ୍ତକ।
ଉତ୍ତେଜନ (ନା) ବି. (ଉତ୍-ତଜ-ଅନ୍, ଆ) ପ୍ରବର୍ତ୍ତନ ଉଦ୍ଦୀପନ।
ଉତ୍ତେଜିତ, ବିଂ. (ଉତ୍-ତଜ-ତ) ଉଦ୍ଦୀପିତ, ବିରକ୍ତ।
ଉତ୍ତୋଳନ, ବି. (ଉତ୍-ତୁଲ୍-ଅନ) ଉଠାପନ।
ଉତ୍ତୋଳିତ, ବିଂ. (ଉତ୍-ତୁଲ୍-ତ) ଉତ୍କ୍ଷିପ୍ତ।
ଉତ୍ତ୍ୟକ୍ତ, ବିଂ. (ଉତ୍-ତ୍ୟଜ୍-ତ) ଉତ୍କ୍ଷିପ୍ତ, ବିରକ୍ତ।
ଉତ୍ଥାନ, ବି. (ଉତ୍-ସ୍ଥା-ଅନ) ଉଦୟ, ଉନ୍ନତି।
ଉତ୍ଥାପନ, ବି. ( ଉତ୍-ସ୍ଥା-ଇ-ଅନ ) ଉତ୍ତୋଳନ।

ଉତ୍ସ୍ଥାପିତ, ବିଂ. ( ଉତ୍-ସ୍ଥାପି-ତ ) ଉତ୍ତୋଳିତ ।
ଉତ୍ଥିତ, ବିଂ. ( ଉତ୍-ସ୍ଥା-ତ ) ଉତ୍ପନ୍ନ, ଉଦ୍ଗତ ।
ଉତ୍ପକ୍ଷ୍ମ, ବିଂ. (ଉତ୍-ପକ୍ଷ୍ମ) ବିସ୍ତୃତ (ଚକ୍ଷୁସମ୍ବନ୍ଧରେ) ।
ଉତ୍ପତନ, ବି. (ଉତ୍-ପତ୍-ଅନ) ଉଦ୍ଗମ, ଉଡ଼ିବା ।
ଉତ୍ପତିତ, ବିଂ. ( ଉତ୍-ପତ୍-ତ) ଉତ୍ଥିତ, ଉଦ୍ଗତ ।
ଉତ୍ପତ୍ତି, ବି. ( ଉତ୍-ପଦ୍-ତି ) ଉଦ୍ଭବ, ଜନ୍ମ ।
ଉତ୍ପନ୍ନ, ବିଂ. ( ଉତ୍-ପଦ୍-ତ ) ଉଦ୍ଭୂତ, ଜାତ ।
ଉତ୍ପଳ, ବି. ( ଉତ୍-ପଲ୍-ଅ ) ଜଳଜ, ପଦ୍ମ ।
ଉତ୍ପାଟନ, ବି. ( ଉତ୍-ପାଟି-ଅନ ) ଉନ୍ମୂଳନ ।
ଉତ୍ପାଟିତ, ବିଂ. ( ଉତ୍-ପାଟି-ତ ) ଉନ୍ମୂଳିତ ।
ଉତ୍ପାତ, ବି. ( ଉତ୍-ପତ୍-ଅ ) ଉପଦ୍ରବ, ଦୌରାତ୍ମ୍ୟ ।
ଉତ୍ପାଦକ, ବିଂ. ( ଉତ୍-ପାଦି-ଅକ ) ଜନକ, ଉତ୍ପତ୍ତିକାରକ, ଗୁଣାତ୍ମକ ।
ଉତ୍ପାଦନ, ବି ( ଉତ୍-ପାଦି-ଅନ ) ଉତ୍ପତ୍ତିକରଣ, ଜନ୍ମାଇବା ।
ଉତ୍ପାଦୟିତା, ବିଂ. (ଉତ୍-ପାଦି-ତୃ) ଜନୟିତା, ପିତା ।
ଉତ୍ପାଦିତ, ବିଂ. ( ଉତ୍-ପାଦି-ତ ) ଜନିତ ।
ଉତ୍ପୀଡ଼ନ, ବି. ( ଉତ୍-ପୀଡ଼୍-ଅନ ) ଅତ୍ୟାଚାର ।
ଉତ୍ପ୍ରେକ୍ଷା, ବି.(ଉତ୍-ପ୍ର-ଈକ୍ଷ-ଅ-ଆ) ଅର୍ଥାଳଙ୍କାର-ବିଶେଷ, ବିତର୍କ, ଅନୁମାନ ।
ଉତ୍ଫୁଲ୍ଲ, ବିଂ. ( ଉତ୍-ଫୁଲ୍ଲ-ଅ ) ପ୍ରଫୁଲ୍ଲ, ବିକସିତ ।
ଉତ୍ସ, ବି. ( ଉନ୍ଦ୍-ସ ) ପ୍ରସ୍ରବଣ, ଝରଣା ।
ଉତ୍ସଙ୍ଗ, ବି. ( ଉତ୍-ସନ୍ଜ-ଅ ) କ୍ରୋଡ଼, କୋଳ । ବିଂ. ନିଃସଙ୍ଗ ।

ଉତ୍ସନ୍ନ, ବିଂ. ( ଉତ୍-ସଦ୍-ତ ) ନଷ୍ଟ, ଧ୍ୱସ୍ତ ।

ଉତ୍ସର୍ଗ, ବି. ( ଉତ୍-ସୃଜ୍-ଅ ) ପରିତ୍ୟାଗ, ଦାନ ।

ଉତ୍ସବ, ବି. ( ଉତ୍-ସୂ-ଅ ) ଆନନ୍ଦଜନକ ବ୍ୟାପାର ।

ଉତ୍ସାହ ବି. (ଉତ୍-ସହ୍-ଅ) ଉଦ୍ୟମ, ଉଦ୍‌ବେଗ, ହର୍ଷ ।

ଉତ୍ସାହିତ, ବିଂ. ( ଉତ୍-ସହ-ଣିଚ୍-ତ ) ଉତ୍ତେଜିତ, ଯାହାକୁ ଉତ୍ସାହ ଦିଆଯାଏ ।

ଉତ୍ସୁକ, ବିଂ. (ଉତ୍-ସୁ-କ) ଉତ୍କଣ୍ଠିତ, ପ୍ରିୟ ।

ଉତ୍ସୃଷ୍ଟ, ବିଂ. (ଉତ୍-ସୃଜ୍-ତ) ତ୍ୟକ୍ତ, ବିସୃଷ୍ଟ, ଦତ୍ତ ।

ଉଦ୍<br>ଉତ୍ } ଅଂ. (ଉପସର୍ଗ) ଊର୍ଦ୍ଧ୍ୱ, ଔଦ୍ଧତ୍ୟ, ବିପରୀତ ।

ଉଦ<br>ଉଦକ } ବି. (ଉଦ୍-ଅ, କ) ଜଳ, ପାଣି, ବାରି ।

ଉଦଧି, ବି. (ଉଦ-ଧା-ଇ) ସମୁଦ୍ର, ସାଗର ।

ଉଦନ୍ତ, ବି. ( ଉତ୍-ଅନ୍ତ ) ବାର୍ତ୍ତା, ସମ୍ବାଦ ।

ଉଦୟ, ବି. ( ଉତ୍-ଇ-ଅ ) ପୂର୍ବପର୍ବତ, ଉତ୍ଥାନ, ଆବିର୍ଭାବ ।

ଉଦୟମାନ, ବିଂ. ( ଉତ୍-ଅୟ୍-ଶାନଚ୍ ) ଯାହାଙ୍କର ଉଦୟ ହେଉଅଛି, ପ୍ରକାଶମାନ, ଜାଜ୍ୱମାନ ।

ଉଦର, ବି. ( ଉତ୍-ଋ-ଅ ) ଜଠର, ପେଟ ।

ଉଦରମ୍ଭରି, ବିଂ. (ଉଦର-ଭୃ-ଇ) ଆତ୍ମମ୍ଭରି, ପେଟୁ ।

ଉଦରାମୟ, ବି. ( ଉଦର-ଆମୟ ) ଉଦରରୋଗ ।

ଉଦରୀ, ବିଂ. ( ଉଦର-ଇନ୍ ) ପେଟଫୁଲା ରୋଗ ।

ଉଦର୍କ, ବି. (ଉଦ୍-ଋଚ୍-ଅ) ଉତ୍ତରଫଳ, ଭବିଫଳ ।

ଉଦାତ୍ତ, ବି. (ଉତ୍-ଆ-ଦା-ତ) ଉଚ୍ଚ ସ୍ୱରବିଶେଷ ।

ଉଦାନ, ବି. (ଉତ୍-ଆ-ଅନ-ଅ) କଣ୍ଠସ୍ଥ ବାୟୁ, ନାଭି ।

ଉଦାର, ବିଂ. (ଉତ୍-ଆ-ଋ-ଅ) ଦାତା, ମହାତ୍ମା, ସରଳ ।

ଉଦାସ, ବି. (ଉତ୍-ଆ-ଅସ୍-ଅ) ବିଷୟବୈରାଗ୍ୟ ।

ଉଦାସୀ, ବିଂ. (ଉତ୍-ଆସ୍-ଇନ୍) ବୈରାଗୀ, ବିଷୟ-ବିରତ ।

ଉଦାସୀନ, ବିଂ. (ଉଦ୍-ଆସ୍-ଆନ) ସନ୍ନ୍ୟାସୀ, ନିଃସଙ୍ଗ ।

ଉଦାହରଣ, ଉଦାହାର } ବି. (ଉତ୍-ଆ-ହୃ-ଅନ, ଅ) ଦୃଷ୍ଟାନ୍ତ, ନିଦର୍ଶନ ।

ଉଦାହୃତ, ବିଂ. (ଉତ୍-ଆ-ହୃ-ତ) ଦୃଷ୍ଟାନ୍ତରୂପେ କଥିତ, ବର୍ଣ୍ଣିତ, ଉଚ୍ଚାରିତ ।

ଉଦିତ, ବିଂ. (ଉତ୍-ଇ-ତ) ଉଦ୍ଗତ, ଉତ୍ପନ୍ନ, ଉତ୍ଥିତ । (ବଦ୍-ତ) କଥିତ, ଉକ୍ତ, ଉଲ୍ଲିଖିତ ।

ଉଦୀଚୀ, ବି. (ଉଦଚ୍-ଈ) ଉତ୍ତରଦିଗ ।

ଉଦୀରଣ, ବି. (ଉତ୍-ଈର୍-ଅନ) ଉଚ୍ଚାରଣ, ଉଦ୍ଦୀପନ, କଥନ ।

ଉଦୀରିତ, ବିଂ. (ଉତ୍-ଈର୍-ତ) କଥିତ, ଉଚ୍ଚାରିତ ।

ଉଦୀର୍ଣ୍ଣ, ବିଂ. (ଉଦ୍-ଋ-ତ) ଉଦ୍‌ଗତ, ଉଦ୍ଭବ ।

ଉଦୁଆଁ, ବିଂ. (ଦେଶଜ) ମେଲା, ଖୋଲା ।

ଉଦୁଉଦଆ, ବିଂ. (ଦେଶଜ) ସମ୍ପୂର୍ଣ୍ଣ ମଧ୍ୟାହ୍ନ, ପ୍ରଚଣ୍ଡ ।

ଉଦୁମ୍ବର, ବି. (ଉଡ଼ୁମ୍ବର ଦେଖ) ଯଜ୍ଞ ଡିମ୍ବିରଗଛ ।

ଉଦୂଂଖଳ, ବି. (ଉତ୍-ଖଳ୍-ଅ) ଢିଙ୍କିଭରଣ୍ଡି ।

ଉଦ୍‌ଗତ, ବିଂ. (ଉଦ୍-ଗତ) ଉଦିତ, ଉତ୍ଥିତ, ନିର୍ଗତ ।

ଉଦ୍ଗମ } ବି. ( ଉଦ୍‌·ଗମ୍‌-ଅ,ଅନ ) ଉତ୍ପତ୍ତି,
ଉଦ୍ଗମନ } ଉଦୟ ।

ଉଦ୍ଗାତା, ବି. ( ଉତ୍‌-ଗୈ-ତୃ ) ସାମବେଦ ପାଠକ, ଉଚ୍ଚସ୍ୱରରେ ଯେ ଗାନ କରେ ।

ଉଦ୍ଗାର } ବି. ( ଉତ୍‌-ଗୃ-ଅ, ଅନ ) ଉଚ୍ଚାରଣ,
ଉଦ୍ଗିରଣ } ବମନ, ନିଃସରଣ ।

ଉଦ୍ଗୀର୍ଣ୍ଣ, ବିଂ. ( ଉତ୍‌-ଗୃ-ତ ) ବମିତ, ଉଚ୍ଚରିତ ।

ଉଦ୍‌ଗ୍ରୀବ, ବିଂ. ( ଉତ୍‌-ଗ୍ରୀବା ) ଊର୍ଦ୍ଧ୍ୱଗ୍ରୀବ, ମୁହଁ ଟେକି ଯେ ଚାହେଁ ।

ଉଦ୍‌ଘାଟନ, ବି. ( ଉଦ୍‌-ଘାଟି-ଅନ ) ଉନ୍ମୋଚନ ।

ଉଦ୍‌ଘାଟିତ, ବିଂ. ( ଉତ୍‌-ଘାଟି-ତ ) ଉନ୍ମୋଚିତ ।

ଉଦ୍ଦଣ୍ଡ, ବିଂ. ( ଉତ୍‌-ଦଣ୍ଡ-ଅ ) ଉତ୍କଟ, ପ୍ରତାପୀ ।

ଉଦ୍ଦାମ, ବିଂ.(ଉଦ୍‌-ଦାମ-ଅ) ବନ୍ଧନରହିତ,ଉଚ୍ଛୃଙ୍ଖଳ ।

ଉଦ୍ଦିଷ୍ଟ, ବିଂ. (ଉତ୍‌-ଦିଶ୍‌-ତ) ଅଭିପ୍ରେତ, ଉପଦିଷ୍ଟ ।

ଉଦ୍ଦୀପକ, ବିଂ. (ଉତ୍‌-ଦୀପ୍‌·ଅକ)ପ୍ରକାଶକ,ଉତ୍ତେଜକ

ଉଦ୍ଦୀପିତ, ବିଂ. ( ଉତ୍‌-ଦୀପ୍‌-ଣିଚ୍‌·ତ ) ପ୍ରଜ୍ୱଳିତ, ପ୍ରକାଶିତ ।

ଉଦ୍ଦୀପନ } ବି. (ଉତ୍‌-ଦୀପ୍‌-ଅନ,ଆ) ଉତ୍ତେଜନା,
ଉଦ୍ଦୀପନା } ଉତ୍ସାହବାକ୍ୟ ।

ଉଦ୍ଦୀପ୍ତ, ବିଂ. ( ଉତ୍‌-ଦୀପ୍‌-ତ ) ପ୍ରଜ୍ୱଳିତ, ପ୍ରକାଶିତ ।

ଉଦ୍ଦେଶ, ବି. ( ଉତ୍‌-ଦିଶ୍‌-ଅ ) ଲକ୍ଷ୍ୟ, ଅଭିପ୍ରାୟ ।

ଉଦ୍ଦେଶ୍ୟ, ବିଂ. (ଉତ୍‌-ଦିଶ୍‌-ଯ) ଲକ୍ଷ୍ୟ, ଅଭିପ୍ରେତ ।

ଉଦ୍ଧତ, ବିଂ. ( ଉତ୍‌-ହନ୍‌-ତ ) ଦୁରନ୍ତ, ଅବମାତ ।

ଉଦ୍ଧାର, ବି. ( ଉଦ୍-ଧ-ଅ ଅଥବା ଉଦ୍-ହୃ ଅ )
ମୋଚନ, ପରିତ୍ରାଣ ।

ଉଦ୍ଧୃତ, ବିଂ. (ଉତ୍-ଧୃ-ତ) ମୋଚିତ, ଉତ୍ତୋଳିତ ।

ଉଦ୍‌ବନ୍ଧନ, ବି. ( ଉତ୍-ବନ୍ଧ୍-ଅନ ) ବେକରେ
ଦଉଡ଼ି ଦେଇ ମରିବା, ଫାଶି ।

ଉଦ୍‌ବୁଦ୍ଧ, ବିଂ. ଉତ୍-ବୁଧ୍-ତ) ବିକଶିତ, ଅନୁସ୍ମୃତ ।

ଉଦ୍‌ବୋଧ, ବି. ( ଉତ୍-ବୁଧ୍-ଅ ) କିଞ୍ଚିତ୍ ବୋଧ ।

ଉଦ୍‌ବୋଧକ, ବିଂ. ( ଉତ୍-ବୋଧି-ଅକ ) ପ୍ରକାଶକ,
ଜ୍ଞାପକ ।

ଉଦ୍‌ବୋଧନ, ବି. (ଉତ୍-ବୁଧ-ଅନ) ଜାଗ୍ରତକରଣ,
ବିଂ. ଯାହାଦ୍ୱାରା ଉଦ୍‌ବୋଧ ଜନ୍ମେ ।

ଉଦ୍ଭଟ, ବିଂ. ( ଉତ୍-ଭଟ-ଅ ) ଗ୍ରନ୍ଥବହିର୍ଭୂତ,
ଉତ୍କୃଷ୍ଟ ।

ଉଦ୍ଭବ, ବି. ( ଉତ୍-ଭୂ-ଅ ) ଜନ୍ମ, ଉତ୍ପତ୍ତି ।

ଉଦ୍ଭାବନ, ବି. ( ଉଦ୍-ଭୂ-ଣିଚ୍-ଅନ ) କଳ୍ପନା,
ଉତ୍ପାଦନ, ଅଜ୍ଞାତ ବିଷୟର ପ୍ରକାଶ ।

ଉଦ୍ଭାବିତ, ବିଂ.(ଉତ୍-ଭୂ-ଣିଚ୍-ତ) ଚିନ୍ତିତ, କଳ୍ପିତ ।

ଉଦ୍ଭାସିତ, ବିଂ. (ଉଦ୍-ଭାସ୍-ଇତ) ଶୋଭିତ, ଦୀପ୍ତ ।

ଉଦ୍ଭିଜ୍ଜ / ଉଦ୍ଭିଦ / ଉଦ୍ଭିଦ୍ } ବିଂ. ( ଉତ୍-ଭିଦ୍-ଜନ୍-ଅ, ଭିଦ୍-ଅ,
ଭିଦ୍-୦) ତରୁ ଲତା ।

ଉଦ୍ଭିନ୍ନ, ବିଂ. (ଉଦ୍-ଭିଦ୍-ତ) ପ୍ରକାଶିତ, ଅଙ୍କୁରିତ ।

ଉଦ୍ଭୂତ, ବିଂ. (ଉତ୍-ଭୂ-ତ) ଜାତ, ଉତ୍ପନ୍ନ ।

ଉଦ୍‌ଭ୍ରାନ୍ତ, ବିଂ. ( ଉତ୍‌-ଭ୍ରମ୍‌-ତ ) ଭ୍ରାନ୍ତ, ବ୍ୟସ୍ତ ।

ଉଦ୍ୟତ, ବିଂ. (ଉତ୍‌-ଯମ୍‌-ତ) ଉଦ୍‌ଯୋଗ, ଉତ୍ସାହ ।

ଉଦ୍ୟମ, ବି. (ଉତ୍‌-ଯମ୍‌-ଅ) ଉଦ୍‌ଯୋଗ, ଚେଷ୍ଟା ।

ଉଦ୍ୟମୀ, ବିଂ. (ଉତ୍‌-ଯମ୍‌ ଇନ) ଯତ୍ନବାନ୍‌, ସଚେଷ୍ଟ ।

ଉଦ୍ୟାନ, ବି. (ଉଦ୍‌ ଯା-ଅନ) ଉପବନ, ନିଃସରଣ ।

ଉଦ୍ୟାନପାଳ, ବିଂ. (ଉଦ୍ୟାନ-ପାଳ) ମାଳୀ, ବଗିଚ୍ଛ-ରକ୍ଷକ ।

ଉଦ୍‌ଯାପନ, ବି. (ଉଦ୍‌-ଯାପି-ଅନ) ବ୍ରତାଦି ସମାପନ ।

ଉଦ୍‌ଯୋଗ, ବି. ( ଉତ୍‌-ଯୁଜ୍‌-ଅ ) ଉଦ୍ୟମ, ଯତ୍ନ, ଚେଷ୍ଟା ।

ଉଦ୍‌ଯୋଗୀ, ବିଂ (ଉଦ୍‌ଯୋଗ-ଇନ୍‌ ) ଚେଷ୍ଟାବାନ୍‌ ।

ଉଦ୍ରିକ୍ତ, ବିଂ. (ଉତ୍‌-ରିଚ୍‌-ତ) ଉତ୍ତେଜିତ, ଉତ୍ଥିତ ।

ଉଦ୍ରେକ, ବି. (ଉଦ୍‌-ରିଚ୍‌-ଅ) ଉତ୍ଥାନ, ବୃଦ୍ଧି, ଉପକ୍ରମ ।

ଉଦ୍‌ବମନ, ବି. (ଉତ୍‌-ବମ୍‌-ଅନ) ବାନ୍ତି କରିବା ।

ଉଦ୍‌ବର୍ତ୍ତ, ବି (ଉତ୍‌-ବୃତ୍‌-ଅ) ଅତିରେକ, ଆଧିକ୍ୟ । ବିଂ. ଅବଶିଷ୍ଟ ।

ଉଦ୍‌ବର୍ତ୍ତନ, ବି. (ଉତ୍‌-ବୃତ୍‌-ଅନ) ବିଲେପନ, ଗାତ୍ର-ମର୍ଦ୍ଦନ ।

ଉଦ୍‌ବାହ, ବି. (ଉତ୍‌-ବହ-ଅ) ବିବାହ, ପରିଣୟ ।

ଉଦ୍‌ବିଗ୍ନ, ବିଂ. (ଉତ୍‌-ବିଜ୍‌-ତ) ଚଞ୍ଚଳ, ଉତ୍କଣ୍ଠିତ ।

ଉଦ୍‌ବିଡ଼ାଳ, ବି. ଓଧ, ଜଳମାର୍ଜ୍ଜାର ।

ଉଦ୍‌ବୃତ୍ତ, ବିଂ. (ଉତ୍‌-ବୃତ୍‌-ତ) ଦୁର୍ବୃତ୍ତ, ଅବାଧ୍ୟ ।

ଉଦ୍‌ବେଗ, ବି. ( ଉତ୍‌-ବିଜ୍‌-ଅ ) ଉତ୍କଣ୍ଠା, ଭୟ । ବିଂ. ବେଗବାନ୍‌ ।

ଉଦ୍‌ବେଜିତ, ବିଂ. (ଉତ୍-ବିଜ୍-ଣିଚ୍-ତ) ଉତ୍‌କ୍ଷିପ୍ତ ।

ଉଦ୍‌ବେଳ } ବିଂ.(ଉତ୍-ବେଳା-ଅ,ଇତ) ଉଚ୍ଛଳିତ,
ଉଦ୍‌ବେଳିତ } ସୀମାତିକ୍ରାନ୍ତ ।

ଉଧଃ, ବି. (ବହ-ଅସ୍) ଗବାଧସ୍ତନ, ଗୋରୁପହ୍ଳା ।

ଉଧ } ବି. (ଦେଶଜ) ଜଳମାର୍ଜାର ।
ଓଧ }

ଉଧାର, ବି. (ଦେଶଜ) ଧାର, ଋଣ ।

ଉଧି, ବି. (ଦେଶଜ) କଦଳୀପୁଆ ।

ଉଧୁରିବା, କ୍ରି. (ଦେଶଜ) ଉଦ୍ଧାର ପାଇବା ।

ଉଧେଇବା, କ୍ରି. ( ଦେଶଜ ) ବଢ଼ିବା, ଆଘାତ, ବଥାଇବା ।

ଉନ୍ନତ, ବିଂ. (ଉତ୍-ନମ୍-ତ) ଉତ୍ତୁଙ୍ଗ, ଉଚ୍ଚ ।

ଉନ୍ନତାନତ, ବିଂ. (ଉନ୍ନତ-ଆନତ) ବନ୍ଧୁର, ଉଚ୍ଚନୀଚ ।

ଉନ୍ନତି, ବି. (ଉତ୍-ନମ୍-ତି) ବୃଦ୍ଧି, ଗୌରବ, ଉଦୟ ।

ଉନ୍ନମନ, ବି. (ଉତ୍-ନମ୍-ଅନ) ଉତ୍ତୋଳନ ।

ଉନ୍ନମିତ, ବିଂ. (ଉତ୍-ନମ୍-ଣିଚ୍-ତ) ଉତ୍ତୋଳିତ ।

ଉନ୍ନିଦ୍ର, ବିଂ (ଉତ୍-ନିଦ୍ରା) ବିକସିତ, ନିଦ୍ରାହୀନ ।

ଉନ୍ନୀତ, ବିଂ. (ଉତ-ନୀ-ତ) ଉନ୍ନତିପ୍ରାପ୍ତ, ଅନୁମିତ ।

ଉନ୍ମଗ୍ନ, ବିଂ. (ଉତ୍-ମସଜ୍-ତ) ଜଳାଦିରୁ ଉତ୍ଥିତ ।

ଉନ୍ମଜ୍ଜନ, ବି. (ଉତ୍-ମସଜ୍-ଅନ) ଜଳାଦିରୁ ଉଠିବା, ଖସିବା ।

ଉନ୍ମତ୍ତ, ବିଂ. (ଉତ୍-ମଦ୍-ତ) ଉନ୍ମାଦଯୁକ୍ତ, ପାଗଳ ।

ଉନ୍ମଦ, ବିଂ. (ଉତ୍-ମଦ୍-ଅ)ବାହ୍ୟଜ୍ଞାନଶୂନ୍ୟ,ପାଗଳ ।

ଉନ୍ମନାଃ, ବିଂ. (ଉତ୍-ମନଃ) ଉଦ୍‌ବିଗ୍ନ, ଅନ୍ୟମନସ୍କ ।
ଉନ୍ମାଦ, ବି. (ଉତ୍-ମଦ-ଅ) ବାୟୁରୋଗବିଶେଷ ।
ଉନ୍ମାଦକ, ବିଂ. (ଉତ୍-ମଦ-ଅକ) ଯାହା ଉନ୍ମାଦ ଜନ୍ମାଏ, ଉନ୍ମାଦୀ ।
ଉନ୍ମାର୍ଗ, ବି. (ଉତ୍-ମାର୍ଗ) କୁପଥ, ଅବାଟ, ମନ୍ଦ ଆଚରଣ । ବିଂ. କୁପଥଗାମୀ ।
ଉନ୍ମୀଳନ, ବି. (ଉତ୍-ମୀଲ୍-ଅନ) ବିକାଶ, ଉନ୍ମେଷ ।
ଉନ୍ମୀଳିତ, ବିଂ. (ଉତ୍-ମୀଲ୍-ତ) ବିକଶିତ ।
ଉନ୍ମୁକ୍ତ, ବିଂ. (ଉତ୍-ମୁଚ୍-ତ) ମୁକ୍ତ ।
ଉନ୍ମୁଖ, ବିଂ. (ଉତ୍-ମୁଖ) ଊର୍ଦ୍ଧ୍ୱମୁଖ, ଉତ୍ସୁକ ।
ଉନ୍ମୂଳନ, ବି. (ଉତ୍-ମୂଳ-ଅନ) ଉତ୍ପାଟନ, ବିନାଶ କରିବା ।
ଉନ୍ମୂଳିତ, ବି. (ଉତ୍-ମୂଳ-ତ) ଉତ୍ପାଟିତ, ବିନଷ୍ଟ ।
ଉନ୍ମେଷ, ବି. (ଉତ୍-ମିଷ-ଅ) ଉନ୍ମୀଳନ, ପ୍ରକାଶ ।
ଉନ୍ମୋଚନ, ବି. ( ଉତ୍-ମୁଚ୍-ଅନ ) ମୁକ୍ତକରଣ ।
ଉପ, ଅଂ. (ଉପସର୍ଗ) ଉପର, ସାମୀପ୍ୟ, ପ୍ରତିନିଧି, ହୀନ, ସାଦୃଶ୍ୟ ।
ଉପକଣ୍ଠ, ବି. (ଉପ-କଣ୍ଠ) ସମୀପ, ଗ୍ରାମାନ୍ତ ।
ଉପକଥା, ବି. (ଉପ-କଥା) ଆଖ୍ୟାୟିକା, କାହାଣୀ ।
ଉପକରଣ, ବି. (ଉପ-କୃ-ଅନ) ସାମଗ୍ରୀ, ରାଜାଙ୍କ ଛତ୍ର ଚାମରାଦି ଚିହ୍ନ ।
ଉପକାର, ବି. (ଉପ-କୃ-ଅ) ଅନୁଗ୍ରହ, ଆନୁକୂଲ୍ୟ ।
ଉପକାରିତା, ବି. ( ଉପକାରିନ୍-ତା ) ଉପକାର ।

ଉପକାରୀ, ବିଂ. (ଉପ-କୃ-ଇନ୍) ହିତକାରୀ, ସହାୟ। ସ୍ତ୍ରୀ. ଉପକାରିଣୀ।

ଉପକାର୍ଯ୍ୟା, ବି. ଉପ-କୃ-ଯ-ଆ)ବସ୍ତ୍ରଗୃହ,ରାଜଗୃହ, ଧାନ ରଖିବା କୋଠି।

ଉପକୂଳ, ବି. ( ଉପ-କୂଳ ) ବେଳାଭୂମି।

ଉପକୃତ. ବିଂ. ( ଉପ-କୃ-ତ ) ଅନୁଗୃହୀତ।

ଉପକେଶ,ବି. (ଉପ-କେଶ) କୃତ୍ରିମ କେଶ,ପରଚୁଳା।

ଉପକ୍ରମ, ବି. (ଉପ-କ୍ରମ୍-ଅ) ଆରମ୍ଭ, ସମାଧାନ।

ଉପକ୍ରମଣିକା, ବି. (ଉପ-କ୍ରମ୍-ଅନ-ଅକ-ଆ) ପ୍ରଥମ ସୂତ୍ରପାତ।

ଉପକ୍ରୋଶ, ବି. ( ଉପ-କ୍ରୁଶ୍-ଅ ) ନିନ୍ଦା, ଗାଳି, ଅପବାଦ।

ଉପଗତ, ବିଂ.(ଉପ-ଗମ୍-ତ) ସ୍ୱୀକୃତ, ପ୍ରାପ୍ତ,ଆସକ୍ତ।

ଉପଗ୍ରହ, ବି. ( ଉପ-ଗ୍ରହ-ଅ ) ଗ୍ରହର ଚାରିଆଡ଼େ ଭ୍ରମଣକାରୀ କ୍ଷୁଦ୍ର ଗ୍ରହ।

ଉପଚକ୍ଷୁଃ, ବି. (ଉପ-ଚକ୍ଷୁଃ) ଚଷମା।

ଉପଚୟ, ବି. (ଉପ-ଚି-ଅ) ବୃଦ୍ଧି, ପୁଷ୍ଟି, ଉନ୍ନତି।

ଉପଚରିତ, ବିଂ. (ଉପ-ଚର୍-ତ) ସେବିତ,ଉପାସିତ, ଲକ୍ଷଣାଦ୍ୱାରା ବୋଧିତ।

ଉପଚର୍ଯ୍ୟା, ବି. ( ଉପ-ଚର୍-ଅ ) ଶୁଶ୍ରୂଷା, ଚିକିତ୍ସା।

ଉପଚିକୀର୍ଷା, ବି. ( ଉପ-କୃ-ସନ୍-ଆ ) ଉପକାର କରିବା ଇଚ୍ଛା।

ଉପଚିତ, ବିଂ. (ଉପ-ଚି-ତ) ବର୍ଦ୍ଧିତ,ପୁଷ୍ଟ, ସଞ୍ଚିତ।

ଉପଜଙ୍ଘା, ବି. ( ଉପ-ଜଙ୍ଘା ) ଜଙ୍ଘ ଉପରେ ଥିବା ମାଂସଖଣ୍ଡ, ଘଣ୍ଟିକା ।

ଉପଜୀବିକା, ବି.(ଉପ-ଜୀବିକା) ଜୀବନୋପାୟ,ବୃତ୍ତି ।

ଉପଜୀବୀ, ବିଂ. (ଉପ-ଜୀବ-ଇନ୍) ଜୀବିକା ଅବଲମ୍ବୀ ।

ଉପଜୀବ୍ୟ, ବିଂ. (ଉପ-ଜୀବ୍-ଯ) ଆଶ୍ରୟଣୀୟ ।

ଉପଜ୍ଞା, ବି. (ଉପ-ଜ୍ଞା-ଅ-ଆ) ଆଦ୍ୟଜ୍ଞାନ ।

ଉପଢୌକନ, ବି. ( ଉପ-ଢୌକ୍-ଅନ ) ଉପହାର ।

ଉପତ୍ୟକା, ବି. (ଉପ-ତ୍ୟକନ୍ ) ପର୍ବତର ନିକଟଭୂମି ।

ଉପଦର୍ପ, ବି. ( ଉପଦ୍ରବ ଶବଜ, ଗ୍ରାମ୍ୟ ) ମାୟାଭୟ ।

ଉପଦଂଶ, ବି. (ଉପ-ଦନ୍ଶ୍-ଅ) ମଦ୍ୟପାନକାଳୀନ ଭକ୍ଷ୍ୟ ବସ୍ତୁ, ଗରମି ରୋଗ ।

ଉପଦ୍ରଷ୍ଟା, ବିଂ. (ଉପ-ଦୃଶ୍-ତ) ଆଦ୍ରଷ୍ଟା, କତଥ ।

ଉପଦେବତା, ବି. ( ଉପ-ଦେବତା ) ଭୂତପ୍ରେତାଦି ଦେବଯୋନି ।

ଉପଦେଶ, ବି. (ଉପ-ଦିଶ୍-ଅ) ଶିକ୍ଷାଦାନ, ପରାମର୍ଶ ।

ଉପଦେଶକ, ବିଂ. (ଉପ-ଦିଶ୍ ଅକ) ଅଧ୍ୟାପକ, ସତ୍ ପରାମର୍ଶଦାତା ।

ଉପଦେଷ୍ଟା, ବିଂ. (ଉପ-ଦିଶ୍-ତ) ଶିକ୍ଷାଦାତା, ଗୁରୁ ।

ଉପଦ୍ରବ, ବି. (ଉପ-ଦ୍ରୁ-ଅ) ଦୌରାତ୍ମ୍ୟ, ଉତ୍ପାତ ।

ଉପଦ୍ରୁତ, ବିଂ.(ଉପ-ଦ୍ରୁ-ତ) ବ୍ୟାକୁଳ, ଅତ୍ୟାଚାରିତ ।

ଉପଦ୍ୱୀପ, ବି. (ଉପ-ଦ୍ୱୀପ) ଯେ ଭୂମିର ପ୍ରାୟ ଚତୁର୍ଦିଗରେ ଜଳ ।

ଉପଧର୍ମ, ବି. (ଉପ-ଧ-ମ) କାଳ୍ପନିକ ଧର୍ମ ।

ଉପଧା, ବି. (ଉପ-ଧା-ଅ) ଅନ୍ତ୍ୟବର୍ଣ୍ଣର ପୂର୍ବ ବର୍ଣ୍ଣ ।

ଉପଧାନ, ଉପଧାନୀୟ } ବି. (ଉପ-ଧା-ଅନ, ଅନୀୟ) ତକିଆ, ପ୍ରଣୟ ।

ଉପନ, ବି. ( ଉଧାନୟନ ଶବ୍ଦଜ ) ଉପହାର, କ୍ଷୌର, ଶାରଦୀୟ ଦୁର୍ଗାପୂଜା ।

ଉପନତ, ବିଂ. (ଉପ-ନମ୍-ତ) ଶରଣାଗତ, ସମୀପାଗତ, ପ୍ରାପ୍ତ ।

ଉପନୟ, ଉପନୟନ } ବି. ( ଉପ-ନୀ-ଅ, ଅନ ) ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟଙ୍କର ଯଜ୍ଞସୂତ୍ର ଧାରଣ ।

ଉପନାମ, ବି. (ଉପ-ନମ୍-ଅ) କଳ୍ପିତ ନାମ ।

ଉପନିଷଦ୍, ବି. ( ଉପ-ନି-ସଦ୍-ଅ ) ବେଦର ଜ୍ଞାନକାଣ୍ଡ, ବେଦାନ୍ତ ।

ଉପନିବେଶ, ବି. ( ଉପ-ନି-ବିଶ୍-ଅ ) ଦେଶାନ୍ତରେ ନିବାସ କରିବା ।

ଉପନୀତ, ବିଂ. ( ଉପ-ନୀ-ତ ) ସଂସ୍କୃତ, ଆନୀତ ।

ଉପନ୍ୟାସ, ବି. ( ଉପ-ନି-ଅସ୍-ଅ ) ବାକ୍ୟାରମ୍ଭ, ଉଲ୍ଲେଖ, କଳ୍ପିତବୃତ୍ତ ।

ଉପପତି, ବି. ( ଉପ-ପତି ) ଅଧର୍ମପତି, ଜାର ।

ଉପପତ୍ତି, ବି. (ଉପ-ପଦ୍-ତି) ଯୁକ୍ତି, ସଙ୍ଗତି, କାରଣ ।

ଉପପତ୍ନୀ, ବି. ( ଉପ-ପତ୍ନୀ ) ରକ୍ଷିତା ସ୍ତ୍ରୀ ।

ଉପପଦ, ବି. ( ଉପ-ପଦ୍-ଅ ) ପୂର୍ବପଦ, ଉପାଧି ।

ଉପପନ୍ନ, ବିଂ. ( ଉପ-ପଦ୍-ତ ) ଯୁକ୍ତିଯୁକ୍ତ, ସମ୍ଭାବିତ, ସିଦ୍ଧ ।

ଉପପାଦନ, ବି. ( ଉପ-ପାଦି-ଅନ ) ଯୁକ୍ତିଦ୍ୱାରା ସମର୍ଥନ ।

ଉପପାଦ୍ୟ, ବିଂ. (ଉପ-ପଦ-ଯ) ଯୁକ୍ତିଦ୍ୱାରା ସମର୍ଥନୀୟ ।

ଉପପ୍ଳବ, ବି. ( ଉପ-ପ୍ଳୁ-ଅ ) ପ୍ରତିବନ୍ଧ, ବିପଦ୍, ଉପଦ୍ରବ, ରାହୁ, ଚନ୍ଦ୍ରାଦିଙ୍କ ଗ୍ରହଣ ।

ଉପଭୁକ୍ତ, ବିଂ. ( ଉପ-ଭୁଜ୍-ତ ) ଭକ୍ଷିତ, ବ୍ୟବହୃତ ।

ଉପଭୋଗ, ବି. (ଉପ-ଭୁଜ୍-ଅ) ସୁଖାଦି ଭୋଗ ।

ଉପମା, ବି. ( ଉପ-ମା-ଅ-ଆ ) ଅର୍ଥାଳଙ୍କାର ବିଶେଷ । ବିଂ. ତୁଳନା, ତୁଲ୍ୟ ।

ଉପମାତା, ବିଂ. ( ଉପ-ମା-ତ ) ଯେ ଉପମା ଦିଏ । ବି. ଧାତ୍ରୀ ।

ଉପମାନ, ବି. ( ଉପ-ମା-ଅନ ) ଉପମା, ଯାହା ସଙ୍ଗେ ଉପମା ଦିଆଯାଏ ।

ଉପମିତ, ବିଂ. ( ଉପମା-ତ ) ଉପମାଯୁକ୍ତ, ତୁଳିତ ।

ଉପମେୟ, ବିଂ. ( ଉପ-ମା-ଯ ) ତୁଳନୀୟ ।

ଉପଯାତ, ବିଂ. ( ଉପ-ଯା-ତ ) ଉପଗତ, ପ୍ରାପ୍ତ ।

ଉପଯୁକ୍ତ, ବିଂ. ( ଉପ-ଯୁଜ୍-ତ ) ଯୋଗ୍ୟ, ସମର୍ଥ, ଉଚିତ ।

ଉପଯୋଗ, ବି. ( ଉପ-ଯୁଜ୍-ଅ ) ଆନୁକୂଲ୍ୟ, ବ୍ୟୟ, ଭୋଗ, ଉପଯୋଗିତା ।

ଉପଯୋଗୀ, ବିଂ. ( ଉପଯୋଗ-ଇନ୍ ) କାର୍ଯ୍ୟ-ସାଧନର ଅନୁକୂଳ, ଉପଯୁକ୍ତ ।

ଉପର, ବି. ( ଉପର ଶବ୍ଦଜ ) ଉପରଭାଗ, ଉଚ୍ଚ ।
ଉପରଓଳି, ବି. ( ଦେଶଜ ) ଅପରାହ୍ଣ ।
ଉପରତ, ବିଂ. ( ଉପ-ରମ୍-ତ ) ନିବୃତ୍ତ, ମୃତ ।
ଉପରାଗ, ବି. ( ଉପ-ରନ୍ଜ୍-ଅ ) ଚନ୍ଦ୍ର ଓ ସୂର୍ଯ୍ୟ ଗ୍ରହଣ, ବିରାଗ ।
ଉପରାଣ, ବି. ( ଦେଶଜ ) ଓଢ଼ଣୀ ବସ୍ତ୍ର ।
ଉପରି, ଅ. (ଉପ-ରି) ଊର୍ଦ୍ଧ୍ୱରେ, ଅନନ୍ତର, ପରେ ।
ଉପରିତନ, ବିଂ. ( ଉପରି-ତନ ) ଯାହା ଉପରେ ଅଛି, ଊର୍ଦ୍ଧ୍ୱତନ ।
ଉପରୋଧ, ବି. (ଉପ-ରୁଧ୍-ଅ) ଅନୁରୋଧ, ପ୍ରତିବନ୍ଧ
ଉପର୍ଯ୍ୟୁପରି, ଅଂ. ( ଉପରି-ଉପରି ) ମୁହୁର୍ମୁହୁଃ, ଉପରେ ଉପରେ ।
ଉପଳ, ବି. ( ଉପ-ଲା-ଅ ) ପ୍ରସ୍ତର, ପାଷାଣ ।
ଉପଲକ୍ଷ } ବି. ( ଉପ-ଲକ୍ଷ-ଅ, ଯ ) ଅବଲମ୍ବନ,
ଉପଲକ୍ଷ୍ୟ } ଉଦ୍ଦେଶ୍ୟ ।
ଉପଲକ୍ଷିତ, ବିଂ. (ଉପ-ଲକ୍ଷ୍-ତ) ସୂଚିତ, ଅନୁମିତ ।
ଉପଲବ୍ଧ, ବିଂ. (ଉପ-ଲଭ୍-ତ) ଜ୍ଞାତ, ପ୍ରାପ୍ତ ।
ଉପଲବ୍ଧି, ବି.(ଉପ-ଲଭ୍-ତି)ଜ୍ଞାନ, ପ୍ରାପ୍ତି, ଅନୁଭବ ।
ଉପବନ, ବି. (ଉପ-ବନ) କୃତ୍ରିମ ବନ, ଉଦ୍ୟାନ ।
ଉପବାସ, ବି. (ଉପ-ବସ୍-ଅ) ଅନଶନ, ଉପାସ ।
ଉପବିଷ୍ଟ, ବିଂ. (ଉପ-ବିଶ୍-ତ) ଆସୀନ ।
ଉପବୀତ, ବି. (ଉପ-ବ୍ୟା-ତ) ଯଜ୍ଞସୂତ୍ର ।
ଉପବେଶନ, ବି. (ଉପ-ବିଶ୍-ଅନ) ସ୍ଥିତି, ବସିବା ।

ଉପଶମ, ବି. (ଉପ-ଶମ୍-ଅ) ଶାନ୍ତ, ନିବୃତ୍ତି ।
ଉପଶାନ୍ତ, ବିଂ. ( ଉପ-ଶମ୍-ତ ) ନିବୃତ୍ତ ।
ଉପସଂହାର, ବି. (ଉପ-ସଂ-ହୃ-ଅ) ନାଶ, ପରିଶେଷ ।
ଉପସର୍ଗ, ବି. ( ଉପ-ସର୍ଗ ) ଉପଦ୍ରବ, ରୋଗବିକାର ।
ବ୍ୟାକରଣରେ ପ୍ର, ପରା ପ୍ରଭୃତି ଅବ୍ୟୟ ।
ଉପସାଗର, ବି. (ଉପ-ସାଗର) ଯେଉଁ ସାଗରାଂଶର ପ୍ରାୟ ଚତୁର୍ଦ୍ଦିଗରେ ସ୍ଥଳଭାଗ ଥାଏ, ତିନିଆଡ଼େ ସ୍ଥଳବେଷ୍ଟିତ ଜଳଭାଗ ।
ଉପସ୍ତ୍ରୀ, ବି. ( ଉପ-ସ୍ତ୍ରୀ ) ଉପପତ୍ନୀ, ରକ୍ଷିତା ସ୍ତ୍ରୀ ।
ଉପସ୍ଥ, ବି. ( ଉପ-ସ୍ଥା-ଅ ) ପୁରୁଷଚିହ୍ନ, ଲିଙ୍ଗ, ସ୍ତ୍ରୀଚିହ୍ନ, ଯୋନି । ବିଂ. ନିକଟସ୍ଥ ।
ଉପସ୍ଥାନ, ବି. (ଉପ-ସ୍ଥା-ଅନ) ଉପସ୍ଥିତ, ଆଗମନ ।
ଉପସ୍ଥାପିତ, ବିଂ. (ଉପ-ସ୍ଥାପି-ତ) ପ୍ରସ୍ତାବିତ, ଆନୀତ ।
ଉପସ୍ଥିତ, ବିଂ. ( ଉପ-ସ୍ଥା-ତ ) ନିକଟସ୍ଥିତ, ଆଗତ ।
ଉପସ୍ଥିତି, ବି. ( ଉପ-ସ୍ଥା-ତି ) ଉପସ୍ଥାନ, ପ୍ରବେଶ ।
ଉପସ୍ୱତ୍ୱ, ବି. ( ଉପ-ସ୍ୱତ୍ୱ ) ଅଧିକାର ।
ଉପହତ, ବିଂ. ( ଉପ-ହନ୍-ତ ) ଆହତ, ଆକ୍ରାନ୍ତ ।
ଉପହାର, ବି. ( ଉପ-ହୃ-ଅ ) ସମର୍ପଣ, ଭେଟି ।
ଉପହାସ, ବି. ( ଉପ-ହସ୍-ଅ ) ଥଟ୍ଟା, ବିଦ୍ରୂପ, ଘୃଣାଯୁକ୍ତ ହାସ ।
ଉପହୃତ, ବିଂ. ( ଉପ-ହୃ-ତ ) ଉପହାର ରୂପେ ପ୍ରଦତ୍ତ, ଆନୀତ ।
ଉପାକ୍ଷ, ବିଂ. (ଉପ-ଅକ୍ଷି) ଚସମା, ଉପନେତ୍ର, ପ୍ରଚକ୍ଷୁ ।

ଉପାଖ୍ୟାନ, ବି. ( ଉପ-ଆ-ଖ୍ୟା-ଅନ ) ଇତିବୃତ୍ତ, ଆଖ୍ୟାୟିକା ।

ଉପାଙ୍ଗ, ବି. (ଉପ-ଅଙ୍ଗ) ପ୍ରତ୍ୟଙ୍ଗ, ତିଳକ ।

ଉପାଡିବା, କ୍ରି. ( ଦେଶଜ ) ଉତ୍ପାଟନ କରିବା ।

ଉପାଦାନ, ବି. ( ଉପ-ଆଦାନ ) ଗ୍ରହଣ, କୌଣସି ପଦାର୍ଥ ଯେଉଁ ବସ୍ତୁରେ ନିର୍ମିତ ବା ପ୍ରସ୍ତୁତ ହୁଏ ।

ଉପାଦେୟ, ବିଂ. ( ଉପ-ଆ-ଦା-ଯ ) ଉତ୍ତମ, ଗ୍ରାହ୍ୟ ।

ଉପାଧାନ, ବି. ( ଉପ-ଆ-ଧା-ଅନ ) ତକିଆ, ମୁଣ୍ଡିଆ ।

ଉପାଧି, ବି. (ଉପ-ଆ-ଧା-ଇ) ଧର୍ମଚିନ୍ତା, ଉପନାମ ।

ଉପାଧ୍ୟାୟ, ବି. ( ଉପ-ଅଧି-ଇ-ଅ ) ଅଧ୍ୟାପକ । ।

ଉପାନତ୍ } ବି. ( ଉପ-ଆ-ନହ୍-୦, ଅ ) ଜୋତା,
ଉପାନହ } ଚର୍ମପାଦୁକା ।

ଉପାନ୍ତ, ବି. ( ଉପ-ଅନ୍ତ ) ସମୀପ, ପ୍ରାନ୍ତ, ଶେଷ ।

ଉପାନ୍ତବର୍ଣ୍ଣ, ବି. ( ଉପାନ୍ତ-ବର୍ଣ୍ଣ ) ଅନ୍ତ୍ୟ ବର୍ଣ୍ଣର ପୂର୍ବବର୍ତ୍ତୀ ବର୍ଣ୍ଣ ।

ଉପାମ, ବି. ( ପ୍ରାଚୀନ ପଦ୍ୟ ) ଉପମା ।

ଉପାୟ, ବି. (ଉପ-ଇ-ଅ) ଉପାର୍ଜନ, କୌଶଳ, ଲାଭ ।

ଉପାୟନ, ବି. ( ଉପ-ଅୟ-ଅନ ) ଭେଟି ।

ଉପାର୍ଜନ, ବି. (ଉପ-ଅର୍ଜନ ) ଅର୍ଜ୍ଜନ, ସଞ୍ଚୟ ।

ଉପାଲମ୍ଭ, ବି. (ଉପ-ଆ-ଲଭ-ଅ) ତିରସ୍କାର ଗାଳି ।

ଉପାସ } ବି. ( ଦେଶଜ ) ଉପବାସ ।
ଓପାସ }

ଉପାସକ, ବିଂ. ( ଉପ-ଅସ୍-ଅକ ) ସେବକ ।

ଉପାସନା, ବି. (ଉପ-ଆସ୍-ଅନ-ଆ) ସେବା, ପୂଜା ।
ଉପାସିତ, ବି°. ( ଉପ-ଆସ-ତ ) ସେବିତ, ଆରାଧିତ ।
ଉପାସ୍ୟ, ବି°. (ଉପ-ଆସ୍-ଯ) ସେବ୍ୟ, ଆରାଧ୍ୟ, ପୂଜ୍ୟ ।
ଉପିବା, କି. ( ଦେଶଜ ) ମାଠିବା ।
ଉପୁଜିବା, କି. ( ଉପଜାତ ଶବ୍ଦଜ ) ଜନ୍ମିବା । ବି°. ଜାତ ହେବା ।
ଉପେକ୍ଷା, ବି. (ଉପ-ଈକ୍ଷ-ଅ-ଆ) ଅନାଦର, ତ୍ୟାଗ ।
ଉପେକ୍ଷିତ, ବି°. (ଉପ-ଈକ୍ଷ-ତ) ଅନାଦୃତ, ତ୍ୟକ୍ତ ।
ଉପେଖିବା, କି. ( ଦେଶଜ ) ତ୍ୟାଗ କରିବା ।
ଉପେତ, ବି°. ( ଉପ-ଇ-ତ ) ମିଳିତ, ପ୍ରାପ୍ତ, ଗତ ।
ଉପେନ୍ଦ୍ର, ବି. ( ଉପ-ଇନ୍ଦ୍ର ) ବିଷ୍ଣୁ, ଇନ୍ଦ୍ରଙ୍କ ସାନ ଭାଇ, ଓଡ଼ିଶାର ଜନୈକ ବିଖ୍ୟାତ କବି ।
ଉପୋଷିତ, ବି°. (ଉପ୍-ବସ୍ ତ) ଅଭୁକ୍ତ, ଅନାହାରୀ ।
ଉପ୍ତ, ବି°. (ବପ୍-ତ) ଯାହା ବୁଣାଯାଇଅଛି, ନିକ୍ଷିପ୍ତ ।
ଉବାର, ବି°. ( ଦେଶଜ ) ଅଜଣା, ବି. ନିଷେଧ ।
ଉବୁରିବା, କି. (ଦେଶଜ) ବଳି ପଡ଼ିବା, ଉଦ୍‌ବୃତ୍ତ ।
ଉଭ, ଉଭୟ } ସଂ. ( ଉଭ-ଅୟ ) ଦୁଇ, ପରସ୍ପର ।
ଉଭଚର, ବି°. ( ଉଭ-ଚର ) ଯେଉଁ ଜୀବ ଜଳ ଓ ସ୍ଥଳ ଉଭୟତ୍ର ବାସ କରନ୍ତି ।
ଉଭୟତ୍ର, ଅ° ( ଉଭୟ-ତ୍ର ) ଦୁଇ ସ୍ଥାନରେ ।
ଉଷ, ବି°. ( ଦେଶଜ ) ଠିଆ, ଛିଡ଼ା ।

ଉଭାଇଯିବା } କ୍ରି. ( ଦେଶଜ ) ଅଦୃଶ୍ୟ ହେବା ।
ଉଭେଇବା

ଉଭରିବା, କ୍ରି.(ଦେଶଜ) ଠିଆ କରିବା, ଠିଆ ହେବା ।

ଉଭୁଡ଼ାପଡ଼ିବା, କ୍ରି. ( ଦେଶଜ ) ଅଗ୍ରଗାମୀ ହେବା ।

ଉମର୍ ବି ( ଯାବନିକ ) ସମୟ, ବୟସ ପରିମାଣ ।

ଉମା, ବି ( ଉ-ମା ) ପାର୍ବତୀ, ଦୁର୍ଗା ।

ଉମ୍ବାଇ } ବି. ( ଦେଶଜ ) ନିଆଁ ରଖିବାର କ୍ଷୁଦ୍ର
ଉମ୍ବେଇ   କୁଣ୍ଡ, ହସନ୍ତୀ ।

ଉମେଦବାର, ବି (ଯାବନିକ) ଆକାଙ୍କ୍ଷୀ, କର୍ମପ୍ରାର୍ଥୀ ।

ଉମେଶ, ବି. (ଉମା-ଈଶ) ଶିବ, ମହାଦେବ ।

ଉରଃ, ବି. (ଋ-ଅସ୍) ବକ୍ଷସ୍ଥଳ, ହୃଦୟ ।

ଉରଗ
ଉରଙ୍ଗ } ବି. (ଉରସ୍-ଗମ୍-ଅ) ଭୁଜଗ, ସର୍ପ ।
ଉରଙ୍ଗମ

ଉରଗଭୂଷଣ, ବି. (ଉରଗ-ଭୂଷଣ) ଶିବ ।

ଉରଗାରି, ବି.(ଉରଗ-ଅରି) ଗରୁଡ଼,ମୟୂର, ନେଉଳ ।

ଉରଜ, ବି. (ଦେଶଜ) ସ୍ତନ, କୁଚ ,ଉରୋଜ ।

ଉରସ, ବି. (ପଦ୍ୟ) ଉରଃ,ବକ୍ଷଃସ୍ଥଳ ।

ଉରସିଜ, ବି. (ଉରସି-ଜନ୍-ଅ) ବକ୍ଷୋଜ, କୁଚ ।

ଉରୁ, ବିଂ. (ଊର୍ଣ୍ଣୁ-ଉ) ବିଶାଳ, ବଡ଼ ।

ଉରୁକ୍ରମ, ବି. (ଉରୁ-କ୍ରମ) ବାମନଦେବ ।

ଉରୋଜ, ବି. (ଉରଃ-ଜନ୍-ଅ) ବକ୍ଷୋଜ, କୁଚ ।

ଊର୍ଣ୍ଣନାଭ, ବି. (ଊର୍ଣ୍ଣା-ନାଭ) ମାକଡ଼ସା ।

ଉର୍ଣ୍ଣା, ବି. (ଉର୍ଣ୍ଣୁ-ଅ) ମେଷାଦିଙ୍କ ଲୋମ, ପଶମ।

ଉର୍ବର } ବିଂ. (ଉରୁ-ଋ-ଅ-ଆ) ଯେଉଁ ଭୂମିରେ
ଉର୍ବ୍ବର } ସର୍ବପ୍ରକାର ଶସ୍ୟ ଜନ୍ମେ।

ଉର୍ବଶୀ, ବି. (ଉରୁ-ବଶ୍-ଈ) ସ୍ୱର୍ଗର ଜଣେ ବେଶ୍ୟା।

ଉର୍ବୀ, ବି. (ଉରୁ-ଈ) ପୃଥିବୀ।

ଉଲକୋବ, ବି. ଏକଜାତୀୟ କୋବ।

ଉଲଗ୍ନ, ବିଂ. (ଦେ) ଉଲଙ୍ଗ, ଲଙ୍ଗଳା, ଖୋଲା।

ଉଲଙ୍ଗ, ବିଂ. (ଉତ୍-ଲଗ୍-ଅ) ଲଙ୍ଗଳା।

ଉଲଟ, ବି. (ଦେଶଜ) ବିପରୀତ, ଓଲଟା।

ଉଲଖ, ବି. (ଦେଶଜ) ଉଲ୍ଲେଖ, ଦୃଷ୍ଟାନ୍ତ, ପ୍ରମାଣ।

ଉଲରିବା, କ୍ରି. (ଦେ) ଗୃହରୁ ଛଣ ବାହାର କରିବା।

ଉଲୁଗୁଣା, କ୍ରି. (ଦେ) ଦୃଷ୍ଟାନ୍ତ ଦେଖାଇ ଗାଳି ଦେବା।

ଉଲୁରିବା, କ୍ରି. ( ଦେଶଜ ) ପବନରେ ଦୋହଲିବା (କେଶ ପ୍ରଭୃତି)।

ଉଲୁସ, ବି. (ପ୍ରାଚୀନ ପଦ୍ୟ) ଆଜ୍ଞାପତ୍ର।

ଉଲୁସିବା } କ୍ରି. (ଦେଶଜ) ଆନନ୍ଦରେ ଉତ୍ଫୁଲ୍ଲ
ଉଲ୍ଲସିବା } ହେବା।

ଉଲୂକ, ବି. (ବଲ୍-ଊକ) ପେଚା, ପେଚକ।

ଉଲ୍କା, ବି. (ଉଷ୍-କ) ଆକାଶରୁ ପତିତ ଅଗ୍ନିମୟ ପିଣ୍ଡ।

ଉଲାମୁଖୀ, ବି. ସ୍ତ୍ରୀ. କୋକଶିଆଳୀ।

ଉଲ୍ଲଙ୍ଘନ, ବି. ( ଉତ୍-ଲନ୍ଘ୍-ଅନ ) ଅତିକ୍ରମ, ବିରୁଦ୍ଧାଚରଣ।

ଉଲ୍ଲମ୍ଫନ, ବି. (ଉତ୍-ଲମ୍ଫ୍-ଅନ) କୁଦିବା।

ଉଲ୍ଲସିତ, ବିଂ. (ଉତ୍-ଲସ୍-ତ) ଆନନ୍ଦିତ ।

ଉଲ୍ଲାସ, ବି. (ଉତ୍-ଲସ୍-ଅ) ଆନନ୍ଦ, ଆହ୍ଲାଦ ।

ଉଲ୍ଲିଖିତ, ବିଂ. (ଉତ୍-ଲିଖ୍-ତ) କଥିତ, ଚିହ୍ନିତ ।

ଉଲ୍ଲେଖ, ବି. (ଉତ୍-ଲିଖ୍-ଅ) କଥନ ।

ଉଲ୍ଲୋଳ, ବିଂ. (ଉତ୍-ଲୋଡ଼୍-ଅ) ଦୋଦୁଲ୍ୟମାନ । ବି. ବଡ଼ ଢେଉ ।

ଉଶନାଃ, ବି. ( ବଶ୍-ଅନସ୍ ) ଶୁକ୍ରାଚାର୍ଯ୍ୟ ।

ଉଷତ, ବିଂ. (ଦେଶଜ) ଆନନ୍ଦିତ ।

ଉଷା, ବି. (ଉଷ୍-ଅ-ଆ) ପ୍ରଭାତ, ଅନିରୁଦ୍ଧପତ୍ନୀ ।

ଉଷୀର, ବି. (ବଶ-ଈର) ବେଣାମୂଳ, ଗନ୍ଧତୃଣ ।

ଉଷୁନା, ବିଂ. (ଦେଶଜ) ସିଦ୍ଧ (ଚାଉଳ) ।

ଉଷୁମ, ବିଂ. ଉଷ୍ମ, ଗରମ । ବି. ଉଷ୍ମଜଳ ।

ଉଷ୍ଟ୍ର, ବି. (ଉଷ୍-ତ୍ର) ଉଟ ବା ଓଟ ।

ଉଷ୍ଣ, ବି. (ଉଷ୍-ଣ) ଗ୍ରୀଷ୍ମକାଳ । ବିଂ. ଗରମ ଉତ୍ତପ୍ତ ।

ଉଷ୍ଣକଟିବନ୍ଧ, ବି. (Torrid-zone) କର୍କଟକ୍ରାନ୍ତି ଓ ମକରକ୍ରାନ୍ତିର ମଧ୍ୟବର୍ତ୍ତୀ ଭୂଭାଗ ।

ଉଷ୍ଣରଶ୍ମି, ବି. (ଉଷ୍ଣ-ରଶ୍ମି) ସୂର୍ଯ୍ୟ ।

ଉଷ୍ଣୀଷ, ବି. (ଉଷ୍ଣ-ଈଶ) ଶିରୋବନ୍ଧନ, ପାଗ, ପଗଡ଼ି ।

ଉଷ୍ମ, ଉଷ୍ମା } ବି. (ଉଷ୍-ମ, ମନ୍) ଉତ୍ତାପ, ଗ୍ରୀଷ୍ମକାଳ ।

ଉଷ୍ମବର୍ଣ୍ଣ, ବି. ( ଉଷ୍ମ-ବର୍ଣ୍ଣ ) ଶ, ଷ, ସ, ହ ଏହି ଚାରିଗୋଟି ଅକ୍ଷର ।

ଉଷୁମୂଳିଆ, ବିଂ. (ଦେ) ଉଷ୍ମତାମିଶ୍ରିତ, ପଚାଗନ୍ଧଯୁକ୍ତ ।

ଉସ୍ବାସ, ବି. (ଦେ) ହାଲୁକା, ଲଘୁ । ବି. ଲଘୁତା ।

ଉସ୍କେଇବା, କ୍ରି. (ଦେଶଜ) ତେଜିବା, ଉତ୍ତେଜିତ କରିବା ।

ଉହା, ବି. (ଦେଶଜ) ଏକପ୍ରକାର ନାକରୋଗ, ଲୁହା ଘଷିବାରେ ବ୍ୟବହୃତ ଏକପ୍ରକାର ଯନ୍ତ୍ର, କୁମ୍ଭାରଚୁଲି ।

ଉହାଡ଼,ବି (ଦେଶଜ) ଆବରଣ, ଅନ୍ତରାଳ ।

ଉହୁଁ, ଅ°. (ଦେଶଜ) ନିଷେଧସୂଚକ ଶବ୍ଦ ।

ଉହୁଙ୍କିବା, କ୍ରି. (ଦେଶଜ) ଉପରକୁ ଡେଇଁବା ।

---

# ଊ

ଊ, ଷଷ୍ଠ ସ୍ୱରବର୍ଣ୍ଣ । ବି. ଶିବ, ଚନ୍ଦ୍ର ! ବି°. ରକ୍ଷକ । ଅ°. ସୁଖଦୁଃଖାଦିସୂଚକ ।

[illegible] ବହ୍-ତ) ବିବାହିତ, ବହମାନ୍ୟ ।

ଊଣା, ବି°. (ଦେଶଜ) ଊନ, ଅଳ୍ପ, କମ ।

ଊଣାଇଶ, ବି. ଊନବିଂଶ, ୧୯ ସଂଖ୍ୟା ।

ଊନ, ବି°. (ଊନ୍-ଅ) ନ୍ୟୂନ, ହୀନ, କମ୍ ।

ଊନବିଂଶତି, ବି°. (ଊନ୍-ବିଂଶତି) ଊଣାଇଶ ।

ଊରୁ, ବି. (ଊର୍ଣ୍ଣୁ-ଉ) ଜାନୁର ଉପରଭାଗ, ଜଙ୍ଘ ।

ଊରୁଜ, ବି. (ଊରୁ-ଜନ୍-ଅ) ବୈଶ୍ୟ ।

ଊର୍ଜ୍ଜଃ, ବି. (ଊର୍ଜ୍ଜ୍-ଅସ୍) ବଳ, ଉତ୍ସାହ, ତେଜଃ ।

ଊର୍ଜ୍ଜସ୍ବଳ, ବି°. (ଊର୍ଜ୍ଜଃ-ବଳ)ବଳବାନ, ତେଜସ୍ବୀ ।

ଊର୍ଣ୍ଣନାଭ, ବି. ମାକଡ଼ସା ।

ଊର୍ଣ୍ଣା, ବି. ପଶମ ।

ଊର୍ଦ୍ଧ୍ୱ, ବିଂ. (ଉଦ୍-ହ୍ୱା-ବ) ଉଚ୍ଚ, ଉତ୍କୃଷ୍ଟ, ଉପରସ୍ଥ । ଅ. ଉଚ୍ଚତା ।

ଊର୍ଦ୍ଧ୍ୱଗ, ବିଂ. (ଊର୍ଦ୍ଧ୍ୱ-ଗମ୍-ଅ) ଊର୍ଦ୍ଧ୍ୱଗାମୀ ।

ଊର୍ଦ୍ଧ୍ୱତନ, ବିଂ. (ଊର୍ଦ୍ଧ୍ୱ-ତନ) ଉପରସ୍ଥ ।

ଊର୍ଦ୍ଧ୍ୱପୁଣ୍ଡ୍ର, ବି. ( ଊର୍ଦ୍ଧ୍ୱ-ପୁଣ୍ଡ୍ର ) କପାଳରେ କୃତ ସରଳ ଚିତା ।

ଊର୍ଦ୍ଧ୍ୱରେତାଃ, ବି. ( ଊର୍ଦ୍ଧ୍ୱ-ରେତଃ ) ଶିବ, ଭୀଷ୍ମ, ଯୋଗୀ ।

ଊର୍ଦ୍ଧ୍ୱଲୋକ, ବି. (ଊର୍ଦ୍ଧ୍ୱ-ଲୋକ) ସ୍ୱର୍ଗ ।

ଊର୍ଦ୍ଧ୍ୱଶ୍ୱାସ, ବି. (ଊର୍ଦ୍ଧ୍ୱ-ଶ୍ୱାସ) ଦୀର୍ଘଶ୍ୱାସ ।

ଊର୍ମି, ବି. (ଋ-ମି) ତରଙ୍ଗ, ଲହରୀ ।

ଊର୍ମିମାଳୀ, ବି. (ଊର୍ମିମାଳା-ଇନ୍) ସମୁଦ୍ର, ସାଗର ।

ଊର୍ମିଳା, ବି. (ଋ-ମିଲ୍-ଅ-ଆ) ଲକ୍ଷ୍ମଣଙ୍କ ସ୍ତ୍ରୀ ।

ଊଙ୍କର, ବିଂ. ( ଉଟର ଦେଖ )

ଊଷର, ବି. (ଊଷ-ର) କ୍ଷାରଭୂମି ।

ଊହିବା, କ୍ରି. ( ଦେଶଜ ) ଅନୁମାନ କରିବା, ତର୍କଣା କରିବା ।

ଊହ୍ୟ, ବିଂ. ( ଊହ୍-ଯ ) ଅଧ୍ୟାହାର୍ଯ୍ୟ, ତର୍କଣୀୟ, ଅନୁମେୟ ।

# ଋ

ଋ, ସପ୍ତମ ସ୍ୱରବର୍ଣ୍ଣ । ବି. ଅଦାତ । ଅଂ. ପରିହାସ, ନିନ୍ଦା ।

ଋକ୍, ବି. (ଋଚ୍-କ୍ୱିପ୍) ଋଗ୍‌ବେଦ, ବେଦମନ୍ତ୍ର ।

ଋକ୍ଷ, ବି. (ଋକ୍ଷ୍-ଅ) ଭଲ୍ଲୁକ, ନକ୍ଷତ୍ର ।

ଋଜୁ, ବିଂ. (ଋଜ୍-ଉ) ସରଳ, ସିଧା ।

ଋଣ, ବି. (ଋ-ତ) କର୍ଜ ।

ଋଣୀ, ବିଂ. (ଋଣ-ଇନ୍) ଖାତକ, ଅଧମର୍ଣ୍ଣ ।

ଋତ, ବି. (ଋ-ତ) ସତ୍ୟ, ଜଳ, ପରଂବ୍ରହ୍ମ ।

ଋତୁ, ବି. (ଋ-ତୁ) ହିମ, ଶିଶିର, ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ୍ ଏହି ଛଅ କାଳ ।

ଋତୁମତୀ, ବିଂ. (ଋତୁ-ମତ୍-ଈ) ରଜସ୍ୱଳା, ପୁଷ୍ପବତୀ ।

ଋତୁରାଜ, ବି. (ଋତୁ-ରାଜ) ବସନ୍ତ କାଳ ।

ଋତ୍ୱିକ୍, ବି. ( ଋତୁ-ଯଜ୍-କ୍ୱିପ୍ ) ଋତୁଯାଜୀ, ଯଜ୍ଞର ପୁରୋହିତ ।

ଋଦ୍ଧ, ବିଂ. (ଋଧ୍-ତ) ସମୃଦ୍ଧ, ସମ୍ପନ୍ନ, ସମୃଦ୍ଧିଯୁକ୍ତ ।

ଋଦ୍ଧି, ବି. (ଋଧ୍-ତି) ସମୃଦ୍ଧି, ସମ୍ପତ୍ତି ।

ଋଷଭ, ବି. (ଋଷ୍-ଅଭ) ବୃଷ ।

ଋଷି, ବି. (ଋଷ୍-ଇ) ମୁନି, ସଂସାରତ୍ୟାଗୀ ।

ଋଷ୍ୟମୂକ, ବି. (ଋଷ୍ୟ-ମୂକ) ଦକ୍ଷିଣଦେଶୀୟ ପର୍ବତ ।

ଋଷ୍ୟଶୃଙ୍ଗ, ବି. ବିଭାଣ୍ଡକ ମୁନିପୁତ୍ର ।

ଋଷ୍ଟ, ବି. (ଋଷ-ତ) ଅଶୁଭ । ବିଂ. ଅଶୁଭଦାୟକ ।

## ଋ

ଋ, ଅଷ୍ଟମ ସ୍ୱରବର୍ଣ୍ଣ । ବି. ଶିବ, ସ୍ୱର୍ଗ । ଅଂ. ଭର୍ତ୍ସ ।

## ଌ

ଌ, ନବମ ସ୍ୱରବର୍ଣ୍ଣ । ବି. ପୃଥିବୀ, ଅଦ୍ରି, ପର୍ବତ ।

## ୡ

ୡ, ଦଶମ ସ୍ୱରବର୍ଣ୍ଣ । ବି. ଦେବନାରୀ, ଦୈତ୍ୟମାତା, ଶିବ ।

## ଏ

ଏ, ଏକାଦଶ ସ୍ୱରବର୍ଣ୍ଣ । ବି. ବିଷ୍ଣୁ । ଅଂ. ସମ୍ବୋଧନ ।

ଏ / ଏଇ / ଏହି } ସଂ. ( ଏତଦ୍ ଶବ୍ଦଜ ) ଏହା ।

ଏକ, ବି. ବିଂ. (ଇ-କ) ଏକାକୀ, ଅଦ୍ୱିତୀୟ, ସମାନ, ୧ମ ସଂଖ୍ୟା ।

ଏକକ, ବିଂ (ଏକ-କ) ଏକାକୀ, ଅଦ୍ୱିତୀୟ, ଏକଠାରୁ ନଅ ପର୍ଯ୍ୟନ୍ତ ପ୍ରତ୍ୟେକ ସଂଖ୍ୟାକୁ ଏକକ ବୋଲଯାଏ ।

ଏକକାଳୀନ, ବିଂ (ଏକ-କାଳୀନ) ସମକାଳୀନ, ସମସାମୟିକ ।

ଏକଗୁଆଁ, ବିଂ. (ଦେଶଜ) ଜିଦ୍‌ଖୋର୍, ଝୁଙ୍କି, ଅବାଧ ।

ଏକଘରିଆ, ବିଂ. (ଦେଶଜ) ଜାତିଚ୍ୟୁତ, ସମାଜଭ୍ରଷ୍ଟ ।

ଏକଚଟିଆ }
ଏକଚୁଟିଆ } ବିଂ (ଦେଶଜ) ଏକାଧୀନ ।

ଏକଚୂଳିଶ, ବି. ବିଂ. (ଦେଶଜ) ୪୧ ସଂଖ୍ୟା ।

ଏକଚୂଳିଶା ମନ୍ତ୍ର, ବି. ଯଜୁର୍ବେଦର ୪୧ ଅଧ୍ୟାୟ ।

ଏକଣା, ବିଂ. (ଦେଶଜ) ଏକ ଅଞ୍ଚଳ, ଏକ କୋଣ ।

ଏକତଃ, ଅଂ. (ଏକ-ତସ୍) ଏକ ପକ୍ଷରେ ।

ଏକତମ, ବିଂ. (ଏକ-ତମ) ଅନେକ ମଧ୍ୟରେ ଏକ ।

ଏକତର, ବିଂ. (ଏକ-ତର) ଦୁଇଟା ମଧ୍ୟରେ ଏକ ।

ଏକତରଫା, ବିଂ. (ଦେଶଜ) ଏକପକ୍ଷୀୟ ।

ଏକତା, ବି. (ଏକ-ତା) ଐକ୍ୟ, ମିଳନ, ସାମ୍ୟ ।

ଏକତାନ, ବିଂ. (ଏକ-ତାନ) ଏକାଗ୍ର । ବି. ଲୟ ।

ଏକତ୍ର, ଅଂ. (ଏକ-ତ୍ର) ଏକ ସ୍ଥାନରେ ।

ଏକତ୍ରିଂଶ, ବିଂ. (ଏକ-ତ୍ରିଂଶତ୍) ୩୧ ସଂଖ୍ୟା ।

ଏକତ୍ୱ, ବି. (ଏକ-ତ୍ୱ) ଐକ୍ୟ, ଅଭେଦ ।

ଏକଦନ୍ତ, ବି. (ଏକ-ଦନ୍ତ) ଗଣେଶ ।

ଏକଦା, ଅଂ. (ଏକ-ଦା) ଏକ ସମୟରେ ।

ଏକଦେଶ, ବି. (ଏକ-ଦେଶ) ଏକାଂଶ ।

ଏକଧା, ଅଂ. (ଏକ-ଧା ) ଏକପ୍ରକାର ।

ଏକପଟା, ବି. (ଦେଶଜ) ଗୃହର ।

ଏକପତ୍ନୀ, ବି. ସ୍ତ୍ରୀ. (ଏକ-ପତି) ପତିବ୍ରତା, ସତୀ ।

ଏକପଢ଼ିଆ, ବି. ଯେଉଁ କାଗଜରେ ଶ୍ରେଣୀବଦ୍ଧ-ଭାବରେ ବିବରଣମାନ ଲେଖାଯାଏ ।

ଏକଲ୍ଲ, ବିଂ. (ଦେଶଜ) ଏକାକୀ ।

ଏକବଚନ, ବି. ବ୍ୟାକରଣରେ ଏକତ୍ୱ ସଂଖ୍ୟାବୋଧକ ପଦବିଭକ୍ତି ।

ଏକବିଂଶ, ବିଂ. ୨୧ ସଂଖ୍ୟା ।

ଏକଶେଷ, ବି. (ଏକ-ଶେଷ) ଶେଷ ସୀମା, ଉତ୍କର୍ଷ, ଏକପ୍ରକାର ଦ୍ୱନ୍ଦ୍ୱ ସମାସ ।

ଏକଷଠୀ, ବିଂ. ୬୧ ସଂଖ୍ୟା ।

ଏକସ୍ତରୀ, ବିଂ. ୭୧ ସଂଖ୍ୟା ।

ଏକା, ବିଂ. (ଦେଶଜ) ଏକାକୀ, ଏକଲ୍ଲ ।

ଏକାଅଶୀ, ବିଂ. ୮୧ ସଂଖ୍ୟା ।

ଏକାକାର, ବିଂ. (ଏକ-ଆକାର) ଏକାଭିନ୍ନ ।

ଏକାକୀ, ବିଂ. (ଏକ-ଆକିନ୍) ଏକଲ୍ଲ ଅସହାୟ ।

ଏକାକ୍ଷ, ବି. (ଏକ-ଅକ୍ଷି) କୁଆ । ବିଂ. କଣା ।

ଏକାଗ୍ର } ବିଂ. ( ଏକ-ଅଗ୍ର, ଯ ) ଏକମନା, ଏକ
ଏକାଗ୍ର୍ୟ } ବିଷୟରେ ଆସକ୍ତ ।

ଏକାଠି, ଅଂ. (ଦେଶଜ) ଏକ ସ୍ଥାନରେ ।

ଏକାତ୍ମା, ବିଂ. (ଏକ-ଆତ୍ମା)) ଅଭିନ୍ନଦେହ, ଏକପ୍ରାଣ ।

ଏକାଦଶ, ବିଂ. (ଏକ-ଦଶ) ୧୧ ସଂଖ୍ୟା ।

ଏକାଦଶୀ, ବି. ( ଏକ ଦଶନ୍-ଈ ) ତିଥିବିଶେଷ, ହରିବାସର ।

ଏକାଦିକ୍ରମେ, କ୍ରି. ବିଂ. ଆନୁପୂର୍ବିକ, ଅନୁକ୍ରମେ ।

ଏକାନବେ } ବି. ବିଂ. ୯୧ ସଂଖ୍ୟା ।
ଏକାଣୋଇ }

ଏକାନ୍ତ, ବିଂ. (ଏକ-ଅନ୍ତ) ଅତ୍ୟନ୍ତ, ନିର୍ଜନ ।

ଏକାନ୍ନ, ବି. (ଏକ-ଅନ୍ନ) ଏକପାକ । ବିଂ. ଏକାନ୍ନ-ଭୋକ୍ତା ।

ଏକାନ୍ନବର୍ତ୍ତୀ, ବିଂ. (ଏକାନ୍ନ-ବୃତ-ଇନ୍) ଯେଉଁମାନେ ଏକ ପାକରେ ଖାଆନ୍ତି ।

ଏକାବନ, ବିଂ. ୫୧ ସଂଖ୍ୟା ।

ଏକାବଳୀ, ବି. (ଏକ-ଆବଳୀ) ଏକସର ହାର ।

ଏକାମ୍ରକାନନ, ବି. ଭୁବନେଶ୍ୱର ତୀର୍ଥ ।

ଏକୀକରଣ, ବି. (ଏକ-ଈ-କୃ-ଅନ) ବହୁଦ୍ରବ୍ୟ ଏକତ୍ର ରଖିବା ବା ଏକ କରିବା ।

ଏକୁଆ, ବିଂ. (ଦେଶଜ) ଏକଥର, ଏକଦିନ ଅନ୍ତର ।

ଏକୁଟିଆ, ବିଂ. (ଦେଶଜ) ଏକାକୀ ।

ଏକୁନ୍, ଅଂ. (ଯାବନିକ) ମୋଟରେ ।

ଏକେ, ଅଂ. (ଦେଶଜ) ପ୍ରଥମତଃ ।

ଏକୋଇଶ, ବିଂ. ୨୧ ସଂଖ୍ୟା ।

ଏକୋଦକ, ବିଂ. (ଏକ-ଉଦକ) ସଗୋତ୍ର ।

ଏକୋଦର, ବି. (ଏକ-ଉଦର ।

ଏକ୍ଷଣି, ଅଂ. (ଦେଶଜ) ଏହିକ୍ଷଣି, ବର୍ତ୍ତମାନ ।

ଏଗାର, ବିଂ. ବି. ୧୧ ସଂଖ୍ୟା ।

ଏଗ୍ରିମେଣ୍ଟ, ବି. (ଇଂ. Agreement) ଚୁକ୍ତି, ଚୁକ୍ତିପତ୍ର ।

ଏଜନ, ବିଂ. (ଯାବନିକ) ଏହି, ଏହା ।

ଏଜଲାସ, ବି. (ଯାବନିକ) କଚେରୀ, ମିସଲ ।

ଏଜାଢକା, ଏଜାତୀୟା } ବିଂ. (ଦେଶଜ) ଏପରି, ଏତାଦୃଶ ।

ଏଜାହାର, ବି. (ଯାବନିକ) ଇଜ୍ହାର, ପ୍ରକାଶ ।

ଏଠା, ବି°. (ଦେଶଜ) ଏସ୍ଥାନ ।

ଏଠାଇଁ
ଏଠିଁ } ଅ°. (ଦେଷଜ) ଏ ସ୍ଥାନରେ ।
ଏଠି

ଏଠାକାର, ବି°. (ଦେଶଜ) ଏ ସ୍ଥାନୀୟ ।

ଏଡ଼କ, ବି°. (ଦେଶଜ) ଏତାବତ୍ ପରିମାଣବିଶିଷ୍ଟ ।

ଏଡ଼ିବା, କ୍ରି. (ଦେଶଜ) ଲଙ୍ଘନ କରିବା ।

ଏଡ଼େ, ବି°. (ଦେଶଜ) ଏ ଆକୃତିବିଶିଷ୍ଟ ।

ଏଣ
ଏଣକ } ବି. (ଇ-ଣ, ଅକ) ହରିଣ, ମୃଗ ।

ଏଣିକି, ଅ°. (ଦେଶଜ) ଏଆଡ଼କୁ, ଏବକୁ ।

ଏଣୀ, ବି. (ଇଣ-ଈ) ହରିଣୀ ।

ଏଣୁ
ଏଣୁକରି } ଅ°. (ଦେଶଜ) ଏହି ହେତୁରୁ, ଏ ବାଗରୁ ।

ଏଣେ, ଅ°. (ଦେଶଜ) ଏଆଡ଼େ ।

ଏଣେତେଣେ, ଅ°. (ଦେଶଜ) ଏଆଡ଼େ ସେଆଡ଼େ ।

ଏଣ୍ଡୁଅ, ବି. ( ଦେଶଜ ) ଏକପ୍ରକାର ସରୀସୃପ, କୃକଳାସ ।

ଏଣ୍ଡୁଳା, ବି. (ଦେଶଜ) କଆକେରଣ୍ଡା ମାଛ ।

ଏତଦ୍, ସ°. ଏହା, ଏହି ।

ଏତଲା, ବି. (ଯାବନିକ) ସମ୍ବାଦଦେବା, ଜଣାଇବା ।

ଏତଲାନାମା, ବି. (ଯାବନିକ) ସରକାରୀ ଆଦେଶ ।

ଏତାଦୃଶ, ଢ଼ଂ. (ଏତତ୍-ଦୃଶ-ଅ) ଏକପ୍ରକାର, ଏପରି ।
ଏତାବତ୍, ବଂ.(ଏତଦ୍-ବତ୍) ଏତତ୍ ପରିମାଣ,ଏତେ।
ଏତେ, ଅଂ. ଏ ପରିମାଣର, ଏ ସଂଖ୍ୟାର ।
ଏଥର, ଅଂ. (ଦେଶଜ) ଏଣିକି, ଏବେ ।
ଏଥି, ଅଂ. (ଦେଶଜ) ଏଠାରେ, ଏଥିରେ ।
ଏଥୁଁ, ଅଂ. (ଦେଶଜ) ଏଠାରୁ ।
ଏମନ୍ତ, ଢ଼ଂ. (ଦେଶଜ) ଏହିପରି, ଏହି ପ୍ରକାର ।
ଏରକା, ବ. (ଇ-ରକ୍-ଆ) ଗ୍ରନ୍ଥିହୀନ ତୃଣବିଶେଷ ।
ଏରଣ୍ଡ, ବ. (ଆ-ଇର୍-ଅଣ୍ଡ) ଗବଗଛ ।
ଏରା, ବ. (ଦେଶଜ) ଏକପ୍ରକାର ଜଳଚର ପକ୍ଷୀ ।
ଏରୁଣ୍ଡି, ବ. (ଦେଶଜ) ଦ୍ୱାରବନ୍ଧର ନିମ୍ନ ଅଂଶ ।
ଏଳା, ବ. (ଇଲ୍-ଆ) ଅଳାଇଚ ଫଳ ।
ଏଲ୍ଲେଗେ / ଏହିଲ୍ଲେଗେ } ଅଂ. (ଦେଶଜ) ବର୍ତ୍ତମାନ, ଏକ୍ଷଣି ।
ଏବ, ଅଂ. (ଦେଶଜ) ଏହି ସମୟରେ ।
ଏବେ, ଅଂ. (ଦେଶଜ) ବର୍ତ୍ତମାନ, ଆଜକାଲି ।
ଏବଂ, ଅଂ. (ଇ-ବମ୍) ଏହି ପ୍ରକାର, ସାମ୍ୟ, ପ୍ରଶ୍ନ, ଓ ।
ଏବମ୍ଭୂତ, ଢ଼ଂ. (ଏବମ୍-ଭୂତ) ଏହି ପ୍ରକାର, ଈଦୃଶ ।
ଏବମ୍ବିଧ, ଢ଼ଂ. (ଏବମ୍-ବିଧା) ଏହି ପ୍ରକାର ।
ଏସନ, ଅଂ. (ଦେଶଜ) ଏପରି, ଏପ୍ରକାର ।
ଏହା / ଏହି } ସଂ. (ଦେଶଜ) ଏ, ଏଇ ।
ଏହ୍ନେ, ଅଂ. (ପଦ୍ୟ) (ଦେଶଜ) ଏହିପରି ।

# ଐ

ଐ, ଦ୍ୱାଦଶ ସ୍ୱରବର୍ଣ୍ଣ । ବି. ଶିବ । ଅ. ସମ୍ବୋଧନ ।

ଐକବାକ୍ୟ, ବି.(ଏକବାକ୍ୟ-ଅ) ଏକମତ ଅବଲମ୍ବନ, କଥାର ମେଳ ।

ଐକାନ୍ତିକ, ବିଂ. (ଏକାନ୍ତ-ଇକ) ନିଶ୍ଚିତ, ଦୃଢ଼ ।

ଐକ୍ୟ, ବି (ଏକ-ଯ) ଏକତା, ଏକତ୍ୱ

ଐଚ୍ଛିକ, ବିଂ. (ଇଚ୍ଛା-ଇକ) ଇଚ୍ଛାଧୀନ, ଇଚ୍ଛାନୁଯାୟୀ ।

ଐତିହାସିକ, ବିଂ. ( ଇତିହାସ-ଇକ ) ଇତିହାସ-ସଂକ୍ରାନ୍ତ ।

ଐନ୍ଦ୍ରଜାଲିକ, ବିଂ. (ଇନ୍ଦ୍ରଜାଲ-ଇକ) କୁହୁକୀ, ବାଜୀକର ।

ଐରାବତ, ବି. (ଇରା-ବତ୍-ଅ) ଇନ୍ଦ୍ରହସ୍ତୀ ।

ଐରାବତୀ, ବି. ସ୍ତ୍ରୀ.(ଇରାବତ୍-ଅ-ଈ) ଐରାବତ ହସ୍ତିର ପତ୍ନୀ, ଅଭ୍ରମୂ, ରାବୀ ନଦୀ, ବିଦ୍ୟୁତ୍ ।

ଐରି, ବି (ଦେଶଜ) ଅରି, ଶତ୍ରୁ ।

ଐଶାନୀ, ବି. (ଈଶାନ-ଅ-ଈ) ଈଶାନ କୋଣ ।

ଐଶାନ୍ୟ, ବି. (ଈଶାନ-ଯ) ଈଶାନକୋଣ (ଦେଶଜ ମତ ବ୍ୟବହୃତ) ।

ଐଶୀ, ବିଂ. ସ୍ତ୍ରୀ. (ଈଶ-ଅ-ଈ) ଦୈବୀ ।

ଐଶ୍ୱର୍ଯ୍ୟ, ବି. (ଈଶ୍ୱର-ଯ) ପ୍ରଭୁତ୍ୱ, ସମ୍ପତ୍ତି ।

ଐହିକ, ବିଂ. (ଇହ-ଇକ) ଇହକାଳ ସମ୍ବନ୍ଧୀୟ ।

# ଓ

ଓ, ତ୍ରୟୋଦଶ ସ୍ୱରବର୍ଣ୍ଣ । ବି. ବ୍ରହ୍ମା । ଅ°. ସମ୍ବୋଧନ ।

ଓଁ
ଓମ୍ } ଅ°. ପ୍ରଣବ, ଓଁକାର ।

ଓଆଚ୍, ବି. (ଇ°. Watch) କ୍ଷୁଦ୍ର ଘଣ୍ଟା ।

ଓଉ, ବି. (ଦେଶଜ) ଅମ୍ଳ ଫଳବିଶେଷ ।

ଓକର, ବି. (ଦେଶଜ) ଗୃହଚ୍ଛିଦ୍ର, ଗୋଇ, ଇଜର ।

ଓକାର, ବି. (ଦେଶଜ) ବମନେଚ୍ଛା, ବାନ୍ତି ।

ଓକିଲ, ବି. (ଯାବନିକ) ଆଇନ ବ୍ୟବସାୟୀ ।

ଓକିଲତି, ବି. (ଯା) ଓକିଲର କାର୍ଯ୍ୟ ଓ ବ୍ୟବସାୟ ।

ଓଖ, ବି. (ଗ୍ରାମ୍ୟ) ଅଭ୍ୟାସ ।

ଓଖର, ବି. ( ଦେଶଜ) ଗୋକ୍ଷୀର, ଗୋଦୁଗ୍ଧ ।

ଓଗାଳ
ଓଗଳା } ବି. ( ଦେଶଜ ) ଅଟକାଇବା ।

ଓଗାଳିବା, କ୍ରି. (ଦେଶଜ) ଅଟକାଇବା ।

ଓଗେର, ଅ°. (ଯାବନିକ) ଇତ୍ୟାଦି, ପ୍ରଭୃତି ।

ଓଘ, ବି. ( ଉଚ୍-ଅ ) ସମୂହ, ସ୍ରୋତ, ତରଙ୍ଗ ।

ଓଙ୍କାର, ବି. (ଓଁ-କାର) ପ୍ରଣବ, ଓଁ, ଆଦ୍ୟ ବୀଜ

ଓଜନ, ବି. ( ଦେଶଜ ) ତୌଲିବା, ମାପିବା ।

ଓଜର, ବି. (ଯାବନିକ) ଆପତ୍ତି ।

ଓଜଃ, ବି. ( ଉର୍ଜ୍-ଅସ୍ ) ତେଜଃ, ବଳ ।

ଓଜସ୍ୱିତା, ବି. ( ଓଜସ୍ୱିନ୍-ତା ) ବଳଶାଳିତା ।

ଓଜସ୍ୱୀ, ବିଂ. ( ଓଜଃ-ବିନ୍ ) ତେଜସ୍ୱୀ, ବଳବାନ୍ ।
ଓଝ, ବି. (ଦେଶଜ) ବର୍ଗମୂଳ ।
ଓଝା, ବି. (ଦେଶଜ) ଶିକ୍ଷକ, ଉପାଧିବିଶେଷ ।
ଓଠ. ବି. (ଦେଶଜ) ଓଷ୍ଠ ।
ଓଟର, ବି ( ଦେଶଜ ) ଟଣା, ଝିଙ୍କା, ବାଉଁଶ କାମୁଡ଼ା ।
ଓଟାରିବା, କ୍ରି. (ଦେଶଜ) ଆକର୍ଷଣ କରିବା ।
ଓଠ, ବି. (ଦେଶଜ) ଓଷ୍ଠ, ଚିବୁକ ।
ଓଡ଼, ବି. (ଦେ) ଉତ୍କଳର ଆଦିମ ନିବାସୀ, ଥର ।
ଓଡ଼ଶ, ବି. (ଦେ) ଘୁରିପୋକ, ମତ୍କୁଣ ।
ଓଡ଼ାଙ୍କ ବି. (ଦେ) ନିର୍ଦ୍ଦିଷ୍ଟ ପ୍ରଣାଳୀରେ ମିଶାଣ ।
ଓଡ଼ାମଡ଼ା, ବି. (ଦେ) ଏକପ୍ରକାର ଗୁଣ ଓ ଗାଳି ।
ଓଡ଼ିଆ, ବି. (ଦେ) ଓଡ଼ିଶା ଦେଶବାସୀ, ଉତ୍କଳ-ଭାଷା, ଶୂଦ୍ରଜାତିବିଶେଷ ।
ଓଡ଼ିଆଣୀ, ବି. (ଦେ) କଟିସୂତ୍ର, ମେଖଳା ।
ଓଡ଼ିଶା, ବି. (ଦେ) ଉତ୍କଳ ଦେଶ ।
ଓଡ୍ର, ବି. (ଉଡ୍-ର) ଉତ୍କଳ ଦେଶ ।
ଓଢ଼ଣଷଷ୍ଠୀ, କ. (ଦେଶଜ) ମାର୍ଗଶିର ଶୁକ୍ଳ ଷଷ୍ଠୀ ।
ଓଢ଼ଣା, ବି. (ଦେ) ଅବଗୁଣ୍ଠନ ।
ଓଢ଼ଣୀ, ବି ( ଦେ ) ସ୍ତ୍ରୀଲୋକମାନଙ୍କର ଆଚ୍ଛାଦନ ବସ୍ତ୍ରବିଶେଷ ।
ଓତପ୍ରୋତ, ବିଂ. (ଓତ-ପ୍ରୋତ ) ସ୍ଥାନବ୍ୟାପ୍ତ, ସର୍ବ-ସ୍ଥାନ ବ୍ୟାପି ରହିଥିବା ।

ଓଡା, ବି. (ଦେ) ଉତ୍ତରୀୟ ବସ୍ତ୍ର, ଉପାଧିବିଶେଷ ।

ଓଥର୍ବ, ବି. (ଦେ) ଅବ୍ୟବାହୃତ ।

ଓଦନ, ବି. (ଉଦ୍-ଅନ) ଅନ୍ନ, ଭାତ ।

ଓଦର, ବି. (ଦେ) ବାଉଁଶରେ ତିଆରି ଧାନଆଦି ବନ୍ଧିବାର ଏକପ୍ରକାର ଡୋଲି ।

ଓଦା, ବି. (ଦେ) ଆର୍ଦ୍ର ।

ଓଧ, ବି. (ଦେ) ଜଳମାର୍ଜାର ।

ଓପ୍ରୋଧ, ବି. (ଗ୍ରାମ୍ୟ ଓ ପଦ୍ୟ) ଉପରୋଧ ।

ଓର, ବି. (ଦେ) ସୁବିଧା, ଉପାୟ, ଅନୁସନ୍ଧାନ ।

ଓଲଦା, ବି. (ଦେ) ରୋପଣ ନିମନ୍ତେ ଜମିକୁ କାଦୁଅ କରିବା ।

ଓରଫ୍, ବି. (ଯାବନିକ) ପ୍ରତିନିଧି, ଉପନାମ ।

ଓରମାନ, ବି. (ଦେଶଜ) ମନର ବାସନା, ଆକାଂକ୍ଷା ।

ଓର୍ବ, ବି. (ଦେ) ବଡ଼ କଣ୍ଠ କାଠ ।

ଓରିଆ, ବି. (ଦେ) ରାଜଭୋଗ୍ୟ ଅନ୍ନ, ସରୁ ପୁରୁଣା ଚାଉଳ, ସାର ।

ଓଳଟି<br>ଓଳକ } ବି. (ଦେ) ନମସ୍କାର ।

ଓଲଟ<br>ଓଲଟା } ବି. (ଦେ) ବିପରୀତ ।

ଓଳଣ<br>ଓଳମ } ବି. (ଦେ) ରାଜମିସ୍ତ୍ରିମାନଙ୍କ ବ୍ୟବହୃତ ମାପ ଦଉଡ଼ି ।

ଓଲ } ବି. (ଦେ) ଏକପ୍ରକାର ଖାଦ୍ୟ ମୂଳ ।
ଓଲୁଅ }

ଓଲମା, ବିଂ. (ଦେ) ନିର୍ବୋଧ, ଓଲୁ ।

ଓଲାଇବା, କ୍ରି. (ଦେ) ପହଁରିବା ବା ଝାଡ଼ିବା ।

ଓଲାଉଠା, ବି. (ଦେ) ବିସୂଚିକା, ହଇଜା ରୋଗ ।

ଓଲ୍ଟାଇବା, କ୍ରି. (ଦେ) ଛପରି ଖୋଲିବା ।

ଓଳି, ବି. (ଦେ) ଛପରର ପ୍ରାନ୍ତ, ଦିନାର୍ଦ୍ଧ, ମୃତ୍ତିକା ପାତ୍ରବିଶେଷ, ସଦୃଶ, ପର୍ବ ।

ଓଳିଆ, ବି. (ଦେ) ପାଳରେ ତିଆରି ଶସ୍ୟ ରଖିବାର ପୁଡ଼ା ।

ଓଲିଆ, ବି. (ଦେ) ଖାଇବାରେ ଅସଂଯତ, ଅବାଧ ।

ଓଲ୍ଲ } ବିଂ. (ଦେ) ନିର୍ବୋଧ ।
ଓଲୁ }

ଓଷଦ } ବି. (ଦେ) ଔଷଧ ।
ଓଷଧ }

ଓଷଧି } (ଓଷ-ଧି, ଧୀ) ଜ୍ୟୋତିର୍ଲତା, ଯେଉଁ ସବୁ
ଓଷଧୀ } ବୃକ୍ଷ ରାତ୍ରିକାଳରେ ଜଳେ ।

ଓଷଧୀଶ, ବି. (ଓଷଧି-ଈଶ) ଚନ୍ଦ୍ର, ନିଶାକର ।

ଓଷ୍ଠ, ବିଂ. (ଉଷ୍-ଠ) ଓଷ୍ଠ ।

ଓଷ୍ଠ୍ୟ, ବିଂ. (ଓଷ୍ଠ-ଯ) ଓଠରୁ ଉଚ୍ଚାରିତ ବର୍ଣ୍ଣ ।

ଓସା, ବି. (ଦେ) ଉପବାସ ।

ଓସାର, ବି. (ଦେ) ବିସ୍ତାର, ପ୍ରସ୍ଥ ।

ଓସ୍ତ, ବି. (ଦେ) ଅଶ୍ୱତ୍ଥ ।

ଓସ୍ତାଦ, ବି. (ଯାବନକ) ଗୁରୁ, କୁଶଳ ।
ଓହଳ, ବି. (ଦେ) ଅବରୋହ, ବର ପ୍ରଭୃତି ଗଛର ବାୟୁଗାମୀ ଚେର ।
ଓହଳିବା, କି. ( ଦେ ) ଦୋଳିବା, ମାଟରାତରେ ମିଶିବା ।
ଓହୋ, ଅଂ. (ଦେ) ଖେଦସୂଚକ ଅବ୍ୟୟ ।
ଓହୋରିବା, କି. ( ଦେ ) ପଛେଇବା ।
ଓହ୍ଲାଇବା, କ . (ଦେ) ଅବତୀର୍ଣ୍ଣ ହେବା ।

---

# ଔ

ଔ, ଚତୁର୍ଦ୍ଦଶ ସ୍ୱରବର୍ଣ୍ଣ । ବି. ଅନନ୍ତ । ଅଂ. ଆହ୍ୱାନ ।
ଔଚିତ୍ୟ, ବି. (ଉଚିତ-ଯ) କର୍ତ୍ତବ୍ୟତା, ଉପଯୁକ୍ତତା ।
ଔଜ୍ଜ୍ୱଲ୍ୟ, ବି. ( ଉଜ୍ଜ୍ୱଳ-ଯ ) ଉଜ୍ଜ୍ୱଳତା, ଦୀପ୍ତି ।
ଔତ୍ସୁକ୍ୟ, ବି. ( ଉତ୍ସୁକ-ଯ ) ଉତ୍କଣ୍ଠା, ଆଗ୍ରହ ।
ଔଦରିକ, ବିଂ. (ଉଦର-ଇକ) ଉଦରମ୍ଭରି, ପେଟୁ ।
ଔଦାର୍ଯ୍ୟ, ବି. (ଉଦାର-ଯ) ଉଦାରତା, ବଦାନ୍ୟତା ।
ଔଦାସ୍ୟ } ବି. ( ଉଦାସ, ଉଦାସୀନ-ଯ )
ଔଦାସୀନ୍ୟ } ଉଦାସୀନତା, ନିଃସମ୍ପର୍କତା ।
ଔଦ୍ଧତ୍ୟ, ବି. ( ଉଦ୍ଧତ-ଯ ) ଧୃଷ୍ଟତା, ଅନମ୍ରତା ।
ଔପନିବେଶିକ, ବିଂ. ( ଉପନିବେଶ-ଇକ ) ଉପନିବେଶ ସମ୍ବନ୍ଧୀୟ, ଉପନିବେଶକାରୀ ।
ଔପପତ୍ତିକ, ବିଂ. ( ଉପପତ୍ତି-ଇକ ) ଯୁକ୍ତିଦ୍ୱାରା ସିଦ୍ଧାନ୍ତିତ ।

ଔପମ୍ୟ, ବି°. ( ଉପମା-ଯ ) ସାଦୃଶ୍ୟ, ତୁଳ୍ୟତା ।
ଔପସର୍ଗିକ, ବି°. (ଉପସର୍ଗ-ଇକ) ଉପସର୍ଗ ସମ୍ବନ୍ଧୀୟ,
ବି. ସନ୍ନିପାତ ।
ଔପାଧିକ, ବି°. ( ଉପାଧି-ଇକ ) ଉପାଧି ସମ୍ବନ୍ଧୀୟ,
ବୈଶେଷିକ, ଉପାଧିଧାରୀ ।
ଔରସ, ବି°. (ଉରସ୍-ଅ) ଧର୍ମପତ୍ନୀଜାତ ସନ୍ତାନ ।
ଔର୍ଦ୍ଧ୍ୱଦୈହିକ } ବି°. (ଉର୍ଦ୍ଧ୍ୱଦେହ-ଇକ) ଅନ୍ତ୍ୟେଷ୍ଟି,
ଔର୍ଦ୍ଧ୍ୱଦେହିକ } ପ୍ରେତକୃତ୍ୟ ।
ଔଷଧ, ବି. (ଓଷଧି-ଅ) ଭେଷଜ, ରୋଗନାଶକ ବସ୍ତୁ ।
ଔଷଧାଳୟ, ବି. ( ଔଷଧ-ଆଳୟ ) ଡାକ୍ତରଖାନା ।
ଔଷ୍ଠ୍ୟ, ବି. ( ଓଷ୍ଠ-ଯ ) ଓଷ୍ଠରୁ ଉଚ୍ଚାର୍ଯ୍ୟ ବର୍ଣ୍ଣ ।

---

# କ

କ, ବି. ପୁଂ. ( କୈ-ଅ ) ବ୍ୟଞ୍ଜନବର୍ଣ୍ଣର ପ୍ରଥମ
ଅକ୍ଷର, ବ୍ରହ୍ମା, ବିଷ୍ଣୁ, ରୁଦ୍ର, ବାୟୁ, ଯମ, ଅଗ୍ନି,
ଜଳ, ଆତ୍ମା ।
କଁ କଁ } ଅ°. ଅନୁକରଣ ଅବ୍ୟୟ ।
କଅଁ କଅ }
କଅଁଳ, ବି°. ( ଦେ ) ପାଣ୍ଡୁରବର୍ଣ୍ଣବିଶିଷ୍ଟ ।
କଅଁଳ, ବି°. ( ଦେ ) କୋମଳ
କଅଁଳା } ବି°. ( ଦେ ) ସଦ୍ୟୋଜାତ, କୋମଳ,
କଅଁଳଆ } ଅଳ୍ପ ବୟସ୍କ ।

କଅଁଳିବା, କ୍ରି. (ଦେ) ପଲ୍ଲବିବା, ଗାଈ ପ୍ରସବ କରିବା ।
କଇଁ, ବି. ( ଦେ ) କୁମୁଦ, ଜଳଜ ପୁଷ୍ପବିଶେଷ ।
କଇଁଆଁ, ବି. ( ଦେ ) ଝିନ୍ତୁଲୀ ।
କଇଁକଇଁ, ଅ. ( ଦେ ) ଅନୁକରଣ ଅବ୍ୟୟ ।
କଇଁଚ, ବି. ( ଦେ ) କତୁସୀ ।
କଇଁଟକାକୁଡ଼ି, ବି. ( ଦେ ) ବିମ୍ବଫଳ ।
କଇଁଛ, (ଚ) ବି. ( ଦେ ) କଚ୍ଛପ, କୂର୍ମ ।
କଇଁବେଣ୍ଟ, ବି. (ଦେ) କୁମୁଦର ପକ୍ୱ ବୀଜକୋଷ ।
କଇ, ବି. ( ଦେ ) ବମନ, ବାନ୍ତି ।
କଇଥ, ବି. ( ଦେ ) କପିତ୍ଥବୃକ୍ଷ ଓ ତାହାର ଫଳ ।
କଇଁଥା, ବିଂ. ( ଦେ ) ଦରସିଝା, ଅପକ୍ୱ ।
କଇଁସାର, ବି. ( ଦେ ) ବାଲିରେ ମାଡ଼ିଥିବା ଏକ-
ପ୍ରକାର ଲତା, କଂସାରିଲତା ।
କଇଦ୍, ବି. ( ଯା ) ବନ୍ଦ, ଅବରୋଧ ।
କଇଦଖାନା, ବି. ( ଯା ) ଜେଲ୍‌ଖାନା ।
କଇଦୀ, ବିଂ. ( ଯା ) ବନ୍ଦୀ ।
କଇଫିଅତ୍, ବି. ( ଯା ) କାରଣ ଦେଖାଇବା, ଦୋଷିର ପକ୍ଷ ସମର୍ଥନ ।
କଇରି, ବି. (ଦେ) ଧାନ୍ୟାଦି ଶସ୍ୟ ରଖିବା ଡୋଲି ।
କଉ, ବି. ( ଦେ ) କବସ୍ତୀ ମାଛ ।
କଉଡ଼ି, ବି. ( ଦେ ) କପର୍ଦ୍ଦକ, ବରାଟକ, ମୁଦ୍ରାରୂପେ ପ୍ରଚଳିତ ଅସ୍ଥିଖଣ୍ଡ, ଧନ, ଅର୍ଥ ।

କଉପିମା, ବ. (ଦେ) ଛୁଣ୍ଟା କନା, ଯାହାକୁ ଲେଙ୍ଗୁଟି ମାର ପିନ୍ଧନ୍ତି ।

କଂଶ } ବ. ( କମ୍-ଶ, ସ ) ଉଗ୍ରସେନପୁତ୍ର,
କଂସ } ଅସୁରବିଶେଷ ।

କଂସା, ବ. ( ଦେ ) କାଂସ୍ୟ, ରଙ୍ଗ ଓ ତମ୍ବାମିଶ୍ରିତ ଧାତୁବିଶେଷ ।

କଂସାଇ } ବ. ( ଦେ ) ପଶୁଘାତୀ, ନିଷ୍ଠୁର ।
କଂସେଇ }

କଂସାର, ( କଂସ-ଅର ) ଶ୍ରୀକୃଷ୍ଣ । ( ଦେ ) କଂସା ବ୍ୟବସାୟୀ ଓ ନିର୍ମାତା, କଇଁସାର ଲତା ।

କଂସାଳ, ବ. ( ଦେ ) ଝାଞ୍ଜ ।

କକଡ଼ା, ବ. (ଦେ) କର୍କଟ ମାସ, ସୌର ଶ୍ରାବଣ ମାସ ।

କକଡ଼ାଶିଙ୍ଗୀ, ବ. ( ଦେ ) କର୍କଟଶିଙ୍ଗୀ ।

କକା } ବ. ( ଦେ ) ବାପାଙ୍କ ସାନ ଭାଇ ।
କକେଇ }

କକୁଦ୍ } ବ. ( କ-କୁ-ଦ୍, ଦ ) ବୃଷର ଚୂଳ ।
କକୁଦ }

କକୁଭ୍, ବ. ( କ-ସ୍କନ୍ଭ୍-କ୍ୱିପ୍ ) ଦିଗ ।

କକ୍ଷ, ବ (କଷ୍-ସ) ବାହୁମୂଳ, ପାର୍ଶ୍ୱ, ଗ୍ରହମାନଙ୍କର ପରିଭ୍ରମଣ ପଥ ।

କକ୍ଷା, ( କ୍ଷ୍ୟା ) ବ. ( କଷ୍-ସ-ଆ ) କୋଠରି, ପ୍ରତିଯୋଗିତା, ବସ୍ତ୍ରାଞ୍ଚଳ ।

କଖାରୁ, ବି. ( ଦେ ) କର୍କାରୁ, ଲତାଫଳବିଶେଷ, (ଏହା ଦୁଇପ୍ରକାର-ପାଣିକଖାରୁ ଓ ବୋଇତକଖାରୁ)

କଙ୍କ, ବି. (କନ୍‌କ-ଅ) ପକ୍ଷିବିଶେଷ, କପଟବ୍ରାହ୍ମଣ ।

କଙ୍କଡ଼ା, ବି. ( ଦେ ) କର୍କଟ, ଜଳଜନ୍ତୁବିଶେଷ ।

କଙ୍କଣ, ବି. ( କଣ୍‌-ଅ ) କରଭୂଷଣବିଶେଷ । ବ୍ଳେତକ, ହସ୍ତସୂତ୍ର ।

କଙ୍କତ<br>କଙ୍କତିକା } ବି. (କନ୍‌କ-ଅତ, ଇକ-ଆ) ପାନିଆଁ

କଙ୍କପତ୍ର, ବି. (କଙ୍କ-ପତ୍ର) ବାଣ, କଙ୍କପକ୍ଷିର ପର ।

କଙ୍କର, ବି.(କଂ-କୃ-ଅ) କରକଚ୍ଚ, ଗୋଡ଼ି, ଧୋଳଦହି ।

କଙ୍କାଳ, ବି. ( କଙ୍କ୍‌-ଆଳ ) ଅସ୍ଥିପିଞ୍ଜର ।

କଙ୍କି, ବି. ( ଦେ ) ଉଡ଼ନ୍ତା ପତଙ୍ଗବିଶେଷ ।

କଙ୍ଗାଳି, ବି. ( ଦେ ) ଅନ୍ନକ୍ଳିଷ୍ଟ ।

କଚ, ବି. ( କଚ୍‌-ଅ ) କେଶ, ଶିରୋରୁହ ।

କଚଟି, ବି. (ଦେ) ହସ୍ତାଳଙ୍କାରବିଶେଷ, ମଣିବନ୍ଧ ।

କଚଡ଼ା, ବି. ( ଦେ ) କଞ୍ଚା ଧାନର ବିଡ଼ା, ଉପରୁ ନିକ୍ଷେପ, ଗୋଡ଼ ଖସିବା ।

କଚ୍ଚ, ବିଂ. ( ଦେ ) ଧୌତ, କଞ୍ଚା, ଅଦୃଢ଼, ଅପଟୁ ।

କଚ୍ଚଡ଼ିବା, କ୍ରି. ( ଦେ ) ଉପରକୁ ଟେକି ସବଳେ ତଳେ ନିକ୍ଷେପ କରିବା ।

କଚିବା, କ୍ରି. ( ଦେ ) ଛେଚିବା, ଉପରକୁ ଉଠାଇ ତଳକୁ ପକାଇବା ।

କଚୁ, ବି. ( କଚ୍‌-ଉ ) ସାରୁଗଛ, ସାରୁ ।

କଚୁର } ବ. ( ଦେ ) ଏକପ୍ରକାର ପିଠା ।
କଚେର }

କଚିର } ବ. ( ଦେ ) ବସ୍ତୁବିଳୟ, ଜମିଦାର
କଚେର } ପ୍ରଭୃତଙ୍କ କାର୍ଯ୍ୟାଳୟ ।

କଛ, ବ. ( ଦେ ) ସମାନ ଅଂଶ, ବାଣ୍ଟ ।

କଚ୍ଛ, ବ. ( ଦେ ) କଇଁଛ, ଜଳମୟ ପ୍ରଦେଶ ।

କଚ୍ଛପ, ବ. ( କଂଚ୍ଛ-ପା-ଅ ) କୂର୍ମ, କଇଁଛ ।

କଚ୍ଛା, ବ. ( ଦେ ) ପିନ୍ଧା ଲୁଗାର ପଶ୍ଚାଦ୍‌ଭାଗ ।

କଚ୍ଛୁ , ବ. ( କଷ୍‌-ଉ ) କାଛୁ, କୁଣ୍ଡିଆ ।

କଜିଆ, ବ. ( ଦେ ) କଳି, କଳହ ।

କଜ୍ୱଳ } ବ. (କୁ-ଜଳ ମେଘ, ଅଞ୍ଜନ । ବି.
କଜ୍ଜଳ } କୃଷ୍ଣବର୍ଣ୍ଣ ।

କଜ୍ଜଳପକ୍ଷୀ, ବ. ( କଜ୍ଜଳ-ପକ୍ଷ-ଇନ୍ ) କଜଳପାତିଆ ପକ୍ଷୀ ।

କଞ୍ଚା, ବି. ( ଦେ ) ଅପକ୍ୱ, ଅସିଦ୍ଧ ।

କଞ୍ଚି } ବ. ଗ୍ରୁବ, ବାଉଁଶକଣୀ ।
କଞ୍ଚିକା }

କଞ୍ଚୁକ, ବ. ସାପକାତି, କବଚ ବା ସାଞ୍ଜୁ, କାଞ୍ଚୁଲି ।

କଞ୍ଚୁକୀ, ବ. ( କଞ୍ଚୁକ-ଇନ୍ ) ଅନ୍ତଃପୁରର କ୍ଳୀବ ରକ୍ଷକ, ସର୍ପ ।

କଞ୍ଜ, ବ. ( କଂ-ଜନ୍-ଅ ) ପଦ୍ମ, ଅମୃତ ।

କଞ୍ଜସୁତ, ବ. ( କଞ୍ଜ-ସୁତ ) ବ୍ରହ୍ମା ।

କଟ, ବ, ( କଟ୍-ଅ ) ହସ୍ତିର ଗଣ୍ଡଦେଶ, କଟି ।

କଟକ, ବି. ( କଟ୍-ଅକ ) ପର୍ବତର ନିତମ୍ବଦେଶ, ବଳୟ୍, ରାଜଧାନୀ, ପାଦଭୂଷଣ, ଶିବିର ।
କଟକଣା, ବି. ( ଦେଶଜ ) ବନ୍ଦୋବସ୍ତ, ଆକଟ ।
କଟରି, ବି. ( ଦେ ) ଗିନା, ଡାଡିଆ ।
କଟା, ବି. ( ଦେ ) କର୍ତ୍ତନ, କାଟିବା, ଅଙ୍କନ, ବିଚ୍ଛେଦ, କାଟି ହୋଇଥିବା, ପିଙ୍ଗଳବର୍ଣ୍ଣ ।
କଟାକ୍ଷ, ବି.(କଟ-ଅକ୍ଷି ) ଅପାଙ୍ଗଦର୍ଶନ, ଆଡ଼ ଚାହାଣି ।
କଟାର } ବି. ( ଦେ ) ଶସ୍ତ୍ରବିଶେଷ ।
କଟାରି }
କଟଳ, ବି. ( ଦେଶଜ ) ବଟଖରା, ଜିଦ୍, ଜଞ୍ଜାଳ ।
କଟାସ, ବି. ( ଦେ ) ବନ୍ୟ ବିଡ଼ାଳ ।
କଟାହ, ବି. ( କଟ-ଆ-ହନ୍-ଅ ) କଟେଇ, ପଲମ ।
କଟି } ବି. ( କଟ୍-ଇ, ଈ ) ଅଣ୍ଟା, ହସ୍ତିର
କଟୀ } ଗଣ୍ଡସ୍ଥଳ ।
କଟିତ୍ର, ବି ( କଟି-ତ୍ରୈ-ଅ ) କଟିବସ୍ତ୍ର, କମରବନ୍ଧ ।
କଟିବନ୍ଧ, ବି. ( କଟି-ବନ୍ଧ ) କଟିସୂତ୍ର ।
କଟିସୂତ୍ର, ବି. ( କଟି-ସୂତ୍ର ) କଟିବନ୍ଧ, ଚନ୍ଦ୍ରହାର ।
କଟୁ, ବି॰. ( କଟ୍-ଉ ) ରାଗୁଆ, ତିକ୍ତ, କର୍କଶ ।
କଟୁଆଳ, ବି. ନଗରରକ୍ଷକ ।
କଟୁକ, ବି. (କଟୁ-କ) ତ୍ରିକଟୁ, ଶୁଣ୍ଠି, ପିପ୍ପଳୀ, ମରିଚ, ଲଙ୍କା, କଟୁରସ, ପଟୋଳ ।
କଟର, ବି. ( କଟାରଶବ୍ଦଜ ) ଶସ୍ତ୍ରବିଶେଷ ।
କଠା, ବି. ( ଦେ ) ମାପିବା ଅଡ଼ା, ମଞ୍ଜି ।

କଠାଉ, ବ. (ଦେଶଜ) କାଷ୍ଠପାଦୁକା, ଖଡ଼ମ ।
କଠିନ, ବି°. (କଠ-ଇନ୍)ଦୃଢ଼, ଶକ୍ତ, ନିର୍ଦ୍ଦୟ, ଦୁଃସହ ।
କଠିମା, ବି. ( କଠିନ-ଈ ) ଖଡ଼ି ।
କଠୋର, ବି°. ( କଠ-ଓର ) କଠିନ, ଦୁଷ୍କର ।
କଡ଼, ବ. ( ଦେ ) ପାର୍ଶ୍ୱ, ପାଖ ।
କଡ଼କା, ବି°. ( ଦେ ) ସନ୍ତାପିତ, ଚଞ୍ଚଳ ।
କଡ଼ମା, ବି. ( ଦେ ) ଏକପ୍ରକାର ଧାନଗଛ ।
କଡ଼ମ୍ବା, ବି. ( ଦେ ) ବନ୍ୟ ମୂଳବିଶେଷ, ଅଙ୍କୁର ।
କଡ଼ା, ବି°. ( ଦେ ) କଟୁ, ଉଗ୍ର, ତୀକ୍ଷ୍ଣ, କଠୋର ।
ବି. ଏକ ଗଣ୍ଡାର ଚତୁର୍ଥାଂଶ, ଧାତୁନିର୍ମିତ ବଳୟ ।
କଡ଼ୁଆ ବି°. ( ଦେ ) କଟୁ, ତୀକ୍ଷ୍ଣ ।
କଢ଼ / କଢ଼ି } ବି. ( ଦେ ) କଳିକା, ମୁକୁଳ ।
କଢ଼ାଣ, ବି.(ଦେ)ଜମିରେ ପ୍ରଥମ ଥର ହଳ କରିବା ।
କଢ଼ୁଆଳ, ବି. ( ଦେ ) ପଥପ୍ରଦର୍ଶକ ।
କଣନଖା, ବି. (ଦେ) ନଖ କୋଣର ରୋଗବିଶେଷ ।
କଣା, ବି°. ( ଦେ ) ଏକ ଚକ୍ଷୁହୀନ । ବି. ସୂକ୍ଷ୍ମ ଅଂଶ, ରେଣୁ, ଗର୍ତ୍ତ, ଛିଦ୍ର
କଣାଦ, ବି. (କଣ-ଅଦ)ବୈଶେଷିକ ଦର୍ଶନ ପ୍ରଣେତା ମୁନି—ଏ ପରମାଣୁ ବିଷୟ ସ୍ଥିର କରିଥିଲେ ।
କଣିକା, ବି. (କଣ-ଅକ-ଆ) କ୍ଷୁଦ୍ର ଅଂଶ, ଏକ କଣା ।
କଣୀ, ବି. ବାଉଁଶଶାଖା, ବିର, ମୁଗ ପ୍ରଭୃତିର କ୍ଷୁଦ୍ରାଂଶ ।

କଣ୍ଟ, ବି. (ଦେଶଜ) ସମସ୍ତ ନିର୍ଦ୍ଦେଶ, ମାପ ।

କଣ୍ଟକ, ବି. ( କଣ୍ଟ-ଅକ ) କଣ୍ଟା, କ୍ଷୁଦ୍ର ଶତ୍ରୁ, ଯାହା କ୍ଷତିକର ବା ବିରକ୍ତିଜନକ ।

କଣ୍ଟକାରି, ବି. ଅଙ୍କରାନ୍ତ ।

କଣ୍ଟକିତ, ବିଂ. (କଣ୍ଟକ-ଇତ) ରୋମାଞ୍ଚିତ, କଣ୍ଟକଯୁକ୍ତ ।

କଣ୍ଟକଫଳ, ବି. ପଣସ, ଧୁତୁରାଗଛ ।

କଣ୍ଟା, ବି. ( ଦେ ) କଣ୍ଟକ ।

କଣ୍ଟି, ବି. ( ଦେ ) ଲଙ୍ଗଳର ଅଂଶବିଶେଷ ।

କଣ୍ଠ, ବି. (କଣ୍-ଠ) ଗଳଦେଶ, ଗଳା ।

କଣ୍ଠ (ଣ୍ଠା) ଗତ, ବିଂ. ( କଣ୍ଠ-ଗତ, ଆଗତ ) କଣ୍ଠ ପର୍ଯ୍ୟନ୍ତ ଆଗତ ।

କଣ୍ଠନାଳୀ, ବି. ଗଳାର ନାଳୀ, ଗଳା ମଧ୍ୟସ୍ଥ ଛିଦ୍ର ।

କଣ୍ଠସ୍ଥ, ବିଂ. (କଣ୍ଠ-ସ୍ଥା-ଅ) ମୁଖସ୍ଥ ।

କଣ୍ଠା, ବି. (କଣ୍-ଠ-ଆ) ଗଳା, ଅସାର ଧାନ ।

କଣ୍ଠୀ, ବି (କଣ୍ଠ-ଅ-ଈ) କଣ୍ଠାଭରଣ, ବେକମାଳୀ ।

କଣ୍ଠୀରବ, ବି. (କଣ୍ଠୀ-ରବ) ସିଂହ ।

କଣ୍ଠ୍ୟ, ବି. ( କଣ୍ଠ-ଯ ) ଅ, ଆ, ହ ପ୍ରଭୃତି କଣ୍ଠୋଚ୍ଚାରିତ ବର୍ଣ୍ଣ ।

କଣ୍ଡନୀ, ବି. (କଣ୍ଡନ-ଈ) ଢିଙ୍କିଭରଣି, ମୁଷଳ ।

କଣ୍ଡରା, ବି. (ଦେଶଜ) ଜାତିବିଶେଷ ।

କଣ୍ଡା, ବି. ( ଦେ ) ପରିଷ୍କୃତ, ତନ୍ତ୍ରର ଉପକରଣ-ବିଶେଷ ।

କଣ୍ଡୁ, ବି. ( କଣ୍ଡୁ-ଂ ) କୁଣ୍ଡିଆ, ମୂନବିଶେଷ ।

କଣ୍ଡୂୟନ, ବି. (କଣ୍ଡୂ-ୟ-ଅନ) କୁଣ୍ଡେଇବା ।
କଣ୍ଡୂୟମାନ. ବି. ( କଣ୍ଡୂୟ-ମାନ ) କୁଣ୍ଡାଇ ହୋଇଥିବା ।
କଣ୍ଢାଇ } ବି. (ଦେ) କୁଣ୍ଢାଇ, ପିଣ୍ଡୁଳା ।
କଣ୍ଢେଇ }
କଣ୍ୱ, ବି. (କଣ୍-ବ) ସ୍ୱନାମ ପ୍ରସିଦ୍ଧ ମୁନି,ଶକୁନ୍ତଳାଙ୍କ ପାଳୟିତା ।
କତରୀ, ବି. (ଦେ) ଛୁଣ୍ଡା ମସିଣା ।
କତଲ, ବିଂ. (ଯା) ଖଣ୍ଡ ଖଣ୍ଡ, ଛିନ୍ନ ।
କତା, ବି. ( ଦେ ) ନଡ଼ିଆ ଉପର ଚୋପା, ଅସାର ଦ୍ରବ୍ୟାଦି, କଚ୍ଛୁରୀ ।
କତି, ବି. (ଦେ) ପାଖ, ହୁଡ଼ ହାଣିବା ।
କତିପୟ, ବିଂ. (କତି-ଅୟ) କେତେକ ।
କତୁରି, ବିଂ. (ଦେ) କର୍ତ୍ତିତ, କତୁରୀରେ ଚର୍ତ୍ତି ।
କତୁରିବା, ବି. (ଦେ) କତୁରୀଦ୍ୱାରା କାଟିବା ।
କଥକ, ବିଂ. (କଥ୍-ଅକ) ବର୍ଣ୍ଣନାକାରକ, ବକ୍ତା ।
କଥଞ୍ଚିତ୍, ଅ. (କଥଂ-ଚିତ୍) କୌଣସି ଉପାୟରେ ।
କଥନ, ବି. (କଥ୍-ଅନ) କହିବା ।
କଥନୀୟ, ବିଂ. ( କଥ୍-ଅନୀୟ ) ବକ୍ତବ୍ୟ ।
କଥା, ବି. (କଥ୍-ଅ-ଆ) ବଚନ କାହାଣୀ ।
କଥାପ୍ରସଙ୍ଗ, ବି. (କଥା-ପ୍ରସଙ୍ଗ) କଥୋପକଥନ ।
କଥିତ, ବିଂ. (କଥ୍ ତ) ବ୍ୟକ୍ତ, ବର୍ଣ୍ଣିତ । ବି. କଥା ।
କଥୋପକଥନ, ବି. (କଥା-ଉପକଥନ) କଥାବାର୍ତ୍ତା, ଉକ୍ତିପ୍ରତ୍ୟୁକ୍ତି ।

କଥ୍ୟ, ବି°. (କଥ୍-ଯ) ବକ୍ତବ୍ୟ ।
କଦନ, ବି. (କଦ୍-ଅନ) ପୀଡ଼ନ, ବିନାଶ, ପାପ ।
କଦନ୍ନ, ବି. (କୁ-ଅନ୍ନ) ଅପକୃଷ୍ଟ ଖାଦ୍ୟ ।
କଦବା, ଅ°. (ଦେ) କଦା, କେବେ କେବେ ।
କଦମ୍, ବି. ( ଯା ) ଅଶ୍ୱର ଗତିବିଶେଷ, ପଦକ୍ଷେପ ।
କଦମ୍ବ, ବି. ( କଦ୍-ଅମ୍ବ ) ସ୍ୱନାମ ପ୍ରସିଦ୍ଧ ବୃକ୍ଷ ।
କଦମ୍ବା, ବି.(ଦେ)ଚୂଡ଼ାରେ ତିଆରି ଖାଦ୍ୟବିଶେଷ।
କଦର୍, ବି. (ଯା) ଉପାୟ, ଯତ୍ନ, କୌଶଳ ।
କଦର୍ଥ, ବି. (କୁ-ଅର୍ଥ) କୁତ୍ସିତ ଅର୍ଥ, ନିରର୍ଥକ ।
କଦର୍ଥନ (ନା), ବି. ( କୁ-ଅର୍ଥନା ) ବିଡ଼ମ୍ବନା, ଅବମାନନା ।
କଦର୍ଥିତ, ବି°. (କୁ-ଅର୍ଥ-ଇତ)ଦୂଷିତ,ନିର୍ଯ୍ୟାତିତ ।
କଦର୍ଯ୍ୟ, ବି°. (କୁ-ଅର୍ଯ୍ୟ) କୁତ୍ସିତ, ନୀଚ, କ୍ଷୁଦ୍ର ।
କଦଳ (ଳୀ), ବି. ( କ-ଦଳ-ଅ, ଈ ) ରମ୍ଭାବୃକ୍ଷ ।
କଦା, ଅ°. (କିମ୍-ଦା) କେବେ ।
କଦାକାର } ବି°. (କୁ ଆକାର, ଆକୃତି) ବିଶ୍ରୀ,
କାଦାକୃତ } ଅସୁନ୍ଦର ।
କଦାଚ,ଅ°. (କଦାଚନ ଶବ୍ଦଜ)କଦାଚିତ୍, କେବେ ।
କଦାଚନ } ଅ°. ( କଦା-ଚନ, ଚିତ୍ ) କେବେ,
କଦାଚିତ୍ } କୌଣସି ସମୟରେ ।
କଦାଗ୍ରହୀ, ବି°. ( କୁ-ଆଗ୍ରହ-ଇନ୍ ) ଅସଦାଗ୍ରହୀ ।
କଦାପି, ଅ°. (କଦା-ଅପି) କେବେହେଁ, କେବେଁ ।
କଦୁଷ୍ଣ, ବି°. (କୁ-ଉଷ୍ଣ) ଅଳ୍ପ ଉଷ୍ଣ, ଈଷଦୁଷ୍ଣ ।

କଦ୍ରୁ, ବି. (କଦ୍-ରୁ) ନାଗମାତା ।
କନକ, ବି. (କନ୍-ଅକ) ସୁବର୍ଣ୍ଣ, ଚମ୍ପକ ।
କନକନ, ବିଂ. (ଦେ) ଅତ୍ୟନ୍ତ ଚଞ୍ଚଳ, ଭୀତ, ଉଦ୍‌ବିଗ୍ନ ।
କନକମୟ, ବିଂ. (କନକ-ମୟ) ସୁନାରେ ତିଆରି ।
କନା, ବି. (ଦେ) ଛିଣ୍ଡା ଲୁଗା, ଗଛର ଯେଉଁ ସ୍ଥାନରୁ ଶାଖା ବାହାରେ ।
କନାଉଜ, ବି. ଦେଶବିଶେଷ, କାନ୍ୟକୁବ୍ଜ ।
କନାତ, ବି. (ଯାବନିକ) ତମ୍ବୁ ।
କନିୟର, ବି. ( ଦେଶଜ ) ହଳଦିଆବର୍ଣ୍ଣ ଫଲ ଓ ତାହାର ଗଛ ।
କନିଷ୍ଠ, ବିଂ. (ଯୁବନ୍-ଇଷ୍ଠ) ସାନ, ଅନୁଜ, କ୍ଷୁଦ୍ର ।
କନିଷ୍ଠା, ବି. (କନିଷ୍ଠ-ଆ) କାଣୀଆଙ୍ଗୁଠି, ସାନ ଭଉଣୀ ।
କନୀନକା, ବି. (କନ୍-ଈନ-କ-ଆ) ଚକ୍ଷୁର ତାରା ।
କନୀୟସୀ, ବି. (ଅଳ୍ପ ବା ଯୁବନ୍-ଈୟସ୍-ଈ) ସାନ ଭଉଣୀ ।
କନୀୟାନ୍, ବିଂ. ( ଅଳ୍ପ ବା ଯୁବନ୍-ଈୟସ୍ ) ସର୍ବକନିଷ୍ଠ ।
କନେଷ୍ଟବଲ, ବି. ( ଇଂ. Constable ) ସିପାଇ, ନିମ୍ନତମ ଶାନ୍ତିରକ୍ଷକ କର୍ମଚାରୀ ।
କନ୍ତାର, ବି. (ଦେ) ଏକପ୍ରକାର ଆଖୁ ।
କନ୍ଥା, ବି. (କୁନ୍ଥ୍-ଆ) ଜୀର୍ଣ୍ଣ ବସ୍ତ୍ରରଚିତ ଆଚ୍ଛାଦନ ।
କନ୍ଦ, ବି. (କନ୍ଦ୍-ଅ) ଆଳୁ ପ୍ରଭୃତି ମୂଳ । (ଦେ) ନବାତ ।

କନ୍ଦମୂଳ, ବି. (କନ୍ଦ-ମୂଳ) ଏକଜାତୀୟ ସୁମିଷ୍ଟ ମୂଳ ।

କନ୍ଦର, କନ୍ଦରା, କନ୍ଦରୀ } ବି. (କଂ-ଦୃ-ଅ, ଆ, ଈ) ପର୍ବତଗହ୍ୱର, ଅଙ୍କୁଶ ।

କନ୍ଦର୍ପ, ବି. (କଂ-ଦୃପ୍-ଅ) କାମ, ମଦନ ।

କନ୍ଦଳ, ବି. (କଂ-ଦଲ୍-ଅ)କଳଧ୍ୱନି,ବିବାଦ,କଳହ ।

କନ୍ଦଳୀ, ବି. (କନ୍ଦ-ଲା-ଈ) ପାଣିକେନ୍ଦୁଳୀ ।

କନ୍ଦା, ବି. ( ସ୍କନ୍ଧ ଶବ୍ଦଜ ) ଅଙ୍ଗୁଳି ସନ୍ଧିରେ ଜାତ ରୋଗବିଶେଷ । ଖଜୁରି ପ୍ରଭୃତି ଗଛର ଅଗ୍ରସ୍ଥ କୋମଳାଂଶ, ଙ୍କନ୍ଦନ ।

କନ୍ଧ, ବି. ( ଦେ ) ଗଳା ।

କନ୍ଦୁକ, କନ୍ଦୁକ } ବି. ( କନ୍ଦ-ଉ-କ ) ଖେଳିବାର ପେଣ୍ଡୁ, ବର୍ତ୍ତୁଳାକାର ଖେଳନା ।

କନ୍ଦେଇବା, କ୍ରି. ( ଦେ ) ରୋଦନ କରାଇବା ।

କନ୍ଧର (ରା), ବି. ( କଂ-ଧୃ-ଅ, ଆ) ଗ୍ରୀବା, ବେକ ।

କନ୍ୟକା, କନ୍ୟା } ବି. { କନ୍ୟା-ଅକ-ଆ, କନ୍-ଯ-ଆ } ପୁତ୍ରୀ,ଅବିବାହିତା, ଷଷ୍ଠ ରାଶି ।

କନ୍ୟାକୁବ୍ଜ, ବି. ( କନ୍ୟା-କୁବ୍ଜ ) ଦେଶବିଶେଷ, କାନ୍ୟକୁବ୍ଜ ।

କନ୍ୟାଟ, ବି. (କନ୍ୟା-ଅଟ୍-ଅ)ନାରୀମାନଙ୍କ ବାସଗୃହ ।

କପଟ, ବି. ( କ-ପଟ୍-ଅ ) ଛଳ, ଶଠତା, ବଞ୍ଚନା ।

କପର୍ଦ୍ଦ, କପର୍ଦ୍ଦକ } ବି. (କ-ପୃ-ଦ, କ) କଉଡ଼ି, ଶିବଜଟା ।

କପର୍ଦ୍ଦୀ, ବି. ( କପର୍ଦ-ଇନ୍ ) ଶିବ, ମହାଦେବ ।
କପା, ବି. ( ଦେ ) ତୁଳା ।
କପାଟ
କବାଟ } ବି. ( କ-ପଟ୍-ଅ ) ଦ୍ୱାରର ଆବରଣ ।
କପାଳ, ବି. ( କ-ପାଳ ) ଲଲାଟ, ଅଦୃଷ୍ଟ, ଭାଗ୍ୟ ।
କପାଳିଆ, ବିଂ. ( ଦେ ) ଭାଗ୍ୟବାନ୍ ।
କପାସିଆ, ବି. ( ଦେ ) ଲୁଗା ।
କପି, ବି. ( କମ୍-ଇ ) ମାକଡ଼, କପିଳବର୍ଣ୍ଣ ।
କପିକଳ, ବି. (ଦେ) ଗୁରୁ ବସ୍ତୁ ଉଠାଇବା ଯନ୍ତ୍ରବିଶେଷ ।
କପିଞ୍ଜଳ, ବି. ଗୃତକପକ୍ଷୀ, ମୁନିବିଶେଷ ।
କପିତ୍ଥ, ବି. (କପି-ସ୍ଥା-ଅ) କଇଁଥ ଗଛ, କଇଁଥ ଫଳ ।
କପିଧ୍ୱଜ, ବି. ( କପି-ଧ୍ୱଜା ) ଅର୍ଜୁନଙ୍କ ରଥ ।
କପିଳ, ବି. ( କମ୍-ଇଳ ) ପିଙ୍ଗଳବର୍ଣ୍ଣ, ସାଙ୍ଖ୍ୟ ପ୍ରଣେତା ମୁନି ।
କପିଶ, ବି. ( କପି-ଶ ) ନୀଳ ପୀତ ମିଶ୍ରିତ ବର୍ଣ୍ଣ ।
କପିଶା, ବି. ନଦୀବିଶେଷ, ଉତ୍କଳର ଉତ୍ତର ଦିଗସ୍ଥ ନଦୀ ।
କପୂର, ବି. ( ଦେ ) କର୍ପୂର ।
କପୋତ, ବି. ( କ-ପୋତ ) ପାରାବତ, ପାରା ପକ୍ଷୀ ।
କପୋଳ, ବି. ( କ-ପୋଲ୍-ଅ ବା କପ୍-ଓଳ ) ଗଣ୍ଡଦେଶ ।
କପୋଳକଳ୍ପିତ, ବିଂ. (କପୋଳ-କଳ୍ପିତ) ମନଗଢ଼ା ।
କଫ, ବି. ( କ-ଫଲ୍-ଅ ) ଶ୍ଳେଷ୍ମା ।

କଫ ( ଫେ ) ଣି, ବି. ( କ-ଫଣ୍-ଇ ) କହୁଣି ।

କବ୍ଜା, ବି. ( ଯା ) କବାଟର ଯୋଜକ ଲୁହାକଳ, ହସ୍ତର ମଣିବନ୍ଧ ପାଖ ଗଣ୍ଠି ।

କବଟା, ବି. ( ଦେ ) ଛିଣ୍ଡା ଲୁଗାର ଏକଖଣ୍ଡ ।

କବନ୍ଧ, ବି. (କ-ବଧ-ଅ ବା କ-ବନ୍ଧ୍-ଅ) କ୍ରିୟାଯୁକ୍ତ ମସ୍ତକଶୂନ୍ୟ ଦେହ ।

କବର, ବି. ( ଯା ) ସମାଧି ସ୍ଥାନ ।

କବଲ୍, ବି. ( ଯା ) କଣାବକା ଦଲିଲ୍ ।

କବାବ୍‌ଚିନି, ବି. ( ଦେ ) ଏକପ୍ରକାର ମସଲା, ଶୀତଳ ମରିଚ ।

କବୁଲ୍, ବି. ( ଯା ) ସ୍ୱୀକାର ।

କମ୍, ବିଂ. ( ଯା ) ଅଳ୍ପ ।

କମ, ବି. ( ଦେ ) ସୂକ୍ଷ୍ମ ଶିଳ୍ପକର୍ମ, ହସ୍ତାଭରଣ-ବିଶେଷ ।

କମଠ, ବି. ( କମ୍-ଅଠ ) କୂର୍ମ, କଚ୍ଛପ, ସନ୍ୟାସୀ-ମାନଙ୍କ ଜଳପାତ୍ର ।

କମଣ୍ଡଳୁ, ବି. ( କ-ମଣ୍ଡ-ଲ-ଉ ) ସନ୍ନ୍ୟାସୀ ବା ବ୍ରହ୍ମଚାରୀମାନଙ୍କର କାଷ୍ଠନିର୍ମିତ ଜଳପାତ୍ର ।

କମନୀୟ, ବିଂ. ( କମ୍-ଅନୀୟ ) ସୁନ୍ଦର, ମନୋହର ।

କମର, ବି. ( ଯା ) ଅଣ୍ଟା ।

କମଳ, ବି. ( କମ୍-ଅଳ ) ପଦ୍ମ, ଜଳ ।

କମଳଜ, ବି. ( କମଳ-ଜନ୍-ଅ ) ଚନ୍ଦ୍ର, ବ୍ରହ୍ମା ।

କମଳଣୀ<br>କମଳାମା } ବି. ( ଦେ ) ଲକ୍ଷ୍ମୀ ।

କମଳା, ବ. ( କମଲ୍-ଅ, ଆ ) ଲକ୍ଷ୍ମୀ । ( ଦେଶଜ ) ଲେମ୍ବୁବିଶେଷ ।

କମଳାକର, ବ. ( କମଳ-ଆକର ) ପଦ୍ମାକର, ଯେଉଁ ପୁଷ୍କରିଣୀରେ ଅନେକ ପଦ୍ମ ଥାଏ ।

କମଳାସନ, ବ. ( କମଳ-ଆସନ ) ପଦ୍ମାସନ, ବ୍ରହ୍ମା ।

କମଳିନୀ, ବ. (କମଳ-ଇନ୍-ଈ) ପଦ୍ମିନୀ, ପୁଷ୍କରିଣୀ ।

କମା, ବ. (ଦେ) ଦକ୍ଷିଣିଆ ନୈଷ୍ଠିକ ବ୍ରାହ୍ମଣ । (ଇଂ. comma) ପ୍ରଥମ ଚ୍ଛେଦ ।

କମାଇବା, କ୍ରି. (ଦେ)ଉପାର୍ଜନ କରିବା, କମ୍ କରିବା ।

କମାଣ, ବ. ( ଦେ ) କାର୍ମୁକ, ଧନୁ ।

କମାର, ବ. ( ଦେ ) ଲୁହା କାମ କରିବା ଜାତି ।

କମିଜ, ବ. ( ଯା ) ଏକପ୍ରକାର ଜାମା ।

କମ୍ପ } ବ. ( କମ୍ପ-ଅ, ଅନ ) ଥରିବା । ବିଂ.
କମ୍ପନ } କମ୍ପକାରକ ।

କମ୍ପମାନ, ବିଂ. (କମ୍ପ-ମାନ)କମ୍ପାନ୍ୱିତ, ଯେ କମ୍ପୁ ଅଛି ।

କମ୍ପିତ, ବିଂ. ( କମ୍ପ-ତ ) ଚଳିତ, କମ୍ପଯୁକ୍ତ ।

କମ୍ବଳ, ବ. (କମ୍-ବଳ) ପଶୁର ଲୋମନିର୍ମିତ ଆସନ-ବିଶେଷ, କଳ ।

କମ୍ବୁ, ବ. ( କମ୍ବ୍-ଉ ) ଶଙ୍ଖ, ଶମ୍ବୁକ, ବଳୟ । ବିଂ. ଚିତ୍ରିତ ।

କମ୍ବୁକଣ୍ଠୀ, ବ. ( କମ୍ବୁ-କଣ୍ଠ-ଈ ) କମ୍ବୁଗ୍ରୀବା ।

କମ୍ବୁଗ୍ରୀବା, ବ. ( କମ୍ବୁ-ଗ୍ରୀବା ) ଶଙ୍ଖ ପରି ରେଖା-ତ୍ରୟ ଯୁକ୍ତ ଗଳଦେଶ ।

କମ୍ବାଁ, ବ. ( ଦେ ) କଞ୍ଚା ତନ୍ତୁଳୀଫଳ ।

କର, ବ. ( କୃ-ଅ ) କରଣ, ରାଜସ୍ୱ, ହସ୍ତ, ହାତିର ଶୁଣ୍ଡ, । ବଂ. କାରକ ।

କରକ, ବ. ( ଦେ ) ଡାଳିମ୍ବ, ଦାଡ଼ିମ୍ବ ।

କରକଚ, ବ. ( ଦେ ) ସାମୁଦ୍ରିକ ଲବଣ ।

କରକଗ୍ର, ବ. ( ଦେ ) ଚୂନମିଶ୍ରିତ କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତର ।

କରକା, ବ. ( କୃ-ଅକ୍-ଆ ) କୁଆପଥର ।

କରଙ୍କ, ବ. ( କୃ-ଅଙ୍କ ) କମଣ୍ଡଳୁ, ମସ୍ତକ ।

କରଚୁଲି, ବ. ( ଦେ ) ଲୁହା ଅଣକ ବା ଡଙ୍କା ।

କରଜ, ବ. ( କର-ଜ ) ନଖ, କରଞ୍ଜବୃକ୍ଷ, ଋଣ ।

କରଞ୍ଜ, ବ. ( କ-ରନଜ୍-ଅ ) ଏକପ୍ରକାର ଗଛ ଓ ତାହାର ଫଳ ।

କରଟ<br>କରଟକ } ବ. ( କରଟ-ଅ, କ ) କାକ ।

କରଟା, ବ. ( କରଟ-ଆ ) ଯେଉଁ ଗାଈ କଷ୍ଟରେ ଦୁଧ ଦିଏ, ଆଦ୍ୟ ଶ୍ରାଦ୍ଧ ।

କରଡ଼ା, ବଂ. ( ଦେ ) କର୍କଶ, ମୁଗ ପ୍ରଭୃତି ଶସ୍ୟର ଫଳହୀନ ଶୁଷ୍କ ଚୋପା ।

କରଣ୍ଡ, ବ. ( ଦେ ) ବାଉଁଶଗଜା ।

କରଣ, କ୍ଲୀ. ( କୃ-ଅନ ) କାରକବିଶେଷ, ଜାତିବିଶେଷ ।

କରଣୀ, ବ. ( କରଣ-ଈ ) ମାହାତ୍ମ୍ୟ, ରାଜମିସ୍ତ୍ରି-ମାନଙ୍କର ଲୌହନିର୍ମିତ ଶସ୍ତ୍ର ।

କରଣୀୟ, ବଂ. ( କୃ-ଅନୀୟ ) ଯାହା କରିବା ଉଚିତ, କର୍ତ୍ତବ୍ୟ ।

କରତ, ବି. ( ଦେ ) କରପତ୍ର, କାଠ ଚିରିବା ଅସ୍ତ୍ର-ବିଶେଷ ।

କରତଳ, ବି. ( କର-ତଳ ) ପାପୁଲି, ହସ୍ତତଳ ।

କରତାଳ, } ବି. ( କର-ତାଳ, ତାଳୀ ) ଝାଞ୍ଜ,
କରତାଳୀ, } ହାତତାଳୀ ।

କରଦ, ବିଂ. (କର-ଦା-ଅ) କରପ୍ରଦ, ଯେ ଅନ୍ୟକୁ ଖଜଣା ଦିଏ ।

କରନାଳ, ବି. ( ଦେ ) ଶାଖାନାଳ, କ୍ଷୁଦ୍ର ନାଳ ।

କରନ୍ତା, ବିଂ. (ଦେ) ଯେ କରେ, ଯାହା କରାଯାଏ ।

କରନ୍ୟାସ, ବି. ( କର-ନି-ଅସ୍-ଅ ) ମନ୍ତ୍ରପାଠ କରି କରଚ ଦ୍ୱାରେ ଅଙ୍ଗୁଳ୍ୟାଦି ସ୍ପର୍ଶନ ।

କରପକ୍ଷ, ବି. ( କର-ପକ୍ଷ ) ବାଦୁଡ଼ି, ଚେମେଣି ।

କରପତ୍ର, ବି. (କର-ପତ୍ର) କରତ, ହସ୍ତତଳ ।

କରପଲ୍ଲବ, ବି. ( କର-ପଲ୍ଲବ) ଅଙ୍ଗୁଳି, ପାପୁଲି ।

କରପାଳ } ବି. ( କର-ପାଳ, ବାଳ ) ଖଡ୍ଗ,
କରବାଳ } ଖଣ୍ଡା ।

କରପୀଡ଼ନ, ବି. ( କର-ପୀଡ଼ନ ) ପାଣିଗ୍ରହଣ, ହସ୍ତକମ୍ପନ, ( Shake hand ) ।

କରପୁଟ, ବି. (କର-ପୁଟ) ଯୋଡ଼ହାତ, କୃତାଞ୍ଜଳି ।

କରବା, ବି. (ଦେ) ଏକପ୍ରକାର ମୂଳ ।

କରବାଡ଼, ବି. ( ଦେ ) ବଡ଼ ଗ୍ରାମ ।

କରଭ, ବି. (କର-ଭା-ଅ ବା କୃ-ଅଭ) ମଣିବନ୍ଧଠାରୁ କନିଷ୍ଠାଙ୍ଗୁଳି ପର୍ଯ୍ୟନ୍ତ କର ବହିର୍ଭାଗ ।

କରଭୂ, ବି. ( କର-ଭୂ ୦ ) ନଖ ।
ହାତକୁଆ, ହାତଶୁଣ୍ଢ ।
କରଭୂଷଣ, ବି. (କର-ଭୂଷଣ) ହସ୍ତାଭରଣ, କଙ୍କଣ ।
କରଭୋରୁ, ବି. ସ୍ତ୍ରୀ. ( କରଭ-ଊରୁ ) ସୁନ୍ଦରୀ ସ୍ତ୍ରୀ, ଯାହାର ଊରୁ କରଭ ଅର୍ଥାତ୍ ହାତଶୁଣ୍ଢ ପରି ।
କରମଙ୍ଗା, ବି. (ଦେ) କମରଙ୍ଗ ଫଳ ।
କରମ୍ଭିତ, ବିଂ. ( କରମ୍ଭ-ଇତ ) ମିଶ୍ରିତ, ଖଚିତ ।
କରରୁହ, ବି. (କର-ରୁହ) ନଖ, ଆଙ୍ଗୁଳି ।
କରବୀର, ବି. (କର-ବୀର) ପୁଷ୍ପବୃକ୍ଷ, କଣିଅରଗଛ ।
କରା, ବି. (ଦେ) କୁଆପଥର ।
କରା(ରେ)ଇ, ବି. (ଦେଶଜ) କଡ଼ାଇ, ଲୌହପାତ୍ର-ବିଶେଷ ।
କରାଟ, ବି. (ଦେଶଜ) ପିତ୍ତଳନିର୍ମିତ ଛୋଟ ଡବା ।
କରାଣ୍ଡି, ବି. (ଦେ) କେରାଣ୍ଡି ମାଛ ।
କରାମତ (ତି), ବି. (ଯା) ଶକ୍ତି, ସାମର୍ଥ୍ୟ ।
କରାର, ବି. (ଯା) ଅଙ୍ଗୀକାର, ସ୍ୱୀକାର ।
କରାଳ, ବି. (କର-ଅଲ୍-ଅ) ଝଣା । ବିଂ. ଭୟାନକ ।
କରଆ, ବି. (ଦେ) ଛୋଟ ଗାମୁଛା ।
କରଣୀ, ବି. ( କର-ଇନ୍-ଈ ) ହସ୍ତିନୀ ।
କରି(ରୀ)ର, ବି.(କୃ-ଇର, ଈର) କରଡ଼, ବାଉଁଶ-ଗଜା ।
କରିଷ, ବି. (କର୍ଷ ଶବ୍ଦଜ) ପଳର ଚତୁର୍ଥାଂଶ ।
କରୀ, ବି. ( କର-ଇନ୍ ) ହସ୍ତୀ ।

କରୀନ୍ଦ୍ର, ପୁଂ. ( କରନ୍-ଇନ୍ଦ୍ର ) ହସ୍ତିଶ୍ରେଷ୍ଠ । ବି. ଐରାବତ ହସ୍ତୀ ।

କରୁଣ, ବି. (କୃ-ଉନ) କାବ୍ୟର ରସବିଶେଷ। ବିଂ. ଅନୁଗ୍ରହ, କାତର, ଦୀନ ।

କରୁଣାମୟ, ବିଂ. (କରୁଣା-ମୟ) ଦୟାମୟ ।

କରେଣୁ, ବି. (କୃ-ଏନୁ) ହସ୍ତୀ ।

କରୋଟି, ବି. (କ-ରୁଟ୍-ଇ) ମୁଣ୍ଡର ଖପୁର ।

କର୍କଟ, ବି. ( କର୍-ଅଟ ) କଙ୍କଡ଼ା, କର୍କଟ ରାଶି, ସୌର ଶ୍ରାବଣ ମାସ ।

କର୍କଟକ୍ରାନ୍ତି, ବି. (Tropic of Cancer) ନିରକ୍ଷ, ରେଖାଠାରୁ ୨୩୨ ଅଂଶ ଦୂରରେ ଯେଉଁ ଅକ୍ଷ-ରେଖା ଅଛି ।

କର୍କଟୀ } ( କର୍କଟ-ଈ, କ-ଆ) କାକୁଡ଼, କଙ୍କଡ଼ା
କର୍କଟିକା } କଳସୀ ।

କର୍କନ୍ଧୁ } ବି. ( କର୍କ-ଧା-ଉ, ଊ ) ବରକୋଳି
କର୍କନ୍ଧୂ } ଓ ତାହାର ଗଛ ।

କର୍କର ( ରା ), ବି. ( କର୍କ-ର-ଅ, ଆ ) ଗେଙ୍ଗୁଟି, ଗୋଡ଼, ଦର୍ପଣ, ଅନୁକରଣ ଅବ୍ୟୟ ।

କର୍କଶ, ବି. (କର୍କ-ଶ) ରୁକ୍ଷ । ବିଂ. ନିର୍ଦ୍ଦୟ, କଠିନ ।

କର୍କାରୁ, ବି. ( କର୍କ-ଋ-ଉ ) କୁଷ୍ମାଣ୍ଡ, କଖାରୁ ।

କର୍ଜ, ବି. (ଦେ) ଋଣ, କରଜ ।

କର୍ଣ୍ଣ, ବି. ( କର୍ଣ୍ଣ-ଅ ) ଶ୍ରବଣେନ୍ଦ୍ରିୟ ।

କର୍ଣ୍ଣକୁହର, ବି. ( କର୍ଣ୍ଣ-କୁହର ) କର୍ଣ୍ଣର ଛିଦ୍ର ।

କର୍ଣ୍ଣଗୋଚର, ବିଂ. (କର୍ଣ୍ଣ-ଗୋଚର) ଶ୍ରୁତଗୋଚର ।
କର୍ଣ୍ଣଧାର, ବି. (କର୍ଣ୍ଣ-ଧାର) ନାବିକ, ମାଝି ।
କର୍ଣ୍ଣପୂର, ବି. ( କର୍ଣ୍ଣ-ପୂର୍-ଅ ) କର୍ଣ୍ଣଭୂଷଣ ।
କର୍ଣ୍ଣବେଧ, ବି. ( କର୍ଣ୍ଣ-ବେଧ ) ଚୂଡ଼ାକରଣ, କାନ-ଫୋଡ଼ା ।
କର୍ଣ୍ଣାଟ, ବି. ( କର୍ଣ୍ଣ-ଅଟ୍-ଅ ) ଦ୍ରାବିଡ଼ର ଉତ୍ତର ପଶ୍ଚିମସ୍ଥ ଦେଶ ।
କର୍ଣ୍ଣାଟିକା, ବି. ସ୍ତ୍ରୀ. ( କର୍ଣ୍ଣାଟ-କ-ଆ ) କର୍ଣ୍ଣାଟ ଦେଶୀୟ ସ୍ତ୍ରୀ ।
କର୍ଣ୍ଣିକା, ବି. ( କର୍ଣ୍ଣ-ଇକ୍-ଆ ) କର୍ଣ୍ଣଭୂଷଣ, ପୁଷ୍ପର ମଧ୍ୟସ୍ଥଳ ।
କର୍ଣ୍ଣିକାର, ବି. ( କର୍ଣ୍ଣିକା-ଋ-ଅ ) କନିଅରଗଛ ଓ ଫୁଲ ।
କର୍ଣ୍ଣୀରଥ, ବି. ( କର୍ଣ୍ଣୀ-ରଥ ) ସ୍ତ୍ରୀଲୋକଙ୍କ ଯିବା ପାଇଁ ବ୍ୟବହୃତ ବସ୍ତ୍ରାବୃତ ରଥବିଶେଷ, ଡୋଲି ।
କର୍ଣ୍ଣେଜପ, ବି. ( କର୍ଣ୍ଣେ-ଜପ୍-ଅ ) ଖଳ, ଖଟୁଆ ।
କର୍ତ୍ତନ, ବି. ( କୃତ୍-ଅନ ) ଛେଦନ ।
କର୍ତ୍ତରୀ, ବି. ( କୃତ୍-ଅର-ଈ ) କଟୁରି, କଇଁଚି ।
କର୍ତ୍ତବ୍ୟ, ବି. (କୃ-ତବ୍ୟ)କରଣୀୟ । (ଦେ) ବଳ ।
କର୍ତ୍ତା, ବି. ( କୃ-ତୃ ) ପ୍ରଭୁ, କାର୍ଯ୍ୟକାରକ, ବିଧାତା, କାରକବିଶେଷ । ବିଂ. ପ୍ରଣେତା, ସ୍ୱାମୀ ଅଧ୍ୟକ୍ଷ ।
କର୍ତ୍ତୃତ୍ୱ, ନ. ( କର୍ତ୍ତୃ-ତ୍ୱ ) ଅଧିକାର ।
କର୍ଦ୍ଦମ, ବି. ( କର୍ଦ୍ଦ-ଅମ୍ ) କାଦୁଅ, ପଙ୍କ ।

କର୍ପଟ
କର୍ପଟି
କର୍ପଟିକା } ବି. (କୃପ-ଅଟ୍, ଇ, ଅକ) ଛିଣ୍ଡା କନା ପୁରାତନ ବସ୍ତ୍ର ।

କର୍ପାସ, ବି. ( କୃ-ପାସ ) କପା, ତୂଳା ।

କର୍ପୂର, ବି. ( କୃପ୍-ଊର ) ଶୁଭ୍ରବର୍ଣ୍ଣ ଗନ୍ଧଦ୍ରବ୍ୟ ବିଶେଷ ।

କର୍ପୂରରସ, ବି. (କର୍ପୂର-ରସ) ପାରଦ ।

କର୍ବୁର
କର୍ବୂର } ବି (କର୍ବ୍-ଉର, ଊର) ସୁବର୍ଣ୍ଣ, ଜଳ, ରାକ୍ଷସ ।

କର୍ବୁରିତ, ବିଂ. (କର୍ବୁର-ଇତ) ନାନାବର୍ଣ୍ଣରଞ୍ଜିତ ।

କର୍ମକାର, ବି. (କର୍ମନ୍-କୃ-ଅ)କମାର,ଲୌହକାର ।

କର୍ମକାଣ୍ଡ, ବି. (କର୍ମ-କାଣ୍ଡ) କର୍ମସମୂହ, ବେଦାଂଶ-ବିଶେଷ ।

କର୍ମକ୍ଷେତ୍ର, ବି. (କର୍ମ-କ୍ଷେତ୍ର) ଭାରତବର୍ଷ,ଗୃହକର୍ମର ସ୍ଥାନ, ଭୋଗଭୂମି ।

କର୍ମଚାରୀ, ବି. ( କର୍ମ-ଚର୍-ଇନ୍ ) ବେତନଭୋଗୀ ଭୃତ୍ୟ ।

କର୍ମଠ, ବିଂ. (କର୍ମନ୍-ଠ) କର୍ମଦକ୍ଷ, ପାରଗ ।

କର୍ମଣିଆ, ବିଂ. (ଦେ) କର୍ମନିଷ୍ଠ, ନିଷ୍ଠାପର ବ୍ରାହ୍ମଣ ।

କର୍ମଣ୍ୟ, ବିଂ. (କର୍ମନ୍-ଯ) କର୍ମଯୋଗ୍ୟ, କର୍ମଠ ।

କର୍ମଧାରୟ, ବି.(କର୍ମ-ଧୃ-ଇ-ଅ)ବିଶେଷ୍ୟ ଓ ବିଶେଷଣ ଘଟିତ ସମାସ ।

କର୍ମନାଶା, ବି. ( କର୍ମ-ନାଶ୍-ଅ-ଆ ) ନଦୀବିଶେଷ, ଏହି ନଦୀର ଜଳ ଛୁଇଁଲେ ସମସ୍ତ ପୁଣ୍ୟକର୍ମର ଫଳ ନଷ୍ଟ ହୁଏ ।

କର୍ମଯୋଗ, ବି. ( କର୍ମ-ଯୋଗ ) ଚିତ୍ତଶୁଦ୍ଧିଜନକ କର୍ମାଚରଣ ।

କର୍ମିଷ୍ଠ, ବି. (କର୍ମନ୍-ଇଷ୍ଠ) ଅତିଶୟ କର୍ମକୁଶଳ ।

କର୍ମୀ, ବିଂ. ( କର୍ମନ୍-ଇନ୍ ) କାର୍ଯ୍ୟଦକ୍ଷ, କର୍ମକାରୀ ।

କର୍ମେନ୍ଦ୍ରିୟ, ବି. (କର୍ମ-ଇନ୍ଦ୍ରିୟ) ବାକ୍, ପାଦ, ହସ୍ତ, ପାୟୁ ଓ ଉପସ୍ଥ ଏହି ପାଞ୍ଚ ।

କର୍ଷ ବି. (କୃଷ୍-ଅ)କର୍ଷଣ, ଚାଷ, ଏକ ପଳର ¼ ଅଂଶ, ଏକ ତୋଳା ।

କର୍ଷଣ, ବି. (କୃଷ୍-ଅନ) ଆକର୍ଷଣ, ଚାଷ ।

କର୍ଷିତ, ବିଂ. (କୃଷ୍-ଇ-ତ) ଯେଉଁ ଭୂମି ଚାଷ କରାଯାଇଅଛି, କୃଷ୍ଟ ।

କଳ, ବି. (କଲ୍-ଅ)ଅବ୍ୟକ୍ତ ମଧୁର ଧ୍ୱନି । (ଦେ)ଯନ୍ତ୍ର, କୌଶଳ, ମୁଖଗହ୍ୱର ।

କଳକଣ୍ଠ, ବି. (କଳ-କଣ୍ଠ)କୋକିଳ,କପୋତ,ହଂସ ।

କଳକଳ, ବି. (କଳ-କଳ) କୋଳାହଳ ।

କଳଘୋଷ, ବି. (କଳ-ଘୋଷ) କୋକିଳ ।

କଳଙ୍କ, ବି. ( କ-ଲନ୍କ୍-ଅ ) ଚିହ୍ନ, ଅପଯଶ, ଲୌହାଦି ପାତ୍ରରେ ମରିଚା ପଡ଼ିବା ।

କଳଙ୍କିତ } ବିଂ. ( କଳଙ୍କ-ଇତ, ଇନ୍ ) କଳଙ୍କ
କଳଙ୍କୀ } ଯୁକ୍ତ, ଅପବାଦଗ୍ରସ୍ତ ।

କଳତ୍ର, ବି. (କଲ୍-ଅତ୍ର) ବା (କଳ-ତ୍ରୈ-ଅ) ଭାର୍ଯ୍ୟା, ସ୍ତ୍ରୀ ।

କଳଧୂତ
କଳଧୌତ } ବି. (କଳ-ଧୌତ) ସୁବର୍ଣ୍ଣ, ସୁନା ।

କଳନ, ବି. (କଲ୍-ଅନ) ଧାରଣ, ପରିଧାନ, ମାପ ।

କଳନା, ବି. ( କଲ୍-ଅନ-ଅ-ଆ ) ଗଣନା, ଦର୍ଶନ, ଗ୍ରହଣ, ଗ୍ରାସିବା ।

କଳନ୍ତର, ବି. (ଦେଶଜ) ସୁଧ ।

କଳଭ, ବି. (କର-ଭୃ-ଅ, ର=ଳ) ହାତୀଛୁଆ ।

କଲମ, ବି. (କଲ-ଅ-ମ) ଧାନ୍ୟବିଶେଷ, ଲେଖନୀ, ଏକପ୍ରକାର ଲତା ।

କଳମତ୍ତ, ବିଂ. (କଳ-ମତ୍ତ) ଉନ୍ମତ୍ତ ।

କଲମଦାସ, ବି. (ଦେ) କଲମକଣ୍ଠା ଛୁରୀ ।

କଲମା, ବି. (ଯା) ମୁସଲମାନମାନଙ୍କ ଉପାସନା ।

କଲମି, ବି. (ଦେ) କଲମ ଗଛରୁ ଉତ୍ପନ୍ନ ।

କଳମ୍ବ, ବି. ( କଡ୍-ଅମ୍ବ ) ବାଣ, କଦମ୍ବଗଛ, ଏକପ୍ରକାର ଜଳଜ ଲତା ।

କଳରବ, ବି. (କଳ-ରବ) କପୋତ, କଳଧ୍ୱନି ।

କଲସା, ବି. ( ଦେଶଜ ) ଏକପ୍ରକାର ପିଠା ଫଳ, (ଇଂ. cholera) ହଇଜା, ଝାଡ଼ାବାନ୍ତି ।

କଲବଲ, ବି. (ଦେ) ଆକୁଳ, ବ୍ୟସ୍ତ ।

କଳବଙ୍କ, ବି. ( କଳ-ବଙ୍କ୍ ଅ ) ଘରଚଟିଆ ।

କଳସ (ଶ, ସୀ, ଶୀ), ବି. ( କ-ଲସ୍-ଅ ) କଳସୀ, ଜଳପାତ୍ର, ମାଠିଆ ।

କଳହ, ବି. (କଳ-ହନ୍-ଅ) କଜିଆ, ବିବାଦ ।
କଳହଂସ, ବି. (କଳ-ହଂସ) ରାଜହଂସ ।
କଳହାନ୍ତରିତା, ବି. ସ୍ତ୍ରୀ. ଯେଉଁ ନାୟିକା ନାୟକ ସଙ୍ଗରେ କଳହ କରି ପଶ୍ଚାତ୍ତାପ କରେ ।
କଳା, ବି. (କଲ୍-ଆ) ଚନ୍ଦ୍ରର ଷୋଡ଼ଶଭାଗ, ଅଳ୍ପ ସମୟ, ସୂକ୍ଷ୍ମ ଶିଳ୍ପ । (ଦେ)-କୃଷ୍ଣ ।
କଳା (ଳେ)ଇ. ବି. (ଦେ)କଣ୍ଟା ଧାନଗଛର ଧାଡ଼ି ।
କଳାକର, ବି. (କଳା-ଆକର) ଚନ୍ଦ୍ର ।
କଳାଜୀରା, ବି. (ଦେଶଜ) କୃଷ୍ଣ ଜୀରକ ।
କଳାଦ, ବି. (କଳା-ଦା-ଅ) ସୁନାରି ବଣିଆ ।
କଳାନିଧି, ବି. (କଳା-ନିଧି) ଚନ୍ଦ୍ର ।
କଳାପ, ବି. (କଳ-ଆପ) ସମୂହ, ଚନ୍ଦ୍ର, ମୟୂରପୁଚ୍ଛ, ମେଖଳା, ବ୍ୟାକରଣବିଶେଷ ।
କଳାପାଣି, ବି. (ଦେ)ଜାହାଜରେ ଝୁଣା ଲଗାଇବା, କଜ୍ଜ୍ୱଳ ରଖିବା ପାତ୍ର ।
କଳାପୀ, ବି. (କଳାପ-ଇନ୍) ମୟୂର, କୋକିଳ ।
କଳାବତୀ, ବିଂ. ସ୍ତ୍ରୀ (କଳା-ବତୁ-ଈ) ଗୁଣବତୀ ସ୍ତ୍ରୀ ।
କଳାବନ୍ତ, ବିଂ. (ଦେ) ଶ୍ରୀମନ୍ତ, ରସିକ ।
କଳାଳାପ, ବି. (କଳ-ଆଳାପ) ଅବ୍ୟକ୍ତ ମଧୁର ଧ୍ୱନି ।
କଳି, ବି. (କଲ୍-ଇ) ଦ୍ୱେଷ, ୪ର୍ଥ ଯୁଗ, କଳହ ।
କଳି, ବି. ( ଦେ ) ଶାମୁକାରୁ ଜାତ ଚୂନ, ଚିତା, ତିଳକବିଶେଷ ।
କଳିଆ, ବିଂ. ( ଦେ ) ଅନର୍ଥ ପ୍ରିୟ ।

କଳଆର, ବ. ( ଦେ ) ଘାତର ଖଡ଼ୁ ।
କଲକତରୀ, ବ. (ଦେ) ଏକପ୍ରକାର ପୋକ, କଳଆ ।
କଳିକା } ବି. ( କଳ-ଇ-କ-ଆ, ଈ ) ଫୁଲକଢ଼ ।
କଳୀ }
କଳଗୋଳ, ବ. ( ଦେ ) କଳହ, କୋଳାହଳ ।
କଳିଙ୍ଗ, ବ. ( କଳ-ଗମ-ଅ ) ଦେଶବିଶେଷ ।
କଲିଜା, ବି. ( ଯାବନିକ ) ହୃଦୟସ୍ଥ କୋମଳ ମାଂସ-ଗ୍ରନ୍ଥିବିଶେଷ ।
କଳିତ, ବିଂ. ( କଳ-ତ ) ଜ୍ଞାତ, ଧୃତ, ଗଣିତ ।
କଳିନ୍ଦ, ବ. ( କଳି-ଦା-ଅ ) ସୂର୍ଯ୍ୟ, ପର୍ବତବିଶେଷ । ( ଦେ ) ଉର୍ବରଭୂମି ।
କଳିନ୍ଦଜା, ବି. ( କଳିନ୍ଦ-ଜନ୍-ଅ-ଆ ) ଯମୁନା ।
କଳିଯୁଗ, ବ. ( କଳି-ଯୁଗ ) ୪ର୍ଥ ଯୁଗ, ଏ ଯୁଗର ପରିମାଣ ୪୩୨ ଲକ୍ଷ ବତିଶ ହଜାର ବର୍ଷ ।
କଳିୟାର, ବ. (ଦେ) ଘୋଡ଼ାର ମୁହଁ ଭିତରେ ଦେବା ଲଗାମର ଲୁହା ।
କଳୁଷ, ବି. ( କଲ୍-ଉଷ ) ପାପ ।
କଳୁଷିତ, ବିଂ. ( କଳୁଷ-ଇତ ) ପାପଯୁକ୍ତ, କଳଙ୍କିତ ।
କଲେକ୍ଟର, ବ. (ଇଂ. collector ) ଜିଲ୍ଲାର ଅଧ୍ୟକ୍ଷ, ଆଦାୟକାରୀ ।
କଲେଜ, ବ. (ଇଂ. College) ଉଚ୍ଚ ବିଦ୍ୟାଳୟ ।
କଳେବର, ବ. (କଳେ-ବର) ଶରୀର, ଗାତ୍ର ।

କଲ୍କି (ଳୀ), ବି. (କଲ୍କ-ଇନ୍) ବିଷ୍ଣୁଙ୍କ ଦଶମ ଅବତାର ।
କଳ୍ପ, ବି. ( କୃପ୍-ଅ ) ବେଦାଙ୍ଗ ଗ୍ରନ୍ଥବିଶେଷ, ବ୍ରହ୍ମାଙ୍କ ଦିବାଭାଗ, ପ୍ରଳୟ ।
କଳ୍ପତରୁ
କଳ୍ପଦ୍ରୁ
କଳ୍ପଦ୍ରୁମ
କଳ୍ପବୃକ୍ଷ
} ବି. (କଳ୍ପ-ତରୁ, ଦ୍ରୁ, ଦ୍ରୁମ, ବୃକ୍ଷ) ଅଭୀଷ୍ଟ ଫଳପ୍ରଦ ସ୍ୱର୍ଗୀୟ ବୃକ୍ଷ ।
କଳ୍ପନା, ବି. ( କୃପ୍-ଅନ୍-ଆ ) ରଚନା, ଆରୋପ, ପର୍ଯ୍ୟାପ୍ତି, ମନନ ।
କଳ୍ପିତ, ବିଂ. ( କଳ୍ପ-ତ ) ସମ୍ପାଦିତ, ଆରୋପିତ, ଅବଧାରିତ ।
କଳ୍ମଷ, ବି. (କର୍ମ-ସୋ-ଅ) ପାପ, ନରକବିଶେଷ । ବିଂ. ପାପିଷ୍ଠ ।
କଲ୍ୟ, ବି.(କଲ୍-ଯ) ଗତ ଦିବସ, ଆଗାମୀ ଦିନ, ସକାଳ ।
କଲ୍ୟାଣ, ବି. (କଲ୍ୟ-ଅଣ୍-ଅ) ମଙ୍ଗଳ । ବିଂ. ସୁଖୀ ।
କଲ୍ୟାଣୀୟ, ବିଂ. (କଲ୍ୟାଣ-ଈୟ) କଲ୍ୟାଣଯୋଗ୍ୟ ।
କଲ୍ଲୋଳ, ବି. (କଲ୍ଲ-ଓଳ) ମହାତରଙ୍ଗ, ଆନନ୍ଦ ।
କଲ୍ଲୋଳିନୀ, ବି. (କଲ୍ଲୋଳ-ଇନ୍-ଈ) ନଦୀ ।
କବଚ, ବି. ( କୁ-ଅଚ ) ସାଞ୍ଜୁ, ସାଞ୍ଜ, ବର୍ମ, ତନ୍ତ୍ରୋକ୍ତ ମନ୍ତ୍ରବିଶେଷ ।
କବନ, ବି. (କବ୍-ଅନ) କବିତ୍ୱ ।
କବର, ବି. (ଯା) ସମାଧି । (କୁ-ଅର) କେଶବିନ୍ୟାସ ।
କବରୀ, ବି. (କବର-ଈ) କେଶବିନ୍ୟାସ, ଜୁଡ଼ା ।

କବଳ, ବି. (କ-ବଳ୍-ଅ) ଗ୍ରାସ, ମୁଖଗହ୍ୱର, କଳ ।

କବଳିତ, ବିଂ. (କବଳ-ତ) କୃତଗ୍ରାସ, ଭକ୍ଷିତ ।

କବାଟ (ଟୀ), ବି. ( କ-ବଟ୍-ଅ, ଇ ) କପାଟ, ଦ୍ୱାରର ଆବରଣ ।

କବାଲା, ବି. (ଯା) କ୍ରୟବିକ୍ରୟପତ୍ର ।

କବି, ବି. (କବ୍-ଇ) କାବ୍ୟକର୍ତ୍ତା ।

କବିକ, ବି. (କବି-କ) କଉ ମାଛ, ଲଗାମ ।

କବିତା, ବି. (କବି-ତା) କାବ୍ୟ, ଶ୍ଳୋକ, ରସମୟୀ ରଚନା ।

କବିଲା, ବି. (ଦେଶଜ) ସ୍ତ୍ରୀ, ଭାର୍ଯ୍ୟା ।

କବୀରପନ୍ଥୀ, ବି. ଏକପ୍ରକାର ବୈଷ୍ଣବ ।

କବୁଲ୍, ବି. (ଯାବନିକ) ସ୍ୱୀକାର ।

କବୁଲିୟତ, ବି. (ଯା) ସ୍ୱୀକାରପତ୍ର ।

କବୋଷ୍ଣ, ବି. (କୁ-ଉଷ୍ଣ) ଅଳ୍ପୋଷ୍ଣ ।

କବ୍ୟ, ବି. ( କୁ-ଯ ) ମୃତବ୍ୟକ୍ତି ଉଦ୍ଦେଶ୍ୟରେ ଦେୟ ପିଣ୍ଡାଦି ।

କଶା (ଷା, ସା) ବି. (କଶ୍-ଅ-ଆ) ଗୃବୁକ । ବିଂ.(ଦେ) କଷାୟ ରସଯୁକ୍ତ ।

କଶେରୁ (କା), ବି. (କ-ଶୃ-ଉ) ମେରୁଦଣ୍ଡ, ହାଡ ।

କଶ୍ମୀରଜ, ବି (କଶ୍ମୀର-ଜନ୍-ଅ) କୁଙ୍କୁମ ।

କଶ୍ୟପ, ବି. ( କଶ୍ୟ-ପ ) ମୁନିବିଶେଷ, ଦେବ-ଦାନବଙ୍କ ପିତା ।

କଷ, ବି. ( କଷ୍-ଅ ) କଷ୍ଟି ପଥର । ବିଂ. (ଦେଶଜ) ପାଣିରେ କଷାଯାଇଥିବା ।

କଷଣ, ବି. (କୃଷ୍-ଅନ) କର୍ଷଣ, କଣ୍ଡୂୟନ, କଷ୍ଟ ।
କଷଣୀ, ବି. (ଦେ) ଧନୁଗୁଣ ଟାଣିବାପାଇଁ ଅଙ୍ଗୁଳରେ ଯେଉଁ ମୁଦି ଲଗାନ୍ତି ।
କଷା, ବି. (ଦେ) ରସବିଶେଷ, ହରଡ଼ା, କଷାମ୍ଳ ରସବିଶିଷ୍ଟ, କୃପଣ, କଳସିକ୍ତ ।
କଷାମ୍ଳ, ବି. (କଷ-ଆମ୍ଳ) କ୍ୱାଥ, କଷାରସ, ନିର୍ଯ୍ୟାସ ।
କଷି, ବି. (ଦେଶଜ) ନୂଆ ଫଳ ।
କଷିବା, କ୍ରି. (ଦେଶଜ) ପରୀକ୍ଷା କରିବା, ଭିଡ଼ିବା, ଟାଣିବା ଇତ୍ୟାଦି ।
କଷ୍ଟ, ବି. (କଷ୍-ତ) କ୍ଳେଶ । ବିଂ. କ୍ଳିଷ୍ଟ, ଦୁଃଖଜନକ ।
କଷ୍ଟଫେଡ଼, ବି. (ଦେ) ମଧୁରନାଦୀ ବନ୍ୟ ପକ୍ଷିବିଶେଷ ।
କଷ୍ଟି, ବି. (ଦେଶଜ) କଷଟି ପଥର ।
କଷ୍ଟୀ, ବିଂ. ଦୁଃଖୀ, କଷ୍ଟଭୋଗୀ ।
କସ୍‌ବୀ, ବି. (ଯାବନିକ) ବେଶ୍ୟା ।
କସରି, ବି. (ଦେ) ଫିକା ଲାଲବର୍ଣ୍ଣ ।
କସୁର୍, ବି. (ଯା) ଦୋଷ, ତ୍ରୁଟି ।
କସ୍ତୂରୀ (ରିକା), ବି. (କସ୍-ଉର-ଈ) ମୃଗନାଭି ।
କସ୍ମିନ୍‌କାଳେ, ଅଂ. (କସ୍ମିନ୍-କାଳେ) କେବେ, କୌଣସି ସମୟରେ ।
କାଂସ୍ୟ, ବି. (କଂସ୍-ଯ) ବାଦ୍ୟଯନ୍ତ୍ରବିଶେଷ, କଂସା ।
କହିବା, କ୍ରି. (ଦେ) ବୋଲିବା, ଭାଷିବା ।
କହୁଣୀ, ବି. (ଦେ) କଫୋଣୀ, ବାହୁର ନିମ୍ନାଂଶ ।
କହ୍ଲା (ଇ), ବି. (ଦେଶଜ) କୁଷ୍ଠ ।

କହ୍ଲାର, ବ. (କ-ହ୍ଲାର)ଶ୍ୱେତ କୁମୁଦ, ଜଳଜ ପୁଷ୍ପ, ପାଣିଶିଉଳୀ।

କା, ବ ( ଦେ ) ଡୁଡୁ ଖେଳର ସଙ୍କେତବିଶେଷ। ଅଂ. କୁଆର ଶବ୍ଦ। ସଂ. କାହାର।

କାଇଁଚ, ବ. (ଦେ) ଗୁଞ୍ଜାଫଳ।

କାଇଁଶ, (ଦେ) କାଶନାମକ ତୃଣ।

କାଇ, ବ. (ଦେ) ଏକପ୍ରକାର ପିମ୍ପୁଡ଼ି।

କାଇ (ଏ) ଦା, ବି. (ଯା) ଆକଟ, ଜବତ୍।

କାଇଲ, ବ. (ଦେ) ଅସୁସ୍ଥ, ପୀଡ଼ିତ।

କାଇଲ୍, ବଂ. (ଦେ) ଦୋଷୀ। ବ. ଦୋଷ, ହାର୍।

କାଉଁରିଆ, ବ. (ଦେଶଜ) ନଳିତା ପ୍ରଭୃତି ଗଛର ତ୍ୱକ୍‌ହୀନ ଅଂଶ।

କାଉଁରିହାଡ଼, ବ. (ଦେ) କୁମାରୀ ବା ଅବିବାହିତା କନ୍ୟାର ଅସ୍ଥି।

କାଉ, ବ. (ଦେଶଜ) କାକ।

କାଉଳୀ, ବଂ. (ଦେଶଜ) ଅସ୍ଥିର।

କାକ, ବ. ( କୈ-କ ) କୁଆ, ବାୟସ, ଏକ କଡ଼ାର ହୁଁ ଅଂଶ।

କାକ (ଗ)ତ, ବ. (ପ୍ରାଚୀନ ପଦ୍ୟ) କାଗଜ।

କାକତାଳୀୟ, ବଂ. (କାକ-ତାଳ-ଈୟ)ହଠାତ୍‌କୃତ।

କାକତୂଆ, ବ. ଏକଜାତୀୟ ଚଢ଼େଇ।

କାକପଦ, ବ. (କାକ-ପଦ) ଛୁଡ଼ିଯାଇ ବା ଅକ୍ଷରକୁ ଧାଡ଼ି ଉପରେ ଲେଖିବାକବଳେ ଧାଡ଼ି ମଧ୍ୟରେ ଦେବା ^ ଚିହ୍ନ।

କାକବନ୍ଧ୍ୟା, ବି. ( କାକ-ବନ୍ଧ୍ୟା ) ଏକପ୍ରସବନାମ୍ନୀ ସ୍ତ୍ରୀ ।
କାକବଳି, ବି ( କାକ-ବଳି ) କୁଆ ପ୍ରଭୃତିଙ୍କ ଖାଇବାପାଇଁ ଉତ୍ସୃଷ୍ଟ ଅନ୍ନାଦି ।
କାକର, ବି. ( ଦେ ) ଶିଶିର । ବିଂ. ଶୀତଳ ।
କାକଲକର, ବି. ( ଦେ ) ଚନ୍ଦ୍ର ।
କାକରା, ବି. ( ଦେ ) ଏକପ୍ରକାର ପିଠା ।
କାକଳି, ବି. ( ଦେ ) ଧ୍ୱନି, ମଧୁର ଶବ୍ଦ ।
କାକୀ, ବି. ( କାକ-ଈ ) ମାଈକୁଆ । (ଦେ; ଖୁଡ଼ୀ ।
କାକୁ, ବି. ( କାକ-ଉ ) ଭୟ ଶୋକାଦିଦ୍ୱାରା ବିକୃତ କଣ୍ଠଧ୍ୱନି ।
କାକୁଡ଼ି, ବି. ( ଦେ ) କର୍କଟିକା, ଫଳବିଶେଷ ।
କାକୁସ୍ତ, ବି. ( ଦେ ) ବିମାତ ।
କାକୁତ୍ସ୍ଥ, ବି. ( କକୁତ୍-ସ୍ଥା-ଅ ) ରାମଚନ୍ଦ୍ର ପ୍ରଭୃତି ସୂର୍ଯ୍ୟବଂଶୀୟ ରାଜା ।
କାକୂକ୍ତି, ବି. ( କାକୁ-ଉକ୍ତି ) କାତରବାକ୍ୟ ।
କାକତି, ବି. ( ଦେ ) କାକୂକ୍ତି, କାତର ବାକ୍ୟ ।
କାକୋଦର, ବି. ( କାକ-ଉଦର ) ସର୍ପ ।
କାଖ, ବି. ( ଦେ ) କକ୍ଷ, ବାହୁମୂଳର ଖୋଲ
କାଖେଇବା, କ୍ରି. ( ଦେ ) କାଖ ସାହାଯ୍ୟରେ କୁଣ୍ଢେଇ ଧରିବା ।
କାଗଜ, ବି. ( ଯା ) ଯାହା ଉପରେ କାଳିରେ ଲେଖାଯାଏ ।
କାଗଜା ( ଜୀ ), ବି. ( ଦେ ) ଏକପ୍ରକାର ଲେମ୍ବୁ ।

କାଙ୍କ, ବି. ( ଦେ ) ମାଟିଖୋଳିବାର ଅସ୍ତ୍ରବିଶେଷ ।
କାଙ୍କଡ଼ (ଣ), ବି. ( ଦେ ) ଏକପ୍ରକାର ଲତାଫଳ ।
କାଙ୍କ୍ଷା, ବି. ( କାଙ୍କ୍ଷ୍‌-ଆ ) ଅଭିଳାଷ, ବାଞ୍ଛା ।
କାଙ୍କ୍ଷିତ, ବି. ( କାଙ୍କ୍ଷ୍‌-ତ ) ଅଭିଳାଷ ବିଂ. ଅଭିଳଷିତ ।
କାଙ୍ଗାଳ (ଳୀ), ବି. ( ଦେ ) ଦରିଦ୍ର, ଭିକ୍ଷୁକ ।
କାଙ୍ଗୁ, ବି. ( ଦେ ) ଏକଜାତୀୟ ହରଡ଼ ।
କାଙ୍ଗୁଲି, ବି. ( ଦେ ) ଏକପ୍ରକାର କାରୁକାର୍ଯ୍ୟ ।
କାଚ, ବି. ( କଚ୍ ଅ ) ବାଲି ଓ କ୍ଷାରରୁ ଉତ୍ପନ୍ନ ସ୍ୱଚ୍ଛ ବସ୍ତୁବିଶେଷ, କାଚନିର୍ମିତ କରଭୂଷଣ ।
କାଚରି, ବି. ( ଦେ ) କାଚବ୍ୟବସାୟୀ ।
କାଚିବା, କ୍ରି. ( ଦେ ) କାଠ ପ୍ରଭୃତି ଉପରେ ପିଟି ଧୋଇବା, ଧୋଇବା ।
କାଛ, କାଛୋଟି, କାଛେଣୀ } ବି. ( ଦେ ) କ୍ଷୁଦ୍ର ବସ୍ତ୍ରଖଣ୍ଡ ।
କାଚ୍ଛ, ବି. ( ଦେ ) ମଲ୍ଲମାନଙ୍କ ପରିହିତ କୌପୀନ ।
କାଛୁ, ବି. ( ଦେ ) ଏକପ୍ରକାର ବ୍ରଣରୋଗ ।
କାଜ, ବି. ( ଇ. Cause away ) ପାଣିଯିବାର ଏକପ୍ରକାର ବାଟ ।
କାଜି, ବି. ( ଯା ) ଯବନ ବିଚାରପତି ।
କାଜିକୋର୍ଟ, ବିଂ. ( ଇଂ Court of Small causes ) ଛୋଟ ମକଦମା ଯେଉଁ ଅଦାଲତରେ ବିଚାର କରାଯାଏ ।

କାଞ୍ଚନ, ଧା. ( କନ୍‌ଚ୍‌-ଅନ ) ସ୍ୱର୍ଣ୍ଣ, ପୁଷ୍ପବିଶେଷ ।

କାଞ୍ଚୁଲି, ବି. ( ଦେ ) ସ୍ତ୍ରୀମାନଙ୍କ ପରିଧେୟ କୁର୍ତ୍ତି ।

କାଞ୍ଚି, ( ଞ୍ଚୀ ), ବି. ( କନଚ୍‌-ଇ, ଈ ) ମେଖଳା, କଟିକଙ୍କଣୀ ।

କାଞ୍ଚୁଲି, ବି. ( ଦେ ) କାଞ୍ଚୁଲି, କ୍ଷୁଦ୍ର ଗିନା ।

କାଞ୍ଜୀ } ବି. ଖଟା ତୋରାଣୀ ।
କାଞ୍ଜିକ

କାଟ, ବି. ( ଦେ ) ଲଗୁଆ । କି. କର୍ତ୍ତନ କର ।

କାଟତି, ବି. ( ଦେ ) ବିକ୍ରୟ, ପଣ୍ୟଦ୍ରବ୍ୟ କାଟିବା ।

କାଟପାଣି, ବି. ( ଦେ ) ଅଭିମନ୍ତ୍ରିତ ଜଳ ।

କାଟିବା, କି. ( ଦେ ) ଛେଦନ କରିବା, କଷ୍ଟ ବୋଧ କରିବା, ଊଣା କରିବା, ଗାଳିଦେବା, ସୂତା ତିଆରି କରିବା, ଅତିବାହିତ କରିବା, ପ୍ରକାଶ କରିବା ।

କାଠ, ବି. ( ଦେ ) କାଷ୍ଠ ।

କାଠପତ୍ର, ବି. ( ଦେ ) ଶାଳପତ୍ର ।

କାଠହଣା, ବି. ( ଦେ ) ଏକପ୍ରକାର ଚଢ଼େଇ ।

କାଠି. ବି. ( ଦେ ) କ୍ଷୁଦ୍ର କାଷ୍ଠଖଣ୍ଡ, ଦାନ୍ତକାଠି, ଗୁହିକାଠି ।

କାଠିଆକଦଳୀ, ବି. ( ଦେ ) ଏକପ୍ରକାର କଦଳୀ, ଏହାକୁ ପଚାଇ ଖାଆନ୍ତି ।

କାଠିଲାଗି, ବି. (ଦେ)ରଜାମାନଙ୍କର ଦନ୍ତଧାବନକ୍ରିୟା

କାଠିନ୍ୟ, ବି. ( କଠିନ-ଯ ) କଠିନତା, ଦୃଢ଼ତା ।

କାଠୁଆ, ବି. ( ଦେ ) ଗ୍ଲେଟ ଡଙ୍ଗା, କାଷ୍ଠନିର୍ମିତ କ୍ଷୁଦ୍ର ପାତ୍ର ।

କାଢ଼, ବି. ( ଦେ ) ଶକ୍ତି, ସାମର୍ଥ୍ୟ ।

କାଢ଼ୁଆ, ବି. ( ଦେ ) ଧାର, ଉଠାଣ ।

କାଢ଼ିବା, କି. ( ଦେ ) ବାହାର କରିବା ।

କାଣ, ବିଂ. ( କଣ୍‌-ଅ ) କଣା । ବି. କୁଆ ।

କାଣୀ, ବିଂ. ସ୍ତ୍ରୀ. ( କାଣ୍‌-ଈ ) ଯେଉଁ ସ୍ତ୍ରୀର ଏକ ଚକ୍ଷୁ ନଷ୍ଟ ହୋଇଥାଏ । ବିଶ୍ୱାର ଏକଚତୁର୍ଥାଂଶ ।

**କାଣୀ**ଆଙ୍ଗୁଠି, ବି. ( ଦେ ) କନିଷ୍ଠାଙ୍ଗୁଳି ।

କାଣୀନଳ, ବି. ( ଦେ ) କ୍ଷେତ୍ରଫଳ ବାହାର କରିବା ନିୟମବିଶେଷ ।

କାଣ୍ଟି, ବି. ( ଦେ ) ତେଲର ମଇଳା ।

କାଣ୍ଟିଆ, ବି. ( ଦେ ) ରେଶମର ଅସାର-ଅଂଶରେ ନିର୍ମିତ ବସ୍ତ୍ରବିଶେଷ ।

କାଣ୍ଡ, ବି. ( କନ୍‌-ଡ ) ବାଣ, ଗଛର ଗଣ୍ଡି, ଗ୍ରନ୍ଥର ପ୍ରକରଣ ।

କାଣ୍ଡଜ୍ଞାନ, ବି. ( କାଣ୍ଡ-ଜ୍ଞାନ ) ପ୍ରକରଣବୋଧ, ବିବେଚନା ।

କାଣ୍ଡଶର, ବି. ଏକପ୍ରକାର ତୃଣ ।

କାଣ୍ଡାରି, ବି. ( କର୍ଣ୍ଣଧାର ଶବ୍ଦଜ ) କର୍ଣ୍ଣଧାର, ନାବିକ, ମାଝୀ ।

କାଣ୍ଡି, ବି. ( ଦେ ) କ୍ଷୁଦ୍ର ଦୋକାନ, ବେଦମନ୍ତ୍ର ।

କାଣ୍ଡିଆ, ବିଂ. ( ଦେ ) ପରିଷ୍କୃତ । ବି. ପକ୍ଷୀ ଧରିବା ଜାଲ ।

କାଣ୍ଡିବା, କ୍ରି (ଦେ) ପରିଷ୍କୃତ କରିବା ।

କାତ, ବି. ( ଦେ ) ନୌକା ବାନ୍ଧିବାରେ ଆବଶ୍ୟକ ଦଣ୍ଡ, ହସ୍ତମଦ୍ଧ ।

କାତର, ବିଂ. (କୁ-ତର) ବ୍ୟାକୁଳ, ଦୁଃଖିତ, ଭୀତ ।

କାତି, ବି. (ଦେ) ମାଛ ପ୍ରଭୃତିଙ୍କ ଦେହର ବହି-ରାବରଣ, କ୍ଷୁଦ୍ର ତ୍ବକ୍

କାଦ, ବି. (ଦେ) କାତ ।

କାଦମ୍ବ, ବି. (କଦମ୍ବ-ଅ) କଦମ୍ବ ବୃକ୍ଷ, କଳହଂସ ।

କାଦମ୍ବରୀ, ବି. ( କଦମ୍ବ-ର-ଇ ) ଏକପ୍ରକାର ମଦ, ଗ୍ରନ୍ଥବିଶେଷ ।

କାଦମ୍ବିନୀ, ବି. (କାଦମ୍ବ-ଇନ୍-ଈ) ମେଘମାଳା ।

କାଦୁଅ, ବି. (ଦେ) କର୍ଦ୍ଦମ ।

କାନ, ବି. (ଦେ) କର୍ଣ୍ଣ ।

କାନକୁଟୁଲୀ, ବି. (ଦେ) ଏକପ୍ରକାର କୀଟ ।

କାନକୁହା, ବିଂ. (ଦେ) ଖଚୁଆ, କର୍ଣ୍ଣେଜପ ।

କାନନ, (କାନ-ଅନ) ବନ, ଗୃହ ।

କାନି, ବି. (ଦେ) ବସ୍ତ୍ରର ଅଞ୍ଚଳ, ପଣନ୍ତ ।

କାନକା, ବି. (ଦେ) ଏକପ୍ରକାର ଖେଳୁଡ଼, ପଲାଉ ।

କାନୁନ୍, ବି. (ଯା) ବିଧି, ବ୍ୟବସ୍ଥା ।

କାନେଇବା, କ୍ରି. (ଦେ) କାନ ପାତି ଶୁଣିବା ।

କାନଗୋଇ, ବି. (ଯା) ରାଜସ୍ବ ବିଭାଗର କର୍ମଚାରି-ବିଶେଷ ।

କାନ୍‌ଟ୍ରାକ୍ଟର୍, ବି. (Contractor) ଠିକାଦାର ।

କାନ୍ତ, ବିଂ. (କମ୍-ତ) କମନୀୟ, ମନୋରମ, ପ୍ରିୟ । ବି. ସ୍ୱାମୀ, ପତି ।

କାନ୍ତା, ବି. (କାନ୍ତ-ଆ) ସ୍ତ୍ରୀ, ସୁନ୍ଦରୀ ସ୍ତ୍ରୀ ।

କାନ୍ତାର, ବି. (କାନ୍-ତାର-ଅ) ମହାରଣ୍ୟ ।

କାନ୍ତି, ବି. (କମ୍-ତି) ଶୋଭା, ଲାବଣ୍ୟ, ଦୀପ୍ତି ।

କାନ୍ଥ, ବି. (ଦେ) ଭିତ୍ତି, ମାଟିର ବାଡ଼ ।

କାନ୍ଥକୁରା, ବି. (ଦେ) ଠଣା, କାନ୍ଥରେ ହୋଇଥିବା ଥାକ ।

କାନ୍ଦ } ବି. (ଦେ) କ୍ରନ୍ଦନ ।
କାନ୍ଦଣା }

କାନ୍ଦି, ବି. (ଦେ) କଦଳୀ ପ୍ରଭୃତି ଫଳର ପେଣ୍ଡା ।

କାନ୍ଦିବା, କ୍ରି. (ଦେ) କ୍ରନ୍ଦନ କରିବା ।

କାନ୍ଦଶୀକ, ବି. ( କାଂ-ଦଶ୍-ଈକ-ଅ ) ଭୟରେ ପଳାୟିତ, ଲୁଙ୍ଗା ଚୋର ।

କାନ୍ଧ, ବି. (ଦେ) ସ୍କନ୍ଧ ।

କାନ୍ୟକୁବ୍ଜ, ବି. (କନ୍ୟା-କୁବ୍ଜ-ଅ) କାନୌଜ ଦେଶ ।

କାପ, ବି. (ଦେ) କାନର ଅଳଙ୍କାରବିଶେଷ ।

କାପଡ଼, (ଡ଼ା), (ଦେ) ବସ୍ତ୍ର, ଲୁଗା ।

କାପଡ଼ିଆ, ବି. (ଦେ) ବସ୍ତ୍ରବ୍ୟବସାୟୀ ଜାତିବିଶେଷ ।

କାପୁତା, ବି. (ଦେ) କାପୋତ ।

କାପାଳିକ, ବି. (କପାଳ-ଇକ) ଜାତିବିଶେଷ ।

କାପୁରୁଷ, ବିଂ. (କୁ-ପୁରୁଷ) ଅସାର ବ୍ୟକ୍ତି, ଭୀତ ।

କାଫର୍, ବି. (ଯା) ନାସ୍ତିକ ।

କାମ, ବି. (କମ୍-ଅ) କନ୍ଦର୍ପ, ଇଚ୍ଛା, ଅନୁରାଗ, କାର୍ଯ୍ୟ।
କାମଚାରୀ, ବି. (କାମ-ଚର-ଇନ୍) ସ୍ୱେଚ୍ଛାଚାରୀ। ବି. ଗରୁଡ଼।
କାମଡ଼ା, ବି. (ଦେ) ଘର ପ୍ରଭୃତିରେ ଦେବା କଡ଼ାର ବନ୍ଧନୀବିଶେଷ।
କାମଦୁଘା, କାମଦୁହା, କାମଧେନୁ } ବି. ସ୍ତ୍ରୀ. ( କାମ-ଦୁହ୍-ଅ, କ୍ୱିପ, ଧେନୁ ) ଅଭୀଷ୍ଟ ପ୍ରଦାନକାରିଣୀ, ଅଭୀଷ୍ଟଦାୟିନୀ ଗାଭୀ।
କାମଦେବ, ବି. (କାମ-ଦେବ) କନ୍ଦର୍ପ।
କାମନା, ବି. (କାମି-ଅନ୍-ଆ) ଇଚ୍ଛା, ବାସନା।
କାମପାଳ, ବି. (କାମ-ପାଳ) ବଳଦେବ।
କାମଳ, ବି. (କାମ-ଲା-ଅ) ରୋଗବିଶେଷ।
କାମାଖ୍ୟା, ବି. (କାମ-ଖ୍ୟା-ଅ-ଆ) ସତୀ ଦେବୀଙ୍କ ଯୋନିରୂପ ପୀଠସ୍ଥାନ, ତଦଧିଷ୍ଠାତ୍ରୀ ଦେବୀ।
କାମିନୀ, ବି. ସ୍ତ୍ରୀ (କାମ-ଇନ୍-ଈ) ସ୍ତ୍ରୀ, ଭୀରୁ ସ୍ତ୍ରୀ।
କାମୁକ, ବି. (କମ୍-ଉକ) ରମଣାଭିଳାଷୀ।
କାମୁକା, କାମୁକୀ } ବି. ସ୍ତ୍ରୀ. (କମ୍-ଉକ-ଅ-ଆ, ଈ) ରମଣାଭିଳାଷିଣୀ, ଇଚ୍ଛାବତୀ।
କାମୁଡ଼ା, ବିଂ. (ଦେ) ଯେ କାମୁଡ଼େ।
କାମୁଡ଼ିବା, କ୍ରି. (ଦେ) ଦଂଶନ କରିବା।
କାମ୍ପୀ, ବିଂ. (ଦେ) କୃପଣ।
କାମ୍ୟ, ବିଂ. (କମ୍-ଯ) ଭୋଗ୍ୟ, ଅଭିଳଷଣୀୟ।
କାମ୍ବୁ, ବି. (କ-ଅମ୍ବୁ) ଶରୀର।

କାୟସ୍ଥ, ବି. (କାୟ-ସ୍ଥା-ଅ) ଜାତିବିଶେଷ, କରଣଜାତି

କାୟିକ, ବିଂ. (କାୟ-ଇକ) ଶାରୀରିକ, ଦୈହିକ ।

କାରକ, ବିଂ. (କୃ-ଅକ) କର୍ମକାରୀ, ଯାହାର କ୍ରିୟା ସଙ୍ଗେ ସମ୍ବନ୍ଧ ଥାଏ ।

କାରଖାନା, ବି. (ଯା) ଶିଳ୍ପଶାଳା, ନାନାପ୍ରକାର କର୍ମ ।

କାରଣ, ବି. (କାର-ଅନ) ହେତୁ, ନିମିତ୍ତ, ବୀଜ ।

କାରଣ୍ଡବ, ବି. (କାରଣ୍ଡ-ଅ) ଏକପ୍ରକାର ହଂସ ।

କାରୟିତା, ବିଂ. ( କାରି-ତୃ ) ଯେ କରାଏ ।

କାରବାର, ବି. (ଯା) କର୍ମ, କାର୍ଯ୍ୟ, ବ୍ୟବସାୟ ।

କାରବାରୀ, ବିଂ. (ଯା) ଯେ କାରବାର କରେ ।

କାରସାଜି, ବି. (ଦେ) ଛଳ, କପଟ ।

କାରା, ବି. (କୃ-ଅ) ବନ୍ଦିଗୃହ ।

କାରାଗାର } ବି. (କାରା-ଆଗାର, ଆବାସ) ବନ୍ଧନସ୍ଥାନ,
କାରାବାସ } ବନ୍ଦୀଘର ।

କାରିଗର, ବିଂ. (କାରି-ଗର) ଶିଳ୍ପୀ, ଶିଳ୍ପକର୍ମକାରୀ

କାରିଗ (ଗି) ରି, ବି. (ଦେ) ଶିଳ୍ପିତ୍ୱ, ଶିଳ୍ପ ।

କାରୁ, ବି. (କୃ-ଉ) ବିଶ୍ୱକର୍ମା । ବିଂ. ଶିଳ୍ପକାରକ

କାରୁକାର୍ଯ୍ୟ, ବି. (କାରୁ-କାର୍ଯ୍ୟ) ଶିଳ୍ପକର୍ମ ।

କାରୁଣିକ, ବିଂ. (କରୁଣା-ଇକ) ଦୟାଳୁ ।

କାରୁଣ୍ୟ, ବି. (କରୁଣା-ଯ) କରୁଣା, ଦୟା ।

କାର୍ତ୍ତବୀର୍ଯ୍ୟ, ବି. (କୃତବୀର୍ଯ୍ୟ-ଅ) ସହସ୍ରାର୍ଜ୍ଜୁନ ।

କାର୍ତ୍ତସ୍ୱର, ବି. (କୃତସ୍ୱର-ଅ) ସୁବର୍ଣ୍ଣ ।

କାର୍ତ୍ତିକ, ବି. (କୃତ୍ତିକା-ଅ) ଆଶ୍ୱିନ ପରବର୍ତ୍ତୀ ମାସ ।

କାର୍ତ୍ତିକେୟ, ବି. ( କୃତ୍ତିକା-ଏୟ ) ଷଡ଼ାନନ, କୁମାର ।

କାର୍ପଣ୍ୟ, ବି. (କୃପଣ-ଯ) ଦାରିଦ୍ର୍ୟ, ଦୀନତା ।

କାର୍ପାସ, ବି. (କୃ-ପାସ) କପାଗଛ । ବିଂ. କାର୍ପାସ-ନିର୍ମିତ ।

କାର୍ମୁକ, ବି. ( କର୍ମନ୍-ଉକ ) ଧନୁକ, କାଣ୍ଡବାଂଶ । ବିଂ, କର୍ମସମ୍ପାଦକ ।

କାର୍ଯୀ, ବି. (କାର୍ଯ-ଇନ୍) ଗୁମାସ୍ତା, କର୍ମଗୃହୀ ।

କାର୍ଯ୍ୟ, ବି. ( କୃ-ଯ ) କର୍ମ, ପ୍ରୟୋଜନ । ବିଂ. କର୍ତ୍ତବ୍ୟ ।

କାର୍ଷାପଣ, ବି. (କର୍ଷ-ଆପଣ) ଏକ କାହାଣ ।

କାଳ, ବି. (କଲ୍-ଅ) ସମୟ, ଅବସର, ମୃତ୍ୟୁ ।

କାଲ୍, ବି. (ଦେ) ବଧିର ।

କାଳକଣ୍ଠ, ବି. (କାଳ-କଣ୍ଠ) ଶିବ, ମୟୂର, ଡାହୁକ ।

କାଳକୂଟ, ବି. (କାଳ-କୂଟ) ଗରଳ ।

କାଳକେୟ, ବି. (କାଳକା-ଏୟ) ଏକଜାତୀୟ ଅସୁର ।

କାଳଗ୍ରାସ, ବି. (କାଳ-ଗ୍ରାସ) ମୃତ୍ୟୁ ।

କାଳଚକ୍ର, ବି. (କାଳ-ଚକ୍ର) ଚକ୍ରବତ୍ ଭ୍ରମଣଶୀଳ କାଳ ।

କାଳନେମି, ବି. ( ନାମ ) ରାକ୍ଷସବିଶେଷ, ହିରଣ୍ୟ-କଶିପୁର ପୁତ୍ର, ରାବଣର ମାମୁଁ ।

କାଳପୁରୁଷ, ବି. ( କାଳ-ପୁରୁଷ ) ପୁରୁଷାକୃତି ନକ୍ଷତ୍ରପୁଞ୍ଜ, ଯମଙ୍କ ଭୃତ୍ୟବିଶେଷ ।

କାଳଗ୍ରନ୍ଥ, ବି.(କାଳ-ଗ୍ରନ୍ଥି)ସଂହାରଗ୍ରନ୍ଥି, ପ୍ରଳୟଗ୍ରନ୍ଥି ।

କାଳବେଳା, ବି. (କାଳ-ବେଳା) ଶନିବେଳା, ଏହି ସମୟରେ କୌଣସି ପ୍ରକାର କାର୍ଯ୍ୟ କରିବାକୁ ମନା ।

କାଳାନ୍ତକ, ବି. (କାଳ-ଅନ୍ତକ) ଯମ ।

କାଲ, ବି. (ଦେ) କାଲ । ବିଂ. କୃଷ୍ଣବର୍ଣ୍ଣବିଶିଷ୍ଟ ।

କାଳି, (ଳୀ), ବି. (ଦେ) ମସୀ, ସ୍ୟାହି, ଧାର୍ ।

କାଲି, ବି. ( ଦେ ) କଲ୍ୟ, ଆଗାମୀ ଦିବସ, ଗତ ଦିବସ ।

କାଳିଆ, ବିଂ. (ଦେ) କୃଷ୍ଣବର୍ଣ୍ଣବିଶିଷ୍ଟ ।

କାଳିକା, ବି. (କାଳ-ଇକ-ଆ) ମେଘମାଳା, କୁହୁଡ଼ି, ଚଣ୍ଡୀ ।

କାଲିକା, ବିଂ. (ଦେ) ଯାହା ଅଳ୍ପଦିନ ପୂର୍ବର ।

କାଳିନ୍ଦୀ, ବି. (କଳିନ୍ଦ-ଅ-ଈ) ଯମୁନା ନଦୀ ।

କାଳିମା, ବି. (କାଳ-ଇମନ୍) କୃଷ୍ଣତା, ମଳିନତା ।

କାଳିୟ, ବି. (କାଳ-ଇୟ) ସର୍ପବିଶେଷ ।

କାଳୀ, ବି. ( କାଳ-ଈ ) ଦେବୀବିଶେଷ, ମସୀ । (ଦେ) ଉଧାର, ଧାରଉଡ଼ି ।

କାଲୁଆ, ବିଂ. (ଦେ) ଶୀତଳ । ବି. ଶୀତଳତା

କାଲୁଣୀ, ବି. (ଦେ) ବଧିର ସ୍ତ୍ରୀ ।

କାଳେ, ଅଂ. ( ଦେ ) ସମ୍ଭାବନା ଓ ବିକଳ୍ପାର୍ଥକ, ଯଦି, ଯଥା ସମୟରେ ।

କାଳ୍ପନିକ, ବିଂ. (କଳ୍ପନା-ଇକ) କଳ୍ପିତ, ଆରୋପିତ ।

କାବା, ବଂ. (ଦେ) ବୋକା ।

କାବାର, ବି. (ଯା) ସମାପ୍ତ ।

କାବୁ, ବି. (ଯା) ବଶୀଭୂତ ।

କାବ୍ୟ, ବି. (କବି-ଯ) ରସଯୁକ୍ତବାକ୍ୟ, କବିତା ।

କାବ୍ୟତାରା, ବି. (କାବ୍ୟ-ତାରା) ଶୁକ୍ର ନକ୍ଷତ୍ର, କୁଆ ତାରା ।

କାଶ, (ସ), ବି. (କାଶ୍-ଅ) କାଶ ରୋଗ,-କାଇଁଶ-ନାମକ ତୃଣ ।

କାଶିନ୍ଦ, ବି. (ଦେ) ଏକପ୍ରକାର ଆମ୍ବ, ଆଗୁର ।

କାଶୀ, ବି. (କାଶ-ଈ) ବାରାଣସୀ ।

କାଶୀନାଥ, ବି. (କାଶୀ-ନାଥ) ଶିବ ।

କାଶ୍ମୀର, ବି. (କଶ୍ମୀର-ଅ) ଦେଶବିଶେଷ, କୁଙ୍କୁମ ।

କାଶ୍ୟପ, ବି. ( କଶ୍ୟପ-ଅ ) ମୁନିବିଶେଷ, ଗୋତ୍ର-ବିଶେଷ, ଅରୁଣ ।

କାଶ୍ୟପୀ, ବି. (କଶ୍ୟପ-ଈ) ପୃଥିବୀ ।

କାଷ୍ଠା, ବି. (କାଷ୍ଠ-ଆ) ଦିଗ, କାଳପରିମାଣବିଶେଷ ।

କାଷ୍ଠାସନ, ବି, ( କାଷ୍ଠ-ଆସନ ) କାଷ୍ଠନିର୍ମିତ ମଞ୍ଚା, ଚୌକି ପୀଢ଼ା ପ୍ରଭୃତି ।

କାସର, ବି. (କ-ଆ-ସ-ଅ) ମହିଷ ।

କାସାର, ବି. (କ-ଆ-ସ-ଅ) ପୋଖରୀ,ସରୋବର ।

କାହ (ହା) ଣ, ବି. (ଦେ) ଷୋଳପଣ ।

କାହାଣୀ, ବି. (ଦେ) କାଳ୍ପନିକ ଗଳ୍ପ ।

କାହ୍ୱାଳ, ବି. (ଦେ) ଧାନଗଛର ରୋଗବିଶେଷ ।

କାହାଳ, ବ. (ଦେ) ସୁସ୍ୱର ବାଦ୍ୟଯନ୍ତ୍ରବିଶେଷ ।

କାହିଁ, ବ. (ଦେ) କେଉଁଠାରେ ।

କାହିଁକି, ଅଂ. ( ଦେ ) କି ହେତୁରୁ, କି ସକାଶେ ।

କାହୁଁ, ଅଂ. ( ଦେ ) କେଉଁଠାରୁ ।

କାହ୍ନୁ, ବି. ( ଦେ ) କୃଷ୍ଣ ।

କି, ସଂ. ( ଦେ ) ପ୍ରଶ୍ନ, ଆଶ୍ଚର୍ଯ୍ୟ, ବିସ୍ମୟବୋଧକ ଅବ୍ୟୟ ।

କିଆଁ, ଅଂ. ( ଦେ ) କାହିଁକି ।

କିଆ, ବି. ( ଦେ ) ଏକପ୍ରକାର କଣ୍ଟାଗଛ, କେତକୀ ।

କିଆପଞ୍ଝୀ, ବି. (ଦେ) ମସ୍ତକର ସ୍ୱର୍ଣ୍ଣାଲଙ୍କାରବିଶେଷ ।

କିଆରି, ବି. ( ଦେ ) କେଦାର, କ୍ଷେତ, ବିଲ ।

କିଏ, କେ, ସଂ. ( ଦେ ) କେଉଁ ଲୋକ ।

କିଂକର୍ତ୍ତବ୍ୟବିମୂଢ଼, ବିଂ. ( କିଂ-କର୍ତ୍ତବ୍ୟ-ବିମୂଢ଼ ) କାତର, ହତବୁଦ୍ଧି ।

କିଙ୍କର, ବି. ( କିମ୍-କର ) ଦାସ, ଭୃତ୍ୟ, କର୍ମକର ।

କିଙ୍କିଣି } ବି. ( କିମ୍-କ୍ୱଣ୍-ଇ,ଈ ) ଘଙ୍ଘର,
କିଙ୍କିଣୀ } କଟିଭୂଷଣ ।

କିନ୍ତୁ, ଅଂ. ( କିମ୍-ତୁ ) ପରନ୍ତୁ, ଅଥଚ ।

କିନ୍ନର, ବି. ( କିଂ-ନର ) ଦେବଲୋକର ଗାୟକ, କିଂପୁରୁଷ । ସ୍ତ୍ରୀ. କିନ୍ନରୀ ।

କିମ୍ବଦନ୍ତୀ, ବି. (କିଂ-ବଦ୍-ଅନ୍ତ, ଅନ୍ତ-ଈ)ଜନଶ୍ରୁତି, ଜନରବ ।

କିମ୍ବା, ଅଂ. ( କିମ୍-ବା ) ଅଥବା, ବିକଳ୍ପ ।

କିମ୍ଭୂତ, ବିଂ. ( କିମ୍‌-ଭୂତ ) କୀଦୃଶ, କିପ୍ରକାର ।

କିଂଶୁକ, ବି. ( କିଂ-ଶୁକ ) ପଳାଶଗଛ ଓ ଫୁଲ ।

କିଛି, ବିଂ. କିଞ୍ଚିତ୍, କିୟତ୍, ଅଳ୍ପ ।

କିଞ୍ଚିତ୍, ବିଂ. ( କିଂ-ଚିତ୍ ) କିଛି, କୌଣସି ।

କିଣ, ବି. (କଣ୍‌-ଅ) ଘର୍ଷଣଚିହ୍ନ, ଶୁଷ୍କ ବ୍ରଣ, ଗଣ୍ଠି ।

କିଣିବା, କ୍ରି. ( ଦେ ) କ୍ରୟ କରିବା, ଖରିଦ କରିବା ।

କିଣିକିଣି, ଅଂ. (ଦେ) କିଙ୍କିଣୀର ଅବ୍ୟକ୍ତ ମଧୁର ଶବ୍ଦ

କିଣିଖିଆ, ବିଂ. (ଦେ) ଯେ ପ୍ରତ୍ୟହ କିଣିକରି ଖାଏ

କିତବ, ବିଂ. ( କି-ତବ ) ଧୂର୍ତ୍ତ, ଜୁଆରି, ଧୂତୁରା ।

କିତା, ବି. ( ଯା ) ଜମିର ଖଣ୍ଡ ।

କିତାପ, ବି. ( ଯା ) ପୁସ୍ତକ, ବହି ।

କିନ୍‌ଖାପ, ବି. ( ଯା ) ଜରିଲୁଗା ।

କିନାରା, ବି. ( ଯା ) କୂଳ, ତୀର, ପାର୍ଶ୍ୱ ।

କିପରି, ଅଂ. ( ଦେ ) କି ରକମ ।

କିପାଁ, ( ଇଁ ), ଅଂ. ( ଦେ ) କାହିଁକି, କି ସକାଶ ।

କିମାକାର, ବିଂ. ( କିଂ-ଆକାର ) କିପରି ଆକାରର, ଅଦ୍ଭୁତ ଆକାରବିଶିଷ୍ଟ ।

କିମିଆଁ, ବି. ( ଯା ) ମନ୍ତ୍ର ।

କିମିତ, ଅଂ. ( କିଂ-ଇତ ) କିପରି, କି ପ୍ରକାର ।

କିମ୍ପୁରୁଷ, ବି. ( କିଂ-ପୁରୁଷ ) କିନ୍ନର ।

କିମ୍ଭୀର, ବି. ( ଦେ ) କୁମ୍ଭୀର ।

କିୟତ୍, ବିଂ. ( କିମ୍‌-ଯତ୍ ) କିପରିମାଣ, କେତେ ।

କିରଣ, ବି. (କୃ-ଅନ) ଅଂଶୁ, ଚନ୍ଦ୍ର ସୂର୍ଯ୍ୟର ତେଜ ।

କିରଣମାଳୀ, ବି. ( କିରଣମାଳା-ଇନ୍ ) ରବି, ସୂର୍ଯ୍ୟ ।
କିରାଣୀ, ବି. ( ଯା ) ଲେଖକ, କ୍ଲର୍କ ।
କିରାତ, ବି. ( କିର-ଅତ ) ବ୍ୟାଧ । ସ୍ତ୍ରୀ. କିରାତୀ ।
କିରୀଟ, ବି. ( କୃ-ଈଟ ) ମୁକୁଟ, ଶିରୋଭୂଷଣ ।
କିରୀଟୀ, ବି. ( କିରୀଟ-ଇନ୍ ) ଅର୍ଜୁନ, ବିଷ୍ଣୁ । ବିଂ. କିରୀଟଧାରୀ ।
କିଲ୍ଲା, ବି. ( ଯା ) ଦୁର୍ଗ, ଗଡ଼ ।
କିଲ୍ବିଷ, ବି. ( କିଲ-ବିଷ ) ପାପ, ଦୋଷ, ରୋଗ ।
କିଶ(ସ)ଳୟ, ବି. ( କିଂ-ଶଲ୍-ଅୟ ) ନବପଲ୍ଲବ, ନୂଆ ପତ୍ର ।
କିଶୋର, ବିଂ. ( କି-ଶୃ-ଓର ) ଶିଶୁ, ବାଳକ । ସ୍ତ୍ରୀ. କିଶୋରୀ, ଯୁବତୀ ।
କିସ୍‌ମିସ୍, ବି. ( ଯା ) ଶୁଷ୍କ ଅଙ୍ଗୁରଫଳ ।
କିଷ, ଅଂ. ( ଦେ ) କଅଣ ।
କିସମ, ବି. ( ଯା ) ପ୍ରକାର ।
କିସ୍‌ମତ୍, ବି. ( ଯା ) ଅଂଶ, ଭାଗ ।
କିସ୍ତି, ବି. ( ଯା ) ନିର୍ଦ୍ଧାରିତ ସମୟ ।
କୀଚକ, ବି. ( ଚୀକ୍-ଅକ ) ଦ୍ରୁପଦ ରାଜାର ଶ୍ୟାଳକ, ବାଉଁଶ । (ଯେଉଁ ବାଉଁଶରୁ ବାୟୁଯୋଗରେ ଶବ୍ଦ ବାହାରେ)
କୀଟ, ବି. ( କୀଟ୍-ଅ ) କୃମି, ପୋକ ।
କୀଟାଣୁ, ବି. ( କୀଟ-ଅଣୁ ) ଚକ୍ଷୁର ଅଗୋଚର କ୍ଷୁଦ୍ର କୀଟ ।
କାନ୍ଦୁକ, (ଶ), ( କମ୍-ଦୃଶ-୦, ଅ ) କପର ।

କୀନାଶ, ବି. ( କମ୍-ନଶ୍-ଅ ) ଯମ ।

କୀର, ବି. ( କୀ-ଇର ) ଶୁକପକ୍ଷୀ ।

କୀର୍ଣ୍ଣ, ବିଂ. ( କୃ-ତ ) ବିକ୍ଷିପ୍ତ, ହିଂସିତ, ବ୍ୟାପ୍ତ ।

କୀର୍ତ୍ତନ, ବି. ( କୃତ୍-ଅନ ) ବର୍ଣ୍ଣନ, କଥନ ।

କୀର୍ତ୍ତି, ବି. ( କୃତ୍-ତି ) ଯଶଃ, ସୁଖ୍ୟାତି ।

କୀର୍ତ୍ତିତ, ବିଂ. ( କୃତ୍-ତ ) କଥିତ, ଉକ୍ତ, ବର୍ଣ୍ଣିତ ।

କୀର୍ତ୍ତିସ୍ତମ୍ଭ, ବି. ( କୀର୍ତ୍ତି-ସ୍ତମ୍ଭ ) କୀର୍ତ୍ତିସ୍ମାରକ ସ୍ତମ୍ଭ ବା ମନ୍ଦିର ।

କୀଲକ, ବି. ( କୀଲ-କ ) କୀଳା, ଖୁଣ୍ଟ ।

କୀଳଣୀ, ବି. ( ଦେ ) କବାଟ ବନ୍ଦ କରିବାର କୀଳା ।

କୀଳା, ବି. ( ଦେ ) ଖୋବା, ଖିଲ, କୀଳକ ।

କୀଲାଲ, ବି. ( କୀଲ୍-ଅଲ-ଅ ) ଜଳ, ରକ୍ତ, ମଧୁ ।

କୀଳିତ, ବିଂ. ( କୀଲ୍-ତ ) ବଦ୍ଧ, ରୁଦ୍ଧ ।

କୁ, ବି. ( କୁ-କ୍ୱିପ୍ ) ପୃଥିବୀ । ବିଂ. ମନ୍ଦ, ପାପ ।

କୁଆ, ବି. ( ଦେ ) କାକ ।

କୁଆଁର, ବି. ( ଦେ ) କୁମାର । ସ୍ତ୍ରୀ. ସ୍ତ୍ରୀ, ଝିଅ ।

କୁଆରପୁନିଅଁ, ବି. (ଦେ) ଆଶ୍ୱିନ ପର୍ଣ୍ଣିମା, କୁମାର ପୂର୍ଣ୍ଣିମା ।

କୁଆତାରା, ବି. (ଦେ) ପାହାନ୍ତିଆ ତାରା, ଶୁକ୍ର ନକ୍ଷତ୍ର ।

କୁଆପଥର, ବି. ( ଦେ ) କରକା ।

କୁଆବୁଆ, ବି. ( ଦେ ) ବ୍ୟସ୍ତ, ବ୍ୟାକୁଳ ।

କୁକୁଡ଼ା, ବି. ( ଦେ ) କୁକ୍କୁଟ ।

କୁକୁର } ବି. ( କୁକ୍-ଉର ) ଯଦୁବଂଶୀୟ ନୃପବିଶେଷ, ଶ୍ୱାନ ।
କୁକ୍କୁର }

କୁକ୍କୁଟ, ବି. ( କୁ-କୁଟ୍-ଅ ) କୁକୁଡ଼ା ।
କୁକ୍ଷି, ବି. ( କୁଷ୍-ସି ) ଗର୍ଭ, ଉଦରଗହ୍ୱର ।
କୁକ୍ଷିମ୍ଭରି, ବିଂ. ( କୁକ୍ଷି-ଭୃ-ଇ ) ପେଟୁ ।
କୁଙ୍କୁମ, ବି. ( କୁନ୍-କ୍-ଉମ ) ଗନ୍ଧଦ୍ରବ୍ୟବିଶେଷ ।
କୁଚ, ବି. ( କୁଚ୍-ଅ ) ସ୍ତନ, ପୟୋଧର ।
କୁଚକ୍ର, ବି. (କୁ-ଚକ୍ର) ଚକ୍ରାନ୍ତ, କୁମନ୍ତ୍ରଣା ।
କୁଜ, ବି. (କୁ-ଜନ୍-ଅ) ମଙ୍ଗଳଗ୍ରହ, ବୃକ୍ଷ । (ଦେ) ପୃଷ୍ଠର ବକ୍ରତା ।
କୁଜା, ବିଂ.(କୁ-ଜନ୍-ଅ-ଆ) ସୀତା । (ଦେ) ବକ୍ରପୃଷ୍ଠ ।
କୁଜ୍‌ଝଟି } ବି. ( କୁ-ଝଟ୍-ଇ, ଇକ-ଆ )
କୁଜ୍‌ଝଟିକା } କୁହୁଡ଼ି ।
କୁଞ୍ଚା } ବି. (କୁଞ୍ଚ-ଆ, ଇ) ଆଠଠିମୁ ପରିମିତ
କୁଞ୍ଚି } ମାପପାତ୍ର । (ଦେ) ପରିଧାନ ବସ୍ତ୍ରର କୁଞ୍ଚନ, ଗୁବକାଠି ।
କୁଞ୍ଚିକା, ବି. (କୁଞ୍ଚ-ଅକ-ଆ) ଗୁହ୍ନାକାଠି, କାଇଁଚ ।
କୁଞ୍ଚିତ, ବିଂ. (କୁଞ୍ଚ-ତ) ବକ୍ରୀକୃତ, ନମ୍ରୀକୃତ ।
କୁଞ୍ଜ, ବି. ( କୁ-ଜ ) ବା ( କୁଜ୍-ଅ ) ଲତାଗୃହ, ହସ୍ତିଶୁଣ୍ଡ ।
କୁଞ୍ଜର, ବି. (କୁଞ୍ଜ-ର) ହାତୀ । ବିଂ. ଶ୍ରେଷ୍ଠ ।
କୁଟଜ, ବି. ( କୁଟ-ଜ ) ଶିଜୁ, ମଲ୍ଲିକା ପୁଷ୍ପବୃକ୍ଷ, ପେଡାକୋରୁଆଁ, ଦ୍ରୋଣାଗୃହୀ ।
କୁଟା, ବି. (ଦେ) ଶୁଷ୍କତୃଣ, ଧାନକୁଟିବା, ଧାନର ଗୁଣ୍ଡଳ ହିସାବ, ଛେଚୁ ।

କୁଟି } ବି. (କୁଟ୍-ଇ, ଈ) କ୍ଷୁଦ୍ର ଘର, କୁଡ଼ିଆଘର ।
କୁଟୀ }
କୁଟି(ଟୀ)ର, ବି. ( କୁଟ୍-ର-ଅ ) ପର୍ଣ୍ଣଶାଳା, କୁଡ଼ିଆଘର ।
କୁଟିଳ, ବିଂ. (କୁଟି-ଳ) ବକ୍ର, କ୍ରୂର, ଶଠ ।
କୁଟିବା, କ୍ରି (ଦେ) ଛେଚିବା, ପ୍ରହାର କରିବା ।
କୁଟ୍ଟିଣୀ, ବି. ସ୍ତ୍ରୀ (ଦେ) ବ୍ୟଭିଚାରରେ ସହାୟା ସ୍ତ୍ରୀ ।
କୁଟୁମ୍ବ, ବି. (କୁଟୁମ୍ବ୍-ଅ) ପରିବାରବର୍ଗ ।
କୁଟ୍ମ(ଡ୍ମ)ଳ, ବି. (କୁଟ୍-ମଳ) ଫୁଲକଢ଼ ।
କୁଠାର, ବି. (କୁଠ୍-ଆର) କୁରାଢ଼ି, ଟାଙ୍ଗିଆ ।
କୁଡ଼ିଆ, ବି. (ଦେ) ପର୍ଣ୍ଣଶାଳା ।
କୁଡୁଆ, ବି. (ଦେ) ମାଟିପାତ୍ରବିଶେଷ, ଓଳ ।
କୁଢ଼, ବି. ଓଷଧି ଗୁଳ୍ମବିଶେଷ ।
କୁଢ଼ାଇବା, କ୍ରି. (ଦେ) ଗଦାଇବା ।
କୁଢ଼ି, (ଆ), ବିଂ. (ଦେ) ଅଳସୁଆ, କୁଷ୍ଠରୋଗୀ ।
କୁଣିଆ, ବି. (ଦେ) ବନ୍ଧୁ ।
କୁଣ୍ଠ } ବିଂ. (କୁଣ୍ଠ-ଅ, ତ) ଅଳସ, ସଙ୍କୁଚିତ,
କୁଣ୍ଠିତ } ଅକ୍ଷମ, ମୂର୍ଖ ।
କୁଣ୍ଡ, ବି. (କୁଣ୍ଡ୍-ଅ) ଜାରଜ ସନ୍ତାନ, ଜଳପାତ୍ର ।
କୁଣ୍ଡଳ, ବି. (କୁଣ୍ଡ୍-ଅଳ) କର୍ଣ୍ଣଭୂଷଣ, କଙ୍କଣ ।
କୁଣ୍ଡଳୀ, ବି. (କୁଣ୍ଡଳ-ଇନ୍) ସର୍ପ, ମୟୂର, ବାଉଁଶ-ପାତିଆର ବେଷ୍ଟନୀ । ବିଂ. କୁଣ୍ଡଳଧାରୀ ।
କୁଣ୍ଡା, ବି. (ଦେ) ଧାନର ଅସାର ଅଂଶବିଶେଷ ।
କୁଣ୍ଡାଇବା, କ୍ରି. (ଦେ) ଆମ୍ବ ତିବା ।

କୁଣ୍ଡିଆ, ବି. (ଦେ) କଣ୍ଠରୋଗ ।
କୁଣ୍ଡି, ବି. (ଦେ) କ୍ଷୁଦ୍ର ପ୍ରସ୍ତରପାତ୍ରବିଶେଷ ।
କୁଣ୍ଢ, ବି. (ଦେ) ଦୁଇବାହୁର ବିସ୍ତାର ।
କୁଣ୍ଢାଇ } ବି. (ଦେ) ଖେଳିବା ପିଲା ।
କୁଣ୍ଢେଇ
କୁଣ୍ଢାଇବା, କ୍ରି, (ଦେ) ଆଲିଙ୍ଗନ କରିବା ।
କୁତ, ବି. (ଦେ) ଆନୁମାନିକ ମୂଲ୍ୟ, ଇଜାରା ।
କୁତା, ବି. (ଦେ) କୁକ୍କୁର । ସ୍ତ୍ରୀ. ତି, ମାଈ କୁକ୍କୁର ।
କୁତୁକ } ବି. ( କୁତୁ-କୈ-ଅ, ହଲ-ଅ )
କୁତୂହଳ } କୌତୂହଳ ।
କୁତୁକୁତୁ, ବି. (ଦେ) ହାତଦ୍ୱାରା ସଲସଲ କରିବା ।
କୁତ୍ର, ଅ°. (କିମ୍-ତ୍ର) କେଉଁଠାରେ ।
କୁତ୍ରାପି, ଅ°. (କୁତ୍ର-ଅପି) କୌଣସିଠାରେ ମଧ୍ୟ ।
କୁତ୍ସା, ବି. (କୁତ୍ସ-ଆ) ନିନ୍ଦା, ଗ୍ଲାନି, ଭର୍ତ୍ସନା ।
କୁତ୍ସିତ, ବି°. (କୁତ୍ସ-ତ) ନିନ୍ଦିତ, ଅବଜ୍ଞେୟ ।
କୁଦ, (ଦା), ବି. (ଦେ) ଟିପ, ଉଚ୍ଚଭୂମି ।
କୁଦିବା, କ୍ରି. (ଦେ) ଲମ୍ଫ ଦେବା, ଡେଇଁବା ।
କୁନ୍ତ, ବି. (କୁ-ଅନ୍ତ) ଭଲ୍ଲ, ଅସ୍ତ୍ରବିଶେଷ ।
କୁନ୍ତଳ, ବି. (କୁନ୍ତ-ଲା-ଅ) ବାଳ, କେଶ ।
କୁନ୍ଥା, ବି. (ଦେ) କୁନ୍ଥନ, କୁନ୍ଥାଇବା ।
କୁନ୍ଥାଇବା, କ୍ରି. (ଦେ) ବାଧାରେ ଊଁ ଊଁ ଶବ୍ଦ କରିବା ।
କୁନ୍ଥୁକୁନ୍ଥୁ, ବି. କୁଣ୍ଠିତ, ଅନିଚ୍ଛୁକ ।
କୁନ୍ଦ, ବି. (କ-ଉନ୍ଦ-ଅ) କୁନ୍ଦଫୁଲ, କୁନ୍ଦିବା ଯନ୍ତ୍ର ।

କୁନ୍ଦନ, ବ. ସୁବର୍ଣ୍ଣ ।
କୁନ୍ଦିବା, କ୍ରି. (ଦେ) କୁନ୍ଦଯନ୍ତ୍ରଦ୍ୱାରା ଚିକ୍କଣ କରିବା ।
କୁପିତ, ବି°. (କୁପ-ତ) କ୍ରୋଧାନ୍ୱିତ ।
କୁବେର, ବି. (କୁ-ବେର) ଯକ୍ଷରାଜ, ଧନାଧିପ ।
କୁବ୍ଜ, ବିଂ. (ଦେ) କୁଜା ।
କୁମର, ବ (ଦେ) ପୁଅ ।
କୁମାର, ବି. (କୁ-ମାର) କାର୍ତ୍ତିକେୟ, ପୁତ୍ର । ସ୍ତ୍ରୀ. କୁମାରୀ ।
କୁମୁଟି, ବି. (ଦେ) ବ୍ୟବସାୟୀ ଜାତିବିଶେଷ ।
କୁମୁଦ, ବି. (କୁ-ମୁଦ) ଶ୍ୱେତୋତ୍ପଳ, ରକ୍ତପଦ୍ମ ।
କୁମୁଦବାନ୍ଧବ, ବି. (କୁମୁଦ-ବାନ୍ଧବ) ନିଶାକର, ଚନ୍ଦ୍ର ।
କୁମୁଦିନୀ, ବି. ( କୁମୁଦ-ଇନ୍-ଈ ) କୁମୁଦଲତା, କୁମୁଦସମୂହ ।
କୁମେରୁ, ବି. (କୁ-ମେରୁ) ପୃଥିବୀର ଦକ୍ଷିଣ କେନ୍ଦ୍ର ।
କୁମ୍ଭା, ବି. (ଦେ) ସୂକ୍ଷ୍ମମୁଖ ପାତ୍ରବିଶେଷ ।
କୁମ୍ଭ, ବି. (କ-ଉମ୍ଭ୍-ଅ) ଘଟ, କଳସ ।
କୁମ୍ଭକ, ବି. (କୁମ୍ଭ-କ) ନିଶ୍ୱାସରୋଧ ଚେଷ୍ଟା ।
କୁମ୍ଭକାର, ବି. (କୁମ୍ଭ-କାର) କୁମ୍ଭାର ।
କୁମ୍ଭଜ } ବି. ( କୁମ୍ଭ-ଜନ୍-ଅ, ଯୋନି )
କୁମ୍ଭଯୋନି } ଅଗସ୍ତ୍ୟମୁନି ।
କୁମ୍ଭାଟୁଆ, ବି. (ଦେ) ପକ୍ଷିବିଶେଷ ।
କୁମ୍ଭାର, ବି. (ଦେ) କୁମ୍ଭକାର, କୁଲାଳ ।
କୁମ୍ଭୀର, ବି. (କୁମ୍ଭୀ-ରା-ଅ) କମ୍ଭୀର, ଜଳଜନ୍ତୁ ।

କୁରଙ୍ଗ, ବି. (କୁ-ରନ୍‌ଜ୍-ଅ) ହରିଣ, ମୃଗ ।
କୁରରୀ, ବି. ( କୁର୍-ଅର୍-ଈ ) ଉତ୍କ୍ରୋଶ ପକ୍ଷିଣୀ, ଭେଡ଼ୀ ।
କୁରୁଣ୍ଡ, ବି. (କୁର୍-ଉଣ୍ଡ) ବୃଦ୍ଧି ଶୀଳ ଅଣ୍ଡକୋଷ ।
କୁରୁବକ, ବି. (କୁ-ରୁ-ବକ) ଝିଣ୍ଟି ପୁଷ୍ପଗଛ ।
କୁରୁ, ବି. (କୁରୁ-ଉ) ଚନ୍ଦ୍ରବଂଶୀୟ ନୃପତିବିଶେଷ ।
କୁରୁଣ୍ଟ, (କ), ବି. ( କୁ-ରୁନ୍‌ଟ୍-ଅକ ) ଦାସକୁରୁଣ୍ଟ ଗଛ ।
କୁରୁବିନ୍ଦ, ବି. (କୁରୁ-ବିନ୍ଦ୍-ଅ) ପଦ୍ମରାଗ ମଣି ।
କୁରୁଳ, ବି. (ଦେ) ଚଣ୍ଡି କୁନ୍ତଳ ।
କୁରୁବୃଦ୍ଧ, ବି. (କୁରୁ-ବୃଦ୍ଧ) ଭୀଷ୍ମ ।
କୁରୁତା } ବି. (ଯା) ଜାମା, ଅଙ୍ଗରଖା ।
କୁର୍ତ୍ତା }
କୁଳ, ବି. (କୁ-ଳ) ବଂଶ, ଜାତି, ସମୂହ ।
କୁଳଟା, ବିଂ. (କୁଳ-ଅଟ୍-ଆ) ଅସତୀ ସ୍ତ୍ରୀ, ଭ୍ରଷ୍ଟା ।
କୁଲ (ଲୁ) ତା, ବି. (ଦେ) ସମ୍ବଲପୁରର କୃଷକ ବା ଚଷା ।
କୁଳସ୍ଥ, ବି. (କୁଳ-ସ୍ଥା-ଅ) କୋଳଥ ।
କୁଳପର୍ବତ, ବି. ମହେନ୍ଦ୍ର, ମଳୟ, ସହ୍ୟ, ଶୁକ୍ତିମାନ୍, ଋକ୍ଷ, ବିନ୍ଧ୍ୟ, ପାରିପାତ୍ର ଓ ହିମାଳୟ ଏହି ଆଠ ପର୍ବତ ।
କୁଳପାଳି, (କା) ବି. କୁଳବଧୂ, ପତିବ୍ରତା ।
କୁଳବତୀ, ବି. (କୁଳ-ବତ୍-ଇ) ସତୀ ସ୍ତ୍ରୀ ।

କୁଲ, ବ. (ଦେ) ସୂର୍ପ, ଧାନ୍ୟାଦ ପାଛୁଡ଼ିବା ପାତ୍ର ।
କୁଳାଙ୍ଗାର, ବ. (ଦେ) କୁଳାଧମ ।
କୁଳାୟ, ବ. (କୁଳ-ଆୟ) ମାଢ଼, ପକ୍ଷିର ବସା ।
କୁଲାଳ, ବ. (କୁଲ୍-ଆଳ) କୁମ୍ଭାର ।
କୁଳି, ବ. ( କୁଳ-ଇ ) କଣ୍ଟକାସ୍ଥ ବୃକ୍ଷ । ବ. (ଦେ) ମୂଖର ଜଳ ।
କୁଳି (ଳୀ) ର, ବ. (କୁଳ-ଇର,ଈର) କଙ୍କଡ଼ା ।
କୁଳିଶ / କୁଳୀଶ } ବ. (କୁଳି-ଶ) ଇନ୍ଦ୍ରଙ୍କ ବଜ୍ର ।
କୁଲି, ବ. (ଦେ) ମଜୁରିଆ, ମୂଲିଆ ।
କୁଳୀନ, ବଂ. (କୁଳ-ଈନ) ସତ୍‌କୁଳଜାତ ।
କୁଳୁକୁଞ୍ଚା, ବ. (ଦେ) ମୁହଁରେ ଜଳ ଧରି କଳକଳ କରି ପକାଇଦେବା ।
କୁଳୁଚ, ବ. (ଦେ) ଅଧାକୁଟା ଧାନ ।
କୁଲେଇ, ବ. (ଦେ) କ୍ଷୁଦ୍ର କୁଲ ।
କୁଲ୍ୟା, ବ.(କୁଲ୍ୟ-ଆ) କୃତ୍ରିମ ନଦୀ, ନାଳ, କେନାଲ ।
କୁବଳୟ, ବ. (କୁ-ବଳ-ଅୟ) ପଦ୍ମ, ମୁକ୍ତା, ସମୁଦ୍ର, ହସ୍ତୀ ।
କୁବେଣି, ( ଣୀ) , ବ. ( କୁ-ବେଣୀ ) ମାଛ ରଖିବା ଖାଳୋଇ ।
କୁଶ, ବ. (କୁ-ଶ) ପ୍ରସିଦ୍ଧ ତୃଣ, ରାମଙ୍କ ଜ୍ୟେଷ୍ଠ ପୁତ୍ର
କୁଶଳ, ବ. (କୁ-ଶଳ୍-ଅ) ମଙ୍ଗଳ, କଲ୍ୟାଣ ।
କୁଶଳୀ, ବଂ. ( କୁଶଳ-ଇନ୍ ) କୁଶଳଯୁକ୍ତ ।

କଶାଲ୍ମ, ବ. (ପ୍ରା. ସମ୍ବଲପୁର) ଆଖୁ ।
କୁଶୀ, (ଷୀ, ସୀ) ଦ, ବ. (କୁ-ସଦ୍-ଅ) ସୁଧ ।
କଶୀଲବ, ବ. (କ-ଶୀଳ-ବ) ନଟ, ନର୍ତ୍ତକ, କୁଶ ଓ ଲବ ।
କୁଶୂଳ, ବ. (ଦେ) ବଡ଼ ନାହା ।
କୁଶେଶୟ୍ୟ, ବ. (କୁଶେ-ଶୀ-ଅ) ପଦ୍ମ ।
କୁଷ୍ଠ, ବ. (କୁଷ୍-ଠ) କୁଷ୍ଠରୋଗ ।
କୁଷ୍ଠୀ, ବ. (କୁଷ୍ଠ-ଇନ୍) କୁଷ୍ଠରୋଗୀ ।
କୁଷ୍ମାଣ୍ଡ, ବ. (କ-ଉଷ୍-ଅଣ୍-ଡ଼) ପାଣିକଖାରୁ ।
କୁସୁମ, ବ. (କୁସ୍-ଉମ) ପୁଷ୍ପ, ସ୍ତ୍ରୀଲୋକର ଋତୁ ।
କୁସୁମିତ, ବିଂ. (କୁସୁମ-ଇତ) ପୁଷ୍ପିତ ।
କୁସଂସ୍କାର, ବ. (କୁ-ସଂସ୍କାର) ବିବେଚନାଶୂନ୍ୟ ଧାରଣା ।
କୁସ୍ତି, ବ. (ଯା) ମଲ୍ଲବିଦ୍ୟା ।
କୁହକ, ବ. ( କୁହ-ଅକ ) ଇନ୍ଦ୍ରଜାଲ, ଭେଲ୍କି ।
କୁହର, ବ. ( କୁ-ହୃ-ଅ ) ଗହ୍ୱର, କଣ୍ଠଧ୍ୱନି, କଣ୍ଠି ।
କୁହାଇବା, କ୍ରି. ( ଦେ ) ଅନ୍ୟଦ୍ୱାରା ଜଣାଇବା ।
କୁହାକୋହି, ବ. ( ଦେ ) କଥାଭାଷା ।
କୁହାଟ, ବ. ( ଦେ ) ଉଚ୍ଚଡ଼ାକ ।
କୁହୁ, ବ. ( କୁହ୍-ଉ ) ଅମାବାସ୍ୟା, କୋକିଳଧ୍ୱନି ।
କୁହୁଡ଼ି, ବ. ( ଦେ ) କୁଜ୍ଝଟିକା ।
କୁହୁଳିବା, କ୍ରି. ( ଦେ ) ପ୍ରଧୂମିତ ହେବା ।
କୁହେଳିକା, ବ. ( କୁ-ହେଡ଼-ଅକ-ଆ) କୁହୁଡ଼ି ।
କୁହ୍ଲିଆ, ବ. ( ପ୍ରା. ସଂ ) ବଲୁଆ ।

କୂଅ, ବି. ( ଦେ ) କୂପ ।
କୂଜନ, ବି. ( କୂଜ-ଅନ) ଅବ୍ୟକ୍ତ ଧ୍ୱନି, ପକ୍ଷିର ଧ୍ୱନି ।
କୂଟ, ବି. ( କୂଟ-ଅ ) ପର୍ବତଶୃଙ୍ଗ, ଫାନ୍ଦ । ବିଂ. ମିଥ୍ୟା ।
କୂପ, ବି. ( କୂ-ପ ) କୂଅ, ଗର୍ତ୍ତ ।
କୂର୍ମ, ବି. ( କୁ-ଊର୍ମି-ଅ ) କଚ୍ଛପ ।
କୂଳ, ବି. ( କଲ୍-ଅ ) ତଟ, ଜଳାଶୟତୀର, ସୀମା ।
କୂଳଙ୍କଷା, ବି. ( କୂଳଙ୍କଷ-ଆ ) ନଦୀ ।
କୃତ୍, ବି. ( କୃ-କ୍ୱିପ୍ ) ଧାତୁରୁ ଉତ୍ତର ବିହିତ ପ୍ରତ୍ୟୟ ।
କୃତ, ବି. ( କୃ-ତ ) କାର୍ଯ୍ୟ, ଯଥେଷ୍ଟ, ସତ୍ୟଯୁଗ । ବିଂ. ସମ୍ପାଦିତ, ଶିକ୍ଷିତ ।
କୃତକାର୍ଯ୍ୟ, ବିଂ. ( କୃତ-କାର୍ଯ୍ୟ) କୃତାର୍ଥ, ଚରିତାର୍ଥ ।
କୃତକୃତ୍ୟ, ବି. ( କୃତ-କୃତ୍ୟ ) କୃତାର୍ଥ, ଚରିତାର୍ଥ ।
କୃତଘ୍ନ, ବିଂ. ( କୃତ-ହନ୍-ଅ ) କେହି ଉପକାର କଲେ ଯେ ତାହା ସ୍ୱୀକାର କରେ ନାହିଁ ।
କୃତଜ୍ଞ, ବିଂ. (କୃତ-ଜ୍ଞା-ଅ) କେହି ଉପକାର କଲେ ଯେ ତାହା ଚିରକାଳ ମନେ ରଖେ ଓ ପ୍ରତ୍ୟୁପକାର କରିବା ଲାଗି ଚେଷ୍ଟା କରେ ।
କୃତବିଦ୍ୟ, ବିଂ. ( କୃତ-ବିଦ୍ୟା ) ବିଦ୍ୱାନ୍, ପଣ୍ଡିତ ।
କୃତାଞ୍ଜଳି, ବିଂ. (କୃତ-ଅଞ୍ଜଳି) ବଦ୍ଧାଞ୍ଜଳି, ଯୁକ୍ତପାଣି ।
କୃତାନ୍ତ, ବି. ( କୃତ-ଅନ୍ତ ) ଦୈବ, ଯମ ।
କୃତାର୍ଥ, ବିଂ. ( କୃତ-ଅର୍ଥ ) ଚରିତାର୍ଥ, କୃତକାର୍ଯ୍ୟ ।

କୃତ, ବି. ( କୃ-ତ ) କାରଣ, କାର୍ଯ୍ୟ, ରଚନା ।
କୃତତ୍ୱ, ବି. ( କୃତନ୍-ତ୍ୱ ) କ୍ଷମତା, ଦକ୍ଷତା ।
କୃତୀ, ବିଂ. ( କୃତ-ଇନ୍ ) ନିପୁଣ, ସମର୍ଥ, ପଣ୍ଡିତ ।
କୃତ୍ତି, ବି. ( କୃତ୍-ତି ) ଚର୍ମ, ତ୍ୱକ୍ ।
କୃତ୍ତିକା, ବି. ତୃତୀୟ ନକ୍ଷତ୍ର, କାର୍ତ୍ତିକେୟଙ୍କ ଧାତ୍ରୀ ମାତା ।
କୃତ୍ତିବାସ, ବି. ( କୃତ୍ତି-ବାସ) ଚର୍ମାମ୍ବର, ମହାଦେବ ।
କୃତ୍ୟ, ବି. ( କୃ-ଯ ) କାର୍ଯ୍ୟ, ପ୍ରୟୋଜନ, ତବ୍ୟାଦି ପ୍ରତ୍ୟୟ ।
କୃତ୍ରିମ, ବିଂ. ( କୃତ୍-ତ୍ରିମ ) କଳ୍ପିତ, କାଳ୍ପନିକ, ଅସ୍ୱାଭାବିକ ।
କୃତ୍ସ୍ନ, ବିଂ. ( କୃତ୍-ସ୍ନ ) ସମୁଦାୟ, ସମ୍ପୂର୍ଣ୍ଣ ।
କୃଦନ୍ତ, ବି. ( କୃତ୍-ଅନ୍ତ ) କୃତ୍ ପ୍ରତ୍ୟୟ ।
କୃନ୍ତନ, ବି. ( କୃତ୍-ଅନ ) ଛେଦନ ।
କୃପଣ, ବିଂ. ( କୃପ୍-ଅନ ) ବ୍ୟୟକୁଣ୍ଠ, ନୀଚ ।
କୃପା, ବି. ( କୃପ୍-ଆ ) ଦୟା, କରୁଣା ।
କୃପାଣ, ବି. ( କୃପ-ଆଣ ) ଖଡ୍ଗ, ଛୁରୀ ।
କୃପାଳୁ, ବିଂ. (କୃପା-ଆଳୁ) ଦୟାଳୁ, କରୁଣାନ୍ୱିତ ।
କୃପୀଟଯୋନି, ବି. ( କୃପୀଟ-ଯୋନି ) ଅଗ୍ନି ।
କୃମି, ବି. ( କ୍ରମ୍-ଇ ) କୀଟ, ପୋକ ।
କୃଶ, ବିଂ. ( କୃଶ୍-ଅ ) କ୍ଷୀଣ, ମନ୍ଦକାର୍ଯ୍ୟ, ପତଳା
କୃଶାଙ୍ଗୀ, ବିଂ. ( କୃଶ-ଅଙ୍ଗ-ଈ ) କ୍ଷୀଣାଙ୍ଗୀ ।
କୃଶାନୁ, ବି. ( କୃଶ-ଆନୁ ) ଅଗ୍ନି ।

କୃଷକ, ବି. ( କୃଷ-ଅକ ) ଚଷା, କର୍ଷକ ।
କୃଷି, ବି. ( କୃଷ୍-ଇ ) ଗୃହବାସ, କୃଷିକର୍ମ ।
କୃଷୀବଳ, ବି. ( କୃଷି-ବଳ ) କୃଷକ ।
କୃଷ୍ଟ, ବିଂ. ( କୃଷ୍-ତ ) ଚଷିବା କ୍ଷେତ୍ର, ଆକୃଷ୍ଟ ।
କୃଷ୍ଣ, ବି. ( କୃଷ୍-ନ ) ବିଷ୍ଣୁଙ୍କ ଅବତାର । ବିଂ. ନୀଳବର୍ଣ୍ଣ ।
କୃଷ୍ଣଦ୍ୱୈପାୟନ, ବି. ( କୃଷ୍ଣ-ଦ୍ୱୈପାୟନ ) ବେଦ-ବ୍ୟାସ, ବ୍ୟାସଦେବ ।
କୃଷ୍ଣପକ୍ଷ, ବି. ( କୃଷ୍ଣ-ପକ୍ଷ ) ଚନ୍ଦ୍ରକଳା କ୍ଷୟ ହେବା ପକ୍ଷ ।
କୃଷ୍ଣସାର, ବି. ( କୃଷ୍ଣ-ସାର ) ହରିଣବିଶେଷ ।
କୃଷ୍ଣା, ବି. ( କୃଷ୍-ନ-ଆ ) ଦ୍ରୌପଦୀ ।
କେ
କିଏ } ସଂ. ( ଦେ ) କେଉଁ ବ୍ୟକ୍ତି ।
କେଉଟ, ବି. ( ଦେ ) କୈବର୍ତ୍ତ, ଧୀବର ।
କେକା, ବି. ( କେ-କୈ-ଅ ) ମୟୂରର ଡାକ ।
କେକୟୀ, ବି. ସ୍ତ୍ରୀ. ( କେକୟ-ଈ ) ଦଶରଥ ରାଜାଙ୍କ ମଧ୍ୟମା ପତ୍ନୀ, କୈକେୟୀ ।
କେକୀ, ବି. ( କେକା-ଇନ୍ ) ମୟୂର ।
କେଞ୍ଚିବା, କ୍ରି. ( ଦେ ) ଭୁଷିଦେବା ।
କେଞ୍ଚୁଆ, ବି. ( ଦେ ) ଜିଆ, ମହୀଲତା ।
କେଞ୍ଚୁ (ଞ୍ଚେ) ଡ, ବିଂ. ( ଦେ ) ଅପକ୍ୱ, ଅପରିଣତ ।
କେଣେ, ଅଂ. ( ଦେ ) କେଉଁ ଆଡ଼େ ।

କେଣ୍ଡା, ବି. ( ଦେ ) ଶସ୍ୟଗୁଚ୍ଛ, କେନ୍ଥା ।
କେତକ, ( କୀ ), ବି. (ଦେ) କିଆକାଣ୍ଟାଯୁକ୍ତ ଗଛ ଓ ତାହାର ଫୁଲ ।
କେତନ, ବି. ( କିତ୍-ଅନ ) ଧ୍ୱଜ, ପତାକା, ଚିହ୍ନ ।
କେତାକେତା, ବିଂ. ( ଦେ ) ଠିକଠିକ ।
କେତୁ, ବି. ( କିତ୍-ଉ ) ଗ୍ରହବିଶେଷ, ପତାକା, ଧୂମକେତୁ ।
କେତୁମୁଣ୍ଡ, ବି. ରାହୁ ।
କେତେ, ଅଂ. ( ଦେ ) କି ପରିମାଣ, କିମ୍ଭୂତ ।
କେଦାର, ବି. ( କେ-ଦୃ-ଅ ) ଆଳବାଳ, ଶିବ, କିଆରି ।
କେନା, ବି. ( ଦେ ) ବୃକ୍ଷଶାଖା, ଖଣ୍ଡ ।
କେନାଲ, ବି. (ଇଂ.Canal) କୃତ୍ରିମ ନଦୀ, ନାଳ, କୁଲ୍ୟା ।
କେନ୍ଦରା, ବି. (ଦେ) ବାଦ୍ୟଯନ୍ତ୍ରବିଶେଷ ।
କେନ୍ଦୁ, ବି.(ଦେ)ଫଳବିଶେଷ, ବୃକ୍ଷବିଶେଷ,ତିନ୍ଦୁକ ।
କେନ୍ଦୁଆ, ବି. (ଦେ) କଲରାପଟିଆ ବାଘ ।
କେନ୍ଦ୍ର, ବି. (କ-ଇନ୍ଦ୍ର) ଗୋଲ ବସ୍ତୁର ମଧ୍ୟସ୍ଥାନ ।
କେମନ୍ତ, (କେନ୍ତେ), ଅଂ. (ଦେ) କିପରି, ପ୍ରଶ୍ନବାଚକ ।
କେମ୍ପା, ବି. (ଦେ) ଯାହାର ହାତ ବଙ୍କା ।
କେୟୂର, ବି. (କେ-ଯୁ-ଊର)ଅଙ୍ଗଦ, ବାହୁଭୂଷଣ, ତାଡ଼ି ।
କେରଳ, ବି.(ଦେ) ମାଲବାରଦେଶ, ଜ୍ୟୋତିଃଶାସ୍ତ୍ରବିଶେଷ ।

କେରପାଲ, ବ. ( ଦେ ) ଛଣପଟ ସୂତାନମତ ଏକପ୍ରକାର ବସ୍ତ୍ର ।

କେର୍‌ୱ, ବ. (ଦେ)ତଣ୍ଡାଦିଗୁଚ୍ଛ,ଔପନିବେଶିକ, ମିଶ୍ରିତ ।

କେର୍‌ଣ୍ଡି, ବ. (ଦେ) ଏକପ୍ରକାର ଶ୍ରେଷ୍ଠ ମାଛ,କର୍‌ଣ୍ଡ ।

କେଳତ, ବ. (ଦେ) ରତ ।

କେଳା, ବ. (ଦେ) ଐନ୍ଦ୍ରଜାଲିକ, ନୀଚଜାତିବିଶେଷ ।

କେଳାଇବା, କ୍ରି. (ଦେ) ମାଛ ବାଛୁବା, ଶ୍ରେପା ଛଡ଼ାଇବା ।

କେଳି, ବ. (କଲ୍‌-ଇ) କ୍ରୀଡ଼ା, କୌତୁକ ।

କେଳିକଦମ୍ବ, ବ. ଏକଜାତୀୟ କଦମ୍ବଗଛ, ବସନ୍ତ-କାଳରେ ଏହାର ଫୁଲ ଫୁଟେ ।

କେଳିକଳା, ବ. (କେଳି-କଳା) ରତିକ୍ରୀଡ଼ା ।

କେଲୁଣୀ, ବ. ସ୍ତ୍ରୀ. (ଦେ) କେଳାର ସ୍ତ୍ରୀ, ନୀଚ ସ୍ତ୍ରୀ ।

କେଲୁ (ରୁ) ଆଳ, ବ. (ଦେ) ମଙ୍ଗଧର, କଣ୍ଡିଧାର, କଡ଼ିଆଳ ।

କେବଣ, ଅଂ. (ଦେ) କେଉଁ, କଅଣ ।

କେବଳ, ବଂ.(କେବ୍‌-ଅଳ) ଏକମାତ୍ର, ଅସହାୟ,ରକ୍ତ, ଶୁଦ୍ଧ, ଅବଧାରିତ ।

କେବା, ଅଂ. (ଦେ) କିଏ ଅବା ।

କେବେ, (ଭେ), ଅଂ (ଦେ) କେଉଁ ସମୟରେ ।

କେଶ, ବ. (କ-ଈଶ-ଅ) ବାଳ ।

କେଶପାଶ } ବ. (କେଶ-ପାଶ, ହସ୍ତ) କେଶଗୁଚ୍ଛ,
କେଶହସ୍ତ } ଭୂଷିତ କେଶ ।

କେଶମାର୍ଜକ, ବି. (କେଶ-ମାର୍ଜକ) ପାନିଆ ।

କେଶର<br>କେସର } ବି (କେ-ଶୃ-ଅ) ନାଗେଶ୍ୱର, ସିଂହାଦି ଜୀବଙ୍କ ବେକର ବାଳ, ପୁଷ୍ପ ମଧ୍ୟବର୍ତ୍ତୀ କୋମଳ ଅଂଶବିଶେଷ, କିଞ୍ଜଳ୍କ ।

କେଶରୀ<br>କେସରୀ } ବି. ( କେଶର-ଇନ୍ ) ସିଂହ ।

କେଶବ, ବି. (କ-ଈଶ-ବ) ବା (କେଶ-ବ) ବିଷ୍ଣୁ ।

କେଶବିନ୍ୟାସ, ବି. (କେଶ-ବିନ୍ୟାସ) କବରୀବନ୍ଧନ, କେଶରଚନା ।

କେସନ, ଅଂ. (ଦେ) କିପରି ।

କେହ୍ନ, (ହ୍ନୁ), ସଂ (ଦେ) କୌଣସି ଲୋକ, କିପରି ।

କେହ୍ନେ, ଅଂ. ( ପଦ୍ୟ ) କିପରି ।

କୈକେୟୀ, ବି. ସ୍ତ୍ରୀ. ( କେକୟ-ଅ-ଈ ) ଭରତଙ୍କ ମାତା ।

କୈଟଭାରି, ବି. (କୈଟଭ-ଅରି) ନାରାୟଣ, ବିଷ୍ଣୁ ।

କୈତବ, ବି. (କିତବ-ଅ) ଛଳ, କପଟ, ଦ୍ୟୂତକ୍ରୀଡ଼ା ।

କୈରବ, ବି. (କେ-ରବ-ଅ) କଇଁ, ଶତ୍ରୁ, ଜ୍ୟୋସ୍ନା ।

କୈଳାସ, ବି. (କେଳି-ଆସ୍-ଅ) ପର୍ବତବିଶେଷ ।

କୈବର୍ତ୍ତ, ବି. (କେବର୍ତ୍ତ-ଅ) ଧୀବର, ଜାତିବିଶେଷ ।

କୈବଲ୍ୟ, ବି. (କେବଳ-ଯ) ସଂସାରମୁକ୍ତି, ମୋକ୍ଷ ।

କୈଶିକ, ବି. (କେଶ-ଇକ) କେଶ ପରି ସୂକ୍ଷ୍ମ ଛିଦ୍ର-ବିଶିଷ୍ଟ, କେଶସମ୍ବନ୍ଧୀୟ ।

କୈଶୋର, ବି. (କିଶୋର-ଅ) ନବୀନ ବୟସ, ୧୫ ବର୍ଷ ପର୍ଯ୍ୟନ୍ତ ।

କୋଇ, ବି. (ଦେ) ସୁନା ରୁପା ପ୍ରଭୃତି ଆଉଟିବା ପାତ୍ର ।

କୋଇଲା, ବି. (ଦେ) ଅଙ୍ଗାର ।

କୋଇଲି, ବି. (ଦେ) କୋକିଳ, ଆମ୍ବଟାକୁଆ ଭିତର ଶସ ।

କୋଇଲେଖା, ବି. (ଦେ) କଣ୍ଟକଯୁକ୍ତ ଔଷଧି ଗୁଳ୍ମ-ବିଶେଷ ।

କୋକ, ବି (କ-ଉକ-ଅ) ଚକ୍ରବାକ, ହେଣ୍ଟା ବାଘ ।

କୋକନଦ, ବି. (କୋକ-ନଦ-ଅ) ରକ୍ତପଦ୍ମ ।

କୋକବନ୍ଧୁ, ବି. (କୋକ-ବନ୍ଧୁ) ସୂର୍ଯ୍ୟ, ଦିବାକର ।

କୋକିଳ, ବି. ( କୁକ୍-ଇଳ ) ପକ୍ଷିବିଶେଷ, ପିକ, କୋଇଲି ।

କୋକୀ<br>କୋକିଶିଆଳ, (ଳି), } ବି. ( ଦେ ) ଏକଜାତୀୟ ବିଲୁଆ ।

କୋକୁଆ, ବି. (ଦେ) ମଣ୍ଡୂକ, ମହାମାରୀ ।

କୋକେଇ, ବି. (ଦେ) ଯହିଁରେ ଶବ ବୁହାଯାନ୍ତି ।

କୋଚଆ, ବି. (ଦେ) ଜଳଜୀବବିଶେଷ ।

କୋଚିଲା, ବି. ( ଦେ ) ଏକପ୍ରକାର ତିକ୍ତ ଫଳ ଓ ତାହାର ଗଛ ।

କୋଚିଲାଖାଇ, ବି. (ଦେ) ଏକପ୍ରକାର ବନ୍ୟ ପକ୍ଷୀ ।

କୋଜାଗର, ବି. (କଃ-ଜାଗର) କୁମାରପୂର୍ଣ୍ଣିମା ।

କୋଟ, ବ. (କୁଟ୍-ଅ) ଦୁର୍ଗ, (ଇଂ.Court) କଚେରୀ, ଏକପ୍ରକାର ଜାମା ।

କୋଟର, ବ. (କୋଟ-ର) ବୃକ୍ଷସ୍ଥ ଗହ୍ୱର ।

କୋଟି, ବ. ( କୁଟ୍-ଇ ) ଖଡ୍ଗାଦିର ପ୍ରାନ୍ତ, ଶଏ ଲକ୍ଷ ।

କୋଠ, ବ. (ଦେ) ଇଜମାଲି, ଯୌଥ ।

କୋଠରୀ, ବ. (ଯା) ଗୃହର ପ୍ରକୋଷ୍ଠ ।

କୋଠା, ବ. (କୋଷ୍ଠ ଶବ୍ଦଜ) ଅଟ୍ଟାଳିକା ।

କୋଠି, ବ. ଅମାର, ଶସ୍ୟାଗାର ।

କୋଠିଆ, ବ. (ଦେ) କୃଷିକର୍ମରେ ନିଯୁକ୍ତ ମୂଲିଆ ।

କୋଡ଼, ବ. (ଦେ) କ୍ରୋଡ଼, କୋଳ ।

କୋଡପୋଛା, ବ. (ଦେ) ସର୍ବକନିଷ୍ଠ ।

କୋଡ଼ମେଇ, ବ. (ଦେ) ଧାନ୍ୟାଦି ରଖିବାର ଡୋଲି ।

କୋଡ, ବ. ( ଦେ ) ମାଟିଖୋଳିବା ଲୌହ ଯନ୍ତ୍ରବିଶେଷ, ୨୦ ସଂଖ୍ୟା ।

କୋଡିବା, ବ. ( ଦେ) କୋଡ଼ଦ୍ୱାରା ମାଟି ଖୋଳିବା ।

କୋଢ଼ୀ } ବି, (ଦେ) ଅଳସୁଆ ।
କୋଢ଼ିଆ }

କୋଣ, ବ. (କୁଣ୍-ଅ) ବିଦିଗ, ରେଖାଦ୍ୱୟର ସନ୍ଧି ସ୍ଥଳ ।

କୋତ, ବ. (ଦେ) ବଡ଼ କଳସୀ ବା ମାଠିଆ ।

କୋତରା, ବ, (ଦେ) ମଳିନ, ମସିଆ ।

କୋଥଳି, ବ. (ଦେ) ଚଳକମୁଣା, ଝୁଲି, ମୁଣି ।

କୋଦଣ୍ଡ, ବ. (କୁଣ୍-ଅଣ୍ଡ) ଧନୁକ ।

କୋଦମା } ବି. (ଦେ) ମୋଟା, ସ୍ଥୂଳକାୟ ।
କୋଦା

କୋଦାଳ, ବି. (ଦେ) ଏକପ୍ରକାର କୋଡ଼ି ।

କୋଦୁଅ, ବି. (ଦେ) କୋଦ୍ରବ, ତୃଣଧାନ୍ୟବିଶେଷ ।

କୋପ, ବି. (କୁପ୍-ଅ) କ୍ରୋଧ, ଅମର୍ଷ ।

କୋପନ, ବି. (କୁପ୍-ଅନ) କ୍ରୋଧୀ, ରାଗୀ ।

କୋପିତ, ବିଂ. (କୁପ୍-ତ) ରୋଷିତ, କ୍ରୁଦ୍ଧ ।

କୋପୀ, ବିଂ. (କୁପ୍-ଇନ୍) କ୍ରୋଧୀ, କ୍ରୋଧବିଶିଷ୍ଟ ।

କୋମଳ, ବିଂ. (କୁମ୍-ଅଳ) ସୁକୁମାର, ନରମ ।

କୋମ୍ବରା, ବିଂ. (ଦେ) ଶୂକର ।

କୋର, ବି. (ଦେ) ସୂତାରେ ତିଆରି ଫିତା ।

କୋରକ, ବି. (କୁର୍-ଅକ) କଢ଼ୀ, ମୁକୁଳ ।

କୋରଖ, ବି. (ଯା) ସରକାରୀ ଆଦେଶରେ ବଳାତ୍କାରରେ ଦ୍ରବ୍ୟାଦି ଗ୍ରହଣ ।

କୋରଟ, ବି. (ଦେ) ତାଳ ବାହୁଙ୍ଗାର ବକଳ ।

କୋରଡ଼, ବି. (ଦେ) ବୃକ୍ଷରେ ଥିବା ଗର୍ତ୍ତ ।

କୋରଡ଼ା, ବି. (ଦେ) ଚାବୁକ ।

କୋରଣା, ବି. (ଦେ) ନଡ଼ିଆ ଆଦି କୋରିବା ଯନ୍ତ୍ର ।

କୋରା, ବି. (ଦେ) ନଡ଼ିଆ ଓ ଗୁଡ଼ମିଶା ଲଡ଼ୁ ।

କୋରାଣ, ବି. (ଯା) ମୁସଲମାନଙ୍କ ଧର୍ମଗ୍ରନ୍ଥ ।

କୋରିବା, କ୍ରି. (ଦେ) ବିଦାରିବା, ଗ୍ରହିବା ।

କୋଳ, ବି. (କୁଳ-ଅ) ଅଙ୍କ, କ୍ରୋଡ଼, ଶୂକର ।

କୋଲ, ବିଂ. (ଦେ) ଶୀତଳ, ବି. ବନ୍ୟ ଜାତିବିଶେଷ ।

କୋଳଥ. ବି. ( ଦେ ) ଶସ୍ୟବିଶେଷ ।
କୋଲପ, ବି ( ଦେ ) ତାଲା ।
କୋଳାଗ୍ରତ, ବି. ( ଦେ ) ଆଲିଙ୍ଗନ ।
କୋଳାହଳ, ବି. ( କୋଳ-ଆ-ହଲ୍-ଅ ) କଳକଳ ଧ୍ୱନି ଗୋଳମାଳ ।
କୋଳି, ବି. ( କୋଳ-ଇ ) ଖାଦ୍ୟ ଫଳବିଶେଷ, ବରକୋଳି ଓ ତାହାର ଗଛ ।
କୋହ୍ଲ, ବି. ( ଦେ ) ଅନାର୍ଯ୍ୟ ଜାତିବିଶେଷ ।
କୋବା, ବି. ( ଦେ ) କାଷ୍ଠନିର୍ମିତ ପିଟଣା ।
କୋବି, ବି. ( ଦେ ) ବୈଦେଶିକ ଶବ୍‌ଜିବିଶେଷ ।
କୋବିଦ, ବିଂ. (କୋ-ବିଦ) ଜ୍ଞାନୀ, ପଣ୍ଡିତ, ନିପୁଣ ।
କୋବିଦାର, ବି. (କଃ-ବିଦାର) ମନ୍ଦାର, ପାରିଜାତ, ରକ୍ତକାଞ୍ଚନ, ନିମ୍ବ ।
କୋଶ } ବି. ( କୁଶ୍, ଷ-ଅ ) କଢ଼, ଖୋଳ,
କୋଷ } ଭଣ୍ଡାର, ଧନାଗାର, ପେଳ, ଗୋଟି-ପୋକ, ଖୋଷା, ଅଭିଧାନ । ( ଦେ ) କ୍ରୋଶ ପରିମାଣ ଦୂରତ୍ୱ ।
କୋଶ ( ଷ, ସ ) ଳ, ବି. ( କୁଶ୍-ଅଳ ) ପ୍ରାଚୀନ ଅଯୋଧ୍ୟା ପ୍ରଦେଶ ।
କୋଶଳା, ବି. ( ଦେ ) ଏକପ୍ରକାର ଶାଗ ।
କୋଷ୍ଠ, ବି. (ଦେ) ଶସ୍ୟାଗାର, କୋଠି, ଉଦରମଧ୍ୟ ।
କୋଷ୍ଠୀ, ( କୋଷ୍ଠ-ଈ ) ଜାତକ, ଜନ୍ମପତ୍ରିକା ।
କୋଷ୍ଣ, ବି. ( କୁ-ଉଷ୍ଣ ) ଈଷଦୁଷ୍ଣ, ଅଳ୍ପ ଗରମ ।

କୋହ. ବ. ( ଦେ ) କୋପମିଶ୍ରିତ ଜନ୍ଦନ ।
କୋହଳ, ବିଂ. ( ଦେ ) ନରମ, କୋମଳ ।
କୋହିନୁର, ବ. ( ଦେ ) ଇତିହାସପ୍ରସିଦ୍ଧ ହୀରକ ।
କୌଟିଲ୍ୟ, ବ. ( କୁଟିଳ-ଯ ) କୁଟିଳତା, ଚାଣକ୍ୟ ବ୍ରାହ୍ମଣ ।
କୌତୁକ, ବ. ( କୁତୁକ-ଅ ) କୁତୂହଳ, ଆନନ୍ଦ ।
କୌତୂହଳ, ବ. (କୁତୂହଳ-ଅ)ଔତ୍ସୁକ୍ୟ, ଅଭିଳାଷ ।
କୌନ୍ତେୟ, ବ. (କୁନ୍ତୀ-ଏୟ) କୁନ୍ତୀପୁତ୍ର, ଅର୍ଜୁନ, ଅର୍ଜୁନବୃକ୍ଷ ।
କୌପୀନ, ବ. (କୂପ-ଈନ) ନେଙ୍ଗୁଟୀ, କଉପୁନି ।
କୌମାର, ବ. ( କୁମାର-ଅ) ବାଲ୍ୟକାଳ, ଅବିବାହିତ ।
କୌମୁଦୀ, ବ. (କୁମୁଦ-ଅ-ଈ) ଚନ୍ଦ୍ରିକା, ଜ୍ୟୋତ୍ସ୍ନା ।
କୌରବ, ବ. ( କୁରୁ-ଅ ) କୁରୁବଂଶୀୟ ।
କୌଳୀନ୍ୟ, ବ. ( କୁଳୀନ-ଯ ) କୁଳୀନତ୍ୱ, ବଂଶ-ମର୍ଯ୍ୟାଦା ।
କୌବେରୀ, ବ. ( କୁବେର-ଅ-ଈ ) ଉତ୍ତର ଦିଗ ।
କୌଶଳ, ବ. ( କୁଶଳ-ଅ ) ଦକ୍ଷତା, ଉପାୟ ।
କୌଶଲ୍ୟା, ବ. ( କୋଶଳ-ଯ-ଆ ) ରାମଙ୍କ ମାତା ।
କୌଶିକ, ବ. (କୁଶିକ-ଅ) ବିଶ୍ୱାମିତ୍ର ଋଷି, ପେଚା ।
କୌଶେୟ, ବିଂ. ( କୋଶ-ଏୟ ) ରେଶମ ।
କୌସ୍ତୁଭ, ବ. (କୁସ୍ତୁଭ-ଅ) କୃଷ୍ଣଙ୍କ ହୃଦ୍‌ଭୂଷଣ ମଣି ।
କ୍ରକଚ, ବ. ( କ୍ରକଚ୍-ଅ ) କରତ, କରପତ୍ର ।
କ୍ରତୁ, ବ. ( କୃ-ଅତୁ ) ଯଜ୍ଞ, ପୂଜା, ବିଷ୍ଣୁ, ଇନ୍ଦ୍ରିୟ ।

କ୍ରନ୍ଦନ, ବି. ( କ୍ରନ୍ଦ୍-ଅନ ) କାନ୍ଦିବା, ରୋଦନ ।
କ୍ରମ, ବି. ( କ୍ରମ୍-ଅ ) ପର୍ଯ୍ୟାୟ, ନିୟମ, ପାଦକ୍ଷେପ ।
କ୍ରମଶଃ, କ୍ରି. ବିଂ. ( କ୍ରମ-ଶସ୍ ) କ୍ରମେ କ୍ରମେ, ଅନୁକ୍ରମେ ।
କ୍ରମାନ୍ୱୟେ, କ୍ରି. ବିଂ. କ୍ରମେ କ୍ରମେ ;
କ୍ରମିକ, ବିଂ. ( କ୍ରମ୍-ଇକ ) ଧାରାବାହିକ ।
କ୍ରୟ, ବି. ( କ୍ରୀ-ଅ ) କିଣିବା ।
କ୍ରାନ୍ତ, ବିଂ. ( କ୍ରମ୍-ତ ) ଆକ୍ରାନ୍ତ, ଏକ କଡ଼ାର ୫ ଅଂଶ ।
କ୍ରାନ୍ତି, ବି. ( କ୍ରମ୍-ତି ) ଆକ୍ରମଣ, ଗତି, ଖଗୋଳ ମଧ୍ୟବର୍ତ୍ତୀ ବକ୍ରରେଖା ।
କ୍ରିୟା, ବି. ( କୃ-ଯ-ଆ ) କର୍ମ, ଅନୁଷ୍ଠାନ, ଆରମ୍ଭ, ପୂଜା, ଶ୍ରାଦ୍ଧ, ଧାତୁର ଅର୍ଥ ।
କ୍ରିୟାବିଶେଷଣ, ବି. କ୍ରିୟାର ଗୁଣାଦି ପ୍ରକାଶକ ପଦ ।
କ୍ରୀଡ଼ନ, କ୍ରୀଡ଼ା, ବି. ( କ୍ରୀଡ୍-ଅନ, ଅ-ଆ ) ଖେଳା, ଖେଳନା ।
କ୍ରୀଡ଼ନକ, ବି. ( କ୍ରୀଡ୍-ଅନ୍-କ) ଖେଳିବା ଦ୍ରବ୍ୟ ।
କ୍ରୀତ, ବିଂ. (କ୍ରୀତ) କିଣା ଯାଇଥିବା ଦ୍ରବ୍ୟ ।
କ୍ରୁଦ୍ଧ, ବିଂ. ( କ୍ରୁଧ୍-ତ ) କ୍ରୋଧବିଶିଷ୍ଟ, କୋପନ ।
କ୍ରୂର, ବିଂ. ( କୃତ୍-ର ) ନିର୍ଦ୍ଦୟ, ଖଳ ।
କ୍ରେତା, ବିଂ. ( କ୍ରୀ-ତ ) କ୍ରୟକର୍ତ୍ତା ।
କ୍ରେୟ, ବିଂ. ( କ୍ରୀ-ଯ ) କିଣିବା ଯୋଗ୍ୟ ।

କ୍ରୋଡ଼, ବି. ( କ୍ରୁଡ୍-ଅ ) କୋଳ, ବୃକ୍ଷକୋଟର, ଶୂକର ।

କ୍ରୋଡ଼ପତ୍ର, ବି. ପୁସ୍ତକରେ ଯୋଜିତ ଅତିରିକ୍ତ ପତ୍ର ।

କ୍ରୋଧ, ବି. ( କ୍ରୁଧ୍-ଅ ) ଦ୍ୱେଷ, କୋପ ।

କ୍ରୋଧୀ, ବିଂ. ( କ୍ରୁଧ୍-ଇନ୍ ) ରାଗୀ, କୋପନ ।

କ୍ରୋଶ, ବି. ( କ୍ରୁଶ୍-ଅ ) ୮୦୦୦ ହାତ ପରିମାଣ, କୋଶ ।

କ୍ରୌଞ୍ଚ, ବି. (କ୍ରୁନ୍‌ଚ୍-ଅ) କୁଞ୍ଚାବଗ, ଦ୍ୱୀପବିଶେଷ ।

କ୍ଳାନ୍ତ, ବିଂ. ( କ୍ଳମ୍-ତ ) କ୍ଳାନ୍ତିଯୁକ୍ତ, ଶ୍ରାନ୍ତ ।

କ୍ଳାନ୍ତି, ବି. ( କ୍ଳମ୍-ତି ) ଆୟାସ, ଶ୍ରମ ।

କ୍ଳିଷ୍ଟ, ବିଂ. ( କ୍ଳିଶ୍-ତ ) କ୍ଷୀଣ, କୃଶ ।

କ୍ଳୀବ, ବି. ( କ୍ଳୀବ୍-ଅ ) ନପୁଂସକ । ବିଂ. ଅକ୍ଷମ, କାପୁରୁଷ ।

କ୍ଳୀବଲିଙ୍ଗ, ବି. (କ୍ଳୀବ-ଲିଙ୍ଗ)ସ୍ତ୍ରୀ ପୁରୁଷ ଭିନ୍ନବାଚକ ।

କ୍ଳେଦ, ବି. ( କ୍ଳିଦ୍-ଅ ) କ୍ଳିନ୍ନତା, ସମଳତା ।

କ୍ଳେଶ, ବି ( କ୍ଳିଶ୍-ଅ ) ଦୁଃଖ, ଯନ୍ତ୍ରଣା, ଶ୍ରମ ।

କ୍ଳେଶିତ, ବିଂ. ( କ୍ଳେଶ-ଇତ ) କ୍ଳେଶପ୍ରାପ୍ତ ।

କ୍ଷଣ, ବି. ( କ୍ଷଣ୍-ଅ ) ଅତି ସୂକ୍ଷ୍ମ କାଳ, ଅବକାଶ ।

କ୍ଷଣଜନ୍ମା, ବିଂ. ( କ୍ଷଣ-ଜନ୍ମନ୍ ) ସୌଭାଗ୍ୟଶାଳୀ ।

କ୍ଷଣଦା, ବି. ( କ୍ଷଣ୍-ଦା-ଅ-ଆ ) ରାତ୍ରି ।

କ୍ଷଣପ୍ରଭା, ବି. ( କ୍ଷଣ୍-ପ୍ରଭା ) ବିଦ୍ୟୁତ୍ ।

କ୍ଷଣଭଙ୍ଗୁର, କ୍ଷଣିକ } ବିଂ. (କ୍ଷଣ-ଭଙ୍ଗୁର, ଇକ) କ୍ଷଣମାତ୍ର ସ୍ଥାୟୀ, ଯେ କ୍ଷଣକରେ ନାଶ ହୁଏ ।

କ୍ଷତ, ବି. ( କ୍ଷଣ୍-ତ ) ବ୍ରଣ, ଘା । ବିଂ. ଭଗ୍ନ, ବ୍ୟଥିତ, ବିଦ୍ଧ, ନଷ୍ଟ ।

କ୍ଷତି, ବି. ( କ୍ଷଣ୍-ତି ) କ୍ଷୟ ।

କ୍ଷତ୍ତା, ବି. ( କ୍ଷଦ୍-ତୃ ) ସାରଥି, ବିଦୁର ।

କ୍ଷତ୍ର ( ତ୍ରି ) ( କ୍ଷଦ୍-ତ୍ର ) କ୍ଷତ୍ରିୟ ଜାତି ।

କ୍ଷତ୍ରିୟ, ବି. ( କ୍ଷତ୍ର-ଇୟ ) ଦ୍ୱିତୀୟ ବର୍ଣ୍ଣ । ସ୍ତ୍ରୀ. କ୍ଷତ୍ରିୟାଣୀ, କ୍ଷତ୍ରିୟା ।

କ୍ଷତ୍ରୀ, ବି. ( କ୍ଷତ୍ର-ଇନ୍ ) କ୍ଷତ୍ରିୟ ଜାତି ।

କ୍ଷପଣକ, ବି. ( କ୍ଷପ୍-ଅନ-କ ) ବୌଦ୍ଧବିଶେଷ, ନଗ୍ନ ବୌଦ୍ଧ ସନ୍ନ୍ୟାସୀ, ବିକ୍ରମାଦିତ୍ୟଙ୍କ ସଭାର ନବରତ୍ନ ମଧ୍ୟରୁ ଜଣେ ।

କ୍ଷପା, ବି. ( କ୍ଷପ୍-ଅ-ଆ ) ରାତ୍ରି ।

କ୍ଷପାକର, ବି. ( କ୍ଷପା-କୃ-ଅ ) ଚନ୍ଦ୍ର, କର୍ପୂର ।

କ୍ଷମ, ବିଂ. ( କ୍ଷମ୍-ଅ ) ସମର୍ଥ, ଉପଯୁକ୍ତ ।

କ୍ଷମତା, ବି. ( କ୍ଷମ୍-ତା) ଯୋଗ୍ୟତା, ଉପଯୁକ୍ତତା ।

କ୍ଷମା, ବି. ( କ୍ଷମ୍-ଆ ) ମାର୍ଜନା, ଶାନ୍ତି, ସହିଷ୍ଣୁତା ।

କ୍ଷୟ, ବି. ( କ୍ଷି-ଅ ) ଅପଚୟ, ନାଶ, କଲ୍ପାନ୍ତ ।

କ୍ଷୟରୋଗ, ବି. ( କ୍ଷୟ-ରୋଗ ) ଯକ୍ଷ୍ମା ରୋଗ ।

କ୍ଷର } ବି. ( କ୍ଷର-ଅ, ଅନ୍ ) ପତନ, ସ୍ରେବଣ,
କ୍ଷରଣ } ନାଶ ।

କ୍ଷାତ୍ର. ବି. ( କ୍ଷତ୍ର-ଅ ) କ୍ଷତ୍ରିୟଧର୍ମ; କ୍ଷତ୍ରିୟତ୍ୱ ।

କ୍ଷାନ୍ତ, ବିଂ. (କ୍ଷମ୍-ତ) କ୍ଷମାଶୀଳ, ନିବୃତ୍ତ, ସହିଷ୍ଣୁ ।

କ୍ଷାମ, ବିଂ. (କ୍ଷୈ-ତ) କୃଶ, କ୍ଷୀଣ ।

କ୍ଷାର, ବି. (କ୍ଷର୍-ଅ) ଲବଣରସ, ଭସ୍ମ ।

କ୍ଷାଳନ, ବି. (କ୍ଷାଳ-ଅନ) ଧୌତକରଣ, ଶୋଧନ ;
କ୍ଷାଳିତ, ବିଂ. (କ୍ଷାଳ୍-ତ) ଧୌତ, ପରିଷ୍କୃତ ।
କ୍ଷିଅର, ବି. (ଦେ) କ୍ଷୌରକର୍ମ ।
କ୍ଷିତି, ବି. (କ୍ଷି-ତି) ପୃଥିବୀ, ପ୍ରଳୟକାଳ ।
କ୍ଷିତିପ, ବି. (କ୍ଷିତି-ପା-ଅ) ରାଜା ।
କ୍ଷିତିଧର, ବି. (କ୍ଷିତି-ଧର) ପର୍ବତ, ରାଜା, ଅନନ୍ତ ।
କ୍ଷିପ୍ତ, ବିଂ. (କ୍ଷିପ୍-ତ) ନିକ୍ଷିପ୍ତ, ପାଗଳ ।
କ୍ଷିପ୍ର, ବିଂ. (କ୍ଷିପ୍-ର) ଶୀଘ୍ର, ଦ୍ରୁତ ।
କ୍ଷିପ୍ରହସ୍ତ,ବିଂ.(କ୍ଷିପ୍ର-ହସ୍ତ)ଯାହାର ହାତ ଶୀଘ୍ର ଚଳେ ।
କ୍ଷୀଣ, ବି. (କ୍ଷି-ତ) କ୍ଷୀଣ୍ଡି, ସୂକ୍ଷ୍ମ, କୃଶ ।
କ୍ଷୀବ, ବି. (କ୍ଷୀବ୍-ଅ) ପାଗଳ, ମତ୍ତ ।
କ୍ଷୀର, ବି. (ଘସ୍-ଇର) ଜଳ, ଦୁଗ୍ଧ, ଅଠା ।
କ୍ଷୀରକଣ୍ଠ, ବି. (କ୍ଷୀର-କଣ୍ଠ) ସ୍ତନ୍ୟପାୟୀ ଶିଶୁ ।
କ୍ଷୀରାବ୍ଧି, ବି. (କ୍ଷୀର-ଅବ୍ଧି) କ୍ଷୀରସମୁଦ୍ର ।
କ୍ଷୀରୀ, ବି. (କ୍ଷୀର-ଇନ୍) କ୍ଷୀରବୃକ୍ଷ, ପାୟସ ।
କ୍ଷୁତ (ତ), ବି. (କ୍ଷୁ-ଂ, ତ) ଛିଙ୍କ ।
କ୍ଷୁଣ୍ଣ, ବିଂ. (କ୍ଷୁଦ୍-ତ) କ୍ଷୁବ୍ଧ, ଦୁଃଖିତ ।
କ୍ଷୁତ୍ପିପାସା, ବି. (କ୍ଷୁଧ୍-ପିପାସା) ଭୋକ ଓ ଶୋଷ ।
କ୍ଷୁଦ୍ର, ବିଂ. (କ୍ଷୁଦ୍-ର) ଶ୍ରେଷ୍ଠ, ନୀଚ, କୃପଣ ।
କ୍ଷୁଦ୍, ବି. (ଦେ) ଚାଉଳର କଣା, ଖୁଦ ।
କ୍ଷୁଧା, ବି. (କ୍ଷୁଧ୍-ଆ) ବୁଭୁକ୍ଷା, ଖାଇବାର ଇଚ୍ଛା ।
କ୍ଷୁଧାର୍ତ୍ତ, ବିଂ. (କ୍ଷୁଧା-ଋ-ତ) କ୍ଷୁଧାରେ କାତର ।
କ୍ଷୁଧିତ, ବିଂ. (କ୍ଷୁଧ୍-ତ) ବୁଭୁକ୍ଷିତ, ଭୋକଲେଗିଛି ।

କ୍ଷୁବ୍ଧ } ବିଂ. ( କ୍ଷୁଭ୍-ତ, ଇତ ) କ୍ଷୋଭପ୍ରାପ୍ତ,
କ୍ଷଭିତ } ବିଚଳିତ, ଦୁଃଖିତ, ଭୀତ ।

କ୍ଷୁର, ବି. (କ୍ଷୁର୍-ଅ) ଭଣ୍ଡାରୀର ଶସ୍ତ୍ରବିଶେଷ, ଖୁର, ଗୋରୁ ପ୍ରଭୃତିଙ୍କ ଖୁରା, ଖଟ ପ୍ରଭୃତିର ଗୋଡ଼ ।

କ୍ଷୁରପତ୍ର, ବି. (କ୍ଷୁର-ପତ୍ର) ଶର ।

କ୍ଷେତ, ବି. (ଦେ) କ୍ଷେତ୍ର, ଜମି ।

କ୍ଷେତ୍ର, ବି. (କ୍ଷି-ତ୍ର) ଭୂମି, ପତ୍ନୀ, ସିଦ୍ଧଭୂମି ।

କ୍ଷେତ୍ରଜ, ବିଂ. ( କ୍ଷେତ୍ର-ଜନ୍-ଅ ) ସ୍ୱପତ୍ନୀ ଗର୍ଭରୁ ଅନ୍ୟ ପୁରୁଷଦ୍ୱାରା ଉତ୍ପାଦିତ ସନ୍ତାନ ।

କ୍ଷେତ୍ରଜ୍ଞ, ବି. (କ୍ଷେତ୍ର-ଜ୍ଞା) ଜୀବାତ୍ମା । ବିଂ. ନିପୁଣ ।

କ୍ଷେତ୍ରତତ୍ତ୍ୱ, ବି. ଜ୍ୟାମିତି ।

କ୍ଷେତ୍ରଫଳ, ବି.(କ୍ଷେତ୍ର-ଫଳ)ଭୂମିର ପରିମାଣଫଳ ।

କ୍ଷେପଣି (ଣୀ), ବି. ( କ୍ଷିପ୍-ଅନ ) ଆଉଲ, ମାଛ ଧରିବାର ଜାଲ ।

କ୍ଷେମ, ବି. (କ୍ଷି-ମ) ମଙ୍ଗଳ, କଲ୍ୟାଣ ।

କ୍ଷୋଦିତ, ବି. (କ୍ଷୁଦ୍-ତ) ଚୂର୍ଣ୍ଣୀକୃତ, ଯାହା ଅଙ୍କିତ ହୋଇଅଛି ।

କ୍ଷୋଭ, ବି. ( କ୍ଷୁଭ୍-ଅ ) ବାଧା, ଧର୍ଷଣ, ଗ୍ଲାନି ।

କ୍ଷୋଭିତ, ବିଂ. (କ୍ଷୋଭ-ଇତ) ଗ୍ଲାନିତ, ଚଳିତ ।

କ୍ଷୌଣି, (ଣୀ) (କ୍ଷୁର୍-ନି) ପୃଥିବୀ ।

କ୍ଷୌମ, (କ୍ଷୁ-ମ) ପାଟଲୁଗା, କୋଠା ।

କ୍ଷୌର, ବି. (କ୍ଷୁର-ଅ) ମୁଣ୍ଡନ, କ୍ଷୌରକର୍ମ ।

କ୍ଷ୍ମାଭୃତ୍, ବି. (କ୍ଷ୍ମା-ଭୃତ୍) ପର୍ବତ, ଅନନ୍ତ ।

# ଖ

ଖ, ଦ୍ୱିତୀୟ ବ୍ୟଞ୍ଜନବର୍ଣ୍ଣ । ବି.(ଖନ୍-ଅ)ଦେବଲୋକ, ସ୍ୱର୍ଗ, ଆକାଶ, ଶୂନ୍ୟ ।

ଖଇ, ବି. (ଦେ) ଲିଆ, ଭଜା ଧାନ ।

ଖଇଚ୍ଛ, ବିଂ. (ଦେ) ଅସମ୍ପନ୍ନ, ଦୋଷଯୁକ୍ତ, ଅପୂର୍ଣ୍ଣ ।

ଖଇଞ୍ଚି, ବି. (ଦେ) ମାଛ ଧରିବା ଯନ୍ତ୍ରବିଶେଷ ।

ଖଇର, ବି. (ଦେ)ଖଦିର, ବୃକ୍ଷବିଶେଷର ନିର୍ଯ୍ୟାସ ।

ଖଇରି, ବିଂ. (ଦେ) ଧଳା ଓ କଳାମିଶା ରଙ୍ଗ ।

ଖଇ (ଏ) ରିହି, ବି. (ଯାବନିକ) ଦାନ ।

ଖଇହାକୁଟି, ବି. (ଦେ) ଅଜୀର୍ଣ୍ଣଜ୍ଞାପକ ହାକୁଟି ।

ଖଉରିଆ, ବିଂ. (ଦେ) ନୁଖୁରି ।

ଖଗ, ବି. (ଖ-ଗମ୍-ଅ)ପକ୍ଷୀ,ଦେବତା, ଗ୍ରହ,ଅସୁର ।

ଖଗପତି, ବି. (ଖ-ଗମ୍-ପତି) ଗରୁଡ଼, ଇନ୍ଦ୍ର,ସର୍ପ୍ୟ ।

ଖଗେନ୍ଦ୍ର }<br>ଖଗପତି } ବି. (ଖଗ-ଇନ୍ଦ୍ର, ପତି) ଗରୁଡ଼ ।

ଖଗୋଳ, ବି. (ଖ-ଗୋଳ) ଆକାଶମଣ୍ଡଳ, ଆକାଶ-ବିଷୟକ ଶାସ୍ତ୍ର ।

ଖଙ୍କା, ବିଂ. (ଦେ) ଖାଲି, ଶୂନ୍ୟ, ପେଟକୁ ସଙ୍କୁଚିତ କରିବା ।

ଖଙ୍କାର, ବି. (ଦେ) ଛେପମିଶା କଫ ।

ଖଙ୍କାରିବା, କ୍ରି. (ଦେଶଜ) ଗଳାଧ୍ୱନି କରି ଖଙ୍କାର ପକାଇବା ।

ଖଙ୍ଗା, ବି. (ଦେ) ଏକପ୍ରକାର ସାମୁଦ୍ରିକ ମତ୍ସ୍ୟ ।
ଖଚ, ବି. (ଦେ) ମିଛ, ଚୁଗୁଲି ।
ଖଚର, ବି. (ଖ-ଚର୍-ଅ) ଖେଚର, ପକ୍ଷୀ, ଗ୍ରହ, ଦେବତା, ଅସୁର ।
ଖଚିତ, ବିଂ. (ଖଚ୍-ତ) ବଦ୍ଧ, ଜଡ଼ିତ, ଖଞ୍ଜା ।
ଖଚୁଆ, ବିଂ. (ଦେ)ଯେ ଖଚ କହେ, ଚଗୁଲିଆ ।
ଖଜଣା, ବି. (ଯାବନିକ) କର ।
ଖଜଣାଖାନା, ବି. (ଯାବନିକ) ଟ୍ରେଜରି, ରାଜକୋଷ ।
ଖଜବଜ, ବି. (ଦେ) ଅସ୍ଥିରତା । ବିଂ. ଅସ୍ଥିର ।
ଖଜା, ବି. (ଦେ) ଏକପ୍ରକାର ମିଷ୍ଟାନ୍ନ ।
ଖଜାଞ୍ଚି, ବି. (ଦେ) ରାଜକୋଷର ଅଧ୍ୟକ୍ଷ ।
ଖଜୁରି, ବି. ( ଦେ ) ଖର୍ଜୁର, ସ୍ୱନାମପ୍ରସିଦ୍ଧ ବୃକ୍ଷ ଓ ତାହାର ଫଳ ।
ଖଜୁରିଆ, ବି. (ଦେଶଜ) ଡେଉର ବାଗରେ ବସିଥିବା ଇଟା ।
ଖଞ୍ଜ, ବିଂ. (ଖନ୍ଜ-ଅ) ଲେଙ୍ଗଡ଼ା, ଖୋଞ୍ଚା ।
ଖଞ୍ଜନ } ବି. (ଖନଜ୍-ଅନ, ଖଞ୍ଜରି-ଈଟ) କଜଳ-
ଖଞ୍ଜରୀଟ } ପାତି ପକ୍ଷୀ, ଭଦଭଦଳିଆ ପକ୍ଷୀ ।
ଖଞ୍ଜଣୀ, ବି. (ଦେ) ବାଦ୍ୟଯନ୍ତ୍ରବିଶେଷ ।
ଖଞ୍ଜା, ବି. ଚତୁର୍ଦ୍ଦିଗରେ ଗୃହ ବା ପ୍ରାଚୀର ବେଷ୍ଟିତ ସ୍ଥାନ, କାର୍ଯ୍ୟନିମିତ୍ତ ନିଯୋଗ । ବିଂ. ଯୋଡ଼ା, ମିଳିତ, କାର୍ଯ୍ୟୋପଲକ୍ଷରେ ପ୍ରବୃତ୍ତ ।
ଖଞ୍ଜିବା, କ୍ରି. (ଦେ) ଯୋଡ଼ିବା ।

ଖଟ, ବି. (ଦେ) ପଲଙ୍କ, କାଷ୍ଠନିର୍ମିତ ଶଯ୍ୟା ।
ଖଟଣୀ, ବି. (ଦେ) ଦୈନିକ ଖଞ୍ଜା, ଭୋଗ, ସେବା ।
ଖଟା, ବି. (ଦେ) ଅମ୍ଳ ପଦାର୍ଥ ।
ଖଟାଇବା, କ୍ରି. (ଦେ) ବାନ୍ଧିବା, ନିୟୋଜିତ କରିବା ।
ଖଟି, ବି. (ଦେ) ମଦ ବିକ୍ରୟର କେନ୍ଦ୍ରସ୍ଥଳ ।
ଖଟିଆ, ବି. (ଗ୍ରା) ଦୋଳା, ଦଉଡ଼ିଆ ଖଟ ।
ଖଟିବା, କ୍ରି. ବି. ସେବା କରିବା, ପରିଶ୍ରମ କରିବା ।
ଖଟୁଲୀ, ବି. (ଦେ) କ୍ଷୁଦ୍ର ଖଟ, କାଠର କ୍ଷୁଦ୍ର ସିଂହାସନ ।
ଖଟେଲ, ବି. (ଦେଶଜ) ଅମ୍ଳ ରସବିଶିଷ୍ଟ ପଦାର୍ଥ ବିଶେଷ ।
ଖଟେଇବା, କ୍ରି. ବି. ପରିଶ୍ରମ କରାଇବା, ପଶ୍ଚାଦ୍ଧ ବନ୍ଧନ କରିବା ।
ଖଟ୍ବା, ବି. (ଖଟ୍ବ-ଅ-ଆ) ଖଟ, ପର୍ଯ୍ୟଙ୍କ ।
ଖଡ଼, ବି (ଦେ) ଏକପ୍ରକାର ତୃଣ ।
ଖଡ଼ଖଡ଼, ବି. (ଦେ) ସବାରୀ, ପାଲିଙ୍କି ।
ଖଡ଼ମ, ବି. (ଦେ) କଠାଉ ।
ଖଡ଼ା, ବି. (ଦେ) ଏକପ୍ରକାର ଶାଗ ।
ଖଡ଼ିକା, ବି. (ଦେ) ନଡ଼ିଆ ପତ୍ରମଧ୍ୟସ୍ଥ ଶିରା ।
ଖଡ଼ିଛୁଆଁ, ବି. (ଦେ) ବିଦ୍ୟାରମ୍ଭ ।
ଖଡ଼ୀ, ବି. (ସମ୍ଭବତଃ କଠିନୀର ଅପଭ୍ରଂଶ) ଖଡ଼ୀମାଟି, ଚାଟଶାଳୀ ପିଲାଏ ଲେଖିବାକୁ ବ୍ୟବହାର କରୁଥିବା ପଦାର୍ଥ ।

ଖଡୁ, ବି. (ଦେ) ହସ୍ତାଭରଣ, ବଳୟ ।
ଖଡ଼୍ଗ, ବି. (ଖଡ୍-ଗ) ଗଣ୍ଡାରଶୃଙ୍ଗ, ତରବାରି, ଖଣ୍ଡା ।
ଖଡ଼୍ଗୀ, ବିଂ. ( ଖଡ୍ଗ-ଇନ୍ ) ଖଡ୍ଗଧାରୀ । ବି. ଗଣ୍ଡା ।
ଖଣତି } ବି. ( ଖନନର ଅପଭ୍ରଂଶ ) ମାଟି
ଖଣତା } ଖୋଳିବାର ଶସ୍ତ୍ରବିଶେଷ ।
ଖଣା, ବି. (ଦେ) ଖଣିଗାତ, ବଡ଼ ଗାତ ।
ଖଣି, ବି. ( ଖନ୍-ଇ ) ଗହ୍ୱର, ଗର୍ତ୍ତ, ଆକର ।
ଖଣ୍ଟ, ବି. ( ଦେ ) ଠକ, ଡକାଏତ ।
ଖଣ୍ଡ, ବି. ( ଖନ୍ଡ-ଅ ) ଅଂଶ, ଗୁଡ଼ବିକାର ।
ଖଣ୍ଡକାବ୍ୟ, ବି. ( ଖଣ୍ଡ କାବ୍ୟ ) କାବ୍ୟର ଏକ ଦେଶ ମାନଙ୍କୁ ଅବଲମ୍ବନ କରି ରଚିତ ହୋଇଥିବା କାବ୍ୟ ।
ଖଣ୍ଡନ, ବି. ( ଖନ୍ଡ-ଅନ ) ଛେଦନ, ଭଞ୍ଜନ ।
ଖଣ୍ଡପରଶୁ, ବି. ( ଖଣ୍ଡ-ପରଶୁ ) ମହାଦେବ ।
ଖଣ୍ଡା, ବି. ( ଦେ ) ତରବାରି, ଖଡ୍ଗ ।
ଖଣ୍ଡାଇ(ଏ)ତ, ବି. (ଦେ) ଉତ୍କଳୀୟ ଶୂଦ୍ର ଜାତି-ବିଶେଷ ।
ଖଣ୍ଡିଆ, ବିଂ. ( ଦେ ) କ୍ଷତଯୁକ୍ତ, ବିକଳାଙ୍ଗ ।
ଖଣ୍ଡିଆଭୂତ, ବି. ( ଦେ ) ଧୂର୍ତ୍ତ ବାୟୁ ।
ଖଣ୍ଡିଗଣିଆ, ବିଂ. ( ଦେ ) କୃପଣ, କୁତ୍ସିତ ।
ଖଣ୍ଡିତ, ବିଂ. ( ଖନ୍ଡ୍-ଇତ ) ଦ୍ୱିଧାକୃତ, ଛିନ୍ନ ।
ଖଣ୍ଡିତା, ବି. ନାୟିକାବିଶେଷ, ପତିର ପରସ୍ତ୍ରୀ ସଙ୍ଗ ଚିହ୍ନ ଦର୍ଶନରେ ଈର୍ଷାଯୁକ୍ତା ସ୍ତ୍ରୀ ।

ଖଣ୍ଡିବା, କ୍ର . ( ଦେ ) ମୁକ୍ତ କରିବା, ହରିବା ।

ଖଣ୍ଡୁଆ, ବି. (ପ୍ରା) ସ୍ୱନାମଖ୍ୟାତ ରଞ୍ଜିତ ବସ୍ତ୍ରବିଶେଷ ।

ଖତ, ବି. (ଦେଶଜ) ପଶୁ ଗୋବର ପ୍ରଭୃତି, ସାର ।

ଖତମ, ବି. ( ଯା ) ନିଃଶେଷ ।

ଖତମାଳ, ବି. ( ଖ-ତମାଳ ) ମେଘ ।

ଖତ(ତ୍)ନା, ବି. ( ଯା ) ଲିଙ୍ଗାଗ୍ର ଚର୍ମ କର୍ତ୍ତନ ରୂପ କର୍ମ ।

ଖତିୟା (ଆ)ନ, ବି. ( ଯା ) ଜମି ଜମା ବିବରଣ ଲେଖା ଥିବା କାଗଜ ।

ଖଟେଇହେବା, କ୍ରି. ( ଦେ ) ବିକୃତ ଆକାରରେ ଚଢ଼େଇବା ।

ଖଦଡ଼, ବି. (ଦେ)ମୋଟା ସୂତାନିର୍ମିତ ଦେଶୀ ଲୁଗା ।

ଖଦଡ଼ା, ବିଂ. ( ଦେ ) ଅଟକ୍କଣ ।

ଖଦି } ବି. ( ଦେଶଜ ) ଅଳ୍ପ ପରିସର ବସ୍ତ୍ର-
ଖଣ୍ଡି } ବିଶେଷ, ଧୋତି ।

ଖଦିର, ବି. ( ଖଦ୍-ଇର ) ଖଇରଗଛ, ଖଇର ।

ଖଦ୍ୟୋତ, ବି. (ଖ-ଦ୍ୟୋତ) ଜୁଳୁକଳିଆ ପୋକ, ସୂର୍ଯ୍ୟ ।

ଖନନ, ବି. ( ଖନ୍-ଅନ ) ଖୋଳିବା ।

ଖନା, ଭିଂ. (ଦେ) ଯେ ଅସ୍ପଷ୍ଟଭାବରେ କଥା କହେ ।

ଖନି, (ନୀ), ବି. ( ଖନ୍-ଇ, ଈ ) ଖଣି ।

ଖନିତ୍ର, ବି. ( ଖନ୍-ଇତ୍ର ) ଖନନାସ୍ତ୍ର, ଖଣତି ।

ଖନ୍ଦ, ବି. ( ଦେ ) ଗର୍ଭ, ଗାତ, ଫସଲ ।

ଖପତ, ବିଂ. ( ଦେ ) ଅପବ୍ୟୟୀ, ଅମିତାଶୟୀ ।

ଖପର, ବି. ( ଦେ ) ଖର୍ପର, ଧାତୁବିଶେଷ, ଶସ୍ତ୍ର-ବିଶେଷ, ଖପରା ।

ଖପରଲ, ବି. ( ଦେ ) ଯେଉଁ ଖପରାରେ ଘର ଛପର ହୁଏ । ବିଂ. ଖପରାଦ୍ୱାରା ଆଚ୍ଛାଦିତ ।

ଖପରା, ବି. ( ଦେ ) ଖର୍ପରା, ହାଣ୍ଡି ପ୍ରଭୃତି ମୃଣ୍ମୟ ପାତ୍ରର କ୍ଷୁଦ୍ର ଅଂଶ ।

ଖପା, ବି. ( ଦେ ) ରାଗ, କ୍ରୋଧ, ବିରକ୍ତି ।

ଖପୁରୀ, ବି. ( ଦେ ) ମୁଣ୍ଡର ଖୋଳପା ।

ଖମଣି, ବି. ( ଦେ ) ସୂର୍ଯ୍ୟ ।

ଖମା, ବି. ( ଦେ ) ଖାତ, ଖାଲ ।

ଖମ୍ବ, ବି. ( ଦେ ) ସ୍ତମ୍ଭ, ଖୁଣ୍ଟ ।

ଖମାର, ବି. ( ଦେଶଜ ) ଧାନ୍ୟାଦି ରଖିବା ଘର ଓ ସ୍ଥାନ ।

ଖୟରାତ, ବି. ( ଯା ) ଦାନ, ବିତରଣ ।

ଖର, ବି. ଗର୍ଦ୍ଦଭ, ଅଶ୍ୱତର, ତୀକ୍ଷ୍ଣସ୍ପର୍ଶ, ଚଞ୍ଚଳ ।

ଖରକିବା, କ୍ରି. ( ଦେ ) ଝାଙ୍କେଇବା, ଓଲାଇବା ।

ଖରଗୋସ, ବି. ( ଯା ) ଠେକୁଆ ।

ଖରଚ, ବି. ( ଯା ) ବ୍ୟୟ ।

ଖରଚ, ବି. ( ଦେ ) ବହୁବ୍ୟୟୀ, ବ୍ୟୟଶୀଳ ।

ଖରଡ଼, ବି. ( ଦେଶଜ ) ଗାଲଗୁ ।

ଖରଡ଼ାପଣି, ବି. (ଦେ) ଜମିଦାରଙ୍କ ବାଜେ ଆୟ ।

ଖରଡ଼ବା, କ୍ରି. ( ଦେ ) ଭାଙ୍ଗିବା ।

ଖରମୁଜା, ବି. ( ଦେ ) ଏକପ୍ରକାର ତରଭୁଜ ।

ଖରା, ବି. ( ଖରର ଅପଭ୍ରଂଶ ) ସୂର୍ଯ୍ୟାତପ ।

ଖରାପ, ବିଂ. ( ଦେଶଜ ) ମନ୍ଦ, ଦୁଷ୍ଟ, ନଷ୍ଟ ।

ଖରିଦ୍, ବି. ( ଯା ) କଣା, କିଣିବା ।

ଖରିଦା, ବି. ( ଯା ) କ୍ରୀତ, କିଣା ।

ଖରୁଡ଼ା, ବି. ( ଦେ ) କଂସାପିତ୍ତଳ ବ୍ୟବସାୟୀ ଜାତି-
ବିଶେଷ ।

ଖର୍ଜୂର, ବି. ( ଖର୍ଜ-ଊର ) ଖଜୁରି ।

ଖପର, ବି. (କୃପ୍-ଅର) ଖପରା, ମୁଣ୍ଡର ଖୋଳପା ।

ଖର୍ବ, ବି. ସଂଖ୍ୟାବିଶେଷ । ବିଂ. ବାମନ, ଗେଡ଼ା ।

ଖର୍ବଟ, (କ), ବି. ( ଖର୍ବ-ଅଟ, କ ) ବଡ଼ ଗ୍ରାମ,
କରବାଡ଼, ବାମନ, ବାଙ୍ଗର ।

ଖଳ, ବିଂ. ଦୁର୍ଜନ, ନୀଚ । (ଦେ) କଳହ ।

ଖଲ, ବି. ( ଖଲ୍ଲ ଶବ୍ଦଜ ) ଔଷଧପେଷଣାର୍ଥ ପାତ୍ର ।

ଖଳା, ବିଂ. ଧାନ୍ୟାଦି ରଖିବା ସ୍ଥାନ,ଗୋଦାମ ।

ଖଲାସ, ବିଂ. (ଯା) ମୁକ୍ତ । ବି. ମୁକ୍ତି ପାଇବା ।

ଖଲାସୀ ବି. (ଯା) କଳରେ କାମ କରୁଥିବା କୁଲି ।

ଖଳି, ବି. (ଦେ) ଗୁଡ଼ଜଳମଣ୍ଡ, ଅଗ୍ନିପକ୍ୱ ଗୁଡ଼ ଓ
ତଣ୍ଡୁଳାଦିର ଚୂର୍ଣ୍ଣ ।

ଖଲି, ବି. (ଦେ) ଶାଳପତ୍ର, କାଠପତ୍ର, ପରହାସ,
ଘୋଡ଼ାଙ୍କର ରୋଗବିଶେଷ ।

ଖଳିକାର, ବି. (ଦେ) ସାପୁଆ କେଳା, ଚନ୍ଦ୍ରଙ୍କର ।

ଖଳି (ଳୀ) ନ, ବି. (ଖ-ଲୀନ) ଲଗାମ ।

ଖଲିବା, କ୍ରି. (ଦେ) ମର୍ଦ୍ଦନ କରି ମିଶାଇବା ।
ଖବର, ବି. (ଯାବନିକ) ସମ୍ବାଦ, ବାର୍ତ୍ତା ।
ଖବରକାଗଜ, ବି. (ଦେ) ସମ୍ବାଦପତ୍ର ।
ଖବରଦାର୍, ବିଂ. (ଯା)ସାବଧାନ ।
ଖସ, ବି. (ଖ-ସୋ-ଅ) କୁଣ୍ଡିଆ, କାଛୁ ।
ଖସଖସିଆ, ବି. (ଦେ) ବେଣାମୂଳ । ବିଂ. ଅଚିକ୍କଣ ।
ଖସଡ଼ା, ବି. (ଯା) ଚଠା । ବିଂ. (ଦେ) ପିଚ୍ଛିଳ ।
ଖସଡ଼ିବା, ବି (ଦେ) ସ୍ଖଳନ ।
ଖସମ, ବି. (ଯା) ସ୍ୱାମୀ, ପତି ।
ଖସା, ବି (ଦେଶଜ) ଚ୍ଛଲ, ଗୁଣି ।
ଖସିବା, କ୍ରି. ( ଦେ) ଓହ୍ଲାଇବା, ଗଡ଼ିପଡ଼ିବା ।
ଖାଇ, ବି. (ଖନ୍ ଧାତୁଜ) ଖାତ, କିଲ୍ଲା ବା ଗଡ଼ର ଚତୁର ପାର୍ଶ୍ୱରେ ଥିବା ଜଳାଶୟବିଶେଷ । ( ଖାଦ୍ ଧାତୁଜ ) କପାରୁ ମଞ୍ଜି କାଢ଼ିବା ଯନ୍ତ୍ରବିଶେଷ ।
ଖାଇବା, କ୍ରି. (ଦେ) ଭୋଜନ କରିବା ।
ଖାଉନ୍ଦ, ବି. (ଯାବନିକ) ମୁନିବ, ପ୍ରଭୁ ।
ଖାଙ୍କିବା, କ୍ରି. (ଦେ) ପେଟ ସଙ୍କୁଚିତ କରିବା ।
ଖାଞ୍ଚିବା, କ୍ରି. (ଦେ) ଟାଣିବା, ଓଟାରିବା ।
ଖାଡ଼ି, ବି. (ଦେ) କାଠି ।
ଖାଣ୍ଟି, ବିଂ. (ଦେ) ବିଶୁଦ୍ଧ, ଯଥାର୍ଥ, ଠିକ୍ ।
ଖାଣ୍ଡବ, ବି. (ଖଣ୍ଡ୍-ଅବ) ଯମୁନାତୀରସ୍ଥ ପ୍ରଦେଶ ବିଶେଷ, ବନବିଶେଷ ।
ଖାଣ୍ଟି, ବି. (ଦେ) ମହାପ୍ରସାଦ କୁଡ଼ୁଆର ଭଗ୍ନ ଅଂଶ ।

ଖାଣ୍ଡିଖିଆ, ବିଂ. (ଦେ) ମାଗିଖିଆ ।
ଖାତ, ବି. (ଖନ୍-ତ) ଖାଇ, ପୁଷ୍କରଣୀ, ଗର୍ତ୍ତ ।
ଖାତା, ବି. (ଯା) ବହି, ହିସାବପୁସ୍ତକ ।
ଖାତକ, ତ୍ରି. (ଖାତା-କୈ-ଅ) ଅଧମର୍ଣ୍ଣ, ଋଣୀ ।
ଖାତ (ତି)ର, ବି. (ଯା) ସମାଦର, ସମ୍ମାନ ।
ଖାଦ, ବିଂ. (ଦେଶଜ) ଅସାର ବା ଅଳ୍ପ ମୂଲ୍ୟ ପଦାର୍ଥ ।
ଖାଦକ, ବିଂ. (ଖାଦ-ଅକ) ଭକ୍ଷକ ।
ଖାଦି, ବି. (ଦେ) ଧାରଣ, ଢଙ୍ଗ, ଖାଦ୍ୟ ।
ଖାଦିତ, ବିଂ. (ଖାଦ୍-ତ) ଭକ୍ଷିତ ।
ଖାଦ୍ୟ, ବି. (ଖାଦ୍-ଯ) ଆହାର୍ଯ୍ୟ ।
ଖାନ(ନ)ଗୀ, ବି (ଯା) ବେଶ୍ୟା ।
ଖାନ୍ସମା, ବି. (ଯା) ଭଣ୍ଡାରରକ୍ଷକ ।
ଖାନାପୁରି, ବି. (ଯା) ବନ୍ଦୋବସ୍ତରେ ପ୍ରାଥମିକ ଭୂମିପରିମାଣ ଓ ନିର୍ଦ୍ଦିଷ୍ଟ ଖାତାରେ ସମଗ୍ର ବିବରଣ ପୂରଣ ।
ଖାନ୍ଦାନ, ବିଂ. (ଯା) ସମ୍ଭ୍ରାନ୍ତ, କୁଳୀନ ।
ଖାପ, ବି (ଦେଶଜ) ଆବରଣ, ଅସିକୋଷ, ଖୋଳ ।
ଖାମ, ବି (ଯା) ଲଫାଫା, କାଗଜମୁଣି ।
ଖାମଖିଆଲ, ବିଂ. (ଯା) ସ୍ୱେଚ୍ଛାଧୀନ, ମନୁଆ, ଝଙ୍କି ।
ଖାମିନ୍ଦ, ବି. (ଯା) ମୁନିବ, ପ୍ରଭୁ ।
ଖାରି, ବି. (କ୍ଷାରର ଅପଭ୍ରଂଶ) ଭସ୍ମ, ଲବଣରସ ।
ଖାରଜ୍, ବିଂ. (ଯା) ପରିତ୍ୟାଗ, ଛାଡ଼ିଦେବା ।
ଖାସ୍, ବିଂ. (ଯାବନିକ) ଠିକ, ଅମିଶ୍ର ।

ଖାର, (ଆ), ବିଂ.(ଦେ) ଯହିଁରେ କ୍ଷାର ପଦାର୍ଥ ଅଧିକ ଥାଏ, ଲୁଣିଆ ।

ଖାରୁଆ, ବି (ଦେ) ଏକପ୍ରକାର ଲାଲ ମୋଟ ଲୁଗା ।

ଖାଲ, ବି. ( ପ୍ରା ) ଗାତ, ଗହ୍ୱର ଜମି ।

ଖାଲସା, ବି. ( ଯା ) ରାଜାଙ୍କ ଖାସ୍ ଦଖଲ୍ ।

ଖାଲି, ବିଂ. ( ଦେ ) ଶୂନ୍ୟ, ଭିନ୍ନ, କେବଳ, ।

ଖାଲୋଇ, ବି. ( ଦେ ) ମାଛ ଧରି ରଖିବାର ପାତ୍ର ।

ଖାସ୍, ବି. ( ଯା ) ବିଶେଷ, ଅସାଧାରଣ ।

ଖାସା, ବିଂ. ( ଯା ) ଉତ୍ତମ, ଉପାଦେୟ ।

ଖାସି, (ସୁ), ବି. ( ଦେ ) ନପୁଂସକ, ଛିନ୍ନମୁଷ୍କ ।

ଖିଅ, ବି. ( ଦେ ) ସୂତ୍ର, ସୂତାର ଏକ ସରୁ ।

ଖିଆଲ, ବି. ( ଯା ) ଝୁଙ୍କ, ପରିହାସ ।

ଖିଙ୍କିବା } କି. ( ଦେ ) ଚଳି ହୋଇ
ଖିଙ୍କାରହେବା } କହିବା ।

ଖିଡ଼କି, ବି. (ଦେ) ଜଳା କବାଟି, ଝରକା, ଖାଲଣୀ ।

ଖିନ୍ନ, ବିଂ. ( ଖିଦ୍-ତ ) ଶ୍ରାନ୍ତ, ଦୁଃଖିତ, ଖେଦଯୁକ୍ତ ।

ଖିରି, ବି ( ଦେ ) କ୍ଷୀରି, ପାୟସ ।

ଖିରିସା, ବି. (ଦେ) ଏକପ୍ରକାର କ୍ଷୀରି ।

ଖିଲ,(ଲି) ବି. (ଦେ) ପାନବଡ଼ିଆ ।

ଖିଲକାଠ, ବି, (ଦେ) ଗୁଆକାଠ, ସାନ ଖୁଣ୍ଟି ।

ଖିଲତ୍, ବି. (ଯା) ଉପାଧି ।

ଖିଲ୍ଲଣ, ବି. (ଦେ) ଇଷ୍ଟକାଦିନିର୍ମିତ ଅର୍ଦ୍ଧଗୋଲାକାର ଗୁମ୍ଫନ ।

ଖିସା, ବି. (ଦେ) ତାଳପତ୍ର ବା କନାରେ ନିର୍ମିତ ଏକପ୍ରକାର ମୁଣି ।

ଖୁଆ, ବି. (ଦେ) ଦଧିମନ୍ଥନଦଣ୍ଡ, ବାହୁମୂଳ, ଦୁଗ୍ଧସାର ଖାଦ୍ୟବିଶେଷ ।

ଖୁଆଡ଼, ବି. (ଦେ) ଘୋରଡ଼ା, ଅଟେଇ ।

ଖୁଜୁବୁଜିଆ, ବିଂ. (ଦେ) ଅସ୍ଥିର, ଚଞ୍ଚଳ, ଚଗଲା ।

ଖୁଞ୍ଚା, ବି. (ଦେ) ଯାହା ଗୁଞ୍ଚାଯାଇଅଛି, କଥା ।

ଖୁଡ଼ୀ, ବି. (ଦେ) ବାପ ସାନ ଭାଇର ସ୍ତ୍ରୀ ।

ଖୁଡୁତା, ବି. (ଦେ) ବାପର ସାନ ଭାଇ, କକେଇ ।

ଖୁଣ, ବିଂ. (ଦେ) ଖଣ୍ଡିଆ, ଦୋଷଯୁକ୍ତ, ଆହତ, ହତ । (ଣ୍, ନ) ବିରକ୍ତ ।

ଖୁଣୀ, ବିଂ. (ଦେ) ହତ୍ୟାକାରୀ । ବିଂ. ହତ୍ୟା ।

ଖୁଣ୍ଟ, ବି. (ଦେ) ଖମ୍ବ, ସ୍ତମ୍ଭ, କଥା, ମେଖ ।

ଖୁଣ୍ଟା, ବି. (ଦେ) ମେଖ, କଥା, ଅପବାଦ, ଭଲଗୁଣ । ବି. ଶାଖାହୀନ ଶୁଷ୍କବୃକ୍ଷ, ପ୍ରଧାନ, ନେତା ।

ଖୁଣ୍ଟିଆ, ବି. (ଦେ) ଉପାଧିବିଶେଷ, ରାଜସେବକ ।

ଖୁଣ୍ଟିବା, କ୍ରି, (ଦେ) ଗୋଟାଇବା, ଠୋକିବା ।

ଖୁଦ, ବି, (ଦେ) ତଣ୍ଡୁଲକଣା, ଚାଉଳର କ୍ଷୁଦ୍ର ଅଂଶ ।

ଖୁଦପିତା, ବି. (ଦେ) ଖୁଦ ଓ ନିମ୍ବପତ୍ରମିଶା ଜାଉ ।

ଖୁଦୁକୁଣୀ } ବି. (ଦେ) ଭାଦ୍ର ମାସ ରବିବାରରେ
ଖୁଦୁରୁକୁଣୀ } ହେବା କୁମାରୀମାନଙ୍କ ଉପବାସ ।

ଖୁନ୍ଦା, ବି. (ଦେ) ମୁଥ, ମୁଷ୍ଟି, ଯାକିବା ।

ଖନ୍ଦିବା, କ୍ରି (ଦେ) ଯାକିବା, ଢିଲା ମାଟିକୁ ଉପରୁ ମାରି ଦୃଢ଼ କରିବା ।

ଖୁବ୍, ବିଂ. ( ଯା ) ଅଧିକ, ବେଶୀ, ଅତ୍ୟନ୍ତ ।

ଖୁମ୍ପିବା, କ୍ରି ( ଦେ ) ଅଣ୍ଠରେ ଆଘାତ କରିବା ।

ଖୁର, ବି. ( ଖୁର୍-ର ) କ୍ଷୌର କରିବାର ଶସ୍ତ୍ର, ଅଶ୍ୱାଦି ପାଦର ଟାପୁ ।

ଖୁରା, ବି. ( ଦେ ) ପଶୁଗୋଡ଼ର ଖୁରା, ଖଟ ଇତ୍ୟାଦିର ଗୋଡ଼ ।

ଖୁରିଣ୍ଡି, ବି. (ଦେ) ମୃଗାଦିଶେଷ, ଏକପ୍ରକାର ମାଛ ।

ଖୁରି, ବି. ( ଦେ ) ମାଟିର ସରା, କାଳ ପରିମାଣ ।

ଖୁରୁଡ଼, ବି ( ଦେ ) ଶୁଖିଲା ନଡ଼ିଆ ।

ଖୁରୁମା, ବି. ( ଯା ) ଗଜା, ମିଷ୍ଟାନ୍ନବିଶେଷ ।

ଖୁର୍ପି, ବି. ( ଦେ ) ଖୁରପ୍ର, ଘାସ ଛେଲିବା ଶସ୍ତ୍ର ।

ଖୁଲ୍ଲ, ବି. ( ଖୁଦ୍-ଲ ) କ୍ଷୁଦ୍ର, ଅଳ୍ପ, ଲଘୁ, କନିଷ୍ଠ ।

ଖୁଲ୍ଲତାତ, ବି. ପିତୃବ୍ୟ, ଦାଦି, ବାପର ସାନ ଭାଇ ।

ଖୁସି, ବି. ( ଯା ) ଇଚ୍ଛା, ଆନନ୍ଦ । ବିଂ ଆନନ୍ଦିତ ।

ଖେଇ, ବି. ( ଦେ ) ଦେବଭୋଗରୁ ସେବକର ପ୍ରାପ୍ୟାଂଶ ।

ଖେଚର, ବି. ( ଖ-ଚର ) ପକ୍ଷୀ, ଗ୍ରହ, ଦେବତା । ଆକାଶଚର ।

ଖେଚେଡ଼ୀ, ବି. ( ଦେ ) ଡାଲ୍‌ଚାଉଳ ପ୍ରଭୃତି ମିଶ୍ରିତ ପକ୍ୱାନ୍ନ ।

ଖେଞ୍ଚିବା, କ୍ରି. ( ଦେ ) ଟାଣିବା, ଓଟାରିବା ।

ଖେତ, ବି. ( ଦେ ) କ୍ଷେତ୍ର, ଜମି ।

ଖେତାବ୍, ବି ( ଯା ) ଉପାଧି ।

ଖେଦ, ବି. ( ଖିଦ୍-ଅ ) ଶୋକ, ଦୁଃଖ, ଶ୍ରମ ।

ଖେଦା, ବି. ( ଦେ ) ଦଳ, ଶିକାର, ଡାଳଯନ୍ତ୍ର ବନ୍ଧା ।

ଖେଦିବା, କ୍ରି. (ଦେ) ଘଉଡ଼ିବା, ତଡ଼ିବା, ବ୍ୟାପିବା ।

ଖେପ, ବି. ( ଦେ ) ନିକ୍ଷେପ, ବାର, ଥର ।

ଖେପା, ବି. (ଦେ) ଲମ୍ଫ, କୁଦା, ଗଛ ଚଢ଼ିବାପାଇଁ ଗୋଲକୁଣ୍ଡି ରଜ୍ଜୁ ।

ଖେପିବା, କ୍ରି. (ଦେ) ଡେଇଁବା, ଉପରକୁ ଉଠିବା ।

ଖେମଟା, ବି. ( ଦେ ) ଏକପ୍ରକାର ବାଦ୍ୟ, ନୃତ୍ୟ-ବିଶେଷ, ବୃତ୍ତବିଶେଷ ।

ଖେଳ, ବି. (ଦେ) କ୍ରୀଡ଼ା, ଖେଳା, ଖେଳିବା ।

ଖେଳନା, ବି. (ଦେ) ଖେଳିବା ଦ୍ରବ୍ୟାଦି ।

ଖେଳା, ବି. (ଖେଳ୍-ଅ-ଆ) କ୍ରୀଡ଼ା ।

ଖେଳାଳି, ବିଂ. (ଦେ) କ୍ରୀଡ଼ାକାରୀ, ମାଲି ।

ଖେଳିବା, କ୍ରି. (ଦେ) କ୍ରୀଡ଼ା କରିବା ।

ଖେସାରତ୍, ବି. (ଯା) କ୍ଷତି, ହାନି, ଅପଚୟ ।

ଖେସାରି, ବି. (ଦେ) ଚଣା, ଏକପ୍ରକାର ଶସ୍ୟ ।

ଖୋଇ, ବି. (ଦେ) ଅଭ୍ୟାସ, ସ୍ୱଭାବ ।

ଖୋଜ, ବି. ପଶ୍ଚାଦର ପାଦଚିହ୍ନ । କ୍ରି. ଅନ୍ୱେଷଣ କର ।

ଖୋଜିବା, କ୍ରି, (ଦେ) ଅନ୍ୱେଷଣ କରିବା ।

ଖୋଦ୍, ବି. (ଯା) ଆପେ, ନିଜେ ।

ଖୋଦିତ, ବିଂ. (ଦେ) ଖୋଳା ହୋଇଥିବା, ଅଙ୍କିତ ।

ଖୋପ, ବି. (ଦେ) ବୃକ୍ଷାଦିର କୋଟର, ଖୋଳ ।
ଖୋପା, ବିଂ. (ଯା) କୁବ୍ଜ । (ଦେ) ଜୁଡ଼ା ।
ଖୋରାକ, ବି. (ଯା) ଆହାର ।
ଖୋଳ, ବି. (ଦେ) ଆବରଣ, ଖୋପ, ବଲ୍କଳ, ମୃଦଙ୍ଗ ।
ଖୋଲ, ବି. (ଦେ) ଗୁହା, ଗର୍ତ୍ତ ।
ଖୋଳପା, ବି. ( ଦେ ) ଚୋପା, ପଗଡ଼ି, ଖୋଷା ।
ଖୋଳା, ବିଂ. (ଦେ) ଯାହା ଖୋଦିତ ହୋଇଅଛି,
ବି. ଖୋଳିବା ।
ଖୋଲା, ବିଂ. (ଦେ) ଅନାବୃତ, ମେଲା, ସହଜ ।
ଖୋଳିବା, କି, (ଦେ) ଖନନ କରିବା ।
ଖୋଷା, ବି. ( ଦେ ) ଜୁଡ଼ା, ବହିରାବରଣ ।
ଖୋସଣୀ, ବି. ( ଦେ ) ପିନ୍ଧିବା ଲୁଗାର ବନ୍ଧନୀ ।
ଖୋସା, ବି.(ଦେ)ଗୁଲ, ଦ୍ରାକ୍, ପଣସ ପ୍ରଭୃତିର ଫୁଟ ।
ଖୋସିବା, କି. (ଦେ) ଗୁଞ୍ଜିବା ।
ଖ୍ୟାତ, ବିଂ. (ଖ୍ୟା-ତ) ପ୍ରସିଦ୍ଧ, କଥିତ ।
ଖ୍ୟାତି, ବି. (ଖ୍ୟା-ତି) ପ୍ରଶଂସା, ପ୍ରସିଦ୍ଧି, ଯଶଃ ।
ଖ୍ୟାପନ, ବି. ( ଖ୍ୟାପି-ଅନ ) କୀର୍ତ୍ତନ କରିବା,
ଘୋଷଣା ।

# ଗ

ଗ, ବ୍ୟଞ୍ଜନବର୍ଣ୍ଣର ତୃତୀୟ ବର୍ଣ୍ଣ । ବି. (ଗୈ-ଅ)ଗଣେଶ, ଗନ୍ଧର୍ବ, ଗଗନ, ଗୀତ, ସୁମେରୁ ।

ଗଇଣ୍ଠା, ବି. (ଦେ) ଏକପ୍ରକାର ପିଠା ।

ଗଇଣ୍ଠାଳ, ବି. (ଦେ) ବିବାହ ସମୟରେ ବରକନ୍ୟାଙ୍କ ଯେଉଁ ବସ୍ତ୍ରରେ ଗଣ୍ଠି ପଡ଼େ ।

ଗଇନ୍ତି, ବି. (ଦେ) ମାଟି ଖୋଳିବା ଯନ୍ତ୍ରବିଶେଷ ।

ଗଇଣ, ବି. (ଦେ) ଗୁଳ୍ମବିଶେଷ ଓ ତାହାର ପୁଷ୍ପ ।

ଗଉଡ଼, ବି. (ପ୍ରାଦେ) ଜାତିବିଶେଷ, ଗୋପାଳ ।

ଗଉଣୀ, ବି. ( ଦେ ) ଧାନ୍ୟାଦି ମାପିବା ପାତ୍ର ।

ଗଗନ, ବି. (ଗମ୍-ଅନ) ଆକାଶ ।

ଗଙ୍ଗଶିଉଳୀ, ବି. ( ଦେ ) ଶିଂହାରହାରଫୁଲ ।

ଗଙ୍ଗା, ବି. (ଗମ୍-ଗମ୍-ଆ କର୍ମ୍ମ। ଗାଂ-ଗମ୍-ଅ) ପ୍ରସିଦ୍ଧ ନଦୀ ।

ଗଙ୍ଗାଧର, ବି. (ଗଙ୍ଗା-ଧୃ-ଅ) ଶିବ, ସମୁଦ୍ର ।

ଗଙ୍ଗାପ୍ରାପ୍ତି, ବି. (ଗଙ୍ଗା-ପ୍ର-ଆପ୍-ତି) ମୃତ୍ୟୁ, ଗଙ୍ଗା-ତୀରରେ ମୃତ୍ୟୁ ।

ଗଛ, ବି. (ଦେ) ବୃକ୍ଷ ।

ଗଚ୍ଛିତ, ବିଂ. (ଦେ) ନ୍ୟସ୍ତ, ଜମା କରି ରଖିବା ।

ଗଜ, ବି. (ଗଜ୍-ଅ) ହସ୍ତୀ, ଦୁଇହସ୍ତ ପରିମାଣ ।

ଗଜପତି, ବି. ( ଗଜ-ପତି ) ଗଜରାଜ, ଉତ୍କଳୀୟ ରାଜବଂଶବିଶେଷ ।

ଗଜରସ, ବି. (ଦେ) ସଜ ଦୁଧ ।

ଗଜା, ବି. (ପ୍ରା) ଅଙ୍କୁର, ବୀଜରୁ ଉଦ୍ଭିଦର ପ୍ରଥମ ପ୍ରକାଶ, ମିଷ୍ଟାନ୍ନବିଶେଷ ।

ଗଜାନନ, ବି. (ଗଜ-ଆନନ) ଗଣେଶ ।

ଗଜୁରିବା, କ୍ରି. (ଦେ) ଅଙ୍କୁରିବା ।

ଗଞ୍ଜ, ବି. (ଗନ୍ଜ୍-ଅ) ଧନାଗାର, ହାଟ, ଶସ୍ୟାଦିର ଗୋଦାମ ।

ଗଞ୍ଜେଡ଼, (ଡ଼ି), ବିଂ. (ଦେ) ଗଞ୍ଜାଇଖୋର୍ ।

ଗଞ୍ଜଣା, (ଦେ) }
ଗଞ୍ଜନା, ବି. } (ଗଞ୍ଜ-ଅନ-ଆ) ଲାଞ୍ଛନା, ଯାତନା ।

ଗଞ୍ଜପା, ବି. (ଦେ) ଏକପ୍ରକାର ତାସ ଖେଳ ।

ଗଞ୍ଜା, ବି. (ପ୍ରା) ପୁଂକୁକ୍କୁଟ, ପଦ୍ମଗଛର ଜଟା ।

ଗଞ୍ଜାଇ, ବି. (ଦେ) ଗୁଳ୍ମବିଶେଷ, ମାଦକଦ୍ରବ୍ୟ-ବିଶେଷ ।

ଗଠନ, ବି. (ଗଠ୍-ଅନ) ଆକୃତି, ନିର୍ମାଣ ।

ଗଠିତ, ବିଂ. (ଗଠ୍-ତ) ନିର୍ମିତ, ରଚିତ ।

ଗଡ଼, ବି. (ଗଡ୍-ଅ) ପରିଖା, ଦୁର୍ଗ । (ଦେ) ଖଣ୍ଡ ।

ଗଡ଼ଜାତ, ବି. (ଦେ) ଅରଣ୍ୟମୟ ପ୍ରଦେଶ, ଜଙ୍ଗଲ ।

ଗଡ଼ନ୍ତ, (ଆ), ବି. (ଦେ) ନିମ୍ନନିମ୍ନ (ସ୍ଥାନ) ।

ଗଡ଼ପଡ଼, ବି. (ଦେ) ବିଛଣାରେ ପଡ଼ି ରହି ବିଶ୍ରାମ କରିବା, ଶୋଇବା ।

ଗଡ଼ବଡ଼, ବି. (ଦେ) ଗୋଳମାଳ, ଓଲଟପାଲଟ ପ୍ରଭୃତି ଉପଦ୍ରବ ।

ଗଡ଼ାଣିଆ, ବିଂ. (ଦେ) ଅସମତଳ, ଢାଲୁ ।
ଗଡ଼ୁଆ, ବି. (ଦେ) କ୍ଷୁଦ୍ର ପୋଖରୀ ।
ଗଡ଼ିବା, କି. (ଦେ) ଲୋଟିବା, ନିମ୍ନଗାମୀ ହେବା ।
ଗଡ଼ିଶା, ବି. (ଦେ) ଗଡ଼ର ମାଛ ।
ଗଡ଼ୁ, ବି. ( ପ୍ରା ) ଅଭିଷେକପାତ୍ର, ପିତ୍ତଳନିର୍ମିତ ଜଳପାତ୍ର ।
ଗଡ୍ଡଲିକା, ବି. ମେଷଦଳର ଅଗ୍ରଗାମିନୀ ମେଷୀ, ଝରଣ
ଗଢ଼ଣ, ବି. ( ଦେ ) ଗଠନ, ନିର୍ମାଣ, ଆକୃତି ।
ଗଢ଼ିବା, କି. ( ଦେ ) ନିର୍ମାଣ କରିବା ।
ଗଣ, ବି. ( ଗଣ୍‌-ଅ ) ଦଳ, ସମୂହ, ଶିବାନୁଚରବିଶେଷ ।
ଗଣକ, ବି. ( ଗଣ୍‌-ଅକ ) ଦୈବଜ୍ଞ, ନାୟକ ।
ଗଣତି, ବି. ( ଦେ ) ଗଣନା ।
ଗଣନ } ବି. ( ଗଣ-ଅନ, ଆ ) ସଂଖ୍ୟାକରଣ ।
ଗଣନା }
ଗଣନାଥ, (ପତି), ବି. (ଗଣ-ନାଥ, ପତି) ଗଣେଶ ।
ଗଣମାନ୍ୟ, ବିଂ. ( ଗଣ-ଅମାନ୍ୟ ) ଗଣ୍ୟ ।
ଗଣା, ବି. ( ଦେ ) ଗଣନା ।
ଗଣାପୋଛା, ବି. ( ଦେ ) ଶିଶୁଜନ୍ମ ପରେ ତାହାର ଜନ୍ମ ଲଗ୍ନାଦି ବୁଝିବା ।
ଗଣିଆ, ବି. ( ଦେ ) ଲମ୍ବମୁଖ ମତ୍ସ୍ୟବିଶେଷ ।
ଗଣିକା, ବି. ( ଗଣ-ଇକ-ଆ ) ବେଶ୍ୟା, ହସ୍ତିନୀ, ଜୂଇଫୁଲ ।

ଗଣିତ, ବି, ( ଗଣ୍-ତ ) ଅଙ୍କଶାସ୍ତ୍ର । ବିଂ. ଯାହା ଗଣା ହୋଇଅଛି ।

ଗଣିବା, କ୍ରି. (ଦେ) ସଂଖ୍ୟା କରିବା, ତୁଳନା କରିବା ।

ଗଣେଶ, ବି. ( ଗଣ-ଈଶ ) ଶିବପୁତ୍ର ।

ଗଣ୍ଠ(ଣ୍ଠି)ଲି, ବି. (ଦେ) ଜାଉଁଳି, ଗଣ୍ଡିଗି, ବୋକ୍ସି ।

ଗଣ୍ଠି, ବି. (ଦେ) ବନ୍ଧନ, ଅଡୁଆ, ଜିଦ୍, ସନ୍ଧିସ୍ଥାନ ।

ଗଣ୍ଠିଆ, ବିଂ. ( ଦେ ) କୃପଣ, ଗଣ୍ଠିଯୁକ୍ତ, କୁଟିଳ, କର୍ଣ୍ଣାଳଙ୍କାରବିଶେଷ ।

ଗଣ୍ଠିଧନ, ବି. ( ଦେ ) ଆଦରର ଦ୍ରବ୍ୟ ।

ଗଣ୍ଠିର, (ଲି), ବି. ( ଦେ ) ବୋକ୍ସି ।

ଗଣ୍ଡ, ବି. ( ଗନ୍ଡ୍-ଅ ) କପୋଳ । ( ଦେ ) ଗଭୀରତର (ନଦୀର) ସ୍ଥାନ, ପର୍ବତର ଗଭୀର ଅନ୍ତଃ ପ୍ରଦେଶ । ( ଦେଶଜ ) ମୂର୍ଖ, ନିର୍ବୋଧ, ବଣୁଆ ଜାତିବିଶେଷ ।

ଗଣ୍ଡକୀଶିଳା, ବି. ଶାଳଗ୍ରାମ ଶିଳା ।

ଗଣ୍ଡଗୋଳ, ବି. ( ଦେ ) ବିବାଦ, କୋଳାହଳ ।

ଗଣ୍ଡଗ୍ରାମ, ବି. ପ୍ରଧାନ ଗ୍ରାମ ।

ଗଣ୍ଡଭେରଣ୍ଡ }
ଗଣ୍ଡଭୈରବ } ବି. ( ଦେ ) କାଳ୍ପନିକ ମହାପକ୍ଷୀ ।

ଗଣ୍ଡମାଳା, ବି. ଗଳାର ଆବୁସମୂହ, ରୋଗବିଶେଷ ।

ଗଣ୍ଡା, ବି. (ଦେ) ଗଣ୍ଡାର ନାମକ ଜୀବ, ଚାରି କଉଡ଼ା ପରିମାଣ ।

ଗଣ୍ଡାର, ବି. ( ଦେ ) ଗଣ୍ଡା ।

ଗଣ୍ଡି, ବି.(ଦେ) ବୃକ୍ଷାଦିର କାଣ୍ଡ, ଧୋବାର ଲୁଗାକଚା ପଥର ।

ଗଣ୍ଡିଗ, ଵି. ( ଦେ ) ଗଣ୍ଡିର, ବୋକଚା ।

ଗଣ୍ଡୀ, ବି. ( ଗଣ୍ଡ-ଇନ ) ହସ୍ତୀ, ହାତୀ ।

ଗଣ୍ଡୂଷ, ବି. ଚଳେ ମାତ୍ର, ପେଷେ ମାତ୍ର, ଅଳ୍ପ ।

ଗଣ୍ୟ, ବିଂ. ( ଗଣ୍-ଯ ) ଗ୍ରାହ୍ୟ, ଗଣନୀୟ ।

ଗତ, ବିଂ. ( ଗମ୍-ତ ) ମୃତ, ପ୍ରାପ୍ତ, ଅତୀତ ।

ଗତାଗତ, ବି. (ଗତ-ଆଗତ) ଯିବା ଆସିବା କରିବା ।

ଗତାୟାତ, ବି. ( ଗତ-ଆୟାତ ) ଗମନାଗମନ ।

ଗତାସୁ, ବିଂ. ( ଗତ-ଅସୁ ) ମୃତ ।

ଗତି, ବି. (ଗମ୍-ତି) ଗମନ, ଯାତ୍ରା, ପଥ, ଆଶ୍ରୟ, ଉପାୟ, ଅବସ୍ଥା ।

ଗତ୍ୟନ୍ତର, ବି. ( ଅନ୍ୟ-ଗତି ) ଅନ୍ୟ ଉପାୟ ।

ଗଦ, ବି. (ଗଦ୍-ଅ) ରୋଗ । (ଦେ) ଔଷଧିବିଶେଷ ।

ଗଦା, ବି ( ଗଦ୍-ଆ ) ମୁଦ୍ଗର, ସ୍ତୂପ ।

ଗଦି, ବି. (ଯାବନିକ) ସିଂହାସନ, ତୁଳାଦିପୂର୍ଣ୍ଣ ମୋଟ ବିଛଣାବିଶେଷ, ବାଣିଜ୍ୟାଳୟ ।

ଗଦିତ, ବିଂ. ( ଗଦ୍-ତ ) କଥିତ । ବି. ବାକ୍ୟ ।

ଗଦ୍ଗଦ, ବିଂ. ହର୍ଷାଦିଜନିତ ଅବ୍ୟକ୍ତ କଣ୍ଠସ୍ୱର ।

ଗଦ୍ୟ, ବି. ( ଗଦ୍-ଯ ) ଛନ୍ଦୋହୀନ ବାକ୍ୟ ।

ଗଧ, ବି. (ଦେ) ଗର୍ଦ୍ଦଭ । ବିଂ. ନିର୍ବୋଧ ।

ଗଧିଆ, ବି. ( ଦେ ) ବ୍ୟାଘ୍ରଜାତୀୟ ଜୀବବିଶେଷ ।

ଗନ୍ତବ୍ୟ, ବିଂ. (ଗମ୍-ତବ୍ୟ) ଗମ୍ୟ, ପ୍ରାପ୍ୟ, ଜ୍ଞେୟ ।

ଗନ୍ତାଇତ, ବ. (ଦେ) ସରଘରିଆ ।
ଗନ୍ତାଘର, ବ ( ଦେଶଜ ) ଭଣ୍ଡାରଘର ।
ଗନ୍ଧ, ବ. ( ଗନ୍ଧ୍-ଅ ) ଘ୍ରାଣେନ୍ଦ୍ରିୟଗ୍ରାହ୍ୟ ପଦାର୍ଥ, ବାସନା ।
ଗନ୍ଧକ, ବ. ( ଗନ୍ଧ-କ ) ଉପଧାତୁବିଶେଷ ।
ଗନ୍ଧମାଦନ, ବ. ( ଗନ୍ଧ-ମାଦ୍-ଅନ) ଭ୍ରମର, ପର୍ବତ-ବିଶେଷ ।
ଗନ୍ଧମାର୍ଜାର, ବ. ମୃଗଜାତୀୟ ଜନ୍ତୁବିଶେଷ, କଟାଶ ।
ଗନ୍ଧମୃଗ, ବ. କସ୍ତୁରିକା ମୃଗ ।
ଗନ୍ଧର୍ବ, ବ. (ଗ=ଗାନ-ଧର୍ମ) ସ୍ୱର୍ଗ ଗାୟକ, ଦେବ-ଯୋନିବିଶେଷ, ଘୋଡ଼ା ।
ଗନ୍ଧବ(ବା)ହ, ବ. (ଗନ୍ଧ-ବହ୍-ଅ) ବାୟୁ, ନାସିକା ।
ଗନ୍ଧଷଣ, ବ. ( ଦେ ) ଅଧିବାସ, ଉତ୍ସବାଦିର ପୂର୍ବାନୁଷ୍ଠାନବିଶେଷ ।
ଗନ୍ଧସାର, ବ. ( ଗନ୍ଧ-ସାର ) ଚନ୍ଦନ ।
ଗନ୍ଧିଆ, ବିଂ. ( ଦେ ) ଦୁର୍ଗନ୍ଧଯୁକ୍ତ ।
ଗନ୍ଧୀ, ବିଂ. ( ଗନ୍ଧ-ଇନ୍ ) ଉତ୍କଟ ଗନ୍ଧଯୁକ୍ତ ।
ଗନ୍ଧେଇବା, କ୍ରି. ( ଦେ ) ଦୁର୍ଗନ୍ଧ କରିବା ।
ଗପ, ବ. (ଦେ) ଗଳ୍ପ, କାହାଣୀ, କଥାଭାଷା ।
ଗପଚ୍ଛ, ବିଂ. ( ଦେ ) ବହୁଭାଷୀ, ଯେଉଁ ଲୋକ ବେଶୀ ଗଳ୍ପ କରେ ।
ଗଭସ୍ତି, ବ. ( ଗ-ଭସ୍-ତି ) କିରଣ ।

ଗଭସ୍ତିମାନ୍, ବି. ( ଗଭସ୍ତି-ମତ୍ ) ସୂର୍ଯ୍ୟ । ବିଂ. ତେଜସ୍ୱୀ, ଦୀପ୍ତିମାନ୍ ।

ଗଭା, ବି. ( ଦେଶଜ ) ପୁଷ୍ପାଦିର ତୋଡ଼ା ବା ଗୁଚ୍ଛ, ଜୁଡ଼ା ।

ଗଭୀର, ବିଂ.(ଗମ୍-ଈର) ଅତି ନିମ୍ନ, ନିବିଡ଼, ଦୁର୍ଗମ ।

ଗମନ, ବି. ( ଗମ୍-ଅନ ) ଗତି ।

ଗମରା, ବି. (ଦେ) ମଇଳା ଧରିଥିବା, ଫିମ୍ପି ମାରିଥିବା

ଗମିବା, କ୍ରି. (ଦେ) ଗମନ କରିବା, ବୁଝି ପାରିବା ।

ଗମ୍ଭାରୀ, ବି. ( ଦେ ) ଏକଜାତୀୟ ବୃକ୍ଷ ।

ଗମ୍ଭୀର, ବିଂ. ( ଗମ୍-ଈର ) ନିବିଡ଼, ଅଗାଧ ।

ଗମ୍ଭୀରସାମନ୍ତ, ବି. ( ଦେ ) ଯୁବରାଜ, ରାଜପୁତ୍ର ।

ଗମ୍ଭୀରା, (ରି), ବି. (ଦେ) ଦେଉଳର ଭିତର ଘର ।

ଗମ୍ୟ, ବିଂ. (ଗମ୍-ଯ) ଭୋଗ୍ୟ,ପ୍ରାପ୍ୟ, ଗମନଯୋଗ୍ୟ ।

ଗୟଳ,ବି.(ଦେ) ବନ୍ୟଜନ୍ତୁବିଶେଷ, ବଡ଼ କଣ୍ଠ କାଠ ।

ଗୟା, ବି. ( ଗୟ-ଆ ) ପ୍ରସିଦ୍ଧ ତୀର୍ଥବିଶେଷ ।

ଗୟାଳି, ବି. ( ଦେ ) ଗୟାତୀର୍ଥର ଅଧିକାରୀ ପଣ୍ଡା ।

ଗର, ବି. (ଗୃ-ଅ) ବିଷ, ରୋଗ । (ଦେ) ମୂର୍ତ୍ତିକାଠ, ଗମ୍ଭୀର ଶବ୍ଦ ।

ଗରଗଡ଼, ବି. ( ଦେ ) ତୃଣଧାନ୍ୟବିଶେଷ ।

ଗରଗର, ବିଂ. (ଦେ) ଗର୍ଗାନ୍ୱିତ, ଜଡ଼ିତ, ଲିପ୍ତ ।

ଗରଜ, ବି. ( ଯା ) ପ୍ରୟୋଜନ, ଆବଶ୍ୟକତା ।

ଗରଦ, ବିଂ. (ଗର୍-ଦା-ଅ) ବିଷପ୍ରୟୋକ୍ତା, ଯେଉଁ ବ୍ୟକ୍ତି ବିଷ ଦିଏ ।

ଗରମ, ବିଂ. ( ପା ) ଉତ୍ତପ୍ତ । ବି. ଉତ୍ତାପ ।

ଗରଳ, ବି. ( ଗର-ଳ ) ବିଷ ।

ଗରୀ } ବି. (ପ୍ରା) ( ଗର୍ଗରୀର ଅପଭ୍ରଂଶ )
ଗଗରୀ } ପିତ୍ତଳନିର୍ମିତ ଘଟ ବା କଳସ ।

ଗରାଖ, ବି. ( ଦେ ) ଗ୍ରାହକ ।

ଗରିବ, ବିଂ. ( ପା ) ଦରିଦ୍ର ।

ଗରିମା, ବି. ( ଗୁରୁ-ଇମନ୍ ) ଗୁରୁତ୍ୱ, ଗୌରବ ।

ଗରିଷ୍ଠ } ବିଂ. (ଗୁରୁ-ଇଷ୍ଠ,ଇୟସ) ଗୁରୁତର ।
ଗରୀୟାନ୍ }

ଗରୁ, (ଆ), ବିଂ (ଦେ) ଗୁରୁ, ଭାରି

ଗରୁଗର, ବିଂ. ( ଦେ ) ଗର୍ଭବତୀ, ଗର୍ଭିଣୀ ।

ଗରୁଡ଼, ବି. (ଗରୁତ୍-ଡୀ-ଅ) ପକ୍ଷିରାଜ, ବିଷ୍ଣୁବାହନ ।

ଗରୁଡ଼ଧ୍ୱଜ, ବି. ( ଗରୁଡ଼-ଧ୍ୱଜ ) ବିଷ୍ଣୁ ।

ଗରୁତ୍, ବି. (ଗୃ-ଉତ୍) ପଖା, ପକ୍ଷ, ପକ୍ଷିର ଡେଣା ।

ଗରୁତ୍ମାନ୍, ବି. (ଗରୁତ୍-ମତ୍) ଗରୁଡ଼, ଖଗେଶ୍ୱର ।

ଗର୍ଗରୀ, ବି. ଗରୀ, ପିତ୍ତଳନିର୍ମିତ ଘଟ ବା କଳସ ।

ଗର୍ଜନ, ବି. (ଗର୍ଜ୍-ଅନ) ସିଂହାଦିର ଶବ୍ଦ, କଣ୍ଠଧ୍ୱନି ।

ଗର୍ତ୍ତ, ବି. (ଗୃ-ତ) ଗହ୍ୱର, ଛିଦ୍ର ।

ଗର୍ଦ୍ଦଭ, ବି. (ଗର୍ଦ୍ଦ-ଅଭ) ଗଧ ।

ଗର୍ଭ, ବି. (ଗୃ-ଭ) ଅଭ୍ୟନ୍ତର, ପେଟ ।

ଗର୍ଭକ, ବି. ( ଗର୍ଭ-କ ) ଚୂଡ଼ାମଧ୍ୟସ୍ଥ ପୁଷ୍ପମାଳା, ଦୁଇ ରାତ୍ରି ଏବଂ ଏକ ଦିନ ଏକତ୍ର ।

ଗର୍ଭକେଶର, ବି. ପୁଷ୍ପ ମଧ୍ୟବର୍ତ୍ତୀ ସୂକ୍ଷ୍ମବତ୍ ପଦାର୍ଥ ।

ଗର୍ଭଣା, ବି. (ଦେ) କନ୍ୟାସଂକ୍ରାନ୍ତି, ବୃକ୍ଷବିଶେଷ ।
ଗର୍ଭପାତ, ବି. ଗର୍ଭସ୍ରାବ, ଅକାଳରେ ପ୍ରସବ ।
ଗର୍ଭବତୀ, ବିଂ. (ଗର୍ଭ-ବତ୍-ଈ) ଗର୍ଭିଣୀ, ଅନ୍ତଃସତ୍ତ୍ୱା ।
ଗର୍ଭାଧାନ, ବି. ଗର୍ଭଧାରଣ ସଂସ୍କାରବିଶେଷ ।
ଗର୍ଭିଣୀ, ବି. (ଗର୍ଭ-ଇନ୍-ଈ) ଗର୍ଭବତୀ, ଅନ୍ତଃସତ୍ତ୍ୱା ।
ଗର୍ଭିତ, ବିଂ. (ଗର୍ଭ-ଇତ) ଅନ୍ତର୍ଗତ, ଗର୍ଭଯୁକ୍ତ ।
ଗର୍ବ, ବି. (ଗର୍ବ୍-ଅ) ଦର୍ପ, ଅହଙ୍କାର ।
ଗର୍ବିତ, ବିଂ. (ଗର୍ବ-ଇତ) ଅହଂକୃତ ।
ଗର୍ବୀ, ବିଂ. (ଗର୍ବ-ଇନ୍) ଅହଙ୍କାରୀ ।
ଗର୍ହଣ
ଗର୍ହଣା } ବି. (ଗର୍ହ-ଅନ୍,ଆ) ନିନ୍ଦା ।
ଗର୍ହିତ, ବିଂ. (ଗର୍ହ-ତ) ନିନ୍ଦିତ ।
ଗଳ, ବି. (ଗଳ୍-ଅ) କଣ୍ଠ ।
ଗଳକମ୍ବଳ, ବି. (ଗଳ-କମ୍ବଳ) ଗୋରୁର ଗଳଲମ୍ବିତ କମ୍ବଳାକୃତି ମାଂସ ।
ଗଳଗଣ୍ଡ, ବି. ( ଗଳ-ଗଣ୍ଡ ) ରୋଗବିଶେଷ, ଗଳଦେଶର ମାଂସପିଣ୍ଡ ।
ଗଳଗ୍ରହ, ବି. ( ଗଳ-ଗ୍ରହ ) ଅପରିହାର୍ଯ୍ୟ ଆପଦ୍, ଗଳାର ବୋଝ ।
ଗଳଥା, ବି. (ଗଳ-ଥା) ତଣ୍ଟିଆ ।
ଗଳହସ୍ତ, ବି. ( ଗଳ-ହସ୍ତ ) ଅର୍ଦ୍ଧଚନ୍ଦ୍ର, ଗଳାରେ ଧକ୍କାଦେବା ।
ଗଳା, ବି. (ଗଳ୍-ଆ) କଣ୍ଠ, ଗ୍ରୀବା ।

ଗଳାଇବା, କ୍ରି. ( ଦେ ) ପୂରାଇବା, ପ୍ରବେଶ କରାଇବା ।

ଗଳି } ବି. ( ଦେଶଜ ) ଅପ୍ରଶସ୍ତ ପଥ । ବିଂ. ଗଳା
ଗଳୀ } ଅଛି ଯାହାର ।

ଗଳିତ, ବିଂ. (ଗଳ୍-ତ) କ୍ଷରିତ, ପତିତ, ତରଳିତ ।

ଗଳିବା, କ୍ରି. ( ଦେ ) ସଂକୁଚିତ ହୋଇ ପଶିବା, ତରଳିବା, ପତିତ ହେବା ।

ଗଲୁ, ବି (ଦେ) ଗଲଗଲ ହେବା, କୁଣ୍ଠାଇ ହେବା ।

ଗଳ୍ପ, ବି. (ଦେ) ଉପନ୍ୟାସ, ଉପକଥା ।

ଗବ, ବି. (ଦେ) ଏରଣ୍ଡବୃକ୍ଷ, ଜଡ଼ାଗଛ ।

ଗବୟ, ବି. ( ଗୋ-ଅୟ ) ଗୋତୁଲ୍ୟ ପଶୁବିଶେଷ, ବାନରବିଶେଷ ।

ଗବାକ୍ଷ, ବି (ଗୋ-ଅକ୍ଷ) ଝିଙ୍କା, ବାନରବିଶେଷ ।

ଗବୀ, ବି. (ଗୋ-ଈ) ଗାଈ ।

ଗବେଷଣ } ବି. ( ଗବେଷ୍-ଅନ, ଆ ) ଅନ୍ୱେଷଣ,
ଗବେଷଣା } ଅନୁସନ୍ଧାନ ।

ଗବ୍ୟ, ବିଂ. (ଗୋ-ଯ) ଗୋସମ୍ବନ୍ଧୀୟ । ବି. ଗୁଆଘିଅ, ଗୁଆଦହି ଇତ୍ୟାଦି ।

ଗସ୍ତ, ବି. ( ଯା ) କାର୍ଯ୍ୟୋପଲକ୍ଷରେ ଭ୍ରମଣ ।

ଗହକ, ବି. ( ଦେ ) ଗ୍ରାହକ, ଯେ କଣେ ।

ଗହଣ, ବି. ( ଦେ ) ରାଜାଙ୍କର ସଙ୍ଗୀ ଲୋକସମୂହ

ଗହଣା, ବି. ( ଦେ ) ଅଳଙ୍କାର, ଆଭରଣ

ଗହନ, ବି. ( ଗହ-ଅନ ) ବନ । ବିଂ. ଦୁର୍ଗମ ।

ଗହମ, ବି. ( ଦେ ) ଗୋଧମ, ଶସ୍ୟବିଶେଷ ।
ଗହଳ, (ଳି), ବିଂ. ( ଦେ ) ଘନ । ବି. ଗୋଳମାଳ ।
ଗହିବ, ବିଂ. ( ଦେ ) ଗହଳ, ଘନ ।
ଗହିର, ବିଂ. ( ଦେ ) ଗଭୀର । ବି. ଖାଲ ଜମି ।
ଗହ୍ୱର, ବି. ( ଗୋ-ହ୍ୱୃ-ଅ ) ଗର୍ତ୍ତ, ଗୁହା ।
ଗହ୍ମାପୂର୍ଣ୍ଣିମା, ବି. ( ଦେ ) ଶ୍ରାବଣପୂର୍ଣ୍ଣିମା ।
ଗାଁ, ବି. ( ଦେ ) ଗ୍ରାମ ।
ଗାଆଣ, ବି. ( ଦେ ) ଗାୟନ ବା ଗାୟକ ।
ଗାଇବା, କ୍ରି. ( ଦେ ) ଗାନ କରିବା ।
ଗାଈ, ବି. ( ଦେ ) ଗବୀ, ଧେନୁ ।
ଗାଈଆଳ, ବି. ( ଦେ ) ଗୋରକ୍ଷକ, ଗାଈଜଗାଳି ।
ଗାଏ, ବିଂ. ( ଯା ) ମୋଟ ।
ଗାଗର, ବି. ( ଦେ ) ଏକଜାତୀୟ ମାଛ ।
ଗାଙ୍ଗ, ବିଂ. (ଗଙ୍ଗା-ଅ) ଗଙ୍ଗାସମ୍ବନ୍ଧୀୟ । ବି. ଭୀଷ୍ମ ।
ଗାଙ୍ଗେୟ, ବି. ( ଗଙ୍ଗା-ଏୟ ) ଭୀଷ୍ମ, କାର୍ତ୍ତିକେୟ, ସୁବର୍ଣ୍ଣ, ଗଙ୍ଗାକୂଳସ୍ଥ ଦେଶସବୁ ।
ଗାଙ୍ଗୋଇ, ବି. ( ଦେ ) ଏକପ୍ରକାର ମାଛଖିଆ ଚଢ଼ାଇ ।
ଗାଜର, ବି. ( ଦେ ) ଏକପ୍ରକାର ଶବଜମୂଳ ।
ଗାଞ୍ଜିଆ, ବି. ( ଦେ ) ଟଙ୍କା ପଇସା ରଖିବା ଥଳୀ ।
ଗାଡ଼ି, ବି. ( ଦେ ) ଗନ୍ତ୍ରୀ, ଶକଟ, ରଥ ।
ଗାଢ଼, ବିଂ. ( ଗାହ୍-ତ ) ଦୃଢ଼, ଘନ ।
ଗାଣପତ୍ୟ, ବି. ( ଗଣପତି-ଯ ) ଗଣେଶ ଉପାସକ ।

ଗାଣିତକ, ବିଂ. ( ଗଣିତ-ଇକ ) ଗଣିତଶାସ୍ତ୍ରଜ୍ଞ, ଗଣିତସମ୍ବନ୍ଧୀୟ ।

ଗାଣ୍ଡିବ }
ଗାଣ୍ଡୀବ } ବି. ( ଗାଣ୍ଡି-ବ ) ଅର୍ଜୁନଙ୍କ ଧନୁ ।

ଗାଣ୍ଡୀ, ବି. ( ଦେ ) ଗୁହ୍ୟଦ୍ୱାର ଓ ତନ୍ନିକଟବର୍ତ୍ତୀ ଅଂଶ ।

ଗାଣ୍ଡୀବୀ, ବି. ( ଗାଣ୍ଡୀବ-ଇନ୍ ) ଅର୍ଜୁନ ।

ଗାଣ୍ଡୁଆ, ବି. ( ଦେ ) ବାଉଁଶ ଟୋକାଇବିଶେଷ ।

ଗାତ, ବି. ( ଦେ ) ଗର୍ତ୍ତ, ରନ୍ଧ୍ର ।

ଗାତୁଆ, ବିଂ. ( ଦେ ) ଯେ ଗର୍ତ୍ତରେ ବାସ କରେ ।

ଗାତ୍ର, ବି. ( ଗମ୍-ତ୍ର ) ଦେହ, ଅଙ୍ଗ ।

ଗାତ୍ରମାର୍ଜନୀ, ବି. ( ଗାତ୍ର-ମାର୍ଜନୀ ) ଗାମୁଛା ।

ଗାଥା, ବି (ଗୈ-ଥ-ଆ) ଶ୍ଲୋକ, ଗୀତ, ପରିଚ୍ଛେଦ ।

ଗାଦି, ବି. ( ଦେ ) ସିଂହାସନ, ସମାଧିସ୍ତୂପ ।

ଗାଧ, ବିଂ. ( ଗାଧ୍-ଅ ) ତଳସ୍ପର୍ଶ ।

ଗାଧି, ବି. ( ଗାଧ୍-ଇ ) ବିଶ୍ୱାମିତ୍ରଙ୍କ ପିତା ।

ଗାଧୁଆ }
ଗାଧୋଇବା } ବି. ( ଗାତ୍ରଧୌତର ଅପଭ୍ରଂଶ ) ସ୍ନାନ କରିବା, ଶରୀର ଧୋଇବାଦ୍ୱାରା ପରିଷ୍କାର କରିବା ।

ଗାଧେୟ, ବି. ( ଗାଧି-ଏୟ ) ବିଶ୍ୱାମିତ୍ର ଋଷି ।

ଗାନ, ବି. ( ଗୈ-ଅନ ) ଗୀତ, ଧ୍ୱନି ।

ଗାନ୍ଥଣୀ, ବି. ( ଦେ ) ମସଲା ଦେଇ ଇଟା ବସାଇବା ।

ଗାନ୍ଧର୍ବ, ବି. (ଗନ୍ଧର୍ବ-ଅ) ଗନ୍ଧର୍ବସମ୍ବନ୍ଧୀୟ ବିବାହବିଶେଷ ।

ଗାନ୍ଧାର, ବି. ( ଗନ୍ଧ-ର୍-ଅ ) ଦେଶବିଶେଷ, ସ୍ୱର-ବିଶେଷ, ରାଗବିଶେଷ ।

ଗାନ୍ଧାରୀ, ବି. (ଗାନ୍ଧାର-ଈ) ଦୁର୍ଯ୍ୟୋଧନର ମାତା, ଗାନ୍ଧାରରାଜକନ୍ୟା ।

ଗାଭୀ, ବି. ( ପ୍ରା ) ଗବୀ, ଗାଈ ।

ଗାମୁଚ୍ଛ, ବି. ( ଦେ ) ଗାତ୍ରମାର୍ଜନା ।

ଗାମ୍ଭୀର୍ଯ୍ୟ, ବି. ( ଗମ୍ଭୀର-ଯ ) ଗମ୍ଭୀରତା, ଅଚାଞ୍ଚଲ୍ୟ ।

ଗାୟକ } ବି. ( ଗୈ-ଅକ, ଅନ ) ଗାନକର୍ତ୍ତା,
ଗାୟନ } ଗାନକାରକ ।

ଗାୟତ୍ରୀ } ବି. ( ଗାୟତ୍-ତ୍ରୈ-ଅ-ଈ ) ତ୍ରିପଦା
ଗାୟତ୍ରୀ } ମନ୍ତ୍ରବିଶେଷ ।

ଗାର, ବି. ( ଦେ ) ଲମ୍ବ ରେଖା, ଦାଗ, ଗି ।

ଗାରଡ଼, ବି. ( ଦେ ) ଅଣ୍ଡିରା ମେଣ୍ଢା ।

ଗାରଦ, ବି. ( ଯା ) ବନ୍ଦିଶାଳା, ହାଜତ ।

ଗାର(ରୁ)ଡ଼ି, ବି. (ଦେ) ବିଷବିଦ୍ୟା, ମାୟାବିଦ୍ୟା ।

ଗାରଗାର(କ)ଆ, ବିଂ. ( ଦେ ) ଗାରଯୁକ୍ତ ।

ଗାରିବା, କ୍ରି. ( ଦେ ) ଚିହ୍ନିତ କରିବା, ଲେଖିବା, ଗାର ପକାଇବା ।

ଗାରମା, ବି. (ଦେ) ଗରମା, ଟେକ, ବଡ଼ାଇ ।

ଗାରୁଡ଼, ବି. (ଗରୁଡ଼-ଅ) ବିଷଶାସ୍ତ୍ର, ବିଷମନ୍ତ୍ର ।

ଗାରୁଡ଼ିଆ, ବି. ( ଦେ ) ସାପୁଆ କେଳା ।

ଗାର୍ହପତ୍ୟ, ବି. ( ଗୃହପତି-ଯ ) ସାଗ୍ନିକ ଗୃହସ୍ଥର ଯଜ୍ଞାଗ୍ନି ।

ଗାର୍ହସ୍ଥ୍ୟ, ବି°. ( ଗୃହସ୍ଥ-ଯ ) ଗୃହସମ୍ବନ୍ଧୀୟ ।

ଗାଲ, ବି. ( ଦେ ) କପୋଳ, ଗଣ୍ଡ ।

ଗାଲମୋଚ୍ଛ, ବି. ( ଦେ ) ଗାଲରେ ରଖିଥିବା ଘର୍ଷାକୃତ ଲୋମରେଖା ।

ଗାଳି, ବି. ଶାପ, କଟୁବାକ୍ୟ ।

ଗାଲଗ୍ଗ, ବି. ( ଯା ) ପଞ୍ଚମ ଶଯ୍ୟାବିଶେଷ ।

ଗାଲି, (ସୀ), ବି. (ଦେ) ମାଛର ଗାଲ ।

ଗାଲ୍ଲିବା, କ୍ରି. ( ଦେ ) ଛାଲିବା, ନଗାଡ଼ିବା ।

ଗାଲୁ, ବି. ( ଦେ ) ମିଛ, ଭଣ୍ଡିବା, ଧପା ମାରିବା, ସତ୍ୟକୁ ଅସ୍ୱୀକାର କରିବା ।

ଗାଲୁଆ, ବି°. ( ଦେ ) ଯେ ଗାଲୁ କରେ, ମିଛୁଆ ।

ଗିନା, ବି. ( ଦେ ) ଧାତୁନିର୍ମିତ କ୍ଷୁଦ୍ର ପାତ୍ରବିଶେଷ ।

ଗିନି, ବି. ( ଇ°. Guinea ) ସ୍ୱର୍ଣ୍ଣମୁଦ୍ରାବିଶେଷ, କାଂସ୍ୟନିର୍ମିତ କରତାଳ ।

ଗିର, ବି. ( ଗୃ-ଅ ) ସରସ୍ୱତୀ, ବାକ୍ୟ ।

ଗିରଫ୍, (ଦାର୍), ବି. (ଯା) ବଳପୂର୍ବକ ଧରିନେବା ।

ଗିରା, ବି. ( ଦେ ) ଗାର, ଲମ୍ବ ରେଖା ।

ଗିରି, ବି. ( ଗୃ ଇ ) ପର୍ବତ, ସନ୍ନ୍ୟାସୀବିଶେଷ, ଚକ୍ଷୁରୋଗବିଶେଷ ।

ଗିରିଜା, ବି. (ଗିରି-ଜନ୍-ଆ) ପାର୍ବତୀ, ପର୍ବତକନ୍ୟା ।

ଗିର୍ଜା } ବି. (ପର୍ତ୍ତୁଗିଜ୍) ଖ୍ରୀଷ୍ଟିୟାନଙ୍କ ଉପାସନା
ଗିର୍ଜା } ଗୃହ ।

ଗିରିମଲ୍ଲିକା, ବି. ( ଗିରି-ମଲ୍ଲିକା ) କୁଟଜବୃକ୍ଷ ।

ଗିରସଙ୍କଟ, ବି. ଘାଟୀ, ଦୁଇ ପର୍ବତ ମଧ୍ୟସ୍ଥ ସଂକୀର୍ଣ୍ଣ ପଥ ।

ଗି(ରି)ଶୀଶ, ବି.(ଗିର-ଶୀ-ଅ, ଈଶ) ଶିବ, ହିମାଳୟ ।

ଗିରୁଡ଼, ବି. ( ଦେ ) କ୍ଷୁଦ୍ର ।

ଗିଲ, ବି. ( ଦେ ) ଫଳବିଶେଷ ।

ଗିଳନ, ବି. (ଗିଲ୍-ଅନ) ଗିଳିବା, ଗ୍ରାସ କରିବା ।

ଗିଳା, ବିଂ. ( ଦେ ) ପେଟୁ, ଯେ ବହୁତ ଖାଏ ।

ଗିଲ୍ଲ, ବିଂ. ( ଦେ ) ଅସୁସ୍ଥ, ଅଚଞ୍ଚଳ ।

ଗିଲ୍ଲାସ, ବି. (ଯା) ଜଳପାତ୍ରବିଶେଷ ।

ଗିଳିବା, କ୍ରି. ( ଦେ ) ଗ୍ରାସ କରିବା ।

ଗିଲ(ଲ)ଟି, ବି. ( ଦେ ) ସନ୍ଧିସ୍ଥାନର ଗ୍ରନ୍ଥି, ରଙ୍ଗିନ୍ କରାଯାଇଥିବା, କୃତ୍ରିମ ।

ଗୀତ, ବି. (ଗୈ-ତ)ଗାନ । ବିଂ. ବର୍ଣ୍ଣିତ, ଉଚ୍ଚାରିତ ।

ଗୀତା, ବି. ( ଗୈ-ତ-ଆ ) ଉପଦେଶ ଶାସ୍ତ୍ରବିଶେଷ, ଶ୍ରୀମଦ୍ଭଗବଦ୍ଗୀତା ।

ଗୀତି, ବି. ( ଗୈ-ତି ) ଗାନ ।

ଗୀର୍ବାଣ, ବି. (ଗୀର୍-ବାଣ) ଦେବତା ।

ଗୀଷ୍ପତି, ବି. (ଗିର୍-ପତି) ବୃହସ୍ପତି । ବିଂ. ପଣ୍ଡିତ ।

ଗୁଆ, ବି. ( ଦେ ) ଗୁବାକ, ଗବ୍ୟ ।

ଗୁଆଁର୍, ବିଂ. (ଯା) ଜଡ଼ବୋଧ, ମୂର୍ଖ ।

ଗୁଆଳୀ, ବି. ( ଦେ ) ଗୌଡୁଣୀ, ଗୋପାଳୁଣୀ ।

ଗୁଆଳୀସଭା, ବି. ( ଦେ ) ବ୍ରତାଦି ଉତ୍ସବ ପରେ ହେଉଥିବା ଆଶୀର୍ବାଦସଭା, ଫୁଲସଭା ।

ଗୁଇଁଗାଇଁ, ବି. ( ଦେ ) ଅସ୍ପଷ୍ଟଭାବରେ ବିରକ୍ତି ପ୍ରକାଶ ।

ଗୁଗ୍‌ଗୁଳ }
ଗୁଗୁଳ } ବି. ଗନ୍ଧ ନିର୍ଯ୍ୟାସବିଶେଷ ।

ଗୁଗୁଚିଆ, ବି. (ଦେ) ଏକପ୍ରକାର ଘାସ ।

ଗୁଚ୍ଛ }
ଗୁଚ୍ଛକ } ବି. (ଗୁଧ୍‌—ଛ, କ) ପେଣ୍ଡା, ଝଣାଦି-ଗୋଛ, ତୋଡ଼ା ।

ଗୁଜ, ବି. (ଦେ) ଓସାକାଠ ଉପର ଗୋଜା, ଏହା ଉପରେ ଶେଣୀ ଗୁଲେ ।

ଗୁଜରାଣ୍, ବି. (ଦେ) ସାମୟିକ ପ୍ରୟୋଜନ ।

ଗୁଜରାଟି, ବି. (ଦେ) ସୁକ୍ଷ୍ମେଲା, ଶ୍ରେଷ୍ଠ ଅଳାଇଚ ।

ଗୁଜ୍ଜରୀ, ବି. ରାଗିଣୀବିଶେଷ ।

ଗୁଞ୍ଜ }
ଗୁଞ୍ଜା } ବି. (ଗୁନ୍‌ଜ୍‌—ଅ, ଆ) କାଇଁଚ, ମଧୁରଧ୍ୱନି, ପରିମାଣବିଶେଷ ।

ଗୁଞ୍ଜନ, ବି ( ଗୁନ୍‌ଜ—ଅନ ) ଗୁଣୁଗୁଣୁ ଶବ୍ଦ ।

ଗୁଞ୍ଜିବା, କ୍ରି. ( ଦେ ) ଗଳାଇବା, ଖୋସିବା ।

ଗୁଟି, (କା), ବି. ବଟିକା, ଗୁଳି ।

ଗୁଡ, ବି. (ଗୁ—ଡ) ଇକ୍ଷୁରସ ପ୍ରଭୃତିରୁ ଜାତ ମିଷ୍ଟ ଦ୍ରବ୍ୟବିଶେଷ ।

ଗୁଡ଼କଙ୍କ, ବି. ( ଦେ ) ସମୁଦ୍ରକୂଳଜାତ ତଣଜ ଫଳବିଶେଷ ।

ଗୁଡ଼ାକେଶ, ବି. ଦାରୁଚିନି, ଜିତ୍ନିଦ୍ରୀ ।

ଗୁଡ଼ା
ଗୁଡ଼ାକ
ଗୁଡ଼ାଏ
ଗୁଡ଼ } ଅ°. ବହୁବାଚକ, ସବୁ ।
ଗୁଡ଼କ
ଗୁଡ଼ଏ

ଗୁଡୁ(ଡୂ)ଚୀ, ବ. (ଗୁଡ୍-ଉଚ ଈ ଗୁଳୁଞ୍ଚ ଲତା ।

ଗୁଡ଼ାଇବା, କ୍ରି. (ଦେ) ବେଢ଼ାଇବା, ଆବୃତ କରିବା ।

ଗୁଡ଼ାକେଶ, ବ.(ଗୁଡ଼ାକା-ଈଶ) ମହାଦେବ, ଅର୍ଜୁନ ।

ଗୁଡ଼ାଖ, ବ. (ଦେ) ଗୁଡ଼ତମାଖୁ ।

ଗୁଡ଼ି, ବ. (ଦେ) କାଗଜରେ ତଆରି ଖେଳନା, ଢୁଡ଼ି, ମଧ୍ୟବ, ବସ୍ତ୍ରାଞ୍ଚଳ ।

ଗୁଡ଼ିଆ, ବ. ( ଦେ ) ମିଷ୍ଟାନ୍ନ ପ୍ରସ୍ତୁତକାରୀ ଜାତିବିଶେଷ । ବି°. ସୁମିଷ୍ଟ ।

ଗୁଡୁମ୍‌ଗୁଡୁମ୍, ଅ°. (ଦେ ) ତୋପ ପ୍ରଭୃତିର ଗମ୍ଭୀର ଶବ୍ଦ ।

ଗୁଣ, ବ. ( ଗୁଣ୍-ଅ ) ଉତ୍କର୍ଷ, ସତ୍ତ୍ୱ ରଜଃ ତମ, ଧନୁର ଜ୍ୟା ।

ଗୁଣକ, ବ. ( ଗୁଣ-ଅକ ) ଯାହାଦ୍ୱାରା ଗୁଣନ କରାଯାଏ । ବି°. ଗୁଣକାରକ ।

ଗୁଣନ, ବ. ( ଗୁଣ-ଅନ୍ ) ପୂରଣ, ଏକ ଅଙ୍କଦ୍ୱାରା ଅନ୍ୟ ଅଙ୍କକୁ ଗୁଣିବା, ଅଭ୍ୟାସ ।

ଗୁଣନୀୟ, ବ. ( ଗୁଣ୍-ଅନୀୟ ) ଯେଉଁ ଅଙ୍କକୁ ଗୁଣ କରିବାକୁ ହୁଏ, ଗୁଣ୍ୟ ।

ଗୁଣନୀୟକ, ବ. ଯେଉଁ ସଂଖ୍ୟାଦ୍ୱାରା ଅନ୍ୟ ସଂଖ୍ୟା ଛିଡ଼ିଯାଏ ।

ଗୁଣବତ୍ତା, ବ. ( ଗୁଣବତ୍-ତା ) ଗୁଣ ଥିବା, ଗୁଣଶାଳିତା ।

ଗୁଣବତୀ, ବ. ସ୍ତ୍ରୀ. ( ଗୁଣ-ବତ୍-ଈ ) ଗୁଣବିଶିଷ୍ଟା ।

ଗୁଣବାଚକ, ବ. ( ଗୁଣ-ବାଚକ ) ଯାହା ଗୁଣ ପ୍ରକାଶ କରେ ।

ଗୁଣବାନ୍, ବଂ. (ଗୁଣ-ବତ୍) ଗୁଣଯୁକ୍ତ, ଗୁଣୀ । ବି. ଧନୁ ।

ଗୁଣବୃକ୍ଷ, ବି. ଜାହାଜର ମାସ୍ତୁଲ୍ ।

ଗୁଣା, ବି. ( ଦେଶଜ ) ନାକର ଅଳଙ୍କାରବିଶେଷ ।

ଗୁଣାଗାର, ବି. ( ଦେ ) ଅର୍ଥଦଣ୍ଡ, ଜରିମାନା ।

ଗୁଣାଣ, ବି. ( ଦେ ) ଅଙ୍କର ଗୁଣନପ୍ରଣାଳୀ ।

ଗୁଣି, ବି. ( ଦେ ) ତନ୍ତ୍ରମନ୍ତ୍ର ବିଦ୍ୟା ।

ଗୁଣିବା, କ୍ରି. (ଦେ) ସ୍ମରଣ କରିବା, କ୍ଷୀଣ ସ୍ୱରରେ ପାଠ କରିବା, ଗୁଣନ କରିବା ।

ଗୁଣିଆ, ବି. ( ଦେ ) ଭୂତବୈଦ୍ୟ ।

ଗୁଣିତ, ବଂ. ( ଗୁଣ୍-ତ ) ପୂରିତ, ଯାହା ଗୁଣ କରା ହୋଇଅଛି ।

ଗୁଣିତକ, ବି. ( ଗୁଣିତ-କ ) ଯେଉଁ ସଂଖ୍ୟା ଅନ୍ୟ ସଂଖ୍ୟାଦ୍ୱାରା ଛିଡ଼ିଯାଏ ।

ଗୁଣୀ, ବି°. (ଗୁଣ-ଇନ୍) ଗୁଣବାନ୍ । ( ଦେ ) ଯେ ମନ୍ତ୍ର ଯନ୍ତ୍ର ଜାଣେ ।

ଗୁଣୀଭୂତ, ବି°. ( ଗୁଣ-ଚି-ଭୂ-ତ ) ଅପ୍ରଧାନ-ଭାବରେ ସ୍ଥିତ ।

ଗୁଣ୍ଠ, ବି. ( ଦେ ) ଏକ ମାଣର ୨୫ ଅଂଶ ।

ଗୁଣ୍ଠା, ବି. ( ଦେ ) ଆଶାବାଡ଼ି । ବି°. ଖର୍ବକାୟ ।

ଗୁଣ୍ଠୁଣୀ, ବି°. ( ଦେ ) ବାଙ୍ଗର, ଖର୍ବକାୟ ।

ଗୁଣ୍ଡ, ଗୁଣ୍ଡି } ବି. ( ଗୁନ୍ଡ୍-ଅ, ଇ ) ଚୂନା, ଧନଆଁ ମିଶ୍ରିତ ନାଶପତ୍ର, "ବଟଖିଆ ।

ଗୁଣ୍ଡା, ବି. ( ଦେ ) ବଦମାସ୍, ଦୁର୍ବୃତ୍ତ, ଧଳି, ଭୋଜନମାତ୍ର ।

ଗୁଣ୍ଡିଆ, ବି. ( ଦେ ) କ୍ଷୁଦ୍ର ମଶା ।

ଗୁଣ୍ଡିଚ୍ଚା, ବି. ଆଷାଢ଼ ଶୁକ୍ଲପକ୍ଷ ଦ୍ୱିତୀୟା ତିଥିରେ ଜଗନ୍ନାଥ ଦେବଙ୍କ ପ୍ରସିଦ୍ଧ ଯାତ୍ରା ।

ଗୁଣ୍ଡୁଚିମୂଷା, ବି. (ଦେ) ପର୍ଣ୍ଣମୃଗ, ଗଛରେ ରହୁବା ମୂଷିକଜାତୀୟ ଜୀବ ।

ଗୁଣ୍ୟ, ବି°. ( ଗୁଣ୍-ଯ ) ଗୁଣନୀୟ ।

ଗୁଦ, ବି. ( ଗୁ-ଦ ) ଗୁହ୍ୟଦ୍ୱାର ।

ଗୁଦୁଡ଼ି, ବି. ( ଯା ) କନ୍ଥା ।

ଗୁନ୍ଥା, ବି°. ( ଦେ ) ଗ୍ରଥିତ । ବି. ଗୁନ୍ଥିବା ।

ଗୁନ୍ଥିବା, କ୍ରି. ( ଦେ ) ଗ୍ରନ୍ଥନ କରିବା ।

ଗୁପ୍ତ, ବି°. (ଗୁପ୍-ତ) ରକ୍ଷିତ, ଗୂଢ଼, ଉପାଧିବିଶେଷ ।

ଗୁପ୍ତି, ବି. ( ଗୁପ୍-ତି ) ଗୋପନ, ଅସ୍ତ୍ରବିଶେଷ ।

ଗୁମ୍, ବଂ. ( ଦେ ) ନମ୍ରବୃ, ଅନୁକରଣ ଶବ୍ଦ-ବିଶେଷ ।

ଗୁମର, ବି.( ଯା ) ଅହଂକାର, ଗୋପନୀୟ ଭାବ ।

ଗୁମାନ, ବି. (ଦେଶଜ) ଦମ୍ଭ, ଅଭିମାନ, ଅହଙ୍କାର ।

ଗୁମାସ୍ତା, ବଂ. ( ଯାବନିକ ) ଜମିଦାରୀ କଚେରୀର ହିସାବପତ୍ର ରଖିବା ମୋହରିର ।

ଗୁମ୍ଫ, ବି. ( ଗୁନ୍ଫ-ଅ ) ଗ୍ରନ୍ଥନ, ବାହୁଭୂଷଣ, ମୁଛ ।

ଗୁମ୍ଫା, ବି. ( ଦେ ) ଗୁମ୍ଫା, ଗର୍ତ୍ତ ।

ଗୁମ୍ଫିତ, ବଂ. ( ଗୁନ୍ଫ-ତ ) ଗ୍ରଥିତ ।

ଗୁମ୍ବଜ, ବି. ( ଦେ) ଗମ୍ବୁଜ, ତୋରଣାକାରବିଶିଷ୍ଟ ।

ଗୁରୁ, ବି. ( ଗୃ-ଉ ) ଆଚାର୍ଯ୍ୟ, ଅଧ୍ୟାପକ, ଧର୍ମୋପଦେଷ୍ଟା, ବୃହସ୍ପତି । ବି. ଭାରୀ ।

ଗୁରୁଣ୍ଡିବା, କ୍ରି. ବି. ( ଦେଶଜ ) ଶିଶୁମାନଙ୍କର ଆଣ୍ଠୁରେ ଗମନ ।

ଗୁରୁତ୍ୱ }
ଗୁରୁତା } ବି. ( ଗୁରୁ-ତ୍ୱ, ତା ) ମହତ୍ତ୍ୱ, ଓଜନ ।

ଗୁରୁପାକ, ବଂ. (ଗୁରୁ-ପାକ) ଯାହା ସହଜରେ ଜୀର୍ଣ୍ଣ ହୁଏ ନାହିଁ, ଦୁଷ୍ପାଚ୍ୟ ।

ଗୁର୍ଜ୍ଜର, ବି. ଗୁଜରାଟ ଦେଶ, ତଦ୍ଦେଶୀୟ ଲୋକ ।

ଗୁର୍ଜ୍ଜରୀ, ବି. ଗୁଜରାଟଦେଶ ଜାତ ସ୍ତ୍ରୀ, ରାଗିଣୀବିଶେଷ ।

ଗୁର୍ବ୍ବୀ, ବଂ. ( ଗୁରୁ-ଈ ) ଗର୍ଭିଣୀ, ଗୌରବବତୀ । ବି. ଗୁରୁପତ୍ନୀ ।

ଗୁଳଞ୍ଚ, ବି. (ଦେ) ଲତାବିଶେଷ ।

ଗୁଳା, ବ. (ଦେ) ଶଗଡ଼ ସର, ବଟି, ଅଂଶକର୍ଣ୍ଣାତ୍ମକ ସଙ୍କେତ, କଡାଛଡ଼ା ନଡ଼ିଆ ।

ଗୁଲାଲ, ବ (ଦେ) ପିଚକାରୀ ଫଗୁପାଣି, ଫଗୁ ।

ଗୁଳିକା } ବ. ବଟିକା, ବନ୍ଧୁକରେ ବ୍ୟବହୃତ ସୀସା
ଗୁଳୀ } ଗୋଲି ।

ଗୁଲି, ବ. ( ଦେ ) ଅଫିମ ଅର୍କରେ ପ୍ରସ୍ତୁତ ମାଦକ ବଟିକା ।

ଗୁଳୁଗୁଳି, ବ. (ଦେ) ଗ୍ରୀଷ୍ମତାପ ।

ଗୁଳୁଚି, ବ. (ଦେ) ଲତାବିଶେଷ ।

ଗୁଳ୍ଫ, ବ. (ଗୁଲ୍-ଫ) ପାଦମୂଳ, ଗୋଇଠି ।

ଗୁଲ୍ମ, ବ. (ଗୁଡ୍-ମ) ରୋଗବିଶେଷ, ଥାନା, ସୈନ୍ୟ ସଂଖ୍ୟାବିଶେଷ, ବୁଦା ।

ଗୁବାକ
ଗୂବାକ } ବ. ଗୁଆଗଛ, ଗୁଆ ।

ଗୁହ, ବ. (ଗୁହ୍-ଅ) କାର୍ତ୍ତିକେୟ, ବିଷ୍ଣୁ, ଅଶ୍ୱ । (ଦେ) ବିଷ୍ଠା, ମଳ ।

ଗୁହା, ବ. ( ଗୁହ୍-ଆ ) ପର୍ବତାଦିର ଗହ୍ୱର, ଗର୍ତ୍ତ । (ଦେ) ସାକ୍ଷୀ ।

ଗୁହାରି
ଗୁହାରୀ } ବ. (ଯା) ଅଭିଯୋଗ, ଫେରାଦ ।

ଗୁହାରିଆ, ବ. ( ଦେ ) ପ୍ରାର୍ଥନାକାରୀ, ଦେବତାଙ୍କ ନିକଟରେ ଅଧା ପଢ଼ୁଥିବା ଲୋକ ।

ଗୁହାଳ, ବ. (ଦେ) ଗୋରୁ ରହିବା ସ୍ଥାନ ।

ଗୁହ୍ୟ, ବିଂ. (ଗୁହ୍-ଯ) ଗୋପନୀୟ । ବି. ମଳଦ୍ୱାର ।
ଗୂଢ଼, ବିଂ. (ଗୂହ-ତ) ଗହନ, ଗୁପ୍ତ, ସଂବୃତ ।
ଗୂଢ଼ପାଦ, ବି. (ଗୂଢ଼-ପାଦ) ସର୍ପ ।
ଗୃଧ୍ନୁ, ବିଂ. (ଗୃଧ୍-ନୁ) ଲୁବ୍ଧ, ଲୋଭୀ ।
ଗୃଧ୍ର, ବି. (ଗୃଧ୍-ର) ଶକୁନପକ୍ଷୀ, ସାଗୁଣା ।
ଗୃହ, ବି. (ଗ୍ରହ୍-ଅ) ଘର, ନିକେତନ, ଭାର୍ଯ୍ୟା ।
ଗୃହଗୋଧିକା, ବି. (ଗୃହ-ଗୋଧିକା) ଝିଟିପିଟି ।
ଗୃହମେଧୀ, ବି. ( ଗୃହ-ମେଧ୍-ଇନ୍ ) ଗୃହସ୍ଥାଶ୍ରମୀ ।
ଗୃହସ୍ଥ, ବିଂ. (ଗୃହ-ସ୍ଥା-ଅ) ସଂସାରୀ, ଗୃହୀ ।
ଗୃହିଣୀ, ବି. (ଗୃହ-ଇନ୍-ଈ) ପତ୍ନୀ, ଘରଣୀ ।
ଗୃହୀ, ବିଂ. (ଗୃହ-ଇନ୍) ଗୃହସ୍ଥ, ସଂସାରୀ ।
ଗୃହୀତ, ବିଂ. (ଗ୍ରହ-ତ) ଧୃତ, ସ୍ୱୀକୃତ, ପ୍ରାପ୍ତ ।
ଗୃହ୍ୟ, ବି. (ଗୃହ୍-ଯ) ଅଧୀନ, ଗୃହୋତ୍ପନ୍ନ, ଗୃହ-
ସମ୍ବନ୍ଧୀୟ ।
ଗେଙ୍ଗୁଟି, ବି. (ଦେଶଜ) ପଥରବିଶେଷ, ଏଥିରୁ
ପଥରଚୂନ ପ୍ରସ୍ତୁତ ହୁଏ ।
ଗେଟି, ବି. (ଦେ) ବର୍ତ୍ତୁଳ ଗୋଲା, ଗୋଡ଼ି ।
ଗେଡ଼ା, ବିଂ. (ଦେ) ବାଙ୍ଗର । ସ୍ତ୍ରୀ. ଗେଡ଼ୀ ।
ଗେଣ୍ଡା, ବି. (ଦେ) ଜଳସ୍ଥ ପ୍ରାଣିବିଶେଷ ।
ଗେଣ୍ଡାଳିଆ, ବି. (ଦେ) ପକ୍ଷିବିଶେଷ ।
ଗେଣ୍ଡୁ, (କ), ବି. (ଗା-ଇଣ୍ଡୁ-କ) ଟେପଣ୍ଡ, ଗୋଲାକୃତି
ପୁଷ୍ପବିଶେଷ ।
ଗେଧ, ବି. (ଦେ) ମର୍କଟବିଶେଷ, ବୁଢ଼ା ମାଙ୍କଡ଼ ।

ଗେୟ, ବି. (ଗୈ-ଯ) ଗାନଯୋଗ୍ୟ, ଗାନ ।
ଗେରୁ, ବି. (ଗୈରିକର ଅପଭ୍ରଂଶ) ଗିରିମାଟି ।
ଗେରୁଆ, ବିଂ. (ଦେ)ଗେରୁରଙ୍ଗବିଶିଷ୍ଟ, କଷାୟ ।
ଗେଲ, ବି. (ଦେ) ଶ୍ରଦ୍ଧା, ସ୍ନେହ, ପରିହାସ ।
ଗେହ, ବି. (ଗ-ଇହ-ଅ) ଗୃହ ।
ଗେହ୍ଲା, ବିଂ. (ଦେ) ଆଦରର ପାତ୍ର, ସେରନ୍ଧ୍ରୀ ।
ଗୈରିକ, ବି. (ଗିରି-ଇକ) ଗିରିମାଟି, ସ୍ୱର୍ଣ୍ଣ । ବିଂ. ଗେରୁମାଟିରେ ରଞ୍ଜିତ ।
ଗୋ, ବି. ( ଗମ୍-ଓ ) ଗୋରୁ, ବୃଷ, ଇନ୍ଦ୍ରିୟ, କିରଣ । ଅଂ. ସମ୍ବୋଧନସୂଚକ ।
ଗୋଇ, ବି. (ଦେ)ମର୍ମ, ଅପ୍ରକାଶ୍ୟ ବିଷୟ, ଗୋପୀ
ଗୋଇଠା, ବି. (ଦେ) ପାଦପ୍ରହାର, ନାତ ମାରିବା ।
ଗୋଇଠି, ବି. (ଦେଶଜ) ପାଦମୂଳ ।
ଗୋଇ (ଏ) ନ୍ଦା, ବି. (ଯା) ଗୁପ୍ତଚର ।
ଗୋକନ୍ଧା, ବି ( ଦେ ) ଅଙ୍ଗୁଳିସନ୍ଧିର ଚର୍ମରୋଗ-ବିଶେଷ ।
ଗୋକର୍ଣ୍ଣ, ବି. (ଗୋ-କର୍ଣ୍ଣ) ଅଶ୍ୱତର,ମୃଗବିଶେଷ ।
ଗୋକୁଳ, ବି. ( ଗୋ-କୁଳ ) ଗୋସମୂହ, ଗୋଷ୍ଠ, ଗ୍ରାମବିଶେଷ ।
ଗୋଖର, ବି (ଦେ) ନାଗସାପ ।
ଗୋଖରୁ, ବି. ( ଦେ ) କଣ୍ଟକ ଗୁଳ୍ମବିଶେଷ, କର୍ଣ୍ଣ-ଭୂଷଣବିଶେଷ ।
ଗୋଖା, ବି. (ଦେଶଜ) ମତ୍ସ୍ୟଜୀବୀ ଧୀବର ଜାତି-ବିଶେଷ, ମର୍ଦ୍ଦ ।

ଗୋଘ୍ନ, ବିଂ. (ଗୋ-ହନ୍-ଅ) ଗୋହତ୍ୟାକାରୀ ।

ଗୋଚର, ବି, ( ଗୋ-ଚର ) ଇନ୍ଦ୍ରିୟଗ୍ରାହ୍ୟ, ଗୋଗୃଚରଣ ସ୍ଥାନ ।

ଗୋଚ୍ଛ, ବି. (ଦେଶଜ) ବଡ଼ା ।

ଗୋଜଣା, ବି. (ଦେ) ନଆଁ ଖେଳାଇବା ଗୁଣ୍ଡା ।

ଗୋଜ, (ଜା), ବିଂ. ( ଦେ ) ମୁନିଆଁ । ବି. ମୁନିଆଁ କାଷ୍ଠଖଣ୍ଡ, ତୃଣପନ୍ଦ, ଶ୍ରେକା ।

ଗୋଟମା, ବି. (ଦେ) କଷି ନଡ଼ିଆ ।

ଗୋଟା, ବିଂ. (ଦେ) ଅଖଣ୍ଡ, ବର୍ତ୍ତୁଳ ।

ଗୋଟାଇବା, କ୍ରି. (ଦେ)ଉଠାଇବା, ସଂଗ୍ରହ କରିବା ।

ଗୋଟାଳି, ବି. (ଦେ) ଗୋଲକୃତ କ୍ଷୁଦ୍ର ଖଡ଼ୀ ।

ଗୋଟି, (ଟା) } ଅଂ. (ଦେ) ଏକତ୍ୱସୂଚକ ପ୍ରତ୍ୟୟ,
ଗୋଟି(ଟା)ଏ } ଏକଗୋଟି ।

ଗୋଟିକା, ବି. (ଦେ) ମିଷ୍ଟାନ୍ନବିଶେଷ ।

ଗୋଟିପୁଅ, ବି. (ଦେ) ସଂଗୀତଗାୟକ ନାଚୁଆ ପିଲା

ଗୋଟିପୋକ, ବି. (ଦେ) ପାଟପୋକ,ଟସରପୋକ ।

ଗୋଠ, ବି. (ଦେ) ଗୁହାଳ, ପଲ, ଦଳ,କଟିଭୂଷଣ ।

ଗୋଡ଼, ବି. (ଦେ) ପାଦ, ମୂଳ, ଆଦି ।

ଗୋଡ଼ା, ବି. (ଦେ) ମୂଳଭିତ୍ତି ।

ଗୋଡ଼ାଇବା, କ୍ରି. (ଦେ) ପଛରେ ଦଉଡ଼ିବା ।

ଗୋଡ଼ାଣିଆ, ବିଂ. (ଦେ) ଅନୁସରଣକାରୀ ।

ଗୋଡ଼ି, ବି. (ଦେ) କ୍ଷୁଦ୍ର ଖପର ବା ପଥର ।

ଗୋତମ } ବି. ନ୍ୟାୟଶାସ୍ତ୍ର ପ୍ରଣେତା ମୁନି ।
ଗୌତମ }

ଗୋତ୍ର, ବି ( ଗୁ-ତ୍ର ) କୁଳ, ନାମ, ଗୋଷ୍ଠୀ । (ଗୋ-ତ୍ରି-ଅ) ପର୍ବତ ।

ଗୋତ୍ରଭିଦ୍, ବି. ( ଗୋତ୍ର-ଭିଦ୍ ) ଇନ୍ଦ୍ର ।

ଗୋତ୍ରା, ବି. (ଗୋତ୍ର-ଅ-ଆ) ପୃଥିବୀ ।

ଗୋଦର, ବି'. (ଦେଶଜ) ବାତଜ୍ୱରରେ ଫୁଲିଥିବା (ଅଙ୍ଗ) ।

ଗୋଦାବରୀ, ବି. ନଦୀବିଶେଷ ।

ଗୋଦାମ୍, ବି. (ଯା) ଗଞ୍ଜ, ପଣ୍ୟଦ୍ରବ୍ୟ ସଞ୍ଚୟ ସ୍ଥାନ ।

ଗୋଧନ, ବି. ଗୋରୁ, ଗାଈ ।

ଗୋଧା,(ଧି) } ବି. ( ଗୋଧ୍-ଆ, ଇ, ଇକ-ଆ )
ଗୋଧିକା } ଗୋଧି ସାପ ।

ଗୋଧୁମ } ବି. (ଗୁଧ୍-ଉମ, ଊମ) ଗହମ ।
ଗୋଧୂମ }

ଗୋଧୂଳି, ବି. ( ଗୋ-ଧୂଳି ) ସାୟଂକାଳ, ଗୋରୁମାନଙ୍କ ଘରକୁ ଆସିବା ବେଳ ।

ଗୋନାସିକା, ବି. ପର୍ବତବିଶେଷ, ବୈତରଣୀ ନଦୀର ଉତ୍ପତ୍ତି ସ୍ଥାନ ।

ଗୋପ, ବି. ( ଗୋ-ପ ) ଗଉଡ଼ଜାତି, ଗୋପାଳ । (ଦେ) ସ୍ୱର୍ଣ୍ଣନିର୍ମିତ କଣ୍ଠାଭରଣ ।

ଗୋପନ, ବି. (ଗୁପ୍-ଅନ) ରକ୍ଷଣ, ଲୁଚାଇବା ।

ଗୋପନୀୟ, ବିଂ. (ଗୁପ୍-ଅନୀୟ) ରକ୍ଷଣୀୟ,ଅପ୍ରକାଶ୍ୟ ।

ଗୋପା, ବି. ବୁଦ୍ଧଦେବଙ୍କ ସ୍ତ୍ରୀ, ଏହାଙ୍କ ଅନ୍ୟ ନାମ ଯଶୋଧାରା ।

ଗୋପାଳ, ବି. (ଗୋ-ପାଳ ଗଉଡ଼, କୃଷ୍ଣ, ଗୋପ ।

ଗୋପାଷ୍ଟମୀ, ବି. ( ଗୋପ-ଅଷ୍ଟମୀ ) କାର୍ତ୍ତିକ ମାସର ଶୁକ୍ଳାଷ୍ଟମୀ ।

ଗୋପିକା, ବି. (ଗୋପୀ-କ-ଆ) ଗଉଡୁଣୀ ।

ଗୋପୀ, ବି. (ଗୋପ-ଈ) ଗୋପାଙ୍ଗନା, ଗୋପପୁରର ସ୍ତ୍ରୀ ।

ଗୋପୀନାଥ<br>ଗୋପୀବଲ୍ଲଭ } ବି. (ଗୋପୀ-ନାଥ, ବଲ୍ଲଭ) କୃଷ୍ଣ, ନନ୍ଦସୁତ ।

ଗୋପୁର, ବି. (ଗୋ-ପୁର) ପୁରଦ୍ୱାର ।

ଗୋପ୍ତା, ବିଂ. (ଗୁପ୍-ତୃ) ରକ୍ଷକ ।

ଗୋପ୍ୟ, ବିଂ. ( ଗୁପ୍-ଯ ) ରକ୍ଷଣୀୟ, ଗୋପନୀୟ ।

ଗୋବ,(ବା), ବି. ( ଦେ ) ଗୋଲକୃତ ଲୁହାକଣ୍ଟାର ମୁଣ୍ଡ, ବାଗ ।

ଗୋବର, ବି. ( ଦେ ) ଗୋମୟ, ଗୋବିଷ୍ଠା ।

ଗୋବଗ, ବି ( ଦେ ) ଏକଜାତୀୟ ପକ୍ଷୀ ।

ଗୋବରେଇବା, କ୍ରି. ( ଦେ ) ଗାଇର ଗର୍ଭସ୍ରାବ ହେବା ।

ଗୋମତୀ, ବି. ( ଗୋମତ୍-ଈ ) ନଦୀବିଶେଷ ।

ଗୋମୟ, ବି. ( ଗୋ-ମୟ ) ଗୋବର ।

ଗୋମାୟୁ, ବି. ( ଗୋ-ମା-ଉ ) ଶଗାଳ, ବିଲୁଆ ।

ଗୋମୁଖୀ, ବି. ( ଗୋ-ମୁଖ-ଈ )ହିମାଳୟର ଗହ୍ୱରବିଶେଷ, ନଦୀବିଶେଷ, ଜପମାଳାର ମୁଣି ।

ଗୋମେଧ, ବି. ( ଗୋ-ମେଧ ) ଯଜ୍ଞବିଶେଷ ।

ଗୋର, ବି. ( ଯା ) କବର, ସମାଧି ।
ଗୋରଡ଼ା, ବି. ( ଦେ ) ଗୋରୁ ଖୁଆଡ଼, ଅଟେଇ ।
ଗୋରସ, ବି. ( ଗୋ-ରସ ) ଗବ୍ୟଦୁଗ୍ଧ, ଦଧି ।
ଗୋରା, ବିଂ. (ଦେ) ଗୌରବର୍ଣ୍ଣ । ବିଂ. ଶ୍ରୀଚୈତନ୍ୟ ଦେବ, ଶ୍ୱେତକାୟ ଲୋକ ।
ଗୋରାପ, ବି. ( ଦେ ) କ୍ଷୁଦ୍ର ଜାହାଜ ।
ଗୋରୀ, ବି. ସ୍ତ୍ରୀ. ( ଦେ ) ଗୌରବର୍ଣ୍ଣା ସୁନ୍ଦରୀ ସ୍ତ୍ରୀ ।
ଗୋରୁ, ବି. ( ଦେ ) ଗୋ, ଗାଈ ବଳଦ ପ୍ରଭୃତି ।
ଗୋରୋଚନା, ବି. (ଗୋ-ରୁଚ୍-ଅନ-ଆ)ଗୋମସ୍ତକ ନିର୍ଗତ ଉଜ୍ଜ୍ୱଳ ପୀତବର୍ଣ୍ଣ ଦ୍ରବ୍ୟବିଶେଷ ।
ଗୋଳ, ବି. ( ଦେଶଜ ) ଚହଳ, ଅଳି । କ୍ରି. ମିଶାଅ ।
ଗୋଲ } ବି. ବର୍ତ୍ତୁଳାକାର ପଦାର୍ଥ, ପୃଥିବୀର
ଗୋଲକ } ବର୍ତ୍ତୁଳ ପ୍ରତିକୃତି । ପତିର ମୃତ୍ୟୁ ପରେ ସ୍ତ୍ରୀ ଉପପତିଦ୍ୱାରା ଯେ ସନ୍ତାନ ଜନ୍ମ କରେ ତାହାର ନାମ ଗୋଲକ ।
ଗୋଲଆଳୁ, ବି. ( ଦେ ) ବିଲାତି ଆଳୁ ।
ଗୋଲକଧନ୍ଦା, ବି. ( ଦେ ) ବିଷମ ସମସ୍ୟା, କ୍ରୀଡ଼ା-ବିଶେଷ ।
ଗୋଲନ୍ଦାଜ, ବି. ( ଯା ) ଯେଉଁ ସୈନ୍ୟମାନେ ଗୋଲା ଚଳାଇ ଯୁଦ୍ଧ କରନ୍ତି ।
ଗୋଲମରିଚ, ବି. ( ଦେ ) କଳା ମରିଚ, ଏକ ପ୍ରକାର ମସଲା ।
ଗୋଳମାଳ, ବି. ( ଦେ ) ଚହଳ, କୋଳାହଳ ।

ଗୋଲ, ବି. ( ଦେ ) ଧାନ୍ୟାଦିର ଆଗାର, ପଣ୍ୟ ଦ୍ରବ୍ୟର ଆଡ୍ଡା, ଗୋଲକାର ଲୌହପିଣ୍ଡ, ଗୁଳି, ଶୃଦ୍ରବିଶେଷ ।

ଗୋଳାଇବା } କ୍ରି. ( ଦେ ) ମିଶାଇବା, ଗୋଳ-
ଗୋଳିବା } ମାଳ କରିବା, ଦୁର୍ବୋଧ୍ୟ କରିବା ।

ଗୋଲାପ, ବି. ( ଯାବନିକ ) ପୁଷ୍ପବିଶେଷ ।

ଗୋଲାପଜାମୁ, ବି. ( ଦେ ) ଏକପ୍ରକାର ମିଷ୍ଟାନ୍ନ ।

ଗୋଲାମ, ବି. (ଯାବନିକ) ଦାସ । ସ୍ତ୍ରୀ. ଗୋଲାମି ।

ଗୋଳି, ବିଂ. ( ଦେ ) ଗୋଳିଆ ।

ଗୋଲି, ବି. ( ଦେ ) ବାଳକ୍ରୀଡ଼ନକବିଶେଷ ।

ଗୋଳିଆ, ବିଂ. (ଦେ) ପଙ୍କିଳ, ଅସ୍ୱଚ୍ଛ । ବି. କପଟ ।

ଗୋଲୋକ, ବି. ( ଗୋ-ଲୋକ ) ସ୍ୱର୍ଗ, ବୈକୁଣ୍ଠ ।

ଗୋବର୍ଦ୍ଧନ, ବି. ବୃନ୍ଦାବନସ୍ଥ ଗିରିବିଶେଷ ।

ଗୋବିନ୍ଦ, ବି. ( ଗୋ-ବିନ୍ଦ ) କୃଷ୍ଣ ।

ଗୋଶାଳା, ବି. (ଗୋ-ଶାଳା) ଗୋଗୃହ, ଗୁହାଳ ।

ଗୋଷ୍ଠ, ବି. ( ଗୋ-ସ୍ଥା-ଅ ) ଗୋଠ, ଗୋସ୍ଥାନ ।

ଗୋଷ୍ଠାଷ୍ଟମୀ, ବି. କାର୍ତ୍ତିକ ମାସର ଶୁକ୍ଳାଷ୍ଟମୀ ।

ଗୋଷ୍ଠୀ, ବି. ସଭା, ପରିବାର, କୁଟୁମ୍ବ ।

ଗୋଷ୍ପଦ, ବି. ( ଗୋ-ପଦ ) ଗୋଖୁରପରିମିତ ସ୍ଥାନ ।

ଗୋସଲ, ବି. ( ଯା ) ସ୍ନାନ ।

ଗୋସା, ବି. ( ଯା ) କୋପ, ରାଗ ।

ଗୋସାଇଁ, ବି. ( ଦେ ) ଗୋସ୍ୱାମୀ, ପ୍ରଭୁ, ବ୍ରାହ୍ମଣ ।

ଗୋସା(ମ)ଣୀ, ବି. ( ଦେ ) ପିଶାଚୀ, ଡାହାଣୀ ।

ଗୋସ୍ୱାମୀ, ବି. (ଗୋ-ସ୍ୱାମୀ) ବୈଷ୍ଣବ ସମ୍ପ୍ରଦାୟର ଉପାଧିବିଶେଷ, ଗୋସାଇଁ ।

ଗୋହର, ବି. ( ଦେ ) ଗଳି, ଦୁଇ ପାଖରେ ବାଡ଼ ଥିବା ସଂକୀର୍ଣ୍ଣ ପଥ ।

ଗୌଡ଼, ବି. ଦେଶବିଶେଷ, ବଙ୍ଗଦେଶ । ( ଦେ ) ଗୋପାଳ । ସ୍ତ୍ରୀ. ଗୌଡ଼ୁଣୀ ।

ଗୌଡ଼ୀୟ, ବିଂ. ( ଗୌଡ଼-ଈୟ ) ଚୈତନ୍ୟ-ପ୍ରବର୍ତ୍ତିତ ସମ୍ପ୍ରଦାୟବିଶେଷ, ଗୌଡ଼ଦେଶୀୟ ।

ଗୌଣ, ବିଂ. ( ଗୁଣ-ଅ ) ଅପ୍ରଧାନ, ଗୁଣୀଭୂତ ।

ଗୌଣୀ, ବି. (ଦେ) ଧାନ୍ୟାଦି ମପିବା ପାତ୍ରବିଶେଷ ।

ଗୌତମ, ବି. (ଗୋତମ-ଅ) ଶତାନନ୍ଦ ମୁନି, ବୁଦ୍ଧ ।

ଗୌର, ବିଂ. (ଗୁର୍-ଅ) ପୀତ, ଲୋହିତ, ଶ୍ୱେତ ।

ଗୌରବ, ବି. (ଗୁରୁ-ଅ) ଗୁରୁତ୍ୱ, ସମ୍ମାନ, ଉତ୍କର୍ଷ ।

ଗୌରାଙ୍ଗ, ବି. ଚୈତନ୍ୟ ଦେବ, ସୁନ୍ଦରକାୟ ।

ଗୌରୀ, ବି. ପାର୍ବତୀ, ଗୋରୋଚନା, ଅଷ୍ଟବର୍ଷୀୟା କନ୍ୟା, ଗୌରବର୍ଣ୍ଣା ସ୍ତ୍ରୀ ।

ଗୌରୀଗୁରୁ, ବି. ( ଗୌରୀ-ଗୁରୁ ) ହିମାଳୟ ପର୍ବତ ।

ଗ୍ରଥିତ } ବିଂ. ( ଗ୍ରନ୍ଥ-ତ ) ଗୁନ୍ଥା ହୋଇଥିବା ।
ଗ୍ରନ୍ଥିତ }

ଗ୍ରନ୍ଥ, ବି. ( ଗ୍ରନ୍ଥ୍-ଅ ) ପୁସ୍ତକ, ଶାସ୍ତ୍ର ।

ଗ୍ରନ୍ଥକାର, ବି. (ଗ୍ରନ୍ଥ-କୃ-ଅ) ଗ୍ରନ୍ଥକର୍ତ୍ତା, ଗ୍ରନ୍ଥପ୍ରଣେତା ।

ଗ୍ରନ୍ଥକୀଟ, ବି. ଗ୍ରନ୍ଥରେ ଲାଗିବା ପୋକ, ସର୍ବଦା ଗ୍ରନ୍ଥ ପାଠରେ ନିଯୁକ୍ତ ବ୍ୟକ୍ତି ।

ଗ୍ରନ୍ଥନ, ବି. ( ଗ୍ରନ୍ଥ୍-ଅନ ) ଗୁନ୍ଥିବା, ରଚନା ।
ଗ୍ରନ୍ଥି, ବି. (ଗ୍ରନ୍ଥ-ଇ) ଗଣ୍ଠି ।
ଗ୍ରନ୍ଥିଳ, ବିଂ. (ଗ୍ରନ୍ଥି-ଳ) କଙ୍କଡ଼ାବଗ୍ଣ, ଗଣ୍ଠିଗଣ୍ଠିଆ ।
ଗ୍ରସନ, ବି. (ଗ୍ରସ୍-ଅନ) ଗ୍ରାସ ।
ଗ୍ରସ୍ତ, ବିଂ. (ଗ୍ରସ୍-ତ) ଭକ୍ଷିତ, ଆକ୍ରାନ୍ତ, ଆଚ୍ଛାଦିତ ।
ଗ୍ରହ, ବି. (ଗ୍ରହ୍-ଅ) ସୂର୍ଯ୍ୟାଦି ନବଗ୍ରହ, ଆଦାନ ।
ଗ୍ରହଣ, ବି. ( ଗ୍ରହ୍-ଅନ ) ସ୍ୱୀକାରକରଣ, ସୂର୍ଯ୍ୟ ଚନ୍ଦ୍ରର ରାହୁକେତୁଦ୍ୱାରା ଗ୍ରାସ ।
ଗ୍ରହଣି } ବି. ରୋଗବିଶେଷ ।
ଗ୍ରହଣୀ }
ଗ୍ରହଣୀୟ, ବିଂ. (ଗ୍ରହ୍-ଅନୀୟ) ଗ୍ରହଣଯୋଗ୍ୟ ।
ଗ୍ରହପତି } ବି. (ଗ୍ରହ-ପତି, ରାଜା) ସୂର୍ଯ୍ୟ ।
ଗ୍ରହରାଜ }
ଗ୍ରହବିପ୍ର, ବି. ( ଗ୍ରହ-ବିପ୍ର ) ଜ୍ୟୋତିଷ, ଆଗ୍ରୁର୍ଯ୍ୟ ।
ଗ୍ରହୀତା, ବିଂ. (ଗ୍ରହ-ତ) ଗ୍ରହଣକର୍ତ୍ତା ।
ଗ୍ରାମ, ବି. ଲୋକାଳୟ, ଗାଁ ।
ଗ୍ରାମଣୀ, ବି. ( ଗ୍ରାମ୍-ନୀ-କପ୍ ) ଗ୍ରାମର ପ୍ରଧାନ ଲୋକ, ଅଧିପତି ।
ଗ୍ରାମ୍ୟ, ବିଂ. (ଗ୍ରାମ୍-ଯ) ଗ୍ରାମଜାତ, ନୀଚ, ଜଘନ୍ୟ ।
ଗ୍ରାମ୍ୟତା, ବି. (ଗ୍ରାମ୍ୟ-ତା) ଅସଭ୍ୟତା, ଅଶ୍ଳୀଳତା ।
ଗ୍ରାବା, ବି. ( ଗ୍ରହ୍-ବନ୍ ) ପ୍ରସ୍ତର, ମେଘ,ପର୍ବତ ।
ଗ୍ରାସ, ବି. (ଗ୍ରସ୍-ଅ) ଭୋଜନ, କବଳ ।
ଗ୍ରାହ, ବି. (ଗ୍ରହ୍-ଅ) କୁମ୍ଭୀର ।

ଗ୍ରାହକ, ବିଂ. (ଗ୍ରହ-ଅକ) ଗ୍ରହଣକର୍ତ୍ତା । ବି. ବିଷବୈଦ୍ୟ ।
ଗ୍ରାହ୍ୟ, ବିଂ. (ଗ୍ରହ-ଯ) ଗ୍ରହଣଯୋଗ୍ୟ, ଉପାଦେୟ ।
ଗ୍ରୀବା, ବି. (ଗ-ବ-ଆ) କଣ୍ଠ, ବେକ ।
ଗ୍ରୀଷ୍ମ, ବି. (ଗ୍ରସ୍-ମ) ନିଦାଘ ।
ଗ୍ରୀଷ୍ମମଣ୍ଡଳ, ବି (Torrid zone) କର୍କଟ ଓ ମକରକ୍ରାନ୍ତିର ଅନ୍ତର୍ବର୍ତ୍ତୀ ଭୂଭାଗ ।
ଗ୍ରୈବେୟ, (କ), ବି. (ଗ୍ରୀବା-ଏୟ, କ) କଣ୍ଠଭୂଷଣ ।
ଗ୍ଲାନି, ବି. (ଗ୍ଲୈ-ତି) କ୍ଲାନ୍ତି, ଅସ୍ୱାସ୍ଥ୍ୟ, ନିନ୍ଦା ।

---

# ଘ

ଘ, ବ୍ୟଞ୍ଜନର ଚତୁର୍ଥ ବର୍ଣ୍ଣ । ବି. ଘଣ୍ଟା, ଘର୍ଘର, ଘୁଙ୍ଗୁର ।
ଘଇତା, ବି. (ଦେ) ଗ୍ରହୀତା, ସ୍ୱାମୀ ।
ଘଉଡ଼ିବା, କ୍ରି. (ଦେ) ତଡ଼ିଦେବା, ଦୂର କରିଦେବା ।
ଘଞ୍ଚ, ବିଂ (ଦେ) ଗହଳିଆ, ନିବିଡ଼, ଲଗାଲଗି ।
ଘଟ, ବି. (ଘଟ୍-ଅ) କଳସ, ଶରୀର ।
ଘଟକ, ବି. (ଘଟ୍-ଅକ) ଦୂତ, ମଧ୍ୟସ୍ଥ ।
ଘଟକୁମାର, ବି. (ଘଟ-କୁମାର) ଅଗସ୍ତି ଋଷି ।
ଘଟଣ, ବି. (ଦେ) ସୁନ୍ଦର ।
ଘଟଣା } ବିଂ. (ଘଟ୍-ଅନ-ଆ) ଯୋଜନା,
ଘଟନା } ମେଳଣ ।

ଘଟରଘୁମା, ବ. ( ଦେ ) ଗ୍ରାମଘୋଷୀ ପକ୍ଷିବିଶେଷ।

ଘଟା, ବି. (ଘଟ୍‌-ଆ) ଆଡ଼ମ୍ବର, ସମୂହ । ( ଦେ ) ଦାଗ ।

ଘଟାଇବା, କ୍ରି. (ଦେ) ସଂଘଟନ କରାଇବା, ଉପସ୍ଥିତ କରାଇବା ।

ଘଟାଟୋପ, ବି. (ଦେ) ଆଡ଼ମ୍ବର, ଆଚ୍ଛାଦକ, ବସ୍ତ୍ର-ନିର୍ମିତ ଆବରଣ।

ଘଟିକା, ବି. (ଘଟି-କ-ଆ) ଅଢ଼େଇଦଣ୍ଡ, ମୁହୂର୍ତ୍ତ।

ଘଟିତ, ବିଂ. (ଘଟ୍‌-ତ) ଯୋଜିତ, ସଂଘଟିତ ।

ଘଟିବା, କ୍ରି. (ଦେ) ସଂଘଟିତ ହେବା ।

ଘଟୀ, ବି. (ଘଟ୍‌-ଇ) ଦଣ୍ଡ ପରିମିତକାଳ, ଘଡ଼ି, ସମୟଜ୍ଞାପକ ଯନ୍ତ୍ର, କଳସ ।

ଘଟୋତ୍କଚ, ବି. ( ଘଟ-ଉତ୍କଚ ) ହିଡ଼ିମ୍ବା ରାକ୍ଷସୀ-ଗର୍ଭରୁ ଭୀମ ଔରସରେ ଜାତ ପୁତ୍ର ।

ଘଟ୍ଟ, ବି. (ଘଟ୍ଟ୍‌-ଅ) ନଦ୍ୟାଦିର ଘାଟ ।

ଘଡ଼ଘଡ଼, ଅଂ. (ଦେ) ମେଘଗର୍ଜନାଦିର ଶବ୍ଦ ।

ଘଡ଼ଘଡ଼ି, ବି. (ଦେ) ବଜ୍ରଶବ୍ଦ ।

ଘଡ଼ି, ବି (ପ୍ରା) ସମୟବୋଧକ ଯନ୍ତ୍ର, ଦୁଇ ଦଣ୍ଡ, ମୃତ୍ତିକା ପାତ୍ରବିଶେଷ ।

ଘଡ଼ିଆଳ, ବି. (ଦେ) ଏକପ୍ରକାର କୁମ୍ଭୀର ।

ଘଣା, ବି. (ଦେ) ତୈଳାଦି ନିର୍ଯ୍ୟାସ ବାହାର କରିବା ଯନ୍ତ୍ର ।

ଘଣ୍ଟ }
ଘଣ୍ଟା } ବି. ( ଘନ୍‌-ଟ-ଆ ) ବାଦ୍ୟଯନ୍ତ୍ରବିଶେଷ ।

ଘଣ୍ଟପାଟୁଆ, ବି. (ଦେଶଜ) ଶାରଳା ଠାକୁରାଣୀଙ୍କ ଆଜ୍ଞା ପ୍ରଚାରକ ।

ଘଣ୍ଟାକର୍ଣ୍ଣ, ବି. (ଦେ) ଶିବଗଣବିଶେଷ ।

ଘଣ୍ଟାଚକଟା, ବି. (ଦେ) ଗୋଳମାଳ ।

ଘଣ୍ଟାପଥ, ବି. (ଘଣ୍ଟା-ପଥ) ଗ୍ରାମର ପ୍ରଧାନ ପଥ ।

ଘଣ୍ଟିକା, ଘଣ୍ଟୀ, ବି. (ଘଣ୍ଟ-ଇକ-ଆ, ଘଣ୍ଟ-ଇନ୍) କ୍ଷୁଦ୍ର ଘଣ୍ଟା, ଅଳଙ୍କାରବିଶେଷ, ଉପଜିହ୍ୱା ।

ଘତ, ବିଂ. (ଦେଶଜ) ଧରଣ, କୌଶଳ ।

ଘନ, ବି. (ହନ୍-ଅ) ମେଘ, ଅଙ୍କର ଗୁଣନ, ଲୌହ ମୁଦ୍ଗରବିଶେଷ । ବିଂ. ନିବିଡ଼, ବହଳ ।

ଘନକ୍ଷେତ୍ର, ବି. (ଘନ-କ୍ଷେତ୍ର) ଦୈର୍ଘ୍ୟ, ପ୍ରସ୍ଥ ଓ ବେଧବିଶିଷ୍ଟ କ୍ଷେତ୍ର ।

ଘନଘନ, କ୍ରି. ବିଂ. (ଦେ) ବାରମ୍ବାର, ମୁହୁର୍ମୁହୁଃ ।

ଘନଫଳ, ବି. (ଘନ-ଫଳ) ଦୈର୍ଘ୍ୟପ୍ରସ୍ଥ ଓ ବେଧର ଗୁଣନ ଫଳ ।

ଘନମୂଳ, ବି. (ଘନ-ମୂଳ) ତ୍ରିବାର ଗୁଣିତ ରାଶିର ମୂଳ ନିର୍ଣ୍ଣୟ ।

ଘନରସ, ବି. (ଘନ-ରସ) ଜଳ, କର୍ପୂର ।

ଘନବଲ୍ଲୀ, ବି. (ଘନ-ବଲ୍ଲୀ) ବିଦ୍ୟୁତ୍‌ବିଶେଷ, ନିବିଡ଼ ଲତା ।

ଘନଶ୍ୟାମ, ବି. (ଘନ-ଶ୍ୟାମ) ଶ୍ରୀକୃଷ୍ଣ । ବି. ସଜଳ ମେଘ ପରି ଶ୍ୟାମଳବର୍ଣ୍ଣ ।

ଘନସାର, ବି. (ଘନ-ସାର) କର୍ପୂର ।

ଘନାଘନ, ବି. ବର୍ଷଣକାରୀ ମେଘ, ମତ୍ତହସ୍ତୀ, ଇନ୍ଦ୍ର ।
ବିଂ. ସାନ୍ଦ୍ର ।
ଘନିଷ୍ଠ, ବିଂ.(ଘନ-ଇଷ୍ଠ)ଅତିଶୟ ଘନ,ଅତି ନିକଟ ।
ଘନୀଭୂତ,ବିଂ.(ଘନ-ଚ୍ୱି-ଭୂ-ତ)ଯାହା ଘନ ହୋଇଅଛି,
ନିବିଡ଼, ସାନ୍ଦ୍ରୀଭୂତ ।
ଘନୋପଳ, ବି. (ଘନ-ଉପଳ)କରକା, କୁଆପଥର ।
ଘମାଘୋଟ, ବି. ଯାକଯମକ । ବିଂ. ନିବିଡ଼ ।
ଘମିର, ବି. (ଦେ)ଘର୍ମଚର୍ଚ୍ଚିକା, ଚର୍ମରୋଗବିଶେଷ ।
ଘର, ବି. (ଦେ) ଗୃହ, ବାସସ୍ଥାନ ।
ଘରକରଣା, ବି. (ଦେ) ଗୃହଧର୍ମ ।
ଘରଚଟିଆ, ବି. (ଦେ) ଗୃହବାସୀ ପକ୍ଷିବିଶେଷ ।
ଘରଣୀ, ବି. (ଦେ) ଗୃହିଣୀ ।
ଘରବୁଡ଼ା, ବିଂ. (ଦେ) ଗୃହର ସର୍ବନାଶକାରୀ ।
ଘରା, ବି. (ଦେ) ଛିଦ୍ର, କାଇ ପ୍ରଭୃତିଙ୍କ ବସା ।
ଘରୁଆ, ବିଂ. (ଦେ) ସୁଗୃହସ୍ଥ, ଘରକରଣାଲୋକ ।
ଘରୋଇ, ବିଂ. (ଦେ) ଘରସମ୍ବନ୍ଧୀୟ, ଗୋପନୀୟ ।
ଘର୍ଘର, ଅ. (ଦେ) ଘଡ଼ଘଡ଼ ଶବ୍ଦ ।
ଘର୍ଘରା, ବି. (ଦେ) ସରଯୂ ନଦୀ ।
ଘର୍ମ, ବି. (ଘ-ମ)ଗ୍ରୀଷ୍ମ, ରୌଦ୍ର, ଝାଳ । ବିଂ. ଉଷ୍ଣ ।
ଘର୍ମଚର୍ଚ୍ଚିକା, ବି. ଘମିରି, ଚର୍ମରୋଗବିଶେଷ ।
ଘର୍ମଭାନୁ, ବି. (ଘର୍ମ-ଭାନୁ) ସୂର୍ଯ୍ୟ ।
ଘର୍ମାକ୍ତ, ବିଂ. (ଘର୍ମ-ଅକ୍ତ) ସ୍ୱେଦାର୍ଦ୍ର ।
ଘର୍ଷଣ, ବି. (ଘର୍ଷ-ଅନ) ମାର୍ଜ୍ଜନ, ଘଷିବା ।

ଘଷର, ବିଂ. (ଦେ) କ୍ଷୟପ୍ରାପ୍ତ, ଅଚଳ, ପୁରୁଣା ।

ଘଷି, ବି. (ଦେ) ଶୁଷ୍କ ଗୋମୟ, ଘର୍ଷଣ ।

ଘଷିବା, କ୍ରି. (ଦେଶଜ) ଘର୍ଷଣ କରିବା, ଘୋରିବା, ଗୋଡ଼ ହାତ ପ୍ରଭୃତି ମୋଡ଼ିବା ।

ଘଷା, ବି. (ଦେ) ଘର୍ଷଣ । ବିଂ. ଘର୍ଷିତ ।

ଘସ୍ର, ବି. (ଘସ୍-ର) ଦିନ, ଦିବସ ।

ଘସ୍ରନାଥ, ବି. (ଘସ୍ର-ନାଥ) ସୂର୍ଯ୍ୟ ।

ଘା, ବି. (ଦେଶଜ) କ୍ଷତ, ଆଘାତ ।

ଘଇ, ବି. (ଦେ) ସଂକୀର୍ଣ୍ଣ ଜଳସ୍ରୋତର ପଥ ।

ଘାଇଲ
ଘାଉଆ } ବି. (ଦେଶଜ) କ୍ଷତଯୁକ୍ତ, ଆଘାତପ୍ରାପ୍ତ ।

ଘାଉଡ଼, ବି. (ଦେ) ସାପକାମୁଡ଼ା ।

ଘାଏ,(ଏଁ), ଅଂ (ଦେ) ଦାଉରେ,ଏକ ଆଘାତରେ ।

ଘାଗରା, ବି. (ଦେ) କୁଞ୍ଚିତ ପରିଧେୟବିଶେଷ ।

ଘାଗୁଡ଼ି, ବି. (ଦେ) କ୍ଷୁଦ୍ର ଘଣ୍ଟିକା, ଘୁଙ୍ଗୁର ।

ଘାଟ, ବି. ( ଘଟ୍-ଅ ) ଜଳାଶୟାଦିର ଅବତରଣ ସ୍ଥାନ, ପାରି ହେବା ମୂଳ, ତୋଠ ।

ଘାଟିଆ
ଘାଟୁଆ } ବି (ଦେ) ଯେଉଁ ବ୍ୟକ୍ତି ନଦୀଘାଟରେ ପାରି କରାଏ, ନାବିକ ।

ଘାଟୀ, ବି. ( ପ୍ରା ) ଗିରିଶଙ୍କଟ, ପର୍ବତଦ୍ୱୟର ମଧ୍ୟବର୍ତ୍ତୀ ସଂକୀର୍ଣ୍ଣ ପଥ ।

ଘାଣ୍ଟିଆ
ଘାଣ୍ଟ } ବି. (ଦେଶଜ) ବ୍ୟଞ୍ଜନବିଶେଷ । ବିଂ. ଗୋଳିଆ ।

ଘାଣ୍ଟିବା, କ୍ରି. (ଦେ) ଗୋଳାଇବା ।

ଘାଣ୍ଟି ହେବା, କ୍ରି. (ଦେ) ବ୍ୟାକୁଳ ହେବା ।

ଘାତ } ବି. ( ହନ୍-ଅ, ଅନ ) ପ୍ରହାର, ବଧ,
ଘାତନ } ଅଙ୍କଗୁଣନ ।

ଘାତକ } ବି°. ( ହନ୍-ଅକ, ଇନ୍ ) ହନନକର୍ତ୍ତା,
ଘାତୀ } ବଧକାରୀ, କଟୁଆଳ ।

ଘାତସହ, ବି°. (ଘାତ-ସହ୍-ଅ) ଯେଉଁ ବସ୍ତୁ ଆଘାତ ସହି ପାରେ ।

ଘାତୁକ, ବି°. (ଘାତ-ଉକ) ହିଂସ୍ର, ନିଷ୍ଠୁର, ନାଶକ, କଟୁଆଳ ।

ଘାନ୍ତି, କ୍ରି. ବି°. (ଦେ, ପ୍ରାଚୀନପଦ୍ୟ) ଥର ।

ଘାରିବା, କ୍ରି. (ଦେ) ଜର୍ଜରିତ ହେବା, ଢୁଳାଇବା ।

ଘାଲିବା, କ୍ରି. (ଦେ) ଢୁଳାଇବା ।

ଘାବରା, ବି°. (ଦେ) ଭୟତ୍ରସ୍ତ ।

ଘାସ, ବି. (ଅଦ୍-ଅ) ଦୂର୍ବାଦି ତୃଣ ।

ଘାସୀ, (ଆ), ବି. (ଦେ) ମେହେନ୍ତର, ହାଡି, ଯେଉଁ ଲୋକ ଘାସ ଯୋଗାଏ ।

ଘିଅ, ବି. (ଦେ) ଘୃତ ।

ଘିକୁଆଁରି, ବି. ଘୃତକୁମାରୀ ନାମକ ଗୁଳ୍ମ ।

ଘିନିବା, କ୍ରି. (ଦେ) ଘେନିବା, ଗ୍ରହଣ କରିବା ।

ଘିମିରି, ବି. (ଦେ) ଘମିର, ଘର୍ମବିଚର୍ଚ୍ଚିକା ।

ଘୁଘୁ, ଅ°. ଅନୁକରଣ ଶବ୍ଦବିଶେଷ ।

ଘୁଙ୍ଗା, ବି. (ଦେ) ମୂକ, ବାକ୍‌ଶକ୍ତିହୀନ ।

ଘୁଙ୍ଘୁଡ଼, ବି. (ଦେ) ଶଯ୍ୟନକାଳୀନ ନାସିକାର ଶବ୍ଦ-ବିଶେଷ, ଘୁଙ୍ଘୁର ।

ଘୁଙ୍ଘୁର, ବି. (ଦେ) କଟିଦେଶର ଅଳଙ୍କାର ବିଶେଷ ।

ଘୁଞ୍ଚାଇବା, କ୍ରି. (ଦେ) ଚଳାଇବା ।

ଘୁଞ୍ଚିବା, କ୍ରି. (ଦେ) ଚଳିବା, ସ୍ଥାନାନ୍ତରିତ ହେବା ।

ଘୁଡ଼ି, ବି. (ଦେ) କାଗଜନିର୍ମିତ କ୍ରୀଡ଼ନକବିଶେଷ ।

ଘୁଣାକ୍ଷର, ବି. ( ଘୁଣ-ଅକ୍ଷର ) ଘୁଣକୃତ ଅକ୍ଷର, ଅନାୟାସକୃତ ବ୍ୟାପାର ।

ଘୁମ, ବି. (ଦେ) ନିଦ୍ରା, ବଡ଼ ମାଟିପାତ୍ରବିଶେଷ ।

ଘୁମାଇବା, କ୍ରି. (ଦେଶଜ) ଢୁଳାଇବା, ତନ୍ଦ୍ରାଭିଭୂତ ହେବା ।

ଘୁମୁରା ବି. (ଦେ) ଏକପ୍ରକାର ବାଦ୍ୟଯନ୍ତ୍ର ।

ଘୁମୁରିବା, କ୍ରି. (ଦେ) ଘୁମ୍ ଘୁମ୍ ଶବ୍ଦ କରିବା ।

ଘୁରାଇବା, କ୍ରି. (ଦେ) ବୁଲାଇବା ।

ଘୁରିବା, କ୍ରି. (ଦେ) ବୁଲିବା ।

ଘୁଷ୍, ବି. (ଯା) ଲାଞ୍ଚ, ଉତ୍କୋଚ ।

ଘୁଷ୍‌ଖୋର, ବିଂ. (ଯା) ଉତ୍କୋଚଗ୍ରାହୀ, ଲାଞ୍ଚୁଆ ।

ଘୁଷୁରି, ବି. (ଦେ) ଘୃଷ୍ଟି, ଶୂକର, ବରାହ ।

ଘୁଷୁରିଆ, ବି. (ଦେ) ଶୂକରପାଳକ ।

ଘୂକ, ବି. (ଘୂ-କୈ-ଅ) ପେଚା ।

ଘୂଣ<br>ଘୂଣା } ବି. କାଠପୋକ । ବିଂ. ନାକପୁଡ଼ା ।

ଘୂର୍ଣ୍ଣନ, ବି. (ଘୂର୍ଣ୍ଣ-ଅନ) ମଣ୍ଡଳାକାର ଭ୍ରମଣ ।

ଘୂର୍ଣ୍ଣାୟମାନ, ବିଂ. ( ଘୂର୍ଣ୍ଣି-ଆନ ) ଯାହା ବୁଲୁଅଛି ।
ଘୂର୍ଣ୍ଣିତ, ବିଂ. (ଘୂର୍ଣ୍ଣି-ତ) ଭ୍ରମିତ ।
ଘୃଣା, ବି. (ଘୃଣ-ଅ-ଆ)ତାଚ୍ଛଲ୍ୟ, ଅନାଦର, ଦୟା ।
ଘଣିତ, ବି. (ଘଣ୍-ତ) ନନ୍ଦିତ, ଅନାଦୃତ, ମନ୍ଦ ।
ଘୃଣୀ, ବିଂ. ( ଘୃଣା-ଇନ୍ ) ଘୃଣାକାରୀ, ଦୟାଳୁ ।
ଘୃତ, ବି. ( ଘ-ତ ) ଘିଅ, ହବିଃ ।
ଘୃତକୁମାରୀ, ବି. ଘିକୁଆଁରୀ ଗୁଳ୍ମ ।
ଘୃଷ୍ଟ, ବିଂ.(ଘୃଷ୍-ତ) ମାର୍ଜିତ, ଯାହା ଘଷା ହୋଇଅଛି ।
ଘୃଷ୍ଟି, ବି. ( ଘୃଷ୍-ତି ) ଶୂକର, ଶୂକରୀ, ଘର୍ଷଣ !
ଘେନା, ବିଂ. (ଦେ) ଗୃହୀତ, ସ୍ୱୀକୃତ । ବି. ଗ୍ରହଣ, ସ୍ୱୀକାର ।
ଘେନାଇବା, କ୍ରି. (ଦେ) ମନାଇବା, ବୁଝାଇବା ।
ଘେନାଘେନ, ବି. ( ଦେ ) ଝେକାଝେକ ।
ଘେନ, ଅଂ. (ଦେ) ପାଇଁ, ହେତୁରୁ ।
ଘେନବା, କ୍ରି. (ଦେ) ଗ୍ରହଣ କରିବା, କଣିବା ।
ଘେର } ବି. ( ଦେଶଜ ) ବେଷ୍ଟନ, ବେଢ଼ିବା,
ଘେରା } ବାଡ଼, ସୀମା, ପରିଧି ।
ଘେରିବା, କ୍ରି. (ଦେ) ବେଢ଼ିବା ଆବୃତ କରିବା ।
ଘୋଟକ, ବି. ( ଘଟ୍-ଅକ ) ଅଶ୍ୱ, ଘୋଡ଼ା ।
ଘୋଟିବା, କ୍ରି. (ଦେ) ଢାଙ୍କିବା, ଆଚ୍ଛାଦନ କରିବା, ଘୋରିବା, ମର୍ଦ୍ଦିବା ।
ଘୋଡ଼, ବିଂ. (ଦେ) ଗୁପ୍ତ, ଆଚ୍ଛାଦିତ ।
ଘୋଡ଼ଣୀ, ବି. (ଦେ) ଢାଙ୍କଣୀ ।

ଘୋଡ଼ା, ବି. (ଦେ) ଘୋଟକ, ଅଶ୍ୱ । ସ୍ତ୍ରୀ. ଘୋଡ଼ୀ ।
ଘୋଡ଼ାଇବା, କ୍ରି. (ଦେ) ଢାଙ୍କିବା ।
ଘୋଡ଼ହେଲ(ହେବା) ବି. (ଦେ) ଶୀତବସ୍ତ୍ର ।
ଘୋଣା, ବି. (ଘୁଣ୍‌-ଆ) ନାସିକା, ଅଶ୍ୱନାସିକା ।
ଘୋର, ବିଂ. (ଘର୍‌-ଅ) ଭୟଙ୍କର, ଦାରୁଣ ।
ଘୋରଣା, ବି. (ଦେ) ପେଷଣଯନ୍ତ୍ର, ଚକି ।
ଘୋରିବା, କ୍ରି. ( ଦେ ) ଘର୍ଷଣ କରିବା ।
ଘୋଳଦହି, ବି. ( ଦେଶଜ ) ଘୋଳିବା ବା ମନ୍ଥନ-ଦ୍ୱାରା ଦହିରୁ ଲହୁଣୀ ବାହାର କରି ନେଲେ ଅବଶିଷ୍ଟ ଯାହା ରହେ ।
ଘୋଷ, ବି. (ଘୁଷ୍‌-ଅ) ଗୋପାଳ, ଧ୍ୱନି, ଶବର ବା ଗଉଡ଼ସାହି ।
ଘୋଷଣା, ବି. (ଘଷ୍‌-ଅନ-ଆ) ରଟନା, ବିଜ୍ଞାପନ ।
ଘୋଷା, ବି. (ଦେ) ସଙ୍ଗୀତରେ ଧ୍ରୁବପଦ । (ଯା) ଗୋସା, ରାଗ ।
ଘୋଷାରିବା, କ୍ରି. ( ଦେ ) ମାଟି ଉପରେ ଟାଣିବା, ଓଟାରିବା ।
ଘୋଷିବା, କ୍ରି. (ଦେ) ପାଠାଭ୍ୟାସ କରିବା ।
ଘ୍ରାଣ, ବି. (ଘ୍ରା-ଅନ) ଗନ୍ଧଗ୍ରହଣ, ନାସିକା ।
ଘ୍ରାଣେନ୍ଦ୍ରିୟ, ବି. (ଦେ) ନାସିକା ।
ଘ୍ରାତ, ବିଂ. (ଘ୍ରା-ତ) ଯାହା ଘ୍ରାଣ କରାଯାଇଅଛି, ଯାହା ଶୁଙ୍ଘା ଯାଇଅଛି ।

## ଙ

ଙ, ବ୍ୟଞ୍ଜନର ପଞ୍ଚମ ବର୍ଣ୍ଣ । ବି. ବିଷୟ, ସ୍ପୃହା, ଧ୍ୱନି ।

---

## ଚ

ଚ, ବ୍ୟଞ୍ଜନର ଷଷ୍ଠ ବର୍ଣ୍ଣ । ଅଂ. ଆହୁର, ଏବଂ ପକ୍ଷାନ୍ତର ।

ଚଅଁର, ବି. (ପ୍ରା) ଚାମର ।

ଚଇତ, ବି. (ଦେ) ଚୈତ୍ର ମାସ ।

ଚଇତାଳି, ବିଂ. (ଦେ) ଚୈତ୍ର ମାସରେ ଉତ୍ପନ୍ନ ।

ଚଉ, (ଚୌ), ବିଂ. (ଦେ) ଚାରିଗୁଣ, ଚାରି ।

ଚଉକ, ବି. ଚାରିଗୁଣ, ଚାରିଆଙ୍ଗନ, ଛକସ୍ଥାନ ।

ଚଉକଡ଼, ବି. (ଦେ) ଚାରିପାଖ ।

ଚଉକଷ, ବିଂ. (ଦେ) ମଝିବୁଡ଼ି ।

ଚଉକାଠ, ବି. (ଦେ) ଦୁଆରବନ୍ଧ ।

ଚଉକି, ବି. ( ଦେ ) କାଷ୍ଠାସନ, ଚୌହାର, କର୍ଣ୍ଣାଭରଣବିଶେଷ, ପହରା ।

ଚଉକିଆ
ଚଉକିଦାର } ବିଂ. (ଦେ) ଗ୍ରାମର ପହରାବାଲା ।

ଚଉଠ, ବି. (ଦେ) ଚତୁର୍ଥାଂଶ ।

ଚଉଠୀ, ବି. (ଦେ) ବିବାହର ଚତୁର୍ଥ ଦିବସ ।

ଚଉଡ଼ା, ବି. (ଦେ) ପ୍ରସ୍ଥ, ଓସାର, ଫର୍ଦ୍ଦା ।

ଚଉତ, (ତା), ବି, ବିଂ. (ଦେ) ଚାରିପରସ୍ତ ।

ଚଉଡନା, ବ. (ଦେ) ରୁମାଲ୍ ।
ଚଉଡସ, ବ. ( ଦେ ) ଚତ୍ୱର, ଗୃହଦ୍ୱାର, ବେଦୀ ।
ଚଉଡାସ୍ତ, ବଂ. (ଦେ) ଦୁଇଖିଆ ସୂତାରେ ବୁଣା ।
ଚଉଡରଶି, ବ, ବଂ. (ଦେ) ୩୪ ସଂଖ୍ୟା ।
ଚଉଦ, ବ. ବଂ. (ଦେ) ୧୪ ସଂଖ୍ୟା ।
ଚଉଦୋଳ, ବ. (ଦେ) ବିମାନ, ମନୁଷ୍ୟବାହ୍ୟ ଯାନ ।
ଚଉଧୂରୀ, ବ. (ଦେ) ଉପାଧିବିଶେଷ ।
ଚଉପଦୀ, ବ. (ଦେ) ସଙ୍ଗୀତ, ଏକପ୍ରକାର ଗୀତ, ପଦ ଟୋଲ ।
ଚଉପାଢ଼ୀ, ବ. (ଦେ) ପିଣ୍ଡି, ବାରଣ୍ଡା, ପାଠଶାଳା ।
ଚଉବନ, ବ. ବଂ. (ଦେ) ୫୪ ସଂଖ୍ୟା ।
ଚଉବଣୀ, ବଂ. ( ଦେ) ୧୦୫ ଟଙ୍କା ଓଜନର କଣ୍ଟକା ସେର ।
ଚଉବାହା, ବଂ. (ଦେ) ଚତୁର୍ଭୁଜ, ହାତ ଗୋଡ଼ ଗୁରଗୋଟି ।
ଚଉରା, ବ. (ଦେଶଜ) ତୁଳସୀବୃକ୍ଷର ସ୍ଥାନ ।
ଚଉରାନବେ, ବ. ବଂ. (ଦେ) ୯୪ ସଂଖ୍ୟା ।
ଚଉରାଳିଶି, ବ. ବଂ. (ଦେ) ୪୪ ସଂଖ୍ୟା ।
ଚଉରାଶି, ବ. ବଂ. (ଦେ) ୮୪ ସଂଖ୍ୟା ।
ଚଉସମ, ବ. (ଦେ) ଶୁଣ୍ଠି, ପିପ୍ପଳୀ, ଗୋଲମରିଚ, ସୈନ୍ଧବ, ଏହି ୪ ଗୋଟି ଦ୍ରବ୍ୟର ସମଷ୍ଟି ।
ଚଉସ୍ତର, ବ. ବଂ. ( ଦେ ) ୭୪ ସଂଖ୍ୟା ।

ଚଉଁରୀ, ବି. (ଦେ) କେଶନିର୍ମିତ ରଜ୍ଜୁ, ଏକମହଲା କୋଠା, ଖଞ୍ଜା ।

ଚକ, ବି. (ଦେ) ଚକ୍ର, ଏକପ୍ରକାର ଖଡ଼ୀ ।

ଚକଟା, ବି (ଦେ) ପାଚିଲା କଦଳୀ, ଦୁଧ ପ୍ରଭୃତି ମିଶ୍ରିତ ସୁମିଷ୍ଟ ଖାଦ୍ୟବିଶେଷ, ଦଳା ।

ଚକଟିବା, କ୍ରି. (ଦେ) ଦଳିବା, କୁଦିବା ।

ଚକଡ଼ା, (ଲ), ବି (ଦେ) ଚକ, ଅଞ୍ଚଳ ।

ଚକମକି, ବି. (ଦେ) ଯେଉଁ ପ୍ରସ୍ତରକୁ ଆଘାତ କଲେ ଅଗ୍ନି ବାହାରେ ।

ଚକା, ବିଂ. (ଦେ) ଗୋଲ, ବର୍ତ୍ତୁଳ । ବି. ଜାନୁ ଛନ୍ଦି ବସିବା ପ୍ରକାର ।

ଚକି, ବି. (ଦେ) ପେଷଣଯନ୍ତ୍ର, ଘୂର୍ଣ୍ଣ ।

ଚକିତ, ବିଂ. (ଚକ୍-ତ) ତ୍ରସ୍ତ, ଆଚମ୍ବିତ । ବି. ଭୟ ।

ଚକୁଆ, ବି. (ଦେ) ଚକ୍ରବାକ ପକ୍ଷୀ ।

ଚକୁଳିଆପଣ୍ଡା, ବି. ( ଦେ ) ମାଂସ ଭକ୍ଷକ ବ୍ରାହ୍ମଣ-ବିଶେଷ ।

ଚକୁଳୀ, ବି. (ଦେ) ଶଷ୍କୁଳି, ଏକପ୍ରକାର ପିଠା ।

ଚକୋର, ବି. ( ଚକ-ଓର ) ଚନ୍ଦ୍ରପ୍ରିୟ ପକ୍ଷୀ । ସ୍ତ୍ରୀ. ଚକୋରୀ ।

ଚକ୍‌ଚକ୍(ମକ୍) ବିଂ. (ଦେ) ପ୍ରଦୀପ୍ତ, ଉଜ୍ଜ୍ୱଳ, ସୁନ୍ଦର ।

ଚକ୍କର, ବି. (ଦେ) ଅଶ୍ୱର ଚକ୍ରାକାର ଗତିବିଶେଷ ।

ଚକ୍ତି, ବି. (ଦେ) କ୍ଷୁଦ୍ର ଗୋଲାକୃତି କାଗଜଖଣ୍ଡ ।

ଚକ୍ର, ବି. ( ଚକ୍-ର ) ରଥ ଶକଟାଦିର ଚକ, ଚକ୍ରବାଳସମୂହ, ମଣ୍ଡଳ, ଅସ୍ତ୍ର । ବିଂ. ଚକ୍ରବାକପକ୍ଷୀ ।

ଚକ୍ରତୀର୍ଥ, ବି. ( ଚକ୍ର-ତୀର୍ଥ ) ପ୍ରଭାସସ୍ଥ ବୈଷ୍ଣବତୀର୍ଥ-ବିଶେଷ, ପୁରୀ ଧାମର ତୀର୍ଥବିଶେଷ ।

ଚକ୍ରଧର, ବି. (ଚକ୍ର–ଧର) ବିଷ୍ଣୁ, ସର୍ପ ।

ଚକ୍ରପାଣି, ବି. (ଚକ୍ର-ପାଣି) ବିଷ୍ଣୁ, କୃଷ୍ଣ ।

ଚକ୍ରବର୍ତ୍ତୀ, ବି. ( ଚକ୍ର-ବର୍ତ୍ତୀ ) ସମ୍ରାଟ୍ ।

ଚକ୍ରବନ୍ଧୁ, ବି. ( ଚକ୍ର-ବନ୍ଧୁ ) ସୂର୍ଯ୍ୟ ।

ଚକ୍ରବାକ, ବି. ପକ୍ଷିବିଶେଷ । ସ୍ତ୍ରୀ. ଚକ୍ରବାକୀ ।

ଚକ୍ରବାଡ଼ } ବି. (ଚକ୍ର-ବଲ୍-ଅ) ଲୋକାଲୋକ
ଚକ୍ରବାଳ } ପର୍ବତ ଅନ୍ତରାଳ, ଯେଉଁ ସ୍ଥଳରେ ଆକାଶ ଓ ପୃଥିବୀ ମିଶିଗଲା ପରି ଦେଖାଯାଏ ।

ଚକ୍ରବୃଦ୍ଧି, ବିଂ. ସୁଧର ସୁଧ ।

ଚକ୍ରାଙ୍ଗ, ବି. (ଚକ୍ର-ଅଙ୍ଗ) ରଥ, ହଂସ ।

ଚକ୍ରାନ୍ତ, ବି. (ଚକ୍ର-ଅନ୍ତ) ମନ୍ତ୍ରଣା, ଗୁପ୍ତବିଚାର ।

ଚକ୍ରୀ, ବିଂ. (ଚକ୍ର-ଇନ୍) ଚକ୍ର ଅଛି ଯାହାର । ବି. ବିଷ୍ଣୁ, ସର୍ପ, କୁମ୍ଭକାର, ତେଲି ।

ଚକ୍ଷୁ, ବି. (ଚକ୍ଷ-ଉସ୍) ନୟନ, ଆଖି ।

ଚକ୍ଷୁଃଶ୍ରବା, (ଚକ୍ଷୁସ୍-ଶ୍ରବସ୍) ସର୍ପ, ପ୍ରବାଦ ଅଛି—ସର୍ପ ଆଖିରେ ଶୁଣନ୍ତି ।

ଚକ୍ଷୁଷ୍ମାନ୍, ବିଂ. ( ଚକ୍ଷୁସ୍-ମନ୍ ) ତୀକ୍ଷ୍ଣଦର୍ଶନ ଶକ୍ତି-ବିଶିଷ୍ଟ, ଯାହାର ଆଖି ଅଛି ।

ଚଖା, ବିଂ. ଯେ ଚାଖେ, ଧୂର୍ତ୍ତ ।

ଚଗଲା, ବିଂ. (ଦେ) ଦୁଷ୍ଟ, ଚଞ୍ଚଳପ୍ରକୃତିକ । ବି. ଚଗଲାମି ।

ଚଙ୍ଗଚଙ୍ଗ, ବି. (ଦେ) ଚଞ୍ଚଳ, ଅସ୍ଥିର ।

ଚଞ୍ଚରୀକ, ବି. (ଚର-ଈକ) ଭ୍ରମର ।

ଚଞ୍ଚଳ, ବିଂ. (ଚଲ୍-ଅ) ଅସ୍ଥିର, ଅବ୍ୟବସ୍ଥିତ ।

ଚଞ୍ଚଳା, ବି. (ଚଞ୍ଚଳ ଆ) ଲକ୍ଷ୍ମୀ ବିଦ୍ୟୁତ୍ ।

ଚଞ୍ଚୁ, ବି. (ଚନ୍‌ଚ-ଉ) ପକ୍ଷିର ଥଣ୍ଟ ।

ଚଞ୍ଚୁଲା, ବିଂ. (ଦେ) ଗୋପାଛଡ଼ା ।

ଚଟ୍, କ୍ରି. ବି. (ଦେ) ଶୀଘ୍ର ।

ଚଟକ, ବି. (ଚଟ୍-ଅକ) ଘରଚଟିଆ । (ଦେଶଜ) ସୁଖ, ମଜା ।

ଚଟକଣା, ବି. (ଦେ) ଗୁପୁଡ଼ା ।

ଚଟକଣି, ବି. (ଦେ) ସାମାନ୍ୟ ଚପେଟାଘାତ, ସରୁ ଗୁପୁଡ଼ା ।

ଚଟକଲ୍, ବି. (ଦେ) ଝୋଟର କାରଖାନା ।

ଚଟକା, ବି. (ଦେ) ଚେପ୍‌ଟା ।

ଚଟଣୀ, ବି. (ଦେ) ଏକପ୍ରକାର ଅମ୍ଳ ଲେହ୍ୟ ।

ଚଟ୍‌ପଟ୍, କ୍ରି. ବିଂ. (ଦେ) ଶୀଘ୍ର ।

ଚଟ୍‌ପଟୀ, ବିଂ. (ଦେ) ଭଣ୍ଡାରୀ ଯେଉଁ ଚର୍ମଖଣ୍ଡରେ ଖୁର ଘଷି ଧାର କରେ ।

ଚଟା, ବିଂ. (ଦେ) ଯେ ଗୁଟେ । ବି. ଗୁଟିବା ।

ଚଟାଣ, ବି. (ଦେ) ଗୃହତଳ, କଣ୍ଠୀଃସ୍ଥ ସମତଳଭୂମି ।

ଚଟି } ବି. ପଥ ନିକଟରେ ଥିବା ଛତ୍ର, ବଜାର,
ଚଟୀ } ଚର୍ମପାଦୁକା ।

ଚଟୁ, ବି. ତିଅଣ ପ୍ରଭୃତି ଗୋଳାଇବା କାଷ୍ଠଦଣ୍ଡ ।

ଚଟୁଆ, ବି. (ଦେ) ଫଡ଼ିଆ, ଏକପ୍ରକାର ଘାସ ।

ଚଟୁଳ, ବିଂ. (ଚଟ୍-ଉଳ) ଚଞ୍ଚଳ, ସୁନ୍ଦର ।

ଚଟେଇ } ବି (ଦେଶଜ) ହେଁସ, ମସିଣା ।
ଚଟାଇ }

ଚଡ଼କ, ବି (ଦେ) ବଜ୍ର ।

ଚଡ଼କିବା, କ୍ରି. ( ଦେ ) ସାମାନ୍ୟ ଫାଟିବା ।

ଚଡ଼ା, ବି (ଦେ) ନଦୀ ମଧ୍ୟସ୍ଥିତ ଉଚ୍ଚଭୂମି ବା ଟାପୁ ।

ଚଢ଼ାଇ } ବି (ଦେଶଜ) ପକ୍ଷୀ ।
ଚଡ଼ାଇ }

ଚଡୁ, ବି. (ଦେ) ଛଆଁ, ତପ୍ତ ଲୌହଶଳାକାର ଦାଗ ।

ଚଢ଼ା, ବିଂ. (ଦେ) ବୃଦ୍ଧିପ୍ରାପ୍ତ, ଅଧିକ ।

ଚଢ଼ାଇବା, ବି. (ଦେ) ବସାଇବା, ମଡ଼ାଇବା ।

ଚଢ଼ାଉ, କ୍ରି. (ଦେ) ଆକ୍ରମଣ କରିବା, ଧାଡ଼ି ଦେବା ।

ଚଢ଼ିବା, କ୍ରି. (ଦେ) ଆରୋହଣ କରିବା ।

ଚଣକ } ବି. ବୁଟ, ମୁନିବିଶେଷ ।
ଚଣା }

ଚଣ୍ଡ, ବି. (ଚଣ୍ଡ -ଅ) ଯମଦୂତ, ଦୈତ୍ୟ । (ଦେ) ଉଗ୍ର, ତୀକ୍ଷ୍ଣ, କ୍ରୁଦ୍ଧ ।

ଚଣ୍ଡବଳି, ବି. (ଚଣ୍ଡ-ବଳି) ଦେବତାଙ୍କ ନୈବେଦ୍ୟ ଅର୍ପଣ କରି ଯେ ଅଳ୍ପାଂଶ ଭୂମିରେ ଦିଆଯାଏ ।

ଚଣ୍ଡାଳ } ବି. (ଚଣ୍ଡ୍ ଅଲ୍-ଅ) ନିଷାଦ, ପତିତ,
ଚଣ୍ଡାଳ } ଗୋଖାଦକ । ସ୍ତ୍ରୀ. ଚଣ୍ଡାଳୁଣୀ ।

ଚଣ୍ଡାଂଶୁ, ବି. (ଚଣ୍ଡ-ଅଂଶୁ) ସୂର୍ଯ୍ୟ ।

ଚଣ୍ଡିକା } ବି. (ଚଣ୍ଡ-ଇକ ଆ, ଈ) ଦୁର୍ଗା । ବିଂ.
ଚଣ୍ଡୀ } ଅତିକୋପନା ସ୍ତ୍ରୀ ।

ଚଣ୍ଡୁ, ବି. ( ଦେ ) ଅଫିମରୁ ପ୍ରସ୍ତୁତ ମାଦକଦ୍ରବ୍ୟ-ବିଶେଷ ।

ଚତଲ, ବି. (ଦେ) ଚନ୍ଦାକୃତ ସମତଳ ସ୍ଥାନ ।

ଚତୁଃଷଷ୍ଟି, ବିଂ. (ଚତୁଃ-ଷଷ୍ଟି) ୬୪ ସଂଖ୍ୟା ।

ଚତୁର, ବିଂ. ( ଚତ୍-ଉର ) କାର୍ଯ୍ୟଦକ୍ଷ, ବୁଦ୍ଧିମାନ୍ ।

ଚତୁରଙ୍ଗ, ବିଂ. (ଚତୁର-ଅଙ୍ଗ) ହସ୍ତୀ, ଅଶ୍ୱ, ରଥ, ପଦାତ, ଏହି ଚାରି ଅଙ୍ଗବିଶିଷ୍ଟ ସେନା ।

ଚତୁରଶୀତ, ବି. ବିଂ. (ଚତୁର-ଅଶୀତ) ୮୪ ସଂଖ୍ୟା ।

ଚତୁରସ୍ର, ବି. ( ଚତୁର୍-ଅସ୍ର ) ଚତୁଷ୍କୋଣ, ଚାରିକୋଣିଆ ।

ଚତୁରାନନ, ବି. (ଚତୁର-ଆନନ) ବ୍ରହ୍ମା ।

ଚତୁରୀ, ବିଂ. ସ୍ତ୍ରୀ. ( ଦେ ) ବୁଦ୍ଧିମତୀ ସ୍ତ୍ରୀ, ନିପୁଣା ।

ଚତୁର୍ଥ, ବିଂ. (ଚତୁର୍-ଥ) ଚାରି ସଂଖ୍ୟାର ପୂରଣ ।

ଚତୁର୍ଥୀ, ବି. (ଚତୁର୍ଥ-ଈ) ତିଥିବିଶେଷ, ବ୍ୟାକରଣର ବିଭକ୍ତିବିଶେଷ ।

ଚତୁର୍ଦ୍ଦଶ, ବିଂ. (ଚତୁର-ଦଶନ୍) ୧୪ ସଂଖ୍ୟା । ସ୍ତ୍ରୀ. ଚତୁର୍ଦ୍ଦଶୀ ।

ଚତୁର୍ଦ୍ଦୋଳ, ବି. ( ଚତୁଃ-ଦୋଳ ) ଚଉଦୋଳ, ମନୁଷ୍ୟବାହ୍ୟ ଯାନବିଶେଷ ।

ଚତୁର୍ଦ୍ଧା, ଅ°. (ଚତୁଃ-ଧା) ଚାରିପ୍ରକାର, ଚାରିଥର ।

ଚତୁର୍ବର୍ଣ୍ଣ, ବି. ( ଚତୁର୍-ବର୍ଣ୍ଣ ) ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଏହି ଚାରିଜାତି ।

ଚତୁର୍ବିଂଶତି, ବି. (ଚତୁର୍-ବିଂଶତି) ଚବିଶ ।

ଚତୁର୍ବିଧ, ବି°. (ଚତୁର୍-ବିଧ) ଚାରିପ୍ରକାର ।

ଚତୁର୍ଭୁଜ, ବି. ( ଚତୁଃ-ଭୁଜ ) ବିଷ୍ଣୁ, ନାରାୟଣ, ଚାରି ସରଳରେଖାଦ୍ୱାରା ଆବୃତ କ୍ଷେତ୍ର ।

ଚତୁର୍ମୁଖ, ବି. (ଚତୁଃ-ମୁଖ) ବ୍ରହ୍ମା ।

ଚତୁର୍ଯୁଗ, ବି. ( ଚତୁର୍-ଯୁଗ ) ସତ୍ୟ, ତ୍ରେତା, ଦ୍ୱାପର, କଳି ଏହି ଚାରିଯୁଗ ।

ଚତୁର୍ବର୍ଗ, ବି. ( ଚତୁଃ-ବର୍ଗ ) ଧର୍ମ, ଅର୍ଥ, କାମ ଓ ମୋକ୍ଷ ଏହି ଚାରିଗୋଟି ।

ଚତୁଷ୍କ, ବି. (ଚତୁର୍-କ) ଚାରିକୋଣିଆ ମଣ୍ଡପ ।

ଚତୁଷ୍ଟୟ, ବି°. (ଚତୁଃ-ତୟ) ଚତୁର୍ବିଧ, ଚାରିପ୍ରକାର ।

ଚତୁଷ୍ପଦ, (ଦୀ), ବି. ( ଚତୁଃ-ପଦ-ଇ ) ଚୌପଦୀ, ଚାରିଗୋଡ଼ିଆ ଜୀବ ।

ଚତୁଷ୍ପାଠୀ, ବି. (ଚତୁଃ-ପାଠ-ଈ) ଚୌପାଢ଼ୀ, ଟୋଲ୍

ଚତୁସ୍ତଳ, ବି. (ଚତୁଃ-ତଳ) ଚାରିମହଲା କୋଠା ।

ଚତୁସ୍ତ୍ରିଂଶତ୍, ବି°. (ଚତୁଃ-ତ୍ରିଂଶତ୍) ୩୪ ସଂଖ୍ୟା ।

ଚତୁଃସମ, ବି. (ଚତୁଃ-ସମ) ଚନ୍ଦନ, ଅଗୁରୁ, କସ୍ତୁରୀ, କୁଙ୍କୁମ ଏହି ଚାରି ଦ୍ରବ୍ୟ । ଚଉସମ ଦେଖ ।

ଚତ୍ୱର, ବ. (ଚତ୍-ବର) ଅଙ୍ଗନ, ଅଗଣା ।
ଚତ୍ୱାରିଂଶତ୍, ବ. (ଚତୁର-ଦଶନ୍) ୪୦, ଚାଳିଶ ।
ଚଦର,ବ. (ଦେ) ଚାଦର, ଉତ୍ତରୀୟ ବସ୍ତ୍ର,ପାଛୁଡ଼ା ।
ଚଦବା } କ୍ରି. ବ. ଭୟଦେଖାଇବା, ଡରାଇବା,
ଚଢବା } ଭବିଷ୍ୟତରେ ଅନିଷ୍ଟ କରିବାର
ଜଣାଇ ଭୟ ଦେଖାଇବା ।
ଚନ୍ଦନ, ବ. ( ଚନ୍ଦ୍-ଅନ ) ପ୍ରସିଦ୍ଧ ବୃକ୍ଷ, ତତ୍କାଷ୍ଠ,
ସୁଗନ୍ଧଦ୍ରବ୍ୟ ।
ଚନ୍ଦନାଚଳ, ବ. (ଚନ୍ଦନ-ଅଚଳ) ନୀଳଗିରି ଅନ୍ତର୍ଗତ
ମଳୟପର୍ବତ ।
ଚନ୍ଦା, ବ. (ଦେଶଜ) ଝାଙ୍ଗରା, ଯାହା ମୁଣ୍ଡରୁ କେଶ
ଉପୁଡ଼ି ଯାଇଥାଏ ।
ଚନ୍ଦ୍ର, ବ. ( ଚନ୍ଦ୍-ର ) ଜହ୍ନ, ଚାନ୍ଦ, କର୍ପୂର, ଜଳ,
ସୁବର୍ଣ୍ଣ, ରୌପ୍ୟ ।
ଚନ୍ଦ୍ରଉଦ୍ଧୁଆ, ବ. ( ଦେ ) ଚନ୍ଦ୍ରକିରଣ ପରି ଉଜ୍ଜ୍ୱଳ,
ଆଲୋକପ୍ରଦ ବର୍ତ୍ତିବିଶେଷ ।
ଚନ୍ଦ୍ରକ, ବ. (ଚନ୍ଦ୍ର-କ) ମୟୂରପୁଚ୍ଛର ଚନ୍ଦ୍ରାକାର
ଚିହ୍ନ ।
ଚନ୍ଦ୍ରକାନ୍ତ, ବ. ମଣିବିଶେଷ, ଏହି ମଣିକୁ ଚନ୍ଦ୍ର-
କିରଣରେ ରଖିଲେ ତରଳିଯାଏ ବୋଲି ପ୍ରବାଦ
ଅଛି ।
ଚନ୍ଦ୍ରଚୂଡ଼, ବ. (ଚନ୍ଦ୍ର-ଚୂଡ଼) ଶିବ ।
ଚନ୍ଦ୍ରଭାଗା, ବ ( ଚନ୍ଦ୍ରଭାଗ-ଆ ) କାଶ୍ମୀର ଦେଶର
ନଦୀବିଶେଷ, କୋଣାର୍କ ନିକଟବର୍ତ୍ତୀ ତୀର୍ଥ ।

ଚନ୍ଦ୍ରମାଃ, ବି. (ଚନ୍ଦ୍ର-ମସ୍-ଂ) ଚନ୍ଦ୍ର, ଜହ୍ନ ।
ଚନ୍ଦ୍ରବିନ୍ଦୁ, ବି. (ଚନ୍ଦ୍ର-ବିନ୍ଦୁ) ଅର୍ଦ୍ଧଚନ୍ଦ୍ରାକୃତ ବିନ୍ଦୁ, ଏହିଚିହ୍ନ ।
ଚନ୍ଦ୍ରଶାଳା, ବି. (ଚନ୍ଦ୍ର-ଶାଳା) ଜ୍ୟୋତ୍ସ୍ନା,କୋଠାର ଉପରଘର, ଚାଲଘର ।
ଚନ୍ଦ୍ରଶେଖର, ବି. (ଚନ୍ଦ୍ର-ଶେଖର) ଶିବ ।
ଚନ୍ଦ୍ରହାର, ବି. କଟିଆଭରଣ ଅଳଙ୍କାରବିଶେଷ ।
ଚନ୍ଦ୍ରହାସ, ବି. ରୌପ୍ୟ, ଖଡ୍ଗ ।
ଚନ୍ଦ୍ରାତପ, ବି. (ଚନ୍ଦ୍ର-ଆତପ) ଜ୍ୟୋସ୍ନା, ଚାନ୍ଦୁଆ ।
ଚନ୍ଦ୍ରାବଳୀ, ବି. ସ୍ତ୍ରୀ. ରାଧିକାଙ୍କ ସଖୀବିଶେଷ ।
ଚନ୍ଦ୍ରିକା, ବି. (ଚନ୍ଦ୍ର-ଇକ-ଆ) ଜ୍ୟୋତ୍ସ୍ନା, ଚନ୍ଦ୍ର-କିରଣ, କୌମୁଦୀ ।
ଚନ୍ଦ୍ରିକାପାୟୀ, ବି. (ଚନ୍ଦ୍ରିକା-ପା-ଇନ୍) ଚକୋର-ପକ୍ଷୀ ।
ଚନ୍ଧା, ବିଂ. (ଦେ) ରୋଗବିଶେଷ, ଯହିଁରେ ମସ୍ତକରୁ କେଶ ଉପୁଡ଼ିଯାଏ ।
ଚପ୍‌କନ୍, ବି. (ଯା) ଏକପ୍ରକାର ଜାମା ।
ଚପଟ, ବି (ଦେ) ଚାପ, ବାଧା, ପୀଡ଼ା ।
ଚପରାସ୍, ବି. (ଯା) ଚପରାସିର ଚୋପା ।
ଚପରାସୀ, ବି. (ଯା) ପିଆଦା, ପିଅନ ।
ଚପଳ, ବିଂ. (ଚପ୍-ଅଳ) ଅସ୍ଥିର, ଚଞ୍ଚଳ ।
ଚପଳା, ବି. ଲକ୍ଷ୍ମୀ, ବିଦ୍ୟୁତ୍ । ବିଂ. ଅସ୍ଥିରମତି ସ୍ତ୍ରୀ ।

ଚପେଟ
ଚପେଟିକା } ବି. (ଚପ-ଇଟ-ଅକ-ଆ) ଚାପୁଡ଼ା ।

ଚବିଶ, ବି. ବିଂ. (ଦେଶଜ) ୨୪ ସଂଖ୍ୟା ।

ଚମ, ବି.(ଚର୍ମର ଅପଭ୍ରଂଶ)ଚମଡ଼ା,ତ୍ୱକ୍,ସ୍ପର୍ଶେନ୍ଦ୍ରିୟ ।

ଚମକ, ବି. (ଦେ) ଭୟ, ଛନକା ।

ଚମକାଇବା, କ୍ରି. (ଦେ) ଡରାଇବା ।

ଚମକିବା, କ୍ରି. (ଦେ) ଡରିବା ।

ଚମରଟା, ବି. (ଦେ) ଚେମେଣି ଚଢ଼େଇ ।

ଚମଡ଼ା, ବି. (ଦେ) ଚମ, ଖୋଲ ।

ଚମତ୍କାର, ବିଂ. (ଚମତ୍-କୃ-ଅ) ଆଶ୍ଚର୍ଯ୍ୟ, ବିସ୍ମୟ ।

ଚମତ୍କୃତ, ବିଂ. (ଚମତ୍-କୃ-ତ) ବିସ୍ମୟାବିଷ୍ଟ ।

ଚମତ୍କାରତା, ବି. (ଚମତ୍କାରନ୍-ତା) ବିସ୍ମୟ-କାରିତା, ମନୋହାରକର୍ଷ ।

ଚମଦଳା, ବି. (ଦେ) ଏକପ୍ରକାର ଚର୍ମରୋଗ ।

ଚମର, ବି. (ଚମ୍-ଅର) ମୃଗବିଶେଷ, ଚାମର ।

ଚମାର, ବି. (ଦେ) ଶିଅଳ, ଚାଳପଣ ବ୍ୟବସାୟୀ ।

ଚମୀକର, ବି. ସ୍ୱର୍ଣ୍ଣଖଣି ।

ଚମୂ, ବି. (ଚମ୍-ଊ) ସୈନ୍ୟ ।

ଚମୂପତି, ବି. ସେନାପତି, ସୈନ୍ୟାଧ୍ୟକ୍ଷ ।

ଚମୂରୁ, ବି. (ଚମ୍-ଊରୁ) ମୃଗବିଶେଷ ।

ଚମ୍ପକ, ବି. (ଚମ୍ପ୍-ଅକ) ଚମ୍ପାଗଛ, ଚମ୍ପାଫୁଲ ।

ଚମ୍ପକଦ୍ୱାଦଶୀ, ବି. ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ।

ଚମ୍ପଟ, ବି. (ଦେ)ପଳାୟନ, ତିରୋଧାନ,ଅନ୍ତର୍ଦ୍ଧାନ ।

ଚମ୍ପତ, ବି. ( ଦେ ) ଚମୂପତି, ପ୍ରାଚୀନ ଉତ୍କଳୀୟ ସୈନ୍ୟବିଭାଗର ଉପାଧିବିଶେଷ ।

ଚମ୍ପା, ବି. ( ଦେ ) ଚମ୍ପକପୁଷ୍ପ ଓ ବୃକ୍ଷ, ପ୍ରାଚୀନ ନଗରୀବିଶେଷ ।

ଚମ୍ପୂ, ବି. ( ଚମ୍‌-ଊ, ପ ଆଗମ ) ଗଦ୍ୟପଦ୍ୟମୟ କାବ୍ୟଗ୍ରନ୍ଥ ।

ଚମ୍ପେଇନେଉଲ, ବି. (ଦେ) ଏକଜାତୀୟ ସରୀସୃପ ।

ଚୟ, ବି (ଚି-ଅ) ସମୂହ, ରାଶି ।

ଚୟନ, ବି. (ଚି-ଅନ) ସଂଗ୍ରହ, ଫୁଲତୋଳା ।

ଚର, ବି. (ଚର୍‌-ଅ) ଗୁପ୍ତଦୂତ, । ବିଂ. ଜଙ୍ଗମ ।

ଚରକ, ବି. ( ଚର୍‌-ଅକ ) ବୈଦ୍ୟଗ୍ରନ୍ଥବିଶେଷ, ତତ୍ପ୍ରଣେତା ମୁନି ।

ଚରକା,(ଖା), (ଖୀ), ବି. (ଦେ) ସୂତାକାଟିବା ଯନ୍ତ୍ରବିଶେଷ, ଅରଟ ।

ଚରଣ, ବି. (ଚର୍‌-ଅନ) ପାଦ, ଶ୍ଳୋକର ଚତୁର୍ଥାଂଶ, ପଦ୍ୟର ଏକ ଅଂଶ ।

ଚରଣଗ୍ରନ୍ଥି, ବି. (ଚରଣ-ଗ୍ରନ୍ଥି) ଗୁଲ୍ଫ, ଗୋଇଠି ।

ଚରଣାମୃତ, ବି. (ଚରଣ-ଅମୃତ) ପାଦୋଦକ ।

ଚରଣାୟୁଧ, ବି. (ଚରଣ-ଆୟୁଧ) କୁକୁଡ଼ା ।

ଚରମ, ବି. (ଚର୍‌-ଅମ) ଅନ୍ତିମ, ଅସ୍ତ, ପିଠି, ଶେଷ ।

ଚରମପତ୍ର, ବି. ଉଇଲ୍‌ କରିବା ।

ଚରମାଚଳ, ବି. (ଚରମ-ଅଚଳ) ଅସ୍ତପର୍ବତ ।

ଚରା, ବି. ( ଦେ ) ଗୋ ପ୍ରଭୃତିଙ୍କ ଖାଦ୍ୟ ତୃଣାଦି, ଚଢ଼ା, ଚରି ବୁଲିବା ।

ଚରାଇବା, କ୍ରି. (ଦେ) ଗୋ ପ୍ରଭୃତଙ୍କୁ ବୁଲାଇ ଘାସ ପତ୍ରାଦି ଖୁଆଇବା ।

ଚରାଚର, ବି. ( ଚର-ଅଚର ) ଜଗତ୍, ସ୍ଥାବର-ଜଙ୍ଗମ ।

ଚରିତ, ବି. (ଚର୍-ତ) ସମ୍ପତ୍ତି, କାର୍ଯ୍ୟବିବରଣ, ଜୀବନବୃତ୍ତାନ୍ତ ।

ଚରିତାର୍ଥ, ବିଂ. କୃତାର୍ଥ, ସଫଳକାର୍ଯ୍ୟ ।

ଚରିତ୍ର, ବି. (ଚର-ଇତ୍ର) ଆଚରଣ, ସ୍ୱଭାବ ।

ଚରିବା, କ୍ରି. (ଦେ) ଗୋରୁ ପ୍ରଭୃତି ପଶୁ ବୁଲି ତୃଣାଦି ଖାଇବା ।

ଚରିଷ୍ଣୁ, ବିଂ. ( ଚର -ଇଷ୍ଣୁ ) ଗମନଶୀଳ, ଜଙ୍ଗମ ।

ଚରୁ, ବି. (ଚର୍-ଉ) ଯଜ୍ଞୀୟ ପାୟସାନ୍ନ, ହୋମାର୍ଥ ପ୍ରସ୍ତୁତ ଅନ୍ନ । ତତଲା ଲୁହାଦ୍ୱାରା ଗୋ ମନୁଷ୍ୟ ପ୍ରଭୃତଙ୍କ ଶରୀରରେ ଦେବା ଦାଗ ।

ଚର୍ଖି, ବି. (ଦେ) କପାଖାଇ ।

ଚର୍ଚ୍ଚରୀ, ବି. ( ଚର୍ଚ୍ଚ-ଅର-ଇ ) ଉତ୍ସବ, ଗୀତ, ବାଦ୍ୟ, ଗୃଚେଷ୍ଟା ।

ଚର୍ଚ୍ଚା, ବି. ( ଚର୍ଚ୍ଚ୍-ଆ ) ଅନୁଶୀଳନ, ବିଚାର, ଲେପନ ।

ଚର୍ଚ୍ଚିତ, ବିଂ. (ଚର୍ଚ୍ଚା-ଇତ) ଚନ୍ଦନାଦିଦ୍ୱାରା ଲେପିତ ।

ଚର୍ମ, ବି. ( ଚର୍-ମ ) ଚମ, ତ୍ୱକ୍ ।

ଚର୍ମକାର, ବି. (ଚର୍ମ-କୃ-ଅ) ଚମାର, ଯେ ଚମଡ଼ାର କାର୍ଯ୍ୟ କରେ, ମୋଚି ।

ଚର୍ମପାଦୁକା, ବି. ଜୋତା ।
ଚର୍ଯ୍ୟା ବି. (ଚର ଯ-ଆ) ଆଚରଣ, ବ୍ୟବହାର ।
ଚର୍ବଣ, ବି. (ଚର୍ବ୍-ଅନ) ଚୋବାଇବା, ଭକ୍ଷଣ ।
ଚର୍ବିତ, ବିଂ. (ଚର୍ବ୍-ତ) ଭକ୍ଷିତ, ଚୋବାଇବା ।
ଚର୍ବୀ, ବି. (ଦେ) ବସା, ଦେହସ୍ଥ ଚିକ୍କଣ ଦ୍ରବ୍ୟ ।
ଚଳ, ବିଂ. (ଚଳ୍-ଅ) ଚଞ୍ଚଳ । କ୍ରି. ଚାଲ । (ଦେ) ଆଚମନ, ପୋଷ, ଗଣ୍ଡୂଷ ।
ଚଳଚଞ୍ଚୁ, ବି. ( ଚଳ-ଚଞ୍ଚୁ ) ଚଗଲା ।
ଚଳଣା, ବି. ( ଦେ ) ଫୁଟିଜାଉଥିବା ଫଳବିଶେଷ ।
ଚଳଣି, ବି. (ଦେ) ଚଳନ, ବ୍ୟବହାର ।
ଚଳତ୍, ବିଂ. (ଚଳ୍-ଅତ୍) ଚଞ୍ଚଳ, ଗମନଶୀଳ ।
ଚଳଦଳ, ବି. ( ଚଳ-ଦଳ ) ଅଶ୍ୱତ୍ଥ ବୃକ୍ଷ ।
ଚଳନ, ବି. (ଚଳ୍-ଅନ) ଗମନ, ଧାଇଁ ।
ଚଳନ୍ତା, (ନ୍ତି), ବିଂ. (ଦେ) ଚଳତ୍, ଚଳୁଥିବା ।
ଚଳାନ୍ } ବି. ( ଯା ) ଟିପ୍ପଣୀ, ପ୍ରେରଣ, ଟଙ୍କା
ଚଲାନ୍ } ଦାଖଲର ବିବରଣୀ ।
ଚଲା, ବି. (ଦେ) ଚାଲିବା, ଘୋଳଦନ୍ଥ ।
ଚଳାଇବା, କ୍ରି. ( ଦେ ) ବୁଲାଇବା, ଉଗାଇବା, ପ୍ରବର୍ତ୍ତାଇବା ।
ଚଲାଇବା, କ୍ରି. (ଦେ) ବୁଲାଇବା, ଚାଳନ କରିବା, ଚାଲୁଣୀରେ ଛାଣିବା ।
ଚଲାକ୍, (ଖ), ବିଂ. (ଯା) ଚତୁର ।
ଚଲାକି, ବି. (ଯା) ଚତୁରତା । (ଦେ) ଚାଲିବା ।

ଚଳାଚଳ, ବି°. (ଚଳ-ଅଚଳ) ଚାଳିତ ଅପ୍ରଚାଳିତ, ଗତଶୀଳ, ଚଞ୍ଚଳ ।

ଚଲାଣ୍, ବି. (ଯା), ଗ୍ଣ୍ଡଚିଠି, ପ୍ରେରଣ ।

ଚଳିତ, ବି°. ( ଚଳ୍-ତ ) କର୍ମ୍ମିତ, ନିମ୍ନମିତ, ବ୍ୟବହୃତ ।

ଚଳିବା, କ୍ରି. (ଦେ) ଗମନ କରିବା, ଗ୍ଲିବା ।

ଚଳିଷ୍ଣୁ, ବି°. (ଚଳ୍-ଇଷ୍ଣୁ) ଗତଶୀଳ ।

ଚଳୁ, ବି. (ଚଳ୍-ଉ) ଗଣ୍ଡୂଷ, ଚଳେ, ଆଚମନ ।

ଚଳୁଆ, ବି°. (ଦେ) ଚଡ଼ା, କ୍ରୋଧୀ ।

ଚଶମା, ବି. (ଯା) ପ୍ରଚକ୍ଷୁ ।

ଚଷକ, ବି. (ଚଷ୍ ଅକ) ପାନପାତ୍ର, ମଦ୍ୟପାତ୍ର ।

ଚଷା, (ସା), ବି. (ଦେ) କୃଷକ । ସ୍ତ୍ରୀ. ଚୃଷୁଣୀ ।

ଚଷାଣିଆ, ବି. (ଦେ) ନିର୍ବୋଧ, ମୂର୍ଖ, ଅଖାଡୁଆ ।

ଚଷାପୁଅ, ବି. (ଦେ) ପକ୍ଷିବିଶେଷ ।

ଚଷିବା, କ୍ରି. (ଦେ) ଲଙ୍ଗଳରେ ଭୂମିକୁ କର୍ଷଣ କରିବା, ଖୋଳିବା ।

ଚଷୁ, (ଛଷୁ), ବି. (ଦେ) ତୁଷ, ଧାନର ଚୋପା ।

ଚଷୁକୁଟିବା, କ୍ରି. (ଦେ) ବୃଥା ଶ୍ରମ କରିବା ।

ଚହଟ, ବି. (ଦେଶଜ) ଶୋଭା, କାନ୍ତି ।

ଚହଟଚମ୍ପା, ବି. ସ୍ତ୍ରୀ. (ଦେ) ବାହ୍ୟାଡ଼ମ୍ବରଯୁକ୍ତା ସ୍ତ୍ରୀ ।

ଚହଟିବା, କ୍ରି. ( ଦେ ) ସୁଗନ୍ଧ ପ୍ରସରିବା, ବର୍ଦ୍ଧିତ ହେବା, ପ୍ରକାଶିତ ହେବା ।

ଚହଲ, ବି. (ଦେଶଜ) ଗୋଳମାଳ, ଚହଳ ।

ଚହଲିବା, କ୍ରି. (ଦେ) ଉଛୁଳିପଡ଼ିବା, ପାତ୍ରରୁ ତରଳ ପଦାର୍ଥ ହଲିବାଦ୍ୱାରା ବାହାରିପଡ଼ିବା ।

ଚା, ବି. (ଯା) ବୃକ୍ଷର ପତ୍ରବିଶେଷ ।

ଚାଇଁ, ବିଂ. (ଦେ) ଚଗଲା, ଚଲାଖ, ତତ୍ପର, ଚତୁର । କ୍ରି. ବିଂ. ଚେଁଚେଁ ଶବ୍ଦରେ ।

ଚାଉଳ, ବି. (ଦେ) ତଣ୍ଡୁଳ ।

ଚାଉଳିଆ, ବି. (ଦେ) ପିଜୁଳିଫଳ । ବିଂ. ଚାଉଳ ପର ଠାଣ ।

ଚାକଚକ୍ୟ, ବି. (ଚକ୍-ଚକ୍-ଯ) ଉଜ୍ଜ୍ୱଳତା ।

ଚାକର, ବି. (ଯା) ଭୃତ୍ୟ । ସ୍ତ୍ରୀ. ଚାକରାଣୀ ।

ଚାକରୀ, ବି. (ଯା) ଭୃତ୍ୟତ୍ୱ, କାର୍ଯ୍ୟ ।

ଚାକୁ, ବି. (ଯା) କ୍ଷୁଦ୍ର ଛୁରୀ ।

ଚାକୁଣ୍ଡା, ବି. (ଦେ) ଏକପ୍ରକାର ଗୁଳ୍ମ ।

ଚାକ୍ଷୁଷ, ବିଂ. (ଚକ୍ଷୁସ୍-ଅ) ଚକ୍ଷୁଗୋଚର, ପ୍ରତ୍ୟକ୍ଷୀଭୂତ ।

ଚାଖଣା, ବି. (ଦେ) ଆଚାର ପ୍ରଭୃତି, ଚାଟ୍ ।

ଚାଖଣ୍ଡ, ବି. ୧୨ ଆଙ୍ଗୁଳ ।

ଚାଖି, ବି. ବାଲିଙ୍ଗି, ଗର୍ବ, ଚାତର ।

ଚାଖିବା, କ୍ରି. ଆସ୍ୱାଦନ କରିବା ।

ଚାଙ୍ଗଡ଼ା<br>ଚାଙ୍ଗୁଡ଼ି } ବି. (ଦେଶଜ) ଡାଲା, ପାତ୍ରବିଶେଷ ।

ଚାଙ୍ଗୁ, ବି. (ଦେ) ବାଦ୍ୟବିଶେଷ ।

ଚାଚେରି, ବି. (ଦେ) ଚର୍ଚ୍ଚରୀ, ଦୋଳର ଉତ୍ସବ ।

ଚାଞ୍ଚଡ଼ା, (ଗ୍ରା), ବି. (ଦେ) ନଡ଼ିଆ ପତ୍ର ବା ବାଉଁଶ ପାତିଆରେ ନିର୍ମିତ ଆସନ ବା ଡାଟି ।

ଚାଞ୍ଚଲ୍ୟ, ବି. (ଚଞ୍ଚଳ-ଯ) ଚଞ୍ଚଳତା, ଅସ୍ଥିରତା ।

ଚାଞ୍ଛିବା, କ୍ରି. (ଦେ) ଉପର ଆବରଣ ଛେଲିବା ।

ଚାଟ, ବି. (ଚଟ୍-ଅ) ବିଶ୍ୱାସଘାତକ ବ୍ୟକ୍ତି, ଚୋର । (ଦେ) ଗ୍ରନ୍ଥ(ଟ୍) ଚାଖଣା ।

ଚାଟଶାଳୀ, ବି. (ଦେଶଜ) ପାଠଶାଳା ।

ଚାଟିବା, କ୍ରି. (ଦେ) ଲେହନ କରିବା ।

ଚାଟୁ, (ଚଟ୍-ଉ) ପ୍ରିୟବାକ୍ୟ, ସ୍ତୁତିକଥା, ମିଥ୍ୟା ପ୍ରିୟ-ବାକ୍ୟ ।

ଚାଟୁକାର, ବିଂ. (ଚାଟୁ-କୃ-ଅ) ଖୋସାମୋଦକାରୀ, ପ୍ରିୟଭାଷୀ ।

ଚାଟୂକ୍ତି, ବି. (ଚାଟୁ-ଉକ୍ତି) ପ୍ରିୟକଥା, ସ୍ତୁତିବାକ୍ୟ ।

ଚାଣକ୍ୟ, ବି. (ଚଣକ-ଯ) ମୁନିବିଶେଷ, ବିଷ୍ଣୁଗୁପ୍ତ, ଗ୍ରନ୍ଥବିଶେଷ ।

ଚାଣ୍ଡି, ବି. (ପ୍ରା. ସଂ) ପିମ୍ପୁଡ଼ି ।

ଚାଣ୍ଡାଳ, ବି. (ଚଣ୍ଡାଳ-ଅ) ନିଷାଦ, ପତିତ ।

ଚାଣ୍ଡେ, କ୍ରି. ବିଂ. ଶୀଘ୍ର, ବେଗରେ ।

ଚାତକ, ବି (ଚତ-ଅକ) ମେଘଜଳପ୍ରିୟ ପକ୍ଷୀ ।

ଚାତର, ବି (ଦେ) ଗଦ୍ଦି ।

ଚାତୁରୀ, ବିଂ. (ଚତୁର-ଅ-ଈ) ଚତୁରତା, କୌଶଳ, ଚାଲାକି ।

ଚାତୁର୍ମାସ୍ୟ, ବି. ( ଚତୁର୍-ମାସ-ଯ ) ଚତୁର୍ମାସ ସାଧ୍ୟ ବ୍ରତବିଶେଷ, ବର୍ଷାଋତୁ, ଚାରି ମାସର ସମଷ୍ଟି ।

ଚାତୁର୍ଯ୍ୟ, ବି. ( ଚତୁର-ଯ ) ଚତୁରତା, ନୈପୁଣ୍ୟ,

ଚାଦର, ବି. (ଦେ) ଉତ୍ତରୀୟ ବସ୍ତ୍ର ।

ଚାନ, ବି. (ଦେ) ଚନ୍ଦ୍ର ।

ଚାନନା, ବି. (ଯା) ଭୂମିରେ ପ୍ରଜାର ସ୍ୱତ୍ୱବିଶେଷ, ଘର କରି ରହିବା ଅଧିକାର ।

ଚାନନୀ, ବି. (ଦେ) ନଉତରୀ, ପିଣ୍ଡା, ଚନ୍ଦ୍ରକିରଣ ।

ଚାନ୍ଦା, ବି. (ଯା) ଭେଦା ।

ଚାନ୍ଦି, ବି. (ଦେ) ବିଶୁଦ୍ଧ ରୁପା, ଏକପ୍ରକାର ମାଛ, ଗୋଡ଼ତଳିଆ ।

ଚାନ୍ଦିଆ, ବିଂ. (ଦେ) ଯେଉଁ ଜୀବ ମୁଣ୍ଡରେ ଚାନ୍ଦି ପରି ଚିହ୍ନ ଥାଏ ।

ଚାନ୍ଦୁଆ, ବି. (ଦେ) ଚନ୍ଦ୍ରାତପ, ସାମିଆନା ।

ଚାନ୍ଦ୍ର, ବିଂ. (ଚନ୍ଦ୍ର-ଅ) ଚନ୍ଦ୍ରସମ୍ବନ୍ଧୀୟ ।

ଚାନ୍ଦ୍ରମାସ, ବି. ( ଚାନ୍ଦ୍ର-ମାସ ) ପୂର୍ଣ୍ଣିମା ପରଦିନଠାରୁ ପର୍ଣ୍ଣିମାଯାଏ ଯେଉଁ ମାସ ଗଣନା ହୁଏ ।

ଚାନ୍ଦ୍ରାୟଣ, ବି. (ଚନ୍ଦ୍ର-ଅୟନ) ବ୍ରତବିଶେଷ, ଚନ୍ଦ୍ରର ବୃଦ୍ଧି ବା କ୍ଷୟ ଅନୁସାରେ ଉକ୍ତ ବ୍ରତୋପାସକ ଅଧିକ ବା ଅଳ୍ପ ଆହାର କରେ ।

ଚାପ, ବି. ( ଚପ୍-ଅ ) ଧନୁ, ଭାର, ଓଜନ, ବେଗ, ପରିଧିଖଣ୍ଡ, ବେକର ଅଳଙ୍କାରବିଶେଷ ।

ଚାପଡ଼ / ଚାପୁଡ଼ା } ବି. (ଦେ) ଚପେଟ, କରତଳ ପ୍ରହାର ।

ଚାପଡ଼ାଇବା } କ୍ରି. (ଦେ) ଆଉଁସିବା।
ଚାପୁଡ଼ାଇବା }

ଚାପସର, ବି. (ଦେ) କଣ୍ଠାଭରଣବିଶେଷ।

ଚାପଳ } ବି. (ଚପଳ-ଅ, ଯ) ଚାଞ୍ଚଲ୍ୟ, ଚଞ୍ଚଳତା,
ଚାପଲ୍ୟ } ଅସ୍ଥିରତା।

ଚାପିବା, କ୍ରି. (ଦେ) ଭାରଦ୍ୱାରା ଦବାଇବା।

ଚାମଚ(ଚା) ବି. (ଯା) କ୍ଷୁଦ୍ର ଡଙ୍କି।

ଚାମର, ବି. (ଚମର-ଅ) ବାଳବ୍ୟଜନ, ଚଅଁର।

ଚାମୀକର, ବି. (ଚମୀକର-ଅ) ସ୍ୱର୍ଣ୍ଣ।

ଚାମୁଣ୍ଡା, ବି. (ଚଣ୍ଡ-ମୁଣ୍ଡ-ଆ) ଦୁର୍ଗା।

ଚାର, ବି. ( ଚର୍-ଅ ) ଗତି, ବନ୍ଧନ, ସଞ୍ଚାର, ଗୁପ୍ତଚର, ବନ୍ଧା ଶିଢ଼ି,।

ଚାରଣ, ବି. (ଚର-ଅନ) ନଟ,କାରାଗାର ଚରାଇବା।

ଚାରଣୀ } ବି. ( ଦେ ) ସୁଉକ, ଚାରିଅଣା
ଚାରିଅଣୀ } ମୂଲ୍ୟର ମୁଦ୍ରାଖଣ୍ଡ।

ଚାରା, ବି. (ଯା) ଛୋଟଗଛ, ତଳି, ଉପାୟ, କ୍ଷମତା।

ଚାରି, ବି. ବିଂ. (ଦେ) ୪ ସଂଖ୍ୟା।

ଚାରିଆଖି, ବି, (ଦେ) ଦେଖା, ସାକ୍ଷାତ୍କାର।

ଚାରିକାତ, ବି. (ଦେ) ଦୁଇ ହାତ ଓ ଦୁଇ ଗୋଡ଼।

ଚାରିତ୍ର, ବି. (ଚରିତ୍ର-ଅ) ଚରିତ୍ରସମ୍ବନ୍ଧୀୟ।

ଚାରିପାୟା, ବି. (ଦେ) ଚାରିଗୋଡ଼ିଆ ଛୋଟ ଖଟ।

ଚାରୁ, ବିଂ. (ଚର-ଉ) ସୁନ୍ଦର, ମନୋହର। (ଦେ) ତେନ୍ତୁଳିରସର ପାନୀୟବିଶେଷ।

ଗୁରୁଧାରା, ବି. ସ୍ତ୍ରୀ. ( ଗୁରୁ-ଧାର-ଆ ) ଇନ୍ଦ୍ରପତ୍ନୀ, ଶଚୀ, ମନୋହର ପ୍ରଭବ ।

ଗୃନ୍ଦାକ୍, ବି. ( ଗୃରୁ-ବାକ୍ ) ନାସ୍ତିକବିଶେଷ, ମୁନି-ବିଶେଷ ।

ଗୃଲ୍, ବି. (ଦେ) ରୀତି, ପ୍ରଥା, ଧରଣ, ଆଚରଣ ।

ଗୃଳ, ବି. (ଦେ) ଗୃହର ଆଚ୍ଛାଦନ ।

ଗୃଳକ, ବିଂ. (ଗୃଳ-ଅକ) ଯେଉଁ ଲୋକ ଚଳାଏ ।

ଗୃଳନ, ବି. (ଗୃଳ-ଅନ) ଚଳାଇବା, ଚଳଣ ।

ଗୃଲ୍‌ବୁଲ୍, ବି. (ଦେ) ଗୃଲିବା, ବୁଲିବା ।

ଗୃଲ୍ଖ, ବିଂ. ( ଯା ) ଚତୁର, ନିପୁଣ ।

ଗୃଲ୍ଲ,(ଆ), ବି.(ଦେ) କ୍ଷୁଦ୍ର ଗୃଳ, କ୍ଷୁଦ୍ର ଗୃଳ ଥିବା ଗୃହ ।

ଗୃଳିତ, ବିଂ. (ଗୃଳ-ତ) ସ୍ଥାନାନ୍ତରିତ, ପ୍ରସ୍ଥାପିତ ।

ଗୃଲିବା, କ୍ରି. (ଦେ) ବୁଲିବା, ଗମନ କରିବା ।

ଗୃଳିଶ, ବି. ବିଂ. (ଦେ) ୪୦ ସଂଖ୍ୟା ।

ଗୃଳିଶା, ବି. ( ଦେ ) ପ୍ରାୟ ଗୃଳିଶ ବର୍ଷ ବୟସରେ ହେବା ଚକ୍ଷୁବିକୃତିବିଶେଷ ।

ଗୃଲୁଣୀ, ବି. (ଦେ) ଶସ୍ୟାଦି ଚଳାଇବାପାଇଁ ବହୁ ଛିଦ୍ରଯୁକ୍ତ ପାତ୍ରବିଶେଷ ।

ଗୃବ, ବି. (ଧା) ଡାଲକାଠି, କଞ୍ଚି ।

ଗୃବୁକ, ବି. (ଯା) କୋରଡ଼ା, ଗୁଡେଣୀ ।

ଗୃଷ,(ସ), ବି. କୃଷିକର୍ମ, ଭୂମିକର୍ଷଣ ।

ଗୃଷୀ, ବି. (ଦେ) ଚଷା, କୃଷକ । ସ୍ତ୍ରୀ. ଗୃଷଣୀ ।

ଗୃହ୍ଣାଣି, ବି. (ଦେ) ଗୃହ୍ଣିବା, ଦେଖିବା ।
ଗୃହ୍ଣାଳ, ବି. (ଦେ) ଗୃହଶାଳୀ, ଗ୍ରାମ୍ୟ ପାଠଶାଳା ।
ଗୃହ୍ଣିବା, କି. (ଦେ) ଅନାଇବା ମାଗିବା ।
ଚଆଁ, ବି. (ଦେ) ତାତଲ ଲୁହାର ଦାଗ ।
ଚକ୍, ବି. (ଦେ) କର୍ଣ୍ଣାଭରଣବିଶେଷ, ଏକପ୍ରକାର ପରଦା ।
ଚକ୍‌ଚକ୍, ବି. (ଦେ) ଜକ୍‌ଜକ୍, ଚକ୍‌ଚକ୍ ।
ଚକଟା, ବିଂ. (ଦେ) ଅଠାଳିଆ ।
ଚକଣ, ବିଂ. (ଦେ) ଚକ୍କଣ, ସ୍ନିଗ୍ଧ, ଚକଚକିଆ ।
ଚକିତ୍ସକ, ବିଂ (କିତ୍-ସନ୍-ଅକ) ବୈଦ୍ୟ ।
ଚିକିତ୍ସା, ବି. (କିତ୍-ସନ୍-ଅ-ଆ) ରୋଗର ପ୍ରତୀକାର ।
ଚିକିତ୍ସିତ, ବିଂ. ଯାହାକୁ ଚିକିତ୍ସା କରା ହୋଇଅଛି ।
ଚିକୀର୍ଷା, ବି. (କୃ-ସନ୍-ଆ) କରିବାର ଇଚ୍ଛା ।
ଚିକୀର୍ଷିତ, ବିଂ. (ଚିକୀର୍ଷା-ଇ-ତ) କରିବାକୁ ବାଞ୍ଛିତ ।
ଚିକୀର୍ଷୁ, ବିଂ. (ଚିକୀର୍ଷ-ଉ) କରିବାକୁ ଇଚ୍ଛୁକ ।
ଚିକୁର, ବି. (ଚି-କୃ-ଅ) କେଶ, ପର୍ବତ, ସର୍ପ ।
ଚିକ୍କଣ, ବିଂ. (ଚିତ୍-କଣ) ସ୍ନିଗ୍ଧ, ମସୃଣ ।
ଚିଙ୍ଗୁଡ଼ିଆଦଳ, ବି. (ଦେ) ଏକପ୍ରକାର କ୍ଷୁଦ୍ର ଦଳ ।
ଚିଙ୍ଗୁଡ଼ି, ବି. (ଦେ) ଚିଙ୍ଗଡ଼ି ମତ୍ସ୍ୟ ।
ଚିଚ୍ଛକ୍ତି, ବି. (ଚିତ୍-ଶକ୍ତି) ଚୈତନ୍ୟ, ତତ୍ତ୍ୱଜ୍ଞାନ ।
ଚିଜ, ବି. (ଯା) ପଦାର୍ଥ, ଦ୍ରବ୍ୟ ।
ଚିଟା, ବି. (ଦେ) ଅଠାଅଠା, ଚିଟଚିଟିଆ, ବିରକ୍ତ ।
ଚିଟାଉ, ବି. (ଦେ) ଚିଠି ।

ଚଠା, ସ୍ତ୍ରୀ. (ଯା) ଖସଡ଼ା, draft.
ଚଠି, ବି. (ଯା) ପତ୍ର, ଲିପି ।

ଚଡ଼ଲ } ବିଂ. (ଦେ) ରାଗୀ, କ୍ରୋଧୀ ।
ଚଡ଼ା

ଚଡ଼ିଆଖାନା, ବି. (ଯା) ପକ୍ଷିଶାଳା, ଯାଦୁଘର ।
ଚଡ଼ିବା, କ୍ରି. (ଦେ) ବିରକ୍ତ ହେବା, ରାଗିବା ।
ଚିତ୍, ବି. (ଚିତ୍-୦) ଚୈତନ୍ୟ, ଜ୍ଞାନ ।
ଚିତଉ, ବି. (ଦେ) ଏକପ୍ରକାର ପିଠା ।
ଚିତଳ, ବି. (ଦେ) ଏକପ୍ରକାର ମାଛ ।
ଚିତା, ବି. ( ଚି–ତ-ଆ ) ଶବଦାହାର୍ଥ ଚୁଲ୍ଲି, ବୃକ୍ଷ-
ବିଶେଷ । (ଦେ) ତିଳକ ।

ଚିତାକାଟିବା, କ୍ରି. (ଦେ) ପ୍ରତାରଣା କରିବା ।
ଚିତାବାଘ, ବି. (ଦେ) ଏକଜାତୀୟ ବାଘ ।
ଚିତ ମାରିବା, କ୍ରି. (ଦେଶଜ) ଲମ୍ଫଦେଇ ଶୂନ୍ୟରେ
ଡେଇଁବା, କୁଦିବା, ଚିତ ପରି ଦାଗ ପଡ଼ିବା ।

ଚିତ୍କାର, ବି. ( ଚିତ୍-କୃ-ଅ ) ଉଚ୍ଚ ଶବ୍ଦ ।
ଚିତ୍ତ, ବି. (ଚିତ୍-ତ) ମନଃ, ଅନ୍ତଃକରଣ ।
ଚିତ୍ର, ବିଂ (ଚି-ତ୍ରୈ-ଅ) ରଞ୍ଜିତ, ଆଶ୍ଚର୍ଯ୍ୟଜନକ ।
ବି. ଆଲେଖ୍ୟ, ଛବି, ନକ୍‌ସା ।

ଚିତ୍ରଗୁପ୍ତ, ବି. ଯମର ଲେଖକ, ଯମବିଶେଷ ।
ଚିତ୍ରକ, ବି. (ଚିତ୍ର-କ)ବୃକ୍ଷବିଶେଷ,ବ୍ୟାଘ୍ରବିଶେଷ ।
ବିଂ. ଚିତ୍ରକର ।

ଚିତ୍ରକର } ବି. ( ଚିତ୍ର-କୃ-ଅ ) ଚିତ୍ରକାରୀ, ଯେ
ଚିତ୍ରକାର } ଚିତ୍ର କରେ ।

ଚିତ୍ରପଟ୍ଟ, ବି. (ଚିତ୍ର ପଟ୍ଟ) ଆଲେଖ୍ୟପଟ୍ଟ ।

ଚିତ୍ରଭାନୁ, ବି. (ଚିତ୍ର-ଭାନୁ) ସୂର୍ଯ୍ୟ, ଅଗ୍ନି ।

ଚିତ୍ରରଥ, ବି. ( ଚିତ୍ର-ରଥ ) ଗନ୍ଧର୍ବବିଶେଷ, ସ୍ୱର୍ଗ, ସୂର୍ଯ୍ୟ ।

ଚିତ୍ରା, ବି. (ଚିତ୍ର-ଆ) ନକ୍ଷତ୍ରବିଶେଷ, ୧୪ଶ ନକ୍ଷତ୍ର ।

ଚିତ୍ରିଣୀ, ବି. (ଚିତ୍ର-ଇନ୍-ଈ) ଏକଜାତୀୟ ନାୟିକା ।

ଚିତ୍ରିତ, ବିଂ. ( ଚିତ୍ର-ତ ) ଚିତ୍ରରେ ଅଙ୍କିତ, ଚିତ୍ରାଙ୍କିତ, ନାନାବର୍ଣ୍ଣଯୁକ୍ତ ।

ଚିତ୍ରୋତ୍ପଳା, ବି. ( ଚିତ୍ର-ଉତ୍ପଳ ) ମହାନଦୀ, ମହାନଦୀର ଶାଖାବିଶେଷ ।

ଚିନା, ବି. ( ଦେ ) ସ୍ୱର୍ଣ୍ଣାଦି ଓଜନର ପରିମାଣବିଶେଷ, ଏକପ୍ରକାର ଧାନ, ଅତି ସାମାନ୍ୟ ।

ଚିନି, ବି. ( ଦେ ) ଶର୍କରା, ଗୁଡ଼ର ବିକାରବିଶେଷ ।

ଚିନ୍ତା, ବି. ( ଚିନ୍ତ-ଆ ) ଧ୍ୟାନ, ଭାବନା, ସ୍ମରଣ, ଆଲୋଚନା ।

ଚିନ୍ତାମଣି, ବି. (ଚିନ୍ତା-ମଣି) ବାଞ୍ଛାନୁରୂପ ଫଳଦାୟୀ ମଣିବିଶେଷ, ସ୍ୱର୍ଣ୍ଣମଣି ।

ଚିନ୍ତିତ, ବିଂ. (ଚିନ୍ତ-ତ) ଭାବିତ, ସ୍ମୃତ, ଆଲୋଚିତ ।

ଚିନ୍ତ୍ୟମାନ, ବିଂ. ( ଚିନ୍ତ-ଆନ ) ଅନୁଧ୍ୟାୟମାନ, ଭାବ୍ୟମାନ, ଯାହା ଚିନ୍ତା କରାଯାଉଅଛି ।

ଚିନ୍ମୟ, ବିଂ. ( ଚିତ୍-ମୟ ) ଜ୍ଞାନମୟ । ବି. ପରମେଶ୍ୱର ।

ଚପା, ବି. ( ଦେ ) କୃପଣ, ଖିଲ, ଚପିବା ।
ଚପିଟ, (କ), ବି. ( ପିଟ୍‌-ଅ, ଅକ ) ଚୁଡ଼ା, ଧାନ୍ୟ-ବିକାର । ବି ଖାଦ୍ୟବିଶେଷ ।
ଚପିବା, କି. (ଦେ) ଚାପଦେଇ ସଂକୋଚ କରିବା ।
ଚ(ଚୁ)ପୁଡ଼ିବା, କି. (ଦେ) ହସ୍ତଦ୍ୱାରା ସଂପୀଡ଼ିତ କରି ରସ ବାହାର କରିବା ।
ଚ(ଚେ)ମଣି, ବି. ( ଦେ ) ଚେମଣି, ଚମଚଟା ।
ଚ(ଚୁ)ମୁଟା, ବି. (ଦେ) ଦୁଇଖଣ୍ଡ ଲୌହରେ ନିର୍ମିତ ଯନ୍ତ୍ରବିଶେଷ ।
ଚ(ଚୁ)ମୁଟିବା, କି. (ଦେ) ନଖରେ ଆଘାତ କରିବା ।
ଚିର, କି. ବିଂ. ( ଚିରଂ ଶବ୍ଦଜ ) ଦୀର୍ଘକାଳ ।
ଚିରକୁଟ୍(ଟି),ବି. (ଯା) କ୍ଷୁଦ୍ର କାଗଜଖଣ୍ଡ, ଛିଣ୍ଡା କନା ।
ଚିରକୁ(ଗୁ)ଣୀ, ବି. ( ଦେ ) ଡାଆଣୀ, ରାକ୍ଷସୀ ।
ଚିରଚରାଇବା, କି. ( ଦେ ) ଭୟ ହେତୁରୁ ଚିତ୍କାର କରିବା ।
ଚିର(ରଂ)ଜୀବୀ, ବିଂ. (ଚିର-ଜୀବ୍‌-ଇନ୍‌) ଦୀର୍ଘଜୀବୀ, ବହୁକାଳସ୍ଥାୟୀ । ବି. ମାର୍କଣ୍ଡେୟ, କାକ ।
ଚିର(ରି)ଣ୍ଟୀ, ବି. (ଚିର-ଅଟ୍‌-ଇ)ପିତୃଗୃହସ୍ଥିତ କନ୍ୟା ।
ଚିରନିଦ୍ରା, ବି. ( ଚିର-ନିଦ୍ରା ) ମୃତ୍ୟୁ ।
ଚିରନ୍ତନ, ବିଂ. ( ଚିରଂ-ତନ ) ଚିରକାଳୀନ ।
ଚିରସ୍ଥାୟୀ, ବିଂ. ( ଚିର-ସ୍ଥା-ଇନ୍‌ ) ଅବିନଶ୍ୱର ।
ଚିରା, ବିଂ. ( ଦେ ) ଛିଣ୍ଡା, ଅକର୍ମଣ୍ୟ । ବି ଡିଆଁ ।
ଚିରାଇତା, ବି. (ଦେ) ତିକ୍ତ ଔଷଧିବିଶେଷ, ଭୂନିମ୍ବ ।

ଚିରାଗତ, ବିଂ. ( ଦେ ) ଅନେକ କାଳରୁ ପ୍ରଚଳିତ ।
ଚିରାୟୁଃ, ବିଂ. (ଚିର-ଆୟୁଃ) ଚିରଜୀବୀ । ବି. ଦେବତା ।
ଚିରାଳ, ବି. (ଦେ) ପତାକା ।
ଚିର(ରୁ)ଣୀ, ବି. (ଦେ) ପାନିଆଁ ।
ଚିରିବା, କ୍ରି. (ଦେ) ଛିଣ୍ଡାଇବା, ଫାଡ଼ିବା ।
ଚିଲ, ବି. (ଦେ) ଚିଲ୍ଲ, ପକ୍ଷିବିଶେଷ ।
ଚିଲମ, ବି. (ଯା) ଧୂମ୍ରପାନର ପାତ୍ରବିଶେଷ ।
ଚିଲରି, ବି. (ଦେ) ରେଜା, ରେଜ୍‌କା ।
ଚିଲା, ବି. (ଦେ) ପକ୍ଷିର ଝାମ୍ପ । ବିଂ. କ୍ଳେଦଯୁକ୍ତ, ଯଥା—ଚିଲା ଆଖି ।
ଚିଲାଇବା, କ୍ରି. (ଦେ) ଚିଲ ପରି ଉଚ୍ଚ ଶବ୍ଦ କରିବା ।
ଚିଲିକା, ବି. (ଦେ) ହ୍ରଦବିଶେଷ, ପ୍ରକାଣ୍ଡ ଜଳାଶୟ ।
ଚିଲ୍ଲୀ, ବି. ଭ୍ରୂଲତା ।
ଚିବୁକ, ବି. ( ଚିବ୍-ଉକ ) ଓଷ୍ଠ, ଓଠ ।
ଚିହ୍ନିକିବା, କ୍ରି. ( ଦେ ) ଚମକିବା ।
ଚିହ୍ନ, ବି. (ଚିହ୍ନ-ଅ) ଦାଗ, ଲକ୍ଷଣ, ଧ୍ୱଜା, କଳଙ୍କ ।
ଚିହ୍ନ(ହ୍ନୋ)ହ, ବି. (ଦେ) ଯେ ଚିହ୍ନାଇଦିଏ ।
ଚିହ୍ନରା, ବିଂ. ( ଦେ ) ଯେ ଚିହ୍ନି ପାରେ ।
ଚିହ୍ନା, ବିଂ. ( ଚିହ୍ନିତ ଶବ୍ଦଜ ) ପରିଚିତ ।
ଚିହ୍ନିତ, ବିଂ ( ଚିହ୍ନ-ତ ) ଚିହ୍ନଯୁକ୍ତ, ଅଙ୍କିତ ।
ଚିହ୍ନିବା, କ୍ରି. ( ଦେ ) ପରିଚୟ କରିବା ।
ଚୀନ, ବି. ଦେଶବିଶେଷ ।
ଚୀନା, ବି. ( ଦେଶଜ ) ଶସ୍ୟବିଶେଷ ।

ଚୀର, ବି. ( ଚି-ର ) ବସ୍ତ୍ରଖଣ୍ଡ, ଚିରା କନା ।
ଚୀବର, ବି. ( ଚୀ-ବର ) କୌପୀନ ।
ଚୁଁମାରିବା, କ୍ରି. (ଦେ) ଚୁଁ ଚୁଁ ଶବ୍ଦରେ ଠାରିବା ।
ଚୁଆ, ବି. (ଦେଶଜ) ସୁଗନ୍ଧ ତୈଳବିଶେଷ ।
ଚୁଆଇବା, କ୍ରି. (ଦେ) ଯନ୍ତ୍ର ସାହାଯ୍ୟରେ ଅର୍କାଦି ବାହାର କରିବା ।
ଚୁଆଡ଼, ବି. ( ଦେ ) ଜଙ୍ଗଲି ଜାତି ।
ଚୁକ୍ତି, ବି. ( ଦେଶଜ ) ନିୟମ, ସମାଧା, ନିଷ୍ପତ୍ତି ।
ଚୁଗୁଲି, ବି. ( ଦେ ) ପରନିନ୍ଦା, ଖଚ ।
ଚୁଗୁଲିଆ } ବିଂ. (ଦେ) ପରନିନ୍ଦାକାରୀ ।
ଚୁଗୁଲିଖୋର }
ଚୁଙ୍ଗା, ବି. (ଦେ) ନଳ । ବିଂ. ଚଞ୍ଚଳ ।
ଚୁଙ୍ଗୀ, ବି. ( ଦେ ) କରସିଦ୍ଧିନଳ, ନଳ, ହୁକା ।
ଚୁଙ୍ଗୁଚୁଙ୍ଗିଆ, ବିଂ. ( ଦେ ) ଚଞ୍ଚଳପ୍ରକୃତିକ, ଛୁରିଛୁରିଆ ।
ଚୁଙ୍ଗୁଡ଼ୀ, ବି. ( ଦେ ) ମତ୍ସ୍ୟବିଶେଷ ।
ଚୁଚୁନ୍ଦ୍ରା, ବି. ( ଦେଶଜ ) ଗନ୍ଧମୂଷିକ ।
ଚୁଚୁନ୍ଦ୍ରୀ, ବି. (ଦେଶଜ) ବାଣବିଶେଷ, ରୋଗବିଶେଷ ।
ଚୁଚୁମିବା, କ୍ରି. (ଦେ) ଭଲ କରି ଚୁମ୍ବିବା, ଚୋଷିବା ।
ଚୁଚୁକ } ବି. ( ଚୁଚ-କୈ-ଅ ) କୁଚାଗ୍ର, ସ୍ତନର
ଚୂଚୁକ } ଅଗ୍ରଭାଗ ।
ଚୁଟିଆ, ବିଂ. ( ଦେ ) ଯାହା ମୁଣ୍ଡରେ ଚୁଟି ଥାଏ, ଗୋଟିଆ ମୂଷା ।

ଚୁଟୀ, ବି. ( ଚୂଡ଼ା ଶବ୍ଦଜ ) କେଶ, ବାଳ, ଶିଖା ।

ଚୁଡ଼ା, ବି. ( ଚିପିଟକ ଶବ୍ଦଜ ) ଧାନ୍ୟରୁ ପ୍ରସ୍ତୁତ ଖାଦ୍ୟଦ୍ରବ୍ୟବିଶେଷ ।

ଚୁଡ଼ୀ, ବି (ଦେଶଜ)ସ୍ତ୍ରୀଲୋକର ହସ୍ତାଭରଣବିଶେଷ ।

ଚୁପ୍, ବିଂ. ( ଯା ) ନୀରବ, ମୌନ ।

ଚୁପୁଲି, ବି. ( ଦେ ) ପାଦ ଆଙ୍ଗୁଠିର ଅଳଙ୍କାର-ବିଶେଷ, ଖୋଲ୍ଲ ଜୋତା ।

ଚୁମ୍ବକ, ବି. ( ଚୁମ୍ବ-ଅକ ) ଲୌହାକର୍ଷକ ମଣି ।

ଚୁମ୍ବନ, ବି. ( ଚୁମ୍ବ-ଅନ ) ଚୁମ୍ବା, ଚୋକ, ମୁଖରେ ମୁଖସ୍ପର୍ଶ ।

ଚୁଳ, ବି. (ଦେ) ବୃଷଭପୃଷ୍ଠସ୍ଥ କକୁଦ ।

ଚୁଲ୍ଲୀ, ଚୁଲ୍ଲି, ଚୁଲ୍ଲୀ } ବି. ( ଚୁଲ୍ଲ-ଅ-ଆ, ଇ, ଈ ) ଅଗ୍ନିସ୍ଥାନ, ଚୂଲା, ଦାହସ୍ଥାନ ।

ଚୂଡ଼ା, ବି. ( ଚୁଡ୍-ଆ ) ସଂସ୍କାରବିଶେଷ, ଶିଖା, କେଶର, ଅଗ୍ରଭାଗ, ଶୃଙ୍ଗ ।

ଚୂଡ଼ାକରଣ, ବି. ( ଚୂଡ଼ା-କୃ-ଅନ ) ଦ୍ୱିଜାତିର ସଂସ୍କାରବିଶେଷ ।

ଚୂଡ଼ାନ୍ତ, ବିଂ. ସିଦ୍ଧାନ୍ତ, ଶେଷ ନିଷ୍ପତ୍ତି ।

ଚୂତ, ବି. ( ଚ୍ୟୁଷ୍-ତ ) ଆମ୍ରଗଛ, ଆମ୍ବ, ଗୃହଦ୍ୱାର ।

ଚୂନ, ବି. ( ଦେ ) ଚୂର୍ଣ୍ଣ, କ୍ଷାରବିଶେଷ, ପ୍ରସ୍ତର ଶମ୍ବୁକାଦିର ଭସ୍ମ ।

ଚୂନଗ, ବି. ( ଦେ ) ଚୂନ ତିଆରି କରିବା ଜାତି ।

ଚୂନା, ବି. ( ଦେ ) ଚୂର୍ଣ୍ଣ, ଗୁଣ୍ଡା ।
ଚୂମି, ବି. ( ଦେ ) ଭୁଷି, ଶସ୍ୟାଦିର ଚୋପା ।
ଚୂର, ବିଂ. (ଦେ) ନଷ୍ଟ, ଗୁଣ୍ଡ, ଚୂନା ।
ଚୂରିବା, କ୍ରି. ( ଦେ ) ଚୂର୍ଣ୍ଣ କରିବା ।
ଚୂର୍ଣ୍ଣ, ବି. (ଚୂର୍ଣ୍ଣ୍-ଅ) ଗୁଣ୍ଡା, ଧୂଳି, ଚନା ।
ଚୂର୍ଣ୍ଣକୁନ୍ତଳ, ବି. ଅଳକା, କପାଳ ଉପରକୁ ପଡ଼ିଥିବା ଗୋଚ୍ଛ ଗୋଚ୍ଛ କେଶ ।
ଚୂର୍ଣ୍ଣଚଉଁରି, ବି. (ଦେ) ଏକମହଲା ଚୂନଘର ।
ଚୂଳ, ବି. ( ଚୂଳ-ଅ ) ଚୂଡ଼ା, ପ୍ରାସାଦୋପରିସ୍ଥ ଗୃହ, ବୃଷଭର କକୁଦ ।
ଚୂଳି, ବି. ( ଦେ ) କଠାଉର ଚୂଳ ।
ଚୂଷ୍ୟ, ବିଂ. ( ଚୂଷ୍-ଯ ) ରସାକର୍ଷଣଯୋଗ୍ୟ ।
ଚେଇଁବା, କ୍ରି. ( ଦେ ) ଜାଗିବା ।
ଚେଁଖ, ବି. ( ଦେ ) ଚୋଟ, ଆଘାତ, ଦାଗ, ଦଗା ।
ଚେକା, ବି. ( ଦେ ) ଘାସ ଲାଗିଥିବା ଚକ୍ରାକାର ମୃତ୍ତିଖଣ୍ଡ, ଚକ୍ରାକୃତି, ପଦ୍ମାସନ । ବିଂ. ଗୋଲ ।
ଚେଙ୍ଗ, ବି. ( ଦେ ) ଏକପ୍ରକାର ମାଛ ।
ଚେଟ, ବି. ( ଚଟ୍-ଅ ) ଦାସ ।
ଚେଟୀ } ଚେଡ଼ୀ } ବି. ( ଚଟ୍-ଅ-ଈ ) ଦାସୀ ।
ଚେଣ୍ଟା } ଚେଣ୍ଟରି } ବିଂ. ( ଦେ ) ଯେଉଁ ଲୋକ ବରକ୍ତ କରେ ।
ଚେତଃ, ବି. ( ଚିତ୍-ଅସ ) ଆତ୍ମା, ଚିତ୍ତ ।

ଚେତନ, ବଂ. ( ଚିତ୍-ଅନ ) ଚେତନାଯୁକ୍ତ । ବି. ଜ୍ଞାନ, ଚେତନା ।

ଚେତନା, ବି. (ଚିତ୍-ଅନ-ଆ) ସଂଜ୍ଞା, ଚୈତନ୍ୟ, ବୁଦ୍ଧି ।

ଚେତା, ବି. (ଦେ) ଚୈତନ୍ୟ, ଜ୍ଞାନ, ସଂଜ୍ଞା ।

ଚେତାଳ, ବଂ. (ଦେ) ସତର୍କ, ସାବଧାନ ।

ଚେତିବା, କ୍ରି. (ଦେ) ସ୍ମରଣ କରିବା, ଜାଗ୍ରତ ହେବା, ସତର୍କ ହେବା ।

ଚେତେଇବା, କ୍ରି. (ଦେ) ସ୍ମରଣ କରାଇବା, ମନେ କରାଇଦେବା, ନିଦରୁ ଉଠାଇବା, ସତର୍କ କରାଇବା ।

ଚେତ୍, ବି. (ଦେ) ଚେତନା, ହୋସ୍ ।

ଚେନ୍, ବି. ( ଇଂ. chain ) ଶିକୁଳି, ଜଞ୍ଜିର ।

ଚେନା, ବି. (ଦେ) ଖଣ୍ଡ, ଫଡ଼ା ।

ଚେପା (ଚେପ୍ଟା), ବଂ. (ଦେ) ଚେପା, ଚୋଲା ।

ଚେମଡ଼, (ଡ଼ା), ବଂ. ( ଦେ ) ଯାହା ସହଜରେ ଛିଡ଼େ ନାହିଁ ।

ଚେମଣି, ବି. ( ଦେ ) ଚାମଣି, ଚମଚଟା ।

ଚେମ୍ବାଡ଼, ବି. (ଦେ) ଶର, ବାଣ ।

ଚେୟାର୍, ବି. ( ଇଂ. chair ) ଚଉକି ।

ଚେର, ବି. (ଦେ) ମୂଳ, ମୂଳର ସୂକ୍ଷ୍ମ କେଶ, ସୂକ୍ଷ୍ମ ତନ୍ତୁ ।

ଚେରଚଣା, ବି. ( ଦେ ) ମୁଗଫଳି, ଚିନା ବାଦାମ୍ ।

ଚେରୁଆ, ବଂ. (ଦେ) ଚେରଯୁକ୍ତ ।

ଚେରେଇବା, କ୍ରି. ( ଦେ ) ଚେର ଦେବା, ହୃଷ୍ଟପୁଷ୍ଟ ହେବା ।

ଚେଲ, ବି. (ଚିଲ୍-ଅ) ବସ୍ତ୍ର, ପରିଚ୍ଛଦ ।

ଚେଲା, ବି. (ଦେ) ବୈଷ୍ଣବଙ୍କ ଶିଷ୍ୟ, ସେବକ ।

ଚେଷ୍ଟା, ବି. (ଚେଷ୍ଟ-ଆ) କାର୍ଯ୍ୟ, ଗତି, ଯତ୍ନ ।

ଚେଷ୍ଟିତ, ବିଂ. (ଚେଷ୍ଟ-ତ) ଯତ୍ନବାନ୍ ।

ଚେହେରା, ବି. (ଯା) ଗଠନ, ଆକୃତି ।

ଚୈତନ୍ୟ, ବି. ( ଚେତନ-ଯ ) ଚେତନା, ବ୍ରହ୍ମ, ପ୍ରକୃତି, ଚୈତନ୍ୟଦେବ ।

ଚୈତ୍ୟ, ବି. ( ଚିତ୍ୟ-ଅ ) ବୌଦ୍ଧମାନଙ୍କର ମଠ ।

ଚୈତ୍ର, ବି.(ଚିତ୍ରା-ଅ) ମଧୁମାସ,ଯେଉଁ ମାସର ପୂର୍ଣ୍ଣିମା ଚିତ୍ରା ନକ୍ଷତ୍ରଯୁକ୍ତ ହୁଏ ।

ଚୈତ୍ରରଥ, ବି. କୁବେରଙ୍କ ଉଦ୍ୟାନ ।

ଚୋଖ, ବି, (ଦେ) ନୋଧ ।

ଚୋଖା,(ଖି), ବି (ଦେ) ଉତ୍କୃଷ୍ଟ, ତୀକ୍ଷ୍ଣ ।

ଚୋଖୀ, ବି. ( ଦେ ) ରାଗିଣୀବିଶେଷ ।

ଚୋଗା, ବି. (ଯା) ଏକପ୍ରକାର ପୋଷାକ ।

ଚୋଟ, ବି. (ଦେଶଜ) ଅସ୍ତ୍ରର ଆଘାତ, ବାର, ଥର ।

ଚୋଠା, ବି. (ଦେ) କୃପଣ, ବଦ୍‌ମାସ୍ ।

ଚୋଦନା, ବି. (ଚୋଦ-ଅନ-ଆ) ପ୍ରେରଣ, ବିଧାନ, ତର୍ଜନା, ପ୍ରବର୍ତ୍ତନା ।

ଚୋଦିତ, ବିଂ. ଚୋଦ-ତ) ପ୍ରେରିତ, ନିୟୋଜିତ ।

ଚୋପ, ବି. (ଦେ) ରାଗ, କ୍ରୋଧ, ଶର, ଅଧିକାର-ପତ୍ର, ଦାନପତ୍ର ।

ଚୋପଦାର, ବି. ( ଯା ) ଚୋପଧାରୀ ରାଜାନୁଚର ।

ଚୋପା,(ପି), ବି. (ଦେ) ଛୋଲି, ଗଛର ବଳ୍କଳ ।

ଚୋର, ବି. (ଚୁର୍-ଅ) ତସ୍କର, ଯେ ଚୋରି କରେ । ସ୍ତ୍ରୀ. ଚୋରଣୀ ।

ଚୋରା, ବି°.(ଦେ) ଅପହୃତ, ଗୁପ୍ତ, ଯେ ଚୋରି କରେ ।

ଚୋରି, ବି. (ଦେ) ଚୌର୍ଯ୍ୟ ।

ଚୋରିତ, ବି°. ( ଚୁର-ତ ) ଅପହୃତ ।

ଚୋଳ, ବି°. ( ଚୁଲ୍-ଅ ) ଦେଶବିଶେଷ, ଆଧୁନିକ ତାଞ୍ଜୋର ।

ଚୋବାଇବା, କ୍ରି. ( ଦେ ) ଦାନ୍ତରେ ପେଷିବା ।

ଚୋଷ୍ୟ, ବି°. ( ଚୁଷ୍-ଯ ) ଯାହା ଚୋବିକରି ଖିଆଯାଏ ।

ଚୋସ୍ତ, ବି°. (ଯା) ଚୌକସ୍, ପକ୍କା, ଶକ୍ତ ।

ଚୌକ, ବି. (ଯା) ଛକ ରାସ୍ତା, ଗୃହ ଆଙ୍ଗନ ।

ଚୌକସ୍, ବି. (ଯାବନିକ) ସତର୍କ, ମନୋଯୋଗୀ ।

ଚୌକା, ବି. (ଦେ) ଗୃହକୋଣିଆ ଚୁଲ୍ଲି ପୋଖରୀ, ଲିପିବା ।

ଚୌକାଠ, ବି. (ଦେ) ଦୁଆରବନ୍ଧ ।

ଚୌକିଆ(କିଦାର) ବି. ( ଯା ) ଗ୍ରାମର ପହରାବାଲା, ପ୍ରହରୀ ।

ଚୌକି, ବି. (ଯା) କାଷ୍ଠାସନବିଶେଷ, ପହରା, ରକ୍ଷା ।

ଚୌଠ(ଥ) ବି°. (ଦେ) ¼, ଏକଚତୁର୍ଥାଂଶ ।

ଚୌଠି, ବି. (ଦେ) ବିବାହର ପରବର୍ତ୍ତୀ ୪ର୍ଥ ଦିବସ ।

ଚୌଢ଼ା, ବି. (ଦେ) ଓସାର । ବି°. ଓସାରିଆ ।

ଚୌଧୁରୀ, ବି (ଚତୁର୍ଦ୍ଧୁରୀ ଶବ୍ଦଜ) ଉପାଧିବିଶେଷ । ଯେ ସବୁ ପ୍ରକାର କାମରେ ଧୁରନ୍ଧର ।

ଚୌପଟ, ବି. (ଦେ) ଗୃହଗୁଣ ।
ଚୌପାଢ଼ୀ, ବି. ( ଦେ ) ଚଟଶାଳୀ, ପଢ଼ିବା ସ୍ଥାନ, ବାହାର ପିଣ୍ଡି ।
ଚୌର, ବି. (ଚୋର-ଅ) ଯେ ଚୋର କରେ ।
ଚୌବଛା, ବି. (ଯା) ପାଣିକୁଣ୍ଡ ।
ଚୌବନ୍ଧ, ବି. (ଦେ) ଚୌକାଠ, ଦ୍ୱାରବନ୍ଧ ।
ଚୌସାର, ବି. (ଦେ) ପଶାପାଲି ।
ଚୌହଡା, ବି॰. (ଦେ) କର୍ମଦକ୍ଷ, କର୍ତ୍ତବ୍ୟନିପୁଣ ।
ଚୌହଦ୍ଦୀ, ବି. (ଯା) ଚତୁଃସୀମା ।
ଚ୍ୟବନପ୍ରାଶ, ବି. ପ୍ରସିଦ୍ଧ କବିରାଜୀ ଔଷଧବିଶେଷ ।
ଚ୍ୟୁତ, ବି॰. (ଚ୍ୟୁ-ତ) ନଷ୍ଟ, ଚଞ୍ଚଳ, କ୍ଷରିତ, ପତିତ ।
ଚ୍ୟୁତି, ବି. (ଚ୍ୟୁ-ତି) କ୍ଷରଣ, ପତନ, ନାଶ, ହାନି ।

---

## ଛ

ଛ, ବ୍ୟଞ୍ଜନବର୍ଣ୍ଣର ସପ୍ତମ ବର୍ଣ୍ଣ । ବି॰.(ଛୋ-ଅ) ନିର୍ମଳ, ତରଳ ।
ଛଅ, ବି. ବି॰. ୬ ସଂଖ୍ୟା ।
ଛଅଁଚିବା, କ୍ରି. (ଦେ) ଶୀତ କରିବା, ପରିଷ୍କୃତ ହେବା ।
ଛଅରି, ବି. (ଗ୍ରା) କ୍ଷୌର ।
ଛଇ, ବି. (ଦେ) ଛବି, ବାଲ୍ଙ୍ଗି, କୌଶଳପୂର୍ଣ୍ଣ ଭଙ୍ଗୀ ।
ଛଇଳ, ବି॰. ( ଦେ ) ସୁନ୍ଦର, ବେଶବିନ୍ୟାସଦ୍ୱାରା ମନୋହର । ସ୍ତ୍ରୀ. ଛଇଳୀ ।

ଛଉ, ବି°. (ଦେ) ଏକପ୍ରକାର ରୋଗ, ଉତ୍ସବବିଶେଷ ।

ଛଉକା, ବି°. (ଦେ) ଶିକ୍ଷିତ, ଚତୁର ।

ଛଉର, ବି. (ପ୍ରାଚୀନ) ସାଞ୍ଜ୍ ।

ଛକ, ବି. (ଦେ) × ଏହିପରି ଚିହ୍ନ, ଚତୁଷ୍ପଥ ମିଳନ ସ୍ଥାନ ।

ଛକାଛକି, ବି. (ଦେ) ଜଗାଜଗି ।

ଛକାପଞ୍ଝା, ବି. (ଦେ) ସତର୍କତା, ସାବଧାନତା ।

ଛକିବା, କ୍ରି. (ଦେ) ଜଗିବା ।

ଛଙ୍କା, ବି°. (ଦେ) ଛଣା, ଖାଣ୍ଟି ।

ଛଙ୍ଗୁ, ବି°. (ଦେ) ସଚ୍ଚା, ଭଲ ।

ଛଚନା,(ନା) ବି. (ଦେ) ଲତାଫଳବିଶେଷ ।

ଛଞ୍ଚା, ବି (ଦେ) ଭୋଜନର ସାମଗ୍ରୀ, ସଞ୍ଚୟ ।

ଛଞ୍ଚାଣ, ବି. (ଦେ) ସଞ୍ଚାଣ, ବାଜ ।

ଛଞ୍ଚିବା, କ୍ରି. (ଦେ) ସଞ୍ଚୟ କରିବା ।

ଛଟକ, ବି. (ଦେ) ସୌନ୍ଦର୍ଯ୍ୟ ।

ଛଟପଟ, ବି°. (ଦେଶଜ) ଯନ୍ତ୍ରଣାପ୍ରାପ୍ତ, ଜଳବଳ ।

ଛଟା, ବି. (ଛେ୍‌-ଅଟ୍‌-ଆ) ଦୀପ୍ତି, ଶୋଭା, ଭଙ୍ଗୀ ।

ଛଟାଙ୍କି, ବି. ( ଦେଶଜ ) ସେରକର ଷୋଡ଼ଶାଂଶ ଓଜନ ।

ଛଡ଼ } ବି. (ଦେଶଜ) ହାତବାଢ଼ ।
ଛଡ଼ି

ଛଡ଼ା, ବି. (ଦେ) ଅଳ୍ପବୟସ୍କା ଗାଈ, ଅପ୍ରସୂତା ଗାଈ । ବି°. ତ୍ୟକ୍ତ, ବ୍ୟତୀତ ।

ଛଡ଼ାଇବା, କ୍ରି. ( ଦେ ) ପୃଥକ୍ କରିବା, କାଢ଼ି ପକାଇବା, ଦୂର କରାଇବା ।

ଛଣ, ବି. (ଦେଶଜ) ନଡ଼ା, ଶୁଷ୍କ ତୃଣବିଶେଷ ।

ଛଣପଟ, ବି. ( ଦେ ) ଶଣଗଛ, ଶଣଗଛରୁ ଜାତ ଝୋଟ ।

ଛଣା, ବିଂ. (ଦେ) ପରିଷ୍କୃତ, ଛଙ୍କା ।

ଛଣୀ, ବି. (ଷଣ ଶବ୍ଦଜ) ଛଣପଟ, ଟଙ୍କା ରଖିବା ଥଳି ।

ଛତର, ବି. (ସତ୍ର ଶବ୍ଦଜ) ସଦାବ୍ରତ ।

ଛତରଖିଆ, ବି. (ଦେ) ମାଗିଖିଆ, ପେଟବିକଳିଆ ।

ଛତରଞ୍ଜି, ବି. (ଦେ) ଦରି, ସତରଞ୍ଜି ।

ଛତରା, ବିଂ. (ଦେଶଜ) ଭଣ୍ଡ, ବଗୁଲିଆ ।

ଛତା, ବି. (ଛତ୍ର ଶବ୍ଦଜ) ଆତପତ୍ର ।

ଛତାଉରି }
ଛତୁଆରି } ବି. (ଦେ) ଶତାବରୀ, ଗାଇଚରି ।

ଛତି, ବି. ( ଦେ ) ଛତ୍ର, ବଡ଼ଛତା । (ସଂ) ଛତ୍ରୁ, ଝାମ୍ପ, ଅଗ୍ର ।

ଛତିଆ, ବି. (ଦେଶଜ) ଜହ୍ନାର ମଳି ।

ଛତିଅନା, ବି. (ଦେ) ସପ୍ତପର୍ଣ୍ଣ ବୃକ୍ଷ ।

ଛତିଶ, ବି. ବିଂ. (ଦେ) ୩୬ ସଂଖ୍ୟା ।

ଛତିଶା, ବିଂ. (ଗ୍ରା) ଜାଲଜ, ୩୬ ସଂଖ୍ୟକ ।

ଛତୁ, ବି. ( ଶକ୍ତୁ ଶବ୍ଦଜ ) ଯବାଦିର ଚୂର୍ଣ୍ଣ, ଅବ୍ୟକ୍ତ ପୁଷ୍ପକ ବୃକ୍ଷ ।

ଛତ୍ର, ବି. (ଛଦ୍-ର) ଛତା, ସଦାବ୍ରତ ।

ଛତ୍ରପତ୍ର, ବି. (ଛତ୍ର-ପତ୍ର) ରାଜା ।

ଛତ୍ରଭଙ୍ଗ, ବି. (ଛତ୍ର-ଭଙ୍ଗ) ପରାସ୍ତ ହୋଇ ପଳା-
ଇବା, ଅରାଜକତା ।

ଛତ୍ରାକ, ବି. (ଛତ୍ର-ଅକ) ଛତୁ, ଶିଳୀନ୍ଧ୍ର ।

ଛଦ } ବି (ଛଦ୍-ଅ, ଅନ) ଆଚ୍ଛାଦନ, ପତ୍ର,
ଛଦନ } ତମାଳବୃକ୍ଷ ।

ଛଦାମ,ବି.(ଦେ)ଏକପଇସାର ଚୃତୀ ଭାଗରୁ ଏକ ଭାଗ ।

ଛଦି, ବି. (ଛଦ୍-ଇ) ଛାତ, ଚାଳ ।

ଛଦ୍ମ, ବି. (ଛଦ୍-ମନ୍) କପଟ, ଛଳ ।

ଛନ, ବି. (ଦେ) ଭୟପ୍ରଦର୍ଶନ, ଡରାଇବା ।

ଛନକା, ବି. (ଦେଶଜ) ଖିଡ, ଡ଼ର ।

ଛନଛନ, ବିଂ. (ଦେ) ଉଦ୍‌ବିଗ୍ନ, ଚଞ୍ଚଳ, ଖିଡ ।

ଛନ୍ଦ, ବି. (ଛନ୍ଦ୍-ଅ) ଅଭିପ୍ରାୟ । ବିଂ. କପଟ । (ଦେ)
ସନ୍ନିପାତରୋଗ, ଦୁହିଁଲାବେଳେ ଗାଈଗୋଡ଼ ଛନ୍ଦିବା
ଦଉଡି ।

ଛନ୍ଦସ୍ } ବି. ( ଛନ୍ଦ-ଅସ୍ ) ପଦ୍ୟବନ୍ଧ, ବେଦ,
ଛନ୍ଦଃ } ବୃତ୍ତ ବା ରାଗ ।

ଛନ୍ଦାଛନ୍ଦ, ବିଂ. (ଦେ) ବନ୍ଧାବନ୍ଧ, ପରସ୍ପର ଆବଦ୍ଧ ।

ଛନ୍ଦାନୁବର୍ତ୍ତୀ, ବିଂ. ( ଛନ୍ଦ-ଅନୁବର୍ତ୍ତୀ ) ଇଚ୍ଛାଧୀନ ।

ଛନ୍ଦିବା, ବି. (ଦେ) ବାନ୍ଧିବା, ପରସ୍ପର ବନ୍ଧନ ।

ଛନ୍ନ, ବିଂ. (ଛଦ୍-ତ) ଆଚ୍ଛାଦିତ ।

ଛପର,(ରା), ବି. (ହିନ୍ଦି) ଗୃହର ଆବରଣ, ଚାଳ ।

ଛପନ, ବି. ବିଂ. (ଦେ) ୫୬ ସଂଖ୍ୟା ।

ଛପା, ବିଂ.(ଦେ) ମୁଦ୍ରିତ, ଲୁପ୍ତ । ବି. ମୁଦ୍ରା ବା ଛାପା

ଛପିବା, କ୍ରି. (ଦେ) ଲୁଚିବା ।

ଛବଶ, ବି. ବିଂ. (ଦେ) ୨୬ ସଂଖ୍ୟା ।

ଛୟାଣୋଇ,(ନବେ), ବି. ବିଂ. (ଦେ) ୯୬ ସଂଖ୍ୟା ।

ଛୟାଅଶୀ, ବି. ବିଂ. (ଦେ) ୮୬ ସଂଖ୍ୟା ।

ଛଘ, ବି. (ଦେ) ଛୁଚ୍ଛା ।

ଛଳ, ବି. (ସଂ-ଳ) କପଟ, ପ୍ରତାରଣା, ପ୍ରବଞ୍ଚନା ବା ବିଡ଼ମ୍ବନା, ଅପମାନ ।

ଛଳନା, ବି. (ଛଳ୍-ଅନ-ଆ) ପ୍ରତାରଣା, ପ୍ରବଞ୍ଚନା ବା ବିଡ଼ମ୍ବନା ।

ଛଳାଇବା, କ୍ରି. (ଦେ) କପଟରେ ନାନାକଥା କହିବା ।

ଛଳିବା, କ୍ରି. (ଦେ) ଠକିବା ।

ଛବି. ବି. ( ସଂ-ଇ ) ଚିତ୍ର, ଦୀପ୍ତି, ଶୋଭା, ଚିତ୍ରିତ ମୂର୍ତ୍ତି, ପ୍ରତିମୂର୍ତ୍ତି ।

ଛଷଠି, ବି. ବିଂ. (ଦେ) ୬୬ ସଂଖ୍ୟା ।

ଛସ୍ତରି, ବି. ବିଂ. (ଦେ) ୭୬ ସଂଖ୍ୟା ।

ଛାଇ, ବି. (ଦେ) ଛାୟା, ପ୍ରତିବିମ୍ବ ।

ଛାଇନିଦ, ବି. (ଦେ) ଅଳ୍ପନିଦ୍ରା ।

ଛାଇବା, କ୍ରି. (ଦେ) ଛପର କରିବା, ଘୋଡ଼ାଇବା ।

ଛାଉଣୀ, ବି. (ଦେ) ଛପରବନ୍ଦ, ସୈନ୍ୟଶିବିର ।

ଛାଏଁ, ଅଂ. (ଦେ) ସ୍ୱଇଚ୍ଛାରେ, ସ୍ୱୟଂ ।

ଛାଗ, ଛାଗଳ } ବି. (ଛଗ୍-ଅ, ଅଳ) ଛେଳି, ଅଜା ।

ଛୁଙ୍କିବା, କ୍ରି. (ଦେ) ଛୁଣିବା ।

ଛୁଚ, ବି. (ଦେ) ନବାତ ।

ଛୁଞ୍ଚ, ବି. (ଦେ) ଠସା, ଆଦର୍ଶ ।

ଛୁଞ୍ଚୁଣୀ, ବି. (ଦେ) ଝାଡ଼ୁ ।

ଛୁଟ, ବି. (ହିନ୍ଦି) ଗୃବୁକ, ସରୁ ବାଡ଼ି ।

ଛୁଟିଆ, ବି. (ଦେ) ଚୌକିଆ, ଛୁଟ ।

ଛୁଟିପିଟି, କ୍ରି. ବିଂ. ( ଦେ ) ଗୋଡ଼ ହାତ ଛୁଟିବା ।

ଛୁଟିବା, କ୍ରି. (ଦେ) ନିକ୍ଷେପ କରିବା, ମାଟି ଲେପିବା ।

ଛୁଡ଼, ବି. (ହିନ୍ଦି ଛୋଡ଼୍ ଶବ୍ଦଜ) ତ୍ୟାଗ, ଅନୁମତି, ମୁକ୍ତି ।

ଛୁଡ଼ଖାଇ, ବି. (ଦେ) କାର୍ତ୍ତିକ ପୂର୍ଣ୍ଣିମା ପରଦିବସ ।

ଛୁଡ଼ପତ୍ର, ବି. (ଦେ) ତ୍ୟାଗପତ୍ର, ମୁକ୍ତିପତ୍ର ।

ଛୁଡ଼ିବା, କ୍ରି. (ଦେ) ତ୍ୟାଗ କରିବା, ବର୍ଜନ କରିବା ।

ଛୁଣିବା, କ୍ରି. (ଦେଶଜ) ସଚ୍ଛିଦ୍ର ପଦାର୍ଥଦ୍ୱାରା ଜଳାଦିରୁ ମିଶ୍ରିତ ଦ୍ରବ୍ୟ ପୃଥକ୍ କରିବା, ଛୁଙ୍କିବା ।

ଛୁତ }
ଛୁଦ } ବି. କୋଠାଘରର ଆଚ୍ଛାଦନ ବା ଉପରିଭାଗ ।

ଛୁତି, ବି. (ଦେ) ବକ୍ଷଃ ।

ଛୁତ୍ର, ବି. (ଛତ୍ର-ଅ) ଶିଷ୍ୟ, ପାଠକ ।

ଛୁଦନ, ବି. (ଛୁଦ-ଅନ) ଆଚ୍ଛାଦନ, ଢାଙ୍କିବା ।

ଛୁଦିତ, ବିଂ (ଛୁଦ-ତ) ଆବୃତ, ଆଚ୍ଛାଦିତ ।

ଛୁନ୍ନ, ବିଂ. (ଦେଶଜ) ଭଗ୍ନ, ଡାଟକା ।

ଛୁନ୍ଦ, ବି. (ପ୍ରା) ଅଧ୍ୟାୟ, ପଦ୍ୟଗ୍ରନ୍ଥର ପରିଚ୍ଛେଦ-ବିଶେଷ ।

ଛାପ, ବି°. (ଦେ) ମୁଦ୍ରା, ଚିହ୍ନ, ଛପା, ଛେପ ।
ଛାପା, ବି°. (ଦେ) ମୁଦ୍ରିତ । ବି. ମୁଦ୍ରାଙ୍କନ, ଚିହ୍ନ ।
ଛାପାଖାନା, ବି. (ଦେ) ପ୍ରେସ୍, ମୁଦ୍ରଣଯନ୍ତ୍ରାଳୟ ।
ଛାମୁ, ବି. (ସମ୍ମୁଖ ଶବ୍ଦଜ) ସମ୍ମୁଖ, ଅଗ୍ରତ ।
ଛାମୁଆ, ବି. (ଦେ) ରାଜାଙ୍କ ସମ୍ମୁଖରେ ଯେଉଁମାନେ ରହନ୍ତି, ରାଜାଙ୍କ ପାଖଲୋକ ।
ଛାମୁକରଣ, ବି. (ଦେ) ରାଜାଙ୍କ ଆଗରେ ଯେ କାଗଜପତ୍ର ଦର୍ଶାନ୍ତି, ପେସ୍କାର ।

ଛାମୁଣ୍ଡିଆ } ବି. ଛାୟାମଣ୍ଡପ ।
ଛାମୁଣ୍ଡୟା }

ଛାୟା, ବି. (ଛେ-ଯ-ଆ) ପ୍ରତିବିମ୍ବ, ସୂର୍ଯ୍ୟପ୍ରିୟା, ଛାଇ ।
ଛାୟାପଥ, ବି. ଜ୍ୟୋତିଷ୍କ ମଧ୍ୟବର୍ତ୍ତୀ ରେଖାକାର ନକ୍ଷତ୍ରଶ୍ରେଣୀ, ଏହାକୁ ହାତିଶୁଣ୍ଢ ବୋଲି ଲୋକେ କହନ୍ତି । ଶରତ୍କାଳରେ ଆଗ୍ନେୟ କୋଣରୁ ବାୟବ୍ୟ କୋଣ ଯାଏ ଏହା ଦେଖାଯାଏ ।

ଛାୟାବାଜି, ବି. (ଦେ) ଇନ୍ଦ୍ରଜାଲ ।
ଛାର, ବି°. (କ୍ଷାର ଶବ୍ଦଜ) ମନ୍ଦ, ଅଗ୍ରାହ୍ୟ, ଶ୍ରେଷ୍ଠ, ନୀଚ ।
ଛାରଖାର, ବି°. (ଦେ) ବିନଷ୍ଟ, ଭସ୍ମୀଭୂତ ।
ଛାରପୋକ, ବି. (ଦେ) ଓଡ଼ଶ ।
ଛାଲ, (ଲି) ବି. (ଦେ) ତ୍ୱକ୍, ବକଳା, ପଶୁଚର୍ମ ।

ଛି } ଅ°. (ଦେ) ଘୃଣା ଓ ନିନ୍ଦାସୂଚକ ଶବ୍ଦ ।
ଛିଆ }

ଛୁକାର, ବି. (ଦେ) ଧିକ୍କାର ।

ଛୁଙ୍କ, ବି. (ଦେ) ନାସିକାଧ୍ୱନି ।

ଛୁଙ୍କିବା, କ୍ରି. (ଦେ) ନାସିକାଧ୍ୱନି କରିବା ।

ଛୁଅଡ଼ା, ବି. (ଦେ) ପାଣିଛୁଟା ।

ଛୁଆଁ, ବି. (ଦେ) ସେଚନ । ବିଂ. ସିକ୍ତ ।

ଛୁଆଁଡ଼ିବା, କ୍ରି. (ଦେ) ଦୂରକୁ ନିକ୍ଷେପ କରିବା ।

ଛୁଇଁବା, କ୍ରି. (ଦେ) ସେଚନ କରିବା ।

ଛୁଟ, ବି. (ଦେ) ଚିହ୍ନିତ ବସ୍ତ୍ର, ବିନ୍ଦୁ, କଣା ।

ଛୁଟା, ବି. (ଦେ) ବିନ୍ଦୁ, ଦାଗ ।

ଛୁଟିକା, ବି. (ଗ୍ରା) ଛୁଟା, ବିନ୍ଧା ।

ଛୁଟିକଣି, ବି. (ଦେ) ଫାଶ ।

ଛୁଟି (ଡ଼ି) କିବା, କ୍ରି. (ଦେ) ତରଳ ବସ୍ତୁ ବିନ୍ଦୁ ବିନ୍ଦୁ ହୋଇ ଚମକି ଯିବା ।

ଛୁଡ଼ା, ବି. (ଦେ) ଠିଆ ।

ଛୁଡ (ଣ୍ଡି) ବା, କ୍ରି. (ଦେ) ଛିନ୍ନ ହେବା, ନଷ୍ଟଭ୍ରି- ହେବା, ଦୁଧ ପାଣିଫାଟିଯିବା ।

ଛୁଣ୍ଡା, ବିଂ. (ଦେ) ଛିନ୍ନ ।

ଛୁଣ୍ଡାଇବା, କ୍ରି. (ଦେ) ଛିନ୍ନ କରିବା ।

ଛୁଣ୍ଡାଳ, (ଳୀ), ବି. (ଦେ) ଭ୍ରଷ୍ଟା ସ୍ତ୍ରୀ ।

ଛୁଣ୍ଡିବା, କ୍ରି. (ଦେ) ଛିନ୍ନ ହେବା, ନଷ୍ଟନ୍ନ ହେବା ।

ଛୁଦ୍ର, ବି. (ଛୁଦ୍-ର) କ୍ଷୁଦ୍ର ଗର୍ତ୍ତ, ରନ୍ଧ୍ର, କଣା ।

ଛୁନ୍ନ, ବିଂ, (ଛୁଦ୍-ତ) ଖଣ୍ଡିତ, ଛୁଣ୍ଡା ।

ଛୁ, ବି. (ହୃନ୍ଦ) ପଳାୟନ, ଚମ୍ପଟ, ଦଉଡ ।

ଛୁଆ, ବି. (ଦେ) ଶିଶୁ, ଶାବକ ।
ଛୁଆଁ, ବିଂ. (ଦେ) ଦୂଷିତ, ସ୍ପୃଷ୍ଟ ।
ଛୁଆଇବା, କ୍ରି. (ଦେ) ଛପର କରିବା, ଆଚ୍ଛାଦନ କରିବା ।
ଛୁଇଁ, ବି. (ଦେ) ଏକପ୍ରକାର ସବୀଜ ଫଳ ।
ଛୁଇଁବା, କ୍ରି. (ଦେ) ସ୍ପର୍ଶ କରିବା ।
ଛୁଞ୍ଚି, ବି (ସୂଚଶବ୍ଦଜ) ସୂଚ, ଲୁଗା ପ୍ରଭୃତି ସିଇଁବାର ଯନ୍ତ୍ରବିଶେଷ ।
ଛୁଟି, ବିଂ.(ହିନ୍ଦି) ବିଦାୟ, ଖଲାସ, ଉଦ୍ଧାର ।
ଛୁଟିବା, (ଯିବା) କ୍ରି. ନଷ୍ଟ ହେବା, ଦୂରୀଭୂତ ହେବା ।
ଛୁଡ, ବି. (ଦେ) ବିନ୍ଦୁ ବିନ୍ଦୁ ହୋଇ ମୂତ ପଡିବା ।
ଛୁଡକଆ, ବି. (ଦେ) ଜନନାଙ୍ଗଶିଂ ।
ଛୁରା, ବି. (ଦେ) ବଡ଼ ଛୁରୀ, ଗଜା ନଡ଼ିଆଗଛ ।
ଛୁରିଅନା, ବି. (ଦେ) ପୁଷ୍ପବୃକ୍ଷବିଶେଷ ।
ଛୁରିକା, ଛୁରି, ବି. (ଛୁର୍-ଇକ-ଆ, ଇ) ଅସ୍ତ୍ରବିଶେଷ ।
ଛୁରିତ, ବିଂ. (ଛୁର-ତ) ଲିପ୍ତ ।
ଛେଉଣ୍ଡ, (ଦେ) ପିତମାତହୀନ, ଅନାଥ ।
ଛେକ, ବି. (ଦେ) ଦେବଗଣନିମିତ୍ତ ନିର୍ଦ୍ଦିଷ୍ଟ ପ୍ରସାଦ, ଅନୁକ୍ରିଆ ।
ଛେଚିବା, କ୍ରି. (ଦେ) କୁଟିବା ।
ଛେଚ୍ଚା, ବିଂ. (ଦେ) ପିଟା, ନିନ୍ଦା । ବି. ଆଘାତ ।
ଛେଣୀ, ବି. (ଦେ) ଲୌହାସ୍ତ୍ରବିଶେଷ ।
ଛେଡ଼ଖାନା, ବି. (ଯା) ପାଇଖାନା ।

ଛେଡା, ବି°. (ଦେ) ଶ୍ୱେତ, ଧଳା ।

ଛେଦ, ବି. (ଛିଦ୍-ଅ) ଛେଦନ, ଖଣ୍ଡ । (ଦେ)ବଳି ।

ଛେଦକ, ବି°. (ଛିଦ୍-ଅକ) ଛେଦନକାରୀ, ଖଣ୍ଡକ ।

ଛେଦନ, ବି. (ଛିଦ୍-ଅନ) କର୍ତ୍ତନ ।

ଛେଦନୀୟ, ବି°. (ଛିଦ୍-ଅନୀୟ) ଛେଦନଯୋଗ୍ୟ ।

ଛେଦା, ବି. (ଦେ) ଧଡ଼ି ନ ଥିବା ଲୁଗା, ଏକପ୍ରକାର ଦହି, ରସହୀନ ଆଖୁଟେଙ୍ଗୁପା ।

ଛେଦିତ, ବି°. (ଦେ) କର୍ତ୍ତିତ, ଦ୍ୱିଧାକୃତ ।

ଛେଦିବା, କି. (ଦେ) କାଟିବା ।

ଛେଦ୍ୟ, ବି°. (ଛିଦ୍-ଯ) ଛେଦନଯୋଗ୍ୟ, କର୍ତ୍ତନୀୟ ।

ଛେନା, ବି. (ଦେ) ଦୁଗ୍ଧ ଓ ଦହିରୁ ଉତ୍ପନ୍ନ ଖାଦ୍ୟ-ଦ୍ରବ୍ୟବିଶେଷ । (ଙ୍ଗ) ଘଷି ।

ଛେପ,ବି. (ଷ୍ଠୀବଶବ୍ଦଜ) ନିଷ୍ଠୀବନ, ଥୁକ ।

ଛେରୁ, ବି. ( ଦେ ) ଚନ୍ଦନ ଓ କର୍ପୂରମିଶା ଜଳ, ତରଳ ବିଷ୍ଠା ।

ଛେରିବା, କି. (ଦେ) ତରଳ ମଳ ନିଃସାରଣ କରିବା ।

ଛେଲ, ବି. (ଦେ) ଖଲ୍ଲୀ, ବାଣ ।

ଛେଲି, ବି. ( ଦେ ) ପରିମାଣବିଶେଷ, ବଳଦ ପିଠି ଲଦନ । କି. ଗୁଞ୍ଜିବା ।

ଗ୍ଲେକାର, ବି°. ( ଦେ ) ଖଡ଼ୁଆ, ବେଶ୍ୟାପୁତ୍ର, ନିର୍ଲଜ୍ଜ । ସ୍ତ୍ରୀ. ଗ୍ଲେକାରୁଣୀ ।

ଗ୍ଲେଟ,(ଟିଆ), ବି°. (ହିନ୍ଦି) ସାନ, ଅଧମ ।

ଗ୍ଲେଟା, ବି°. (ଦେଶଜ) ଲେଙ୍ଗଡ଼ା । ସ୍ତ୍ରୀ.ଗ୍ଲେଟୀ ।

ଛେଟେଇବା, କ୍ରି. ( ଦେ ) ଲେଙ୍ଗୋଡ଼ିବା, ସାନ କରଦେବା ।

ଛେପର୍, ବି. (ଦେଶଜ) ବେଲ୍, ଭଗୁଲ୍ ।

ଛେଲ୍, ବି. (ଇଂ) ସୋଲ୍, ବୁଟ ।

---

## ଜ

ଜ, ବ୍ୟଞ୍ଜନବର୍ଣ୍ଣର ଅଷ୍ଟମବର୍ଣ୍ଣ । ବି. ବିଷ୍ଣୁ, ଶିବ । ବିଂ. ଜନ୍ମଯୁକ୍ତ, ଉତ୍ପତ୍ତି ।

ଜଉ, ବି. (ଜତୁର ଅପଭ୍ରଂଶ) ଲାଖ ।

ଜକଜକ, ବିଂ. (ଦେଶଜ) ଉଜ୍ଜ୍ୱଳ, ଚକ୍କଣ ।

ଜକା, ବି. (ଦେ) କୃପଣ ।

ଜକାଜକି, ବିଂ. (ଦେ) ଭିଡ଼ାଭିଡ଼ି, ଲଗାଲଗି ।

ଜକ୍ଷ୍ମା, ବି. (ଜକ୍ଷ୍-ମନ୍) କ୍ଷୟରୋଗ, କାଶରୋଗ ।

ଜଖ, ବି. ( ଯକ୍ଷର ଅପଭ୍ରଂଶ ) ପ୍ରବାଦ ଅଛି ଯେ, କୌଣସି ସ୍ଥାନରେ ସୁନା ଅନେକ ଧନ ଯାଏ ପୋତା ରହିଲେ ସେ ଜନ୍ତୁ ପାଲଟି ଯାଇ ଭ୍ରମଣଶୀଳ ହୁଏ । ସେହି ଭ୍ରମଣଶୀଳ ସ୍ୱର୍ଣ୍ଣରାଶିକୁ 'ଜଖ' କହନ୍ତି ।

ଜଖମ୍, ବିଂ. (ଯା) ଆହତ । ବି. ଆଘାତ ।

ଜଗଝମ୍ପା, ବି. (ଦେ) ବାଦ୍ୟଯନ୍ତ୍ରବିଶେଷ ।

ଜଗତ୍, ବି. (ଗମ୍-୦) ଲୋକ, ବିଶ୍ୱ । ବିଂ. ଜଙ୍ଗମ ।

ଜଗତୀ, ବି. (ଜଗତ୍-ଈ) ଭୁବନ, ପୃଥିବୀ, ଲୋକ, ଅଟ୍ଟାଳିକା, ଚନ୍ଦ୍ରଶାଳା ।

ଜଗଦମ୍ବା, ବି. (ଜଗତ୍-ଅମ୍ବା) ଦୁର୍ଗା ।
ଜଗଦୀଶ, ବି. (ଜଗତ୍-ଈଶ) ବିଷ୍ଣୁ, ଜଗନ୍ନାଥ ।
ଜଗଦ୍ଧାତ୍ରୀ, ବି. (ଜଗତ୍-ଧାତ୍ରୀ) ଦୁର୍ଗା ।
ଜଗନ୍ନାଥ, ବି. (ଜଗତ୍-ନାଥ) ବିଷ୍ଣୁ, ପୁରୀର ପ୍ରସିଦ୍ଧ ବିଷ୍ଣୁମୂର୍ତ୍ତି ।
ଜଗମୋହନ, ବି. (ଦେ) ମନ୍ଦିରର ସମ୍ମୁଖ ଗୃହ ।
ଜଗା, ବିଂ. (ଦେ) ରଖୁଆଳ । ବି. ଜଗିବା ।
ଜଗିବା, କ୍ରି. (ଦେ) ଜାଗ୍ରତ ରହିବା, ରକ୍ଷା କରିବା ।
ଜଗୁ, ବି. (ପ୍ରାଚୀନ ପଦ୍ୟ) ଜଗତ୍ ।
ଜଗୁଆଳ, (ଳି), ବିଂ. (ଦେ) ରକ୍ଷକ ।
ଜଘନ, ବି. (ହନ୍-ଅନ) ଜଙ୍ଘ, ନିତମ୍ବର ସମ୍ମୁଖ ଅଂଶ ।
ଜଘନ୍ୟ, ବିଂ. (ଜଘନ-ଯ) ନୀଚ, ଗର୍ହିତ ।
ଜଙ୍ଗମ, ବିଂ. (ଗମ୍-ଅ) ଗମନଶୀଳ, ଅସ୍ଥାବର ।
ଜଙ୍ଗଲ, ବି. (ଜଙ୍ଗମ-ଲା-ଅ) ବନ ।
ଜଙ୍ଗଲି, ବିଂ. (ଦେ) ବଣୁଆ, ଅସଭ୍ୟ ।
ଜଙ୍ଘ, ବି. (ଦେ) ଆଣ୍ଠୁର ଉପରଭାଗ ।
ଜଙ୍ଘା, ବି. (ଜଙ୍ଘ-ଆ) ଜାନୁଠାରୁ ଗୋଇଠି ପର୍ଯ୍ୟନ୍ତ ।
ଜଙ୍ଘି,(ଆ), ବି. (ଦେ) ଜଙ୍ଘପାଏ ବିସ୍ତୃତ ପାଇଜାମା ।
ଜଙ୍ଘିଲାଟ୍, ବି. (ଯା) ସେନାପତି ।
ଜଙ୍ଘିହରଡ଼ା, ବି. (ଦେ) ଶ୍ରେଷ୍ଠ ହରଡ଼ା ।
ଜଜ୍, ବି. (ଇଂ. Judge) ବିଚାରକ ।
ଜଜାଙ୍ଗ, ବି. (ଦେ) ଏକପ୍ରକାର ଗଛ ଓ ତାହାର ଫଳ ।

ଜଞ୍ଜାଳ, ବି. (ଦେ) ଅଳ, ଗୋଳ, ଉତ୍ପାତ ।
ଜଞ୍ଜିର, ବି (ଦେ) ଶିକୁଳି, ଝିଞ୍ଜିରି ।
ଜଟ, ବି. (ଦେ) କେଶବିନ୍ୟାସବିଶେଷ, ମଞ୍ଜୁଣି, ଜଟା, ସଂହତକେଶ ।
ଜଟା, ବି. (ଜଟ-ଅ-ଆ) ସଂହତକେଶ, ଜଟ,ମଞ୍ଜୁଣି ।
ଜଟାଜଟି, ବି. (ଦେ) ଠକାଠକ ।
ଜଟାଜୂଟ, ବି. (ଜଟା-ଜଟ) ଜଟାସମୂହ ।
ଜଟାମାଂସୀ, ବି. (ଜଟା-ମାଂସୀ) ଗନ୍ଧଦ୍ରବ୍ୟବିଶେଷ, ଲତାବିଶେଷ ।
ଜଟାୟୁ } ବି ( ଜଟା-ଆୟୁସ୍ ) ପ୍ରସିଦ୍ଧ ପକ୍ଷୀ,
ଜଟାୟୁଃ } ସମ୍ପାତିର ସାନ ଭାଇ ।
ଜଟିଳ, ବିଂ. (ଜଟା-ଇଳ) ଜଟାଧାରୀ, କୁଟିଳ ।
ଜଟିଳା, ବି. (ଜଟା-ଇଳ-ଆ) ରାଧିକାଙ୍କର ଶାଶୁ, ଚନ୍ଦ୍ରସେନର ମାତା ।
ଜଠର, ବି. (ଜନ୍-ଅର) ପେଟ, କୁକ୍ଷି ।
ଜଡ଼, ବିଂ. (ଜଲ୍-ଅ) ନିଶ୍ଚେଷ୍ଟ ।
ଜଡ଼ତା, ବି. (ଜଡ-ତା) ଜାଡ୍ୟ, ମୂର୍ଖତା, ନିଶ୍ଚେଷ୍ଟତା ।
ଜଡ଼ବର, ବି. (ପ୍ରାଚୀନ) ବୃକ୍ଷ ।
ଜଡ଼ା, ବି. (ଦେ) ଗଛ । ବିଂ. ମନ୍ଦ, କାଳ ।
ଜଡ଼ାଉ, ବି. (ଦେ) ଖଞ୍ଜା କାମ, ରତ୍ନାଦିଖଚିତ ।
**ଜଡ଼ି**, ବି. ( ଦେ ) ବୁଟି, ଗୁଟିକା ଔଷଧ ।
ଜଡ଼ିତ, ବିଂ. (ଜଡ଼୍-ତ) ଲିପ୍ତ, ସଂପୃକ୍ତ ।
ଜଡ଼ିବା, କ୍ରି. (ଦେ) ମିଶିଯିବା, ଭୂଷିତ କରିବା ।

ଜଣ, ବି. ( ଜନର ଅପଭ୍ରଂଶ ) ମନୁଷ୍ୟର ସଂଖ୍ୟା ।
ଜଣା, ବିଂ. (ଦେ) ଜ୍ଞାତ, ଜଣାଇବା ।
ଜଣାଣ, ବି. (ଦେ) ପ୍ରାର୍ଥନା, ସ୍ତବ ।
ଜତୁ, ବି. (ଜନ୍-ଉ) ଲାକ୍ଷା, ଅଲକ୍ତ, ଜଉ ।
ଜତ୍ରୁ, ବି. ( ଜନ-ତ୍ରୁ ) କଣ୍ଠର ଦୁଇ ପାର୍ଶ୍ୱସ୍ଥିତ ଅସ୍ଥିଦ୍ୱୟ ।
ଜଥା, ବି. (ଦେ) ଦେଶୀ ଯୋଡ଼ ଲୁଗାବିଶେଷ ।
ଜନ, ବି. (ଜନ୍-ଅ) ଲୋକ, ଭୁବନ, ମନୁଷ୍ୟ ।
ଜନକ, ବି. (ଜନ-ଅକ) ପିତା, ଋଷିବିଶେଷ ।
ଜନକଜା } ବି. ( ଜନକ-ଜନ୍-ଅ-ଆ, ତନୟା)
ଜନକତନୟା } ଜାନକୀ, ସୀତା ।
ଜନତା, ବି. (ଜନ-ତା) ଭିଡ଼, ଜନସମୂହ ।
ଜନନ, ବି. (ଜନ୍-ଅନ) ଉତ୍ପତ୍ତି ।
ଜନନୀ, ବି. (ଜନ୍-ଅନ-ଈ) ମାତା, ପୃଥିବୀ ।
ଜନପଦ, ବି. (ଜନ-ପଦ) ଦେଶ, ଲୋକାଳୟ, ଗ୍ରାମ ।
ଜନୟିତା, ବି, (ଜନ୍-ଇ-ତୃ) ପିତା ।
ଜନୟିତ୍ରୀ, ବି. ( ଜନ୍-ଇ-ତ-ଈ ) ମାତା । ବିଂ. ଉତ୍ପାଦିକା ।
ଜନରବ } ବି. କିମ୍ବଦନ୍ତୀ, ଶୁଣା କଥା ।
ଜନଶ୍ରୁତି }
ଜନସ୍ଥାନ, ବି. ଦଣ୍ଡକାରଣ୍ୟ ମଧ୍ୟସ୍ଥ ସ୍ଥାନବିଶେଷ ।
ଜନାନ୍ତିକ, ବି. ( ଜନ-ଅନ୍ତିକ ) ନାଟକରେ ଦୁଇ ଜଣଙ୍କର ଏକାନ୍ତ କଥା ।

ଜନାର୍ଦ୍ଦନ, ବି. ( ଜନ୍-ଅର୍ଦ୍ଦ-ଅନ ) ବିଷ୍ଣୁ । ବିଂ. ଲୋକପୀଡ଼କ ।

ଜନି } ବି. (ଜନ-ଇ,ଈ) ଉତ୍ପତ୍ତି, ମାତା, ଜାୟା,
ଜନୀ } ନାରୀ ।

ଜନିତ, ବିଂ. (ଜନ୍-ତ) ଉତ୍ପାଦିତ ।

ଜନିତା, ବି. (ଜନ-ତ) ପିତା ।

ଜନନୀ, ବି. (ଜନ-ତୃ-ଈ) ମାତା ।

ଜନ୍ତାଳ, ବି. (ଦେଶଜ) ଦେବଦେବୀ ମନ୍ଦିରରେ କରାଯିବା ଭୋଜ ।

ଜନ୍ତୁ, ବି. (ଜନ୍-ତୁ) ପ୍ରାଣୀ, ଜୀବ, ଶରୀରୀ ।

ଜନ୍ଦା, ବି. (ଦେ) ଏକପ୍ରକାର ପିମ୍ପୁଡ଼ି ।

ଜନ୍ମ, ବି. ( ଜନ୍-ମନ୍ ) ଉତ୍ପତ୍ତି ।

ଜନ୍ମପତ୍ରିକା, ବି. (ଜନ୍ମ-ପତ୍ରିକା) କୋଷ୍ଠୀ, ଜାତକ ।

ଜନ୍ମାନ୍ତର, ବି. (ଅନ୍ୟ-ଜନ୍ମ) ଅନ୍ୟଜନ୍ମ ।

ଜନ୍ମାନ୍ତରୀଣ, ବିଂ. ( ଜନ୍ମାନ୍ତର-ଈନ ) ଅନ୍ୟ ଜନ୍ମ-ସମ୍ବନ୍ଧୀୟ ।

ଜନ୍ମାନ୍ଧ, ବିଂ. (ଜନ୍ମ-ଅନ୍ଧ)ଜନ୍ମରୁ ଦୃଷ୍ଟିଶକ୍ତିରହିତ ।

ଜନ୍ମାଷ୍ଟମୀ, ବି. (ଜନ୍ମ-ଅଷ୍ଟମୀ) ଶ୍ରୀକୃଷ୍ଣଙ୍କ ଜନ୍ମତିଥି, ଭାଦ୍ର କୃଷ୍ଣାଷ୍ଟମୀ ।

ଜପ, ବି.(ଜପ୍-ଅ) ମନ୍ତ୍ରାଦିର ପୁନଃ ପୁନଃ ଉଚ୍ଚାରଣ, ସ୍ୱାଧ୍ୟାୟ ।

ଜପିବା, କ୍ରି. (ଦେଶଜ) ଜପ କରିବା ।

ଜବର,(ଦସ୍ତ), ବିଂ. (ଯା)ଦୃଢ଼, ମଜବୁତ୍,କାର୍ଯ୍ୟକ୍ଷମ ।

ଜବତ୍ର, ବ. (ଯା) ଅପମାନିତ, ପରାଜିତ ।
ଜବାବ୍, ବି. (ଯା) ପ୍ରତ୍ୟୁତ୍ତର, ଉକ୍ତି ।
ଜମଦଗ୍ନି, ବ. (ଜମତ୍-ଅଗ୍ନି) ପରଶୁରାମଙ୍କ ପିତା ।
ଜମା, ବି. (ଯା) ସଞ୍ଚୟ, ଆୟ, ସଞ୍ଚିତ ଧନ ।
ଜମାଇବା, କ୍ରି. (ଦେ) ସଞ୍ଚୟ କରିବା ।
ଜମାଉତ୍, ବ. (ଦେ) ସନ୍ନ୍ୟାସିସମ୍ପ୍ରଦାୟବିଶେଷ ।
ଜମାଟ୍, ବଂ. (ଯା) ଭିଡ଼, ଘନୀଭୂତ, ରାଶୀକୃତ ।
ଜମାଦାର୍, ବ.(ଯା)ପିଆଦା ପ୍ରଭୃତି ନିମ୍ନକର୍ମଚାରୀଙ୍କ ଅଧିକାରୀ ।
ଜମାବନ୍ଦି, ବ. ( ଯା ) ଖଜଣା ପ୍ରଭୃତି ନିର୍ଦ୍ଧାରଣ କରିବା, ଜମିଜମାବିଷୟକ କାଗଜପତ୍ର ।
ଜମାରୁ, କ୍ରି. ବଂ. ( ଦେ ) ଆଦୌ, ଟିକଏ ସୁଦ୍ଧା ।
ଜମି, ବ. (ଯା) ଭୂମି, କ୍ଷେତ୍ର ।
ଜମିଦାର, ବ. (ଯା) ଭୂମ୍ୟଧିକାରୀ ।
ଜମିଦାରୀ, ବ (ଯା) ଭୂମିରେ ଅଧିକାର, ଭୂସ୍ୱାମିତ୍ୱ ।
ଜମ୍ପତି, ଦମ୍ପତି ବ. (ଜାୟା-ପତି) ସ୍ତ୍ରୀ ପୁରୁଷ ।
ଜମ୍ବାଲ, ବ. (ଜମ୍-ବଲ-ଅ) ଶୈବାଳ, କର୍ଦ୍ଦମ ।
ଜମ୍ବାଲିନୀ, ବ. (ଜମ୍ବାଲ-ଇନ୍-ଈ) ନଦୀ ।
ଜମ୍ବିର, ଜମ୍ବୀର } ବ. ଲେମ୍ବୁଗଛ, ଫଳବିଶେଷ ।
ଜମ୍ବୁ, ଜମ୍ବୂ } ବ. (ଜମ୍-ଉ, ଊ) ଜମ୍ବୁଦ୍ୱୀପ, ଜାମୁଗଛ ।
ଜମ୍ଭୁକ, ବ. (ଜମ୍-ଉକ) ଶଗାଳ, ନୀଚବ୍ୟକ୍ତି ।

ଜମ୍ଭାର, ବ (ଜମ୍ଭ-ଅର) ଇନ୍ଦ୍ର, ବଜ୍ର, ଅଗ୍ନି ।

ଜୟ, ବ. (ଜି-ଅ) ବଶୀକରଣ, ଜିତିବା ।

ଜୟଦ୍ରଥ, ବ. (ଜୟତ୍-ରଥ) ସିନ୍ଧୁରାଜ, ଦୁର୍ଯୋଧନର ଭଉଣୀଇ ।

ଜୟନ୍ତ, ବ. (ଜି-ଅନ୍ତ) ଇନ୍ଦ୍ରପୁତ୍ର । ବି°. ଜୟଶୀଳ ।

ଜୟନ୍ତୀ, ବ. (ଜି-ଅନ୍ତୀ) ଦୁର୍ଗା, ଇନ୍ଦ୍ରଙ୍କ କନ୍ୟା, ବୃକ୍ଷବିଶେଷ ।

ଜୟପାଳ, ବ. ବିଷ୍ଣୁ, ନୃପବିଶେଷ, ବୃକ୍ଷବିଶେଷ ।

ଜୟା ବ. (ଜି-ଅ-ଆ) ପାର୍ବତୀଙ୍କ ସଖୀ, ହରୀତକୀ, ଜୟନ୍ତୀ ବୃକ୍ଷ ।

ଜୟୀ, ବି°. (ଜୟ-ଇନ୍) ଜୟଶୀଳ, ଜୟଯୁକ୍ତ ।

ଜର, ବ. (ଦେ) ଜ୍ୱରବେଗ ।

ଜରଜର, ବି°. (ଦେ) ଜର୍ଜର ।

ଜରଠ, ବି°. (ଜ-ଅଠ) କର୍କଶ, କଠିନ, ଜୀର୍ଣ୍ଣ ।

ଜରତ୍, ବି°. (ଜ-ଅତ୍) ବୃଦ୍ଧ, ଜୀର୍ଣ୍ଣ, ପୁରାତନ । ସ୍ତ୍ରୀ. ଜରତୀ, ବୁଢ଼ୀ

ଜରଦ୍ଗବ,ବ.(ଜରତ୍-ଗୋ-ଅ)ବୃଦ୍ଧବୃଷ,ଗୃଧବିଶେଷ ।

ଜରସମନ୍, ବ. (ଯା) ମୂର୍ଖ ।

ଜରା, ବ. (ଜୃ-ଅ-ଆ) ବାର୍ଦ୍ଧକ୍ୟ, ଜୀର୍ଣ୍ଣତା ।

ଜରାୟୁ, ବ. ( ଜରା-ଇ-ଉ ) ଗର୍ଭାବରଣ ଚର୍ମସ୍ଥଳୀ, ଯାହା ମଧ୍ୟରେ ଭ୍ରୂଣ ବଢ଼େ ।

ଜରାୟୁଜ, ବି°. ( ଜରାୟୁ-ଜନ୍-ଅ ) ଜରାୟୁଜାତ (ମନୁଷ୍ୟ ପଶୁ ଆଦି) ।

ଜରି, ବି. (ଦେ) ଧାତୁନିର୍ମିତ ସୂକ୍ଷ୍ମ ଉଜ୍ଜ୍ୱଳ ପଦାର୍ଥ।

ଜରିଆରେ, ଅଂ. ମଧ୍ୟବର୍ତ୍ତିତାରେ ( Through ) ଦ୍ୱାରେ, ଦେଇ।

ଜରିବ୍, ବି. (ଦେ)ଭୂମି ମାପିବା,୬୬ଫୁଟିଆ ଚେନ୍।

ଜରିମାନା, ବି. (ଯା) ଅର୍ଥଦଣ୍ଡ।

ଜରୀ, ବିଂ. (ଜର୍-ଇନ୍) ବୁଢ଼ା, ପର୍କଟୀବୃକ୍ଷ।

ଜର୍ଜର } ବିଂ. ( ଜର୍ଜ-ଅର, ତ ) ଜୀର୍ଣ୍ଣ, ବିଶୀର୍ଣ୍ଣ,
ଜର୍ଜରିତ } ଅବସନ୍ନ, ବିଦ୍ଧିତ, ପୀଡ଼ିତ।

ଜଳ, ବି. (ଜଳ୍-ଅ) ପାଣି, ସଲିଳ।

ଜଳକର, ବି (ଦେ) ପାଣିକର, ଜମିରେ ଜଳ ମଡ଼ାଇବା ନିମନ୍ତେ ଯେଉଁ ଖଜଣା ଦିଆଯାଏ।

ଜଳକା, ବିଂ. (ଦେଶଜ) ଯାହାର ଦୃଷ୍ଟିଶକ୍ତି କ୍ଷୀଣ।

ଜଳଚର, ବି. ଜଳଜନ୍ତୁ।

ଜଳଜ, ବି. (ଜଳ-ଜନ୍-ଅ) ପଦ୍ମ। ବିଂ. ଜଳଜାତ।

ଜଳଜଳ, ବିଂ. (ଦେ) ଉଜ୍ଜ୍ୱଳ, ଚକ୍‌ଚକ୍।

ଜଳଜଳା, ବି. (ଦେ) ନିର୍ଲଜ୍ଜ, ଉପେକ୍ଷିତ, ଘୃଣ୍ୟ।

ଜଳଦ, ବି. (ଜଳ-ଦା-ଅ) ମେଘ।

ଜଲ୍‌ଦି, ବି (ଯା) ଶୀଘ୍ର।

ଜଳଧର, ବି. (ଜଳ-ଧୃ-ଅ) ମେଘ।

ଜଳଧି, ବି. (ଜଳ-ଧା-ଇ) ସମୁଦ୍ର।

ଜଳନିଧି, ବି. (ଜଳ-ନି-ଧା-ଇ) ସମୁଦ୍ର।

ଜଳପତି, ବି. ବରୁଣ, ସମୁଦ୍ର।

ଜଳପାନ, ବି. (ଦେ) ପାଣିପିଇବା, ଜଳଖିଆ, ଭୁଜା ପିଠା ପ୍ରଭୃତି।

ଜଳପ୍ରପାତ, ବି. (ଜଳ-ପ୍ରପାତ) ଝର୍ଝର, ଉଚ୍ଚ ସ୍ଥାନରୁ ସଶବ୍ଦରେ ପଡ଼ିବା ।

ଜଳପ୍ରାୟ, ବି. ଜଳମୟ ଦେଶ ।

ଜଳପ୍ଲାବନ, ବି. ( ଜଳ-ପ୍ଲାବନ ) ବନ୍ୟା ପାଣିରେ ଦେଶ ଭାସିବା ।

ଜଳବେଣୀ, ବି. (ଜଳ-ବେଣୀ) ଜଳଧାର ।

ଜଳଯନ୍ତ୍ର, ବି. ଧାରାଯନ୍ତ୍ର, ଯେଉଁ ଯନ୍ତ୍ରରେ ଜଳ ପରିଷ୍କାର କରାଯାଏ ଅଥବା ଯହିଁରୁ ଅନବରତ ଜଳ ସ୍ରବେ ।

ଜଳଯାନ, ବି. (ଜଳ-ଯା-ଅନ) ଜାହାଜ, ନୌକା ।

ଜଳରୁହ, ବି. (ଜଳ-ରୁହ୍-ଅ) ପଦ୍ମ ।

ଜଳହସ୍ତୀ, ବି. ( ଜଳ-ହସ୍ତୀ ) ହାତୀ ପରି ଜଳଜନ୍ତୁ-ବିଶେଷ ।

ଜଳା, ବି. (ଦେ) ରନ୍ଧ୍ର, ଛିଦ୍ର ।

ଜଳାକବାଟି, ବି. (ଦେଶଜ) ଝରକା, ଖିଡ଼କି ।

ଜଳାଞ୍ଜଳି, ବି. ( ଜଳ-ଅଞ୍ଜଳି ) ଜଳର ଆଞ୍ଜୁଳା, ପରିତ୍ୟାଗ, କୌଣସି କାର୍ଯ୍ୟରୁ ଏକାବେଳକେ ବିରତ ହେବା ।

ଜଳାର୍ଦ୍ର, ବି. (ଜଳ-ଆର୍ଦ୍ର) ଜଳରେ ଅଭିଷିକ୍ତ, ଓଦା ।

ଜଳାଶୟ, ବି. ( ଜଳ-ଆଶୟ ) ଜଳାଧାର, ସମୁଦ୍ର, ପୁଷ୍କରିଣୀ, ନଦୀ ପ୍ରଭୃତି ।

ଜଳିବା, କ୍ରି. (ଦେ) ପ୍ରଜ୍ୱଳିତ ହେବା, ପୋଡ଼ିବା ।

ଜଳୀ, ବି. (ଜଳ-ଇନ୍) ଜଳାଶୟ, ଗଡଖାଇ ।

ଜଳେଚର, (ଜଳ-ଚର-ଅ) ଜଳଜୀବ ।

ଜଳୋଚ୍ଛ୍ୱାସ, ବି. ( ଜଳ-ଉଚ୍ଛ୍ୱାସ ) ଜଳର ସ୍ଫୀତି, ଜୁଆର ।

ଜଳୌକା
ଜଳୌକାଃ } ବି ( ଜଳ-ଓକସ୍ ) ଜୋକ ।

ଜଳ୍ପ
ଜଳ୍ପନ
ଜଳ୍ପନା } ବି. (ଜଳ୍ପ-ଅ, ଅନ, ଅନ-ଆ) ବାଗ୍ବିତଣ୍ଡା, କଥନ, କହିବା ।

ଜଳ୍ପକ, ବିଂ. ( ଜଳ୍ପ-ଅକ ) ବାଚାଳ, ଯେ ବୃଥା ଅନେକ କଥା କହେ ।

ଜଲବି, ବି. (ଦେ) ଏକପ୍ରକାର ମିଷ୍ଟାନ୍ନ ।

ଜଳ୍ପିତ, ବିଂ. (ଜଳ୍ପ-ତ) କଥିତ ।

ଜବ, ବି. (ଜୁ-ଅ) ବେଗ । ବିଂ. ବେଗବାନ୍ ।

ଜବନ, ବିଂ. (ଜୁ-ଅନ) ବେଗବାନ୍ ।

ଜବନୀ
ଜବନିକା } ବି. ( ଜବନ-ଇ, ଇକ-ଆ ) ପର୍ଦ୍ଦା, ଆବରଣ ।

ଜବସ, ବି (ଜୁ-ଅସ) ତୃଣ, ଘାସ ।

ଜବା, ବି. ସ୍ୱନାମଖ୍ୟାତ ପୁଷ୍ପ ବା ବୃକ୍ଷ, ମନ୍ଦାର ।

ଜହ୍ନ, ବିଂ. ( ପ୍ରା. ସଂ ) ଅଧିକ, ବେଶୀ ।

ଜହ୍ନର, ବି. (ଯା) ବିଷ ।

ଜହ୍ନରତ୍ନ, ବି. ( ଯା ) ମଣିରତ୍ନ ।

ଜହୁରୀ, ବି. (ଯା) ମଣିରତ୍ନାଦିର ବ୍ୟବସାୟୀ ।

ଜହ୍ନ, ବି. (ଦେ) ଚନ୍ଦ୍ର, ଜ୍ୟୋତ୍ସ୍ନା ।

ଜହ୍ନା, ବି. (ଦେ) ଏକପ୍ରକାର ଶସ୍ୟ ।

ଜହ୍ନୀ, ବି. (ଦେ) ଫଳବିଶେଷ ।

ଜହ୍ନୁ, ବି. ଋଷିବିଶେଷ ।

ଜହ୍ନୁକନ୍ୟା, ଜହ୍ନୁତନୟା } ବି. ଗଙ୍ଗାନଦୀ ।

ଜାଇ, ବି. (ଦେ) ଜାତିପୁଷ୍ପ, ଡାଲି, ଶରୀରର କଳା ଦାଗବିଶେଷ ।

ଜାଇତ୍ରୀ,(ପତ୍ରୀ), ବି. (ଦେ) ଏକପ୍ରକାର ମସଲା ।

ଜାଇଫଳ, ବି. (ଦେ) ଜାତିଫଳ, ମସଲାବିଶେଷ ।

ଜାଉ, ବି. ( ଜବାଗୁର ଅପଭ୍ରଂଶ ) ଅନ୍ନମଣ୍ଡ ।

ଜାକ, ବିଂ. (ଦେଶଜ) ସଙ୍କୀର୍ଣ୍ଣ ।

ଜାକ୍‌ଜମକ୍, ବିଂ. (ଯା) ଆଡ଼ମ୍ବର, ଆଟୋପ ।

ଜାକିବା, କ୍ରି. ( ଦେ ) କୁଣ୍ଢାଇ କରି ଭିଡ଼ିବା, ସଂକୁଚିତ ହେବା ।

ଜାଗର, ବି. ( ଜାଗୃ-ଅ ) ଅନିଦ୍ରା, ଫାଲ୍‌ଗୁନ କୃଷ୍ଣ ଚତୁର୍ଦ୍ଦଶୀ, ଶିବରାତ୍ରି ।

ଜାଗରଣ, ବି. ( ଜାଗୃ-ଅନ ) ଜାଗିବା, ଚେଇଁବା, ଅନିଦ୍ରା ।

ଜାଗରିତ, ବିଂ. ( ଜାଗୃ-ତ ) ଜାଗରଣଯୁକ୍ତ, ବିନିଦ୍ର ।

ଜାଗରୂକ, ବିଂ. (ଜାଗୃ-ଊକ) ସଜୀବ, ଜାଗରଣଶୀଳ, ଜାଗ୍ରତ, ପ୍ରହୃଷ୍ଟ ।

ଜାଗା, (ଜେଗା), ବି. (ଦେ) ଆଖଡ଼ା, ସ୍ଥାନ ।

ଜାଗିର, ଜାୟଗିର } ବି. (ଯା) ପୁରସ୍କାରରୂପରେ ପାଇଥିବା ଭୂସମ୍ପତ୍ତି ।

ଜାଗିବା, କ୍ରି. (ଦେ) ଜାଗ୍ରତ ଥିବା, ଉଜାଗର ରହିବା ।
ଜାଗ୍ରତ୍, ବିଂ. (ଜାଗୃ-ଅତ୍) ସଚେତ, ଜାଗରଣଶୀଳ ।
ଜାଙ୍ଗଳ, ବି (ଜଙ୍ଗଳ-ଅ) କପିଞ୍ଜଳପକ୍ଷୀ, ବସ୍ତୁ । ବିଂ. ଜଙ୍ଗଲସମ୍ବନ୍ଧୀୟ ।
ଜାଙ୍ଗଳିକ, ବି (ଜଙ୍ଗଳ-ଇକ) ବିଷବୈଦ୍ୟ, କେଳା । ବିଂ. ଜଙ୍ଗଲବାସୀ ।
ଜାଜ୍ୱଲ୍ୟମାନ, ବିଂ. ( ଜ୍ୱଳ-ଆନ ) ଅତ୍ୟୁଜ୍ଜ୍ୱଳ, ଅତି ଜ୍ୱଳନ୍ତ ।
ଜାଠ, ବିଂ. ( ଦେ ) କୃପଣ, ରାଜମାତକ୍ଷେତ୍ରରେ ରକ୍ଷଣଶୀଳ ଦଳ ।
ଜାଡ଼, ବି. (ଦେ) ହିମ, ଶୀତ ।
ଜାଡ଼୍ୟ, ବି. (ଜଡ଼-ଯ) ଜଡ଼ତା, ମୂର୍ଖତା ।
ଜାଣିବା, କ୍ରି. ( ଦେ ) ବୁଝିବା, ଜ୍ଞାନ କରିବା । ବିଂ. ଜ୍ଞାନବାନ୍ ।
ଜାତ, ବି. (ଜନ୍-ତ) ଉତ୍ପନ୍ନ ।
ଜାତକ, ବି. (ଜାତ-କ) ଜନ୍ମପତ୍ରିକା, କୋଷ୍ଠୀ ।
ଜାତକର୍ମ, ବି. ଜନ୍ମ କାଳୀନ ସଂସ୍କାରବିଶେଷ ।
ଜାତରୂପ, (ଜାତ-ରୂପ) ସୁବର୍ଣ୍ଣ, ପ୍ରଶସ୍ତ ବର୍ଣ୍ଣ ।
ଜାତବେଦାଃ, ବି. (ଜାତ-ବିଦ୍-ଅସ୍ ) ଅଗ୍ନି ।
ଜାତିଆ, ବିଂ. (ଦେ) କୁଳୀନ, ସଦ୍‌ବଂଶଜ, ଉତ୍କୃଷ୍ଟ ।
ଜାତିଆଣ, ବିଂ. (ଦେ) ଜାତିସମ୍ବନ୍ଧୀୟ ।
ଜାତି, ବି. ( ଜନ୍-ତି ) ପ୍ରକାର, ଜନ୍ମ, ବଂଶ, ପୁଷ୍ପ-ବିଶେଷ, ଜାଇଫଳ ।

ଜାତଫଳ, ବି. ଜାଇଫଳ ।

ଜାତସ୍ମର, ବି. ( ଜାତ=ଜନ୍ମ-ସ୍ମୃ-ଅ ) ଯେ ପର୍ବଜନ୍ମ କଥା ସ୍ମରଣ କରି ପାରେ ।

ଜାତି, ବି. (ଜାତ-ଇ) ମାଳତୀପୁଷ୍ପ ।

ଜାତୀୟ, ବିଂ. (ଜାତ-ଈୟ) ଜାତିସମ୍ବନ୍ଧୀୟ ।

ଜାତୁଧାନ, ବି. (ଜାତୁ-ଧାନ) ରାକ୍ଷସ, ନିଶାଚର ।

ଜାତୁଷ, ବିଂ. (ଜତୁ-ଅ) ଜଉନିର୍ମିତ ।

ଜାତ୍ୟ, ବିଂ. (ଜାତି-ଯ) କୁଳୀନ, ଶ୍ରେଷ୍ଠ ।

ଜାଦୁ, ବି. (ଦଦ୍ରୁଁ ଅପଭ୍ରଂଶ) ଚର୍ମରୋଗବିଶେଷ, କୁହୁକ ।

ଜାଦୁକର, ବିଂ. (ଯା) ଐନ୍ଦ୍ରଜାଲିକ, ମାୟାବୀ ।

ଜାଦୁଘର, ବି. ( ଦେ ) ଯେଉଁ ଘରେ ନାନାପ୍ରକାର ଦର୍ଶନୀୟ ବସ୍ତୁ ଥାଏ, Musium.

ଜାନ୍, ବି. (ଯା) ଜୀବନ, ପ୍ରାଣ ।

ଜାନକୀ, ବି, (ଜନକ-ଅ-ଈ) ଜନକନନ୍ଦିନୀ, ସୀତା ।

ଜାନପଦ, ବି. (ଜନପଦ-ଅ) ଗ୍ରାମବାସୀ, ଜନପଦ-ସମ୍ବନ୍ଧୀୟ, ଦେଶ ।

ଜାନୁ, ବି. (ଜନ୍-ଉ) ଉରୁସନ୍ଧି, ଆଣ୍ଠୁ ।

ଜାନୁଆର୍, ବି. (ଯା) ଜନ୍ତୁ ।

ଜାପକ, ବିଂ. (ଜାପ୍-ଅକ) ଯେ ଜପ କରେ ।

ଜାବାଲି, ବି. (ଜବାଲ-ଇ) ଜନୈକ ଋଷି ।

ଜାବୁଡ଼ା, ବି. (ଦେ) ଝିପୁଡ଼ା, ଚପେଟାଘାତ ।

ଜାମଦଗ୍ନ୍ୟ, ବି. ( ଜମଦଗ୍ନି-ଯ ) ଜମଦଗ୍ନିଙ୍କ ପୁତ୍ର, ପରଶୁରାମ ।

ଜାମା, ବି. (ଯା) କୁର୍ତ୍ତା, ଅଙ୍ଗରଖା ।

ଜାମାତା, ବି. ( ଜା-ମା-ତ ) ଜୁଆଇଁ, ସୂର୍ଯ୍ୟର ପରିଧି ।

ଜାମିନ୍, ବି. (ଯା) ରକ୍ଷଣ, ବନ୍ଧକ, ପ୍ରତିନିଧି ।

ଜାମିଦାର୍, ବି. (ଯା) ପ୍ରତିନିଧି ।

ଜାମୁ, ବି. (ଦେ) ଜାମୁଗଛ ଓ ତାହାର ଫଳ ।

ଜାମୁକା, ବି (ଦେ) ଲଞ୍ଜିକବଣା, ଯେଉଁ ବଳଦ୍ୱାରା ବାଣ ଲାଗେ ।

ଜାମ୍ବବାନ୍, ବି. (ଜାମ୍ବୁ-ବତ୍) ଭଲ୍ଲୁକରାଜ ।

ଜାମ୍ବୁନଦ, ବି. (ଜମ୍ବୁନଦ-ଅ) ସ୍ୱର୍ଣ୍ଣ, ଜମ୍ବୁନଦୀଜାତ ।

ଜାୟ୍ଦ, (ଦାଦ) ବି. ( ଯା ) ସଂପତ୍ତି, ଅଧିକାର, ବିବରଣ ।

ଜାୟମାନ, (ଜନ୍-ଆନ୍) ଉତ୍ପଦ୍ୟମାନ, ଯାହା ଜନ୍ମିଅଛି ।

ଜାୟା, ବି. (ଜନ୍-ଯ-ଆ) ପତ୍ନୀ, ଭାର୍ଯ୍ୟା ।

ଜାୟାପତି, ବି. (ଜାୟା-ପତି) ଦମ୍ପତି, ସ୍ତ୍ରୀପୁରୁଷ ।

ଜାର, ବି. (ଜୃ-ଅ) ଉପପତି ।

ଜାରଜ, ବି. (ଜାର-ଜନ୍-ଅ) ଉପପତିଜାତ ସନ୍ତାନ ।

ଜାରଣ, ବି. (ଜୃ-ଅନ) ଜାରିବା, ସଂଶୋଧନ କରିବା, ସ୍ୱର୍ଣ୍ଣାଦି ଧାତୁ ବା ପାରଦ ରସର ଶୋଧନ ।

ଜାରି, ଜାହିର୍ } ବି. (ଯା) ପ୍ରଚାର, ଘୋଷଣା, ଅଧିକାର ।

ଜାରିବା, କ୍ରି. (ଦେ) ଅଗ୍ନି ସାହାଯ୍ୟରେ ଜଳୀୟ ଅଂଶକୁ ଉଡ଼ାଇ ଦେବା ।

ଜାଲ, ବି. (ଜଲ୍-ଅ) ମତ୍ସ୍ୟାଦି ବା ପଶୁପକ୍ଷ୍ୟାଦି ବନ୍ଧନାର୍ଥ ସୂତ୍ରାଦି ନିର୍ମିତ ଯନ୍ତ୍ର ।

ଜାଲ୍, ବି. (ଯା) କପଟତା, ଫିସାଦି ।

ଜାଲ / ଜାଲକ } ବି. (ଜଲ୍-ଅ,ଅକ) ସମୂହ । (ଦେ) ଜାଳଣି କାଠ ।

ଜାଲପାଦ, ବି. (ଜାଲ-ପାଦ) ହଂସ ।

ଜାଲିଆ, ବିଂ. (ଦେ) ଜାଲ୍‌କାରିଆ, ଫିସାଦିଆ, ଧୀବର ।

ଜାଲି / ଜାଲୀ } ବି (ଦେ) ଜାଲ ପରି ଅସଂଖ୍ୟ ଛିଦ୍ରବିଶିଷ୍ଟ ପଦାର୍ଥ, ମସ୍ତକର ଅଳଙ୍କାର ।

ଜାଲିକ, ବିଂ. (ଜାଲ-ଇକ) କପଟୀ, ଜାଲୋପଜୀବୀ, ଧୀବର ।

ଜାଲିଚଟୁ, ବି. (ଦେ) ପୁରି ବା ଅନ୍ୟ ପ୍ରକାର ପିଷ୍ଟକ ଉତ୍ତପ୍ତ ଘୃତରୁ ଉଠାଇବାର ଲୌହପାତ୍ର-ବିଶେଷ ।

ଜାଳିବା, କ୍ରି. (ଦେ) ଦହନ କରିବା, ପୋଡ଼ିବା ।

ଜାଲ୍ମ, ବିଂ. (ଜଲ୍-ମ) ନୀଚ, ଅଧମ, ମୂର୍ଖ ।

ଜାବଡ଼ା / ଜାବୁଡ଼ା } ବି. (ଦେ) ଖୁପୁଡ଼ା ।

ଜାହାଜ, ବି. (ଯା) ଜଳଯାନ, ନୌକା, ବୋଇତ ।

ଜାହ୍ନବୀ, ବି. (ଜହ୍ନୁ-ଅ-ଈ) ଜହ୍ନୁ କନ୍ୟା, ଗଙ୍ଗା ।

ଜିଆ, (ନାଡ଼), ବି. ( ଦେ ) ଅଗ୍ନିସ୍ଥାନ ଲମ୍ବ କାଠ-ବିଶେଷ ।

ଜିଆଁଇବା, କ୍ରି. ( ଦେ ) ଜୀବିତ ରଖିବା, ଜୀବିତ କରିବା ।

ଜିଇଁବା, କ୍ରି. (ଦେ) ଜୀବିତ ରହିବା ।

ଜିଗମିଷା ବି. (ଗମ୍-ସନ୍-ଆ) ଗମନେଚ୍ଛା ।

ଜିଗର୍, ବି. (ଯା) ଜିଦ୍ ।

ଜିଗୀଷୁ, ବିଂ. ( ଗମ୍-ସନ୍-ଉ ) ଜୟେଚ୍ଛୁ, ଜୟ କରିବାକୁ ଇଚ୍ଛୁକ ।

ଜିଘୃକ୍ଷା, ବି. (ଗ୍ରହ-ସନ୍-ଆ) ଗ୍ରହଣ କରିବାର ଇଚ୍ଛା ।

ଜିଘୃକ୍ଷୁ, ବିଂ. ( ଗ୍ରହ-ସନ୍-ଉ ) ଗ୍ରହଣ କରିବାକୁ ଇଚ୍ଛୁକ ।

ଜିଘାଂସା, ବି. (ହନ୍-ସନ୍-ଆ) ହନନେଚ୍ଛା ।

ଜିଘାଂସୁ, ବି. (ହନ୍-ସନ୍-ଉ) ହନନେଚ୍ଛୁ, ଶତ୍ରୁ ।

ଜିଜ୍ଞାସା, ବି. (ଜ୍ଞା-ସନ୍-ଆ) ପ୍ରଶ୍ନ, ଜାଣିବାକୁ ଇଚ୍ଛା ।

ଜିଜ୍ଞାସିତ, ବିଂ. (ଜିଜ୍ଞାସା-ଇତ) ଯେଉଁ ବିଷୟରେ ଜିଜ୍ଞାସା ଜାତ ହୋଇଅଛି, ପୃଷ୍ଟ ।

ଜିଜ୍ଞାସୁ, ବିଂ. (ଜ୍ଞା-ସନ୍-ଉ) ଜାଣିବାକୁ ଇଚ୍ଛୁକ ।

ଜିଜ୍ଞାସ୍ୟ, ବିଂ. ( ଜ୍ଞା-ସନ୍-ଯ ) ପ୍ରଶ୍ନର ଯୋଗ୍ୟ, ଜାଣିବାର ଉଚିତ ।

ଜିଣା,(ତା), ବି. (ଦେ) ଜୟ । ବିଂ. ଯେ ଜୟ କରେ ।

ଜିଣି(ତି) ବା, କ୍ରି. (ଦେ) ଜୟ କରିବା ।

ଜିତ, ବିଂ. (ଜି-ତ) ପରାଜିତ, ବଶୀଭୂତ, ଜୟଲବ୍ଧ ।

ଜିତେନ୍ଦ୍ରିୟ, ବିଂ. ( ଜିତ-ଇନ୍ଦ୍ରିୟ ) ଯେ ଇନ୍ଦ୍ରିୟ-ମାନଙ୍କୁ ବଶ କରିଅଛନ୍ତି, ତପସ୍ୱୀ ।

ଜିତ୍ୱର, ବିଂ. (ଜି-ବର) ଜୟଶୀଳ, ଜୟଯୁକ୍ତ ।

ଜିଦ୍,(ଦ୍ଧ), ବି. (ଯା) ଜିଗର, ନିର୍ବନ୍ଧ ।

ଜିନ୍, ବି. ( ଯା ) ଘୋଡ଼ାର ପିଠି ଆସନ ।

ଜିନ, ବି. (ଜି-ନ) ବୁଦ୍ଧ, ବିଷ୍ଣୁ । ବିଂ. ଜୟଶୀଳ ।

ଜିନିଷ, ବି. (ଯାବନିକ) ଦ୍ରବ୍ୟ, ପଦାର୍ଥ ।

ଜିଭ, ବି. (ଦେ) ଜିହ୍ୱା, ରସନା ।

ଜିମା, ବି. (ଯା) ମାରଫତ୍ ।

ଜିରା, ବି. (ଦେ) ଜୀରକ ।

ଜିରାଫ୍, ବି. (ବୈ) ଦୀର୍ଘଗ୍ରୀବ ଜୀବବିଶେଷ ।

ଜିଲା, ବି. ( ଯା ) ପ୍ରଦେଶର ବିଭାଗ ।

ଜିଲିପି, ବି. (ଦେ) ଜିଲବି, ଏକପ୍ରକାର ମିଷ୍ଟାନ୍ନ ।

ଜିଷ୍ଣୁ, ବି. ( ଜି-ଷ୍ଣୁ ) ଇନ୍ଦ୍ର, ବିଷ୍ଣୁ, ସୂର୍ଯ୍ୟ, ଅର୍ଜୁନ, ଜୟକାରୀ ।

ଜିହୀର୍ଷା, ବି. (ହୃ-ସନ୍-ଆ) ହରଣ କରିବାର ଇଚ୍ଛା ।

ଜିହ୍ୱା, ବି. (ଲିହ୍-ବ-ଆ) ରସନେନ୍ଦ୍ରିୟ ।

ଜିହ୍ମ, ବିଂ. ( ହ୍ୱା-ମନ୍ ) କୁଟିଳ, ବକ୍ର, ଖଳ, ମନ୍ଦ, ଅପ୍ରସନ୍ନ ।

ଜିହ୍ମଗ, ବି. (ଜିହ୍ମ-ଗମ୍-ଅ) ସର୍ପ । ବିଂ. ଯେ ବକ୍ର-ଗମନ କରେ ।

ଜୀଅନ୍ତା, ବିଂ. (ଦେ) ଜୀବିତ ଥିବା ।

ଜୀଆଇବା, କ୍ରି. (ଦେ) ଜୀବିତ ରଖିବା ।

ଜୀଇଁବା, କ୍ରି. (ଦେ) ବଞ୍ଚିବା ।

ଜୀନ, ବିଂ. (ଜ୍ୟା-ତ) ଜୀର୍ଣ୍ଣ, ପ୍ରାଚୀନ, ବୃଦ୍ଧ ।

ଜୀମୂତ, ବି. (ଜୀ-ମୂ-ତ) ମେଘ, ପର୍ବତ ।

ଜୀର
ଜୀରକ } ବି. ( ଜ୍-ଅ,କ ) ଜୀରା, ଖଡ୍ଗ ।

ଜୀର୍ଣ୍ଣ, ବିଂ. (ଜୃ-ତ) ବୃଦ୍ଧ, ଜର୍ଜରିତ, ପରିପାକ ।

ଜୀର୍ଣ୍ଣୋଦ୍ଧାର, ବି. (ଜୀର୍ଣ୍ଣ-ଉତ୍-ହୃ-ଅ) ପୁନଃ ସଂସ୍କରଣ, ମରାମତ ।

ଜୀବ, ବି. ( ଜୀବ୍-ଅ ) ଦେହାବଚ୍ଛିନ୍ନ ଆତ୍ମା, ପ୍ରାଣୀ, ବୃହସ୍ପତି ।

ଜୀବଜୀବ
ଜୀବଞ୍ଜୀବ } ବି. ( ଜୀବ-ଜୀବ ) ଚକୋର ।

ଜୀବନ, ବି. ( ଜୀବ୍-ଅନ ) ପ୍ରାଣ, ଜୀବିକା, ଜଳ, ମଜ୍ଜା, ବାୟୁ ।

ଜୀବନଦ, ବି. ( ଜୀବନ-ଦା-ଅ ) ମେଘ । ବିଂ. ପ୍ରାଣପ୍ରଦ ।

ଜୀବନୀ, ବି. (ଦେ) ଜୀବନଚରିତ । (ଜୀବ୍-ଅନ୍-ଈ) ବିଂ. ଜୀଇଁବା (ଶକ୍ତି)

ଜୀବନ୍ତ, ବିଂ. ଜୀଅନ୍ତା, ପ୍ରାଣବିଶିଷ୍ଟ ।

ଜୀବିକା, ବି. (ଜୀବ-କ-ଆ) ଜୀବନୋପାୟ, ବୃତ୍ତି ।

ଜୀବିତ, ବିଂ. (ଜୀବ-ତ) ଜୀବନଯୁକ୍ତ । ବି. ଜୀବନ, ପ୍ରାଣ ।

ଜୀବୀ, ବିଂ. (ଜୀବ-ଇନ୍) ପ୍ରାଣୀ, ଜୀବନବିଶିଷ୍ଟ ।

ଜୁଆଇଁ, ବି. (ଦେ) ଜାମାତା ।

ଜୁଆଁଇବା, କ୍ରି. ( ଦେ ) ଅମ୍ଳ ବସ୍ତୁକୁ ଲୁଣ ଦେଇ ଖଇରେ ପାକ କରିବା ।

ଜୁଆଙ୍ଗ, ବି. (ଦେ) ବନ୍ୟ ଅନାର୍ଯ୍ୟ ଜାତିବିଶେଷ ।

ଜୁଆଚୋର, ବିଂ. (ଦେ) ପ୍ରତାରକ, ଜୁଆଡ଼ି ।

ଜୁଆର, ବି. (ଦେ) ସମୁଦ୍ରରୁ ଆଗତ ଜଳସ୍ରୋତ ।

ଜୁଆଡ଼ି, (ଆ), ବିଂ. (ଦେ) ଜୁଆ ଖେଳାଳୀ ।

ଜୁଇ, ବି. (ଦେ) ଏକପ୍ରକାର ପୁଷ୍ପ, ଯୂଥିକା, ଚତାଗ୍ନି । ସଂ. ଜୁଆଁ ।

ଜୁଗୁପ୍ସା, ବି. (ଗୁପ୍-ସନ୍-ଅ-ଆ) ନିନ୍ଦା, କୁତ୍ସା, ଘୃଣା ।

ଜୁଟାଇବା, କ୍ରି. ( ଦେ ) ସଂଗ୍ରହ କରିବା, ଯୋଗାଡ଼ କରିବା ।

ଜୁଟିବା, କ୍ରି. (ଦେ) ମିଳିବା, ଏକତ୍ର ହେବା ।

ଜୁଡ଼ା, ବି. (ଚୂଡ଼ା ଶବ୍ଦଜ) କେଶବିନ୍ୟାସବିଶେଷ ।

ଜୁଣ, ବି. (ଦେ) ଏକପ୍ରକାର ତୃଣ ।

ଜୁମ୍ଲି, ବି. ( ଯା ) ବିଚାରବେଳେ ଯେଉଁମାନେ ବିଚାରକଙ୍କୁ ସାହାଯ୍ୟ କରନ୍ତି ।

ଜୁଲାପ୍, ବି. (ଯା) ଯେଉଁ ଔଷଧ ଝାଡ଼ା କରାଏ ।

ଜୁଳୁଙ୍ଗା, ବି. ( ଦେ ) କବାଟର କିଳଣୀ ଗତାୟାତ କରିବା ପାଇଁ ଯେଉଁ ବନ୍ଧ ଥାଏ ।

ଜୁଳୁଜୁଳିଆ, ଜୁଳୁଜୁଳା ପୋକ } ବି. ଏକ ପ୍ରକାର କୀଟ, ଏହା ଦେହରୁ ଆଲୁଅ ବାହାରେ, ଖଦ୍ୟୋତ ।

ଜୁଲୁପି, ବି. (ଦେ) ଗାଲମୁଣ୍ଡ ।

ଜୁଲୁ (ଲ) ମ୍, ବି. (ଯା) ବଳାତ୍କାର, ଅତ୍ୟାଗ୍ରହ ।

ଜୁହାର୍, ବି. (ଯା) ନମସ୍କାର ।

ଜୁହାରିବା, କ୍ରି. (ଦେ) ନମସ୍କାର କରିବା ।

ଜୂଟ, ବି. (ଜୁଟ୍-ଅ) ସମୂହ, ଜଟା ।

ଜୂର, ବିଂ. (ଦେଶଜ) ନଷ୍ଟ, ଲୁଟି, ଉଜାଡ଼ ।

ଜୂଷ, ବି. (ଜୁଷ୍-ଅ) କ୍ୱାଥ, ଝୋଳ ।

ଜମ୍ଭକାସ୍ତ୍ର, ବି. (ଜୃମ୍ଭକ-ଅସ୍ତ୍ର) ଯେଉଁ ଅସ୍ତ୍ର ପ୍ରୟୋଗ କଲେ ଶତ୍ରୁ ସୈନ୍ୟମାନେ ନିଦ୍ରାଭିଭୂତ ହୋଇ ପଡ଼ନ୍ତି ।

ଜୃମ୍ଭା } ବି. ( ଜନ୍ଭ୍-ଅ-ଆ, ଅନ ) ହାଇ
ଜୃମ୍ଭଣ } ପ୍ରକାଶ ।

ଜୃମ୍ଭିତ, ବିଂ. (ଜୃନ୍ଭ୍-ତ) ପ୍ରସ୍ଫୁଟିତ, ପ୍ରକାଶିତ ।

ଜେଉଟ, ବି. (ଦେ) ଫଳବିଶେଷ ।

ଜେଠା } ବି. ( ଦେ ) ଜ୍ୟେଷ୍ଠତାତ, ବାପାଙ୍କ
ଜେଠୁତା } ବଡ଼ ଭାଇ । ସ୍ତ୍ରୀ. ଜେଠାଇ ।

ଜେତା, ବିଂ. (ଜି-ତ ) ଜୟକର୍ତ୍ତା ।

ଜେନାମଣି, ବି. (ଦେ) ରାଜକୁମାର ।

ଜେମା, ବି. ସ୍ତ୍ରୀ. (ଦେ) ରାଜକନ୍ୟା ।

ଜେୟ, ବିଂ. (ଜି-ଯ) ଜେତବ୍ୟ, ଯେ ଜୟ କରିବାର ଯୋଗ୍ୟ ।

ଜେର୍, ବିଂ. (ଯା) ତୃତ୍ୱ ପୁଷ୍ଟାର ବାକ୍ୟ ।

ଜେରା, ବି. (ଦେ) କୂଟ ପ୍ରଶ୍ନ ।

ଜେଲ୍, (ଖାନା), ବି. (ପା) କାରାଗୃହ, ବନ୍ଦଶାଳା ।
ଜୈତ୍ର, ବିଂ. (ଜେତୃ-ଅ) ଜୟଶୀଳ ।
ଜୈନ, ବି. (ଜିନ-ଅ) ଜିନମତାବଲମ୍ବୀ ।
ଜୋକ, ବି. (ଦେ) ଜଳୌକା, ରକ୍ତଶୋଷକ ଜଳୀୟ ଜୀବବିଶେଷ ।
ଜୋଗଣିଆ, ବିଂ. (ଦେ) ଯେ ଯୋଗାଏ, ଯୋଗାଡ଼ କରିଦେବା ଚାକର ।
ଜୋଗାଡ଼, ବି. (ଦେ) ଉଦ୍‌ଯୋଗ, ତଦ୍‌ବିର ।
ଜୋଗାଡ଼ିବା, କ୍ରି. ( ଦେ ) ଆୟୋଜନ କରିବା, ଯୋଗାଡ଼ କରିବା ।
ଜୋଡ଼, ବି. (ଦେ) କ୍ଷୁଦ୍ର ନାଳ, ଯୋଗାଡ଼, ଯୁଗଳ, ଦୁଇ, ପାର୍ଶ୍ୱିକ ସଙ୍ଗମ ।
ଜୋତା, ବି. (ପା) ଚର୍ମପାଦୁକା ।
ଜୋଷା, ବି. (ଜୁଷ୍-ଆ) ନାରୀ, ସ୍ତ୍ରୀ ।
ଜୋଷିତ୍, ବି. ସ୍ତ୍ରୀ. (ଜୁଷ୍-ଇତ୍) ନାରୀ ।
ଜ୍ଞ, ବିଂ. (ଜ୍ଞା-ଅ) ଜ୍ଞାନୀ, ପଣ୍ଡିତ । ବି. ବୁଧ, ବ୍ରହ୍ମା ।
ଜ୍ଞାତ, ବିଂ. (ଜ୍ଞା-ତ) ବିଦିତ, ଜଣା ।
ଜ୍ଞାତବ୍ୟ, ବିଂ. (ଜ୍ଞା-ତବ୍ୟ) ଜାଣିବାଯୋଗ୍ୟ ।
ଜ୍ଞାତସାରରେ, କ୍ରି.ବିଂ. ଜାଣିଶୁଣି, ଜ୍ଞାନଗୋଚରରେ ।
ଜ୍ଞାତା, ବିଂ. (ଜ୍ଞା-ତୃ) ବୋଦ୍ଧା, ଯେ ଜାଣେ ।
ଜ୍ଞାତି, ବି. (ଜ୍ଞା-ତି) ସଗୋତ୍ର, ସପିଣ୍ଡ, କୁଟୁମ୍ବ ।
ଜ୍ଞାନ, ବି. (ଜ୍ଞା-ଅନ) ବୋଧ, ପ୍ରତୀତି ।
ଜ୍ଞାନବାନ୍, ବିଂ. (ଜ୍ଞାନ-ବତ୍) ପଣ୍ଡିତ, ଜ୍ଞାନୀ ।

ଜ୍ଞାନଯୋଗ, ବି. (ଜ୍ଞାନ-ଯୋଗ) ଜ୍ଞାନଦ୍ୱାରା ଈଶ୍ୱର-ପ୍ରାପ୍ତି ରୂପ ଉପାୟ ।

ଜ୍ଞାନୀ, ବିଂ. (ଜ୍ଞାନ-ଇନ୍) ଜ୍ଞାନବାନ୍, ବିଜ୍ଞ ।

ଜ୍ଞାନେନ୍ଦ୍ରିୟ, ବି. ( ଜ୍ଞାନ-ଇନ୍ଦ୍ରିୟ ) ଚକ୍ଷୁ, କର୍ଣ୍ଣ, ନାସିକା, ଜିହ୍ୱା, ତ୍ୱକ୍—ଏହି ପାଞ୍ଚ ଇନ୍ଦ୍ରିୟ ।

ଜ୍ଞାପନ, ବି. (ଜ୍ଞାପି-ଅନ) ବିଜ୍ଞାପନ, ଜଣାଣ ।

ଜ୍ଞେୟ, ବିଂ. (ଜ୍ଞା-ଯ) ବୋଧଗମ୍ୟ, ଜ୍ଞାତବ୍ୟ ।

ଜ୍ୟା, ବି. ( ଜ୍ୟା-କ୍ୱିପ୍ ) ପୃଥିବୀ, ମାତା, ଧନୁକର ଗୁଣ ।

ଜ୍ୟାମିତି, ବି. (ଜ୍ୟା-ମିତି) କ୍ଷେତ୍ରତତ୍ତ୍ୱ ।

ଜ୍ୟାୟାନ୍, ବି. ( ବୃଦ୍ଧ-ଈୟସ୍ ) ଅଧିକବୟସ୍କ, ଶ୍ରେଷ୍ଠ, ଦୁଇଜଣଙ୍କ ମଧ୍ୟରେ ବଡ଼ ।

ଜ୍ୟେଷ୍ଠ, ବିଂ. (ବୃଦ୍ଧ-ଇଷ୍ଠ) ଅଗ୍ରଜ, ବଡ଼ । (ଦେ) ଜ୍ୟେଷ୍ଠ ମାସ ।

ଜ୍ୟେଷ୍ଠତାତ, ବି. (ଜ୍ୟେଷ୍ଠ-ତାତ) ଜେଠା, ଦଦେଇ, ବାପଙ୍କ ବଡ଼ ଭାଇ ।

ଜ୍ୟେଷ୍ଠା, ବି. ବଡ଼ ଭଉଣୀ, ଅଷ୍ଟାଦଶ ନକ୍ଷତ୍ର ।

ଜୈ୍ୟଷ୍ଠ, ବି. (ଜ୍ୟେଷ୍ଠା-ଅ) ଜ୍ୟେଷ୍ଠ ମାସ, ବୈଶାଖ ପରବର୍ତ୍ତୀ ମାସ ।

ଜ୍ୟୋତିଃ, ବି. (ଦ୍ୟୁତ୍-ଇସ୍ ) ତେଜଃ, ପ୍ରକାଶ, ଦୀପ୍ତି, ଜ୍ୱାଳା, ନକ୍ଷତ୍ର, ଚୈତନ୍ୟ, ଚକ୍ଷୁରିନ୍ଦ୍ରିୟ, ଶସ୍ତ୍ର, ସୂର୍ଯ୍ୟ, ଅଗ୍ନି ।

ଜ୍ୟୋତିର୍ମୟ, ବିଂ. (ଜ୍ୟୋତିଃ-ମୟ) ତେଜୋମୟ, ଜ୍ୟୋତିଃପୂର୍ଣ୍ଣ ।

ଜ୍ୟୋତିରିଙ୍ଗଣ, ବି. ( ଜ୍ୟୋତିସ୍-ଇନ୍ଗ-ଅନ ) ଖଦ୍ୟୋତ, ଜୁଳୁଜୁଳିଆ ପୋକ ।

ଜ୍ୟୋତିର୍ବିଦ୍ }
ଜ୍ୟୋତିର୍ବେତ୍ତା } ବିଂ. ( ଜ୍ୟୋତିସ୍-ବିଦ୍-ଂ,ତୃ ) ଜ୍ୟୋତିଷଶାସ୍ତ୍ରଜ୍ଞ ।

ଜ୍ୟୋତିଃଶାସ୍ତ୍ର, ବି. ଆକାଶସ୍ଥ ଗ୍ରହ ନକ୍ଷତ୍ରାଦିଙ୍କର ଆକାର, ଗତି, ଆକର୍ଷଣ, କାଳ ଓ ସ୍ଥିତି ଏବଂ ତଦନୁସାରେ ଲୋକଙ୍କ ଉପରେ ଫଳାଫଳ ଯେଉଁ ଶାସ୍ତ୍ରରେ ବିଶଦରୂପେ ବର୍ଣ୍ଣିତ ଥାଏ ।

ଜ୍ୟୋତିଶ୍ଚକ୍ର, ବି. ( ଜ୍ୟୋତିଃ-ଚକ୍ର ) ରାଶିଚକ୍ର, ଗ୍ରହନକ୍ଷତ୍ରାଦିଙ୍କ ଚକ୍ରାକାର ଗତି ।

ଜ୍ୟୋତିଷ, ବି. (ଜ୍ୟୋତିଷ୍-ଅ) ଜ୍ୟୋତିଃଶାସ୍ତ୍ର ।

ଜ୍ୟୋତିଷିକ, ବିଂ. (ଜ୍ୟୋତିସ୍-ଇକ) ଜ୍ୟୋତିର୍ବେତ୍ତା ।

ଜ୍ୟୋତିଷୀ, ବିଂ. ( ଜ୍ୟୋତିଷ-ଇନ୍ ) ଗଣକ, ଜ୍ୟୋତିଃଶାସ୍ତ୍ରଜ୍ଞ ।

ଜ୍ୟୋତିଷ୍କ, ବି ( ଜ୍ୟୋତିସ୍-କ ) ଗ୍ରହ ନକ୍ଷତ୍ରାଦି, ମେରୁଶୃଙ୍ଗବିଶେଷ ।

ଜ୍ୟୋତିଷ୍ପଥ, ବି. (ଜ୍ୟୋତିସ୍-ପଥ) ଆକାଶ ।

ଜ୍ୟୋତିଷ୍ମାନ୍, ବିଂ.(ଜ୍ୟୋତିସ୍-ମତୁ) ଜ୍ୟୋତିର୍ବିଶିଷ୍ଟ, ଆଲୋକବିଶିଷ୍ଟ ।

ଜ୍ୟୋତ୍ସ୍ନା, ବି. ( ଜ୍ୟୋତିସ୍-ନ-ଆ ) ଚନ୍ଦ୍ରିକା, ଚନ୍ଦ୍ର-କାନ୍ତି, ଚନ୍ଦ୍ରକିରଣ ।

ଜ୍ୟୋତ୍ସ୍ନୀ, ବି. (ଜ୍ୟୋତ୍ସ୍ନା-ଈ) ଜହ୍ନୀ, ଚନ୍ଦ୍ରିକାଯୁକ୍ତ ରାତ୍ରି ।

ଜ୍ୱର, ବି- (ଜ୍ୱର୍-ଅ) ସନ୍ତାପ, ଗାତ୍ରତାପ, ରୋଗ-
ବିଶେଷ ।

ଜ୍ୱରଘ୍ନ, ବିଂ. (ଜ୍ୱର-ହନ୍-ଅ) ଜ୍ୱରନାଶକ ।

ଜ୍ୱଳତ୍, ବିଂ. (ଜ୍ୱଲ୍-ଅତ୍) ଜଳୁଥିବା, ଜ୍ୱଳନ୍ତ ।

ଜ୍ୱଳନ, ବି. (ଜ୍ୱଲ୍-ଅନ) ଦୀପନ, ଜ୍ୱାଳା, ଅଗ୍ନି ।

ଜ୍ୱଳନ୍ତ, ବିଂ. (ଦେ) ଜଳୁଥିବା, ଜଳନ୍ତା ।

ଜ୍ୱଳିତ, ବିଂ. (ଜ୍ୱଲ୍-ତ) ଦୀପ୍ତ, ଦଗ୍ଧ ।

ଜ୍ୱାଳା, ବି. (ଜ୍ୱଲ୍-ଆ) ଅଗ୍ନିଶିଖା, ଦାହ ।

---

## ଝ

ଝ, ବ୍ୟଞ୍ଜନବର୍ଣ୍ଣର ନବମ ବର୍ଣ୍ଣ । ବି. ବୃହସ୍ପତି,
ଦୈତ୍ୟପତି ।

ଝକମକ, ବି. (ଦେ) ଅଗ୍ନ୍ୟୁତ୍ପାଦକ ପ୍ରସ୍ତରବିଶେଷ ।

ଝକମାରି, ବି. (ଦେ) ଅପରାଧ, ଦୋଷ ।

ଝଗଡ଼ା, ବି. (ଦେ) କଳହ, ବିବାଦ ।

ଝଗଡ଼ି ହେବା, କ୍ରି. (ଦେ) ଅକାରଣେ କଷ୍ଟ ପାଇବା,
ବ୍ୟାକୁଳ ହେବା, ବୃଥା ଗପିବା ।

ଝଙ୍କା ବି. (ଦେ) ବଡ଼ ଝୋକାଳ ।

ଝଙ୍କାର } ବି. ( ଝମ୍-କୃ-ଅ, ତ ) ଧ୍ୱନିବିଶେଷ,
ଝଙ୍କୃତ } ଝନ୍‌ଝନ୍ ଶବ୍ଦ ।

ଝଙ୍କାରିଣୀ, ବି. ସ୍ତ୍ରୀ. ଗଙ୍ଗା ।

ଝଙ୍କାଳଆ, ବିଂ. (ଦେ) ଝାମ୍ପୁଡ଼ା ।

ଝଞ୍ଜଟ, ବି. (ଝନ୍-ଝଟ୍-ଅ) ଗୋଳମାଳ, ଲେଙ୍ଗଗ୍ର ।

ଝଞ୍ଜା, ବି. ଝଡ଼, ବୃଷ୍ଟି, ଧ୍ୱନିବିଶେଷ ।

ଝଞ୍ଜାନିଳ, ଝଞ୍ଜାବାତ } ବି. ( ଝଞ୍ଜା-ଅନିଳ, ବାତ ) ଝଡ଼, ତୋଫାନ ।

ଝଞ୍ଝିର, ବି. (ଦେ) ଶିକୁଳି ।

ଝଟ୍, (ଫଟ୍), କ୍ରି. ବି°. (ଦେ) ଶୀଘ୍ର, ଚଞ୍ଚଳ ।

ଝଟକ, ବି. (ଦେ) ଘାପ୍ତ, କାନ୍ତି, ଶୋଭା ।

ଝଟକା, ବି. (ଯା) ଏକପ୍ରକାର ଘୋଡ଼ାଗାଡ଼ି ।

ଝଟକିବା, କ୍ରି. (ଦେ) ଚକ୍‌ଚକ୍ ହେବା ।

ଝଟଝଟ, ବି. (ଦେ) ଜକ୍‌ଜକ୍, ଉଜ୍ଜ୍ୱଳ ।

ଝଟତି, ଝଟିତି } (ଦେ) କ୍ରି. ବି°. (ଝଟ୍-ଇତି) ଶୀଘ୍ର, ଦ୍ରୁତ, ବେଗ ।

ଝଟା, ବି. ( ଦେ ) ବୃକ୍ଷାଦିର ସରୁ ଶାଖା, ଝାଟି, ଅଳିଆ ।

ଝଟାପଟା, ବି°. ( ଦେ ) ଖୁବ୍ ବେଶୀ ।

ଝଟିକା, ବି. (ଦେ) ତୋଫାନ, ବାତ୍ୟା ।

ଝଡ଼ା, ବି°. (ଦେ) ଖସି ପଡ଼ିଥିବା । ବି. ଭୂତାଦି ଛଡ଼ାଇବା, ଝାଡ଼ିବା ।

ଝଡ଼, (ଡ଼), (ଦେ) ଅବିଶ୍ରାନ୍ତ ବୃଷ୍ଟିପାତ ।

ଝଡ଼ପୋକ, ବି. ( ଦେ ) ପକ୍ଷଯୁକ୍ତ ଉଇ ପିମ୍ପୁଡ଼ି ପ୍ରଭୃତି ।

ଝଡ଼ିବା, କ୍ରି. (ଦେ) ଖସିବା, କମିବା, ଶୁଖିଯିବା ।

ଝଣଝଣ, ଅ°. (ଦେ) ଅଳଙ୍କାର ପ୍ରଭୃତିର ଧ୍ୱନି ।

ଝଣ୍ଟା, ବ. (ଦେ) ଧଣ୍ଟା, ମାଳ ।
ଝପ, ବ. (ଦେ) ନିରନ୍ତର ମନ୍ଦବୃଷ୍ଟି । କ୍ରି. ବିଂ. ଶୀଘ୍ର ।
ଝପଟ, ବ. (ଯାବନିକ) ଦଉଡ଼ ।
ଝବା }
ଝୋବା } ବ. (ଦେ) ଟ୍ଟେଙ୍କ କଳସ ।
ଝମଝମ, ଅଂ. (ଦେ) ଅଳଙ୍କାରାଦିର ଧ୍ୱନି ।
ଝର }
ଝରଣା } ବ. (ଝ-ଅ, ଅନ-ଆ) ଉତ୍ସ, ନିର୍ଝର ।
ଝରକା, ବ. (ଦେଶଜ) ବାତାୟନ, ଖିଡ଼କି ।
ଝରଝର } ଅଂ. (ଦେ) ଜଳାଦିର ପତନ ଶବ୍ଦ ।
ଝର୍ଝର } ବ (ଦେ) ଆନ୍ଦୋଳନ, ଝଟକ ।
ଝରି, ବ (ଦେ) ଫୁଲତୋଡ଼ା, କନ୍ଦରୁ ଝରିଥିବା ଗୁଡ଼, ବାଲୁଙ୍ଗା ।
ଝରିକାଠି, ବ. (ଦେ) ମସ୍ତକର ଅଳଙ୍କାରବିଶେଷ ।
ଝରି, ବ. (ଦେ) ଜଳପାତ୍ରବିଶେଷ, ସୁରେଇ ।
ଝରିବା, କ୍ରି. (ଦେ) କ୍ଷରିବା, ବହିବା ।
ଝଲକା, ବ. (ଦେ) କଣ୍ଠାଳଙ୍କାରବିଶେଷ ।
ଝଲକିବା, କ୍ରି. (ଦେ) ଚହଲିବା, ଚମକିବା, ଝଟକିବା, ଆନ୍ଦୋଳିତ ହେବା ।
ଝଲମଲ, କ୍ରି. ବିଂ. (ଦେ) ଚକ୍‌ମକ୍, ଜକ୍‌ଜକ୍ ।
ଝଲସାଇବା, କ୍ରି. (ଦେ) ଚମକାଇବା, ତେଜରେ ଚକ୍ଷୁ ମୁଦ୍ରିତ କରାଇଦେବା ।
ଝଲସିବା, କ୍ରି. (ଦେ) ଝଟକିବା, ଚମକିବା ।

ଝଳ, ବି॰ (ଦେ) ଉଜ୍ଜ୍ୱଳ, ସୁନ୍ଦର । ବି. ଦୀପ୍ତି, କାନ୍ତି ।

ଝଳିବା, କ୍ରି. ( ଦେ ) ଶୋଭା ପାଇବା, ମିଶି ଏକ ହୋଇଯିବା ।

ଝଲ୍ଲରୀ, ବି. (ଝଲ୍ଲ-ଋ-ଈ) ବାଦ୍ୟବିଶେଷ ।

ଝଷ, ବି. (ଝଷ୍—ଅ) ମତ୍ସ୍ୟ, ତାପ ।

ଝଷକେତନ, (କେତୁ); ବି. (ଝଷ-କେତନ,କେତୁ ) କନ୍ଦର୍ପ, ମୀନକେତନ, ମଦନ, ଅନଙ୍ଗ ।

ଝାଇଁ, ବି. (ପ୍ରା) ମୂର୍ଚ୍ଛା । ବି॰. ଖର, ତୀବ୍ର, ଉତ୍ତପ୍ତ ।

ଝାଉଁ, ବି. (ଦେ) ଏକପ୍ରକାର ଗଛ ।

ଝାଉଁଳିବା, କ୍ରି. ( ଦେ )ମଉଳିଯିବା, ବୃକ୍ଷର ପତ୍ରାଦି ଶୁଖିଯିବା ।

ଝାଙ୍କ, ବି. (ଦେଶଜ) ଦମ୍, ଦଳ, ମଉଡ଼ା ।

ଝାଙ୍କର, ବି. (ଦେ) ଟୋକିଆ ।

ଝାଙ୍କିବା, କ୍ରି. ( ଦେ ) ଟାଣିବା, ଓଟାରିବା, ଲୁଚି ଅନାଇବା, ଅତର୍କିତଭାବରେ ଆକ୍ରମଣ କରିବା, ଚୁଲାଇବା, ମତ୍ତ ହେବା, ଆଉଜିବା ।

ଝାଞ୍ଜ, ବି. (ଦେ) କରତାଳ ।

ଝାଞ୍ଜି, ବି. (ଦେଶଜ) ଗ୍ରୀଷ୍ମ, ଉଷ୍ଣ ପବନ, ତାତ ।

ଝାଡୁଆ, ବି. ( ହିନ୍ଦ, ଝାଡୁଣ ଶବ୍ଦଜ ) ଗୁଞ୍ଚଣୀ, ସମ୍ମାର୍ଜନୀ, ଅଳିଆ ।

ଝାଡ଼, ବି. (ଯାବନିକ) କାଚନିର୍ମିତ ଆଲୋକ ପାତ୍ର-ବିଶେଷ, ଜଙ୍ଗଲ, ବନ ।

ଝାଡ଼ନ୍, ବି. ( ଯା ) ଯେଉଁ କନାରେ ଝଡ଼ାଝଡ଼ି କରାଯାଏ ।

ଝାଡା, ବି. (ଯାବନିକ) ମଳ, ମଳନିଃସାରଣ ।

ଝାଡାକଇ, ବି. ( ଦେଶଜ ) ଝାଡ଼ାବାନ୍ତି, ବିସୂଚିକା ରୋଗ, ଓଲଉଠା ।

ଝାଡ଼ିବା, କ୍ରି. (ଦେ)ସଫା କରିବା, ଭୂତାଦି ଛଡ଼ାଇବା, କମ୍ପାଇବା, ଗାଳିଦେବା ।

ଝାଡ଼ୁ, ବି. (ଯାବନିକ) ସମ୍ମାର୍ଜନୀ, ଗୁଞ୍ଜୁଣୀ ।

ଝାଡ଼ୁଆ, ବିଂ. ( ଦେ ) ଝାଡ଼ ବା ଅରଣ୍ୟବାସୀ, ଆରଣ୍ୟକ ।

ଝାଟକାରେ, କ୍ରି. ବିଂ. (ଦେ) ଶୀଘ୍ର ।

ଝାପ୍‌ସା, ବିଂ. (ଦେ) ଅସ୍ପଷ୍ଟ, କାଲ୍‌କାଲୁଆ ।

ଝାମ,(ମ୍ପ), ବି. (ଦେ) ଅଗ୍ନିପୂର୍ଣ୍ଣ ଗର୍ତ୍ତ, ମୂର୍ଚ୍ଛା, ଚକର ଚତୁର୍ଦ୍ଦିଗରେ ଥିବା ଲୌହବେଷ୍ଟନୀ ।

ଝାମା, ବିଂ. (ଦେ) ବେଶୀ ପୋଡ଼ିଯାଇଥିବା ଇଟା ।

ଝାମ୍ପ, ବି. (ଦେ) କୁଦା, ଲମ୍ଫ ।

ଝାମ୍ପି, ବି. (ଦେ) ପତ୍ରନିର୍ମିତ ଟୋପର ବା ଆବରଣ ।

ଝାମ୍ପିବା, କ୍ରି. ( ଦେ ) ଅତର୍କିତଭାବରେ ଆକ୍ରମଣ କରିବା ।

ଝାମ୍ପୁଲା, ବିଂ. ( ଦେ ) ବହୁବିସ୍ତୃତ, ଛତରା, ଏଣେ-ତେଣେ ବିସ୍ତୃତ ।

ଝାଳ, ବି. (ଦେ) ଘର୍ମ, ସ୍ୱେଦ ।

ଝାଲର, ବି. ( ଦେ ) ଗୃହ ଆ ପ୍ରଭୃତିର ପ୍ରାନ୍ତରେ ଝୁଲୁଥିବା ବସ୍ତ୍ରାଂଶ ।

ଝାଳିବା, କ୍ରି. (ଦେ) ଅଳଙ୍କାରାଦି ମରାମତି କରିବା, ନିର୍ମଳ କରିବା ।

ଝାସ, ବି. (ଦେ) ଆତ୍ମହତ୍ୟା ଉଦ୍ଦେଶ୍ୟରେ ଜଳ ବା ଅଗ୍ନିରେ ପ୍ରବେଶ, ସୂର୍ଯ୍ୟ ଓ ଅଗ୍ନିର ତେଜ ।
ଝିଅ. ବି ( ଦେ ) ଦୁହିତା, ତନୟା ।
ଝିଆରି, ବି. ( ଦେ ) ଘରର ଝିଅ ।
ଝିଙ୍କ, ବି. ପଶୁବିଶେଷ ।
ଝିଙ୍କର, ବି. ( ଦେ ) ବଡ଼ ଗୋଡ଼, ଖପରି ।
ଝିଙ୍କା, ବି. ( ଦେ ) ଚୁଲ୍ଲୀ ଉପରସ୍ଥ ପିଣ୍ଡ । କି. ବିଂ. ଝିଙ୍କିବା, ଓଟାରିବା ।
ଝିଙ୍କାର, ବି. ଝିଲ୍ଲୀ, ପୋକବିଶେଷ ।
ଝିଙ୍କିବା, କି. (ଦେଶଜ) ଓଟାରିବା ।
ଝିଙ୍ଗାସ, ବି. (ଦେ) ଗାଳି, ତିରସ୍କାର ।
ଝିଙ୍ଗାସିବା, କି. (ଦେ) ଗାଳିଦେବା ।
ଝିଞ୍ଜାରିବା, କି. ( ଦେ ) ବିଦାରିବା, ସାରଶୂନ୍ୟ କରିଦେବା ।
ଝିଟିପିଟି, ବି. ଗୃହଗୋଧିକା ।
ଝିଣ୍ଟିକା, ବି. (ଦେ) ପତଙ୍ଗବିଶେଷ ।
ଝିନ, ବିଂ. (ଦେ) ସରୁ, ପାତଳ ।
ଝିମିଝିମି, କି. ବିଂ. ( ଦେ ) ଗଡ଼ଗଡ଼, ଲୋଟି । ବି. ଏକପ୍ରକାର ଗୋଡ଼ବନ୍ଧା ରୋଗ । ବିଂ. ଦୁର୍ବଳ ।
ଝିମିଟ, ବି. (ଦେଶଜ) ମୁହୂର୍ତ୍ତ, ଅଳ୍ପ ସମୟ ।
ଝିମିଟିଖେଳ } ବି. (ଦେ) ଡୁଡୁଖେଳ, ବାଗୁଡ଼ିଖେଳ ।
ଝିମାଣିଖେଳ }
ଝିଲ, ବି. (ଦେ) ଖାଲ, କୋଡ଼, ନାଳୀ ।

ଝିଲି, ବି. (ଦେ) ଏକପ୍ରକାର ପିଠା ।
ଝିଲିପି, ବି. (ଦେ) ଜୁଲୁପି, ଗାଲମୁଣ୍ଡ ।
ଝିଲିମିଲି, ବି. (ଦେ) କବାଟର ଜାଲି ।
ଝିଲ୍ଲିକା } ବି. (ଝିଲ୍ଲି-ଇକ-ଆ, ଈ) ଝିଙ୍କାରି ।
ଝିଲ୍ଲୀ
ଝୁଙ୍କ,(ଙ୍କି), ବି. (ଦେ) ମଉତା, ନିଶା, ଖିଆଲ ।
ଝୁଙ୍କିବା, କ୍ରି. (ଦେ) ନିଶାରେ ଢୁଳାଇବା, ନଇଁପଡ଼ିବା, ଆକୃଷ୍ଟ ହେବା ।
ଝୁଟା, ବିଂ. (ଯା) ମିଥ୍ୟା, ଅଇଁଠା, କୃତ୍ରିମ ।
ଝୁଣା, ବି. (ପ୍ରା) ସାଳଗଛର ନିର୍ଯ୍ୟାସ ବା ଅଠା ।
ଝୁଣିବା, କ୍ରି. ( ଦେ ) ଶୋଷଣ କରିବା, କାମୁଡ଼ି ଝିଙ୍କିବା ।
ଝୁଣ୍ଟା, (ଦେବା), (ଦେ) ସ୍ଥିଣଦେବା, ଶପଥ ପକାଇବା ।
ଝୁଣ୍ଟିଆ, ବି. (ଦେ) ପାଦାଙ୍ଗୁଳିର ଅଳଙ୍କାରବିଶେଷ ।
ଝୁଣ୍ଟିବା, କ୍ରି. ( ଦେ ) ଚାଲିବାବେଳେ ପାଦର ଆଙ୍ଗୁଠିରେ ଆଘାତ ଲାଗିବା ।
ଝୁମିଝୁମି, କ୍ରି. ବିଂ. (ଦେ) ଘୁମାଇ ଘୁମାଇ ।
ଝୁମୁକା, ବି. (ଦେ) ଖେଳିବା ପଦାର୍ଥବିଶେଷ, ବୃକ୍ଷବିଶେଷ, କର୍ଣ୍ଣାଳଙ୍କାରବିଶେଷ ।
ଝୁମ୍‌ଝୁମ୍‌, ଅଂ. (ଦେ) ଅଳଙ୍କାରାଦିର ମଧୁର ଧ୍ୱନି ।
ଝୁମ୍ପା, ବି. (ଦେଶଜ) ଫୁଲ୍ଲି, ଗୁଚ୍ଛ ।
ଝୁମ୍ପି, ବି. (ଦେ) ଏକପ୍ରକାର ମସ୍ତକ ଓ କର୍ଣ୍ଣଭୂଷଣ ।
ଝୁମ୍ପୁଡ଼ି, ବି. ( ଦେ ) ଶାକବିଶେଷ, ଗୁଳ୍ମବିଶେଷ ।

ଝୁଙ୍ଗ, ବି. ( ଦେ ) ଶଗଡର ଅଗ୍ରଭାଗ, ଶଗଡ଼ର ଜୁଆଳି, ଶଗଡ଼ର ଆଗ ଗରୁଆ ହେବା, ଗୁଣ୍ଡ, ଚୂନା ।

ଝୁରିବା, କ୍ରି. (ଦେ) ଅଶ୍ରୁ ପାତ ସହ ପ୍ରିୟ ଲୋକର ଗୁଣ ସ୍ମରଣ କରିବା ।

ଝୁଲ, ବି. (ପ୍ରା) ଅଳଙ୍କୃ, ଅଗ୍ନିକଣା, ମୟୂରପୁଚ୍ଛ ।

ଝୁଲଣ, ବି. ( ଦେ ) ଦେବତାଙ୍କର ଝୁଲିବା ଉତ୍ସବ, ଗନ୍ଧାପୂର୍ଣ୍ଣିମା ଉତ୍ସବ ।

ଝୁଲଣା, ବି. (ଦେ) ଦୋଳି ।

ଝୁଲା, ବି. ( ଦେ ) ଯେ ଝୁଲେ, ଝୁଲିବା, ସଙ୍ଗୀତର ତାଳବିଶେଷ, ମୁଣି ।

ଝୁଲାଇବା, କ୍ରି. (ଦେ) ଲଟକାଇବା, ଦୋହଲାଇବା ।

ଝୁଲି, ବି. (ଯା) ମୁଣି, କୋଥଳି ।

ଝୁଲିବା, କ୍ରି. (ଦେ) ଦୋହଲିବା, ହଲିବା ।

ଝୋଟ, ବି. (ଦେ)ଲଳିତା ଛଣପଟ ପ୍ରଭୃତିର ସୂକ୍ଷ୍ମମୟ ବଳ୍କଳ ।

ଝୋଟି. ବି. (ଦେ) ମୁରୁଜ ବା ପିଠାଉର ଚନ୍ଦ ।

ଝୋଳ, ବି. (ଦେ) ଅଣ ।

ଝୋଲମାରିବା, କ୍ରି. (ଦେ) ଅଚେତ ହେବା ।

ଝୋବା, ବି. (ଦେ) ଗ୍ରେଟ ମାଠିଆ ।

---

## ଞ

ଞ, ବ୍ୟଞ୍ଜନବର୍ଣ୍ଣର ଦଶମ ବର୍ଣ୍ଣ । ବି. ଶବ୍ଦ, ଯୋଗୀ, କ୍ରୁର, ଶୁକ୍ରାଚାର୍ଯ୍ୟ ।

## ଟ

ଟ, ବ୍ୟଞ୍ଜନବର୍ଣ୍ଣର ଏକାଦଶ ବର୍ଣ୍ଣ । ବ. ଶବ୍ଦ, ପାଦ, ଶିବ, ବାମନ ।

ଟଉ, ବ. (ଦେ) ଏକପ୍ରକାର ମିଶ୍ର ଧାତୁ ।

ଟକ,(ର), ବ. (ଦେଶଜ) ଲାଳସା ।

ଟକଟକ, କ୍ରି. ବିଂ. ( ଦେ ) ଚଞ୍ଚଳ, ବେଦନା-ବିଶେଷ ।

ଟକ୍କର, ବ. (ଯାବନିକ) ବାଜି ମାରିବା, ସମକକ୍ଷତା, ପ୍ରତିଯୋଗିତା ।

ଟକରା, (ଳା), ବିଂ. (ଦେଶଜ) ଠାପୁଆ, ଅଳସୁଆ ।

ଟଗର, ବ. (ଦେ) ପୁଷ୍ପବିଶେଷ, ବୃକ୍ଷବିଶେଷ ।

ଟଙ୍କ, ବ. (ଟନ୍କ୍-ଅ) ଟାଙ୍ଗୀ, ମୂନା, ଖଡ୍ଗକୋଷ ।

ଟଙ୍କଧର, ବ. (ଟଙ୍କ-ଧୃ-ଅ) ମହାଦେବ ।

ଟଙ୍କା, ବ. (ଟନ୍କ ଶବ୍ଦଜ) ରୌପ୍ୟମୁଦ୍ରା ।

ଟଙ୍କାର, ବ. (ଟଂ-କୃ-ଅ) ଧନୁଗୁଣର ଶବ୍ଦ, ବିସ୍ମୟ, ଆଶ୍ଚର୍ଯ୍ୟ ।

ଟଙ୍କି, ବ. ( ଦେ ) ବାଲେଶ୍ୱର ଜମିରେ ଏକପ୍ରକାର ରାଜକର, ନିଷ୍କରଭୂମି ।

ଟଙ୍କିଳ, ବିଂ. (ଦେ) ପ୍ରସ୍ତରମୟ, ପାହାଡ଼ମୟ ।

ଟଙ୍ଗାଇବା, କ୍ରି. (ଦେ) ଝୁଲାଇବା, ଲଟକାଇବା ।

ଟଣକା, ବ. (ଦେ) ଟାଣି ଧରିଥିବା ଦଉଡି ।

ଟଣାଟଣି, କ୍ରି. ବିଂ. (ଦେ) ଓଟରାଓଟର ।

ଟପଟପ, ଅଂ. (ଦେ) ଜଳବିନ୍ଦୁର ପତନଶବ୍ଦ ।

ଟପା, ବ. (ଦେ) ଗୀତ, ଦୂତ, ଡ଼ଗରା, ଡାକହରକରା ।

ଟପାଳିଆ, ବି°. (ଦେ) ପଛଗରୁଆ ।
ଟପିବା, କ୍ରି. (ଦେ) ବଳିବା, ଅତିକ୍ରମ କରିବା ।
ଟଖି, ବି. (ଦେ) ଫଳବିଶେଷ ।
ଟମକ, ବି. (ଦେଶଜ) ଧେଣ୍ଡୁରା, ଡେଙ୍ଗୁରା, ଘୋଷଣା ।
ଟମଟମ୍, ବି. (ଯା) ଏକପ୍ରକାର ଦୁଇଚକିଆ ଗାଡ଼ି ।
ଟର୍ଣ୍ଣି, ବି. (ବୈ) ତରଣୀ ବା ଟରଣୀ, ଓକିଲଙ୍କପାଇଁ ମକଦ୍ଦମ ସଂଗ୍ରହକାରୀ ।

ଟଳଟଳ, ଟଳମଳ } ବି°. (ଦେ) ଅସ୍ଥିର, ଚଞ୍ଚଳ ।

ଟଳିବା, କ୍ରି. ( ଦେ ) ଗଡ଼ିପଡ଼ିବା, ଦୋହଲିବା, ହଟିବା, ଅନ୍ୟଥା ହେବା, ଅଗ୍ରାହ ହେବା ।
ଟବ୍, ବି. (ବୈ) ଫୁଲକୁଣ୍ଡ, ନାନ୍ଦଆ । ଅ°. ଜଳରେ ପତନଶବ୍ଦ ।
ଟହକ, ବି°. (ଦେ) ସୁନ୍ଦର, ରକ୍ତବର୍ଣ୍ଣ ।
ଟହଟହ, ବି°. (ଦେ) ଅତି ଲାଲ୍ ।
ଟହଲ, ବି. (ହି) ବୁଲିବା ।
ଟହଲିଆ, ବି. (ଦେ) ସେବକ, ଭ୍ରମଣକାରୀ ।
ଟା, ଅ°. (ଦେ) ଅବଜ୍ଞାସୂଚକ,ଶବ୍ଦ ଶେଷରେ ପ୍ରଯୁକ୍ତ ଅବ୍ୟୟ ।
ଟାଆଁସା, ବି°. (ଦେ) କଠିନ, କର୍କଶ ।
ଟାଉଟାଉ, କ୍ରି. ବି°. (ଦେ) ତରତର ।
ଟାକର, ବି. (ଦେ) ଅଙ୍ଗୁଳିଗ୍ରନ୍ଥିରେ ଆଘାତ, ଠଣା ।
ଟାକରା, ବି (ଦେ) ଜିହ୍ୱାର ଶବ୍ଦବିଶେଷ ।

ଟାକବା, କ୍ରି. (ଦେଶଜ) ଜଗି ବସିବା, ଅପେକ୍ଷା କର ରହିବା ।

ଟାକୁଆ, ବି. (ଦେ) ଆମ୍ବଖାଜ, ମିଷ୍ଟାନ୍ନବିଶେଷ, ଦଉଡ଼ି କାଟିବା ଯନ୍ତ୍ରବିଶେଷ ।

ଟାଙ୍ଗ, ବି. (ଦେ) ଜଙ୍ଘ, ନଳୀଗୋଡ଼ ।

ଟାଙ୍କଶାଳା, ବି. (ଦେ) ମୁଦ୍ରାଶାଳା, ଯେଉଁଠାରେ ଟଙ୍କା ତିଆର ହୁଏ ।

ଟାଙ୍କିବା, କ୍ରି. (ଦେ) ସିଲାଇ କରିବା, ହାତରେ ଓଜନ ଅନୁମାନ କରିବା ।

ଟାଙ୍କୁ, ବିଂ. (ଦେ) ଉଇହୁଣୀ, ଉଇଘର ।

ଟାଙ୍କେ, କ୍ରି. ବିଂ. (ଦେ) ପ୍ରଚୁରପରିମାଣରେ ।

ଟାଙ୍ଗଣ, ବି. (ଦେ) ଟଟୁଘୋଡ଼ା ।

ଟାଙ୍ଗଣା, ବି. (ଦେ) ସୋହାଗା ।

ଟାଙ୍ଗର, (ରା), ବି. (ଦେ) ପ୍ରସ୍ତରମୟ ପ୍ରଦେଶ, କେଶଶୂନ୍ୟ ମସ୍ତକ, ଚନ୍ଦା ।

ଟାଙ୍ଗା, ବି. (ଯା) ଦୁଇଚକିଆ ଘୋଡ଼ାଗାଡ଼ିବିଶେଷ ।

ଟାଙ୍ଗି, ବି. (ଦେ) ପ୍ରସ୍ତରମୟ ସ୍ଥାନ ।

ଟାଙ୍ଗିଆ } ବି. (ପ୍ରା) କୁଠାରବିଶେଷ ।
ଟାଙ୍ଗୀ

ଟାଙ୍ଗିବା, କ୍ରି. (ଦେ) ଲଟକାଇବା ।

ଟାଣ, ବିଂ. (ଦେଶଜ) ଶକ୍ତ, କଠିନ । ବି. ଗୁମାନ, ଅହଙ୍କାର ।

ଟାଣି, ବି. (ଦେ) ଲୁଗାରେ ଲମ୍ବଭାଗରେ ଥିବା ସୂତା ।

ଟାଣିବା, କ୍ରି. (ଦେ) ଓଟାଉବା, ଝିଙ୍କିବା ।

ଟାପରା, ବି. (ଦେଶଜ) ପରିହାସ, ଥଟ୍ଟା ।

ଟାପୁ, ବି (ଦେଶଜ) ଦ୍ୱୀପ, ପଶୁମାନଙ୍କର ପାଦ ।

ଟାଳ, ବି. (ଦେ) କଣ୍ଠ, ଛଳନାଦ୍ୱାରା କାଳକ୍ଷେପ ।

ଟାଲ୍, ବି. ଶ୍ଳେଟ ଗଡ଼ିଆ, ପାଣିନାଳ ।

ଟାଳିବା, କ୍ରି. (ଦେ) ଅଯଥା ବିଳମ୍ବ କରିବା, ଘୁଞ୍ଚିବା, ଅନ୍ୟଥା କରିବା ।

ଟାହୁ, ବି (ଦେ) ପରିହାସ ।

ଟାହୁଲି, ବି. (ଦେ) ଥଟ୍ଟା, ପରିହାସ ।

ଟି, ଅଂ. (ଦେ) ଆଦର, ପ୍ରଶ୍ନ ଓ ନିଶ୍ଚୟାର୍ଥବୋଧକ ଅବ୍ୟୟ ।

ଟିଆ, ବି. (ଦେ) ଶୁଆ, ପକ୍ଷିବିଶେଷ ।

ଟିକ
ଟିକକ } ବିଂ. (ଦେଶଜ) ଅଳ୍ପ, ଅଳ୍ପକ, ସାମାନ୍ୟ ।

ଟିକ୍‌ଟିକ୍, ବି. (ଦେ) ଅରଣ୍ୟଗୃହୀ ପକ୍ଷିବିଶେଷ ।

ଟିକରା, ବି. (ଦେ) ଉଇହୁଙ୍କା ।

ଟିକା, ବି. (ଦେ) ତିଳକବିନ୍ଦୁ, ଗୋବୀଜ ଗ୍ରହଣ । ବିଂ. ଶ୍ରେଷ୍ଠ, ପ୍ରଧାନ ।

ଟିକାୟ(ଇ)ତ, ବି. (ଦେ) ରାଜପୁତ୍ର, ରାଜାଙ୍କ ନିକଟରେ ଉପାଧିପ୍ରାପ୍ତ ।

ଟିକା(କ)ଏ, ଅଂ (ଦେ) ଅଳ୍ପ, କିଞ୍ଚିତ, କ୍ଷୁଦ୍ର ।

ଟିକଆ, ବିଂ. (ଦେ) ଚୂନା ଅଙ୍ଗାରର ଚକି ।

ଟିକଟିକ, ବିଂ. (ଦେ) ଖଣ୍ଡଖଣ୍ଡ, କ୍ଷୁଦ୍ର ଅଂଶ ।

ଟିକଲି, ବି. ( ଦେ ) ସ୍ତ୍ରୀମାନେ ମୁଣ୍ଡରେ ଯେଉଁ ଗୋଲାକାର ଟିକା ଧେନନ୍ତି ।

ଟିଙ୍କ, ବି. (ଦେ) ଗୋରୁ ଦେହର କୀଟବିଶେଷ ।

ଟିଟିଭ, ବି. (ଟିଟି-ଭଷ୍-ଅ) ଟେଁଟେଁଯ୍ବା ପକ୍ଷୀ ।

ଟିଣା, ବିଂ. (ଦେଶଜ) ରଗୀ ।

ଟିଣିଆ, ବି. (ଦେ) ଖେରଞ୍ଜଗଛ ।

ଟିନ<br>ଟିଣ } ବି. (ଇଂରାଜୀ) ଉପଧାତୁବିଶେଷ ।

ଟିପ, ବି. (ଦେ) ଆଙ୍ଗୁଠିର ଶେଷ ପବର ସମ୍ମୁଖ ଭାଗ, ସ୍ୱଳ୍ପ ଦୋଷାରୋପ ।

ଟିପଣା, ବି. ( ଦେ ) ସ୍ମରଣାର୍ଥ କଟ୍ଟୁ ଲେଖି ରଖିବା, ଜାତକର ସଂକ୍ଷେପ ।

ଟିପ୍ପଣୀ, ବି. (ଟିପ୍-ପନ୍-ଅ-ଈ) ସଂକ୍ଷିପ୍ତ ଟୀକା ।

ଟିପା (ପୋ)ଇ, ବି. ( ଦେ ) ଶଗଡ଼ ଝୁରୁ ଟେକି ରଖିବାରେ ବ୍ୟବହୃତ ଦୋକନା କାଠ, ତିନ ଗୋଡ଼ିଆ ମେଜ ।

ଟିପିବା, କ୍ରି. (ଦେ) ସ୍ମରଣାର୍ଥ ଲେଖି ରଖିବା ।

ଟିପିଦେବା, କ୍ରି. (ଦେ) ସଙ୍କେତ କରିବା ।

ଟିମା, ବିଂ. (ଦେ) ଗେଡ଼ା, ବାଙ୍ଗରା ।

ଟିହ୍ବାଇବା, କ୍ରି. (ଦେ) ଉତ୍ତେଜିତ କରିବା, ତେଜିବା ।

ଟୀକା, ବି. (ଟୀକ୍-ଅ-ଆ) ବିବୃତି, ବ୍ୟାଖ୍ୟା । (ଦେ) ତିଲକ, ଶ୍ରେଷ୍ଠ ।

ଟୀକାକାର, ବି. (ଟୀକା-କୃ-ଅ) ବ୍ୟାଖ୍ୟା ଲେଖକ ।

ଟୁକୁଣା, ବ. (ପ୍ରା) ଡାଳ, ଗୋଟା ।

ଟୁଙ୍ଗା, ବ. (ଦେ) ବନ୍ୟ ମୂଳବିଶେଷ ।

ଟୁଙ୍ଗୀ, ବ. (ଦେ) କ୍ଷୁଦ୍ର ଗୃହ ।

ଟୁଣୁକା }
ଟୁଣା } ବ. (ଦେ) ତୁଟୁକା ଔଷଧ ।

ଟୁଗ୍ର, ବ. (ସଂ) ଛେଉଣ୍ଡ, ପିତୃମାତୃହୀନ ।

ଟେକ, ବ. (ଦେ) ଗୁମାନ, ବଡ଼ିମା, ଠାଣି ।

ଟେକା, ବ. (ଦେ) ଲୋଷ୍ଟ୍ର, ମୃତ୍ତିକାଖଣ୍ଡ ।

ଟେକାଟେକ, ବ. (ଦେ) ଘେନାଘେନ ଖୁସାମତ, ତୋଷାମଦ, ଗୃଟୁ, ଉପରକୁ ଟେକିବା ।

ଟେକିବା, କ୍ରି. (ଦେ) ଉତ୍ତୋଳନ କରିବା ।

ଟେଙ୍କର, ବ. (ସଂ) ବିଲୁଙ୍ଗ ।

ଟେଣ୍ଟାଇ, ବ. (ଦେ) ଟିଁ ଟିଁ ଆ ଚଢ଼େଇ ।

ଟେର୍, ବ. (ଦେ) ସନ୍ଧାନ ।

ଟେର, ବଂ. ( ଦେ ) ଯାହାର ଚକ୍ଷୁ ବଙ୍କା । ସ୍ତ୍ରୀ. ଟେରୀ ।

ଟେରିବାଡ଼, ବ. (ଯା) ପରଦା, କନାତାଟି ।

ଟେଲା, ବ. (ଦେ) ଟେକା, ଲୋଷ୍ଟ ।

ଟେଲିଗ୍ରାଫ,(ମ୍),ବ.(ଇଂ. Telegram)ତାରବାର୍ତ୍ତା ।

ଟେବୁଲ, ବ. (ଇଂ. Table) ମେଜ ।

ଟେହ୍ଵିବା, କ୍ରି. (ଦେ) ଉଦ୍ଗେଲିବା, ପ୍ରବର୍ତ୍ତାଇବା ।

ଟୋକା, ବ. (ଦେ) ପିଲା, ବାଳକ । କୀ, ସ୍ତ୍ରୀ. ବାଳିକା ।

ଟୋକାଇ, ବ. (ଦେ) ବାଉଁଶ କିମ୍ବା ବେତନିର୍ମିତ ପାତ୍ରବିଶେଷ ।

ଝୋଙ୍କିବା, କ୍ରି. (ଦେ) ଖୁଣ୍ପିବା, ମାରିବା, ଖୁଣ୍ପି ଖାଇବା ।

ଝୋକା
ଝୋକଲୀ } ବି. (ଦେ) ଅଳ୍ପବୟସ୍କା ସ୍ତ୍ରୀ, ବାଳିକା ।

ଝୋପ, ବି. (ଦେ) ଖାଲ, କାରାଗାର, ହାତୀଧରା ଗାତ ।

ଝୋପର, ବି. (ଦେ) ବନ୍ୟ ପକ୍ଷିବିଶେଷ, ପତ୍ର ବା ବାଉଁଶନିର୍ମିତ ମୁଣ୍ଡର ଆବରଣ ।

ଝୋପା, ବି. (ଦେ) ବନ୍ଧୁ ।

ଝୋପି
ଝୋପୀ } ବି. (ଦେ) ଶିରସ୍ତ୍ରାଣ, ମସ୍ତକାବରଣ । ଜାଲକବନ୍ଧ, କ୍ଷୁଦ୍ର ଜାଲ ।

ଝୋଲ, ବି. (ବଙ୍ଗଭାଷା) ଚତୁଷ୍ପାଠୀ, ସଂସ୍କୃତ ପାଠଶାଳା ।

ଝୋଲି, ବିଂ. (ଦେ) ଚେପା ।

---

## ଠ

ଠ, ବ୍ୟଞ୍ଜନବର୍ଣ୍ଣର ଦ୍ୱାଦଶ ବର୍ଣ୍ଣ । ବି. ଶିବ, ଚନ୍ଦ୍ରମଣ୍ଡଳ, ଶୂନ୍ୟ ।

ଠଉର, ବି. (ପ୍ରା) ଠିକଣା ।

ଠଉରାଇବା, କ୍ରି. (ଦେ) ଅନୁମାନ କରିବା, ଖୋଜିବା ।

ଠଉରିବା, କ୍ରି. (ଦେ) ସ୍ଥିର ରହିବା ।

ଠକି } ବିଂ. (ଦେ) ପ୍ରତାରକ ।
ଠଗ }

ଠକାଇବା, କି. (ଦେ) ପ୍ରତାରିତ କରିବା, ଆଶ୍ରୟ କରିବା ।

ଠକାମି, ବି. (ଦେ) ପ୍ରତାରଣା ।

ଠକାର, ବିଂ. (ଦେ) ଠକାମି, ସଙ୍କେତ ।

ଠକିବା କି. ( ଦେ ) ପ୍ରତାରଣା କରିବା, ପ୍ରତାରିତ ହେବା ।

ଠଣ, ବି. (ଦେ) ଗଠନ, ଅଙ୍ଗଶୋଭା ।

ଠଣା, ବି. (ଦେ) ଥାକ, କାନ୍ଥଖୋଳା, ମସ୍ତକରେ ଅଙ୍ଗୁଳି ଆଘାତ ।

ଠସ, ବି. (ଦେ) ଗୁଞ୍ଜ, ପରିହାସ ।

ଠସା, ବି. (ଦେ) ହାପସି, ଥଣ୍ଡା ।

ଠା, ବି. ( ଦେ ) ସ୍ଥାନ, ଜାଗା, ଭୋଜନର ଆୟୋଜନ ।

ଠାଇଁ, ବି. (ଦେ) ସ୍ଥାନରେ, ବିଧବାର ପୁନର୍ବିବାହ, ଥୁଆଥୋଇ ।

ଠାକିବା, କି. (ଦେ) ସ୍ଥିର ହୋଇ ରହିବା ।

ଠାକୁର, ବି. ( ଦେ ) ଦେବତା, ପ୍ରଭୁ । ସ୍ତ୍ରୀ. ଠାକୁରାଣୀ ।

ଠାଣି } ବି ( ଦେ ) ପ୍ରକାର, ଅଙ୍ଗଭଙ୍ଗି, ଶୋଭା,
ଠାଣୀ } ଆକୃତି ।

ଠାପୁଆ ବିଂ. (ଦେ) ଅଳସୁଆ ।

ଠାବ, ବି. (ଦେ) ସ୍ଥାନ, ଠିକଣା ।

ଠାର, ବି. (ଦେ) ଇଙ୍ଗିତ, ସଙ୍କେତ ।

ଠାରିବା, କ୍ରି. (ଦେ) ସଙ୍କେତ କରିବା ।

ଠିଆ, ବି. (ଦେ) ଛିଡ଼ା, ଉଭା ।

ଠିକ୍, ବିଂ. (ଦେ) ସମର୍ଥନ, ଯଥାର୍ଥ, ଉଚିତ ।

ଠିକ, ବି. (ଦେ) ଠୁଳ, ଗାଏ, ମୋଟ ।

ଠିକଣା, ବି. (ଦେ) ନିଦର୍ଶନ, ଠାବ ।

ଠିକା, ବି. ( ଦେ ) ଅତିରିକ୍ତ, ସାମୟିକ, ନିଦିଷ୍ଟ-ସୂଚକ ।

ଠିକାଦାର, ବି. (ଯା) କଣ୍ଟ୍ରାକ୍ଟର, କାନ୍‌ଟ୍ରାଟ ।

ଠକିବା, କ୍ରି. ( ଦେ ) ବାଧା ପାଇବା, ଆଘାତ ପାଇବା ।

ଠୁକ(ଙ୍କି)ବା, କ୍ରି. ( ଦେ ) ଆଘାତ ପାଇବା, ପ୍ରହାର କରିବା ।

ଠୁଣୁଠୁଣୁ(କା),କଆ, (ଦେ) ଗୁଟୁକା ଔଷଧ ।

ଠୁଷ୍ଟ, ବିଂ. (ଦେଶଜ) ବାଙ୍ଗର, ଶ୍ରେଷ୍ଠ ।

ଠୁଳ, ବିଂ. (ଦେଶଜ) ଏକତ୍ର, ସମୂହ, ଭୁଣ୍ଡ ।

ଠେକ, ବି. (ଦେ )ଅବଲମ୍ବନ, ଆଶ୍ରୟ ।

ଠେକା, ବି. (ଦେ) ପଗଡ଼ ।

ଠେକି, ବି. (ଦେ) ଖଣ୍ଡ, ମୃତ୍ତିକାପାତ୍ରବିଶେଷ ।

ଠେକୁଆ, ବି. (ଦେଶଜ) ଶଶକ, ମୃଗବିଶେଷ ।

ଠେଙ୍ଗ, ବିଂ. (ଦେ) ନଳିଗୋଡ଼, ଉଚ୍ଚଭୂମି ।

ଠେଙ୍ଗା, ବି. (ଦେ) ବଡ଼ ବାଡ଼ି ।

ଠେଙ୍ଗ } ବି. (ଦେ) ହାଡ଼ର ଗଣ୍ଠି, ଗୋଷ୍ଠ ବାଡ଼ି ।
ଠେଙ୍ଗେ }

ଠେଲିବା, କ୍ରି. (ଦେ) ପେଲିବା ।

ଠେସ } ବି. (ଦେ) ଅବଲମ୍ବନ, ଆଶ୍ରୟ ।
ଠେଁସ }

ଠେଁସା, ବିଂ. (ଦେ) ଠାପୁଆ, ଗାଲୁଆ । ବି. ପେଲା ।

ଠେଁସିବା, କ୍ରି. (ଦେ) ପେଲିବା, ନ ମାନିବା, ଲଙ୍ଘିବା ।

ଠୋ, ଅଂ. (ଅନୁକରଣ ଶବ୍ଦ) ଶବ୍ଦବିଶେଷ ।

ଠୋକର, ବିଂ. (ଯାବନିକ) ବାଧା ଆଘାତ ।

ଠୋଲା, ବି. (ଦେଶଜ) ପତ୍ରନିର୍ମିତ ପାତ୍ର ।

ଠୋସ୍, ବି. (ଦେ) ଦମ୍ଭ, ତ୍ରାଣ, ଆଣ୍ଠୁ ।

ଠୌର, ବିଂ. (ଦେ) ଅନ୍ଦାଜ, ଠକଣା ।

---

# ଡ

ଡ, ବ୍ୟଞ୍ଜନବର୍ଣ୍ଣର ତ୍ରୟୋଦଶ ବର୍ଣ୍ଣ । ବି. ଶିବ, ଶବ୍ଦ, ତ୍ରାସ ।

ଡଉଁରିଆ, ବି. ( ଦେଶଜ ) ହସ୍ତ ବା କଣ୍ଠାଭରଣ, ଅଳଙ୍କାରବିଶେଷ ।

ଡଉଲ, ବିଂ. (ଦେଶଜ) ସୁନ୍ଦର । ବି. ଗଠନ, ଷଡ଼

ଡକାଏତ, ବି. (ଯା) ଖଣ୍ଟ, ଖଳଲୋକ ।

ଡଗଡଗ, କ୍ରି. ବିଂ. ( ଦେ ) ଶୀଘ୍ର ଶୀଘ୍ର, ଚଞ୍ଚଳ ଚଞ୍ଚଳ ।

ଡ଼ଗର, ବି. (ଦେଶଜ) ଚର, ଦୂତ ।

ଡଗର, ବି. (ଦେ) ଦୂତ, ପ୍ରଚାରକ, ଅଗ୍ରଗାମୀ ଦୂତ
ଡଙ୍କ, ବି. (ଦେଶଜ) ଲତାର ଶାଖାବିଶେଷ ।
ଡଙ୍କା, ବି. (ଦେ) ଅଣକ ।
ଡଙ୍କି, ବି. (ଦେ) ସାନ ଗୃମୁର ।
ଡଙ୍କୁଣୀ, ବି. (ଦେ) ଡାଆଣୀ ।
ଡଙ୍ଗା, ବି. (ଦେ) ନୌକା, ଜଳଯାନ ।
ଡଜନ, ବି. (ଇଂ. dozen) ୧୨ ଗୋଟା ପରିମାଣ ।
ଡମ, ବି. (ଦେ) ନୀଚଜାତିବିଶେଷ ।
ଡମଣ,(ଣି), ବି. ( ଦେ ) କବାଟରେ ଲଗାଇବା ଏକପ୍ରକାର କବ୍ଜା ।
ଡମରୁ, ବି, (ଡମ୍-ଋ-ଉ) ବାଦ୍ୟବିଶେଷ ।
ଡମ୍ଭା, ବିଂ. (ଦେ) ଉଦ୍ଧତ, ଆଗଲବାଲ, ଡବଡବା ।
ଡମ୍ବର, ବିଂ. (ଦେ) ଉଦ୍ଧତ । ବି. ଆଡ଼ମ୍ବର ।
ଡର, ବି. (ହିନ୍ଦ, ଦର ଶବ୍ଦଜ) ଭୟ ।
ଡରକୁଳା, ଡରୁଆ } ବିଂ. (ଦେ) ଭୟାକୁ ।
ଡରାଇବା, କ୍ରି. (ଦେ) ଭୟ ଦେଖାଇବା ।
ଡରାଣ, ବି. (ଦେ) ଭୟ ।
ଡରିବା, କ୍ରି. (ଦେ) ଭୀତ ହେବା ।
ଡବଡବା, ବିଂ. (ଦେଶଜ) ଡମ୍ଭା, ଯାହାର ପେଟରେ କଥା ରହେ ନାହିଁ ।
ଡହକ, ଡହଡହ } ବିଂ. (ଦେ) ଗରମ, ଉତ୍ତପ୍ତ ।

ଡହଳବକଳ, ବିଂ. (ଦେ) ଶୋକାକୁଳ ।
ଡାଆ(ହା)ଣା, ବିଂ. (ଦେଶଜ) ଲେଖ୍ଣ, ଉଙ୍କ ।
ଡାଆ(ହା)ଣୀ, ବ. (ପ୍ରା) ଯୋଗିନୀ ।
ଡାଆଁଶ, ବି. (ପ୍ରା) ଦଂଶକ, ପଶୁଦଂଶକ ମକ୍ଷିକା ।
ଡାକ, ବ. ଆହ୍ୱାନ, ଶବ୍ଦ, ସମ୍ବାଦ ।
ଡାକଘର, ବ. (ଦେ) ପୋଷ୍ଟ ଅଫିସ୍ ।
ଡାକରା, ବ (ଦେ) ନିମନ୍ତ୍ରଣ ।
ଡାକି, ବ (ଦେ) ଡମରୁ ।
ଡାକିନୀ, ବ. (ଡାକ-ଇନ୍-ଈ) ଡାହାଣୀ, ପିଶାଚୀ ।
ଡାକୁ, ବିଂ. (ଦେଶଜ) ବିଖ୍ୟାତ ।
ଡାକୁଆ, ବିଂ. (ଦେଶଜ) ଆହ୍ୱାନକାରୀ ।
ଡାଗରପୁଆ. ବ. (ଦେ) ଏକପ୍ରକାର କାଠିଖେଳ ।
ଡାଗରା, ବ. ( ଦେ ) ବଡ଼ ଉକୁଣୀ, କେଶକୀଟ ।
ଡାଙ୍କେଣୀ, ବ. (ଦେ) ଡାହାଣୀ ।
ଡାଙ୍ଗ, ବ. (ଦେଶଜ) ଗୁଟି, ପାଞ୍ଚଣ ।
ଡାମର, ବ. ( ଡମ୍-ଅର ) ତନ୍ତ୍ରଶାସ୍ତ୍ରବିଶେଷ । ବିଂ. ଉଦ୍ଧତ ।
ଡାମରାକୁଆ, ବ ବଡ଼ ବଡ଼ କାଉ ।
ଡାମ୍ପଣ, ବ. (ଦେ) ବଡ଼ ଝୁଣ୍ଟି ।
ଡାଳ, ବ. (ଦେ) ଶାଖା ।
ଡାଳଖାଇ, ବ. ( ଦେ ) ଦେବୀବିଶେଷ, ଅସଭ୍ୟ ସ୍ତ୍ରୀମାନଙ୍କ ନୃତ୍ୟବିଶେଷ ।
ଡାଳଚନ୍ଦ୍ର, ବ. (ଦେ) ଗୁଡ଼ତ୍ୱକ୍ ।

ଡାଲ୍ଲି, ବି. (ଦେ) ଗୁଙ୍ଗୁଡ଼ି ।

ଡାଲି, ବି. (ଦେଶଜ) ହରଡ଼, ମୁଗ ପ୍ରଭୃତି ଶସ୍ୟ, ଖାଦ୍ୟଦ୍ରବ୍ୟବିଶେଷ ।

ଡାଳିମ, ବି. (ଦଳ-ଅ-ଇମ) ଡାଳିମ୍ବଗଛ ଓ ଫଳ ।

ଡାଳିମ୍ବ, ବି. (ଦେ) ଡାଳିମ ।

ଡାଳୁଅ, ବି (ଦେ) ଧାନ୍ୟବିଶେଷ ।

ଡାବ, ବି. ଔଷଧଡାଲିକା, ନାଲି ନଡ଼ିଆ, ଡାଲିକା ।

ଡାହା, ବିଂ. (ଦେ) ସମ୍ପୂର୍ଣ୍ଣ, ଉତ୍ତପ୍ତ, ପୋଡ଼ା ।

ଡାହାଣ, ବି. (ଦେ) ଦକ୍ଷିଣ ।

ଡାହାଣା, ବିଂ. (ଦେ) ଖାଦ୍ୟଲୋଭୀ ।

ଡାହୁ, ବି. (ଦେ) କ୍ଷୁଦ୍ର ଶାଖା ।

ଡାହୁକ, ବି. (ଦେ) କଳକଣ୍ଠ, ପକ୍ଷିବିଶେଷ ।

ଡିଆଁ, ବିଂ. ( ଦେ ) ଡିଆଁମକ । ବି. କୁଦା, ଲମ୍ଫ, ଡେଇଁକରି ଯିବା ବାଟ ।

ଡିଗିର, (ଗ୍ରି), ବି. (ଇଂ) ଡିକ୍ରି, ମକଦ୍ଦମାରେ ଜୟ ।

ଡିଙ୍ଗର, ବି. (ଡିନ୍ଗ୍-ଅର) ସେବକ, ଦାସ, ନୀଚ-ଲୋକ । ବିଂ. ଶଠ, ଧୂର୍ତ୍ତ ।

ଡିଙ୍ଗା, ବି. (ଦେଶଜ) ବଡ଼ ଉକୁଣୀ ।

ଡିଣ୍ଡିମ, ବି. ( ଡିଣ୍ଡି-ମି-ଅ ) ନାଗରା, ବାଦ୍ୟଯନ୍ତ୍ର-ବିଶେଷ ।

ଡିମିର, ବି. (ଦେ) ଉଦୁମ୍ବର, ଫଳବିଶେଷ ।

ଡିମ୍ବ, ବି (ଡିନ୍ବ୍-ଅ) ଅଣ୍ଡା ।

ଡମ୍ବଜ, ବି. (ଡିମ୍ବ—ଜନ୍-ଅ) ପକ୍ଷୀ, ଯେଉଁମାନେ ଡିମ୍ବରୁ ଜନ୍ମନ୍ତି ।

ଡିମ୍ଭ
ଡିମ୍ଭକ } ବି. (ଡିମ୍ଭ୍-ଅ, ଅକ) ଶିଶୁ ।

ଡିବା, ବି. ( ଦେ ) ପାନ ରଖିବାର ପାତ୍ର, କ୍ଷୁଦ୍ର ମାପପାତ୍ରବିଶେଷ ।

ଡିବି, (ରି), ବି. ( ଦେ ) କର୍ପୂରମିଶା ଜାଳିବାର ଉପଯୋଗୀ ପ୍ରଦୀପବିଶେଷ ।

ଡିବନିବ, ଅଂ. ଧ୍ୱନିବିଶେଷ, କୃତ୍ରିମ ଧ୍ୱନି ।

ଡିହ, ବି. (ଦେ) ବାସଯୋଗ୍ୟ ଉଚ୍ଚ ଭୂମି, ଯଷ୍ଟ୍ୟଗ୍ର ଆଘାତ ।

ଡୁଇଁ, ବି. (ଦେ) ବ୍ୟାକୁଳ ।

ଡୁଗି, ବି. (ଦେ) ତାବଲ ସଙ୍ଗେ ଯେଉଁ ଯନ୍ତ୍ର ବଜା ହୁଏ, ଡୁବ ।

ଡୁଡୁ, ବି. (ଦେ) ଏକପ୍ରକାର ଖେଳ ।

ଡୁଣ୍ଡୁ
ଡୁଣ୍ଡୁଭ } ବି. (ଡୁଣ୍ଡୁ-ଭ) ଧଣ୍ଡ ସାପ ।

ଡୁବନ, ବି, (ଦେ) ନିମଜ୍ଜନ, ଅବଗାହନ ।

ଡୁବ, ବି. ( ଦେ ) ନିମଜ୍ଜନ, ଡୁଗି ।

ଡୁବିବା, କ୍ରି. (ଦେ) ଜଳରେ ବୁଡ଼ିବା, ଅସ୍ତ ହେବା ।

ଡେଇଁବା, କ୍ରି. (ଦେ) କୁଦିବା, ଲମ୍ଫଦେବା ।

ଡେକଚି, ବି. (ଯା) ଧାତୁନିର୍ମିତ ପାକପାତ୍ର ।

ଡେଙ୍ଗା, ବିଂ. (ଦେ) ଲମ୍ବା, ଅତି ଉଚ୍ଚ ।

ଡେଙ୍ଗୁର, ବି. (ଦେ) ନାଗର ।
ଡେଣା, ବି. (ଦେ) ପକ୍ଷ, ହାତ ।
ଡେଣୁଆ, ବି. (ଦେ) ପଥରର ଡେଲା, ଟେକା ।
ଡେମ୍ଫ, ବି. (ଦେ) ଫଳ ଓ ଫଳର ନାଡ଼, ଏକ ପ୍ରକାର ବାଦ୍ୟ ।
ଡେରା, ବି. (ଯାବନିକ) ବସ୍ତ୍ରନିର୍ମିତ ଗୃହ, ବସା ଘର ।
ଡେର, ବି. (ଦେ) ବିଳମ୍ବ, ଉଚ୍ଚୁର ।
ଡେରିବା, କ୍ରି. (ଦେ) ପାତିବା, ସଜଖାଇବା ।
ଡେବିର, ବି. ( ଦେ ) ବାମଭାଗ ।
ଡୋମ } ବି. ନୀଚଜାତିବିଶେଷ ।
ଡମ
ଡୋର } ବି. (ଦୋଷ-ର-ଅ,କ) ରଜ୍ଜୁ, ତାଗ ପ୍ରଭୃତି ।
ଡୋରକ
ଡୋରା, ବି. (ଦେ) ଶିରା, ଲମ୍ବା ରେଖା ।
ଡୋରି, ବି. (ଦେ) ସ୍ନେହରଜ୍ଜୁ, ସରୁ ଦଉଡ଼ି ।
ଡୋରିଆ, ବିଂ. ( ଦେ ) ଗାରଗାରିକିଆ, ରେଖା-ରଞ୍ଜିତ ବସ୍ତ୍ରବିଶେଷ ।
ଡୋଳା, ବି. (ଦେ) ଆଖିର ପିତୁଳା ।
ଡୋଲ୍, ବି. (ଦେ) ଖଟିଆ ।
ଡୋଲି, ବି. (ପ୍ରା) ଖଟିଆ, ସ୍ତ୍ରୀରପାଲ୍ଙ୍କି ଯାନ-ବିଶେଷ, ଧାନ୍ୟାଦି ରଖିବାର ପାତ୍ରବିଶେଷ ।
ଡୌଲ, ବି. ( ଦେ ) ଢଙ୍ଗ, ଆଚରଣ, ରୀତି, ବ୍ୟବହାର, ଆକୃତି । ବିଂ. ସୁନ୍ଦର ।

# ଛ

ଛ, ବ୍ୟଞ୍ଜନବର୍ଣ୍ଣର ଚତୁର୍ଦ୍ଦଶ ବର୍ଣ୍ଣ । ବି. ଛକ୍କା, କୁକ୍କୁର, ସର୍ପ, ଧ୍ୱଜ । ବିଂ. ନିର୍ଗୁଣ ।

ଛକ୍କା, ବି. (ଛକ୍-କୈ-ଅ) ମଞ୍ଚହ, ଢୋଲ ।

ଛକ୍କାର, ବି. ହାକୁଟି ।

ଛଗ, ବି. ( ଦେ ) ପ୍ରବଚନ, ଉଦାହରଣ ଛଳରେ ସ୍ତ୍ରୀଲୋକମାନଙ୍କ କହିବା କଥା ।

ଛଙ୍ଗ, ବି. (ଦେ) ଆଚରଣ, ଭଙ୍ଗୀ ।

ଛଣା, ବିଂ. (ଦେ) ପରିଶ୍ରାନ୍ତ । ବି. କ୍ଲାନ୍ତି, ଅବସାଦ ।

ଛଣୁଆ, ବିଂ. (ଦେଶଜ) ଦୁଧିଆଳୀ । ବି. ଦୁହାଁଳ ଗାଈ ।

ଛପ, ବି. (ଦେଶଜ) ଛବି, ରୂପ ।

ଛମ, ବି. (ଦେଶଜ) ଗର୍ବ, ବଡ଼ାଇ ।

ଛମଣା, ବି. (ଦେ) ଏକପ୍ରକାର ବିଷହୀନ ବଡ଼ ସାପ ।

ଛମା, ବି. ( ଦେ ) ଗୋରୁ ପ୍ରଭୃତିଙ୍କୁ ଖୁଆଇବାର ପାତ୍ରବିଶେଷ ।

ଛମାଳୀ, ବି (ଦେ) ଉପକଥା ।

ଛଳଛଳ, କ୍ରି. ବି. (ଦେ) ଅସ୍ଥିର, ଚଞ୍ଚଳ ।

ଛଳା, ବିଂ. (ଦେ) ଗୁଞ୍ଚରେ ତରଳ ଧାତୁରେ ଗଢ଼ା ହୋଇଥିବା । ବି. ଇଡ଼ିବା, ଇଡ଼ା ।

ଛଳିବା, କ୍ରି. (ଦେ) ଟଳିବା, ଆଉଜିବା ।

ଛ଼ବା, ବିଂ. (ଦେ) ପୋଲ୍ଲ, ଆଟ ବା କୋଠା ଘର ।

ଢାଇ, (ଦେଶଜ) ମୁଣ୍ଡ ଲଢ଼ାଇ ।
ଢାଉ, ବି. (ଦେ) ଗେରୁ, ଲାଲ ମାଟି ।
ଢାଉଁଢାଉଁ, ଅଂ. (ଦେ) ବାଦ୍ୟଯନ୍ତ୍ରର ଶବ୍ଦବିଶେଷ ।
ଢାଙ୍କିବା, କ୍ରି. (ଦେ) ଘୋଡ଼ାଇ ରଖିବା ।
ଢାଙ୍କୁଣି, ବି. (ଦେ) ଆବରଣ ପାତ୍ର ।
ଢାଲ, ବି. (ଯା) ଫଳକ ।
ଢାଳ, ବି. (ଦେ) ଧାତୁନିର୍ମିତ ଜଳପାତ୍ର ।
ଢାଳିବା, କ୍ରି. (ଦେ) ଅଜାଡ଼ିବା, ନଗାଡିବା ।
ଢାଲୁ, ବିଂ. (ଦେ) ଗଡ଼ାଣିଆ ।
ଢାଳେ, ବିଂ. (ଦେ) ବାରେ, ଥରେ ।
ଢିଙ୍କି ବି. (ଦେ) ଧାନ କୁଟିବାର ଯନ୍ତ୍ରବିଶେଷ ।
ଢିଙ୍କିଶାଳ, ବି. (ଦେ) ଯେଉଁ ଘରେ ଢିଙ୍କି ଥାଏ ।
ଢିପ, ବିଂ. (ଦେ) ଉଚ୍ଚ ସ୍ଥାନ, କୁଦ ।
ଢିମା, ବି. (ଦେ) କ୍ଷୁଦ୍ର କ୍ଷୁଦ୍ର ପ୍ରସ୍ତରଖଣ୍ଡ ।
ଢିଗ, ବି. (ଦେଶଜ) ଠେକ ।
ଢିଲା, ବିଂ. (ହିନ୍ଦି) ଢୁଗୁଲା, ଶିଥିଳ ।
ଢୁଆ, ବି. (ଦେ) ଦୋହା, ସଙ୍ଗୀତାଦିର ଘୋଷା ।
ଢୁମ୍ପା, ବି. ( ଦେ , ବାଦ୍ୟଯନ୍ତ୍ର, ଗୀତବିଶେଷ ।
ଢୁଳ, ବି. (ଦେ) ତନ୍ଦ୍ରା, ନିଦ୍ରାବେଶ ।
ଢୁଳାଇବା, କ୍ରି. (ଦେ) ଘୁମାଇବା ।
ଢୁଳୁଢୁଳୁ, କ୍ରି. ବିଂ. (ଦେ) ନିଦ୍ରାରେ ଘାରି ହୋଇ ।
ଢେଉ, ବି. ଲହରୀ, ତରଙ୍ଗ ।
ଢେଙ୍କା, ବି. (ଦେ) ଢିବି ।

ଢେମଣା, ବି. (ଦେ) ଜାର, ଉପପତି, ସର୍ପବିଶେଷ ।
ଢେର୍, ବିଂ. (ଧ୍ୱା) ବହୁତ, ଅଧିକ, ଯଥେଷ୍ଟ ।
ଢେଲା, ବି. (ଦେଶଜ) ଢେକା, ଲୋଷ୍ଟ୍ର ।
ଢୋକ, ବି. (ଦେ) ଥରକେ ଯେତେ ପାଣି ପିଆ ଯାଏ, କଳ ।
ଢୋକାଇବା, କ୍ରି.(ଦେ) ମୃତ୍ୟୁ ପୂର୍ବରେ ଶେଷ ହିକ୍କା ଉଠିବା ।
ଢୋକିବା, କ୍ରି. (ଦେ) ଉଦରସ୍ଥ କରିବା, ପିଇବା ।
ଢୋକେ, କ୍ରି.ବିଂ. (ଦେ) ଏକ ଢୋକ ପରିମାଣରେ । ବି. ଏକ ଚଳ ପରିମିତ ।
ଢୋଲ, ଢୋଲକ } ବି. (ଢୁଲ୍-ଅ, କ) ବାଦ୍ୟଯନ୍ତ୍ରବିଶେଷ, ଅନ୍ତ୍ରଲପେଟ, ପେଟ ।
ଢୋଲା, ବିଂ. (ଦେ) ଫମ୍ପା, ପେଟୁ ।
ଢୋଲିଆ, ବିଂ. ବାଦ୍ୟକାର ।
ଢୌକନ, ବି. ( ଢୌକ୍-ଅନ ) ଗମନ, ଉତ୍କୋଚ ।

---

# ଣ

ଣ, ବ୍ୟଞ୍ଜନବର୍ଣ୍ଣର ପଞ୍ଚଦଶ ବର୍ଣ୍ଣ । ବି. ଜ୍ଞାନ,ନିର୍ଣ୍ଣୟ, ନିଶ୍ଚୟ, ଶିବ, ଭୂଷଣ, ଜଳାଶୟ ।
ଣତ୍ୱବିଧାନ, ବି ( ଣତ୍ୱ-ବିଧାନ ) 'ନ'ର ଣରେ ପରିଣତ ହେବା ବିଷୟକ ବ୍ୟାକରଣବିଧି ।
ଣ୍ୟ, ବି. ବ୍ରହ୍ମଲୋକସ୍ଥ ସରୋବରବିଶେଷ ।

---

# ତ

ତ, ବ୍ୟଞ୍ଜନବର୍ଣ୍ଣର ଷୋଡ଼ଶ ବର୍ଣ୍ଣ । ବି. (ତକ୍-ଅ) ଚୌର, ବୃଷ ଅମୃତ, ପୁଚ୍ଛ, ମ୍ଳେଚ୍ଛ ।

ତଅଁର, ବି. (ଦେଶଜ) ରଞ୍ଜିତ ସୂତ୍ରବିଶେଷ ।

ତଅଁରା, ବି. (ଦେ) ଏକଜାତୀୟ ଅନାର୍ଯ୍ୟ, ବାଉରୀ ।

ତଇ, ବି. (ଦେ) ଏକପ୍ରକାର ଚଟକା କରେଇ ।

ତଇଲା, ବି. ( ଦେ ) ଜଙ୍ଗଲ କାଟି ଯେଉଁ ଜମିରେ ଗୃଷ ଆବାଦ କରାଯାଏ ।

ତଉଁରୀ, ବି. (ଦେଶଜ) ଲୁଗାବିଶେଷ ।

ତଉଲିଆ, ବି. (ଯା) ମୋଟା ସ୍ତୁଳ ଗାମୁଛା ।

ତଉଲିବା, କି. (ଦେ) ଓଜନ କରିବା ।

ତକମା, ବି. (ଯା) ପଦକ ।

ତକରାର, ବି. (ଯା) କଳହ, କଜିଆ ।

ତକାତକି, ବି (ଦେ) ପରସ୍ପର ପ୍ରତି ଅପେକ୍ଷା ।

ତକିଆ, ବି. (ଦେ) ମାଣ୍ଡି, ଉପଧାନ ।

ତକ୍ତପୋଷ, ବି. (ଯା) ଖଟ, କାଷ୍ଠନିର୍ମିତ ଶଯ୍ୟା ।

ତକ୍ତା, ବି. (ଯାବନିକ) କାଠ ପଟା ।

ତକ୍ର, ବି. (ତକ୍-ର) ଦୁଗ୍ଧବିକାର, ଘୋଳ ଦହି ।

ତକ୍ଷକ, ବି. ( ତକ୍ଷ୍-ଅକ ) ନାଗବିଶେଷ, ବଢ଼େଇ ।

ତକ୍ଷଣ, ବି. (ତକ୍ଷ୍-ଅନ) ରନ୍ଧା, କୃଶକରଣ, ପରିଷ୍କାର କରଣ ।

ତକ୍ଷଣେ, କି. ବି°. (ଦେ) ସେହି କ୍ଷଣରେ, ଶୀଘ୍ର

ତକ୍ଷା, ବ. (ତକ୍ଷ-ଅନ୍-ଆ) ବିଶ୍ୱକର୍ମା, ଚନ୍ଦ୍ରାନକ୍ଷତ୍ର ।
ତଗର, ବି. (ତ-ଗୃ-ଅ) ଟଗର ଫୁଲ ଓ ଗଛ ।
ତଗାବି, ବି. (ଯା) କୃଷିର ଉନ୍ନତିପାଇଁ ସରକାର ପ୍ରଜାମାନଙ୍କୁ ଯେଉଁ ଋଣ ଦିଅନ୍ତି ।
ତଙ୍କ, ବି. (ତଙ୍କ୍-ଅ) ପୁଆଣି, ପଥର କାଟିବାର ଅସ୍ତ୍ରବିଶେଷ ।
ତଜବିଜ, (ଆରବୀ) ଅନୁମାନ, ବିଚାର, ପରୀକ୍ଷା ।
ତଞ୍ଚକ, ବି°. (ବଞ୍ଚକ ଶବ୍ଦଜ) ପ୍ରବଞ୍ଚକ, ପ୍ରତାରକ ।
ତଞ୍ଚକତା, ବି. (ଦେ) ପ୍ରବଞ୍ଚନା, ଶଠତା ।
ତଟ, ବି. (ତଟ୍-ଅ) କୂଳ, ତୀର ।
ତଟକା, ବି°. (ଯାବନିକ) ସଦ୍ୟ ।
ତଟସ୍ଥ, ବି°. (ତଟ-ସ୍ଥା-ଅ) ତୀରସ୍ଥ, ମଧ୍ୟସ୍ଥ, ଚମତ୍କୃତ ।
ତଟୀ } ବି. (ତଟ-ଈ, ତଟ-ଇନ୍-ଈ) ନଦୀ,
ତଟିନୀ } ନିମ୍ନଗା ।
ତଟୁ, ବି. (ଯା) ସାନ ଘୋଡ଼ା ।
ତଡ଼, ବି. ପ୍ରାନ୍ତ । କ୍ରି. ବାହାର କରିଦିଅ ।
ତଡ଼କା,(କି), ବି. (ଦେ) କଣ୍ଠିଭୂଷଣବିଶେଷ ।
ତଡ଼ତଡ଼ } ବି°. (ଦେ) ଝଟିତି, ଚଞ୍ଚଳ ।
ତଡ଼ବଡ଼ }
ତଡ଼ପ, ବି. (ଦେ) ଉତ୍ତମ ବସ୍ତ୍ର ।
ତଡ଼ାଇବା, କ୍ରି. (ଦେ) ଦୂର କରିଦେବା ।
ତଡାଉ, ବି. (ଦେ) ପୋଷାକ ।
ତଡ଼ାଗ, ବି. (ତଡ୍-ଅଗ-ଅ) ବୃହତ ପୁଷ୍କରିଣୀ ।

ତଡ଼ାପଡ଼ବା, କ୍ରି. (ଦେ) ସ୍ତବ୍ଧ ହେବା ।

ତଡ଼ିତ୍, ବି. (ତଡ଼୍-ଇତ୍) ବିଦ୍ୟୁତ୍, ବିଜୁଳି ।

ତଡ଼ିତ୍ୱାନ୍, ବି. (ତଡ଼ିତ୍-ବତ୍) ମେଘ ।

ତଡ଼ିବା, କ୍ରି. (ଦେ) ବଳପୂର୍ବକ ବାହାର କରିଦେବା ।

ତଣ୍ଟା, ବି. (ଦେ) ଅଡ଼ୁଆ, ଆପଦ ।

ତଣ୍ଟି, ବି. (ଦେ) କଣ୍ଠ, ବେକ ।

ତଣ୍ଟିଆ, ବି, ( ଦେ ) ଗଳାରେ ହସ୍ତ ଦେଇ ଠେଲି ଦେବା ।

ତଣ୍ଡ, ବି. (ଦେ) ଜରିମାନା, ଅର୍ଥଦଣ୍ଡ ।

ତଣ୍ଡକ, ବି. (ତନ୍ଡ୍-ଅକ ) ଖଞ୍ଜନ ପକ୍ଷୀ, ଫେଣ । ବିଂ. ବିନାଶକ ।

ତଣ୍ଡି, ବି. ତୃଣବିଶେଷ, କାଶଗଛ ।

ତଣ୍ଡିବା, କ୍ରି (ଦେ) ଜରିମାନା କରିବା ।

ତଣ୍ଡୁଳ, ବି. (ତଣ୍ଡ୍-ଉଳ) ଗୃଉଳ ।

ତତ, ବିଂ. (ତନ୍-ତ) ବିସ୍ତୃତ ।

ତତଲା, ବିଂ. (ଦେ) ଉଷ୍ଣ, ଗରମ ।

ତତଃ, ଅଂ. (ତତ୍-ତସ୍) ତଦନନ୍ତର, ସେହି ନିମିତ୍ତ ।

ତତେଇବା, କ୍ରି. (ଦେ) ଉତ୍ତପ୍ତ କରିବା ।

ତତ୍, ଅଂ. ସେ, ସେହି । ବିଂ. ବିସ୍ତାରକ ।

ତତ୍କାଳ, ବି. (ତତ୍-କାଳ) ସେହି ସମୟ, । କ୍ରି. ବିଂ. ଶୀଘ୍ର, ହଠାତ୍ ।

ତତ୍କାଳିକ } ବିଂ. ( ତତ୍-କାଳ-ଇକ, ଇନ )
ତତ୍କାଳୀନ } ତଦାତ୍ମାନ୍ତ୍ନ ସେହି କାଳରେ ଘଟିଥିବା ।

ତତ୍କ୍ଷଣାତ୍, ଅଂ. (ତତ୍-କ୍ଷଣ-ଆତ୍) ସେହିକ୍ଷଣି ।

ତତ୍ତୁଲ୍ୟ ବିଂ. (ତଦ୍-ତୁଲ୍ୟ) ତାହାର ସମାନ ।

ତତ୍ତ୍ୱ, ବି. ( ତଦ୍-ତ୍ୱ ) ଈଶ୍ୱର, ବ୍ରହ୍ମ, ସତ୍ୟ, ଅନ୍ୱେଷଣ, ନିୟମ ।

ତତ୍ତ୍ୱଜିଜ୍ଞାସୁ, ବିଂ. (ତତ୍ତ୍ୱ-ଜ୍ଞା-ସନ୍-ଉ) ଯେଉଁ ବ୍ୟକ୍ତି ବ୍ରହ୍ମ ବିଷୟ ଜାଣିବାକୁ ଇଚ୍ଛା କରେ ।

ତତ୍ତ୍ୱଜ୍ଞ, ତତ୍ତ୍ୱଜ୍ଞାନୀ, ତତ୍ତ୍ୱଦର୍ଶୀ, ତତ୍ତ୍ୱବିଦ୍ } ବିଂ. ( ତତ୍ତ୍ୱ-ଜ୍ଞା-ଅ, ଜ୍ଞାନ-ଇନ୍, ଦୃଶ୍-ଇନ୍, ବିଦ୍-୦ ) ବ୍ରହ୍ମଜ୍ଞାନୀ, ଯଥାର୍ଥଜ୍ଞ, ଜ୍ଞାନୀ, ଦର୍ଶନଶାସ୍ତ୍ରନିପୁଣ ।

ତତ୍ତ୍ୱାବଧାନ, ବି. (ତତ୍ତ୍ୱ-ଅବଧାନ) ଅଧ୍ୟକ୍ଷତା କରିବା ।

ତତ୍ତ୍ୱାବଧାୟକ, ବିଂ. ( ତତ୍ତ୍ୱ ଅବ-ଧୈ-ଅକ ) ତତ୍ତ୍ୱାବଧାନକାରୀ ।

ତତ୍ତ୍ୱାବଧାରକ, ବିଂ. (ତତ୍ତ୍ୱ-ଅବ-ଧୃ-ଅକ) ଅଭିଭାବକ ।

ତତ୍ତ୍ୱାବଧାରଣ, ବି. ( ତତ୍ତ୍ୱ-ଅବଧାରଣ ) ଯଥାର୍ଥ-ବୋଧ, ବିଷୟାଦିର ସ୍ୱରୂପ ନିର୍ଣ୍ଣୟ ।

ତତ୍ପର, ବିଂ. (ତଦ୍-ପର) ଆସକ୍ତ, ବ୍ୟଗ୍ର, ନିପୁଣ ।

ତତ୍ପରତା, ବି. ( ତଦ୍-ପର-ତା ) ସଚେଷ୍ଟତା, ଦକ୍ଷତା, ନିପୁଣତା ।

ତତ୍ପରାୟଣ, ବିଂ. ( ତଦ୍-ପରାୟଣ ) ତଦାସକ୍ତ, ତଦାଶ୍ରିତ ।

ତତ୍ପୁରୁଷ, ବି. (ତଦ୍-ପୁରୁଷ) ସମାସବିଶେଷ, ପରମ ପୁରୁଷ ।

ତତ୍ର, ଅଂ. (ତଦ୍-ତ୍ର) ସେଠାରେ, ତଦ୍‌ବିଷୟରେ ।

ତତ୍ରତ୍ୟ, ବିଂ. ( ତତ୍ର-ତ୍ୟ ) ତତ୍ସ୍ଥାନଜାତ, ସେଠାକାର ।

ତଥାପି, ଅଂ. (ତତ୍-ଅପି) ତଥାଚ, ତେବେହେଁ ।

ତଥା, ଅଂ. (ତଦ୍-ଥା) ସେହି ପ୍ରକାର, ତଥ୍ୟ, ସତ୍ୟ, ଏବଂ, ଆହୁରି ।

ତଥାଚ } ଅଂ. ( ତଥା-ଚ, ଅପି ) ତତ୍ରାପି,
ତଥାପି } ତେବେହେଁ, ତନ୍ନିମିତ୍ତ ।

ତଥାବିଧ, ବିଂ. (ତଥା-ବିଧା) ତାଦୃଶ, ସେହିପରି ।

ତଥାସ୍ତୁ, ଅଂ. (ତଥା-ଅସ୍ତୁ) ତାହାହେଉ ।

ତଥି, ସ. (ତତ୍ ଶବ୍ଦଜ) ତହିଁ, ସେଠାରେ ।

ତଥୈବ, ଅଂ. (ତଥା-ଏବ) ସେହି ପ୍ରକାର ।

ତଥ୍ୟ, ବି. (ତଥା-ଯ) ଯଥାର୍ଥ, ପ୍ରକୃତ ଅବସ୍ଥା । ବିଂ. ସତ୍ୟ, ପ୍ରକୃତ ।

ତଦନନ୍ତର, ଅଂ. (ତଦ୍-ଅନନ୍ତର) ତହିଁ ଉତ୍ତାରୁ ।

ତଦନୁଯାୟୀ } ବିଂ. ( ତତ୍-ଅନୁଯାୟୀ, ଅନୁରୂପ )
ତଦନୁରୂପ } ସେହିପରି, ତାଦୃଶ, ତତ୍ତୁଲ୍ୟ ।

ତଦନ୍ତ, ବି. (ତଦ୍-ଅନ୍ତ) ଅନୁସନ୍ଧାନ ।

ତଦପି, ଅଂ. (ତଦ୍-ଅପି) ତଥାପି ।

ତଦବଧି, ଅଂ. ( ତଦ୍-ଅବଧି ) ସେହିଠାରୁ, ତଦା-ପ୍ରଭୃତି ।

ତଦବସ୍ଥ, ବିଂ. (ତଦ୍-ଅବ-ସ୍ଥା-ଅ) ସେହିପରି ।

ତଦର୍ଥ, (ର୍ଥେ), କ୍ରି. ବିଂ. ସେହି ହେତୁରୁ, ତନ୍ନିମିତ୍ତ

ତଦା, ଅଂ. (ତଦ୍-ଦା) ସେହି ସମୟରେ ।

ତଦାନୀଂ, ଅଂ. (ତଦ୍-ଦାନୀଂ) ସେତେବେଳେ ।
ତଦାନୀନ୍ତନ, ବିଂ. (ତଦାନୀଂ-ତନ) ତତ୍କାଳୀନ ।
ତଦାରଖ୍, ବି. (ଯା) ଅନୁସନ୍ଧାନ ।
ତଦୀୟ, ବିଂ. (ତତ୍-ଈୟ) ତତ୍ ସମ୍ବନ୍ଧୀୟ ।
ତଦ୍, ସ. (ତନ୍-ଅଦ୍) ସେ, ସେହି ।
ତଦ୍‌ଗତ, ବି. (ତଦ୍-ଗତ) ଏକାଗ୍ର, ଅନନ୍ୟବିଷ୍ଟ ।
ତଦ୍‌ପର, ବିଂ. (ତଦ୍-ପର) ତତ୍ପର, ସେହିପର ।
ତଦ୍‌ବିଧ, ବିଂ. (ତଦ୍-ବିଧା-ଅ) ତଥାବିଧ, ସେହିପ୍ରକାର ।
ତଦ୍‌ବୀର, ବି. (ହିନ୍ଦ) ଚେଷ୍ଟା, ଯତ୍ନ, ଉଦ୍ଯୋଗ ।
ତଦ୍ରୂପ, ବିଂ. (ତଦ୍-ରୂପ) ସେହିପରି ।
ତଦ୍ଧିତ, ବିଂ. (ତତ୍-ହିତ) ଶବ୍ଦରୁ ଉତ୍ତର ପ୍ରତ୍ୟୟ କରି ଯେଉଁ ସବୁ ପଦ ନିଷ୍ପନ୍ନ ହୁଏ । ବିଂ. ତଦ୍‌ବିଷୟରେ ଉପଯୁକ୍ତ ।
ତନଖା, ବି (ହିନ୍ଦ) ଦରମା ।
ତନୟ, ବି. (ତନ୍-ଅୟ) ପୁତ୍ର । ସ୍ତ୍ରୀ. ୟା, କନ୍ୟା ।
ତନୟିତ୍ନୁ, ବି. (ତନ-ଇତ୍ନୁ) ବଜ୍ର, ମେଘ ।
ତନୁ, ତନୂ } ବି. (ତନ୍-ଉ,ଊ) ଶରୀର, ମୂର୍ତ୍ତି । ବିଂ. ଅଳ୍ପ, କୃଶ, ସୂକ୍ଷ୍ମ, କୋମଳ ।
ତନୁଚ୍ଛଦ, ବି. (ତନୁ-ଛଦ୍-ଅ) ବର୍ମ, କବଚ ।
ତନୁଜ, ବି. ( ତନୁ-ଜନ୍-ଅ ) ପୁତ୍ର । ସ୍ତ୍ରୀ. ଜା, ଝିଅ ।
ତନୁତ୍ୟାଗ, ବି. (ତନୁ-ତ୍ୟାଗ) ମରଣ, ମୃତ୍ୟୁ ।
ତନୁଭୃତ୍, ବି. (ତନୁ-ଭୃ-୦) ପ୍ରାଣୀ, ଜୀବ ।
ତନୁମଧ୍ୟା, ବିଂ. ସ୍ତ୍ରୀ. (ତନୁ-ମଧ୍ୟ) କୃଶାଙ୍ଗୀ, କୃଶକଟି ।

ତନୂନ, ବି. (ତନୁ-ଊନ) ବାୟୁ, ପବନ ।
ତନ୍ତ୍ର, ବି. (ତନ୍ ଧାତୁଜ) ଲୁଗା ବୁଣିବାର ଯନ୍ତ୍ର ।
ତନ୍ତ୍ରୀ, ବି. (ତେ) ଯେ ଲୁଗା ବୁଣେ, ତନ୍ତୁବାୟ ।
ତନ୍ତୁ, ବି. (ତନ୍-ତୁ) ସୂତ, ତାର ।
ତନ୍ତୁକୀଟ } ବି. ବୁଢ଼ିଆଣୀ, ମାକଡ଼ସା ।
ତନ୍ତୁନାଭ }
ତନ୍ତୁବାପ } ବି. ତନ୍ତ୍ରୀ, ମାକଡ଼ସା ।
ତନ୍ତୁବାୟ }
ତନ୍ତ୍ର, ବି. (ତନ-ତ୍ର) ଶିବୋକ୍ତ ଗ୍ରନ୍ଥବିଶେଷ । ବିଂ. ଅଧୀନ ।
ତନ୍ତ୍ରୀ, ବି. ( ତନ୍ତ୍ର-ଈ ) ବୀଣା, ବୀଣାପ୍ରଭୃତିର ତାର ।
ତନ୍ତ୍ରୀପାଳ, ବି, ବିରାଟ ରାଜ୍ୟରେ ଅବସ୍ଥାନ ସମୟରେ ସହଦେବ ଏହି ନାମ ଧାରଣ କରିଥିଲେ ।
ତନ୍ଦ୍ରା, ବି. (ତନ୍ଦ୍ର-ଅ-ଆ) ଅଳ୍ପ ନିଦ୍ରା, ନିଦ୍ରାବେଶ ।
ତନ୍ଦ୍ରାଳୁ } ବିଂ. ( ତନ୍ଦ୍ରା-ଆଳୁ, ଇତ ) ନିଦ୍ରାଳୁ, କ୍ଳାନ୍ତ ।
ତନ୍ଦ୍ରିତ }
ତନ୍ନତନ୍ନ, କ୍ରି, ବିଂ. (ତଦ୍-ନ, ଦ୍ୱିତ୍ୱ) ପୁଙ୍ଖାନୁପୁଙ୍ଖ, ସୂକ୍ଷ୍ମାନୁସୂକ୍ଷ୍ମ, ଖଣ୍ଡ ଖଣ୍ଡ ।
ତନ୍ମୟ, ବିଂ. (ତଦ୍-ମୟ) ତଦାତ୍ମକ, ତତ୍ସ୍ୱରୂପ ।
ତନ୍ୱୀ, ବିଂ. ସ୍ତ୍ରୀ. (ତନୁ-ଈ) କ୍ଷୀଣୀ, କୃଶାଙ୍ଗୀ ।
ତପ, ବି. (ତପ୍-ଅ) ଗ୍ରୀଷ୍ମକାଳ ।
ତପତ୍ତି, ବି. ( ତପ-ଅତ୍-ଇ ) ସୂର୍ଯ୍ୟା, ସର୍ଯ୍ୟପତ୍ନୀ, ନଦୀବିଶେଷ ।

ତପନ, ବି. (ତପ୍-ଅନ) ସୂର୍ଯ୍ୟ, ଗ୍ରୀଷ୍ମଋତୁ ।
ତପନତନୟ, ବି. (ତପନ-ତନୟ) ଯମ, କର୍ଣ୍ଣ ।
ତପନତନୟା } ବି. (ତପନ-ତନୟା, ଜନ୍-ଅ-ଆ)
ତପନଜା } କାଳିନ୍ଦୀ, ଯମୁନା ନଦୀ ।
ତପନୀୟ, ବିଂ. ( ତପ୍-ଅନୀୟ ) ତାପଯୋଗ୍ୟ । ବି. ସୁବର୍ଣ୍ଣ ।
ତପଃ, ବି. (ତପ୍-ଅସ୍) ତପସ୍ୟା ।
ତପଶ୍ଚରଣ, (ଶ୍ଚାରଣ), ବି. (ତପଃ-ଚରଣ, ଚ୍ଚରଣ) ତପଃ ସାଧନ, ତପସ୍ୟା କରିବା ।
ତପସ, ବି. (ତପ୍-ଅସ) ଚନ୍ଦ୍ର, ପକ୍ଷୀ, ସୂର୍ଯ୍ୟ ।
ତପସିଲ, ବି. (ଯା) ବିଶେଷ ବିବରଣ ।
ତପସ୍ୟା, ବି. (ତପସ୍-ଯ-ଆ) ବ୍ରତଚର୍ଯ୍ୟା ।
ତପସ୍ୱୀ, ବି. ( ତପସ୍-ବିନ୍ ) ତାପସ, ମୁନି । ବିଂ. ଧାର୍ମିକ ।
ତପାତ୍ୟୟ, ବି. (ତପ-ଅତ୍ୟୟ) ବର୍ଷାକାଳ ।
ତପୀ, ବିଂ. (ଦେଶଜ) ତପସ୍ୱୀ ।
ତପୂ, ବିଂ. ତାହାର ପୂର୍ବ । (ପ୍ରାଚୀନ ଓଡ଼ିଆରେ ଏହିପରି ତାହାର ପଶ୍ଚିମରେ 'ତପୂ' ତାହାର ଦକ୍ଷିଣରେ 'ତଦ' ଇତ୍ୟାଦି ବ୍ୟବହାର ଥିଲା ।
ତପୋଧନ } ବି. ତାପସ, ଯୋଗୀ, ମୁନି ।
ତପୋନିଧି }
ତପୋଲୋକ, ବି. (ତପଃ-ଲୋକ) ପୃଥିବୀର କୋଟି ଯୋଜନ ଊର୍ଦ୍ଧ୍ୱସ୍ଥିତ ସ୍ଥାନବିଶେଷ ।

ତପୋବନ, ବି. ମୁନିମାନଙ୍କର ମଠ ବା ଆଶ୍ରମ ।

ତପ୍ତ, ବିଂ. (ତପ୍-ତ) ଉଷ୍ଣ, ତାପଯୁକ୍ତ, ଖେଦଯୁକ୍ତ ।

ତଫାତ୍, ବି. (ଯାବନିକ) ବ୍ୟବଧାନ, ଅନ୍ତର । ବିଂ. ପୃଥକ୍, ଦୂର, ଭିନ୍ନ ।

ତବ, ଅଂ. (ଯୁଷ୍ମଦ୍ ଶବ୍ଦଜ) ତୁମ୍ଭର ।

ତମ,(ମଃ), ବି. ( ତମ୍-ଅ, ଅସ୍ ) ଅନ୍ଧକାର, ରାହୁ, ତମୋଗୁଣ, ଶବ୍ଦରୁ ଉତ୍ତର ପ୍ରତ୍ୟୟବିଶେଷ ।

ତମତମ, ବିଂ. ( ଦେଶଜ ) ଅତି କ୍ରୁଦ୍ଧ, ଫଣଫଣ ।

ତମସ, ବି. (ତମ୍-ଅସ) ଅନ୍ଧକାର ।

ତମସା, ବି. ନଦୀବିଶେଷ ।

ତମସୁକ, ବି. (ଯା) ଖତ, ଦସ୍ତାବିଜବିଶେଷ ।

ତମସ୍ୱିନୀ, ବି. (ତମସ୍-ବିନ୍-ଈ) ରାତ୍ରି ।

ତମା, ବି. (ତମ୍-ଅ) ରାତ୍ରି, ତମାଳବୃକ୍ଷ ।

ତମାଖୁ ,ବି. (ଦେ) ଧୂଆଁପତ୍ର ।

ତମାଦି, ବିଂ. ନିର୍ଦ୍ଦିଷ୍ଟ, ସମୟ ଗତ ବା ଅତୀତ, କାଳଦୋଷଯୁକ୍ତ । ବି. କାଳଦୋଷ ।

ତମାମ୍, ବିଂ. (ଯା) ସମଗ୍ର, ସମ୍ପୂର୍ଣ୍ଣ ।

ତମାଳ, ବି. ( ତମ୍-ଆଳ ) ବୃକ୍ଷବିଶେଷ, ସତ୍ୟାମ୍ବା-ଜାତୀୟ ଗଛ ।

ତମି<br>ତମୀ } ବି (ତମ୍-ଇ,ଈ) ରାତ୍ରି ।

ତମିସ୍ର, ବି. (ତମସ୍-ର) ଅନ୍ଧକାର, କ୍ରୋଧ ।

ତମିସ୍ରା, ବି. (ତମିସ୍ର-ଆ) ଅନ୍ଧକାରମୟୀ ରାତ୍ରି ।

ତମୋଗୁଣ, ବି. (ତମସ୍-ଗୁଣ) ପ୍ରକୃତିର ତୃତୀୟ ଗୁଣ ।

ତମୋଘ୍ନ, ବି. ( ତମଃ-ହନ୍-ଅ ) ଅଗ୍ନି, ଚନ୍ଦ୍ର, ସୂର୍ଯ୍ୟ, ପ୍ରଦୀପ, ଜ୍ଞାନ । ବିଂ. ତମୋନାଶକ ।

ତମୋ(ନୁଦ), ପହ, ବିଂ. (ତମଃ-ନୁଦ୍-ଅ, ଅପ୍-ହନ୍-ଅ) ଅନ୍ଧକାରବିନାଶକ । ବି. ଚନ୍ଦ୍ର, ସୂର୍ଯ୍ୟ, ଜ୍ଞାନ, ଦୀପ, ଅଗ୍ନି ।

ତମୋଭିଦ୍, ବି. (ତମଃ-ଭିଦ୍-୦) ଜୁଳୁଜୁଳା ପୋକ ।

ତମୋମୟ, ବିଂ. ( ତମସ୍-ମୟ ) ଅନ୍ଧକାରଚ୍ଛନ୍ନ, ଅଜ୍ଞାନାବୃତ, ଅହଙ୍କାର ପରିପୂର୍ଣ୍ଣ ।

ତମୋହର, ବି. (ତମଃ-ହୃ-ଅ) ଚନ୍ଦ୍ର ।

ତମ୍ପ, ବି. (ଦେଶଜ) ବିଷଧର ସର୍ପବିଶେଷ ।

ତମ୍ବା, ବି. (ଦେ) ଧାତୁବିଶେଷ ।

ତମ୍ବି }
ତମ୍ବୀ } ବି. ( ଯା ) ରାଗ ବା କ୍ରୋଧ, ଜୁଲମ ।

ତମ୍ବୁ, ବି. (ଯା) ଘରଟି, ଶିବିର ।

ତମ୍ବାର,(ର), ବିଂ. ବି. (ଯା) ନିର୍ମିତ, ନିର୍ମାଣ ।

ତର, ବି. ( ତୃ-ଅ ) ସନ୍ତରଣ । ( ଦେ ) ଅବସର, ଫୁରୁସତ । ସଂ. ପ୍ରତ୍ୟୟବିଶେଷ ।

ତରକା, ବିଂ. (ଦେ) ଚଞ୍ଚଳ, ହୁରୁଡା ।

ତରକାରି, ବି. (ଦେ) ତିଅଣ, ବ୍ୟଞ୍ଜନ ।

ତରକିବା, କ୍ରି. (ଦେଶଜ) ହୁରୁଡିବା, ସାବଧାନ ହେବା ।

ତରକ୍ଷୁ, ବି. (ତର-କ୍ଷି-ଉ) ହେଣ୍ଟାବାଘ ।

ତରଙ୍ଗ, ବି. (ତୃ-ଅଙ୍ଗ) ଊର୍ମି, ଲହରୀ, ଢେଉ ।

ତରଙ୍ଗାନ୍ୱିତ } ବି. (ତରଙ୍ଗାନ୍ୱି-ତ, ତରଙ୍ଗ-ଇତ)
ତରଙ୍ଗିତ } ଲହରୀଯୁକ୍ତ, ଚଞ୍ଚଳ ।
ତରଙ୍ଗିଣୀ, ବି. (ତରଙ୍ଗ-ଇନ୍-ଈ) ନଦୀ ।
ତରଛ, ବି. (ଦେ) ଭଲ୍ଲୁ, ତ୍ରାସ ।
ତରଚ୍ଛ, ବିଂ. (ଦେ) ହୁରୁଡ଼ା, ଚଞ୍ଚଳ ।
ତରଜମା, ବି. (ଯାବନକ) ଭାଷାନ୍ତର କରିବା ।
ତରଡ଼ା, ବି. (ଦେ) ଫଳବିଶେଷ ।
ତରଣ, ବି. (ତୃ-ଅନ) ପାର ହେବା, ଭେଳା, ସ୍ୱର୍ଗ ।
ତରଣି, ବି. (ତୃ-ଅନ-ଈ) ନୌକା, ଭେଳା, ସୂର୍ଯ୍ୟ ।
ତରଣିସୁତ, ବି. ଶନି, ଯମ ।
ତରଣୀ, ବି. (ତୃ-ଅନ-ଈ) ନୌକା ।
ତରତମ, ବିଂ. ନ୍ୟୂନାଧିକ ।
ତରତର, କି. ବିଂ. (ଦେ) ଶୀଘ୍ର, ଚଞ୍ଚଳ ।
ତରତିବ୍, ବିଂ. (ଯା) କ୍ରମିକ, ସଜ୍ଜିତ ।
ତରନ୍ତୀ, ବି. (ତୃ-ଅନ୍ତୀ) ନୌକା ।
ତରପଣ୍ୟ, ବି. ( ତର-ପଣ୍ୟ ) ନଦୀ ପାର ହେବାର ମୂଲ୍ୟ ।
ତରବୁଜ, ବି. ଲତାବିଶେଷ, ଫଳବିଶେଷ ।
ତରଯୁକ୍ତ, ବିଂ. (ଯା) ଆବାଦୀ, କୃଷି ଉପଯୋଗୀ ।
ତରଳ, ବିଂ. (ତୃ-ଅଳ) ଚଞ୍ଚଳ, ପାତଳ, ଦ୍ରବୀଭୂତ, ଦୀପ୍ତିଯୁକ୍ତ । ବି. ହାର, ହାରର ମଧ୍ୟ ମଣି ।
ତରଳିତ, ବିଂ. (ତରଳ-ଇ-ତ) କମ୍ପିତ, ବିସ୍ତାରିତ, ଦ୍ରବୀଭୂତ ।

ତରଳିବା, କ୍ରି. (ଦେ) ଦ୍ରବୀଭୂତ ହେବା ।

ତରବର, ବି°. ଚଞ୍ଚଳ ।

ତରବାଲ } ବି. (ତର-ବୃ-ଅ,ଇ) ଖଣ୍ଡା ।
ତରବାରି

ତରଷ, ସ, ବି. (ଦେ) ଅଭିଳାଷ, ପଣ୍ଡାଭିଳାଷ, ମାଂସ । (ତର୍ଷ ଶବ୍ଦଜ) ତୃଷା, ଶୋଷ ।

ତରସ୍ତ, ବି°. (ଦେ) ତ୍ରସ୍ତ, ଭୀତ ।

ତରସ୍ୱୀ, ବି°. (ତରସ୍-ବିନ୍) ବେଗବାନ୍, ବଳିଷ୍ଠ ।

ତରା, ବି. (ଦେ) ତାରା, ନକ୍ଷତ୍ର ।

ତରାଜୁ, ବି. ତୌଲିବା ଯନ୍ତ୍ର, ନିକ୍ତି ।

ତରାଟ, ବି. ଟଗର, ଫୁଲବିଶେଷ ।

ତରାଟି, କ୍ରି. ବି°. କଟାକ୍ଷଯୁକ୍ତ ହୋଣିରେ, କଣେଇ କରି ।

ତରାଟିବା, କ୍ରି. (ଦେ) କଣେଇ କରି, ବିସ୍ଫାରିତ ନେତ୍ରରେ ଚାହିଁବା ।

ତରି } ବି. (ତୃ-ଇ,ଈ) ନୌକା, ଡଙ୍ଗା ।
ତରୀ

ତରିବା, କ୍ରି. (ଦେ) ପାର ହେବା ।

ତରୁ, ବି. (ତୃ-ଉ) ବୃକ୍ଷ, ଗଛ, ପାଦପ ।

ତରୁଣ, ବି°. (ତୃ-ଉନ) ନୂତନ, ଯୁବା ।

ତରୁଣୀ, ବି. (ତରୁଣ-ଈ) ଯୁବତୀ, ଦନ୍ତୀବୃକ୍ଷ, ଘୃତ-କୁମାରୀ ।

ତରୁନଖ, ବି. (ତରୁ-ନଖ) କଣ୍ଟକ, କଣ୍ଟା ।

ତରୁମୃଗ, ବି. (ତରୁ-ମୃଗ) ବାନର, ମାଙ୍କଡ଼ ।

ତରୁରାଜ, ବି. (ତରୁ-ରାଜା) ତାଳଗଛ, ନଡ଼ିଆଗଛ।

ତରୁରୁହ, ବି. ( ତରୁ-ରୁହ ) ବୃକ୍ଷ ଉପରେ ଜାତ ବୃକ୍ଷ।

ତର୍କ, ବି. ( ତର୍କ୍-ଅ ) ବାଦାନୁବାଦ, ନ୍ୟାୟଶାସ୍ତ୍ର।

ତର୍କଣା, ବି. (ତର୍କ-ଅନ-ଆ) ଅନୁମାନ, କଳନା।

ତର୍କିତ, ବିଂ. (ତର୍କ-ଇତ) ବିବେଚିତ, ଅନୁମିତ।

ତର୍କିବା, କ୍ରି. (ଦେ) ହୁରୁଡ଼ିବା, ସତର୍କ ହେବା।

ତର୍ଜନ, ବି. (ତର୍ଜ୍-ଅନ) ଭୟ ପ୍ରଦର୍ଶନ, କ୍ରୋଧ, ଦ୍ୱେଷ।

ତର୍ଜନୀ, ବି. (ତର୍ଜ୍-ଅନ-ଈ) ବୃଦ୍ଧ ଅଙ୍ଗୁଳିର ନିକଟସ୍ଥ ଅଙ୍ଗୁଳି।

ତର୍ପଣ, ବି. ( ତୃପ୍-ଅନ ) ତୃପ୍ତିଜନନ, ପିତୃଲୋକଙ୍କ ପ୍ରୀତ୍ୟର୍ଥ ଜଳଦାନ।

ତର୍ଷ, ବି. (ତୃଷ୍-ଅ) ତୃଷା, ଅଭିଳାଷ।

ତର୍ହି, ଅଂ. (ତଦ୍-ର୍ହି) ତେବେ।

ତଳ, ବି. (ତଲ୍-ଅ) ଅଧୋଭାଗ, ପାତାଳ, ଉପରଭାଗ।

ତଲବ, ବି. (ଯାବନିକ) ଦରମା, ବେତନ।

ତଲବାର, ବି. (ଯାବନିକ) ଅସି, ଖଡ୍ଗ।

ତଲାଉ, ବି. (ହି) ପୋଖରୀ, ତଡ଼ାଗ।

ତଳାତଳ, ବି ସପ୍ତ ପାତାଳରୁ ଗୋଟିଏ

ତଲାସ, ତଲ୍ଲାସ } ବି. (ଆରବୀ) ଅନୁସନ୍ଧାନ, ଅନ୍ୱେଷଣ।

ତଲାସିବା, କ୍ରି. (ଦେ) ଖୋଜିବା, ଅନୁସନ୍ଧାନ କରିବା।

ତଳି, ବି. (ଦେଶଜ) ଗଜା ଗଛ ।
ତଳିଯା, ବି. (ଦେଶଜ) ପାଦତଳ, ଗୋଡ଼ତଳ ।
ତଲେଇ, ବି. (ଦେ) ବାହୁଁଶ ପାତିଆରେ ତିଆରି ପଟି ।
ତଳ୍ପ, ବି. ଶଯ୍ୟା ।
ତବ(ବା)ତ, ବିଂ. (ଦେ) ତତଲା, ଗରମ । ବି. ଗରମଭାତ ।
ତବଡ଼, ବି. (ଦେ) ଉତ୍ତାପ, ତାତି ।
ତବଲା, ବି (ଦେ) ବାଦ୍ୟଯନ୍ତ୍ରବିଶେଷ, ତାବଲା ।
ତସର, ବି. (ଦେ) ଗୋଟି ପୋକର ସୂତା ।
ତସଲା, ବି. (ଦେ) ପିତଳ ନିର୍ମିତ ପାତ୍ରବିଶେଷ ।
ତସ୍‌ବୀର, ବି. (ହି) ଛବି, ଚିତ୍ର, ପ୍ରତିମୂର୍ତ୍ତି ।
ତସା, ବି. (ଗ୍ରା) ଚଷା ।
ତିସ୍ତୁ, ବି. (ତୁଷ ଶବ୍ଦଜ) ଧାନର ଚୋପା ।
ତସ୍କର, ବି. (ତତ୍‌-କୃ-ଅ) ଚୋର, ଅପହାରକ ।
ତସ୍କରତା, ବି. (ତସ୍କର-ତା) ଚୌର୍ଯ୍ୟ, ଚୋର ।
ତହ, ବି. (ଦେଶଜ) ଲୁଗାର ଭଙ୍ଗ, ଧପା ।
ତହବିଲ, ବି. (ଯାବନିକ) ରୋକଡ଼, ପାଣ୍ଠି, ପୁଞ୍ଜି ।
ତହିଁ, ଅଂ. (ଦେ) ସେଠାରେ ।
ତହୁଁ, ଅଂ. (ଦେ) ତା ପରେ ।
ତାଉଆ, ବି. (ଦେ) ଚଟକା ଲୌହପାତ୍ର ।
ତାକ, ବି. (ଦେ) କାନ୍ଥଖୋଳା, ଠଣା ।
ତାକତ୍‌, ବି. (ଯା) ବଳ, ଶକ୍ତି ।
ଟାକଟରକ, ବି. (ଦେ) ଭଙ୍ଗି, ସତର୍କ ।

ତାକତ୍ର, ବିଂ. (ଯା) ସାବଧାନ, ସତର୍କ।

ତାକୁଡ଼ି, ବି. (ଦେ) ସୂତା କାଟିବାର ଯନ୍ତ୍ରବିଶେଷ।

ତାଗ, ବି. (ଦେ) ସରୁ ଦଉଡ଼ି।

ତାଚ୍ଛଲ୍ଯ, ବି. (ଦେଶଜ) ଅବଜ୍ଞା, ଅନାଦର, ଅଶ୍ରଦ୍ଧା।

ତାଜ, ବି. (ଦେ) ଶିରୋଭୂଷଣ, ମୁକୁଟ, ଭୂଷଣ।

ତାଜା, ବି. (ଦେ) ଟଟ୍‌କା, ସଦ୍ୟ, ସରସ।

ତାଜିଆ, ବି. (ଦେ) ମହରମ ପର୍ବର ମେଢ଼।

ତାଜବ୍, ବି. ବିଂ. (ଯା) ଆଶ୍ଚର୍ଯ୍ୟ।

ତାଟ, ବି. (ଦେ) ବଡ଼ ଡାଲି, ଗୁଙ୍ଗୁଡ଼ି, ତାଳପତ୍ରରେ ତିଆରି ବାଡ଼।

ତାଟକା,(ଙ୍କା), ବିଂ. (ଦେ) ଭୀତ, ତ୍ରସ୍ତ।

ତାଟଙ୍କ, ବି. (ତଟ-ଅଙ୍କ) କର୍ଣ୍ଣଭୂଷଣ, କାପ।

ତାଟି, ବି. (ଦେ) ଖାଟି ଓ ପତ୍ରାଦି ନିର୍ମିତ ଆବରଣ।

ତାଟିଆ, ବି. (ଦେଶଜ) ଧାତୁନିର୍ମିତ ପାତ୍ରବିଶେଷ।

ତାଡ଼ି, ବି. ବାହୁଆଭରଣ, ମାଟିପାତ୍ର।

ତାଡ଼କା, ବି. ମାରୀଚ ରାକ୍ଷସର ମାତା।

ତାଡ଼ନ } ବି. ( ତାଡ଼-ଅନ, ସ୍ତ୍ରୀଲିଙ୍ଗେ. ଆ।
ତାଡ଼ନା } ତର୍ଜନା, ଶାସନ।

ତାଡ଼ପତ୍ର, ବି. (ଦେ) ସ୍ୱର୍ଣ୍ଣାଳଙ୍କାରବିଶେଷ।

ତାଡ଼ିଆ, ବି. (ଦେ) ଏକପ୍ରକାର ମାଟି ହାଣ୍ଡି, ଏକ-ପ୍ରକାର ମହାପ୍ରସାଦ।

ତାଡ଼ିତ, ବିଂ. (ତାଡ଼-ତ) ଆହତ, ଶାସିତ, ତିରସ୍କୃତ ବୈଦ୍ୟୁତିକ।

ତାଡ଼ବା, କ୍ରି. ବି. ଉପାଡ଼ବା, ଖୋଳିବା ।
ତାଡ଼ୀ, ବି. (ଦେ) ଏକପ୍ରକାର ଅଳଙ୍କାର, ଖଜୁରିରସ ।
ତାଣ୍ଡବ, ବି. (ତଣ୍ଡୁ-ଅ) ଶିବଙ୍କ ନୃତ୍ୟ, ଉଦ୍ଦଣ୍ଡ ନୃତ୍ୟ
ତାତ, ବି. (ତାୟ୍-ତ) ପିତା, ପୂଜ୍ୟ ବ୍ୟକ୍ତି । ବିଂ. ପୂଜ୍ୟ ।
ତାତି(ତ)ଲା, ବିଂ. (ଦେ) ଉତ୍ତପ୍ତ ।
ତାତୀ, ବିଂ. (ତପ୍ ଧାତୁଜ) ଗରମ, ଝାଞ୍ଜି ।
ତାତ୍କାଳିକ, ବିଂ.(ତତ୍କାଳ-ଇକ)ସେହି କାଳରେ ଜାତ ।
ତାତ୍ପର୍ଯ୍ୟ, ବିଂ. (ତତ୍ପର-ଯ) ଅଭିପ୍ରାୟ, ମର୍ମ ।
ତାଦାତ୍ମ୍ୟ,ବି. (ତଦାତ୍ମନ୍-ଯ) ଅଭେଦ, ତତ୍ସ୍ୱରୂପତା ।
ତାଦୃକ୍ } ବିଂ.(ତଦ୍-ଦୃଶ୍-କ୍ୱିପ୍,ଅ) ସେହିପ୍ରକାର,
ତାଦୃଶ } ତଦ୍ରୂପ ।
ତାନ, ବି. ( ତନ୍-ଅ ) ସ୍ୱରାଂଶ, ଗାନାଙ୍ଗବିଶେଷ, ବିସ୍ତାର, ତନ୍ତ୍ରମାନେ ଲୁଗା ବୁଣିବାପାଇଁ ସଜାଇ-ଥିବା ସୂତ୍ରସମୂହ ।
ତାନପୁରା, ବି. (ତାନ-ପୂର) ବାଦ୍ୟଯନ୍ତ୍ରବିଶେଷ ।
ତାନ୍ତ, ବିଂ. (ତମ୍-ତ) କ୍ଳାନ୍ତ, ଶ୍ରାନ୍ତ, ଦୁର୍ବଳ, କ୍ଷୀଣ ।
ତାନ୍ତବ, ବିଂ. ( ତନ୍ତୁ-ଅ ) ତନ୍ତୁନିର୍ମିତ, ଯେଉଁ ସବୁ ଦ୍ରବ୍ୟକୁ ଟାଣି ଅତ୍ୟନ୍ତ ସୂକ୍ଷ୍ମ ତାର ପ୍ରସ୍ତୁତ କରାଯାଏ ।
ତାନ୍ତବତା, ବି. ( ତାନ୍ତବ-ତା ) ଯେଉଁ ଗୁଣ ଥିବାରୁ କେତେଗୁଡ଼ିଏ ପଦାର୍ଥକୁ ଟାଣି ତନ୍ତୁ ଅର୍ଥାତ୍ ତାର ପ୍ରସ୍ତୁତ କରାଯାଇ ପାରେ, ପଦାର୍ଥର ଗୁଣବିଶେଷ ।
ତାନ୍ତ୍ରିକ, ବିଂ. ( ତନ୍ତ୍ର-ଇକ ) ତନ୍ତ୍ରଶାସ୍ତ୍ରଜ୍ଞ, ତନ୍ତ୍ର-ଉପାସକ, ଦେବୀଭକ୍ତ, ତନ୍ତ୍ରସମ୍ବନ୍ଧୀୟ ।

ତାପ, ବ. (ତପ୍-ଅ) ଉଷ୍ଣତା, ଜ୍ୱର, କ୍ଳେଶ, ଯାତନା ।
ତାପତ୍ରୟ, ବ. (ତାପ-ତ୍ରୟ) ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ଏହି ତ୍ରିତାପ ।
ତାପମାନଯନ୍ତ୍ର, ବ. ( Thermometer ) ଯେଉଁ ଯନ୍ତ୍ରଦ୍ୱାରା ଉତ୍ତାପର ପରିମାଣ କରାଯାଏ ।
ତାପସ, ବିଂ. ( ତପସ୍-ଅ ) ତପସ୍ୱୀ, ମୁନି । ବ. ତେଜପତ୍ର ।
ତାପସତରୁ, ବ. ଇଙ୍ଗୁଦୀବୃକ୍ଷ ।
ତାପସ୍ୟ, ବିଂ. (ତପସ୍-ଯ) ତାପସର ଧର୍ମ, ତପସ୍ୱିର ଆଚରଣ ।
ତାପିଞ୍ଛ,(ଚ୍ଛ), ବ. (ତାପିନ୍-ଛଦ୍-ଅ) ତମାଳବୃକ୍ଷ ।
ତାପିତ, ବିଂ. ( ତାପି-ତ ) ଦୁଃଖିତ, ଖେଦାନ୍ୱିତ, ତାପଯୁକ୍ତ ।
ତାବଲ, ବ. (ଯା) ପିତ୍ତଳ ପାତ୍ରବିଶେଷ, ବାଦ୍ୟଯନ୍ତ୍ର-ବିଶେଷ ।
ତାବ୍ଦା, ବିଂ. (ଦେ) ସ୍ତବ୍ଧ ।
ତାମ, ବ. (ତମ୍-ଅ) ଦୁଃଖ, ଦୋଷ, ପାପ ।
ତାମରସ, ବ. ( ତମରସ-ଅ ) ପଦ୍ମ, ତମ୍ବା, ସ୍ୱର୍ଣ୍ଣ, ସାରସ ପକ୍ଷୀ ।
ତାମସ, ବ. (ତମସ୍-ଅ) ପେଚକ, ଖଳ, ସର୍ପ । ବିଂ. ତମଃସମ୍ବନ୍ଧୀୟ, ଅନ୍ଧକାରମୟ ।
ତାମସା, ବ. (ଯାବନିକ) ରହସ୍ୟ, କୌତୁକ ।
ତାମସିକ, ବିଂ. (ତାମସ୍-ଇକ) ଗର୍ହିତ, ନିନ୍ଦିତ ।

ତାମସୀ, ବି. ( ତମସ୍-ଈ ) ଅନ୍ଧକାର ରାତ୍ରି, ଦୁର୍ଗା । ବିଂ ସ୍ତ୍ରୀ. ଅନ୍ଧକାରମୟୀ ।

ତାମିଲ, ବି. (ଯା) କାର୍ଯ୍ୟରେ ପରିଣତ, ଦ୍ରାବିଡ଼ଜାତି ଓ ତାହାର ଭାଷାବିଶେଷ ।

ତାମିଳୀ } ତାମ୍ବୂଳୀ } ବି. (ଦେ) ପାନରା, ପାନବ୍ୟବସାୟୀ ।

ତାମିସ୍ର, ବି. (ତମିସ୍ର-ଅ) ନିଶାଚର ।

ତାମ୍ଭଡ଼ା, ବି. (ଦେ) ଚୁଙ୍ଗୁଡ଼ି ଶୁଖୁଆ ।

ତାମ୍ର, ବି. (ତମ୍-ର) ତମ୍ବା, ଧାତୁବିଶେଷ ।

ତାମ୍ରକର୍ଣ୍ଣୀ, ବି. (ତାମ୍ର-କର୍ଣ୍ଣୀ) ପଶ୍ଚିମଦିଗ୍ ହସ୍ତିନୀ ।

ତାମ୍ରକୂଟ, ବି. (ତାମ୍ର-କୂଟ) ତମାଖୁ, ଧୂଆଁପତ୍ର ।

ତାମ୍ରଚୂଡ଼, ବି. (ତାମ୍ର-ଚୂଡ଼) କୁକ୍କୁଟ, କୁକୁଡ଼ା ।

ତାମ୍ରପର୍ଣ୍ଣୀ, ବି. ( ତାମ୍ର-ପର୍ଣ୍ଣୀ ) କର୍ଣ୍ଣାଟ ପ୍ରଦେଶର ନଦୀବିଶେଷ ।

ତାମ୍ରଲିପ୍ତ, ବି. ତମଲୁକ ।

ତାମ୍ବୀ, ବି. ( ଦେ ) ଶସ୍ୟାଦିର ମାପପାତ୍ର, ଗୌଣୀ ।

ତାମ୍ବୁ, ବି. (ଦେ) ଶିବିର, ବସ୍ତ୍ରଗୃହ ।

ତାମ୍ବୂଳ, ବି. (ତମ୍-ବୂଳ) ପାନ, ନାଗବଲ୍ଲୀ ।

ତାମ୍ବୂଳକରଙ୍କ, ବି. (ତାମ୍ବୂଳ-କରଙ୍କ) ପାନବଟା ।

ତାମ୍ବୂଳକରଙ୍କବାହିନୀ, ବି. ଦାସୀ, ଯେ ପାନ ଭାଙ୍ଗି ଦବାରେ ଦିଏ ।

ତାମ୍ବୂଳୀ, ବି. (ତାମ୍ବୂଳ-ଇନ୍) ତାମ୍ବୂଳ ବ୍ୟବସାୟୀ ଜାତିବିଶେଷ ।

**ତାର**, ବି. ( ତୃ-ଅ ) ଉଚ୍ଚୈଃସ୍ୱର, ଲୌହନିର୍ମିତ ରଜ୍ଜୁ, ନକ୍ଷତ୍ର, ଗ୍ରହ, ତଡ଼ିତ୍‌ବାର୍ତ୍ତା ।

**ତାରକ**, ବି. ( ତୃ-ଅକ ) ନକ୍ଷତ୍ର, ଚକ୍ଷୁର ତୋଳା, କର୍ଣ୍ଣଧାର, ନୌକା, ତାରକାସୁର । ବିଂ. ରକ୍ଷକ ।

**ତାରକସିକାମ**, ବି. ( ଦେ ) ସୁନାରୂପାର ସୂକ୍ଷ୍ମ କାରୁକାର୍ଯ୍ୟ ।

**ତାରକା**, ବି.(ତାର-କ-ଆ) ନକ୍ଷତ୍ର, ଚକ୍ଷୁର ତୋଳା ।

**ତାରକାରି**, ବି. (ତାରକ-ଅରି) କାର୍ତ୍ତିକେୟ ।

**ତାରକିତ**, ବିଂ. ( ତାରକା-ଇତ ) ତାରକାଯୁକ୍ତ, ଉଜ୍ଜ୍ୱଳ ।

**ତାରଣ**, ବି. (ତାରି-ଅନ) ତ୍ରାଣକର୍ତ୍ତା । ବି. ଭେଳା ।

**ତାରତମ**, ବି. (ତରତମ-ଅ) ପ୍ରଭେଦ ।

**ତାରତମ୍ୟ**, ବି. ( ତାରତମ-ଯ ) ଇତରବିଶେଷ, ନ୍ୟୂନାଧିକ୍ୟ ।

**ତାରତର**, ବିଂ. (ଦେ) ମନୋହର ।

**ତାରଲ୍ୟ**, ବି. (ତରଳ-ଯ) ଚଞ୍ଚଳତା, ତରଳତା ।

**ତାରା**, ବି. (ତୃ-ଆ) ନକ୍ଷତ୍ର, ବୃହସ୍ପତିଙ୍କ ଭାର୍ଯ୍ୟା ।

**ତାରାପତି**, ବି. ଚନ୍ଦ୍ର, ବୃହସ୍ପତି, ବାଳୀ, ଶିବ, ସୁଗ୍ରୀବ ।

**ତାରାପଥ**, ବି. (ତାରା-ପଥ) ଆକାଶ ।

**ତାରାଭୂଷା**, ବି. ରାତ୍ରି, ରଜନୀ ।

**ତାରିଖ**, ବି. (ଆରବୀ) ଦିବସ, ଦିନ ।

**ତାରିଣୀ**, ବି. (ତୃ-ଇନ୍-ଈ) ଦୁର୍ଗା । ବିଂ. ତ୍ରାଣକର୍ତ୍ତ୍ରୀ ।

**ତାରିଫ୍**, ବି. (ହିନ୍ଦି) ପ୍ରଶଂସା, ସ୍ତବ ।

ତାରୁଣ୍ୟ, ବି. (ତରୁଣ-ଯ) ଯୌବନ, ଯୁବତ୍ୱ ।
ତାର୍କିକ, ବିଂ. (ତର୍କ-ଇକ) ତର୍କଶାସ୍ତ୍ରଜ୍ଞ ।
ତାର୍କ୍ଷ୍ୟ, ବି. (ତାର୍କ୍ଷ-ଯ) ଗରୁଡ଼, ଅଶ୍ୱ, ସର୍ପ ।
ତାଳ, ବି. (ତଲ୍-ଅ) ଗାନ ବାଦ୍ୟ ବିଷୟରେ କାଳ ଓ କ୍ରିୟାର ପରିମାଣ, ବୃକ୍ଷବିଶେଷ ।
ତାଲକ, ବି. (ତାଲ୍-ଅକ) ତାଲା, କୋଲପ,ହରିତାଳ
ତାଳକେତୁ, ବି. (ତାଳ-କେତୁ) ଭୀଷ୍ମ, ବଳରାମ ।
ତାଳଧ୍ୱଜ, ବି. (ତାଳ-ଧ୍ୱଜା) ବଳଦେବ, ବଳରାମ ।
ତାଳପତ୍ର, ବି. (ତାଳ-ପତ୍ର) ଏକପ୍ରକାର ଅଳଙ୍କାର, ତାଳଗଛର ପତ୍ର ।
ତାଳବୃନ୍ତ, ତାଳବୃନ୍ତକ } ବି. (ତାଳ-ବୃନ୍ତ, ଅକ) ବ୍ୟଜନ, ପଙ୍ଖା, ତାଳପତ୍ରର ବିଚଣା ।
ତାଳବେତାଳ, ବି. (ଦେ) ବିକ୍ରମାଦିତ୍ୟଙ୍କ ବଶୀଭୂତ ଯକ୍ଷଦ୍ୱୟ ।
ତାଲବ୍ୟ, ବିଂ. ( ତାଲୁ-ଯ ) ତାଳୁସମ୍ବନ୍ଧୀୟ । ବି. ତାଳୁରୁ ଉଚ୍ଚାରିତ ।
ତାଳସଜ, ବି. (ଦେ) ତାଳଗଛର କୋମଳ ଫଳ ।
ତାଲା, ବି. ( ଦେ )କୋଲପ ।
ତାଲାକାଠି, ବି. (ଦେ) ଗୁବକାଠି, କଞ୍ଚି ।
ତାଳି, ବି. (ତାଳ ଶବ୍ଦଜ) କରତାଳଧ୍ୱନି, ବସ୍ତ୍ରାଦିରେ ପଡ଼ିଥିବା କନାପଟି ।
ତାଲିକା, ବି. ( ଯା ) ଯେଉଁ କାଗଜରେ ବିଶେଷ ବିବରଣ ଥାଏ, ଲିଷ୍ଟ୍ ।

ତାଲମ୍, ବ. (ଯା) ଶିକ୍ଷା, ଉପଦେଶ.। ବଂ. ଶିକ୍ଷିତ ।

ତାଳୀ, ବ. ( ତାଳ-ଈ ହେନ୍ତାଳଗଛ, ତାଳବନ, ତାଡୀ, ତାଲ୍, ଯେ ବାଦ୍ୟ ସଂଯୋଗରେ ତାଳ ପ୍ରଦାନ କରେ, ଶିବ ।

ତାଳୁ, ବ. (ତ=ଗମନ କରିବା-ଉ) ଯାହାଠାରୁ ବାକ୍ୟ ନିର୍ଗତ ହୁଏ, ପାଟିର ଉପର ଭାଗ, ମୂର୍ଦ୍ଧା ଓ ଦନ୍ତର ମଧ୍ୟବର୍ତ୍ତୀ ସ୍ଥାନ ।

ତାଲୁକ୍, (କା), ବ (ଯା) ରାଜସ୍ୱସମ୍ବନ୍ଧ ବିଭାଗ ।

ତାଲୁକ, ବ. ( ତାଲୁ-କ ) ତାଲୁ, ଭୂମ୍ୟଧିକାର, ଜମିଦାରୀ, ରାଜ୍ୟ ।

ତାଳୁକା, ବ. (ଦେ) ଗୋଇଠିତଳ, ଗୋଇଠିତଳେ ଉଠିବା ବ୍ରଣବିଶେଷ ।

ତାଲେବର, ବଂ. (ଯା) ଧନାଢ୍ୟ, ଭାଗ୍ୟବାନ ।

ତାବତ୍, ଅଂ. ଅବଧି, ପରିଚ୍ଛେଦ, ସାକଲ୍ୟ,ଅବଧାରଣ, ତଦବଧି, ସେହି ପର୍ଯ୍ୟନ୍ତ, ତତ୍କାଳରେ ।

ତାବିଜ, ବ.(ଯା) କଣ୍ଠର ଆଭରଣବିଶେଷ, ଅଳଙ୍କାର-ବିଶେଷ ।

ତାବେ, ବ. (ଯା) ଅଧୀନତା ।

ତାବେଦାର, ବଂ. (ଯା) ଅଧୀନ ।

ତାସ, ବ. (ଦେ) କ୍ରୀଡ଼ାର୍ଥ ଚିହ୍ନିତ କ୍ଷୁଦ୍ର ଚିତ୍ରପଟ ।

ତାସୁଣୀ, ବ. ସ୍ତ୍ରୀ. (ଗ୍ରାମ୍ୟ) ଗୃହିଣୀ, ଚଷାର ସ୍ତ୍ରୀ ।

ତାହା, ସ. (ତଦ୍ ଶବ୍ଦଜ) ସେହି ।

ତାହ୍ନବା } କ୍ରି. ( ଦେ ) ଉତ୍ତେଜିତ କରିବା
ତାଇବା } ଉସ୍କାଇବା ।

ତଅଣ, ବି. ( ସଂସ୍କୃତ ତେମନ ) ତରକାରି ।
ତକ୍ର, ବି. (ତନ୍‌-ର) ତକ୍ରରସ । ବିଂ. ତକ୍ରରସଯୁକ୍ତ ।
ତକ୍ରକ, ବି. ( ତକ୍ର-କ ) ପୋଟଳ, ଚରେଇଗା ।
ତକ୍ରପନ୍ଦ, ବି (ତକ୍ର-ପନ୍ଦ) କାଙ୍କଡ଼ ।
ତକ୍ରସାର, ବି (ତକ୍ର-ସାର) ଖଦିରବୃକ୍ଷ ।
ତଖ, ବିଂ. (ଦେଶଜ) ଉଚ୍ଚ, ଉଗ୍ର ।
ତଖଡ଼, ବି. (ଦେ) କଳହ, ଅନର୍ଥ ।
ତଗ୍ମ, ବିଂ. (ତନ୍‌-ମ) ତୀକ୍ଷ୍ଣ, ଉଷ୍ଣ, ଖର, ଉଗ୍ର, କଟୁ, ଉଦ୍ଧତ । ବି. ଉଷ୍ଣତା ।
ତଗ୍ମରଶ୍ମି, ବି. ( ତଗ୍ମ-ରଶ୍ମି ) ସୂର୍ଯ୍ୟ, ଭାସ୍କର ।
ତଗ୍ମାଂଶୁ, ବି. (ତଗ୍ମ-ଅଂଶୁ) ସୂର୍ଯ୍ୟ ।
ତତିକ୍ଷା, ବି. (ତନ୍‌-ସନ୍‌-ଆ) କ୍ଷମା, ସହିଷ୍ଣୁତା ।
ତତିକ୍ଷୁ, ବିଂ. (ତନ୍‌-ସନ୍‌-ଉ) କ୍ଷମାଶୀଳ, ସହିଷ୍ଣୁ ।
ତତିଳ୍ଲ, ବି. ଇନ୍ଦ୍ରଗୋପ କୀଟ, ସାଧବବୋହୂ ପୋକ ।
ତତୀର୍ଷୁ, ବିଂ. (ତ-ସନ୍‌-ଉ) ତରଣେଚ୍ଛୁ ।
ତତ୍ତିର } ବି. (ତତ୍ତି-ର-ଅ, ଇ) ପକ୍ଷିବିଶେଷ ।
ତତ୍ତିରି } ମୁନିବିଶେଷ ।
ତଥ, ବି. ( ତନ୍‌-ଥ ) ଅଗ୍ନି, କାଳ, ପ୍ରାବୃଟ୍‌କାଳ । (ଦେ) ଅତିବକ୍ତ ପାଉଣା ।
ତଥି, ବି. ( ଅତ୍ର-ଇଥି ) ଚନ୍ଦ୍ର ମାସର ତ୍ରିଂଶ ଅଂଶ, ପ୍ରତିପଦାଦି ।
ତନ୍ନ, ବିଂ. (ହିନ୍ଦି ଶବ୍ଦଜ) ୩ ସଂଖ୍ୟା ।

ତନକାଳ, ବି. ବାଲ୍ୟାବସ୍ଥା, ଯୌବନାବସ୍ଥା ଓ ପ୍ରୌଢ଼ାବସ୍ଥା, ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ।

ତନ୍ତଡ଼କା, ବି. (ତନ୍ତଡ଼-କ-ଆ) ତନ୍ତୁଳୀଗଛ ଓ ତାହାର ଫଳ ।

ତନ୍ତିବା, କି. ବିଂ. (ଦେ) ଆର୍ଦ୍ର ହେବା, ଭିଜିବା ।

ତନ୍ଦୁ
ତନ୍ଦୁକ } ବି. (ତମ୍-ଉ-କ) କେନ୍ଦୁଗଛ ।

ତମି, ବି. (ତମ୍-ଇ) ପ୍ରକାଣ୍ଡ ମତ୍ସ୍ୟବିଶେଷ ।

ତମିଙ୍ଗିଳ, ବି. (ତମି-ଗିଲ୍-ଅ) (ଗୃ ଧାତୁଜ) ଅତି ବଡ଼ ମତ୍ସ୍ୟ, ରାଘବମାଛ, ଯେ ତମିମାଛକୁ ଗିଳିଦିଏ ।

ତମିତ, ବିଂ. (ତମି-ତ) ନିଶ୍ଚଳ, ଆର୍ଦ୍ର, ଓଦା ।

ତମିର, ବି. (ତମ୍-ଇର) ଅନ୍ଧକାର, ନେତ୍ରରୋଗ-ବିଶେଷ ।

ତମିରରେଣୀ, ବି. (ଦେ) ଅନ୍ଧାରକଣା ।

ତରଦ୍ଧାଜ, ବି. (ଯା) ଖର ନିକ୍ଷେପକାରୀ ସୈନ୍ୟ ।

ତରଶ୍ଚୀନ, ବିଂ. (ତିର୍ଯ୍ୟଚ୍-ଇନ୍) ତେର୍ଚ୍ଛା, କୁଟିଳ ।

ତିରସ୍କରଣୀ
ତିରସ୍କାରଣୀ } ବି. (ତିରସ୍-କୃ-ଇନ୍-ଈ) ପର୍ଦ୍ଦା, ଆଚ୍ଛାଦନ, ଅଦର୍ଶନ ବିଦ୍ୟା ।

ତିରସ୍କାର
ତିରସ୍କ୍ରିୟା } ବି. (ତିରସ୍-କୃ-ଅ) ନିନ୍ଦା, ଭର୍ତ୍ସନା, ଅବଜ୍ଞା, ଆଚ୍ଛାଦନ, କଞ୍ଚୁକ ।

ତିରସ୍କୃତ, ବିଂ. (ତିରସ୍-କୃ-ତ) ଅବଜ୍ଞାତ, ନିନ୍ଦିତ, ଭର୍ତ୍ସିତ, ଆଚ୍ଛାଦିତ ।

ତିରିଶ, ବି. ବିଂ. (ଦେ) ୩୦ ସଂଖ୍ୟା ।

ତିରୋଧାନ, ବି. (ତିରସ୍-ଧାନ) ଅଦର୍ଶନ, ଅନ୍ତର୍ଦ୍ଧାନ ।
ତିରୋଭବ, ବି. (ତିରସ୍-ଭୂ-ଅ) ଅଦର୍ଶନ, ଆଚ୍ଛାଦନ ।
ତିରୋଭୂତ, ବିଂ. ( ତିରସ୍-ଭୂ-ତ ) ଅନ୍ତର୍ହିତ ।
ତିରୋହିତ, ବିଂ. (ତିରସ୍-ଧା-ତ) ଆଚ୍ଛାଦିତ ।
ତିର୍ଯ୍ୟକ୍, ବିଂ. (ତିରସ୍-ଅନ୍‌ଚ୍-୦) ବକ୍ର, କୁଟିଳ ।
ତିର୍ଯ୍ୟକ୍‌ଯୋନି, ବି. (ତିର୍ଯ୍ୟକ୍-ଯୋନି) ପଶୁପକ୍ଷ୍ୟାଦି ନିକୃଷ୍ଟ ପ୍ରାଣୀ ।
ତିର୍ଯ୍ୟଗ୍‌ଯାନ, ବି. (ତିର୍ଯ୍ୟକ୍-ଯାନ) କୁଳୀର,କଙ୍କଡ଼ା ।
ତିର୍ଯ୍ୟଙ୍ } ବିଂ. (ତିରସ୍-ଅଞ୍ଚ-୦, ଅ) ବକ୍ରଗମନ-
ତିର୍ଯ୍ୟଞ୍ଚ୍ } ଶୀଳ । ବି. ପଶୁ, ପକ୍ଷୀ ।
ତିଳ, ବି. ( ତିଲ୍-ଅ ) ଖସା, ତଦାକାର ଦେହସ୍ଥ ଚିହ୍ନ, ସୂକ୍ଷ୍ମ କାଳ, ଅତ୍ୟଳ୍ପ ।
ତିଳକ, ବି. ( ତିଲ୍-ଅକ ) ଚିତା, ରୋଗବିଶେଷ ।
ତିଳରସ } ବି. (ତିଳ-ରସ, ସ୍ନେହ)ଖସାତେଲ ।
ତିଳସ୍ନେହ }
ତିଳିତ୍ସ, ବି. (ତିଳତ୍-ସ) ବୃହତ୍ ସର୍ପ ।
ତିଳୋତ୍ତମା, ବି. ( ତିଳ-ଉତ୍ତମା ) ଅପ୍‌ସରାବିଶେଷ ।
ତିଳୋଦକ, ବି. (ତିଳ-ଉଦକ) ତିଳମିଶ୍ରିତ ଜଳ ।
ତିଷ୍ୟ, ବି. ( ତୁଷ୍-ଯ ) ପୁଷ୍ୟାନକ୍ଷତ୍ର, ପୌଷ ମାସ, କଳିଯୁଗ ।
ତିହାର, ବି. (ହି) ପର୍ବ ।
ତିହୁଡ଼ି, ବି. (ଦେ) ଔଷଧିଲତାବିଶେଷ ।
ତୀକ୍ଷ୍ଣ, ବି. (ତିଜ୍-ସ୍ନ) ଉଗ୍ରତା,ଉଷ୍ଣତା । ବିଂ. ଖର, ଉଗ୍ର ।

ତୀକ୍ଷ୍ଣକଣ୍ଟକ, ବି. ( ତୀକ୍ଷ୍ଣ-କଣ୍ଟକ ) ଧୂତୁରାଗଛ ।

ତୀକ୍ଷ୍ଣକନ୍ଦ, ବି. (ତୀକ୍ଷ୍ଣ-କନ୍ଦ) ପଲାଣ୍ଡୁ, ପିଆଜ ।

ତୀକ୍ଷ୍ଣଗନ୍ଧ } ବି. (ତୀକ୍ଷ୍ଣ-ଗନ୍ଧ, କ) ସଜନାଗଛ,
ତୀକ୍ଷ୍ଣଗନ୍ଧକ } ରକ୍ତତୁଳସୀ, ଶ୍ରେଷ୍ଠ ଅଳାଇଚ ।

ତୀକ୍ଷ୍ଣଦଂଷ୍ଟ୍ର, ବି. (ତୀକ୍ଷ୍ଣ-ଦଂଷ୍ଟ୍ର) ବ୍ୟାଘ୍ର ।

ତୀକ୍ଷ୍ଣଧାର, ବି. (ତୀକ୍ଷ୍ଣ-ଧାର) ଖଡ୍ଗ, ଖଣ୍ଡା ।

ତୀକ୍ଷ୍ଣପତ୍ର } ବି. (ତୀକ୍ଷ୍ଣ-ପତ୍ର, ପୁଷ୍ପ) ଲବଙ୍ଗ ।
ତୀକ୍ଷ୍ଣପୁଷ୍ପ }

ତୀକ୍ଷ୍ଣରସ. ବି. (ତୀକ୍ଷ୍ଣ-ରସ) ସୋରା, ଯବକ୍ଷାର ।

ତୀକ୍ଷ୍ଣାୟସ, ବି. (ତୀକ୍ଷ୍ଣ-ଅୟସ) ଇସ୍ପାତ ।

ତୀଖ } ବିଂ. (ଦେ) ଲମ୍ବଭାବରେ ଉଚ, ତୀକ୍ଷ୍ଣାଗ୍ର,
ତିଖ } ଗରମ, ତୀକ୍ଷ୍ଣ ।

ତୀଖା, ବି. (ଦେ) କାଚନିର୍ମିତ ହସ୍ତାଭରଣ ।

ତୀଖାରିବା, କ୍ରି. ( ଦେ ) ମତେଇବା, ଉତ୍ତେଜିତ କରିବା ।

ତୀୟର, ବି. (ତୀବର ଶବ୍ଦଜ) ବର୍ଣ୍ଣସଙ୍କରବିଶେଷ ।

ତୀର, ବି. (ତୀର-ଅ) କୂଳ, ତଟ, ବାଣ ।

ତୀରନ୍ଦାଜ, ବି. ( ଦେ ) ତୀର ନିକ୍ଷେପକାରୀ ସୈନ୍ୟ ।

ତୀର୍ଣ୍ଣ, ବିଂ. (ତୃ-ତ) ଉତ୍ତୀର୍ଣ୍ଣ, ଅଭିଭୂତ ।

ତୀର୍ଥ, ବି. (ତୃ-ଥ) ପୁଣ୍ୟସ୍ଥାନ, ଶିକ୍ଷକ, ଘାଟ ।

ତୀର୍ଥକ(ଙ୍କ)ର, ବି. (ତୀର୍ଥ-କୃ-ଅ) ଶାସ୍ତ୍ରକାର, ଜୈନ-ଧର୍ମ ପ୍ରବର୍ତ୍ତକ ।

ତୀର୍ଥକାକ, ବି. ( ତୀର୍ଥ-କାକ ) ତୀର୍ଥରେ ଯେଉଁ କୁଆମାନେ ରହନ୍ତି, ଅତି ଲୋଭୀ ।

ତୀର୍ଥରାଜ, ବି (ତୀର୍ଥ-ରାଜା) ଗଙ୍ଗାତୀର୍ଥ, ସମୁଦ୍ର, କାଶୀ ।

ତୀର୍ଥସେବୀ, ବିଂ. (ତୀର୍ଥ-ସେବ-ଇନ୍) ବକପକ୍ଷୀ । ବିଂ. ତୀର୍ଥବାସୀ ।

ତୀବର,ବି. (ତୀ-ବର) ସମୁଦ୍ର, ବ୍ୟାଧ, ଧୀବରର ଜାତି ।

ତୀବ୍ର, ବିଂ. (ତୀବ୍-ର) ଉଷ୍ଣ, ଅଧିକ । ବି. ଆଧିକ୍ୟ ।

ତୁ, ସ. (ଦେ) ତୁମ୍ଭର ଅମାନ୍ୟାର୍ଥକ ଓ ସ୍ନେହସୂଚକ ପ୍ରତିପଦ ।

ତୁ, ଅଂ. (ତୁଦ୍-ଉ) ସମ୍ପର୍କ, ପ୍ରଭେଦ, କିନ୍ତୁ, ଆଧିକ୍ୟ ।

ତୁକାର, ବି. (ଦେ) ଭର୍ତ୍ସନା, ଗାଳି ।

ତୁଙ୍ଗ, ବିଂ. ( ତୁନ୍ଜ୍-ଅ ) ଉନ୍ନତ, ଶ୍ରେଷ୍ଠ । ବି. ପର୍ବତ, ନକ୍ଷତ୍ରଆଗଛ ।

ତୁଙ୍ଗଭଦ୍ର, ବି. (ତୁଙ୍ଗ-ଭଦ୍ର) ମତ୍ତହସ୍ତୀ ।

ତୁଙ୍ଗଭଦ୍ରା, ବି. ମହୀଶୂର ରାଜ୍ୟାନ୍ତର୍ଗତ ନଦୀବିଶେଷ ।

ତୁଙ୍ଗୀ, ବି. ( ତୁଙ୍ଗ-ଇନ୍ ) ଉଚ୍ଚସ୍ଥ ଗ୍ରହ । ବିଂ. ଉଚ୍ଚ-ସ୍ଥାନସ୍ଥିତ ।

ତୁଚ୍ଛ, ବିଂ, ( ତୁଲ=ଓଜନ କରିବା-ଛ ) ହେୟ, ଅସାର, ଶୂନ୍ୟ ।

ତୁଚ୍ଛା
ତୁଚ୍ଛ } ବିଂ. (ଦେଶଜ) କେବଳ, ଖାଲି, ଅମିଶ୍ର ।

ତୁଚ୍ଛାକୁ, କ୍ରି. ବିଂ. (ଦେ) ବିନା କାରଣରେ, ବୃଥା ।

ତୁଚ୍ଛଇବା, କ୍ରି. (ଦେ) ଅଜାଡ଼ିବା ।

ତୁଟି, ବି. (ଦେ) ତ୍ରୁଟି, କ୍ଷତି, ହାନି ।

ତୁଟିବା, କ୍ରି. ( ତ୍ରୁଟ୍ ଧାତୁଜ ) ( ଦେ) ଭଗ୍ନ ହେବା, ମୋହବନ୍ଧ ଗୁଡ଼ିବା ।

ତୁଟୁକା, ବି (ଦେ) ସହଜଲଭ୍ୟ ଔଷଧ, ଟୁଣୁଟୁଣୁକା ।

ତୁଠ, ବି. ( ଦେ ) ନଦୀ ବା ପୁଷ୍କରଣୀରେ ସ୍ନାନ କରିବା ସ୍ଥାନ ।

ତୁଣ୍ଡ, ବି. (ତୁଣ୍ଡ୍-ଅ) ମୁଖ, ଓଷ୍ଠାଧର, ଚଞ୍ଚୁ, ମୁଖ ।

ତୁଣ୍ଡପୋଡ଼ା, ବି. (ଦେ) କଣ୍ଟକବୃକ୍ଷବିଶେଷ ।

ତୁଣ୍ଡି, ବି. (ତୁଣ୍ଡ୍-ଇ) ଆସ୍ୟ, ନାଭି ।

ତୁଣ୍ଡୀ, ବି. ( ତୁଣ୍ଡ-ଇନ୍ ) ଗୋରୁ ଆଦିଙ୍କ ମୁଖରେ ପ୍ରଦତ୍ତ ଫାଶ ।

ତୁଣ୍ଡେଇ, ବିଂ. କଳହୀ ସ୍ତ୍ରୀ ।

ତୁତି, ବି. ( ଦେ ) ଗୋଟିପୋକ ବା ଟସରପୋକ ଯେଉଁ ଗଛର ପତ୍ର ଖାଇ ବଢ଼ନ୍ତି ।

ତୁତିୟା, ବି. (ତୁତ୍ଥ ଶବ୍ଦଜ) ତାମ୍ରର ମଳ, ବିଷାକ୍ତ ପଦାର୍ଥବିଶେଷ ।

ତୁନୀ, ବିଂ. (ଦେ) ତୂଷ୍ଣୀଂ, ନୀରବ, ମୌନୀ ।

ତୁନୀହେବା, କ୍ରି. ନୀରବ ହେବା, ମୁଖ ବନ୍ଦ କରିବା ।

ତୁନ୍ଦ, ବି. ( ତୁଦ୍-ଅ-ଇ ) ଉଦର, ପେଟ, ନାଭି ।

ତୁନ୍ଦିକ, ତୁନ୍ଦିଭ, ତୁନ୍ଦିଲ } ବିଂ. (ତୁଦ୍-ଇକ, ଇଭ, ଇଳ,) ସ୍ଥୂଳୋଦର, ପେଟା ।

ତୁନ୍ନ, ବିଂ. (ତୁଦ୍-ତ) ବ୍ୟଥିତ, ଛିନ୍ନ ।

ତୁମୂଳ } ତ୍ରି. ( ତୁ=ବଢ଼ କରିବା-ମୂଳ, ମୂଳ )
ତୁମୂଳ } ବିଶଙ୍ଖଳ, ଘୋରତର । ବି. କଳହ, ଗଣ୍ଡଗୋଳ ।

ତୁମ୍ବ
ତୁମ୍ବି
ତୁମ୍ବୀ } ବି. ( ତୁନ୍ବ୍-ଅ, ଇ, ଈ ) ଲାଉ, ଲାଉଖୋଳ, ଘଣାଦି ବାଦ୍ୟଯନ୍ତ୍ରର ହାଣ୍ଡି ବା ଆଧାର, ଚକର ମଧ୍ୟସ୍ଥିତ କାଷ୍ଠଖଣ୍ଡ ।

ତୁମ୍ବୁରୁ, ବି. ( ତୁନ୍ବ୍-ଉରୁ ) ସଙ୍ଗୀତାଚାର୍ଯ୍ୟ, ଗନ୍ଧର୍ବ-ବିଶେଷ ।

ତୁମ୍ଭେ
ତୁମେ } ସ. ( ଯୁଷ୍ମଦ୍ ଶବ୍ଦଜ ) ଆପଣ ।

ତୁରଗ
ତୁରଙ୍ଗ
ତୁରଙ୍ଗମ } ବି. (ତୁର-ଗମ୍-ଅ) ଅଶ୍ୱ, ମନ ।

ତୁରଗୀ
ତୁରଙ୍ଗୀ } ବି. (ତୁରଗ, ତୁରଙ୍ଗ-ଇନ) ଘୋଡ଼-ସୱାର ।

ତୁରଙ୍ଗବଦନ, ବି. (ତୁରଙ୍ଗ-ବଦନ) କିନ୍ନର, ସ୍ୱର୍ଗ-ଗାୟକ ।

ତୁରନ୍ତ, (ଦେ) ଶୀଘ୍ର, ଚଞ୍ଚଳ ।

ତୁରାସହ
ତୁରାଷାଟ୍ } ବି. (ତୁରା-ସହ, ୦) ଇନ୍ଦ୍ର, ମେଘବାହନ, ମଘବା, ବାସବ ।

ତୁରି
ତୁରୀ } ବି. ( ତୁଳ=ସଦୃଶ ହେବା-ଅ କିମ୍ବା ତୁର୍-ଇ,ଈ) ତନ୍ତୁର କଣ୍ଟା, କାହାଳୀ ।

ତୁରତ, କ୍ରି. ବିଂ. (ତ୍ୱର ଶବ୍ଦଜ) ଶୀଘ୍ର, ହଠାତ୍ ।

ତୁରୀୟ, ବିଂ. (ଚତୁର-ଈୟ) ଚତୁର୍ଥ । ବି. ପରବ୍ରହ୍ମ ।

ତୁର୍ଯ୍ୟ
ତୂର୍ଯ୍ୟ } ବିଂ. (ଚତୁର-ଯ) ଚତୁର୍ଥ ।

ତୁର୍ବସୁ, ବି. (ଚତୁର-ବସୁ) ଯଯାତିଙ୍କ ପୁତ୍ର ।

ତୁଳ, ବି. (ଦେ) ଓଜନ, ତୌଲ । କ୍ରି. ଓଜନ କର ।

ତୁଲ, ବିଂ. (ଦେ) ତୁଲ୍ୟ, ସମାନ ।

ତୁଳନା, ବି. ( ତୁଳ୍-ଅନ୍-ଆ ) ଉପମା, ସାଦୃଶ୍ୟ ।

ତୁଳସୀ, ବି. ( ତୁଳ୍-ସୋ-ଅ-ଈ ) ବୃକ୍ଷବିଶେଷ ।

ତୁଳା, ବି. (ତୁଳ୍-ଅ-ଆ) ପରିମାଣର ଦଣ୍ଡୀ, ସପ୍ତମ ରାଶି, କାର୍ପାସ ।

ତୁଳାଇବା, କ୍ରି. (ଦେ) ଓଜନ କରାଇବା ।

ତୁଲାଇବା, କ୍ରି. ( ଦେ ) ସମାଧାନ କରିବା, ନିଷ୍ପତ୍ତି କରିବା ।

ତୁଳାକୋଟି, ବି. (ତୁଳା-କୁଟ୍-ଇ) ନୂପୁର ।

ତୁଳାଦଣ୍ଡ, ବି. ପରିମାଣଦଣ୍ଡ, ନିକିତି ।

ତୁଳାଦାନ
ତୁଳାପୁରୁଷଦାନ } ବି. ମହାଦାନବିଶେଷ,ଯହିଁରେ ନିଜ ଦେହ ପରିମାଣ ଅନୁସାରେ ସ୍ୱର୍ଣ୍ଣାଦି ଦାନ କରାଯାଏ ।

ତୁଳାଧାରୀ, ବିଂ. ( ତୁଳା-ଧ-ଇନ୍ ) ଯେ ବ୍ୟକ୍ତି ଓଜନ କରେ ।

ତୁଳାଭଣା, ବି. (ଦେ) ତୁଳା ଭଣିବା ଯେଉଁ ଜାତିର ବ୍ୟବସାୟ, ତୁଳାକୁ ଭଣିବା ।

ତୁଳି } ବି. (ତୁଳ-ଇ, ଇକ-ଆ) ତୁଳାନିର୍ମିତ
ତୁଳିକା } ଶଯ୍ୟା, ରେଜେଇ, ମଥାନ ।

ତୁଳିତ, ବିଂ. ( ତୁଳ୍-ଇ-ତ ) ପରିମିତ, ଉପମିତ ।

ତୁଲେ, କ୍ରି. ବିଂ. (ଦେ) ସଙ୍ଗରେ ।

ତୁଲ୍ୟ, ବିଂ (ତୁଳା-ଯ) ସଦୃଶ, ସମାନ ।

ତୁଷ, ବି. (ତୁଷ୍-ଅ) ଧାନ୍ୟାଦିର ଚୋପା ।

ତୁଷାନଳ, ବି. ( ତୁଷ-ଅନଳ ) ତୁଷାଗ୍ନି, ପ୍ରାୟଶ୍ଚିତ୍ତ-ବିଶେଷ ।

ତୁଷାର, ବି. (ତୁଷ-ଆର) ହିମ । ବିଂ. ଶୀତଳ ।

ତୁଷାରଗିରି, ବି. ହିମାଳୟ ।

ତୁଷାରାଦ୍ରି, ବି. (ତୁଷାର-ଅଦ୍ରି) ହିମାଳୟ ପର୍ବତ ।

ତୁଷ୍ଟ, ବିଂ. (ତୁଷ୍-ତ) ତୃପ୍ତ, ଆହ୍ଲାଦିତ ।

ତୁଷ୍ଟି, ବି. (ତୁଷ୍-ତି) ସନ୍ତୋଷ, ତୃପ୍ତି, ହର୍ଷ ।

ତୁହାଇ ତୁହାଇ, କ୍ରି. ବିଂ. (ଦେ) ଥରକୁ ଥର ।

ତୁହି, ସ. (ସ୍ନେହ ଓ ଅମାନ୍ୟାର୍ଥରେ) ତୁମ୍ଭେ ।

ତୁହିନ, ବି. (ତୁହ-ଇନ) ହିମ । ବିଂ. ଶୀତଳ ।

ତୁହିନକର } ବି. (ତୁହିନ-କର, ଅଂଶୁ) ଚନ୍ଦ୍ର, କର୍ପୂର ।
ତୁହିନାଂଶୁ }

ତୂଣ }
ତୂଣୀ } ବି. ( ତୁଣ୍-ଅ, ଈ, ଈର ) ଶର ରଖିବାର
ତୂଣୀର } ପାତ୍ର, ଶରଧାର ।

ତୂରି } ବି. (ତୂର-ଅ,ଈ) ବାଦ୍ୟଯନ୍ତ୍ରବିଶେଷ, କ୍ଷୁଦ୍ର
ସ୍ତା } ଭେରୀ ।

ତୂର୍ଣ୍ଣ, କି. ବିଂ. ( ତର-ନ ) ଶୀଘ୍ର । ବିଂ. ସତ୍ୱର ।
ତୂର୍ଯ୍ୟ, ବି. (ତୂର-ଯ କମ୍ବା ଚତୁର-ଯ) ବିବିଧ ବାଦ୍ୟ-ଯନ୍ତ୍ର ।
ତୂଳକ, ବି. (ତୂଳ-କ) କପା ।
ତୂଳା, ବି. (ଦେ) କପା ତୂଳା, ଶିମିଳୀ ତୂଳା ।
ତୂଳାଭଣା, ବି. ( ଦେ ) ତଳା ଭଣିବା ଯାହାର ବ୍ୟବସାୟ ।
ତୂଳ } ବି. ଚିତ୍ରକରର ବର୍ତ୍ତି, ଯାହାଦ୍ୱାରା ରଙ୍ଗ
ତୂଳିକା } ଦିଆଯାଏ ।
ତୂଷ୍ଣୀମ୍ଭାବ, ବି. ( ତୂଷ୍ଣୀମ୍-ଭାବ ) ମୌନାବଲମ୍ବନ, ତୁନି ହୋଇ ରହିବା ।
ତୃଣ, ବି. (ତୃହ-ଣ) ଘାସ କୁଟା ପ୍ରଭୃତି ।
ତୃଣରାଜ, ବି. (ତୃଣ-ରାଜନ୍) ତାଳଗଛ, ନଡ଼ିଆଗଛ ।
ତୃଣଜୀବୀ, ବିଂ. ( ତୃଣ-ଜୀବୀ ) ଯେ ସମସ୍ତ ପଶୁ ତୃଣ ଭୋଜନ କରି ପ୍ରାଣଧାରଣ କରନ୍ତି ।
ତୃଣଧାନ୍ୟ. ବି. ନୀବାର, ବାଲୁଙ୍ଗାଧାନ ।
ତୃତୀୟ, ବିଂ. (ତ୍ରି-ତୀୟ) ତିନର ପୂରଣବାଚକ ।
ତୃତୀୟା, ବି. ତିଥିବିଶେଷ ।
ତୃତୀୟାଶ୍ରମ. ବି. (ତୃତୀୟ-ଆଶ୍ରମ) ବାନପ୍ରସ୍ଥାଶ୍ରମ ।
ତୃପ୍ତ, ବିଂ. ( ତୃପ୍-ତ ) ସନ୍ତୁଷ୍ଟ, ହୃଷ୍ଟ, ପୂର୍ଣ୍ଣକାମ ।
ତୃପ୍ତି, ବି. (ତୃପ-ତି) ସନ୍ତୋଷ,ଅଭିଳାଷନିବୃତ୍ତି, ଆହ୍ଲାଦ ।
ତୃଷା } ବି. (ତୃଷ-ଆ) ପିପାସା, ଇଚ୍ଛା, ଆକାଙ୍କ୍ଷା,
ତୃଷ୍ଣା } ଲୋଭ ।

ତୃଷିତ } ବିଂ. (ତୃଷ୍-ତ) ପିପାସୁ, ଇଚ୍ଛୁକ, ଲୁବ୍ଧ ।
ତୃଷାର୍ତ୍ତ }

ତେଇଶ, ବି. ବିଂ. (ଦେ) ବିଂଶ ଓ ତ୍ରୟ, ୨୩ ସଂଖ୍ୟା ।

ତେଙ୍ଗଡ଼ା, ବି. ( ଦେ ) ଦ୍ୱାଣ୍ଡି ରହିବା ପିଣ୍ଡି ।

ତେଜଃ, ବି. (ତିଜ୍-ଅସ) ଦୀପ୍ତି ।

ତେଜଣା, ବି. (ଦେ) ତୀକ୍ଷ୍ଣ କରଣ, ଯେଉଁ କାଠିରେ ଦୀପର ବତୀ ତେଜନ୍ତି ।

ତେଜପତ୍ର, ବି. (ତେଜ-ପତ୍ର) ବୃକ୍ଷବିଶେଷର ପତ୍ର ।

ତେଜସ୍କର, ବିଂ. ( ତେଜସ୍-କୃ-ଅ ) ତେଜୋବୃଦ୍ଧିକାରକ, ଶକ୍ତିକାରକ ।

ତେଜସ୍ୱାନ୍ } ବିଂ. (ତେଜସ୍-ବତ୍, ବିନ୍) ପ୍ରଭାବଶାଳୀ, ବଳବାନ୍, ତେଜୋବିଶିଷ୍ଟ ।
ତେଜସ୍ୱୀ }

ତେଜିତ, ବିଂ. (ତିଜ୍-ତ) ଶାଣିତ, ମାର୍ଜିତ, ଉତ୍ତେଜିତ ।

ତେଜିବା, କି. ( ଦେ ) ଛାଡ଼ିବା, ତ୍ୟାଗ କରିବା, ଦୀପର ବତୀ ଉସ୍କାଇବା, ଉତ୍ତେଜିତ ହେବା ।

ତେଜୀୟାନ୍, ବିଂ. (ତେଜସ୍-ଈୟସ୍) ଅତି ତେଜସ୍ୱୀ ।

ତେଜୋମୟ, ବିଂ. ( ତେଜସ୍-ମୟ ) ଜ୍ୟୋତିର୍ମୟ, ତେଜଃପୂର୍ଣ୍ଣ, ଉଜ୍ଜ୍ୱଳ ।

ତେଢ଼ା, ବିଂ. ( ତୁର୍କୀୟ ଶବ୍ଦ ) ବଙ୍କା, ବକ୍ରଭାବ, ଗାଲୁଆ, ଅମାନିଆ ।

ତେଢ଼ିବା, କ୍ରି. (ଦେ) ଲଙ୍ଘିବା, ନ ମାନିବା ।

ତେଣିକି, ସଂ. ସେଆଡ଼କୁ, ସେଦିଗକୁ ।

ତେଣୁ, ଅଂ. (ଦେ) ସେଥିପାଇଁ, ସେହି ହେତୁରୁ ।

ତେଣେ, ସ. ସେ ଦିଗରେ ।

ତେଣ୍ଟା, ବି. ( ଦେ ) ମସ୍ତ୍ୟାଦି ଭେଦନ କରିବାର ଅସ୍ତ୍ରବିଶେଷ, ଜଞ୍ଜାଳ ।

ତେଣ୍ଟେଇ, ବି. (ଦେ) ଅମାନିଆ ,ସ୍ତ୍ରୀ, ପକ୍ଷିବିଶେଷ ।

ତେଣ୍ଡା, ବି (ଦେ) ଜଳ ଉଠାଇବା ଯନ୍ତ୍ରବିଶେଷ ।

ତେତାଲି, ବି. ( ଦେ ) ତିନମହଲି କୋଠା ।

ତେତିଶ, ବି. ବିଂ. ୩୩ ସଂଖ୍ୟା ।

ତେତେବେଳେ, ଅ. ସେହି ସମୟରେ ।

ତେନ୍ତରା, ବି. ( ଦେ) ଶଗଡ଼ ଦଣ୍ଡାରେ ଅଖ ଉପରେ ଯେଉଁ କାଷ୍ଠଖଣ୍ଡ ଥାଏ ।

ତେନ୍ତୁଳି } ବି. (ଦେ) ସ୍ୱନାମଖ୍ୟାତ ଅମ୍ଳଫଳ ଓ
ତିନ୍ତୁଳି } ତାହାର ଗଛ ।

ତେପନ, ବି. ବିଂ. ସଂଖ୍ୟାବିଶେଷ, ୫୩ ସଂଖ୍ୟା ।

ତେମଣୀ,ବି. (ତେମନ-ଈ) ଧମନିର୍ଗମନମାର୍ଗ, ଚେମ୍ନୀ ।

ତେମନ୍ତ, ସ. ସେହିପରି, ତଦ୍ରୂପ ।

ତେର, ବି. ବିଂ, ସଂଖ୍ୟାବିଶେଷ, ୧୩ ସଂଖ୍ୟା ।

ତେରିଜ, ବି. (ଆରବୀ) କ୍ରମଶଃ ଦକ୍ଷିଣକୁ ବୃଦ୍ଧି କରି ଲେଖିବା, ମିଶାଣ, ଯୋଗ କରିବା ।

ତେଲ, ବି. (ଦେ) ତୈଳ, ମାଲପା, ମଥାବନ୍ଧ ।

ତେଲଙ୍ଗା, ବି. ଜାତିବିଶେଷ ।

ତେଲିଉଣି } ବି. (ଦେ) ଫଲମ ।
ତେଲୁଣି }

ତେଲି, ବି. ଜାତିବିଶେଷ ।

ତେଲିଆ, ବିଂ. (ଦେ) ତେଲଚିକ୍କଣ, ସୁଖୀ ।
ତେବେ, ଅଂ. (ଦେ) ତାହାହେଲେ, ସେହି ସମ୍ବନ୍ଧରେ ।
ତେବେକେ, (ହେଁ), ( ଦେ ) ତଥାପି, ମଧ୍ୟ ।
ତେସନ, ସ. ତେମନ୍ତ, ସେମନ୍ତ ।
ତେସ୍ତର, ବ. ବିଂ. (ଦେ) ୭୩ ସଂଖ୍ୟା ।
ତେହ୍ନେ, ସ. ସେପ୍ରକାର, ସେପରି ।
ତୈଜସ, ବିଂ. (ତେଜସ୍-ଅ) ଧାତୁମୟ (ପାତ୍ର), ଧାତୁ-ଦ୍ରବ୍ୟ, ଘୃତ ।
ତୈଳ, ବ. (ତିଳ-ଅ) ତେଲ, ମାଲିସ ।
ତୈଲଙ୍ଗ, ବ. (ଦେ) ଦେଶବିଶେଷ, ଜାତିବିଶେଷ ।
ତୈଳପା } ବ. ( ତୈଳ-ପା-ଅ, ଅକ-ଆ )
ତୈଳପାୟିକା } ତେଲପୋକ, ଅସରପା ।
ତୈଳିକ } ବି. ( ତୈଳ-ଇକ୍, ଇନ୍ ) ତେଲି,
ତୈଳୀ } ତୈଳସମ୍ବନ୍ଧୀୟ ।
ତୋଟକ, ବ. ଦ୍ୱାଦଶାକ୍ଷର ପାଦ ଛନ୍ଦ, ଯେଉଁ ଛନ୍ଦର ପ୍ରତ୍ୟେକ ଚରଣରେ ବାରଟି ଅକ୍ଷର ଥାଏ ।
ତୋଟା, ବ. (ଦେ) ବଡ଼ ବଗିଚ୍ଛ, ଯେଉଁଠାରେ ନାନା ଜାତି ବୃକ୍ଷ ଥାଏ ।
ତୋଣ୍ଟି, ବ. (ଦେ) ଗଳା, ଗଳଦେଶ, ତଣ୍ଟି ।
ତୋଣ୍ଟିକଟା, ବ. (ଦେ) ବିଶ୍ୱାସଘାତକ ।
ତୋଡ଼, ବ. (ଦେ) ବେଗ, ସ୍ରୋତ ।
ତୋଡ଼ା, ବ. (ଦେ) ଟଙ୍କାର ଥଳୀ, ଫୁଲର ଗୁଚ୍ଛ ।
ତୋଡ଼ାଣି, ବ. (ଦେ) ପଖାଳ ଭାତର ଜଳୀୟ ଅଂଶ ।

ତୋଡ଼ୁ, ବି. (ଦେ) ମତ୍ସ୍ୟବିଶେଷ ।
ତୋତା, ବି. (ଯା) ଶୁକପକ୍ଷୀ ।
ତୋତ୍ର, ବି. (ତୁଦ୍-ତ୍ର) କୋରଡ଼ା, ଚାବୁକ, ଅଙ୍କୁଶ
ତୋପ, ବି. (ଯା) ଆଗ୍ନେୟାସ୍ତ୍ର, କମାଣ ।
ତୋଫା, ବିଂ. (ଯା) ନିର୍ମଳ, ଉଜ୍ଜ୍ୱଳ ।
ତୋଫାନ୍, ବି. (ଯା) ପ୍ରବଳ ବାୟୁ, ପ୍ରଭଞ୍ଜନ, ବତାସ ।
ତୋମର, ବି. (ତୋ-ମୃ-ଅ) ଶାବଳାଦି ଅସ୍ତ୍ର ।
ତୋୟ, ବି. (ତାୟ୍-ଅ)ଜଳ, ପୂର୍ବାଷାଢ଼ା ନକ୍ଷତ୍ର ।
ତୋୟଦ, ବି. (ତୋୟ-ଦା-ଅ) ମେଘ ।
ତୋୟଧର, ବି. (ତୋୟ-ଧୃ-ଅ) ମେଘ ।

ତୋୟଧି } ବି. ( ତୋୟ-ଧା-ଇ, ନିଧି) ସମୁଦ୍ର,
ତୋୟନିଧି } ସାଗର ।

ତୋରଣ, ବି. ( ତୁର-ଅନ ) ବହିର୍ଦ୍ୱାର, ଫାଟକ ।
ତୋଷା, ବିଂ. ( ଆରବୀ) ସୁନ୍ଦର, ମନୋହର ।
ତୋୟାଣି, ବି. (ତୋୟାନ୍ନ ଶବ୍ଦଜ) ଅନ୍ନରେ ମିଶ୍ରିତ ହୋଇଥିବା ପାଣି ।

ତୋଲ } ବି. (ତୁଲ୍-ଅ, କ) ପରିମାଣବିଶେଷ
ତୋଲକ } ଏକ ଭରି ।

ତୋଳନ, ବି. ( ତୁଲ୍-ଅନ ) ଉତ୍ତୋଳନ, ଓଜନ, ତୁଳିବା ।
ତୋଳା, ବି. (ତୋଲକ ଶବ୍ଦଜ) ଭରି, ୧୦ ମସା ଓଜନ, ପୁଷ୍ପାଦି ଚୟନ କରିବା, ନିର୍ମାଣ, ଶୁଳ୍କ ବା ମାସୁଲ ।

ତୋଳାଇବା, କ୍ରି. ( ତୋଳିବାର ପ୍ରୟୋଜକ ରୂପ ) ତୋଳିବା କର୍ମ କରାଇବା ।

ତୋଳିବା, କ୍ରି. (ତୁଳଧାତୁଜ) ଉଠାଇବା, ଚୁଣ୍ଡାଇବା, ନିର୍ମାଣ କରିବା, ଉପରକୁ ଟେକିବା ।

ତୋଷ, ବି. (ତୁଷ୍-ଅ) ସନ୍ତୋଷ, ହର୍ଷ, ଆହ୍ଲାଦ ।

ତୋଷଣ, ବି. (ତୁଷ୍-ଅନ) ସନ୍ତୁଷ୍ଟକରଣ ।

ତୋଷାମଦ, ବି. (ଯାବନିକ) ଗ୍ଧୃଟୁବଚନ,ଖୋସାମଦ୍ ।

ତୋଷିତ, ବିଂ. (ତୁଷ୍-ଣିଚ୍-ତ) ସନ୍ତୁଷ୍ଟ, ହର୍ଷିତ ।

ତୋଷିବା, କ୍ରି. (ତୁଷ୍ ଧାତୁଜ) ସନ୍ତୁଷ୍ଟ କରିବା ।

ତୌଜି, ବି. (ଯା) ରସ୍ୟତର ଜମି ଜମାବିଷୟକ ସରକାର ହିସାବପତ୍ର ।

ତୌର୍ଯ୍ୟ, ବି. (ତୁର୍ଯ୍ୟ-ଅ) ତୁର୍ଯ୍ୟବାଦ୍ୟ, ମୃଦଙ୍ଗାଦି ଧ୍ୱନି ।

ତୌର୍ଯ୍ୟତ୍ରିକ, ବି. (ତୌର୍ଯ୍ୟତ୍ରିକ) ନୃତ୍ୟ ଗୀତ ଓ ବାଦ୍ୟ ଏହି ତିନି ପ୍ରକାରର ଏକତ୍ର ମିଳନ ।

ତୌଲ, ବି. (ଦେ) ମାପ, ତୁଳ, ତୌଲିବା ।

ତୌଳିକ, ତୌଳିକିକ } ବି. (ତୂଳିକା-ଅ,ଇକ) ଚିତ୍ରକର ।

ତ୍ୟକ୍ତ, ବିଂ. ( ତ୍ୟଜ୍-ତ ) ବର୍ଜିତ, ବିସୃଷ୍ଟ, ଦତ୍ତ ।

ତ୍ୟାଗ, ବି. (ତ୍ୟଜ୍-ଅ) ବର୍ଜନ, ବିସର୍ଜନ ।

ତ୍ୟାଗପତ୍ର, ବି. (ତ୍ୟାଗ-ପତ୍ର) ଛାଡ଼ପତ୍ର ।

ତ୍ୟାଗୀ, ବିଂ. (ତ୍ୟାଗ-ଇନ) ଦାତା, ବର୍ଜନଶୀଳ ।

ତ୍ୟାଜ୍ୟ, ବିଂ. (ତ୍ୟଜ୍-ଯ) ତ୍ୟାଗ କରିବାର ଯୋଗ୍ୟ ।

ତ୍ରପ } ସ୍ତ୍ରୀ. (ତ୍ରପ୍-ଅ, ଆ) ଲଜ୍ଜା, କୁଳଟା,
ତ୍ରପା } ବେଶ୍ୟା, କୀର୍ତ୍ତି ।

ତ୍ରପିତ, ବିଂ. (ତ୍ରପ୍-ତ) ଲଜ୍ଜିତ ।

ତ୍ରୟ, ସ୍ତ୍ରୀ. (ତ୍ରି-ଅୟ) ୩ ସଂଖ୍ୟା ।

ତ୍ରୟସ୍ତ୍ରିଂଶ, ବିଂ. (ତ୍ରୟସ୍ତ୍ରିଂଶତ୍-ଅ) ୩୩ ସଂଖ୍ୟାର ପୂରଣ ।

ତ୍ରୟୀ, ସ୍ତ୍ରୀ. (ତ୍ରି-ଅୟ-ଈ) ଋକ୍, ଯଜୁ, ସାମ । ବିଂ. ତ୍ରିତ୍ୱସଂଖ୍ୟାବିଶିଷ୍ଟ ।

ତ୍ରୟୀତନୁ, ସ୍ତ୍ରୀ. (ତ୍ରୟୀ-ତନୁ) ସୂର୍ଯ୍ୟ ।

ତ୍ରୟୀମୁଖ, ସ୍ତ୍ରୀ, (ତ୍ରୟୀ-ମୁଖ) ବ୍ରାହ୍ମଣ ।

ତ୍ରୟୋଦଶ, ବିଂ. (ତ୍ରି-ଦଶନ୍-ଅ) ତେର ସଂଖ୍ୟାର ପୂରଣବାଚକ ।

ତ୍ରୟୋଦଶୀ, ସ୍ତ୍ରୀ. (ତ୍ରିଦଶନ୍-ଅ-ଈ) ତିଥିବିଶେଷ ।

ତ୍ରସ୍ତ, ବିଂ. (ତ୍ରସ୍-ତ) ଚକିତ, ଭୀତ, ଭୀରୁ, ବିଚଳିତ ।

ତ୍ରାଣ, ସ୍ତ୍ରୀ. ( ତ୍ରୈ-ଅନ ) ରକ୍ଷା, ଉଦ୍ଧାର । ବିଂ. ରକ୍ଷକ । (ତ୍ରୈ-ତ), ରକ୍ଷିତ ।

ତ୍ରାତ, ବିଂ. (ତ୍ରୈ-ତ) ରକ୍ଷିତ ।

ତ୍ରାତା, ବିଂ. (ତ୍ରୈ-ତୃ) ରକ୍ଷାକର୍ତ୍ତା ।

ତ୍ରାସ, ସ୍ତ୍ରୀ. (ତ୍ରସ୍-ଅ) ଭୟ, ଶଙ୍କା ।

ତ୍ରାସିତ, ବିଂ. (ତ୍ରସ୍-ତ) ବିଭୀଷିତ ।

ତ୍ରାହି, ଅଂ. (ତ୍ରୈ-ହି) ରକ୍ଷା କର । (ସଂସ୍କୃତ କ୍ରିୟା)

ତ୍ରି, ସ୍ତ୍ରୀ, ବିଂ. (ତୃ-ଇ) ସଂଖ୍ୟାତ୍ରୟ ।

ତ୍ରିଂଶ, ବିଂ. (ତ୍ରିଂଶତ୍-ଅ) ୩୦ ସଂଖ୍ୟାର ପୂରଣ ।

ତ୍ରିଂଶତ୍, ସ୍ତ୍ରୀ. (ତ୍ରି-ଦଶନ୍) ୩୦ ସଂଖ୍ୟା ।

ତ୍ରିକ, ବି. ( ତ୍ରି-କ ) ମେରୁଦଣ୍ଡର ନିମ୍ନଭାଗ, କଟି, ତିମୁହାଣି ଛକ, ତ୍ରିଫଳ, ତ୍ରିକଟୁ ।

ତ୍ରିକଟ, ବି. (ତ୍ରି-କଟ) ଶୁଣ୍ଠି, ପିପ୍ପଳୀ, ଗୋଲମରିଚ ।

ତ୍ରିକାଳ, ବି. (ତ୍ରି-କାଳ) ପ୍ରାତଃ, ମଧ୍ୟାହ୍ନ, ସାୟାହ୍ନ । ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ।

ତ୍ରିକାଳଜ୍ଞ, ବିଂ. (ତ୍ରିକାଳ-ଜ୍ଞା-ଅ) କାଳତ୍ରୟଦର୍ଶୀ ।

ତ୍ରିକାଳଦର୍ଶୀ, ବିଂ. (ତ୍ରିକାଳ-ଦୃଶ୍-ଇନ୍) ଋଷି,ମୁନି ।

ତ୍ରିକଟ, ବି. ( ତ୍ରି-କୂଟ ) କେରଳ ଦେଶର ପର୍ବତ-ବିଶେଷ ।

ତ୍ରିକୋଣ, ବିଂ. (ତ୍ରି-କୋଣ) ତିନିକୋଣବିଶିଷ୍ଟ ସ୍ଥାନ ।

ତ୍ରିକୋଣମଣ୍ଡଳଭୂମି, ବି. ନଦୀମୁହାଣସ୍ଥିତ ଦ୍ୱୀପ ।

ତ୍ରିକୋଣମିତ, ବି. ( ତ୍ରିକୋଣ-ମା-କ୍ତ ) ତ୍ରିକୋଣ ବସ୍ତୁର ପରିମାପକ ବିଦ୍ୟା ।

ତ୍ରିଗୁଣ, ବି (ତ୍ରି-ଗୁଣ) ସତ୍ତ୍ୱ ରଜଃ ତମଃ, ସୁଖ ଦୁଃଖ ଓ ମୋହ, ତିନିଗୁଣ ।

ତ୍ରିଗୁଣାତ୍ମକ, ବିଂ. ( ତ୍ରିଗୁଣ-ଆତ୍ମନ୍-କ ) ଯାହାର ତିନିଗୁଣ ଅଛି ।

ତ୍ରିଜଗତ୍, ବି. (ତ୍ରି-ଜଗତ୍) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

ତ୍ରିଜଟା, ବି. ରାକ୍ଷସୀବିଶେଷ, ଶିବ ।

ତ୍ରିଜାତକ, ବି. (ତ୍ରି-ଜାତ-କ) ଜାଇଫଳ, ଅଳାଇଚ ଓ ତେଜପତ୍ର ।

ତ୍ରିତୟ } ବିଂ. (ତ୍ରି-ତୟ) ତିନିସଂଖ୍ୟାଯୁକ୍ତ ।
ତ୍ରିତୟୀ }

ତ୍ରିତାପ, ବି. ( ତ୍ରି-ତାପ ) ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ ।

ତ୍ରିଦଶ, ବି. (ତ୍ରି-ଦଶ) ଦେବତା । ବି°. ତ୍ରିଂଶତ୍ସଂଖ୍ୟକ ।

ତ୍ରିଦଶଗୁରୁ, ବି. ( ତ୍ରିଦଶ-ଗୁରୁ ) ଦେବଗୁରୁ, ବୃହସ୍ପତି ।

ତ୍ରିଦଶଗୋପ, ବି. ସାଧବବୋହୂ ପୋକ ।

ତ୍ରିଦଶପତି, ବି. (ତ୍ରିଦଶ-ପତି) ଇନ୍ଦ୍ର, ଦେବରାଜ ।

ତ୍ରିଦଶମଞ୍ଜରୀ, ବି. (ତ୍ରିଦଶ-ମଞ୍ଜରୀ) ତୁଳସୀ ।

ତ୍ରିଦଶାଧିପ<br>ତ୍ରିଦଶାଧିପତି } ବି. ( ତ୍ରିଦଶ-ଅଧିପ, ଅଧିପତି ) ଇନ୍ଦ୍ର ।

ତ୍ରିଦଶାୟୁଧ, ବି. (ତ୍ରିଦଶ-ଆୟୁଧ) ବଜ୍ର, ଇନ୍ଦ୍ରଧନୁ ।

ତ୍ରିଦଶାରି, ବି. ( ତ୍ରିଦଶ-ଅରି ) ଅସୁର, ଦୈତ୍ୟ ।

ତ୍ରିଦଶାଳୟ, ବି. (ତ୍ରିଦଶ-ଆଳୟ) ସ୍ୱର୍ଗ, ସୁମେରୁ ।

ତ୍ରିଦିବ, ବି. (ତ୍ରି-ଦିବ୍-ଅ) ସ୍ୱର୍ଗ, ଆକାଶ, ନଦୀବିଶେଷ ।

ତ୍ରିଦିବେଶ, ବି. (ତ୍ରିଦିବ-ଈଶ) ଦେବତା ।

ତ୍ରିଦୋଷ, ବି. (ତ୍ରି-ଦୋଷ) ବାତ, ପିତ୍ତ, କଫ ଏହି ତ୍ରିଦୋଷ ।

ତ୍ରିଧା<br>ତ୍ରିବିଧ } ଅ°. (ତ୍ରି-ଧା, ବିଧା) ତିନ ପ୍ରକାର ।

ତ୍ରିନୟନ<br>ତ୍ରିନେତ୍ର<br>ତ୍ରିଲୋଚନ } ବି. (ତ୍ରି-ନୀ-ଅନ, ତ୍ର, ଲୋଚନ) ଶିବ, ମହାଦେବ, ଶଙ୍କର ।

ତ୍ରିନୟନା, ବି. (ତ୍ରି–ନୟନ) ପାର୍ବତୀ ।

ତ୍ରିପତ୍ର, ବି. ( ତ୍ରି-ପତ୍ର ) ବେଲଗଛ । ବିଂ. ତ୍ରିପତ୍ର-ବିଶିଷ୍ଟ ।

ତ୍ରିପଥଗା, ବି. ( ତ୍ରିପଥ–ଗମ୍-ଅ–ଆ ) ତ୍ରିପଥଗାମିନୀ ଗଙ୍ଗା । ସ୍ୱର୍ଗରେ ମନ୍ଦାକିନୀ, ମର୍ତ୍ତ୍ୟରେ ଭାଗୀରଥୀ ପାତାଳରେ ଭୋଗବତୀ ।

ତ୍ରିପଦୀ } ବି. (ତ୍ରି-ପଦ୍-ଈ, ଇକ-ଆ) ଛନ୍ଦୋ-
ତ୍ରିପଦିକା } ବିଶେଷ, ଋକ୍ଥ, ଶଙ୍ଖଳାଦି, ଟିପେଇ ।

ତ୍ରିପାଦ୍ } ବି. ( ତ୍ରି-ପାଦ୍, ପାଦ ) ତ୍ରିବିକ୍ରମ, ବିଷ୍ଣୁ ।
ତ୍ରିପାଦ } ବିଂ. ତ୍ରିପାଦବିଶିଷ୍ଟ ।

ତ୍ରିପିଷ୍ଟପ } ବି. ( ତ୍ରି-ପିଷ୍ଟପ, ବିଷ୍ଟପ ) ସ୍ୱର୍ଗ,
ତ୍ରିବିଷ୍ଟପ } ତ୍ରିଭୁବନ ।

ତ୍ରିପୁଟ, ବି. ( ତ୍ରି-ପୁଟ ) ତଟ, ତୀର, ମଲ୍ଲିକା, ଖେସାରିଡାଲି, ଡାଲି ।

ତ୍ରିପୁଣ୍ଡ୍ର, (କ), ବି. (ତ୍ରି-ପୁଣ୍ଡ୍ର,କ) ଧାଉଁଶ ପ୍ରଭୃତି ଦ୍ୱାରା କପାଳରେ ଯେଉଁ ତ୍ରିରେଖା ଅଙ୍କିତ ହୁଏ ।

ତ୍ରିପୁରଘ୍ନ, ବି. ( ତ୍ରିପୁର-ହନ୍-ଅ ) ତ୍ରିପୁରହନ୍ତା, ମହାଦେବ ।

ତ୍ରିପୁରାରି, ବି. ( ତ୍ରିପୁର–ଅରି ) ମହାଦେବ ।

ତ୍ରିଫଳା, ବି. ( ତ୍ରି-ଫଳ୍-ଆ ) ହରଡ଼ା, ବାହାଡ଼ା ଓ ଅଁଳା ।

ତ୍ରୈବର୍ଷୀୟ } ବିଂ. ( ତ୍ରିବର୍ଷ-ଈୟ, ଇକ ) ତ୍ରିବର୍ଷ-
ତ୍ରୈବାର୍ଷିକ } ଜାତ, ତ୍ରିବର୍ଷସମ୍ବନ୍ଧୀୟ ।

ତ୍ରିବଳି,(ଳୀ), ସ୍ତ୍ରୀ. ( ତ୍ରି-ବଳି, ବଳୀ ) ଉଦର ଓ କଣ୍ଠାଧର ମାଂସ ସଂକୋଚଜନିତ ରେଖାତ୍ରୟ ।
ତ୍ରିଭୁଜ, ବି. (ତ୍ରି-ଭୁଜ) ତ୍ରିକୋଣ କ୍ଷେତ୍ର ।
ତ୍ରିଭୁବନ, ବି. (ତ୍ରି-ଭୁବନ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।
ତ୍ରିମଦ, ବି. ( ତ୍ରି-ମଦ ) ବିଦ୍ୟାମଦ, ଧନମଦ ଓ ଆଭିଜାତ୍ୟ ମଦ ।
ତ୍ରିମଧୁ, ବି. ( ତ୍ରି-ମଧୁ ) ଘୃତ ଚିନି ଓ ମଧୁ, ଋକ୍‌ବେଦର ଅଂଶବିଶେଷ ।
ତ୍ରିମାର୍ଗଗା, ବି. ସ୍ତ୍ରୀ. ( ତ୍ରିମାର୍ଗ-ଗମ୍-ଅ-ଆ ) ତ୍ରିପଥଗା, ଗଙ୍ଗା ।
ତ୍ରିମୂର୍ତ୍ତି, ବି. (ତ୍ରି-ମୂର୍ତ୍ତି) ବ୍ରହ୍ମା, ବିଷ୍ଣୁ, ମହେଶ୍ୱର ।
ତ୍ରିମ୍ବକ, ବି. ( ତ୍ରି=ତିନି-ଅମ୍ବକ-ନେତ୍ର ) ଶିବ ।
ତ୍ରିଯାମା, ବି. (ତ୍ରି-ଯାମ) ରାତ୍ରି, ଯମୁନାନଦୀ, ହରିଦ୍ରା ।
ତ୍ରିଲୋକ, (କୀ) ବି. (ତ୍ରି-ଲୋକ, ଈ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।
ତ୍ରିଲୋକେଶ, ବି. (ତ୍ରିଲୋକ-ଈଶ) ଶିବ, ବିଷ୍ଣୁ, ସୂର୍ଯ୍ୟ ।
ତ୍ରିଲୋଚନ, ବି. (ତ୍ରି-ଲୋଚନ) ମହାଦେବ ।
ତ୍ରିବର୍ଗ, ବି. ( ତ୍ରି-ବର୍ଗ ) ଧର୍ମ, ଅର୍ଥ ଓ କାମ ।
ତ୍ରିବର୍ଣ୍ଣ, ବି. (ତ୍ରି-ବର୍ଣ୍ଣ) ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ।
ତ୍ରିବିକ୍ରମ, ବି. (ତ୍ରି-ବିକ୍ରମ) ବାମନରୂପୀ ବିଷ୍ଣୁ ।
ତ୍ରିବିଦ୍ୟା, ବି. (ତ୍ରି-ବିଦ୍ୟା) ବେଦର ଶାଖାତ୍ରୟ ।
ତ୍ରିବିଧ, ବିଂ. (ତ୍ରି-ବିଧା) ତିନିପ୍ରକାର, ତ୍ରିଧା ।
ତ୍ରିବିଷ୍ଟପ, ବି. (ତ୍ରି-ବିଷ୍ଟପ) ସ୍ୱର୍ଗ, ଆକାଶ ।

ତ୍ରିବେଣୀ, ବି. (ତ୍ରି-ବେଣୀ) ଯେଉଁ ସ୍ଥାନରେ ଗଙ୍ଗା ଯମୁନା ସରସ୍ୱତୀର ଯୋଗ ।

ତ୍ରିବେଦୀ, ବି. ( ତ୍ରିବେଦ-ଇନ୍ ) ଋକ୍, ଯଜୁଃ, ସାମ; ଏହି ତିନ ବେଦଜ୍ଞାତା ବ୍ରାହ୍ମଣ ।

ତ୍ରିଶଙ୍କୁ, ବି. ( ତ୍ରି-ଶଙ୍କୁ ) ଚାତକପକ୍ଷୀ, ଖଦ୍ୟୋତ, ଶଲଭ, ସୂର୍ଯ୍ୟବଂଶୀୟ ଜନୈକ ରାଜା ।

ତ୍ରିଶତ, ବି. ବିଂ. ତିନିଶତ, ୩୦୦ ।

ତ୍ରିଶିଖ,(ଖା), ବି. (ତ୍ରି-ଶିଖ, ଖା) ତ୍ରିଶୂଳ, ମୁକୁଟ । ବି. ତ୍ରିଶିଖାଯୁକ୍ତ ।

ତ୍ରିଶିରାଃ, ବି (ତ୍ରି-ଶିରସ) କୁବେର, ରାକ୍ଷସବିଶେଷ, ଜଡ଼ୁଆ ।

ତ୍ରିଶୂଳ, ବି. ଶିବଙ୍କର ଅସ୍ତ୍ର ।

ତ୍ରିଶୂଳୀ, ବି. ( ତ୍ରିଶୂଳ-ଇନ୍ ) ଶିବ । ବିଂ. ତ୍ରିଶୂଳଧାରୀ ।

ତ୍ରିଷ୍ଟୁଭ, ବି. ( ତ୍ରି-ସ୍ତୁମ୍ଭ-୦ ) ବୈଦିକ ଛନ୍ଦୋ-ବିଶେଷ,ଏହାର ପ୍ରତ୍ୟେକ ଧାଡ଼ିରେ ୧୧ଅକ୍ଷର ଥାଏ ।

ତ୍ରିସନ୍ଧ୍ୟା, ବି. ( ତ୍ରି-ସନ୍ଧ୍ୟା ) ପ୍ରାତଃ, ମଧ୍ୟାହ୍ନ ଓ ସାୟଂକାଳ ।

ତ୍ରିସପ୍ତ, ବି. ( ତ୍ରି-ସପ୍ତ ) ୭ ର ୩ ଗୁଣ, ଏକବିଂଶତି ସଂଖ୍ୟକ ।

ତ୍ରିସୀମା, ବି. (ତ୍ରି-ସୀମା) ବାମ, ଦକ୍ଷିଣ ଓ ସମ୍ମୁଖ ।

ତ୍ରିସ୍ରୋତାଃ, ବି. (ତ୍ରି-ସ୍ରୋତସ୍) ଗଙ୍ଗା ।

ତ୍ରୁଟିତ, ବିଂ (ତ୍ରୁଟ୍-ତ) ଛିନ୍ନ, ଭଗ୍ନ, ଖଣ୍ଡିତ ।

ତ୍ରୁଟି } ବି. (ତ୍ରୁଟ୍-ଇ, ଈ) ନ୍ୟୂନତା, ଅପଚୟ,
ତ୍ରୁଟୀ } କ୍ଷତ, ଶ୍ରେଷ୍ଠ ଅଳାଇଚ ।

ତ୍ରେତା, ବି. ( ତ୍ରେି-ଇତ-ଆ ) ଦ୍ୱିତୀୟଯୁଗ, ଦକ୍ଷିଣ ଗାର୍ହପତ୍ୟ ଓ ଆହବନୀୟ ଏହି ତିନପ୍ରକାର ଅଗ୍ନି ।

ତ୍ରୈକାଳିକ, ବିଂ. ( ତ୍ରିକାଳ-ଇକ ) ପ୍ରାତଃ ମଧ୍ୟାହ୍ନ ଓ ସାୟଂକାଳ ସଂକ୍ରାନ୍ତ, ଭୂତ, ଭବିଷ୍ୟତ୍ ଓ ବର୍ତ୍ତମାନ ସମ୍ବନ୍ଧୀୟ ।

ତ୍ରୈବାର୍ଷିକ, ବିଂ. ( ତ୍ରିବର୍ଷ-ଇକ ) ତିନବର୍ଷବ୍ୟାପୀ, ତ୍ରିବର୍ଷଭୂତ ।

ତ୍ରୈମାତୁର, ବି. (ତ୍ରିମାତୃ-ଅ) କୌଶଲ୍ୟା, କୈକେୟୀ ଓ ସୁମିତ୍ରା ତିନ ମାତାର ପୁତ୍ର, ସୁମିତ୍ରା ଯାହାକୁ ଗର୍ଭରେ ଧାରଣ କରିଥିଲେ—ଲକ୍ଷ୍ମଣ ।

ତ୍ରୈମାସିକ, ବିଂ. ( ତ୍ରିମାସ-ଇକ ) ତିନ ମାସରେ ଯାହା ଉତ୍ପନ୍ନ ହୁଏ, ତ୍ରିମାସଜ ।

ତ୍ରୈରାଶିକ, ବି. ( ତ୍ରି-ରାଶି-ଇକ ) ତିନ ରାଶି ଜଣା ଥିଲେ ଚତୁର୍ଥ ରାଶି ବାହାର କରିବାର ଗାଣିତିକ ନିୟମବିଶେଷ ।

ତ୍ରୈଲୋକ୍ୟ, ବି. ( ତ୍ରିଲୋକୀ-ଯ ) ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ।

ତ୍ରୋଟକ, ବି. ( ତ୍ରୁଟ୍-ଅକ ) ଯାହାଦ୍ୱାରା ଛେଦନ କରାଯାଏ । ବି. ନାଟ୍ୟ ଗ୍ରନ୍ଥବିଶେଷ, ଯଥା— ବିକ୍ରମୋର୍ବଶୀ ।

ତ୍ରୋଟି, (ଟୀ), ବି. (ତ୍ରୁଟ୍-ଅ, ଇ, ଈ) ପକ୍ଷିର ଥଣ୍ଟ ।

ତ୍ର୍ୟଂଶ, ବି. (ତ୍ରି-ଅଂଶ) ତୃତୀୟ ଅଂଶ ।

ତ୍ର୍ୟମ୍ବକ, ବି. (ତ୍ରି-ଅମ୍ବ-କ) ଶିବ, ତ୍ରିଲୋଚନ ।

ତ୍ର୍ୟହସ୍ପର୍ଶ, ବି. (ତ୍ରି-ଅହନ୍-ସ୍ପର୍ଶ) ଏକ ଦିନରେ ତିନି ତିଥିର ମିଳନ ।

ତ୍ର୍ୟାହ୍ନିକ, ବିଂ. (ତ୍ରି-ଅହନ୍-ଇକ) ତୃତୀୟ ଦିନରେ ଯାହା ହୁଏ, ତୃତୀୟ ଦିବସ ସମ୍ବନ୍ଧୀୟ ।

ତ୍ୱକ୍ / ତ୍ୱଚ୍ / ତ୍ୱଗ୍ } ବି. ( ତ୍ୱଚ୍-୦ ) ବଲ୍କଳ, ଚର୍ମ, ସ୍ପର୍ଶେନ୍ଦ୍ରିୟ, ଦାରୁଚିନି ।

ତ୍ୱକ୍ପତ୍ର, ବି. (ତ୍ୱକ୍-ପତ୍ର) ତେଜପତ୍ର, ଦାରୁଚିନି ।

ତ୍ୱକ୍ସାର, ବି. (ତ୍ୱକ୍-ସାର) ବାଉଁଶ, ଦାରୁଚିନି ।

ତ୍ୱତ୍, ସ. (ଯୁଷ୍ମଦ୍) (ତୁମ୍ଭେ) ବାଚକ ଏକ ବଚନାନ୍ତ ପଦ । ଯଥା—ତ୍ୱଦ୍‌ଗୃହ ।

ତ୍ୱଦ୍‌ବିଧ, ବିଂ. (ତ୍ୱତ୍-ବିଧା) ତୁମ୍ଭପରି ।

ତ୍ୱଦୀୟ, ବିଂ. (ତ୍ୱତ୍-ଈୟ) ତୁମ୍ଭ ସମ୍ବନ୍ଧୀୟ ।

ତ୍ୱରା, ବି. (ତ୍ୱର୍-ଆ) ବେଗ, ଶୀଘ୍ରତା ।

ତ୍ୱରିତ, ବିଂ. (ତ୍ୱରା-ତ) ସତ୍ୱର ।

ତ୍ୱାଦୃକ୍ / ତ୍ୱାଦୃଶ } ବିଂ. (ଯୁଷ୍ମଦ୍-ଦୃଶ-୦, ଅ) ତୁମ୍ଭ ସଦୃଶ ।

ତ୍ୱିଷ୍ / ତ୍ୱିଷା } (ତ୍ୱିଷ୍-୦) ତେଜଃ, କାନ୍ତି, ଦୀପ୍ତି ।

ତ୍ୱିଷାମ୍ପତି, ବି. (ତ୍ୱିଷାଂ-ପତି) ସୂର୍ଯ୍ୟ ।

# ଥ

ଥ, ବ୍ୟଞ୍ଜନବର୍ଣ୍ଣର ସପ୍ତଦଶ ବର୍ଣ୍ଣ । ବି. ପର୍ବତ, ରୋଗ-ବିଶେଷ, ଚନ୍ଦ୍ର ।

ଥକା, ବି. (ସ୍ଥଗିତ ଶବ୍ଦଜ) ଅବସାଦ, କ୍ଲାନ୍ତ, ଶ୍ରାନ୍ତ । ବିଂ. ଶ୍ରାନ୍ତ ।

ଥକାମରା, ବିଂ. ( ସ୍ଥଗିତ ଶବ୍ଦଜ ) ଅବସନ୍ନ, କ୍ଲାନ୍ତ ।

ଥକିଯିବା }
ଥକିବା } କ୍ରି. (ସ୍ଥଗିତ ଶବ୍ଦଜ) ରହିବା, ଅବସନ୍ନ ହେବା ।

ଥଙ୍ଗଥଙ୍ଗ, କ୍ରି. (ଦେଶଜ) ରହି ରହି ହେବା, ସ୍ତମ୍ଭିତ ହୋଇଯିବା ।

ଥଟା }
ଥଠା } କ୍ରି. (ଦେ) ପରିହାସ ।

ଥଟାରି. ବି. ( ଦେ ) ଜାତିବିଶେଷ ଯେଉଁ ଜାତି କଂସା ଏବଂ ପିତ୍ତଳ ବାସନ ପ୍ରଭୃତି ନିର୍ମାଣ କରେ ।

ଥଣ୍ଟ, ବି. (ଦେ) ଚଞ୍ଚୁ ।

ଥଣ୍ଟିଆ, ବିଂ. ( ଦେ ) ଦୀର୍ଘଥଣ୍ଟବିଶିଷ୍ଟ, ଏକଜାତୀୟ କୁମ୍ଭୀର ।

ଥଣ୍ଡା, ବିଂ. (ଦେ) ଶୀତଳ, ଉତ୍ତାପହୀନ ।

ଥନ, ବି. (ସ୍ତନର ଅପଭ୍ରଂଶ) କୁଚ, ପୟୋଧର ।

ଥନଥନ, କ୍ରି. (ଦେ) ଚକ୍ଷୁର ଲୋତକପୂର୍ଣ୍ଣ ଅବସ୍ଥା ।

ଥନହରା, ବିଂ. (ଦେ) ସ୍ତନରୋଗବିଶେଷ ।

ଥନ୍ତରା, ବିଂ. (ଦେ) ଅକର୍ମଣ୍ୟ, ନିସ୍ତେଜ, ମୁଣ୍ଡା ।

ଥନ୍ତଲ, ବି. (ଦେ) ମୋଟ।
ଥପଥପ, ଅ. (ଦେ) ଜଳାଦିର ବିନ୍ଦୁପତନ ଶବ୍ଦ।
ଥବିର, ବି. (ସ୍ଥବିର ଶବ୍ଦଜ) ବୃଦ୍ଧ।
ଥମିବା } କ୍ରି. (ଦେ) ସ୍ଥିର ହେବା, ଅଟକିବା,
ଥମ୍ଭିବା } ରହିଯିବା।
ଥୟ, ବି. (ସ୍ଥା ଧାତୁଜ) ସ୍ଥିର।
ଥରଥର, ବି. (ଦେ) କମ୍ପାନ୍ୱିତ, କମ୍ପିତ।
ଥରହର, ବି. (ଦେ) ଭୟରେ ଅଧୀର, କମ୍ପମାନ।
ଥରିବା, କ୍ରି. (ଦେ) କମ୍ପିବା।
ଥରୁଆ, ବି. (ଦେ) ଯେ ଥରେ, ଭୟାକୁଳ।
ଥଳ, ବି. (ସ୍ଥଳ ଶବ୍ଦର ଅପଭ୍ରଂଶ) ଶୁଷ୍କ ସ୍ଥାନ।
ଥଲଥଲିଆ, ବି. (ଦେ) ମେଞ୍ଚାମେଞ୍ଚା।

ଥଳି
ଥଳୀ } ବି. (ସ୍ଥଳୀ ଶବ୍ଦଜ) ମୁଣି।
ଥଳିଆ

ଥାଉ, କ୍ରି. (ସ୍ଥା ଧାତୁଜ) ରହୁ।
ଥାକ, ବି. (ଯାବନିକ) ଶ୍ରେଣୀ, ଦଳ, ପରସ୍ତ।
ଥାକୁଲ, ବି. (ଦେଶଜ) ଅତି ମୋଟା।
ଥାଟ, ବି. (ଦେ) ସୈନ୍ୟ, କଙ୍କାଳ, ମେଢ଼।
ଥାତି, ବି. (ସ୍ଥା ଧାତୁଜ) ପାଉଣା, ଜମା, ଗଚ୍ଛିତ ଧନ।
ଥାନ, ବି. (ସ୍ଥା ଧାତୁଜ) ଲୁଗା ପ୍ରଭୃତିର ଥାନ, ସ୍ଥାନ, ଭୂମି।

ଥାନମୁଣ୍ଡା, ବ. (ଦେ) ସନ୍ଧିସ୍ଥଳ, କାନ ଓ ଆଖିର ମଧ୍ୟବର୍ତ୍ତୀ ଅଂଶ ।

ଥାନା, ବ. ( ଯା ) ଶାନ୍ତିରକ୍ଷକଙ୍କ କାର୍ଯ୍ୟାଳୟ, ପୋଲିସ୍‌ଷ୍ଟେସନ ।

ଥାନାପତି, ବ. (ଦେ) ସ୍ଥାନର ମାଲିକ, ଅଧ୍ୟକ୍ଷ ।

ଥାନି, ବ. (ଯା) ଭୂମିରେ ପ୍ରଜାର ସ୍ୱତ୍ୱବିଶେଷ ।

ଥାପି, ଅ. କ୍ରି. (ଦେ) ସ୍ଥିର କରି ।

ଥାପିବା, କ୍ରି. ( ସ୍ଥାପନ ଶବ୍ଦଜ ) ରୋଇବା, ସ୍ଥାପନ କରିବା ।

ଥାଳ, ବି. ( ଦେ ) ଲାଉ ଖୋଳନିର୍ମିତ ଭିକ୍ଷାପାତ୍ର

ଥାଳି } ବ ( ସ୍ଥାଲୀ ଶବ୍ଦଜ ) ଧାତୁନିର୍ମିତ ପାତ୍ର-
ଥାଳୀ } ବିଶେଷ ।

ଥାଳିଆ, ବ. (ସ୍ଥାଲୀ ଶବ୍ଦଜ) ଗୋଟ ଥାଳି, ରେକାବି ।

ଥିନକଟ୍, ବ. (ଦେ) ଏକପ୍ରକାର ବାଦ୍ୟଧ୍ୱନି ।

ଥିର, (ରା), ବଂ. (ଦେ) ଅଚଞ୍ଚଳ, ସ୍ଥିର ।

ଥୁ, ବ. (ଦେ) ଛେପ ।

ଥୁଆ, ବଂ. (ଦେ) ସ୍ଥିତ, ସ୍ଥାପିତ ।

ଥୁଆଥୋଇ, ବ. (ଦେ) ବିଧବା ସ୍ତ୍ରୀର ପୁନର୍ବିବାହ ।

ଥୁକ, ବ. (ଦେଶଜ) ଛେପ ।

ଥୁକାର, ବି. (ଥୁତ୍‌କାର ଶବ୍ଦଜ) ଛେପ ପକାଇବା ।

ଥୁଣ୍ଟା, ବଂ. (ଦେଶଜ) ଶାଖାହୀନ ।

ଥେଣ୍ଟା, ବଂ. ( ହିନ୍ଦୀ, ଥେଣ୍ଠ ଶବ୍ଦଜ ) ଅମାନିଆ, ଅବାଧ୍ୟ ।

ଥୋଇବା, କ୍ରି. ( ସ୍ଥା ଧାତୁଜ ) ରଖିବା ।

ଥୋକେ } ବିଂ. କେତେକ, କେତେଗୁଡ଼ିଏ ।
ଥୋକାଏ

ଥୋଢ଼, ବି. (ଦେଶଜ) କେଣ୍ଡା, ଦାଢ଼ୀ ।

ଥୋଢ଼ } ବି. (ଦେ) ହାତୀର ଶୁଣ୍ଢ ।
ଥୋଢ଼ପାହାଢ଼

ଥୋଡ଼ା, ବିଂ. (ଯା) ଅଲ୍ପ, ସ୍ତୋକ ।

ଥୋଡ଼ } ବି. (ଦେଶଜ) ଓଷ୍ଠ, ଏକପ୍ରକାର ମାଛ ।
ଥୋଡ଼ୀ } ବିଂ. ଘରବାହ୍ନି ।

ଥୋଡ଼ିଆ } ବି. (ଦେଶଜ) ଯେ ବଳଦଦ୍ୱାରା ଭାର
ଥୋରିଆ } ବହନ କରେ, ଜାତିବିଶେଷ ।

ଥୋଇଲୀ, ବି. (ଦେଶଜ) ଦାସୀ, ରକ୍ଷିତା ସ୍ତ୍ରୀ ।

ଥୋମଣି } ବି. (ଦେଶଜ) ପଶୁମାନଙ୍କର ଓଷ୍ଠ ।
ଥୋମୁଣୀ

ଥୋପ, ବି. (ଦେଶଜ) ବନ୍ସି ପ୍ରଭୃତିରେ ଦିଆଯିବା
ଆହାର ।

ଥୋପୀ, ବି. (ସ୍ତବକ ଶବ୍ଦଜ) ଗୁଚ୍ଛ, କାନ୍ଧ । ଲୁହାର
ମୁଗୁର ।

ଥୋପିପଡ଼ିବା, କ୍ରି. (ଦେଶଜ) ବୋହି ପଡ଼ିବା ।

ଥୋବରା, ବିଂ. (ଦେଶଜ) ନିର୍ଲ୍ଲଜ୍ଜ, ଥକା ପଡ଼ିଥିବା ।

ଥୋର } ବି (ଦେଶଜ) ହସ୍ତିଶୁଣ୍ଢ ।
ଥୋରପାହାର

## ଦ

ଦ, ବ୍ୟଞ୍ଜନବର୍ଣ୍ଣର ଅଷ୍ଟାଦଶ ବର୍ଣ୍ଣ । ବି. ପର୍ବ୍ବତ, ଦାନ ।

ଦଅଣା ବି. ପୁଷ୍ପବିଶେଷ ।

ଦଇନ୍ୟା କରିବା କ୍ରି. (ଦୈନ୍ୟ ଶବ୍ଦଜ) ବିନତି କରିବା ।

ଦଉଡ଼, ବି. (ଦେ) ଦଉଡ଼ିବା ।

ଦଉଡ଼ା
ଦଉଡ଼ି } ବି. (ଦେଶଜ) ରଜ୍ଜୁ ।

ଦଉଡ଼ି ଦେବା, କ୍ରି. (ଦେ) ଫାଶି ଲଗାଇ ଆତ୍ମହତ୍ୟା କରିବା ।

ଦଉଡ଼ିବା, କ୍ରି. (ଦେ) ଧାଇଁବା ।

ଦଉରା, ବିଂ. (ଯା) ଭ୍ରମଣ, ଗସ୍ତ, ଗୁରୁତର ଅପରାଧର ବିଚାର ।

ଦଂଶକ, ବି. (ଦନ୍‌ଶ-ଅକ) ଡାଁଶ, ମଶା । ବିଂ. ଦଂଶନକାରୀ ।

ଦଂଶନ, ବି. (ଦନ୍‌ଶ-ଅନ) ବନମକ୍ଷିକା, ଡାଁଶ, ଦନ୍ତ, ବର୍ମ, ଦନ୍ତାଘାତ, କାମୁଡ଼ିବା ।

ଦଂଶିତ, ବିଂ. (ଦନ୍‌ଶି-ତ) ଦନ୍ତଦ୍ୱାରା ଖଣ୍ଡିତ ।

ଦଂଷ୍ଟ୍ର, ବି. (ଦନ୍‌ଶ-ତ୍ର) ଦନ୍ତ, ରଦନ ।

ଦଂଷ୍ଟ୍ରା, ବି. (ଦନ୍‌ଶ-ତ୍ର-ଆ) ବଡ଼ ଦାନ୍ତ ।

ଦଂଷ୍ଟ୍ରୀ, ବିଂ. (ଦଂଷ୍ଟ୍ରା-ଇନ୍) ଦାନ୍ତୁରା । ବି. ସର୍ପ, ବରାହ ।

ଦକ, ବି. (ଦେ) ଭୟ, ଚମ୍ପା ।

ଦକଦକ, ବିଂ. (ଦେ) ଭୟାତୁର, ଭୟଗ୍ରସ୍ତ ।

ଦକା, ବି. (ଦେଶଜ) ଡର, ଭୟ, ଛନକା ।

ଦକ୍ଷ, ବିଂ. (ଦକ୍ଷ୍-ଅ) ସମର୍ଥ, ସ୍ୱନାମପ୍ରସିଦ୍ଧ ରାଜା, ମୁନିବିଶେଷ । ବି. ପୃଥିବୀ ।

ଦକ୍ଷକନ୍ୟା } ବି. (ଦକ୍ଷ-କନ୍ୟା, ଜନ୍-ଅ-ଆ) ଦୁର୍ଗା,
ଦକ୍ଷଜା } ସତୀ, ଅଶ୍ୱିନ୍ୟାଦି ସପ୍ତବିଂଶତି ନକ୍ଷତ୍ର ।

ଦକ୍ଷତା, ବି. (ଦକ୍ଷ-ତା) କ୍ଷମତା, ନିପୁଣତା ।

ଦକ୍ଷିଣ, ବିଂ. ( ଦକ୍ଷ-ଇନ ) ଅନୁକୂଳ । ବି. ନାୟକ-ବିଶେଷ ।

ଦକ୍ଷିଣକେନ୍ଦ୍ର } ବି. ପୃଥିବୀର ଦକ୍ଷିଣପ୍ରାନ୍ତ,କୁମେରୁ ।
ଦକ୍ଷିଣମେରୁ }

ଦକ୍ଷିଣା, ବି. ( ଦକ୍ଷି-ଣ-ଆ ) ପୁରୋହିତର ବେତନ, ପୁରସ୍କାର, ଯଜ୍ଞପତ୍ନୀ, ଦକ୍ଷିଣଦିଗ୍ ବା ଦେଶ, ଦେବୀବିଶେଷ ।

ଦକ୍ଷିଣାଗ୍ନି, ବି. ( ଦକ୍ଷିଣ-ଅଗ୍ନି ) ଦକ୍ଷିଣ ଦିଗରେ ସ୍ଥାପନୀୟ ଯଜ୍ଞାଗ୍ନି ବିଶେଷ ।

ଦକ୍ଷିଣାଚଳ, ବି. (ଦକ୍ଷିଣ-ଅଚଳ) ମଳୟ ପର୍ବତ ।

ଦକ୍ଷିଣାନିଳ, ବି. (ଦକ୍ଷିଣ-ଅନିଳ) ମଳୟ ସମୀରଣ ।

ଦକ୍ଷିଣାପଥ, ବି. ( ଦକ୍ଷିଣା-ପଥ ) ଦକ୍ଷିଣ ଦେଶ, ଦାକ୍ଷିଣାତ୍ୟ ।

ଦକ୍ଷିଣାୟନ, ବି. ( ଦକ୍ଷିଣ-ଅୟନ ) ବିଷୁବରେଖାର ଦକ୍ଷିଣବର୍ତ୍ତୀ ସୂର୍ଯ୍ୟମାର୍ଗ ।

ଦକ୍ଷିଣାବର୍ତ୍ତ, ବି. ( ଦକ୍ଷିଣ-ଆବର୍ତ୍ତ ) ଶଙ୍ଖବିଶେଷ । ବିନ୍ଧ୍ୟଗିରିର ଦକ୍ଷିଣ ଦେଶ ।

ଦଖଲ, ବି. (ଯାବନିକ) ଅଧିକାର ।

ଦଖଲି, ବିଂ. (ଦେଶଜ) କାନ୍ଦୁଆ ।

ଦଗା, ବି. (ଦେଶଜ) ଶଠତା ।

ଦଗାଦିଆ, ଦଗାଦାର, ଦଗାବାଜ } ବିଂ. (ଯା) ଠକ, ପ୍ରତାରକ ।

ଦଙ୍ଗା, ବି. (ଯାବନିକ) କଳହ ।

ଦଗ୍ଧ, ବିଂ. (ଦହ୍-ତ) ସନ୍ତପ୍ତ, ଭସ୍ମୀକୃତ ।

ଦଢ଼, ବିଂ. (ଦେ) ଦୃଢ଼, ଅଚ୍ଛିନ୍ନ

ଦଣ୍ଡ, ବି. (ଦଣ୍ଡ -ଅ) ଯଷ୍ଟି, ଶାସନ, ଦମନ, ଶିକ୍ଷା, ୬୦ ଲିତାକାଳ ।

ଦଣ୍ଡକାକ, ବି. ଡାମରା କୁଆ ।

ଦଣ୍ଡକାରଣ୍ୟ, ବି. ( ଦଣ୍ଡକ-ଅରଣ୍ୟ ) ସମୁଦାୟ ଦାକ୍ଷିଣାତ୍ୟ ।

ଦଣ୍ଡଧର, ବିଂ. (ଦଣ୍ଡ-ଧର) ରାଜା, ଯମ, କୁମ୍ଭକାର, ସନ୍ନ୍ୟାସୀ । ବିଂ. ଯଷ୍ଟିଧାରୀ ।

ଦଣ୍ଡନାୟକ, ବି. (ଦଣ୍ଡ-ନାୟକ) ସେନାପତି, ଦଣ୍ଡ-ବିଧାନ କର୍ତ୍ତା ।

ଦଣ୍ଡମାୟ୍, ବିଂ. (ଦଣ୍ଡ-ଅମାୟ୍ ) ଦଣ୍ଡାର୍ହ, ଦଣ୍ଡଦେବା ଯୋଗ୍ୟ ।

ଦଣ୍ଡପାଟ, ବି. (ଦେ) ପ୍ରଦେଶର ବିଭାଗବିଶେଷ ।

ଦଣ୍ଡପାଣି, ବି. (ଦଣ୍ଡ-ପାଣି) ଯମ, ରାଜା, କୁମ୍ଭକାର। ବିଂ. ଯଷ୍ଟିଧାରୀ।

ଦଣ୍ଡବତ୍, ଅଂ. (ଦଣ୍ଡ-ବତ୍) ଭୂମିଷ୍ଠ ପ୍ରଣାମ।

ଦଣ୍ଡବିଧି, ବି. ( ଦଣ୍ଡ-ବିଧି ) ଦଣ୍ଡବିଧାନ, ଦୁଷ୍କୃତ ଦମନସଂକ୍ରାନ୍ତ ନିୟମାବଳୀ।

ଦଣ୍ଡଭାଙ୍ଗିବା, କି. (ଦେ) ଦଣ୍ଡ ପରି ଭୂମିରେ ପଡ଼ି ଶରୀର ଚାଳନା କରିବା।

ଦଣ୍ଡା, ବି. ( ଦେଶଜ ) ଗୋଚର ପଡ଼ିଆ, ଯଷ୍ଟି, ଶଗଡ଼ର ଅଂଶବିଶେଷ, ଫଳ ଯେଉଁ ଲମ୍ବକାଷ୍ଠରେ ସଂଯୁକ୍ତ ଥାଏ।

ଦଣ୍ଡାୟମାନ, ବିଂ. ( ଦଣ୍ଡ-ଆୟ୍-ମାନ ) ଯେ ଠିଆ ହୋଇଅଛି।

ଦଣ୍ଡାର, ବି. (ଦଣ୍ଡ-ଋ-ଅ) ଶକଟବିଶେଷ, ବନ୍ୟ ହସ୍ତୀ।

ଦଣ୍ଡି, ବି. (ଦେଶଜ) ନାସିକାର ଆଭରଣବିଶେଷ, ଗୁଲାବଣ୍ଡ।

ଦଣ୍ଡିଆ, ବି. ( ଦେ ) ଦଣ୍ଡିଦାର, ବେପାରୀ।

ଦଣ୍ଡିତ, ବିଂ. (ଦଣ୍ଡ୍-ତ) ଦଣ୍ଡପ୍ରାପ୍ତ।

ଦଣ୍ଡିଦାର, ବି. (ଦେ) ଯେ ଓଜନ କରେ।

ଦଣ୍ଡୀ, ବି. (ଦଣ୍ଡ-ଇନ୍ ) ଯମ, ଦ୍ୱାରପାଳ, ସନ୍ନ୍ୟାସୀ, ଗୁଲାବଣ୍ଡ। ବିଂ. ଦଣ୍ଡଧାରୀ।

ଦଣ୍ଡୁଆସି, ବି. (ଦେଶଜ) ଚୌକିଆ, ଚୁମୁଟା।

ଦଣ୍ଡ୍ୟ, ବିଂ. (ଦଣ୍ଡ-ଯ) ଦଣ୍ଡନୀୟ।

ଦତ୍ତ, ତ୍ରି.(ଦା-ତ) ଅର୍ପିତ, ତ୍ୟକ୍ତ ।

ଦତ୍ତକପୁତ୍ର, ବି. (ଦତ୍ତକ-ପୁତ୍ର) ପୋଷ୍ୟପୁତ୍ର ।

**ଦତ୍ତାତ୍ରେୟ**, ବି. (ଦତ୍ତ-ଆତ୍ରେୟ) ଅତ୍ରିମୁନିଙ୍କ ପୁତ୍ର, ଭଗବାନଙ୍କ ଅବତାରବିଶେଷ ।

ଦତ୍ତାପହାରୀ, ତ୍ରି. (ଦତ୍ତ-ଅପ-ହୃ-ଇନ୍) ଦତ୍ତ ପଦାର୍ଥ ଯେ ଫେରାଇନିଏ ।

ଦଦରୁ, ବି. (ଦେ) ଫଣ୍ଟା ।

**ଦଦା**, ବି. (ଦେ) ବାପାଙ୍କ ସାନଭାଇ, ଦାଦ । (ସମ୍ବଲପୁର) ବଡ଼ ଭାଇ ।

ଦଦେଇ, ବି. (ଦେ) ବାପାଙ୍କ ବଡ଼ ଭାଇ ।

ଦଦ୍ରୁ, ଦଦ୍ରୂ } ବି. ( ଦରିଦ୍ରା-ଉ, ଊ ) ଚର୍ମରୋଗ, ଜାଦୁ ।

ଦଦ୍ରୁଘ୍ନ, ବି. ( ଦଦ୍ରୁ-ହନ୍-ଅ ) ଚକୁଣ୍ଡାଗଛ । ତ୍ରି. ଦଦ୍ରୁନାଶକ ।

ଦଧି, ବି. (ଧା-ଇ) ଦହି, ତକ୍ର ।

ଦଧିଗ୍ଭର, ବି. (ଦଧି-ଗ୍ଭର-ଅ) ଖୁଆ ।

ଦଧିଭଦ୍ରା, ବି (ନାମ) ପୁରୀ ଜିଲ୍ଲାର ଦୟାନଦୀ ।

ଦଧିମୁଖ, ବି. (ଦଧି-ମୁଖ) ବାନରବିଶେଷ ।

ଦଧିବାମନ, ବି. (ଦଧି-ବାମନ) ଶ୍ରୀକୃଷ୍ଣ ।

ଦଧିସାର, ବି. (ଦଧି-ସାର) ଲହୁଣୀ ।

ଦଧୀଚ, (ଚି), ବି. (ଦଧି-ଈଚ, ଇଚ) ମୁନିବିଶେଷ, ଏ ବୃତ୍ରାସୁର ବିନାଶ ନିମିତ୍ତ ସ୍ୱଦେହର ଅସ୍ଥି ଦେଇଥିଲେ ।

ଦନା, (ଦୋନା), ବି. (ଦେ) ଠୋଲ, ପଶୁଯୋନି ।

ଦନୁଜ, ବି. (ଦନୁ-ଜନ୍-ଅ) ଦାନବ, ରାକ୍ଷସ ।

ଦନ୍ତ, ବି. (ଦମ୍-ତ )ଦାନ୍ତ, ପର୍ବତଶୃଙ୍ଗ ।

ଦନ୍ତକାଷ୍ଠ, ବି. (ଦନ୍ତ-କାଷ୍ଠ) ଦାନ୍ତକାଠି ।

ଦନ୍ତଚ୍ଛଦ, ବି. (ଦନ୍ତ-ଛଦ) ଓଷ୍ଠ, ଓଠ ।

ଦନ୍ତଧାବନ, ବି. (ଦନ୍ତ-ଧାବ୍-ଅନ) ଦାନ୍ତଘଷିବା ।

ଦନ୍ତବୀଜକ, ବି. ( ଦନ୍ତ-ବୀଜ-କ ) ଡାଳିମ୍ବ ବୃକ୍ଷ ।

ଦନ୍ତଶଠ, ବି. (ଦନ୍ତ-ଶଠ୍-ଅ) କପିତ୍ଥ, କରମଙ୍ଗା, ଜମ୍ବୀର ।

ଦନ୍ତା, ବିଂ. (ଦେ) ଦନ୍ତୁର, ଦାନ୍ତୁରୀ, ଯେ ଦାନ୍ତ ଦେଖାଏ, ହାଣ୍ଡି ।

ଦନ୍ତାୟୁଧ, ବି. (ଦନ୍ତ-ଆୟୁଧ) ଶୂକର ।

ଦନ୍ତାବଳ, ବି. (ଦନ୍ତ-ବଳ, ଅ ସ୍ଥାନରେ ଆ) ହସ୍ତୀ ।

ଦନ୍ତୀ, ବି. ( ଦନ୍ତ-ଇନ୍ ) ହସ୍ତୀ, ପର୍ବତ । ବିଂ. ଦନ୍ତଯୁକ୍ତ ।

ଦନ୍ତୁର, ବି. (ଦନ୍ତ-ଉର) ଉଚ୍ଚନୀଚ ସ୍ଥାନ, କୁଟିଳ ।

ଦନ୍ତ୍ୟ, ବି. (ଦନ୍ତ-ଯ) ଦନ୍ତଦ୍ୱାରା ଉଚ୍ଚାରିତ ବର୍ଣ୍ଣ ।

ଦନ୍ଦଶୂକ, ବି. ( ଦନ୍ଶ୍-ଯଙ୍ଲୁଗନ୍ତ-ଅକ ) ରାକ୍ଷସ, ସର୍ପ ।

ଦପ୍ତର, ବି. (ଯାବନିକ) ଖାତା, ହିସାବବହି ।

ଦପ୍ତରୀ, ବି. (ଯାବନିକ) ଯେ ବହି ବାନ୍ଧେ ।

ଦଫା, ବି. (ଯାବନିକ) ଧାରା, ନିୟମ ।

ଦଫାଦାର, ବି. (ଯା) ପିଆଦା, ଚୌକିଦାର ପ୍ରଭୃତି ନିମ୍ନ କର୍ମଚାରୀଙ୍କ କାର୍ଯ୍ୟର ତତ୍ତ୍ୱାବଧାରକ ।

ଦବାଇବା, କ୍ରି. (ଦେ) ତଳକୁ ଚୁପିବା, କମାଇବା, ଭସ୍ମରେ ଲୁଚାଇବା ।

ଦଭ୍ର, ବିଂ. (ଦନ୍‌ଭ୍‌-ରକ୍) ଅଳ୍ପ, ସମୁଦ୍ର ।

ଦମ, ବି. (ଦମ୍-ଅ) ଦମନ, ଶାସନ, ଇନ୍ଦ୍ରିୟନିଗ୍ରହ ।

ଦମ୍, ବି. (ଯା) ନିଃଶ୍ୱାସ, ପ୍ରତାରଣା, ଜୀବନୀଶକ୍ତି ।

ଦମକ, ବିଂ. (ଦମ୍-ଅକ) ଦମନକାରୀ, ଶାସନକର୍ତ୍ତା । (ଦେ) ଚମକ ।

ଦମକଳ, ବି. (ଯା) ଯେଉଁ କଳ ସାହାଯ୍ୟରେ ପାଣି ନିମ୍ନ ସ୍ଥାନରୁ ଉଚ୍ଚକୁ ଉଠେ ।

ଦମଘୋଷ, ବି (ନାମ) ଚେଦି ଦେଶାଧିପତି ଶିଶୁପାଳର ପିତା ।

ଦମ୍‌ଦମ୍, ବି. (ଦେ) ଭସ୍ମରେ ଥରିବା ବା କମ୍ପିବା, କ୍ରି ବିଂ. ଥରିବା ।

ଦମନ, ବି (ଦମ୍-ଅନ) ଶାସନ, ଦଣ୍ଡ, ମୁନିବିଶେଷ ।

ଦମନକ, ବି. (ଦମ୍-ଅନ-କ) ଦଅଣା ଫୁଲ ।

ଦମନୀୟ, ବିଂ. (ଦମ୍-ଅନୀୟ) ଶାସନୀୟ,ଦମନଯୋଗ୍ୟ ।

ଦମୟନ୍ତୀ, ବି. ( ଦମ୍-ଇ-ଅନ୍ତ-ଈ ) ନଳରାଜାଙ୍କ ମହିଷୀ ।

ଦମିତ, ବିଂ. (ଦମ୍-ତ) ଶାସିତ, ବଶୀକୃତ ।

ଦମ୍ପତି, ବି. (ଜାୟା-ପତି) ସ୍ତ୍ରୀ ଓ ପୁରୁଷ ।

ଦମ୍ଭ, ବି. (ଦନଭ୍-ଅ) ଗର୍ବ, କପଟତା । (ଦେ) ବଳ ।

ଦମ୍ଭୀ, ବିଂ. (ଦମ୍ଭ-ଇନ୍) ବଳିଷ୍ଠ, ପ୍ରବଞ୍ଚକ, ଶଠ ।

ଦମ୍ଭୋଳି, ବି. (ଦମ୍ଭ-ଳି ବା ଓଳି) କୁଳିଶ, ବଜ୍ର ।

ଦମ୍ୟ, ବିଂ. ( ଦମ୍-ଯ ) ଦମନର ଯୋଗ୍ୟ, ଶାସନ-ଯୋଗ୍ୟ । ବି. ଶିଶୁ ବୃଷଭ, ବାଛୁରି ।

ଦୟା, ବି. (ଦୟ୍-ଅ) ପରଦୁଃଖ ହରଣେଚ୍ଛା ।

ଦୟାମୟ
ଦୟାବାନ୍ } ବିଂ. (ଦୟା-ମୟ, ବତ୍) ଦୟାଳୁ ।

ଦୟାର୍ଦ୍ର, ବିଂ. ( ଦୟା-ଆର୍ଦ୍ର ) ଦୟାବଗଳିତ, ଦୟାଳୁ ।

ଦୟାରତ୍ନ, ବି. ବୌଦ୍ଧମାନଙ୍କର ଧର୍ମଶାସ୍ତ୍ର ।

ଦୟାଳୁ, ବିଂ. (ଦୟ-ଆଳୁ) ଦୟାବାନ୍, ଏକପ୍ରକାର ପକ୍ଷୀ ।

ଦୟିତ, ବି. ( ଦୟ୍-ତ ) ସ୍ୱାମୀ, ବଲ୍ଲଭ । ବିଂ. ପ୍ରିୟ ।

ଦୟିତା, ବି. (ଦୟିତ-ସ୍ତ୍ରୀ. ଆ) ସ୍ତ୍ରୀ । ବିଂ. ପ୍ରଣୟିନୀ ।

ଦର, ବି. (ଦୃ-ଅ) ଭୟ, ଶଙ୍ଖ, କମ୍ପ । ବିଂ. ଅର୍ଦ୍ଧ, ଈଷତ୍ ।

ଦର, ବି. (ଯା) ଖାଉ, ମୂଲ୍ୟ ।

ଦରକାର
ଦରକାରୀ } ବିଂ. (ଯା) ଆବଶ୍ୟକ, ପ୍ରୟୋଜନୀୟ ।

ଦରଖାସ୍ତ, ବି. (ଯା) ପ୍ରାର୍ଥନାପତ୍ର ।

ଦରଜ, ବି. (ଦେ) ତ୍ରାସ, ବ୍ୟଥା, ଯାତନା ।

ଦରଜୀ, ବି. (ଦେ) ବସ୍ତ୍ରସୀବନକାରୀ ଜାତିବିଶେଷ ।

ଦରଣ୍ଡା, ବି. (ଦେ) ଅନ୍ୱେଷଣ, ଖୋଜିବା ।

ଦରଦ, ବି. (ଦେ) ଦରଜ, ତ୍ରାସ, ବ୍ୟଥା ।

ଦରମା, (ହା), ବି. (ଯା) ବେତନ ।

ଦରବାର, ବି. (ଯା) ସଭା, ବସ୍ତୁଗ୍ରାଳୟ, ରାଜସଭା ।
ଦରହସା, ବିଂ. (ଦେ) ସ୍ମିତଶାଳୀ, ଯେ ଅଳ୍ପ ହସେ ।
ଦରଣ୍ଡିବା, କ୍ରି. (ଦେ) ଅଣ୍ଡାଳିବା, ଖୋଜିବା ।
ଦରି } ବି. ( ଦର-ଇ, ଈ ) ଗିରିକନ୍ଦର । (ଯା)
ଦରୀ } ବଡ଼ ଶତରଞ୍ଜି ।
ଦରିଆ, ବି. (ଯା) ସମୁଦ୍ର, ନଦୀ ।
ଦରିଆଫତ, ବି. (ଯା) ବିଗ୍ୱର, ନ୍ୟାଯ୍ୟ ବିସ୍ତର ।
ଦରିଦ୍ର, ବିଂ. ( ଦରିଦ୍ରା-ଅ ) ଦୀନ, ନିର୍ଧନ, କ୍ଷୀଣ ।
ଦରୁଆନ୍, ବି. (ଯା) ଦ୍ୱାରୀ, ଦ୍ୱାରରକ୍ଷକ ।
ଦରୈଣ୍ଠି, ବିଂ. (ଦେ) ଅର୍ଦ୍ଧପକ୍ୱ ।
ଦର୍ଦୁର, ବି. (ଦୃ-ଉର) ଭେକ, ମେଘ, ବାଦ୍ୟଯନ୍ତ୍ର ।
ଦର୍ଦୁରୀ, ବି. (ଦୃ-ଉର୍-ଆ) ଭେକୀ ।
ଦର୍ପ, ବି. (ଦୃପ୍-ଅ) ଗର୍ବ, ଅହଙ୍କାର ।
ଦର୍ପକ, ବି. ( ଦୃପ୍-ଇ-ଅକ ) କାମଦେବ । ବିଂ. ଉତ୍ତେଜକ ।
ଦର୍ପଣ, ବି. (ଦୃପ୍-ଅନ) ଆଦର୍ଶ, ମୁକୁର ।
ଦର୍ପହା, ବି. (ଦର୍ପ-ହନ୍-୦) ବିଷ୍ଣୁ । ବିଂ. ଦର୍ପହାରୀ ।
ଦର୍ପୀ, ବିଂ. (ଦର୍ପ-ଇନ୍) ଦାମ୍ଭିକ, ଅହଙ୍କାରୀ ।
ଦର୍ଭ, ବି. (ଦୃଭ୍-ଅ) ଘାସ, ଦୂବା, କୁଶ ।
ଦର୍ଶ, ବି. (ଦୃଶ-ଅ) ଅମାବାସ୍ୟା, ଦୃଷ୍ଟି ।
ଦର୍ଶକ, ବିଂ. (ଦୃଶ୍-ଅକ) ଯେ ଦେଖେ ।
ଦର୍ଶନ, କ୍ଲୀ. ( ଦୃଶ୍-ଅନ ) ଅବଲୋକନ, ଦେଖିବା, ଚକ୍ଷୁ, ସୂକ୍ଷ୍ମଶାସ୍ତ୍ର ।

ଦର୍ଶନା, ବି. (ଦେ) ଭେଟି, ଉପହାର ।
ଦର୍ଶନୀୟ, ବିଂ. (ଦୃଶ-ଅନୀୟ) ସୁନ୍ଦର, ରମଣୀୟ ।
ଦର୍ଶୟିତା, ବିଂ. ( ଦୃଶ-ଇ-ତ ) ପ୍ରଦର୍ଶକ । ବି. ଦ୍ୱାରପାଳ ।
ଦର୍ଶିତ, ବିଂ. (ଦୃଶ୍-ଇ-ତ) ପ୍ରକାଶିତ ।
ଦର୍ଶୀ, ବିଂ. (ଦୃଶ୍-ଇନ) ଦର୍ଶନକାରୀ (ଅନ୍ୟ ଶବ୍ଦ ସଙ୍ଗେ ବ୍ୟବହୃତ) ।
ଦଳ, ବି. (ଦଳ୍-ଅ) ପତ୍ର, ଫୁଲ ପାଖୁଡ଼ା, ସମୂହ, ଦଳନ । (ଦେ) ଜଳଜାତ ଘାସ ।
ଦଳନ, ବି. (ଦଳ୍-ଅନ) ମର୍ଦ୍ଦନ, ନିଷ୍ପୀଡ଼ନ ।
ଦଳପତି, ବି. (ଦଳ-ପତି) ସେନାପତି ।
ଦଲମ, ବି. ଗୃହାଦି ନିର୍ମାଣର ଉପକରଣ ।
ଦଳବେହେରା, ବି. ( ଦେ ) ପାଇକମାନଙ୍କ ମଧ୍ୟରେ ଶ୍ରେଷ୍ଠ ।
ଦଳା, ବି. ବିଂ. (ଦେ) ଦଳନ, ଦଳିତ ।
ଦଲାଲ, ବି. (ଯାବନିକ) କ୍ରୟବିକ୍ରୟ ମଧ୍ୟସ୍ଥ ।
ଦଲାଲି, ବିଂ. (ଯାବନିକ) ଦସ୍ତୁରୀ, ଦଲାଲର କର୍ମ ।
ଦଳିତ, ବିଂ. (ଦଳ୍-ତ) ମର୍ଦ୍ଦିତ, ବିକସିତ ।
ଦଲିଲ, ବି. ( ଯା ) ରାଜଚିହ୍ନିତ କାଗଜପତ୍ର, ଦସ୍ତାବିଜ ।
ଦଳିବା, କ୍ରି. (ଦେ) ଚିପିବା, ମର୍ଦ୍ଦନ କରିବା ।
ଦବ, ବି. (ଦୁ-ଅ) ବନ, ବନାନଳ ।
ଦବିଷ୍ଠ, ବିଂ. (ଦୂର-ଇଷ୍ଠ) ଅତି ଦୂରବର୍ତ୍ତୀ ।

**ଦଶ**, ବି. ବି°. (ଦନ୍‌ଶ୍-ଅନ୍) ୧୦ ସଂଖ୍ୟା ।
ଦଶକ, ବି (ଦଶନ୍-କ) ୧୦ ସଂଖ୍ୟା ।
**ଦଶକଣ୍ଠ**, ଦଶକନ୍ଧର, ଦଶଗ୍ରୀବ ⎫
ଦଶମୁଖ, **ଦଶାନନ**, ଦଶାସ୍ୟ, ⎭ ବି. ରାବଣ ।
ଦଶକର୍ମ, ବି. (ଦଶ-କର୍ମନ୍) ଗର୍ଭାଧାନାଦି **ଦଶବିଧ** ସଂସ୍କାର ।
ଦଶକୁମାର, ବି. ଦଣ୍ଡିପ୍ରଣୀତ ଦଶ ଜଣ କୁମାରଙ୍କର ଜୀବନୀଦ୍ୟୋତକ ଆଶ୍ଚର୍ଯ୍ୟ ଉପନ୍ୟାସ ।
**ଦଶଦିକ୍‌ପାଳ**, ବି. ( **ଦଶ**-ଦିକ୍-ପାଳ-ଅ ) ପୂର୍ବାଦି **ଦଶ** ଦିଗର ଅଧିଷ୍ଠାତା ।
ଦଶଧା, ଅ°. ( ଦଶନ୍-ଧା ) ଦଶବିଧ, ଦଶଥର,
ଦଶନ, ବି. (ଦନ୍‌ଶ୍-**ଅନ**) ଦାନ୍ତ ।
**ଦଶବିଧ**, ବି°. (**ଦଶ**-ବିଧା) ଦଶପ୍ରକାର ।
ଦଶଭୁଜା, ବି. (**ଦଶ**-ଭୁଜ) ଦୁର୍ଗାଦେବୀ ।
ଦଶମ, ବି°. (ଦଶନ୍-ମ) ୧୦ ସଂଖ୍ୟାର ପୂରଣ ।
**ଦଶମିକ**, ବି° (ଦଶମ-ଇକ) ଯାହାଦ୍ୱାରା କୌଣସି ଅଖଣ୍ଡ ରାଶିର ଦଶାଂଶର ଏକାଂଶ ବ୍ୟକ୍ତ କରାଯାଏ ।
**ଦଶମୀ**, ବି (ଦଶମ-ଈ) ତିଥିବିଶେଷ ।
**ଦଶମୂଳ**, ବି. (ଦଶନ୍-ମୂଳ) ପାଚନବିଶେଷ ।
ଦଶରଥ, ବି. (**ଦଶ**ନ୍-ରଥ) **ରାମ**ଚନ୍ଦ୍ରଙ୍କ ପିତା ।
ଦଶହରା, ବି. ( ଦଶନ୍-ହୃ-ଅ ) **ଜ୍ୟୈଷ୍ଠ** ମାସର ଶୁକ୍ଳ ଦଶମୀ, ଗଙ୍ଗାଙ୍କ ଜନ୍ମଦିନ, ଆଶ୍ୱିନ ଶୁକ୍ଳ ଦଶମୀ ।
**ଦଶା**, ବି. (ଦନ୍‌ଶ୍-ଅ) ବସ୍ତ୍ରର ପ୍ରାନ୍ତ, ଅବସ୍ଥା ।

ଦଶାବତାର, ବି. (ଦଶନ୍-ଅବତାର) ମତ୍ସ୍ୟ, କୂର୍ମ, ବରାହ, ନୃସିଂହ, ବାମନ, ପରଶୁରାମ, ରାମଚନ୍ଦ୍ର, କୃଷ୍ଣ, ବୁଦ୍ଧ ଓ କଳ୍କୀ ବିଷ୍ଣୁଙ୍କର ଏହି ଦଶାବତାର ।

ଦଶାଶ୍ୱମେଧିକ, ବି. ( ଦଶାଶ୍ୱମେଧ-ଇକ ) କାଶୀସ୍ଥ ତୀର୍ଥବିଶେଷ ।

ଦଶାହ, ବି. ( ଦଶ-ଅହନ୍ ) ମୃତ୍ୟୁର ଦଶମ ଦିନ, ଦଶ ଦିନ ।

ଦଶି, ବି. (ଦେଶଜ) ଲୁଗାର ଧଡ଼ି ।

ଦଶିପୋକ, ବି. ( ଦେ ) ପେଟରେ ଜନ୍ମିବା ଏକ-ପ୍ରକାର କୃମି ।

ଦଶିଆ, ବି (ଦେଶଜ) ମୋଟା ବସ୍ତ୍ରବିଶେଷ ।

ଦଶେର, ବି. (ଦନ୍ଶ୍-ଏର) ହିଂସ୍ରଜନ୍ତୁ ।

ଦଷ୍ଟ, ବିଂ. (ଦନ୍ଶ୍-ତ) ଯାହାକୁ ଦଂଶନ କରାଯାଇ-ଅଛି, ଦନ୍ତାହତ ।

ଦସ୍ତ, ବି. (ଯା) ଝାଡ଼ା ।

ଦସ୍ତଖତ, ବି. ( ଯା ) ସ୍ୱାକ୍ଷର, ନିଜ ନାମ ଲେଖିବା ।

ଦସ୍ତା, ବି. (ଦେ) ଧାତୁବିଶେଷ ।

ଦସ୍ତାନା, ବି. (ଯା) ଅଙ୍ଗୁଳିତ୍ର, ହାତମୋଜା ।

ଦସ୍ତାବିଜ, ବି. (ଯା) ଦଲିଲ, ତମସୁକ ।

ଦସ୍ତି, ବି. ( ଦେ ) ଭୂମି ମାପିବାର ପରିମାଣ-ବିଶେଷ, ୫ ହାତ ମାପ ।

ଦସ୍ତୁର, ବି. (ଯାବନିକ) ଧାରା, ପ୍ରଣାଳୀ ।

ଦକ୍ଷିଣା, ବି. ( ଯାବନକ ) ଦ୍ରବ୍ୟ ବିକ୍ରୟକାଳରେ କ୍ରେତାର ଭୃତ୍ୟକୁ ବିକ୍ରେତାଙ୍କଠାରୁ ଯାହା ମିଳେ ।

ଦସ୍ୟୁ, ବିଂ. ( ଦସ୍=କ୍ଷୟ କରିବା-ଯୁ ) ଚୋର, ଲୁଣ୍ଠନକାରୀ ।

ଦହ, ବି. (ଦହ -ଅ) ଦଗ୍ଧ ହେବା । ବି. ଜଳପାତ୍ର ।

ଦହକ, ବିଂ. (ଦହ୍-ଅକ) ଉତ୍ତାପ ।

ଦହଗଞ୍ଜ, ବି. ( ଦେ ) ଯନ୍ତ୍ରଣା । ବିଂ. ଉତ୍ୟକ୍ତ, ବିବ୍ରତ ।

ଦହଡ଼, ବିଂ. (ଦେ) ଉତ୍ତପ୍ତ ।

ଦହନ, ନ. (ଦହ୍-ଅନ) ଅଗ୍ନି, ଦୁଷ୍ଟଲୋକ, ଦାହ । ବିଂ. ଦାହକାରକ ।

ଦହପାଣି, ବି. (ଦେ) ଯେଉଁ ପାଣିରୁ ଲୁଣ ମାରନ୍ତି

ଦହଲ, ବିଂ. କାଦୁଅ ।

ଦହମାନ୍ୟ, ବିଂ. (ଦହ୍-ଅମାନ୍ୟ) ଜ୍ୱଳମାନ୍ୟ, ଦାହ୍ୟ ।

ଦହି, ବି. (ଦଧି ଶବ୍ଦଜ) ଦୁଗ୍ଧର ବିକାର ।

ଦହିମାଛୁଆ, ବି. (ଦେ) ଧୋବା ।

ଦହିବା, କ୍ରି. (ଦେ) ପୋଡ଼ିବା ।

ଦହ୍ୟମାନ, ବି. (ଦହ-ଆନ) ଯାହା ଦଗ୍ଧ ହେଉଅଛି ।

ଦା, ବି. ( ଦାତ୍ର ଶବ୍ଦଜ ) ଧାନ୍ୟାଦି କାଟିବାର ଅସ୍ତ୍ର-ବିଶେଷ, ଦାତ୍ର ।

ଦାଇକା<br>ଦାଏକା } ବି. (ଦେ) ଏକପ୍ରକାର ଅଶ୍ଳୀଳ ଗୀତ ।

ଦାଉ, ବିଂ. (ଦେ) ଅସହନ୍ତା, ଅବୈଧ, ସନ୍ତାପ ।

ଦାଉଦାଉ, ବି°. (ଦେ) ଜକଜକ, ଉଜ୍ଜ୍ୱଳ ।

ଦାଉଣୀ, ବି. ( ଦାମନୀ ଶବ୍ଦଜ ) ଯହିଁରେ ଅନେକ ଗୋରୁ ବନ୍ଧାଯାନ୍ତି ।

ଦାଏର, ବି. (ଯା) ଦାଖଲ, ଉପସ୍ଥାପନ ।

ଦାକ୍ଷାୟଣୀ, ବି. (ଦକ୍ଷ-ଆୟନ-ଈ) ଦୁର୍ଗା, ସତୀ ।

ଦାକ୍ଷିଣାତ୍ୟ, ବି. (ଦକ୍ଷିଣ-ତ୍ୟ) ବିନ୍ଧ୍ୟଗିରିର ଦକ୍ଷିଣସ୍ଥ ଦେଶ । ବି°. ଦକ୍ଷିଣଦିଗସ୍ଥ ।

ଦାକ୍ଷିଣ୍ୟ, ବି. (ଦକ୍ଷିଣା-ଯ) ଆନୁକୂଲ୍ୟ, ସୌଜନ୍ୟ ।

ଦାଖଲ, ବି. (ଯା) ପ୍ରବେଶ କରିବା, ଅର୍ପଣ କରିବା, ଉପସ୍ଥିତ ହେବା ।

ଦାଖଲଖାରଜ, ବି. ( ଯା ) ସରକାରୀ କାଗଜରୁ ପୁରାତନ ଅଧିକାରୀର ନାମ ଖାରଜ କରି ନୂତନ ଅଧିକାରୀର ନାମ ପୂରଣ କରିବା ।

ଦାଗ, ବି. (ଯା) ଚିହ୍ନ, ଅଙ୍କ, କଳଙ୍କ ।

ଦାଗୀ, ବି°. ( ଯା ) ଚିହ୍ନିତ, ଦୋଷ କରି ଯେ ଦଣ୍ଡ ପାଇଅଛି ।

ଦାଡ଼ିମ୍ବ
ଦାଳି(ଡ଼ି)ମ } ବି. ଡାଳିମ୍ବ ।

ଦାଢ଼, ବି. ( ଦେ ) ଅସ୍ତ୍ରାଦିର ଧାର, ପ୍ରାନ୍ତସୀମା, କଡ଼ାକର ୩୨ ଭାଗରୁ ଏକ ଭାଗ ।

ଦାଢ଼ି, ବି. ( ଦେ ) ଗଣ୍ଡ ଓ ଚିବୁକାନ୍ତର୍ଗତ ରକ୍ଷିତ କେଶ, ଶ୍ମଶ୍ରୁ ।

ଦାଢ଼ୁଆ, ବି°. (ଦେ) ତୀକ୍ଷ୍ଣ, ଦାଢ଼ ଥିବା ।

ଦାଣ୍ଡିବା, କ୍ରି. (ଦେ) ଆକଟ କରିବା ।

ଦାଣ୍ଡ, ବି. (ଦେ) ପଥ, ବାଟ ।

ଦାଣ୍ଡି, ବି. (ଦେ) ସାହି, ଶ୍ରେଣୀ, ଶ୍ରେଣୀବଦ୍ଧ ଗୃହ ।

ଦାତବ୍ୟ, ବିଂ. (ଦା-ତବ୍ୟ) ଦାନଯୋଗ୍ୟ, ଦେୟ ।

ଦାତା, ବିଂ. (ଦା-ତୃ) ଦାନଶୀଳ, ବଦାନ୍ୟ ।

ଦାତ୍ୟୂହ, ବି. (ଦାତି-ଊହ) ଡାହୁକ ।

ଦାତ୍ର, ବି. ( ଦୋ-ତ୍ର ) ଦା, ତୃଣାଦି ଛେଦନ କରିବା ଅସ୍ତ୍ରବିଶେଷ ।

ଦାଦନ, ବି. (ଯା) ଠିକା କର୍ମାଦିର ଅଗ୍ରିମ ବେତନ, ଋଣ ।

ଦାଦା
ଦାଦି } ବି (ଦାହ୍ୟାଦି ଶବ୍ଦଜ) ପିତାର ସାନ ଭାଇ ।

ଦାନ, ବି. ( ଦା=ଦାନ କରିବା, ଦୋ=ଛେଦନ କରିବା, ଦୈ=ଶୁଦ୍ଧ କରିବା, ଦେ=ପାଳନ କରିବା-ଅନ) ବିତରଣ, ତ୍ୟାଗ, ହସ୍ତିର ମଦଜଳ, ଛେଦନ, ପଶାଖେଳର ସାରି ସଂଖ୍ୟା ।

ଦାନପତ୍ର, ବି. "ଏ ପଦାର୍ଥ ଏହାକୁ ଦେଲି" ଏହା ଯେଉଁ ପତ୍ରରେ ଲେଖାଯାଏ ।

ଦାନବ, ବି. (ଦନୁ-ଅ) ଦୈତ୍ୟ, ଅସୁର ।

ଦାନବାରି, ବି. ( ଦାନବ-ଅରି ) ଦୈତ୍ୟଗୁରୁ, ଦେବତା, ବିଷ୍ଣୁ । (ଦାନ-ବାରି) ହସ୍ତିର ମଦଜଳ ।

ଦାନଶୌଣ୍ଡ, ବି. (ଦାନ-ଶୌଣ୍ଡ) ବଳି, କର୍ଣ୍ଣ ।

ଦାନଶୀଳ, ବିଂ. (ଦାନ-ଶୀଳ) ଦାତା, ବଦାନ୍ୟ ।

ଦାନା, ବି (ଦେ) ଦୈତ୍ୟ, ଭୂତ । (ଯା) ଶସ୍ୟାଦିର ବୀଜ, ଘୋଡ଼ାଦିର ଖାଦ୍ୟ ।

ଦାତା, ବିଂ. (ଦେ) ଯେ ଦାନ କରେ । ବି. ଆଧାର ।

ଦାନୀୟ, ବିଂ. ( ଦେ ) ଯେ ଦାନଗ୍ରହଣର ଯୋଗ୍ୟ ପାତ୍ର, ଦାନୁଆ ।

ଦାନୁଆ, ବିଂ. (ଦେ) ଯେ ଦାନ ନିଏ, ଦାନୀୟ ।

ଦାନ୍ତ, ବିଂ. ( ଦମ୍-ତ ) ବଶୀକୃତ, ସହିଷ୍ଣୁ, ଜିତେନ୍ଦ୍ରିୟ । ବି. (ଦେ) ଦନ୍ତ ।

ଦାନ୍ତକାଠି, ବି. ( ଦେ ) ଦାନ୍ତପରିଷ୍କାର କରିବାର କାଠି ।

ଦାନ୍ତଖୁଣ୍ଟା, ବି. (ଦେ) ଦାନ୍ତ ଖୁଣ୍ଟିବାର କାଠି ।

ଦାନ୍ତୁଡ଼ା,(ରା), ବିଂ. (ଦନ୍ତୁର ଶବ୍ଦଜ) ଯାହାର ବଡ଼ ଦାନ୍ତ ଅଛି ।

ଦାମ, ବି. ( ଦୋ-ମନ୍ ) ରଜ୍ଜୁ, ମାଲ୍ୟ, ଗୁଚ୍ଛ ।

ଦାମୁଡ଼ି, ବି. (ଦେ) ଅଳ୍ପବୟସ୍କ ବଳଦ ।

ଦାମୋଦର, ବି. ( ଦାମନ୍-ଉଦର ) କୃଷ୍ଣ, ବିଷ୍ଣୁ ।

ଦାମ୍ପତ୍ୟ, ବିଂ. (ଦମ୍ପତି-ଯ) ଦମ୍ପତିସମ୍ବନ୍ଧୀୟ ।

ଦାମ୍ପତ୍ୟପ୍ରଣୟ, ବି. ପତି ପତ୍ନୀ ଉଭୟଙ୍କର ପ୍ରଣୟ ।

ଦାମ୍ଭିକ, ବିଂ. (ଦମ୍ଭ-ଇକ) ଅହଙ୍କାରୀ, କପଟାଶ୍ରୟୀ ।

ଦାୟ, ବି. (ଦା-ଯ) ପୈତୃକ ଧନ, ଜଣକର ସ୍ୱାମିତ୍ୱ-ନାଶରେ ଅନ୍ୟର ସ୍ୱତ୍ୱ ସ୍ଥାପନ ।

ଦାୟକ, ବିଂ. (ଦା-ଅକ) ଇଷ୍ଟପୂରକ, ଦାତା ।

ଦାୟଭାଗ, ବି. (ଦାୟ-ଭାଗ) ପୈତୃକ ଧନର ବିଭାଗ ବିଷୟ ଯେଉଁ ଶାସ୍ତ୍ରରେ ନିରୂପିତ ହୋଇଅଛି ।

ଦାୟାଦ, ବି. ( ଦାୟ-ଆ-ଦା-ଅ ) ପୁତ୍ର କନ୍ୟା, ଜ୍ଞାତି, ଉତ୍ତରାଧିକାରୀ ।

ଦାୟିତ୍ୱ, ବି. (ଦାୟିନ୍-ତ୍ୱ) ଦାତୃତ୍ୱ, କ୍ଷତିପୂରଣ ।

ଦାୟୀ, ବିଂ. ( ଦା-ଇନ୍ ) ଦାତା, କ୍ଷତିପୂରକ ।

ଦାର, ବି. (ଦୃ-ଅ) ପତ୍ନୀ ।

ଦାରକ, ବି. (ଦୃ-ଅକ) ପୁତ୍ର ।

ଦାରକର୍ମ, ବି. (ଦାର-କର୍ମନ୍) ବିବାହ ।

ଦାରଗ୍ରହଣ, ବି. ପତ୍ନୀଗ୍ରହଣ, ବିବାହ ।

ଦାରଣ, ବି. (ଦୃ-ଅନ) ବିଦାରଣ । ବିଂ. ବିଦାରକ ।

ଦାରପରିଗ୍ରହ, ବି. (ଦାର-ପରିଗ୍ରହ) ବିବାହ ।

ଦାରା, ବି. ( ଦୃ-ଆ ) ଭାର୍ଯ୍ୟା, ପତ୍ନୀ । (ଯା) ବାଦ୍ୟ-ଯନ୍ତ୍ରବିଶେଷ ।

ଦାରିକା, ବି. (ଦୃ-ଅକ-ଆ) କନ୍ୟା, ଝିଅ ।

ଦାରିତ, ବିଂ. (ଦୃ-ଇ-ତ) ବିଦାରିତ ।

ଦାରିଦ୍ର, ଦାରିଦ୍ର୍ୟ } ବି. (ଦରିଦ୍ରା-ଅ, ଯ) ଦୈନ୍ୟ, ନିର୍ଧନତା ।

ଦାରୀ, ବି. ସ୍ତ୍ରୀ. (ଦେ) ବେଶ୍ୟା ।

ଦାରୁ, ବି. (ଦୃ-ଉ) କାଷ୍ଠ, ଦେବଦାରୁବୃକ୍ଷ ।

ଦାରୁକ, ବି. ( ଦୃ-ଉକ ) କୃଷ୍ଣଙ୍କ ସାରଥି, କାଷ୍ଠ ।

ଦାରୁଣ, ବିଂ. (ଦୃ-ଇ-ଉନ) ଭୟଙ୍କର, ନିଷ୍ଠୁର ।

ଦାରୁମୟ, ବିଂ. (ଦାରୁ-ମୟ) କାଷ୍ଠନିର୍ମିତ, କାଷ୍ଠମୟ ।

ଦାରୁହରିଦ୍ରା, ବି. ଦାରୁହଳଦୀ ।

ଦାରୋଗା, ବି. ( ଯା ) ପୁଲିସ କର୍ମଚାରୀ, ଦ୍ୱାରୀ ।

ଦାର୍ଢ୍ୟ, ବ (ଦୃଢ଼-ଯ) ଦୃଢ଼ତା ।

ଦାର୍ବଟ, ବ. ( ଦାରୁ-ଅଟ୍-ଅ ) ମନ୍ତ୍ରଭବନ ।

ଦାର୍ଶନିକ, ବିଂ. (ଦର୍ଶନ-ଇକ) ଦର୍ଶନଶାସ୍ତ୍ରବେତ୍ତା ।

ଦାବ, ବ. (ଦୁ-ଅ) ବନାନଳ, ବନ ।

ଦାବା, ବ. (ପ୍ରାଦେ ଗଞ୍ଜାମ) ମକଦମା, କଳି ।

ଦାବାଗ୍ନି } ବ. (ଦାବ-ଅଗ୍ନି,-ଅନଳ) ବନୋଦ୍ଭବ
ଦାବାନଳ } ଅଗ୍ନି ।

ଦାବି, ବ. (ଯା) ପାଉଣା, ସ୍ୱତ୍ୱ, ଅଧିକାର ।

ଦାବିବା, କି. (ଦେ) ଗୃପିବା ।

ଦାଶ, ବ. (ଦାଶ୍ ଧାତୁ-ଦାନ କରିବା-ଅ) ବ୍ରାହ୍ମଣ ।

ଦାଶରଥ } ବ. (ଦଶରଥ-ଅ, ଇ) ରାମଚନ୍ଦ୍ର । ବିଂ.
ଦାଶରଥି } ଦଶରଥସମ୍ବନ୍ଧୀୟ ।

ଦାଶ } ବ. (ଦାସ୍-ଅ) ଭୃତ୍ୟ, ଶୂଦ୍ରଜାତି, ଧୀବର,
ଦାସ } କେଉଟ ।

ଦାସକେରଣ୍ଡା, ବ. (ଦେ) ଗୁଳ୍ମବିଶେଷ ।

ଦାସତ୍ୱ, ବ. (ଦାସ-ତ୍ୱ) ଦାସର କର୍ମ ବା ଅବସ୍ଥା ।

ଦାସୀ, ସ୍ତ୍ରୀ. (ଦାସ-ଈ) ଦାସର ସ୍ତ୍ରୀ, ଚାକରାଣୀ ।

ଦାସେୟ, ବ. (ଦାସୀ ବା ଦାସ-ଏୟ) ଦାସୀଗର୍ଭଜାତ ପୁତ୍ର, ଧୀବର ।

ଦାସେରକ, ବ. (ଦାସ-ଏର-କ) ଦାସୀପୁତ୍ର, ଉଷ୍ଟ୍ର ।

ଦାସ୍ୟ, ବ. (ଦାସ-ଯ) ଦାସତ୍ୱ, ସେବା, ଜୀବିକା ।

ଦାହ, ବ. (ଦହ୍-ଅ) ଦହନ, ସନ୍ତାପ ।

ଦାହକ, ବିଂ. (ଦହ୍-ଅକ) ଦାହକାରୀ ।

ଦାହଜ୍ୱର, ବି. (ଦାହ-ଜ୍ୱର) ଯେଉଁ ଜ୍ୱରରେ ଦେହ ଜଳେ ।

ଦାହନ, ବି. (ଦାହି-ଅନ) ପୋଡ଼ିବା ।

ଦାହ୍ୟ, ବିଂ. (ଦହ୍-ଯ) ଦହନୀୟ, ଜ୍ୱଳନୀୟ ।

ଦି, ବିଂ. (ଦେ) ଦୁଇ ।

ଦିଅଁ, ବି. (ଦେବ ଶବ୍ଦଜ) ଦେବତା ।

ଦିଅ, କି. (ଦା ଧାତୁଜ) ଦାନ କର ।

ଦିଅର, ବି. (ଦେବର ଶବ୍ଦଜ) ପତିର କନିଷ୍ଠ ଭ୍ରାତା ।

ଦିଆଲି, ବି. (ଦେ) ଦୀପାବଳୀ ଅମାବାସ୍ୟା ।

ଦିଆସିଲି, ବି. (ଦେ) ନିଆଁକାଠି, ଦୀପଶଳାକା ।

ଦିଓଟି, ବି. ବିଂ. (ଦେ) ଦୁଇଗୋଟି, କିଞ୍ଚିତ୍, ସ୍ୱଳ୍ପ ।

ଦିକଡ଼ା, ବିଂ. (ଦେ) ଦୁଇକଡ଼ା ମୂଲ୍ୟର, ଅତି ତୁଚ୍ଛ ।

ଦିକ୍, ବି. ( ଦିଶ୍-୦ ) ପୂର୍ବାଦି ଦିଗ, ଅଂଶ, ସୀମା, ପକ୍ଷ । (ଦେ) ବିଂ. ବିରକ୍ତ ।

ଦିକ୍‌ଦାର, ବିଂ. (ଯା) ବିରକ୍ତିକର, ବିରକ୍ତ ।

ଦିକ୍‌ପତି } ବି. ( ଦିକ୍-ପତି, ପାଳ ) ପୂର୍ବାଦି
ଦିକ୍‌ପାଳ } ଦଶ ଦିଗର ରକ୍ଷକ । ଯଥା– ଇନ୍ଦ୍ର, ଅଗ୍ନି, ଯମ, ନୈର୍‌ଋତ, ବରୁଣ, ବାୟୁ, କୁବେର, ମହାଦେବ, ବ୍ରହ୍ମା, ଅନନ୍ତ ଏହି ଦଶ ଜଣ; ସୂର୍ଯ୍ୟ, ଶୁକ୍ର, ମଙ୍ଗଳ, ରାହୁ, ଶନି, ସୋମ, ବୁଧ, ବୃହସ୍ପତି ପୂର୍ବାଦିକ୍ରମେ ଏହି ଅଷ୍ଟ ଦିକ୍‌ପାଳ ।

ଦିକ୍‌ଶୂଳ, ବି. ( ଦିକ୍-ଶୂଳ ) ଦିଗ୍‌ବିଶେଷକୁ ଗମନ ନିମିତ୍ତ ନିଷିଦ୍ଧ ବାର ପ୍ରଭୃତି ।

ଦିଗ୍‌ଦର୍ଶନଯନ୍ତ୍ର, ବି. (ଦିଗ୍‌ଦର୍ଶନ-ଯନ୍ତ୍ର) ଦିଗ ନିର୍ଣ୍ଣାୟକ ଯନ୍ତ୍ର ।

ଦିଗନ୍ତ, ବି. (ଦିକ୍-ଅନ୍ତ) ଦିଗ ସମୁଦାୟର ଶେଷ ଭାଗ ।

ଦିଗମ୍ବର, ବି. (ଦିକ୍-ଅମ୍ବର) ଶିବ, ବୌଦ୍ଧବିଶେଷ । ବିଂ. ଲଙ୍ଗଳା ।

ଦିଗ୍‌ଗଜ, ବି. (ଦିକ୍-ଗଜ) ଆଠ ଦିଗର ହସ୍ତୀ ।

ଦିଗ୍‌ଦର୍ଶନ, ବି. ( ଦିକ୍-ଦୃଶ୍-ଅନ ) ବିଜ୍ଞତା, ଦିଗ ନିର୍ଣ୍ଣୟ, ବହୁଦର୍ଶିତା ।

ଦିଗ୍ଧ, ବିଂ. ( ଦିହ୍-ତ ) ଲିପ୍ତ । ବି. ଅଗ୍ନି, ସ୍ନେହ, ପ୍ରବନ୍ଧ ।

ଦିଗ୍‌ବାରଣ, ବି. ଦିଗ୍‌ଗଜ । (ଦେ) ଦିଗ ନିରୂପଣ ।

ଦିଗ୍ବିଜୟ, ବି. (ଦିକ୍-ବି-ଜି-ଅ) ବିଦ୍ୟା ବା ଯୁଦ୍ଧଦ୍ୱାରା ନାନା ପ୍ରକାରରେ ଆପଣାର କ୍ଷମତା ପ୍ରଦର୍ଶନ, ଚାରଆଡ଼େ ନିଜ ପ୍ରଭୁତ୍ୱ ବିସ୍ତାର ।

ଦିତି, ବି. (ଦୋ-ତି) କାଶ୍ୟପ ମୁନିଙ୍କ ପତ୍ନୀ ।

ଦିତିଜ / ଦିତିସୁତ } ବି. (ଦିତି-ଜନ୍-ଅ, ସୁତ) ଦୈତ୍ୟ, ଅସୁର ।

ଦିତ୍ସା, ବି. (ଦା-ସନ୍-ଅ) ଦାନେଚ୍ଛା ।

ଦିଦୃକ୍ଷା, ବି. (ଦୃଶ୍-ସନ୍-ଅ) ଦେଖିବାର ଇଚ୍ଛା ।

ଦିନ, ବି. (ଦୋ-ଇନ୍ ) ଦିବସ ।

ଦିନକର / ଦିନମଣି } ବି. ( ଦିନ-କୃ-ଅ, ଦିନ-ମଣି ) ସୂର୍ଯ୍ୟ ।

ଦିନକରାତ୍ମଜ, ବି. ( ଦିନକର-ଆତ୍ମଜ ) ସୂର୍ଯ୍ୟପୁତ୍ର, ଶନି, ଯମ । ସ୍ତ୍ରୀ. ଜା, ଯମୁନା ।

ଦିନଦୁଃଖିତ, ବି. (ଦିନ-ଦୁଃଖିତ) ଚକ୍ରବାକପକ୍ଷୀ ।

ଦିନଦ୍ୟୁତି, ବି. (ଦିନ-ଦ୍ୟୁତି) ସୂର୍ଯ୍ୟ ।

ଦିନପାତ, ବି. (ଦିନ-ପାତ) ଦିନ କଟାଇବା ।

ଦିନବନ୍ଧୁ, ବି. (ଦିନ-ବନ୍ଧୁ) ସୂର୍ଯ୍ୟ ।

ଦିନମୁଖ, ବି. (ଦିନ-ମୁଖ) ପ୍ରାତଃକାଳ ।

ଦିନାନ୍ତ } ବି (ଦିନ-ଅନ୍ତ, ଅବସାନ) ଦିନଶେଷ,
ଦିନାବସାନ } ସନ୍ଧ୍ୟାକାଳ ।

ଦିନାମାର, ବି (ଦେ) ଡେନମାର୍କ ଦେଶର ଅଧିବାସୀ ।

ଦିନେଶ, ବି. (ଦିନ-ଈଶ) ସୂର୍ଯ୍ୟ, ଅର୍କବୃକ୍ଷ ।

ଦିଲୀପ, ବି. (ଦିଲି-ପ) ସୂର୍ଯ୍ୟବଂଶୀୟ ନୃପବିଶେଷ ।

ଦିବ୍ } ବି. (ଦିବ୍-୦, ଅ) ସ୍ୱର୍ଗ, ଆକାଶ, ଅଦିତା
ଦିବ }

ଦିବସ, ବି. (ଦିବ-ଅସ) ଦିନ ।

ଦିବସକର, ବି. (ଦିବସ-କୃ-ଅ) ସୂର୍ଯ୍ୟ ।

ଦିବସମୁଖ, ବି. (ଦିବସ-ମୁଖ) ପ୍ରାତଃକାଳ ।

ଦିବାକର, ବି. (ଦିବା-କୃ-ଅ) ସୂର୍ଯ୍ୟ ।

ଦିବାନ୍ଧ, ବି. (ଦିବା-ଅନ୍ଧ) ପେଚକ । ବିଂ. ଦିନକଣା

ଦିବାରାତ୍ର, ବି. (ଦିବା-ରାତ୍ରି) ଦିନରାତି ।

ଦିବାଲି, ବିଂ. (ଦେ) ଦୁର୍ବଳ, କ୍ଷୀଣ ।

ଦିବାଲି, ବି. (ଦେ) ଦୀପାବଳି ଅମାବାସ୍ୟା ।

ଦିବାବସୁ, ବି. (ଦିବା-ବସୁ) ସୂର୍ଯ୍ୟ, ଅର୍କବୃକ୍ଷ ।

ଦିବ, ବି. (ଦିବ୍-ଇ) ସ୍ୱର୍ଗ । ଅଂ. ସ୍ୱର୍ଗରେ ।

ଦିବିଷଦ / ଦିବୋକସ୍ / ଦିବୌକସ୍ } ବି. (ଦିବ-ସଦ୍-୦,ଓକସ) ଦେବତା ।

ଦିବ୍ୟ, ବିଂ. (ଦିବ୍=ସ୍ୱର୍ଗ-ଯ) ସ୍ୱର୍ଗୀୟ । ଦେ. ଶପଥ ।

ଦିବ୍ୟରଥ, ବି. (ଦିବ୍ୟ-ରଥ) ବିମାନ ।

ଦିଶ / ଦିଶା } ବି. (ଦେ) ସୂତ୍ର, ବୁଦ୍ଧି ।

ଦିଶିବା, କ୍ରି. (ଦୃଶ୍ ଧାତୁଜ) ଦେଖାଯିବା ।

ଦିଷ୍ଟ, ବିଂ. (ଦିଶ୍-ତ) କାଳ, ଭାଗ୍ୟ । ବିଂ. ଆଦିଷ୍ଟ ।

ଦିହ, ବି. (ଦେ) ଦେହ, ଶରୀର ।

ଦିହୁଡ଼ି, ବି. (ଦେଶଜ) ମଶାଲ ।

ଦୀକ୍ଷକ, ବିଂ. (ଦୀକ୍ଷା-ଅକ) ଶିକ୍ଷକ ।

ଦୀକ୍ଷା, ବି. (ଦୀକ୍ଷ-ଅ-ଆ) ଉପଦେଶ, ମନ୍ତ୍ରଗ୍ରହଣ ।

ଦୀକ୍ଷାଗୁରୁ, ବି. ଯେ ଧର୍ମ ଉପଦେଶ ଦିଅନ୍ତି, ମନ୍ତ୍ରଦାତା ।

ଦୀକ୍ଷିତ, ବିଂ. (ଦୀକ୍ଷ୍-ତ) ବ୍ରତାଦି ବା ଯଜ୍ଞାଦି କର୍ମରେ ସଂକଳ୍ପପୂର୍ବକ ପ୍ରବୃତ୍ତ ।

ଦୀଘୀ, ବି. (ଦୀର୍ଘିକା ଶବ୍ଦଜ) ଦୀର୍ଘ ଜଳାଶୟ ।

ଦୀଧିତି, ବି. (ଦିଧି-ତି) କିରଣ, ଆଲୋକ ।

ଦୀନ, ବିଂ (ଦୀ=କ୍ଷୟ ପାଇବା-ତ) ଦରିଦ୍ର, ଦୁଃଖିତ ।

ଦୀନନାଥ, ବି. (ଦୀନ-ନାଥ) ନାରାୟଣ । ବିଂ. ଦୁଃଖିର ଆଶ୍ରୟ ।

ଦୀନାର, ବି. (ଦୀନ-ଋ-ଅ) ସ୍ୱର୍ଣ୍ଣମୁଦ୍ରାବିଶେଷ, ୩୨ ରତି ପରିମାଣର ମୋହର ।

ଦୀପ, ବି. (ଦୀପ୍-ଅ) ପ୍ରଦୀପ ।

ଦୀପକ, ବିଂ. (ଦୀପ୍-ଅକ) ଉତ୍ତେଜକ, ଦୀପ୍ତିକାରକ ।

ଦୀପଦଣ୍ଡି, ବି. ପୁଷ୍କରିଣୀ ଆଦିର ମଧ୍ୟସ୍ଥିତ ଦେଉଳବିଶେଷ ।

ଦୀପନ, ବି. (ଦୀପ୍-ଅନ) ଉଦ୍ଦୀପନ, ଉତ୍ତେଜନ ।

ଦୀପଶଳାକା, ବି. (ଦୀପ-ଶଳାକା) ଦିଆଶିଲିଇ ।

ଦୀପାଳି, ବି. (ଦୀପ-ଆଳି) ଦୀପମାଳା, ଦିଅାଳି ।

ଦୀପିକା, ବି. (ଦୀପକ-ଆ) ଶ୍ରୀନିବାସକୃତ ଗ୍ରନ୍ଥବିଶେଷ, ଜ୍ୟୋତ୍ସ୍ନା, ରାଗିଣୀବିଶେଷ ।

ଦୀପ୍ତ, ବିଂ. (ଦୀପ୍-ତ) ପ୍ରଜ୍ୱଳିତ, ପ୍ରକାଶିତ ।

ଦୀପ୍ତଲୋଚନ, ବି. ( ଦୀପ୍ତ-ଲୋଚନ ) ବିରାଡ଼ି, ଅନ୍ଧାରରେ ଯାହା ଚକ୍ଷୁ ଜକ୍‌ଜକ୍ ହୁଏ ।

ଦୀପ୍ତି, (ଦୀପ୍-ତି) ତେଜଃ, ପ୍ରଭା, ଶୋଭା, କାନ୍ତି ।

ଦୀପ୍ତିମାନ୍, ବିଂ. (ଦୀପ୍ତି-ମତ୍) ଉଜ୍ଜ୍ୱଳ, ଶୋଭନବିଶିଷ୍ଟ ।

ଦୀପ୍ୟମାନ, ବିଂ. (ଦୀପ୍-ଆନ) ଦୀପ୍ତିଶାଳୀ, ଶୋଭମାନ ।

ଦୀପ୍ର, ବିଂ. (ଦୀପ୍-ର) ଦୀପ୍ତିଶାଳୀ ।

ଦୀୟମାନ, ବିଂ. (ଦା-ଆନ) ଯାହା ଦିଆଯାଉଅଛି ।

ଦୀୟାଶିଲିଇ, ବି. (ଦେ) ଦୀପଶଳାକା, ନିଆଁକାଠି ।

ଦୀର୍ଘ, ବିଂ. (ଦ୍ରାଘ୍-ଅ) ଲମ୍ବା, ଅଧିକ ।

ଦୀର୍ଘକଣ୍ଠ, ବି. (ଦୀର୍ଘ-କଣ୍ଠ) ବକପକ୍ଷୀ ।

ଦୀର୍ଘକେଶ, ବି. (ଦୀର୍ଘ-କେଶ) ଭାଲୁ ।

ଦୀର୍ଘଗ୍ରୀବ, ବି. ଉଷ୍ଟ୍ର । ବିଂ. ଲମ୍ବଗ୍ରୀବାଯୁକ୍ତ ।
ଦୀର୍ଘଜୀବୀ, ବିଂ. (ଦୀର୍ଘ-ଜୀବିନ୍) ଯେ ଅଧିକ କାଳ ବଞ୍ଚେ ।
ଦୀର୍ଘତପାଃ, ବି. (ଦୀର୍ଘ-ତପସ୍) ଗୌତମ ଋଷି, ଜପ-
ସ୍ୱିବିଶେଷ ।
ଦୀର୍ଘତରୁ, ବି. ତାଳବୃକ୍ଷ, ଗୁବାକବୃକ୍ଷ ।
ଦୀର୍ଘଦଣ୍ଡ, ବି. (ଦୀର୍ଘ-ଦଣ୍ଡ) ଗବଗଛ, ଏରଣ୍ଡବୃକ୍ଷ ।
ଦୀର୍ଘଦର୍ଶୀ, ବିଂ. (ଦୀର୍ଘ-ଦର୍ଶିନ୍) ଦୂରଦର୍ଶୀ । ବି. ପଣ୍ଡିତ ।
ଦୀର୍ଘଦୃଷ୍ଟି, ବି. ( ଦୀର୍ଘ-ଦୃଷ୍ଟି ) ଦୂରବୀକ୍ଷଣ ଯନ୍ତ୍ର ।
ବିଂ. ପଣ୍ଡିତ ।
ଦୀର୍ଘନାଦ, ବି. (ଦୀର୍ଘ-ନାଦ) ଶଙ୍ଖ । ବିଂ. ଦୀର୍ଘଶବ୍ଦକାରୀ ।
ଦୀର୍ଘନିଦ୍ରା, ବି. (ଦୀର୍ଘ-ନିଦ୍ରା) ମୃତ୍ୟୁ, ମହାନିଦ୍ରା ।
ଦୀର୍ଘପାଦ, ବି. (ଦୀର୍ଘ-ପାଦ) କଙ୍କପକ୍ଷୀ ।
ଦୀର୍ଘପୃଷ୍ଠ, (ଦୀର୍ଘ-ପୃଷ୍ଠ) ସର୍ପ ।
ଦୀର୍ଘମାତ୍ରା, ବି. ବନ୍ଧନୀ, ରେଖାବିଶେଷ ।
ଦୀର୍ଘମାରୁତ, ବି. (ଦୀର୍ଘ-ମାରୁତ) ହସ୍ତୀ, ହସ୍ତିନୀ ।
ଦୀର୍ଘରଦ, ବି. (ଦୀର୍ଘ-ରଦ) ଶୂକର ।
ଦୀର୍ଘରସନ, ବି. (ଦୀର୍ଘ-ରସନା) ସର୍ପ ।
ଦୀର୍ଘରାତ୍ର , ବି. (ଦୀର୍ଘ-ରାତ୍ରି) ବଡ଼ରାତି, ଦୀର୍ଘନିଶା ।
ଦୀର୍ଘବାଳା, ବି. (ଦୀର୍ଘ-ବାଳା) ଚମରୀମୃଗ ।
ଦୀର୍ଘସତ୍ର, ବି. (ଦୀର୍ଘ-ସତ୍ର) ଦୀର୍ଘକାଳସାଧ୍ୟ ଯଜ୍ଞବିଶେଷ ।
ଦୀର୍ଘସୂତ୍ରତା } ବି. (ଦୀର୍ଘସୂତ୍ର-ତା, ତ୍ରିନ୍-ତା) ଅନେକ
ଦୀର୍ଘସୂତ୍ରିତା } ବିଳମ୍ବରେ କର୍ମ କରିବା ।
ଦୀର୍ଘସୂତ୍ରୀ, ବିଂ. ଯେ ଅତ୍ୟନ୍ତ ବିଳମ୍ବରେ କାର୍ଯ୍ୟ କରେ ।

ଦୀର୍ଘାୟୁ, ବିଂ. ( ଦୀର୍ଘ-ଆୟୁସ୍ ) ଚିରଜୀବୀ ।
ବି. ମାର୍କଣ୍ଡେୟ ମୁନି ।

ଦୀର୍ଘିକା, ବି. (ଦୀର୍ଘ-କ-ଆ) ବୃହତ୍ ପୁଷ୍କରିଣୀ ।

ଦୀର୍ଣ୍ଣ, ବିଂ. (ଦୃ-ତ) ବିଦାରିତ, ଭଗ୍ନ ।

ଦୁଆ, (ହା), ଦୁଆ, ଘୋଷା, ସଙ୍ଗୀତାଦିରେ ଏକ ପଦର ପୁନଃ ପୁନଃ ଆବୃତ୍ତି, ମୂଳରୁ କର୍ତ୍ତନ ।

ଦୁଆତ, ବି. (ଯା) କାଳିଘଡ଼ି, ମସ୍ୟାଧାର ।

ଦୁଆରୀ, ବି. (ଦେ) ଦ୍ୱାରରକ୍ଷକ, ଦ୍ୱାରୀ ।

ଦୁଇ, ବି. ବିଂ. ସଂଖ୍ୟାବିଶେଷ ।

ଦୁଃଖ, ବି. (ଦୁଃଖ୍-ଅ) ସନ୍ତାପ, କ୍ଳେଶ, ଅସୁଖ ।

ଦୁଃଖାର୍ତ୍ତ, ବିଂ. (ଦୁଃଖ-ଆର୍ତ୍ତ) କାତର, ପୀଡ଼ିତ

ଦୁଃଖିତ, ବିଂ. (ଦୁଖ-ତ) ଦୁଃଖଯୁକ୍ତ, ତାପିତ ।

ଦୁଃଖୀ, ବିଂ. (ଦୁଃଖ-ଇନ୍) ଦୁଃଖିତ, ଦୀନ, ଦରିଦ୍ର

ଦୁଃଶଳା, ବି. ସ୍ତ୍ରୀ. (ନାମ) ଧୃତରାଷ୍ଟ୍ର କନ୍ୟା ।

ଦୁଃଶାସ, ବିଂ. (ଦୁର୍-ଶାସ-ଅ) ଯାହାକୁ ଅତି କଷ୍ଟରେ ଶାସନ କରିଯାଏ ।

ଦୁଃଶାସନ, ବି. (ଦୁର୍-ଶାସ୍ ଅନ) ଦୁର୍ଯ୍ୟୋଧନର ମଧ୍ୟମ ଭ୍ରାତା । ବିଂ. ଯାହାକୁ ଦୁଃଖରେ ଶାସନ କରିଯାଏ ।

ଦୁଃଶୀଳ, ବିଂ. (ଦୁର୍-ଶୀଳ) ଦୁଷ୍ଟଚରିତ୍ର, ମନ୍ଦସ୍ୱଭାବ-ବିଶିଷ୍ଟ ।

ଦୁଃଶ୍ରବ, ବିଂ. (ଦୁର୍-ଶ୍ରୁ-ଅ) ଅଶ୍ରାବ୍ୟ ।

ଦୁଃସମୟ, ବି. (ଦୁର୍-ସମୟ) ମନ୍ଦ ସମୟ, ଦୁର୍ଭିକ୍ଷ ।

ଦୁଃସହ, ବିଂ (ଦୁର-ସହ୍-ଅ) କଷ୍ଟସହ୍ୟ, ଅସହ୍ୟମାତ୍ର ।
ଦୁଃସାଧ୍ୟ, ବିଂ. ( ଦୁର୍-ସାଧ୍ଯ ) ଦୁଷ୍କର, ଯାହାକୁ କଷ୍ଟରେ କରାଯାଏ ।

ଦୁଃସାହସ, ବି. (ଦୁର-ସାହସ) ଅନୁଚିତ ସାହସ ।
ଦୁଃସ୍ଥ } ବିଂ. (ଦୁର୍-ସ୍ଥା-ଅ) ଦରିଦ୍ର, ଦୁରବସ୍ଥାପନ୍ନ,
ଦୁସ୍ଥ } ମୂର୍ଖ ।
ଦୁଃସ୍ଥିତ, ବିଂ. (ଦୁର୍-ସ୍ଥା ତ) ଦୁଃଖରେ ଅବସ୍ଥିତ ।
ଦୁଃସ୍ଥିତି, ବି. (ଦୁର୍-ସ୍ଥିତି) ଦୁରବସ୍ଥା, ଦୁଃଖରେ ଅବସ୍ଥାନ ।

ଦୁଃସ୍ୱପ୍ନ, ବି. (ଦୁଃ-ସ୍ୱପ୍ନ) ମନ୍ଦ ସ୍ୱପ୍ନ, ଅଶୁଭ ସ୍ୱପ୍ନ ।
ଦୁକ୍‌ଦୁକ୍ } କ୍ରି. ବିଂ. (ଦେଶଜ) ହୃଦୟକମ୍ପନ,
ଦୁକୁଦୁକୁ } ହୃଦୟର ଅସ୍ଥିରତା ।
ଦୁକୂଳ, ବି. ( ଦୂ-ଉଲ, କୁ ଆଗମ ) ରେଶମୀ ଲୁଗା, ପାଟ ଖଦି, ଉତ୍ତରୀୟ ବସ୍ତ୍ର ।

ଦୁଗ୍ଧ, ବି. ( ଦୁହ୍-ତ) ଦୁଧ ।
ଦୁଗ୍ଧପୋଷ୍ୟ, ବିଂ. (ଦୁଗ୍ଧ-ପୋଷ୍ୟ) ଯେଉଁମାନେ କେବଳ ଦୁଗ୍ଧ ପାନ କରି ଜୀବନ ଧାରଣ କରନ୍ତି, ଶିଶୁ ।

ଦୁଜା, ବି. (ଦ୍ୱିତୀୟ ଶବ୍ଦଜ) ଚନ୍ଦ୍ରାନ୍ତର ପରବର୍ତ୍ତୀ ଦିବସ, ନିରଂଶ ଦିବସ । (ଗ୍ରା) ଦ୍ୱିଜାନକ୍ଷତ୍ର ।
ଦୁଜେ, କ୍ରି. ବିଂ. (ଦେ) ଦ୍ୱିତୀୟତଃ, ଦ୍ୱିତୀୟରେ ।
ଦୁଣ୍ଡୁଭ, ବି. (ଦ୍ରୁ-ଡ୍-ଉଭ) ଧଣ୍ଡସାପ ।

ଧୁଧୁର, ବି. ଧଉଁର ।
ଦୁଧ, ବି. (ଦୁଗ୍ଧ ଶବ୍ଦଜ) ପୟଃ, କ୍ଷୀର ।
ଦୁଧିଆଳୀ, ବିଂ. ସ୍ତ୍ରୀ (ଦେ) ଦୁଗ୍ଧବତୀ, ଦୁଗ୍ଧବତୀ ଗାଈ ।
ଦୁନିଆଁ, ବି. (ଯା) ସଂସାର ।
ଦୁନ୍ଦୁଭି ( ଦୁନ୍ଦ୍-ଭ-ଇ ) ବୃହତ୍ ଢକା, ନାଗରା, ବରୁଣ, ବିଷ, ଜନୈକାସ ।

ଦୁବ
ଦୂବ } ( ଦୂର୍ବା ଶବ୍ଦଜ) ଘାସବିଶେଷ ।

ଦୁର୍
ଦୁଃ } ଅଂ. ( ଉପସର୍ଗ ) ମନ୍ଦ, ନିନ୍ଦିତ, ଦୁଷ୍ଟ ।

ଦୁରକ୍ଷ, ବି. (ଦୁର୍-ଅକ୍ଷ) କପଟପାଶକ । ବିଂ. ଦୁଷ୍ଟନେତ୍ରଯୁକ୍ତ ।
ଦୁରତିକ୍ରମ, ବିଂ. (ଦୁର୍-ଅତି କ୍ରମ୍-ଅ) ଅଲଙ୍ଘନୀୟ ।
ଦୁରତ୍ୟୟ, ବିଂ. (ଦୁର୍-ଅତି-ଇ-ଅ) ଦୁସ୍ତର, ଦୁରତିକ୍ରମଣୀୟ ।
ଦୁରଦୃଷ୍ଟ, ବି.(ଦୁର-ଅଦୃଷ୍ଟ) ଦୁର୍ଭାଗ୍ୟ, ମନ୍ଦକପାଳ ।
ଦୁରନ୍ତ, ବିଂ. (ଦୁର-ଅନ୍ତ) ଦୁର୍ଦାନ୍ତ, ଦୁଷ୍ଟ, ଅବାଧ ।
ଦୁରପନେୟ, ବିଂ. ( ଦୁର-ଅପ-ନୀ-ଅ ) ଯାହା ଦୂର କରିବା କଠିନ ।
ଦୁରବସ୍ଥ, ବିଂ. (ଦୁର-ଅବସ୍ଥା) ମନ୍ଦ ଅବସ୍ଥା, ଦୁର୍ଦଶା ।
ଦୁରବସ୍ଥା, ବି. (ଦୁର୍-ଅବସ୍ଥା) ମନ୍ଦ ଅବସ୍ଥା ।
ଦୁରାକାଙ୍କ୍ଷ, ବିଂ. ( ଦୁଃ-ଆକାଙ୍କ୍ଷା ) ଯେଉଁ ବ୍ୟକ୍ତିର ଆକାଙ୍କ୍ଷା କାହିଁରେ ମଧ୍ୟ ନିବୃତ୍ତି ହୁଏ ନାହିଁ ।

ଦୁରାକାଙ୍କ୍ଷା, ବି. (ଦୁର୍-ଆକାଙ୍କ୍ଷା) ଦୁଷ୍ଟ ଆକାଙ୍କା, ଦୁଷ୍ପ୍ରାପ୍ୟ ବିଷୟର ଅଭିଳାଷ ।

ଦୁରାଗ୍ରହ, ବିଂ. ( ଦୁର୍-ଆଗ୍ରହ ) ଦୁଷ୍ଟାଗ୍ରହୀ । ବି. କୁବ୍ୟବହାର, କଦାଗ୍ରହ ।

ଦୁରାଧର୍ଷ, ବିଂ. ( ଦୁର୍-ଆ-ଧର୍ଷ-ଅ ) ଦୁର୍ଦ୍ଧର୍ଷଣୀୟ । ବି. ଶ୍ୱେତ ସର୍ଷପ ।

ଦୁରାପ, ବିଂ. (ଦୁ)-ଆପ୍-ଅ) ଦୁଷ୍ପ୍ରାପ୍ୟ, ଦୁର୍ଲଭ ।

ଦୁରାତ୍ମା, ବିଂ.(ଦୁର୍-ଆତ୍ମନ୍) ପାପାତ୍ମା, ମନ୍ଦସ୍ୱଭାବ ।

ଦୁରାରୋହ ବିଂ. ( ଦୁର୍-ଆ-ରୁହ୍-ଅ ) ଦୁର୍ଗମ, ଅତ୍ୟୁନ୍ନତ ।

ଦୁରାଲଭା, ବି. (ଦୁର୍-ଆ-ଲଭ୍-ଅ-ଆ) ଦୁର୍ଲଭା ଗୁଳ୍ମ ।

ଦୁରାଳାପ, ବି. (ଦୁଃ-ଆଳାପ) ଦୁଷ୍ଟ ବାକ୍ୟ, କଟୁକଥା, ଗାଳି । ବିଂ. କଟୁଭାଷୀ ।

ଦୁରାଶୟ, ବିଂ. ( ଦୁଃ-ଆଶୟ ) ଯାହାର ଉଦ୍ଦେଶ୍ୟ ମନ୍ଦ ।

ଦୁରାଶା, ବି. (ଦୁର୍-ଆଶା) ଦୁଷ୍ଟ ଆଶା, ଦୁର୍ମନୋରଥ ।

ଦୁରାସଦ, ବିଂ. (ଦୁଃ-ଆ-ସଦ୍-ଅ) ଦୁଷ୍ପ୍ରାପ୍ୟ, ଦୁର୍ଲଭ ।

ଦୁରିତ, ବି. ( ଦୁର୍-ଇତ ) ପାପ, ଦୁଷ୍କୃତ । ବିଂ. ପାପିଷ୍ଠ ।

ଦୁରୂହ, ବିଂ. (ଦୁର୍-ଊହ୍-ଅ) କଠିନ, ଦୁର୍ବୋଧ ।

ଦୁରୋଦର, ବି ( ଦୁଃ-ଆ-ଉଦର ) ଦ୍ୟୂତକ୍ରୀଡ଼ା, ପଶାଖେଳ, ଅସୁରବିଶେଷ ।

ଦୁର୍ଗ, ବି. (ଦୁର୍-ଗମ୍-ଅ) ଗଡ଼, କିଲ୍ଲା ।

ଦୁର୍ଗତ, ବିଂ. (ଦୁଃ-ଗମ୍-ତ) ଦରିଦ୍ର, ଦୁର୍ଦ୍ଦଶାଗ୍ରସ୍ତ ।

ଦୁର୍ଗତି, ବି. (ଦୁର-ଗମ୍-ତି) ଦାରିଦ୍ର୍ୟ, ଦୁରବସ୍ଥା, ନରକ ।

ଦୁର୍ଗନ୍ଧ, ବି. (ଦୁର-ଗନ୍ଧ) ମନ୍ଦଗନ୍ଧ, ପୂତିଗନ୍ଧ ।

ଦୁର୍ଗମ, ବି. ( ଦୁର-ଗମ୍-ଅ ) ଯେଉଁ ସ୍ଥାନକୁ ଅତି କଷ୍ଟରେ ଗମନ କରିଯାଏ ।

ଦୁର୍ଗା, ବି. (ଦୁର୍-ଗମ୍-ଅ-ସ୍ତ୍ରୀଲିଙ୍ଗରେ.ଆ)ପାର୍ବତୀ ।

ଦୁର୍ଗୋତ୍ସବ, ବି. (ଦୁର୍ଗା-ଉତ୍ସବ)ଦୁର୍ଗାଦେବୀଙ୍କ ପୂଜାର ଉତ୍ସବ, ଆଶ୍ୱିନପର୍ବ ।

ଦୁର୍ଗ୍ରହ, ବିଂ. (ଦୁର୍-ଗ୍ରହ୍-ଅ) ଦୁଷ୍ପ୍ରାପ୍ୟ, ଦୁର୍ଲଭ । ବି. ମନ୍ଦ ଗ୍ରହ ।

ଦୁର୍ଘଟ, ବିଂ. ( ଦୁର୍-ଘଟ୍-ଅ ) କଠିନ, ଯାହା ଅତି କଷ୍ଟରେ ଘଟେ ।

ଦୁର୍ଘଟନା, ବି. (ଦୁର୍-ଘଟ୍-ଅନ-ଆ)ଅଶୁଭ ଘଟନା ।

ଦୁର୍ଜନ, ବିଂ. (ଦୁର୍-ଜନ) ଖଳ, କ୍ରୂର, ନିଷ୍ଠୁର ।

ଦୁର୍ଜୟ, ବିଂ. (ଦୁର୍-ଜି-ଅ) ଯାହାକୁ ଅତି କଷ୍ଟରେ ଜୟ କରିଯାଏ, ଅଦମ୍ୟ ।

ଦୁର୍ଦ୍ଦମ୍ୟ } ବିଂ. (ଦୁର୍-ଦମ୍-ଯ, ଦମ୍-ତ) ଅଶାନ୍ତ,
ଦୁର୍ଦ୍ଦାନ୍ତ } ଦୁରନ୍ତ, ଦୁଷ୍ଟ ।

ଦୁର୍ଦ୍ଦଶା, ବି. (ଦୁର୍-ଦଶା) ଦୁରବସ୍ଥା, ମନ୍ଦ ଅବସ୍ଥା ।

ଦୁର୍ଦ୍ଦାନ୍ତ, ବିଂ. ( ଦୁର୍-ଦମ୍-ତ ) ଯାହାକୁ ଦମନ କରିବା ଅସାଧ୍ୟ ।

ଦୁର୍ଦ୍ଦିନ, ବି. ( ଦୁର୍-ଦିନ ) ମେଘାଚ୍ଛନ୍ନ ଦିବସ, ଦୁଃସମୟ ।

ଦୁର୍ଦୈବ, ବ. (ଦୁଃ-ଦୈବ) ଦୁର୍ଭାଗ୍ୟ, ମନ୍ଦଭାଗ୍ୟ, ଦୁର୍ଘଟଣା, ପାପ ।

ଦୁର୍ଦ୍ଧର, ବିଂ. (ଦୁର୍-ଧୃ-ଅ) ଦୁଃସହ, ଅନିବାର୍ଯ୍ୟ । ବି. ପାରଦ, ପାରା, ଭଲିଆ, ଦୈତ୍ୟବିଶେଷ ।

ଦୁର୍ଦ୍ଧର୍ଷ, ବିଂ. ( ଦୁର୍-ଧୃଷ-ଅ ) ଯାହାର କୌଣସି ଅବମାନ ବା ଅନିଷ୍ଟ କରାଯାଇ ନ ପାରେ ।

ଦୁର୍ନୟ, ବି. (ଦୁର୍-ନୟ) କୁନୀତି, ମନ୍ଦନୀତି ।

ଦୁର୍ନାମ, ବି.(ଦୁର୍-ନାମନ୍)କଳଙ୍କ,ନିନ୍ଦା,ଅର୍ଶରୋଗ ।

ଦୁର୍ନିବାର, ବିଂ. (ଦୁର୍-ନିବାର) ଯାହାକୁ କଷ୍ଟରେ ନିବାରଣ କରାଯାଏ ।

ଦୁର୍ନିମିତ୍ତ, ବିଂ.(ଦୁଃ-ନିମିତ୍ତ)ଅଶୁଭଚିହ୍ନ,ଅମଙ୍ଗଳଚିହ୍ନ ।

ଦୁର୍ନୀତ, ବିଂ. (ଦୁର୍-ନୀ-ତ) ଅଶିଷ୍ଟ ।

ଦୁର୍ବଳ, ବିଂ (ଦୁର୍-ବଳ) ବଳହୀନ, ଜୀର୍ଣ୍ଣ, ଅଶକ୍ତ, କ୍ଷୀଣ, ଶିଥିଳ ।

ଦୁର୍ବିଣ, ବି. (ଦେ) ଦୂରବୀକ୍ଷଣଯନ୍ତ୍ର ।

ଦୁର୍ବୁଦ୍ଧି, ବି. (ଦୁଃ-ବୁଦ୍ଧି) ମନ୍ଦବୁଦ୍ଧି । ବିଂ. ମନ୍ଦ-ବୁଦ୍ଧିଯୁକ୍ତ ।

ଦୁର୍ଭଗ, ବିଂ.(ଦୁଃ-ଭଗ)ଭାଗ୍ୟହୀନ,ଦୁରଦୃଷ୍ଟ,ଅପ୍ରିୟ ।

ଦୁର୍ଭର, ବିଂ. ( ଦୁର୍-ଭର ) ଦୁଃସହ, ଦୁର୍ବହ, ଗୁରୁ, ଭାରି ।

ଦୁର୍ଭାଗ୍ୟ, ବି. (ଦୁର୍-ଭାଗ୍ୟ) ଯାହାର ଅଦୃଷ୍ଟ ଭଲ ନୁହେ ।

ଦୁର୍ଭାବନା, ବି (ଦୁର୍-ଭାବନା) ଉତ୍କଣ୍ଠା, ଉଦ୍ବେଗ ।

ଦୁର୍ଭିକ୍ଷ, ବ. (ଦୁର୍-ଭିକ୍ଷା) ଦେଶରେ ଖାଦ୍ୟଦ୍ରବ୍ୟର ଅଭାବ, ଭିକ୍ଷାର ଅଭାବ, ଅକାଳ ।

ଦୁର୍ଭେଦ୍ୟ, ବିଂ. (ଦୁର୍-ଭେଦ୍ୟ) ଅଭେଦ୍ୟ, ଯାହା ଭେଦ କରି ହୁଏ ନାହିଁ ।

ଦୁର୍ମତି, ବିଂ. ( ଦୁର୍-ମତି ) ଦୁର୍ବୁଦ୍ଧି, କୁମତିଶାଳୀ, ମନ୍ଦବୁଦ୍ଧି ।

ଦୁର୍ମଦ, ବି. ( ଦୁର୍-ମଦ୍-ଅ ) ଉନ୍ମତ୍ତ, ଦୁର୍ଦ୍ଧର୍ଷ, ସୁଧାଙ୍କ ଦେବର ।

ଦୁର୍ମନାଃ, ବିଂ. ( ଦୁର୍-ମନସ୍ ) ଚିନ୍ତିତ, ଦୁଃଖିତ, ବିଷଣ୍ଣ ।

ଦୁର୍ମନାୟମାନ, ବିଂ. (ଦୁର୍ମନାଃ-ଯ-ଶାନ)ଉଦ୍‌ବିଗ୍ନଚିତ୍ତ, ଦୁର୍ଭାବନାଗ୍ରସ୍ତ ।

ଦୁର୍ମର୍ଷଣ, ବିଂ. ( ଦୁର୍-ମୃଷ୍-ଅନ ) ଯାହା ସହିବା କଠିନ, ଅସହନୀୟ । ବି. ବିଷ୍ଣୁ ।

ଦୁର୍ମୁଖ, ବିଂ. ( ଦୁର୍-ମୁଖ ) ଅଶ୍ୱ, ବାନର, ରାମଙ୍କ ଗୁପ୍ତ ଚର ।

ଦୁର୍ମୂଲ୍ୟ, ବିଂ. (ଦୁର୍-ମୂଲ୍ୟ) ମହାର୍ଘ, ବହୁମୂଲ୍ୟ ।

ଦୁର୍ମେଧାଃ, ବିଂ. (ଦୁର୍-ମେଧସ୍) ମେଧାହୀନ,ନିର୍ବୋଧ ।

ଦୁର୍ଯୋଗ, ବି. (ଦୁର୍-ଯୋଗ) ଦୁର୍ଦ୍ଦିନ, ଦୁଃସମୟ ।

ଦୁର୍ଯ୍ୟୋଧନ, ( ଦୁର୍-ଯୁଧ୍-ଅନ ) ଧୃତରାଷ୍ଟ୍ରଙ୍କ ଜ୍ୟେଷ୍ଠ ପୁତ୍ର ।

ଦୁର୍ଲଙ୍ଘ୍ୟ, ବିଂ. (ଦୁର୍-ଲଙ୍ଘ୍ ଯ) ଅଲଙ୍ଘ୍ୟ, ଯାହାକୁ ସହଜରେ ଅତିକ୍ରମ କରି ହୁଏ ନାହିଁ ।

ଦୁର୍ଲଭ } ବିଂ. (ଦୁର-ଲଭ୍-ଅ, ଯ) ଦୁଷ୍ପ୍ରାପ୍ୟ, ଯାହା
ଦୁର୍ଲଭ୍ୟ } ସହଜରେ ମିଳେ ନାହିଁ, ବହୁମୂଲ୍ୟ ।

ଦୁର୍ବହ, ବିଂ. ( ଦୁର୍-ବହ୍-ଅ ) ଦୁଃସହ, କଷ୍ଟରେ ବହନୀୟ ।

ଦୁର୍ବାକ୍ୟ, ବି. ( ଦୁର୍-ବାକ୍ୟ ) କଟୁବାକ୍ୟ, ଅପ୍ରିୟ କଥା ।

ଦୁର୍ବାର, ବିଂ. ( ଦୁର୍-ବୃ-ଅ ) ଅନିବାର୍ଯ୍ୟ, ଯାହା ବାରଣ କରାଯାଇ ନ ପାରେ ।

ଦୁର୍ବାସା, ବି. (ଦୁର୍-ବାସସ୍) ଅତ୍ରି ମୁନିଙ୍କ ପୁତ୍ର ।

ଦୁର୍ବିନୀତ, ବିଂ. (ଦୁର୍-ବି-ନୀ-ତ) ଅହଙ୍କାରୀ, ଉଦ୍ଧତ ।

ଦୁର୍ବିପାକ, ବି. ( ଦୁର୍-ବିପାକ ) ଦୁର୍ଘଟଣା, ମନ୍ଦ-ପରିଣାମ ।

ଦୁର୍ବିଷହ, ବିଂ. (ଦୁର୍-ବି-ସହ୍-ଅ) ଅସହ୍ୟ, ଦୁର୍ବହ ।

ଦୁର୍ବୃତ୍ତ, ବିଂ. ( ଦୁର୍-ବୃତ୍ତ ) ଦୁଷ୍ଟଚରିତ୍ର, ଧୂର୍ତ୍ତ, ଦୁର୍ଜନ, ଉଦ୍ଧତ ।

ଦୁଲଣା, (ଣୀ), ବିଂ. ( ଦେଶଜ ) ଗେଲବସର ।

ଦୁଲଣ୍ଠ } ବି. ( ଦେ ) ଦୁରାଲଭା, ସ୍ୱନାମପ୍ରସିଦ୍ଧ
ଦୁର୍ଲଣ୍ଠ } ସୁଗନ୍ଧ ଦ୍ରବ୍ୟ ।

ଦୁଲାଳ, ବି. (ଦେ) ପ୍ରେମ, ଅନୁରାଗ । ବିଂ. ପ୍ରିୟ, ମନୋଜ୍ଞ, ଗେହ୍ଲା, ପ୍ରଶ୍ରୟପ୍ରାପ୍ତ ।

ଦୁଲୁକିବା, କ୍ରି. (ଦେ) କମ୍ପିବା, କମ୍ପି ଉଠିବା ।

ଦୁବେଇ, ବି. ( ସଂଜ୍ଞା ) ଦ୍ୱିବେଦୀ, ଏକପ୍ରକାର ବ୍ରାହ୍ମଣ ।

ଦୁଶ୍ଚର, ବି°. ( ଦୁର୍-ଚର-ଅ ) ଯାହା ଆଚରଣ କରିବା କଠିନ, ଦୁର୍ଗମ। ବି. ଖଲୁ, ଶାମୁକା।

ଦୁଶ୍ଚରିତ } ବି. ( ଦୁର୍-ଚରିତ, ଚରିତ୍ର ) ମନ୍ଦ
ଦୁଶ୍ଚରିତ୍ର } ପ୍ରକୃତି, କୁସ୍ୱଭାବ। ବି°. ଯାହାର ଚରିତ୍ର ମନ୍ଦ।

ଦୁଶ୍ଚିକିତ୍ସ୍ୟ, ବି°. ( ଦୁର୍-ଚିକିତ୍ସା-ଯ ) ଯାହାର ସହଜରେ ଚିକିତ୍ସା ହୋଇ ନ ପାରେ, ଉତ୍କଟ, ଅପ୍ରତିବିଧେୟ।

ଦୁଷ୍କର, ବି. ( ଦୁର୍-କୃ-ଅ ) ଯାହା କଷ୍ଟରେ କରାଯାଏ, ଦୁଃଖସାଧ୍ୟ।

ଦୁଷ୍କର୍ମ, ବି. (ଦୁର୍-କର୍ମ) ମନ୍ଦକର୍ମ।

ଦୁଷ୍କୃତ, ବି. (ଦୁର୍-କୃ-ତ) ପାପ। ବି°. ପାପଯୁକ୍ତ।

ଦୁଷ୍କୃତି, ବି. (ଦୁର୍-କୃ-ତି) ପାପ, ମନ୍ଦକର୍ମ।

ଦୁଷ୍କୃତୀ, ବି°. (ଦୁଷ୍କୃତ-ଇନ୍) ଦୁଷ୍କୃତକାରୀ।

ଦୁଷ୍ଟ, ବି°- (ଦୁଷ୍-ତ) ଦୋଷଯୁକ୍ତ, ଦୁର୍ଜନ।

ଦୁଷ୍ପ୍ରଧର୍ଷ, ବି°. ( ଦୁର୍-ପ୍ର-ଧର୍ଷ୍-ଅ ) ଦୁର୍ଦ୍ଧର୍ଷ।

ଦୁଷ୍ପ୍ରବେଶ, ବି. (ଦୁର୍-ପ୍ରବେଶ) ଦୁର୍ଗମ, ଯହିଁରେ ପ୍ରବେଶ କରିବା କଠିନ।

ଦୁଷ୍ପ୍ରମେୟ, ବି°. ( ଦୁର୍-ପ୍ରମେୟ ) ଅପରିମେୟ, ଯାହା ପରିମାଣ କରିବା କଠିନ।

ଦୁଷ୍ପ୍ରାପ } ବି°. (ଦୁର୍-ପ୍ର-ଆପ୍-ଅ, ଯ) ଦୁର୍ଲଭ,
ଦୁଷ୍ପ୍ରାପ୍ୟ } ଯାହା ପାଇବା କଠିନ।

ଦୁଷ୍ମନ୍ତ } ବି. ( ଦୁଷ୍-ମନ୍-ତ ) ଭରତ ରାଜାଙ୍କ
ଦୁଷ୍ମ୍ୟନ୍ତ } ପିତା, ଶକୁନ୍ତଳାଙ୍କ ପତି।

ଦୁସମନ୍, ବି. (ଯା) ଶତ୍ରୁ, ଦ୍ୱେଷୀ ।

ଦୁସ୍ତର, ବି. (ଦୁର୍-ତୃ-ଅ) ଦୁରତିକ୍ରମ, ଦୁଷ୍ପରହର, ଯାହା ପାର ହେବା କଠିନ ।

ଦୁହାଇ<br>ଦୋହି } ବି. (ଦେ) ଶପଥ, ରାଣ ।

ଦୁହାଁ, ବି (ଦେ) ଦୋହନ, ଦୁହିଁବା । ବିଂ. ଦୁଗ୍ଧବତୀ, ଦୁଧ ଦେଉଥିବା ।

ଦୁହାଁଳ, ବିଂ. (ଦେ) ଦୁଧିଆଳୀ, ଯେ ଦୁଧ ଦିଏ ।

ଦୁହିତା, ବି. (ଦୁହ୍-ତୃ) କନ୍ୟା, ଝିଅ, ପୁତ୍ରୀ ।

ଦୁହିଁବା, କ୍ରି. (ଦେଶଜ) ଦୋହନ କରିବା ।

ଦୁହ୍ୟମାନ, ବିଂ. ( ଦୁହ୍-ମାନ ) ଯାହାକୁ ଦୋହନ କରାଯାଏ ।

ଦୂତ, ବି. ( ଦୁ=ଗମନ କରିବା-ତ ) ବାର୍ତ୍ତାବହ ।

ଦୂତି<br>ଦୂତିକା<br>ଦୂତୀ } ( ଦୁ-ତି, ତିକା, ତୀ ) ବାର୍ତ୍ତାବାହକୀ, କୁଟ୍ଟଣୀ ।

ଦୂତ୍ୟ, ବି. (ଦୂତ-ଯ) ଦୂତର କାର୍ଯ୍ୟ, ଦୂତର ଧର୍ମ ।

ଦୂନ, ବିଂ. (ଦୂ-ତ) ପଥଶ୍ରାନ୍ତ, ପରିତପ୍ତ ।

ଦୂର, ବିଂ. ( ଦୁଲ୍-ଇ-ର ) ଦୀର୍ଘ, ଅଗୋଚର ।

ଦୂରଗ<br>ଦୂରଗାମୀ } ବିଂ. ( ଦୂର-ଗମ୍-ଅ, ଇନ୍ ) ଯେ ଦୂରକୁ ଯାଏ ।

ଦୂରତଃ, ଅଂ (ଦୂର-ତସ୍) ଦୂରରୁ, ଦୂରରେ ।

ଦୂରତା } ବି. (ଦୂର-ତା,ତ୍ୱ) ଧୈର୍ଯ୍ୟ, ଅନ୍ତର ।
ଦୂରତ୍ୱ }

ଦୂରଦର୍ଶୀ, ବି. ( ଦୂର-ଦୃଶ-ଇନ୍ ) ପରିଣାମଦର୍ଶୀ, ପଣ୍ଡିତ, ଗୃଧ୍ର ।

ଦୂରଦୃଷ୍ଟି, ବିଂ. (ଦୂର-ଦୃଷ୍ଟି) ଅନେକ ଦୂର ପର୍ଯ୍ୟନ୍ତ ଯେ ଦେଖି ପାରେ, ଦୀର୍ଘଦୃଷ୍ଟି । ବି. ଦୂରଦର୍ଶନ ।

ଦୂରବର୍ତ୍ତୀ, ବିଂ. (ଦୂର-ବୃତ୍-ଇନ୍) ଯାହା ଦୂରରେ ଅଛି ।

ଦୂରବୀକ୍ଷଣ, ବି. (ଦୂର-ବି-ଈକ୍ଷ୍-ଅନ) ଯେଉଁ ଯନ୍ତ୍ର-ଦ୍ୱାରା ଦୂରସ୍ଥିତ ପଦାର୍ଥ ନିକଟରେ ଦେଖାଯାଏ ।

ଦୂରସ୍ଥ, ବିଂ. (ଦୂର-ସ୍ଥା-ଅ) ଦୂରବର୍ତ୍ତୀ ।

ଦୂରୀକରଣ, ବି. (ଦୂର-କୃ-ଅନ) ବହିଷ୍କୃତ କରିବା, ଅବମାନନା ପୂର୍ବକ ତଡ଼ିଦେବା ।

ଦୂରୀକୃତ, ବିଂ. ( ଦୂର-ଚ୍ୱି-କୃ-ତ ) ତାଡ଼ିତ, ଅବମାନନାପୂର୍ବକ ଯାହାକୁ ଦୂର କରି ହୋଇଅଛି ।

ଦୂରୀଭୂତ, ବିଂ. (ଦୂର-ଚ୍ୱି-ଭୂ-ତ) ଯେ ଦୂର ହୋଇ ଯାଇଅଛି ।

ଦୂର୍ବା, ବି. (ଦୂର୍ବ-ଅ-ଆ) ଦୁବଘାସ ।

ଦୂର୍ବାଷ୍ଟମୀ, ବି.(ଦୂର୍ବା-ଅଷ୍ଟମୀ) ଭାଦ୍ର ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ।

ଦୂଷକ, ବିଂ. ( ଦୂଷି-ଅକ ) ଯେ ଦୋଷ ଦିଏ, ଅପ-ବାଦକ ।

ଦୂଷଣ, ବି. (ଦୂଷି-ଅନ) ଦୋଷ, ରାବଣର ମାଉସୀ-ପୁଅ ଭାଇ ।

ଦୂଷଣାର, ବ. (ଦୂଷଣ-ଅର) ରାମ ।

ଦୂଷଣୀୟ, ବଂ. ( ଦୂଷି-ଅନୀୟ ) ନିନ୍ଦନୀୟ ।

ଦୂଷିତ, ବଂ. (ଦୂଷି-ତ) ନିନ୍ଦିତ, ଦୋଷଯୁକ୍ତ ।

ଦୂଷ୍ୟ, ବଂ. (ଦୂଷ୍-ଯ) ଦୂଷଣୀୟ, ନିନ୍ଦନୀୟ ।

ଦୃକ୍, ବ. (ଦୃଶ୍-୦) ଚକ୍ଷୁ, ଦର୍ଶନ, ଜ୍ଞାନ ।

ଦୃକ୍‌ପାତ, ବ. (ଦୃକ୍-ପତ୍-ଅ) ଦୃଷ୍ଟିନିକ୍ଷେପ ।

ଦୃଢ଼, ବଂ, (ଦୃହ୍-ତ) କଠିନ, ସମର୍ଥ । ବ. ଲୌହ ।

ଦୃଢ଼ତା, ବ.(ଦୃଢ଼-ତା) କାଠିନ୍ୟ, ସ୍ଥିରତା, ଅବିଚଳନ ।

ଦୃଢ଼ପ୍ରତିଜ୍ଞ, ବଂ. ( ଦୃଢ଼-ପ୍ରତିଜ୍ଞା ) ଯାହାର ପ୍ରତିଜ୍ଞା କଦାପି ଅନ୍ୟଥା ହୁଏ ନାହିଁ ।

ଦୃଢ଼ବ୍ରତ, ବଂ. ଅଧ୍ୟବସାୟବିଶିଷ୍ଟ ।

ଦୃଢ଼ମୁଷ୍ଟି, ବଂ. ( ଦୃଢ଼-ମୁଷ୍ଟି ) କୃପଣ, ବ୍ୟୟକୁଣ୍ଠ, ଯାହାର ମୁଷ୍ଟି ଦୃଢ଼ । ବ. ଖଡ୍ଗାଦି ଅସ୍ତ୍ର ।

ଦୃତ, ବଂ. (ଦୃ-ତ) ଆଦୃତ, ସମ୍ମାନିତ ।

ଦୃପ୍ତ, ବଂ. (ଦୃପ୍-ତ) ଗର୍ବିତ, ଉଦ୍ଧତ, ଦୁଷ୍ଟ ।

ଦୃଶଦ୍ } ବ. ( ଦୃ-ଶଦ୍, ଷଦ୍-କ୍ୱିପ୍ ) ପାଷାଣ,
ଦୃଷଦ୍ } ପ୍ରସ୍ତର, ବିସ୍ତୃତ ଶିଳା ।

ଦୃଶଦ୍ୱତୀ, ବ. ( ଦୃଶଦ୍-ବତ୍-ଈ ) ଆଧୁନିକ ଦିଲ୍ଲୀ ନଗରୀର ଉତ୍ତରପୂର୍ବସ୍ଥିତ ନଦୀବିଶେଷ, ଦୁର୍ଗା ।

ଦୃଶ୍ୟ, ବଂ. ( ଦୃଶ୍-ଯ ) ଦର୍ଶନୀୟ, ସୁନ୍ଦର । ବ. ଦର୍ଶନୀୟ ବସ୍ତୁ ।

ଦୃଶ୍ୟକାବ୍ୟ, ବ. (ଦୃଶ୍ୟ-କାବ୍ୟ) ନାଟକ ।

ଦୃଷ୍ଟ, ବଂ. (ଦୃଷ୍-ତ) ଜ୍ଞାତ, ଅବଲୋକିତ, ଦେଖା ।

ଦୃଷ୍ଟରଜାଃ, ବି. ( ଦୃଷ୍ଟ-ରଜସ୍ ) ନବଯୁବତୀ, ପ୍ରାପ୍ତବୟସ୍କା ।

ଦୃଷ୍ଟାନ୍ତ, ବି. (ଦୃଷ୍ଟ-ଅନ୍ତ) ଉଦାହରଣ, ନିଦର୍ଶନ ।

ଦୃଷ୍ଟି, ବି. (ଦୃଶ୍-ତି) ଚକ୍ଷୁ, ଦର୍ଶନ, ଜ୍ଞାନ ।

ଦୃଷ୍ଟିଗୋଚର, ବିଂ. (ଦୃଷ୍ଟି-ଗୋଚର) ନେତ୍ରଗୋଚର ।

ଦୃଷ୍ଟିବିଜ୍ଞାନ, ବି. (ଦୃଷ୍ଟି-ବିଜ୍ଞାନ) ଆଲୋକ ଓ ଦର୍ଶନ ବିଷୟକ ବିଦ୍ୟା ।

ଦେଇ } ଅଂ. ( ତୃତୀୟା ବିଭକ୍ତିର ଚିହ୍ନ ) ଦ୍ୱାରା,
ଦେଇ } ବାଟେ ।

ଦେଈ, ବି. ( ଦେବୀ ଶବ୍ଦଜ ) ରାଜକନ୍ୟା, ସମ୍ଭ୍ରାନ୍ତବଂଶୀୟା । ଏ ଦେଶସ୍ଥ କରଣମାନଙ୍କ ମଧ୍ୟରେ କନ୍ୟାକୁ ଦେଈ ନାମରେ ଡାକିବାର ପ୍ରଥା ଅଛି ।

ଦେଉ } ବି. (ସଂଜ୍ଞା) ଦେବ, ରାଜକୁମାର ।
ଦେଓ }

ଦେଉଳ, ବି. (ଦେବକୁଳ ଶବ୍ଦଜ) ଦେବମନ୍ଦିର ।

ଦେଉଳିଆ, ବିଂ. (ଦେ) ଋଣୀ, ଋଣ ପରିଶୋଧରେ ଅକ୍ଷମ, ନିଃସ୍ୱ, ଯେଉଁମାନେ ଦେଉଳରେ ସେବା ପୂଜାଦି କାର୍ଯ୍ୟ ନିର୍ବାହ କରନ୍ତି ।

ଦେଖଣାହାରି ବିଂ. (ଦେ) ଦେଖିବା ଲୋକ, ଦର୍ଶକ ।

ଦେଖା, ବିଂ. (ଦେ) ଦୃଷ୍ଟ, ଦର୍ଶକ । ବି. ଦର୍ଶନ ।

ଦେଖାଦେଖି, ବି. (ଦେ) ପରସ୍ପର ଦର୍ଶନ ।

ଦେଖାଇବା, କ୍ରି. ପ୍ରତ୍ୟକ୍ଷ କରାଇବା ।

ଦେଖାଳି, ବିଂ. (ଦେ) ଦର୍ଶକ ।

ଦେଖିବା, କ୍ରି. ( ଦୃଶ୍ ଧାତୁଜ ) ଦର୍ଶନ କରିବା ।
ଦେଠେଇ, ବି. (ଦେ) ଦଦେଇଙ୍କ ସ୍ତ୍ରୀ ।
ଦେଢ଼ୁତା, ବି.(ଦେ) ଜ୍ୟେଷ୍ଠତାତ, ବାପାଙ୍କ ବଡ଼ ଭାଇ ।
ଦେଢ଼, ବିଂ. (ଦେ) ଏକ ଓ ଅର୍ଦ୍ଧ, ସାର୍ଦ୍ଧ, ୧½ ।
ଦେଢ଼ଶାଶୁ, ବି. (ଦେ) ସ୍ତ୍ରୀର ବଡ଼ ଭଉଣୀ ।
ଦେଢ଼ଶ୍ଵଶୁର, ବି. (ଦେ) ସ୍ଵାମିଙ୍କ ବଡ଼ ଭାଇ ।
ଦେଢ଼ା, ବିଂ. (ଦେ) ଦେଢ଼ଗୁଣ ।
ଦେଢ଼ି, ବି. ( ଦେ ) ଅଧା ସୁଧରେ ଧାନ କରଜ, ନିର୍ଦ୍ଦିଷ୍ଟ ସୁଧରେ ଧାନ କରଜ ।
ଦେଢ଼ିଆ, ବିଂ. ( ଦେ ) ଅସମତଳ, ଦେଢ଼ଗୁଣ, ଅବାଗିଆ ।
ଦେଣ,(ଣା), ବି. (ଦେ) ଦେୟ, ଋଣ ।
ଦେଦୀପ୍ୟମାନ, ବିଂ. (ଦୀପ୍-ଯଙ୍-ଆନ) ଜାଜ୍ଜ୍ୱଲ୍ୟମାନ ।
ଦେୟ, ବିଂ. (ଦା-ଯ) ଦେଣା, ଦାନର ଯୋଗ୍ୟ ।
ଦେବ, ବି. ( ଦିବ୍-ଅ ) ଈଶ୍ୱର, ଦେବତା, ସୁର, ରାଜା, ବ୍ରାହ୍ମଣ । ବିଂ. ପୂଜ୍ୟ, ଶ୍ରେଷ୍ଠ, ଉଜ୍ଜ୍ୱଳ ।
ଦେବକ, ବି. ଶ୍ରୀକୃଷ୍ଣଙ୍କ ଅଜା, ଦେବକୀଙ୍କ ପିତା ।
ଦେବକାର୍ଯ୍ୟ, ବି. (ଦେବ-କାର୍ଯ୍ୟ) ଉପାସନା ।
ଦେବକୀ } ବି. (ଦେବକ-ଅ, ଅପତ୍ୟାର୍ଥେ, ସ୍ତ୍ରୀ.ଈ)
ଦୈବକୀ } ବସୁଦେବଙ୍କ ସ୍ତ୍ରୀ, କଂସର ଭଗିନୀ, କୃଷ୍ଣଙ୍କ ମାତା ।
ଦେବକୁଳ, ବି. (ଦେବ-କୁଳ) ଦେବାଳୟ, ଦେଉଳ ।
ଦେବଖାତ, ବି. ସ୍ୱାଭାବିକ ଖାତ, ହ୍ରଦ ।

ଦେବଗାୟକ,(ନ), ବି. ( ଦେବ-ଟାୟକ, ଗାୟନ ) ଗନ୍ଧର୍ବ ।

ଦେବଗୁରୁ, ବି. (ଦେବ-ଗୁରୁ) ବୃହସ୍ପତି ।

ଦେବତରୁ, ବି. ( ଦେବ-ତରୁ ) ମନ୍ଦାର, ସନ୍ତାନ, ପାରିଜାତ, କଳ୍ପବୃକ୍ଷ, ହରିଚନ୍ଦନ ସ୍ୱର୍ଗର ଏହି ପାଞ୍ଚଗୋଟି ବୃକ୍ଷ ।

ଦେବତା, ବି. (ଦେବ-ତନ୍-ଅ-ଆ) ଦେବ, ଅମର, ସୁର, ତ୍ରିଦଶ ।

ଦେବତାଡ଼, ବି. ( ଦେବ-ତଡ଼୍-ଅ ) ରାହୁ, ମେଘ, ଅଗ୍ନି ।

ଦେବତ୍ୱ, ବି. (ଦେବ-ତ୍ୱ) ଦେବତାର ଧର୍ମ, ଗୁଣ ବା ଅବସ୍ଥା ।

ଦେବତ୍ର
ଦେବୋତ୍ତର } ବି. (ଦେ-ତ୍ରୈ-ଅ, ଦେବ-ଉତ୍ତର) ଦେବତାଙ୍କ ସେବା ନିମିତ୍ତ ପ୍ରଦତ୍ତ ଭୂମି ।

ଦେବଦତ୍ତ, ବି, ( ଦେବ-ଦତ୍ତ ) ଅର୍ଜୁନଙ୍କ ଶଙ୍ଖ, ଦେବତା ଯାହା ଦେଇଅଛନ୍ତି ।

ଦେବଦାରୁ, ବି. (ଦେବ-ଦାରୁ) ସ୍ୱନାମପ୍ରସିଦ୍ଧ ବୃକ୍ଷ ।

ଦେବଦାସୀ, ବି. ( ଦେବ-ଦାସୀ ) ଯେଉଁମାନେ ଦେବତାଙ୍କ ନିକଟରେ ନୃତ୍ୟଗୀତାଦି କରନ୍ତି, ବେଶ୍ୟା ।

ଦେବଦେବ, ବି. (ଦେବ-ଦେବ) ବ୍ରହ୍ମା, ଶିବ, ବିଷ୍ଣୁ ।

ଦେବନଦୀ, ବି. (ଦେବ-ନଦୀ) ଗଙ୍ଗା ।

ଦେବପୁରୀ, ବି. (ଦେବ-ପୁରୀ) ଇନ୍ଦ୍ରପୁରୀ, ଅମରାବତୀ
ଦେବଭବନ, ବି. (ଦେବ-ଭବନ) ସ୍ୱର୍ଗ, ଦେବାଳୟ, ଅଶ୍ୱତ୍ଥ ବୃକ୍ଷ ।
ଦେବଭୂତ, ବି. (ଦେବ-ଭୂତ) ମନ୍ଦାକିନୀ, ସ୍ୱର୍ଗଗଙ୍ଗା ।
ଦେବମଣି, ବି. ( ଦେବ-ମଣି ) କୃଷ୍ଣଙ୍କର ମଣି, କୌସ୍ତୁଭ ମଣି, ଶିବ ।
ଦେବମାତା, ବି. (ଦେବ-ମାତୃ) ଅଦିତି, କଶ୍ୟପପତ୍ନୀ।
ଦେବମାତୃକ, ବିଂ. (ଦେବ-ମାତୃ-କ) ଯେଉଁ ଦେଶରେ କେବଳ ବୃଷ୍ଟିଜଳଦ୍ୱାରା ଶସ୍ୟ ଉତ୍ପନ୍ନ ହୁଏ ।
ଦେବମାସ, ବି. (ଦେବ-ମାସ) ଗର୍ଭର ଅଷ୍ଟମ ମାସ ।
ଦେବଯାନ,(ନୀ), ବି. (ନାମ) ଶୁକ୍ରାଚାର୍ଯ୍ୟଙ୍କ କନ୍ୟା, ଯଯାତିଙ୍କ ସ୍ତ୍ରୀ ।
ଦେବଯୋନି, ବି. ( ଦେବ-ଯୋନି ) ଉପଦେବତା, ଭୂତ ପ୍ରେତ ପ୍ରଭୃତି ।
ଦେବର, ବି. (ଦିବ୍-ଅର) ପତିର କନିଷ୍ଠ ଭ୍ରାତା ।
ଦେବରାଜ, ବି. (ଦେବ-ରାଜନ୍) ଇନ୍ଦ୍ର ।
ଦେବରାତ, ବି. (ଦେବ-ରା-ତ) ପରୀକ୍ଷିତ୍, ଦେବଦତ୍ତ ।
ଦେବର୍ଷି, ବି. (ଦେବ-ଋଷି) ନାରଦାଦି ମୁନି ।
ଦେବଳ,(କ), ବି. (ଦେବ-ଲା-ଅ) ଦେଉଳିଆ ପଣ୍ଡା, ଦେବପୂଜକ ବ୍ରାହ୍ମଣ ।
ଦେବଲୋକ, ବି. (ଦେବ-ଲୋକ) ସ୍ୱର୍ଗ ।
ଦେବବାଣୀ, ବି. (ଦେବ-ବାଣୀ) ସଂସ୍କୃତ ଭାଷା ।
ଦେବବୃକ୍ଷ, ବି. (ଦେବ-ବୃକ୍ଷ) ମନ୍ଦାର ବୃକ୍ଷ, ସପ୍ତପର୍ଣ୍ଣ ବୃକ୍ଷ ।

ଦେବବ୍ରତ, ବି. (ଦେବ=ଇନ୍ଦ୍ରିୟସଂଯମ-ବ୍ରତ) ଭୀଷ୍ମ ।

ଦେବଶର୍ମା, ବି. (ଉପାଧି) ବ୍ରାହ୍ମଣ ଜାତିର ସାଧାରଣ ଉପାଧି ।

ଦେବଶିଳ୍ପୀ, ବି. (ଦେବ-ଶିଳ୍ପୀ) ବିଶ୍ୱକର୍ମା ।

ଦେବସଭା, ବି. (ଦେବ-ସଭା) ଇନ୍ଦ୍ରଙ୍କ ସୁଧର୍ମା ସଭା ।

ଦେବସେନାପତି, ବି. କାର୍ତ୍ତିକେୟ ।

ଦେବସ୍ୱ, ବି. (ଦେବ-ସ୍ୱ) ଦେବତାଙ୍କ ପଦାର୍ଥ ।

ଦେବହୂତି, ବି. ସ୍ୱାୟମ୍ଭୁବ ମନୁଙ୍କ କନ୍ୟା, କପିଳଙ୍କ ମାତା ।

ଦେବା, କ୍ରି. ( ଦା ଧାତୁଜ ) ଦାନ କରିବା ।

ଦେବାନ } ବି. ( ଯା ) ରଜାଙ୍କ ପ୍ରତିନିଧି,
ଦେଓଆନ } ମନ୍ତ୍ରୀ ।

ଦେବାନି, ବି. ( ଯା ) ସମ୍ପୃକ୍ତ, ଅଦାଲତସଂକ୍ରାନ୍ତ ।

ଦେବାୟୁଧ, ବି. (ଦେବ-ଆୟୁଧ) ଶକ୍ରଧନୁ, ଦେବାସ୍ତ୍ର, ବଜ୍ରାଦି ।

ଦେବାଳୟ, ବି. (ଦେବ-ଆଳୟ) ଦେଉଳ ମନ୍ଦିର

ଦେବାଳି, ବି. ( ହି ) ଦୀପାବଳୀ ଅମାବାସ୍ୟା ।

ଦେବାଶ୍ୱ, ବି. ( ଦେବ-ଅଶ୍ୱ ) ଉଚ୍ଚୈଃଶ୍ରବା, ଇନ୍ଦ୍ର-ଘୋଟକ ।

ଦେବୀ, ବି. (ଦିବ୍-ଅ-ଈ) ଠାକୁରାଣୀ, ମାନନୀୟା ସ୍ତ୍ରୀ ।

ଦେବେଶ, ବି. ( ଦେବ-ଈଶ ) ମହାଦେବ ।

ଦେଶ, ବି. ( ଦିଶ୍-ଅ ) ପୃଥିବୀର ଅଂଶବିଶେଷ ।

ଦେଶକାଳଜ୍ଞ } ବି° (ଦେଶ-କାଳ-ଜ୍ଞା-ଅ, ବିଦ୍-
ଦେଶକାଳବିଦ୍ } କ୍ୱିପ୍) ଯେଉଁ ବ୍ୟକ୍ତି ଦେଶକାଳ ବୁଝି କାର୍ଯ୍ୟ କରନ୍ତି ।

ଦେଶାଚାର, ବି. ( ଦେଶ-ଆଚାର ) ଦେଶର ରୀତି, ଦେଶ ବ୍ୟବହାର ।

ଦେଶାନ୍ତର, ବି. ( ଅନ୍ୟ-ଦେଶ ) ଅନ୍ୟ ଦେଶ ।

ଦେଶୀ } ବି°. ( ଦେଶ-ଇୟ, ଇନ୍ ) ଦେଶ-
ଦେଶୀୟ } ଜାତ ।

ଦେଶୁଆ, ବି°. ( ଦେ ) ଗ୍ରାମ୍ୟ, ମଫସଲିଆ ।

ଦେହ, ବି. ( ଦିହ୍-ଅ ) ଅଙ୍ଗ, ଶରୀର ।

ଦେହଜ, ବି. (ଦେହ-ଜନ୍-ଅ) ପୁତ୍ର, କନ୍ୟା ।

ଦେହଭୃତ୍, ବି. ( ଦେହ-ଭୃ-୦ ) ଦେହୀ, ଶରୀରୀ ।

ଦେହଯାତ୍ରା, ବି. ( ଦେହ-ଯାତ୍ରା ) ଶରୀର ଧାରଣ ଉପଯୋଗୀ କାର୍ଯ୍ୟ, ଜୀବନଯାପନ, ମୃତ୍ୟୁ ।

ଦେହଲଗା, ବି°. ( ଦେ ) ସେବାକାରୀ ଭୃତ୍ୟ ।

ଦେହଳି } ବି. (ଦେହ-ଳା-ଅ-ଇ, ଈ) ଚୌକାଠର
ଦେହଳୀ } ତଳ ବା ଉପର କାଠ, ଏରୁଣ୍ଡି, ବାରଣ୍ଡା, ଗୃହସମ୍ମୁଖସ୍ଥ ପିଣ୍ଡା ।

ଦେହୀ, ବି°. ( ଦେହ-ଇନ୍ ) ପ୍ରାଣୀ, ଶରୀର, ଆତ୍ମା, ଜୀବ ।

ଦେହୁଡ଼ି, ବି. ( ଯା ) ସିଂହଦ୍ୱାର ।

ଦେହୁରୀ, ବି. (ଦେ) ମାଳୀଜାତୀୟ ଦେବାସେବକ-ବିଶେଷ ।

ଦୈତ୍ୟ } ବି. ( ଦିତି-ଯ, ଏୟ, ଅପତ୍ୟାର୍ଥେ )
ଦୈତେୟ } ଅସୁର, ଦିତିସୁତ ।

ଦୈତ୍ୟଗୁରୁ, ବି. ( ଦୈତ୍ୟ-ଗୁରୁ ) ଶୁକ୍ର ।

ଦୈତ୍ୟାରି, ବି. ( ଦୈତ୍ୟ-ଅରି ) କୃଷ୍ଣ, ବିଷ୍ଣୁ, ଦେବତା ।

ଦୈନ, ବି. ( ଦୀନ-ଅ ) ଦୀନତା, ଦାରିଦ୍ର୍ୟ ।

ଦୈନନ୍ଦିନ, ବିଂ. ( ଦିନ-ଦିନ-ଅ, ନିପାତନ ) ପ୍ରତିଦିନ ଯାହା ହୁଏ, ପ୍ରାତ୍ୟହିକ ।

ଦୈର୍ଘ୍ୟ, ବି. ( ଦୀର୍ଘ-ଯ ) ଦୀର୍ଘତା, ଲମ୍ବପରିମାଣ ।

ଦୈବ, ବି. ( ଦେବ-ଅ ) ଭାଗ୍ୟ, ଅଦୃଷ୍ଟ, ବିବାହବିଶେଷ ।

ଦୈବକର୍ମ, ବି. ( ଦୈବ-କର୍ମନ୍ ) ଦେବତା ଉଦ୍ଦେଶ୍ୟରେ ଯେଉଁ ସବୁ କାର୍ଯ୍ୟ କରାଯାଏ ।

ଦୈବଗତି, ବି. ଦୈବାଘଟନା ।

ଦୈବଘଟନା, ବି. ଅତର୍କିତ ଘଟନା, ଅସମ୍ଭାବିତ ବ୍ୟାପାର ।

ଦୈବଜ୍ଞ, ବି. ( ଦୈବ-ଜ୍ଞା-ଅ ) ଗଣକ । ବିଂ. ଯେ ଗଣନାଦ୍ୱାରା ଶୁଭାଶୁଭ ନିର୍ଦ୍ଦେଶ କରି ପାରେ ।

ଦୈବବାଣୀ, ବି. ( ଦୈବ-ବାଣୀ ) ଆକାଶବାଣୀ ।

ଦୈବବିଡ଼ମ୍ବନା, ବି. ଦେବତାର ପ୍ରତିକୂଳତା, ବିଧିବିଡ଼ମ୍ବନା ।

ଦୈବଯୋଗ, ବି. ଦୈବଘଟନା ।

ଦୈବାତ୍, ଅଂ. ( ଦୈବ-ଆତ୍ ) ଦୈବବଶତଃ, ଅକସ୍ମାତ୍, ହଠାତ୍ ।

ଦୈବାଦେଶ, ବି. ( ଦୈବ-ଆଦେଶ ) ଦୈବବାଣୀ।
ଦୈବକ, ବିଂ. ( ଦେବ-ଇକ ) ଦେବସମ୍ବନ୍ଧୀୟ, ଦୈବଘଟିତ ।
ଦୈଵୀ, ବିଂ. ସ୍ତ୍ରୀ. ( ଦେବ-ଅ-ଈ ) ଦୈବସମ୍ବନ୍ଧିନୀ ।
ଦୈହିକ, ବିଂ. ( ଦେହ-ଇକ ) ଦେହସମ୍ବନ୍ଧୀୟ, ଶାରୀରିକ ।
ଦୋଅଣୀ, ବି. ( ଦେ ) ଦୁଇଅଣା ପରିମାଣ ମୁଦ୍ରା।
ଦୋକନା, ବି. ( ଦେ ) ଦୁଇଶାଖାବିଶିଷ୍ଟ ।
ଦୋକାନ, ବି. ( ଯାବନିକ ) ପଣ୍ୟଶାଳା, ଆପଣ ।
ଦୋକାନୀ, ଦୋକାନଦାର୍ } ବି. (ଦେ) ଦୋକାନର ମାଲିକ, ବିକ୍ରେତା ।
ଦୋକ୍ତା, ଦୋଖଡା } ବି. ( ଦେ ) ଧୂଆଁପତ୍ର ।
ଦୋଘାଇ, ବି. ( ଦେ ) ବିଷମସମସ୍ୟା ।
ଦୋଗ୍‌ଲୀ, ଦୋଗ୍‌ଲୁଣୀ } ବି. ( ଦେ ) ଭ୍ରଷ୍ଟା ସ୍ତ୍ରୀ।
ଦୋତାଲା, ଦୋମହଲା } ବି. ( ଯା ) ଦ୍ୱିତଳପ୍ରାସାଦ ।
ଦୋଦୁଲ୍ୟମାନ, ବିଂ. ( ଦୁଲ୍-ଯଙ୍-ଆନ ) ଯାହା ପୁନଃପୁନଃ ଦୋହଲୁଅଛି ।
ଦୋପଖା, ବି. ( ଦେ ) ଯେଉଁ ଚୁଲ୍ଲୀରେ ଏକାବେଳକେ ଦୁଇଟା ହାଣ୍ଡି ବସି ପାରେ।
ଦୋରବସ୍ତ, ବି. ( ଯା ) ସମଗ୍ର, ସମସ୍ତ ।

ଦୋରସ୍ତ, ବିଂ. ( ଯା ) ଠିକଣା, ଖାଣ୍ଟି, ଯଥାଯଥ, ଶାସିତ, ଶୁଦ୍ଧ, ସୁଶୃଙ୍ଖଳ ।

ଦୋରୁଅ, ବି. ( ଦେ ) ଆଖୁରସ, ରସ, ଦ୍ରବ ।

ଦେରେହା, ବିଂ. ( ଗ୍ରାମ୍ୟ ) ଦ୍ରୋହୀ, ଶତ୍ରୁ ।

ଦୋର୍ଦଣ୍ଡ, ବି. (ଦୋସ୍-ଦଣ୍ଡ)ବାହୁଦଣ୍ଡ,ଦୁଇବାହୁ ।

ଦୋର୍ମୂଳ, ବି. (ଦୋଃ-ମୂଳ) କକ୍ଷ, ବାହୁମୂଳ ।

ଦୋଳ, ବି. (ଦୋଲ-ଅ)ଦୋଳନ, ଦୋଳା, ଝୁଲଣା, ବିମାନାଦି ଯାନ, ପର୍ବବିଶେଷ ।

ଦୋଳକ, ବି. ( ଦୋଳ-କ ) ସୂକ୍ଷ୍ମ ସୂତ୍ରରେ ବଦ୍ଧ ଦୋଳାୟମାନ ଘଣ୍ଟା ବସ୍ତୁ ।

ଦୋଳା } ବି. (ଦେଶଜ) ଦୋଳି, ଝୁଲି, ଯହିଁରେ
ଦୋଳି } ବସି ଝୁଲନ୍ତି ।

ଦୋଳାୟମାନ, ବି. ( ଦୋଳ-ଯ-ଆନ ) ଯାହା ଦୋହଲୁଅଛି ।

ଦୋଳାୟିତ, ବି. (ଦୋଳ-ଯ-ତ) ଇତସ୍ତତଶ୍ଚଳନ, କମ୍ପନ ।

ଦୋଷ, ବି. (ଦୁଷ୍-ଅ) ପାପ, କୁକର୍ମ, କଳଙ୍କ ।

ଦୋଷଗ୍ରାହୀ, ବିଂ. (ଦୋଷ-ଗ୍ରହ-ଇନ୍) ଯେ ଦୋଷ ଗ୍ରହଣ କରେ ।

ଦୋଷଜ୍ଞ, ବି. (ଦୋଷ-ଜ୍ଞା-ଅ) ପଣ୍ଡିତ, ଚକିତ୍ସକ । ବିଂ. ଯେ ଦୋଷ ଜାଣେ ।

ଦୋଷା, ବି. (ଦୁଷ୍-ଅ) ରାତ୍ରି, ବାହୁ ।

ଦୋଷାକର, ବି. (ଦୋଷା-କୃ-ଅ) ଚନ୍ଦ୍ର, ନିଶାକର ।

ଦୋଷାବହ, ବିଂ. ( ଦୋଷ-ଆ-ବହ-ଅ ) ଯହିଁରେ ଦୋଷ ଅଛି ।

ଦୋଷୀ, ବିଂ. (ଦୋଷ-ଇନ୍) ଅପରାଧୀ,ଦୋଷଯୁକ୍ତ ।

ଦୋସଡ଼ା, ବି. (ଦେ)ପାଛୁଡ଼ା, ଉତ୍ତରୀୟ ବସ୍ତ୍ର ।

ଦୋସର, ବିଂ. (ଦ୍ୱିତୀୟ ଶବ୍ଦଜ) ସଙ୍ଗୀ ।

ଦୋସରା, ବିଂ.(ଦ୍ୱିତୀୟ ଶବ୍ଦଜ)ଅନ୍ୟ,ଭିନ୍ନ,ଦ୍ୱିତୀୟ ।

ଦୋସାଧୁ, ବି. (ଦେ) କଣ୍ଟୁଆଳ ।

ଦୋସ୍ତ, ବି. (ଯା) ବନ୍ଧୁ, ସଙ୍ଗୀ ।

ଦୋହ, ବି. (ଦୁହ୍-ଅ)ଦୋହନପାତ୍ର,ସନ୍ତୋଷ,ତୃପ୍ତି ।

ଦୋହକ, ବିଂ. ( ଦୋହ-ଅକ ) ଯେ ଦୁଗ୍ଧ ଦୋହନ କରେ ।

ଦୋହଦ, ବି. ( ଦୋହ=ସନ୍ତୋଷ-ଦ ) ଇଚ୍ଛା, ଗର୍ଭିଣୀର ଅଭିଳାଷ, ଗର୍ଭଚିହ୍ନ ।

ଦୋହନ, ବି. (ଦୁହ୍-ଅନ) ଦୁହିଁବା, ସଂଗ୍ରହକରଣ ।

ଦୋହରା, ବିଂ. ଦ୍ୱିବାର, ଦ୍ୱିଗୁଣ ।

ଦୋହଲିବା, କ୍ରି. (ଦେ) ଝୁଲିବା, ହଲିବା ।

ଦୋହା, ବି. (ହି) ଏକପ୍ରକାର ଛନ୍ଦ ଗୀତ, ଦୁଆ ।

ଦୋହାଇ } ବି. ( ଦୁଇ-ହାହା-ଦୁଃଖସୂଚକ
ଦୋହି,ଦ୍ୱାହି } ଅବ୍ୟୟ)ସୁବିଚାରପ୍ରାର୍ଥନାକରଣ, ରାଣ ।

ଦୌଡ଼, ବି. (ଦେ) ଧାବନ, ଦଉଡ଼ିବା ।

ଦୌଡ଼ି
ଦୌଢ଼ି } ବି. (ଦେ) ରଜ୍ଜୁ, ଦଉଡ଼ି ।

ଦୌଡ଼ିବା, କ୍ରି. (ଦେ) ଶୀଘ୍ର ଗମନ କରିବା ।

ଦୌର୍ଗମ୍ୟ, ବି.(ଦୁର୍ଗମ୍‌-ଯ)ଅତ୍ୟାଚାର,ନିଷ୍ଠୁରତା

ଦୌର୍ବଲ୍ୟ, ବି. (ଦୁର୍ବଳ-ଯ) ଦୁର୍ବଳତା, କ୍ଷୀଣତା ।

ଦୌଲତ, ବି. (ଯା) ଧନ, ସମ୍ପତ୍ତି, ଅର୍ଥ ।

ଦୌବାରିକ, ବି. (ଦ୍ୱାର-ଇକ) ଦ୍ୱାରରେ ନିଯୁକ୍ତ ଲୋକ, ଦ୍ୱାରୀ ।

ଦୌହିତ୍ର, ବି. (ଦୁହିତୃ-ଅ) ଦୁହିତାର ପୁତ୍ର, ନାତି ।

ଦୌହିତ୍ରୀ, ବି. ( ଦୁହିତୃ-ଈ ) ଦୁହିତାର କନ୍ୟା, ନାତୁଣୀ ।

ଦ୍ୟାବାପୃଥିବୀ, ଦ୍ୟାବାଭୂମି } ବି. (ଦ୍ୟୋ-ପୃଥିବୀ-ଭୂମି) ପୃଥିବୀ ଓ ସ୍ୱର୍ଗ ଉଭୟ, ପୃଥିବୀର ଓ ଆକାଶର ମଧ୍ୟସ୍ଥାନ ।

ଦ୍ୟୁ, ବି. (ଦିବ୍‌-୦)ଆକାଶ,ସ୍ୱର୍ଗ, ଦିନ, ଅଗ୍ନି,ସୂର୍ଯ୍ୟ ।

ଦ୍ୟୁତ୍‌, ବି. (ଦ୍ୟୁତ୍‌-୦) କିରଣ, ତେଜଃ ।

ଦ୍ୟୁତି,ବି. (ଦ୍ୟୁତ୍‌-ଇ) ଦୀପ୍ତି, ପ୍ରକାଶ, ଶୋଭା ।

ଦ୍ୟୁତିକର, ବି. (ଦ୍ୟୁତି-କୃ-ଅ) ଧ୍ରୁବ ନକ୍ଷତ୍ର । ବିଂ. ଦୀପ୍ତିକାରକ ।

ଦ୍ୟୁତିମାନ୍‌, ବିଂ. ( ଦ୍ୟୁତି-ମତ୍‌ ) ତେଜସ୍ୱାନ୍‌ ।

ଦ୍ୟୁପତି, ବି. (ଦ୍ୟୁ-ପତି) ସୂର୍ଯ୍ୟ, ଇନ୍ଦ୍ର ।

ଦ୍ୟୁମଣି, ବି. (ଦ୍ୟୁ-ମଣି) ସୂର୍ଯ୍ୟ, ଇନ୍ଦ୍ର ।

ଦ୍ୟୁମତ୍ସେନ, ବି. (ନାମ) ସତ୍ୟବାନଙ୍କ ପିତା ।

ଦ୍ୟୁଲୋକ, ବି. (ଦ୍ୟୁ-ଲୋକ) ସ୍ୱର୍ଗଲୋକ ।

ଦ୍ୟୂତ, ବି. (ଦିବ୍‌-ତ) ଜୁଆଖେଳ ।

ଦ୍ୟୂତକର, ବି . ( ଦ୍ୟୂତ-କୃ-ଅ) ଜୁଆଖେଳାଳି ।

ଦ୍ୟୋ, ବି. (ଦିବ୍-ଓ) ସ୍ୱର୍ଗ, ଆକାଶ ।
ଦ୍ୟୋତ, ବି. (ଦ୍ୟୁତ୍-ଅ) ଆତପ, ଆଲୋକ ।
ଦ୍ୟୋତକ, ବି. (ଦ୍ୟୁତ୍-ଅକ) ପ୍ରକାଶକ, ସୂଚକ ।
ଦ୍ୟୋତିତ, ବିଂ (ଦ୍ୟୁତ୍-ତ) ଦୀପିତ, ପ୍ରକାଶିତ ।
ଦ୍ରଢ଼ିମା, ବି. (ଦୃଢ଼-ଇମନ୍) ଦୃଢ଼ତା, କାଠିନ୍ୟ ।
ଦ୍ରବ, ବି (ଦ୍ରୁ-ଅ) ଗତି, ଗଳନ, ପଳାୟନ, ବେଗ, ପରିହାସ । ବିଂ. ତରଳ, ଗଳିତ ।
ଦ୍ରବଣ, ବି (ଦ୍ରୁ-ଅନ) କ୍ଷରଣ, ଗତି ।
ଦ୍ରବିଣ, ବି. (ଦ୍ରୁ-ଇନ) ଧନ, ବିତ୍ତ, ସୁବର୍ଣ୍ଣ ।
ଦ୍ରବୀକରଣ, ବି. (ଦ୍ରବ-ଚ୍ୱି-କରଣ) ତରଳ କରିବା ।
ଦ୍ରବୀକୃତ, ବିଂ. (ଦ୍ରବ-ଚ୍ୱି-କୃତ) ଯାହା ତରଳା ଯାଇଅଛି ।
ଦ୍ରବୀଭୂତ, ବିଂ. (ଦ୍ରବ-ଚ୍ୱି-ଭୂତ) ତରଳିତ, ଯାହା ଦ୍ରବ ହୋଇଅଛି ।
ଦ୍ରବ୍ୟ, ବି. (ଦ୍ରୁ-ଯ) ପଦାର୍ଥ, ସାମଗ୍ରୀ ।
ଦ୍ରଷ୍ଟବ୍ୟ, ବିଂ. (ଦୃଶ୍-ତବ୍ୟ) ଦର୍ଶନୀୟ, ଦର୍ଶନଯୋଗ୍ୟ ।
ଦ୍ରଷ୍ଟା, ବିଂ, (ଦୃଶ୍-ତୃ) ଯେ ଦେଖେ, ଦର୍ଶକ, ସାକ୍ଷୀ ।
ଦ୍ରାକ୍ଷା, ବି. (ଦ୍ରାକ୍ଷ-ଅ) କିସମିସ୍, ଅଙ୍ଗୁର ।
ଦ୍ରାଘିମା, ବି. (ଦୀର୍ଘ-ଇମନ୍) ଦୈର୍ଘ୍ୟ ।
ଦ୍ରାଘିମାନ୍ତର, ଏକ ଦ୍ରାଘିମାଂଶଠାରୁ ଅନ୍ୟ ଦ୍ରାଘିମାଂଶ ପର୍ଯ୍ୟନ୍ତ ଦୂରତ୍ୱ ।
ଦ୍ରାଘିଷ୍ଠ, ବିଂ, (ଦୀର୍ଘ-ଇଷ୍ଠ) ଅତିଶୟ ଦୀର୍ଘ ।
ଦ୍ରାବ, ବି. (ଦ୍ରୁ-ଅ) କ୍ଷରଣ, ଶୀଘ୍ରଗମନ ।

ଦ୍ରାବକ, ବି. (ଦ୍ରୁ-ଅକ) ରସିକ । ବିଂ. ଦ୍ରବକାରକ ।

ଦ୍ରାବିଡ଼, ବି. ( ଦ୍ରବିଡ଼-ଅ)ପ୍ରଦେଶବିଶେଷ,ମାନ୍ଦ୍ରାଜ-ପ୍ରଦେଶ ଓ ତନ୍ନିକଟବର୍ତ୍ତୀ ଅଞ୍ଚଳ, ଦ୍ରାବିଡ଼ ଦେଶର ଲୋକ ।

ଦ୍ରାବ୍ୟ, ବିଂ. ( ଦ୍ରବ-ଯ ) ଯେ ସବୁ ପଦାର୍ଥ ତାପ ସଂଯୋଗରେ ତରଳ ହୁଏ । ଯଥା—ସ୍ୱର୍ଣ୍ଣ,ରୌପ୍ୟ, ମହମ, ସୀସା ।

ଦ୍ରୁ, ବି. (ଦ୍ରୁ-ଉ) ବୃକ୍ଷ, ବୃକ୍ଷର ଶାଖା ପ୍ରଭୃତି ।

ଦ୍ରୁଘଣ, ବି. (ଦ୍ରୁ-ହନ୍-ଅ) ବ୍ରହ୍ମା, କୁରାଢ଼ୀ, ଭୂଇଁଚମ୍ପା ।

ଦ୍ରୁଣସ, ବିଂ. (ଦ୍ରୁ-ନାସିକା) ଦୀର୍ଘନାସିକାବିଶିଷ୍ଟ ।

ଦ୍ରୁତ, ବିଂ. (ଦ୍ରୁ-ତ) ପଳାୟିତ, ଧାବିତ, ଦ୍ରବୀଭୂତ ।

ଦ୍ରୁପଦ, ବି. ପଞ୍ଚାଳ ଦେଶ ରାଜା, ପାଣ୍ଡବଙ୍କ ଶ୍ୱଶୁର, ଚନ୍ଦ୍ରବଂଶୀୟ ନୃପବିଶେଷ ।

ଦ୍ରୁବିଣ, ବି. (ଦେ) ଦୂରବୀକ୍ଷଣ ଯନ୍ତ୍ର ।

ଦ୍ରୁମ, ବି. (ଦ୍ରୁ-ମ) ଗଛ, ବୃକ୍ଷ, ପାରିଜାତ ବୃକ୍ଷ ।

ଦ୍ରୁହିଣ, ବି. (ଦ୍ରୁହ୍-ଇନ) ବ୍ରହ୍ମା, ବିଷ୍ଣୁ ।

ଦ୍ରୋଣ, ବି. ( ଦ୍ରୁ-ନ ) କୁରୁବଂଶର ଗୁରୁ, ଦ୍ରୋଣାଗ୍ରହୀୟ, ଡାମରକୁଆ, ବୃଶ୍ଚିକ, ବୃହତ୍ ଜଳାଶୟ, ମେଘବିଶେଷ, ପର୍ବତବିଶେଷ ।

ଦ୍ରୋଣି } ବି. ( ଦ୍ରୁ-ନି, ଣୀ ) ଜଳସେଚନୀ,
ଦ୍ରୋଣୀ } ଜଳକୁଣ୍ଡ, ସେଢ଼ୁଅ, ସାନ ଡଙ୍ଗୀ, ଦୁଇ ପର୍ବତର ମଧ୍ୟବର୍ତ୍ତୀ ସ୍ଥାନ ।

ଦ୍ରୋହ, ବି. ( ଦ୍ରୁହ୍-ଅ ) ବିରୁଦ୍ଧାଚରଣ, ହିଂସା ।

ଦ୍ରୋହୀ, ବିଂ. (ଦ୍ରୁହ୍-ଇନ୍) ଅନିଷ୍ଟକାରୀ ।

ଦ୍ରୌଣି, ବି. (ଦ୍ରୋଣ-ଇ) ଦ୍ରୋଣପୁତ୍ର, ଅଶ୍ୱତ୍ଥାମା ।

ଦ୍ରୌପଦୀ, ବି. (ଦ୍ରୁପଦ-ଅ-ଈ) ପାଣ୍ଡବମାନଙ୍କ ସ୍ତ୍ରୀ ।

ଦ୍ୱନ୍ଦ, ଦ୍ୱନ୍ଦ୍ୱ } ବି. (ଦ୍ୱି-ଦ୍ୱି, ନିପାତନ) ମିଥୁନ, ଯୁଗ୍ମ, ବିବାଦ, ଯୁଦ୍ଧ, କଳହ, ସମାସବିଶେଷ ।

ଦ୍ୱନ୍ଦ୍ୱଚର, ଦ୍ୱନ୍ଦ୍ୱଚାରୀ } ବି. (ଦ୍ୱନ୍ଦ୍ୱ-ଚର-ଅ, ଇନ) ଚକ୍ରବାକ ପକ୍ଷୀ ।

ଦ୍ୱନ୍ଦ୍ୱଯୁଦ୍ଧ, ବି. (ଦ୍ୱନ୍ଦ୍ୱ-ଯୁଦ୍ଧ) ମାଲକୁସ୍ତି, ମଲ୍ଲଯୁଦ୍ଧ ।

ଦ୍ୱୟ, ଦ୍ୱୟୀ } ବି. (ଦ୍ୱି-ଅୟ, ଈ) ଦୁଇ, ଦୁଇଟି ବସ୍ତୁ । ବିଂ. ଦୁଇ ସଂଖ୍ୟାବିଶିଷ୍ଟ ।

ଦ୍ୱାଃସ୍ଥ, ଦ୍ୱାସ୍ଥ } ବି. (ଦ୍ୱାର୍-ସ୍ଥ) ଦ୍ୱାରପାଳ ।

ଦ୍ୱାଚତ୍ୱାରିଂଶତ୍, ବିଂ. (ଦ୍ୱି-ଚତ୍ୱାରିଂଶତ୍) ୪୨ ସଂଖ୍ୟା ।

ଦ୍ୱାତ୍ରିଂଶତ୍, ବି. ବିଂ. (ଦ୍ୱି-ତ୍ରିଂଶତ୍) ୩୨ ସଂଖ୍ୟା ।

ଦ୍ୱାଦଶ, ବି. ବିଂ. (ଦ୍ୱି-ଦଶନ୍) ୧୨ ସଂଖ୍ୟା ।

ଦ୍ୱାଦଶକର, ବି. (ଦ୍ୱାଦଶ-କର) କାର୍ତ୍ତିକେୟ, ବୃହସ୍ପତି ।

ଦ୍ୱାଦଶାୟୁଃ, (ଦ୍ୱାଦଶ-ଆୟୁସ୍) କୁକୁର ।

ଦ୍ୱାଦଶାଂଶୁ, ବି. (ଦ୍ୱାଦଶ-ଅଂଶୁ) ବୃହସ୍ପତି ।

ଦ୍ୱାଦଶାତ୍ମା, ବି. (ଦ୍ୱାଦଶ-ଆତ୍ମନ୍) ସୂର୍ଯ୍ୟ, ଅର୍କବୃକ୍ଷ ।

ଦ୍ୱାପର, ବି. (ଦ୍ୱି-ପର) ତୃତୀୟ ଯୁଗ, ୮୬୪୦୦୦ ବର୍ଷ, ସଂଶୟ, ସନ୍ଦେହ ।

ଦ୍ୱାର, ବି. (ଦ୍ୱାର-ଅ) ଦୁଆର, ଉପାୟ, କପାଟ ।

ଦ୍ୱାରକା } ବି. ( ଦ୍ୱାର-କ, ଇକ-ଆ ) କୃଷ୍ଣଙ୍କ
ଦ୍ୱାରିକା } ରାଜଧାନୀ, ହିନ୍ଦୁଙ୍କ ତୀର୍ଥବିଶେଷ ।

ଦ୍ୱାରପାଳ } ବି. ( ଦ୍ୱାର-ପାଳ, ପାଳକ) ପ୍ରହରୀ,
ଦ୍ୱାରପାଳକ } ଦ୍ୱାରୀ, ଦ୍ୱାରରକ୍ଷକ ।

ଦ୍ୱାରଦେଶ, ବି. ( ଦ୍ୱାର-ଦେଶ ) ଦ୍ୱାର ନିକଟ ।

ଦ୍ୱାରବାନ୍, ବି ( ଦ୍ୱାର-ବତ୍ ) ଯେ ଦ୍ୱାର ରକ୍ଷା କରେ, ଦୌବାରିକ ।

ଦ୍ୱାରସ୍ଥ, ତ°. ( ଦ୍ୱାର-ସ୍ଥା-ଅ ) ଦ୍ୱାରୀ, ଦ୍ୱାରସ୍ଥିତ ।

ଦ୍ୱାରା, ଅ°. ( ଦ୍ୱାର୍-ଆ ) କର୍ତ୍ତୃକ, ହେତୁ, ତୃତୀୟା ବିଭକ୍ତିର ଚିହ୍ନ ।

ଦ୍ୱାରା(ର)ବତୀ, ବି. ( ଦ୍ୱାର-ଆ-ବତ୍-ଈ ) ଦ୍ୱାରକା

ଦ୍ୱାରିକ } ବି°. ( ଦ୍ୱାର-ଇକ, ଇନ୍ ) ଦ୍ୱାରପାଳ,
ଦ୍ୱାରୀ } ପ୍ରହରୀ ।

ଦ୍ୱାବିଂଶ, ବି°. ( ଦ୍ୱି-ବିଂଶ) ୨୨ ସଂଖ୍ୟାର ପୂରଣ ।

ଦ୍ୱାବିଂଶତି, ବି°. (ଦ୍ୱି-ବିଂଶତି) ୨୨ ସଂଖ୍ୟା ।

ଦ୍ୱି, ବି. ବି°. (ଦ୍ୱୃ-ଇ) ଦୁଇ ସଂଖ୍ୟା, ୨ ।

ଦ୍ୱିଃ, ଅ°. (ଦ୍ୱି-ସ୍) ଦୁଇବାର, ଦୁଇପ୍ରକାର ।

ଦ୍ୱିକର, ବି. ( ଦ୍ୱି-କର) ମନୁଷ୍ୟ, ଦ୍ୱିଭୁଜ ।

ଦ୍ୱିଗୁଣ } ବି°. ( ଦ୍ୱି-ଗୁଣ, ଗୁଣିତ ) ଦୁଇବାର
ଦ୍ୱିଗୁଣିତ } ଗୁଣିତ, ଦୁଇଦ୍ୱାରା ଗୁଣିତ, ଦୋହରା ।

ଦ୍ୱିଗର୍ଭ, ବି. ( ଦ୍ୱି-ଗର୍ଭ ) ଯେଉଁ ସବୁ ପ୍ରାଣିମାନଙ୍କ ଉଦରର ଅଧଃ ପ୍ରଦେଶରେ ସନ୍ତାନ ଧାରଣୋପଯୁକ୍ତ ଥଳି ପରି ଦୁଇଟି ଆଧାର ଥାଏ । ଯଥା—କଙ୍ଗାରୁ ।

ଦ୍ୱିଗୁ, ବି. (ଦ୍ୱି ଗୋ) ସମାସବିଶେଷ ।
ଦ୍ୱିକର୍ମକ, ବିଂ. ( ଦ୍ୱି-କର୍ମନ୍-କ ) ଯେଉଁ ଧାତୁର ଦୁଇଟି କର୍ମ ଥାଏ ।
ଦ୍ୱିଚାରିଣୀ, ବିଂ. (ଦ୍ୱି-ଚର୍-ଇନ୍-ଈ) ଦୋଚାରୁଣୀ ।
ଦ୍ୱିଜ } ବି. ( ଦ୍ୱି-ଜନ୍-ଅ, ଜନ୍ମନ୍, ଜାତ )
ଦ୍ୱିଜନ୍ମା } ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଅଣ୍ଡଜ, ଦନ୍ତ,
ଦ୍ୱିଜାତ } ଯେଉଁମାନେ ଦୁଇଥର ଜନ୍ମ ହୁଅନ୍ତି ।
ଦ୍ୱିଜପତି, ବି. (ଦ୍ୱିଜ-ପତି) ଚନ୍ଦ୍ର, କର୍ପୂର, ଗରୁଡ଼, ଦ୍ୱିଜଶ୍ରେଷ୍ଠ ।
ଦ୍ୱିଜବନ୍ଧୁ, ବି. ( ଦ୍ୱିଜ-ବନ୍ଧୁ ) ଅପକୃଷ୍ଟ ଦ୍ୱିଜ, ଦୈବଜ୍ଞ, ଭାଟ ।
ଦ୍ୱିଜରାଜ, ବି. (ଦ୍ୱିଜ-ରାଜନ୍ ) ଚନ୍ଦ୍ର, ବ୍ରାହ୍ମଣ ।
ଦ୍ୱିଜବର, ବି. (ଦ୍ୱିଜ-ବର) ବ୍ରାହ୍ମଣ, ଦ୍ୱିଜଶ୍ରେଷ୍ଠ ।
ଦ୍ୱିଜା, ବି. ( ଦ୍ୱି-ଜନ୍-ଅ-ଆ ) ଦ୍ୱିତୀୟ ନକ୍ଷତ୍ର, ବ୍ରାହ୍ମଣୀ ।
ଦ୍ୱିଜିହ୍ୱ, ବି. (ଦ୍ୱି-ଜିହ୍ୱା) ସର୍ପ, ଦୁର୍ଜନ, ଚୋର ।
ଦ୍ୱିଜେନ୍ଦ୍ର, ବି. (ଦ୍ୱିଜ-ଇନ୍ଦ୍ର) ଦ୍ୱିଜଶ୍ରେଷ୍ଠ ।
ଦ୍ୱିତୟ, ବି. (ଦ୍ୱି-ତୟ) ୨ ସଂଖ୍ୟା, ଦୁଇ ପ୍ରକାର ।
ଦ୍ୱିତଳ, ବିଂ. (ଦ୍ୱି-ତଳ) ଦୋମହଲା, ଦୋତାଲା ।
ଦ୍ୱିତୀୟ, ବି. (ଦ୍ୱି-ତୀୟ) ୨ ସଂଖ୍ୟାର ପୂରକ ।
ଦ୍ୱିତୀୟା, ବି. ତିଥିବିଶେଷ, ଭାର୍ଯ୍ୟା ।
ଦ୍ୱିତୀୟାଶ୍ରମ, ବି. (ଦ୍ୱିତୀୟ-ଆଶ୍ରମ) ଗାର୍ହସ୍ଥ୍ୟାଶ୍ରମ ।
ଦ୍ୱିତ୍ୱ, ବି. (ଦ୍ୱି-ତ୍ୱ) ଦ୍ୱିଭାବ, ଉଭୟତ୍ୱ ।

ଦ୍ୱିଦଳ, ବି. (ଦ୍ୱି-ଦଳ) ମୁଗ ପ୍ରଭୃତି ଶସ୍ୟ।

ଦ୍ୱିଦେହ, ବି. (ଦ୍ୱି-ଦେହ) ଗଜାନନ, ଗଣେଶ।

ଦ୍ୱିଧା } କ୍ରି. ବିଂ. ଅଂ. ( ଦ୍ୱି-ଧା ) ଦୁଇ ପ୍ରକାର,
ଦ୍ୱେଧା } ଦ୍ୱିବିଧ।

ଦ୍ୱିପ, ବି. (ଦ୍ୱି-ପା-ଅ) ଯେ ଦୁଇ ଇନ୍ଦ୍ରିୟରେ ପାନ କରେ, ହସ୍ତୀ।

ଦ୍ୱିପଦ, ବି. (ଦ୍ୱି-ପଦ) ମନୁଷ୍ୟ, ରାକ୍ଷସ, ଦେବତା, ପକ୍ଷୀ। ବିଂ. ପଦଦ୍ୱୟବିଶିଷ୍ଟ।

ଦ୍ୱିଭୁଜ, ବିଂ. (ଦ୍ୱି-ଭୁଜ) ଭୁଜଦ୍ୱୟବିଶିଷ୍ଟ।

ଦ୍ୱିମାତୃକ, ବି. (ଦ୍ୱି-ମାତୃ-କ) ଗଣେଶ।

ଦ୍ୱିରଦ, ବି. (ଦ୍ୱି-ରଦ) ହସ୍ତୀ।

ଦ୍ୱିରଦାନ୍ତକ, ବି. (ଦ୍ୱିରଦ-ଅନ୍ତକ) ସିଂହ।

ଦ୍ୱିରୁକ୍ତ, ବିଂ. (ଦ୍ୱିଃ ଉକ୍ତ) ଦୁଇବାର କଥିତ।

ଦ୍ୱିରୁକ୍ତି, ବି. (ଦ୍ୱି-ଉକ୍ତି) ଗୋଟିଏ କଥାକୁ ଦୁଇଥର ବା ଦୁଇ ପ୍ରକାରେ କହିବା।

ଦ୍ୱିରେଫ, ବି. (ଦ୍ୱି-ରେଫ) ଭ୍ରମର।

ଦ୍ୱିବଚନ, ବି. ବ୍ୟାକରଣର ଦ୍ୱି ସଂଖ୍ୟାବୋଧକ ବିଭକ୍ତି।

ଦ୍ୱିବାର୍ଷିକ, ବି. (ଦ୍ୱିବର୍ଷ-ଇକ) ଦୁଇବର୍ଷିଆ।

ଦ୍ୱିବିଧ, ବିଂ. (ଦ୍ୱି-ବିଧା) ଦୁଇ ପ୍ରକାର।

ଦ୍ୱିଶଫ, ବି. ( ଦ୍ୱି-ଶଫ ) ଯେଉଁ ଜୀବମାନଙ୍କର ଖୁର ଦ୍ୱିଖଣ୍ଡିତ, ଗୋରୁ ପ୍ରଭୃତି।

ଦ୍ୱିଷତ୍ } ବି. (ଦ୍ୱିଷ୍-ଅତ୍, କ୍ୱିପ) ଶତ୍ରୁ, ଦ୍ୱେଷୀ ।
ଦ୍ୱିଟ୍

ଦ୍ୱିସପ୍ତ, ବିଂ. (ଦ୍ୱି-ସପ୍ତ) ୧୪, ଚତୁର୍ଦ୍ଦଶ ।

ଦ୍ୱିସପ୍ତତି, ବି. (ଦ୍ୱି-ସପ୍ତତି) ୭୨ ସଂଖ୍ୟା ।

ଦ୍ୱୀପ, ବି. ( ଦ୍ୱି-ଅପ୍-ଅ ) ଚତୁର୍ଦ୍ଦିଗ ଜଳବେଷ୍ଟିତ ସ୍ଥଳଖଣ୍ଡ ।

ଦ୍ୱୀପବାନ୍, ବି. ( ଦ୍ୱୀପ-ବତ୍ ) ସମୁଦ୍ର, ନଦ, ନଦୀ, ଭୂମି ।

ଦ୍ୱୀପୀ, ବି. (ଦ୍ୱୀପ-ଇନ୍ ) ବ୍ୟାଘ୍ର, ସମୁଦ୍ର ।

ଦ୍ୱେଷ, ବି. (ଦ୍ୱିଷ୍-ଅ) ଶତ୍ରୁତା, ବୈର, ଈର୍ଷା ।

ଦ୍ୱେଷୀ, ବିଂ. (ଦ୍ୱିଷ୍-ଇନ୍ ) ଦ୍ୱେଷଯୁକ୍ତ, ଶତ୍ରୁ ।

ଦ୍ୱେଷ୍ଟା, ବିଂ. (ଦ୍ୱିଷ୍-ତ) ଶତ୍ରୁ ।

ଦ୍ୱେଷ୍ୟ ବିଂ. (ଦ୍ୱିଷ୍-ଯ) ଦ୍ୱେଷପାତ୍ର ବା ବିଷୟ ।

ଦ୍ୱୈତ, ବି. (ଦ୍ୱି-ଇତ=ଦ୍ୱୀତ,ଦ୍ୱୀତ-ଅ) ଦ୍ୱିବିଧତ୍ୱ, ଦ୍ୱିତ୍ୱାତ୍ମକତ୍ୱ, ଦୁଇ ବସ୍ତୁର ଅସ୍ତିତ୍ୱ, ଦ୍ୱୈତବାଦୀ, ଦ୍ୱିଧାବିଶୂନ୍ୟ ।

ଦ୍ୱୈତବନ, ବି. ବନବିଶେଷ, ବନବାସ କାଳରେ ଯୁଧିଷ୍ଠିରାଦି ଏହି ବନରେ ବାସ କରିଥିଲେ, ଶୋକ ମୋହରହିତ ବନବିଶେଷ ।

ଦ୍ୱୈତବାଦ, ବି. (ଦ୍ୱୈତ-ବାଦ) ଜୀବ ପରମ ଭେଦ-ବିଷୟକ ଦାର୍ଶନିକ ମତ ।

ଦ୍ୱୈତବାଦୀ, ବିଂ. (ଦ୍ୱୈତ-ବଦ୍-ଇନ୍ ) ଯେଉଁମାନେ ଜୀବାତ୍ମା ଓ ପରମାତ୍ମାକୁ ପ୍ରଭେଦ ବୋଲି ସ୍ୱୀକାର କରନ୍ତି ।

ଦ୍ୱୈଧ, ବି. ( ଦ୍ୱିଧା-ଅ ) ଦ୍ୱିଧା, ଦୁଇ ପ୍ରକାର, ସନ୍ଦେହ, ବିବାଦ, ମତଭେଦ ।

ଦ୍ୱୈପାୟନ, ବି. ( ଦ୍ୱୀପ-ଅୟନ ) ଦ୍ୱୀପ ଯାହାର ଜନ୍ମସ୍ଥାନ, ବ୍ୟାସଦେବ ।

ଦ୍ୱୈମାତୁର, ବି. (ଦ୍ୱିମାତୃ-ଅ) ଗଣେଶ, ଜରାସନ୍ଧ । ବିଂ. ଦୁଇ ମାତାର ସନ୍ତାନ ।

ଦ୍ୱୈମାତୃକ, ବି. ( ଦ୍ୱିମାତ-କ ) ବୃଷ୍ଟିଜଳ ଓ ନଦୀ-ଜଳୋତ୍ପନ୍ନ ଧାନ୍ୟାଦି ।

ଦ୍ୱ୍ୟର୍ଥ, ବିଂ. (ଦ୍ୱି-ଅର୍ଥ) ଯହିଁରେ ଦୁଇ ଅର୍ଥ ବୁଝାଯାଏ ।

---

# ଧ

ଧ, ବ୍ୟଞ୍ଜନ ବର୍ଣ୍ଣର ଊନବିଂଶ ଅକ୍ଷର । ବି. ବ୍ରହ୍ମା ।

ଧଅ<br>ଧଅସ } ବି. (ଦେ) ଧବବୃକ୍ଷ ।

ଧଇଁ, ବି. (ଦେ) କାଶରୋଗବିଶେଷ ।

ଧଇଁସଇଁ, ବିଂ. (ଦେ) ରୁଦ୍ଧଶ୍ୱାସ ।

ଧଉଳି, ବି. ( ଦେ ) ଭୁବନେଶ୍ୱର ନିକଟବର୍ତ୍ତୀ ଗୋଟିଏ ପାହାଡ଼, ମାଛ ଧରିବା ଯନ୍ତ୍ରବିଶେଷ ।

ଧକ, ବି. (ଦେ) ଧକାଇବା ।

ଧକ୍‌ଚକ୍, ବିଂ. ( ଦେ ) ଝଟକାଳ, ବରକ୍ତ ।

ଧକ୍‌ଧକ୍, ବି. ( ଦେଶଜ ) ବେଦନା, ଉଦରର ଅସ୍ଫୂର୍ତ୍ତିଭାବ ।

ଧକ୍କା, ବ. (ଦେ) ଆଘାତ ।
ଧକାଇବା, କ୍ରି. ( ଦେ ) ପ୍ରବଳ ବେଗରେ ନିଶ୍ୱାସ ଛାଡ଼ିବା ।
**ଧଟୀ**, ବିଂ. ଲୁଗାଧଡ଼ି ।
ଧଡ଼, ବି. (ଦେ) ଶରୀର, ଦେହ ।
ଧଡ଼କ, (ସ), ବି. (ଦେ) ତେଜ, ଧମକ ।
ଧଡ଼୍‌ପଡ଼୍, କ୍ରି. ବିଂ. (ଦେ) ଶୀଘ୍ର, ଉଦ୍‌ବିଗ୍ନ, ଚଞ୍ଚଳ ।
ଧଡ଼ମଡ଼, ବି. (ଦେ) ଯାତନା, ଦାହ ।
ଧଡ଼ସି, ଧଅସି } କ୍ରି. ବିଂ. (ଦେ) ଶୀଘ୍ର ।
ଧଡ଼ା, ବି. (ଦେ) ଅର୍ଗଳ, କାଷ୍ଠଦଣ୍ଡ ।
ଧଡ଼, ଧଡ଼ୀ } ବି. (ଧଟୀ ଶବ୍ଦଜ) ବସ୍ତ୍ରାଦିର ଧାର, ସୀମା ବା କନାରି ।
ଧଡ଼ିଆ, ବିଂ. (ଦେ) ଦୁର୍ବଳ, କୃଶ ।
ଧଣଡା, ଧଣନ୍ତା } ବିଂ. (ଦେ) ପାଣିଚଆ, ବସ୍ତ୍ରାଦ୍ରୁ ।
ଧଣିଆ, ଧନଆଁ } ବିଂ. ( ଧନ୍ୟାକ ଶବ୍ଦଜ) ଶସ୍ୟବିଶେଷ, କୋଥମିର ଫଳ ।
ଧଣିସ୍ତୃ, ବି (ଦେ) ଏକଜାତୀୟ ନଳତା ।
ଧଣ୍ଡ, ବି. (ଦେ) ସର୍ପବିଶେଷ ।
ଧଣ୍ଡସଣ୍ଡ, ବି. (ଦେ) ଅକଥ୍ୟ, ଅଶ୍ଳୀଳ, ଚପଳ ।
ଧଣ୍ଡା, ବି. (ଦେ) ମାଳ, ହାର ।
ଧଣ୍ଡି, ବି. (ହିନ୍ଦୀ) କ୍ଷୁଦ୍ର ପତାକା, ତଗା, ଧ୍ୱଜଦଣ୍ଡ ।

ଧଉଡ଼, (ଢ଼), ବିଂ. (ଦେ) ଦଦରା, ପୁରୁଣା ।
ଧଉ ର, ବି. (ଧେ-ଉର) ଧୂତୁରା, ଦୁଦୁରା ।
ଧନ, ବି. (ଧନ-ଅ) ବିତ୍ତ, ସମ୍ପତ୍ତି, ଗୋ, ଧାନ୍ୟାଦି ।
ଧନଞ୍ଜୟ, ବି. (ଧନ-ଜି-ଅ) ଅଗ୍ନି, ଅର୍ଜୁନ ।
ଧନଦ, ବି. (ଧନ-ଦା-ଅ) କୁବେର । ବିଂ. ଧନଦାତା ।

ଧନପତି } ବି. (ଧନ-ପତି, ଅଧିପ) କୁବେର ।
ଧନାଧିପ }

ଧନବାନ୍ } ବିଂ. (ଧନ-ବତୁ, ଇନ୍) ଐଶ୍ୱର୍ଯ୍ୟଶାଳୀ ।
ଧନୀ } ବି. ମହାଜନ ।

ଧନାଗମ, ବି. (ଧନ-ଆଗମ) ଅର୍ଥାଗମ, ଆୟ ।
ଧନାଧ୍ୟକ୍ଷ, ବି. (ଧନ-ଅଧ୍ୟକ୍ଷ) କୁବେର, ଧନରକ୍ଷକ ।
ଧନାର୍ଥୀ, ବିଂ. ( ଧନ-ଅର୍ଥୀ ) ଯେ ଧନ ଅନ୍ୱେଷଣ କରେ, କୃପଣ ।
ଧନିକ, ବିଂ. (ଧନ-ଇକ) ଧନଶାଳୀ, ଧନୀ, ମହାଜନ ।
ଧନିଷ୍ଠା, ବି.(ଧନବତ୍-ଇଷ୍ଠ, ବତୁ ଲୋପ-ଆ) ନକ୍ଷତ୍ରବିଶେଷ ।
ଧନୀ, ବିଂ. ( ଧନ-ଇନ୍ ) ସମ୍ପତ୍ତିଶାଳୀ, ଯାହାର ବିଶେଷ ଧନ ଅଛି । (ଦେ) ଯୁବତୀ ସ୍ତ୍ରୀ ।
ଧନୀକା, ବି. (ଧନ-ଇକ-ଆ) ଯୁବତୀ ।

ଧନୁ } ବି. (ଧନ-ଉ, ଉସ୍,) କାର୍ମୁକ, ଧନୁକ, ନବମ ରାଶି ।
ଧନୁଃ }

ଧନୁର୍ଗୁଣ, ବି. (ଧନୁଃ-ଗୁଣ) ଧନୁର ଗୁଣ, ଜ୍ୟା ।

ଧନୁର୍ଦ୍ଧର
ଧନୁର୍ଭୃତ୍
ଧନୁଷ୍ମାନ୍ } ବି. ( ଧନୁସ୍-ଧୃ-ଅ, ଧନୁସ୍-ଭୃତ୍, ଧନୁଷ୍-ମତ୍ ) ଧନୁର୍ଦ୍ଧାରୀ, ଧନ୍ୱୀ, ଧାନୁଷ୍କ, ଯେ ଧନୁ ଧାରଣ କରେ ।

ଧନୁର୍ଦ୍ଧାରୀ, ବିଂ. (ଧନୁଃ-ଧ-ଇନ୍) ଧନୁର୍ଦ୍ଧର ।

ଧନୁର୍ବିଦ୍ୟା, ବି. ( ଧନୁଃ-ବିଦ୍ୟା ) ଧନୁରେ ଶର ମାରିବା ବିଷୟରେ ଜ୍ଞାନ, ଧନୁର୍ବିଦ୍ୟା ।

ଧନୁର୍ବେଦ, ବି. ( ଧନୁଃ-ବେଦ ) ଯୁଦ୍ଧବିଦ୍ୟା ।

ଧନୁଷ୍କର, ବି. (ଧନୁସ୍-କର) ଧନୁର୍ଦ୍ଧର ।

ଧନୁଷ୍କୋଟି, ବି. (ଧନୁଃ-କୋଟି) ଧନୁର ଅଗ ।

ଧନୁଷ୍ଟଙ୍କାର, ବି. (ଧନୁଃ-ଟଙ୍କାର) ଧନୁଶବ୍ଦ, ରୋଗ-ବିଶେଷ ।

ଧନୁଷ୍ପାଣି, ବି (ଧନୁଃ-ପାଣି) ଧନୁର୍ଦ୍ଧର, ଯେ ହାତରେ ଧନୁ ଧାରଣ କରେ ।

ଧନେଶ
ଧନେଶ୍ୱର } ବି. (ଧନ-ଈଶ, ଈଶ୍ୱର) କୁବେର । ବିଂ. ଧନସ୍ୱାମୀ ।

ଧନ୍ଦା, ବି. (ଦେ) କାର୍ଯ୍ୟସମୂହ, ଜଞ୍ଜାଳ ।

ଧନ୍ଦାଳି ହେବା, କ୍ରି. ( ଦେ ) ବ୍ୟସ୍ତ ସମସ୍ତ ହେବା, ଖୋଜିବା ।

ଧନ୍ଦ ହେବା, କ୍ରି. (ଦେ) ବ୍ୟସ୍ତ ହେବା ।

ଧନ୍ୟ, ବିଂ. (ଧନ-ଯ) ଭାଗ୍ୟବାନ୍, ସାଧୁ, ଧାର୍ମିକ ।

ଧନ୍ୟବାଦ, ବି. (ଧନ୍ୟ-ବାଦ) ପ୍ରଶଂସାବାଦ ।

ଧନ୍ୟାକ, ବି. (ଧନ-ଆକ) ଧନିଆଁ ।

ଧନ୍ୱ, ବି. (ଧନ୍ୱ-ଅ) ଧନୁକ ।

ଧନ୍ୱନ୍ତର, ବି. ( ଧନ୍ୱ-ଅନ୍ତ-ଋ-ଇ ) ଦେବଚିକିତ୍ସକ, ରାଜା ବିକ୍ରମାଦିତ୍ୟଙ୍କ ନବରତ୍ନରୁ ଏକ ରତ୍ନ ।

ଧନ୍ୱୀ, ବିଂ. (ଧନ୍ୱ-ଇନ୍) ଧନୁର୍ଦ୍ଧାରୀ, ଅର୍ଜୁନ, ବକୁଳ ।

ଧପଟ, ବି. (ଦେ) ଦୌଡ଼, ଦ୍ରୁତଗତି ।

ଧପଡ଼ } ବିଂ. (ଦେ) ଠକ, ପ୍ରତାରକ ।
ଧପାଡ଼

ଧପଧପ, ବି. (ଦେ) ଉଜ୍ଜ୍ୱଳତର ଦୀପ୍ତି, ଅତି ଶୁଭ୍ରବର୍ଣ୍ଣ ।

ଧପା, ବି. (ଯାବନିକ) ଭଣ୍ଡାଇବା, ଠକାଇବା ।

ଧପାବାଜ୍, ବିଂ. (ଦେ) ଠକ, ପ୍ରତାରକ ।

ଧମକ, ବି. ( ଧ୍ମା=ଶବ୍ଦ କରିବା-ଅକ) କର୍ମକାର । (ଦେ) ଭୟପ୍ରଦର୍ଶନ ।

ଧମକାଇବା, କ୍ରି. (ଦେ) ଡରାଇବା ।

ଧମନି } ବି. (ଧ୍ମା-ଅନ, ଇ) ନାଡ଼ୀ, ଶିରା, ଗଳା, ହରିଦ୍ରା, ହସ୍ତିବିଳାସିନୀ ।
ଧମନୀ

ଧର, ବି. ( ଧୃ-ଅ) ପର୍ବତ, କାର୍ପାସ, କୂର୍ମରାଜ । ବିଂ. ଧାରଣକର୍ତ୍ତା । ଯଥା—ଜଳଧର, ଗଙ୍ଗାଧର ।

ଧରଟ, ବି. (ଦେ) ଖୁଣିବା, ଦୋଷଦର୍ଶନ ।

ଧରଣ, ବି. ( ଧୃ-ଅନ ) ପ୍ରକାର, ପ୍ରଣାଳୀ, ପଦ୍ଧତି, ଧାରଣ, ହିମାଳୟସ୍ଥପର୍ବତ, ଭୁବନ, ଲୋକ, ସୂର୍ଯ୍ୟ, ସ୍ତନ, ଧାନ୍ୟ, ସେତୁ ।

ଧରଣା, ବି. (ଦେଶଜ) ଅଝା ପଡ଼ିବା ।

ଧରଣି } ବି. (ଧୃ-ଅନ, ଇ) ପୃଥିବୀ, ବସୁନ୍ଧରା ।
ଧରଣୀ

ଧରଣିଧର } ବି. (ଧରଣି, ଧରଣୀ-ଧର) ବିଷ୍ଣୁ,
ଧରଣୀଧର } ଅନନ୍ତ, ମହାବରାହ,ପର୍ବତ, କୂର୍ମରାଜ ।

ଧରଣୀଶ୍ୱର, ବି. (ଧରଣୀ-ଈଶ୍ୱର) ରାଜା, ବିଷ୍ଣୁ ।

ଧରଣୀସୁତା, ବି. ( ଧରଣୀ-ସୁତା ) ସୀତା, ରାଜର୍ଷି ଜନକ ଭୂମିକର୍ଷଣ କରିବା କାଳରେ ସୀତାଦେବୀଙ୍କୁ ପ୍ରାପ୍ତ ହୋଇଥିବାରୁ ଏପରି ନାମ ହୋଇଅଛି ।

ଧରପଗଡ, ବି. (ଦେ) ଧରି ବାନ୍ଧିବା ।

ଧରା, ବି. (ଧୃ-ଅ-ଆ) ପୃଥିବୀ, ନାଡ଼ୀ, ଜରାୟୁ । ବିଂ. ଧାରଣକର୍ତ୍ତ୍ରୀ ।

ଧରାତଳ, ବି. (ଧରା-ତଳ) ଯାହାର ଦୈର୍ଘ୍ୟ ପ୍ରସ୍ଥ ଅଛି ଓ ବେଧ ନାହିଁ, ପୃଥିବୀର ଉପରଭାଗ, ଭୂତଳ ।

ଧରାତ୍ମଜ, ବି. (ଧରା-ଆତ୍ମଜ) ମଙ୍ଗଳଗ୍ରହ, ନରକାସୁର । ଜା, ସ୍ତ୍ରୀ. ସୀତା ।

ଧରାଧର, ବି. (ଧରା-ଧର) ବିଷ୍ଣୁ, ପର୍ବତ, କର୍ମରାଜ, ମହାବରାହ ।

ଧରାଧରି, ବି. ଦେ) ପରସ୍ପରକୁ ଧରିବା, ଧରପଗଡ଼ ।

ଧରିବା, କ୍ରି. (ଧୃ ଧାତୁଜ) ଧାରଣ କରିବା, ଘେନିବା, ଅଣ୍ଡିରା ବାଛୁରୀର ମୁଷ୍କଛେଦନ କରିବା, ଫଳ କରିବା ।

ଧରିତ୍ରୀ, ବି. (ଧୃ-ଇତ୍ର-ଈ) ପୃଥିବୀ, ଧରଣୀ ।

ଧର୍ତ୍ତବ୍ୟ, ବିଂ. (ଧୃ-ତବ୍ୟ) ଗ୍ରାହ୍ୟ, ବିବେଚ୍ୟ, ଧାରଣ-ଯୋଗ୍ୟ ।

ଧର୍ମ, ବି. (ଧୃ-ମ) ସୁକୃତ, ପୁଣ୍ୟ, ଜାତି, ସ୍ୱଭାବ, ଗୁଣ, କର୍ମ, ଯମ, ଜୀବ, ବୃକ୍ଷ, ସୂର୍ଯ୍ୟ ।

ଧର୍ମଘଟ, ବ. (ଧର୍ମ-ଘଟ) ବୈଶାଖ ମାସରେ ଦାତବ୍ୟ ସୁଗନ୍ଧ ଜଳପୂର୍ଣ୍ଣ କଳସ, ମେଳ, (strike)

ଧର୍ମକ୍ଷେତ୍ର, ବ. (ଧର୍ମ-କ୍ଷେତ୍ର) କୁରୁକ୍ଷେତ୍ର, ପୁଣ୍ୟସ୍ଥାନ ।

ଧର୍ମଚାରୀ ବି. (ଧର୍ମ-ଚର୍-ଇନ୍) ଧାର୍ମିକ, ପୁଣ୍ୟଶୀଳ । ସ୍ତ୍ରୀ. ରିଣୀ, ସହଧର୍ମିଣୀ, ସାଧ୍ୱୀ ।

ଧର୍ମଜ, ବ (ଧର୍ମ-ଜନ୍-ଅ) ଔରସପୁତ୍ର ।

ଧର୍ମଜ୍ଞ, ବିଂ. (ଧର୍ମ-ଜ୍ଞା-ଅ) ଯେ ଧର୍ମବିଷୟ ଜାଣନ୍ତି ।

ଧର୍ମତଃ, ଅଂ. ( ଧର୍ମ-ତସ୍ ) ଯଥାର୍ଥରୂପେ ।

ଧର୍ମତତ୍ତ୍ୱ, ବି, (ଧର୍ମ-ତତ୍ତ୍ୱ) ପରମାର୍ଥ ରହସ୍ୟ, ଧର୍ମର ନିଗୂଢ଼ ମର୍ମ ।

ଧର୍ମଦ୍ରୋହୀ, ବିଂ. (ଧର୍ମ-ଦ୍ରୁହ୍-ଇନ) ଧର୍ମଦ୍ୱେଷକାରୀ । ବିଂ. ରାକ୍ଷସ ।

ଧର୍ମଧ୍ୱଜୀ, ବିଂ. (ଧର୍ମ-ଧ୍ୱଜ୍-ଇନ୍) ବକଧାର୍ମିକ, କପଟ ଧାର୍ମିକ ।

ଧର୍ମନନ୍ଦନ } ବି. (ଧର୍ମ-ନନ୍ଦନ, ପୁତ୍ର) ଯୁଧିଷ୍ଠିର ।
ଧର୍ମପୁତ୍ର

ଧର୍ମନିଷ୍ଠା, ବିଂ. (ଧର୍ମ-ନିଷ୍ଠା) ଧର୍ମିଷ୍ଠ, ପୁଣ୍ୟବାନ୍ ।

ଧର୍ମନୀତି, ବି. ନୀତିଜ୍ଞାନବିଷୟକ ଶାସ୍ତ୍ର ।

ଧର୍ମପତି, ବି. ( ଧର୍ମ-ପତି ) ବରୁଣ, ଧର୍ମାନୁସାରେ ଗୃହୀତ ସ୍ୱାମୀ ।

ଧର୍ମପତ୍ନୀ, ବି. (ଧର୍ମ-ପତ୍ନୀ) ସହଧର୍ମିଣୀ, ଭାର୍ଯ୍ୟା ।

ଧର୍ମପରାୟଣ, ବିଂ. (ଧର୍ମ-ପର-ଅୟନ) ଯେଉଁ ବ୍ୟକ୍ତି ଏକ ମାତ୍ର ଧର୍ମକୁ ଆଶ୍ରୟ କରଥାଏ, ଧାର୍ମିକ ।

ଧର୍ମପୁତ୍ର, ବି. (ଧର୍ମ-ପୁତ୍ର) ଯୁଧିଷ୍ଠିର, ଧର୍ମାନୁସାରେ କୃତ ପୁତ୍ର ।

ଧର୍ମବକ, ବି. (ଧର୍ମ-ବକ) କପଟଧାର୍ମିକ ଲୋକ ।

ଧର୍ମଭୀରୁ, ବି. ( ଧର୍ମ-ଭୀରୁ ) ଯେଉଁ ଲୋକ ଅଧର୍ମକୁ ଡରେ ।

ଧର୍ମଭୀରୁ, ବିଂ. ( ଧର୍ମ-ଭୀରୁ ) ଯେ ଅଧର୍ମକୁ ଭୟ କରେ, ଧର୍ମପରାୟଣ ।

ଧର୍ମରାଜ, ବି. (ଧର୍ମ-ରାଜ) ଯମ, ଯୁଧିଷ୍ଠିର, ବୁଦ୍ଧ ।

ଧର୍ମଲକ୍ଷଣ, ବି. ( ଧର୍ମ-ଲକ୍ଷଣ ) ଧର୍ମଚିହ୍ନ, ଧୃତି, କ୍ଷମା, ଦମ, ଶୌଚ, ଅସ୍ତେୟ, ଇନ୍ଦ୍ରିୟନିଗ୍ରହ, ଧୀ, ବିଦ୍ୟା, ସତ୍ୟ, ଅକ୍ରୋଧ ଏହି ଦଶବିଧ ।

ଧର୍ମବିଦ, ବି. (ଧର୍ମ-ବିଦ୍-୦) ଧାର୍ମିକ ।

ଧର୍ମଶାଳା, ବି. ( ଧର୍ମ-ଶାଳା ) ଧର୍ମାର୍ଥଗୃହ, ପାନ୍ଥନିବାସ, ଅତିଥିଶାଳା ।

ଧର୍ମଶାସ୍ତ୍ର, ବି. ( ଧର୍ମ-ଶାସ୍ତ୍ର ) ମନାଦି ସ୍ମୃତି ।

ଧର୍ମଶୀଳ, ବିଂ. (ଧର୍ମ-ଶୀଳ) ଧାର୍ମିକ ।

ଧର୍ମାର୍ଥ, ବିଂ. (ଧର୍ମ-ଅର୍ଥ) ଧର୍ମନିମିତ୍ତ ।

ଧର୍ମାତ୍ମା, ବିଂ. (ଧର୍ମ-ଆତ୍ମନ) ଧର୍ମଶୀଳ, ଧାର୍ମିକ ।

ଧର୍ମାଧିକରଣ, ବି. (ଧର୍ମ-ଅଧିକରଣ) ବିଚାରାଳୟ, ବିଚାରକ, ଧର୍ମଶାସ୍ତ୍ରଜ୍ଞ ।

ଧର୍ମାଧିକାର, ବି. ( ଧର୍ମ-ଅଧିକାର ) ନ୍ୟାୟ ଅନ୍ୟାୟ ବିଚାରର ଅଧିକାର ।

ଧର୍ମାଧିକାରୀ, ବି. ( ଧର୍ମାଧିକାର-ଇନ୍ ) ଯାହା ହସ୍ତରେ ନ୍ୟାୟ ଅନ୍ୟାୟ ବିଚାରର ଭାର ନ୍ୟସ୍ତ ଥାଏ ।

ଧର୍ମାଧ୍ୟକ୍ଷ, ବି. (ଧର୍ମ-ଅଧ୍ୟକ୍ଷ) ବିଚାରପତି ।

ଧର୍ମାବତାର, ବି. (ଧର୍ମ-ଅବତାର) ମୂର୍ତ୍ତିମାନ୍ ଧର୍ମ ।

ଧର୍ମାବହ, ବିଂ. ( ଧର୍ମ-ଆ-ବହ୍-ଅ ) ଧର୍ମରକ୍ଷକ । ଧର୍ମଜନକ ।

ଧର୍ମାଭାସ, ବି. (ଧର୍ମ-ଆଭାସ) ଅପ୍ରଶସ୍ତ ଧର୍ମ ।

ଧର୍ମାରଣ୍ୟ, ବି. (ଧର୍ମ-ଅରଣ୍ୟ) ତପୋବନ ।

ଧର୍ମାସନ, ବି. (ଧର୍ମ-ଆସନ) ବିଚାରାସନ ।

ଧର୍ମିଷ୍ଠ, ବିଂ (ଧର୍ମ-ଇଷ୍ଠ) ଅତି ଧାର୍ମିକ ।

ଧର୍ମୋପଦେଶକ, ବିଂ. (ଧର୍ମ-ଉପଦେଶକ) ଯେ ଧର୍ମ ବିଷୟରେ ଉପଦେଶ ଦିଅନ୍ତି ।

ଧର୍ମ୍ୟ, ବିଂ. (ଧର୍ମ-ଯ) ଧର୍ମଯୁକ୍ତ, ନ୍ୟାଯ୍ୟ ।

ଧର୍ଷ, ଧର୍ଷଣ } ବି. ( ଧୃଷ୍-ଅ, ଅନ ) ପରାଜୟ କରିବା, ଅବଜ୍ଞା କରିବା, ଅବଜ୍ଞା, ପରାଭବ ।

ଧର୍ଷକ, ବିଂ. ( ଧୃଷ୍-ଅକ ) ଅବଜ୍ଞାକାରୀ, ଦାମ୍ଭିକ । ବି. ନଟ, ନର୍ତ୍ତକ ।

ଧର୍ଷିତ, ବିଂ. (ଧୃଷ୍-ଇତ) ପରାଜିତ, ଅବମାନିତ ।

ଧଳା, ବିଂ. (ଧବଳ ଶବ୍ଦଜ) ଶ୍ୱେତ ବା ଶୁକ୍ଳ ।

ଧଳାଟିଟା, ବି. (ଦେ) ବୃକ୍ଷବିଶେଷ ।

ଧବ, ବି. (ଧୂ-ଅ) ପତି, ଖଦିରଜାତୀୟ ବୃକ୍ଷବିଶେଷ ।

ଧବଳ, ବିଂ. (ଧାବ୍-ଅଳ) ଶୁକ୍ଳବର୍ଣ୍ଣ, କୁଷ୍ଠରୋଗ ।

ଧବଳପକ୍ଷ, ବି. (ଧବଳ-ପକ୍ଷ) ହଂସ, ଶୁକ୍ଳପକ୍ଷ ।

ଧବଳିତ, ବିଂ. ( ଧବଳ-ଇତ ) ଯାହା ଶ୍ୱେତବର୍ଣ୍ଣ କରା ହୋଇଅଛି ।

ଧାଁ, ବି. (ଦେ) ଦୌଡ଼ ।

ଧାଇଁବା, କି. (ଦେ) ଦୌଡ଼ିବା ।

ଧାଇ, ବି. ( ଧାତ୍ରୀ ଶବ୍ଦଜ) ଉପମାତା, ଦାଇ ।

ଧାଉଡ଼ି, ବି. (ଦେ) ପଂକ୍ତି, ଶ୍ରେଣୀ, ଦଉଡ଼ି ।

ଧାଉଡ଼ିଆ, ବି. (ଦେ) ଦୂତ, ଚପା, ଡାକବାଲା ।

ଧାଙ୍ଗଡ଼, ବି. (ଦେ) ଏକପ୍ରକାର ନୃତ୍ୟ ଓ ବାଦ୍ୟ ।

ଧାଙ୍ଗଡ଼ା, ବି. (ଦେ) ଅନାର୍ଯ୍ୟଜାତିର ଯୁବକ । ସ୍ତ୍ରୀ. ଧାଙ୍ଗଡ଼ୀ ।

ଧାଟୀ, ବି. (ଦେ) ଶତ୍ରୁ ଅଭିମୁଖରେ ଗମନ, ଧାଡ଼ି ।

ଧାଡ଼ି, ବି. (ଦେ) ଶ୍ରେଣୀ ।

ଧାଡ଼ୁଆ, ବି. (ଦେ) ଗେଧ, ଅଣ୍ଡିରା ମାଙ୍କଡ଼ ।

ଧାତକୀ, ବି. ( ଧା-ଅକ-ଈ, ତ ଆଗମ ) ପୁଷ୍ପବୃକ୍ଷ-ବିଶେଷ ।

ଧାତା, ବି. (ଧା-ତ) ବିଧାତା, ବ୍ରହ୍ମା, ବିଷ୍ଣୁ, ପିତା । ବିଂ. ରକ୍ଷକ, ଧାରଣକର୍ତ୍ତା, ସୃଷ୍ଟିକର୍ତ୍ତା, ନିର୍ମାତା ।

ଧାତିକାର, ବିଂ. (ଦେ) ଶୀଘ୍ର ।

ଧାତିକାରେ, କି. ବିଂ. (ଦେ) ଶୀଘ୍ର ।

ଧାତୁ, ବି. ( ଧା-ତୁ ) ଦେହଧାରକ ବସ୍ତୁ, ଯଥା— ବାତ, ପିତ୍ତ, କଫ, ଶୋଣିତ, ମାଂସ, ମେଦ, ମଜ୍ଜା, ଶୁକ୍ର, ଅସ୍ଥି, ପ୍ରଭୃତି; ସ୍ୱର୍ଣ୍ଣ, ରୌପ୍ୟ,

କାଂସ୍ୟ, ପିତ୍ତଳ, ତାମ୍ର, ସୀସା, ରଙ୍ଗ, ଲୌହ, ଏହି ଅଷ୍ଟବିଧ ତୈଜସ ପଦାର୍ଥ; ଭୂ, ସ୍ଥା, ଗମ୍ ପ୍ରଭୃତି କ୍ରିୟାବାଚକ ପ୍ରକୃତି, ସ୍ୱଭାବ, ସ୍ୱରୂପ, ଉପାଦାନ, ଜ୍ଞାନେନ୍ଦ୍ରିୟ, ପାରଦ ।

ଧାତୁବିଦ୍ୟା, ବି. (ଧାତୁ-ବିଦ୍ୟା) ଯେଉଁ ବିଦ୍ୟାଦ୍ୱାରା ସ୍ୱର୍ଣ୍ଣ, ରୌପ୍ୟ, ଲୌହ ପ୍ରଭୃତି ଧାତୁର ସ୍ୱରୂପ ବା ଅବସ୍ଥା ଜଣାଯାଏ ।

ଧାତୁମୟ, ବିଂ. (ଧାତୁ-ମୟ) ଧାତୁନିର୍ମିତ ।

ଧାତୁରା, ବିଂ. (ଦେ) ଧୁସ୍ତୁର, ଦୁଦୁରାଗଛ ।

ଧାତ୍ରୀ, ବି. (ଧା-ତୃ-ଈ) ଉପମାତା, ପୃଥିବୀ, ମାତା ।

ଧାତ୍ରୀକା, ବି. (ଧାତ୍ରୀ-କ-ଆ) ଅଁଳା ।

ଧାତ୍ରୀପୁତ୍ର, ବି. ( ଧାତ୍ରୀ-ପୁତ୍ର ) ନଟ, ଉପମାତାର ପୁତ୍ର ।

ଧାନ, ବି. ( ଧା-ଅନ ) ନିଧାନ, ସ୍ଥାନ, ଆଧାର । (ଧାନ୍ୟ ଶବ୍ଦଜ) ଧାନ୍ୟ, ଶସ୍ୟବିଶେଷ, ପରିମାଣ-ବିଶେଷ । ଯଥା—୪ ଧାନରେ ୧ ରତି ।

ଧାନୁଆ, ବି. ( ଦେ ) ଧାନ ପରି ଏକପ୍ରକାର କ୍ଷୁଦ୍ର ଲଙ୍କାମରିଚ । ବିଂ. ଯେ ଅନେକ ଧାନ ଜମା ରଖି ଥାଏ ।

ଧାନୁକୀ, ବିଂ. (ଦେ) ଧାନୁଷ୍କ, ଧନୁର୍ଦ୍ଧାରୀ ।

ଧାନୁଷ୍କ, ବିଂ. (ଧନୁଷ୍-ଅ) ଧନୁର୍ଦ୍ଧର ।

ଧାନ୍ୟ, ବି. ( ଧନ-ଯ ) ଧାନ, ସତୁଷ ତଣ୍ଡୁଳ, ଗୃହ ଭିଲ ପରିମାଣ ।

ଧାନ୍ୟରାଜ, ବି. (ଧାନ୍ୟ-ରାଜନ୍) ଯବ, ଯଅ ।
ଧାନ୍ୟାକ, ବି. (ଧାନ୍ୟକ-ଅ) ଧନିଆଁ ।
ଧାପ, ବି. (ଦେ) ପ୍ରତାପ, ତେଜ, ବେଗ ।
ଧାପେ, ବିଂ. (ଦେ) ଟିକିଏ, କଷ୍ଟରୁ, ଶୀଘ୍ର ।
ଧାମ, ବି. ( ଧା-ମନ୍ ) ଗୃହ, ସ୍ଥାନ, ପ୍ରଭାବ, ଦୀପ୍ତି, ତେଜ, ଶରୀର, ଆଧାର, ଆସ୍ପଦ ।
ଧାମା, ବି. (ଦେ) ଡମା, ବାଉଁଶ ପାତିଆରେ ନିର୍ମିତ କୁଣ୍ଡ ।
ଧାର, ବି. (ଧ-ଅ) ଋଣ, ପ୍ରାନ୍ତଭାଗ, ଅସ୍ତ୍ରର ତୀକ୍ଷ୍ଣାଂଶ ।
ଧାରକ, ବି . ( ଧୃ-ଅକ ) ଧାରଣକର୍ତ୍ତା, ଯେ ଅନ୍ୟ ନିକଟରୁ ଋଣ କରେ, ଅଧମର୍ଣ୍ଣ, ଔଷଧବିଶେଷ ।
ଧାରଣ, ବି. (ଧୃ-ଇ-ଅନ) ଗ୍ରହଣ, ଅବଲମ୍ବନ ।
ଧାରଣା, ବି. ( ଧୃ-ଇ-ଅନ-ଆ ) ସ୍ଥିରତା, ବିଶ୍ୱାସ, ସଂସ୍କାର । (ଦେ) ଲମ୍ବମାନ ହୋଇ ପଡ଼ିବା, କଣ୍ଡ଼ କାଠ, ଆଶ୍ରୟ ।
ଧାରଣୀୟ, ବିଂ. (ଧ-ଅନୀୟ) ଧାରଣଯୋଗ୍ୟ ।
ଧାରୟିତା, ବିଂ. (ଧାରି-ତୃ) ଧାରକ ।
ଧାରା, ବି. ( ଧୃ-ଅ-ଆ ) ତରଳ ପଦାର୍ଥର ନିରନ୍ତର କ୍ଷରଣ, ରୀତି, ନିୟମ, ବୃଷ୍ଟି, ଅସ୍ତ୍ରର ତୀକ୍ଷ୍ଣ ପ୍ରାନ୍ତଭାଗ ।
ଧାରାଙ୍ଗ, ବି. (ଧାରା-ଅଙ୍ଗ) ଖଡ୍ଗ, ତୀର୍ଥ ।
ଧାରାଧର, ବି. (ଧାରା-ଧୃ-ଅ) ମେଘ ।
ଧାରାପାତ, ବି. ( ଧାରା-ପାତ ) ଜଳଧାରା ପତନ, ଅଙ୍କସୂତ୍ର ।

ଧାର୍‌ବାହିକ } ବି°. ( ଧାର-ବହ୍-ଇକ, ଇନ୍ )
ଧାର୍‌ବାହୀ } ଅବିଚ୍ଛିନ୍ନ, ଅବିରତ ।

ଧାରାଯନ୍ତ୍ର, ବି. (ଧାରା-ଯନ୍ତ୍ର) ଯେଉଁ ଯନ୍ତ୍ରରୁ ଜଳଧାରା ପତିତ ହୁଏ ।

ଧାରାସମ୍ପାତ, ବି. (ଧାରା-ସମ୍ପାତ) ଅତିଶୟ ବୃଷ୍ଟି ।

ଧାରିବା, କ୍ରି. (ଦେ) ଋଣ କରିବା, କର୍ଜ କରିବା ।

ଧାରୀ, ବି°. (ଧୃ-ଇନ୍) ଧାରଣକାରୀ ।

ଧାରୁଆ, ବି°. (ଦେ) ଋଣୀ, କର୍ଜଦାର ।

ଧାର୍ତ୍ତରାଷ୍ଟ୍ର, ବି. ( ଧୃତରାଷ୍ଟ୍ର-ଅ ) ଏକପ୍ରକାର ହଂସ, ଧୃତରାଷ୍ଟ୍ରଙ୍କ ପୁତ୍ର ।

ଧାର୍ମିକ, ବି°. (ଧର୍ମ-ଇକ) ଧର୍ମଶୀଳ, ପୁଣ୍ୟାତ୍ମା ।

ଧାର୍ଯ୍ୟ, ବି°. (ଧୃ-ଯ) ଗ୍ରାହ୍ୟ, ଧାରଣୀୟ ।

ଧାବକ, ବି°. ( ଧାବ୍-ଅକ ) ଦ୍ରୁତଗାମୀ । ବି°. ରଜକ, ଧୋବା ।

ଧାବନ, ବି. ( ଧାବ୍-ଅନ ) ଧୋଇବା, ଦୌଡ଼ିବା ।

ଧାବମାନ, ବି°. (ଧାବ୍-ଆନ) ଦୌଡ଼ୁଅଛି ।

ଧାବିତ, ବି°. ( ଧାବ୍-ତ ) ଧୌତ, ଯେ ବେଗରେ ଚାଲିଅଛି ।

ଧାସ, ବି. (ଦେ) ଉତ୍ତାପ ।

ଧାସୁଆ, ବି°. (ଦେ) ଖାଦମିଶା ରୂପା ।

ଧିକ୍, ଅ°. (ଧକ୍=ବିନାଶ କରିବା-ଇକ୍ ) ନିନ୍ଦା, ଭର୍ତ୍ସନାସୂଚକ ଅବ୍ୟୟ ।

ଧିକ୍କାର, ବି. (ଧିକ୍-କାର) ନିନ୍ଦା, ଅବଜ୍ଞା ।

ଧିଙ୍ଗାସ, ବି. (ଦେ) ଗାଳି, ଭର୍ତ୍ସନା ।

ଧିଟ, ବିଂ. (ଧୃଷ୍ଟ ଶବ୍ଦଜ) ଦୁଷ୍ଟ, ନିର୍ଲଜ୍ଜ ।

ଧିମା, ବିଂ. ( ଦେ ) ଧୀର, ମଠୁଆ, ଦୀର୍ଘସୂତ୍ରୀ ।

ଧିଷଣା, ବି, (ଧିଷଣ-ଅ-ଆ) ବୁଦ୍ଧି, ଜ୍ଞାନ ।

ଧୀ, ବି. (ଧ୍ୟୈ-୦) ବୁଦ୍ଧି, ଜ୍ଞାନ, ମତି ।

ଧୀଗୁଣ, ବି. (ଧୀ-ଗୁଣ) ଶୁଶ୍ରୂଷା, ଶ୍ରବଣ, ଗ୍ରହଣ, ତର୍କ, ବିତର୍କ, ଅର୍ଥବୋଧ, ତତ୍ତ୍ୱଜ୍ଞାନ ଏହି ଧୃ[illegible] ଏ ବୁଦ୍ଧିଗୁଣ ।

ଧୀମାନ୍, ବିଂ. (ଧୀ-ମତ୍ ବୁଦ୍ଧିମାନ୍, ଜ୍ଞାନୀ । ବି. ବୃହସ୍ପତି ।

ଧୀର, ବିଂ. ( ଧୀ-ର-ଅ ) ଧୈର୍ଯ୍ୟଶାଳୀ, ଗମ୍ଭୀର, ପଣ୍ଡିତ ।

ଧୀରତା, ଧୀରତ୍ୱ } ବି. ( ଧୀର-ତା, ତ୍ୱ ) ଧୈର୍ଯ୍ୟ, ସ୍ଥିରତା, ସହିଷ୍ଣୁତା

ଧୀରପ୍ରଶାନ୍ତ, ବି. ( ଧୀର-ପ୍ରଶାନ୍ତ ) ନାୟକବିଶେଷ, ଯେଉଁ ନାୟକର ଅନେକ ସାଧାରଣ ଗୁଣ ଥାଏ ।

ଧୀରଲଳିତ, ବି. ( ଧୀର-ଲଳିତ ) ନାୟକବିଶେଷ, ଯେଉଁ ନାୟକ ଚିନ୍ତାଶୂନ୍ୟ ନମ୍ର ଏବଂ ନୃତ୍ୟ-ଗୀତାଦିରେ ଆସକ୍ତ ।

ଧୀରେ, କ୍ରି. ବିଂ. (ଦେ) ଆସ୍ତେ, ଶନୈଃ ।

ଧୀରୋଦାତ୍ତ, ବି. (ଧୀର-ଉଦାତ୍ତ) ନାୟକବିଶେଷ, ଯେଉଁ ବ୍ୟକ୍ତି ଆତ୍ମଶ୍ଲାଘା ନ କରେ ।

ଧୀରୋଦ୍ଧତ, ବି. ( ଧୀର-ଉଦ୍ଧତ ) ନାୟକବିଶେଷ, ଯେ ବ୍ୟକ୍ତି ମାୟାଵୀ, ଉଦ୍ଧତ, ଚଞ୍ଚଳ, ଅହଙ୍କୃତ ଏବଂ ଆତ୍ମଶ୍ଳାଘା ବିଷୟରେ ନିରତ ।

ଧୀବର, ବି. (ଧୀ-ବର) କେଉଟ । ସ୍ତ୍ରୀ. ଧୀବରୀ ।

ଧୀଶକ୍ତି, ବି. (ଧୀ-ଶକ୍ତି) ବୁଦ୍ଧିଶକ୍ତି, ସାମର୍ଥ୍ୟ ।

ଧୁ, ବି. (ଧୁ=କମ୍ପନ-୦) କମ୍ପନ ।

ଧୁଆ, ବିଂ. (ଧାବ ଧାତୁଜ) ଧୌତ । ବି. ଋଷି ।

ଧୁକ, ବି. (ସମ୍ବଲପୁର) ପବନ ।

ଧୁକ୍‌ଧୁକ୍, କ୍ରି. ବିଂ. (ଦେ) ନିର୍ବାଣୋନ୍ମୁଖ ।

ଧୁକନା, ବି. (ସମ୍ବଲପୁର) ବିଚଣା, ପଙ୍ଖା ।

ଧୁଡ଼ୁକା, ବି. (ଦେ) ଏକପ୍ରକାର ବାଦ୍ୟଯନ୍ତ୍ର ।

ଧୂତ
ଧୁତ } ବିଂ. (ଧୁ, ଧୂ-ତ) ତ୍ୟକ୍ତ, କମ୍ପିତ ।

ଧୁରୁସ, ବି. (ଧୂମ୍ରର ଶବ୍ଦଜ) ଦୁଦୁସ ।

ଧୁନନ
ଧୂନନ } ବି. ଗୁଳନ, କମ୍ପନ ।

ଧୂନି
ଧୂନୀ } ବି. ( ଧୂ-ନି,ଧ -ନୀ )ନଦୀ, ସନ୍ନ୍ୟାସିରକ୍ଷିତ ନିଆଁଗଦା ।

ଧୂପାଇବା, କ୍ରି. (ଦେ) ଧୂଆଁଇବା ।

ଧୂପିବା, କ୍ରି. (ଦେ) ବଢ଼ାଇବା ।

ଧୁମ୍‌ଧାମ୍, ବିଂ. (ଦେ) ଗୋଳମାଳ, କୋଳାହଳ ।

ଧୁମା, ବିଂ. (ଦେ) ମୋଟା, ସ୍ଥୂଳ ।

ଧୂମାଧୂମି. (ଦେ) ଉତ୍ପାତ ।

ଧୂମାଳିଆ, ବିଂ. (ଦେ) ଧୂଳିମୟ, ଧୂମପୂର୍ଣ୍ଣ ।

ଧୂରନ୍ଧର, ଧର୍ମୀଣ } ବିଂ. (ଧୂର୍ଂ-ଧର, ଧୁର-ଈନ,
ଧୂର୍ଯ୍ୟ, ଧୂର୍ବହ } ଧୁର୍-ଯ, ଧୁର୍-ବହ୍-ଅ )
ଭାରବାହକ, ଅଗ୍ରଣୀ, ଶ୍ରେଷ୍ଠ ।

ଧୁର, ଅଂ. ଅଗ୍ରେ ।

ଧୁରୀଣ, ବିଂ. (ଧୁର-ଈଣ) କାର୍ଯ୍ୟଦକ୍ଷ । ବି. ବୃଷ ।

ଧୂବନ, ବିଂ. ( ଧୂ-ଅନ ) ପରିଚାଳକ । ବି. କମ୍ପନ ।

ଧୂଷ, ବି. (ଦେ) ଧାନର ଧୂଳି, ଧୂଳି ।

ଧୂଷା, ବି. (ଦେ) ଏକପ୍ରକାର ପଶମୀ ବସ୍ତ୍ର ।

ଧୂସୁରି, ବିଂ. (ଦେ) ଧୂଳିଆ, ପାଣ୍ଡୁର ।

ଧୂସ୍ତୁର, ଧୂସ୍ତୂର, } ବି. ଧୂତୁରା ଗଛ ।
ଧୂସ୍ତର, ଧୂସ୍ତୂର, }

ଧୂଆଁ, ବି. (ଧୂମ ଶବ୍ଦଜ) ଧୂମ ।

ଧୂଆଁପତ୍ର, ବି. (ଧୂମ ଶବ୍ଦଜ) ତମାଖୁ ପତ୍ର ।

ଧୂନକ, ବି. (ଧୂନ-ଅକ) ଝୁଣା, ଶାଳୁଆ କ୍ଷୀର ।

ଧୂପ, ବି. (ଧୂପ-ଅ) ଗନ୍ଧଦ୍ରବ୍ୟବିଶେଷ ।

ଧୂପିତ } ବିଂ. (ଧୂପ, ଧୂପାୟି-ତ) ପଥଶ୍ରାନ୍ତ,
ଧୂପାୟିତ } ତାପିତ, ଧୂପଦ୍ୱାରା ସୁବାସିତ ।

ଧୂମ, ବି. (ଧୂ-ମ) ଧୂଆଁ ।

ଧୂମକେତନ } ବି. ( ଧୂମ-କେତନ, କେତୁ ) ଅଗ୍ନି,
ଧୂମକେତୁ } କେତୁଗ୍ରହ ।

ଧୂମଜ, ବି. (ଧମ-ଜନ୍-ଅ) ମେଘ ।

ଧୂମପାୟୀ, ବିଂ. ( ଧୂମ-ପା-ଇନ୍ ) ଯେ ଧୂମ ପାନ କରେ ।

ଧୂମ୍ର, ଧୂମଳ } ବି. (ଧୂମ-ର-ଅ,ଳା-ଅ) କୃଷ୍ଣଲୋହିତ ବର୍ଣ୍ଣ ।

ଧୂମାବତୀ, ବି. (ଧୂମ-ଆ-ବତୁ-ଈ) ଦୁର୍ଗା ।

ଧୂମିକା, ବି. (ଧୂମ-ଇକ-ଆ) କୁଜ୍‌ଝଟିକା, କୁହୁଡ଼ି ।

ଧୂମ୍ରଲୋଚନ, ବି. (ଧୂମ୍ର-ଲୋଚନ) କପୋତ,ପାରା ।

ଧୂମ୍ରାକ୍ଷ, ବିଂ. (ଧୂମ୍ର-ଅକ୍ଷି) ଧୂମ୍ରବର୍ଣ୍ଣ ନେତ୍ରବିଶିଷ୍ଟ, ରାବଣର ଜନୈକ ରାକ୍ଷସାନୁଚର ।

ଧୂର୍ଜଟି, ବି. (ଧୂର-ଜଟ୍-ଇ) ଶିବ, ତ୍ରିଲୋଚନ ।

ଧୂର୍ତ୍ତ, ବିଂ. (ଧୁର୍ବ-ତ) ଶଠ, ପ୍ରବଞ୍ଚକ ।

ଧୂର୍ତ୍ତକ, ବି (ଧୂର୍ତ୍ତ-କ) ଶୃଗାଳ ।

ଧୂର୍ଦ୍ଧର, (ର୍ବହ) ବିଂ. (ଧର-ଧର, ବହ୍-ଅ) ଧୁରନ୍ଧର, ଭାରବାହୀ ।

ଧୂର୍ମୁଷ, ବି. (ଯା) ଲୁହା ବା କାଠର ପିଟଣା, ଯହିଁରେ ପିଟାଯାଏ ।

ଧୂଳି, (ଳୀ), ବି. (ଧୂ-ଳି, ଳୀ) ପାଂଶୁ, ରେଣୁ ।

ଧୂଳିଆ, ବିଂ. (ଦେ) ଧୂଳିବୋଳା । ବି. ପାଦଗାମୀ ତୀର୍ଥଯାତ୍ରୀ ।

ଧୂଳିକା, ବି (ଧୂଳି-କ-ଆ) କୁଜ୍‌ଝଟିକା ।

ଧୂଳିଧ୍ୱଜ, ବି. (ଧୂଳି-ଧ୍ୱଜ) ଘୂର୍ଣ୍ଣି ବାୟୁ ।

ଧୂଳିପଟଳ, ବି. (ଧୂଳି-ପଟଳ) ଉଡ୍ଡୀୟମାନ ଧୂଳିରାଶି ।

ଧୂସର, ବି. (ଧୂ-ସର) ଧୂଳିଆ ବର୍ଣ୍ଣ, ଈଷତ୍ ପାଣ୍ଡୁର ବର୍ଣ୍ଣ, ଉଷ୍ଟ୍ର, ଗର୍ଦ୍ଦଭ ।

ଧୂସରିତ,ବିଂ. (ଧୂସର-ଇତ) ଈଷତ୍ ପାଣ୍ଡୁରବର୍ଣ୍ଣ-ବିଶିଷ୍ଟ ।

ଧୃତ, ବିଂ. (ଧୃ-ତ) ଗୃହୀତ, ସ୍ଥିତ, ଅବଲମ୍ବିତ ।

ଧୃତରାଷ୍ଟ୍ର, ବି. ( ଧୃତ-ରାଷ୍ଟ୍ର ) ପାଣ୍ଡୁରାଜାଙ୍କ ଜ୍ୟେଷ୍ଠ ଭ୍ରାତା ।

ଧୃତି, ବି. (ଧୃ ତି) ଧାରଣ, ଧୈର୍ଯ୍ୟ, ସନ୍ତୋଷ ।

ଧୃତିମାନ୍, ବିଂ. (ଧୃତି-ମତ୍) ଧୈର୍ଯ୍ୟଶାଳୀ, ସନ୍ତୁଷ୍ଟ ।

ଧୃଷ୍ଟ, ବିଂ.(ଧୃଷ୍-ତ) ନିର୍ଲଜ୍ଜ, ଉଦ୍ଧତସ୍ୱଭାବ, ଲମ୍ପଟ । ବି. ନାୟକବିଶେଷ, ଯେ ନାୟକ ଅପରାଧୀ ହୋଇ ଆପଣାର ଅପରାଧ ସ୍ୱୀକାର କରେ ନାହିଁ ।

ଧୃଷ୍ଟତା, ବି, ( ଷ୍ଟ -ତା ) ଔଦ୍ଧତ୍ୟ, ପ୍ରଗଲ୍ଭତା

ଧୃଷ୍ଟଦ୍ୟୁମ୍ନ, ବି. (ଧୃଷ୍ଟ-ଦ୍ୟୁମ୍ନ) ଦ୍ରୁପଦ ରାଜାଙ୍କ ପୁତ୍ର ।

ଧୃଷ୍ଟା, ବି. (ଧୃଷ୍-ତ-ଆ) ଅସତୀ ।

ଧୃଷ୍ଟି, ବି, (ଧୃଷ୍-ତି) କିରଣ, ଆଲୋକ ।

ଧୃଷ୍ଣୁ, ବିଂ. (ଧୃଷ-ଣୁ) ପ୍ରଗଲ୍ଭ, ସନ୍ଧୃଷ୍ଟ, ଧର୍ଷଣଶୀଳ ।

ଧେଡ଼ } ବିଂ. ( ଦେଶଜ ) ନୀଚଜାତିବିଶେଷ. ଧେଡ଼ୀ } ଅଧମ ।

ଧେଣ୍ଡୁରା. ବି. ( ହିନ୍ଦ ) ନାଗରା, ବାଦ୍ୟବିଶେଷ, ମନାଦ ।

ଧେନୁ, ବି. (ଧେ-ନୁ) ନବପ୍ରସୂତା ଗାଈ, ଗାଈ ।

ଧେନୁକ, ବି. ( ଧେନୁ-କ ) ଅସୁରବିଶେଷ, ଧେନୁ-ସମୂହ ।

ଧେନୁକା, ବି. (ଧେନୁ-କ-ଆ) ପଶୁନାସିକା, ହସ୍ତିନୀ ।

ଧେନୁକାରି, ବି. (ଧେନୁକ-ଅରି) କୃଷ୍ଣ ।

ଧେୟ, ବିଂ. (ଧା-ଯ) ଗ୍ରହଣୀୟ, ଜ୍ଞେୟ ।

ଧୈର୍ଯ୍ୟ, ବି. (ଧୀର-ଯ) ଧୀରତା, ସହିଷ୍ଣୁତା ।

ଧୈବତ, ବି. ( ଧାବତ୍-ଅ ) ସ୍ୱରବିଶେଷ, କେହି କେହି ଏହି ସ୍ୱରକୁ ଘୋଡ଼ା ଶବ୍ଦ ପରି କେହି କେହି ଭେକଶବ୍ଦ ପରି କହନ୍ତି ।

ଧୋଇ, ବି. (ଦେ) ଅତିବୃଷ୍ଟିଜନିତ ଶସ୍ୟହାନି ।

ଧୋଇଆ, ବିଂ. ( ଦେ ) ବନ୍ୟା ପ୍ରଭୃତିଦ୍ୱାରା ଯେଉଁ ସ୍ଥାନରେ ଶସ୍ୟ ନଷ୍ଟ ହୁଏ ।

ଧୋଇବା, କ୍ରି. (ଦେ) ଧୌତ କରିବା ।

ଧୋଓରି } ବି. ( ଦେ ) ବୃଷ୍ଟିଦ୍ୱାରା ଗ୍ରାମରୁ ଯେଉଁ
ଧୋଅରି } ଆବର୍ଜନା ଧୋଇ ହୋଇ ଜମିରେ ସାରରୂପେ ପଡ଼େ ।

ଧୋକଡ଼ା, ବିଂ. (ଦେ) ଜୀର୍ଣ୍ଣ, ଶ୍ଳଥ, ଢିଲା, ହୁଗୁଳା ।

ଧୋକଡ } ବି. (ଦେ) ଝୁଲା, ମୁଣି ।
ଧୋକଡ଼ }

ଧୋକା, ବି, (ଦେଶଜ) ସନ୍ଦେହ, ସଂଶୟ ।

ଧୋଢ଼ା, ବି. (ଦେ) ଉଚ୍ଚସ୍ଥାନ, ଢିପ ।

ଧୋତରା, ବିଂ. (ଦେ) ପୁରୁଣା, ଛିଣ୍ଡା ।

ଧୋତ, ବି. (ଦେ) ପିନ୍ଧିବା ବସ୍ତ୍ର ।

ଧୋବ
ଧୋବଲ } ବି. (ଦେ) ଶୁକ୍ଳ, ଧବଳ ।

ଧୋବଧାଉଳିଆ, ବି. (ଦେ) ଶୁକ୍ଳବସ୍ତ୍ରଧାରୀ, ଭଦ୍ରବେଶୀ ।

ଧୋବା, ବି. (ଧାବ୍ ଧାତୁଜ) ରଜକ ।

ଧୋରଣ, ବି. ( ଧୋର-ଅନ ) ହସ୍ତୀ, ଅଶ୍ୱ ପ୍ରଭୃତି ବାହନ ।

ଧୋରଣି, (ଣୀ), ବି. (ଧୋର-ଅନ-ଇ) କିଂବଦନ୍ତୀ

ଧୌତ, ବି°. ( ଧାବ୍-ତ ) ପରିଷ୍କୃତ, ମାର୍ଜିତ । ବି. ରଜତ ।

ଧୌମ୍ୟ, ବି. (ନାମ) ପାଣ୍ଡବମାନଙ୍କ ପୁରୋହିତ ।

ଧ୍ୟାତ, ବି°. (ଧ୍ୟୈ-ତ) ଚିନ୍ତିତ, ସ୍ମୃତ, ଅନୁଶୀଳିତ ।

ଧ୍ୟାତବ୍ୟ, ବି°. (ଧ୍ୟୈ-ତବ୍ୟ) ଚିନ୍ତନୀୟ, ସ୍ମରଣୀୟ ।

ଧ୍ୟାନ, ବି. ଧ୍ୟୈ-ଅନ) ଚିନ୍ତା, ସ୍ମରଣ ।

ଧ୍ୟେୟ, ବି°. (ଧ୍ୟୈ-ଯ)ଧ୍ୟାନର ଯୋଗ୍ୟ,ସ୍ମରଣୀୟ ।

ଧ୍ରୁବ, ବି. ( ଧ୍ରୁ-ଅ ) ନକ୍ଷତ୍ର ।

ଧ୍ରୁବପଦ, ବି. ( ଧ୍ରୁବ-ପଦ ) ଗୀତାଦିର ଘୋଷା ।

ଧ୍ରୁବରେଖା, ବି. ବିଷୁବରେଖା, ନାଡ଼ୀମଣ୍ଡଳ ।

ଧ୍ରୁବଲୋକ, ବି. ( ଧ୍ରୁବ-ଲୋକ ) ସ୍ୱର୍ଗବିଶେଷ ।

ଧ୍ୱଂସ, ବି (ଧ୍ୱନସ୍-ଅ) ନାଶ, କ୍ଷୟ, ଖଣ୍ଡନ ।

ଧ୍ୱଂସନ, ବି°. (ଧ୍ୱନସ୍-ଅନ) ନାଶ, କ୍ଷୟ, ପତନ ।

ଧ୍ୱସିତ, ବି°. (ଧ୍ୱନସ-ତ)ବିନାଶିତ,ପାତିତ,ଖଣ୍ଡିତ ।

ଧ୍ୱଜ, ବି. (ଧ୍ୱଜ୍-ଅ) ଚିହ୍ନ, ପତାକା, ନିଶାଣ ।

ଧ୍ୱଜଭଙ୍ଗ ବି. (ଧ୍ୱଜ-ଭଙ୍ଗ) କ୍ଲୀବତ୍ୱଜନକ ରୋଗ-
ବିଶେଷ ।

ଧ୍ୱଜା, ବି. (ଧ୍ୱଜ୍-ଅ-ଆ) କେତନ, ପତାକା ।

ଧ୍ୱଜୀ, ବି. (ଧ୍ୱଜ-ଇନ୍) ବ୍ରାହ୍ମଣ, ରଥ, ସର୍ପ,ସେନା ।
ବିଂ. ଧ୍ୱଜାଧାରୀ ।

ଧ୍ୱନି, ବି. (ଧ୍ୱନ୍-ଇ) ଶବ୍ଦ, ରବ, ସ୍ୱନ, ନାଦ ।

ଧ୍ୱନିତ, ବିଂ. (ଧନ୍-ତ) ନାଦିତ, ଶବ୍ଦିତ ।

ଧ୍ୱସ୍ତ, ବିଂ. (ଧ୍ୱଂସ୍-ତ) ପତିତ, ନଷ୍ଟ ।

ଧ୍ୱାଙ୍କ୍ଷ, ବି. (ଧ୍ୱାଙ୍କ୍ଷ-ଅ) ଡାମରାକୁଆ, ମାଛଖିଆ ପକ୍ଷୀ ।

ଧ୍ୱାନ ବି. (ଧ୍ୱନ୍-ଅ) ଶବ୍ଦ, ନାଦ, ଧ୍ୱନି ।

ଧ୍ୱାନ୍ତ, ବି. (ଧ୍ୱନ୍-ତ) ତିମିର, ଅନ୍ଧକାର ।

ଧ୍ୱାନ୍ତାରି, ବି. (ଧ୍ୱାନ୍ତ-ଅରି) ଚନ୍ଦ୍ର, ଅଗ୍ନି, ସୂର୍ଯ୍ୟ ।

ଧ୍ୱାନ୍ତହାରୀ, ବିଂ. (ଧ୍ୱାନ୍ତ-ହୃ-ଇନ୍)ଅନ୍ଧକାର ନାଶ-
କାରୀ । ବି. ସୂର୍ଯ୍ୟ, ଚନ୍ଦ୍ର, ଆଲୋକ, ପ୍ରଦୀପ ।

ଧ୍ମାତ, ବିଂ. (ଧ୍ମା-ତ) ଶବ୍ଦିତ, ଦଗ୍ଧ ।

---

# ନ

ନ, ବ୍ୟଞ୍ଜନ ବର୍ଣ୍ଣର ବିଂଶ ବର୍ଣ୍ଣ । ଅଂ । (ନୀ-ଅ)ନିଷେଧ-
ବାଚକ ଅବ୍ୟୟ, ଭେଦ, ସାଦୃଶ୍ୟ, ଅଭାବ ।

ନଅ, ବି. ବିଂ. (ଦେ) ୯ ସଂଖ୍ୟା ।

ନଅଣ୍ଟ, ବି. (ଦେ) ଅଭାବ ।

ନଅର, ବି. ( ନଗର ଶବ୍ଦଜ ) ରାଜଭବନ ।

ନଅରମୁଥା, ବି. (ଦେ) ଏକପ୍ରକାର ବଡ଼ ମୁଥା ।

ନଇ
ଲଇ } ବି. (ଦେ) ଲତା ।

ନଇଁବା, କ୍ରି. (ନମ୍ ଧାତୁଜ) ନତ ହେବା ।

ନଈ, ନ. (ନଦୀର ଅପଭ୍ରଂଶ) ନଦୀ ।

ନଉ, ବି. ବିଂ. (ଦେ) ୯୦ ସଂଖ୍ୟା, ନବେ ।

ନଉଡ଼ି
ଲଉଡ଼ି } ବିଂ. (ଲଗୁଡ଼ ଶବ୍ଦଜ) ବାଡ଼ି ।

ନଉତ, ବି. (ଦେ) ପରିମାଣବିଶେଷ, ବଡ଼ ହାଣ୍ଡି ।

ନଉରୁଣୀ, ବି. (ଦେ) ନଖ କାଟିବାର ଶସ୍ତ୍ର ।

ନଉଲ
ନଅୁଲ } ବିଂ. (ଦେ) ନବୀନ, ନୂତନ ।

ନକଲ, ବି. (ଯା) କୌତୁକ, ଉତାରିବା, ଆଦର୍ଶ, ଅନୁରୂପ, ପ୍ରତିଲିପି, ଅନୁକରଣ ।

ନକଲ୍‌ନବିସ୍, ବି. (ଯାବନିକ) ନକଲକାରୀ, ଯେଉଁ ମୋହରିର ନକଲ କରେ ।

ନକଲି, ବିଂ. (ଯା) ଯାହା ଅସଲ ନୁହେ, ଭେଲ, କୃତ୍ରିମ, ଅନୁକୃତ ।

ନକଲିଆ, ବିଂ. (ଦେ) ପରିହାସକାରୀ ।

ନକ୍‌ଶା, ବି. (ଯା) ଛବି, ପ୍ରତିମୂର୍ତ୍ତି ।

ନକସ, ବି. (ଦେ) ଏକପ୍ରକାର ଖେଳ, ଚହିତ ।

ନକୁଳ, ବି. (ନ-କୁଳ) ନେଉଳ, ଚତୁର୍ଥ ପାଣ୍ଡବ, ମହାଦେବ । ବିଂ. କୁଳହୀନ ।

ନକୁଳୀ, ବି. (ନ-କୁଳ୍-ଈ) କୁକ୍କୁଟୀ, କୁଙ୍କୁମ, ମାଈ ନେଉଳ ।

ନକେଇ, ବିଂ. (ଦେ) ଜାଉଁଆ (ଭ୍ରାତା) ।
ନକ୍ତ, ବି. (ନଜ୍=ଲଜ୍ଜିତ ହେବା-ତ) ରାତ୍ରି ।
ନକ୍ତଚର, ବି. ( ନକ୍ତ-ଚର୍-ଅ ) ରାକ୍ଷସ, ପିଶାଚ, ପେଚକ, ଚୌର । ବିଂ. ରାତ୍ରିଚର ।
ନକ୍ତନ୍ଦବ, ବି. (ନକ୍ତଂ-ଦବ) ଦବାଗ୍ନି, ବନଦାହ ।
ନକ୍ତମାଳ, ବି. (ନକ୍ତଂ-ଆ-ଆଲ୍-ଅ) କରଞ୍ଜବୃକ୍ଷ ।
ନକ୍ର, ବି. (ନ-କ୍ରମ୍-ଅ) କୁମ୍ଭୀର ।
ନକ୍ଷତ୍ର, ବି. ( ନ-କ୍ଷି-ଅତ୍ର ) ତାରକା, ଅଶ୍ୱିନ୍ୟାଦି ସପ୍ତବିଂଶତି ତାରା ।
ନକ୍ଷତ୍ରନେମି, ବି ( ନକ୍ଷତ୍ର-ନେମି ) ଚନ୍ଦ୍ର, ବିଷ୍ଣୁ, ଧ୍ରୁବ ନକ୍ଷତ୍ର ।
ନଖ, ବି. (ନ-ଖନ୍-ଅ) ଅଙ୍ଗୁଳିର ଅଗ୍ରସ୍ଥ ଅସ୍ଥିବିଶେଷ ।
ନଖର, ବି. (ନଖ-ରା-ଅ) ନଖ ।
ନଖରଞ୍ଜନୀ, ବି. (ନଖ-ରଞ୍ଜନୀ) ନହୁରୁଣୀ ।
ନଖରାୟୁଧ, ବି. ( ନଖର-ଆୟୁଧ ) ସିଂହ, ବ୍ୟାଘ୍ର ପ୍ରଭୃତି, ଯେଉଁମାନେ ନଖଦ୍ୱାରା ଅସ୍ତ୍ରକାର୍ଯ୍ୟ ନିର୍ବାହ କରନ୍ତି ।
ନଖୀ, ବିଂ. (ନଖ-ଇନ୍) ନଖବିଶିଷ୍ଟ, ଯାହାର ବଡ଼ ନଖ ଅଛି । (ଦେ) ସିତାର ପ୍ରଭୃତି ବଜାଇବା ନିମିତ୍ତ ଲୌହତାରରେ ନିର୍ମିତ ଅଙ୍ଗୁରୀୟବିଶେଷ ।
ନଗ, ବି. (ନ-ଗମ୍-ଅ) ପର୍ବତ, ବୃକ୍ଷ ।
ନଗଜ, ବି. (ନଗ-ଜନ୍-ଅ) ହସ୍ତୀ । ବିଂ. ପାର୍ବତୀୟ ।
ନଗଜା, ବି. (ନଗ-ଜନ୍-ଅ-ଆ) ପାର୍ବତୀ, ଦୁର୍ଗା ।

ନଗଣ୍ୟ, ବି°. (ନ-ଗଣ୍ୟ) କ୍ଷୁଦ୍ର, ସାମାନ୍ୟ, ତୁଚ୍ଛ ।
ନଗଦ. ବି°. (ଯାବନିକ) ପ୍ରକୃତ ମୂଲ୍ୟ ଦେଇ କ୍ରୟ କରିବା, ରୋକଠୋକ ।
ନଗନନ୍ଦିନୀ, ବି. (ନଗ-ନନ୍ଦିନୀ) ଦୁର୍ଗା ।
ନଗପତି, ବି (ନଗ-ପତି) ହିମାଳୟ, ଚନ୍ଦ୍ର, ପର୍ବତ ।
ନଗର } ବି. (ନଗ-ର, ଈ) ସହର, ନାନା ଜାତି
ନଗରୀ } ଓ ନାନା ଶିଳ୍ପ ବାଣିଜ୍ୟାଦିର ସ୍ଥାନ ।
ନଗରପାଳ } ବି. (ନଗର୍-ପାଳ, ରକ୍ଷୀ) ନଗର
ନଗରରକ୍ଷୀ } ରକ୍ଷକ, ଚୌକିଦାର ।
ନଗାଧିପ } ବି. ( ନଗ-ଅଧିପ, ଅଧିରାଜ )
ନଗାଧିରାଜ } ହିମାଳୟ ।
ନଗି } ବି. (ଦେ) ଆଙ୍ଗୁଠି ।
ଲଗି }
ନଗ୍ନ, ବି°. (ନଜ୍-ତ)ଲଙ୍ଗଳା, କ୍ଷପଣକ,ସ୍ତୁତିପାଠକ ।
ନଗ୍ନକ, ବି°. (ନଗ୍ନ-କ) ବିବସ୍ତ୍ର ।
ନଗ୍ନିକା, ବି. ( ନଗ୍ନ-କ-ଆ ) ଅପ୍ରାପ୍ତବୟସ୍କା ନାରୀ, ବିବସ୍ତ୍ରା ସ୍ତ୍ରୀ ।
ନଙ୍ଗର, ବି. (ଯା) ଜାହାଜାଦିର ଅବରୋଧକ ଲୌହ ଖଣ୍ଡ ।
ନଙ୍ଗଳା, ବି°. (ଦେ) ଦିଗମ୍ବର, ବସ୍ତ୍ରଶୂନ୍ୟ ।
ନଙ୍ଗୁଳି, ବି. (ଦେ) ଲଙ୍ଗଳା ସନ୍ନ୍ୟାସୀ ।
ନଚେତ୍, ଅ°. (ନ-ଚେତ୍) ନତୁବା ।
ନଜର, ବି. (ଯାବନିକ) ଦୃଷ୍ଟି, ତତ୍ତ୍ୱାବଧାନ, ଭେଟି ।

ନଜରନଳୀ } ବି. (ଦେ) ଦୂରବୀକ୍ଷଣ ଯନ୍ତ୍ର ।
ନଦରନଳୀ }

ନଜରବନ୍ଦୀ, ବି. (ଦେ) ଆଖି ଆଗରେ ରଖିବା ।

ନଜରାନା, ବି. (ଦେ) ଭେଟି ।

ନଜିକ୍, ବିଂ. (ଦେ) ନିକଟବର୍ତ୍ତୀ ।

ନଜୀର, ବି. (ଯା) ଉଦାହରଣ ।

ନଟ, ବି. (ନଟ୍-ଅ) ନର୍ତ୍ତକ, ଅଭିନୟକର୍ତ୍ତା, ଯେ ନୃତ୍ୟ କରେ, ମାୟା, ଜଞ୍ଜାଳ । ସ୍ତ୍ରୀ. ବେଶ୍ୟା ।

ନଟକାର, ବି. (ନଟ-କାର) ବାଜିକର, ଐନ୍ଦ୍ରଜାଲିକ ।

ନଟକୁଟ, ବି. (ଦେ)କୌତୁକ, ହୁନ୍ଦର, ଗୋଳମାଳ ।

ନଟକୁଟିଆ, ବିଂ. (ଦେ) କୌତୁକପ୍ରିୟ, ରଙ୍ଗିଆ ।

ନଟନ, ବି. (ନଟ୍-ଅନ) ନୃତ୍ୟ, ନାଟ ।

ନଟବର, ବି. (ନଟ-ବର) କୃଷ୍ଣ, ନୃତ୍ୟକର୍ମରେ ପଟୁ ।

ନଟର, ବି. (ଦେଶଜ) ଜଞ୍ଜାଳ, ଗୋଳମାଳ । ବିଂ. ଗୋଳମାଳିଆ ।

ନଟୀ, ବି. (ନଟ-ଈ)ନର୍ତ୍ତକୀ, ଅଭିନୟକର୍ତ୍ତ୍ରୀ, ବେଶ୍ୟା ।

ନଟୁ, ବି. ( ଦେ ) କାଠରେ ତିଆରି ଏକପ୍ରକାର ଖେଳନା, ଯେଣ୍ଡୁ, କନ୍ଦୁକ ।

ନଟେଶ୍ୱର, ବି. (ନଟ-ଈଶ୍ୱର) ଶିବ ।

ନଡ଼କା, ବିଂ. (ଦେ) ଶ୍ଳଥ, ଢୁଲା ।

ନଡ଼ନଡ଼, ବିଂ. (ଦେ) ପତନୋନ୍ମୁଖ ।

ନଡ଼ବଡ଼, ବିଂ. (ଦେ) ଶ୍ଳଥ, ଅଦୃଢ଼, ଗୋଳମାଳିଆ ।

ନଡ଼ା, ବି. (ଦେ) ତୃଣ ।

ନଢ଼ିଆ, ବି. (ଦେଶଜ) ନାରିକେଳ ।

ନଡ଼ୁ, ବି. (ଦେ) ଲଡ଼ୁ, ମିଠାଇ ।

ନଢ଼େଇ, ବି. (ଗ୍ରା) ଲଢ଼େଇ, ଯୁଦ୍ଧ ।

ନଣନ୍ଦ, ବି. (ନନାନ୍ଦ ଶବ୍ଦଜ) ପତିର ଭଗିନୀ ।

ନଣନ୍ଦେଇ, ବି. (ନନାନ୍ଦୃ ଶବ୍ଦଜ) ନଣନ୍ଦର ପତି ।

ନଣ୍ଡା, ବି. (ଦେ) ଶଖାଶୂନ୍ୟ, ମୁଣ୍ଡିତ, ଲଣ୍ଡା ।

ନତ, ବିଂ. (ନମ୍-ତ) ପ୍ରଣତ, ନମ୍ର, କୁଟିଳ, ଆନତ ।

ନତି. ବି. (ନମ୍—ତି) ନମସ୍କାର, କୁଟିଳତା, ଆକର୍ଷଣ ।

ନତୁବା, ଅଂ. (ନ-ତୁ-ବା) ନଚେତ୍, ଅଥବା ।

ନତୋନ୍ନତ, ବିଂ. (ଦେ) ଖାଲଢିପ, ବନ୍ଧୁର ।

ନଥ, ବି. (ଦେ) ନାକର ଅଳଙ୍କାରବିଶେଷ ।

ନଥା, ବି. (ଦେଶଜ) ଡାଳି, ଉପରେ ପଡ଼ିବା ।

ନଥି, ବି. (ଯାବନିକ) ଏକତ୍ର ଗୁନ୍ଥା କାଗଜ ।

ନଦ, ବି. (ନଦ୍-ଅ) ପୁଂବାଚକ ଜଳପ୍ରବାହ । ଯଥା— ବ୍ରହ୍ମପୁତ୍ର ନଦ ।

ନଦନ, ବି. (ଦେ) ଆସ୍ତରଣ, ବୋଝ ।

ନଦ (ଜ) ରନଳୀ, ବି. (ଦେ) ଦୂରବୀକ୍ଷଣଯନ୍ତ୍ର ।

ନଦାରଦ, ବିଂ. (ଯା) ଶନ୍ୟ, ଅନାବଶ୍ୟକ ।

ନଦିବା, କ୍ରି. (ଦେ) ଘର ଥୋଇବା ।

ନଦୀ, ବି. (ନଦ୍-ଈ) ସ୍ତ୍ରୀବାଚକ ଜଳପ୍ରବାହ । ଯଥା— ଗଙ୍ଗା ନଦୀ ।

ନଦୀକୂଳବନ୍ଧୁ, ବି. (ଦେଶଜ) ଯାମଘୋଷୀ ପକ୍ଷୀ ।

ନଦୀଜ, ବି. (ନଦୀ-ଜ) ଗାଙ୍ଗେୟ, ଭୀଷ୍ମ, ଅର୍ଜୁନବୃକ୍ଷ, ହିଞ୍ଜଳବୃକ୍ଷ । ବିଂ. ନଦୀରୁ ଜାତ ।

ନଦୀତରସ୍ଥାନ, ବି. (ନଦୀ-ତର-ସ୍ଥାନ) ନଦୀ ପାର ହେବା ଘାଟ ।

ନଦୀନ, ବି. (ନଦୀ-ଇନ) ସମୁଦ୍ର, ବରୁଣ ।

ନଦୀମାତୃକ, ବିଂ. ( ନଦୀ-ମାତୃକ ) ନଦୀଜଳରେ ଉତ୍ପନ୍ନ ଶସ୍ୟରେ ପାଳିତ ଦେଶ ।

ନଦ୍ଧ୍ରୀ, ବି. (ନହ୍-ତ୍ର-ଈ) ଚମଦଉଡ଼ି ।

ନନା, ବି. (ଦେ) ପିତା, ବଡ଼ ଭାଇ ।

ନନୁ, ଅଂ. (ନ-ଉଦ୍-ଉ) ପ୍ରଶ୍ନ, ସ୍ୱୀକାର, ଅନୁଜ୍ଞା, ସନ୍ଦେହ, ନିଶ୍ଚୟ ।

ନନ୍ଦ, ବି. (ନନ୍ଦ୍-ଅ) କୃଷ୍ଣଙ୍କ ପାଳକ ପିତା, ପରମେଶ୍ୱର, ଚନ୍ଦ୍ରବଂଶୀୟ ନୃପବିଶେଷ । (ଦେ) କୁଅନନ୍ଦ ।

ନନ୍ଦକ, ବି. (ନନ୍ଦ୍-ଅକ) କୃଷ୍ଣଙ୍କ ଖଡ୍ଗ । ବିଂ. ଆନନ୍ଦ-ଜନକ ।

ନନ୍ଦକୀ, ବି. (ନନ୍ଦକ-ଇନ୍) ବିଷ୍ଣୁ, କୃଷ୍ଣ ।

ନନ୍ଦନ, ବି. (ନନ୍ଦ୍-ଇ-ଅନ) ପୁତ୍ର, ବିଷ୍ଣୁ, ଇନ୍ଦ୍ରୋଦ୍ୟାନ ।

ନନ୍ଦନନ୍ଦନ, ବି. (ନନ୍ଦ-ନନ୍ଦନ) କୃଷ୍ଣ ।

ନନ୍ଦନନ୍ଦିନୀ, ବି. (ନନ୍ଦ-ନନ୍ଦିନୀ) ଦୁର୍ଗା ।

ନନ୍ଦନା, ବି. (ନନ୍ଦି-ଅନ-ଆ) କନ୍ୟା, ଝିଅ ।

ନନ୍ଦା, ବି. ( ନନ୍ଦ-ଇ-ଅ-ଆ ) ଜଳାଧାର, ଦୁର୍ଗା । ପ୍ରତିପଦ୍ ଷଷ୍ଠୀ ଏକାଦଶୀ ଏହି ତିନ ତିଥି ।

ନନ୍ଦାତ୍ମଜ, ବି. (ନନ୍ଦ-ଆତ୍ମଜ) ଶ୍ରୀକୃଷ୍ଣ ।

ନନ୍ଦି, ବି. (ନନ୍ଦ-ଇ) ଆନନ୍ଦ ।

ନନ୍ଦଆ, ବି. (ଦେ) ବଡ଼ ବଡ଼ କୁଣ୍ଡ, ଜାହାଲି ।

ନନ୍ଦକା, ବି. (ନନ୍ଦୀ-କ-ଆ) କେଶରୀ ବଂଶୀୟ ଶେଷ ରାଜା ସୁବର୍ଣ୍ଣ କେଶରୀଙ୍କର କନ୍ୟା, ଇନ୍ଦ୍ରୋଦ୍ୟାନ ।

ନନ୍ଦକେଶ୍ୱର, ବି. (ନନ୍ଦକା-ଈଶ୍ୱର) ଶିବଙ୍କ ପ୍ରଧାନ ଅନୁଚର ।

ନନ୍ଦଗ୍ରାମ, ବି. ( ନାମ ) ଯେଉଁ ଗ୍ରାମରେ ରାମ ବନବାସକାଳରେ ଭରତ ତାଙ୍କ ପାଦୁକାକୁ ପ୍ରତିନିଧି କରି ପୂଜା କରୁଥିଲେ ।

ନନ୍ଦଘୋଷ, ବି. ( ନନ୍ଦ-ଘୋଷ ) ଅର୍ଜୁନଙ୍କ ରଥ । ପୁରୀ ଜଗନ୍ନାଥଙ୍କ ରଥ ।

ନନ୍ଦିତ, ବିଂ. (ନନ୍ଦ-ଇତ) ଆନନ୍ଦିତ, ତୋଷିତ ।

ନନ୍ଦିନୀ, ବି. (ନନ୍ଦନ୍-ଈ) କନ୍ୟା, ସୁଭିକନ୍ୟା ।

ନନ୍ଦୀ, ବି (ନନ୍ଦ-ଇନ୍) ଶିବଙ୍କ ପ୍ରଧାନ ଅନୁଚର ।

ନନ୍ଦୀଶ } ବି. ( ନନ୍ଦୀ-ଈଶ, ଈଶ୍ୱର ) ଶିବ,
ନନ୍ଦୀଶ୍ୱର } ମହାଦେବ, ନନ୍ଦୀ ।

ନପୁଂସକ, ବି. (ନ-ପୁଂସକ) ଯାହାକୁ ସ୍ତ୍ରୀ ବା ପୁରୁଷ ବୋଲି ଗଣନା କରିଯାଏ ନାହିଁ, କ୍ଳୀବ ।

ନପ୍ତା, ବି. ( ନ-ପତୃ-ତୃ ) ନାତି

ନପ୍ତ୍ରୀ, ବି. (ନପ୍ତୃ-ଈ) ନାତୁଣୀ, ପୌତ୍ରୀ, ଦୌହିତ୍ରୀ ।

ନଫର, ବି. (ଯା) ଭୃତ୍ୟ, ଚାକର ।

ନଫା, ବି. (ଯା) ଲାଭ, ମୁନଫା ।

ନବିସିନ୍ଦା, (ଯା) ଲେଖକ ।

ନଭ, ବି. ( ନଭ୍-ଅ ) ଆକାଶ, ଶ୍ରାବଣ ମାସ ।

ନଭଃ, ବି. (ନଭ -ଅସ୍) ଆକାଶ, ସ୍ୱର୍ଗ, ବର୍ଷାକାଳ ।

ନଭଶ୍ଚକ୍ଷୁଃ, ବି. (ନଭସ୍-ଚକ୍ଷୁସ୍) ସୂର୍ଯ୍ୟ ।

ନଭଶ୍ଚର, ବିଂ. ( ନଭସ୍-ଚର-ଅ ) ଆକାଶଗାମୀ । ବି. ପକ୍ଷୀ, ବିଦ୍ୟାଧର, ଗନ୍ଧର୍ବ ପ୍ରଭୃତି, ବାୟୁ,ମେଘ, ସୂର୍ଯ୍ୟାଦି ଗ୍ରହ, ରାକ୍ଷସ ।

ନଭସ, ବି. (ନଭ୍-ଅସ୍ ) ଆକାଶ, ସ୍ୱର୍ଗ ।

ନଭସ୍ତଳ, ବି. ( ନଭସ୍-ତଳ ) ଆକାଶଦେଶ ।

ନଭସ୍ୱାନ୍, ବି. (ନଭସ୍-ବତ୍) ବାୟୁ, ପବନ, ଯୁବା ।

ନଭୋଗ, ବି. (ନଭସ୍-ଗମ୍-ଅ) ଦେବତା, ମେଘ ।

ନଭୋଗଜ, ନଭୋଦୁହ, ନଭୋଦ୍ୱୀପ, ନଭୋଧୂମ — ବି. (ନଭସ୍=ଆକାଶ-ଗଜ, ନଭସ୍=ବୃଷ୍ଟି-ଦୁହ=ଦୋହନ-ଅ, ନଭସ୍=ବୃଷ୍ଟି-ଦ୍ୱୀପ, ନଭସ୍=ଆକାଶ-ଧୂମ=ଧୂଆଁ) ମେଘ, ଅମ୍ବୁଦ, ଜଳଦ ।

ନଭୋନଦୀ, ବି. (ନଭସ୍-ନଦୀ) ସ୍ୱର୍ଗଗଙ୍ଗା, ମନ୍ଦାକିନୀ ।

ନଭୋମଣି, ବି. (ନଭସ୍-ମଣି) ସୂର୍ଯ୍ୟ ।

ନଭୋମଣ୍ଡଳ, ବି. (ନଭସ୍-ମଣ୍ଡଳ) ଆକାଶମଣ୍ଡଳ ।

ନଭୋରେଣୁ, ବି. ( ନଭସ୍-ରେଣୁ ) କୁହୁଡ଼ି, ଅନ୍ଧକାର ।

ନମଃ, ଅଂ. (ନମ୍-ଅସ୍) ନମସ୍କାର ।

ନମନ, ବି. ( ନମ୍-ଅନ ) ନୁଆଁଇବା, ପ୍ରଣାମ ।

ନମନୀୟ, ବିଂ. ( ନମ୍-ଅନୀୟ ) ନମନର ଯୋଗ୍ୟ, ଯାହାକୁ ନୁଆଁଯାଇ ପାରେ ।

ନମସ୍କାର, ବି. (ନମସ୍-କୃ-ଅ) ପ୍ରଣାମ ।

ନମସ୍କୃତ, ବିଂ. ( ନମସ୍-କୃ-ତ ) ଯାହାକୁ ନମସ୍କାର କରାଯାଇଅଛି ।

ନମସ୍ୟ, ବିଂ. ( ନମସ୍-ଯ ) ପୂଜନୀୟ, ପ୍ରଣମ୍ୟ, ନମସ୍କାରଯୋଗ୍ୟ ।

ନମାଜ୍ }
ନିମାଜ୍ } ବି. (ଯା) ମୁସଲମାନଙ୍କ ଉପାସନା ।

ନମିତ, ବିଂ. ( ନମି-ତ ) ବନ୍ଦୀକୃତ, ନମସ୍କୃତ ।

ନମିବା, କ୍ରି. (ଦେ) ନଇଁବା, ନମସ୍କାର କରିବା ।

ନମୁଚି, ବି. (ନ-ମୁଚ୍-ଇ) କନ୍ଦର୍ପ, ଅସୁରବିଶେଷ ।

ନମୁଚିସୂଦନ, ବି. (ନମୁଚି-ସୂଦନ) ଇନ୍ଦ୍ର ।

ନ(ନି)ମୁନା, ବି. (ଯା) ଆଦର୍ଶ, ନିଦର୍ଶନ ।

ନମେରୁ, ବି. (ନମ୍-ଏରୁ) ରୁଦ୍ରାକ୍ଷ, ସୁରପୁନ୍ନାଗ ବୃକ୍ଷ

ନମ୍ୟ, ବିଂ. ( ନମ୍-ଯ ) ନମନୀୟ, ନତ କରିବା ଯୋଗ୍ୟ ।

ନମ୍ର, ବିଂ. (ନମ୍-ର) ବିନୀତ, ଶିଷ୍ଟ, ନତ, ପ୍ରଣତ ।

ନମ୍ରତା, ବି. (ନମ୍ର-ତା) ଶିଷ୍ଟତା, ନିମ୍ନତା, କୋମଳତା ।

ନୟ, ବି. ( ନୀ-ଅ ) ଉପଦେଶ, ନୀତି, ନୀତିଶାସ୍ତ୍ର, । ଦ୍ୟୂତକ୍ରୀଡ଼ାବିଶେଷ । ବିଂ. ନ୍ୟାଯ୍ୟ, ଉପଯୁକ୍ତ ।

ନୟନ, ବି. ( ନୀ-ଅନ ) ନେତ୍ର, ଚକ୍ଷୁ, ପ୍ରାପଣ, ଯାପନ, ଚକ୍ଷୁର ତାରା ।

ନୟନୋତ୍ସବ, ବି. (ନୟନ-ଉତ୍ସବ) ପ୍ରଦୀପ, ଆଲୋକ ।

ନୟବିଦ୍, ବିଂ.(ନୟ-ବିଦ୍-୦)ନୀତିଜ୍ଞ, ନୀତିଶାସ୍ତ୍ରବିଦ୍ ।

ନର, ବି. (ନୃ-ଅ) ମନୁଷ୍ୟ, ଅର୍ଜୁନ, ବିଷ୍ଣୁ ।

ନରକ, ବି. (ନ-ଅକ) ନରସ୍ତ୍ୱ, ଦୁଃଖଭୋଗ ସ୍ଥାନ, ଦୈତ୍ୟବିଶେଷ ।

ନରକକୁଣ୍ଡ, ବି. ସଂଯମନୀପୁରୀସ୍ଥ ଯାତନାମୟ ସ୍ଥାନ ।

ନରକଜନ୍ତୁ, ବି. (ନରକ-ଜ-୦) ଜନ୍ତୁ ।

ନରକଦେବତା, ବି. ନରସ୍ତ୍ୱଦେବୀ, ଅଲକ୍ଷ୍ମୀ ।

ନରକପାଳ, ବି. (ନର-କପାଳ) ମଲା ମଣିଷର ମୁଣ୍ଡ ।

ନରକଭୂମି, ବି.(ନରକ-ଭୂମି) ଯାତନାଭୋଗ ସ୍ଥାନ ।

ନରକାନ୍ତକ, ବି, (ନରକ-ଅନ୍ତକ) ବିଷ୍ଣୁ, ନାରାୟଣ ।

ନରକୀଳକ, ବି. ( ନର୍-କୀଳ-କ ) ଗୁରୁହତ୍ୟାକାରୀ ।

ନରକେଶରୀ, ବି. (ନର-କେଶରୀ ) ନରସିଂହଦେବ, ମାନବଶ୍ରେଷ୍ଠ ।

ନରଦେବ, ବି. (ନର-ଦେବ) ରାଜା, ବ୍ରାହ୍ମଣ ।

ନରଦ୍ୱିଟ୍, ବି. (ନର୍-ଦ୍ୱିଷ୍-୦) ରାକ୍ଷସ ।

ନରନାରାୟଣ, ବି. ( ନର-ନାରାୟଣ ) କୃଷ୍ଣାର୍ଜୁନ, ବଦରିକାଶ୍ରମସ୍ଥ ଋଷିଦ୍ୱୟ ।

ନରପତି, ବି. (ନର-ପତି) ରାଜା, ନୃପତି ।

ନରପୁଙ୍ଗବ, ବି. (ନର-ପୁଙ୍ଗବ) ନରଶ୍ରେଷ୍ଠ, ରାଜା ।

ନରବଳି, ବି. ( ନର-ବଳି ) ଦେବଦେବୀଙ୍କ ପ୍ରୀତି ନିମିତ୍ତ ନର ଶିରଶ୍ଛେଦନ ।

ନରମ } ବିଂ. (ନମ୍ର ଶବ୍ଦଜ) କୋମଳ, ଅକଠିନ,
ନରମା } ସହଜ ।

ନରମେଧ, ବି. (ନର-ମେଧ) ନରମାଂସରେ ଯଜ୍ଞ ।

ନରଲୋକ, ବି. (ନର-ଲୋକ) ମର୍ତ୍ତ୍ୟଲୋକ ।

ନରବାହନ, ବି. (ନର-ବାହନ) କୁବେର ।

ନରସିଂହ, ବି. (ନର-ସିଂହ) ନୃସିଂହ ଅବତାର, ନାରାୟଣଙ୍କର ଚତୁର୍ଥ ଅବତାର, ମନୁଷ୍ୟଶ୍ରେଷ୍ଠ ।

ନରହରି, ବି. (ନର-ହରି) ନୃସିଂହ ଅବତାର, ବିଷ୍ଣୁ ହିରଣ୍ୟକଶିପୁ ବିନାଶାର୍ଥ ଏହି ରୂପ ଧାରଣ କରିଥିଲେ ।

ନରାଜ, ବି. (ଦେ) ଏକପ୍ରକାର ତରାଜୁ, ତୁଳାଦଣ୍ଡ ।

ନରାଧମ, ବି. (ନର-ଅଧମ) ମନୁଷ୍ୟ ମଧ୍ୟରେ ହେୟ, ଯାହାର ସ୍ୱଭାବ, ଆଚାର ଓ ଚରିତ୍ର ଅତି ମନ୍ଦ ।

ନରାଧିପ, ବି. (ନର-ଅଧିପ) ରାଜା ।

ନରାନ୍ତକ, ବି. (ନର-ଅନ୍ତକ) ଯମ, ରାବଣର ପୁତ୍ର ।

ନରେନ୍ଦ୍ର ବି. (ନର-ଇନ୍ଦ୍ର) ନରଶ୍ରେଷ୍ଠ, ରାଜା ।

ନରେଶ, ନରେଶ୍ୱର } ବି. (ନର-ଈଶ, ଈଶ୍ୱର) ନରପତି, ରାଜା ।

ନରୋତ୍ତମ, ବି. (ନର-ଉତ୍ତମ) ବିଷ୍ଣୁ, ନୃପତି ।

ନର୍ତ୍ତକ, ବି. (ନୃତ୍-ଅକ) ନଟ, ହସ୍ତୀ, ମୟୂର । ବିଂ. ନୃତ୍ୟକାରିକ ।

ନର୍ତ୍ତନ, ବି. (ନୃତ୍-ଅନ) ନୃତ୍ୟ, ନାଚ ।

ନର୍ତ୍ତିତ, ବିଂ. (ନର୍ତ୍ତ-ତ) ଦୋଳିତ, କମ୍ପିତ ।

ନର୍ଦ୍ଦମା, ବି. (ଦେ) ପାଣିନଳା, ପ୍ରଣାଳୀ ।

ନର୍ଦ୍ଦିତ, ବିଂ. (ନର୍ଦ୍ଦ-ତ) ଧ୍ୱନିତ, କୂଜିତ ।

ନର୍ମ, ବି. (ନୃ-ମନ୍) କ୍ରୀଡ଼ା, ପରିହାସ, ବିବାହ, ପ୍ରିୟ, କୌତୁକ ।

,,

ନର୍ମଠ, ବି. (ନର୍ମନ୍-ଠ) ସ୍ତନର ଅଗ୍ରଭାଗ, ଲମ୍ପଟ । ବିଂ. କ୍ରୀଡ଼ାରତ ।

ନର୍ମଦ, ବି. (ନର୍ମନ୍-ଦା-ଅ) କ୍ରୀଡ଼ାସଚିବ ।

ନର୍ମଦା, ବି. ( ନର୍ମନ୍-ଦା-ଅ-ଆ ) ବିନ୍ଧ୍ୟାଚଳରୁ ନିର୍ଗତ ନଦୀବିଶେଷ ।

ନଳ, ବି. ( ନଳ୍-ଅ ) ଶର, ସୂର୍ଯ୍ୟବଂଶୀୟ ନୃପ-ବିଶେଷ, ଗୋଲାକାର ଛିଦ୍ରବିଶିଷ୍ଟ ଲମ୍ବ ପଦାର୍ଥ, ଦମୟନ୍ତୀଙ୍କ ପତି, ନଳନାମକ ରାଜା, ପିତୃଲୋକ-ବିଶେଷ, ବାନରବିଶେଷ, ପଦ୍ମ । (ଦେଶଜ) ଭୂମି ମାପ କରିବାରେ ବ୍ୟବହୃତ ଯଷ୍ଟି, ଏକପ୍ରକାର ତୃଣ

ନଳକ, ବି. (ନଳ-କ) ନଳ, ସଚ୍ଛିଦ୍ର ଅସ୍ଥି ।

ନଳକିନୀ, ବି. ନଳକ-ଇନ୍-ଈ) ଜଙ୍ଘ ।

ନଳକୀଳ, ବି. ନଳ-କୀଳ) ଜାନୁ, ଆଣ୍ଠୁ ।

ନଳକୁବର, ବି. (ନଳ-କୁବର) କୁବେରପୁତ୍ର ।

ନଳଦ, ବି. ( ନଳ=ସୁଗନ୍ଧ-ଦା-ଅ ) ଉଶୀର, ବେଣାମୂଳ, ପୁଷ୍ପରସ, ମକରନ୍ଦ । ବିଂ. ନଳଦାତା ।

ନଳବନ, ବି. (ଦେଶଜ) ନଳ ନାମକ ଘାସଦ୍ୱାରା ପରିପୂର୍ଣ୍ଣ ସ୍ଥାନ ।

ନଳମୀନ, ବି. (ନଳ-ମୀନ) ଚିଙ୍ଗୁଡ଼ିମାଛ ।

ନଳା, ବି. (ଦେ) ପାଣି ବହିଯିବା ବାଟ, ମାଟିରେ ତିଆରି ଦୀର୍ଘ ଗୋଲାକାର ସଚ୍ଛିଦ୍ର ନଳ, ବାଉଁଶ ପ୍ରଭୃତିର ଚଙ୍ଗୀ ।

ନଳି } ବି. (ନଳ ଶବ୍ଦଜ) ନଳ, ଚନ୍ଧୁକା । ବିଂ.
ନଳୀ } ସରୁ, କୃଶ ।

ନଳିକା, ବି. (ନଳୀ-କ-ଆ) ନାଡ଼ୀ, ନଳ, ସୁଗନ୍ଧ ଦ୍ରବ୍ୟବିଶେଷ, ତୃଣ ।

ନଳିତ } ବି. (ନଳ-ତ ଶାକବିଶେଷ,ନଳିତାପଣ,
ନଳିତା } ଏହି ଗଛରୁ ଝୋଟ ଉତ୍ପନ୍ନ ହୁଏ ।

ନଳିନ, ବି. ( ନଲ୍-ଇନ୍ ) ପଦ୍ମ, ଜଳ, ନୀଳଗଛ, ଶୈବାଳ, ସାରସପକ୍ଷୀ, ପଦ୍ମିନୀ, ପଦ୍ମସମୂହ ।

ନଳିନୀ, ବି. (ନଲ୍-ଇନ୍-ଈ) ପଦ୍ମିନୀ, କମଳସମୂହ ।

ନଳିନୀରୁହ, ବି ( ନଳିନୀ-ରୁହ୍-ଅ ) ମୃଣାଳ, ପଦ୍ମଯୋନି, ବ୍ରହ୍ମା ।

ନଳିନେଶୟ, ବି. (ନଳିନେ-ଶୀ-ଅ) ବିଷ୍ଣୁ, ନାରାୟଣ

ନବ, ବିଂ.(ନୁ=ସ୍ତବ କରିବା ଇତ୍ୟାଦି-ଅ) ନୂତନ,ନୂଆ. (ନବନ୍ ଶବ୍ଦଜ) ୯ମ ସଂଖ୍ୟା । ବି. ସ୍ତବ ।

ନବକାରିକା, ବି. (ନବ-କାରିକା) ନବୋଢ଼ା, ନବ-ବିବାହିତା, ଅଚିରପ୍ରାପ୍ତରଜସ୍କା, ନୂତନକାରିକା ।

ନବଗ୍ରହ, ବି. (ନବନ୍-ଗ୍ରହ) ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ବୃହସ୍ପତି, ଶୁକ୍ର, ଶନି, ରାହୁ, କେତୁ ଏହି ନଅ ଗ୍ରହ ।

ନବଚତ୍ୱାରିଂଶତ୍, ବି. ବିଂ. ( ନବ=ନବାଧିକ-ଚତ୍ୱାରିଂଶତ୍) ଊନପଞ୍ଚାଶ ସଂଖ୍ୟା, ୪୯ ।

ନବଚ୍ଛିଦ୍ର, ବି. (ନବ-ଛିଦ୍ର) ଦେହ ।

ନବତି, ବି. (ନବନ୍-ଅତି) ୯୦ ସଂଖ୍ୟା । ବିଂ. ୯୦ ସଂଖ୍ୟାଯୁକ୍ତ ।

ନବଢକା, ବି. (ନବଢକ-ଅ-ଆ) ଢକିକା, ଢକୀ ।

ନବଦଳ, ବି. ( ନବ-ଦଳ ) ନୂତନ ପତ୍ର, ନୂତନ ପଦ୍ମପତ୍ର ।

ନବଦୀଧିତି, ବି. (ନବନ୍-ଦୀଧିତି) ମଙ୍ଗଳଗ୍ରହ ।

ନବଦ୍ୱାର, ବି. (ନବନ୍-ଦ୍ୱାର) କର୍ଣ୍ଣଦ୍ୱୟ, ଚକ୍ଷୁର୍ଦ୍ୱୟ, ନାସାଦ୍ୱୟ, ମୁଖ, ଉପସ୍ଥ ଓ ଗୁହ୍ୟ ଏହି ନଅ ଦ୍ୱାର ।

ନବଧା, କ୍ରି, ବିଂ. (ନବ-ଧା) ନଅ ପ୍ରକାର, ନଅ ଥର ।

ନବନୀତ, ବି. (ନବ-ନୀତ) ଲହୁଣୀ, ଲବଣୀ ।

ନବନୀତକ, ବି. (ନବନୀତ-କ) ଘୃତ ।

ନବପତ୍ରିକା, ବି. (ନବ-ପତ୍ରିକା) କଦଳୀ, ଡାଳିମ୍ବ, ଧାନ, ହଳଦୀ, ସାରୁ, ମାଣସାରୁ, ବେଲ, ଅଶୋକ ଓ ଜୟନ୍ତୀ ଏହି ନବ ପତ୍ରଯୁକ୍ତ ଦୁର୍ଗାମୂର୍ତ୍ତି, ନବ ଦୁର୍ଗା ।

ନବଫଳିକା, ବି. ( ନବ-ଫଳ-କ-ଆ ) ନବୋଢ଼ା, ଯେଉଁ ସ୍ତ୍ରୀର ପ୍ରଥମବାର ଋତୁ ହୋଇଅଛି ।

ନବବଧୂ, ବି. ( ନବ-ବଧୂ ) ନୂତନ ବିବାହିତା ସ୍ତ୍ରୀ ।

ନବମ, ବିଂ. (ନବନ୍-ମ) ୯ ସଂଖ୍ୟାର ପୂରଣ ।

ନବମଲ୍ଲିକା }
ନବମାଳିକା } ବି. ନବ-ମଲ୍ଲିକା, ମାଳିକା) ନଆଳି-ଫୁଲ, ପୁଷ୍ପବିଶେଷ, ଲତାବିଶେଷ ।

ନବମୀ, ବି. (ନବନ୍-ମ-ଈ) ତିଥିବିଶେଷ ।

ନବଯୌବନା, ବି. (ନବ-ଯୌବନ-ଆ) ଯୁବତୀ ସ୍ତ୍ରୀ ।

ନବର }
ନଅର } ବି. (ନଗର ଶବ୍ଦଜ) ଉଆସ ।

ନବରଙ୍ଗ, ବି. (ନବ-ରଙ୍ଗ) ଭଙ୍ଗି, କୌତୁକ, ରଙ୍ଗ ।

ନବରତ୍ନ, ବି. (ନବ-ରତ୍ନ ; ମୁକ୍ତା, ମାଣିକ୍ୟ, ବୈଦୁର୍ଯ୍ୟ, ଗୋମେଦ, ବଜ୍ର, ବିଦ୍ରୁମ, ପଦ୍ମରାଗ, ମରକତ, ନୀଳକାନ୍ତ ଏହି ନବରତ୍ନ; ବିକ୍ରମାଦିତ୍ୟ ରାଜାଙ୍କର ନଅ ଜଣ ସଭାପଣ୍ଡିତ, ଯଥା—ଧନ୍ୱନ୍ତରି, କ୍ଷପଣକ, ଅମରସିଂହ, ଶଙ୍କୁ, ବେତାଳଭଟ୍ଟ, ଘଟ-କର୍ପର, କାଳିଦାସ, ବରାହମିହିର, ବରରୁଚି ।

ନବରସ, ବି. ( ନବ-ରସ) ଅଳଙ୍କାରୋକ୍ତ ଶୃଙ୍ଗାରାଦି ସ୍ଥାୟିଭାବକ ନବବିଧ ରସ, ଯଥା—ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର ଓ ଶାନ୍ତ ଏହି ନଅ ରସ ।

ନବରାତ୍ରି,ବି. (ନବନ୍-ରାତ୍ରି) ଆଶ୍ୱିନ ଶୁକ୍ଳ ପ୍ରତିପଦାଦି ନବମୀ ପର୍ଯ୍ୟନ୍ତ ନଅ ଦିନ କର୍ତ୍ତବ୍ୟ ଦୁର୍ଗାବ୍ରତ-ବିଶେଷ ।

ନବାତ, ବି. (ଦେଶଜ) କନ୍ଦ ।

ନବାନ୍ନ, ବି. (ନବ-ଅନ୍ନ) ନୂତନ ଅନ୍ନ ।

ନବାବ, ବି. ( ଯାବନିକ ) ରାଜପ୍ରତିନିଧି, କୌଣସି ନଗର ବା ଦେଶର ଶାସକ ।

ନବାବି, ବି. (ଯା) ବଡ଼ଲୋକି, ନବାବପଣିଆ ।

ନବୀକରଣ, ବି.(ନବ-ଚ୍ୱି-କରଣ) ପୁଣି ନୂଆ କରିବା ।

ନବୀକୃତ, ବିଂ. (ନବ-ଚ୍ୱି-କୃତ ) ଯାହା ନୂତନ କରା ହୋଇଅଛି ।

ନବୀନ, ବିଂ. (ନବ-ଈନ) ନୂତନ, ନବ୍ୟ, ତରୁଣ ।

ନବୀଭୂତ, ବିଂ. (ନବ-ଚ୍ୱି-ଭୂ-ତ) ନୂତନତ୍ୱପ୍ରାପ୍ତ ।

**ନବେ**, ବି. ବିଂ. (ଦେ) ୯୦ ସଂଖ୍ୟା ।

**ନବୋଢ଼ା**, ବି ନବ-ଊଢ଼ା) ନୂତନ ବିବାହିତା ସ୍ତ୍ରୀ ।

**ନବ୍ୟ**, ବିଂ. (ନବ-ଯ) ନୂତନ, ନବୀନ, ଯୁବା ।

**ନଶ୍ୟତ୍**, ବିଂ. ( ନଶ୍-ଅତ୍ ) ଯାହା ନାଶପ୍ରାପ୍ତ ହୋଇଅଛି ।

**ନଶ୍ୱର**, ବିଂ. ( ନଶ୍-ବର ) ନାଶଶୀଳ, ଅନିତ୍ୟ, ଅସ୍ଥାୟୀ ।

**ନଷ୍ଟ**, ବିଂ. (ନଶ୍-ତ) ନାଶପ୍ରାପ୍ତ, ପଳାୟିତ, ଅଭଦ୍ର ।

**ନଷ୍ଟଚନ୍ଦ୍ର**, ବି. ( ନଷ୍ଟ-ଚନ୍ଦ୍ର ) ଦୋଷଯୁକ୍ତ ଚନ୍ଦ୍ର, ଗଣେଶଚତୁର୍ଥୀ ଚନ୍ଦ୍ର, ଅମାବସ୍ୟା ଚନ୍ଦ୍ର ।

**ନଷ୍ଟଚେତନ**, ବିଂ. ( ନଷ୍ଟ-ଚେତନା) ହତଚେତନ, ଅଚେତନ ।

**ନଷ୍ଟଚେଷ୍ଟ**, ବିଂ. (ନଷ୍ଟ-ଚେଷ୍ଟା) ସ୍ପନ୍ଦହୀନ, ଜଡ଼ ।

**ନସ୍**
**ନସା** } ବି. (ନସ୍-୦, ଆ) ନାସିକା, ନାକ ।

**ନସୀବ**, ବି. (ଯା) ଭାଗ୍ୟ, ଅଦୃଷ୍ଟ ।

**ନସ୍ୟ**, ବିଂ (ନସ୍-ଯ) ନାସ ।

**ନସ୍ୟଧାନୀ**, ବି. (ନସ୍ୟ-ଧାନୀ=ଆଧାର) ନାସଦାନୀ, ଯହିଁରେ ନାସ ରଖାଯାଏ ।

**ନହବତ୍**, ବି. (ଯା) ଏକପ୍ରକାର ବାଦ୍ୟ ।

**ନହବତ୍ଖାନା**, ବି. (ଯା) ବାଦ୍ୟଗୃହ ।

**ନହି**, ଅଂ. (ନ-ହି) ନା, ନିଷେଧ ।

**ନହୁଣୀ**
**ଲହୁଣୀ** } ବି. (ନବନୀତ ଶବଜ) ଲବଣୀ ।

ନହୁଲ, ବି°. କୋମଳ ।

ନହୁଷ, ବି. (ଦେ) ଯଯାତିଙ୍କ ପିତା ।

ନାଁ
ନାଆଁ } ବି. (ଦେ) ନାମ ।

ନା, ଅ°. ନିଷେଧାର୍ଥ ଅବ୍ୟୟ, ନାହିଁ ।

ନାଆଁକୁ, ଅ°. (ଦେ) ନାମତଃ, ନାମମାତ୍ର ।

ନାଇବା, କ୍ରି. (ଦେ) ପିନ୍ଧିବା, ଲଗାଇବା ।

ନାଉ
ଲାଉ } ବି. (ଦେ) ଅଲାବୁ, ଫଳବିଶେଷ ।

ନାଉରି,(ଆ), ବି.(ଦେ) ଯେ ନୌକା ବାହେ,ନାବିକ ।

ନାଏକ
ଲାଏକ } ବି.(ଦେ) ନାୟକ । ବି°. ଯୋଗ୍ୟ, ଉପଯୁକ୍ତ ।

ନାଏବ, ବି. (ଦେ) ପ୍ରତିନିଧି ।

ନାକ, ବି. (ନ-ଅକ) ସ୍ୱର୍ଗ, ଆକାଶ । (ନାସିକା ଶବ୍ଦଜ) ନାସିକା ।

ନାକଚଣା, ବି. ( ଦେ ) ନାକର ଅଳଙ୍କାରବିଶେଷ ।

ନାକସି, ବି°. (ଦେ) ମନ୍ଦ ।

ନାକୁଆ, ବି°. ( ଦେ ) ଯାହାର ନାକ ବଡ଼ ।

ନାକୁଆସି, ବି. ( ଦେ ) ନାକରୁ ବାଳ ବାହାର କରିବା ଅସ୍ତ୍ର ।

ନାକୋଇ, ବି. (ଦେ) ଲମ୍ବନାକୀ ।

ନାକ୍ଷତ୍ର
ନାକ୍ଷତ୍ରିକ } ବି°. ( ନକ୍ଷତ୍ର-ଅ, ଇକ ) ନକ୍ଷତ୍ର-ସମ୍ବନ୍ଧୀୟ ।

ନାଗ, ବି. ( ନଗ-ଅ ) ସର୍ପ, ହସ୍ତୀ, ମେଘ, ବୃକ୍ଷ, ନାଗକେଶର, ପୁନ୍ନାଗ, ମୁଥ, ଅଶ୍ଳେଷା ନକ୍ଷତ୍ର ।

ନାଗକର୍ଣ୍ଣ, ବି. ଏରଣ୍ଡବୃକ୍ଷ, ଜଡ଼ାଗଛ ।

ନାଗକୁମାରିକା, ବି. ଗୁଳୁଚି ।

ନାଗକେଶର, ବି. ( ନାଗ-କେଶର ) ନାଗେଶ୍ୱର ।

ନାଗଚୂଡ଼, ବି. (ନାଗ-ଚୂଡ଼ା) ମହାଦେବ ।

ନାଗଦନ୍ତ, ବି (ନାଗ-ଦନ୍ତ) ହାତୀଦାନ୍ତ, କାନ୍ଥରେ ମରାଯାଇଥିବା ଖିଲ ।

ନାଗପାଶ, ବି. ( ନାଗ-ପାଶ ) ବରୁଣ ଅସ୍ତ୍ର, ସର୍ପରୂପ ପାଶ ।

ନାଗପୁର, ବି. (ନାଗ-ପୁର) ହସ୍ତିନାପୁର, ପାତାଳ, ଦେଶବିଶେଷ ।

ନାଗପୁଷ୍ପ, ବି. ( ନାଗ-ପୁଷ୍ପ ) ନାଗେଶ୍ୱରବୃକ୍ଷ, ଚମ୍ପକବୃକ୍ଷ ।

ନାଗବଳ, ବିଂ. (ନାଗ-ବଳ) ହସ୍ତୀତୁଲ୍ୟ ବଳବାନ୍ । ବି. ଭୀମ ।

ନାଗମଲ୍ଲ, ବି. (ନାଗ-ମଲ୍ଲ) ଐରାବତ ହସ୍ତୀ ।

ନାଗମାତା, ବି ( ନାଗମାତୃ ଶବ୍ଦଜ ) ମନସାଦେବୀ, ମନଃଶିଳା ।

ନାଗର, ବିଂ ( ନଗର-ଅ ) ନଗରଜାତ, ରସିକ । ବି. ଦେବର, ଦିଅର, ନାରଙ୍ଗଲେମ୍ବୁ ଗଛ, ଦେବନାଗର ଅକ୍ଷର ।

ନାଗରକ, ବି. (ନାଗର-କ) ଚୋର, ନଗର ରକ୍ଷକ, ଚିତ୍ରକର ।

ନାଗରଙ୍ଗ, ବି. ( ନାଗ-ରଙ୍ଗ ) ନାରଙ୍ଗ ।

ନାଗରୀ, ବି, ( ଦେ ) ବାଦ୍ୟବିଶେଷ । ଏକପ୍ରକାର ଯୋନ୍ତା ।

ନାଗରୀଚ, ବି. (ଦେ) ଯେ ନାଗରୀ ତିଆରି କରାଏ ।

ନାଗରାଜ, ବି. ( ନାଗ-ରାଜନ୍ ) ଅନନ୍ତ, ଐରାବତ, ସର୍ପରାଜ, ହସ୍ତିଶ୍ରେଷ୍ଠ ।

ନାଗରିକ, ତ୍ରି. (ନଗର-ଇକ) ନଗରବାସୀ ।

ନାଗରୀ, ସ୍ତ୍ରୀ. (ନାଗର-ଈ) ରସିକା ଯୁବତୀ ।

ନାଗଲତା, ବି. ( ନାଗ-ଲତା ) ପାନଲତା ।

ନାଗଲୋକ, ବି. (ନାଗ-ଲୋକ) ପାତାଳ, ରସାତଳ ।

ନାଗବଲ୍ଲରୀ } ବି. (ନାଗ-ବଲ୍ଲରୀ, ବଲ୍ଲୀ) ତାମ୍ବୂଳ
ନାଗବଲ୍ଲୀ } ଲତା. ପାନଲତା ।

ନାଗା, ବି. ସନ୍ନ୍ୟାସିବିଶେଷ, ପାର୍ବତୀୟ ଅସଭ୍ୟ ଜାତିବିଶେଷ ।

ନାଗାଧିପ } ବି. (ନାଗ-ଅଧିପ, ଅଧିପତି) ଅନନ୍ତ,
ନାଗାଧିପତି } ସର୍ପରାଜ, ବାସୁକୀ, ଐରାବତ । ପା, ସ୍ତ୍ରୀ. ସିନ୍ଧୁ ।

ନାଗାନ୍ତକ } ବି. ( ନାଗ-ଅନ୍ତକ, ଅଶନ, ଅରାତି )
ନାଗାଶନ } ଗରୁଡ଼, ମୟୂର, ସିଂହ ।
ନାଗାରାତି }

ନାଗେଶ, ବି. (ନାଗ-ଈଶ) ଅନନ୍ତ, ଶିବଲିଙ୍ଗବିଶେଷ, ତୀର୍ଥବିଶେଷ ।

**ନାଗେଶ୍ୱର**, ବି. ( ନାଗ-ଈଶ୍ୱର ) ପୁଷ୍ପବିଶେଷ, ଐରାବତ ହସ୍ତୀ, ବଡ଼ ହାତୀ, ସାପୁଆ କେଳାଙ୍କ ବାଦ୍ୟ, ଅନନ୍ତ, ଗରୁଡ଼, ଶିବ ।

**ନାଚ**, ବି. (ନୃତ୍ୟ-ଶବ୍ଦଜ) ଅଙ୍ଗଭଙ୍ଗୀ, ନର୍ତ୍ତନ ।

**ନାଚଖାନା**, ବି. (ଦେ) ନୃତ୍ୟଶାଳା ।

**ନାଚାର**, ବି. (ଯା) ଅସହାୟ, ନିରୁପାୟ, ଅନାୟତ୍ତ ।

**ନାଚିବା**, କ୍ରି. (ଦେ) ନୃତ୍ୟ କରିବା ।

**ନାଚୁଣୀ**, ବି. (ଦେ) ନୃତ୍ୟକାରିଣୀ ସ୍ତ୍ରୀ ।

**ନାଛ**, ବି. (ଦେ) ନସ୍ୟ, ଧୂଆଁପତ୍ରଚୂର୍ଣ୍ଣ ।

**ନାଛିବା**, କ୍ରି. (ଲକ୍ଷ ଶବ୍ଦଜ) ଲକ୍ଷ କରିବା ।

**ନାଜରାତି**, ବି. (ଯା) ନାଜରଙ୍କ କର୍ମ ।

**ନାଜିର** } ବି. (ଯା) ପିଆଦାମାନଙ୍କ ଅଧ୍ୟକ୍ଷ ଓ କାର୍ଯ୍ୟ
**ନାଜର** } ପର୍ଯ୍ୟବେକ୍ଷକ କର୍ମଚାରୀ ।

**ନାଟ**, ବି. ( ନଟ୍-ଅ ) ନୃତ୍ୟ, ନାଚ, ଅଭିନୟ, ନୀଳମଣିରେ ବିନ୍ଦୁ ।

**ନାଟକ**, ବି. (ନଟ୍-ଅକ) ନୃତ୍ୟକାରୀ, ଯେ ନାଚେ, ଦୃଶ୍ୟକାବ୍ୟ, ଅଭିନୟ ।

**ନାଟକୀୟ**, ବିଂ. (ନାଟକ-ଈୟ) ନାଟକସମ୍ବନ୍ଧୀୟ ।

**ନାଟବନ୍ଦୀ** } ବି. (ଯା) ରାଜସ୍ୱ ଆଦାୟର ନିର୍ଦ୍ଧାରିତ
**ଲାଟବନ୍ଦୀ** } ଦିବସ ।

**ନାଟମନ୍ଦିର**, ବି ଦେବମନ୍ଦିର ସମ୍ମୁଖସ୍ଥ ପ୍ରାସାଦ-ବିଶେଷ ।

ନାଟିକା, ବି. (ନଟ୍-ଅକ-ଆ) କ୍ଷୁଦ୍ର ନାଟକବିଶେଷ, ଯହିଁରେ କେବଳ ଚାରିଗୋଟି ଅଙ୍କ ଥାଏ, ଯଥା— ରତ୍ନାବଳୀ ପ୍ରଭୃତି, ନର୍ତ୍ତକୀ, ନାଡ଼ୀ।

ନାଟୁଆ, ବିଂ. (ଦେ) ନର୍ତ୍ତକ, ନୃତ୍ୟନିପୁଣ।

ନାଟ୍ୟ, ବି. (ନଟ-ଯ) ନୃତ୍ୟ, ଗୀତ, ବାଦ୍ୟ ଏହି ତିନିର ସମବାୟ, ତୌର୍ଯ୍ୟତ୍ରିକ, ନୃତ୍ୟକ୍ରିୟା।

ନାଟ୍ୟଶାଳା, ବି. (ନାଟ୍ୟ-ଶାଳା) ନାଟମନ୍ଦିର।

ନାଡ଼, ବି. (ଦେ) ନାଳ, ଯାହା ଧରି ରହେ, (ପଦ୍ମନାଡ଼) ଦେହର ଶିରା।

ନାଡ଼ା, ବି. (ଦେ) ଉଦରସ୍ଥ ଶିରାବିଶେଷ, ନାଡ଼ୀ, ବାୟୁକୋଷ ବେଗର ନାଡ଼ୀ।

ନାଡ଼ି } ବି. (ନଡ୼୍-ଇ,ଈ) ଦେହସ୍ଥ ଶିରା,
ନାଡ଼ୀ } ହସ୍ତଶିରା।

ନାଡ଼ୀଚକ୍ର, ବି. ନାଭିସ୍ଥ ନାଡ଼ୀମୂଳ।

ନାଡ଼ୀନକ୍ଷତ୍ର, ବି. (ନାଡ଼ୀ-ନକ୍ଷତ୍ର) ଜନ୍ମନକ୍ଷତ୍ର। (ଦେ) ଜନ୍ମରୁ ଯାବତୀୟ କଥା।

ନାଠ, ବି. (ଦେଶଜ) ଗୋଡ଼ରେ ପ୍ରହାର।

ନାତି, ବି. (ନପ୍ତୃ ଶବ୍ଦଜ) ପୁତ୍ର ବା କନ୍ୟାର ପୁଅ।

ନାତୁଣୀ, ବି. (ନପ୍ତୃ ଶବ୍ଦଜ) ପୁତ୍ର ବା କନ୍ୟାର ଝିଅ।

ନାଥ, ବି. (ନାଥ-ଅ) ସ୍ୱାମୀ, ପ୍ରଭୁ, କର୍ତ୍ତା।

ନାଦ, ବି. (ନଦ୍-ଅ) ଧ୍ୱନି, ଶବ୍ଦ, ଗର୍ଜନ।

ନାଦିତ, ବିଂ. (ନାଦ-ଇତ) ଶବ୍ଦିତ, ନିନାଦିତ।

ନାଦୀ, ବିଂ. (ନଦ୍-ଇନ୍) ଶବ୍ଦାୟମାନ, ଶବ୍ଦିତ।

ନାଦେୟ, ବିଂ. ( ନଦ ବା ନଦୀ-ଏୟ ) ନଦୀଜାତ, ନଦୀସମ୍ବନ୍ଧୀୟ ।

ନାଦ୍ୟ, ବିଂ. (ନଦୀ-ଯ) ନଦୀଜାତ ।

ନାନ, ବି. (ପ୍ରାଚୀନ) ପୁଅ ।

ନାନମାନ, ବି. (ଦେ) ଏକପ୍ରକାର ଘୃତପକ୍ୱ ପିଷ୍ଟକ ।

ନାନା, ଅଂ ବହୁବିଧ, ଅନେକ ପ୍ରକାର, ବ୍ୟତିରେକ ।

ନାନାବିଧ } ବିଂ. ( ନାନା-ବିଧ, ରୂପ ) ବିବିଧ,
ନାନାରୂପ } ବହୁପ୍ରକାର ।

ନାନାର୍ଥ, ବିଂ. (ନାନା-ଅର୍ଥ) ଯେଉଁ ଶବ୍ଦର ଅନେକ ଅର୍ଥ ଅଛି, ଅନେକାର୍ଥଯୁକ୍ତ ।

ନାନୀ, ବି. (ଦେଶଜ) ବଡ଼ ଭଉଣୀ ।

ନାନ୍ଦୀମୁଖ, ବି. (ନାନ୍ଦୀ-ମୁଖ) କୂପାଦର ଆଚ୍ଛାଦନ, ଆଭ୍ୟୁଦୟିକ ଶ୍ରାଦ୍ଧ ।

ନାଁ ପକାଇବା, କ୍ରି. (ଦେ) ଦୁର୍ନାମ ଅର୍ଜିବା ।

ନାପସନ୍ଦ, ବିଂ. (ଯା) ଅନଭିମତ, ଅପସନ୍ଦ ।

ନାପିତ, ବି. (ନ-ଆପ୍-ତ)ଜାତିବିଶେଷ, ଭଣ୍ଡାରି ।

ନାପିବା, କ୍ରି. (ସମ୍ବଲପୁର) ମାପିବା ।

ନାବାଳକ, (ଯା) ଅପ୍ରାପ୍ତବୟସ୍କ ।

ନାଭି, ବି. (ନହ୍-ଇ, ହ ସ୍ଥାନରେ ଭ ) ଉଦରର ମଧ୍ୟବର୍ତ୍ତୀ ସ୍ଥାନ ।

ନାଭିଗୟା, ବି. (ନାଭି-ଗୟା) ଯାଜପୁରର ତୀର୍ଥ-ବିଶେଷ ।

ନାଭିଜ } ବି. (ନ ଭି-ଜନ୍-ଅ, ଜନ୍ମନ୍) ପଦ୍ମ-
ନାଭିଜନ୍ମା } ଯୋନି, ବ୍ରହ୍ମା ।

ନାଭିଭୂ, ବି. (ନାଭି-ଭୂ) ବ୍ରହ୍ମା ।

ନାଭିସ୍ଥଳ, ବି. (ନାଭି-ସ୍ଥଳ) ପଦ୍ମସ୍ଥାନ, ନାଭିପ୍ରଦେଶ

ନାମ, ଅଂ. (ନମ୍-ଅ) ସମ୍ଭାବନା, ନିଶ୍ଚୟ, ଆଶ୍ଚର୍ଯ୍ୟ, କ୍ରୋଧ, ସ୍ମରଣ, ବିତର୍କ, କ୍ରୋଧ, ଛଳ, ଆଖ୍ୟା, ପ୍ରସିଦ୍ଧି, ସ୍ୱୀକାର, ନିନ୍ଦା । (ବ୍ୟାକରଣରେ) ବିଭକ୍ତି-ହୀନ ଶବ୍ଦ, ସଂଜ୍ଞା, ବିଶେଷ୍ୟପଦ ।

ନାମକରଣ, ବି. (ନାମନ୍-କୃ-ଅନ) ସଂସ୍କାରବିଶେଷ, ବିଧିପୂର୍ବକ ସନ୍ତାନର ପ୍ରଥମ ନାମ ଦେବା ।

ନାମଗନ୍ଧ, ବି. ( ନାମ-ଗନ୍ଧ ) ଲେଶ ମାତ୍ର ସମ୍ବନ୍ଧ, ନାମ ଓ ଗନ୍ଧ ।

ନାମଧାତୁ, ବି. ଶବ୍ଦରୂପ ଧାତୁ (ବ୍ୟାକରଣ) ।

ନାମଧେୟ, ବି. (ନାମ-ଧେୟ) ନାମ, ସଂଜ୍ଞା, ଆଖ୍ୟା ।

ନାମାବଳି, ବି. ( ନାମ-ଆବଳି ) ଦେବତାଙ୍କ ନାମ ଲେଖାଥିବା ଉତ୍ତରୀୟବିଶେଷ ।

ନାୟକ, ବି. ( ନୀ-ଅକ ) ଗ୍ରନ୍ଥର ପ୍ରଧାନ ବର୍ଣ୍ଣନୀୟ ବ୍ୟକ୍ତି, ସେନାପତି, ପ୍ରଣୟୀ ପୁରୁଷ, ନେତା, ଗୃହସ୍ୱାମୀ, ଶ୍ରେଷ୍ଠ, ଅଧ୍ୟକ୍ଷ, ହାରର ମଧ୍ୟମଣି । (ଦେ) ଜ୍ୟୋତିଷ, ଅବଧାନ ଜାତି ।

ନାୟିକା, ବି. (ନୀ-ଅକ-ଆ) ଗ୍ରନ୍ଥର ପ୍ରଧାନ ବର୍ଣ୍ଣନୀୟା ସ୍ତ୍ରୀ, ପ୍ରଣୟିନୀ ସ୍ତ୍ରୀ, ଭଗବତୀଙ୍କ ଅଷ୍ଟଶକ୍ତି, ଯଥା— ଉଗ୍ରଚଣ୍ଡା, ପ୍ରଚଣ୍ଡା, ଚଣ୍ଡୋଗ୍ରା, ଚଣ୍ଡନାୟିକା, ଅତିଚଣ୍ଡା, ଚାମୁଣ୍ଡା, ଚଣ୍ଡା, ଚଣ୍ଡାବତୀ ।

ନାଏବ୍, ବି. (ଯା) ନାଏବ, ପ୍ରତିନିଧି ।

ନାର } ବି. ( ନର-ଅ, ଆ ) ଜଳ, ମନୁଷ୍ୟ-
ନାରା } ସମୂହ ।

ନାରକୀ, ବିଂ. (ନରକ-ଇନ୍) ନରକସ୍ଥ, ନରକଭୋଗୀ।

ନାରଖାର, (ଦେ) ଛାରଖାର, ନଷ୍ଟ, ଧ୍ୱଂସ ।

ନାରଙ୍ଗ, ବି. (ନାର-ଗ) ନାରଙ୍ଗଗଛ ।

ନାରଙ୍ଗି, ବିଂ. (ଦେ) ପାଚିଲା ନାରଙ୍ଗରଙ୍ଗଯୁକ୍ତ ।

ନାରଦ, ବି. (ନାର-ଦା-ଅ) ବ୍ରହ୍ମାଙ୍କ ପୁତ୍ର, ଦେବର୍ଷି ବିଶେଷ । ବିଂ. ଦନ୍ତହୀନ, ପାକୁଆ ।

ନାରାଚ, ବି. (ନାର-ଆ-ଚମ୍-ଅ) ଲୌହମୟ ବାଣ, ଦୁର୍ଦ୍ଦିନ, ମେଘାଚ୍ଛନ୍ନ ଦିବସ, ଅକ୍ଷର ଛନ୍ଦୋବିଶେଷ ।

ନାରାଜ, ବି (ଦେ) ନକ୍ତି । (ଯା) ଅନିଚ୍ଛୁକ ।

ନାରାୟଣ, ବି ( ନାରା=ଜଳ-ଅୟନ=ସ୍ଥାନ ଅଥବା ନାର=ନରସମୂହ-ଅୟନ=ଆଶ୍ରୟ) ପରମେଶ୍ୱର ।

ନାରିକେଳ } ବି. ( ନାରକ-ଇଲ-ଅ) ନଡ଼ିଆ ।
ନାରୀକେଳ }

ନାରୀ, ବି. (ନର-ଅ-ଈ) ସ୍ତ୍ରୀଲୋକ ।

ନାଳ, ବି. ( ନଲ୍-ଅ ) ନଳ, ମୃଣାଳ, ହରିତାଳ, କୃତ୍ରିମନଦୀ, କେନାଲ, ପାଣିଯିବା ପହଣି, ଗଳ ।

ନାଲ, ବି. (ଦେ) ଘୋଡ଼ା ପ୍ରଭୃତିଙ୍କ ଖୁରା ତଳେ ଦିଆଯିବା ଲୁହାର ପତ୍ର । ବିଂ. ରକ୍ତବର୍ଣ୍ଣ ।

ନାଲି } ବିଂ. ( ଦେ ) ରକ୍ତବର୍ଣ୍ଣବିଶିଷ୍ଟ । ବି.
ନାଲିଆ } ରକ୍ତିମା ।

ନାଲିଶ୍, ବି. (ଯା) ଅଭିଯୋଗ, ମକଦ୍ଦମା ଦାଏର ।

ନାଳୀ, ବ. ପାଣିଯିବାର ମାର୍ଗ, କୋମଳ ନଡ଼ିଆ ।
ନାଳୀକ, ବ. ( ନାଳୀ-କୈ-ଅ ) ଶର, ଶଲ୍ୟାସ୍ତ୍ର, ଶରୀର, ପଦ୍ମସମୂହ, ବନ୍ଧୁକ ।
ନାଳୁଆ, ବ. (ଦେ ମଶାଲରେ ଯେଉଁ ପାତ୍ରରୁ ତେଲ ଢଳାଯାଏ । ବଂ. ଯାହା ପାତ୍ରରୁ ନାଳ ବହେ ।
ନାବ, ବ. (ନୂ-ଅ) ନୌକା ।
ନାବରି, ବ. (ଦେ) ଜାହାଜରେ ସିଡ଼ି ଭଳି ଯେଉଁ ଦଉଡ଼ି ବନ୍ଧା ହୋଇଥାଏ ।
ନାବିକ, ବ. (ନୌ-ଇକ) କର୍ଣ୍ଣଧାର, ମାଝୀ ।
ନାବୀ, ବ. ଶ୍ରେଣୀବଦ୍ଧ ନୌକା, ଜାହାଜ ପ୍ରଭୃତି । ବଂ. (ନୌ-ଇନ୍ ) ପୋତାଧ୍ୟକ୍ଷ, ନାବିକ ।
ନାବ୍ୟ, ବଂ. (ନୌ-ଯ) ନୌକାଦ୍ୱାରା ଗମ୍ୟ, ଯେଉଁ ବାଟରେ ନୌକା ଯାଇ ପାରେ, ଯାହା ନୌକା ଭିନ୍ନ ଗମନଯୋଗ୍ୟ ନୁହେ । (ନବ-ଯ) ତରୁଣାବସ୍ଥା, ନୂତନତ୍ୱ ।
ନାଶ, ବ. ( ନଶ୍-ଅ ) ଧ୍ୱଂସ, ମୃତ୍ୟୁ, ପଳାୟନ ।
ନାଶକ, ବଂ. (ନଶ୍-ଇ-ଅକ) ନାଶକାରୀ ।
ନାଶନ, ବ. (ନଶ୍-ଅନ) ଉଚ୍ଛେଦନ, ବିଲୋପନ ।
ନାଶିତ, ବଂ. (ନଶ-ଇ-ତ) ବିନାଶିତ, ନିହତ ।
ନାସ, ବ. (ନସ୍ୟ ଶବ୍ଦଜ) ଧୂଆଁପତ୍ରର ଚୂର୍ଣ୍ଣ ।
ନାସତ୍ୟ, ବ. ( ନାସା-ତ୍ୟଜ୍-ଅ, ନ-ଅସତ୍ୟ ) ସ୍ୱର୍ବୈଦ୍ୟ, ଅଶ୍ୱିନୀକୁମାରଦ୍ୱୟ ।
ନାସ୍‌ଦାନୀ, ବ. (ଦେ) ନସ୍ୟଧାନୀ ।

ନାସପତ୍ର, ବି. ( ଦେଶଜ ) ନାସ କରିବା ନିମିତ୍ତ ବ୍ୟବହାର୍ଯ୍ୟ ପତ୍ର, ତମାଖୁପତ୍ର, ଧୂଆଁପତ୍ର ।

ନାସା } ବି. ( ନାସ୍-ଅ-ଆ, ନାସା-କ-ଆ )
ନାସିକା } ଘ୍ରାଣେନ୍ଦ୍ରିୟ ।

ନାସାଦାରୁ, ବି ଦ୍ୱାରବନ୍ଧର ଉପରିସ୍ଥିତ କାଷ୍ଠଖଣ୍ଡ

ନାସି, ବି ( ଦେ ) ପର୍ବତର ସମ୍ମୁଖ ପ୍ରାନ୍ତଭାଗ, ଫଳାଦିର ପ୍ରାନ୍ତଭାଗ, ଲମ୍ବା ।

ନାସୀର, ବି. (ନାସ୍=ଶବ୍ଦ କରିବା-ଈରନ୍) ସେନା-ମୁଖ, ଅଗ୍ରବର୍ତ୍ତୀ ସୈନ୍ୟ ।

ନାସ୍ତି, ଅଂ. (ନ-ଅସ୍ତି) ନୁହେ, ନାହିଁ ।

ନାସ୍ତିକ, ବିଂ. (ନାସ୍ତି-କ) ଯେଉଁ ଲୋକ ଈଶ୍ୱରଙ୍କ ଅସ୍ତିତ୍ୱ କିମ୍ବା ପରଲୋକ ସ୍ୱୀକାର କରେ ନାହିଁ ।

ନାସ୍ତିକତା } ବିଃ (ନାସ୍ତିକ-ତା, ଯ) ଈଶ୍ୱର ବା
ନାସ୍ତିକ୍ୟ } ପରଲୋକରେ ଅବିଶ୍ୱାସ କରିବା ।

ନାହା ବି. ( ନାଥ ଶବ୍ଦଜ ) ସ୍ୱାମୀ, ପ୍ରଭୁ, ଠାକୁର ।

ନାହାକ, ବି. (ଦେ) ପ୍ରଧାନ, ଅବଧାନ, ପାଠଶାଳା ଶିକ୍ଷକ ।

ନାହାକା, ବି. ( ଦେ ) ପ୍ରାଧାନ୍ୟ, ମୁଖ୍ୟ, ପ୍ରଧାନ ଆଶ୍ରୟ ।

ନାହି, ବି. (ଦେ) ନାଭି ।

ନାହିଁ, ଅଂ. (ନିଷେଧାର୍ଥକ) ନାସ୍ତି, ନା ।

ନାହୁଡ଼, ବି ( ଦେ ) ବସ୍ତ୍ର ବିରୁଡ଼ି ପ୍ରଭୃତିଙ୍କର ବିଷାକ୍ତ ଶୁଣ୍ଢ ।

ନି, ଉପସର୍ଗ, ଅବ୍ୟୟ, ନିଷେଧ, ଅଭାବ, ନିକୃଷ୍ଟ, ନିଶ୍ଚୟ, ସଂଶୟ, ସାମୀପ୍ୟ, ନିନ୍ଦା, ନିବେଶ, ବିନ୍ୟାସ, ନିତ୍ୟ, କୌଶଳ, ଆଶ୍ରୟ, ଦାନ, ମୁକ୍ତି, ଅନ୍ତର୍ଭବ, ବନ୍ଧନ ରାଶି, ଅଧୋଭାଗ ।

ନିଃ,(ନିର୍, ଅଂ.(ଉପସର୍ଗ) ନିଶ୍ଚୟ, ନିଷେଧ, ନିତାନ୍ତ ।

ନିଃକ୍ଷତ୍ର } ବିଂ. (ନିର-କ୍ଷତ୍ର, କ୍ଷତ୍ରିୟ) କ୍ଷତ୍ରିୟ-
ନିଃକ୍ଷତ୍ରିୟ } ରହିତ ।

ନିଃଶଙ୍କ, ବିଂ. (ନିର-ଶଙ୍କା) ନିର୍ଭୟ ।

ନିଃଶବ୍ଦ, ବିଂ. (ନିର୍-ଶବ୍ଦ) ନୀରବ ।

ନିଃଶେଷ, ବିଂ. (ନିର୍-ଶେଷ) ସମ୍ପୂର୍ଣ୍ଣ ।

ନିଃଶେଷିତ, ବିଂ. ( ନିଃଶେଷ-ଇତ ) ଯାହା ଶେଷ ହୋଇ ଯାଇଅଛି ।

ନିଃଶ୍ରେଣି } ବି. (ନି-ର୍ଶ୍ରେଣି, ଶ୍ରେଣୀ ) ନିଶୁଣି,
ନିଃଶ୍ରେଣୀ } ସିଢ଼ି ।

ନିଃଶ୍ରେୟସ, ବି. ( ନିର୍-ଶ୍ରେୟସ୍-ଅ ) ମୁକ୍ତି, ଭକ୍ତି, କୁଶଳ ।

ନିଃଶ୍ୱାସ, ବି. (ନିଃ-ଶ୍ୱସ୍-ଅ) ନାସାଗତ ବାୟୁ ।

ନିଃସଙ୍ଗ, ବିଂ. (ନିର-ସଙ୍ଗ) ସଙ୍ଗରହିତ ।

ନିଃସତ୍ତ୍ୱ, ବିଂ. (ନିର୍-ସତ୍ତ୍ୱ) ଅସାର, ଦୁର୍ବଳ ।

ନିଃସନ୍ଧି, ବିଂ. (ନିର୍-ସନ୍ଧି) ଛିଦ୍ରରହିତ, ଦୃଢ଼ ।

ନିଃସମ୍ପାତ, ବି. (ନିର୍-ସମ୍ପାତ) ନିଶୀଥ, ଅର୍ଦ୍ଧରାତ୍ର । ବିଂ. ଗମନାଗମନଶୂନ୍ୟ ।

ନିଃସମ୍ବଳ, ବିଂ. (ନିଃ-ସମ୍ବଳ) ସଙ୍ଗତିହୀନ, ଯାହାର କିଛି ସଙ୍ଗତି ନାହିଁ, ଦରିଦ୍ର ।

ନିଃସରଣ, ବି. (ନିର୍-ସୃ-ଅନ)ବହିର୍ଗମନ, ଉପାୟ।
ନିଃସାର, ବିଂ. (ନିର୍-ସୃ-ଅ) ବଳହୀନ, ରସହୀନ।
ନିଃସାରଣ, ବି. ( ନିର-ସାର୍-ଅନ ) ନିର୍ବାସନ, ବହିଷ୍କରଣ।
ନିଃସାରିତ,ବିଂ.(ନିର-ସାର୍-ତ)ବହିଷ୍କୃତ, ନିର୍ବାସିତ।
ନିଃସୃତ, ବିଂ. (ନିର୍-ସୃତ) ନିର୍ଗତ, ବହିର୍ଗତ।
ନିଃସ୍ରବ, ନିଃସ୍ରାବ } ବି. ( ନିର୍-ସ୍ରୁ-ଅ ) କ୍ଷରଣ, ତରଳ ପଦାର୍ଥର ନିର୍ଗମନ।
ନିଃସ୍ୱ, ବିଂ. (ନିର୍-ସ୍ୱ) ଦରିଦ୍ର, ଦୁଃଖୀ।
ନିଅଂଶ, ବିଂ. (ଦେଶଜ) ନିର୍ବଂଶ, ଯାହା ବଂଶରେ କେହି ନ ଥାଏ, ଜ୍ଞାତିରହିତ।
ନିଅଂଶିଆ, ନିରଂଶିଆ, ନିର୍ବଂଶିଆ } ବିଂ. ( ଗ୍ରାମ୍ୟ ଗାଳି ) ବଂଶହୀନ। ସ୍ତ୍ରୀ. ନିଅଂଶୀ।
ନିଅଣ୍ଟ, ନିଅଣ୍ଟା } ବି. (ଦେ) ଅଭାବ, ଊଣା।
ନିଅଳସ, ବିଂ. (ଦେ)ନିରଳସ,ଆଳସ୍ୟହୀନ, ଚଞ୍ଚଳ।
ନିଆଁ, ବି. (ଦେଶଜ) ଅଗ୍ନି।
ନିଆଁକାଠି, (ଖାଡ଼ି), ବି. (ଦେ) ଦିଆସିଲି।
ନିଆଁଗିଳା, ବିଂ. (ଦେ)ଦୁଃସାହସିକ, ଅସମ୍ଭବଲକ୍ଷୀ।
ନିଆଇବା, ବି. (ଦେ) ଅନ୍ୟଦ୍ୱାରା ନେବା।
ନିଆଜ, ନ୍ୟାଜ } ବି. (ଦେ) ଅନ୍ଦାଜ, ଅନୁମାନ।

ନଆଡ଼, ବ. (ଦେ) ସମ୍ମୁଖ, ଆଗମୁହଁ ।
ନଆରି, ବ. (ଯା) ସ୍ୱତନ୍ତ୍ର, ଭିନ୍ନ ।
ନଆଳୀ, ବ. (ନବମାଳିକା ଶବ୍ଦଜ) ପୁଷ୍ପବିଶେଷ ।
ନଆଶା, ବିଂ. (ଗ୍ରା) ନିରାଶ ।
ନହିଁ ଛ (ଛୁ)ଣା, ବିଂ. (ଗ୍ରା) ତୁଚ୍ଛ, ହୀନ, ଅଲକ୍ଷଣା ।
ନହିଁଗୁଇବା, କ୍ରି. (ଦେ) ବନ୍ଦାଇବା ।
ନଉଘୁଣି, ବ. (ଦେ) ବନ୍ଧାଣ, ବନ୍ଦାଇବା ।
ନଉଁଗୁଳି, ବ. (ଦେଶଜ) ବନ୍ଦାପନା ।
ନଉଡ଼ିବା, କ୍ରି. (ଦେ) ଢାଳିବା, ଇଡ଼ିବା ।
ନଉନ, ବିଂ. (ଦେ) ନ୍ୟୂନ, ଊଣା ।
ନକ, ବିଂ. (ଦେ) ସରୁ, ପରିଷ୍କାର, ସୁନ୍ଦର ।
ନକଟ, ବିଂ. (ନ-କଟ୍-ଅ) ସମୀପ, ଅଦୂର ।
ନକଟବର୍ତ୍ତୀ } ବିଂ. ( ନକଟ-ବୃତ୍-ଇନ୍, ସ୍ଥା-ଅ )
ନକଟସ୍ଥ } ସମୀପସ୍ଥିତ ।
ନକମା, ବିଂ. (ଯା) ନୀଚ, ତୁଚ୍ଛ, ଅକର୍ମଣ୍ୟ ।
ନକର, ବ. (ଦେ) ନଷ୍ଟସ୍ତ୍ରୀ । (ନି-କୃ-ଅ)ରାଶି,ସମୂହ ।
ନକଷ, (ସ), ବ. (ନି-କଷ୍-ଅ) କଷଟିପଥର, ଶାଣ ।
ନକଷଣ, ବ ( ନି କଷ୍-ଅନ ) ଘର୍ଷଣ, ଉଲ୍ଲେଖନ ।
ନକଷା, ବ. (ନାମ ରାବଣର ମାତା, ରାକ୍ଷସୀବିଶେଷ ।
ନକଷାତ୍ମଜ, ବ. (ନକଷା-ଆତ୍ମଜ) ରାକ୍ଷସ ।
ନକଷୋପଳ, ବ. (ନକଷ-ଉପଳ) କଷଟି ପଥର ।
ନକା, ବ. (ଯା) ବିଧବା ସଙ୍ଗେ ଦ୍ୱିତୀୟ ବିବାହ,
ଥଆଥୋଇ,ଦୁତୀୟ ହେବା, । କ୍ରି.ବିଂ. ନିଶ୍ଚିତରୂପେ ।

ନିକାଞ୍ଚନ, ବି°. (ଦେ) ନିର୍ଜନ । ବି. ଜନଶୂନ୍ୟ ସ୍ଥାନ ।

ନିକାଯ୍ୟ, ବି (ନି ଚି–ଯ, ନିପାତନ) ଆଳୟ, ଗୃହ ।

ନିକାଳିବା, କ୍ରି. (ଦେ) ବାହାର କରିବା, ପଦଚ୍ୟୁତ କରିବା ।

ନିକାଶ, ବି. (ନି-କାଶ-ଅ) ପ୍ରକାଶ । (ଯା) ନିଷ୍ପତ୍ତି, ଶେଷ, ଜଳନିର୍ଗମନ ପଥ ।

ନିକାଷ, ବି. (ନିକଷ-ଅ) କର୍ଷଣ, ଘର୍ଷଣ ।

ନିକାସି, ବି. (ଦେ) ଶେଷ ନିଷ୍ପତ୍ତି, ହିସାବ ।

ନିକି, ଅ°. (ଦେ) କି ? ପରି, ( ପ୍ରଶ୍ନ, ତୁଳନା ଓ ସମ୍ଭାବନାର୍ଥକ) ।

ନିକିଠା / ନିକୁଠା } ବି°. ଦେ) ଅଣ୍ଟୁଣ୍ଡା, ଗୋଲିଆ, ସ୍ଥାନ ।

ନିକିତି / ନିକ୍ତି } ବି. (ଦେ) ସୁନା ରୂପାଦି ଓଜନ କରିବାର ଯନ୍ତ୍ରବିଶେଷ, ତୁଳାପାତ୍ର ।

ନିକମା, ବି°. (ଦେ) ନିଷ୍କର୍ମା, କର୍ମଶୂନ୍ୟ ।

ନିକୁଞ୍ଜ, ବି. (ନି-କୁଞ୍ଜ) ଲତାମଣ୍ଡପ, ଲତାଗୃହ, କୁଞ୍ଜ ।

ନିକୁଟିବା, କ୍ରି. (ଦେ) ବାହାରକୁ ଦାନ୍ତ ଦେଖାଇବା ।

ନିକୁଟି ହେବା, କ୍ରି. (ଦେ) ଦାନ୍ତ ଦେଖାଇ ଖାନ-ଖିବରେ ପ୍ରାର୍ଥନା କରିବା ।

ନିକୁମ୍ଭ, ବି. ( ନି-କୁ-ଭୂ-ଅ, ମ୍-ଆଗମ ) କୁମ୍ଭକର୍ଣ୍ଣ ରାକ୍ଷସର ପୁତ୍ର ।

ନିକୁମ୍ଭିଳା, ବି. (ନି-କୁମ୍ଭ-ଇଲ-ଆ ) ଲଙ୍କାସ୍ଥ ଗୁହାବିଶେଷ ।

ନକୁରମ୍ବ, ବି. (ନକୁର-ଅମ୍ବ) ସମୂହ ।

ନିକୃତ, ବି. (ନି-କୃ-ତ) ତିରସ୍କାର, ଅପକାର ।

ନିକୃଷ୍ଟ, ବିଂ. (ନି-କୃଷ୍-ତ) ଅପକୃଷ୍ଟ, ନୀଚ ।

ନିକେତ / ନିକେତନ } ବି. (ନି-କିତ୍-ଅ, ଅନ) ଘର, ଆଳୟ ।

ନିକୋଞ୍ଛ / ନିକୁଞ୍ଛ } ବି (ଦେ) ନ୍ୟୂନ, ତୁଚ୍ଛ, ହୀନ । କ୍ରି. ବିଂ. ନିତାନ୍ତ କମରେ ।

ନିକ୍ୱଣ / ନିକ୍ୱାଣ } ବି. ( ନି-କ୍ୱଣ-ଅ ) ଧ୍ୱନି, ଅଳଙ୍କାର ଓ ବୀଣାଦିର ଶବ୍ଦ ।

ନିକ୍ଷିପ୍ତ, ବିଂ. (ନି କ୍ଷିପ୍-ତ) ନ୍ୟସ୍ତ, ତ୍ୟକ୍ତ, ଅର୍ପିତ ।

ନିକ୍ଷେପ, ବି. (ନି-କ୍ଷିପ୍-ଅ) ନ୍ୟାସ, ସ୍ଥାପନ, ତ୍ୟାଗ ।

ନିଖ, ବି. (ଦେଶଜ) କେଶକୀଟବିଶେଷ ।

ନିଖଟ୍ଟୁ, ବିଂ. (ଦେଶଜ) ଅଯୋଗ୍ୟ ।

ନିଖାଡ଼ା, ବି. (ଦେ) ଜଳଜାତ ଫଳବିଶେଷ ।

ନିଖର୍ବ, ବିଂ. (ନି-ଖର୍ବ) ବାମନ । ବି. ଦଶ ସହସ୍ର କୋଟି ସଂଖ୍ୟା ।

ନିଖାତ, ବିଂ. (ନି-ଖନ୍-ତ) ସ୍ଥାପିତ, ପ୍ରୋଥିତ ।

ନିଖାରିବା, କ୍ରି. (ଦେ) ଭଲ କରି ବା ତନ୍ନ ତନ୍ନ କରି ଦେଖିବା ।

ନିଖିଳ, ବିଂ. (ନି-ଖିଳ) ସମସ୍ତ, ସମ୍ପୂର୍ଣ୍ଣ, ଅଖଣ୍ଡ ।

ନିଖୁଣ, ବିଂ. (ଦେ) ଅକ୍ଷୁଣ୍ଣ, ସମ୍ପୂର୍ଣ୍ଣ, ଅଖଣ୍ଡିତ ।

ନିଗଡ଼, ବି. (ନି-ଗଡ଼୍-ଅ) ବେଡ଼ି, ଲୌହଶୃଙ୍ଖଳ ।

ନିଗଡ଼ିତ, ବିଂ. (ନିଗଡ଼-ଇତ) ଶୃଙ୍ଖଳବଦ୍ଧ, ବନ୍ଧ ।

ନିଗଦିତ, ବି°. (ନି-ଗଦ୍-ତ) କଥିତ, ଉକ୍ତ ।
ନିଗମ, ବି. (ନି-ଗମ୍-ଅ) ନଗର, ପଥ, ବାଣିଜ୍ୟ, ବେଦ
ନିଗାଡ଼ିବା, କ୍ରି. (ଦେଶଜ) ଗାଳିବା, ଝରାଇବା ।
ନିଗିଡ଼ିବା, କ୍ରି. (ଦେ) ଆସ୍ତେ ଆସ୍ତେ ଝରିବା ।
ନିଗୂଢ଼, ବି°. (ନି-ଗୁହ୍-ତ) ଗୁପ୍ତ, ଅପ୍ରକାଶିତ ।
ନିଗୃହୀତ, ବି° (ନି-ଗ୍ରହ୍-ତ) ଦଣ୍ଡିତ, ଶାସିତ, ରୁଦ୍ଧ ।
ନିଗ୍ରହ, ବି. (ନି-ଗ୍ରହ୍-ଅ) ଅନୁଗ୍ରହର ବିପରୀତ, ତାଡ଼ନା, ପ୍ରହାର, ତିରସ୍କାର, ଶାସନ ।
ନିଗ୍ଧା, ବି°. (ଦେଶଜ) କୃପଣ ।
ନିଘଞ୍ଚ, ବି°. (ଦେ) ଅତି ନିବିଡ଼ ।
ନିଘଣ୍ଟୁ, ବି. (ନି-ଘଣ୍ଟ୍-ଉ) ସୂଚିପତ୍ର, ନିର୍ଘଣ୍ଟ, ବୈଦିକ ଅଭିଧାନବିଶେଷ ।
ନିଘା, ବି. (ଦେ) ଦୃଷ୍ଟି, ନଜର ।
ନିଘ୍ନ, ବି°. (ନି-ହନ୍-ଅ) ଆୟତ୍ତ, ବଶୀଭୂତ, ଗୁଣିତ ।
ନିଚୟ, ବି. (ନି-ଚି-ଅ) ସମୂହ ।
ନିଚିତ, ବି°. (ନି-ଚି-ତ) ବ୍ୟାପ୍ତ, ପରିପୂର୍ଣ୍ଣ, ରଚିତ ।
ନିଚୁଳ, ବି. (ନି-ଚୁଲ୍-ଅ) ସ୍ଥଳବେତସ, ବେତଗଛ ।
ନିଛନ, ବି°. (ଦେ) ସନ୍ତିସ୍ଥଶୂନ୍ୟ ।
ନିଛାଟ
ନିଛାଟିଆ } ବି. (ଦେଶଜ) ନିର୍ଜନ ।
ନିଜ, ବି°. (ନି-ଜନ୍-ଅ) ଆପଣା, ସ୍ୱକୀୟ, ସ୍ୱାଭାବିକ ।
ନିଜଞ୍ଜାଳ, ବି°. (ଦେ) ଜଞ୍ଜାଳଶୂନ୍ୟ, ନିଶ୍ଚିନ୍ତ ।
ନିଜସ୍ୱ, ବି. (ନିଜ-ସ୍ୱ) ଆପଣା ସମ୍ପତ୍ତି ।

ନଟ, ବି. (ଦେ) ନଷ୍ଟପ୍ରାୟ, ତଥ୍ୟ ।
ନଟେଇବା, କି. (ଦେ) ମଟେଇବା, ନରଖିବା ।
ନତମ୍ବ, ବି. (ନ-ତମ୍-ବ) ପର୍ବତ, ପାର୍ଶ୍ୱଦେଶ, ତଟ, ସ୍କନ୍ଧ, ପିଚ୍ଛ ।
ନତମ୍ବିନୀ, ବି. (ନତମ୍ବ-ଇନ-ସ୍ତ୍ରୀଲିଙ୍ଗରେ ଈ) ପ୍ରଶସ୍ତ ନତମ୍ବବତୀ ସ୍ତ୍ରୀ ।
ନତଳ, ବି. (ନ-ତଳ) ପାତାଳବିଶେଷ ।
ନତାନ୍ତ, ବିଂ. (ନ-ତମ୍-ତ) ଅତ୍ୟନ୍ତ, ଅତିଶୟ ।
ନତି, କି. ବିଂ. (ନିତ୍ୟ ଶବ୍ଦଜ) ପ୍ରତ୍ୟହ ।
ନତ୍ୟ, କି. ବିଂ. (ନ-ତ୍ୟ) ଅହରହ, ସର୍ବଦା ।
ନତ୍ୟକର୍ମ, ବି. (ନତ୍ୟ-କର୍ମ) ପ୍ରତଦନ ଯେଉଁ କର୍ମ କରାଯାଏ, ଦୈନନ୍ଦିନ ବ୍ୟାପାର, ଉପାସନାଦି କର୍ମ ।
ନତ୍ୟାନ, ବି. (ଦେ) ଧ୍ରୁବ, ପ୍ରତ୍ୟହ ।
ନଦ, ବି. (ନ-ଦ୍ରା-ଅ) ବିଷ, 'ନଦ୍ରା ଶବ୍ଦର ଅପଭ୍ରଂଶ) ନଦ୍ରା ।
ନଦକ, ବିଂ (ଦେ) ଭୟଶୂନ୍ୟ, ନଶ୍ଚିନ୍ତ ।
ନଦର୍ଶନ, ବି. (ନ-ଦୃଶ୍-ଅନ) ଉଦାହରଣ, ଚହ୍ନ ।
ନଦା, ବିଂ. (ଦେ) ଅଶନ୍ୟଗର୍ଭ, ଠାଣ, ଶକ୍ତ, ଘନ, ନରଟ ।
ନଦାଘ, ବି. (ନ-ଦହ୍-ଅ) ଗ୍ରୀଷ୍ମକାଳ ।
ନଦାନ, (ନ-ଦା-ଅନ) ମଳକାରଣ, ଚକିତ୍ସା ଗ୍ରନ୍ଥ-ବିଶେଷ ।
ନଦାରୁଣ, ବି. (ନ-ଦାରୁଣ) ନର୍ଦୟ ।

ନିଦିଧ୍ୟାସନ, ବି. ( ନି-ଧ୍ୟୈ-ସନ୍-ଅ ) ମନୋନିବେଶ ପୂର୍ବକ ଧାରାବାହିକ ଚିନ୍ତା ।

ନିଦେଶ, ବି. (ନି-ଦିଶ୍-ଅ) ଆଜ୍ଞା, ଅନୁମତି, ଉକ୍ତି, ସମୀପ, ପାତ୍ର ।

ନିଦ୍ରା, ବି. (ନି-ଦ୍ରା-ଅ) ନିଦ, ଆଳସ୍ୟ ।

ନିଦ୍ରାଳୁ, ବିଂ. (ନିଦ୍ରା-ଆଳୁ) ନିଦ୍ରାଶୀଳ, ଅଳସ ।

ନିଦ୍ରିତ, ବିଂ. (ନିଦ୍ରା-ଇତ) ଶୋଇଥିବା, ନିଦ୍ରାଗତ ।

ନିଧଡ଼କ, ବିଂ. (ଦେ) ନିର୍ଭୟ, ଦୃଢ଼, ନିଶ୍ଚିତ ।

ନିଧନ, ବି. (ନି ଧନ୍-ଅ) ମୃତ୍ୟୁ, ବିନାଶ । (ଦେ) ଧନହୀନ, ଦରିଦ୍ର ।

ନିଧାନ, ବି. (ନି-ଧା ଅନ) ନିଧି, ଆଧାର, ଅର୍ପଣ, ସ୍ଥାପନ, ତିରୋଧାନ ।

ନିଧି, ବି, (ନି-ଧା-ଇ) ସମ୍ପତ୍ତି, କୁବେରସମ୍ପତ୍ତି ।

ନିଧିନାଥ<br>ନିଧୀଶ<br>ନିଧୀଶ୍ୱର } ବି. ( ନିଧି-ନାଥ, ଈଶ, ଈଶ୍ୱର ) କୁବେର ।

ନିଧୁବନ, ବି. (ନି-ଧୂ-ଅନ) ରତିକ୍ରୀଡ଼ା, ଆମୋଦ ।

ନିନଦ<br>ନିନାଦ } ବି. (ନି-ନଦ୍-ଅ) ଧ୍ୱନି, ଶବ୍ଦ, ଗର୍ଜ୍ଜନ ।

ନିନାଦିତ, ବିଂ. (ନି-ନଦ୍-ତ) ଶବ୍ଦିତ, ଧ୍ୱନିତ ।

ନିନୀଷା, ବି. (ନୀ-ସନ୍-ଆ) ନେବାର ଇଚ୍ଛା । ବିଂ. ନିନୀଷୁ ।

ନିନ୍ଦକ, ବିଂ (ନିନ୍ଦ-ଅକ) ଅପବାଦକ, ନିନ୍ଦାକାରୀ ।

ନିନ୍ଦନ
ନିନ୍ଦା } ବି. (ନିନ୍ଦ୍-ଅନ, ଆ) ଅପବାଦ ।

ନିନ୍ଦନୀୟ
ନିନ୍ଦ୍ୟ } ବିଂ. (ନିନ୍ଦ୍-ଅନୀୟ, ଯ) ଅପ୍ରଶଂସନୀୟ; ଦୂଷଣୀୟ

ନିନ୍ଦିତ, ବିଂ. (ନିନ୍ଦ୍-ତ) ଦୂଷିତ; ଗର୍ହିତ ।

ନିପ, ବି. (ନି-ପା-ଅ) କଳସ; ଘଟ ।

ନିପଟ, ବିଂ. (ଦେ) ଅତ୍ୟନ୍ତ; ଅତିଶୟ ।

ନିପତନ, ବି. (ନି-ପତ୍-ଅନ) ପତନ; ନିପାତ କରିବା ।

ନିପତିତ, ବିଂ. (ନି-ପତ୍-ତ) ଅଧଃପତିତ; ଯେ ପଡ଼ି ଯାଇଅଛି ।

ନିପାତ, ବି. (ନି-ପତ୍-ଅ) ମୃତ୍ୟୁ; ନିଧନ; ମରଣ; ପତନ; ଅଧଃପତନ ।

ନିପାତନ, ବିଂ. (ନି-ପତ୍-ଅନ) ପ୍ରକ୍ଷେପଣ; ଅନିୟମ ।

ନିପାତିତ, ବିଂ. (ନି-ପତ୍-ଇ-ତ) ଅଧୋନୀତ; ବିନାଶିତ ।

ନିପାନ, ବି. (ନି-ପା-ଅନ) କୂପାଦିର ନିକଟସ୍ଥ କ୍ଷୁଦ୍ର ଜଳାଧାର ।

ନିପୀଡ଼କ, ବିଂ. (ନି-ପୀଡ୍-ଅକ) ଯେ ପୀଡ଼ା ଦିଏ ।

ନିପୀଡ଼ନ, ବିଂ. (ନି-ପୀଡ୍-ଅନ) ଅଭିବାଦନ ।

ନିପୀଡ଼ିତ, ବିଂ. (ନି-ପୀଡ୍-ତ) ଅଭିବାଦିତ. ଆକ୍ରାନ୍ତ ।

ନିପୁଣ, ବିଂ. (ନି-ପୁଣ-ଅ) ଦକ୍ଷ; ସମର୍ଥ; କାର୍ଯ୍ୟକ୍ଷମ ।

ନିବର୍ତ୍ତି, ବିଂ. (ଦେ) ନିବୃତ୍ତ; କ୍ଷାନ୍ତ; ବିରତ ଫଳକାମନା ।

ନିବାରକ, ବିଂ. ଯେ ନିବାରଣ କରେ; ଯାହା ଦୂର କରେ ।

ନିବାରିତ, ବିଂ. ନିଷିଦ୍ଧ ।

ନିବଦ୍ଧ, ବିଂ. (ନି-ବନ୍ଧ୍-ତ) ଗ୍ରଥିତ; ବଦ୍ଧ; ନିବେଶିତ ।

ନିବନ୍ଧ, ବି. (ନି-ବନ୍ଧ୍-ଅ) ରଚନା; ଗ୍ରନ୍ଥ; ପ୍ରସ୍ତାବ ।

ନିବନ୍ଧନ, ବି. (ନି-ବନ୍ଧ୍-ଅନ) କାରଣ; ହେତୁ; ବ୍ୟବସ୍ଥା ।

ନିଭ, ବିଂ. (ନି-ଭା-ଅ) ତୁଲ୍ୟ; ସଦୃଶ ।

ନିଭୃତ, ବିଂ. (ନି-ଭୃ-ତ) ବିନୀତ; ଗୁପ୍ତ; ନିର୍ଜନ ।

ନିମ, ବି. (ନିମ୍ବ-ଶବ୍ଦଜ) ବୃକ୍ଷବିଶେଷ ।

ନିମକ୍, ବି. (ଯା) ଲୁଣ ।

ନିମକ୍‌ସଚ୍ଛା, ବିଂ. (ଯା) କୃତଜ୍ଞ ।

ନିମକହାରାମ, ବିଂ. (ଯାବନିକ) କୃତଘ୍ନ ।

ନିମଗ୍ନ, ବିଂ. (ନି-ମସ୍‌ଜ୍-ତ) ମଗ୍ନ; ବୁଡ଼ିଯିବା ।

ନିମଜ୍ଜନ, ବି. (ନି-ମସ୍‌ଜ୍-ଅନ) ସ୍ନାନ; ଅବଗାହନ ।

ନିମନ୍ତେ, ଅଂ. (ଦେ) ପାଇଁ; ହେତୁରୁ; ଲାଗି ।

ନିମନ୍ତ୍ରଣ, ବି. (ନି-ମନ୍ତ୍ର-ଅନ) ଭୋଜନାର୍ଥ ଆହ୍ୱାନ ।

ନିମନ୍ତ୍ରିତ, ବିଂ. (ନି-ମନ୍ତ୍ର-ତ) ଯାହାକୁ ନିମନ୍ତ୍ରଣ କରା ହୋଇଅଛି ।

ନିମାଇ, ବି. (ନାମ) ଶ୍ରୀଚୈତନ୍ୟଦେବ ।

ନିମି, ବି. (ନି-ମା-ଇ) ଇକ୍ଷ୍ୱାକୁ ପୁତ୍ର; ଚନ୍ଦ୍ରବଂଶୀୟ ଜନୈକ ରାଜା ।

ନିମିତ୍ତ, ବି. (ନି-ମିଦ୍-ତ) କାରଣ; ହେତୁ; ଶୁଭାଶୁଭ ଚିହ୍ନ; ପ୍ରୟୋଜନ; ଉଦ୍ଦେଶ୍ୟ; ଚିହ୍ନ । ଅଂ. ନିମନ୍ତେ ।

ନିମିତ୍ତ } ବି. (ଦେ) ବିବାହାଦି ଉତ୍ସବ; ଭୋଜ ।
ନିମିତ୍ୟ

ନିମିତ୍ତବିଦ, ବିଂ. (ନିମିତ୍ତ-ବିଦଂ) ଦୈବଜ୍ଞ, ଗଣକ ।

ନିମିଷ } ବି. (ନି-ମିଷ୍-ଅ) ପଲକ; ପକ୍ଷପାତ
ନିମେଷ

ନିମୀଳନ, ବି. (ନି-ମୀଳ-ଅନ) ବୁଜିବା; ମୁଦିବା ।

ନିମୀଳିତ, ବି°. (ନି-ମୀଲ୍-ତ) ମୁଦ୍ରିତ, ସଂକୁଚିତ, ମୋହିତ, ନିଷ୍ପନ୍ଦ ।
ନିମ୍ନ, ବି°. (ନି-ମ୍ନା-ଅ) ନୀଚ, ଅଧଃ, ଗଭୀର ।
ନିମ୍ନଗା, ବି. (ନିମ୍ନ-ଗମ୍-ଅ-ଆ) ନଦୀ । ବି°. ଅଧୋଗାମିନୀ ।
ନିମ୍ନୋନ୍ନତ, ବି°. (ନିମ୍ନ-ଉନ୍ନତ) ବନ୍ଧୁର, ଉଚ୍ଚ ।
ନିମ୍ବ } ବି. (ନିମ୍ବ-ଅ, ଅକ) ନିମ୍ବଗଛ ।
ନିମ୍ବକ
ନିୟତ, ବି° (ନି-ଯମ୍-ତ) ଦମିତ, ସଂଯତ, ବଦ୍ଧ ।
ନିୟତି, ବି. (ନି-ଯମ୍-ତି) ଭାଗ୍ୟ, ବିଧିବିଧାନ ।
ନିୟନ୍ତା, ବି° (ନି-ଯମ୍-ତୃ) ସାରଥି । ବି°. ନିୟାମକ ।
ନିୟନ୍ତ୍ରିତ, ବି°. (ନି-ଯନ୍ତ୍ର-ତ) ଦମିତ, ବଦ୍ଧ, ନିବାରିତ ।
ନିୟମ, ବି. (ନି-ଯମ୍-ଅ) ପ୍ରତିଜ୍ଞା, ଶପଥ, ଅଙ୍ଗୀକାର ।
ନିୟମତନ୍ତ୍ର, ବି. (ନିୟମ-ତନ୍ତ୍ର) ଯେଉଁ ଶାସନତନ୍ତ୍ରରେ ରାଜାଙ୍କୁ କେତେକ ନିୟମର ଅଧୀନ ହୋଇ ଚଳିବାକୁ ହୁଏ ।
ନିୟମିତ, ବି°. (ନି-ଯମ୍-ତ) ଦମିତ, ନିବାରିତ ।
ନିୟାମକ, ବି°.(ନି-ଯମ୍-ଅକ) ଯେ ନିୟମ ବା ବ୍ୟବସ୍ଥା କରେ ।
ନିଯୁକ୍ତ, ବି° (ନି-ଯୁଜ୍-ତ) ପ୍ରବର୍ତ୍ତିତ, ଅଧିକୃତ ।
ନିଯୁତ, ବି. (ନି-ଯୁ-ତ) ଦଶ ଲକ୍ଷ ସଂଖ୍ୟା
ନିଯୋକ୍ତା, ବି°. (ନି-ଯୁଜ୍-ତୃ) ନିୟୋଗକର୍ତ୍ତା, ପ୍ରଭୁ, ପ୍ରବର୍ତ୍ତକ ।

ନିୟୋଗ, ବି. (ନି-ଯୁଜ୍-ଅ) ଶାସନ,ଆଜ୍ଞା.ଭାରାର୍ପଣ ।

ନିୟୋଗପତ୍ର, ବି. (ନିୟୋଗ-ପତ୍ର) ଯେ ପତ୍ରଦ୍ୱାରା କୌଣସି ବ୍ୟକ୍ତିକୁ କୌଣସି କର୍ମରେ ନିଯୁକ୍ତ ୀରାଯାଏ ।

ୟୋଗୀ, ବିଂ. (ନିୟୋଗ-ଇନ୍) ନିଯୁକ୍ତ ।

ୋଜକ, ବିଂ. (ନି-ଯୁଜ୍-ଅକ) ନିୟୋଗକର୍ତ୍ତା ।

ୋଜନ, ବି. (ନି-ଯୁଜ୍-ଅନ) ପ୍ରେରଣ, ପ୍ରବର୍ତ୍ତନ ।

ୟୋଜୟିତା, ବିଂ.(ନି-ଯୋଜ-ତ )ନିୟୋଗକର୍ତ୍ତା, ଯେ ନିୟୋଗ କରେ ।

ନିୟୋଜିତ, ବିଂ. ( ନି ଯୁଜ୍-ଇ-ତ ) ପ୍ରବର୍ତ୍ତିତ ।

ନିୟୋଜ୍ୟ, ବିଂ. ( ନି-ଯୁଜ୍-ଯ ) କିଙ୍କର, ଦାସ ।

ନିର୍ / ନିସ୍ } ଅଂ. (ଉପସର୍ଗ) ନିଶ୍ଚୟ, ନିଷେଧ,ନିଃଶେଷ ।

ନିରଂଶ, ବିଂ. (ନିର୍-ଅଂଶ) ଅଂଶରହିତ,ଭାଗ୍ୟହୀନ । ବି. ସଂକ୍ରାନ୍ତ ।

ନିରକ୍ଷ, ବିଂ. (ନିର୍-ଅକ୍ଷ) ଅକ୍ଷଶୂନ୍ୟ, ନିରକ୍ଷଦେଶ, ନିରକ୍ଷବୃତ୍ତ ।

ନିରକ୍ଷର, ବିଂ. (ନିଃ-ଅକ୍ଷର) ଅକ୍ଷରଜ୍ଞାନହୀନ, ମୂର୍ଖ ।

ନିରକ୍ଷାନ୍ତର, ବି. (ନିରକ୍ଷ-ଅନ୍ତର)ନିରକ୍ଷ ରେଖାଠାରୁ ପୃଥିବୀର କୌଣସି ସ୍ଥାନର ଅନ୍ତର ।

ନିରଂଶଦିବସ, ବି. ( ନିରଂଶ-ଦିବସ ) ସଂକ୍ରାନ୍ତିର ପରବର୍ତ୍ତୀ ଦିବସ ।

ନିରଖ,ବି.(ଯା)ଭାଉ,ଦର ।(ଦେ)ଅରକ୍ଷକ ରକ୍ଷକହୀନ ।

ନିରଙ୍କୁଶ, ବିଂ. (ନିର୍-ଅଙ୍କୁଶ) ଅନିବାର୍ଯ୍ୟ, ସ୍ୱାଧୀନ।

ନିରଞ୍ଜନ, ବିଂ. (ନିର୍-ଅଞ୍ଜନ) ନିର୍ମଳ, ଅଞ୍ଜନଶୂନ୍ୟ। ବି. ପରବ୍ରହ୍ମ।

ନିରତ, ବିଂ. ( ନି-ରମ୍-ତ ) ଆସକ୍ତ, ଅନୁରକ୍ତ। ବି. ସର୍ବଦା।

ରତିଶୟ, ବିଂ. ( ନିର୍-ଅତିଶୟ ) ଅତ୍ୟୁତ୍କୃଷ୍ଟ।

ନିରତେ, କ୍ରି. ବିଂ. (ଦେ) ସର୍ବଦା।

ନିରନ୍ତର, ବିଂ. (ନିର୍-ଅନ୍ତର) ନିବିଡ଼, ଘନ। କ୍ରି. ବିଂ. ସର୍ବଦା।

ନିରନ୍ତରାଳ, ବିଂ. (ନିଃ-ଅନ୍ତରାଳ) [illegible]।

ନିରନ୍ନ, ବିଂ. (ନିର୍-ଅନ୍ନ) ଦରିଦ୍ର

ନିରନ୍ୱୟ, ନିରପତ୍ୟ } ବିଂ. (ନିର-ଅନ୍ୱୟ, ଅପତ୍ୟ) ନିଃସନ୍ତାନ।

ନିରପତ୍ରପ, ବିଂ, (ନିର୍-ଅପତ୍ରପା) ନିର୍ଲଜ୍ଜ।

ନିରପରାଧ, ବିଂ. ( ନିର୍-ଅପରାଧ ) ଅପରାଧଶୂନ୍ୟ, ନିର୍ଦ୍ଦୋଷ।

ନିରପାୟ, ନିରପାୟୀ } ବିଂ. (ନିଃ-ଅପାୟ, ନିରପାୟ-ଇନ୍) ଅକ୍ଷୟ, ଅବିନଶ୍ୱର।

ନିରପେକ୍ଷ, ବିଂ. (ନିର-ଅପେକ୍ଷା) ଅପେକ୍ଷାରହିତ, ସ୍ୱାଧୀନ

ନିରଭିମାନ, ନିରଭିମାନୀ } ବିଂ. ( ନିଃ-ଅଭିମାନ, ଅଭିମାନୀ ) ଗର୍ବହୀନ, ଅଭିମାନଶୂନ୍ୟ।

ନିରୟ, ବି. ( ନିଃ-ଅୟ=ସୌଭାଗ୍ୟ ) ପାପିମାନଙ୍କ ଯନ୍ତ୍ରଣାଭୋଗ ସ୍ଥାନ, ନରକ।

ନିରର୍ଗଳ, ବି°. (ନିଃ-ଅର୍ଗଳ) ଅବାଧ, ଅପ୍ରତିବନ୍ଧକ, ଉଚ୍ଛୃଙ୍ଖଳ ।

ନିରର୍ଥକ, ବି°. (ନିର୍-ଅର୍ଥ-କ) ବ୍ୟର୍ଥ, ବିଫଳ ।

ନିରଳସ, ବି°. (ନିଃ-ଅଳସ) ଆଳସ୍ୟହୀନ, ଉଦ୍ୟୋଗୀ ।

ନିରବ, ବି°. (ନି-ରବ) ନୀରବ, ଶବ୍ଦଶୂନ୍ୟ, ମୌନୀ ।

ନିରବକାଶ, ବି°. (ନିଃ-ଅବକାଶ) ଅବକାଶଶୂନ୍ୟ, ଅବସରରହିତ, ନିଶ୍ଛିଦ୍ର ।

ନିରବଚ୍ଛିନ୍ନ, ବି°. (ନିର୍-ଅବଚ୍ଛିନ୍ନ) ଅନବଚ୍ଛିନ୍ନ, ନିରନ୍ତର, ବିଶୁଦ୍ଧ ।

ନିରବଦ୍ୟ, ବି°. (ନିଃ-ଅବଦ୍ୟ) ନିର୍ଦ୍ଦୋଷ, ପ୍ରଶଂସାର୍ହ ।

ନିରବଧି, ବି°. (ନିଃ-ଅବଧି) ନିରନ୍ତର, ସର୍ବ୍ବଦା ।

ନିରବଲମ୍ବ } ବି (ନିଃ-ଅବ-ଲମ୍ବ-ଅ, ଅନ)
ନିରବଲମ୍ବନ } ନିରାଶ୍ରୟ, ନିଃସହାୟ ।

ନିରବଶେଷ, ବି°. (ନିଃ-ଅବଶେଷ) ସମଗ୍ର, ସମୁଦାୟ ।

ନିରବସିତ, ବି°. (ନିଃ-ଅବ-ସୋ-ତ) ବହିଷ୍କୃତ ।

ନିରସ, ବି°. (ନିର-ଅସ୍-ଅ) ନୀରସ, ରସହୀନ ।

ନିରସନ, ବି. (ନିଃ-ଅସ-ଅନ) ନିରାକରଣ, ନିକ୍ଷେପ, ହନନ, ବଧ ।

ନିରସ୍ତ, ବି°. (ନିର-ଅସ-ତ) ନିକ୍ଷିପ୍ତ, ପରିତ୍ୟକ୍ତ, ଦୂରୀକୃତ, ନିବୃତ୍ତ, ପ୍ରତିହତ ।

ନିରସ୍ତ୍ର, ବି°. (ନିର-ଅସ୍ତ୍ର) ଅସ୍ତ୍ରଶୂନ୍ୟ, ନିରାୟୁଧ ।

ନିରହଙ୍କାର, ବି°. ଅହଙ୍କାରଶୂନ୍ୟ ।

ନିରାକରଣ, ବି. (ନିର୍-ଆ-କୃ-ଅନ) ନିବାରଣ, ଖଣ୍ଡନ, ପ୍ରତ୍ୟାଖ୍ୟାନ, ଦୂରୀକରଣ, ସିଦ୍ଧାନ୍ତ ।

ନିରାକରିଷ୍ଣୁ, ବି°. (ନିର୍-ଆ-କୃ-ଇଷ୍ଣୁ) ପ୍ରତ୍ୟାଖ୍ୟାନ-କାରୀ, ନିବାରଣଶୀଳ ।

ନିରାକାଙ୍କ୍ଷ, ବି°. (ନିର-ଆକାଙ୍କ୍ଷା) ନିଷ୍ପୃହ ।

ନିରାକାର, ବି.(ନିର୍-ଆ-କୃ-ଅ) ଆକାଶ, ବିଷ୍ଣୁ ,ଶିବ ।

ନିରାକୃତ, ବି°. (ନିର୍-ଆ-କୃ-ତ) ନିବାରିତ ।

ନିରାକୃତି, ବି. (ନିର୍-ଆ କୃ-ତି) ନିବାରଣ ।

ନିରାଟ, ବି°. (ଦେଶଜ) ନିଶ୍ଚିତ,ଅଚ୍ଛିଦ୍ର, ଦୃଢ଼, ନିଦା ।

ନିରାତଙ୍କ, ବି°.(ନିଃ-ଆତଙ୍କ) ଆତଙ୍କରହିତ, ନିର୍ଭୟ

ନିରାଧାର, ବି°. ( ନିଃ-ଆଧାର ) ନିରାଶ୍ରୟ । (ଦେ) ଉପବାସୀ, ନିଶ୍ଚିତ ।

ନିରାନନ୍ଦ, ବି°. (ନିର୍-ଆନନ୍ଦ) ଆନନ୍ଦଶୂନ୍ୟ ।

ନିରାପଦ, ବି°. (ନିର୍-ଆପଦ) ଅକଣ୍ଟକ ।

ନିରାମୟ, ବି°. (ନିଃ-ଆମୟ) ରୋଗହୀନ, ସୁସ୍ଥ ।

ନିରାମିଷ, ବି°. (ନିର-ଆମିଷ) ମାଂସାଦି ଆମି

ନିରାୟୁଧ, ବି°. (ନିଃ-ଆୟୁଧ) ନିରସ୍ତ୍ର, ଆୟୁଧଶୂ

ନିରାଶ, ବି°. (ନିର୍-ଅବ-ଆଲମ୍ବ) ଅବଲମ୍ବନଶୂନ

ନିରାଶା, ବି. (ନିଃ-ଆଶା) ନୈରାଶ୍ୟ, ଆଶାହୀନତ

ନିରାଶ୍ରୟ, ବି° (ନିର୍-ଆଶ୍ରୟ) ଅସହାୟ, ଅଶରଣ ।

ନିରାସ, ବି. (ନିର୍-ଅସ୍-ଅ) ନିକ୍ଷେପ, ତ୍ୟାଗ ।

ନିରାହାର, ବି°. (ନିଃ-ଆହାର) ଉପବାସୀ । ବି. ଭୋଜନାଭାବ ।

ନିରିନ୍ଦ୍ରିୟ, ବି°. (ନିଃ-ଇନ୍ଦ୍ରିୟ) ଇନ୍ଦ୍ରିୟରହିତ ।

ନିରୀକ୍ଷକ, ବିଂ. (ନିର୍-ଈକ୍ଷ-ଅକ) ଦର୍ଶକ, ଯେ ନିରୂପଣ କରେ ।

ନିରୀକ୍ଷଣ, ବିଂ. (ନିର-ଈକ୍ଷ-ଅନ) ଦର୍ଶନ ।

ନିରୀକ୍ଷମାଣ, ବିଂ. (ନିର-ଈକ୍ଷ-ଆନ ଯେ ଦେଖୁଅଛି

ନିରୀକ୍ଷିତ, ବିଂ. (ନିର-ଈକ୍ଷ-ତ) ଦୃଷ୍ଟ, ଅବଲୋକିତ ।

ନିରୀଶ୍ୱର, ବିଂ (ନିର୍-ଈଶ୍ୱର) ଯେ ଈଶ୍ୱରଙ୍କ ଅସ୍ତିତ୍ୱ ସ୍ୱୀକାର ନ କରେ ।

ନିରୀଶ୍ୱରବାଦୀ, ବିଂ. (ନିରୀଶ୍ୱର-ବାଦ-ଇନ୍) ଈଶ୍ୱର ନାହାନ୍ତି ଏହି ମତ ଯେ ଅବଲମ୍ବନ କରେ ।

ନିରୀହ, ବିଂ. (ନିର୍-ଈହା) ନିଶ୍ଚେଷ୍ଟ, ଶାନ୍ତପ୍ରକୃତିକ, ଧୀର, ଶିଷ୍ଟ ।

ନିରୁକ୍ତ, ବି. (ନିର୍-ବଚ୍-ତ) ବେଦାଙ୍ଗ ଗ୍ରନ୍ଥବିଶେଷ, ନିଂସିତ ।

ନିରୁକ୍ତି, ବି. (ନିର୍-ଉକ୍ତି) ନିଃଶେଷକଥନ, ମୀମାଂସା

ନିରୁତା, ବିଂ (ଦେଶଜ) ଅବିମିଶ୍ର, ପରିଶୁଦ୍ଧ, ଉତ୍ତମ ।

ନିରୁତ୍ତର, ବିଂ. (ନିର୍-ଉତ୍ତର) ଯେ ଉତ୍ତର ଦେଇ

ନିରୁଦ୍ଧ, ବିଂ (ନି-ରୁଧ୍-ତ) ନିବାରିତ, ଅବରୁଦ୍ଧ ।

ନିରୁପମ, ବିଂ (ନିର୍-ଉପମା) ଯାହାର ଉପମା ନାହିଁ, ସର୍ବୋତ୍କୃଷ୍ଟ ।

ନିରୁପାଧି, ବିଂ. (ନିଃ-ଉପାଧି) ପରିଶୁଦ୍ଧ, ଛଳଶୂନ୍ୟ ।

ନିରୂଢ଼, ବିଂ. (ନି-ରୁହ୍-ତ) ଉତ୍ପନ୍ନ, ପ୍ରସିଦ୍ଧ ।

ନିରୂପକ, ବିଂ. (ନି-ରୂପ-କ) ନିର୍ଣ୍ଣାୟକ ।

ନିରୂପଣ, ବି. (ନି-ରୂପ୍-ଅନ) ନିର୍ଣ୍ଣୟ ।

ନିରୂପିତ, ବିଂ. (ନି-ରୂପ-ତ) ନିର୍ଣ୍ଣୀତ, ସ୍ଥିରୀକୃତ ।

ନିରେଖ, ବିଂ (ଦେ) ଅରକ୍ଷକ, ରକ୍ଷକହୀନ, ଅନାଥ ।

ନିରେଖିବା, କ୍ରି. (ଦେଶଜ) ଦେଖିବା, ଅନାଇବା ।

ନିରୋଧ, ବି. (ନି-ରୁଧ୍-ଅ) ବେଷ୍ଟନ, ଅବରୋଧନ, ବାରଣ, କ୍ଷତ, ନିଗ୍ରହ ।

ନିରୋଧକ, ବିଂ. (ନି-ରୁଧ୍-ଅକ) ନିରୋଧକାରକ ।

ନିରୋଧନ, ବି. (ନି-ରୁଧ୍-ଅନ) ରୁଦ୍ଧ କରିବା, ବାଧା ।

ନିରୋଳ, ବିଂ. (ନି-ରୋଳ) ନିର୍ଜନ, ଏକାନ୍ତ, ନିଃଶବ୍ଦ ।

ନିରୋଳା, ବିଂ. (ଦେ) ନିର୍ଜନ, ଖାଣ୍ଟି ।

ନିର୍ଋତି, ବି. ( ନିଃ-ଋତ ) ଦକ୍ଷିଣ ପଶ୍ଚିମ କୋଣର ଅଧିଷ୍ଠାତ୍ରୀ ଦେବତା, ଅଲକ୍ଷ୍ମୀ ।

ନିର୍ଗତ, ବିଂ. ( ନିର୍-ଗମ୍-ତ ) ବହିର୍ଗତ, ନିଃସୃତ ।

ନିର୍ଗନ୍ଧ, ବିଂ. (ନିଃ-ଗନ୍ଧ) ଗନ୍ଧଶୂନ୍ୟ ।

ନିର୍ଗମ, ନିର୍ଗମନ } ବି. ( ନିର-ଗମ୍-ଅ,ଅନ ) ବହିର୍ଗମନ, ବାହାରିବା ।

ନିର୍ଗୁଣ, ବିଂ. (ନିଃ-ଗୁଣ) ଗୁଣହୀନ, ପରମାତ୍ମା ।

ନିର୍ଗୁଣ୍ଡୀ, ବି. (ନିଃ-ଗୁଣ-ଅ-ଈ) ସିନ୍ଧୁବାର ବୃକ୍ଷ ।

ନିର୍ଗୂଢ଼, ବିଂ. (ନିର୍-ଗୁହ୍-ତ) ସଂବୃତ, ନିତାନ୍ତ ଗୁଢ଼ ।

ନିର୍ଘଣ୍ଟ, ବି. ( ନିର୍-ଘଣ୍ଟ-ଅ ) ସୂଚିପତ୍ର, ନିର୍ଣ୍ଣୟ, ନିରୂପଣ, ସିଦ୍ଧାନ୍ତ ।

ନିର୍ଘାତ, ବି. ( ନିର୍-ହନ୍-ତ ) ଗମ୍ଭୀର ଶବ୍ଦ, (ଦେଶଜ) ବଜ୍ର । ବିଂ. ନିଷ୍ଠୁର, ଭୟାନକ ।

ନିର୍ଘୋଷ, ବି. (ନିର୍-ଘୁଷ୍-ଅ) ଶବ୍ଦ, ଗମ୍ଭୀରଧ୍ୱନି।
ନିର୍ଜନ, ବିଂ. (ନିର୍-ଜନ) ଜନଶୂନ୍ୟ।
ନିର୍ଜର, ବି. (ନିର୍-ଜରା) ଦେବତା, ତ୍ରିଦଶ।
ନିର୍ଜଳ, ବିଂ. (ନିର୍-ଜଳ) ଜଳହୀନ, ଶୁଷ୍କ।
ନିର୍ଜିତ, ବିଂ. (ନିର୍-ଜି-ତ) ପରାଜିତ, ବଶୀକୃତ।
ନିର୍ଜୀବ, ବିଂ. (ନିର-ଜୀବ) ଜୀବନଶୂନ୍ୟ,ମୂର୍ଚ୍ଛାଗତ।
ନିର୍ଝର, ବି. (ନିର୍-ଝର-ଅ) ଝରଣା, ବାରିପ୍ରବାହ।
ନିର୍ଝରିଣୀ, ବି. (ନିର୍-ଝର-ଇନ୍-ଈ) ନଦୀ, ଗିରିନଦୀ, ଝରଣା।
ନିର୍ଣ୍ଣୟ, ନିର୍ଣ୍ଣୟନ } ବି. ( ନିର୍-ନୀ-ଅ, ଅନ ) ନିଷ୍ପତ୍ତି, ସିଦ୍ଧାନ୍ତ।
ନିର୍ଣ୍ଣାୟକ, ବିଂ. (ନିର୍-ନୀ-ଅକ) ନିଷ୍ପତ୍ତିକାରକ।
ନିର୍ଣ୍ଣୀତ, ବିଂ. (ନିର୍-ନୀ-ତ) ଅବଧାରିତ, ନିରୂପିତ।
ନିର୍ଣ୍ଣେୟ, ବିଂ,(ନିର୍-ନୀ-ଯ) ନିଷ୍ପତ୍ତି କରିବା ଯୋଗ୍ୟ।
ନିର୍ଦଶନ, ବିଂ, (ନିର୍-ଦଶନ) ଦନ୍ତହୀନ।
ନିର୍ଦୟ, ବିଂ. (ନିର୍-ଦୟା) ନିଷ୍ଠୁର, ହିଂସ୍ର, କ୍ରୂର।
ନିର୍ଦିଷ୍ଟ, ବିଂ. (ନିର-ଦିଶ୍-ତ) ନିରୂପିତ, ନିର୍ଦ୍ଧାରିତ।
ନିର୍ଦ୍ୱନ୍ଦ୍ୱ, ବିଂ. (ନିର୍-ଦ୍ୱନ୍ଦ୍ୱ) ଶୀତୋଷ୍ଣାଦି ବା ରାଗ ଦ୍ୱେଷାଦି ଦ୍ୱନ୍ଦ୍ୱଶୂନ୍ୟ।
ନିର୍ଦେଶ, ବି. (ନିର-ଦିଶ୍-ଅ) ଆଦେଶ,ଆଜ୍ଞା,ନିରୂପଣ।
ନିର୍ଦେଶକ, ନିର୍ଦେଷ୍ଟା } ବିଂ. (ନିର-ଦିଶ୍-ଅକ, ତୃ) ଉଲ୍ଲେଖକ, ପ୍ରଦର୍ଶକ, ଆଜ୍ଞାପକ।
ନିର୍ଦୋଷ, ବିଂ. ( ନିର୍-ଦୋଷ ) ଅପରାଧଶୂନ୍ୟ।

ନିର୍ଧନ, ବିଂ. (ନିର୍-ଧନ) ଧନହୀନ, ଦରିଦ୍ର ।

ନିର୍ଧନତା, ବି. (ନିର୍ଦ୍ଧନ-ତା) ଧନଶୂନ୍ୟତା, ଦରିଦ୍ରତା ।

ନିର୍ଧୂମ, ବିଂ. ( ନିଃ-ଧୂମ ) ଧୂମବିହୀନ, ଧୂମଶୂନ୍ୟ । (ଦେ) ଭୟଙ୍କର, ନିର୍ବାଧ. ଯଥା—ନିର୍ଧୂମ ମାଡ଼ ।

ନିର୍ଦ୍ଧାର, ନିର୍ଦ୍ଧାରଣ } ବିଂ. ( ନିର୍-ଧୃ-ଅ, ଅନ ) ନିର୍ଣ୍ଣୟ, ମୀମାଂସା ।

ନିର୍ଦ୍ଧାରକ, ବିଂ. (ନିର୍-ଧାରି-ଅକ) ଯେ ନିର୍ଦ୍ଧାରଣ କରେ ।

ନିର୍ଦ୍ଧାରିତ, ବିଂ. (ନିର୍-ଧାରି-ତ) ନିଶ୍ଚିତ, ସିଦ୍ଧାନ୍ତ ।

ନିର୍ଦ୍ଧାର୍ଯ୍ୟ, ବିଂ. ( ନିର୍-ଧାରି-ଯ ) ନିର୍ଣ୍ଣେୟ ।

ନିର୍ଦ୍ଧୂତ, ବିଂ. (ନିର୍-ଧୂ-ତ) ବିବର୍ଜିତ, ପରିଷ୍କୃତ ।

ନିର୍ନିମିତ୍ତ, ବିଂ. (ନିର୍-ନିମିତ୍ତ) ଅକାରଣ, ଆକସ୍ମିକ ।

ନିର୍ବନ୍ଧ, ବି. (ନିର-ବନ୍ଧ୍-ଅ) ଅଭିନିବେଶ, ଆଗ୍ରହ, ବ୍ୟବସ୍ଥା, ନିୟମ, ସ୍ଥିରୀକରଣ, ବରକନ୍ୟା ବିବାହ ପ୍ରସଙ୍ଗରେ ବାଗ୍‌ଦାନ ।

ନିର୍ବଳ, ବିଂ. (ନିର୍-ବଳ) ଶକ୍ତିହୀନ, କ୍ଷୀଣ ।

ନିର୍ବାଧ, ବିଂ. (ନିଃ-ବାଧା) ବାଧାରହିତ, ପ୍ରତିବନ୍ଧକଶୂନ୍ୟ

ନିର୍ବୁଦ୍ଧି, ନିର୍ବୋଧ } ବିଂ. (ନିର୍-ବୁଦ୍ଧି, ବୋଧ) ଅଜ୍ଞାନ, ମୂର୍ଖ ।

ନିର୍ଭୟ, ବିଂ. (ନିର୍-ଭୀ-ଅ) ନିଃଶଙ୍କ, ଭୟରହିତ ।

ନିର୍ଭର, ବିଂ. ( ନିର୍-ଭୃ, ଅ ) ଅଧିକ, ଅତିରିକ୍ତ, ବହୁଳ, ଭାର, ଆଶ୍ରୟ ।

ନିର୍ଭର, ବି. (ଦେ) ନିର୍ବାହ, ନିଷ୍ପତ୍ତି ।

ନିର୍ଭିନ୍ନ, ବିଂ. (ନିର୍-ଭିଦ୍-ତ) ବିଦଳିତ, ଖଣ୍ଡିତ ।
ନିର୍ଭୀକ, ବିଂ. (ନିର୍-ଭୀ-କ) ଭୟରହିତ, ନିଃଶଙ୍କ ।
ନିର୍ଭେଦ, ବି. (ନିର୍-ଭେଦ) ନିବାରଣ, ବିଭଜନ ।
ନିର୍ମନ୍ଥ } ବି. ( ନିର୍-ମନ୍ଥ-ଅ, ଅନ ) ମନ୍ଥନ,
ନିର୍ମନ୍ଥନ } ମର୍ଦ୍ଦନ ।
ନିର୍ମମ, ବିଂ. ( ନିର୍-ମମ ) ମମତାଶୂନ୍ୟ, ବାସନା-ରହିତ ।
ନିର୍ମଳ, ବିଂ. (ନିର୍-ମଲ୍-ଅ) ଶୁଦ୍ଧ, ସ୍ୱଚ୍ଛ, ପରିଷ୍କୃତ ।
ନିର୍ମାଖୀ } ବିଂ. (ନିରକ୍ଷ ଶବ୍ଦଜ) ନିରକ୍ଷର ।
ନିରମାଖୀ }
ନିର୍ମାଣ, ବି. (ନିର୍-ମା-ଅନ) ଗଠନ, ରଚନ, ଗ୍ରନ୍ଥନ ।
ନିର୍ମାତା, ବିଂ. ( ନିର୍-ମା-ତୃ ) ନିର୍ମାଣକର୍ତ୍ତା ।
ନିର୍ମାଲ୍ୟ, ବି. ( ନିର୍ମଳ-ଯ କିମ୍ବା ନିର୍-ମାଲ୍ୟ ) ନିର୍ମଳତା, ଦେବତାଙ୍କ ନିକଟରେ ଅର୍ପିତ ମାଲ୍ୟ-ପୁଷ୍ପାଦି ।
ନିର୍ମିତ, ବିଂ, (ନିର୍-ମାତ) ରଚିତ, ଗଠିତ, ପ୍ରସ୍ତୁତ ।
ନିର୍ମୁକ୍ତ, ବିଂ. ( ନିର୍-ମୁଚ୍-ତ ) କାତିଛଡ଼ା ସାପ, ବନ୍ଧନମୁକ୍ତ ।
ନିର୍ମୂଳ, ବିଂ. (ନିର୍-ମୂଳ) ଯାହାର ମୂଳ ପର୍ଯ୍ୟନ୍ତ ନଷ୍ଟ ହୋଇଅଛି ।
ନିର୍ମୂଳୀ, ବି. (ଦେ) ମୂଳହୀନ ପରାଙ୍ଗପୁଷ୍ଟ ଲତା-ବିଶେଷ ।
ନିର୍ମୋକ, ବି. ( ନିର୍-ମୁଚ୍-ଅ ) ସାପକାତି, ସାଞ୍ଜୁ ।

ନିର୍ମୋହ, ବି°. (ନିର୍-ମୋହ) ମୋହଶୂନ୍ୟ ।

ନିର୍ଯାଣ, ବି. (ନିର୍-ଯା-ଅନ) ମୁକ୍ତି, ପଶୁର ଧୃଷ୍ଟାସ୍ତରଣ, ପଲାଣ, ବହିର୍ଗମନ ।

ନିର୍ଯାତ, ବି°. ( ନିର୍-ଯା-ତ ) ନିଃସୃତ, ବହିର୍ଗତ ।

ନିର୍ଯାତକ, ବି°. (ନିର୍-ଯାତକ) ଯେ ଅନିଷ୍ଟ କରେ ।

ନିର୍ଯାତନ,(ନା), ବି. (ନିର୍-ଯାତ-ଅନ) ଅନିଷ୍ଟକାରୀର ଅନିଷ୍ଟ କରିବା, ପ୍ରତିହିଂସା, ପ୍ରହାର, ପ୍ରତ୍ୟର୍ପଣ ।

ନିର୍ଯ୍ୟାତିତ, ବି°. ( ନିର୍-ଯାତ-ତ ) ନିଗୃହୀତ, ଉତ୍ପୀଡ଼ିତ, ଲାଞ୍ଛିତ ।

ନିର୍ଯାମ, ବି. (ନିର୍-ଯମ୍-ଅ) ପୋତବାହ, ନାବିକ ।

ନିର୍ଯାସ, ବି°. (ନିର-ଯସ୍-ଅ) ରସ, କ୍ୱାଥ, ଅଠା ।

ନିର୍ଲଜ୍ଜ, ବି. (ନିର୍-ଲଜ୍ଜା) ଲଜ୍ଜାହୀନ, ବେହୟା ।

ନିର୍ଲିପ୍ତ, ବି°. (ନିର୍-ଲିପ୍-ତ) ଲେପଶୂନ୍ୟ, ସମ୍ବନ୍ଧ-ଶୂନ୍ୟ, ଅନାସକ୍ତ ।

ନିର୍ଲେପ, ବି°. (ନିର୍-ଲିପ୍-ଅ) ଲେପଶୂନ୍ୟ, ପାପଶୂନ୍ୟ, ସ୍ୱତନ୍ତ୍ର, ସାଧୁ ।

ନିର୍ଲୋମ, ବି°. (ନିର୍-ଲୋମ) ଲୋମହୀନ ।

ନିର୍ବଚନ, ବି. (ନିର୍-ବଚନ) ବ୍ୟାଖ୍ୟା, ମୀମାଂସା ।

ନିର୍ବର୍ଷପ୍ରଦେଶ, ବି. ( ନିର୍ବର୍ଷ-ପ୍ରଦେଶ ) ଯେଉଁ ଅଞ୍ଚଳରେ ଆଦୌ ବୃଷ୍ଟିପାତ ହୁଏ ନାହିଁ ।

ନିର୍ବର୍ହଣ, ବି. (ନିର୍-ବର୍ହ୍-ଅନ ବିନାଶ, ମାରଣ ।

ନିର୍ବହଣ, ବି. (ନିର-ବହ-ଅନ) ନିଷ୍ପା, ନିର୍ବାହ ।

ନିର୍ବାଚନ, ବି. ( ନିର୍-ବାଚ-ଅନ ) ନିର୍ଦ୍ଧାରଣ, ମନୋନୀତ କରିବା, ବାଛି ବାହାର କରିବା, ନିଭିବା, ଶାନ୍ତ । ବିଂ. ମୁକ୍ତ ।

ନିର୍ବାଣ, ବି. (ନିର୍-ବା-ତ ବା ଅନ) ମୋକ୍ଷ, ନାଶ

ନିର୍ବାତ, ବିଂ. (ନିର୍-ବା-ତ) ବାୟୁଶୂନ୍ୟ ।

ନିର୍ବାଦ, ଧିଂ. ( ନିର୍-ବଦ୍-ଅ ) ଅପବାଦ, କଳଙ୍କ ।

ନିର୍ବାପ } ବି. (ନିର୍-ବପ୍-ଅ, ନି-ବପ୍-ଅ) ପିତୃଲୋକ ଉଦ୍ଦେଶ୍ୟରେ ଦାନ, ନିଭାଇଦେବା ।
ନିବାପ }

ନିର୍ବାପକ, ବିଂ. (ନିର୍-ବାପି-ଅକ) ବିନାଶକ, ଯେ ନିଭାଇ ଦିଏ ।

ନିର୍ବାପଣ, ବି. ( ନିର୍-ବାପି-ଅନ ) ନିଭାଇଦେବା, ବଧ, ନାଶ, ଦାନ ।

ନିର୍ବାପିତ, ବିଂ. (ନିର୍-ବାପି-ତ) ନାଶିତ, ନିର୍ବାଣପ୍ରାପିତ ।

ନିର୍ବାସକ, ବିଂ. (ନିର୍-ବାସି-ଅକ) ନିର୍ବାସନକାରୀ ।

ନିର୍ବାସନ, ବି. (ନିର୍-ବାସି-ଅନ) ଦେଶରୁ ତଡ଼ିବା ।

ନିର୍ବାସିତ, ବିଂ. (ନିର୍-ବାସ-ତ) ଦ୍ୱୀପାନ୍ତରିତ, ହୃତ ।

ନିର୍ବାହ, ବି. ( ନିର୍-ବହ୍-ଅ ) ସମ୍ପାଦନ, ନିଷ୍ପତ୍ତି ।

ନିର୍ବାହକ, ବିଂ. (ନିର୍-ବାହି-ଅକ) ସମ୍ପାଦକ ।

ନିର୍ବାହିତ, ବିଂ. ( ନିର୍-ବାହି-ତ ) ଯାହା ସମ୍ପନ୍ନ ହୋଇଅଛି ।

ନିର୍ବିକଳ୍ପ, ବିଂ. (ନିର୍-ବିକଳ୍ପ) ସଂଶୟ, ସମ୍ପାଦିତ ,ନିଷ୍ପାଦିତ । ବିଂ, ଅଖଣ୍ଡ ଜ୍ଞାନ ।

ନିର୍ବିକାର, ବି°. (ନିର୍-ବିକାର) ବିକାରଶୂନ୍ୟ।

ନିର୍ବିଘ୍ନ, ବି. (ନିର୍-ବିଘ୍ନ) ବାଧାରହିତ।

ନିର୍ବିଣ୍ଣ, ବି°. (ନିର୍-ବିଦ୍-ତ) ଦୁଃଖିତ, ଖିନ୍ନ।

ନିର୍ବିବେକ, ବି°. (ନିର୍-ବିବେକ) ଅବିବେକୀ।

ନିର୍ବିଶଙ୍କ, ବି°. (ନିର-ବି-ଶଙ୍କା) ନିର୍ଭୟ।

ନିର୍ବିଶେଷ, ବି°. (ନିର୍-ବିଶେଷ) ଅଭିନ୍ନ।

ନିର୍ବିଷ୍ଟ, ବି°. (ନିର-ବିଶ୍-ତ) ପ୍ରାପ୍ତ, ଲବ୍ଧ, ଅନୁଭୂତ।

ନିର୍ବୀର୍ଯ୍ୟ, ବି°. (ନିର୍-ବୀର୍ଯ୍ୟ) ବୀର୍ଯ୍ୟହୀନ, ନିସ୍ତେଜ।

ନିର୍ବୁଦ୍ଧି, ବି°. (ନିର୍-ବୁଦ୍ଧି) ନିର୍ବୋଧ, ବୋକା।

ନିର୍ବୃତ, ବି°. (ନିର-ବୃ-ତ) ସନ୍ତୁଷ୍ଟ।

ନିର୍ବୃତି, ବି. (ନିର୍-ବୃ-ତି) ମୃତ୍ୟୁ, ମୁକ୍ତି, ସିଦ୍ଧି।

ନିର୍ବୃତ୍ତ, ବି°. (ନିର୍-ବୃତ୍-ତ) ନିଷ୍ପନ୍ନ, ସମ୍ପନ୍ନ।

ନିର୍ବୃତ୍ତି, ବି. (ନିର୍-ବୃତ୍-ତି) ନିଷ୍ପତ୍ତି, ଶାନ୍ତି, ମୃତ୍ୟୁ, ମୁକ୍ତି। ବି°. ଜୀବିକାଶୂନ୍ୟ।

ନିର୍ବେଦ, ବି. (ନିର୍-ବିଦ୍-ଅ) ସ୍ୱାବମାନନା, ବୈରାଗ୍ୟ।

ନିର୍ବ୍ୟାଜ, ବି°, (ନିର୍-ବ୍ୟାଜ) ଅକପଟ, ଛଦ୍ମଶୂନ୍ୟ।

ନିର୍ହ୍ରାଦ, ବି. (ନିର୍-ହ୍ରାଦ୍-ଅ) ନିନାଦ, ଶବ୍ଦ, ଧ୍ୱନି।

ନିଲଜ. ବି°. (ଦେ) ନିର୍ଲଜ୍ଜ। ସ୍ତ୍ରୀ. ନିଲଜୀ।

ନିଲକ୍ଷଣୀ, ବି°. ସ୍ତ୍ରୀ. (ଦେ) ଦୁର୍ଲକ୍ଷଣା, ଅଲକ୍ଷଣୀ।

ନିଳୟ, ବି. (ନି-ଲୀ-ଅ) ଆଳୟ, ଗୃହ, ବାସସ୍ଥାନ।

ନିଲାମ, ବି. (ଯାବନିକ) ପ୍ରକାଶ୍ୟରେ ଡାକହାକ କରି ବିକ୍ରିବା।

ନିବର୍ତ୍ତ, ବି°. (ନି-ବୃତ୍-ଅ) ନିବୃତ୍ତ, କ୍ଷାନ୍ତ, ବିରତ।

ନିବର୍ତ୍ତନ, ବି. (ନି-ବୃତ୍-ଅନ) ବିରାମ, ପ୍ରତ୍ୟାବର୍ତ୍ତନ ।

ନିବର୍ତ୍ତିତ, ବିଂ. (ନି-ବର୍ତ୍ତି-ତ) ନିବାରିତ ।

ନିବର୍ହଣ, ବି. (ନି-ବର୍ହ-ଅନ) ବିନାଶ, ମାରଣ, ବଧ ।

ନିବର୍ହିତ, ବିଂ. (ନି-ବର୍ହ-ତ) ବିନାଶିତ, ନିହତ ।

ନିବସତି, ବି. (ନି-ବସ୍-ତି) ଗୃହ, ବାସସ୍ଥାନ ।

ନିବସଥ, ବି. (ନି-ବସ୍-ଅଥ) ଲୋକାଳୟ, ଗ୍ରାମ ।

ନିବସନ, ବି. (ନି-ବସ୍-ଅନ) ନିବାସ, ଗୃହ, ବସ୍ତ୍ର ।

ନିବହ, ବି. (ନି-ବହ୍-ଅ) ନିକର, ସମୂହ ।

ନିବାଡ଼, ବିଂ. (ନିବିଡ଼ ଶବ୍ଦଜ) ଦୃଢ଼, ମଜବୁତ ।

ନିବାତ, ବି. (ନି-ବାତ) ଦୃଢ଼, କବଚ । ବିଂ. ବାତ-ଶୂନ୍ୟ ସ୍ଥାନ ।

ନିବାତକବଚ, ବି. ( ନାମ ) ମହାବଳ ତିନି କୋଟି ରାକ୍ଷସ ।

ନିବାର, ବି. (ନି-ବୃ-ଅ) ନିବାରଣ, ପ୍ରତିରୋଧ ।

ନିବାରଣ, ବି. (ନି-ବାରି-ଅନ) ନିଷେଧ, ବାରଣ ।

ନିବାରଣୀୟ, ନିବାର୍ଯ୍ୟ } ବିଂ. (ନି-ବୃ-ଅନୀୟ,ଯ) ନିବାରଣ-ଯୋଗ୍ୟ ।

ନିବାରିତ, ବିଂ. (ନି-ବାରି-ତ) ଯାହାକୁ ବାରଣ କରା ହୋଇଅଛି ।

ନିବାସ, ବି. (ନି-ବସ୍-ଅ) ଗୃହ, ବାସସ୍ଥାନ ।

ନିବାସୀ, ବିଂ. (ନି-ବସ୍-ଇନ୍) ବାସକାରୀ, ବାସିନ୍ଦା ।

ନିବିଡ଼, ବିଂ. (ନି-ବିଲ, ଲ ସ୍ଥାନରେ ଡ)ଗାଢ଼, ଘନ ।

ନିବିଷ୍ଟ, ବିଂ. (ନି-ବିଶ୍-ତ) ନିବେଶଯୁକ୍ତ,ମନୋଯୋଗୀ । ବିଂ. ଆଚ୍ଛାଦିତ ।

ନିବୃତ, ବି. (ନି-ବୃ-ତ) ଆଚ୍ଛାଦନ ବସ୍ତ୍ର ।

ନିବୃତ୍ତ, ବିଂ. (ନି-ବୃତ୍-ତ) ବିରାମ, କ୍ଷାନ୍ତ ।

ନିବୃତ୍ତି, ବି. (ନି-ବୃତ୍-ତି) କ୍ଷାନ୍ତି, ବିଶ୍ରାମ, ଉପଶମ ।

ନିବେଦନ, ବି. (ନି-ବିଦ୍-ଅନ) ବିଜ୍ଞାପନ, ଆବେଦନ ।

ନିବେଦିତ, ବିଂ. (ନି-ବେଦି-ତ) ଜ୍ଞାପିତ, ସମର୍ପିତ ।

ନିବେଦ୍ୟ, ବିଂ. (ନି-ବେଦି-ଯ) ସମର୍ପଣୀୟ ।

ନିବେଶ, ବି (ନି-ବିଶ୍-ଅ) ମନୋଯୋଗ, ଶିବିର, ସୈନ୍ୟବିନ୍ୟାସ ।

ନିବେଶିତ, ବିଂ. (ନି-ବିଶ୍-ଇତ) ସ୍ଥାପିତ, ପ୍ରବେଶିତ ।

ନିଶ, ବି. (ଦେ) ମୁଛ, ଖାରିକେଶ ।

ନିଶମନ, ବି. (ନି-ଶମ୍-ଅନ) ଦର୍ଶନ, ଶ୍ରବଣ ।

ନିଶା, ବି. ( ନି-ଶୋ-ଅ-ଆ ) ରାତ୍ରି, ହରିଦ୍ରା । (ଯା) ଅମଲ, ମାଦକଦ୍ରବ୍ୟ ।

ନିଶାକର, ବି. (ନିଶା-କୃ-ଅ) ଚନ୍ଦ୍ର, କୁକ୍କୁଟ ।

ନିଶାଖୋର, ବିଂ. (ଯା) ମାଦକସେବୀ ।

ନିଶାଗର୍ଜନ, ବି. ( ଦେ ) ନିଶୀଥ ସମୟରେ ଯେଉଁ ଅବ୍ୟକ୍ତ ଗମ୍ଭୀର ଶବ୍ଦ ଶୁଣାଯାଏ ।

ନିଶାଚର, ବି. ( ନିଶା-ଚର ) ରାକ୍ଷସ, ପେଚକ, ଚୌର । ଚରୀ, ସ୍ତ୍ରୀ. ରାକ୍ଷସୀ ।

ନିଶାଜଳ, ବି. (ନିଶା-ଜଳ) ହିମ, କାକର, ତୁଷାର ।

ନିଶାଟ, ବି. (ନିଶା-ଅଟ୍-ଅ) ପେଚକ, ନିଶାଚର ।

ନିଶାଣ, ବି. ( ନିଦର୍ଶନ ଶବ୍ଦଜ ) ଚିହ୍ନ, ନାଗରା ।
ନିଶାଣଦାର, ବିଂ. (ଯା) ଯେ ଚିହ୍ନାଇଦିଏ ।
ନିଶାଦ, ବି. (ନି ଶଦ୍-ଅ) ଚଣ୍ଡାଳ, ବ୍ୟାଧ ।
ନିଶାନ୍ତ, ବି. (ନିଶା-ଅନ୍ତ) ରାତ୍ରିର ଶେଷ, ପ୍ରଭାତ (ନି-ଶମ୍-ତ) ଗୃହ, ଭବନ । ବିଂ. ଶାନ୍ତ ।
ନିଶାପ, ବି. (ଯା) ନିଷ୍ପତ୍ତି, ନ୍ୟାୟାନ୍ୟାୟ ବିଚାର ।

ନିଶାପତି
ନିଶାନାଥ
ନିଶାମଣି } ବି. ( ନିଶା-ପତି, ନାଥ, ମଣି) ଚନ୍ଦ୍ର, କର୍ପୂର ।

ନିଶାମୃଗ, ବି. (ନିଶା-ମୃଗ) କୁକୁର ।
ନିଶାବେଦୀ, ବି. (ନିଶା-ବିଦ୍-ଇନ୍) କୁକ୍କୁଟ ।
ନିଶି, ବି. (ନିଶା ଶବ୍ଦର ୭ମୀ ଏକ ବଚନ) ରାତିରେ । (ଦେ) ରାତି ।
ନିଶିତ, ବିଂ. (ନି-ଶୋ-ତ) ଶାଣିତ, ତୀକ୍ଷ୍ଣୀକୃତ । ବି. ଲୌହ ।
ନିଶୀଥ, ବି. (ନି-ଶୀ-ଥ) ଅର୍ଦ୍ଧରାତ୍ରି ।

ନିଶୀଥିନୀ
ନିଶୀଥ୍ୟା } ବି. (ନିଶୀଥ-ଇନ୍-ଈ,ଯ) ରାତି, ରଜନୀ

ନିଶୁଣି, ବି. ( ନିଃଶ୍ରେଣୀ ଶବ୍ଦଜ ) କାଠ ବା ବାଉଁଶ ନିର୍ମିତ ସିଢ଼ି ।
ନିଷ୍ଟପ୍ତ, ବି. (ନିର୍-ତପ-ଅ) ନିଷ୍ଠୀବ ।
ନିଷ୍ଚଳ, ବିଂ. (ନିର୍-ଚଳ-ଅ) ସ୍ଥିର ।
ନିଷ୍ଠିତ, ବିଂ. (ନିର୍-ଷ୍ଠିବ-ତ) ନିଷ୍ଠୀବ ।

ନିଶ୍ଚନ୍ଦ୍ର, ବି. (ନିର୍-ଚନ୍ଦ୍ର) ଚନ୍ଦ୍ରଶୂନ୍ୟ ।

ନିଶ୍ଚେ, କ୍ରି, ବି. (ଦେ) ଅବଶ୍ୟ, ନିଶ୍ଚୟରୂପେ ।

ନିଶ୍ଚେଷ୍ଟ, ବି. (ନିର୍-ଚେଷ୍ଟା) ଚେଷ୍ଟାରହିତ ।

ନିଶ୍ଚେଷ୍ଟତା, ବି. (ନିଶ୍ଚେଷ୍ଟ-ତା) ସ୍ଥିରତା, ଚେଷ୍ଟା-ଶୂନ୍ୟତା ।

ନିଶ୍ୱସିତ, ବି. (ନି-ଶ୍ୱସ୍-ତ) ଯେ ନିଃଶ୍ୱାସ ମାରେ, ବି. ନିଶ୍ୱାସ ।

ନିଶ୍ୱାସ } ବି. (ନି-ଶ୍ୱସ୍-ଅ, ଅନ) ବହିର୍ମୁଖ ଶ୍ୱାସ,
ନିଶ୍ୱସନ } (ଅନ୍ତର୍ମୁଖ ଶ୍ୱାସକୁ ପ୍ରଶ୍ୱାସ କହନ୍ତି ।)

ନିଷଙ୍ଗ, ବି. (ନି-ସନ୍ଜ୍-ଅ) ବାଣାଧାର, ତୂଣୀର, ସଂସର୍ଗ, ଆଲିଙ୍ଗନ ।

ନିଷଙ୍ଗୀ, ବି. (ନିଷଙ୍ଗ-ଇନ୍) ଧନୁର୍ଦ୍ଧାରୀ, ଧାନୁଷ୍କ ।

ନିଷଣ୍ଣ, ବି. (ନି-ସଦ୍-ତ) ଉପବିଷ୍ଟ, ଶାୟିତ, ସ୍ଥିତ ।

ନିଷଧ, ବି. (ନାମ) ଦକ୍ଷିଣ ଭାରତର ପ୍ରାଚୀନ ରାଜ୍ୟ-ବିଶେଷ, ନଳ ରାଜା ।

ନିଷାଦ, ବି. (ନି-ସଦ୍-ଅ) ଧୀବର, ବ୍ୟାଧ ।

ନିଷାଦୀ, ବି. (ନି-ସଦ୍-ଇନ୍) ମାହୁନ୍ତ, ହସ୍ତିପକ, ହସ୍ତ୍ୟାରୋହୀ । ବି. ସ୍ଥିତ ।

ନିଷିକ୍ତ, ବି. (ନିସିଚ୍-ତ) ଜଳାଭିଷିକ୍ତ ।

ନିଷିଦ୍ଧ, ବି. (ନି-ସିଧ୍-ତ) ନିବାରିତ ।

ନିଷେକ, ବି. (ନି-ସିଚ୍-ଅକ) କ୍ଷରଣ, ସେଚନ, ଗର୍ଭାଧାନ ।

ନିଷେଧ, ବି. (ନି-ସିଧ୍-ଅ) ନିବାରଣ, ମନା, ବାଧା ।

ନିଷେଧକ, ବି°. ( ନି-ଷିଧ୍-ଅକ ) ନିବାରକ, ଯେ ନିବାରଣ କରେ ।

ନିଷେବଣ, ବି. (ନି-ସେବ୍-ଅନ) ସେବା, ଶୁଶ୍ରୂଷା, ଅନୁରାଗ, ଔଷଧ ସେବନ ।

ନିଷେବିତ, ବି°. (ନି-ସେବ୍-ତ) ଆରାଧିତ, ଆଚରିତ ।

ନିଷ୍କ, ବି. ( ନିର୍-କୈ-ଅ ) ମୁଦ୍ରା, ମୋହର, ୩୨ ରତି ସୁନା, ସୁନା ଅଳଙ୍କାର ।

ନିଷ୍କଣ୍ଟକ, ବି°. ( ନିର୍-କଣ୍ଟକ ) କଣ୍ଟକରହିତ, ନିରାପଦ, ଶତ୍ରୁହୀନ ।

ନିଷ୍କରୁଣ, ବି°. (ନିର୍-କରୁଣା) ନିଷ୍ଠୁର, କ୍ରୂର ।

ନିଷ୍କର୍ମା, ବି°. ( ନିର୍-କର୍ମନ୍ ) ନିକମା, କର୍ମହୀନ ।

ନିଷ୍କର୍ଷ, ବି. (ନିର୍-କୃଷ୍-ଅ) ସତ୍ୟପ୍ରମାଣ, ନିଷ୍ପତ୍ତି, ନିଶ୍ଚୟ, ବିଶ୍ୱାସ ।

ନିଷ୍କର୍ଷଣ, ବି. ( ନିର୍-କୃଷ୍-ଅନ ) ଚିପୁଡ଼ି ସାରି ବାହାର କରିବା, ଅପନୟନ, ନିଶ୍ଚୟ ।

ନିଷ୍କାମ, ବି. (ନିଃ-କାମ) କାମନାରହିତ, ନିସ୍ପୃହ ।

ନିଷ୍କାଶନ } ବି. (ନିର୍-କାଶ୍(ସ୍)-ଅନ) ବହିଷ୍କରଣ
ନିଷ୍କାସନ } ନିର୍ବାସନ, ଦୂରୀକରଣ, ନିଃସାରଣ ।

ନିଷ୍କାଶି(ସି)ତ, ବି°, (ନିର୍-କାଶ(ସ)-ତ) ଦୂରୀକୃତ, ନିର୍ବାସିତ ।

ନିଷ୍କୁଟ, ବି. (ନିର୍-କୁଟ) ଅନ୍ତଃପୁର ।

ନିଷ୍କୃତି, ବି. (ନିର୍-କୃ-ତି) ନିସ୍ତାର, ଉଦ୍ଧାର, ମୁକ୍ତି ।

ନିଷ୍କ୍ରମ, ବି. (ନିର୍-କ୍ରମ୍-ଅ) ବହିର୍ଗମନ, ଶକ୍ତି, ନୀଚତା, ଅବନତି ।

ନିଷ୍କ୍ରୟ, ବି. ( ନିର୍-କ୍ରୀ-ଅ ) ବେତନ, ମୂଲ୍ୟ, ସାମର୍ଥ୍ୟ, ବିନିମୟ, ପ୍ରତ୍ୟୁପକାର ।

ନିଷ୍କ୍ରାନ୍ତ, ବି॰. (ନିର୍-କ୍ରମ୍-ତ) ନିର୍ଗତ, ବହିର୍ଗତ ।

ନିଷ୍କ୍ରିୟ, ବି॰. ( ନିର୍-କ୍ରିୟା ) କ୍ରିୟାଶୂନ୍ୟ, ଜଡ଼ ।

ନିଷ୍ଠା, ବି. ( ନି-ଷ୍ଠା-ଅ-ଆ ) ବ୍ରତାଦି କ୍ଲେଶ, ପ୍ରାପ୍ୟ, ଦୃଢ଼ଭକ୍ତି, ଦୃଢ଼ଜ୍ଞାନ ।

ନିଷ୍ଠୀବ
ନିଷ୍ଠୀବନ } ବି. ( ନି-ଷ୍ଠିବ୍-ଅ, ଅନ ) ଛେପ, ଥୁ ଥୁ କରିବା ।

ନିଷ୍ଠୁର, ବି॰. (ନି-ଷ୍ଠା-ଉର) କ୍ରୂର, ନିର୍ଦୟ ।

ନିଷ୍ଣାତ, ବି॰. (ନି-ସ୍ନା-ତ) ନିପୁଣ, ପ୍ରବୀଣ, ପାରଗ ।

ନିଷ୍ପତ୍ତି, ବି. (ନିର୍-ପତ-ତି) ସମାପ୍ତି, ନିଷ୍ପନ୍ନ ।

ନିଷ୍ପନ୍ଦ, ବି॰. (ନିର୍-ସ୍ପନ୍ଦ-ଅ) ସ୍ପନ୍ଦରହିତ, ଅଚଳ ।

ନିଷ୍ପନ୍ନ, ବି॰. (ନିର୍-ପଦ-ତ) ସିଦ୍ଧ,ସମାପ୍ତ, ସମ୍ପନ୍ନ ।

ନିଷ୍ପାଦନ, ବି. (ନିର୍-ପାଦ-ଅନ) ନିଷ୍ପତ୍ତିକରଣ ।

ନିଷ୍ପାଦିତ, ବି॰. (ନିର୍-ପାଦ-ତ) ସମ୍ପାଦିତ ।

ନିଷ୍ପୃହ, ବି॰ (ନିର୍-ସ୍ପୃହ-ଅ) ସ୍ପୃହାରହିତ, ଅନିଚ୍ଛୁକ ।

ନିଷ୍ପାପ, ବି॰. ( ନିଃ-ପାପ ) ନିର୍ଦ୍ଦୋଷ, ନିରପରାଧ ।

ନିଷ୍ପୀଡ଼ନ, ବି. (ନିଃ-ପୀଡ୍-ଅନ) ଚିପୁଡ଼ିବା ।

ନିଷ୍ପ୍ରତିଭ, ବି॰. ( ନିର୍-ପ୍ରତିଭା ) ପ୍ରତିଭାଶୂନ୍ୟ, ଧୀଶକ୍ତିହୀନ ।

ନିଷ୍ପ୍ରଭ, ବି॰. (ନିର୍-ପ୍ରଭା) ପ୍ରଭାଶୂନ୍ୟ, ନିସ୍ତେଜ ।

ନିଷ୍ପ୍ରୟୋଜନ, ବି॰. ( ନିର୍-ପ୍ର-ଯୁଜ୍-ଅନ ) ପ୍ରୟୋଜନଶୂନ୍ୟ, ଅକାରଣ ।

ନିଷ୍ଫଳ, ବିଂ. (ନିର୍-ଫଳ) ବିଫଳ, ବୃଥା ।

ନିଷ୍ୟନ୍ଦ, ନିସ୍ୟନ୍ଦ } ବି. (ନି-ସ୍ୟନ୍ଦ୍-ଅ) କ୍ଷରଣ, ନିର୍ଝର ।

ନିସ୍, ଅଂ. ନିଷେଧ, ନିଷ୍ଟସ୍ବୃ, ସାକଲ୍ୟ ।

ନିସଙ୍ଖୁଡ଼୍, ବି. (ଦେ) ଜଳଖିଆ, ଯାହା ସଙ୍ଖୁଡ଼ି ନୁହେ ।

ନିସତ, ବିଂ. (ଦେ) ନିଃସତ୍ତ୍ୱ, ଅଳସ, ଜଡ଼, କ୍ଳାନ୍ତ ।

ନିସମ୍ପାତ, ବି. (ନି-ସମ୍ପାତ) ନିଶୀଥ, ଅର୍ଦ୍ଧରାତ୍ର ।

ନିସର୍ଗ, ବି. ( ନି-ସୃଜ୍-ଅ ) ସୃଷ୍ଟି, ସ୍ୱଭାବ, ସର୍ଗ ।

ନିସାହି, ବିଂ. (ଦେ) ନିଃସହାୟ ।

ନିସୃଷ୍ଟ, ବିଂ. (ନି-ସୃଜ୍-ତ) ନ୍ୟସ୍ତ, ଅର୍ପିତ, ପ୍ରେରିତ ।

ନିସ୍ତବ୍ଧ, ବିଂ. (ନି-ସ୍ତନ୍ଭ୍-ତ) ନୀରବ, ସ୍ଥିର ।

ନିସ୍ତରଙ୍ଗ, ବିଂ. ( ନିଃ-ତରଙ୍ଗ ) ତରଙ୍ଗଶୂନ୍ୟ, ସ୍ଥିର, ଅଚଞ୍ଚଳ ।

ନିସ୍ତରଣ, ବି. (ନିର୍-ତ-ଅନ) ଉଦ୍ଧାର, ପାର ହେବା ।

ନିସ୍ତରିବା, କ୍ରି. (ଦେ) ମୁକ୍ତି ପାଇବା ।

ନିସ୍ତଳ, ବିଂ. (ନିଃ-ତଳ) ବର୍ତ୍ତୁଳ, ଗୋଲାକାର ।

ନିସ୍ତାର, ବି. (ନିର୍-ତୃ-ଅ)ମୁକ୍ତି, ଉପାୟ ।

ନିସ୍ତାରକ, ବିଂ ( ନିର୍-ତୃ-ଅକ ) ତ୍ରାଣକର୍ତ୍ତା ।

ନିସ୍ତାରଣ, ବି. (ନିର୍-ତୃ-ଅନ) ରକ୍ଷଣ ।

ନିସ୍ତୁକ, ବି. ( ଦେ ) ଭୟଙ୍କର, ନିର୍ଦ୍ଧୁମ । ବି. ଭୟଙ୍କର ପ୍ରହାର ।

ନିସ୍ତେଜ, ନିସ୍ତେଜାଃ } ବିଂ: ( ନିର୍-ତିଜ୍-ଅ, ତେଜଃ ) ପ୍ରତାପଶୂନ୍ୟ, ତେଜୋହୀନ ।

ନିସ୍ତ୍ରିଂଶ, ବିଂ (ନିର୍-ତ୍ରିଂଶତ୍-ଅ) ଖଡ୍ଗ । ବିଂ. ନିଷ୍ଠୁର ।

ନିସ୍ପନ୍ଦ, ବିଂ (ନି-ସ୍ପନ୍ଦ୍-ଅ) ଅଚଳ, ସ୍ଥିର ।

ନିସ୍ପୃହ, ବିଂ. (ନିର୍-ସ୍ପୃହା) ଆକାଙ୍କ୍ଷାରହିତ ।

ନିସ୍ରବ, ନିସ୍ରାବ } ବି. (ନି-ସ୍ରୁ-ଅ) କ୍ଷରଣ, ଅନ୍ନମଣ୍ଡ ।

ନିସ୍ୱ, ବିଂ. (ନି-ସ୍ୱ) ନିର୍ଦ୍ଧନ, ଦୁଃଖୀ ।

ନିସ୍ୱନ, ବି. (ନି-ସ୍ୱନ୍-ଅ) ଧ୍ୱନି, ଶବ୍ଦ ।

ନିହଙ୍ଗ, (ଙ୍ଗୀ) ନିଂ (ଦେ) ନିଃସଙ୍ଗ । ବି. ଏକ ଶ୍ରେଣୀର ବୈଷ୍ଣବ ।

ନିହତ, ବିଂ. (ନି-ହନ୍-ତ) ବିନଷ୍ଟ, ହତ ।

ନିହନ୍ତା, ବିଂ. (ନି-ହନ୍-ତୃ) ବିନାଶକାରୀ, ସଂହାରକ ।

ନିହାଣ, ବିଂ.. (ଦେ) ବଢ଼େଇର କାଠ କାଟିବା ଯନ୍ତ୍ର-ବିଶେଷ, ବଟାଳି ।

ନିହାତି, ବିଂ. (ଦେ) ନିତାନ୍ତ, ନିପଟ ।

ନିହାଲ, ବିଂ. ( ଯା ) ନିଶ୍ଚିନ୍ତ, କୃତାର୍ଥ, ଧନବାନ୍ ।

ନିହିତ, ବିଂ. (ନି-ଧା-ତ) ସ୍ଥାପିତ, ଅର୍ପିତ ।

ନିହ୍ରାଦ, ବି. (ନି-ହ୍ରାଦ୍-ଅ) ଧ୍ୱନି, ନିନାଦ ।

ନୀକାର, ବି. (ନି-କୃ-ଅ) ଧିକ୍କାର, ଘୃଣା, ଅବଜ୍ଞା ।

ନୀକାଶ, ନୀକାସ } ବିଂ. ( ନି-କାସ୍-ଅ ) ନିଷ୍ପତ୍ତି, ସମାପନ, ଶେଷ ।

ନୀଚ, ବିଂ. (ନି-ଈ-ଚ-ଅ) ନିକୃଷ୍ଟ, ମନ୍ଦ, ଅପକୃଷ୍ଟ ।

ନୀଚତା, ବି. (ନୀଚ-ତା) ଅଧମତା, ଅପକୃଷ୍ଟତା ।

ନୀଚାଶୟ, ବିଂ. ( ନୀଚ-ଆଶୟ ) କ୍ଷୁଦ୍ରାଶୟ ।

ନୀଚୁ } ବି. (ଦେ) ଫଳବିଶେଷ ।
ଲିଚୁ }

ନୀଡ, ବି. (ନି-ଈଡ-ଅ) କୁଲାୟ, ପକ୍ଷିର ବସା ।

ନୀତ, ବିଂ. (ନୀ-ତ) ଗୃହୀତ ।

ନୀତି, ବି. (ନୀ-ତି) ନ୍ୟାଯ୍ୟ ବ୍ୟବହାର, ସ୍ଥିତି, ପ୍ରାପ୍ତି ।

ନୀତିଜ୍ଞ, ବିଂ. (ନୀତି-ଜ୍ଞା-ଅ) ନୀତିଶାସ୍ତ୍ରବିଶାରଦ ।

ନୀପ, ବି. (ନୀ-ପ) କଦମ୍ବଗଛ ।

ନୀବି, ବି. (ନୀବ୍-ଇ) ସ୍ତ୍ରୀଲୋକମାନଙ୍କର କଟୀବନ୍ଧନ ବସ୍ତ୍ର ।

ନୀୟମାନ, ବିଂ. ( ନୀ-ଆନ, ଯ, ମ ଆଗମ ) ନେଉଥିବା ।

ନୀର, ବି. (ନୀ-ର) ଜଳ, ରସ, ସଲିଳ ।

ନୀରଜ, ବି. (ନୀର-ଜନ-ଅ) ଜଳଜ, ପଦ୍ମ, ମୁକ୍ତା ।

ନୀରଦ, ବି. (ନୀର୍-ଦା-ଅ) ମେଘ, ଜଳଦ, ମୁଥା । ବିଂ. (ନିଃ-ରଦ) ଦନ୍ତହୀନ ।

ନୀରଧି } ବି. (ନୀର-ଧା-ଇ, ନିଧି) ସମୁଦ୍ର ।
ନୀରନିଧି }

ନୀରନ୍ଧ୍ର, ବିଂ. (ନିର୍-ରନ୍ଧ୍ର) ଘନ, ନିବିଡ଼ ।

ନୀରବ, ବିଂ. (ନିଃ-ରବ) ଶବ୍ଦଶୂନ୍ୟ, ନିଃଶବ୍ଦ ।

ନୀରସ, ବିଂ. (ନିଃ-ରସ) ରସହୀନ, ଶୁଷ୍କ ।

ନୀରାଜନ, (ନା) ବି. (ନୀର-ଅଜ୍-ଅନ, ଆ) ଆଳତି, ଆରତିକ, ପୂଜା ।

ନୀରୋଗ, ବିଂ ( ନିଃ-ରୋଗ ) ରୋଗଶୂନ୍ୟ, ପୀଡ଼ା-ରହିତ, ସୁସ୍ଥ ।

ନୀଳ, ବି. (ନୀଲ୍-ଅ) ବର୍ଣ୍ଣବିଶେଷ, ବାନରବିଶେଷ।
ନୀଳକଣ୍ଠ, ବି. ( ନୀଳ-କଣ୍ଠ ) ଶିବ, ମୟୂର।
ନୀଳକାନ୍ତ, ବି ( ନୀଳ-କାନ୍ତ ) ଇନ୍ଦ୍ରନୀଳମଣି ।
ନୀଳଗ୍ରୀବ, ବି. (ନୀଳ-ଗ୍ରୀବା) ମହାଦେବ।
ନୀଳଲୋହିତ, ବି. (ନୀଳ-ଲୋହିତ) ଶିବ, ମହାଦେବ, ବାଇଗଣି ରଙ୍ଗ ।
ନୀଳା, ବି. (ଦେ) ନୀଳକାନ୍ତ ମଣି ।
ନୀଳାଚଳ, ବି. (ନୀଳ-ଅଚଳ) ପୁରୁଷୋତ୍ତମକ୍ଷେତ୍ର।
ନୀଳାମ୍ବର, ବି .(ନୀଳ-ଅମ୍ବର ) ବଳରାମ, ନୀଳବସ୍ତ୍ର।
ନୀଳାମ୍ବୁ, ବି. (ନୀଳ-ଅମ୍ବୁ) ସମୁଦ୍ର ।
ନୀଳିମା, ବି. (ନୀଳ-ଇମନ୍) ନୀଳତ୍ୱ, ନୀଳବର୍ଣ୍ଣ ।
ନୀଳୋତ୍ପଳ, ବି.(ନୀଳ-ଉତ୍ପଳ) ନୀଳ କଇଁ, ଇନ୍ଦୀବର।
ନୀବାର, ବି. (ନି-ବୃ-ଅ) ବାଳୁଙ୍ଗାଧାନ, ତୃଣଧାନ୍ୟ।
ନୀବି } ନୀବୀ } ବି. ( ନି-ବ୍ୟେ-ଇ, ଈ ) ମୂଳଧନ, ପଣ, କଟିବସ୍ତ୍ର, ଖୋସଣି ।
ନୀବୃତ୍, ବି (ନି-ବୃତ୍-०) ଦେଶ, ଜନପଦ।
ନୀହାର, ବି. (ନି-ହୃ-ଅ) ତୁଷାର, ହିମ, ବରଫ ।
ନୀହାରିକା, ବି. ଯେ ସବୁ ନକ୍ଷତ୍ର ଚକ୍ଷୁଗୋଚର ନୁହେ।
ନୁ, ଅ°. ସମ୍ବୋଧନ, ପ୍ରଶ୍ନ, ଭେଦ, ତର୍କ, ସଂଶୟ, ଛଳ, ଅବଜ୍ଞା।
ନୁଆଁଇବା, କ୍ରି. (ନମ୍ ଧାତୁଜ) ନତ କରିବା।
ନୁଆରିବା, କ୍ର . (ପ୍ରାଚୀନ ପଦ୍ୟ) ପାରିବା, ଜଣାଇବା।
ନୁଉଁଛୁଣା, ବି°. (ଦେ) ହତଶ୍ରୀ, ଅକର୍ମଣ୍ୟ।

ନୁଖୁରା, ବିଂ. (ଦେ) ମାଖରା, ଅଚିକ୍କଣ, ରୁକ୍ଷ ।

ନୁଙ୍ଗଡ଼ା, (ଗ୍ରା), ବିଂ. (ଦେ) ଘୃଣ୍ୟ, ଲେଗ୍ରୁ ।

ନୁଡ଼୍କ, ବି. (ଦେ) ନାସାଳଙ୍କାରବିଶେଷ ।

ନୁଣ୍ଡା, ବି. (ଦେ) ପାଳବିଣ୍ଡା, ଲୁଣ୍ଡା ।

ନୁତ, ବିଂ. (ନୁ-ତ) ସ୍ତୁତ, ପ୍ରଶଂସିତ, ପୂଜିତ ।

ନୂଆ, ବିଂ. (ନୂତନ ଶବ୍ଦଜ) ନୂତନ ।

ନୂତନ } ବିଂ. (ନୂ-ତନ, ଅ) ନବୀନ, ଅଭିନବ,
ନୂତ୍ନ } ନୂଆ ।

ନୂପୁର, ବି. (ନୂ-ପୁ-ଅ) ପ୍ରସିଦ୍ଧ ପଦଭୂଷଣ, ନେପୁର ।

ନୃ, ବି. (ନୀ-ଋ) ମନୁଷ୍ୟ, ପୁରୁଷ ।

ନୃତ୍ୟ, ବି. ( ନୃତ୍-ଯ ) ତାଳ, ମାନ, ରସାଶ୍ରୟ, ଅଭିନୟ, ନାଚ ।

ନୃପ } ବି. ( ନୃ-ପା-ଅ, ନୃ-ପତି ) ରାଜା,
ନୃପତି } ନରପତି ।

ନୃବାହନ, ବି (ନୃ-ବାହନ) କୁବେର ।

ନୃଶଂସ, ବି. (ନୃ-ଶନ୍ସ-ଅ) ନିର୍ଦ୍ଦୟ, କ୍ରୂର ।

ନୃସିଂହ } ବି. ( ନୃ-ସିଂହ ) ବିଷ୍ଣୁଙ୍କ ଅବତାର-
ନୃହରି } ବିଶେଷ ।

ନେଉଟ, ବି. (ଦେ) ଲେଉଟ, ଫେର, ପ୍ରତିକ୍ରିୟା ।

ନେଉଟିଆ, ବି. (ଦେ) ଶାକବିଶେଷ, ଲେଉଟିଆ ।

ନେଉଟିବା, କ୍ରି. ବି. (ଦେ) ଫେରିବା ।

ନେଉଳ, ବି. ଜନ୍ତୁବିଶେଷ, ସର୍ପଶତ୍ରୁ ।

ନେଙ୍ଗଡ଼ା, ବିଂ. (ଦେ) ଟେଣ୍ଟା, ଖଞ୍ଜ ।

ନେଞ୍ଜର, ବି. (ଦେ) ଅଳିଆ, ମଇଳା ।
ନେଢ଼, ବି. (ଦେ) କରତଳ, ଲେଢ଼ ।
ନେଣ୍ଡି, ବିଂ. (ଦେ) ହୀନ, ରୁକ୍ଷ, କଦର୍ଯ୍ୟ ।
ନେତ, ବି, (ନେତ୍ର ଶବ୍ଦଜ) ବସ୍ତ୍ରବିଶେଷ, ପତାକା ।
ନେତା, ବି. (ନୀ-ତୃ) ପ୍ରେରକ, ପ୍ରାପକ, ଅଧ୍ୟକ୍ଷ ।
ନେତୃତ୍ୱ, ବି. (ନେତୃ-ତ୍ୱ) ଅଧ୍ୟକ୍ଷତା, ନାୟକତ୍ୱ ।
ନେତ୍ର, ବି. (ନୀ-ତ୍ର) ଚକ୍ଷୁ, ନୟନ, ବୃକ୍ଷମୂଳ, ପଥ, ଚନ୍ଦ୍ର, ରଥ ।
ନେତ୍ରପତ୍ର, ବି. (ନେତ୍ର-ପତ୍ର) ଆଖିପତା, ପକ୍ଷ୍ମ ।
ନେତ୍ରାମ୍ବୁ, ବି. (ନେତ୍ର-ଅମ୍ବୁ) ଅଶ୍ରୁ, ଲୋତକ ।
ନେଦିଷ୍ଟ, ବିଂ. (ଅନ୍ତିକ-ଇଷ୍ଠ) ଅତି ନିକଟବର୍ତ୍ତୀ ।
ନେପଥ୍ୟ ବି. (ନେ-ପଥ୍ୟ) ବେଶଗୃହ, ବେଶ, ଅଳଙ୍କାର ।
ନେପୁର, ବି. (ନୂପୁର ଶବ୍ଦଜ) ପାଦାଭରଣବିଶେଷ ।
ନେଫଡ଼ା, ବି. (ଦେ) ଫଳବିଶେଷ । ବିଂ. ବିରହସା ।
ନେଫେଡ଼ିବା, କ୍ରି. ( ଦେ ) ଦାନ୍ତ ଦେଖାଇବା ।
ନେମି, ବି. (ନୀ-ମି) ଚକ୍ରର ପ୍ରାନ୍ତ, ଚକ୍ରଧାର ।
ନେଳୀ, ବି. (ଦେ) ନୀଳବର୍ଣ୍ଣ, ନୀଳବଣ୍ଡ ।
ନେବା, କ୍ର. (ଦେ) ଘେନିବା । (ବ୍ୟ) ଫିତା ।
ନେସିବା, କ୍ରି. (ଦେ) ବୋଲିବା ।
ନେହୁରା, ବି.(ଦେ) ଅନୁରୋଧ, ପ୍ରାର୍ଥନା, ଖୋସାମତି ।
ନୈକଟ୍ୟ, ବି. (ନିକଟ-ଯ) ସାମୀପ୍ୟ, ନିକଟତ୍ୱ ।
ନୈକଷେୟ, ବି.(ନିକଷା-ଏୟ) ନିକଷାପୁତ୍ର, ରାବଣ ।

ନୈତିକ, ବିଂ. ( ନୀତି-ଇକ ) ନୀତିସମ୍ବନ୍ଧୀୟ, ନୀତି-
ଅନୁମୋଦିତ ।
ନୈପୁଣ୍ୟ, ବି. (ନିପୁଣ-ଯ) ଦକ୍ଷତା, ନିପୁଣତା ।
ନୈମିତ୍ତିକ, ବିଂ. ( ନିମିତ୍ତ-ଇକ ) ପ୍ରୟୋଜନାର୍ଥକ ।
ନୈମିଷ, ବି. ( ନିମିଷ-ଅ ) ନୈମିଷାରଣ୍ୟ ନାମକ
ପୁଣ୍ୟତୀର୍ଥ ।
ନୈୟାୟିକ, ବିଂ. ( ନ୍ୟାୟ-ଇକ ) ନ୍ୟାୟଶାସ୍ତ୍ରଜ୍ଞ ।
ନୈରାଶ୍ୟ, ବି. (ନିରାଶା-ଯ) ଆଶାଶୂନ୍ୟତା ।
ନୈଋତ, ବି. (ନିଋତି-ଅ) ଦକ୍ଷିଣ ପଶ୍ଚିମ କୋଣ ।
ନୈବେଦ୍ୟ, ବି. (ନି-ବିଦ୍-ଯ) ଦେବୋଦ୍ଦେଶ୍ୟରେ
ନିବେଦନୀୟ ଦ୍ରବ୍ୟ ।
ନୈଶ, ବିଂ. (ନିଶା-ଯ) ରାତ୍ରିକାଳୀନ, ରାତ୍ରିସମ୍ବନ୍ଧୀୟ ।
ନୈଷଧ, ବି. ( ନିଷଧ-ଅ ) ନଳ ରାଜା, କାବ୍ୟଗ୍ରନ୍ଥ-
ବିଶେଷ ।
ନୈଷ୍ଠିକ, ବିଂ. (ନିଷ୍ଠା-ଇକ) ନିଷ୍ଠାପର, ଧର୍ମପରାୟଣ ।
ନୈଷ୍ଠୁର୍ଯ୍ୟ, ବି. (ନିଷ୍ଠୁର-ଯ) ନିଷ୍ଠୁରତା ।
ନୈସର୍ଗିକ, ବିଂ. (ନିସର୍ଗ-ଇକ) ସ୍ୱାଭାବିକ, ପ୍ରାକୃତିକ ।
ନୋ, ଅଂ. (ନୁଦ୍-ଓ) ନା, ନାହିଁ, ନିଷେଧ ।
ନୋଗ୍ରା, ବିଂ. ( ଦେ ) ମ୍ଳେଚ୍ଛ, ନୀଚ, ଅଧମ ।
ନୋଗ୍ରାକୋଗ୍ରା, ବିଂ. (ଦେ) ସଙ୍କୁଚିତ ।
ନୋଚେତ୍, ଅଂ. (ଦେ) ନୋହିଲେ, ନଚେତ୍ ।
ନୋଠା, ବି. (ଦେ) ଛାଳ, ଜଳପାତ୍ର, ଲୋଟା ।
ନୋତର, ବିଂ. (ଦେ) ଲୁଳିତ, ମୁଦିତ ।

ନୋଧା, ବି. ( ଦେ ) କାଷ୍ଠନିର୍ମିତ ପାଣିର ପହଣୀ ।

ନୋଳା, ବି. (ଦେ) ବେକାଘାତ ଚକ୍ର, ଯୁଗ୍ମ ଅଂଶର ଅର୍ଦ୍ଧ ।

ନୋଳି, ବି. (ଦେ) କଣ୍ଠାଭରଣବିଶେଷ ।

ନୋଳିଆ, ବି. ( ଦେ ) ତେଲଙ୍ଗା କେଉଟ, ସାମୁଦ୍ରିକ ଧୀବର ।

ନୋହିଲେ, ଅଂ. (ଦେ) ନଚେତ୍ ।

ନୌ } ବି. ( ନୁଦ୍-ଔ, କ-ଆ ) ତରଣୀ,
ନୌକା } ଜଳଯାନ ।

ନୌକର, ବି. (ଯା) ଚାକର, ଭୃତ୍ୟ ।

ନୌକରସାହି, ବି. (ଯା) ଭୃତ୍ୟମଣ୍ଡଳୀ ।

ନ୍ୟକ୍କାର, ବି. (ନ୍ୟକ୍-କୃ-ଅ) ଘୃଣା, ଅବଜ୍ଞା, ଦମନ ।

ନ୍ୟଗ୍ରୋଧ, ବି. (ନ୍ୟକ୍-ରୋଧ) ବଟବୃକ୍ଷ ।

ନ୍ୟସ୍ତ, ବିଂ. (ନି-ଅସ୍-ତ) ନିକ୍ଷିପ୍ତ, ଅର୍ପିତ ।

ନ୍ୟସ୍ତଶସ୍ତ୍ର, ବି. (ନ୍ୟସ୍ତ-ଶସ୍ତ୍ର) ପିତୃଲୋକ । ବିଂ. ଯେ ଅସ୍ତ୍ର ପରିତ୍ୟାଗ କରିଅଛି ।

ନ୍ୟାୟ, ବି. (ନି-ଇ-ଅ) ନୀତି, ଯୁକ୍ତି, ତର୍କଶାସ୍ତ୍ର ।

ନ୍ୟାୟପର, ବିଂ. ( ନ୍ୟାୟ-ପର ) ନ୍ୟାୟପରାୟଣ ।

ନ୍ୟାୟବଳ, ବି. (ନ୍ୟାୟ-ବଳ) ଶତରଞ୍ଜ ଖେଳ ।

ନ୍ୟାୟୀ, ବିଂ. ( ନ୍ୟାୟ-ଇନ୍ ) ନ୍ୟାୟବାନ୍ ।

ନ୍ୟାଯ୍ୟ, ବିଂ. ( ନ୍ୟାୟ-ଯ ) ଯଥାର୍ଥ, ଉଚିତ ।

ନ୍ୟାସ, ବି. (ନି-ଅସ୍-ଅ) ଅର୍ପଣ, ନିକ୍ଷେପ, ବିନ୍ୟାସ ।

ନ୍ୟାସୀ ବିଂ.. (ନ୍ୟାସ-ଇନ୍) ତ୍ୟାଗୀ, ସନ୍ନ୍ୟାସୀ ।

ନ୍ୟୁବ୍ଜ, ବିଂ. (ନି-ଉବ୍ଜ-ଅ) କୁବ୍ଜ, ବକ୍ର, ଅଧୋମୁଖ, ବୃତ୍ତଖଣ୍ଡ ବା ଧନୁର ଭିତରପାଖ ।

ନ୍ୟୂନ, ବିଂ. (ନି-ଊନ୍-ଅ) ଅଳ୍ପ, କ୍ଷୁଦ୍ର, ଊଣା ।

ନ୍ୟୂନତା, ବି. (ନ୍ୟୂନ-ତା) ଅଳ୍ପତା, କ୍ଷୁଦ୍ରତା ।

ନ୍ୟୂନାତିରେକ, ବିଂ. (ନ୍ୟୂନ-ଅତିରେକ) କମ ବେଶି, ଅଳ୍ପାଧିକ ।

ନ୍ୟୂନାଧିକ, ବି. ( ନ୍ୟୂନ-ଅଧିକ ) ନ୍ୟୂନାତିରେକ, ତାରତମ୍ୟ, ଅଳ୍ପ ବହୁତ ।

ନ୍ୟୂନାଧିକ୍ୟ, ବି. ( ନ୍ୟୂନାଧିକ-ଯ ) ଅଳ୍ପତା ଓ ଆଧିକ୍ୟ ।

---

## ପ

ପ, ବ୍ୟଞ୍ଜନବର୍ଣ୍ଣର ଏକବିଂଶ ବର୍ଣ୍ଣ । ବି. ରାଜା, ରାଜପୁତ୍ର, ଅଣ୍ଡ ।

ପଇ, ବି. (ଦେ) ଶଗଡ଼ ଚକର ବୃତ୍ତାକାର କାଷ୍ଠଖଣ୍ଡ, କ୍ଷୁଦ୍ର ନାଳୀ ।

ପଇଞ୍ଚି, ବି. (ଦେ) ହସ୍ତାଭରଣବିଶେଷ, ହାତଖଡ଼ୁ ।

ପଇଠାଇବା, କ୍ରି. ସ. (ଦେ) ଅଭ୍ୟାସ କରିବା ।

ପଇଠ, ପଏଠ } ବି. ( ଦେ ) ଆବାସ୍ଥ, ଭରସା, କଣ୍ଠୀବନ୍ଦୀ କର ଅଙ୍ଗୁଳ ଦେବା, ପ୍ରବେଷ୍ଟ, ପୂରଣ ।

ପଇଠି, ବି. (ଦେ) ନିର୍ଭର, ଶୃଙ୍ଖଳା ।

ପଇଡ଼, ବି. (ପଯ୍ୟଃପେଟୀ ଶବ୍ଦଜ) କଞ୍ଚି ନଡ଼ିଆ ।

ପଇଡା, ବି. (ଦେ) ଯଜ୍ଞୋପବୀତ, ଉପବୀତ ।
ପଇତ, ବି. (ଦେ) ରନ୍ଧା ଡାଲି ।
ପଇଁତିରିଶ }
ପଅଁତିରିଶ } ବିଂ. ସଂଖ୍ୟାବିଶେଷ, ୩୫ ।
ପଇଦଳ, ବିଂ. (ଦେ) ପାଦଗମନ । ବି. ପାଦରେ ଗମିବା ।
ପଇସା, ବି. (ଦେ) ତାମ୍ରମୁଦ୍ରା ।
ପଉଟୀ } ବି. (ଦେ) ଶସ୍ୟାଦିର ପରିମାଣବିଶେଷ ।
ପୌଟୀ } ୨୦ ଗୌଣୀ, ଭରଣର ½ ଅଂଶ ।
ପକାଇବା, କ୍ରି. (ଦେ) ଫୋପାଡ଼ିବା ।
ପକ୍କା, ବି, (ଦେ) ଦୃଢ଼, ନିବାଡ଼ । ବି. କୋଠାଘର ।
ପକ୍ୱ, ବିଂ. (ପଚ୍-ତ) ପରିଣତ, ପାଚିଲା, ପାକ ।
ପକ୍ଷ, ବି. ( ପକ୍ଷ୍-ଅ ) ଶୁକ୍ଳ ବା କୃଷ୍ଣ ପ୍ରତିପଦ୍‌ଠାରୁ ପୂର୍ଣ୍ଣିମା ବା ଅମାବସ୍ୟା ପର୍ଯ୍ୟନ୍ତ, ପକ୍ଷିର ଡେଣା, ପୁଚ୍ଛ, ପାର୍ଶ୍ୱ, ଦିଗ, ଆଡ଼, ସହାୟ ।
ପକ୍ଷକ, ବି. ( ପକ୍ଷ-କ ) ପକ୍ଷଦ୍ୱାର, ଖିଡ଼କୀଦ୍ୱାର, ପାର୍ଶ୍ୱ, ସହାୟ ।
ପକ୍ଷଚର, ବି. ( ପକ୍ଷ=ଅର୍ଦ୍ଧ ମାସ-ଚର=ଯେ ଗମନ କରେ-ଅ ) ଚନ୍ଦ୍ର, ହସ୍ତୀ, ଦ୍ୱନ୍ଦ୍ୱଚର, ଚକ୍ରବାକ ।
ପକ୍ଷତ, ବି. (ପକ୍ଷ-ତ) ପ୍ରତିପଦ୍, ପକ୍ଷମୂଳ ।
ପକ୍ଷଦ୍ୱାର, ବି. (ପକ୍ଷ-ଦ୍ୱାର) ପାର୍ଶ୍ୱଦ୍ୱାର, ଖିଡ଼କୀଦ୍ୱାର
ପକ୍ଷପାତ, ବି. (ପକ୍ଷ-ପାତ) ଅନୁଗ୍ରହ, ଏକପାଖିଆ ।
ପକ୍ଷପାତତା, ବି. (ପକ୍ଷପାତନ୍-ତା) ଅନୁକୂଳବର୍ତ୍ତିତା ।

ପକ୍ଷପାତୀ, ବିଂ. ( ପକ୍ଷ-ପତ୍-ଇନ୍ ) ଏକ ପକ୍ଷରେ ଅଧିକ ଅନୁଗ୍ରହକାରୀ ।

ପକ୍ଷାଘାତ, ବି. (ପକ୍ଷ-ଆଘାତ) ରୋଗବିଶେଷ ।

ପକ୍ଷାନ୍ତ, ବି. (ପକ୍ଷ-ଅନ୍ତ) ପୂର୍ଣ୍ଣିମା, ଅମାବସ୍ୟା ।

ପକ୍ଷିରାଜ, ବି. (ପକ୍ଷିନ୍-ରାଜା) ଗରୁଡ଼ ।

ପକ୍ଷୀ, ବି. (ପକ୍ଷ-ଇନ୍) ଖଗ, ବିହଙ୍ଗ, ବାଣ ।

ପକ୍ଷୀନ୍ଦ୍ର, ବି. (ପକ୍ଷୀ-ଇନ୍ଦ୍ର) ଗରୁଡ଼, ଖଗେଶ୍ୱର ।

ପକ୍ଷ୍ମ, ବି. ( ପକ୍ଷ୍-ମନ୍ ) ନେତ୍ରଲୋମ, ପଲକ, ପୁଷ୍ପକେଶର ।

ପଖ, ବି. (ଦେ) ପକ୍ଷ, ମାସାର୍ଦ୍ଧ ।

ପଖଳା, ବିଂ. (ଦେ) ପ୍ରକ୍ଷାଳିତ, ଧୁଆ ।

ପଖା(ଖ)ଉଜ, ବି. (ଦେ) ବାଦ୍ୟଯନ୍ତ୍ରବିଶେଷ ।

ପଖାଳ, ବି. (ଦେ) ପାଣିମିଶା ଭାତ ।

ପଖାଳ (କସ୍ତା), କରୁଆ, ବି. (ଦେ) ଏକପ୍ରକାର ଦେଶୀ ପିନ୍ଧା ଲୁଗା ।

ପଖାଳିବା କ୍ରି. (ପ୍ରକ୍ଷାଳନ ଶବ୍ଦଜ) ଧୋଇବା ।

ପଖି, ବି. (ଦେ) ପକ୍ଷ, ପକ୍ଷିର ପର, ପତନ ।

ପଖିଆ, ବି. ( ଦେ ) ତାଳପତ୍ରରେ ତିଆରି ବୃଷ୍ଟି-ନିବାରକ ଆଚ୍ଛାଦନୀବିଶେଷ ।

ପଖିଚଟା, ବି. (ଦେ) ରାମାୟଣବର୍ଣ୍ଣିତ ଜଟାୟୁ ପକ୍ଷୀ ।

ପଗ, ବି. (ଦେ) ପର୍ବ, ପର୍ବ୍ବ, ଦୁଇ ଗଣ୍ଠିର ମଧ୍ୟସ୍ଥଳ ।

ପଗଡ଼, ବି. (ଦେ) ମିଶ୍ରୀ ପ୍ରଭୃତିର ଦାନା, ପିଣ୍ଡ ବା ଗୁଳା ।

ପଗଡ଼ି, ବି. (ଯାବନିକ) ଠେକା, ଉଷ୍ଣୀଷ ।

ପଗଡ଼ିବା, କ୍ରି. (ଯା) ଧରିବା, ଗିରଫ କରିବା ।

ପଗା(ଘା)ର, ବି. (ଦେ) ଉଚ୍ଚ ହୁଡ଼, ସୀମା, ପନ୍ଥ ।

ପଘା, ବି. (ଦେ) ଗୋରୁ ବାଛୁରି ପ୍ରଭୃତି ବାନ୍ଧିବା ଦଉଡ଼ି ।

ପଙ୍କ, ବି. (ପଚ୍‌ର୍‌-ଅ) ପାପ, କର୍ଦ୍ଦମ ।

ପଙ୍କଜ, ବି. ( ପଙ୍କ-ଜ ) ସାରସ ପକ୍ଷୀ, ପଦ୍ମ । ବିଂ. କର୍ଦ୍ଦମଜାତ ।

ପଙ୍କଜିନୀ, ବି. (ପଙ୍କଜ-ଇନ୍‌-ଈ),ପଦ୍ମିନୀ, ପଦ୍ମାକର, ପୁଷ୍କରିଣୀ, ପଦ୍ମଲତା ।

ପଙ୍କରୁହ } ବି. ( ପଙ୍କ- ରୁହ୍‌-ଅ ) ପଦ୍ମ, ସାରସ-
ପଙ୍କେରୁହ } ପକ୍ଷୀ ।

ପଙ୍କିଳ, ବିଂ (ପଙ୍କ-ଇଳ) କର୍ଦ୍ଦମଯୁକ୍ତ, ପଙ୍କଯୁକ୍ତ ।

ପଙ୍କୁଆ, ବିଂ. (ଦେ) ପଙ୍କିଳ, କାଦୁଆ, ପଙ୍କଲିପ୍ତ ।

ପଂକ୍ତି, ବି. (ପଚ୍‌ର୍‌-ତି) ଶ୍ରେଣୀ, ଦଶାକ୍ଷର ପାଦ ଛନ୍ଦୋବିଶେଷ ।

ପଙ୍ଖା, ବି.(ଦେ) ବିଞ୍ଚଣା, ପଖା, ଝୁଲୁଥିବା ବ୍ୟଜନ ।

ପଙ୍ଗତ, ବି. (ପଂକ୍ତି ଶବ୍ଦଜ) ଏକ ସ୍ଥାନରେ ପଂକ୍ତି-କ୍ରମେ ବସି ଆହାର କରିବା ।

ପଙ୍ଗପାଳ, ବି. (ଦେ) ଏକଜାତୀୟ ଝିଣ୍ଟିକା ।

ପଙ୍ଗା, ବି. (ଦେ) ଏକପ୍ରକାର ଲୁଣ ।

ପଙ୍ଗୁ, ବିଂ.(ପଙ୍ଗ୍‌-ଅଧୁ) ହସ୍ତପଦହୀନ । ବି. ଶନି ଗ୍ରହ ।

ପଚନ, ବି. (ପଚ୍‌-ଅନ) ଅଗ୍ନି, ରନ୍ଧନ, ପାକ ।

ପଚପଚ, ବିଂ. (ଦେ) ନଚନଚ, ପଙ୍କ, କର୍ଦ୍ଦମାକ୍ତ ।

ପଚରା, ବି. (ଦେ) ପୃଚ୍ଛା, ପ୍ରଶ୍ନ । ବିଂ. ସଢ଼ା, ଗନ୍ଧଆ ।

ପଚା, ବି. ( ପଚ୍-ଆ ) ପାକ, ( ପାକ ଅର୍ଥରେ ପଚ୍ ଧାତୁଜ) ବିଂ. ସଢ଼ା, ନଷ୍ଟ ।

ପଚାଇବା, କ୍ରି. (ଦେ) ପକ୍ୱ କରିବା ।

ପଚାରିବା, କ୍ରି. (ଦେ) ଜିଜ୍ଞାସା କରିବା ।

ପଚାଶ, ପଞ୍ଚାଶ } ବି. ବିଂ. (ଦେ) ପଞ୍ଚାଶତ୍, ୫୦ ସଂଖ୍ୟା ।

ପଚିବା, କ୍ରି. (ଦେ) ସଡ଼ିଯିବା, ବିକୃତ ହେବା ।

ପଚିଶ, ବି. ବିଂ. ପଞ୍ଚବିଂଶତି, ୨୫ ।

'ପଚେଳିମ, ବିଂ. (ପଚ୍-ଏଲିମ) ଗଛପାଚିଲା, ସ୍ୱତଃ-ପକ୍ୱ ।

ପଛ, ବିଂ. (ପଶ୍ଚାତ୍ ଶବ୍ଦଜ) ପୃଷ୍ଠଦେଶ, ପଶ୍ଚାଦ୍‌ବର୍ତ୍ତୀ ।

ପଛଘୁଞ୍ଚା, ବି. (ଦେ) ପଶ୍ଚାଦ୍‌ବର୍ତ୍ତୀ ହେବା ।

ପଛିଲ, ବି (ଦେ) ବେଳାଭୂମି ବା ପରିସର ।

ପଛେଇବା, କ୍ରି. (ଦେ) ପଛକୁ ଘୁଞ୍ଚିବା ।

ପଜାଇବା, କ୍ରି. (ଦେ) ଦାଢ଼ କରିବା ।

ପଝା, ବି. (ଦେ) ଶ୍ରେମନ୍ଥ, ଚର୍ବିତଚର୍ବଣ ।

ପଝାରି, ବି.(ଦେ) ନୌଯାତ୍ରୀ, ଯେଉଁମାନେ ନୌକା ଦ୍ୱାରା ନଇ ପାରି ହୁଅନ୍ତି ।

ପଞ୍ଚ, ବିଂ. (ପନ୍‌ଚ୍-ଅ) ପାଞ୍ଚ ସଂଖ୍ୟା, ୫ ।

ପଞ୍ଚକ, ବି. ( ପଞ୍ଚନ୍-କ ) ପାଞ୍ଚ, ପଞ୍ଚସମ୍ବନ୍ଧୀୟ, କାର୍ତ୍ତିକ ମାସର ଶେଷ ୫ ଦିନ ।

ପଞ୍ଚକଷାୟ, ବି. ଜମ୍ବୁ, ଶାଳ୍ମଳୀ, ବାଟ୍ୟାଳ, ବକୁଳ, ବଦର ଏହି ପାଞ୍ଚପ୍ରକାର ମହାସ୍ନାନୀୟ କଷାୟ ପଦାର୍ଥ ।

ପଞ୍ଚଗବ୍ୟ, ବି. ( ପଞ୍ଚ-ଗବ୍ୟ ) ଦଧି, ଦୁଗ୍ଧ, ଘୃତ, ଗୋମୟ ଏବଂ ଗୋମୂତ୍ର ଏହି ପାଞ୍ଚ ।

ପଞ୍ଚଜନ, ବି. (ପଞ୍ଚ-ଜନ) ପୁରୁଷ, ଦୈତ୍ୟବିଶେଷ ।

ପଞ୍ଚତପାଃ, ବି. (ପଞ୍ଚନ୍-ତପସ୍) ଯେ ପଞ୍ଚାଗ୍ନି ମଧ୍ୟରେ ପ୍ରବେଶ କରନ୍ତି ।

ପଞ୍ଚତନ୍ତ୍ର, ବି. ( ପଞ୍ଚ-ତନ୍ତ୍ର ) ବିଷ୍ଣୁଶର୍ମାଙ୍କ ରଚିତ ନୀତିଶାସ୍ତ୍ରବିଶେଷ ।

ପଞ୍ଚତା, (ତ୍ୱ), ବି. (ପଞ୍ଚନ୍-ତା, ତ୍ୱ) ମରଣ, ମୃତ୍ୟୁ, ପଞ୍ଚଭୂତ ।

ପଞ୍ଚତ୍ରିଂଶ, ବି. ବିଂ. (ଦେ) ୩୫ ସଂଖ୍ୟା ।

ପଞ୍ଚଦଶ, ବିଂ. ( ପଞ୍ଚନ୍-ଦଶନ୍ ) ପନ୍ଦର ସଂଖ୍ୟାର ପୂରକ ।

ପଞ୍ଚଦଶୀ, ବି. (ପଞ୍ଚ-ଦଶ-ଈ) ଅମାବସ୍ୟା, ପୂର୍ଣ୍ଣିମା ।

ପଞ୍ଚଦେବତା, ବି. ( ପଞ୍ଚ-ଦେବତା ) ଗଣେଶ, ନାରାୟଣ, ରୁଦ୍ର, ଦୁର୍ଗା ଓ ସୂର୍ଯ୍ୟ ।

ପଞ୍ଚଧା, କ୍ରି, ବିଂ. (ପଞ୍ଚନ୍-ଧା) ପାଞ୍ଚ ପ୍ରକାର ।

ପଞ୍ଚନଖ, ବି. (ପଞ୍ଚନ୍-ନଖ) ମନୁଷ୍ୟ, ବାନର, ହସ୍ତୀ, କୂର୍ମ, ବ୍ୟାଘ୍ର ।

ପଞ୍ଚନଦ, ବି. ( ପଞ୍ଚନ୍-ନଦୀ-ଅ ) ଶତଦ୍ରୁ, ବିପାଶା, ଇରାବତୀ, ଚନ୍ଦ୍ରଭାଗା, ବିତସ୍ତା ଏହି ପଞ୍ଚନଦୀଯୁକ୍ତ ଦେଶ, ପଞ୍ଜାବ ।

ପଞ୍ଚଜମ୍ବୁ, ବି. ( ପଞ୍ଚ-ଜମ୍ବୁ ) ଜମ୍ବୁବୃକ୍ଷର ପତ୍ର, ତ୍ୱକ୍, ପୁଷ୍ପ, ଫଳ ଓ ମୂଳ ।

ପଞ୍ଚପଲ୍ଲବ, ବି. (ପଞ୍ଚନ୍-ପଲ୍ଲବ) ଆମ୍ର, ଅଶ୍ୱତ୍ଥ, ବଟ, ପ୍ଲକ୍ଷ, ଯଜ୍ଞଡ଼ମ୍ବର ସଚରାଚର ବୈଦିକ କର୍ମରେ ଘଟ ଉପରେ ଏହି ପଞ୍ଚପଲ୍ଲବ ବସାଯାଇଥାଏ, ତନ୍ତ୍ର ମତରେ ପନସ, ଆମ୍ର, ଅଶ୍ୱତ୍ଥ, ବଟ, ବକୁଳ ଏହି ପଞ୍ଚପଲ୍ଲବ, ଅନ୍ୟ ମତରେ ଆମ୍ର, ଜମ୍ବୁ, କପିତ୍ଥ, ବୀଜପୂରକ ଏବଂ ବିଲ୍ୱ ଏହି ପଞ୍ଚପଲ୍ଲବ ।

ପଞ୍ଚପିତା, ବି. (ପଞ୍ଚ-ପିତା) ଅନ୍ନଦାତା, ଭୟତ୍ରାତା, କନ୍ୟାଦାତା, ଜନ୍ମକର୍ତ୍ତା ଓ ଉପନୟନକାରୀ ।

ପଞ୍ଚପିତ୍ତ, ବି. ବରାହ, ଛାଗ ମହିଷ, ମତ୍ସ୍ୟ ଓ ମୟୂର ଏମାନଙ୍କ ପିତ୍ତ ।

ପଞ୍ଚପ୍ରାଣ, ବି. ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ ଶରୀରସ୍ଥ ଏହି ପଞ୍ଚ ବାୟୁ ।

ପଞ୍ଚଭୂତ, ବି. (ପଞ୍ଚନ୍-ଭୂତ) କ୍ଷିତି, ଅପ୍, ତେଜଃ, ମରୁତ୍, ବ୍ୟୋମ ।

ପଞ୍ଚମ, ବି. ( ପଞ୍ଚନ୍-ମ, ପୂରଣାର୍ଥେ ) ରାଗବିଶେଷ, କୋକିଳର ଧ୍ୱନି, ୫ ସଂଖ୍ୟାର ପୂରଣ । ବିଂ. ସୁନ୍ଦର, ଦକ୍ଷ ।

ପଞ୍ଚମକାର, ବି. ( ପଞ୍ଚ-ମକାର ) ମତ୍ସ୍ୟ, ମାଂସ, ମୈଥୁନ, ମଦ୍ୟ ଓ ମୁଦ୍ରା ବା ପିଷ୍ଟକ, ତନ୍ତ୍ରୋକ୍ତ ଏହି ପଞ୍ଚଦ୍ରବ୍ୟ ।

ପଞ୍ଚମହାପାତକ, ବି. ବ୍ରହ୍ମହତ୍ୟା, ସୁରାପାନ, ଚୌର୍ଯ୍ୟ, ଗୁରୁପତ୍ନୀ ସଂସର୍ଗ ଏବଂ ଏହି ପାପିଗଣର ସହବାସ ।

ପଞ୍ଚମହାଯଜ୍ଞ, ବି. (ପଞ୍ଚନ୍-ମହତ୍-ଯଜ୍ଞ) ବେଦାଧ୍ୟୟନ, ଅଗ୍ନିହୋତ୍ର, ପିତୃତର୍ପଣ, ଭୂତବଳି, ଅତିଥିପୂଜା ଏହି ପାଞ୍ଚପ୍ରକାର ଗୃହସ୍ଥର କର୍ତ୍ତବ୍ୟ କର୍ମ ।

ପଞ୍ଚମାସ୍ୟ, ବି. (ପଞ୍ଚମ=ସ୍ୱରବିଶେଷ-ଆସ୍ୟ=ମୁଖ) ପଞ୍ଚମସ୍ୱରରେ ଯେ ଗାନ କରେ, କୋକିଳ ।

ପଞ୍ଚମୀ, ବି. ( ପଞ୍ଚମ-ଈ ) ପାଣ୍ଡବପତ୍ନୀ, ତିଥିବିଶେଷ ।

ପଞ୍ଚମୁଖ, ବି. (ପଞ୍ଚନ୍-ମୁଖ) ଶିବ, ସିଂହ, କେଶରୀ ।

ପଞ୍ଚଯଜ୍ଞ, ବି, ( ପଞ୍ଚନ୍-ଯଜ୍ଞ ) ବ୍ରହ୍ମଯଜ୍ଞ, ନୃଯଜ୍ଞ, ଦୈବଯଜ୍ଞ, ପିତୃଯଜ୍ଞ, ଭୂତଯଜ୍ଞ ଏହି ପାଞ୍ଚ ।

ପଞ୍ଚରତ୍ନ, ବି. (ପଞ୍ଚନ୍-ରତ୍ନ) କନକ, ହୀରକ, ମୁକ୍ତା, ନୀଳକାନ୍ତ, ପଦ୍ମରାଗ ଏହି ପାଞ୍ଚ ।

ପଞ୍ଚଲକ୍ଷଣ, ବି. [ପଞ୍ଚନ୍ (ସୃଷ୍ଟି, ପ୍ରଳୟ, ବଂଶବର୍ଣ୍ଣନା, ମନୁଙ୍କ ରାଜତ୍ୱ ଏବଂ ତଦୀୟ ପୁତ୍ରାଦିଙ୍କ ଚରିତ୍ର) ଲକ୍ଷଣ=ଚିହ୍ନ] ପୁରାଣଶାସ୍ତ୍ର ।

ପଞ୍ଚଲବଣ, ବି. ( ପଞ୍ଚନ୍-ଲବଣ ) କଚ, ସୈନ୍ଧବ, ସାମୁଦ୍ର, ବିଟ, ସୌବର୍ଚ୍ଚଳ ଏହି ପାଞ୍ଚପ୍ରକାର ଲବଣ ।

ପଞ୍ଚଲୌହ } ବି. (ପଞ୍ଚ=ପାଞ୍ଚ-ଲୌହ, ଲୌହକ)
ପଞ୍ଚଲୌହକ } ସୁବର୍ଣ୍ଣ, ରଜତ, ତାମ୍ର, ରଙ୍ଗ, ସୀସକ ଏହି ପଞ୍ଚବିଧ ଧାତୁ ।

ପଞ୍ଚବକ୍ତ୍ର, ବି. (ପଞ୍ଚନ୍=ପାଞ୍ଚ-ବକ୍ତ୍ର=ମୁଖ) ପଞ୍ଚାନନ, ଶିବ, ସିଂହ ।

ପଞ୍ଚବଟୀ, ବି. (ପଞ୍ଚ-ବଟ-ଈ) ଦଣ୍ଡକାରଣ୍ୟସ୍ଥ ବନବିଶେଷ, ଅଶ୍ୱତ୍ଥ, ବିଲ୍ୱ, ବଟ, ଧାତ୍ରୀ, ଅଶୋକ

ଏହି ପାଞ୍ଚପ୍ରକାର ବୃକ୍ଷ ଥିବାରୁ ଏହାର ନାମ ପଞ୍ଚବଟୀ ।

ପଞ୍ଚବାଣ, (ଶର) ବି. (ପଞ୍ଚନ୍‌-ବାଣ, ଶର) କନ୍ଦର୍ପ, କାମ । କନ୍ଦର୍ପର ପାଞ୍ଚଟି ବାଣ, ଯଥା—ଅରବିନ୍ଦ, ଅଶୋକ, ଚୂତ, ନବମାଳିକା, ନୀଳୋତ୍ପଳ ଅଥବା ସମ୍ମୋହନ, ଉନ୍ମାଦନ, ଶୋଷଣ, ତାପନ, ସ୍ତମ୍ଭନ ।

ପଞ୍ଚଶସ୍ୟ, ବି. (ପଞ୍ଚନ୍‌-ଶସ୍ୟ) ଧାନ୍ୟ, ମୁଗ, ଯବ, ତିଳ, ଶ୍ୱେତ ସର୍ଷପ ।

ପଞ୍ଚଶାଖ, ବି ( ପଞ୍ଚନ୍‌-ଶାଖା ) କର, ହସ୍ତ । ବିଂ. ପାଞ୍ଚଶାଖାଯୁକ୍ତ ।

ପଞ୍ଚଶିଖ, ବି. (ପଞ୍ଚ-ଶିଖା) ସିଦ୍ଧ, ମୁନିବିଶେଷ ।

ପଞ୍ଚଶୈଳ, ବି. ସୁମେରୁ ଦକ୍ଷିଣସ୍ଥ ପର୍ବତବିଶେଷ ।

ପଞ୍ଚଷଠି, ବି. ବିଂ. (ଦେ) ୬୫ ସଂଖ୍ୟା ।

ପଞ୍ଚସୁଗନ୍ଧକ, ବି.(ପଞ୍ଚନ୍‌-ସୁଗନ୍ଧ-କ)ଲବଙ୍ଗ,କର୍ପୂର, କଙ୍କୋଳ, ଗୁବାକ, ଜାତିଫଳ ଏହି ପାଞ୍ଚ ସୁଗନ୍ଧଦ୍ରବ୍ୟ ।

ପଞ୍ଚାଏ (ୟ) ତ, ବି. (ଦେ) କୌଣସି ବିଷୟ ନିଷ୍ପତ୍ତି କରିବାପାଇଁ ଗ୍ରାମରେ କେତେକ ଜଣ ଭଦ୍ରଲୋକ ମିଶି ଯେଉଁ ସଭା କରନ୍ତି,ତାହାର ନାମ "ପଞ୍ଚାୟତ" ।

ପଞ୍ଚାଗ୍ନି, ବି. ( ପଞ୍ଚନ୍‌-ଅଗ୍ନି ) ଚତୁର୍ଦିଗରେ ଅଗ୍ନି ଉପରେ ସୂର୍ଯ୍ୟ ଏହି ପାଞ୍ଚ, ତପସ୍ୱିବିଶେଷ ।

ପଞ୍ଚାଙ୍ଗୁଳ, ବି. ( ପଞ୍ଚନ୍‌-ଅଙ୍ଗୁଳି ) ଗବଗଛ । ବିଂ. ପାଞ୍ଚ ଆଙ୍ଗୁଳ ପରିମିତ ।

ପଞ୍ଚାଣୋଇ } ବି. ବି°. (ଦେ) ୯୫ ସଂଖ୍ୟା ।
ପଞ୍ଚାନବେ }

ପଞ୍ଚାନନ, ବି. (ପଞ୍ଚନ୍-ଆନନ) ଶିବ, ସିଂହ ।

ପଞ୍ଚାବନ, ବି. ବି°. (ଦେ) ୫୫ ସଂଖ୍ୟା ।

ପଞ୍ଚାମୃତ, ବି. ( ପଞ୍ଚନ୍-ଅମୃତ ) ଦଧି, ଦୁଗ୍ଧ, ଘୃତ, ମଧୁ, କଦଳ ଏହି ପାଞ୍ଚ ।

ପଞ୍ଚାମ୍ର, ବି. (ପଞ୍ଚନ୍-ଆମ୍ର) ଅଶ୍ୱତ୍ଥ, ନିମ୍ବ, ଚମ୍ପକ, ବକୁଳ, ନାରକେଳ ଏହି ପାଞ୍ଚ ।

ପଞ୍ଚାଳ, ବି. (ପଞ୍ଚନ୍-ଆଳ)ଉତ୍ତର ଭାରତର ପ୍ରାଚୀନ ଦେଶବିଶେଷ ।

ପଞ୍ଚାଳିକା, ବି. (ପଞ୍ଚାଳ-ଇକ-ଆ)ପିତୁଳା,କୁଣ୍ଢେଇ, ପଶାର ଛକ ।

ପଞ୍ଚାଳିଶ, ବି. ବି°. (ଦେ) ୪୫ ସଂଖ୍ୟା ।

ପଞ୍ଚାଳୀ, ବି. (ପଞ୍ଚ-ଆଳ-ଈ) ପିତୁଳା, କୁଣ୍ଢେଇ ।

ପଞ୍ଚାଶତ୍, ବି. ବି°. (ପଞ୍ଚନ୍-ଦଶନ) ୫୦ ସଂଖ୍ୟା ।

ପଞ୍ଚାଶୀ } (ଦେ) ୮୫ ସଂଖ୍ୟା ।
ପଞ୍ଚାଅଶୀ }

ପଞ୍ଚାଶୀତ, ବି. ବି°. (ପଞ୍ଚନ୍-ଅଶୀତ) ୮୫ ସଂଖ୍ୟା ।

ପଞ୍ଚାସ୍ୟ, ବି. (ପଞ୍ଚ-ଆସ୍ୟ) ମହାଦେବ, ସିଂହ ।

ପଞ୍ଚୁ, ବି. (ଦେ) ପାଞ୍ଚାମୃତ ।

ପଞ୍ଚଆତ ବି. (ଦେ)ଶିଶୁଜନ୍ମର ପଞ୍ଚମଦିନର ଉତ୍ସବ, ପଶାଖେଳର ଦାନ ।

ପଞ୍ଚେନ୍ଦ୍ରିୟ, ବି. (ପଞ୍ଚନ୍-ଇନ୍ଦ୍ରିୟ) ଚକ୍ଷୁ, କର୍ଣ୍ଣ, ନାସିକା, ତ୍ୱକ୍, ଜିହ୍ୱା ଏହି ପାଞ୍ଚ ଇନ୍ଦ୍ରିୟ ।

ପଞ୍ଚେଷୁ, ବି. (ପଞ୍ଚନ-ଇଷୁ) କନ୍ଦର୍ପ, ପଞ୍ଚଶର, ମଦନ ।

ପଞ୍ଜର, (ରା), ବି. (ପଜ୍‌-ଅର) କଙ୍କାଳ, ପଞ୍ଜରା ।

ପଞ୍ଜି
ପଞ୍ଜିକା } ବି. ( ପିଜ୍‌-ଇ, ଇକ-ଆ, ଈ ) ପାଞ୍ଜି,
ପଞ୍ଜୀ } ତିଥି, ନକ୍ଷତ୍ରାଦି କାଳଜ୍ଞାପକ ଗ୍ରନ୍ଥ ।

ପଞ୍ଜୁର, ବି. ( ପିଞ୍ଜର ଶବ୍ଦର ଅପଭ୍ରଂଶ ) ପକ୍ଷ୍ୟାଦିର ବଦ୍ଧଗୃହ ।

ପଞ୍ଝା, ବି. (ଦେ) ଦଳ, ସମୂହ, ପଲ, କରତଳ ।

ପଟ, ବି. ( ପଟ୍‌-ଅ ) ବସ୍ତ୍ର, ଚିତ୍ରପଟ, ଛବି, ସ୍ଥଳ, କଦଳୀ ପଟୁକା, ପରଦା, ଯବନିକା । (ଦେ) ଅଖା, କଆଁଚେର, ଯୋଡ଼କରୁ ଗୋଟିଏ ।

ପଟକା, ବି. (ଦେ) କଟିବସ୍ତ୍ର, ଅଣ୍ଟାଭିଡ଼ା, ତାଳପତ୍ର-ନିର୍ମିତ ଏକପ୍ରକାର ଫଟକା, ତାଳଫଟକା ।

ପଟଚର, ବି.(ପଟତ୍ବ-ଚର୍‌-ଅ) ଚୋର, ପୁରୁଣା ଲୁଗା ।

ପଟ(ଣ), ଣା, ବି. (ପତ୍ତନ ଶବ୍ଦଜ) ଗ୍ରାମପୁଞ୍ଜ ।

ପଟମଣ୍ଡପ, ବି. (ପଟ-ମଣ୍ଡପ) ବସ୍ତ୍ରଗୃହ, ତମ୍ବୁ ।

ପଟଳ, ବି. (ପଟ୍‌-ଅଳ) ସ୍ତୂପ, ସମୂହ, ଗୃହର ଛାତ, ଗୁଳ, ଚକ୍ଷୁରୋଗବିଶେଷ, ପରଳ ପଡ଼ିବା ।

ପଟବାସ, ବି. (ପଟ-ବାସ) ଶାଢ଼ୀ, ତମ୍ବୁ ।

ପଟହ, ବି. (ପଟ-ହା-ଅ) ନାଗରା, ରଣଢକ୍କା ।

ପଟା, ବି. (ଦେ) ତକ୍ତା, ଭୂସମ୍ପତ୍ତିର ସନନ୍ଦବିଶେଷ ।

ପଟାନ୍ତର, ବି. (ପଟ-ଅନ୍ତର) ତୁଳନା, ଉପମା ।

ପଟାପଟି, ବିଂ.(ଦେ) ମତର ଅନୁକୂଳ । ବି. ଚଳାଚଳି ।

ପଟାଳି, ବି. ( ଦେ ) କ୍ଷୁଦ୍ର କଆର, କାଠ ବାଉଁଶ ପ୍ରଭୃତିର ଭେଳା ।

ପଟି, ବି. (ପଟ୍-ଅ-ଇ) ବସ୍ତ୍ରବିଶେଷ, ପଲ୍ଲୀ, କଆଣ୍ଟର ଖଣ୍ଡବିଶେଷ, ଖଜୁରି ଆଦି ପତ୍ରବୁଣା ବିଛଣା, ଚାଳି, ସାହି ।

ପଟୁ, ବିଂ. ( ପଟ୍-ଉ ) ନିପୁଣ, ଦକ୍ଷ, ତୀକ୍ଷ୍ଣ । (ଦେ) ଜଳସ୍ରୋତରେ ବହି ଆସିବା ସାର ।

ପଟୁଆର, ବି. (ଦେ) ଶୋଭାଯାତ୍ରା, Procession.

ପଟୁଆର, ବି. (ଦେ) ଜମି ମାପିବା କର୍ମଚାରୀ ।

ପଟୁକା, ବି. (ଦେ) କଦଳୀବାଘୁଙ୍ଗା, କଟିବସ୍ତ୍ର ।

ପଟେ, ବି. (ଦେ) ଅଧଯୋଡ଼ା ।

ପଟୋଳ, ବି. ( ପଟ-ଓଳ ) ସ୍ୱନାମପ୍ରସିଦ୍ଧ ଫଳବିଶେଷ, ପଟବସ୍ତ୍ର ।

ପଟ୍ଟ, ବି. ( ପଟ୍-ତ ) ଶିଳ, ପଟା, ରାଜକୀୟ ସନନ୍ଦ, ବସ୍ତ୍ରବିଶେଷ ।

ପଟ୍ଟଗୃହ, ବି. (ପଟ୍ଟ-ଗୃହ) ତମ୍ବୁ ।

ପଟ୍ଟନ, ବି. (ପଟ୍-ତନ) ପଟଣା, ନଗର ।

ପଟ୍ଟଦେବୀ } ବି. (ପଟ୍ଟ-ଦେବୀ, ମହିଷୀ) ରାଜାଙ୍କ
ପଟ୍ଟମହିଷୀ } ପ୍ରଧାନ ମହିଷୀ, ପାଟ ରାଣୀ ।

ପଟ୍ଟା, ବି. ( ଦେ ) ଜମିଭୋଗ କରିବା ନିମନ୍ତେ ଜମିଦାରଠାରୁ ପ୍ରାପ୍ତ ଅନୁମତିପତ୍ର ।

ପଟ୍ଟିକା, ବି. (ପଟ୍ଟ-କ-ଆ) ଅଞ୍ଚଳ, ପାଲ ।

ପଟ୍ଟିଶ, (ସ), ବି. (ପଟ୍-ଟିଶ୍ (ସ୍) ଯୁଦ୍ଧାସ୍ତ୍ରବିଶେଷ ।

ପଠନ, ବି. (ପଠ୍-ଅନ) ପାଠ, ଅଧ୍ୟୟନ ।

ପଠନୀୟ, ବିଂ. ( ପଠ-ଅନୀୟ ) ପାଠ୍ୟ, ପଢ଼ିବାର ଯୋଗ୍ୟ ।

ପଠା, ବି. (ଦେ) ପୃଷ୍ଠଦେଶସ୍ଥ ବ୍ରଣରୋଗବିଶେଷ । ନଦୀ ଗର୍ଭରେ ପଟୁ ପଡ଼ି ଯେଉଁ ଉଚ୍ଚ ଭୂଖଣ୍ଡ ହୋଇ-ଥାଏ ।

ପଠାଇବା, କ୍ରି. (ଦେ) ପ୍ରେରଣ କରିବା ।

ପଠାଣ, ବି. (ଯା) ଯବନ ।

ପଠିତ, ବିଂ. (ପଠ୍-ତ) ଅଧୀତ, ଉଚ୍ଚାରିତ ।

ପଠାେଣୀ, ବି. ସ୍ତ୍ରୀ. (ଦେ) ପଠାଣର ସ୍ତ୍ରୀ ।

ପଡ଼ା, ବି. (ଦେ) ପଲ୍ଲୀଗ୍ରାମ, ଖଣ୍ଡ । କ୍ରି. ପଡ଼ିବା ।

ପଡ଼ି, ବି. ( ଦେ ) କୌଣସି ଲୋକର ଭରଣ-ପୋଷଣାର୍ଥ ଯେଉଁ ନିର୍ଦ୍ଦିଷ୍ଟ ସାହାଯ୍ୟ ଦିଆ ହୁଏ, ତାହାକୁ ପଡ଼ି କହନ୍ତି ।

ପଡ଼ିଆ, ବି. (ଦେ) ପଦା, ପ୍ରାନ୍ତର, ଅନୁର୍ବର ଜମି ।

ପଡ଼ିବା କ୍ରି. (ଦେ) ପତିତ ହେବା ।

ପଡ଼ିଶା, ବି. (ଦେ) ପ୍ରତିବେଶୀ, ପାଖଘର ।

ପଡ଼ିହାରି } ବି (ପ୍ରତିହାରୀ ଶବ୍ଦଜ) ଦ୍ୱାରପାଳ,
ପଡିଆରି } ଦେବପୂଜକବିଶେଷ ।

ପଡୋଶୀ, ବି. (ପ୍ରତିବାସୀ ଶବ୍ଦଜ) ପ୍ରତିବାସୀ ।

ପଢ଼ଉ, ବି. (ଦେ) କ୍ଷୁଦ୍ର ନୌକା ।

ପଢ଼ା, ବି. ( ଦେ ) ପାଠ ଅଧ୍ୟୟନ କରିବା । ବିଂ. ଅଧୀତ, ଅଧ୍ୟାୟୀ ।

ପଢୁଆ, ବି. ( ଦେ ) ଶ୍ରେଷ୍ଠ ନୌକା । ବଂ. ଗ୍ରୁନ ।
ପଣ, ବି. ( ପଣ୍‌-ଅ ) ପ୍ରତିଜ୍ଞା, ବାଜି ମାରିବା, ୨୦ ଗଣ୍ଡା ପରିମାଣ, ସ୍ଥ, ତା ଅର୍ଥବୋଧକ ଓଡ଼ିଆ ପ୍ରତ୍ୟୟବିଶେଷ, ଯଥା—ବ୍ରାହ୍ମଣପଣ, ଗୋଠାପଣ ।
ପଣଅଜା, ବି. (ଦେ) ପ୍ରପିତାମହ, ପ୍ରମାତାମହ ।
ପଣକଆ, ବି. ( ଦେ ) ଦେଶୀୟ ସ୍ତ ଅନୁସାରେ ଗୁଣନର ଖଣ୍ଡ ।
ପଣନ୍ତ, ବି. (ଦେ) ବସ୍ତ୍ରାଞ୍ଚଳ ।
ପଣସ, ବି. ( ପଣ୍‌-ଅସ ) ପଣ୍ୟଦ୍ରବ୍ୟ । (ଦେ) ଫଳ-ବିଶେଷ, ପନସ ।
ପଣବ, ବି. (ପଣ୍‌-ଅବ) ଏକପ୍ରକାର ବାଦ୍ୟଯନ୍ତ୍ର ।
ପଣା, ବି. (ପ୍ରପାନକ ଶବ୍ଦଜ) ନବାତମିଶ୍ରିତ ଜଳ ।
ପଣାସଂକ୍ରାନ୍ତି, ବି. ( ଦେ ) ମହାବିଷୁବସଂକ୍ରାନ୍ତି, ବୈଶାଖ ମାସର ପଥମ ଦିନ ।
ପଣିବା, କ୍ରି. (ଦେ) ମୁହାଁଇବା, ଢିଙ୍କିରେ ଧାନଦେବା, ବହୁତ ମାରିବା ।
ପଣ୍ଡ, ବି. (ପଣ୍ଡ—ଗମନ କରିବା-ଅ) ନପୁଂସକ । ବଂ. ନିଷ୍ଫଳ ।
ପଣ୍ଡଶ୍ରମ, ବି. (ପଣ୍ଡ-ଶ୍ରମ) ବୃଥା ପରିଶ୍ରମ ।
ପଣ୍ଡା, ବି. (ପଣ୍ଡ-ଆ) ତୀକ୍ଷ୍ଣବୁଦ୍ଧି, ପାଣ୍ଡିତ୍ୟ, ଅଣ୍ଡିରା ମଇଁଷି, ଟବକ ବ୍ରାହ୍ମଣ, ବ୍ରାହ୍ମଣର ଉପାଧିବିଶେଷ, ନପୁଂସକ, ଅସାର ।
ପଣ୍ଡିତ, ବି. (ପଣ୍ଡା-ଇତ) ଶାସ୍ତ୍ରଜ୍ଞ, ବିଦ୍ୱାନ୍‌, ଦକ୍ଷ ।

ପଣ୍ଡିତମ୍ମନ୍ୟ } ବିଂ. (ପଣ୍ଡିତ-ମନ୍-ଯ, ପଣ୍ଡିତ-ମନ୍-
ପଣ୍ଡିତମାନୀ } ଇନ୍) ପଣ୍ଡିତାଭିମାନୀ, ଯେ ପଣ୍ଡିତ ନ ହୋଇ ଆପଣାକୁ ପଣ୍ଡିତ ଜ୍ଞାନ କରେ ।

ପଣ୍ୟ, ବିଂ. (ପଣ-ଯ) ବିକ୍ରେୟ ବସ୍ତୁ, ବ୍ୟବହାର୍ଯ୍ୟ ।

ପଣ୍ୟବୀଥିକା
ପଣ୍ୟବୀଥି } ବି. (ପଣ୍ୟ-ବୀଥିକା, ବୀଥି, ଶାଳା)
ପଣ୍ୟଶାଳା } ବିପଣି, ହାଟ ।

ପଣ୍ୟସ୍ତ୍ରୀ, ବି. (ପଣ୍ୟ-ସ୍ତ୍ରୀ) ବେଶ୍ୟା ।

ପତଗ
ପତଙ୍ଗ } ବି. ( ପତ୍-ଗମ୍-ଅ ) ବିହଙ୍ଗ, ପକ୍ଷୀ,
ପତଙ୍ଗମ } ଝିଣ୍ଟିକା, ଶଲଭ, ସୂର୍ଯ୍ୟ, ଅଗ୍ନି, ଶର, ଚନ୍ଦନବିଶେଷ ।

ପତଙ୍ଗିକା, ବି. (ପତଙ୍ଗ-କ-ଆ) ମହୁମାଛିବିଶେଷ ।

ପତଞ୍ଜଳି, ବି. (ପତତ୍-ଅଞ୍ଜଳି) ମୁନିବିଶେଷ ।

ପତତ୍ର, ବି. (ପତ୍-ତ୍ରୈ-ଅ) ପକ୍ଷିର ଡେଣା ।

ପତତ୍ରି } ବି. ( ପତତ୍ର-ଇ, ଇନ୍ ) ବିହଙ୍ଗ, ଖଗ,
ପତତ୍ରୀ } ପକ୍ଷୀ ।

ପତନ, ବି. ( ପତ୍-ଅନ ) ଚଳନ, ଭ୍ରଂଶ, ପାପ ।

ପତନୀ, ବି. (ଦେ) ସରୁ, ଯଥା—ପତନୀ ଶାଢ଼ୀ ।

ପତରଶଉରୁଣୀ, ବି. ସ୍ତ୍ରୀ. ( ଦେ ) ଗଛର ପତ୍ର ପିନ୍ଧୁଥିବା ଅନାର୍ଯ୍ୟଜାତିର ସ୍ତ୍ରୀଲୋକ ।

ପତଳା, ବିଂ. (ଦେ) ସରୁ, ସୂକ୍ଷ୍ମ, ପାତଳ ।

ପତା, ବି. (ଯା) ଠିକଣା, ପତ୍ର, ପକ୍ଷ ।

ପତାଇବା, କ୍ରି, (ଦେ) ପ୍ରସାରିବା ।

ପତାକା. ବି. (ପତ୍-ଅକ-ଆ) ଧ୍ୱଜା, ଧ୍ୱଜପଟ, ନାଟକର ଅଙ୍ଗବିଶେଷ ।

ପତାକୀ, ବିଂ. (ପତାକା-ଇନ୍) ପତାକାଧାରୀ, ପଦାତି ।

ପତି, ବି. (ପା-ଅତି) ଭର୍ତ୍ତା, ସ୍ୱାମୀ, ନାୟକ, ପ୍ରଭୁ, ଗଞ୍ଜାଇଗଛର ପତ୍ର ।

ପତିଆରା, ବି. (ଦେ) ଖାତିର୍, ବିଶ୍ୱାସ ।

ପତିଘାତିନୀ } ବିଂ. ସ୍ତ୍ରୀ. (ପତି-ହନ୍-ଇନ୍-ଈ, ଅ-
ପତିଘ୍ନୀ } ଈ) ଯେଉଁ ସ୍ତ୍ରୀ ସ୍ୱାମିକୁ ହତ୍ୟା କରେ ।

ପତିତ, ବିଂ. (ପତ୍-ତ) ଚଳିତ, ଅଧୋଗତ, ପାପୀ ।

ପତିତପାବନ, ବି. ( ପତିତ-ପାବନ ) ପତିତର ପରିତ୍ରାଣକାରୀ, ବିଷ୍ଣୁ, ପୁରୀ ସିଂହଦ୍ୱାର ସମୀପସ୍ଥ ଜଗନ୍ନାଥ ମୂର୍ତ୍ତି ।

ପତିପ୍ରାଣା, ବି. (ପତି-ପ୍ରାଣ) ପତିବ୍ରତା, ସତୀ ।

ପତିଦେବତା, ବି. ସ୍ତ୍ରୀ. (ପତି-ଦେବତା) ଯେଉଁ ସ୍ତ୍ରୀ ପତିକୁ ଦେବତା ପରି ମନେ କରେ, ପତିବ୍ରତା ।

ପତିମ୍ବରା, ବି. ( ପତି-ବୃ-ଅ ) ସ୍ୱୟମ୍ବରା, ଯେଉଁ ସ୍ତ୍ରୀ ଅନେକ ପୁରୁଷ ମଧ୍ୟରୁ ପତି ମନୋନୀତ କରେ, କୃଷ୍ଣଜୀରକ, କଳାଜୀରା ।

ପତିବ୍ରତା, ବି.(ପତି-ବ୍ରତ-ଆ) ଯାହାର ପତି ବ୍ରତତୁଲ୍ୟ ଅର୍ଥାତ୍ ସଦା ସେବ୍ୟ, ସତୀ, ସାଧ୍ୱୀ, ପତିପରାୟଣା ।

ପତିହୀନା, ବି (ପତି-ହୀନ-ଆ) ସ୍ୱାମିହୀନା, ବିଧବା ।

ପତୁଲି, ବି. ( ଦେ ) ମାଟିର କ୍ଷୁଦ୍ର ସରା, ଧାନ-ବେଙ୍ଗଲା ।

ପତ୍ତନ, ବି. (ପତ୍-ତନ) ଉପକ୍ରମ, ଆରମ୍ଭ, ନଗର, ସହର, ପଟ୍ଟଣା ।

ପତ୍ତି, ବି. (ପଦ୍-ତି) ପଦାତିକ ସୈନ୍ୟ, ସେନାଙ୍ଗବିଶେଷ ।

ପତ୍ନୀ, ବି. ( ପତି-ଈ ଜାୟାର୍ଥେ ନ ଆଗମ ) ପରିଣୀତା ସ୍ତ୍ରୀ, ଭାର୍ଯ୍ୟା ।

ପତ୍ର, ବି. (ପତ୍-ର) ଦଳ, ପର୍ଣ୍ଣ, ପୁସ୍ତକାଦିର ପୃଷ୍ଠା, ପକ୍ଷିର ଡେଣା, ବାହନ, ଚିଠି, ଭାଷା ।

ପତ୍ରିକା } ବି. ( ପତ୍ର-ଇକ-ଆ, ପତ୍ର-ଇନ୍ ) ଲିପି,
ପତ୍ରୀ } ଚିଠୀ, ଭାଷା ।

ପତ୍ରବଲ୍ଲୀ } ବି. ( ପତ୍ର-ବଲ୍ଲୀ, ଆବଳୀ ) ଗଣ୍ଡ-
ପତ୍ରାବଳୀ } ଦେଶାଦିରେ ପତ୍ରରଚନା ବା ଏକ ପ୍ରକାର ଚିତ୍ର ଅଙ୍କନ ।

ପତ୍ରୀ, ବି. (ପତ୍ର-ଇନ୍) ପକ୍ଷୀ, ବାଣ । ବିଂ. ପତ୍ରଯୁକ୍ତ ।

ପଥ, ବି. (ପଥ୍=ଗମନ କରିବା-ଅ ) ବାଟ, ଉପାୟ ।

ପଥର, ବି. (ପ୍ରସ୍ତର ଶବ୍ଦଜ) ପାଷାଣ ।

ପଥି, ବି. (ଦେ ) ରୋଗିର ହିତ ଆହାର, ପଥ୍ୟ ।

ପଥିକ, ବି. (ପଥିନ୍-କ) ପାନ୍ଥ, ବିଦେଶୀ, ବାଟୋଇ ।

ପଥୁକି, ବି. (ଦେ) ପଥିକ, ପାନ୍ଥ ।

ପଥୁରି, ବି. (ଦେ) ପଥର ବାସନ ।

ପଥୁରିଆ, ବି. (ଦେ) ପଥର ଶିଳ୍ପୀ ।

ପଥ୍ୟ, ବିଂ. (ପଥ-ଯ) ହିତଜନକ । ବି. ପଥି ।

ପଦ, ବି. (ପଦ୍-ଅ) ଚରଣ, ଚରଣଚିହ୍ନ, ପଦ୍ୟାଂଶ, ଐଶ୍ୱର୍ଯ୍ୟ, ବିଭକ୍ତିଯୁକ୍ତ ଶବ୍ଦ, ବିଶେଷ୍ୟାଦି ପଦ ।
ପଦକ, ବି. ପଦ-କ) କଣ୍ଠଭୂଷଣ ।
ପଦବି } ବି. ( ପଦ-ଅବି ) ପଥ, ବ୍ୟବସାୟ,
ପଦବୀ } ଉପାଧି ।
ପଦବ୍ରଜ, ବି. ( ପଦ-ବ୍ରଜ-ଅ) ପଦଗମନ ।
ପଦସ୍ଥ, ବିଂ. (ପଦ-ସ୍ଥା-ଅ) ସମ୍ମାନାସ୍ପଦ, ଉଚ୍ଚପଦରେ ପ୍ରତିଷ୍ଠିତ ।
ପଦା, ବି. (ଦେ) ପଡ଼ିଆ । ବିଂ. ଖାଲି, ଶୂନ୍ୟ ।
ପଦାଙ୍କ, ବି. (ପଦ-ଅଙ୍କ) ପାଦଚିହ୍ନ ।
ପଦାତିକ, ବିଂ.(ପଦ-ଅତି-ଇକ) ପାଦଗାମୀ ସୈନ୍ୟ, ପିମ୍ପୁଡ଼ି ।
ପଦାର୍ଥ ବି.(ପଦ-ଅର୍ଥ) ଅଭିଧେୟ ପଦର ଅର୍ଥ, ଦ୍ରବ୍ୟ ।
ପଦିକା, ବି. (ଦେଶଜ) ଭୂମିପରିମାପକ ଦଣ୍ଡ ।
ପଦ୍ଧତି, ବି. ( ପଦ-ହନ୍-ତି ) ପଥ, ଶ୍ରେଣୀ, ରୀତି, ଉପାଧି, ପଦବୀ ।
ପଦ୍ମ, ବି. ( ପଦ୍-ମ ) କମଳ, ସର୍ପବିଶେଷ ।
ପଦ୍ମନାଭ, ବି. (ପଦ୍ମ-ନାଭି) ବିଷ୍ଣୁ, ନାରାୟଣ ।
ପଦ୍ମବନ୍ଧୁ ବି. (ପଦ୍ମ-ବନ୍ଧୁ ) ସୂର୍ଯ୍ୟ, ଭ୍ରମର ।
ପଦ୍ମଭୂ } ବି. ( ପଦ-ଭୂ, ଯୋନି) ବ୍ରହ୍ମା,
ପଦ୍ମଯୋନି } ପିତାମହ ।
ପଦ୍ମରାଗ, ବି. (ପଦ୍ମ-ରାଗ) ରକ୍ତବର୍ଣ୍ଣ ମଣିବିଶେଷ ।
ପଦ୍ମା, ବି.(ପଦ୍ମ-ଅ-ଆ) ଲକ୍ଷ୍ମୀ, କମଳା, ନଦୀବିଶେଷ ।

ପଦ୍ମାକର, ବି. (ପଦ୍ମ-ଆକର) ପଦ୍ମଯୁକ୍ତ ଜଳାଶୟ ।
ପଦ୍ମାଳୟା, ବି. (ପଦ୍ମ-ଆଳୟ-ଆ) ଲକ୍ଷ୍ମୀ ।
ପଦ୍ମାବତୀ, ବି. (ପଦ୍ମ-ବତ୍-ଈ) ମନସାଦେବୀ, ନଦୀ-ବିଶେଷ, କାଞ୍ଚି ରାଜଜେମା ।
ପଦ୍ମାସନ, ବି. ( ପଦ୍ମ-ଆସନ ) ଯୋଗାସନ, ଉପ-ବେଶନବିଶେଷ ।
ପଦ୍ମିନୀ, ବି. ( ପଦ୍ମ-ଇନ୍-ଈ ) କମଳିନୀ, ପଦ୍ମଲତା, ଏକଜାତୀୟ ସ୍ତ୍ରୀ ।
ପଦ୍ମିନୀକାନ୍ତ } ବି (ପଦ୍ମିନୀ କାନ୍ତ, ବଲ୍ଲଭ) ସୂର୍ଯ୍ୟ ।
ପଦ୍ମିନୀବଲ୍ଲଭ }
ପଦ୍ମୋଦ୍ଭବ, ବି. (ପଦ୍ମ-ଉଦ୍ଭବ) ବ୍ରହ୍ମା ।
ପଦ୍ୟ, ବି. (ପଦ-ଯ) ଶ୍ଳୋକ, ଛନ୍ଦୋଯୁକ୍ତ ବାକ୍ୟ ।
ପଧାନ, ବି. ( ପ୍ରଧାନର ଅପଭ୍ରଂଶ ) ଗ୍ରାମର ପ୍ରଧାନ ବ୍ୟକ୍ତି, ଚଷାଙ୍କ ଉପାଧିବିଶେଷ ।
ପନଙ୍ଗାନାରାୟଣ, ବି. (ଦେ) ଦୁର୍ଯ୍ୟୋଧନ ।
ପନସ, ବି. (ପଣ୍-ଅସ) ପଣସ ଗଛ, ପଣସ ଫଳ ।
ପନି } ବି. ( ଦେ ) ଖଜକରର ପଦାର୍ଥବିଶେଷ,
ପନୀ } ପଣ୍ୟ ।
ପନିଅର, (ସ୍ତ୍ରୀ), ବିଂ. (ଦେ) ଫରବା ବନ୍ଧୁକାରୀ ।
ପନିକି, ବି: (ଦେ) ପରିବା ପ୍ରଭୃତି କାଟିବାର ଅସ୍ତ୍ର-ବିଶେଷ
ପନିପରିବା, ବି. (ଦେ) ତରକାରି ଫଳବିଶେଷ ।
ପନ୍ନରି, ବି. (ଦେ) ସୁବାସିତ ଜଳ ।

ପନ୍ଥା, ସ୍ତ୍ରୀ. (ପଥିନ୍ ଶବ୍ଦଜ) ପଥ, ଉପାୟ, ରାହା ।
ପନ୍ଦର, ବି. ବିଂ. (ଦେ) ପଞ୍ଚଦଶ ସଂଖ୍ୟା, ୧୫ ।
ପନ୍ଦାଡ଼, (ର), ବି. ( ଦେ ) ଘରର ପିଣ୍ଡା, ଘରର ଓଳଟଳ ।
ପନ୍ଦାଣ୍ଡ, ବି. (ଦେ) ଶଗଡ଼ ତୁମ୍ବି ମୁହଁରେ ଲଗିଥିବା ଲୁହାର ବଳା ।
ପନ୍ନ, ବିଂ. (ପଦ୍-ତ) ଚ୍ୟୁତ, ସ୍ଖଳିତ ।
ପନ୍ନଗ, ବି. (ପନ୍ନ-ଗମ୍-ଅ) ସର୍ପ, ଭୁଜଙ୍ଗ, ବିଷଧର ।
ପନ୍ନଗାରି } ବି. (ପନ୍ନଗ-ଅରି, ଅଶନ) ଗରୁଡ଼ ।
ପନ୍ନଗାଶନ }
ପପେୟା } ବି. (ବଙ୍ଗଳା) ଅମୃତଭଣ୍ଡା ।
ପେଁପେ }
ପମ୍ପା, ବି. (ନାମ) ନଦୀବିଶେଷ, ସରୋବରବିଶେଷ ।
ପୟଃ } ବି. (ପା-ଅସ୍, ଅସ) ଦୁଗ୍ଧ, ଜଳ ।
ପୟସ୍ }
ପୟଃପ୍ରଣାଳୀ, ବି. ( ପୟଃ-ପ୍ରଣାଳୀ ) ନର୍ଦ୍ଦମା, ପାଣି ବାହାରିଯିବା ବାଟ ।
ପୟର, ବି. (ଦେ) ପାଦ, ଚରଣ ।
ପୟସ୍ୟ, ବିଂ. (ପୟସ୍-ଯ) ଦୁଗ୍ଧଦ୍ୱାରା ପ୍ରସ୍ତୁତ । ଯଥା, ଛେନା ।
ପୟସ୍ୱିନୀ, ବିଂ. ( ପୟସ୍-ବିନ୍-ଈ ) ଦୁଗ୍ଧବତୀ । ବି. ନଦୀ ।
ପୟାର, ବି. (ଦେ) ଚତୁର୍ଦ୍ଦଶାକ୍ଷର କବିତାବିଶେଷ । ସଂସ୍କୃତ ଶ୍ଳୋକର ଓଡ଼ିଆ ପଦ୍ୟାନୁବାଦ ।

ପୟୋଜ, ବି. (ପୟସ୍-ଜନ୍-ଅ) ପଦ୍ମ ।
ପୟୋଦ, ବି. (ପୟସ୍-ଦା-ଅ) ମେଘ ।
ପୟୋଧର, ବି. ( ପୟସ୍-ଧୃ-ଅ ) ମେଘ, ସ୍ତନ, ନାରକେଳ ।
ପୟୋଧି } ବି. ( ପୟସ୍-ଧା-ଇ, ନିଧି ) ସମୁଦ୍ର,
ପୟୋନିଧି } ସାଗର ।
ପୟୋମୁକ୍, ବି. ( ପୟସ୍-ମୁଚ୍-୦ ) ମେଘ ।
ପର, ବିଂ. ( ପୃ-ଅ ) ଆସକ୍ତ, ପକ୍ଷିର ପକ୍ଷ, ଶତ୍ରୁ, ଭିନ୍ନଲୋକ, ପ୍ରଧାନ, ପରମାତ୍ମା, ମୁକ୍ତି । କ୍ରି. ବିଂ. ଅନନ୍ତର, ପଶ୍ଚାତ୍, କେବଳ ।
ପରଃଶ୍ୱଃ, ଅଂ. ( ପର-ଶ୍ୱସ୍ ) ଆଗାମୀ ଦିବସର ପରଦିନ, ପରଦିନ, ପରଶୁ ।
ପରକନା, ବି. କଣ୍ଟା କାଢ଼ିବା ନିମିତ୍ତ ବ୍ୟବହୃତ ଦ୍ୱିଶିଖ ଯଷ୍ଟିବିଶେଷ ।
ପରକାଳ, ବି. ( ପର-କାଳ ) ଉତ୍ତରକାଳ, ଶେଷ-କାଳ, ପରଲୋକ ।
ପରକୀୟ, ବିଂ. ( ପର-ଈୟ, କ ଆଗମ ) ଅପର ସମ୍ବନ୍ଧୀୟ, ଅନ୍ୟର ।
ପରଖ, ବି. ( ଦେ ) ପରୀକ୍ଷା, ପର୍ଯ୍ୟାଲୋଚନା, ଔଷଧରେ ଅନୁପାନ ମିଶ୍ରଣ ।
ପରଖିବା, କ୍ରି. ( ଦେ ) ପରୀକ୍ଷା କରିବା, ଔଷଧରେ ଅନୁପାନ ମିଶାଇବା ।
ପରଗଣା, (ନା), ବି. (ଯା) ପ୍ରଦେଶ, ଚକଲା ।

ପରଟେଚ
ପରଚ } ବି. (ଗ୍ରାମ୍ୟ) ପରିଚୟ, ଚିହ୍ନା ।

ପରଟେଚଇବା
ପଡ଼ଟେଚଇବା } କ୍ରି. (ଦେ) ପରିଚୟ କରାଇବା, ପ୍ରବୋଚିତ କରାଇବା ।

ପରଚ୍ଛନ୍ଦାନୁବର୍ତ୍ତୀ, ବି°. ( ପର-ଛନ୍ଦ-ଅନୁବର୍ତ୍ତୀ ) ପରାଧୀନ, ଯେ ପର ଇଚ୍ଛାନୁସାରେ କାମ କରେ ।

ପରଚ୍ଛିତ୍ର, ବି. ( ଦେ ) ପାଚେରି କାନ୍ଥ, ପ୍ରାଚୀର-ବେଷ୍ଟିତ ଖଞ୍ଜା ।

ପରଚ୍ଛିଦ୍ର, ବି. (ପର-ଛିଦ୍ର) ଅନ୍ୟର ଦୋଷ, ପରର ଦୋଷ ।

ପରଜବା, କ୍ରି. (ଦେ) ବଢାଇବା, ଛୁଙ୍କିବା ।

ପରଜ଼, ବି. (ଦେ) ଚକ୍ଷୁର ରୋଗବିଶେଷ, ପରଳ ।

ପରତନ୍ତ୍ର, ବି°. (ପର-ତନ୍ତ୍ର) ପରାଧୀନ, ପରବଶ ।

ପରତେ, ବି. (ଗ୍ରାମ୍ୟ ଓ ପଦ୍ୟ) ପ୍ରତ୍ୟୟ, ବିଶ୍ୱାସ ।

ପରତ୍ର, ଅ°. (ପର-ତ୍ର) ପରକାଳରେ ।

ପରଦା
ପର୍ଦ୍ଦା } ବି. (ଯା) ଯବନିକା, ଆବରକ ।

ପରଦାନସିନ୍, ବି°. (ଯା) ଯେଉଁ ସ୍ତ୍ରୀମାନେ ପରଦା ମଧ୍ୟରେ ରହନ୍ତି ।

ପରଦାର, ବି. ( ପର-ଦାର ) ପର ସ୍ତ୍ରୀ, ପରର ଭାର୍ଯ୍ୟା ।

ପରଦାରିକ, ବି°. ( ପରଦାର-ଇକ ) ପର ସ୍ତ୍ରୀରେ ଆସକ୍ତ ।

ପରଦେଶ, ବି. ( ପର-ଦେଶ ) ସ୍ୱୀୟ ଅଧିକୃତ ଦେଶରୁ ଭିନ୍ନ ଦେଶ ।

ପରନ୍ତପ, ବିଂ. (ପର-ତପ୍-ଅ) ଶତ୍ରୁଦମନକାରୀ ।

ପରନ୍ତୁ, ଅଂ. (ପରମ୍-ତୁ) କିନ୍ତୁ, ଅଧିକନ୍ତୁ ।

ପରପଞ୍ଚ, ବିଂ. (ଦେ) କୁତ୍ସିତ, ଜଟିଳ, କଦର୍ଯ୍ୟ ।

ପରପିଣ୍ଡାଦ, ବିଂ. (ପର-ପିଣ୍ଡ-ଅଦ୍-ଅ) ପରାନ୍ନଜୀବୀ ।

ପରପୁଷ୍ଟ, ବି. (ପର-ପୁଷ୍ଟ) କୋକିଳ । ବିଂ. ପରପୋଷିତ ।

ପରପୂର୍ବା, ବି. ସ୍ତ୍ରୀ. (ପର-ପୂର୍ବା) ଯେଉଁ ସ୍ତ୍ରୀ ପୂର୍ବ ପତି ତ୍ୟାଗ କରି ଅନ୍ୟ ପତି ଗ୍ରହଣ କରେ ।

ପରବ, ବି. (ଗ୍ରାମ୍ୟ ପଦ୍ୟ) ପର୍ବ ଦେଖ ।

ପରବଶ, ବିଂ. (ପର-ବଶ) ପରାଧୀନ ।

ପରବା(ଓ୍ୱା)ନା, ବି. (ଯ) ହୁକୁମ୍‌ନାମା, ରାଜାଦେଶ ।

ପରବ୍ରହ୍ମ, ବି. (ପର-ବ୍ରହ୍ମନ୍) ପରମେଶ୍ୱର, ପରମପୁରୁଷ ।

ପରଭୃତ୍, ବିଂ (ପର-ଭୃ-କ୍ୱିପ୍) କୋଇଲି । ବିଂ ପରପୋଷକ ।

ପରଭୃତ, ବି. (ପର-ଭୃ-ତ) କୋକିଳ ।

ପରମ } ବିଂ. ( ପର-ମା-ଅ ) ଉତ୍କୃଷ୍ଟ, ଶ୍ରେଷ୍ଠ,
ପରଂବ୍ରହ୍ମ } ପ୍ରଧାନ ।

ପରମଗତି, ବି. ( ପରମ-ଗତି ) ମୁକ୍ତି, ମୋକ୍ଷ । ବିଂ. ମୁକ୍ତିର ଉପାୟ ।

ପରମପଦ, ବି. (ପରମ-ପଦ) ମୁକ୍ତି, ଅପବର୍ଗ ।

ପରମପୁରୁଷ, ବି. (ପରମ-ପୁରୁଷ) ପରମେଶ୍ୱର ।
ପରମହଂସ, ବିଂ. (ପରମ-ହଂସ) ମହାଯୋଗୀ, ସିଦ୍ଧ-
ପୁରୁଷବିଶେଷ ।
ପରମାଣୁ, ବି. ( ପରମ-ଅଣୁ ) ପଦାର୍ଥର ସୂକ୍ଷ୍ମତମ
ଅବିଭାଜ୍ୟ ଅଂଶ ।
ପରମାତ୍ମା, ବି. ( ପରମ-ଆତ୍ମନ୍ ) ପରମେଶ୍ୱର ।
ପରମାନନ୍ଦ, ବି. (ପରମ-ଆନନ୍ଦ) ପରମାତ୍ମା, ଉତ୍କୃଷ୍ଟ
ଆନନ୍ଦ ।
ପରମାୟୁଃ, ବି. ( ପରମ-ଆୟୁସ୍ ) ଜୀବିତକାଳ,ଆୟୁ
ପରମାର୍ଥ, ବି. (ପରମ-ଅର୍ଥ) ତତ୍ତ୍ୱବିଷୟ, ଧର୍ମ ।
ପରମାର୍ଥବିଦ୍, ବିଂ. (ପରମାର୍ଥ-ବିଦ୍ ) ଈଶ୍ୱରତତ୍ତ୍ୱଜ୍ଞ ।
ପରମେଶ, ବି. (ପରମ-ଈଶ) ବିଷ୍ଣୁ, ପରମେଶ୍ୱର ।
ପରମେଶ୍ୱର, ବି. ( ପରମ-ଈଶ୍ୱର ) ଶିବ, ବିଷ୍ଣୁ,
ପରବ୍ରହ୍ମ ।
ପରମେଷ୍ଠୀ, ବି. ( ପରମେ-ସ୍ଥା-ଇନ୍ ) ପରମେଶ୍ୱର,
ବ୍ରହ୍ମା, ଶିବ, ବିଷ୍ଣୁ ।
ପରମ୍ପରା, ବି. ( ପର-ପର-ଆ ) ଧାରା, ଶ୍ରେଣୀ,
ଅନୁକ୍ରମ, ବଂଶ ।
ପରମ୍ପରୀଣ, ବିଂ. ( ପରମ୍ପରା-ଈନ୍ ) କ୍ରମାଗତ,
ଧାରାବାହିକ ।
ପରଳ, ବି. (ଦେ) ନେତ୍ରରୋଗବିଶେଷ, ପରଡ଼ ।
ପରଲୋକ, ବି. (ପର-ଲୋକ) ମୃତ୍ୟୁ, ଅନ୍ୟଲୋକ ।
ପରଶ, ବି. ( ସ୍ପର୍ଶ ଶବ୍ଦଜ ) ରତ୍ନବିଶେଷ, ପରଶ
ପଥର ।

ପରଶୁ, ବି. (ପର-ଶୃ ଉ) କୁଠାର, କୁରାଢ଼ୀ ।

ପରଶୁଧର, ବି. ( ପରଶୁ-ଧୃ-ଅ ) ଗଣେଶ, ପରଶୁ-ରାମ । ବି°. ପରଶୁଧାରୀ ।

ପରଶୁରାମ, ବି. ( ପରଶୁ-ରାମ ) ଯମଦଗ୍ନିଙ୍କ ପୁତ୍ର ।

ପରଶ୍ୱଃ, ଅ°. ପଅରଦିନ ।

ପରଷା, ବି. (ଦେ) ପରିବେଷଣ ।

ପରଷିବା, କ୍ରି. (ଦେ) ପରିବେଷଣ କରିବା, ଖାଦ୍ୟ-ପଦାର୍ଥ ବାଣ୍ଟିବା ।

ପରଷୁଣିଆ, ବି. ( ଦେ ) ପରିବେଷଣର ଉପଯୋଗୀ କାଂସ୍ୟପାତ୍ରବିଶେଷ । ବି°. ପରିବେଷଣକାରୀ ।

ପରଷୁଣୀ, ବି. (ଦେ) ପରିବେଷଣକାରୀ, ଯେ ଖାଦ୍ୟ-ପଦାର୍ଥ ବାଣ୍ଟେ ।

ପରସ୍ତ, ବି. (ଦେ) ସ୍ତର, ଥର, ବାର ।

ପରସ୍ପର, ବି°. ( ପର-ପର ) ଇତରେତର, ଅନ୍ୟୋନ୍ୟ ।

ପରସ୍ୱ, ବି. (ଦେ) ପରଧନ ।

ପରା, ଅ°. ( ପ୍ର-ଆ ) ଅହଙ୍କାର, ଗମନ, ପ୍ରାଧାନ୍ୟ, କ୍ଷିତ, ଅତିକ୍ରମ, ବିକ୍ରମ, ଆଭିମୁଖ୍ୟ, ବଧ, ଅତିଶୟ, ତିରସ୍କାର, ବିମୋକ୍ଷ, ଅନାଦର, ଭଙ୍ଗ, ଗତି, ପ୍ରତ୍ୟାବୃତ୍ତି, ଅର୍ଥବୋଧକ ଉପସର୍ଗ । (ଦେ) ପ୍ରାୟ, ତୁଲ୍ୟ, ସଂଶୟ ଓ ପ୍ରଶ୍ନବୋଧକ ଅବ୍ୟୟ ।

ପରାକାଷ୍ଠା, ବି°. (ପରା-କାଷ୍ଠା) ଏକଶେଷ, ଶେଷ ।

ପରାକୃତ, ବିଂ. ( ପରା-କୃ-ତ ) ପ୍ରାକୃତ, ଅସଂସ୍କୃତ, ଘୃଣିତ, ତ୍ୟକ୍ତ ।

ପରାକ୍ରମ, ବି. (ପରା-କ୍ରମ୍-ଅ) ବଳ, ବୀର୍ଯ୍ୟ, ଶକ୍ତି ।

ପରାକ୍ରାନ୍ତ, ବିଂ. ( ପରା-କ୍ରମ୍-ତ ) ପ୍ରଭାବଶାଳୀ ।

ପରାଗ, ବି. (ପରା-ଗ) ଧୂଳି, ଗିରିବିଶେଷ, ପୁଷ୍ପରେଣୁ, ଉପରାଗ, ସୂର୍ଯ୍ୟଗ୍ରହଣ ।

ପରାଙ୍ମୁଖ, ବିଂ. ( ପରାଙ୍-ମୁଖ ) ବିମୁଖ, ମୁଖ ବୁଲାଇବା ।

ପରାଜୟ, ବି. ( ପରା-ଜି-ଅ ) ପରାଭବ, ହାରିଯିବା ।

ପରାଜିତ, ବିଂ. (ପରା-ଜି-ତ) ବିଜିତ, ପରାଭୂତ ।

ପରାତ୍ପର, ବି. (ପରାତ୍-ପର) ପରମାତ୍ମା ।

ପରାଧୀନ, ବିଂ. (ପର-ଅଧୀନ) ପରାୟତ୍ତ, ପରବଶ ।

ପରାନ୍ନ, ବି. (ପର-ଅନ୍ନ) ପରର ଅନ୍ନ, ଅପରଦ୍ୱାରା ପକ୍ୱ ଅନ୍ନ ।

ପରାଭବ, ବି. ( ପରା-ଭୂ-ଅ ) ପରାଜୟ, ବିନାଶ, ତିରସ୍କାର ।

ପରାଭୂତ, ବିଂ. (ପରା-ଭୂ-ତ) ପରାଜିତ, ପରାସ୍ତ ।

ପରାମର୍ଶ, ବି. (ପରା-ମୃଶ୍-ଅ) ବିଚାର, ଯୁକ୍ତି ।

ପରାୟଣ, ବିଂ. (ପର-ଅୟନ) ଅନୁରକ୍ତ, ଆସକ୍ତ ।

ପରାର୍ଦ୍ଧ, ବି. (ପର-ଅର୍ଦ୍ଧ ) ବ୍ରହ୍ମାଙ୍କ ପରମାୟୁର ଅର୍ଦ୍ଧ, ସଂଖ୍ୟାବିଶେଷ ।

ପରାବର୍ତ୍ତିତ, ବିଂ. (ପରା-ବୃତ୍-ତ) ପ୍ରତ୍ୟାବର୍ତ୍ତିତ ।

ପରାବୃତ୍ତି, ବି. (ପରା-ବୃତ୍-ତି) ପରିବର୍ତ୍ତନ।
ପରାଶର, ବି. (ପର-ଆ-ଶୃ-ଅ) ବ୍ୟାସଦେବଙ୍କ ପିତା, ସ୍ମୃତି ପ୍ରଣେତା ଋଷିବିଶେଷ।
ପରାସୁ, ବି. (ପର-ଅସୁ) ମୃତ, ଗତପ୍ରାଣ।
ପରାସ୍ତ, ବିଂ. (ପରା-ଅସ୍-ତ) ପରାଜିତ।
ପରାହ୍ନ, ବି. (ପର-ଅହନ୍) ପରଦିନ।
ପରାହତ, ବିଂ. (ପରା-ହନ୍-ତ) ପରାଭୂତ, ତିରସ୍କୃତ, ଆହତ, ଆକ୍ରାନ୍ତ।
ପରାହ୍ଣ, ବି. ( ପର-ଅହନ୍-ଅ ) ଅପରାହ୍ନ, ଓପର ଓଳି ।
ପରି, ଅଂ. (ଦେ) ତୁଲ୍ୟ, ସଦୃଶ। (ଉପସର୍ଗ) ସର୍ବତୋ-ଭାବ, ଶେଷ, ଅତିଶଯ୍ୟ, ଭାଗ, ବ୍ୟାପ୍ତି ଇତ୍ୟାଦି।
ପରିକର, ବି. ( ପରି-କୃ-ଅ ) ଗୃକର, ସହଚର, ଆରମ୍ଭ, କଷ୍ଟିରି।
ପରିକଳ୍ପିତ, ବିଂ. (ପରି-କ୍ଳୃପ୍-ତ) ଅନୁଷ୍ଠିତ, ନିର୍ଦ୍ଦିଷ୍ଟ, ରଚିତ, ସ୍ଥିରୀକୃତ।
ପରିକୀର୍ଣ୍ଣ, ବିଂ. (ପରି-କୄ-ତ) ବିସ୍ତୃତ, ପ୍ରଚୁରିତ।
ପରିକୀର୍ତ୍ତିତ, ବିଂ. (ପରି-କୀର୍ତ୍ତିତ) ପ୍ରଶଂସିତ, ବିଖ୍ୟାତ।
ପରିକ୍ରମ, ବି. (ପରି-କ୍ରମ) ଗମନ, ପ୍ରଦକ୍ଷିଣ କରିବା।
ପରିକ୍ରିୟା, ବି. ( ପରି-କ୍ରିୟା ) ପରିଖାଦିଦ୍ୱାରା ବେଷ୍ଟନ, ସଂସ୍କରଣ।
ପରି (ରୀ) କ୍ଷିତ୍, ( ତ ), ବି. (ପରି-କ୍ଷି-କ୍ୱିପ୍ , ତ) ଅର୍ଜ୍ଜୁନଙ୍କ ପୌତ୍ର, ଅଭିମନ୍ୟୁଙ୍କ ପୁତ୍ର।

ପରିଖା, ବି. (ପରି-ଖନ୍-ଅ-ଆ) ଗଡ଼ଖାଇ ।
ପରିଗଣିତ, ବିଂ. ( ପରି-ଗଣ୍-ତ ) ଯାହା ଗଣନା କରାଯାଇଅଛି, ସଂଖ୍ୟାତ ।
ପରିଗୃହୀତ, ବିଂ. (ପରି-ଗ୍ରହ୍-ତ) ସ୍ୱୀକୃତ, ଲବ୍ଧ ।
ପରିଗ୍ରହ, ବି. (ପରି-ଗ୍ରହ୍-ଅ) ପତ୍ନୀ, ଦାନଗ୍ରହଣ ।
ପରିଗ୍ରାହକ, ବିଂ. (ପରି-ଗ୍ରହ୍-ଅକ) ସ୍ୱୀକାରକର୍ତ୍ତା ।
ପରିଘ, ବି.(ପରି-ହନ୍-ଅ) ଲୌହମୁଖ ମୁଦ୍ଗର, ଶୂଳ ।
ପରିଘାତ } (ପରି-ଘାତ-ଅ, ଅନ) ଲୌହମୁଦ୍ଗର,
ପରିଘାତନ } ହନନ, ହତ୍ୟା, ଆଘାତ ।
ପରିଚୟ, ବି. (ପରି-ଚି-ଅ) ପ୍ରଣୟ, ଅଭ୍ୟାସ, ଜ୍ଞାନ, ଚିହ୍ନିବା ।
ପରିଚର, ବି. (ପରି-ଚର-ଅ) ଅନୁଚର,ସେନାପତି ।
ପରିଚର୍ଯ୍ୟା, (ପରି-ଚର-ଯ-ଆ) ସେବା, ଉପାସନା ।
ପରିଚାରକ, ବି. (ପରି-ଚର-ଅକ) ଦାସ, ସେବକ ।
ପରିଚାରିକା, ବି. ( ପରିଚାରକ-ସ୍ତ୍ରୀ. ଆ ) ଦାସୀ ।
ପରିଚାର୍ଯ୍ୟ, ବିଂ.(ପରି-ଚର-ଯ) ସେବ୍ୟ, ଶୁଶ୍ରୂଷଣୀୟ ।
ପରିଚିତ, ବିଂ. (ପରି-ଚି-ତ) ଜ୍ଞାତ, ଚିହ୍ନିତ ।
ପରିଚ୍ଛଦ, ବି. ( ପରି-ଛଦ୍-ଅ ) ବେଶ, ପୋଷାକ, ଅନୁଚର, ପରିଜନ ।
ପରିଚ୍ଛନ୍ନ, ବିଂ. (ପରି-ଛଦ୍-ତ) ପରିଷ୍କୃତ, ଆଚ୍ଛାଦିତ ।
ପରିଚ୍ଛା, ବି. (ପରୀକ୍ଷକ ଶବ୍ଦଜ) ଅଧ୍ୟକ୍ଷ, ତତ୍ତ୍ୱାବଧାରକ ।
ପରିଚ୍ଛିନ୍ନ, ବିଂ (ପରି-ଛିଦ୍-ତ) ସୀମାବଦ୍ଧ, ନିର୍ଣ୍ଣୀତ, ଉତ୍କୃଷ୍ଟ, ସ୍ୱଚ୍ଛ ।

ପରିଚ୍ଛେଦ, ବି. (ପରି-ଚ୍ଛେଦ) ସୀମାନିର୍ଣ୍ଣୟ, ବିଭାଗ, ଅଂଶ, ଭାଗ, ଗ୍ରନ୍ଥର ଅଧ୍ୟାୟ ।

ପରିଚ୍ଛେଦ୍ୟ, ବିଂ. ( ପରି-ଛିଦ୍-ୟ ) ଇତ୍ଥମ୍ଭୂତରୂପେ ଅବଧାର୍ଯ୍ୟ, ବିଭଜ୍ୟ ।

ପରିଜନ, ବି. (ପରି-ଜନ) ପରିଚାରକ, ପରିବାର ।

ପରିଡ଼ା, ବି. (ଦେ) ଶୂଦ୍ର ଜାତିର ଉପାଧିବିଶେଷ ।

ପରିଣତ, ବିଂ. (ପରି-ନମ୍-ତ) ପକ୍ୱ, ଅବସ୍ଥାନ୍ତର-ପ୍ରାପ୍ତ, ନତ ।

ପରିଣତି, ବି. (ପରି-ନମ୍-ତି) ପରିପାକ, ଶେଷ ।

ପରିଣୟ, ବି, (ପରି-ନୀ-ଅ) ବିବାହ, ପାଣିଗ୍ରହଣ ।

ପରିଣାମ, ବି.(ପରି-ନମ୍-ଅ) ଅବସ୍ଥାନ୍ତର ପ୍ରାପ୍ତି,ଶେଷ ।

ପରିଣାମଦର୍ଶୀ, ବିଂ. (ପରିଣାମ-ଦୃଶ୍-ଇନ୍) ସୂକ୍ଷ୍ମଦର୍ଶୀ, ବିଜ୍ଞ, ବିଚକ୍ଷଣ ।

ପରି(ରୀ)ଣାହ, ବି. ( ପରି-ନହ୍-ଅ ) ବିଶାଳତା, ବିସ୍ତାର, ଓସାର ।

ପରିଣୀତ, ବିଂ. (ପରି-ନୀତ) ବିବାହିତ ।

ପରିଣେତା, ବି. (ପରି-ନୀ-ତୃ) ବିବାହକର୍ତ୍ତା, ପତି ।

ପରିଣେୟ, ବିଂ. (ପରି-ନୀ-ଯ) ବିବାହଯୋଗ୍ୟ ।

ପରିତଃ, କ୍ରି. ବିଂ. ( ପରି-ତସ୍ ) ସର୍ବତୋଭାବରେ ।

ପରିତାପ, ବି. ( ପରି-ତପ୍-ଅ ) ଦୁଃଖ, ଶୋକ, ସନ୍ତାପ, ମନସ୍ତାପ ।

ପରିତୁଷ୍ଟ, ବିଂ. (ପରି-ତୁଷ୍-ତ) ଆହ୍ଲାଦିତ, ସନ୍ତୁଷ୍ଟ ।

ପରିତୋଷ, ବି. (ପରି-ତୁଷ୍-ଅ) ସନ୍ତୋଷ, ତୃପ୍ତି ।

ପରିତ୍ୟକ୍ତ, ବିଂ. (ପରି-ତ୍ୟଜ୍-ତ) ଯାହା ପରିତ୍ୟାଗ କରାଯାଇଅଛି ଅବା ପରିତ୍ୟାଗ କରିବାର ଯୋଗ୍ୟ ।

ପରିତ୍ୟାଗ, ବି. (ପରି-ତ୍ୟଜ୍-ଅ) ବିସର୍ଜନ, ତ୍ୟାଗ ।

ପରିତ୍ରାଣ, ବି. (ପରି-ତ୍ରୈ-ଅନ) ରକ୍ଷା, ଉଦ୍ଧାର ।

ପରିତ୍ରାତା, ବିଂ. ( ପରି-ତ୍ରୈ-ତୃ ) ରକ୍ଷାକର୍ତ୍ତା ।

ପରିଦିନ, ବି, ( ଦେ ) ଗତ ଦିବସର ପୂର୍ବ ଦିବସ, ଆଗାମୀ ଦିବସର ପର ଦିବସ ।

ପରିଦେବନ<br>ପରିଦେବନା } ବି. (ପରିଦେବ-ଅନ, ଆ) ବିଳାପ ।

ପରିଧାନ, ବି. ( ପରି-ଧା-ଅନ ) ପରିଧେୟ ବସ୍ତ୍ର ।

ପରିଧାପନ, ବି. (ପରି-ଧାପି-ଅନ ) ପରିଧେୟ ବସ୍ତ୍ର, ପିନ୍ଧିବା ।

ପରିଧାବନ, ବି. ( ପରି-ଧାବ-ଅନ ) ପଶ୍ଚାଦ୍ଧାବନ, ଅନୁଗମନ, ଅନୁଶୀଳନ ।

ପରିଧି, ବି. (ପରି-ଧା-ଇ) ଚନ୍ଦ୍ର ସୂର୍ଯ୍ୟଙ୍କର ମଣ୍ଡଳ, ପରିବେଷ୍ଟନ, ବୃତ୍ତର ସୀମା ।

ପରିଧେୟ, ବିଂ. (ପରି-ଧା-ଯ) ପିନ୍ଧିବା ଯୋଗ୍ୟ ।

ପରିପକ୍ୱ, ବିଂ. (ପରି-ପକ୍ୱ) ସୁଜାଣି, ପାଚିଲା, ପରିଣତ, ବହୁଦର୍ଶୀ ।

ପରିପନ୍ଥୀ, ବିଂ. (ପରି-ପନ୍ଥ-ଇନ୍ ) ଶତ୍ରୁ, ବିରୋଧୀ ।

ପରିପାକ, ବି.(ପରି-ପଚ୍-ଅ) ପରିଣାମ, ଶେଷାବସ୍ଥା ।

ପରିପାଟୀ<br>ପରିପାଟି } ବି. ( ପରି-ପଟ-ଇନ୍ ) ସୁଶୃଙ୍ଖଳା, ସୁନ୍ଦର ।

ପରିପୂର୍ତ୍ତ, ବିଂ ( ପରି-ପୂ-ତ ) ସମ୍ପୂର୍ଣ୍ଣ, ବ୍ୟାପ୍ତ, ପରିତୃପ୍ତ, ପ୍ରଚୁର ।

ପରିପ୍ଲବ, ବିଂ.(ପରି-ପ୍ଲୁ-ଅ) କମ୍ପମାନ, ଚପଳ । ବି. ମଜ୍ଜନ, ପୀଡ଼ନ ।

ପରିପ୍ଲୁତ, ବିଂ. ( ପରି-ପ୍ଲୁ-ତ ) ସିକ୍ତ, ଜଳାଦିଦ୍ୱାରା ପ୍ଲାବିତ ।

ପରିଭବ, ବି. ( ପରି-ଭୂ-ଅ ) ପରାଭବ, ଅନାଦର, ତିରସ୍କାର ।

ପରିଭାଷା, ବି. ( ପରି-ଭାଷା ) ସଂକ୍ଷେପାର୍ଥ, ସଙ୍କେତ-ବିଶେଷ, ଗ୍ରନ୍ଥ ସଂକ୍ଷେପ କରିବାର ସଂକ୍ଷିପ୍ତ ନିୟମ ।

ପରିଭୂତ, ବିଂ. (ପରି-ଭୂ-ତ) ଅଭିଭୂତ, ତିରସ୍କୃତ, ଅବଜ୍ଞାତ, ଅନାଦୃତ ।

ପରିଭ୍ରଷ୍ଟ, ବିଂ. (ପରି-ଭ୍ରଷ୍ଟ) ପତିତ, ଚ୍ୟୁତ, ସ୍ଖଳିତ ।

ପରିମଳ, ବି. (ପରି-ମଳ) ସୁଗନ୍ଧ, ପଣ୍ଡିତସମୂହ ।

ପରିମାଣ, ବି. (ପରି-ମା-ଅନ) ମାପ, ଓଜନ ।

ପରିମାଣଫଳ, ବି. (ପରିମାଣ-ଫଳ) ଭୂମିର ସୀମା-ନ୍ତର୍ଗତ ସ୍ଥାନର ପରିମାଣ, କ୍ଷେତ୍ରଫଳ ।

ପରିମିତ, ବିଂ. (ପରି-ମା-ତ) ଯଥାଯୋଗ୍ୟ ପରିମାଣ-ଯୁକ୍ତ ।

ପରିମିତି, (ପରି-ମା-ତି) ପରିମାଣ, ଜ୍ୟାମିତିକ ଗଣିତ ଶାସ୍ତ୍ରବିଶେଷ ।

ପରିମୁଣ୍ଡାଯିବା, କ୍ରି. ( ଦେ ) ନମସ୍କାର କରିବା ।

ପରିମେୟ, ବିଂ. (ପରି-ମା-ଯ) ପରିମାଣଯୋଗ୍ୟ ।

ପରିରମ୍ଭ, ପରୀରମ୍ଭ — ବି. (ପରି-ରଭ୍-ଅ) ଆଲିଙ୍ଗନ ।

ପରିବର୍ତ୍ତ, ପରିବର୍ତ୍ତନ — ବି. (ପରି-ବୃତ୍-ଅ, ଅନ) ବଦଳ, ନିବୃତ୍ତି ।

ପରିବର୍ତ୍ତିତ, ବିଂ. (ପରି-ବର୍ତ୍ତି-ତ) ଯାହା ବଦଳ କରା ହୋଇଅଛି ।

ପରିବର୍ଦ୍ଧିତ, ବିଂ. (ପରି-ବୃଧ୍-ତ) ଯାହା ବଢ଼ିଅଛି ବା ବଢ଼ାଯାଇଅଛି ।

ପରିବା, ବି. (ଦେ) ତରକାରୀ ଯୋଗ୍ୟ କଞ୍ଚା ଫଳ ।

ପରିବାଦ, ପରୀବାଦ — ବି. (ପରି-ବାଦ) ଅପବାଦ, ନିନ୍ଦା ।

ପରିବାଦକ, ବିଂ. (ପରି-ବଦ୍-ଅକ) ନିନ୍ଦାକାରୀ ।

ପରିବାଦିନୀ, ବି. (ପରି-ବଦ୍-ଇନ୍-ଈ) ସପ୍ତତନ୍ତ୍ରୀ-ବିଶିଷ୍ଟ ବୀଣା ।

ପରିବାଦୀ, ବିଂ. (ପରିବାଦ୍-ଇନ୍) ନିନ୍ଦକ, ଅପବାଦକ ।

ପରିବାପନ, ବି. (ପରି-ବପ-ଅନ) ମୁଣ୍ଡନ, ପରିଚ୍ଛେଦ ।

ପରିବାର, ପରୀବାର — ବି. (ପରି-ବୃ-ଅ) ପରିଜନ, ପୋଷ୍ୟ, କୁଟୁମ୍ବ ।

ପରିବାରିତ, ବିଂ. (ପରିବାର-ତ) ବେଷ୍ଟିତ ।

ପରିବାହ, ପରୀବାହ — ବି. (ପରି-ବହ୍-ଅ) ଜଳପ୍ରବାହ, ମୁହାଣ ।

ପରିବେତ୍ତା, ବି. (ପରି-ବିଦ୍-ତୃ) ଅବିବାହିତ ଜ୍ୟେଷ୍ଠର ବିବାହିତ କନିଷ୍ଠ ଭ୍ରାତା ।

ପରିବେଦନ, ବି. ( ପରି-ବିଦ୍-ଅନ ) ବଡ଼ ଭାଇ ଅବିବାହିତ ଥାଉଁ ଥାଉଁ ସାନ ଭାଇର ବିବାହ, କ୍ଳେଶ, ଯନ୍ତ୍ରଣା ।

ପରିବେଦନା, ବି. ( ପରି-ବିଦ୍-ଅନ-ଆ ) ବୁଦ୍ଧି, ବିବେଚନା, ଯାତନା ।

ପରିବେଦିନୀ, ବି.(ପରି-ବିଦ୍-ଇନ୍-ଈ) ବଡ଼ ଭଉଣୀ ଅବିବାହିତା ଥାଉଁ ଥାଉଁ ବିବାହିତା ସାନ ଭଉଣୀ ।

ପରିବେଶ, ବି. (ପରି-ବିଶ୍-ଅ) ପରିଧି, ଚନ୍ଦ୍ର ସୂର୍ଯ୍ୟର ମଣ୍ଡଳ, ପରଷିବା ।

ପରିବେଷଣ, ବି. ( ପରି-ବିଷ୍-ଅନ ) ଭକ୍ଷ୍ୟ ବସ୍ତୁ ବିଭାଗପୂର୍ବକ ଅର୍ପଣ ।

ପରିବେଷ୍ଟନ, ( ପରି-ବେଷ୍ଟ୍-ଅନ ) ଗୋଟିଏ ଚାରି ଦିଗରେ ଘୂରିବା ।

ପରିବେଷ୍ଟିତ, ବିଂ. (ପରି-ବେଷ୍ଟ-ତ) ଗୋଟିଏ ଚାରିଦିଗରେ ବେଷ୍ଟିତ ।

ପରିବ୍ରଜ୍ୟା, ବି. ( ପରି-ବ୍ରଜ୍-ଯ-ଆ ) ସନ୍ନ୍ୟାସଧର୍ମ, ତପସ୍ୟା, ଭିକ୍ଷୁକତା ।

ପରିବ୍ରାଜ } ବି. (ପରି-ବ୍ରଜ୍-ଅ, ଅକ) ସନ୍ନ୍ୟାସୀ,
ପରିବ୍ରାଜକ } ଚତୁର୍ଥାଶ୍ରମୀ, ପର୍ଯ୍ୟଟକ, ଭ୍ରମଣକାରୀ ।

ପରିବ୍ରାଜିକା, ବି. (ପରି-ବ୍ରଜ୍-ଅକ-ଆ) ଭିକ୍ଷୁକୀ ।

ପରିଶିଷ୍ଟ, ବିଂ. (ପରି-ଶିଷ୍-ତ) ଅବଶିଷ୍ଟ, ଗ୍ରନ୍ଥସମାପ୍ତି ପରେ ସଂଯୁକ୍ତ ଅବଶିଷ୍ଟ ଭାଗ ।

ପରଶୀଳନ, ବ. ( ପର-ଶୀଳ୍-ଅନ ) ଅନୁଶୀଳନ, ଅବଗାହନ, ଆଲିଙ୍ଗନ ।
ପରଶୁଦ୍ଧ, ବି॰. (ପର-ଶୁଧ୍-ତ) ସଂଶୋଧିତ ।
ପରଶୁଷ୍କ, ବି॰. ( ପର-ଶୁଷ୍-ତ ) ଅତଶୟ ଶୁଷ୍କ, ନୀରସ ।
ପରଶେଷ, ବ. ( ପର-ଶେଷ ) ଅବଶେଷ, ଅନ୍ତ ।
ପରଶୋଧ, ବ. ( ପର-ଶୁଧ୍-ଅ ) ଋଣ ସୁଝିଦେବା, ପ୍ରତଶୋଧ ।
ପରଶ୍ରମ, ବ, ( ପର-ଶ୍ରମ୍-ଅ ) ଆୟାସ ।
ପରଶ୍ରମୀ, ବି॰. ( ପରଶ୍ରମ-ଇନ୍ ) ଯତ୍ନଶୀଳ ।
ପରଶ୍ରାନ୍ତ, ବି॰. (ପର-ଶ୍ରମ୍-ତ) କ୍ଳାନ୍ତ, ଶ୍ରାନ୍ତଯୁକ୍ତ ।
ପରଶ୍ଲେଷ, ବ. (ପର-ଶ୍ଲେଷ) ଆଶ୍ଲେଷ, ଆଲିଙ୍ଗନ ।
ପରଷଦ୍, ବ. (ପର-ସଦ୍-୦) ସଭା, ସମାଜ ।
ପରଷଦ, ବ. (ପର-ଷଦ୍-ଅ) ଅନୁଚର, ସଭ୍ୟ ।
ପରଷ୍କାର, ବ. (ପର-କୃ-ଅ) ସ୍ୱଚ୍ଛତା, ନର୍ମଳତା ।
ପରଷ୍କୃତ, ବି॰. ( ପର-କୃ-ତ ) ନର୍ମଳ, ଶୋଧିତ ।
ପରସର, ବ. ( ପର-ସୃ-ଅ ) ପ୍ରଦେଶ, ଓସାର ।
ପରସୀମା, ବ. ( ପର-ସୀମନ୍ ) ଇୟତ୍ତା, ସୀମା ।
ପରସ୍ତ୍ରା, ବ. (ଦେ) ପ୍ରସ୍ତାବ, ମୂଳ ।
ପରସ୍ତ୍ରାପୋଡ଼ବା, କ୍ରି.(ଦେ) ଯନ୍ତ୍ରଣା ସହ ଅଲ୍ପ ଅଲ୍ପ ପରସ୍ତ୍ରା ବାହାରବା ।
ପରହାର } ବ. ( ପର-ହୃ-ଅ ) ପରତ୍ୟାଗ,
ପରିହାର } ଛାଡ଼ଦେବା ।

ପରିହାର୍ଯ୍ୟ } ବିଂ. (ପରି-ହୃ-ଯ, ତବ୍ୟ) ପରିହାର
ପରିହର୍ତ୍ତବ୍ୟ } ଯୋଗ୍ୟ, ପରିତ୍ୟାଜ୍ୟ ।

ପରିହାସ } ବି. (ପରି-ହସ୍-ଅ) କୌତୁକ, ଥଟ୍ଟା ।
ପରୀହାସ୍ୟ }

ପରିହାସ୍ୟ, ବିଂ. (ପରିହାସ-ଯ) ଉପହାସାସ୍ପଦ ।

ପରିହିତ, ବିଂ. (ପରି-ଧା-ତ) ଆଚ୍ଛାଦିତ, ସ୍ଥାପିତ ।

ପରୀକ୍ଷକ, ବିଂ. (ପରି-ଈକ୍ଷ-ଅକ) ପରୀକ୍ଷାକାରକ ।

ପରୀକ୍ଷଣ, ବି. (ପରି-ଈକ୍ଷ୍-ଅନ ) ଦୋଷଗୁଣବିଗ୍ଭର, ଶପଥ ।

ପରୀକ୍ଷା, ବି. (ପରି-ଈକ୍ଷ-ଅ-ଆ) ଗୁଣଦୋଷ ବିଗ୍ଭର ।

ପରୀକ୍ଷିତ୍ } ବି. (ପରି-କ୍ଷି-୦,ତ୍ରୁ) ବି. ଅର୍ଜୁନଙ୍କ ନାତି,
ପରୀକ୍ଷିତ } ଅଭିମନ୍ୟୁଙ୍କ ପୁତ୍ର, ଏ ମାତୃଗର୍ଭରେ ବିନାଶିତ ହୋଇ କୃଷ୍ଣଙ୍କଦ୍ୱାରା ପୁନର୍ଜୀବିତ ହୋଇ ଥିଲେ ।

ପରୀକ୍ଷିତ, ବିଂ. (ପରି-ଈକ୍ଷ୍-ତ ) ଯାହା ପରୀକ୍ଷା କରା ଯାଇଅଛି ।

ପରୁଆ } ବି. (ଦେ) ଭଗ୍ନ, ଖ୍ରାନ୍ତ ।
ପରବା }

ପରୁଆନା ବି. (ଯା) ଆଦେଶପତ୍ର ।

ପରୁଷ, ବିଂ. (ପୃ-ଉଷନ୍ ) କର୍କଶ, ନିଷ୍ଠୁର, ଉଦ୍ଧତ ।

ପରେ, ଅଂ. ଉତ୍ତରେ, ଶେଷରେ ।

ପରେତ, ବିଂ. (ପରା-ଇ-ତ) ମୃତ, ପ୍ରେତ, ମଡ଼ା ।

ପରେତରାଟ୍, ବିଂ. ( ପରେତ-ରାଜ୍-କ୍ୱିପ୍ ) ଯମ ।

ପରେଷ୍ଟି, ବି. (ପର-ଇଷ୍ଟି) ବ୍ରହ୍ମା ।

ପରୋକ୍ଷ, ବିଂ. ( ପରସ୍-ଅକ୍ଷି ) ଅପ୍ରତ୍ୟକ୍ଷ, ଚକ୍ଷୁର ଅନ୍ତରାଳ, ଅସାକ୍ଷାତ୍ ।

ପରୋପକାର, ବି. (ପର-ଉପକାର) ପରହିତ ସାଧନ ବ୍ୟାପାର ।

ପର୍କଟୀ, ବି. (ପୃଚ୍-ଅଟ୍-ଇ ) ଅଶ୍ୱତ୍ଥବୃକ୍ଷ ।

ପର୍ଜନ୍ୟ, ବି. (ପୃଷ୍-ଅନ୍ୟ) ଶବ୍ଦ କରୁଥିବା ମେଘ ।

ପର୍ଣ୍ଣ, ବି. ପତ୍ର, ତାମ୍ବୂଳ, ପକ୍ଷ, ପଲାଶ ବୃକ୍ଷ ।

ପର୍ଣ୍ଣକାର, ବି.(ପର୍ଣ୍ଣ-କୃ-ଅ) ପାନବିକ୍ରେତା, ତାମ୍ବୂଳୀ ।

ପର୍ଣ୍ଣଲତା, ବି. (ପର୍ଣ୍ଣ-ଲତା) ପାନଲତା ।

ପର୍ଣ୍ଣାଶନ, ବି. ( ପର୍ଣ୍ଣ-ଅଶନ ) ମେଘ, ପତ୍ରଭକ୍ଷଣ । ବିଂ. ପତ୍ରଭୋଜୀ ।

ପର୍ଣ୍ଣଶାଳା, ବି. ( ପର୍ଣ୍ଣ-ଶାଳା ) ପର୍ଣ୍ଣକୁଟୀର ।

ପର୍ଣ୍ଣୀ, ବି. (ପର୍ଣ୍ଣ-ଇନ୍) ବୃକ୍ଷ । ବିଂ. ପତ୍ରଯୁକ୍ତ ।

ପର୍ଦ୍ଦନ, ବି. (ପର୍ଦ୍-ଅନ) ଅଧୋବାୟୁ, ବାତକର୍ମ ।

ପର୍ଦ୍ଦା, ବି. ( ଯାବନିକ ) ଯବନିକା ।

ପର୍ଯ୍ୟଙ୍କ, ବି. (ପରି-ଅନ୍କ୍-ଅ) ପଲଙ୍କ, ଖଟ ।

ପର୍ଯ୍ୟଟକ, ବିଂ. (ପରି-ଅଟ୍-ଅକ) ଭ୍ରମଣକାରୀ ।

ପର୍ଯ୍ୟଟନ, ବି. (ପରି-ଅଟ୍-ଅନ) ଭ୍ରମଣ, ଏଣେତେଣେ ବୁଲିବା ।

ପର୍ଯ୍ୟନ୍ତ, ବି. (ପରି-ଅନ୍ତ) ପ୍ରାନ୍ତ, ସୀମା, ଶେଷସୀମା । (ବେ) ଅ. ଅବଧି ।

ପର୍ଯ୍ୟନ୍ତଭୂ, ବି. ( ପର୍ଯ୍ୟନ୍ତ-ଭୂ ) ପରିସର, ନଦୀ, ନଗର ଓ ପର୍ବତାଦିର ନିକଟଭୂମି ।

ପର୍ଯ୍ୟବସାନ, ବି. (ପରି-ଅବସାନ) ସମାପନ ।

ପର୍ଯ୍ୟବସିତ, ବିଂ. ( ପରି-ଅବସିତ ) ସମାପ୍ତ, ନିଃଶେଷିତ ।

ପର୍ଯ୍ୟବସ୍ଥା, ବି. (ପରି-ଅବସ୍ଥା)ଅବରୋଧ, ଅଟକ ।

ପର୍ଯ୍ୟବେକ୍ଷଣ, ବି. ( ପରି-ଅବ-ଈକ୍ଷ୍-ଅନ ) ମନୋନିବେଶପୂର୍ବକ ଦର୍ଶନ, ତତ୍ତ୍ୱାବଧାନ ।

ପର୍ଯ୍ୟବେକ୍ଷଣିକା, ବି. (ପର୍ଯ୍ୟବେକ୍ଷଣ-ଇକ-ଆ) ଗ୍ରହ ନକ୍ଷତ୍ରାଦି ଦେଖିବାର ଘର, ମାନମନ୍ଦିର ।

ପର୍ଯ୍ୟାକୁଳ, ବିଂ. (ପରି-ଆକୁଳ) ବ୍ୟାକୁଳ, ବିକ୍ଷିପ୍ତ ।

ପର୍ଯ୍ୟାଣ, ବି. ( ପରି-ଯା-ଅନ ) ପଲ୍ୟାଣ, ପଶୁପୃଷ୍ଠର ଆସନ ।

ପର୍ଯ୍ୟାପ୍ତ, ବିଂ. (ପରି-ଆପ୍-ତ) ପରିମିତ, ଯଥେଷ୍ଟ ।

ପର୍ଯ୍ୟାପ୍ତି, ବି. (ପରି-ଆପ୍-ତି) ପ୍ରାଚୁର୍ଯ୍ୟ, ପ୍ରାପ୍ତି ।

ପର୍ଯ୍ୟାୟ, ବି. ( ପରି-ଇ-ଅ ) ଅନୁକ୍ରମ, ସୁବିଧା ।

ପର୍ଯ୍ୟାଲୋଚନା, ବି. ( ପରି-ଆ-ଲୋଚ-ଅନ-ଆ ) ଅନୁଶୀଳନ, ସମାଲୋଚନା, ବିତର୍କ ।

ପର୍ଯ୍ୟୁତ୍ସୁକ, ବିଂ. (ପରି-ଉତ୍ସୁକ) ଅନୁରକ୍ତ, ଉତ୍କଣ୍ଠିତ ।

ପର୍ଯ୍ୟୁଷିତ, ବିଂ. (ପରି-ବସ୍-ତ) ବାସି ।

ପର୍ବ, ବି. ( ପୃ-ବନ୍ ) ଗ୍ରନ୍ଥି, ସନ୍ଧି, ପର୍ବ, ଉତ୍ସବ, ଅଧ୍ୟାୟ; ଅଷ୍ଟମୀ, ପୂର୍ଣ୍ଣିମା, ଚତୁର୍ଦ୍ଦଶୀ, ଅମାବାସ୍ୟା ତଥା ଓ ସଂକ୍ରାନ୍ତି ଏହି ପାଞ୍ଚ ପର୍ବ, ଅମାବାସ୍ୟା ଓ ପ୍ରତିପଦର ସନ୍ଧି ।

ପର୍ବତ, ବି. (ପର୍ବନ୍-ତ) ପାହାଡ଼, ଗିରି, ଶୈଳ ।

ପର୍ବତାରି, ବି. (ପର୍ବତ-ଅରି) ଦେବରାଜ, ଇନ୍ଦ୍ର ।
ପର୍ବତୀୟ, ବିଂ. (ପର୍ବତ-ଈୟ) ପାର୍ବତ୍ୟ, ପାର୍ବତୀୟ ।
ପର୍ବସନ୍ଧି, ବି. ( ପର୍ବନ୍-ସନ୍ଧି ) ପ୍ରତିପଦ୍ ଓ ପୂର୍ଣ୍ଣିମାର ମଧ୍ୟକାଳ ।
ପର୍ବାହ୍ନ, ବି. (ପର୍ବନ୍-ଅହ୍ନ) ପର୍ବଦିନ, ଉତ୍ସବଦିନ ।
ପର୍ଶୁ, ବି. (ପର-ଶୃ-ଉ) କୁଠାର, କୁରାଢ଼ୀ ।
ପର୍ଶୁପାଣି, ବି. ( ପର୍ଶୁ-ପାଣି ) ଗଣେଶ, ଗଜାନନ, ପରଶୁରାମ ।
ପର୍ଶୁରାମ, ବି. (ପର୍ଶୁ-ରାମ) ଯାମଦଗ୍ନ୍ୟ ।
ପଲ, ବି. ( ପଲ୍-ଅ ) ୭ ତୋଳା, ମାଂସ, କାଳର ସୂକ୍ଷ୍ମାଂଶବିଶେଷ ।
ପଲ, ବିଂ. ( ଦେ ) ସମୂହ ।
ପଲ(ଲ୍ଲ)ଉ, ବି. (ଦେ)ପଲାନ୍ନ, ମାଂସମିଶା ଖେଚୁଡ଼ି, ସାଦା ଖେଚୁଡ଼ି ।
ପଲକ, ବି. (ଦେ) ଚକ୍ଷୁର ପତା, ନିମେଷ ।
ପଲଖ, (ଖା), ବି. ( ଦେ ) କାଠର ଅସାର ବହି-ରାବରଣ, ଉପରର ଶୁଖିଲା ଖୋଳ ।
ପଲଟନ, ବି. (ଯାବନିକ) ସେନାଦଳ ।
ପଲବିବା, କ୍ରି. (ଦେ ) ପଲ୍ଲବିତ ହେବା, ନୂଆ ପତ୍ର ଧରିବା, ହୃଷ୍ଟପୁଷ୍ଟ ହେବା ।
ପଲମ, ବି. ( ଦେ ) ମାଟିନିର୍ମିତ କରେଇ ବା ପାତ୍ର-ବିଶେଷ, ତେଲଭଣୀ ।
ପଲଲ, ବି. (ପଲ-ଅଳ) ମାଂସ, ପଙ୍କ ।

ପଲସ୍ତର, ବି. ( ଯା ) ଲେପ, କୋଠା ପ୍ରଭୃତିରେ ଇଟା ଉପରେ ଚିକ୍କଣ କରିବାକୁ ବୋଲାଯିବା ମସଲା ।

ପଳା, ବି. (ଦେଶଜ) ତୈଳାଦି ବ୍ୟବହାର ନିମିତ୍ତ ଲୌହନିର୍ମିତ କ୍ଷୁଦ୍ର ଡଙ୍କି ।

ପଲା, ବି. (ଦେ) ପତ୍ରକୁଡ଼ିଆ, ଖ୍ରେଟିଆ ଘର ।

ପଳାଇବା, କି. ବି. (ଦେ) ପଳାୟନ କରିବା ।

ପଲାଣ, ବି. (ଦେ) ପର୍ଯ୍ୟାଣ, ପଶୁପୃଷ୍ଠର ଆସନ ।

ପଲାଣ୍ଡୁ, ବି. (ପଲ-ଅଣ୍ଡୁ ) ପିଆଜ ।

ପଳାମ୍ଳ, ବି. (ପଲ-ଅମ୍ଳ) ପଲଣ୍ଡୁ ।

ପଳାୟନ, ବି. ( ପରା-ଅୟ-ଅନ) ପଳାଇବା, ଦଉଡ଼ିଯିବା ।

ପଳାୟିତ, ବିଂ. (ପରା-ଅୟ-ତ) ପ୍ରସ୍ଥିତ, ଯେ ପଳାଇ ଅଛି ।

ପଲାଳ, ବି. (ପଲ-ଆଲ) ପାଳ, କୁଟା ।

ପଲାଶ, ବି. (ପଲ-ଆଶ) କିଂଶୁକବୃକ୍ଷ, ପତ୍ର ।

ପଲାଶିବା, କି. (ଦେ) ଦ୍ରୁତଗତିରେ ଚାଲିବା ।

ପଲି, ବି. (ଦେ) ପଲ୍ଲୀ, ପଡ଼ା ଗାଁ ।

ପଳିତ, ବିଂ. ( ପଲ୍-ତ ) ବୃଦ୍ଧ, ବାର୍ଦ୍ଧକ୍ୟଜନିତ କେଶର ଶୁକ୍ଳତା ।

ପଲ୍ୟଙ୍କ, ବି. (ପରି-ଅଙ୍କ) ପଲଙ୍କ, ଖଟ ।

ପଲ୍ଲବ, ବି. (ପଲ୍-ଲୂ-ଅ ) ନୂତନପତ୍ର, କିଶଳୟ, ଅଳତା ।

ପଲ୍ଲବଗ୍ରାହୀ, ବିଂ. (ପଲ୍ଲବ-ଗ୍ରହ-ଇନ୍) ଯେଉଁ ଲୋକ ନାନା ଜ୍ଞାନରୁ ଟିକିଏ ଟିକିଏ ଲାଭ କରିଥାଏ, ଅଳ୍ପଜ୍ଞ ।

ପଲ୍ଲବିତ, ବିଂ. (ପଲ୍ଲବ-ଇତ) ପଲ୍ଲବଯୁକ୍ତ, ପଲ୍ଲବ-ବିଶିଷ୍ଟ ।

ପଲ୍ଲି } ପଲ୍ଲୀ } ବି. ( ପଲ୍ଲ-ଇ, ଈ ) ଗ୍ରାମ, ଖଣ୍ଡ, ପଡ଼ା ।

ପଲ୍ୱଳ, ବି. (ପଲ୍-ବଳ) କ୍ଷୁଦ୍ର ଜଳାଶୟ ।

ପବ, ବି. (ଦେଦ) ପର୍ବ, ଦୁଇ ଗଣ୍ଠିର ମଧ୍ୟବର୍ତ୍ତୀ ଅଂଶ, ଖଣ୍ଡ ।

ପବନ, ବି. (ପୂ-ଅନ) ବାୟୁ । ବିଂ. ବିଶୁଦ୍ଧ ।

ପବନନନ୍ଦନ, ବି. (ପବନ-ନନ୍ଦନ) ଭୀମ, ହନୂମାନ୍ ।

ପବନାଶନ, ବି. (ପବନ-ଅଶନ) ସର୍ପ ।

ପବମାନ, ବି. (ପୂ-ଆନ) ବାୟୁ, ପବନ, ଅଗ୍ନି ।

ପବି, ବି. (ପୂ-ଇ) ଅଶନି, ବଜ୍ର ।

ପବିତ, ବିଂ. (ପୂ-ତ) ପୂତ, ପବିତ୍ର ।

ପବିତ୍ର, ବିଂ. ( ପୂ-ଇତ୍ର ) ବିଶୁଦ୍ଧ । ବି. କୁଶ, ଘିଅ, ମଧୁ ।

ପବିତ୍ରିତ, ବିଂ. (ପବିତ୍ର-ଇତ) ପରିଶୋଧିତ, ପରିଷ୍କୃତ, ପବିତ୍ରୀକୃତ ।

ପଶମ, ବି. (ଯା) ଊର୍ଣ୍ଣା, ପଶୁଲୋମ ।

ପଶମୀ, ବିଂ. (ଦେଦ) ପଶମନିର୍ମିତ ।

ପଶା, ବି. (ପାଶକ ଶବ୍ଦଜ) ଅକ୍ଷ, ଚଉପାର, କୋଡ଼ି ପ୍ରଭୃତିର ପଣ ।

ପଶାପାଲି, ବି. (ଦେ) ପଶା ଖେଳିବାପାଇଁ ଘର କଟାଯାଇଥିବା କନାର ଚଉତିନା ।

ପଶିବା, କ୍ରି. (ଦେ) ପ୍ରବେଶ କରିବା, ପ୍ରବିଷ୍ଟ ହେବା ।

ପଶୁ, ପୁଂ ବି. ( ପଶ୍-ଉ ) ଲୋମଯୁକ୍ତ ଲାଙ୍ଗୁଳବିଶିଷ୍ଟ ଚତୁଷ୍ପଦ ଜନ୍ତୁ ।

ପଶୁକ୍ରିୟା, ବି. (ପଶୁ-କ୍ରିୟା) ମୈଥୁନ, ରମଣ ।

ପଶୁପତି, ବି. (ପଶୁ-ପତି) ଶିବ ।

ପଶୁପାଳ, ବି. (ପଶୁ-ପାଳ) ପଶୁରକ୍ଷକ, ରଖୁଆଳ, ଜଗନ୍ନାଥଙ୍କ ସେବକବିଶେଷ ।

ପଶୁରାଜ, ବି (ପଶୁ-ରାଜା) ସିଂହ, ମୃଗେନ୍ଦ୍ର ।

ପଶ୍ଚାତ୍, ଅଂ. ( ଅପର-ଅସ୍ତାତ୍ ) ପଶ୍ଚିମରେ, ପରେ, ପଛରେ ।

ପଶ୍ଚାତ୍ତାପ, ବି. (ପଶ୍ଚାତ୍-ତାପ) ଅନୁତାପ ।

ପଶ୍ଚିମ, ବି. (ପଶ୍ଚାତ୍-ଇମ) ପ୍ରତୀଚୀ, ସୂର୍ଯ୍ୟାଦିର ଅସ୍ତ ଗମନ ଦିଗ, ଚରମ, ଶେଷ ।

ପଶ୍ଚିମା, ବିଂ. ( ଦେ ) ପଶ୍ଚିମଦେଶୀୟ, ପଶ୍ଚିମରୁ ଆସୁଥିବା, ପଶ୍ଚିମରେ ଜାତ ।

ପଶ୍ୟତୋହର, ବି. ( ପଶ୍ୟତଃ-ହର ) ଚାହୁଁ ଚାହୁଁ ଯେ ଚୋରି କରି ନିଏ, ସୁନାରବଣିଆ, ଚୋର ।

ପସନ୍ଦ, ବି. ( ଯା ) ଅନୁମାନ । ବିଂ. ମନୋମତ, ସୁନ୍ଦର, ହୃଦୟଗ୍ରାହୀ ।

ପସରା, ବି. (ଦେ) ବିକ୍ରେୟ ଦ୍ରବ୍ୟପୂର୍ଣ୍ଣ ପାତ୍ର ।

ପସାର, ବି. (ଦେ) ପ୍ରସାର, ପ୍ରତିପତ୍ତି, ବିସ୍ତୃତ ।

ପସାରି, ବି. ଦୋକାନୀ, ବିକ୍ରୟକାରୀ ।

ପସାରୁଣୀ, ବ, (ଦେ) ଔଷଧି ଲତାବିଶେଷ ।

ପସୁରି, ବି. (ପ=ପଞ୍ଚନ୍ ଶବ୍ଦଜ-ସୁରି=ସେର ଶବ୍ଦଜ) ୫ ସେର ।

ପହଞ୍ଚାଇବା, କ୍ରି. ( ଦେ ) ପ୍ରବେଶ କରିବା, ଉପସ୍ଥିତ କରାଇବା, ସୂତା ପ୍ରଭୃତି ପାକଲ କରାଇବା, ଦୋଳି ପ୍ରଭୃତି ଚଳାଇବା ।

ପହଞ୍ଚିବା, କ୍ରି. (ଦେ) ଉପସ୍ଥିତ ହେବା ।

ପହ(ହୁ)ଡ଼, ବି. (ଦେ) ସୁଖନିଦ୍ରା ।

ପହ(ହୁ)ଡ଼ିବା, କ୍ରି. (ଦେ) ସୁଖରେ ଶୋଇବା ।

ପହଣୀ, ବି. (ଦେ) ପାଣିନାଳ ।

ପହଣ୍ଡ, ବି. (ଦେ) ପାଦକ୍ଷେପ, ପାଦ ।

ପହଣ୍ଡି, ବି. (ଦେ) ଧୀରଗମନ ।

ପହର, ବି. (ଦେ) ପ୍ରହର, ଗୁରୁଘଡ଼ି, ୮ ଦଣ୍ଡକାଳ ।

ପହରା, ବି. (ଯା) ଚୌକିଦେବା, ଜଗି ରଖିବା ।

ପହଁରା, ବି. (ଦେ) ମାର୍ଜନା, ଗୁଞ୍ଜୁଣୀ, ସନ୍ତରଣ ।

ପହଁରିବା, କ୍ରି. ବି. ପରିଷ୍କାର କରିବା, ସନ୍ତରଣ କରିବା ।

ପହଳି, ବି. (ଦେ) ଠଗ ।

ପହଲିବା, କ୍ରି. (ଦେ) ଦମ୍ଭସହକାରେ ହାତ ହଲାଇ ଗ୍ଭଲିବା ।

ପହୁ, ବି. ( ଯା ) କ୍ଷେତର ସୀମାବନ୍ଧ ମାଟିବାଡ଼, ହୁଡ଼, ଶଗଡ଼ଚକର ଅଂଶ ।

ପହୁଆ, ବି. (ଦେ) ଶଗଡ଼ଚକ ।

ପହ୍ଳ, ବି. (ଦେ) ଗନ୍ଧ ପ୍ରକାଶ, ଗୋଳମାଳ ।
ପହ୍ଲା, ବିଂ. (ଯା) ପ୍ରଥମ, ଆଦ୍ୟ ।
ପହ୍ଲ, ବିଂ. (ଦେ) ଆଦ୍ୟ, ପ୍ରଥମ, ପ୍ରାତଃକାଳୀନ ।
ପହ୍ନଡ, ବି. (ଦେ) ଶୋଭିଂବା ।
ପହ୍ନା, ବି. (ଦେ) ଗବାଦ ପଶୁର ଦୁଗ୍ଧାଧାର, ପ୍ରସ୍ନବ ।
ପହ୍ନାଇବା, କ୍ରି. (ଦେ) ଦୁଧ ଦେବାକୁ ମନ କରିବା, ପହ୍ନାକୁ ଦୁଧ ଆଣିବାଙ୍ଗ
ପା, (ଆ), ବି. (ଦେ) ଚଉଠ, ¼ ଅଂଶ, ପାଦ ।
ପାଇଁ,(କ), ଅ. (ଦେ) ନିମନ୍ତେ, ଲାଗ ।
ପାଇକ, ବି. (ପଦାତିକ ଶବ୍ଦଜ) ଗ୍ରାମରକ୍ଷକ, ପିଆଦା ।
ପାଇଖାନା, ବି. (ଯା) ମଳତ୍ୟାଗ କରିବାର ସ୍ଥାନ ।
ପାଇଶ୍ଚ } ପାଶ୍ଚ } ବି. (ଦେ) ବାଦ୍‌ସା, ରଜା ।
ପାଇଜାମା, ବି. ( ଯା ) ଗୋଡ଼ମୁଣା, ଏକପ୍ରକାର ନିମ୍ନାଙ୍ଗର ପରିଚ୍ଛଦ ।
ପାଇଟି, ବି. (ଦେ) ଗୃହାଦିର କାର୍ଯ୍ୟ ।
ପାଇଟିଆଳ, ବିଂ. (ଦେ) ମୂଲଆ, ଯେ ପାଇଟି କରେ ।
ପାଇବା, କ୍ରି. ( ଦେ ) ପ୍ରାପ୍ତ ହେବା, ଅଣ୍ଟିବା, ଲାଭ କରିବା ।
ପାଉଣା, ବି. ପ୍ରାପ୍ୟ, ଆଦାୟଯୋଗ୍ୟ ।
ପାଉତି, ବି. (ଯା) ପ୍ରାପ୍ତିସ୍ବୀକାରପତ୍ର, ରସିଦ ।
ପାଉଁଶ, ବି. (ପାଂଶୁ ଶବ୍ଦଜ) ପାଂଶୁ, ଭସ୍ମ ।
ପାଂଶୁ } ପାଂସୁ } ବି. (ପନ୍‌-ଉ) ରଜଃ, ଧୂଳି, ପାପ ।

ପାଂଶୁଳ, ବି° (ପାଂଶୁ-ଳ) ଧୂଳିଯୁକ୍ତ, ପାପିଷ୍ଠ ।

ପାଂଶୁଳା, ବି°. (ପାଂଶୁଳ, ସ୍ତ୍ରୀଲିଙ୍ଗେ ଆ) ଅସତୀ ସ୍ତ୍ରୀ। ବି. ପୃଥିବୀ ।

ପାଂସନ, ବି. (ପନ୍ସ-ଅନ) ଦୂଷକ, ପାପିଷ୍ଠ ।

ପାକ, ବି. (ପଚ୍-ଅ )ରନ୍ଧନ, ପରିପାକ, ପରିଣତି, କେଶର ଶୁକ୍ଳତା ।

ପାକଳ, ବି°. (ଦେ) ବୃଦ୍ଧ, ଅବସ୍ଥାନ୍ତର ପ୍ରାପ୍ତ, ପକ୍ୱ ।

ପାକଲି, ବି°. (ଦେ) ପକ୍ୱ, ପାଚିଲି ।

ପାକଶାଳା, ବି. ( ପାକ ଶାଳା ) ରନ୍ଧନଶାଳା ।

ପାକଶାସନ, ବି. (ପାକ-ଶାସନ) ଇନ୍ଦ୍ର ।

ପାକଶାସନି, ବି. (ପାକଶାସନ-ଇ) ଇନ୍ଦ୍ରପୁତ୍ର, ଜୟନ୍ତ, ବାଳୀ, ଅର୍ଜୁନ ।

ପାକସ୍ଥଳୀ, ବି. ( ପାକ-ସ୍ଥଳୀ ) ଉଦରର ଯେଉଁ ଅଂଶରେ ଖାଦ୍ୟଦ୍ରବ୍ୟ ଜୀର୍ଣ୍ଣ ହୁଏ, ରନ୍ଧନପାତ୍ର ।

ପାକୁଆ, ବି°. (ଦେ) ଦନ୍ତହୀନ ।

ପାକୁ(ଗୁ)ଳି, ବି. (ଦେ) ଗେଣ୍ଡୁ ।

ପାକ୍ଷିକ, ବି°. ( ପକ୍ଷ-ଇକ ) ପ୍ରତି ପକ୍ଷରେ ଯାହା ଘଟେ, ପକ୍ଷପାତୀ, ଚଢ଼େଇମାରୁ ।

ପାଖ, ବି. (ପାର୍ଶ୍ୱ ଶବ୍ଦଜ) ନିକଟ, ସମୀପ ।

ପାଖଗ୍ଲ, ବି°. (ଦେ) ନିର୍ଲଜ୍ଜ, ଜଳଜଳା । ବି.ଖଦ୍ଦର ବିଶେଷ ।

ପାଖୁଡ଼ା, ବି. (ଦେ) ପୁଷ୍ପର ଦଳ ।

ପାଟଖେଇବା, କ୍ରି. ( ଦେ ) ଆଟଡ଼ଇବା, ନିକଟବର୍ତ୍ତୀ ହେବା ।

ପାଗ, ବି. (ଦେ) ପଗଡ଼, ପାକ, ପାକପାତ୍ର, ପାକ-ଶାଳା, ପ୍ରାକୃତିକ ଅବସ୍ଥା ।

ପାଗଲ, ବିଂ. ବାତୁଳ, ଉନ୍ମତ୍ତ ।

ପାଗା, ବି. (ଦେ) ଅଶ୍ୱାଦି ରହିବାର ମେଲା ଘର ।

ପାଚକ, ବିଂ. (ପଚ୍-ଅକ) ଜୀର୍ଣ୍ଣକାରକ, ପାକକର୍ତ୍ତା । (ଦେ) ଖଙ୍ଗ ।

ପାଚନ, ବି. (ପାଚ-ଅନ) ଔଷଧବିଶେଷ, କ୍ୱାଥ ।

ପାଚିକା, ବିଂ. ସ୍ତ୍ରୀ. (ଦେ) ପାକକାରିଣୀ ।

ପାଚିଲା, ବିଂ. (ଦେ) ପକ୍ୱ ।

ପାଚିବା, କ୍ରି. ( ଦେ ) ପକ୍ୱ ହେବା, ପଶା ପ୍ରଭୃତି ଖେଳରେ ଜିତିବା ।

ପାଚେରି, ବି. ( ପ୍ରାଚୀର ଶବ୍ଦଜ ) ବେଢ଼ା, କାନ୍ଥ ।

ପାଛୁଆ, ବି. (ଦେ) ସାନ ଟୋକେଇ ।

ପାଛୁଡ଼ା, ବି. (ଦେ) ଗୃହଦ୍ୱାର, ଉତ୍ତରୀୟ ବସ୍ତ୍ର ।

ପାଛୋଟିବା କ୍ରି. (ଦେ) ଆଗବଢ଼ି ଆଣିବା ।

ପାଜି, ବିଂ. (ଯା) ଦୁଷ୍ଟ, ନୀଚ୍ଚଶଯ୍ୟ ।

ପାଞ୍ଚ, ବି. (ଦେ) ବିଚାର, ମନ୍ତ୍ରଣା, ୫ ସଂଖ୍ୟା ।

ପାଞ୍ଚଜନ୍ୟ, ବି (ପଞ୍ଚଜନ-ଯ) ବିଷ୍ଣୁଙ୍କ ଶଙ୍ଖ, ଅଗ୍ନି ।

ପାଞ୍ଚଣ, ବି. ( ଦେ ) ଗୋରୁ ବାଡ଼ି, ଯଦ୍ଦ୍ୱାରା ପଶୁଙ୍କ ଅଡ଼ାଯାନ୍ତି, ଔଷଧବିଶେଷ, ପାଚନ ।

ପାଞ୍ଚଭୌତିକ, ବିଂ. (ପଞ୍ଚଭୂତ-ଇକ) ପୃଥିବୀ ପ୍ରଭୃତି ପଞ୍ଚଭୂତରୁ ଜାତ ।

ପାଞ୍ଚାଳ, ବି. ( ପଞ୍ଚାଳ-ଅ ) ଦେଶବିଶେଷ, ପଞ୍ଜାବ ।
ବିଂ. ପଞ୍ଚାଳଦେଶୀୟ ।

ପାଞ୍ଚାଳୀ, ବି. ସ୍ତ୍ରୀ. ( ପଞ୍ଚାଳ-ଅ-ଈ ) ଦ୍ରୌପଦୀ, ପାଞ୍ଚାଳ ରାଜକନ୍ୟା, କାଷ୍ଠାଦି ନିର୍ମିତ ପିତୁଳା ।

ପାଞ୍ଚି, ବି. ( ଦେ ) ବିବାହାଦିରେ ବ୍ୟବହୃତ ବସ୍ତ୍ର-ବିଶେଷ ।

ପାଞ୍ଚିବା, କ୍ରି. ( ଦେ ) ବିଚାରିବା, କଳ୍ପନା କରିବା ।

ପାଞ୍ଜି, ବି. ( ପଞ୍ଜିକା ଶବ୍ଦଜ ) ଦିନାଦି ନିର୍ଦ୍ଧାରଣ ପୁସ୍ତକ, ହିସାବଖାତା ।

ପାଞ୍ଜିଆ, ବି. ( ଦେ ) ହିସାବ ରଖିବା ଲୋକ, ମୋହରିର ।

ପାଟ, ବି. ( ଦେ ) ପ୍ରଶସ୍ତ ଭୂମି, ବଡ଼ ଭୂମିଖଣ୍ଡ, ଲାଲ ସୂତା, ଜଳମଗ୍ନ ଭୂମି, କୌଷେୟ ବସ୍ତ୍ର ।

ପାଟକ, ବି. (ପଟ-ଅକ) ଗ୍ରାମର ଅଂଶ, ତଟ । (ଦେ) ଜାତିର ଶାଖା, ଜାତିର ଦଳ ।

ପାଟଚ୍ଚର, ବି. (ପଟଚ୍ଚର-ଅ) ଚୋରି, ଚୋର ।

ପାଟଣା, ବି. (ଦେ) ଗ୍ରାମ, ପୁର, ନଗର ।

ପାଟନ, ବି. ( ପାଟି-ଅନ ) କର୍ତ୍ତନ, ଛେଦନ, ବିଦାରଣ ।

ପାଟପୋକ, ବି. (ଦେ) ସାଧବଘର ବୋହୂ ।

ପାଟଫୁଲ, ବି. (ଦେ) ପାଟ ସୂତାରେ ନିର୍ମିତ ଡୋର

ପାଟମହାଦେଈ, ବି. (ପଟ୍ଟମହାଦେବୀ ଶବ୍ଦଜ) ପ୍ରଧାନ ରାଣୀ ।

ପାଟଗ, ବ. (ଦେ) ଜାତିବିଶେଷ, ସୂତବ୍ୟବସାୟୀ, କାପେଡ଼ି ।

ପାଟରାଣୀ, ବ. ଦାଟପର ଭାର୍ଯ୍ୟା, ରାଜାଙ୍କ ଭାର୍ଯ୍ୟା ।

ପାଟଳ, ବି°. (ପାଟଳା-ଅ) ଶ୍ୱେତରକ୍ତବର୍ଣ୍ଣ । ବ. ପୁଷ୍ପ-ବିଶେଷ ।

ପାଟଳି, ବ. (ପାଟଳା-ଇ) ବୃକ୍ଷବିଶେଷ,ପାଟଳିବୃକ୍ଷ ।

ପାଟଳିତ, ବି°. (ପାଟଳ-ଇତ) ପାଟଳବର୍ଣ୍ଣଯୁକ୍ତ ।

ପାଟଳିପୁତ୍ର, ବ. (ନାମ) ପ୍ରାଚୀନ ମଗଧର ରାଜଧାନୀ, ଆଧୁନିକ ପାଟନା ନଗର ।

ପାଟବ, ବ. (ପଟୁ-ଅ) ପଟୁତା, ନୈପୁଣ୍ୟ, ଆରୋଗ୍ୟ ।

ପାଟି, ବ. (ଦେ) ତୁଣ୍ଡ, ତୁଣ୍ଡର ଶବ୍ଦ ।

ପାଟିତ, ବି°. (ପାଟି-ତ) ଭଗ୍ନ, ବିଦାର୍ଣ୍ଣ, କ୍ଷତ ।

ପାଟୀ, ବ. (ପାଟି-ଈ) ଶୃଙ୍ଖଳା, ଧାରା, ପ୍ରଣାଳୀ, ଶ୍ରେଣୀ, ଚିଳକାଦ୍ଧ ରଚନା ।

ପାଟୀଗଣିତ, ବ. ଅଙ୍କଶାସ୍ତ୍ର, ଧାରାକ୍ରମେ ଲିଖିତ, ଗଣିତ ।

ପାଟୁଆ, ବ (ଦେ) ଝାମଯାତ, ଗ୍ରାମ୍ୟ ନୀଚଜାତୀୟ ଲୋକଙ୍କ ଯାତ୍ରା, ଯେଉଁମାନେ ଝାମ ଯାତରେ ନାଚନ୍ତି ।

ପାଟୁପାଟୁ, ବ. (ଦେ) କ୍ଷୁଧା ତୃଷାଦ୍ଧ ଦ୍ୱାରା ମୂମୂର୍ଷୁ ।

ପାଠ, ବ. (ପଠ୍-ଅ) ଆବୃତ୍ତି, ଅଧ୍ୟୟନ ।

ପାଠକ, ବ. (ପଠ୍-ଅକ) ପାଠକର୍ତ୍ତା, ଛାତ୍ର, (ପାଠି-ଅକ) ଅଧ୍ୟାପକ, ଶିକ୍ଷକ ।

ପାଠଶାଳା, ବି. (ପାଠ-ଶାଳା) ବିଦ୍ୟାଳୟ, ଗୁରୁଶାଳୀ।
ପାଠୀ, ବି. (ପଠ୍-ଇନ୍) ପାଠକାରୀକ, ପାଠକ।
ପାଠୁଆ, ବି. (ଦେ) ବିଦ୍ୱାନ୍।
ପାଠ୍ୟ, ବି. (ପଠ୍-ଯ) ପଠନୀୟ, ପାଠର ଉପଯୁକ୍ତ
ପାଦ୍, ବି. (ଦେ) ବାତକର୍ମ, ଅପାନବାୟୁ।
ପାଦିବା, କି. (ଦେ) ଅଧୋବାୟୁ ତ୍ୟାଗ କରିବା, ବଗୁରିବା, ଡମ୍ବୁଦେବା।
ପାତ୍ତି, (ପାତ୍ତୁଆ), ବି. (ଦେ) ଠକ, ପ୍ରତାରକ।
ପାତୁଆ, ବି. (ଦେ) ଯେ ଧାର ନେଇ ଆଦାୟ ଦିଏ ନାହିଁ।
ପାଣ, ବି. (ଦେ) ଅସ୍ପୃଶ୍ୟ ଜାତିବିଶେଷ।
ପାଣି, ବି (ପଣ୍-ଇ) ହସ୍ତ, (ପାନୀୟର ଅପଭ୍ରଂଶ) ଜଳ, ଏକଜାତୀୟ ବ୍ରାହ୍ମଣର ଉପାଧି।
ପାଣିଗ୍ରହଣ } ବି. ( ପାଣି-ଗ୍ରହଣ, ପୀଡ଼ନ )
ପାଣିପୀଡ଼ନ } ବିବାହ।
ପାଣିଚିଆ, ବି. (ଦେ) ବିସ୍ୱାଦୁ, ସୁସ୍ୱାଦୁ ଦ୍ରବ୍ୟ ପାଣି ପରି ଲାଗିବ।
ପାଣିଜ, ବି. (ପାଣି-ଜନ୍-ଅ) ନଖ।
ପାଣିନି, ବି. (ନାମ) ବ୍ୟାକରଣ ସୂତ୍ରପ୍ରଣେତା ମୁନି।
ପାଣିପାଚିଆ, ବି. (ଦେ) ଗୃହଘର ଓଳର ନିମ୍ନ ଅଂଶ।
ପାଣିଶଙ୍ଖଳ, ବି. (ଦେ) ଜଳଜ ବୃକ୍ଷବିଶେଷ।
ପାଣ୍ଠି, ବି. (ଦେ) ମୂଳଧନ, ପୁଞ୍ଜି, ଯୁଆଳରେ ଅମଣିଆ ବଳଦ ଯୋଚିବା, ପଲ୍ଲାଣ ଉପରେ ବୋଝ

ବଡ଼ା ଦଉଡ଼, ତରଳ ପଦାର୍ଥର ୧୬ ଆଉନ୍ସ ପରମାଣ, Pint.

ପାଣ୍ଡର, ବିଂ. (ପାଣ୍ଡୁ-ଅର) ପୀତଶୁକ୍ଳବର୍ଣ୍ଣ, ଶୁଭ୍ରବର୍ଣ୍ଣ, ପାଣ୍ଡୁବର୍ଣ୍ଣ ।

ପାଣ୍ଡବ } ବି. (ପଣ୍ଡୁ-ଅ, ଏୟ) ଯୁଧିଷ୍ଠିରାଦି
ପାଣ୍ଡବେୟ } ପାଞ୍ଚ ଭାଇ ।

ପାଣ୍ଡିଆ, ବି. (ଦେ) ଏକପ୍ରକାର ପକ୍ଷୀ, ଚକ୍ରବାକ ।

ପାଣ୍ଡିତ୍ୟ, ବି. (ପଣ୍ଡିତ-ଯ) ପଣ୍ଡିତର ଭାବ ବା ଧର୍ମ, ବିଚକ୍ଷଣତା ।

ପାଣ୍ଡୁ, ବି. (ପନଡ୍-ଉ) ଚନ୍ଦ୍ରବଂଶୀୟ ନୃପବିଶେଷ, ଯୁଧିଷ୍ଠିରାଦିଙ୍କ ପିତା, ରୋଗବିଶେଷ ।

ପାଣ୍ଡୁର, ବିଂ. (ପଣ୍ଡ-ଉର) ଶ୍ୱେତବର୍ଣ୍ଣ, ଶ୍ୱେତ-ପୀତବର୍ଣ୍ଣ ।

ପାଣ୍ଡୁଲିପି } ବି. (ପାଣ୍ଡୁ-ଲିପି, ଲେଖ୍ୟ) ଖସଡ଼ା,
ପାଣ୍ଡୁଲେଖ୍ୟ } ଚଠା ।

ପାଣ୍ଡୋଇ, ବି. (ଦେ) ଜୋତା ।

ପାତ, ବି. (ପତ୍-ଅ) ପତନ, ଭ୍ରଂଶ, ପଡ଼ିବା, ରାହୁଗ୍ରହ ।

ପାତକ, ବି. (ପତ୍-ଅକ) ପାପ, ଦୁଷ୍କାର୍ଯ୍ୟ ।

ପାତକୀ, ବିଂ. (ପାତକ-ଇନ୍) ପାପୀ ।

ପାତନ, ବି. (ପାତ-ଅନ) ଅଧଃକ୍ଷେପଣ, ବିନ୍ୟାସ ।

ପାତଳ, ବିଂ. (ଦେ) ସରୁ, ଝିନ, କ୍ଷୀଣ ।

ପାତଳଘଣ୍ଟା, ବି. (ଦେ) ବଳିତ ବାଇଗଣ ।

ପାତା, ବିଂ. (ପା-ତୃ) ରକ୍ଷାକର୍ତ୍ତା, ରକ୍ଷକ, ପାଳନକର୍ତ୍ତା ।

ପାତାଳ, ବି. ( ପତ୍-ଆଳ ) ଅଧୋଭୁବନ, ତଳ, ଅତଳ, ବିତଳ, ନିତଳ, ତଳାତଳ, ମହାତଳ, ସୁତଳ ଏହି ସପ୍ତ ପାତାଳ ।

ପାତି, ବି. ( ପା-ଅତି ) ପ୍ରଭୁ, ଅଧିପତି । (ଦେଶଜ) ବାନରବିଶେଷ, ଧାତୁର ପାତଳ ପତ୍ର, ପନ୍ତି ।

ପାତିଆ, ବି. (ଦେ) ଧାତୁର ପାତ୍ର, ବାଉଁଶର ଗୁଞ୍ଜିଣ୍ଡା ।

ପାତିତ, ବିଂ.(ପାତି-ତ) ଅଧୋଦେଶରେ ନିକ୍ଷେପିତ ।

ପାତିବ୍ରତ୍ୟ, ନି (ପତିବ୍ରତା-ଯ) ପତିବ୍ରତାର ଧର୍ମ, ସତୀତ୍ୱ ।

ପାତୁଆ, ନି. (ଦେ) ପତ୍ରପିନ୍ଧା ବନ୍ୟ ଜାତିବିଶେଷ୍ୟ ।

ପାତ୍ର, ବି. (ପା-ତ୍ର) ଭାଜନ, ବର, ଯୋଗ୍ୟ ବ୍ୟକ୍ତି ।

ପାତ୍ରୀ, ବି. (ପାତ୍ର-ଈ) କନ୍ୟା, ଯୋଗ୍ୟା ସ୍ତ୍ରୀ, ପାତ୍ର, ଯଜ୍ଞସାଧନ ତାମ୍ରପାତ୍ରବିଶେଷ ।

ପାଥ, ବି. (ପା-ଥ) ଅଗ୍ନି, ସୂର୍ଯ୍ୟ, ଜଳ, ବାୟୁ ।

ପାଥେୟ, ବି. (ପଥିନ୍-ଏୟ) ପଥର ସମ୍ବଳ, ବାଟଖର୍ଚ୍ଚ ।

ପାଦ, ବି. (ପଦ୍-ଅ) ଚରଣ, ବୃକ୍ଷମୂଳ, ଶ୍ଳୋକର ଚତୁର୍ଥାଂଶ ।

ପାଦଚାରୀ, ବିଂ. (ପାଦ-ଚର-ଇନ୍) ପାଦରେ ଯେ ଗମନ କରେ । ବି. ପଦାତିକ ।

ପାଦପ, ବି. (ପାଦ-ପା-ଅ) ବୃକ୍ଷ, ପାଦପୀଠ ।

ପାଦପୀଠ, ବି. (ପାଦ-ପୀଠ) ପାଦ ରଖିବାର ସ୍ଥାନ ।

ପାଦାତ } ବି. (ପାଦ-ଅତ୍-ଇ, କ) ପଦାତିକ
ପାଦାତିକ } ସୈନ୍ୟ ।

ପାଦୁକ, ବ. (ପାଦୋଦକ ଶବ୍ଦଜ) ପାଦୋଦକ, ଠାକୁରଙ୍କ ପ୍ରସାଦ ।

ପାଦୁକା, ବ. (ଦେ) କଠାଉ, ଜୋତା ।

ପାଦ୍ୟ, ବ. (ପାଦ-ଯ) ପାଦପ୍ରକ୍ଷାଳନାର୍ଥ ଜଳ, ପୂଜା-ଉପହାର ।

ପାଦ୍ରୀ, ବ. (ବୈଦେଶିକ) ଖ୍ରୀଷ୍ଟଧର୍ମ ପ୍ରଚାରକ ।

ପାନ, ବ. (ପା-ଅନ) ପିଇବା । (ପ୍ରା) ଲତାବିଶେଷ, ତାମ୍ବୂଳ ।

ପାନପାତ୍ର, ବ. ଚଷକ, ମଦ ପିଇବା ଗିନା ।

ପାନମହୁରୀ, ବ. (ଦେ) ଏକପ୍ରକାର ସମଲ୍ଲ ।

ପାନରୀ, ବ. (ଦେ) ତାମ୍ବୂଳୀ, ଯେଉଁ ଜାତି ପାନ ବ୍ୟବସାୟ କରନ୍ତି ।

ପାନଆଁ, ବ. (ଦେ) କଙ୍କତିକା, ଚିରଣୀ ।

ପାନୀୟ, ବ. ( ପା-ଅନୀୟ ) ଜଳ । ବିଂ. ପାନର ଯୋଗ୍ୟ, ରକ୍ଷଣୀୟ ।

ପାନ୍ଥ, ବିଂ. (ପଥିନ୍-ଅ) ପଥିକ, ସର୍ବଦା ଭ୍ରମଣକାରୀ ।

ପାନ୍ଥନିବାସ } ବ. (ପାନ୍ଥ-ନିବାସ, ଶାଳା) ବାଟୋଇଙ୍କ
ପାନ୍ଥଶାଳା } ରହିବା ସ୍ଥାନ ।

ପାପ, ବ. (ପା-ପ) ଅଧର୍ମ, ଦୁଷ୍କୃତ, ଅନିଷ୍ଟ । ବିଂ. ପାପଜନକ, ଲମ୍ପଟ ।

ପାପଘ୍ନ, ବିଂ. (ପାପ-ହନ୍-ଅ) ପାପନାଶକ ।

ପାପଡ଼ } ବ. (ଦେ) ଏକପ୍ରକାର ବରପିଠା ।
ପାମ୍ପଡ଼ }

ପାପାତ୍ମା
ପାପାଶୟ } ବି°. (ପାପ-ଆତ୍ମା, ଆଶୟ) ଅଧାର୍ମିକ ।

ପାପିଷ୍ଠ, ବି°. (ପାପ-ଇଷ୍ଠ) ଅତି ପାପୀ, ଅଧାର୍ମିକ ।

ପାପୀ, ବି°. (ପାପ-ଇନ୍) ପାତକୀ, ଅପରାଧୀ ।

ପାପୀୟସୀ, ବି.ସ୍ତ୍ରୀ. (ପାପ-ଈୟସ୍-ଈ) ଅତି ପାପିନୀ ।

ପାପୁଲି, ବି. (ଦେ) ହାତତଳ ।

ପାଖଟ, ବି. (ଦେ) ପିଣ୍ଡା ବାରଣ୍ଡା ।

ପାମର, ବି°. (ପାମନ୍-ର-ଅ) ମୂର୍ଖ, ନୀଚ, ଦୁଷ୍ଟ, ଅଧମ । ସ୍ତ୍ରୀ. ପାମରୀ ।

ପାୟସ, ବି. (ପୟସ-ଅ) କ୍ଷୀରୀ । ବି°. ପୟଃସମ୍ବନ୍ଧୀୟ ।

ପାୟା, ବି. (ଦେ) ଚୌକି ଖଟ ପ୍ରଭୃତିର ଗୋଡ଼, ଘରର ଖୁଣ୍ଟ । (ଯା) ପଦ, ଅଧିକାର ।

ପାୟୁ, ବି. (ପା-ଉ) ମଳଦ୍ୱାର ।

ପାର, ବି. ( ପର-ଅ ) ନଦୀର ପରତୀର, ଉଦ୍ଧାର, ପ୍ରାନ୍ତ ।

ପାରକ, ବି°.(ପୃ-ଅକ) ସମର୍ଥ, ନିପୁଣ, ପାଳନକାରୀ ।

ପାରଖୀ, ବି°. (ଦେ) ପରୀକ୍ଷକ । ବି. ପରୀକ୍ଷା ।

ପାରଗ, ବି°. (ପାର-ଗମ୍-ଅ) ପାରଗାମୀ, ସମର୍ଥ ।

ପାରଗତ, ବି°. ( ପାର-ଗମ୍-ତ ) ଅତିକ୍ରାନ୍ତ ।

ପାରଣା, ବି. (ପାର୍-ଅନ-ଆ) ବ୍ରତାନ୍ତରେ ଭୋଜନ, ଉପବାସାନନ୍ତର ଭୋଜନ, ତୃପ୍ତି ।

ପାରତନ୍ତ୍ୟ, ବି. (ପରତନ୍ତ୍ର-ଯ) ପରାଧୀନତା ।

ପାରତ୍ରିକ, ବିଂ. (ପରତ୍ର-ଇକ) ପାରଲୌକିକ ।

ପାରଦ, ବି. (ପାର-ଦା-ଅ) ପାରା, ଧାତୁବିଶେଷ ।

ପାରଦର୍ଶୀ, ବିଂ. (ପାର-ଦୃଶ୍-ଇନ୍) ପରିଣାମଦର୍ଶୀ, ବିଜ୍ଞ, ନିପୁଣ ।

ପାରଦାରିକ, ବି (ପରଦାର-ଇକ) ଯେ ପରସ୍ତ୍ରୀ ଗମନ କରେ ।

ପାରମାର୍ଥିକ, ବିଂ. (ପରମାର୍ଥ-ଇକ) ପରମାର୍ଥ-ସମ୍ବନ୍ଧୀୟ, ପରମାର୍ଥବିଷୟକ, ଜ୍ଞାନମାର୍ଗସମ୍ବନ୍ଧୀୟ ।

ପାରମ୍ପର୍ଯ୍ୟ, ବି. ବିଂ. (ପରମ୍ପରା-ଯ) ପୁରାତନ କଥା । ପରମ୍ପରାଗତ, ଅନୁକ୍ରମ ।

ପାରମ୍ପରିକ, ବିଂ. (ପରମ୍ପରା-ଇକ) ପରମ୍ପରାଗତ ।

ପାରଲୌକିକ, ବିଂ. (ପରଲୋକ-ଇକ) ପରଲୋକ ସମ୍ବନ୍ଧୀୟ, ପାରତ୍ରିକ ।

ପାରଶିକ<br>ପାରସିକ } ବିଂ, ପାରସ୍ୟଦେଶ ସମ୍ବନ୍ଧୀୟ ।

ପାରସୀ, ବି. ପାରସ୍ୟଭାଷା, ପାରସ୍ୟ ଦେଶର ଦ୍ରବ୍ୟାଦି ।

ପାରା, ବି. (ଦେ) ପକ୍ଷିବିଶେଷ, ଧାତୁବିଶେଷ ।

ପାରାପତ<br>ପାରାବତ } ବି. (ପାର-ଆ-ପତ୍-ଅ) କପୋତ, ପାରା ।

ପାରାପାର<br>ପାରାବାର } ବି. (ପାର-ଅପାର, ଅବାର) ସାଗର, ସମୁଦ୍ର ।

ପାରଜାତ
ପାରଜାତକ } ବି. (ପାର-ଜାତ-ଅକ) ମନ୍ଦାର ।

ପାରତୋଷିକ, ବିଂ. (ପରତୋଷ-ଇକ) ପରତୋଷ ହେତୁରୁ ପୁରସ୍କାର ।

ପାରଧି, ବି. (ଦେ) ମୃଗୟା, ଶିକାର ।

ପାରପାଟ୍ୟ, ବି. (ପାରପାଟୀ-ଯ) ସୁଶୃଙ୍ଖଳା ।

ପାରପାର୍ଶ୍ୱିକ, ବି. ( ପାର-ପାର୍ଶ୍ୱ-ଇକ ) ପାରିଷଦ, ଉପଗ୍ରହ । ବିଂ. ପାର୍ଶ୍ୱଚର ।

ପାରଭାଷିକ, ବିଂ. ( ପର-ଭାଷା-ଇକ ) ପରଭାଷା ସମ୍ବନ୍ଧୀୟ ।

ପାରଯାତ୍ର, ବି. (ନାମ) କୁଳାଚଳ ମଧ୍ୟରୁ ଏକତମ, ସୁଲେମାନ ଗିରି ।

ପାରବା, କ୍ରି. ( ଦେ ) କ୍ଷମ ହେବା, ପକାଇବା, ତୋଳିବା, ପାଡ଼ିବା ।

ପାରିଷଦ, ବି. ( ପରିଷଦ୍-ଅ ) ସଭ୍ୟ । ବିଂ. ସଭା ସମ୍ବନ୍ଧୀୟ ।

ପାରିନ୍ଦ୍ର, ବି. (ପରି-ଇନ୍ଦ୍ର) ସିଂହ, ଅଜଗର ସାପ ।

ପାରୁ, ବି. (ପା-ରୁ) ଅଗ୍ନି, ସୂର୍ଯ୍ୟ । (ଦେ) ସଠା, ଅସାର ଅଂଶ, ତ୍ୱକ୍ । ବିଂ. କ୍ଷମ ।

ପାରୁପର୍ଯ୍ୟନ୍ତ, ଅଂ. (ଦେ) ଯଥାଶକ୍ତି ।

ପାରୁଶ, ବି. ( ଦେ ) ପାର୍ଶ୍ୱ, ପାଖ, ଭୋଜନାର୍ଥ ପଙ୍କ୍ତି, ପଙ୍କ୍ତିରେ ଭୋଜନ ପାଇଁ ବଢ଼ାଯାଇଥିବା ଖାଦ୍ୟ ।

ପାରୁଷ୍ୟ, ବି. ( ପରୁଷ-ଯ ) କର୍କଶତା, ନିନ୍ଦା, ତିରସ୍କାର ।

ପାର୍ଥ, ବି. (ପୃଥା-ଅ) ଅର୍ଜୁନ, ଅର୍ଜୁନବୃକ୍ଷ ।

ପାର୍ଥକ୍ୟ, ବି. (ପୃଥକ୍-ଯ) ପୃଥକ୍ତ୍ୱ, ବିଭିନ୍ନତ୍ୱ ।

ପାର୍ଥିବ, ବି. ( ପୃଥିବୀ-ଅ ) ରାଜା । ବିଂ. ପୃଥିବୀ ସମ୍ବନ୍ଧୀୟ ।

ପାର୍ବଣ, ବି. ( ପର୍ବନ୍-ଅ ) ଉତ୍ସବ, ଶ୍ରାଦ୍ଧବିଶେଷ । ବିଂ. ପର୍ବସମ୍ବନ୍ଧୀୟ । (ଦେ) ଦୁର୍ଗାପୂଜା ।

ପାର୍ବତୀ, ବି. (ପର୍ବତ-ଅ ଈ) ଗିରିଜା, ଉମା, ଦୁର୍ଗା ।

ପାର୍ବତୀନନ୍ଦନ, ବି. ( ପାର୍ବତୀ-ନନ୍ଦନ ) କୁମାର, କାର୍ତ୍ତିକେୟ ।

ପାର୍ବତୀୟ, ବିଂ ( ପର୍ବତ-ଇୟ ) ପାହାଡ଼ିଆ ।

ପାର୍ଶ୍ୱ, ବି.(ପର୍ଶୁ-ଅ) ପ୍ରାନ୍ତ, ଏକଦେଶ, ପାଖ, କକ୍ଷର ନିମ୍ନ ଅଂଶ, ସମୀପ, ନିକଟ ।

ପାର୍ଶ୍ୱପରିବର୍ତ୍ତନ, ବି. ( ପାର୍ଶ୍ୱ-ପରିବର୍ତ୍ତନ ) ଭାଦ୍ର ଶୁକ୍ଳ ଦ୍ୱାଦଶୀରେ କୃତ ଉତ୍ସବବିଶେଷ, ପାଖ ଲେଉଟାଇବା ।

ପାର୍ଷଦ, ବି. (ପର୍ଷଦ୍-ଅ) ସଭ୍ୟ, ସଭାସଦ୍ ।

ପାଳ, ବିଂ. ( ପାଳ-ଅ ) ରକ୍ଷକ । ବି. କୁଟା, ଦଳ, ସମୂହ, ନଦୀତଟବର୍ତ୍ତୀ ଉର୍ବର ଭୂମି ।

ପାଲ, ବି. (ଦେ) ନୌକାର ଅଖାଲ ।

ପାଳକ, ବିଂ. (ପାଳଅକ) ରକ୍ଷକ ।

ପାଳଙ୍ଗ, ବି. ( ଦେ ) ଏକପ୍ରକାର ଶାଗ ( ମିଠା ଓ ଖଟା ଭେଦରେ ଏହା ଦ୍ୱିବିଧ) ।

ପାଲଟ, କ୍ରି. (ଦେ) ପରିବର୍ତ୍ତନ, ବଦଳାଇବା ।

ପାଲଟା, ବି°. (ଦେ) ପରିବ୍ତ, ଯାହା ପିନ୍ଧା ହୋଇ-ଥିଲା, ଅବଶୁଦ୍ଧ ।

ପାଲଟିବା, କ୍ରି. (ଦେ) ପରିବର୍ତ୍ତନ କରିବା, ବଦଳି-ଯିବା ।

ପାଲଣି, ବି. ସ୍ତ୍ରୀ. (ଦେ) ଦାସୀ, ପୋଇଲି ।

ପାଲଧୂଆ, ବି. (ଦେ) ଏକପ୍ରକାର ଗଛ ।

ପାଳନ, ବି. (ପାଳ-ଅନ) ରକ୍ଷଣ, ପୋଷଣ ।

ପାଲା, ବି. (ଦେ) ସତ୍ୟନାରାୟଣପୂଜା, ଏକପ୍ରକାର ଗ୍ରାମ୍ୟଯାତ୍ରାଗୀତ ।

ପାଳି } ବି. (ପାଳ-ଇ, ଈ) ପଂକ୍ତି, ଶ୍ରେଣୀ, ଖଡ୍ଗର
ପାଳୀ } ତୀକ୍ଷ୍ଣଧାର, ସେତୁ । ବି. (ଦେ) ନିର୍ଦ୍ଦିଷ୍ଟ ସମୟ, ବାର, ଦୁଆ ।

ପାଲି, ବି. (ଦେ) ପଶାଖେଳ ଘର, ଚଉତନା ।

ପାଳିଆ, ବି°. (ଦେ) ଯେ ଦୁଆ ଧରେ, ସାହଯ୍ୟକାରୀ, ଯେ ପାଳି ଅନୁସାରେ କର୍ମ କରେ ।

ପାଲିଙ୍କି, ବି. (ଦେ) ମନୁଷ୍ୟବାହ୍ୟ ଯାନବିଶେଷ ।

ପାଳିତ, ବି°. (ପାଳି-ତ) ରକ୍ଷିତ, ପୋଷିତ ।

ପାଲି, ବି. (ଦେ) ପକ୍ଷୀ, ଘାସବିଶେଷ ।

ପାଲୁଅ, ବି. (ଦେ) ସ୍ୱନାମପ୍ରସିଦ୍ଧ ବୃକ୍ଷବିଶେଷ ।

ପାଲୁଆ, ବି°. (ଦେ) ପାଳ ଜମିରେ ଉତ୍ପନ୍ନ, ନରମ ।

ପାଲୁଣୀ, ବି. ସ୍ତ୍ରୀ. (ଦେ) ପାଣର ସ୍ତ୍ରୀ ।

ପାବକ, ବି. (ପ-ଅକ) ଅଗ୍ନି । ବି°. ପବିତ୍ରକାରକ ।

ପାବଚ୍ଛ, ବି. (ଦେ) ପାହାଚ, ସୋପାନ ।
ପାବନ, ବିଂ. ( ପୂ-ଅନ ) ପବିତ୍ର, ଶୋଧନ । ବି. ଗୋମୟ, ଅଗ୍ନି ।
ପାବନି, ବି. (ପବନ-ଇ) ପବନପୁତ୍ର, ହନୁମାନ୍, ଭୀମ ।
ପାବନୀ, ବିଂ. (ପାବନ-ଈ) ପବିତ୍ରକାରିଣୀ । ବି. ଗଙ୍ଗା ।
ପାଶ, ବି. ( ପାଶି-ଅ ) ଫାନ୍ଦ, ରଜ୍ଜୁ, ଗୁଚ୍ଛ । (ଦେ) ପାର୍ଶ୍ୱ, ନିକଟ ।
ପାଶକ, ବିଂ. (ପାଶି-ଅକ) ପାଶକର୍ତ୍ତା । ବି. ପଶା, ଚଉପାର ।
ପାଶବ } ବିଂ. (ପଶୁ-ଅ, ଇକ) ପଶୁସମ୍ବନ୍ଧୀୟ,
ପାଶବିକ } ନିଷ୍ଠୁର, କଦର୍ଯ୍ୟ ।
ପାଶୀ, ବି. (ପାଶ-ଇନ୍) ଯମ, ବରୁଣ, ବ୍ୟାଧ ।
ପାଶୁପତ, ବି. ( ପଶୁପତି-ଅ ) ସୁପ୍ରସିଦ୍ଧ ଅସ୍ତ୍ର, ଶୈବ, ଶିବଭକ୍ତ ।
ପାଶ୍ଚାତ୍ୟ, ବିଂ. (ପଶ୍ଚାତ୍-ଯ) ପଶ୍ଚିମଦେଶୀୟ, ପଶ୍ଚିମ ଦିଗରେ ଥିବା । ବି. ଯବନ ।
ପାଷଣ୍ଡ, ବି. ( ପାପ-ସନ୍-ଡ, ନିପାତନ ) ନାସ୍ତିକ, ପାମର, ବିଧର୍ମୀ ।
ପାଷାଣ, ବି. (ପିଷ୍-ଅନ) ପ୍ରସ୍ତର, ପଥର ।
ପାସୋରିବା, କ୍ରି. (ଦେ) ଭୁଲିଯିବା, ବିସ୍ମୃତ ହେବା ।
ପାହାଚ, ବି. (ପାବଚ୍ଛ ଶବ୍ଦଜ) ସୋପାନ ।
ପାହାଡ଼, ବି. (ଦେ) କ୍ଷୁଦ୍ର ପର୍ବତ ।
ପାହାଡ଼ା, ବି. (ଦେ) ଦେବତା ବା ରାଜାଙ୍କ ଯିବା ପଥରେ ପଡ଼ିବା ବସ୍ତ୍ର ।

ପାହାଡ଼ିଆ, ବିଂ. (ଦେ) ପାହାଡ଼ରେ ଜାତ, ପାର୍ବତୀୟ, ପ୍ରସ୍ତରମୟ ।

ପାହାନ୍ତା } ବି. ( ଦେ ) ପ୍ରଭାତର ପୂର୍ବ ସମୟ, ପାହାନ୍ତିଆ } ପ୍ରଭାତ ।

ପାହାର, ବି. (ପ୍ରହାର ଶବ୍ଦଜ) ମାଡ଼, ଆଘାତ ।

ପାହାର, ବି. (ଦେ) ପ୍ରହରୀ, ଦ୍ୱାରୀ ।

ପାହି, ବି. (ଦେ) ପାହୁଲା, ୧ ପଇସାର ⅛ ମୁଦ୍ରାଖଣ୍ଡ, ଅସ୍ଥାୟୀ ପ୍ରଜାସ୍ୱତ୍ୱ ।

ପାହିବା, କ୍ରି. (ଦେ) ପ୍ରଭାତ ହେବା ।

ପାହୁ, ବିଂ. (ଦେ) ଧପାବାଜ, ଠକ ।

ପାହୁଡ଼, ବି. (ଦେ) ପାଦର ଅଳଙ୍କାର ।

ପାହୁଣ୍ଡ, ବି. (ଦେ) ପାଦକ୍ଷେପ, ପହଣ୍ଡ ।

ପାହୁରଣୀ, ବି. (ଦେ) ଚିକ୍କି ପାହାର ।

ପାହୁଲ, ବି. ( ଦେ ) ପଦଚିହ୍ନ, ହସ୍ତୀ ପ୍ରଭୃତିଙ୍କ ପଦତଳ ।

ପାହୁଲା, ବି. ( ଦେ ) ପଇସାର ⅛ ଅଂଶ, ପାହି ।

ପିଅର, ବି. (ଦେ) ପିତା, ଜନକ, ବାପ, ତାତ ।

ପିଆ, ବିଂ. (ଦେ) ପେୟ, ଯାହା ପାନ କରାଯାଇଅଛି, ପାନକାରୀ । ବି. ପାନ ।

ପିଆଜ, ବି (ଦେ) ପଲାଣ୍ଡୁ ।

ପିଆଦା, ବି. ( ଯା ) ପଥିକ୍, ପଦାତିକ, ଆଜ୍ଞାକାରୀ ଚାକର ।

ପିଆଳ, ବି. (ଦେ) ଏକପ୍ରକାର ବନ୍ୟ ତରୁ ।

ପିଆଶାଳ, ବି. (ଦେ) ସ୍ୱନାମପ୍ରସିଦ୍ଧ ବୃକ୍ଷବିଶେଷ ।
ପିଇବା, କ୍ରି. (ପା ଧାତୁଜ) ପାନ କରିବା ।
ପିଇସା } ବି. (ପିତୃଷ୍ୱସ ଶବ୍ଦଜ) ପିତାର ଭଣୋଇ ।
ପିଉସା }
ପିକ, ବି. (ପି-କୈ-ଅ) କୋକିଳ । (ଦେ) ପାନଛେପ ।
ପିକଦାନୀ, ବି. (ଦେ) ନିଷ୍ଠୀବନପାତ୍ର ।
ପିକା, (ଙ୍କା), ବି. (ଦେ) ଧୂଆଁପତ୍ରର ବଣ୍ଡ଼ ।
ପିଙ୍ଗ, ବିଂ. (ପିନ୍‌ଜ୍‌-ଅ) ପିଙ୍ଗଳବର୍ଣ୍ଣ, ନୀଳପୀତ-
ମିଶ୍ରିତ ବର୍ଣ୍ଣ ।
ପିଙ୍ଗଳ, ବି. ( ପିନଜ୍‌-ଅଳ ) ନୀଳପୀତମିଶ୍ରିତ ବର୍ଣ୍ଣ,
ଶିବ, ମଙ୍ଗଳଗ୍ରହ, ପିଉଳ ।
ପିଙ୍ଗଳା, ବି. (ନାମ) ଜଣେ ବେଶ୍ୟା, କୁମୁଦ ହସ୍ତିର
ସ୍ତ୍ରୀ, ଶିଶପାବୃକ୍ଷ ।
ପିଚ, ବି. (ଦେ) ଏକପ୍ରକାର ବୃକ୍ଷ ଓ ତାହାର ଫଳ ।
ପିଚ (ଟ) ଣ୍ଡ, ବି. (ଅପି-ଚମ୍‌-ଡ) ଉଦର, ପେଟ ।
ପିଚଣ୍ଡିଳ } ବିଂ. ( ପିଚ(ଟ)ଣ୍ଡ-ଇଳ ) ପେଟୁଆ,
ପିଟଣ୍ଡିଳ } ଯାହାର ବଡ଼ ପେଟ ଥାଏ ।
ପିଚୁ, ବି. ( ଦେ ) ସ୍ଥିର୍, ନିତମ୍ବ ।
ପିଚୁଶୁଣୀ, ବି. (ଦେ) ପିଶାଚୀ, ଡାହାଣୀ ।
ପିଚକାରୀ, ବି. ( ଦେ ) ଜଳକ୍ଷେପଣ ନିମିତ୍ତ ଯନ୍ତ୍ର-
ବିଶେଷ ।
ପିଚୁମର୍ଦ୍ଦ, ବି. ( ପିଚୁ-ମର୍ଦ୍ଦ ) ନିମ୍ବବୃକ୍ଷ ।
ପିଚ୍ଛ, ବି. (ପିଚ୍ଛ୍‌-ଅ) ମୟୂରପୁଚ୍ଛ, ଚୂଡ଼ା, ଲାଙ୍ଗୁଳ ।

ପିଚ୍ଛା, ବ. (ପିଚ୍ଛ୍-ଆ) ପଶ୍ଚାଦ୍‌ଭାଗ, ଶ୍ରେଣୀ ।
ପିଚ୍ଛିଳ, ବିଂ. (ପିଚ୍ଛ-ଇଳ) ଖସଡ଼ା, ଯହିଁରୁ ଗୋଡ଼ ସହଜରେ ଖସିଯାଏ, ଚିକ୍କଣିଆ ।
ପିଚ୍ଛିଳା, ବ. (ପିଚ୍ଛ-ଇଳ-ଆ) ପୂତିକା, ଶିମିଳୀଗଛ ।
ପିଚ୍ଛୁ, ଅଂ. (ଦେ) ପଛରେ, ସକାଶେ, ପ୍ରତି । ବ. ପଲକ, ପକ୍ଷ୍ମପାତ ।
ପିଚ୍ଛୁଲା, ବିଂ. (ଦେ) ତାଙ୍କ ଥିବା, ପଛରେ ଥିବା ।
ପିଚ୍ଛୁଳୀ, ବ. (ଦେ) ସନ୍ଧିସ୍ଥଳରେ ଗ୍ରନ୍ଥି ଫୁଲିବା ରୋଗ।
ପିଚ୍ଛୁନେଇବା, କି. (ଦେ) ଧୋଇବା ।
ପିଜୁଳି, ବ. (ଦେ) ଗୁହଳିଆ ଫଳ ।
ପିଞ୍ଜର,(ରା), ବ. (ପିନଜ୍-ଅର,ଆ) ପିଞ୍ଜରା, ପଞ୍ଜୁରୀ । (ଦେ) ଝରକା, ହରିତାଳ, ସୁନା ।
ପିଞ୍ଜିବା, କି. (ଦେ) ତୁଳାରୁ ମଞ୍ଜି କାଢ଼ିବା, ଭଣିବା ।
ପିଟଣା, ବ. (ଦେ) ଯହିଁରେ ପିଟନ୍ତି, ପାହାର ।
ପିଟିବା, କି. ବ. (ଦେ) ମାରିବା ।
ପିଠା, ବ. (ପିଷ୍ଟକ ଶବ୍ଦଜ) ପୂପ ।
ପିଠ, ବ. (ପୃଷ୍ଠ ଶବ୍ଦଜ) ପୃଷ୍ଠ ।
ପିଠୋ(ଠା)ଉ, ବ. (ଦେ) ପିଠା କରିବା ନିମନ୍ତେ ବଟା ଚାଉଳ ଓ ଗୁହଳ ଆଦି ।
ପିଣ୍ଡିଆ, ବ. (ଦେ) ତେଜିନପ୍ରଦ ଯାକର ନିଷ୍ପିଷ୍ଟ ଅଂଶ ।
ପିଢ଼, ବ. (ପୀଠ ଶବ୍ଦଜ) ଚଉତରା ।
ପିଢ଼ା, ବ. (ପୀଠ ଶବ୍ଦଜ) ଗୃହ ଚଳର ଉପରଭାଗ, କାଷ୍ଠାସନ ।

ପିଣ୍ଡ, ବି. ( ପିନ୍ଡ୍-ଅ ) ଶରୀର, ଶ୍ରାଦ୍ଧରେ ଦତ୍ତ ଗୋଲାକାର ଖାଦ୍ୟବସ୍ତୁ, ମୂଳ ଉପାଦାନ, ଗୋଲ ପଦାର୍ଥ ।

ପିଣ୍ଡା, ବି. (ଦେ) ପାଖଗ, ଦଲାଣ ।

ପିଣ୍ଡୁଳା, ବି. (ଦେ) ପିଣ୍ଡାକାର ବସ୍ତୁ ।

ପିତଳ, ବି. (ଦେ) ପିତ୍ତଳ, ଧାତୁବିଶେଷ ।

ପିତା, ବି (ପା-ତୃ) ଜନକ, ବାପ । ବିଂ. ଦତ୍ତ ।

ପିତାମହ, ବି. (ପିତୃ-ଆମହ) ବ୍ରହ୍ମା, ପିତୃପିତା ।

ପିତାମହୀ, ବି. (ପିତାମହ-ଈ) ପିତାର ମାତା ।

ପିତାଶୁଣୀ } ବି. ( ପିଶାଚମ ଶବ୍ଦଜ ) ଡାହାଣୀ-
ପିଶୁଣୀ } ବିଶେଷ ।

ପିତୁଳା, ବି. (ପୁତ୍ତଳିକା ଶବ୍ଦଜ) ମୂର୍ତ୍ତି ।

ପିତୃତୀର୍ଥ, ବି. (ପିତୃ-ତୀର୍ଥ) ଗୟାଧାମ ।

ପିତୃପକ୍ଷ, ବି. (ପିତୃ-ପକ୍ଷ) ଆଶ୍ୱିନ ମାସର କୃଷ୍ଣପକ୍ଷ, ପ୍ରେତପକ୍ଷ । ବିଂ. ପିତୃକୁଳଜାତ ।

ପିତୃପତି, ବି. (ପିତୃ-ପତି) ଯମ ।

ପିତୃବ୍ୟ, ବି. ( ପିତୃ-ବ୍ୟ) ପିତାଙ୍କ ଭ୍ରାତା ।

ପିତୃଷ୍ୱସା, ବି. (ପିତୃ-ସ୍ୱସା) ପିଉସୀ, ପିତାଙ୍କ ଭଗିନୀ ।

ପିତ୍ତ, ବି. (ଅପି-ଦୋ-ତ) ଶରୀରସ୍ଥ ଧାତୁବିଶେଷ ।

ପିତ୍ତଳ, ବି. ( ପିତ୍ତ-ଲା-ଅ ) ତାମ୍ର ଓ ସୀସକମିଶ୍ରିତ ଧାତୁବିଶେଷ ।

ପିଦୁଡ଼, ବି. (ଦେ) ପିଙ୍କୁଳି ।

ପିଧାନ, ବି. (ଅପି-ଧା-ଅନ) ଆଚ୍ଛାଦନ, ଆବରଣ ।

ପିନଦ୍ଧ, ବିଂ. ( ଅପି-ନହ୍-ତ ) ବଦ୍ଧ, ପରିହିତ, ଆବୃତ ।

ପିନାକ, ବି. (ପା-ଅକ) ମହାଦେବଙ୍କ ଧନୁ ।

ପିନାକୀ, ବି. (ପିନାକ-ଇନ୍) ଶିବ, ମହାଦେବ ।

ପିନ୍ଧା, ବି. (ଦେ)ଯେଉଁ ବସ୍ତ୍ର ପିନ୍ଧନ୍ତି, ପିନ୍ଧିବା । ବିଂ. ପିନ୍ଧିଥିବା ।

ପିନ୍ଧିବା, କ୍ରି. (ଦେ) ପରିଧାନ କରିବା ।

ପିପାସା, ବି. (ପା-ସନ୍-ଆ) ପିଇବା ଇଚ୍ଛା, ପାନେଚ୍ଛା ।

ପିପାସିତ, ବିଂ. (ପା-ସନ୍-ତ) ପାନେଚ୍ଛୁ, ତୃଷିତ ।

ପିପାସୁ, ବିଂ. (ପା-ସନ୍-ଉ) ତୃଷାର୍ତ୍ତ, ପାନେଚ୍ଛୁ ।

ପିପୀଲ,(କ) } ବି. (ପିଲ-ଯଙ୍ ଲୁକ୍ ଅକ, ଇକ)
ପିପୀଲି, କା) } ପିମ୍ପୁଡ଼ି ।

ପିପ୍ପଳ, ବି. (ପା-ଅଳ) ଅଶ୍ୱତ୍ଥବୃକ୍ଷ ।

ପିପ୍ପଳି } ବି. ( ପିପ୍ପଳ-ଇ, ଈ ) ପିପ୍ପଳୀଗଛ ଓ
ପିପଳୀ } ତାହାର ଫଳ ।

ପିମ୍ପୁଡ଼ି, ବି. (ଦେ) ପିପୀଲିକା ।

ପିର, ବି. ( ଦେ ) ମୁଷଲମାନ ସାଧୁ, ମୁଷଲମାନ ସାଧୁଙ୍କ କବର ।

ପିଲା, ବି. (ଦେ) ବାଳକ ।

ପିଲସଜ, ବି. (ଦେ) ପିଉଳାଦର ଉଚ ପ୍ରଦୀପ ।

ପିଶଙ୍ଗ, ବି. (ପିଶ୍-ଅଙ୍ଗ) ପିଙ୍ଗଳବର୍ଣ୍ଣ ।

ପିଶାଚ, ବି. (ପିଶିତ-ଅଶ୍-ଅ) ଭୂତ, ଦେବଯୋନି-ବିଶେଷ ।

ପିଶିତ, ବି. (ପିଶ୍-ତ) ମାଂସ ।

ପିଶୁନ, ବିଂ. ( ପିଶ-ଉନ ) ଖଳ, କ୍ରୂର, ଗୁପ୍ତଚର, କୁଙ୍କୁମ । ନଂ. ଉକ୍ତବର୍ଣ୍ଣିଷିକ୍ଷୁ ।

ପିଷ୍ଟ, ବିଂ. (ପିଷ୍-ତ) ମର୍ଦ୍ଦିତ, ଚୂର୍ଣ୍ଣିତ ।

ପିଷ୍ଟକ, ବି. (ପିଷ୍ଟ-କ) ପିଠା, ରୁଟି ପ୍ରଭୃତି ।

ପିଷ୍ଟପ, ବି. (ବିଶ୍ ଅପ) ଜଗତ୍, ସଂସାର ।

ପିସ୍ତଲ, ବି. (ପର୍ତ୍ତୁଗିଜ୍) ବନ୍ଧୁକ ।

ପିହାଣ, ବି. (ଦେ) ସର ।

ପିହିତ, ବିଂ. ( ଅପି-ଧା-ତ ) ଆଚ୍ଛାଦିତ, ଅବରୁଦ୍ଧ, ତିରୋହିତ ।

ପିହୁଳା, ବି. ( ଦେ ) ଶିଶୁରୋଗବିଶେଷ, ପୂତନା-ରୋଗ ।

ପୀଠ, ବି. ( ପିଠ୍-ଅ ) ବସିବାର ଚୌକି ବା ପିଢ଼ା, ସ୍ଥାନବିଶେଷ, ସତୀଙ୍କ ଦେହାଂଶ ପଡ଼ିଥିବା ତୀର୍ଥ ।

ପୀଡ଼ନ, ବି. ( ପୀଡ୍-ଅନ ) ଦୁଃଖଦେବା, ଯାତନା-ଦେବା, ପରାଜୟ ।

ପୀଡ଼ା, ବି. ( ପୀଡ୍-ଆ ) ବ୍ୟଥା, ଦୁଃଖ, ରୋଗ, ଯନ୍ତ୍ରଣା ।

ପୀଡ଼ିତ, ବିଂ. (ପୀଡ଼ା-ଇତ) ବ୍ୟଥିତ, ଦୁଃଖିତ, ରୋଗୀ ।

ପୀତ, ବି. (ପା-ତ) ହରିଦ୍ରାବର୍ଣ୍ଣ, ହଳଦିଆ ବର୍ଣ୍ଣଯୁକ୍ତ, ଯାହା ପାନ କରଯାଇଅଛି ।

ପୀତା, ବି. (ପୀତ-ଆ) ହରିଦ୍ରା, ଗୋରୋଚନା ।

ପୀତାମ୍ବର, ବି. (ପୀତ-ଅମ୍ବର) କୃଷ୍ଣ, ବିଷ୍ଣୁ ।

ପୀନ, ବିଂ. ( ପ୍ୟାଯ୍-ତ ) ସ୍ଥୂଳ, ପ୍ରବୃଦ୍ଧ, ପୃଥୁଳ ।

ପୀନସ, ବି. ପୀନ-ସୋ-ଅ) ନାସିକା ରୋଗବିଶେଷ ।

ପୀନୋଧ୍ନୀ, ବି. (ପୀନ-ଉଧସ୍-ଈ) ସ୍ଥୂଳସ୍ତନୀ ଧେନୁ ।

ପୀୟୂଷ, ବି (ପୀୟ୍-ଊଷ୍ ) ଅମୃତ ।

ପୀବର, ବିଂ. (ପ୍ୟାଯ୍-ବର) ସ୍ଥୂଳ, ବଳିଷ୍ଠ ।

ପୁଂଲିଙ୍ଗ, ବି. (ପୁମସ-ଲିଙ୍ଗ-ଅ) ପୁରୁଷବାଚକ ଶବ୍ଦ ।

ପୁଂଶ୍ଚଳୀ, ବି (ପୁମସ୍-ଚଲ-ଅ-ଈ) ଭ୍ରଷ୍ଟା, ଅସତୀ ।

ପୁଂସ୍କାର, ବି. ( ପୁମସ୍-କୃ-ଅ ) ପୁରୁଷକାର, ପୁରୁଷତ୍ୱ ।

ପୁଂସବନ, ବି. ( ପୁମସ୍-ସୂ-ଅନ ) ଗର୍ଭିଣୀର ସଂସ୍କାରବିଶେଷ ।

ପୁଂସ୍ତ୍ୱ, ବି. ( ପୁମସ୍-ତ୍ୱ ) ପୁରୁଷତ୍ୱ, ଶୁକ୍ର, ବୀର୍ଯ୍ୟ ।

ପୁଅ, ବି. (ପୁତ୍ର ଶବ୍ଦଜ) ନନ୍ଦନ, ତନୟ ।

ପୁଆ, ବି. ( ଦେ ) କ୍ଷୁଦ୍ର ବୃକ୍ଷ, ମିଷ୍ଟାନ୍ନବିଶେଷ, ଶିଳ ପ୍ରଭୃତିରେ ବ୍ୟବହୃତ କ୍ଷୁଦ୍ର ପ୍ରସ୍ତରଖଣ୍ଡ ।

ପୁଆଣୀ, ବି (ଦେ) ପୁନର୍ବିବାହ, ଝିଅର ପ୍ରଥମ ଥର ଶାଶୁଘରକୁ ଯିବା ।

ପୁଆତି, ବି (ଦେ) ନବପ୍ରସୂତା, ଗର୍ଭିଣୀ ।

ପୁଆର, ବି. (ଦେ) କ୍ଷୁଦ୍ର ଜାହାଜ ବା ବହିତ୍ର ।

ପୁଆଳ, ବି. (ଦେ କୁଟା, ପାଳ ।

ପୁଙ୍ଖ, ବି. (ପୁମସ୍-ଖନ୍-ଅ) ପକ୍ଷଯୁକ୍ତ ସ୍ଥାନ, ବାଣର ମୂଳ ।

ପୁଙ୍ଖାନୁପୁଙ୍ଖ, ବିଂ. ( ପୁଙ୍ଖ-ଅନୁପୁଙ୍ଖ ) ସୂକ୍ଷ୍ମାତିସୂକ୍ଷ୍ମ, ସବିଶେଷ ପ୍ରଣିଧାନ ।

ପୁଙ୍ଗ, ବ. ପୁମ୍ସ୍-ଗମ୍-ଅ) ରାଶି, ସମୂହ ।
ପୁଙ୍ଗବ, ବ. ( ପୁମ୍ସ୍-ଗୋ-ଅ ) ବୃଷ, ଷଣ୍ଢ । ବଂ. ଶ୍ରେଷ୍ଠ ।
ପୁଚ୍ଛ, ବ. (ପିଚ୍ଛ୍-ଅ) ଲାଙ୍ଗୁଳ, ପଶ୍ଚାଦ୍‌ଭାଗ ।
ପୁଚ୍ଛୀ, ବ. (ପୁଚ୍ଛ-ଇନ୍) ମୟୂର, କୁକ୍କୁଟ, ଅର୍କବୃକ୍ଷ । ବଂ. ଲାଙ୍ଗୁଳବିଶିଷ୍ଟ ।
ପୁଛା, ବ. (ଦେ) ପୃଚ୍ଛା, ପ୍ରଶ୍ନ ।
ପୁଛିବା, କି. ଦେ) ପଚାରିବା, ପ୍ରଶ୍ନ କରିବା ।
ପୁଞ୍ଜ, ବ. (ପୁମ୍ସ୍-ଜ) ରାଶି, ସ୍ତୂପ, ସମୂହ ।
ପୁଞ୍ଜା, ବ. (ଦେ) ଗୁରିଗୋଟା, ଗଣ୍ଡା । ବଂ. ଅଳ୍ପ, କେତେ ।
ପୁଞ୍ଜିତ, ବ. (ପୁଞ୍ଜ-ଇତ) ରାଶୀକୃତ, ଏକୀଭୂତ ।
ପୁଞ୍ଜୀ, ବ. (ପୁମସ୍-ଜନ୍-ଇ) ରାଶି, ପାଣ୍ଠି, ମୂଳଧନ ।
ପୁଟ, ବ. (ପୁଟ୍-ଅ) ଆବରଣ, ଅଞ୍ଜଳି, ଡିବା, ଯୁଗ୍ମ, ଦୋନା ବା ଠୋଲା ।
ପୁଟକ, ବ. ( ପୁଟ-କୈ-ଅ ) ପଦ୍ମ, ପତ୍ରାଦି ନିର୍ମିତ-ପାତ୍ର, ପୁଡ଼ା ।
ପୁଟପାକ, ବ. (ପୁଟ-ପାକ) ଗୋମୟନିର୍ମିତ ପୁଟରେ ଔଷଧାଦି ପାକ ।
ପୁଟଭେଦନ, ବ. ପତ୍ତନ, ନଗର, ପୁର ।
ପୁଟଳୀ, ବ. (ଦେ) ପୁଡ଼ିଆ, ପୋଟଳୀ ।
ପୁଟିତ, ବ. (ପୁଟ-ଇତ) ଅଞ୍ଜଳି, ଯୋଡ଼ାଯାଇଥିବା କରତଳ । ବଂ. ଗ୍ରଥିତ, ଆବୃତ ।

ପୁଡ଼ା, ବି. (ଦେ) ପୋଟଳା, ପୁ ସ୍ତକର, ପତ୍ର, ପୃଷ୍ଠା ।
ପୁଡ଼ୁଗ, ବି. ଦେ) ଓଜନ, ଶସ୍ୟର ପରିମାଣବିଶେଷ ।
ପୁଣି, କ୍ରି. (ଦେ) ପୁନର୍ବାର ।
ପୁଣ୍ଡରୀକ, ବି. (ପୁଣ୍ଡ୍-ଅରୀକ) ଅଗ୍ନିକୋଣର ହସ୍ତୀ, ଶ୍ୱେତପଦ୍ମ, ସହକାର, କମଣ୍ଡଳୁ, ଶୁଭ୍ରବର୍ଣ୍ଣ ।
ପୁଣ୍ଡରୀକାକ୍ଷ, ବି. (ପୁଣ୍ଡରୀକ-ଅକ୍ଷି) କୃଷ୍ଣ, ବିଷ୍ଣୁ ।
ପୁଣ୍ୟ, ବି. (ପୁଣ୍-ଯ) ଧର୍ମ, ସୁକୃତ । ବିଂ. ପବିତ୍ର ।
ପୁଣ୍ୟଜନ, ବି. (ପୁନ-ଅଜନ) ରାକ୍ଷସ, ଯକ୍ଷ । ବିଂ. (ପୁଣ୍ୟ-ଜନ) ଧାର୍ମିକ ।
ପୁଣ୍ୟଜନେଶ୍ୱର, ବି. (ପୁଣ୍ୟ-ଜନ-ଈଶ୍ୱର) କୁବେର, ଯକ୍ଷରାଜ ।
ପୁଣ୍ୟବାନ୍, ବିଂ. (ପୁଣ୍ୟ-ବତ୍) ଧାର୍ମିକ, ପୁଣ୍ୟଯୁକ୍ତ ।
ପୁଣ୍ୟଶ୍ଲୋକ, ବିଂ. (ପୁଣ୍ୟ-ଶ୍ଲୋକ) ପବିତ୍ରଚରିତ୍ର, ପବିତ୍ରଯଶୋବିଶିଷ୍ଟ । ବି. ବିଷ୍ଣୁ, ଯୁଧିଷ୍ଠିର, ନଳରାଜା ।
ପୁତ୍, ବିଂ. (ପୂ-୦) କୁତ୍ସିତ । ବି. ନରକବିଶେଷ ।
ପୁତ, ବି. (ପୁତ୍ର ଶବ୍ଦଜ) ପୁଅ, ସନ୍ତାନ ।
ପୁତୁରା, ବି. (ଦେ) ଭାଇର ପୁଅ ।
ପୁତ୍ତଳ / ପୁତ୍ତଳକା / ପୁତ୍ତଳୀ — ବି. (ପୁତ୍-ଳ, କ-ଆ, ଈ) ପିତୁଳା, ପ୍ରତିମା, କଣ୍ଢେଇ ।
ପୁତ୍ରିକା, ବି. (ପୁତ୍ର-ତନ୍-ଅ-କ) ପତଙ୍ଗବିଶେଷ, ଝିଅ, ମହୁମାଛି ।
ପୁତ୍ର / ପୁତ୍ର — ବି. (ପୁତ୍-ତ୍ରୈ-ଅ, ପୁ-ତ୍ର) ତନୟ, ନନ୍ଦନ, ସୁତ, ସନ୍ତାନ ।

ପୁତ୍ରକ, ବ. (ପୁତ୍ର-କ) ପୁତ୍ର, ସ୍ନେହପାତ୍ର, ଶରଭ ।
ପୁତ୍ରକାମ, ବଂ. (ପୁତ୍ର-କାମ-ଅ) ପୁତ୍ରାଭିଳାଷୀ, ଯେ ପୁଅ ପାଇବାକୁ ଇଚ୍ଛା କରେ ।
ପୁତ୍ରବାନ୍, ବ. (ପୁତ୍ର-ବତ୍) ଯାହାର ପୁଅ ଅଛି ।
ପୁତ୍ରିକା, ସ୍ତ୍ରୀ. (ପୁତ୍ର କ-ଆ) ଝିଅ, ପିତୁଳା ।
ପୁତ୍ରୀ, ବ. (ପୁତ୍ର-ଇନ୍) ପୁତ୍ରବାନ୍ । (ପୁତ୍ର-ଈ) ଝିଅ । ପୁତ୍ରିଣୀ, ପୁତ୍ରବତୀ ।
ପୁତ୍ରେଷ୍ଟି, ବ (ପୁତ୍ର-ଇଷ୍ଟି) ପୁଅ ହେବାପାଇଁ ଯେଉଁ ଯଜ୍ଞ କରାଯାଏ ।
ପୁନଃପୁନଃ, ଅ.(ପୁନର-ପୁନର ବାରମ୍ବାର, ମୁହୁର୍ମୁହୁଃ ।
ପୁନରାଗତ, ବଂ. (ପୁନଃ-ଆଗତ) ଯେ ପୁଣ ଆସିଅଛି ।
ପୁନରାଗମନ, ବ. ( ପୁନଃ-ଆଗମନ ) ପ୍ରତ୍ୟାଗମନ ।
ପୁନରପି, ଅ. (ବେ) ପୁନର୍ବାର, ପୁନଶ୍ଚ ।
ପୁନରାବର୍ତ୍ତ, ବ ( ପୁନର୍-ଆବର୍ତ୍ତ ) ପୁନରାଗମନ, ଘୂର୍ଣ୍ଣନ, ପୁନର୍ଜନ୍ମ ।
ପୁନରୁକ୍ତି, ବ. (ପୁନଃ-ଉକ୍ତି) ଉକ୍ତିର ପୁନଃ କଥନ ।
ପୁନର୍ନବା, ବ. (ପୁନଃ-ନବ-ଆ) ପୁରୁଣୀ ଶାଗ ।
ପୁନର୍ବସୁ, ବ. ( ପୁନର୍-ବସୁ ) ବିଷ୍ଣୁ, ଶିବ, ସପ୍ତମ ନକ୍ଷତ୍ର ।
ପୁନର୍ବିବାହ, ବ ( ପୁନଃ-ବିବାହ ) ପ୍ରଥମ ଋତୁର ପରବର୍ତ୍ତୀ ସଂସ୍କାର, ଦ୍ୱିତୀୟ ବିବାହ ।
ପୁନର୍ଭୂ, ବ. ସ୍ତ୍ରୀ. (ପୁନଃ-ଭୂ-କ୍ୱିପ୍) ବିଧବା ହୋଇ ଦ୍ୱିତୀୟବାର ବିବାହ କରିଥିବା ସ୍ତ୍ରୀ ।

ପୁନଶ୍ଚ, ଅଂ. (ପୁନଃ-ଚ) ପୁଣି, ପୁନର୍ବାର।

ପୁନଅଁ } ବି. (ଦେ) ପୂର୍ଣ୍ଣିମା।
ପୁନେଇଁ }

ପୁନ୍ନାଗ, ବି. (ପୁମସ୍-ନାଗ) ପୁନାଙ୍ଗଗଛ, ଶ୍ୱେତ ହସ୍ତୀ, ନାଗକେଶର ବୃକ୍ଷ, ଶ୍ୱେତୋତ୍ପଳ।

ପୁମାନ୍, ବି. (ପା-ଡୁମସ୍) ପୁରୁଷ, ମନୁଷ୍ୟ, ପୁଂଲିଙ୍ଗ।

ପୁମ୍ବତ୍, ଅଂ. (ପୁଂ-ବତ୍) ପୁରୁଷସଦୃଶ, ପୁରୁଷ ପରି।

ପୁଯ, ବି. (ଦେ) ବିକୃତ ଦୁର୍ଗନ୍ଧମୟ ରକ୍ତ।

ପୁର, ବି. (ପୃ-ଅ) ଗୃହ, ଦେହ। ବିଂ. ପୂର୍ଣ୍ଣ, ପ୍ରଚୁର।

ପୁରଟ, ବି. ସୁବର୍ଣ୍ଣ।

ପୁରତଃ, ଅଂ. (ପୁର-ତସ୍) ଆଗରେ, ସମ୍ମୁଖରେ।

ପୁରତେ, କ୍ରି. ବିଂ. (ଦେ) ସମ୍ମୁଖରେ, ଆଗରେ।

ପୁରନ୍ଦର, ବି. (ପୁର-ଦୃ-ଅ) ଇନ୍ଦ୍ର, ଚୋର, ବିଷ୍ଣୁ।

ପୁରନ୍ଧ୍ରି } ବି. (ପୁର-ଧୃ-ଅ-ଇ, ଈ) ପତିପୁତ୍ରବତୀ ସ୍ତ୍ରୀ, ଗୃହିଣୀ।
ପୁରନ୍ଧ୍ରୀ }

ପୁରଃ, ଅଂ. (ପୁର୍-ଅସ୍) ଆଗରେ, ସମ୍ମୁଖରେ।

ପୁରଶ୍ଚରଣ, ବି. (ପୁରଃ-ଚର-ଅନ) ସିଦ୍ଧିଲାଭ ନିମିତ୍ତ କରାଯିବା ଜପ, ହୋମ, ତର୍ପଣ, ଅଭିଷେକ, ବ୍ରାହ୍ମଣ-ଭୋଜନ, ପ୍ରାରମ୍ଭକର୍ମ।

ପୁରଃସର, ବିଂ. (ପୁରସ୍-ସୃ-ଅ) ଅଗ୍ରସର, ପରିଚର।

ପୁରସ୍କାର } ବି. (ପୁରସ୍-କୃ-ଅ, କ୍ରିୟା) ପୂଜା, ଦାନ, ପାରିତୋଷିକ।
ପୁରସ୍କ୍ରିୟା }

ପୁରସ୍କୃତ, ବିଂ. (ପୁରସ୍-କୃ-ତ) ପୂଜିତ, ସମ୍ମାନିତ

ପୁରା, ଅଂ. (ପୃ-ଆ) ପୂର୍ବକାଳରେ, ପ୍ରଥମରେ ।

ପୁରାଣ, ବି. ( ପୁରା-ନ ଅଥବା ପୁର-ମା-ଅ ) ସର୍ଗ, ପ୍ରତିସର୍ଗ, ବଂଶ, ମନ୍ୱନ୍ତର, ବଂଶାନୁଚରିତ ଏହି ଲକ୍ଷଣାନ୍ୱିତ ବ୍ୟାସାଦି ମୁନିପ୍ରଣୀତ ବେଦାର୍ଥ ବର୍ଣ୍ଣିତ ଗ୍ରନ୍ଥବିଶେଷ । ଅଷ୍ଟାଦଶ ପୁରାଣ, ଯଥା— ବ୍ରାହ୍ମ୍ୟ,ପାଦ୍ମ୍ୟ,ବୈଷ୍ଣବ,ଶୈବ, ଭାଗବତ, ନାରଦୀୟ, ମାର୍କଣ୍ଡେୟ, ଆଗ୍ନେୟ,ଭବିଷ୍ୟ, ବ୍ରହ୍ମବୈବର୍ତ୍ତ,ଲିଙ୍ଗ, ବାରାହ, ସ୍କାନ୍ଦ, ବାମନ, କୌର୍ମ, ମାତ୍ସ୍ୟ, ଗାରୁଡ଼, ବ୍ରହ୍ମାଣ୍ଡ । ବିଂ. ପ୍ରାଚୀନ, ପୁରୁଣା ।

ପୁରାଣପୁରୁଷ, ବି. ( ପୁରାଣ-ପୁରୁଷ ) ପରମାତ୍ମା, ବିଷ୍ଣୁ । ବି'. ବୃଦ୍ଧ ।

ପୁରାତନ, ବିଂ. (ପୁରା-ତନ) ପ୍ରାଚୀନ, ଅନାଦି ।

ପୁରାରି, ବି (ପୁର-ଅରି) ଶିବ, ମହାଦେବ ।

ପୁରାବିଦ୍, ବିଂ. (ପୁରା-ବିଦ୍-କ୍ୱିପ୍) ଇତିହାସବେତ୍ତା, ପୁରାଣଜ୍ଞ ।

ପୁରାବୃତ୍ତ, ବି.(ପୁରା-ବୃତ୍ତ) ଇତିହାସ, ପୁରୁଣା କଥା ।

ପୁରି, ବି. (ଦେ) ଗହମ ଅଟା ଏବଂ ଘୃତରେ ପ୍ରସ୍ତୁତ ପିଷ୍ଟକବିଶେଷ ।

ପୁରୀ, ବି. (ପୁର-ଈ) ନଗରୀ, ଭବନ, ଓଡ଼ିଶାର ପ୍ରସିଦ୍ଧ ଜିଲା, ସମୁଦ୍ରକୂଳସ୍ଥ ପ୍ରସିଦ୍ଧ ତୀର୍ଥ, ସନ୍ନ୍ୟାସୀ ସମ୍ପ୍ରଦାୟର ଉପାଧିବିଶେଷ ।

ପୁରୀଷ, ବି. (ପ-ଈଷ) ବିଷ୍ଠା, ମଳ ।

ପୁରୁ, ବିଂ. (ପୃ-ଉ) ପ୍ରଚୁର, ଅଧିକ । ବି. ଯଯାତିଙ୍କ ସାନ ପୁଅ ।

ପୁରୁଖା, ବିଂ. (ଦେଶଜ) ପ୍ରବୀଣ ।

ପୁରୁଣା, ବିଂ. (ପୁରାତନ ଶବ୍ଦଜ) ପ୍ରାଚୀନ, ପୁରାତନ ।

ପୁରୁଣୀ, ବି. (ଦେ) ପୁନର୍ନବା, ଶାକବିଶେଷ ।

ପୁରୁଷ, ବି (ପୃ-ଉଷ) ନର, ମନୁଷ୍ୟ, ଆତ୍ମା, ଈଶ୍ୱର ।

ପୁରୁଷକାର, ବି. (ପୁରୁଷ-କୃ-ଅ) ପୌରୁଷ, ଉତ୍ସାହ, ଚେଷ୍ଟା ।

ପୁରୁଷତ୍ୱ, ବି ( ପୁରୁଷ-ତ୍ୱ ) ମନୁଷ୍ୟତ୍ୱ, ପୌରୁଷ, ବୀର୍ଯ୍ୟ, ଉତ୍ସାହ ।

ପୁରୁଷବ୍ୟାଘ୍ର } ବି. ( ପୁରୁଷ-ବ୍ୟାଘ୍ର, ସିଂହ )
ପୁରୁଷସିଂହ } ନରଶ୍ରେଷ୍ଠ ।

ପୁରୁଷାର୍ଥ, ବି. (ପୁରୁଷ-ଅର୍ଥ) ଧର୍ମ, ଅର୍ଥ, କାମ ।

ପୁରୁଷାୟୁଷ, ବି. (ପୁରୁଷ-ଆୟୁଃ) ପୁରୁଷର ଜୀବିତ-କାଳ, ୧୦୦ ବର୍ଷ ।

ପୁରୁଷୋତ୍ତମ, ବି.(ପୁରୁଷ-ଉତ୍ତମ) ବିଷ୍ଣୁ, ପୁରୁଷଶ୍ରେଷ୍ଠ, ପୁରୀ ତୀର୍ଥ ।

ପୁରୁହୂତ, ବି (ପୁରୁ-ହୂତ) ଇନ୍ଦ୍ର ।

ପୁରୋଗାମୀ, ବିଂ. ( ପୁରଃ-ଗମ-ଇନ୍) ଅଗ୍ରଗାମୀ ।

ପୁରୋଚନ, ବି. (ନାମ) ଦୁର୍ଯ୍ୟୋଧନର ଜନୈକ ମନ୍ତ୍ରୀ, (ଜତୁଗୃହରେ ପାଣ୍ଡବମାନଙ୍କୁ ମାରିବାପାଇଁ ଏ ଦୁର୍ଯ୍ୟୋଧନକୁ ମନ୍ତ୍ରଣା ଦେଇଥିଲେ ।

ପୁରୋଡ଼ାଶ, ବି. (ପୁରଃ-ଦାସ-ଅ) ଯଜ୍ଞୀୟ ଘୃତ ।

ପୁରୋଧାଃ, ବି (ପୁରସ୍-ଧା-ଅସ୍) ପୁରୋହିତ ।
ପୁରୋହିତ, ବି. (ପୁରସ୍-ଧା-ତ) ଶ୍ରାଦ୍ଧାଦି କର୍ମ କରିବା ବ୍ରାହ୍ମଣ ।
ପୁଲ, ବି. (ପୁଲ୍-ଅ) ପୁଲକ, ରୋମାଞ୍ଚ, ଆନନ୍ଦ ।
ପୁଲକ, ବି.(ପୁଲ-ଅକ) ରୋମାଞ୍ଚ,ଆନନ୍ଦ, ହରିତାଳ ।
ପୁଲକିତ, ବିଂ. (ପୁଲକ-ଇତ) ହୃଷ୍ଟ, ରୋମାଞ୍ଚିତ, ଆହ୍ଲାଦିତ ।
ପୁଲସ୍ତ୍ୟ, ବି (ପୁଲ-ସ୍ତ୍ୟ-ଅ) ସପ୍ତର୍ଷିମାନଙ୍କ ମଧ୍ୟରୁ ଏକ ଋଷି ।
ପୁଲହ, ବି. ( ପୁଲ-ହା-ଅ ) ଋଷିବିଶେଷ, ସପ୍ତର୍ଷି ଅନ୍ତର୍ଗତ ଏକ ଋଷି।
ପୁଳା ବି. (ଦେ) ମେଞ୍ଚା ।
ପୁଳାକ, ବି. (ଦେ) ଏକପୁଳା, ଅଗାଣ୍ଡି ।
ପୁଳି, ବି. (ଦେ) ଏକପ୍ରକାର ପିଠା ।
ପୁଳିନ, ବି (ପୁଳ-ଇନ) ତଟ, ଦ୍ୱୀପ ।
ପୁଳିନ୍ଦ, ବି. ଶବର, ବଣୁଆ ଜାତି ।
ପୁଳିନ୍ଦା, ବି (ଦେ) ଲଫାପା, କାଗଜର ଖୋଳ ।
ପୁଲିସ୍, ବି. ( ଇଂ. Ploice ) ଶାନ୍ତିରକ୍ଷକ ରାଜ-କର୍ମଚାରୀ ।
ପୁଲୋମଜା, ବି.(ପୁଲୋମନ୍-ଜନ୍-ଅ) ଶଚୀ, ଇନ୍ଦ୍ରାଣୀ ।
ପୁଷ, ବି. (ଦେ) ପୌଷ ମାସ ।
ପୁଷ୍କର, ବି. ( ପୁଷ୍-କର ) ପଦ୍ମ, ପଦ୍ମକୋଷ, ଜଳ, ଆକାଶ, ମେଘବିଶେଷ, ରାଜପୁତାନାର ତୀର୍ଥବିଶେଷ ।

ପୁଷ୍କରଣୀ, ବି. (ପୁଷ୍କର୍-ଇନ୍-ଈ) ସରସୀ, ହସ୍ତିମା, ପଦ୍ମିନୀ, ପୋଖରୀ ।

ପୁଷ୍କଳ, ବିଂ. (ପୁଷ୍ କଳ) ଶ୍ରେଷ୍ଠ, ଅଧିକ, ପୂର୍ଣ୍ଣ ।

ପୁଷ୍ଟ, ବିଂ. (ପୁଷ୍-ତ) ପ୍ରତିପାଳିତ, ବୃଦ୍ଧିପ୍ରାପ୍ତ ।

ପୁଷ୍ଟି, ବି. (ପୁଷ୍-ତି) ପୋଷଣ, ବୃଦ୍ଧି, ପ୍ରତିପାଳନ ।

ପୁଷ୍ଟିକର, ବିଂ ( ପୁଷ୍ଟି-କର ) ବୃଦ୍ଧିକାରକ, ସ୍ଥୂଳତା-ସମ୍ପାଦକ ।

ପୁଷ୍ପ, ବି. (ପୁଷ୍ପ୍-ଅ) କୁସୁମ, ଫୁଲ, ସ୍ତ୍ରୀରଜ, ବିକାଶ ।

ପୁଷ୍ପକ, ବି. (ପୁଷ୍ପ୍-କ) କୁବେରଙ୍କ ରଥ ।

ପୁଷ୍ପକରଣ୍ଡକ, ବି. ଫୁଲତୋଳା ଗୁଞ୍ଜୁଡ଼ି ।

ପୁଷ୍ପକେତନ, (କେତୁ), (ଧ୍ୱଜ), ବି. (ପୁଷ୍ପ-କେତନ, କେତୁ, ଧ୍ୱଜ) କନ୍ଦର୍ପ, କାମଦେବ ।

ପୁଷ୍ପଦନ୍ତ, ବି. (ପୁଷ୍ପ-ଦନ୍ତ) ବାୟୁକୋଣର ହସ୍ତୀ ।

ପୁଷ୍ପଧନ୍ୱା, ବି. ( ପୁଷ୍ପ-ଧନୁସ୍ ) ମଦନ, କାମଦେବ ।

ପୁଷ୍ପମାସ, ବି. (ପୁଷ୍ପ-ମାସ) ବସନ୍ତକାଳ ।

ପୁଷ୍ପରସ, ବି. (ପୁଷ୍ପ-ରସ) ମକରନ୍ଦ, ଫୁଲର ମଧୁ ।

ପୁଷ୍ପଲିହ, ବି. (ପୁଷ୍ପ-ଲିହ୍-ଅ) ଭ୍ରମର ।

ପୁଷ୍ପବାଟିକା } ବି. ( ପୁଷ୍ପ-ବାଟିକା, ବାଟୀ ) ଫୁଲ
ପୁଷ୍ପବାଟୀ } ବଗିଚା ।

ପୁଷ୍ପବାଣ, (ଶର) ବି. (ପୁଷ୍ପ-ବାଣ, ଶର) କନ୍ଦର୍ପ ।

ପୁଷ୍ପସମୟ, ବି. (ପୁଷ୍ପ-ସମୟ) ବସନ୍ତକାଳ ।

ପୁଷ୍ପାଞ୍ଜଳି, ବି. (ପୁଷ୍ପ-ଅଞ୍ଜଳି) ଆଞ୍ଜୁଳାଏ ଫୁଲ ।

ପୁଷ୍ପାୟୁଧ, ବି. (ପୁଷ୍ପ-ଆୟୁଧ) ମଦନ, କନ୍ଦର୍ପ ।

ପୁଷ୍ପିତ, ବି°.(ପୁଷ୍ପ-ଇତ) କୁସୁମିତ। ତା, ସ୍ତ୍ରୀ. ଋତୁମତୀ।
ପୁଷ୍ପେଷୁ, ବି. (ପୁଷ୍ପ-ଇଷୁ) କନ୍ଦର୍ପ।
ପୁଷ୍ୟା, ବି. (ପୁଷ୍-ଯ-ଆ ୮ମ ନକ୍ଷତ୍ର, ପୌଷ ମାସ।
ପୁସି, ବି. (ଦେ) ବିରାଡ଼ି।
ପୁସ୍ତକ, ପୁସ୍ତିକା } ବି. ଗ୍ରନ୍ଥ, କିତାପ, ବହି, ପୋଥି।
ପୁସ୍ତକାଗାର, ବି (ପୁସ୍ତକ-ଆଗାର) ପୁସ୍ତକାଳୟ।
ପୁହାଇବା, କ୍ରି. (ଦେଶଜ) ନିଆଁ ବା ଖରା ସେବନ କରିବା, ପ୍ରଭାତ କରାଇବା।
ପୂଗ, ବି. (ପୂ-ଗ) ଗୁବାକବୃକ୍ଷ, ପଣସଗଛ, ପୁଞ୍ଜ, ରାଶି, ସମୂହ।
ପୂଜକ, ବି°. (ପୂଜ-ଅକ) ଉପାସକ, ସେବକ, ଅର୍ଚ୍ଚକ।
ପୂଜନ, ବି. (ପୂଜ୍-ଅନ) ପୂଜା, ଉପାସନା, ଅର୍ଚ୍ଚନା।
ପୂଜନୀୟ, ବି°. (ପୂଜ୍-ଅନୀୟ) ଆରାଧ୍ୟ, ପୂଜ୍ୟ।
ପୂଜା, ବି. (ପୂଜ୍-ଅ-ଆ) ଅର୍ଚ୍ଚନା, ଉପାସନା, ପ୍ରଶଂସା, ସେବା, ସ୍ତୁତି।
ପୂଜାର୍ହ, ବି°.(ପୂଜା-ଅର୍ହ୍-ଅ)ପୂଜ୍ୟ, ପୂଜାର ଯୋଗ୍ୟ।
ପୂଜାହାରୀ, ବି. ( ପୂଜା-ଆ-ହୃ-ଇନ୍ ) ଦେବପୂଜକ ବ୍ରାହ୍ମଣ, ପୂଜାଆରୀ, ପାଚକ ବ୍ରାହ୍ମଣ।
ପୂଜିତ, ବି°. (ପୂଜ୍-ତ) ଅର୍ଚ୍ଚିତ, ସେବିତ, ଆଦୃତ।
ପୂଜ୍ୟ, ବି°. (ପୂଜ୍-ଯ) ପୂଜନୀୟ, ପୂଜାର ଯୋଗ୍ୟ।
ପୂଝାରୀ, ବି. (ଦେ) ପୂଜାହାରୀ, ପାଚକ ବ୍ରାହ୍ମଣ।
ପୂତ, ବି°. ( ପ-ତ ) ପବିତ୍ର, ଅକପଟ, ସତ୍ୟ।

ପୂତନା, ସ୍ତ୍ରୀ. (ପୂତ-ଅନ-ଆ) ହରତକୀ, ବକାସୁରର ଭଗିନୀ, ପିହୁଳାରୋଗ ।

ପୂତି, ବି. (ପୂ-ତି) ପବିତ୍ରତା, ( ପୂୟ୍-ତି ) ଦୁର୍ଗନ୍ଧ । ବିଂ. ଦୁର୍ଗନ୍ଧବିଶିଷ୍ଟ ।

ପୂତିକା, ସ୍ତ୍ରୀ. ( ପୂୟ୍-ତି-କ ) ପୋଇଶାଗ, ମାର୍ଜାର ।

ପୂତିଗନ୍ଧ, ବି. (ପୂତି-ଗନ୍ଧ) ଦୁର୍ଗନ୍ଧ, ପଚା ଗନ୍ଧ ।

ପୂପ
ପୂପକ } ବି. (ପୂ-ପ, ପକ) ପିଷ୍ଟକ, ପିଠା ।

ପୂୟ, ବି. (ପୂୟ୍-ଅ) ପୂଯ, ଦୂଷିତ ରକ୍ତ ।

ପୂର, ବି. ( ପୂର୍-ଅ ) ଜଳରାଶି, ପ୍ରବାହ, ସମୂହ, ପିଷ୍ଟକ ମଧ୍ୟବର୍ତ୍ତୀ ସୁଖାଦ୍ୟ । ବିଂ. ପୂର୍ଣ୍ଣ ।

ପୂରକ, ବିଂ. ( ପୂର-ଅକ ) ଗୁଣକ, ପୂର୍ଣ୍ଣକାରକ, ପ୍ରାଣାୟାମରେ ବହିର୍ବାୟୁ ଗ୍ରହଣ ।

ପୂରଟ, ବିଂ. ମୁଦ୍ରିତ, ପୂର୍ଣ୍ଣ ।

ପୂରଣ, ବି. ( ପୂର୍-ଅନ ) ପୂର୍ଣ୍ଣ ହେବା, ବୃଦ୍ଧି ।

ପୂରୟିତା, ବିଂ. (ପୂର-ତୃ) ପୂରକ, ପୂର୍ଣ୍ଣକାରକ ।

ପୂରା, ବିଂ. (ଦେ) ପୂର୍ଣ୍ଣ, ଭରା ।

ପୂରାଇବା, କ୍ରି. (ଦେ) ପୂର୍ଣ୍ଣ କରାଇବା ।

ପୂରିକା, ସ୍ତ୍ରୀ. (ପୂର୍-କ-ଆ) ପୂରି, କଚୌର ।

ପୂରିତ, ବିଂ. (ପୂର-ତ) ଗୁଣିତ, ପୂର୍ଣ୍ଣ ।

ପୂରିବା, କ୍ରି. (ଦେ) ପୂର୍ଣ୍ଣ ହେବା ।

ପୂରୁଷ, ବି. (ପୂର-ଉଷ) ପୁରୁଷ, ମନୁଷ୍ୟ ।

ପୂର୍ଣ୍ଣ, ବିଂ. (ପ-ତ) ସମ୍ପୂର୍ଣ୍ଣ, ସମର୍ଥ, ସକଳ ।

ପୂର୍ଣ୍ଣକାମ, ବି. ( ପୂର୍ଣ୍ଣ-କାମ ) ଯାହାର କାମନା ପୂର୍ଣ୍ଣ ହୋଇଅଛି ।

ପୂର୍ଣ୍ଣକୁମ୍ଭ, ବି. (ପୂର୍ଣ୍ଣ-କୁମ୍ଭ) ଜଳପୂର୍ଣ୍ଣ ମାଠିଆ ।

ପୂର୍ଣ୍ଣମୀ, ବି. (ବେ) ପୂର୍ଣ୍ଣିମା ।

ପୂର୍ଣ୍ଣା, ବି. ( ପୂର୍ଣ୍ଣ-ଆ ) ପଞ୍ଚମୀ, ଦଶମୀ, ପୂର୍ଣ୍ଣିମା, ଅମାବାସ୍ୟା ତିଥି ।

ପୂର୍ଣ୍ଣିମା, ବି. (ପୂର୍ଣ୍ଣ-ଇମ-ଆ) ଶୁକ୍ଳପକ୍ଷର ପଞ୍ଚଦଶୀ ତିଥି ।

ପୂର୍ଣ୍ଣିମା, ପୂର୍ଣ୍ଣମାସୀ } ବି. ( ପୂର୍ଣ୍ଣ-ମା, ମାସୀ ) ପୂର୍ଣ୍ଣିମା ତିଥି, ଦେଶବିଶେଷ ।

ପୂର୍ତ୍ତ, ବି. (ପୃ-ତ) ସାଧାରଣ ଉପକାର ନିମିତ୍ତ ଜଳାଶୟାଦି ଖନନ, ପଥନିର୍ମାଣ ପ୍ରଭୃତି, ପୂରଣ । ବିଂ. ପୂରିତ, ଆଚ୍ଛାଦିତ ।

ପୂର୍ତ୍ତବିଭାଗ, ବି. ( ପୂର୍ତ୍ତ-ବିଭାଗ ) ବାରିକମିସ୍ତ୍ରିଙ୍କ ଇଲାକା, P. W. D.

ପୂର୍ତ୍ତି, ବି. (ପୂର୍-ତି) ପୂର୍ଣ୍ଣତା, ପେଟପୂରଣ, ବ୍ୟାପ୍ତି ।

ପୂର୍ବ, ସର୍ବ.(ପୂର୍ବ୍-ଅ) ଆଦି, ପ୍ରଥମ, ପ୍ରାଚୀ, ପୂର୍ବଦିଗ୍ ।

ପୂର୍ବକାୟ, ବି. ( ପୂର୍ବ-କାୟ ) ନାଭିର ଉପରିସ୍ଥ ଶରୀରର ଅଂଶ ।

ପୂର୍ବତନ, ବି. (ପୂର୍ବ-ତନ) ପୂର୍ବକାଳୀନ, ଆଦ୍ୟ ।

ପୂର୍ବପକ୍ଷ, ବି. (ପୂର୍ବ-ପକ୍ଷ) ଶାସ୍ତ୍ରୀୟ ପ୍ରଶ୍ନ, ଅଭିଯୋଗ, ଶୁକ୍ଳପକ୍ଷ ।

ପୂର୍ବପର୍ବତ, ବି. (ପୂର୍ବ-ପର୍ବତ) ଉଦୟଗିରି ।

ପୂର୍ବଫଲ୍‌ଗୁନୀ, ବି. ( ପୂର୍ବ-ଫଲ୍‌ଗୁନୀ ) ସପ୍ତବିଂଶ ନକ୍ଷତ୍ରାନ୍ତର୍ଗତ ନକ୍ଷତ୍ରବିଶେଷ ।

ପୂର୍ବଭାଦ୍ରପଦ, ବି. (ପୂର୍ବ-ଭାଦ୍ରପଦ-ଅ) ନକ୍ଷତ୍ରବିଶେଷ ।

ପୂର୍ବରଙ୍ଗ, ବି. (ପୂର୍ବ-ରଙ୍ଗ) ନାଟ୍ୟୋପକ୍ରମ, ନାନ୍ଦୀ-ପାଠାଦି, ପ୍ରସ୍ତାବନା, ନାଟ୍ୟଶାଳା ।

ପୂର୍ବରାଗ, ବି. (ପୂର୍ବ-ରାଗ) ପ୍ରଥମ ଅନୁରାଗ, ବିବାହ ପୂର୍ବରୁ ପରସ୍ପର ଦର୍ଶନ ବା ଶ୍ରବଣାଦି ଦ୍ୱାରା ନାୟକ ନାୟିକାଙ୍କ ଦଶବିଧ ଅବସ୍ଥା । ଯଥା—ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକଥନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ରୋଗ, ମୂର୍ଚ୍ଛା, ମରଣ ।

ପୂର୍ବରାତ୍ର, ବି. ( ପୂର୍ବ-ରାତ୍ରି ) ରାତ୍ରିର ପ୍ରଥମ ଭାଗ, ଗତରାତ୍ରି ।

ପୂର୍ବାଶା, ବି. (ପୂର୍ବ-ଆଶା) ପୂର୍ବଦିଗ ।

ପୂର୍ବାଷାଢ଼ା, ବି. (ପୂର୍ବ-ଆଷାଢ଼ା) ନକ୍ଷତ୍ରବିଶେଷ ।

ପୂର୍ବାହ୍ନ, ବି. (ପୂର୍ବ-ଅହନ୍-ଅ) ଦିବସର ପ୍ରଥମ ଭାଗ ।

ପୂର୍ବୋକ୍ତ, ବି. (ପୂର୍ବ-ଉକ୍ତ) ପୂର୍ବ କଥିତ ।

ପୃଷା, ବି. (ପୁଷ୍-ଅନ) ସୂର୍ଯ୍ୟ, ପୃଥିବୀ ।

ପୃକ୍ତ, ବିଂ. (ପୃଚ୍-ତ) ମିଶ୍ରିତ,ଯୁକ୍ତ,ସଂଲଗ୍ନ । ବି.ଧାନ ।

ପୃଚ୍ଛା, ବି. (ପ୍ରଚ୍ଛ-ଅ-ଆ) ପଚାରିବା, ପ୍ରଶ୍ନ ।

ପୃତନା, ବି. ( ପୃ-ତନ୍-ଆ ) ସେନା, ୨୪୩ ରଥ, ୨୪୩ ହସ୍ତୀ, ୭୨୯ ଅଶ୍ୱ, ୧୨୧୫ ପଦାତି ଏତେ ସଂଖ୍ୟକ ସୈନ୍ୟ ।

ପୃଥକ୍, ଅଂ. (ପୃଥ୍-ଅକ୍) ଭିନ୍ନ, ଇତର, ବିନା, ବର୍ଜନ ।

ପୃଥା, ବି. (ପ୍ରଥ୍-ଅ-ଆ) କୁନ୍ତୀ,ପାଣ୍ଡୁଙ୍କ ସ୍ତ୍ରୀ ।

ପୃଥିକା, ବି. (ପ୍ରଥ୍-ଇକା) ଭୂମି, ଧରା ।

ପୃଥିକାପତି } ବି. (ପୃଥିକା-ପତି, ପାଳ) ଭୂପତି,
ପୃଥିକାପାଳ } ରାଜା, ଯମ ।

ପୃଥୁ, ବି. ( ପ୍ରଥ୍-ଉ ) ବେଣୁ ରାଜାଙ୍କ ପୁତ୍ର । ବିଂ. ବିସ୍ତୃତ, ସ୍ଥୂଳ, ବିଶାଳ ।

ପୃଥୁରୋମା, ବି. (ପୃଥୁ-ରୋମନ୍) ମାଛ, ମୀନ । ବିଂ. ବଡ଼ ବଡ଼ ଲୋମଯୁକ୍ତ ।

ପୃଥୁଳ, ବିଂ. (ପୃଥୁ-ଳ) ବୃହତ୍, ବଡ଼, ମହତ୍, ସ୍ଥୂଳ ।

ପୃଥ୍ୱୀ, ବି. (ପୃଥୁ-ଈ) ପୃଥୁ ରାଜାଙ୍କ ରାଜ୍ୟ, ଧରଣୀ ।

ପୃଷତ୍, (ତ), ବି. (ପୃଷ୍-ଅତ୍, ଅତ) ଜଳାଦିର ବିନ୍ଦୁ, ମୃଗବିଶେଷ ।

ପୃଷତୀ, ବି. (ପୃଷତ୍-ଈ) ଶ୍ୱେତବିନ୍ଦୁଯୁକ୍ତା ହରିଣୀ ।

ପୃଷଦଶ୍ୱ, ବି. (ପୃଷତ୍-ଅଶ୍ୱ) ବାୟୁ, ଅନଳ ।

ପୃଷନ୍ତ, ବି. (ପୃଷତ୍-ଅନ୍ତ) ଜଳବିନ୍ଦୁ, ଜଳକଣା ।

ପୃଷୋଦର, ବି.(ପୃଷତ୍-ଉଦର) ମେଘ ।

ପୃଷ୍ଟ, ବିଂ. (ପ୍ରଛ୍-ତ) ଜିଜ୍ଞାସିତ ।

ପୃଷ୍ଠ, ବି. ( ପୃଷ୍-ଥ ) ପଶ୍ଚାଭାଗ, ପିଠି, ପୁଷ୍ଠା ।

ପୃଷ୍ଠତଃ, ଅଂ. (ପୃଷ୍ଠ-ତସ୍) ପଶ୍ଚାଭାଗରେ, ପଛରେ ।

ପୃଷ୍ଠଦଣ୍ଡ } ବି.(ପୃଷ୍ଠ-ଦଣ୍ଡ, ବଂଶ) ପିଠିର ମଝିହାଡ଼,
ପୃଷ୍ଠବଂଶ } ମେରୁଦଣ୍ଡ ।

ପୃଷ୍ଠପୋଷକ, ବିଂ. ( ପୃଷ୍ଠ-ପୋଷକ ) ଅନୁକୂଳ, ସାହାଯ୍ୟକାରୀ ।

ପୃଷ୍ଠଭଙ୍ଗ, ବି. ( ପୃଷ୍ଠ-ଭଙ୍ଗ ) ପଛ କରି ପଳାଇବା, ପରାଜୟ ।

ପୃଷ୍ଠ୍ୟ, ବି. ( ପୃଷ୍ଠ-ଯ ) ପୃଷ୍ଠଦ୍ୱାରା ଭାରବାହୀ ଅଶ୍ୱ, ଟାଙ୍ଗୁଣିଘୋଡ଼ା ।

ପେଁକାଳୀ, ବି. (ଦେ) ମନୁଷ୍ୟ, ମନୁଷ୍ୟଜାତୀୟ ବାଦ୍ୟ ।

ପେଖନା, ବି. (ଦେ) ବାହାନା, ଛଳନା, ପେଖାଣ୍ଡି ।

ପେଖାଣ୍ଡି, ବି. (ଦେ) ଛଳନା, ଧୃଷ୍ଟତା ।

ପେଙ୍ଗା, ବିଂ. (ଦେ) ସ୍ତ୍ରୈଣ, ପଙ୍ଗୁ ।

ପେଙ୍ଗେଇବା, କ୍ରି. (ଦେ) ସ୍ତ୍ରୈଣହେଇବା ।

ପେଚ
ପେଞ୍ଚ } ବି. (ଦେ) ଏକପ୍ରକାର ଲୁହାକଣ୍ଟା, କଳ ।

ପେଚକ, ବି. (ପେଚ୍-ଅକ) ପେଚ୍ଚ, ଉଲ୍ଲୁକ, ମେଘ ।

ପେଚ୍ଚ, ବି. (ଦେ) ପେଚକ ପକ୍ଷୀ ।

ପେଜ, ବି.(ଦେ)ରନ୍ଧା ଭାତରୁ ଯେଉଁ ପାଣି ବାହାରେ ।

ପେଟ, ବି. (ଦେ) ଉଦର, ଗର୍ଭ । (ପଟ୍-ଅ) ପେଟରା, ଝାମ୍ପି ପ୍ରଭୃତି ।

ପେଟକ, ବି. (ପେଟ୍-କ) ପେଟରା ।

ପେଟରା, ବି. (ଦେ) ପେଡ଼ି ।

ପେଟା, ବିଂ. ( ଦେ ) ଯାହାର ପେଟ ବଡ଼, ଯେ ବହୁତ ଖାଏ ।

ପେଟିକା, ବି. (ଦେ) କ୍ଷୁଦ୍ର ପେଡ଼ୀ ।

ପେଟୁ } ବିଂ. (ଦେ) ଉଦରମ୍ଭରି, ଯେ ଗୁଡ଼ାଏ
ପେଟୁକ } ଖାଏ ।

ପେଟେଇବା, କ୍ରି. (ଦେ) ପେଟ ତଳକୁ କରି ଶୋଇ-
ପାରିବା ।

ପେଠୀ ବି. ସ୍ତ୍ରୀ. (ଦେ) ଗେଡ଼ୀ, ମୋଟୀ ସ୍ତ୍ରୀ ।

ପେଡ଼ା, ବି. (ଦେ) ଏକପ୍ରକାର ମିଠେଇ, ପେଟରା ।

ପେଡ଼ି, ବି. (ପେଟୀ ଶବ୍ଦଜ) ପେଟରାବିଶେଷ ।

ପେଡ଼ିବା, କ୍ରି. ( ଦେ ) ପେଷଣ କରିବା, ସୋରିଷ
ପ୍ରଭୃତିକୁ ପେଡ଼ି ତେଲ ବାହାର କରିବା, ଯନ୍ତ୍ରଣା
ଦେବା ।

ପେଣ୍ଟାଲୁନ୍, ବି. (ଇଂ. Pantaloon ) ଏକପ୍ରକାର
ପାଇଜାମା ।

ପେଣ୍ଠ, ବି. (ଦେ) ଗଞ୍ଜ, ହାଟ ।

ପେଣ୍ଠୀ, ବିଂ. (ଦେ) ଗେଡ଼ୀ ସ୍ତ୍ରୀ ।

ପେଣ୍ଡା, ବି. (ଦେ) ଗୁଚ୍ଛ, କାନ୍ଧ, ପେନ୍ଥା, ଊରୁ ।

ପେଣ୍ଡୁ, ବି. (ଦେ) କନ୍ଦୁକ, ବଲ ।

ପେନ୍‌ସିଲ୍, ବି. ( ଇଂ. Pencil ) ସୀସା ଥିବା
ଏକପ୍ରକାର କଲମ ।

ପେନ୍ଥା } ବି. (ଦେ) ପେଣ୍ଡା ।
ପେନ୍ଥି }

ପେମ, ବି. (ଦେ) ପ୍ରେମ ।

ପେୟ, ବି. (ପା-ଯ) ପାମାନ୍ୟ, ପାନର ଯୋଗ୍ୟ ।

ପେଲ, ବି. (ପେଲ-ଅ) ଅଣ୍ଡକୋଷ ।

ପେଳବ, ବଂ. (ପେଳ-ବା-ଅ) କୋମଳ, କ୍ଷୀଣ, ସୂକ୍ଷ୍ମ।

ପେଲିବା, କ୍ରି. (ଦେ) ଠେଲିବା ।

ପେଶ(ଷ,ସ) ଳ, ବଂ. ( ପିଶ୍-ଅଳ ) କୋମଳ, ସୁନ୍ଦର, ଦକ୍ଷ, ଚତୁର ।

ପେଶୀ, ବି. (ଦେ) ଅତସୀ, ତୈଳପ୍ରଦ ଶସ୍ୟବିଶେଷ।

ପେଷଣ,(ଣା,ଣୀ), ବି. (ପିଷ୍-ଅନ-ଅ, ଆ, ଈ) ଚକି।

ପେଷଣ, ବି. (ପିଷ୍-ଅନ) ଚୂର୍ଣ୍ଣନ, ମର୍ଦ୍ଦନ ।

ପେଷିବା, କ୍ରି. (ପିଷ ଧାତୁଜ) ଚୂର୍ଣ୍ଣ କରିବା, ପ୍ରେରଣ କରିବା ।

ପେସ୍‌କସ୍, ବି. (ଯା) ଦେଶୀୟ ରାଜ୍ୟରୁ ସରକାରଙ୍କ ପ୍ରାପ୍ୟ କର ।

ପେସା, ବି. (ଦେ) ବ୍ୟବସାୟ ।

ପେଠ, ବି. (ଯା) ଦାଖଲ ।

ପୈତା<br>ପଇତା } ବି. (ଉପବୀତ ଶବ୍ଦଜ) ଯଜ୍ଞୋପବୀତ ।

ପୈତୃକ, ବଂ. (ପିତୃ-କ) ପିତୃ ପିତାମହାଦି ସମ୍ବନ୍ଧୀୟ।

ପୈତୃଷ୍ୱସ୍ରୀ( ସ୍ରେ )ୟ, ବି. ( ପିତୃଷ୍ୱସୃ-ଈୟ, ଏୟ ) ପିଉସୀପୁଅ ଭାଇ ।

ପୈତ୍ର<br>ପୈତ୍ରିକ } ବଂ. (ପିତୃ-ଅ, ଇକ) ପିତୃସମ୍ବନ୍ଧୀୟ ।

ପୈତ୍ର୍ୟ, ବଂ. (ପିତୃ-ଯ) ପୈତୃକ ।

ପୈଶାଚ, ବଂ. ( ପିଶାଚ-ଅ ) ପିଶାଚ ସମ୍ବନ୍ଧୀୟ, ଆସୁରିକ ।

ପୈଶୁନ୍ୟ, ବି. (ପିଶୁନ-ଯ) ଖଳତା, ଧୂର୍ତ୍ତତା, ସୂଚନା
ପୋଇ, ବି. (ଦେ) ପୂତିକା, ଏକପ୍ରକାର ଶାକଲତା ।
ପୋଇଲି, ବି. (ଦେ) ଗୃହକର୍ମୀ, ଦାସୀ ।
ପୋଏ } ବି. (ଦେ) ପୁଅମାନେ ।
ପୁଏ }
ପୋକ, ବି. (ଦେ) କୀଟ, କୃମି ।
ପୋକର } ବିଂ. ( ଦେ ) ପୋକଖିଆ, ପୁରୁଣା,
ପୋକା } ଜୀର୍ଣ୍ଣ ।
ପୋକ୍ତା } ବିଂ. (ଯା) ପରିପକ୍ୱ, କଠିନ ।
ପୋଖତ }
ପୋକ୍ତାନ, ବି. (ଯା) ଲୁଣସିଦ୍ଧିବା, ଆମଦାନି ।
ପୋଖନ୍ତ, ବି. (ଦେ) ପ୍ରସୂତ, ଅଳ୍ପଦିନ ପୂର୍ବେ ପ୍ରସବ କରିଥିବା ।
ପୋଖରି, ବି. (ପୁଷ୍କରଣୀ ଶବ୍ଦଜ) ପୁଷ୍କରଣୀ ।
ପୋଖରିପାଣି, ବି. (ଦେ) ମଳତ୍ୟାଗ କରିବା, ମଳତ୍ୟାଗ, ପୋଖରିର ଜଳ ।
ପୋଗଣ୍ଡ, ବିଂ. ବିକଳାଙ୍ଗ, ଅପୋଗଣ୍ଡ, ସ୍ୱଭାବତଃ ନ୍ୟୂନାଧିକାଙ୍ଗ । ୫ ବର୍ଷଠାରୁ ୧୫ ବର୍ଷର ଶିଶୁକୁ ପୋଗଣ୍ଡ କହନ୍ତି ।
ପୋଛିବା, କି. (ଦେ) ପରିଷ୍କାର କରିବା, ଲିଭାଇବା ।
ପୋଟଳ, ବି. (ଦେ) ପଟୋଳ ।
ପୋଟଳା, ବି. (ଦେ) ପୁଡ଼ା ।
ପୋଡ଼, ବି. (ଦେ) ଦାହଜନିତ ଅବସ୍ଥା, ଦହନ । ବିଂ. ପୋଡ଼ା ଯାଇଥିବା । କି. ଦାହ କର ।

ପୋଡ଼ା, ବି°. (ଦେ) ଦଗ୍ଧ, କୃତଦାହ ।

ପୋଡ଼ିବା, କ୍ରି. ( ଦେ ) ଅଗ୍ନିରେ ଦଗ୍ଧ କରିବା ।

ପୋଢ଼ } ବି. (ଦେ) ଅଣ୍ଡିରା ମଇଁଷି ।
ପୋଢ଼ୁଅ }

ପୋତ, ବି. (ପୂ-ତ) ଶିଶୁ, ଶାବକ, ଜାହାଜ । କ୍ରି. ପୋତିବା । ବି. (ଦେ) କ୍ଷୁଦ୍ର କାଚମାଳି ।

ପୋତକ, ବି. (ଦେ) କ୍ଷୁଦ୍ର ଉଡ଼ା ପୋକବିଶେଷ ।

ପୋତବାହ, ବି. (ପୋତ-ବହ୍-ଅ) ନାବିକ ।

ପୋତାଧ୍ୟକ୍ଷ, ବି. (ପୋତ-ଅଧ୍ୟକ୍ଷ) ଜାହାଜର କାପ୍ତାନ ।

ପୋତାଶ୍ରୟ, ବି. (ପୋତ-ଆଶ୍ରୟ) ବନ୍ଦର ।

ପୋଥିବା, କ୍ରି. (ଦେ) ଗ୍ରୋଥିତ କରିବା ।

ପୋଥି, ବି. (ଦେ) ପୁସ୍ତକ, ତାଳପତ୍ର ଲେଖା ।

ପୋପ, ବି. (ବୈ) ଖ୍ରୀଷ୍ଟ ଧର୍ମର ପ୍ରଧାନ ପୁରୋହିତ ।

ପୋପରା, ବି°. (ଦେ) ପୋକରା, ଘୁଣଖିଆ ।

ପୋରଆ, ବି°. (ଦେ) ଅତି ପୁରୁଣା, ଅଦୃଢ଼, ଜୀର୍ଣ୍ଣ ।

ପୋଲ, ବି. (ଦେ) ଫମ୍ପା, ମେଲ୍ଲ, ନଳା ।

ପୋଲ୍ଲ, ବି°. (ଦେ) ମାଗଣା, ବିନାମୂଲ୍ୟ, ଫମ୍ପା ।

ପୋଲୁହ, ବି. (ଦେ) ମାଛ ମାରିବା ଯନ୍ତ୍ରବିଶେଷ ।

ପୋଷ, ବି. (ଦେ) ଅଧ ଆଞ୍ଜୁଳା ।

ପୋଷଣ, ବି. (ପୁଷ୍-ଅନ) ପାଳନ, ବର୍ଦ୍ଧନ ।

ପୋଷାକ, ବି. (ଯା) ପରିଚ୍ଛଦ, ପିନ୍ଧିବା ବସ୍ତ୍ର ।

ପୋଷା } ବି°. (ଦେ) ବଶୀଭୂତ, ପାଳିତ ।
ପୋଷିଆଁ }

ପୋଷ୍ୟ, ବି. (ପୁଷ୍-ଯ) ଯାହାକୁ ପୋଷିବାକୁ ହୁଏ ।

ପୋଷ୍ୟପୁତ୍ର, ବି, ( ପୋଷ୍ୟ-ପୁତ୍ର ) ପୋଷିଆଁ ପୁଅ ।

ପୋସ୍ତ, ବି. (ଦେ) ଅଫିମଗଛର ଖଜ ।

ପୋହଳା, ବି. (ପ୍ରବାଳ ଶବ୍ଦଜ) ପ୍ରବାଳ, ବିଦ୍ରୁମ ।

ପୌଗଣ୍ଡ, ବି. (ପୋଗଣ୍ଡ-ଅ) ଶିଶୁର ୫ବର୍ଷରୁ ୧୫ବର୍ଷ ପର୍ଯ୍ୟନ୍ତ ଅବସ୍ଥା ।

ପୌତ୍ର, ବି. ( ପୁତ୍ର-ଅ ) ନାତି । ସ୍ତ୍ରୀ. ପୌତ୍ରୀ ।

ପୌତ୍ତଳିକ, ବିଂ. (ପୁତ୍ତଳି-କ) ପୁତୁଳାପୂଜକ, ମୂର୍ତ୍ତି-ପୂଜକ, ସାକାରୋପାସନାକାଙ୍କ୍ଷୀ ।

ପୌନଃପୁନିକ, ବିଂ. ( ପୁନଃପୁନଃ-ଇକ ) ପୁନଃ ପୁନଃ ଜାତ, ଆବର୍ତ୍ତନଶୀଳ, ଏକପ୍ରକାର ଗାଣିତିକ ସଙ୍କେତ ।

ପୌନଃପୁନ୍ୟ, ବି. (ପୁନର -ଯ, ଦ୍ୱିତ୍ୱ) ପୁନଃପୁନଃ ।

ପୌନର୍ଭବ, ବି. (ପୁନର୍ଭୂ-ଅ) ଦୁଇ ଥର ବିବାହ କରିଥିବା ସ୍ତ୍ରୀର ପୁଅ ।

ପୌର, ବିଂ. (ପୁର-ଅ) ପୁରବାସୀ, ନାଗରିକ ।

ପୌରବ, ବିଂ. (ପୁରୁ-ଅ) ପୁରୁବଂଶୀୟ, ପୁରୁବଂଶଜାତ ।

ପୌରାଣିକ, ବି. (ପୁରାଣ-ଇକ) ଆଖ୍ୟାୟିକା, ପୁରାଣ-ଶାସ୍ତ୍ରରେ ପଣ୍ଡିତ । ବିଂ. ପୁରାଣ ସମ୍ବନ୍ଧୀୟ ।

ପୌରୁଷ, ବି. ପରାକ୍ରମ, ତେଜଃ, ସାହସ ।

ପୌରୁଷେୟ, ବିଂ. ( ପୁରୁଷ-ଏୟ ) ପୁରୁଷକୃତ, ମନୁଷ୍ୟ ରଚିତ

ପୌରୋହିତ୍ୟ, ବି. ପୁରୋହିତର କର୍ମ ।

ପୌର୍ଣ୍ଣମାସୀ, ବି. (ପୂର୍ଣ୍ଣମାସ-ଅ-ଈ) ପୂର୍ଣ୍ଣିମା ତିଥି ।
ପୌର୍ବାପର୍ଯ୍ୟ, ବି. ( ପୂର୍ବାପର-ଯ ) ପଶ୍ଚାପରତ୍ୱ, ଅନୁକ୍ରମ, କାରଣ, ଫଳ ।
ପୌଲସ୍ତ୍ୟ, ବି. ( ପୁଲସ୍ତ୍ୟ-ଅ ) କୁବେର, ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ।
ପୌଲୋମୀ, ବି. ସ୍ତ୍ରୀ. ( ପୁଲୋମନ୍ ଅ-ଈ ) ଶଚୀ ।
ପୌଷ, ବି. (ପୁଷ୍-ଅ) ଯେ ମାସର ପୂର୍ଣ୍ଣିମାରେ ପୁଷ୍ୟା ନକ୍ଷତ୍ର ହୁଏ ।
ପ୍ର, ଅଂ. ( ଉପସର୍ଗ ) ଆରମ୍ଭ, ଉତ୍କର୍ଷ, ଖ୍ୟାତ, ଉତ୍ପତ୍ତି ।
ପ୍ରକଟ, ବିଂ. (ପ୍ର-କଟ୍-ଅ) ପ୍ରକାଶିତ, ପ୍ରସ୍ଫୁରିତ, ସ୍ପଷ୍ଟ ।
ପ୍ରକଟିତ, ବିଂ. (ପ୍ର-କଟ୍-ତ) ପ୍ରକାଶିତ, ସ୍ପଷ୍ଟ, ବ୍ୟକ୍ତ ।
ପ୍ରକମ୍ପନ, ବି. (ପ୍ର-କମ୍ପ-ଅନ) ବାୟୁ, ନରକବିଶେଷ, ବେପଥୁ ।
ପ୍ରକରଣ, ବି. (ପ୍ର-କୃ-ଅନ) ପ୍ରସ୍ତାବ, ଗ୍ରନ୍ଥାଂଶ, ଅଧ୍ୟାୟ ।
ପ୍ରକର୍ଷ, ବି. (ପ୍ର-କୃଷ୍-ଅ) ଉତ୍କର୍ଷ ଆଧିକ୍ୟ, ପ୍ରାଧାନ୍ୟ ।
ପ୍ରକାଣ୍ଡ, ବିଂ. (ପ୍ର-କାଣ୍ଡ) ଉତ୍କୃଷ୍ଟ, ବୃହତ୍ ।
ପ୍ରକାମ, ବିଂ. (ପ୍ର-କମ୍-ଅ) ଯଥେଷ୍ଟ, ପର୍ଯ୍ୟାପ୍ତ ।
ପ୍ରକାର, ବି. ( ପ୍ର-କୃ-ଅ ) ପ୍ରଭେଦ, ନିୟମ ।
ପ୍ରକାରାନ୍ତର, ବି. (ପ୍ରକାର-ଅନ୍ତର) ଅନ୍ୟ ପ୍ରକାର, ଭିନ୍ନ ନିୟମ ।
ପ୍ରକାଶ, ବି. (ପ୍ର-କାଶ୍-ଅ) ଦୀପ୍ତି, ଆଲୋକ, ବିକାଶ । ବିଂ. ସ୍ପଷ୍ଟ, ବ୍ୟକ୍ତ ।

ପ୍ରକାଶକ, ବିଂ. (ପ୍ର-କାଶ୍-ଅକ) ପ୍ରକାଶକାରୀ, ଯେ ପ୍ରକାଶ କରେ ।

ପ୍ରକାଶିତ, ବିଂ. ( ପ୍ର-କାଶ୍-ତ ) ଦୀପ୍ତ, ଶୋଭିତ, ପ୍ରକଟିତ, ପ୍ରସ୍ଫୁଟିତ ।

ପ୍ରକାଶ୍ୟ, ବିଂ. (ପ୍ରକାଶ-ଯ) ପ୍ରକାଶର ଯୋଗ୍ୟ ।

ପ୍ରକୀର୍ତ୍ତିତ, ବିଂ. ( ପ୍ର-କୃତ୍-ତ ) ବର୍ଣ୍ଣିତ, କଥିତ, ବିଖ୍ୟାତ, ପ୍ରସିଦ୍ଧ ।

ପ୍ରକୁପିତ, ବିଂ. (ପ୍ର-କୁପ୍-ତ) ଅତ୍ୟନ୍ତ କ୍ରୁଦ୍ଧ ।

ପ୍ରକୃତ, ବିଂ. (ପ୍ର-କୃ-ତ) ନିର୍ମିତ, ବାସ୍ତବିକ, ରଚିତ, ସ୍ୱାଭାବିକ ।

ପ୍ରକୃତି, ବି. ( ପ୍ର-କୃ-ତି ) ସ୍ୱଭାବ, ଶକ୍ତି, ଈଶ୍ୱର ସୃଷ୍ଟ ଯାବତୀୟ ବସ୍ତୁ, ଜନସାଧାରଣ, ଶବ୍ଦ ଓ ଧାତୁ, ସତ୍ତ୍ୱ, ରଜ ଓ ତମର ସାମ୍ୟାବସ୍ଥା ।

ପ୍ରକୃଷ୍ଟ, ବିଂ. (ପ୍ର-କୃଷ୍-ତ) ଶ୍ରେଷ୍ଠ, ପ୍ରଶସ୍ତ, ଉତ୍କୃଷ୍ଟ ।

ପ୍ରକୋପ, ବି. ( ପ୍ର-କୁପ୍-ଅ ) ଅତିଶୟ କୋପ, ଜ୍ୱରାଦିର ଉତ୍କଟତା ।

ପ୍ରକୋଷ୍ଠ, ବି. ( ପ୍ର-କୁଷ୍-ଠ ) ଦ୍ୱାରପାର୍ଶ୍ୱସ୍ଥ ମହଲା, କୋଠରୀ, ମଣିବନ୍ଧ ଉପରୁ କହୁଣି ପର୍ଯ୍ୟନ୍ତ ହସ୍ତର ଅଂଶ ।

ପ୍ରକ୍ରମ, ବି. (ପ୍ର-କ୍ରମ୍-ଅ) ଆରମ୍ଭ, ଅନୁଷ୍ଠାନ ।

ପ୍ରକ୍ରାନ୍ତ, ବିଂ. ( ପ୍ର-କ୍ରମ୍-ତ ) ଆରବ୍ଧ, ଉପକ୍ରାନ୍ତ, ଅତିକ୍ରାନ୍ତ ।

ପ୍ରକ୍ରିୟା, ବି. ( ପ୍ର-କୃ-ଯ-ଆ ) ପ୍ରକରଣ, ଅନୁଷ୍ଠାନ ।

ପ୍ରକ୍ଷାଳନ, ବି. ( ପ୍ର-କ୍ଷାଳ-ଅନ ) ଧୌତକରଣ ।

ପ୍ରକ୍ଷାଳିତ, ବିଂ. ( ପ୍ର-କ୍ଷାଳ-ତ ) ଧୌତ, ମାର୍ଜିତ । ପରିଷ୍କୃତ ।

ପ୍ରକ୍ଷିପ୍ତ, ବିଂ. ( ପ୍ର-କ୍ଷିପ୍-ତ ) ବିନ୍ୟସ୍ତ, ନିକ୍ଷିପ୍ତ, ଅନ୍ତର୍ନିବେଶିତ ।

ପ୍ରକ୍ଷେପ } ବି. ( ପ୍ର-କ୍ଷିପ୍-ଅ, ଅନ ) ବିନ୍ୟାସ,
ପ୍ରକ୍ଷେପଣ } ପକାଇବା ।

ପ୍ରକ୍ଷ୍ୱେଡ଼ନ, ବି. ( ପ୍ର-କ୍ଷ୍ୱିଡ଼୍-ଅନ ) ଲୌହମୟ ଶର, ନାରାଚ, ଅସ୍ତ୍ର ।

ପ୍ରଖର, ବିଂ. (ପ୍ର-ଖର) ଅତ୍ୟୁଷ୍ଣ, ତୀକ୍ଷ୍ଣ ।

ପ୍ରଖ୍ୟାତ, ବିଂ. ( ପ୍ର-ଖ୍ୟା-ତ ) ପ୍ରସିଦ୍ଧ, ବିଖ୍ୟାତ, ଯଶସ୍ୱୀ ।

ପ୍ରଗଲ୍‌ଭ, ବିଂ. ( ପ୍ର-ଗଲ୍‌ଭ୍-ଅ ) ଉଦ୍ଧତ, ନିର୍ଲଜ୍ଜ, ଦାମ୍ଭିକ, ଅକ୍ଷୁବ୍ଧ ।

ପ୍ରଗଲ୍‌ଭତା, ବି.(ପ୍ରଗଲ୍‌ଭ-ତା) ଔଦ୍ଧତ୍ୟ, ନିର୍ଲଜ୍ଜତା, ଦମ୍ଭ, ଅହଙ୍କାର ।

ପ୍ରଗାଢ଼, ବି. ( ପ୍ର-ଗାଢ଼ ) ଅଧିକ, ଅତିଶୟ, ଦୃଢ଼, କଠିନ, ନିବିଡ଼ ।

ପ୍ରଗ୍ର (ଗ୍ରା)ହ, ବି. (ପ୍ର-ଗ୍ରହ୍-ଅ) ଅଶ୍ୱାଦିର ଲଗାମ, ବାଗ, କିରଣ, ଦଉଡ଼ି ।

ପ୍ରଘଟ, ବିଂ. ( ଦେ ) ପ୍ରକାଶିତ, ବିଖ୍ୟାତ । ବି. ପ୍ରଖ୍ୟାତ ।

ପ୍ରଚକ୍ଷୁଃ, ବି. (ପ୍ର-ଚକ୍ଷୁଃ) ଚସମା ।

ପ୍ରଚଣ୍ଡ, ବିଂ. (ପ୍ର-ଚଣ୍ଡ) ଅତ୍ୟୁଷ୍ଣ, ପ୍ରଖର, ଅସହ୍ୟ, ଦୁଃସହ, ଭୀଷଣ ।

ପ୍ରଚଳନ, ବି. (ପ୍ର-ଚଲ୍-ଅନ) ପ୍ରଚାର, ଚଳନ ।

ପ୍ରଚଳାକୀ, ବି. (ପ୍ରଚଳାକ-ଇନ୍) ମୟୂର, ସର୍ପ ।

ପ୍ରଚଳିତ, ବିଂ. ( ପ୍ର-ଚଲ୍-ତ ) ପ୍ରଚ୍ଛିତ, ପ୍ରସିଦ୍ଧ, ପ୍ରବର୍ତ୍ତିତ ।

ପ୍ରଚାର, ବି. (ପ୍ର-ଚର୍-ଅ) ଚଳନ, ପ୍ରସିଦ୍ଧ, ପ୍ରକାଶ।

ପ୍ରଚାରକ
ପ୍ରଚାରୟିତା } ବିଂ. (ପ୍ର-ଚୁର-ଅକ, ତୃ) ପ୍ରକାଶକ।

ପ୍ରଚାରିତ, ବିଂ. (ପ୍ର-ଚର-ତ) ବିଜ୍ଞାପିତ, ପ୍ରକାଶିତ ।

ପ୍ରଚୁର, ବିଂ. (ପ୍ର-ଚୁର-ଅ) ପ୍ରଭୂତ, ବହୁଳ, ଅଧିକ ।

ପ୍ରଚେତାଃ, ବି. (ପ୍ର-ଚେତସ୍ ) ବରୁଣ, ମୁନିବିଶେଷ।

ପ୍ରଚୋଦନ, (ନା) ବି. (ପ୍ର-ଚୋଦ-ଅନ, ଆ) ପ୍ରେରଣା ।

ପ୍ରଚୋଦିତ, ବିଂ. ( ପ୍ର-ଚୋଦ-ତ ) ପ୍ରେରିତ, ନିୟୋଜିତ ।

ପ୍ରଚ୍ଛଦ, ବି. (ପ୍ର-ଛଦ୍-ଅ) ଆଚ୍ଛାଦନ, ଆବରଣ ।

ପ୍ରଚ୍ଛଦପଟ, ବି. ( ପ୍ରଚ୍ଛଦ-ପଟ ) ଉତ୍ତରୀୟ ବସ୍ତ୍ର, ଆବରଣ ବସ୍ତ୍ର, ଆସ୍ତରଣ, ଚାଦର ।

ପ୍ରଚ୍ଛନ୍ନ, ବିଂ. (ପ୍ର-ଛଦ୍-ତ) ଆଚ୍ଛାଦିତ, ଗୁପ୍ତ,ଆଚ୍ଛନ୍ନ ।

ପ୍ରଚ୍ଛାଦନ, ବି. (ପ୍ର-ଛାଦ-ଅନ) ଆଚ୍ଛାଦନ, ଆବରଣ ବସ୍ତ୍ର, ପ୍ରଚ୍ଛଦ ।

ପ୍ରଚ୍ଛାଦିତ, ବିଂ. (ପ୍ର-ଛାଦ-ତ) ଆବୃତ, ଆଚ୍ଛାଦିତ ।

ପ୍ରଜନନ, ବି. (ପ୍ର-ଜନ୍-ଅନ) ଯୋନି, ଜନ୍ମ ।

ପ୍ରଜା, ସ୍ତ୍ରୀ. (ପ୍ରଜନ୍-ଅ-ଆ) ଅଧିକାରସ୍ଥ ଜନ, ସନ୍ତାନ, ସନ୍ତତି ।

ପ୍ରଜାଗର, ବି. ( ପ୍ର-ଜାଗୃ-ଅ ) ଜାଗରଣ । ବିଂ. ଜାଗରୂକ ।

ପ୍ରଜାତନ୍ତ୍ର, ବି. ( ପ୍ରଜା-ତନ୍ତ୍ର ) ପ୍ରଜାମାନଙ୍କ ହସ୍ତଗତ ରାଜ୍ୟଶାସନ ।

ପ୍ରଜାପତି, ବି. ( ପ୍ରଜା-ପତି ) ବ୍ରହ୍ମା, ବିଶ୍ୱକର୍ମା, ଏକପ୍ରକାର ପତଙ୍ଗ, ରାଜା ।

ପ୍ରଜାବତୀ, ବି. (ପ୍ରଜା-ବତୁ-ଈ) ଭାଉଜ, ସନ୍ତାନବତୀ, ମାତା ।

ପ୍ରଜ୍ଞ, ବିଂ. (ପ୍ର-ଜ୍ଞା-ଅ) ଜ୍ଞାନୀ, ବିଚକ୍ଷଣ, ପଣ୍ଡିତ ।

ପ୍ରଜ୍ଞା, ବି. (ପ୍ର-ଜ୍ଞା-ଆ) ବୁଦ୍ଧି, ଜ୍ଞାନ, ସରସ୍ୱତୀ, ମନ୍ତ୍ରଣା ।

ପ୍ରଜ୍ଞାଚକ୍ଷୁଃ ବିଂ. (ପ୍ରଜ୍ଞା-ଚକ୍ଷୁଃ) ଧୃତରାଷ୍ଟ୍ର, ଜ୍ଞାନନେତ୍ର ।

ପ୍ରଜ୍ଞାବାନ, ବିଂ. (ପ୍ରଜ୍ଞା-ବତୁ) ବୁଦ୍ଧିମାନ୍, ଜ୍ଞାନୀ ।

ପ୍ରଜ୍ୱଳିତ, ବିଂ. (ପ୍ର-ଜ୍ୱଳ୍-ତ) ଜ୍ୱଳନଯୁକ୍ତ, ଜ୍ୱଳନ୍ତ ।

ପ୍ରଜ୍ୱାଳିତ, ବିଂ. (ପ୍ର-ଜ୍ୱାଳି-ତ) ପ୍ରଦୀପିତ, ସନ୍ତାପିତ ।

ପ୍ରଣତ, ବିଂ. ( ପ୍ର-ନମ୍-ତ ) ନମ୍ର, କୃତପ୍ରଣାମ ।

ପ୍ରଣତି, ବି. (ପ୍ର-ନମ୍-ତି) ପ୍ରଣାମ, ବିନୟ ।

ପ୍ରଣପତ୍ୟ, ବି. (ଦେଶଜ) ପ୍ରଣାମ କରିବା ।

ପ୍ରଣମିବା, କ୍ରି. (ଦେ) ନମସ୍କାର କରିବା ।

ପ୍ରଣୟ, ବି. (ପ୍ର-ନୀ ଅ) ପ୍ରାର୍ଥନା, ପରିଚୟ, ପ୍ରେମ ।

ପ୍ରଣୟନ, ବି. (ପ୍ର-ନୀ-ଅନ) ନିର୍ମାଣ, ରଚନା ।

ପ୍ରଣୟିନୀ, ବି. (ପ୍ରଣୟ-ଇନ୍-ଈ) ଅନୁରକ୍ତା ଭାର୍ଯ୍ୟା ବା ନାୟିକା ।

ପ୍ରଣୟୀ, ବଂ. ( ପ୍ରଣୟ-ଇନ୍ ) ଅନୁରକ୍ତ, ପ୍ରେମାସ୍ପଦ ।
ବ. ଅନୁରକ୍ତ ପତି ବା ନାୟକ ।

ପ୍ରଣବ, ବ. (ପ୍ର-ନୁ-ଅ) ବେଦର ଆଦବୀଜ, ଓଁକାର ।

ପ୍ରଣାମ, ବ. ( ପ୍ର-ନମ୍-ଅ ) ପ୍ରଣତି, ନମସ୍କାର ।

ପ୍ରଣାଳୀ, ବ. (ପ୍ର-ନଲ୍-ଈ) ଜଳନିର୍ଗମ ପଥ, ପାଣିନଳା
ନର୍ଦ୍ଦମା, ଧାର । ଯେଉଁ ସଂକୀର୍ଣ୍ଣ ଜଳଭାଗ ଦୁଇ ବୃହତ୍
ଜଳ ଭାଗକୁ ସଂଯୁକ୍ତ କରେ ।

ପ୍ରଣିଧାନ, ବ. (ପ୍ର-ନି-ଧା-ଅନ) ମନୋନିବେଶ, ଯତ୍ନ ।

ପ୍ରଣିଧି, ବ. (ପ୍ର-ନି-ଧା-ଇ) ଦୂତ, ଚର, ମନୋଯୋଗ ।

ପ୍ରଣିପାତ, ବ. (ପ୍ର-ନି-ପତ୍-ଅ) ପ୍ରଣାମ, ନମସ୍କାର ।

ପ୍ରଣୀତ, ବଂ. (ପ୍ର-ନୀ-ତ) ରଚିତ, ନିର୍ମିତ, କୃତ ।

ପ୍ରଣେତା, ବଂ. (ପ୍ର-ନୀ-ତୃ) ରଚନାକାରୀ, ନିର୍ମାତା ।

ପ୍ରଣୋଦିତ, ବଂ. (ପ୍ର-ନୁଦ୍-ଇତ)ପ୍ରେରିତ, ନିୟୋଜିତ ।

ପ୍ରତତି, ବ. (ପ୍ର-ତନ୍-ତି) ବିସ୍ତାରିତ ଲତା ।

ପ୍ରତାନ, ବ. (ପ୍ର-ତନ୍-ଅ) ବିସ୍ତାର, ଲତାର ତନ୍ତୁ ।

ପ୍ରତାନନୀ, ବ. (ପ୍ର-ତନ୍-ଇନ୍-ଈ) ବଲ୍ଲୀ, ଲତା ।

ପ୍ରତାପ, ବ. ( ପ୍ର-ତପ୍-ଅ ) ପ୍ରଭାବ, କୋଷ ଦଣ୍ଡ ଧନ
ସୈନ୍ୟାଦି ଜନିତ ରାଜକୀୟ ତେଜଃ, ଉଷ୍ଣତା, ସନ୍ତାପ ।

ପ୍ରତାରକ, ବଂ. (ପ୍ର-ତୃ-ଅକ) ବଞ୍ଚକ, ଧୂର୍ତ୍ତ, ଶଠ ।

ପତାରଣ } ବ. ( ପ୍ର-ତୃ-ଅନ-ଅ, ଆ ) ବଞ୍ଚନା
ପ୍ରତାରଣା } ଠକାଇବା ।

ପ୍ରତାରିତ, ବଂ. ( ପ୍ର-ତୃ-ଇ-ତ ) ବଞ୍ଚିତ, ଯାହାକୁ
ଠକାଯାଏ ।

ପ୍ରତି, ଅଂ. (ଉପସର୍ଗ) ପ୍ରତିନିଧି, ବିପରୀତ, ପ୍ରତିକୂଳ, ପ୍ରତ୍ୟେକ । (ଦେ) ଓସାର ।

ପ୍ରତି (ତୀ) କାର, ବି. (ପ୍ରତି-କୃ-ଅ) ବୈରନିର୍ଯାତନ, ଉପାୟ, ଚିକିତ୍ସା, ପ୍ରତିଫଳ, ପରିଶୋଧ ।

ପ୍ରତିକାର୍ଯ୍ୟ, ବି. (ପ୍ରତି-କୃ-ଯ) ପ୍ରତିକାରଯୋଗ୍ୟ ।

ପ୍ରତି(ତୀ)କାଶ, ବି. (ପ୍ରତି-କାଶ୍-ଅ) ସଦୃଶ, ତୁଲ୍ୟ ।

ପ୍ରତିକୂଳ, ବିଂ. (ପ୍ରତି-କୂଳ) ପ୍ରତିପକ୍ଷ, ବାମ, ବିରୁଦ୍ଧ ।

ପ୍ରତିକୃତି, ବି. (ପ୍ରତି-କୃ-ତି) ପ୍ରତିମୂର୍ତ୍ତି, ସାଦୃଶ୍ୟ ।

ପ୍ରତିକ୍ରିୟା, ବି. (ପ୍ରତି-କୃ-ଯ) ପ୍ରତିକାର ।

ପ୍ରତିକ୍ଷଣ, କ୍ରି. ବିଂ. ( ପ୍ରତି-କ୍ଷଣ ) କ୍ଷଣେ କ୍ଷଣେ, ପ୍ରତି ମୁହୂର୍ତ୍ତରେ ।

ପ୍ରତିଗ୍ରହ } ବି. (ପ୍ରତି-ଗ୍ରହ୍-ଅ, ଅନ) ସ୍ୱୀକାର
ପ୍ରତିଗ୍ରହଣ } ଗ୍ରହଣ, ପ୍ରତିକୂଳ ଗ୍ରହ ।

ପ୍ରତିଗ୍ରାହ, ବି. (ପ୍ରତି-ଗ୍ରହ୍-ଅ) ସ୍ୱୀକାର, ପିକଦାନୀ ।

ପ୍ରତି(ତୀ)ଘାତ, ବି. (ପ୍ରତି-ହନ୍-ଅ) ଗୋଟିଏ ପଦାର୍ଥ ଅନ୍ୟ ପଦାର୍ଥକୁ ଆଘାତ କଲେ ଆହତ ପଦାର୍ଥ ଯେଉଁ ଆଘାତ କରେ, ବ୍ୟାଘାତ ।

ପ୍ରତିଜିହ୍ୱା, ବି. ( ପ୍ରତି-ଜିହ୍ୱା ) ଜିଭ ମୂଳରେ ଥିବା ଘଣ୍ଟିକା ।

ପ୍ରତିଜ୍ଞା, ବି. ( ପ୍ରତି-ଜ୍ଞା-ଅ-ଆ ) କର୍ତ୍ତବ୍ୟ ରୂପରେ ଅବଧାରଣ, ଅଙ୍ଗୀକାର ।

ପ୍ରତିଜ୍ଞାତ, ବିଂ. ( ପ୍ରତି-ଜ୍ଞା-ତ ) ଅଙ୍ଗୀକୃତ, ପ୍ରତିଜ୍ଞା କରାଯାଇଥିବା ।

ପ୍ରତଦାନ, ବି. (ପ୍ରତି-ଦା-ଅନ) ବଦଳ, ପରିବର୍ତ୍ତନ, ପ୍ରତ୍ୟର୍ପଣ ।

ପ୍ରତିଦ୍ୱନ, କ୍ରି. ବିଂ. (ପ୍ରତି-ଦ୍ୱନ) ପ୍ରତ୍ୟହ ।

ପ୍ରତିଦ୍ୱନ୍ଦ୍ୱୀ, ବିଂ. (ପ୍ରତି-ଦ୍ୱନ୍ଦ୍ୱ-ଇନ୍) ଶତ୍ରୁ ।

ପ୍ରତିଧ୍ୱନି }
ପ୍ରତିଧ୍ୱାନ } ବି. (ପ୍ରତି-ଧ୍ୱନ-ଧ୍ୱାନ) ପ୍ରତିଶବ୍ଦ ।

ପ୍ରତିଧ୍ୱନିତ }
ପ୍ରତିଧ୍ମାତ } ବିଂ. ( ପ୍ରତି-ଧ୍ୱନିତ, ଧ୍ମାତ ) ପ୍ରତିଶବ୍ଦିତ ।

ପ୍ରତିନିଧି, ବି. (ପ୍ରତି-ନି-ଧା-ଇ) ତୁଲ୍ୟ, ପ୍ରତିରୂପ, ଜଣକ ପରିବର୍ତ୍ତରେ ଅନ୍ୟ, ପ୍ରତିଭୂ ।

ପ୍ରତିନିବୃତ୍ତ, ବିଂ. ( ପ୍ରତି-ନି-ବୃତ୍-ତ ) ପ୍ରତ୍ୟାଗତ, ଫେର ଆସିଥିବା ।

ପ୍ରତିପକ୍ଷ, ବି. (ପ୍ରତି-ପକ୍ଷ) ବିପକ୍ଷ, ଶତ୍ରୁ ।

ପ୍ରତିପତ୍ତି, ବି. (ପ୍ରତି-ପଦ୍-ତି) ପଦପ୍ରାପ୍ତି, ସମ୍ମାନ, ସୁଖ୍ୟାତି ।

ପ୍ରତିପଦ୍, ବି. ( ପ୍ରତି-ପଦ୍ ) ଶୁକ୍ଳ ବା କୃଷ୍ଣ ପକ୍ଷର ପ୍ରଥମ ତିଥି, ବୃଦ୍ଧି ।

ପ୍ରତିପନ୍ନ, ବିଂ. ( ପ୍ରତି-ପଦ୍-ତ ) ସମ୍ମାନିତ, ଜ୍ଞାତ, ଅବଧାରିତ ।

ପ୍ରତିପାଦକ, ବିଂ. ( ପ୍ରତି-ପଦ୍-ଇ-ଅକ ) ନିର୍ବାହକ, ନିଷ୍ପାଦକ ।

ପ୍ରତିପାଦନ, ବି. (ପ୍ରତି-ପାଦ୍-ଅନ)ସମ୍ପାଦନ, ନିର୍ବାହ, ଜ୍ଞାପନ, ସ୍ଥିରୀକରଣ ।

ପ୍ରତିପାଦିତ, ବିଂ. ( ପ୍ରତି-ପଦ୍-ଇ-ତ ) ସମ୍ପାଦିତ, ନିଷ୍ପାଦିତ, ସ୍ଥିରୀକୃତ ।

ପ୍ରତିପାଦ୍ୟ, ବିଂ. (ପ୍ରତି-ପଦ୍-ଯ) ପ୍ରତିପାଦନଯୋଗ୍ୟ, ନିର୍ଣ୍ଣେୟ, ବୋଧ୍ୟ, ବର୍ଣ୍ଣନୀୟ ବିଷୟ ।

ପ୍ରତିପାଳନ, ବି. (ପ୍ରତି-ପାଳ-ଅନ)ରକ୍ଷଣ,ପୋଷଣ ।

ପ୍ରତିଫଳ, ବି. (ପ୍ରତି-ଫଳ-ଅ) ପ୍ରତିବିମ୍ବ, ପ୍ରତିଶୋଧ, ପ୍ରତ୍ୟୁପକାର, ପ୍ରତ୍ୟପକାର ।

ପ୍ରତିଫଳିତ, ବିଂ. (ପ୍ରତି-ଫଳ-ତ) ପ୍ରତିବିମ୍ବିତ ।

ପ୍ରତିବଦ୍ଧ, ବିଂ. (ପ୍ରତି-ବଦ୍ଧ) ବ୍ୟାହତ, ବାଧିତ ।

ପ୍ରତିବନ୍ଧ, ବି. (ପ୍ରତି-ବନ୍ଧ୍-ଅ)ବାଧା,ବିଘ୍ନ, ବ୍ୟାଘାତ ।

ପ୍ରତିବନ୍ଧକ, ବିଂ. (ପ୍ରତି-ବନ୍ଧ୍-ଅକ)ବ୍ୟାଘାତକାରକ ।

ପ୍ରତିଭା, ବି. (ପ୍ରତି-ଭା-ଆ) ପ୍ରଭା, ଦୀପ୍ତି, ସାଦୃଶ୍ୟ, ଅସାଧାରଣ ବୁଦ୍ଧିଶକ୍ତି ।

ପ୍ରତିଭାତ, ବିଂ. ( ପ୍ରତି-ଭା-ତ ) ପ୍ରଦୀପ୍ତ, ଉଦିତ, ପ୍ରକାଶିତ, ପ୍ରଖ୍ୟାତ ।

ପ୍ରତିଭାନ୍ୱିତ, ବିଂ. ( ପ୍ରତିଭା-ଅନ୍ୱିତ ) ଅସାଧାରଣ ବୁଦ୍ଧିଶକ୍ତିଶାଳୀ ।

ପ୍ରତିଭାସିତ, ବିଂ. (ପ୍ରତି-ଭାସ-ତ) ପ୍ରଦୀପ୍ତ, ଶୋଭିତ ।

ପ୍ରତିଭୂ, ବି. (ପ୍ରତି-ଭୂ-୦) ଜାମିନ, ପ୍ରତିନିଧି ।

ପ୍ରତିମ, ବିଂ. ( ପ୍ରତି-ମା-ଅ ) ଶବ୍ଦର ପରବର୍ତ୍ତୀ ହେଲେ ସଦୃଶ ।

ପ୍ରତିମା, ବି. ( ପ୍ରତି-ମା-ଅ-ଆ ) ସାଦୃଶ୍ୟ, ପ୍ରତିମୂର୍ତ୍ତି, ପ୍ରତିବିମ୍ବ, ଛବି ।

ପ୍ରତିମୂର୍ତ୍ତି, ବି. (ପ୍ରତି-ମୂର୍ତ୍ତି) ଆକୃତି, ଛବି ।

ପ୍ରତିଯୋଗୀ, ବି. ( ପ୍ରତି-ଯୁଜ୍-ଇନ୍ ) ବିରୋଧୀ, ପ୍ରତିଦ୍ୱନ୍ଦ୍ୱୀ, ପ୍ରତିକୂଳ ।

ପ୍ରତିଯୋଧ, ବି. (ପ୍ରତି-ଯୁଧ୍-ଅ) ପ୍ରତିପକ୍ଷ, ଯୋଦ୍ଧା ।

ପ୍ରତିର(ରା)ବ, ବି. (ପ୍ରତି-ରୁ-ଅ) ପ୍ରତିଧ୍ୱନି ।

ପ୍ରତିରୁଦ୍ଧ, ବିଂ. ( ପ୍ରତି-ରୁଧ୍-ତ ) ଅବରୁଦ୍ଧ, ଅଟକ କରାଯାଇଥିବା ।

ପ୍ରତିରୂପ, ବି. (ପ୍ରତି-ରୂପ) ସାଦୃଶ୍ୟ, ପ୍ରତିମୂର୍ତ୍ତି ।

ପ୍ରତିରୋଧ, ବି. (ପ୍ରତି-ରୁଧ୍-ଅ) ନିବାରଣ,ପ୍ରତିବନ୍ଧ, ଅବରୋଧ ।

ପ୍ରତିଲୋମ, ବିଂ.(ପ୍ରତି-ଲୋମ) ପ୍ରତିକୂଳ, ବାମ,ଓଲଟା ।

ପ୍ରତିବାଦ } ବି. ( ପ୍ରତି-ବଦ୍-ଅ ) ବିରୋଧରେ
ପ୍ରତୀବାଦ } କହିବା, ଆପତ୍ତି ।

ପ୍ରତିବାଦୀ, ବିଂ. (ପ୍ରତି-ବଦ୍-ଇନ୍ )ବିପକ୍ଷ, ଆସାମୀ ।

ପ୍ରତିବାସୀ, ବିଂ. (ପ୍ରତି-ବସ୍-ଇନ୍ ) ପଡ଼ୋଶୀ ।

ପ୍ରତିବିଧାନ, ବି. (ପ୍ରତି-ବିଧା-ଅନ)ପ୍ରତିକାର,ସଜ୍ଜା ।

ପ୍ରତିବିଧିତ୍ସା, ବି. ( ପ୍ରତି-ବି-ଧା-ସନ୍-ଅ ) ପ୍ରତିକାର କରିବା ଇଚ୍ଛା ।

ପ୍ରତିବିମ୍ବ, ବି. (ପ୍ରତି-ବିମ୍ବ) ପ୍ରତିଚ୍ଛାୟା, ପ୍ରତିକୃତି ।

ପ୍ରତିବିମ୍ବିତ, ବିଂ. (ପ୍ରତିବିମ୍ବ-ଇତ) ପ୍ରତିଫଳିତ ।

ପ୍ରତିବେଶୀ } ବିଂ. (ପ୍ରତି-ବିଶ-ଇନ୍ ) ପଡ଼ୋଶୀ ।
ପ୍ରତୀବେଶୀ }

ପ୍ରତିଶବ୍ଦ, ବି. (ପ୍ରତି-ଶବ୍ଦ) ପ୍ରତିଧ୍ୱନି, ଏକାର୍ଥବୋଧକ ଶବ୍ଦ ।

ପ୍ରତିଶ୍ରୁତ, ବିଂ. (ପ୍ରତି-ଶ୍ରୁ-ତ) ସ୍ୱୀକୃତ, ଅଙ୍ଗୀକୃତ ।
ପ୍ରତିଷିଦ୍ଧ, ବିଂ. (ପ୍ରତି-ସିଧ୍-ତ) ନିବାରିତ, ନିଷିଦ୍ଧ ।
ପ୍ରତିଷେଧ, ବି. (ପ୍ରତି-ସିଧ୍-ଅ) ନିବାରଣ, ନିଷେଧ ।
ପ୍ରତିଷ୍ଠା, ବି. (ପ୍ରତି-ସ୍ଥା-ଆ) ସୁଖ୍ୟାତି, ସଂସ୍କାରବିଶେଷ ।
ପ୍ରତିଷ୍ଠିତ, ବିଂ. (ପ୍ରତିଷ୍ଠା-ଇତ) ବିଖ୍ୟାତ, ପ୍ରଶଂସିତ ।
ପ୍ରତିସଂହାର, ବି. ( ପ୍ରତି-ସମ୍-ହୃ-ଅ ) ନିବର୍ତ୍ତନ, ସଂକୋଚ, ପ୍ରତ୍ୟାକର୍ଷଣ ।
ପ୍ରତିସଂହୃତ, ବିଂ. (ପ୍ରତି-ସଂ-ହୃତ) ସଙ୍କୁଚିତ ।
ପ୍ରତିସର, ବି. (ପ୍ରତି-ସୃ-ଅ) ହାର ।
ପ୍ରତିସର୍ଗ, ବି ( ପ୍ରତି-ସର୍ଗ ) ବ୍ରହ୍ମାଙ୍କ ସୃଷ୍ଟି ପରେ ମରୀଚ୍ୟାଦି ଋଷିଙ୍କ ସୃଷ୍ଟି ।
ପ୍ରତିହତ, ବିଂ. (ପ୍ରତି-ହନ୍-ତ) ବ୍ୟାହତ, ନିରସ୍ତ ।
ପ୍ରତି(ତୀ)ହାର, ବି. (ପ୍ରତି-ହୃ-ଅ) ଦ୍ୱାରୀ ।
ପ୍ରତି(ତୀ)ହାରୀ, ବି. ( ପ୍ରତି-ହୃ-ଇନ୍ ) ଦ୍ୱାରୀ । (ପ୍ରତିହାର-ଈ) ସ୍ତ୍ରୀ. ଦ୍ୱାରପାଳିକା ।
ପ୍ରତିହିଂସା, ବି. (ପ୍ରତି-ହିଂସା) ବୈରସାଧନ, ବୈରଶୁଦ୍ଧି ।
ପ୍ରତୀକ୍ଷଣ } ବି. (ପ୍ରତି-ଈକ୍ଷ-ଅନ୍-ଅ, ଆ) ଅପେକ୍ଷା,
ପ୍ରତୀକ୍ଷା } ପୂଜା ।
ପ୍ରତୀଚୀ, ବି. ପଶ୍ଚିମ ଦିକ୍ ।
ପ୍ରତୀଚୀନ } ବିଂ. (ପ୍ରତୀଚୀ-ଈନ, ଯ) ପଶ୍ଚିମଦେଶୀୟ ।
ପ୍ରତୀଚ୍ୟ }
ପ୍ରତୀତ, ବିଂ. (ପ୍ରତି-ଇ-ତ) ସମ୍ମାନିତ, ଜ୍ଞାତ, ବିଶ୍ୱସ୍ତ ।
ପ୍ରତୀତି, ବି. (ପ୍ରତି-ଇ-ତି) ଖ୍ୟାତି, ଜ୍ଞାନ, ବିଶ୍ୱାସ ।

ପ୍ରତୀପ, ବିଂ. (ପ୍ରତି-ଅପ୍-ଅ, ଅପ=ଈପ) ପ୍ରତିକୂଳ, ବିପରୀତ ।

ପ୍ରତୀପଦର୍ଶିନୀ, ବି. ( ପ୍ରତୀପ-ଦର୍ଶିନୀ ) ନାରୀ, ସ୍ତ୍ରୀ ।

ପ୍ରତୀୟମାନ, ବିଂ. ( ପ୍ରତି-ଇ-ଆନ ) ଯାହା ଜଣା ହୋଇଅଛି ।

ପ୍ରତେ, ବି. (ଦେ) ବିଶ୍ୱାସ, ପ୍ରତ୍ୟୟ ।

ପ୍ରତୋଦ, ବି. (ପ୍ର-ତୁଦ୍-ଅ) ଚାବୁକ, ପାଞ୍ଚଣ ।

ପ୍ରତ୍ନ, ବିଂ. (ପ୍ର-ନ୍ନ) ପୁରାତନ, ପୁରୁଣା ।

ପ୍ରତ୍ନତତ୍ତ୍ୱ, ବି. (ପ୍ରତ୍ନ-ତତ୍ତ୍ୱ) ପୁରୁଣା କଥା, ପ୍ରାଚୀନ ଇତିହାସ ।

ପ୍ରତ୍ୟକ୍ଷ, ବିଂ. (ପ୍ରତି-ଅକ୍ଷ) ଦୃଶ୍ୟ, ସାକ୍ଷାତ୍ ।

ପ୍ରତ୍ୟଗ୍ର, ବିଂ. (ପ୍ରତି-ଅଗ୍ର) ନୂତନ, ଟଟକା, ଅମ୍ଳାନ ।

ପ୍ରତ୍ୟଙ୍ଗ, ବି. (ପ୍ରତି-ଅଙ୍ଗ) ଅଙ୍ଗାବୟବ, ହସ୍ତ, କଣ୍ଠ ପ୍ରଭୃତି ଅବୟବ ।

ପ୍ରତ୍ୟନ୍ତ, ବିଂ. (ପ୍ରତି-ଅନ୍ତ) ପ୍ରାନ୍ତବର୍ତ୍ତୀ, ସନ୍ନିହିତ, ନିକଟବର୍ତ୍ତୀ ।

ପ୍ରତ୍ୟୟ, ବି. ( ପ୍ରତି-ଇ-ଅ ) ନିଶ୍ଚୟଜ୍ଞାନ, ବିଶ୍ୱାସ, ଶପଥ, ହେତୁ, ଶବ୍ଦ ବା ଧାତୁରୁ ଉତ୍ତର ଯାହା ଯୋଗ ହୁଏ ।।

ପ୍ରତ୍ୟର୍ଥୀ, ବିଂ. ( ପ୍ରତି-ଅର୍ଥ-ଇନ୍ ) ବିପକ୍ଷ, ଶତ୍ରୁ, ଅଭିଯୁକ୍ତ, ଆସାମୀ ।

ପ୍ରତ୍ୟର୍ପଣ, ବି. (ପ୍ରତି-ଅର୍ପଣ) ଫେରାଇଦେବା ।

ପ୍ରତ୍ୟର୍ପିତ, ବିଂ. (ପ୍ରତି-ଅର୍ପିତ) ଯାହା ଫେରାଇ ଦିଆ ଯାଇଅଛି ।

ପ୍ରତ୍ୟବାୟ୍ଯ, ବି. ( ପ୍ରତି-ଅବ-ଇ-ଅ ) ଅନିଷ୍ଟ, କ୍ଷତି, ପାପ, ବିପରୀତ ଆଚରଣ ।

ପ୍ରତ୍ୟହ୍ନ, ଅଂ. (ପ୍ରତି-ଅହନ୍ ) ପ୍ରତି ଦିନ ।

ପ୍ରତ୍ୟାଖ୍ୟାତ, ବିଂ. ( ପ୍ରତି-ଆ-ଖ୍ୟା-ତ ) ଦୂରୀକୃତ, ନିରସ୍ତ, ନିରାକୃତ ।

ପ୍ରତ୍ୟାଖ୍ୟାନ, ବି. (ପ୍ରତି-ଆ-ଖ୍ୟା-ଅନ) ନିରାକରଣ, ନିରସନ, ଦୂରୀକରଣ ।

ପ୍ରତ୍ୟାଗତ, ବିଂ. (ପ୍ରତି-ଆ-ଗମ୍-ତ) ପ୍ରତ୍ୟାବୃତ୍ତ ।

ପ୍ରତ୍ୟାଗମନ, ବି.(ପ୍ରତି-ଆ-ଗମ୍-ଅନ) ଫେରିଆସିବା।

ପ୍ରତ୍ୟାବର୍ତ୍ତନ, ବି. ( ପ୍ରତି-ଆ-ବୃତ୍-ଅନ ) ଫେରି-ଆସିବା ।

ପ୍ରତ୍ୟାବୃତ୍ତ, ବିଂ. (ପ୍ରତି-ଆ-ବୃତ୍-ତ) ପ୍ରତ୍ୟାଗତ ।

ପ୍ରତ୍ୟାଶା, ବି. (ପ୍ରତି-ଆଶା) ଭରସା, ପ୍ରତ୍ୟୟ ।

ପ୍ରତ୍ୟାହାର, ବି. (ପ୍ରତି-ଆ-ହୃ-ଅ) ଫେରାଇନେବା ।

ପ୍ରତ୍ୟୁକ୍ତି, ବି. (ପ୍ରତି-ଉକ୍ତି) ପ୍ରତିବଚନ, ଉତ୍ତର ।

ପ୍ରତ୍ୟୁତ, ଅଂ. (ପ୍ରତି-ଉତ) ଉକ୍ତିର ବୈପରୀତ୍ୟ,ବରଂ, ଅନ୍ୟପକ୍ଷରେ ।

ପ୍ରତ୍ୟୁତ୍ତର, ବି. (ପ୍ରତି-ଉତ୍ତର) ଉତ୍ତରର ଉତ୍ତର ।

ପ୍ରତ୍ୟୁତ୍ପନ୍ନ, ବିଂ (ପ୍ରତି-ଉତ୍ପନ୍ନ) ପୁନରୁତ୍ପନ୍ନ ।

ପ୍ରତ୍ୟୁତ୍ପନ୍ନମତି. ବିଂ. (ପ୍ରତ୍ୟୁତ୍ପନ୍ନ-ମତି) ପ୍ରତିଭାନ୍ୱିତ, ଉପସ୍ଥିତବୁଦ୍ଧି ।

ପ୍ରତ୍ୟୁପକାର, ବି. (ପ୍ରତି-ଉପକାର) କୌଣସି ବ୍ୟକ୍ତିର ଉପକାର କଲେ ସେ ଉପକର୍ତ୍ତାର ଯେଉଁ ଉପକାର କରେ ।

ପ୍ରତ୍ୟୁଷ } ବି. ( ପ୍ରତି-ଉଷ, ଉଷ ) ପ୍ରାତଃ,
ପ୍ରତ୍ୟୂଷ } ପ୍ରାତଃକାଳ ।

ପ୍ରତ୍ୟୂହ, ବି. (ପ୍ରତି-ଊହ୍-ଅ) ବାଧା, ବ୍ୟାଘାତ, ବିଘ୍ନ ।

ପ୍ରତ୍ୟେକ, ବି. ବିଂ. ( ପ୍ରତି-ଏକ ) ଏକବଚନାନ୍ତ, ଏକଏକ, ସମୁଦାୟ ।

ପ୍ରଥମ, ବିଂ. (ପ୍ରଥ୍-ଅମ) ଆଦିମ, ଆଦ୍ୟ ।

ପ୍ରଥମତଃ, ଅଂ. (ପ୍ରଥମ-ତସ୍) ପ୍ରଥମେ, ଅଗ୍ରେ ।

ପ୍ରଥା, ବି. (ପ୍ରଥ୍-ଅ-ଆ) ରୀତି, ଧାରା, ଖ୍ୟାତି, ପ୍ରସିଦ୍ଧି ।

ପ୍ରଥିତ, ବିଂ. (ପ୍ରଥ୍-ତ) ପ୍ରକୃଷ୍ଟ, ଖ୍ୟାତ, ବିସ୍ତୃତ ।

ପ୍ରଦ, ବିଂ. ( ପ୍ର-ଦା-ଅ ) ଦାତା, ଦାନକାରୀ ।

ପ୍ରଦକ୍ଷିଣ, ବି. (ପ୍ର-ଦକ୍ଷିଣ) ଆରାଧନା, ଚତୁର୍ଦିଗରେ ବୁଲିବା ।

ପ୍ରଦତ୍ତ, ବିଂ. ( ପ୍ର-ଦା-ତ ) ସମର୍ପିତ, ଯାହା ଦିଆ ହୋଇଅଛି ।

ପ୍ରଦର, ବି. (ପ୍ର-ଦୃ-ଅ) ଭଙ୍ଗ, ବିଦାରଣ, ସ୍ତ୍ରୀମାନଙ୍କ ରୋଗବିଶେଷ ।

ପ୍ରଦର୍ଶକ, ବିଂ. ( ପ୍ର-ଦୃଶ୍-ଅକ ) ଯେ ଦେଖାଏ ।

ପ୍ରଦର୍ଶନ, ବି. (ପ୍ର-ଦୃଶ୍-ଅନ) ଉଲ୍ଲେଖ, ଦେଖାଇବା ।

ପ୍ରଦର୍ଶନୀ, ବି. ( ପ୍ର-ଦୃଶ୍-ଇ-ଅନ-ଈ ) ଦେଖାଇବା, ପ୍ରଦର୍ଶନଯୋଗ୍ୟ ପଦାର୍ଥମାନଙ୍କର ଏକତ୍ର ସମବାୟ । Exhibition.

ପ୍ରଦର୍ଶିତ, ବିଂ. ( ପ୍ର-ଦୃଶ୍-ଇ-ତ ) ଯାହା ଦେଖାଇ ଦିଆଯାଇଅଛି, ଉଲ୍ଲିଖିତ ।

ପ୍ରଦଳ, ବି. (ଦେ) ଗୋଳମାଳ ।

ପ୍ରଦାନ, ବି. (ପ୍ରଦା-ଅନ) ଦାନ, ବିତରଣ ।

ପ୍ରଦୀପ, ବି. (ପ୍ର-ଦୀପ୍-ଅ) ଦୀପ ।

ପ୍ରଦୀପ୍ତ, ବିଂ. (ପ୍ର-ଦୀପ୍-ତ) ପ୍ରକାଶିତ, ଉଜ୍ଜ୍ୱଳ ।

ପ୍ରଦେୟ, ବିଂ. (ପ୍ର-ଦେୟ) ପ୍ରଦାନର ଯୋଗ୍ୟ ।

ପ୍ରଦେଶ, ବି. (ପ୍ର-ଦେଶ) ସ୍ଥାନ, ଦେଶର ଏକାଂଶ ।

ପ୍ରଦୋଷ, ବି. (ପ୍ର-ଦୋଷା) ରଜନୀମୁଖ, ସାୟଂକାଳ ।

ପ୍ରଦ୍ୟୁମ୍ନ, ବି. (ପ୍ର-ଦ୍ୟୁମ୍ନ) କନ୍ଦର୍ପ, କାମଦେବ ।

ପ୍ରଧାନ, ବି. (ପ୍ର-ଧା-ଅନ) ପରମେଶ୍ୱର, ପରମାତ୍ମା, ଉପାଧିବିଶେଷ । ବିଂ. ଶ୍ରେଷ୍ଠ ।

ପ୍ରପଞ୍ଚ, ବି. (ପ୍ର-ପନ୍‌ଚ୍-ଅ) ସମୂହ, ବିସ୍ତାର, ମାୟା, ବିସ୍ତୃତ ବସ୍ତୁ, ସଂସାର ।

ପ୍ରପଦ, ବି. (ପ୍ର-ପଦ) ପଦାଗ୍ର, ଗୋଡ଼ର ଅଗ୍ରଭାଗ ।

ପ୍ରପନ୍ନ, ବିଂ. (ପ୍ର-ପଦ୍-ତ) ଶରଣାଗତ, ପ୍ରାପ୍ତ, ଆଶ୍ରିତ, ଦରିଦ୍ର ।

ପ୍ରପାତ, ବି. (ପ୍ର-ପତ୍-ଅ) ଭୃଗୁଦେଶ, ନିର୍ଝର, ପତନ ।

ପ୍ରପିତାମହ, ବି. (ପ୍ର-ପିତାମହ) ପିତାମହଙ୍କ ପିତା । ସ୍ତ୍ରୀ. ମହୀ, ପିତାମହଙ୍କ ମାତା ।

ପ୍ରପୌତ୍ର, ବି. (ପ୍ର-ପୌତ୍ର) ଅଣନାତି ।

ପ୍ରଫୁଲ୍ଲ, ବିଂ. (ପ୍ର-ଫଲ୍ଲ-ତ) ପ୍ରସ୍ଫୁଟିତ, ପ୍ରସନ୍ନ ।

ପ୍ରବନ୍ଧ, ବି. (ପ୍ର-ବନ୍ଧ୍-ଅ) କାବ୍ୟାଦି ରଚନା, ବନ୍ଧନ, ସନ୍ଦର୍ଭ, ପୂର୍ବାପରସଙ୍ଗତି ।

ପ୍ରବଳ, ବିଂ. (ପ୍ର-ବଳ) ସାତିଶୟ ବଳବାନ୍ ।

ପ୍ରବାଳ, ବି.(ପ୍ର-ବଲ୍-ଅ) ସମୁଦ୍ରସମ୍ଭୂତ ଲୋହିତବର୍ଣ୍ଣ ରତ୍ନବିଶେଷ, ପୋହଳା ।

ପ୍ରବୁଦ୍ଧ, ବିଂ. (ପ୍ର-ବୁଧ୍-ତ) ଜାଗରିତ, ଜ୍ଞାନୀ ।

ପ୍ରବୋଧ, ବି. (ପ୍ର-ବୁଧ୍-ଅ) ଜ୍ଞାନ, ସାନ୍ତ୍ୱନା ।

ପ୍ରବୋଧନ, ବି. (ପ୍ର-ବୋଧି-ଅନ) ଜାଗରିତ କରିବା, ଜ୍ଞାପନ ।

ପ୍ରବୋଧିତ, ବିଂ. (ପ୍ର-ବୁଧ୍-ଇ-ତ) ଜାଗରିତ, ଯାହାକୁ ପ୍ରବୋଧ କରିଯାଇଥାଏ ।

ପ୍ରଭଞ୍ଜନ, ବି. (ପ୍ର-ଭନ୍‌ଜ୍-ଅନ) ବାୟୁ । ବିଂ. ଭଞ୍ଜନକାରୀ ।

ପ୍ରଭବ, ବି. (ପ୍ର-ଭୂ-ଅ) ଉତ୍ପତ୍ତି, ଜନ୍ମ ।

ପ୍ରଭା, ବି. (ପ୍ର-ଭା-ଆ) ଦୀପ୍ତି, ତେଜଃ, ପ୍ରକାଶ ।

ପ୍ରଭାକର, ବି. (ପ୍ରଭା-କୃ-ଅ) ସୂର୍ଯ୍ୟ, ଅଗ୍ନି, ଚନ୍ଦ୍ର, ସମୁଦ୍ର ।

ପ୍ରଭାତ, ବି. (ପ୍ର-ଭା-ତ) ପ୍ରାତଃକାଳ, ପ୍ରତ୍ୟୁଷ ।

ପ୍ରଭାତିବା, କ୍ରି. (ଦେ) ପ୍ରଭାତ ହେବା, ସକାଳ ହେବା ।

ପ୍ରଭାବ, ବି. (ପ୍ର-ଭୂ-ଅ) ପ୍ରତାପ, ଧନ ଓ ରଣଜନିତ ତେଜଃ, ମହିମା, ସାମର୍ଥ୍ୟ ।

ପ୍ରଭୁ } ବି. (ପ୍ର-ଭୂ-ଉ, ଇଷ୍ଣୁ) ସ୍ୱାମୀ, ରାଜା,
ପ୍ରଭବିଷ୍ଣୁ } ବିଷ୍ଣୁ ।

ପ୍ରଭୁତା } ବି. (ପ୍ର-ଭୂ-ତା, ତ୍ୱ) ଆଧିପତ୍ୟ,
ପ୍ରଭୁତ୍ୱ } ପ୍ରାଧାନ୍ୟ, ପ୍ରଭାବ ।

ପ୍ରଭୂତ, ବିଂ. (ପ୍ର-ଭୂ-ତ) ପ୍ରଚୁର, ବହୁଳ, ଉତ୍ପନ୍ନ, ଉନ୍ନତ, ଅଗଣିତ ।

ପ୍ରଭୃତି, ବିଂ. ( ପ୍ର-ଭୃ-ତି ) (ଶବ୍ଦର ପରବର୍ତ୍ତୀ ହେଲେ) ଇତ୍ୟାଦି ।

ପ୍ରଭେଦ, ବି (ପ୍ର-ଭିଦ୍-ଅ) ପ୍ରକାର, ବିଭିନ୍ନତା ।

ପ୍ରମତ୍ତ, ବିଂ. ( ପ୍ର-ମତ୍ତ ) ପ୍ରମାଦଯୁକ୍ତ, ପାଗଳ, ଅନବହିତ, ଅସାବଧାନ ।

ପ୍ରମଥ, ବି. (ପ୍ର-ମଥ୍-ଅ) ଶିବଙ୍କ ପାରିଷଦ ।

ପ୍ରମଦା, ବି. (ପ୍ର-ମଦ୍-ଆ) ସୁନ୍ଦରୀ ନାରୀ ।

ପ୍ରମାଣ, ବି. (ପ୍ର-ମା-ଅନ) ନିଶ୍ଚୟ, ହେତୁ; ପ୍ରତ୍ୟକ୍ଷ, ଅନୁମାନ, ଉପମାନ ଓ ଶବ୍ଦ ଏହି ଚାରି ।

ପ୍ରମାଦ, ବି. ( ପ୍ର-ମଦ୍-ଅ ) ଅନବଧାନତା, ଅନ୍ତଃକରଣର ଦୌର୍ବଲ୍ୟ ।

ପ୍ରମିତ, ବିଂ. (ପ୍ର-ମା-ତ) ଜ୍ଞାତ, ବିଦିତ, ଅବଗତ ।

ପ୍ରମିତି, ବି. ( ପ୍ର-ମା-ତି ) ନିଶ୍ଚୟଜ୍ଞାନ, ପ୍ରମାଣ, ପରିମାଣ ।

ପ୍ରମୁଖ, ବିଂ. (ପ୍ର-ମୁଖ) ପ୍ରଥମ, ପ୍ରଧାନ, ପ୍ରଭୃତି । ବି. ଆରମ୍ଭ, ସମୂହ ।

ପ୍ରମୁଖାତ୍, ଅଂ. ମୁଖରୁ, ଆଦି, ପ୍ରଭୃତି । (ସଂ. ପ୍ରମୁଖ ଶବ୍ଦର ୫ମୀ ୧ ବଚନ )

ପ୍ରମୁଦିତ, ବିଂ. ( ପ୍ର-ମୁଦ୍-ତ ) ଆହ୍ଲାଦିତ, ହୃଷ୍ଟ, ପ୍ରଫୁଲ୍ଲ, ବିକଶିତ ।

ପ୍ରମେହ, ବି. (ପ୍ର-ମିହ୍-ଅ) ମୂତ୍ରଦୋଷ ରୋଗବିଶେଷ ।

ପ୍ରମୋଦ, ବି. (ପ୍ର-ମୁଦ୍-ଅ) ଆମୋଦ, ଆନନ୍ଦ, ହର୍ଷ ।

ପ୍ରମୋଦିତ, ବିଂ. (ପ୍ର-ମୁଦ୍-ଇ-ତ) ଆନନ୍ଦିତ ।

ପ୍ରଯତ୍ନ, ବି. (ପ୍ର-ଯତ୍-ନ) ପ୍ରକୃଷ୍ଟ ଯତ୍ନ, ଅଧ୍ୟବସାୟ ।

ପ୍ରୟାଗ, ବି. ( ପ୍ର-ଯଜ୍-ଅ ) ଗଙ୍ଗା ଯମୁନାର ସଙ୍ଗମ ସ୍ଥଳ, ଏଲାହାବାଦ ।

ପ୍ରୟାଣ, ବି. ( ପ୍ର-ଯା-ଅନ ) ଯୁଦ୍ଧଯାତ୍ରା, ଗମନ ।

ପ୍ରୟାସ, ବି. (ପ୍ର-ଯସ୍-ଅ) ଅଭ୍ୟାସ, ଶ୍ରମ, ଯତ୍ନ ।

ପ୍ରଯୁ(ଯୋ)ଜ୍ୟ, ବିଂ. (ପ୍ର-ଯୁଜ୍-ଯ) ଯାହାକୁ ପ୍ରୟୋଗ କରାଯାଏ, କର୍ତ୍ତବ୍ୟ, ପ୍ରେଷ୍ୟ । ବି.ଭୃତ୍ୟ, ମୂଳଧନ ।

ପ୍ରଯୁକ୍ତ, ବିଂ. (ପ୍ର-ଯୁଜ୍-ତ) ଅର୍ପିତ, ନିଯୁକ୍ତ, ପ୍ରେରିତ ।

ପ୍ରଯୋକ୍ତା, ବିଂ. ( ପ୍ର-ଯୁଜ୍-ତୃ ) ପ୍ରୟୋଗକର୍ତ୍ତା ।

ପ୍ରଯୋଜକ, ବିଂ. (ପ୍ର-ଯୁଜ୍-ଅକ) ପ୍ରବର୍ତ୍ତକ, ଅନୁଷ୍ଠାନକାରୀ, ପ୍ରେରକ ।

ପ୍ରୟୋଗ, ବି. (ପ୍ର-ଯୁଜ୍-ଅ) ଯତ୍ନ, ଅର୍ପଣ, ନିଦର୍ଶନ, ଉଲ୍ଲେଖ, ଉଦାହରଣରେ ପ୍ରବର୍ତ୍ତନ ।

ପ୍ରୟୋଜନ, ବି. (ପ୍ର-ଯୁଜ୍-ଅନ) ହେତୁ, ଉଦ୍ଦେଶ୍ୟ ।

ପ୍ରୟୋଜନୀୟ, ବିଂ. (ପ୍ର-ଯୁଜ୍-ଅନୀୟ) ଆବଶ୍ୟକ ।

ପ୍ରରୋଚନ, (ନା), ବି. (ପ୍ର-ରୁଚ-ଅନ) ଉତ୍ତେଜନା, ଉତ୍ସାହଦେବା, ରୁଚିସମ୍ପାଦନ ।

ପ୍ରରୋହ, ବି. (ପ୍ର-ରୁହ୍-ଅ) ଅଙ୍କୁର, ଗଜା ।

ପ୍ରଳମ୍ବ, ବିଂ. ( ପ୍ର-ଲମ୍ବ୍-ଅ ) ଅତିଶୟ ଲମ୍ବ, ମେଦ, ହାରବିଶେଷ ।

ପ୍ରଳୟ, ବି. (ପ୍ର-ଲୀ-ଅ) କଳ୍ପାନ୍ତ, ବ୍ରହ୍ମାଣ୍ଡର ବିନାଶ ।

ପ୍ରଳାପ, ବି. ( ପ୍ର-ଲପ୍-ଅ ) ଅନର୍ଥକ ବାକ୍ୟ, ଉନ୍ମତ୍ତ ଲୋକ ପରି ବକିବା ।

ପ୍ରଲେପ, ବି. ( ପ୍ର-ଲିପ୍-ଅ ) ଲେପନ, ବୋଳିବା ।

ପ୍ରଲୋଭନ, ବି. ( ପ୍ର-ଲୁଭ୍-ଇ-ଅନ ) ଲୋଭ ଦେଖାଇବା ।

ପ୍ରବଚନ, ବି. (ପ୍ର-ବଚ୍-ଅନ) ଉତ୍କୃଷ୍ଟ ବଚନ, ଶାସ୍ତ୍ର-ସମ୍ମତ ବଚନ, ବେଦ ।

ପ୍ରବଞ୍ଚକ, ବିଂ. (ପ୍ର-ବଞ୍ଚ-ଅକ) ପ୍ରତାରକ, ଧୂର୍ତ୍ତ ।

ପ୍ରବଞ୍ଚନ, (ନା),ବି. (ପ୍ର-ବଞ୍ଚ୍-ଅନ-ଅ,ଆ) ପ୍ରତାରଣା, ଠକାଇବା ।

ପ୍ରବଣ, ବିଂ. ( ପ୍ର-ବନ୍-ଅ ) ନତ, କ୍ରମନମ୍ନ, ଗଡ଼ାଣି, ଢାଲୁ ।

ପ୍ରବର, ବି. (ପ୍ର-ବର) ଗୋତ୍ର, ସନ୍ତତି ।

ପ୍ରବର୍ତ୍ତକ, ବିଂ. (ପ୍ର-ବୃତ୍-ଅକ) ପ୍ରଦର୍ଶକ, ଅନୁବର୍ତ୍ତକ ।

ପ୍ରବର୍ତ୍ତନ, ବି. (ପ୍ର-ବୃତ୍-ଅନ) ପ୍ରବୃତ୍ତି, ଆରମ୍ଭ ।

ପ୍ରବର୍ତ୍ତିତ, ବିଂ. ( ପ୍ର-ବୃତ୍-ତ ) ଚାଳିତ, ଉତ୍ପାଦିତ, ଉତ୍ତେଜିତ, ପ୍ରେରିତ ।

ପ୍ରବାଦ, ବିଂ. ( ପ୍ର-ବାଦ ) ଜନଶ୍ରୁତି, ଜନରବ, ଅପବାଦ, ପରମ୍ପରାଗତ ବାକ୍ୟ ।

ପ୍ରବାସ, ବି. (ପ୍ର-ବସ୍-ଅ) ବିଦେଶରେ ସ୍ଥିତି ।

ପ୍ରବାସୀ, ବିଂ. (ପ୍ରବାସ-ଇନ୍) ବିଦେଶବାସୀ ।

ପ୍ରବାହ, ବି. ( ପ୍ର-ବହ୍-ଅ ) ସ୍ରୋତଃ, କ୍ରମାଗତ ଚଳନ, ଅବିଚ୍ଛେଦ ।

ପ୍ରବାହିତ, ବିଂ. (ପ୍ରବାହ-ଇତ) ପ୍ରବାହଯୁକ୍ତ ।

ପ୍ରବିଷ୍ଟ, ବିଂ. (ପ୍ର-ବିଶ୍-ତ) ଯାହା ପ୍ରବେଶ କରିଅଛି ।

ପ୍ରଖୀଣ, ବି°. (ପ୍ର-ଖୀଣା-ଅ) ବିଜ୍ଞ, ଦୂରଦର୍ଶୀ, ଦକ୍ଷ।

ପ୍ରବୃତ୍ତ, ବି°. ( ପ୍ର-ବୃତ୍-ତ ) ରତ, ପ୍ରବୃତ୍ତିବିଶିଷ୍ଟ, ଉତ୍ପନ୍ନ, ଚଳିତ।

ପ୍ରବୃତ୍ତି, ବି. (ପ୍ର-ବୃତ୍-ତି) ବାର୍ତ୍ତା, ସମ୍ବାଦ, ପ୍ରବାହ।

ପ୍ରବୃଦ୍ଧ, ବି°. ( ପ୍ର-ବୃଧ୍-ତ ) ପ୍ରସାରିତ, ଅତି ବୃଦ୍ଧିଯୁକ୍ତ, ଅଗାଧ।

ପ୍ରବେଣୀ, (ଣି), ବି. ( ପ୍ର-ବେଣ୍-ଇ ) କେଶବିନ୍ୟାସ, ହାତୀ ପିଠିରେ ପଡ଼ିବା ଚିତ୍ରିତ କମ୍ବଳ ବା ବସ୍ତ୍ର।

ପ୍ରବେଶ, ବି (ପ୍ର-ବିଶ୍-ଅ) ଭିତରକୁ ଯିବା।

ପ୍ରବେଶନ, ବି. ( ପ୍ର-ବିଶ୍-ଅନ ) ସିଂହଦ୍ୱାର।

ପ୍ରବେଶିକା, ବି.(ପ୍ର-ବିଶ୍-ଅକ-ଆ) ଯାହା ଦେଖାଇଲେ ପ୍ରବେଶ କରି ହୁଏ, ଟିକେଟ୍। ବି°. ପ୍ରବେଶ ବିଷୟକ।

ପ୍ରବେଶିତ, ବି°. (ପ୍ର-ବିଶ୍-ଇ-ତ) ଯାହାକୁ ପ୍ରବେଶ କରି ହୋଇଅଛି।

ପ୍ରବେଷ୍ଟା, ପ୍ରବେଶକ } ବି°. (ପ୍ର-ବିଶ୍-ତୃ, ଅକ) ପ୍ରବେଶକାରୀ।

ପ୍ରବ୍ରଜ୍ୟା, ବି. (ପ୍ର-ବ୍ରଜ୍-ଯ୍-ଆ) ସନ୍ନ୍ୟାସ, ଗୃହତ୍ୟାଗ, ଭିକ୍ଷୁ ବ୍ରତ ଗ୍ରହଣ।

ପ୍ରଶଂସନ, ପ୍ରଶଂସା } ବି. ( ପ୍ର-ଶନ୍ସ୍-ଅନ, ଆ ) ସ୍ତୁତି, ସ୍ତବ, ଧନ୍ୟବାଦ।

ପ୍ରଶଂସନୀୟ, ବି°. (ପ୍ର-ଶନ୍ସ୍-ଅନୀୟ) ପ୍ରଶଂସାଯୋଗ୍ୟ।

ପ୍ରଶଂସିତ, ବିଂ. ( ପ୍ର-ଶଂସ୍-ତ ) ଯାହାକୁ ପ୍ରଶଂସା କରାଯାଇଅଛି ।
ପ୍ରଶମନ, ବି. ହନନ, ବଧ, ଶାନ୍ତି, ନିବାରଣ ।
ପ୍ରଶମିତ, ବିଂ. ( ପ୍ର-ଶମ-ତ ) ନିବାରିତ, ନିବୃତ୍ତ ।
ପ୍ରଶସ୍ତ, ବିଂ. (ପ୍ର-ଶଂସ୍-ତ) ଶ୍ରେଷ୍ଠ, ପ୍ରଶଂସନୀୟ ।
ପ୍ରଶସ୍ତି, ବି. (ପ୍ର-ଶଂସ୍-ତି) ପ୍ରଶଂସା ।
ପ୍ରଶାନ୍ତ, ବିଂ. (ପ୍ର-ଶମ୍-ତ) ଶମତାପ୍ରାପ୍ତ, ନିବୃତ୍ତ ।
ପ୍ରଶିଷ୍ୟ, ବି. (ପ୍ର-ଶିଷ୍ୟ) ଶିଷ୍ୟର ଶିଷ୍ୟ ।
ପ୍ରଶ୍ନ, ବି. (ପ୍ରଚ୍ଛ୍-ନ) ପଚାରିବା, ଜିଜ୍ଞାସା ।
ପ୍ରଶ୍ରୟ, ବି. (ପ୍ର-ଶ୍ରି-ଅ) ସ୍ନେହ, ସ୍ନେହଯୁକ୍ତ ସମ୍ମାନ ।
ପ୍ରଶ୍ୱାସ, ବି. ( ପ୍ର-ଶ୍ୱସ୍-ଅ ) ନାସା ବାୟୁର ନିର୍ଗମନ ।
ପ୍ରଷ୍ଟବ୍ୟ. ବିଂ. (ପ୍ରଚ୍ଛ୍-ତବ୍ୟ) ପ୍ରଶ୍ନଯୋଗ୍ୟ, ଜିଜ୍ଞାସ୍ୟ ।
ପ୍ରଷ୍ଟା, ବିଂ. (ପ୍ରଚ୍ଛ୍-ତୃ) ପ୍ରଶ୍ନକାରୀ, ଜିଜ୍ଞାସୁ ।
ପ୍ରସଙ୍ଗ, ବି. (ପ୍ର-ସନ୍ଜ୍-ଅ) ସମ୍ପର୍କ, ସମ୍ବନ୍ଧ, ସଙ୍ଗତି-ବିଶେଷ ।
ପ୍ରସନ୍ନ, ବିଂ. (ପ୍ର-ସଦ୍-ତ) ପ୍ରଫୁଲ୍ଲ, ଅନୁକୂଳ ।
ପ୍ରସନ୍ନତା, ବି. (ପ୍ରସନ୍ନ-ତା) ଅନୁଗ୍ରହ, ପ୍ରସାଦ ।
ପ୍ରସବ, ବି. ( ପ୍ର-ସୂ-ଅ ) ଉତ୍ପାଦନ, ଜନ୍ମ ।
ପ୍ରସବିତା, ବି. (ପ୍ର-ସୂ-ତୃ) ଜନକ, ପିତା ।
ପ୍ରସାଦ, ବି. ( ପ୍ର-ସଦ୍-ଅ ) ପ୍ରସନ୍ନତା, ଅନୁଗ୍ରହ, ଦେବନିବେଦିତ ଦ୍ରବ୍ୟ ।
ପ୍ରସାଧନ, ବି. (ପ୍ର-ସାଧ୍-ଅନ) ଅଳଂକରଣ, ସଜାଇବା ।
ପ୍ରସାଧନୀ, ବି. ପାନିଆଁ, କଙ୍କତିକା ।

ପ୍ରସାଧିତ, ବିଂ. ( ପ୍ର-ସାଧ୍-ତ ) ଅଳଂକୃତ, ସଜ୍ଜିତ ।
ପ୍ରସାରଣ, ବି. (ପ୍ର-ସୃ-ଅନ) ବିସ୍ତାରକରଣ ।
ପ୍ରସାରିତ, ବିଂ. ( ପ୍ର-ସାର୍-ତ ) ବ୍ୟାପ୍ତ, ବିସ୍ତାରିତ ।
ପ୍ରସିଦ୍ଧ, ବିଂ. (ପ୍ର-ସିଧ୍-ତ) ବିଖ୍ୟାତ, ଉଜ୍ଜ୍ୱଳ, ଭୂଷିତ ।
ପ୍ରସିଦ୍ଧି, ବି. (ପ୍ର-ସିଧ୍-ତି) ଖ୍ୟାତି, ପ୍ରତିପତ୍ତି ।
ପ୍ରସୂ, ବି. (ପ୍ର-ସୂ) ମାତା, ଘୋଟକୀ, ଲତା, କଦଳୀ ବୃକ୍ଷ ।
ପ୍ରସୂତ, ବିଂ. (ପ୍ର-ସୂ-ତ) ଉତ୍ପାଦିତ, ଉତ୍ପନ୍ନ, ଜାତ ।
ପ୍ରସୂତି, ବି. (ପ୍ର-ସୂ-ତି) ଜାତାପତ୍ୟା, ମାତା, ନବ-ସନ୍ତାନ ପ୍ରସବକାରିଣୀ ।
ପ୍ରସୂନ, ବି. ( ପ୍ର-ସୂ-ନ) ପୁଷ୍ପ, ମୁକୁଳ ।
ପ୍ରସ୍ତର, ବି. (ପ୍ର-ସ୍ତୃ-ଅ) ପାଷାଣ, ପଥର ।
ପ୍ରସ୍ତାବ, ବି. ( ପ୍ର-ସ୍ତୁ-ଅ ) ପ୍ରସଙ୍ଗ, କଥାନୁଷ୍ଠାନ, ପ୍ରକରଣ, ଅବସର ।
ପ୍ରସ୍ତାବନା, ବି. ( ପ୍ର-ସ୍ତୁ-ଇ-ଅନ-ଆ ) ଆରମ୍ଭ, ନାଟକାଦିରେ ଅଭିନୟାରମ୍ଭ ବିଷୟର କଥା ।
ପ୍ରସ୍ତାବିତ, ବିଂ. (ପ୍ରସ୍ତାବ-ଇତ) ଯାହା ପ୍ରସ୍ତାବ କରା ହୋଇଅଛି ।
ପ୍ରସ୍ତୁତ, ବିଂ. (ପ୍ର-ସ୍ତୁ-ତ) ନିର୍ମିତ, ଉଲ୍ଲିଖିତ, ନିଷ୍ପନ୍ନ ।
ପ୍ରସ୍ଥ, ବି. ( ପ୍ର-ସ୍ଥା-ଅ ) ପରିମାଣବିଶେଷ, ପରିସର, ବିସ୍ତାର, ଚଉଡ଼ା ।
ପ୍ରସ୍ଥାନ, ବି. (ପ୍ର-ସ୍ଥା-ଅନ) ଗମନ, ଯାତ୍ରା, ପ୍ରୟାଣ ।
ପ୍ରସ୍ଥିତ, ବିଂ. ( ପ୍ର-ସ୍ଥା-ତ ) ଗତ, ଗମନୋଦ୍ୟତ ।

ପ୍ରସ୍ନବ, ବି. (ପ୍ର-ସ୍ନୁ-ଅ) ପହ୍ନା, ନାହ୍ନିଁରୁ ଦୁଧ ଝରେ ।

ପ୍ରସ୍ଫୁଟ } ବିଂ. ( ପ୍ର-ସ୍ଫୁଟ୍-ଅ, ତ ) ପ୍ରକାଶିତ,
ପ୍ରସ୍ଫୁଟିତ } ବିକଶିତ, ପ୍ରଫୁଲ୍ଲ ।

ପ୍ରସ୍ରବ,(ଣ),ବି. (ପ୍ର-ସ୍ରୁ-ଅ) କ୍ଷରଣ, ଗଳନ,ଝରଣ ।

ପ୍ରସ୍ରବଣ, ବି. (ପ୍ରସ୍ରୁ-ଅନ) ଉତ୍ସ, ନିର୍ଝର, ଝରଣା, କ୍ଷରଣ, ସ୍ୱେଦନ ।

ପ୍ରସ୍ରା } ବି. (ଦେ) ମୂତ୍ର, ମୂତ ।
ପ୍ରସା }

ପ୍ରସ୍ରାବ, ବି. (ପ୍ର-ସ୍ରୁ-ଅ) ମୂତ, ମୂତ୍ର ।

ପ୍ରସ୍ରୁତ, ବିଂ. (ପ୍ର-ସ୍ରୁ-ତ) କ୍ଷରିତ, ଗଳିତ ।

ପ୍ରହର, ବି. ( ପ୍ର-ହୃ-ଅ ) ଦିବାରାତ୍ରିର ଅଷ୍ଟମ ଭାଗ, ଯାମ ।

ପ୍ରହରଣ, ବି. (ପ୍ର-ହୃ-ଅନ) ଅସ୍ତ୍ର, ଯୁଦ୍ଧ, ପ୍ରହାର ।

ପ୍ରହରୀ, ବି. (ପ୍ରହର-ଇନ୍) ଯାମିକ, ଚୌକିଦାର ।

ପ୍ରହସନ, ବି. (ପ୍ର-ହସ୍-ଅନ) ଅତିହାସ୍ୟ,ବ୍ୟଙ୍ଗୋକ୍ତି, ପରିହାସ, ହାସ୍ୟରସପ୍ରଧାନ ନାଟକ ।

ପ୍ରହାର, ବି. (ପ୍ର-ହୃ-ଅ) ଆଘାତ, ନିଗ୍ରହ, ଯୁଦ୍ଧ ।

ପ୍ରହେଳିକା } ବି. (ପ୍ର-ହେଲ୍-ଅକ-ଆ) କୂଟପ୍ରଶ୍ନ ।
ପ୍ରହେଳୀ }

ପ୍ରହ୍ଲାଦ, ବି. (ପ୍ର-ହ୍ଲାଦ-ଅ)ଆହ୍ଲାଦ, ଆନନ୍ଦ, ଭକ୍ତ-ବିଶେଷ ।

ପ୍ରହ୍ଲାଦନ, ବି. (ପ୍ରହ୍ଲାଦ-ଅନ) ଆହ୍ଲାଦକରଣ ।

ପ୍ରାଂଶୁ, ବିଂ. (ପ୍ର-ଅଂଶୁ) ଉଚ୍ଚ, ଉନ୍ନତ, ଡେଙ୍ଗା ।

ପ୍ରାକ୍, ଅଂ. (ପ୍ର-ଅନ୍‌ଚ୍-୦)ପୂର୍ବ, ପ୍ରଥମ, ପୂର୍ବଦେଶ ।

ପ୍ରାକାର, ବି. (ପ୍ର-ଆ-କୃ-ଅ) ପ୍ରାଚୀର, ବେଢ଼ା ।

ପ୍ରାକୃତ, ବିଂ. (ପ୍ର-ଆ-କୃ-ତ) ନୀଚ, ଅଧମ, ଭାଷା-ବିଶେଷ, ସ୍ୱାଭାବିକ ।

ପ୍ରାକୃତିକ, ବିଂ. (ପ୍ରକୃତି-ଇକ) ସ୍ୱାଭାବିକ ।

ପ୍ରାକ୍ତନ, ବିଂ.(ପ୍ରାକ୍-ତନ) ପୂର୍ବଜନ୍ମାର୍ଜିତ,ପୂର୍ବକାଳୀନ, ଜନ୍ମାନ୍ତରୀଣ ।

ପ୍ରାଖର୍ଯ୍ୟ, ବି. (ପ୍ରଖର-ଯ) ପ୍ରଖରତା, ତୀକ୍ଷ୍ଣତା ।

ପ୍ରାଗ୍‌ଜ୍ୟୋତିଷ, ବି. ( ନାମ ) ଆସାମ ଅନ୍ତର୍ଗତ କାମରୂପ ।

ପ୍ରାଗୁକ୍ତ, ବିଂ. (ପ୍ରାକ୍-ଉକ୍ତ) ଉଲ୍ଲିଖିତ, ପୂର୍ବକଥିତ ।

ପ୍ରାଙ୍ଗଣ, ବି. ( ପ୍ର-ଅନ୍‌ଗ-ଅନ ) ଅଙ୍ଗନ, ଅଗଣା ।

ପ୍ରାଙ୍ମୁଖ, ବିଂ. (ପ୍ରାକ୍-ମୁଖ) ପୂର୍ବମୁଖ ।

ପ୍ରାଚୀ, ବି. (ପ୍ରାଚ୍-ଈ) ପୂର୍ବଦିଗ, ନଦୀବିଶେଷ ।

ପ୍ରାଚୀନ, ବିଂ. ( ପ୍ରାଚ୍-ଈନ ) ପୂର୍ବ, ପୂର୍ବକାଳୀନ, ପୁରାତନ, ବୃଦ୍ଧ ।

ପ୍ରାଚୀର, ବି. (ପ୍ର-ଆ-ଚୀ-ର) କାନ୍ଥ, ପାଚେରି ।

ପ୍ରାଚୁର୍ଯ୍ୟ, ବି. (ପ୍ରଚୁର-ଯ) ପ୍ରଚୁରତା, ବାହୁଲ୍ୟ ।

ପ୍ରାଚ୍ୟ, ବିଂ. (ପ୍ରାଚ୍-ଯ) ପୂର୍ବଦେଶୀୟ, ପୂର୍ବଦିକ୍‌ସ୍ଥ । ବି. ପୂର୍ବଦେଶ ।

ପ୍ରାଜାପତ୍ୟ, ବି. (ପ୍ରଜାପତି-ଯ) ବିବାହବିଶେଷ ।

ପ୍ରାଜନ, ବି. ( ପ୍ର-ଅଜ୍-ଇ-ଅନ ) ପାଞ୍ଚଣ ବାଡ଼ି ।

ପ୍ରାଜ୍ଞ, ବିଂ. ( ପ୍ର-ଆ-ଜ୍ଞା-ଅ ) ବିଜ୍ଞ, ଦକ୍ଷ, ନିପୁଣ ।

ପ୍ରାଜ୍ଞା
ପ୍ରାଜ୍ଞୀ } ବି. ସ୍ତ୍ରୀ. ବୁଦ୍ଧିମତୀ, ଧୀମତୀ ।

ପ୍ରାଞ୍ଜଳ, ବି°. ( ପ୍ର-ଅନକ୍-ଅଳ ) ସହଜ, ସରଳ, ନିର୍ମଳ, ଉଜ୍ଜ୍ୱଳ ।

ପ୍ରାଞ୍ଜଳି, ବି°. (ପ୍ର-ଅଞ୍ଜଳି) ବଦ୍ଧାଞ୍ଜଳି ।

ପ୍ରାଡ୍‌ବିବା (ବେ) କ, ବି. (ପ୍ରାଟ୍-ବି-ବଚ୍-ଅ) ପ୍ରଧାନ ବିଚାରପତି, ଚିଫ୍ ଜଷ୍ଟିସ୍ ।

ପ୍ରାଣ, ବି. ( ପ୍ର-ଅନ-ଅ ) ହୃଦୟସ୍ଥ ବାୟୁ, ବାୟୁ, ବଳ, ଜୀବନ ।

ପ୍ରାଣାନ୍ତ, ବି. (ପ୍ରାଣ-ଅନ୍ତ) ପ୍ରାଣାବସାନ, ମୃତ୍ୟୁ ।

ପ୍ରାଣାୟାମ, ବି. (ପ୍ରାଣ-ଆ-ଯମ୍-ଅ) ନିଶ୍ୱାସର ଆକର୍ଷଣ ରୋଧ ଓ ନିଷ୍କାସନାତ୍ମକ ଯୋଗବିଶେଷ ।

ପ୍ରାଣୀ, ବି. (ପ୍ରାଣ-ଇନ୍) ପ୍ରାଣବିଶିଷ୍ଟ, ଜୀବଜନ୍ତୁ ।

ପ୍ରାଣେଶ
ପ୍ରାଣେଶ୍ୱର } ବି ( ପ୍ରାଣ-ଈଶ, ଈଶ୍ୱର ) ପତି, ଭର୍ତ୍ତା ।

ପ୍ରାତଃ, ଅ°. (ପ୍ର-ଅତ୍-ଅସ୍) ସକାଳ, ପ୍ରଭାତ ।

ପ୍ରାତଃକୃତ୍ୟ, ବି. ( ପ୍ରାତର୍-କୃତ୍ୟ ) ପ୍ରାତଃକାଳୀନ କର୍ତ୍ତବ୍ୟ ।

ପ୍ରାତରାଶ, ବି. (ପ୍ରାତର୍-ଆଶ) ପ୍ରାତଃକାଳୀନ ଭୋଜନ ।

ପ୍ରାଥମିକ, ବି°. ( ପ୍ରଥମ-ଇକ ) ଆଦ୍ୟ, ପ୍ରଥମକୃତ ।

ପ୍ରାଦୁର୍ଭାବ, ବି. (ପ୍ରାଦୁସ୍-ଭୂ-ଅ) ପ୍ରକଟନ, ଉଦ୍ଭବ ।

ପ୍ରାଦୁର୍ଭୂତ, ବି°. ( ପ୍ରାଦୁସ୍-ଭୂ-ତ ) ପ୍ରକାଶିତ, ଆବିର୍ଭୂତ ।

ପ୍ରାଧାନ୍ୟ, ବି.(ପ୍ରାଧାନ-ଯ) ଶ୍ରେଷ୍ଠତ୍ୱ, ଉତ୍କର୍ଷ, ପ୍ରଧାନତ୍ୱ ।
ପ୍ରାନ୍ତ, ବି. (ପ୍ର-ଅନ୍ତ) ପ୍ରାନ୍ତଭାଗ, ଶେଷସୀମା ।
ପ୍ରାନ୍ତର, ବି. (ପ୍ର-ଅନ୍ତର)ଜନଶୂନ୍ୟ ପ୍ରଦେଶ, ପଡ଼ିଆ ।
ପ୍ରାପ୍ତ, ବିଂ. (ପ୍ର-ଆପ୍-ତ) ଲବ୍ଧ,ଉପସ୍ଥିତ, ଅଧିଗତ ।
ପ୍ରାପ୍ତକାଳ, ବିଂ. ( ପ୍ରାପ୍ତ-କାଳ) ଆସନ୍ନମୃତ୍ୟୁ । ବି. ମୃତ୍ୟୁ ।
ପ୍ରାପ୍ୟ, ବିଂ. (ପ୍ର-ଆପ୍-ଯ) ପ୍ରାପ୍ତିର ଯୋଗ୍ୟ, ଲଭ୍ୟ ।
ପ୍ରାବଲ୍ୟ, ବି. (ପ୍ରବଳ-ଯ) ପ୍ରବଳତା ।
ପ୍ରାଭାତିକ; ବିଂ. (ପ୍ରଭାତ-ଇକ) ପ୍ରଭାତକାଳୀନ ।
ପ୍ରାମାଣିକ, ବିଂ. (ପ୍ରମାଣ-ଇକ) ପ୍ରମାଣସିଦ୍ଧ ।
ପ୍ରାୟ, ବି. (ପ୍ର-ଇ-ଅ)ଅଭିସନ୍ଧିପୂର୍ବକ ଅନଶନ-ମୃତ୍ୟୁ, ମୃତ୍ୟୁ, ମରଣ । ବିଂ. ତୁଲ୍ୟ, ସମାନ, ଭୂୟିଷ୍ଠରୂପେ ।
ପ୍ରାୟଶଃ, ଅଂ. (ପ୍ରାୟ-ଶସ୍) ବାହୁଲ୍ୟରୂପେ, ପଗ୍ର ।
ପ୍ରାୟଶ୍ଚିତ୍ତ / ପ୍ରାୟଶ୍ଚିତ୍ତି } ବି. (ପ୍ରାୟସ୍-ଚିତ୍ତ, ଚିତ୍ତି) ଶୁଦ୍ଧିଲାଭ, ପାପକ୍ଷୟସାଧକ କର୍ମ ।
ପ୍ରାୟଶ୍ଚିତ୍ତୀ, ବିଂ. (ପ୍ରାୟଶ୍ଚିତ୍ତ-ଇନ୍ )ପ୍ରାୟଶ୍ଚିତ୍ତକରଣାର୍ହ ବ୍ୟକ୍ତି ।
ପ୍ରାୟୋଦ୍ୱୀପ, ବି. (ପ୍ରାୟଃ-ଦ୍ୱୀପ) ଯେଉଁ ଭୂଖଣ୍ଡର ପ୍ରାୟ ଚାରିଆଡ଼େ ଜଳ ।
ପ୍ରାୟୋପବେଶନ, ବି. (ପ୍ରାୟ-ଉପ-ବିଶ୍-ଅନ) ଇଚ୍ଛା କରି ନ ଖାଇ ମରିବାକୁ ବସି ରହିବା ।
ପ୍ରାରବ୍ଧ, ବିଂ. (ପ୍ର-ଆରବ୍ଧ) ଯାହା ଆରବ୍ଧ ହୋଇ-ଅଛି । ବି. ଅଦୃଷ୍ଟ ।

ପ୍ରାରମ୍ଭ, ବି. (ପ୍ର-ଆରମ୍ଭ) ଉପକ୍ରମ, ପ୍ରଥମୋଦ୍ଯୋଗ ।

ପ୍ରାର୍ଥନ } ବି. ( ପ୍ର-ଅର୍ଥ-ଅନ, ଆ ) ଯାଚ୍ଞା,
ପ୍ରାର୍ଥନା } ମାଗିବା ।

ପ୍ରାର୍ଥନୀୟ, ବିଂ. ( ପ୍ର-ଅର୍ଥ-ଅନୀୟ ) ମାଗିବାଯୋଗ୍ୟ ।

ପ୍ରାର୍ଥୟିତା, ବିଂ. (ପ୍ର-ଅର୍ଥି-ତୃ) ପ୍ରାର୍ଥନାକାରୀ ।

ପ୍ରାର୍ଥିତ, ବିଂ. ( ପ୍ର-ଅର୍ଥି-ତ ) ଅଭିଳଷିତ, ଯାଚିତ ।

ପ୍ରାଲେୟ, ବି. (ପ୍ରଲୟ-ଅ) ହିମ, ଶିଶିର, ବରଫ ।

ପ୍ରାବରଣ, ବି. (ପ୍ର-ଆ-ବୃ-ଅନ ) ଉତ୍ତରୀୟ ବସ୍ତ୍ର, ଗୁଦର ।

ପ୍ରାବୃଟ୍ } ବି. (ପ୍ର-ଆ-ବୃଷ୍-୦, ଅ) ବର୍ଷାକାଳ ।
ପ୍ରାବୃଷ }

ପ୍ରାଶନ, ବି. ( ପ୍ର-ଆଶ୍-ଅନ) ଭୋଜନ, ଆହାର ।

ପ୍ରାଶ୍ନିକ, ବିଂ. (ପ୍ରଶ୍ନ-ଇକ) ପ୍ରଶ୍ନକାରୀ ।

ପ୍ରାସ, ବି. ( ପ୍ର-ଆସ-ଅ ) କ୍ଷେପଣୀୟ ଅସ୍ତ୍ରବିଶେଷ । (ଦେ) ବେଦନା ।

ପ୍ରାସଙ୍ଗିକ, ବିଂ. ( ପ୍ରସଙ୍ଗ-ଇକ ) ପ୍ରସଙ୍ଗକ୍ରମେ ଉତ୍ଥିତ, ଆନୁଷଙ୍ଗିକ ।

ପ୍ରାସାଦ, ବି. (ପ୍ର-ଆ-ସଦ୍-ଅ) ବୃହତ୍ ଅଟ୍ଟାଳିକା ।

ପ୍ରାସ୍ଥାନିକ, ବିଂ. (ପ୍ରସ୍ଥାନ-ଇକ) ପ୍ରସ୍ଥାନକାଳୋଚିତ ।

ପ୍ରାହ୍ଣ, ବି. (ପ୍ର-ଅହ୍ନ) ପୂର୍ବାହ୍ନ, ଦିନର ପ୍ରଥମ ଭାଗ ।

ପ୍ରିୟ, ବି. (ପ୍ରୀ-ଅ) ସ୍ୱାମୀ । ବିଂ. ପ୍ରୀତିପାତ୍ର, ରମ୍ୟ ।

ପ୍ରିୟଙ୍ଗୁ, ବି. (ପ୍ରିୟ-ଅଙ୍ଗ୍-ଉ) ଶ୍ୟାମଲତା, ରାଇ-ସୋରିଷ, ପିପ୍ପଳୀ ।

ପ୍ରିୟତର } ବି°. (ପ୍ରିୟ-ତର, ତମ) ଅଧିକ ପ୍ରିୟ ।
ପ୍ରିୟତମ

ପ୍ରିୟଦର୍ଶନ, ବି°. (ପ୍ରିୟ-ଦର୍ଶନ) ଅତ୍ୟନ୍ତ ସୁନ୍ଦର ।

ପ୍ରିୟଦର୍ଶୀ, ବି°. ( ପ୍ରିୟ-ଦୃଶ୍-ଇନ୍ ) ବିଶ୍ୱପ୍ରେମିକ । (ମାଜ, ପ୍ରିଅଦଶୀ=ମୂର୍ଖ ।

ପ୍ରିୟମ୍ବଦ, ବି°. (ପ୍ରିୟମ୍-ବଦ୍-ଅ) ପ୍ରିୟବାଣୀ ।

ପ୍ରିୟା, ବି. ( ପ୍ରୀ-ଅ-ଆ ) ଭାର୍ଯ୍ୟା, ମଲ୍ଲିକା, ମଦର ।

ପ୍ରୀତ, ବି°. ( ପ୍ରୀ-ତ ) ତୃପ୍ତ, ସନ୍ତୁଷ୍ଟ, ଆହ୍ଲାଦିତ ।

ପ୍ରୀତି, ବି. (ପ୍ରୀ-ତି) ହର୍ଷ, ସନ୍ତୋଷ, ପ୍ରେମ ।

ପ୍ରୀତିଆ, ବି°. (ଦେ) ପ୍ରୀତିଯୁକ୍ତ, ପ୍ରୀତିମାନ୍ ।

ପ୍ରେକ୍ଷଣ, ବି. (ପ୍ର-ଈକ୍ଷ୍-ଅନ) ଚକ୍ଷୁଃ, ଦର୍ଶନ, ଦେଖିବା ।

ପ୍ରେକ୍ଷଣୀୟ, ବି°.(ପ୍ର-ଈକ୍ଷ-ଅନୀୟ) ଦ୍ରଷ୍ଟବ୍ୟ, ଦର୍ଶନୀୟ ।

ପ୍ରେକ୍ଷା, ବି. (ପ୍ର-ଈକ୍ଷ୍-ଅ-ଆ) ପ୍ରଜ୍ଞା, ବୁଦ୍ଧି, ଦର୍ଶନ ।

ପ୍ରେତ, ବି. (ପ୍ର-ଇ-ତ) ପିଶାଚ, ମୃତ ବ୍ୟକ୍ତିର ଆତ୍ମା ।

ପ୍ରେତକର୍ମ, ବି. (ପ୍ରେତ-କର୍ମ) ଅନ୍ତ୍ୟେଷ୍ଟି କ୍ରିୟା ।

ପ୍ରେତଗୃହ, (ବନ), ବି. (ପ୍ରେତ-ଗୃହ, ବନ) ଶ୍ମଶାନ ।

ପ୍ରେତପକ୍ଷ, ବି. (ପ୍ରେତ-ପକ୍ଷ) ଶ୍ରାଦ୍ଧାଶ୍ୱିନ କୃଷ୍ଣପକ୍ଷ ।

ପ୍ରେତପତି } ବି. (ପ୍ରେତ-ପତି, ରାଜା) ଯମ ।
ପ୍ରେତରାଜ

ପ୍ରେତପୁର, ବି. ଯମାଳୟ ।

ପ୍ରେପ୍ସୁ, ବି°. (ପ୍ର-ଆପ୍-ସନ୍-ଉ) ପାଇବାକୁ ଇଚ୍ଛୁକ ।

ପ୍ରେମ } ବି. ( ପ୍ରିୟ-ଇମନ୍ ) ଅନୁରାଗ, ପ୍ରଣୟ, ପ୍ରୀତି ।
ପ୍ରେମା

ପ୍ରେମିକ, ବିଂ. (ପ୍ରେମନ୍-ଇକ) ପ୍ରଣୟୀ, ସ୍ନେହୀ ।

ପ୍ରେମୀ, ବିଂ. (ପ୍ରେମନ୍-ଇନ୍) ପ୍ରଣୟୀ, ଅନୁରକ୍ତ ।

ପ୍ରେୟସୀ, ବି. (ପ୍ରିୟ-ଈୟସ୍-ଈ) ପ୍ରିୟା, ପ୍ରିୟତମା ।

ପ୍ରେରଣ, ପ୍ରେଷଣ } ବି. (ପ୍ର-ଈର, ଇଷ-ଅନ) ପଠାଇବା ।

ପ୍ରେରଣା, ବି. (ପ୍ର-ଈର-ଅନ୍-ଆ) ପଠାଇବା, ଉତ୍ତେଜନା ।

ପ୍ରେରିତ, ପ୍ରେଷିତ } ବିଂ. (ପ୍ର-ଈର୍, ଇଷ-ତ) ନିୟୋଜିତ, ଯାହାକୁ ପଠାଯାଇଅଛି ।

ପ୍ରେଷ୍ୟ, ବି. (ପ୍ର-ଇଷ୍-ଯ) ଭୃତ୍ୟ । ବିଂ. ପ୍ରେଷଣୀୟ ।

ପ୍ରୋକ୍ତ, ବିଂ. (ପ୍ର-ଉକ୍ତ) ପ୍ରକୃଷ୍ଟରୂପେ କଥିତ । ବି. କଥନ ।

ପ୍ରୋକ୍ଷଣ, ବି. ( ପ୍ର-ଉକ୍ଷ-ଅନ ) ଶୁଦ୍ଧି ନିମିତ୍ତ ଜଳ-ସେଚନ, ବଧ, ହତ୍ୟା ।

ପ୍ରୋତ, ବିଂ. ( ପ୍ର-ବେ-ତ ) ଗ୍ରଥିତ, ସ୍ୟୂତ, ଲମ୍ବ ଭାବରେ ବିସ୍ତୃତ ।

ପ୍ରୋଥିତ, ବିଂ. (ପ୍ରୋଥ-ତ) ଭୂଗର୍ଭନିହିତ, ପୋତା ।

ପ୍ରୋଷିତ, ବିଂ. (ପ୍ର-ବସ-ତ) ପ୍ରବାସୀ, ପ୍ରବାସସ୍ଥ ।

ପ୍ରୋଷିତଭର୍ତ୍ତୃକା, ବି. ( ପ୍ରୋଷିତ-ଭର୍ତ୍ତୃ ) ଯେ ନାୟିକାର ସ୍ୱାମୀ ବିଦେଶରେ ଥାଏ ।

ପ୍ରୌଢ଼, ବିଂ. ( ପ୍ର-ବହ୍-ତ ) ପ୍ରବୃଦ୍ଧ, ପ୍ରଗଲ୍ଭ, ବିବାହିତ, ଯୁବା ।

ପ୍ରୌଢ଼ା, ପ୍ରୋଢ଼ା } ବି. ୩୦ ଠାରୁ ୫୫ ବର୍ଷ ପର୍ଯ୍ୟନ୍ତ ବୟସ୍କା ନାୟିକା ।

ପ୍ରୌଢ଼ି, ବି. ( ପ୍ର-ବହ୍-ତି ) ଔତ୍ସୁକ୍ୟ, ଅଧ୍ୟବସାୟ, ସାମର୍ଥ୍ୟ । (ଦେ) ଗର୍ବ, ଅଭିମାନ ।

ପ୍ଲକ୍ଷ, ବି. ଅଶ୍ୱତ୍ଥବୃକ୍ଷ, ଖିଡ଼କି ଦ୍ୱାର ।

ପ୍ଲବଗ
ପ୍ଲବଙ୍ଗ
ପ୍ଲବଙ୍ଗମ } ବି. (ପ୍ଲବ-ଗ, ଗମ) ବାନର, ଭେକ ।

ପ୍ଲବମାନ, ବିଂ. (ପ୍ଲୁ-ଆନ) ଭାସମାନ ।

ପ୍ଲାଟିନ, ବି. ରୌପ୍ୟବତ୍ ଧାତୁବିଶେଷ ।

ପ୍ଲାବନ, ବି. ( ପ୍ଲୁ-ଅନ ) ଅଭିଷେକ, ଜଳାଦିଦ୍ୱାରା ବ୍ୟାପ୍ତି ।

ପ୍ଲାବିତ, ବିଂ. ( ପ୍ଲାବି-ତ ) ଜଳାଦିଦ୍ୱାରା ବ୍ୟାପ୍ତ, ଜଳମଗ୍ନ ।

ପ୍ଲିହା
ପ୍ଲୀହା } ବି. ଉଦରାନ୍ତର୍ଗତ ଯନ୍ତ୍ରବିଶେଷ ।

ପ୍ଲୁତ, ବି. ( ପ୍ଲୁ-ତ ) ଲମ୍ଫ, ଅଶ୍ୱର ଗତିବିଶେଷ, ବଙ୍କାଗ୍ଳି, ତ୍ରିମାତ୍ର ସ୍ୱର ।

---

## ଫ

ଫ, ବ୍ୟଞ୍ଜନବର୍ଣ୍ଣର ଦ୍ୱାବିଂଶ ବର୍ଣ୍ଣ । ବି.କର୍କଶବାକ୍ୟ, ନିଷ୍ଫଳବାକ୍ୟ ।

ଫଁ ଫଁ, ଅଂ. ( ଦେ ) ଅନୁକରଣ ଶବ୍ଦବିଶେଷ, ସର୍ପାଦିର ଗର୍ଜନ ଶବ୍ଦ ।

ଫଇସଲା }
ଫଏସଲା } ବି. (ଯା) ନିଷ୍ପତ୍ତିପତ୍ର, ନିଷ୍ପତ୍ତି ।

ଫଉଜ }
ଫୌଜ } ବି. (ଯା) ସୈନ୍ୟଦଳ, ସେନା ।

ଫକଡ଼, ବି. (ଯା) ବାହ୍ୟାଡମ୍ବରଯୁକ୍ତ, ନିଃସ୍ୱ ।

ଫକା }
ଫକ୍କା } ବିଂ. (ଦେ) ରକ୍ତହୀନ ।
ଫିକା }

ଫକାସୀ, ବି. (ଦେ) ଦମ୍, ନିଃଶ୍ୱାସଗ୍ରହଣ ଶକ୍ତି ।

ଫକୀର, ବି, (ଯା) ଦରିଦ୍ର, ଯବନଭିକ୍ଷୁକ ।

ଫଗୁ, ବି. (ଫଲ୍ଗୁ ଶବ୍ଦର ଅପଭ୍ରଂଶ) ଅବିର ।

ଫଗୁଣ, ବି. (ଦେ) ଫାଲ୍ଗୁନ ମାସ ।

ଫଜିତ, ବିଂ. (ଯା) ଅପମାନିତ, ଲାଞ୍ଛିତ, ତିରସ୍କୃତ ।

ଫଜିହତ, ବି. (ଯା) ଗାଳି, ତିରସ୍କାର ।

ଫଟ }
ଫଟଗ୍ରାଫ୍ } ବି. (Photograph) ଛାୟାଚିତ୍ର ।

ଫଟକା, ବି. (ଦେ) ଅଗ୍ନିବାଣବିଶେଷ ।

ଫଟ୍‌ଫଟ, ଅଂ. (ଦେ) ଅନୁକରଣ ଶବ୍ଦବିଶେଷ ।

ଫଟା, ବି. (ଦେ) ଫାଟଯୁକ୍ତ, ଭଙ୍ଗା ।

ଫଟାଇବା, କ୍ରି. (ଦେ) ବିଦୀର୍ଣ୍ଣ କରିବା ।

ଫଡ଼କା, ବି. (ଦେ) ପତାକା ।

ଫଡ଼ଫଡ଼, ଅଂ. ( ଦେ ) ପକ୍ଷୀ ପ୍ରଭୃତିଙ୍କ ପକ୍ଷର ଆଘାତଜନିତ ଶବ୍ଦର ଅନୁକରଣ ।

ଫଡ଼ା, ବ. (ଦେ) କାଷ୍ଠ ପ୍ରଭୃତର ଖଣ୍ଡ ବା ଫାଳ ।
ବଂ. ଚଗ୍ର ।

ଫଣ୍ଡ, ବ. ( ଦେ ) ଫର, ପାଇକମାନଙ୍କର ଅସ୍ତ୍ର-
ବାରଣ ।

ଫଡ଼ଆ } ବ. (ଦେ) କଟିଠାରୁ ପାଦଶେଷ ପର୍ଯ୍ୟନ୍ତ
ପଣ୍ଡଆ } ସମଗ୍ର ଅଂଶ ।

ଫଣଫଣା, ବ. (ଦେ) ଏକଜାତୀୟ ଗୁଳ୍ମ ।

ଫଣା, ବ. (ଫଣ୍-ଅ-ଆ) ସର୍ପର ବସ୍ତାରତ ମସ୍ତକ ।

ଫଣାଧର
ଫଣାବାନ୍ } ବ. (ଫଣା-ଧୃ-ଅ, ବତୁ,-ଇନ୍ ) ସର୍ପ ।
ଫଣୀ

ଫଣୀନ୍ଦ୍ର, ବ. (ଫଣୀନ୍-ଇନ୍ଦ୍ର) ସର୍ପରାଜ,ଅନନ୍ତଦେବ ।

ଫଣ୍ଡ୍, ବ. (ଇଂ. Fund) ଜମା, ଗଚ୍ଛିତ ଧନ ।

ଫତୁଆ, ବଂ. (ଯା) ବ୍ୟର୍ଥମନୋରଥ, ଅପଦସ୍ଥ ।

ଫତୁର, ବଂ. (ଯା) ନର୍ଦ୍ଧନ, ନଃସ୍ୱ ।

ଫତୁର(ଲ) } ବଂ. (ଯା) ଅପବାଦଯୁକ୍ତ, ବଗୁଲିଆ,
ଫତୁଲଆ } ଦରିଦ୍ର ।

ଫତୁରଖୋର, ବଂ. (ଯା) ଅପବାଦଯୁକ୍ତ, ମିଛୁଆ ।

ଫତେ, ବ. (ଯା) ଜୟ, ସମାପ୍ତି ।

ଫନ୍ଦ, ବ. ପାଶାଦ୍ଧର ପ୍ରାନ୍ତଭାଗ, କୌଶଳ ।

ଫନ୍ଦା, ବ. (ଦେ) ଆଶ୍ରୟ, ଅବଲମ୍ବନ, ଜୀବକା ।

ଫନ୍ଦୀ, ବ. (ଦେ) ଫିକର, ଉପାୟ ।

ଫମ୍ପା, ବଂ. (ଦେ) ଅନ୍ତଃସାରଶୂନ୍ୟ, ପୋଲା ।

ଫମ୍ଭସଲ, ବ (ଯା ମୋକଦ୍ଦମାର ନିଷ୍ପତ୍ତିପତ୍ର ।
ଫର, ବି. (ଫଲ୍-ଅ, ଲ=ର) ଫଳକ, ଢାଲ ।
ଫରକ୍, ବି. (ଯା) ପ୍ରଭେଦ, ପାର୍ଥକ୍ୟ ।
ଫରକଟା, ବିଂ. (ଦେ) ବସ୍ତ୍ରାବୃତ ।
ଫରଦ୍ } ବି. ( ଯାବନିକ ) ହିସାବର ତାଲିକା,
ଫର୍ଦ୍ଦ } କାଗଜର ଏକ ଟୁକ୍ରା ।
ଫର୍ଫର୍ } ବିଂ.(ଯା)ଅତି ଚଞ୍ଚଳ । ଅଂ.ପତାକାଦିର
ଫରଫର } ଉଡ଼ିବା ଶବ୍ଦ ।
ଫରମାଣ, ବି. (ଯା) ଆଦେଶ, ଅନୁଜ୍ଞା ।
ଫରି, ବି. (ଦେ) ଫଳକ, ଚର୍ମଆଚ୍ଛାଦିଣୀ, ଏକ-
ପ୍ରକାର ମଲ୍ଲକ୍ରୀଡ଼ା ।
ଫରିଆଦ, ବି. (ଯା) ଅଭିଯୋଗ,ମକଦ୍ଦମା କରିବା ।
ଫରିଆଦି, ବିଂ (ଯା) ମୁଦେଇ, ଯେ ମକଦ୍ଦମା
ଦାଏର କରେ ।
ଫରୁଆ, ବି. (ଦେ) ସଂପୁଟ, ଯେଉଁ କାଠ ଡବାରେ
ସିନ୍ଦୂରାଦି ରଖାନ୍ତି ।
ଫର୍ଚ୍ଚା, ବି. (ଯା) ପ୍ରସାର, ଉଜ୍ଜ୍ୱଳ ।
ଫଳ, ବି. (ଫଳ୍-ଅ) କାର୍ଯ୍ୟସିଦ୍ଧି, ଧନଲାଭ, ଶସ୍ୟ,
ବାଣର ଅଗ୍ରବର୍ତ୍ତୀ ଲୌହ, କାର୍ଯ୍ୟର ପରିଣାମ ।
ଫଳକ, ବି. (ଫଳ୍-ଅକ)ଢାଲ,ପଟା,କପାଳର ଅସ୍ଥି ।
ଫଳଣା, ବି. (ଦେ) ଅମୁକ । ( ଅନିର୍ଦ୍ଦିଷ୍ଟ ବ୍ୟକ୍ତି ବା
ବସ୍ତୁ) ।
ଫଳତଃ, ଅଂ. ( ଫଳ-ତସ୍ ) ବାସ୍ତବିକ, ବସ୍ତୁତଃ,
ଅର୍ଥାତ୍ ।

ଫଳନ୍ତା,(ନ୍ତ), ବିଂ. (ଦେ) ଫଳିତ, ଫଳବିଶିଷ୍ଟ ।

ଫଳବାନ୍ } ବିଂ. ( ଫଳ-ବତ୍, ଇତ ) ଯେଉଁ
ଫଳିତ } ଗଛରେ ଫଳ ହୋଇଅଛି ।

ଫଳଶ୍ରୁତି, ବି. (ଫଳ-ଶ୍ରୁତି) କର୍ମର ଫଳଶ୍ରବଣ ।

ଫଳା, ବି. ( ଦେ ) ବ୍ୟଞ୍ଜନବର୍ଣ୍ଣରେ ବ୍ୟଞ୍ଜନବର୍ଣ୍ଣ ଯୋଗ, ବ୍ୟଞ୍ଜନବର୍ଣ୍ଣ ଯୋଗର ଚିହ୍ନ ।

ଫଳାଫଳ, ବି. (ଫଳ-ଅଫଳ) ହାନିଲାଭ ।

ଫଳି, ବି. (ଦେ) ଏକପ୍ରକାର ମାଛ, ଶଗଡ଼ ଦଣ୍ଡା ଦୁଇଟିର ସଂଯୋଜକ କାଷ୍ଠଖଣ୍ଡମାନ ।

ଫଳିତ, ବିଂ. (ଫଳ-ଇତ) ସଫଳ, ଫଳଯୁକ୍ତ ।

ଫଳିବା, କ୍ରି. ( ଦେ ) ଫଳଯୁକ୍ତ ହେବା, ସଫଳ ହେବା, ଶରୀରରେ ଫଳ ପରି ଆବୁ ବାହାରିବା ।

ଫଳୋପଧାୟକ, ବିଂ. ( ଫଳ-ଉପ-ଧା-ଅକ ) ଫଳଦାୟକ ।

ଫଲ୍‌ଗୁ, ବି. (ଫଲ୍-ଗୁ) ଫଗୁ । ବିଂ. ଅସାର ।

ଫଲ୍‌ଗୁନ } ବି (ଫଲ୍-ଉନ,ଗ ଆଗମ)ଫାଲ୍‌ଗୁନ ମାସ ।
ଫାଲ୍‌ଗୁନ }

ଫହ୍‌ଳା, ବିଂ. (ଦେ) ହାଲୁକା,ଭଙ୍ଗପ୍ରବଣ,ଶିଥିଳ ।

ଫସରଫସା, ବି. (ଦେ) ଅକାରଣ, ବ୍ୟର୍ଥ ।

ଫଃରଫାଟିବା, କ୍ରି. (ଦେ) ଅରୁଣୋଦୟ ହେବା ।

ଫସଲ, ବି. (ଯା) କୃଷି, କୃଷିଜାତ ଶସ୍ୟାଦି ।

ଫାଉ, ବି. (ଦେ) ଲାଭ, ନିଦଷ୍ଟ ପରିମାଣରୁ କିଛି ବେଶି, ଟିକା ନେବା ।

ଫାଏଦା, ବ. (ଯା) ଲାଭ, ଉପକାର ।
ଫାଙ୍କ, ବ. (ଦେ) ଛିଦ୍ର, ଅନ୍ତର ।
ଫାଙ୍କି, ବ. (ଦେ) ଫକ୍କିକା, ଛଳନା, ପ୍ରତାରଣା ।
ଫାଙ୍କିଦେବା } କି. (ଦେ) ଠକିଦେବା, ପ୍ରତାରଣା
ଫାଙ୍କିବା } କରିବା ।
ଫାଜ(ଜ୍ଜ)ଲ, ବିଂ. (ଯା) ଅତିରିକ୍ତ, ବେଶି, ଯେଉଁ ଲୋକ ନିଜ ଜାଣିବା ଅପେକ୍ଷା ବେଶି କହେ । ବ. ଫାଜିଲାମି, ଫାଜ୍ଜିଲାମି ।
ଫାଟ, ବ. (ଦେ) ଗର୍ତ୍ତ, ଛିଦ୍ର, ଫାଟିବା ।
ଫାଟକ, ବ. (ଯା) ବହିର୍ଦ୍ୱାର ।
ଫାଟିବା, କି. (ଦେ) ବିଦୀର୍ଣ୍ଣ ହେବା ।
ଫାଟିଆ, ବ. (ଦେ) ଗୋମେଷାଦିର ରୋଗବିଶେଷ ।
ଫାଡ଼ିବା, କି. (ଦେ) ଚିରିବା, ଅଂଶ କରିବା, ଖଣ୍ଡ ଖଣ୍ଡ କରିବା ।
ଫାଣ୍ଟ, ବ. (ଫଣ୍‌-ତ) ଉଷ୍ଣ ଜଳରେ ନିକ୍ଷିପ୍ତ ଔଷଧର କଷାୟ ।
ଫାଣ୍ଡି, ବ. (ଯା) ପୁଲିଶ କର୍ମଚାରିଙ୍କ ରହିବା ସ୍ଥାନ, Out post.
ଫାନସ୍ } ବ. (ଯା) କାଗଜନିର୍ମିତ ଦୀପଜାଳିବା
ଫାନୁସ୍ } ପାତ୍ରବିଶେଷ ।
ଫାନ୍ଦ, ବ. (ଦେ) ପାଶ, କୌଶଳ ।
ଫାମ୍ପିବା, କି. (ଦେ) ଫୁଲିବା ।
ଫାରସା } ବ. (ଦେ) ପରଶୁ, ଏକପ୍ରକାର ଶସ୍ତ୍ର ।
ଫାର୍ଶା }

ଫାଳ, ବି. (ଦେ) ଲଙ୍ଗଳଲୁହା, ଖଣ୍ଡ, ଭାଗ ।
ଫାଳିଆ, ବିଂ. (ଦେ) ବିସ୍ତୃତ । ବି. ଖଣ୍ଡ ।
ଫାଲୁଆ, ବିଂ. (ଦେ) ବଡ଼ ଫଳ ପରି ଆକୃତିବିଶିଷ୍ଟ ।
ଫାଲଗୁନ, ବି. (ଫଲଗୁନ-ଅ) ଫଗୁଣ ମାସ ।
ଫାଲ୍‌ଗୁନି, ବି. (ଫଲ୍‌ଗୁନ-ଇ) ଅର୍ଜୁନ ।
ଫାଶ, ବି. (ଦେ) ପାଶ, ରଜ୍ଜୁ ।
ଫାଶୀ, ବି. (ପାଶ ଶବ୍ଦଜ) ଉଦ୍ବନ୍ଧନ, ଗଳାରେ ଦଉଡ଼ି ଦେଇ ପ୍ରାଣନାଶନ ।
ଫାସିଆ, ବି. (ଦେ) କର୍ଣ୍ଣ ଓ ନାସାର ଅଳଙ୍କାର-ବିଶେଷ ।
ଫିକର, ବି. (ଯା) କୌଶଳ ।
ଫିକା, ବିଂ. (ଦେ) ଫିକ୍କା, ରକ୍ତହୀନ, ପାଣ୍ଡୁର ।
ଫିଙ୍ଗିବା, କି. (ଦେ) ଦୂରକୁ ନିକ୍ଷେପ କରିବା ।
ଫିଟାଇବା, କି. (ଦେ) ମୋଚନ କରିବା ।
ଫିଟ୍‌କିରି, ବି. (ଯା) ଏକପ୍ରକାର ଔଷଧୀୟ ବସ୍ତୁ ।
ଫିତା, ବି. (ଦେ) ବନ୍ଧନରଜ୍ଜୁ, ସରୁ ବସ୍ତ୍ରପଟି ।
ଫିରଙ୍ଗୀ, ବି. (ଯା) ଭାରତୀୟ ସ୍ତ୍ରୀ ଗର୍ଭରୁ ଇଉରୋପୀୟ ପୁରୁଷ ଔରସରେ ଜାତ ସନ୍ତାନ ।
ଫିରଫିରି, ବି. (ଦେ) କର୍ଣ୍ଣାଳଙ୍କାରବିଶେଷ ।
ଫିସ୍, ବି. (ଇଂ. Fees) ଶୁଳ୍କ, ମାସୁଲ ।
ଫୁକାର, ବି. (ଦେ) ଫୋଲ, ପାଣି ଓ ପବନ ଯିବା ବାଟ ।
ଫୁକାରିବା, କି. (ଦେ) ଡାକିବା, ଗର୍ଜିବା ।

ଫୁଙ୍କିବା, କ୍ରି. (ଦେ) 'ଫ' ଶବ୍ଦ କରି ମୁହଁରୁ ପବନ ବାହାର କରିବା, ମନ୍ତ୍ର ପଢ଼ି ଝାଡ଼ିବା ।

ଫୁଟ, ବିଂ. (ସ୍ଫୁଟ ଶବ୍ଦଜ) ଝଗାଣ୍ଡି । ବି. ୧୨ ଆଙ୍ଗୁଳ ପରିମାଣ, ପଣସ ପ୍ରଭୃତିର ଖୋସା ।

ଫୁଟା, ବିଂ. (ଦେ) ବିଦାର୍ଣ୍ଣ, ସଚ୍ଛିଦ୍ର, କଣା, ପରଜିବା ମସଲା, ପ୍ରସ୍ଫୁଟିତ ।

ଫୁଟିଫୁଟିକା, ବିଂ. (ଦେ) ଲତାବିଶେଷ ।

ଫୁଟିବା, କ୍ରି. ( ସ୍ଫୁଟ୍ ଧାତୁଜ ) ସଶବ୍ଦରେ ବିଦାର୍ଣ୍ଣ ହେବା, ପ୍ରସ୍ଫୁଟିତ ହେବା, ଥକ ପଡ଼ିବା ।

ଫୁଟୀ,(ଟି), ବି. (ଦେ) ଏକପ୍ରକାର କାକୁଡ଼ି ।

ଫୁଟୁକ, ବି. ( ଦେ ) ବୁଢ଼ା ଓ ମଝି ଆଙ୍ଗୁଠିରେ କରାଯିବା ଶବ୍ଦ ।

ଫୁତ୍କାର } ବି. (ଫୁତ୍-କାର, କୃତ ) ଫୁଙ୍କିଦେବା ।
ଫୁତ୍କୃତ }

ଫୁରସତ୍, ବି. (ଯା) ଅବସର, ଅବକାଶ ।

ଫୁରୁଣା, ବି. (ଦେ) ଆନନ୍ଦ, ଗର୍ବ । ବିଂ. ଆନନ୍ଦିତ ।

ଫୁଲ, ବି. (ଫୁଲ୍ଲ ଶବ୍ଦଜ) ପୁଷ୍ପ ।

ଫୁଲଖଡ଼ି, ବି. (ଦେ) ଦୁଧଖଡ଼ୀ, ଚକ୍‌ଖଡ଼ୀ ।

ଫୁଲଗୁଣା, ବି, (ଦେ) ନାକର ଅଳଙ୍କାରବିଶେଷ ।

ଫୁଲଧନୁ, ବି. (ଦେ) କନ୍ଦର୍ପ ।

ଫୁଲସନ୍ଧି, ବି. (ଦେ) ବିବାହାଦିରେ ଆଶୀର୍ବାଦସନ୍ଧି ।

ଫୁଲ୍ଲ, ବି. (ଦେ) ଚକ୍ଷୁରୋଗବିଶେଷ, ଶୋଥରୋଗ । ବିଂ. ସ୍ଫୀତ ।

ଫୁଲାଇବା, କ୍ରି. (ଦେ) ସଗର୍ବରେ ସ୍ଫୀତ କରାଇବା ।
ଫୁଲି, ବି. (ଦେ) ସୂତ୍ରନିର୍ମିତ ପୁଷ୍ପାକାର ଗୁଚ୍ଛବିଶେଷ ।
ଫୁଲୁକା, ବି. ( ଦେ ) ମାଛଗଳାରେ ଥିବା ଫୁଲ ପରି ଅବୟବବିଶେଷ ।
ଫୁଲୁରି, ବିଂ. (ଦେ) ସୁବାସଯୁକ୍ତ ।
ଫୁଲ୍ଲ, ବିଂ. (ଫୁଲ୍ଲ୍-ତ) ବିକସିତ ।
ଫୁସ୍‌ଫାସ୍, ବି. ଶରୀରସ୍ଥ ଯନ୍ତ୍ରବିଶେଷ, ଅନୁକରଣ ଶବ୍ଦବିଶେଷ, ଗୋପନୀୟ କଥାଭାଷା, କାନରେ ଚୁପ୍‌ଚାପ୍ କହିବା ଶବ୍ଦ ।
ଫୁସ୍‌ଲାଇବା, କ୍ରି. (ଯା) ଭୁଲାଇବା ।
ଫେଟା, ବି. (ଦେ) ପିନ୍ଧା ଲୁଗା, ଧୋତି ।
ଫେଡ଼ଣ, ବି. (ଦେ) ମୋଚନ ।
ଫେଡ଼ାଙ୍କ, ବି. (ଦେ) ବ୍ୟବକଳନ, ବିୟୋଗ ।
ଫେଡ଼ାଣ, ବି. (ଦେ) ବିୟୋଗ, ବ୍ୟବକଳନ ।
ଫେଡ଼ (ଇ) ବା, କ୍ରି. ( ଦେ ) ଫିଟାଇବା ।
ଫେଣ } ( ସ୍ଫାୟ୍-ନ ) ଜଳାଦି ଉପରେ ଭାସୁଥିବା
ଫେନ } ବୁଦ୍‌ବୁଦ୍ ।
ଫେଣା, ବି. (ପ୍ରା. ଫାଣି ଶବ୍ଦଜ) ଗୁଡ଼ଜାତ ମିଷ୍ଟାନ୍ନବିଶେଷ, ମଧୁକୋଷ, କଦଳୀପୁଞ୍ଜ ।
ଫେଣାଇବା, ବି. ( ଦେ ) ବଟା ବସ୍ତୁକୁ ଫେଣଯୁକ୍ତ କରିବା ।
ଫେଣ୍ଟିବା, କ୍ରି. (ଫାଣ୍ଟ ଶବ୍ଦଜ) ଫେଣେଇବା ।
ଫେନିଳ, ବିଂ. (ଫେନ-ଇଲ) ଫେନଯୁକ୍ତ ।

ଫେର, ବ. (ଦେ) ବସ୍ତୁର ବେଷ୍ଟନ, ପ୍ରତ୍ୟାବର୍ତ୍ତନ, ପିନ୍ଧାଲୁଗା ସମ୍ମୁଖ କୁଞ୍ଚ ।

ଫେରବ, ବି. (ଫେ-ରୁ-ଅ) ଶୃଗାଳ ।

ଫେରସ୍ତ, ବି. (ଯା) ପ୍ରତିଦତ୍ତ, ଉଆପସ୍ ।

ଫେରା, ବି. (ଦେ) ବୁଲିବା, ପୁନରାବୃତ୍ତି, ଫେରା ।

ଫେରାଦ, ବି. (ଯା) ଅଭିଯୋଗ, ଗୁହାରି ।

ଫେରାର୍, ବି. (ଯା) ପଳାୟନ ।

ଫେରାରି, ବିଂ. (ଯା) ପଳାଇଯାଇଥିବା ଅପରାଧୀ ।

ଫେରିବା, କ୍ରି. (ଦେ) ପ୍ରତ୍ୟାବର୍ତ୍ତନ କରିବା ।

ଫେରିବାଲା, ବି. (ଯା) ବୁଲି ବୁଲି ଯେ ବିକେ ।

ଫେର୍, ଅଂ. (ଯା) ପୁଣି, ପୁନର୍ବାର ।

ଫେରଫାର୍ }
ଫେରାଫେରି } ବି. (ଦେ) ବଦଳାବଦଳି, ଲେଉଟାଲେଉଟି, ଅଦଳ-ବଦଳ, କାରବାର, ଦେବାନେବା ।

ଫେସନ, ବି. (Fashion) ଗଠନ ବା ରୂପସୌଷ୍ଠବ, ଆକାର ।

ଫୋଟକା, ବି. (ପ୍ରା. ସ୍ଫୋଟକ-ଶବ୍ଦଜ) ସ୍ଫୋଟକ, ବୁଦ୍‌ବୁଦ୍ ।

ଫୋଡ଼, ବି. (ଦେ) କ୍ଷୁଦ୍ର ରନ୍ଧ୍ର ।

ଫୋଡ଼ଣୀ ବି. (ଦେ) ଫୋଡ଼ କରିବା ଯନ୍ତ୍ର ।

ଫୋଡ଼ିବା, କ୍ରି. (ସ୍ଫୁଟ୍ ଧାତୁଜ) ବିଦୀର୍ଣ୍ଣ କରିବା, କ୍ଷୁଦ୍ର କରିବା ।

ଫୋପଡ଼, ବି. (ଦେ) ନିକ୍ଷେପଯୋଗ୍ୟ କାଷ୍ଠାଦିର ଖଣ୍ଡ ।

ଫୋପାଡ଼ିବା, କି. (ଦେ) ନିକ୍ଷେପ କରିବା ।
ଫୌଜ } ବି. (ଯା) ସେନା, ଚମୂ ।
ଫଉଜ
ଫୌଜଦାରି, ବି. (ଯା) ଦଳବଦ୍ଧ ହୋଇ ମାରାମାରି କରିବା, ଶାନ୍ତିଭଙ୍ଗ ।

---

# ବ

ବ, ବ୍ୟଞ୍ଜନ ବର୍ଣ୍ଣମାଳାର ତ୍ରୟୋବିଂଶ ବର୍ଣ୍ଣ ଓ ଊନତ୍ରିଂଶ ବର୍ଣ୍ଣ। (ବଲ୍-ଅ, ବା-ଅ) ବି. ବରୁଣ, ସିନ୍ଧୁ, ଗମନ । (ବର୍ଗ୍ୟ 'ବ' ର ଉଚ୍ଚାରଣସ୍ଥାନ ଓଷ୍ଠ ଏବଂ ଅନ୍ତଃସ୍ଥ ବା ଅବର୍ଗ୍ୟ 'ବ' ର ଉଚ୍ଚାରଣ ସ୍ଥାନ ଦନ୍ତୌଷ୍ଠ, କିନ୍ତୁ ଓଡ଼ିଆରେ ଏହି ଦୁଇବର୍ଣ୍ଣର ଉଚ୍ଚାରଣଗତ ପାର୍ଥକ୍ୟ ନ ଥିବାରୁ ଏହି 'ବ' ଓ 'ଓ୍ୱ' ବର୍ଣ୍ଣମୂଳକ ଶବ୍ଦମାନ ଏଠାରେ ଏକତ୍ର ସନ୍ନିବେଶିତ ହେଲା ।)
ବଇଠା, ବି. (ଦେ) ଖାପ ।
ବଇଠି, ବି. (ଦେ) ପାତ୍ରାଦିର ନିମ୍ନସ୍ଥ ଆଧାର ।
ବଇତମ, ବିଂ. ଦେ) ପୁରୁଣା ।
ବଉଦ, ବି. (ଦେ) ବାରିଦ, ମେଘ ।
ବଉଳ, ବି. (ଦେ) ବକୁଳପୁଷ୍ପ, ଆମ୍ବଗଛର ଫୁଲ ।
ବଉଳିବା, କ୍ରି. (ଦେ) ମୁକୁଳିତ ହେବା, ପୋଖରୀର ମାଛସବୁ ପାଣି ଉପରେ ଭାସିବା ।
ବଂଶ, ବି. ( ବମ୍-ଶ ) କୁଳ, ଗୋତ୍ର । (ବନ୍-ଶୀ-ଅ) ବାଉଁଶ, ବଂଶୀ ।

ବଂଶଧର, ବି. (ବଂଶ-ଧୃ-ଅ) କୁଳରକ୍ଷକ ସନ୍ତାନ ।
ବଂଶଲୋଚନା, ବି. ବାଉଁଶ ପବରୁ ଉତ୍ପନ୍ନ ଔଷଧ ବିଶେଷ ।
ବଂଶାନୁକ୍ରମ, ବି. ପୁରୁଷାନୁକ୍ରମ ।
ବଂଶାନୁଚରିତ, ବି. ବଂଶର ବିବରଣ ।
ବଂଶାବଳୀ, ବି. ( ବଂଶ-ଆବଳି ) ପୂର୍ବପୁରୁଷଙ୍କ ନାମାବଳୀ ।
ବଂଶୀ, ବି. (ବଂଶ-ଈ) ବେଣୁ, ମୁରଲୀ ।
ବଂଶୀଧର, ବି. (ବଂଶୀ-ଧୃ-ଅ) ଶ୍ରୀକୃଷ୍ଣ ।
ବକ୍‌ବକ୍, ବିଂ. (ଦେ) ଯେ ବହୁତ ବକେ, ବହୁଭାଷୀ ।
ବକ, ବି. (ବଚ୍-ଅ) ବଗପକ୍ଷୀ, ଗଇଶଗଛ, ବକୁଳ-ବୃକ୍ଷ, ଦୈତ୍ୟବିଶେଷ, ବକାସୁର, ଯନ୍ତ୍ରବିଶେଷ ।
ବକ(ଖ)ତ୍ର, ବି. (ଯା) କାଳ ।
ବକପଞ୍ଚକ, ବି. କାର୍ତ୍ତିକ ମାସର ଶେଷ ପାଞ୍ଚ ଦିନ, (ଲୋକେ କହନ୍ତି, ଏହି ପାଞ୍ଚଦିନ ବଗ ସୁଦ୍ଧା ମାଛ ଖାଏ ନାହିଁ) ।
ବକବ୍ରତୀ, ବିଂ. ( ବକ-ବ୍ରତ-ଇନ୍ ) ବକ ପରି କପଟରେ ଯେ ଜୀବିକା ନିର୍ବାହ କରେ, ବଞ୍ଚକ ।
ବକମ, ବି. (ଦେ) ରକ୍ତବର୍ଣ୍ଣ କାଷ୍ଠବିଶେଷ ।
ବକୟା, ବିଂ. (ଯା) ଅବଶିଷ୍ଟ ବାକୀ ।
ବକଲ,(ଡ଼ା), ବି. (ଦେ) କପାଗଛର ଫଳ, ବଲ୍କଳ, ଛେଲି । ବିଂ. ଯେ ବହୁତ ବକେ ।
ବକସ୍ତି, ବି. (ଦେ) ମାଈ ଛେଳି ।

ବକଳ,(ଳା), ବି. ବଲ୍କଲ, ଗଛର ଛେଲି ।
ବକା, ବିଂ. (ଦେ) ନିର୍ବୋଧ, ଗାଳି, କହୁବା ।
ବକାରି, ବି. (ବକ-ଅରି) ବକାସୁରହନ୍ତା, ଶ୍ରୀକୃଷ୍ଣ ।
ବକିବା, କ୍ରି. (ଦେ) ଗାଳିଦେବା, ଅନର୍ଥକ କହିବା ।
ବକୁଆ, ବିଂ. (ଦେ) ବାତୁଳ ।
ବକୁଳ, ବି. (ଦେ) ବଉଳଗଛ, ଆମ୍ବବଉଳ, ମୁକୁଳ ।
ବକ୍ତବ୍ୟ, ବିଂ. (ବଚ୍-ତବ୍ୟ) କହିବାଯୋଗ୍ୟ, ନିନ୍ଦନୀୟ ।
ବକ୍ତା, ବିଂ. (ବଚ୍-ତୃ) ବାକ୍‌ପଟୁ, ବକ୍ତୃତା-ଶକ୍ତିଯୁକ୍ତ ।
ବକ୍ତୃତା, ବି. (ବକ୍ତୃ-ତା) ମୌଖିକ ବ୍ୟାଖ୍ୟାନ, ଭାଷଣ ।
ବକ୍ତ୍ର, ବି. (ବଚ୍-ତ୍ର) ମୁଖ, ଆନନ ।
ବକ୍ର, ବି. (ବନ୍‌କ୍-ର) ବଙ୍କା, କୁଟିଳ ।
ବକ୍ରୋକ୍ତି, ବି. (ବକ୍ର-ଉକ୍ତି) ଶ୍ଳେଷବାକ୍ୟ, ବ୍ୟଙ୍ଗୋକ୍ତି ।
ବକ୍‌ଶିସ୍, ବି. (ଯା) ପୁରସ୍କାର, ପାରିତୋଷିକ ।
ବକ୍‌ସି, ବି. (ଯା) ରାଜକର୍ମଚାରୀବିଶେଷ, ସେନାପତି ।
ବକ୍ଷଃ, ବି. (ବକ୍ଷ-ଅସ୍) ଉରଃସ୍ଥଳ, ହୃଦୟ ।
ବକ୍ଷୋଜ } ବି. (ବକ୍ଷସ୍-ଜନ୍-ଅ, ରୁହ୍-ଅ) ସ୍ତନ,
ବକ୍ଷୋରୁହ } ପୟୋଧର ।
ବକ୍ଷ୍ୟମାଣ, ବିଂ. ( ବଚ୍-ଆନ ) ଯାହା ବୋଲାଯିବ ।
ବଖରା, ବି. (ଦେ) ବାଣ୍ଟ, ଭାଗ, ଗୃହର ପ୍ରକୋଷ୍ଠ ।
ବଖାଣିବା, କ୍ରି. (ଦେ) କହିବା, ବାଖ୍ୟା କରିବା,ପ୍ରଶଂସା କରିବା ।
ବଗ, ବି. (ଦେ) ବକପକ୍ଷୀ ।
ବଗଚରା, ବି. (ଦେ) ପୋଖରୀକୂଳର ଯେଉଁ ଅଂଶରେ ବଗ ଚରନ୍ତି ।

ବଗଡ଼, ବିଂ. (ଦେ) କାରଜ, ଅଶ୍ଳୀଳ ।
ବଗଡ଼ା, ବିଂ. (ଦେ) ମୋଟା ।
ବଗଲ , ବି. (ଯା) ବାହୁମୂଳ ।
ବଗଳା, (ମୁଖୀ) ବି. (ତାନ୍ତ୍ରିକନାମ) ଦେବୀବିଶେଷ ।
ବଗା, ବିଂ. (ଦେ) ଓଲୁ, ନିର୍ବୋଧ, ଅବାଗିଆ ।
ବଗାହ, ବି. (ଅବ-ଗାହ୍-ଅ) ଅବଗାହନ, ମଜ୍ଜନ, ସ୍ନାନ ।
ବଗିଚ୍ଛ, ବି. (ଯା) ଉଦ୍ୟାନ ।
ବଗୀ, ବି. (ଯା) ଏକପ୍ରକାର ଘୋଡ଼ାଗାଡ଼ୀ ।
ବଗୁଲିଆ, ବିଂ. (ଦେ) ଯାହା କଥା ଓ କାର୍ଯ୍ୟ ଏକା ପର ନୁହେ, ଚପଳ ।
ବଗୁଲି, ବି. (ଦେ) ମାଈ ବଗ ।
ବଘାଇବା, କି. (ଦେ) ଝୁଙ୍କିବା, ପରଜବା ।
ବଙ୍କା } ବଙ୍କୁଲ } ବିଂ. (ଦେ) କୁଟିଳ, ବକ୍ର ।
ବଙ୍କିମ, ବିଂ. (ଦେ) ବକ୍ର, ବଙ୍କା ।
ବଙ୍କ୍ଷଣ, ବି. (ବକ୍ଷଃ-ଅନ) ଊରୁସନ୍ଧି ।
ବଙ୍ଗ, ବି. ( ନାମ ) ବଙ୍ଗଳା ପ୍ରଦେଶ, ରଙ୍ଗନାମକ ଧାତୁ ।
ବଙ୍ଗଳା, ବି. ବଙ୍ଗପ୍ରଦେଶ, ଏକପ୍ରକାର ଘର ।
ବଚ, ବି. (ବଚ୍-ଅ) କଫଘ୍ନ ଔଷଧବିଶେଷ ।
ବଚନ } ବଚଃ } ବି. ( ବଚ୍-ଅନ, ଅସ୍ ) କଥନ, ବାକ୍ୟ ।
ବଚମାସ୍ଥ, ବିଂ. (ବଚ୍-ଅମାସ୍ଥ) କଥମାସ୍ଥ, ନନ୍ଦମାସ ।

ବଚସ୍କର, ବିଂ. (ବଚସ୍-କୃ-ଅ) ଆଜ୍ଞାବହ ।

ବଚସା, ବି. (ଦେ) ବକାବକ, ବିତଣ୍ଡା, ବାଗ୍‌ଯୁଦ୍ଧ ।

ବଚ୍ଚା, ବି. (ଯା) ପିଲା, ଶିଶୁ, ଏକପ୍ରକାର ମାଛ ।

ବଚଆ, ବି. (ଦେ) ବଚ୍ଚା ମାଛ ।

ବଚ୍ଛା, ବି. (ଦେ) ବାଛୁବାଦ୍ୱାରା ଗୃହୀତ, ବାଛୁଣୀ ।

ବଜବଜ, ବିଂ. (ଦେ) ବହୁଭାଷୀ । ଅ°. ଅନୁକରଣ ଶବ୍ଦବିଶେଷ ।

ବଜା, ବି. ( ଦେ ) ପଥରଗୋଡ଼ି, ଏକପ୍ରକାର ମାଛଧରା ଯନ୍ତ୍ର, ବାଦନ ।

ବଜାଇବା କ୍ରି. (ଦେ) ବାଦନ କରିବା ।

ବଜାୟ, ବି. ବିଂ. (ଯା) ଅକ୍ଷୁଣ୍ଣ. ପୁନଃସ୍ଥାପିତ ।

ବଜାର, ବି. (ଯା) ଶ୍ରେଣୀବଦ୍ଧ ଦୋକାନ, ବିପଣୀ ।

ବଜାରି, ବିଂ. (ଯା) ଅଶିଷ୍ଟ, ଅଭଦ୍ର । ର, କ୍ରି. ବକ ହେବା ।

ବଜ୍ଜାତ, ବିଂ. (ଯା) ଜାରଜ ।

ବଜ୍ର, ବି. (ବଜ-ର) କୁଳିଶ, ହୀରକ, ଇନ୍ଦ୍ରଙ୍କ ଅସ୍ତ୍ର ।

ବଜ୍ରୀ, ବି. (ବଜ୍ର-ଇନ୍) ଇନ୍ଦ୍ର , ପୁରନ୍ଦର ।

ବଞ୍ଚକ, ବି. ( ବନ୍‌ଚ-ଅକ ) ଶଗାଳ । ବିଂ. ଚୋର, ପ୍ରତାରକ ।

ବଞ୍ଚନା, ବି. (ବଞ୍ଚ୍-ଅନ-ଆ) ପ୍ରତାରଣା ।

ବଞ୍ଚିତ. ବିଂ. (ବଞ୍ଚ୍-ତ) ପ୍ରତାରିତ ।

ବଞ୍ଚିବା, କ୍ରି. (ଦେ) ଜୀଇଁବା, କାଳକଟାଇବା ।

ବଞ୍ଜୁଳ, ବି.(ବନ୍‌ଜ-ଉଳ)ଅଶୋକବୃକ୍ଷ, ବେତସବୃକ୍ଷ ।

ବଟ, ବି. (ବଟ୍-ଅ) ବୃକ୍ଷବିଶେଷ, ବରଗଛ, କଉଡ଼ି ।
ବଟକର୍ଷ, ବି. ( ଦେ ) ତୌଲର ପରିମାଣ ଜ୍ଞାପକ ଲୌହାଦ୍ରି ।
ବଟା, ବି. ( ଦେ ) ଟଙ୍କା ପ୍ରଭୃତି ଭଙ୍ଗାଇବା ପାଇଁ ଦେୟ ପଇସା, କଳ୍କ, ପାନ ରଖିବା ପାତ୍ର । ବିଂ. ମର୍ଦ୍ଦିତ ।
ବଟାଇବା, କ୍ରି.(ଦେ) ପଠାଇବା, ଅନ୍ୟଦ୍ୱାରା ବାଣ୍ଟିବା ।
ବଟାଳି, ବି. (ଦେ) ଲିହାଣ, କାଠକାଟିବା ଯନ୍ତ୍ର । ବିଂ. ଯେ ବାଟେ ।
ବଟାବଟି, ବି. (ଦେ) ଠକାଠକି, ବାଣ୍ଟିବା ।
ବଟିକା } ବଟୀ } ବି. (ବଟ୍-ଇକ, ଈ) ଗୁଳି, ବଡ଼ି ।
ବଟିବା, କ୍ରି. (ଦେ) ଭଣ୍ଡିବା, ଠକିବା ।
ବଟୁ, ବି. ( ବଟ୍-ଉ ) ବ୍ରତ ହୋଇଥିବା ବ୍ରାହ୍ମଣ ବାଳକ ।
ବଟୁଆ, ବି. ( ଦେ ) ପାନ ଗୁଆ ପ୍ରଭୃତି ରଖିବାର ଲୁଗାଥଳି ।
ବଟୁଲି, ବି. (ଦେ) ବର୍ତ୍ତୁଳାକାର ପିତଳ ଲୋଟା ।
ବଡ଼, ବିଂ. ବୃହତ୍, ଶ୍ରେଷ୍ଠ, ଅତ୍ୟନ୍ତ ।
ବଡ଼ଓଷା, ବି. ( ଦେ ) କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀରେ କରି ଯାଉଥିବା ଶିବଙ୍କ ଉପବାସ ।
ବଡ଼ବା, ବି. (ବଡ଼-ବା-ଅ) ଘୋଟକୀ, ଅଶ୍ୱିନୀ, ସମୁଦ୍ର ଅଗ୍ନି ।

ବଡ଼ଭି } ବି. ( ବଳ-ଅଭ୍-ଇ, ଈ ) ଚନ୍ଦ୍ରଶାଳା,
ବଡ଼ଭୀ } ବଡ଼ ଭଗ୍ନ ।

ବଡ଼ସିଂହାର, ବି. (ଦେ) ଜଗନ୍ନାଥଙ୍କ ପହୁଡ଼ ପୂର୍ବରୁ ହେଉଥିବା ବେଶ ।

ବଡ଼ା, ବି. (ଦେ) ଏକପ୍ରକାର ଗୋଲାକାର ବର୍ଣ୍ଣପିଠା, ମୁଣ୍ଡର ରୋଗବିଶେଷ ।

ବଡ଼ାଇ, ବି, (ଦେ) ଗର୍ବ, ବଡ଼ପଣ, ଗୌରବ ।

ବଡ଼ି, ବି. (ଦେ) ବିରିରେ ତିଆରି ଗୁଳାବିଶେଷ

ବଡ଼ିମା, ବି. (ଦେ) ବଡ଼ପଣ, ଗର୍ବ ।

ବଡ଼ିଶ } ବି. (ବଡ଼-ଇ-ଶୋ-ଅ,ଈ) ବନ୍ଶୀ ।
ବଡ଼ିଶୀ }

ବଡ଼ୁ, ବି. (ଦେ) ବଟୁ, ଲିଙ୍ଗରାଜଙ୍କ ସେବକବିଶେଷ, ବ୍ରତ ବା ଉପନୟନ ।

ବଢ଼ା, ବି. (ଦେ) ଏକପ୍ରକାର ମାଟି ଘଡ଼, ବୃଦ୍ଧି ।

ବଢ଼ାଇ, ବି. ( ବର୍ଦ୍ଧକି ଶବ୍ଦଜ ) କାଷ୍ଠକର୍ମକାରକ ଜାତିବିଶେଷ ।

ବଢ଼ାଇବା, କ୍ରି. ( ଦେ ) ବିସ୍ତୃତ କରିବା, ସମ୍ପୂର୍ଣ୍ଣ କରିବା, ପରିବେଷଣ କରାଇବା ।

ବଢ଼ି, ବି. (ଦେ) ଜଳବୃଦ୍ଧି, ନଦୀବନ୍ୟା ।

ବଢ଼ିଆଳ, ବି. ( ଦେ ) ଆତଜାତୀୟ ଫଳବିଶେଷ, ବୃଦ୍ଧିଶୀଳ ।

ବଢ଼ିବା, କ୍ରି. (ଦେ) ବୃଦ୍ଧି ପାଇବା, ସମ୍ପନ୍ନ ହେବା ।

ବଣ, ବି. (ବନ ଶବ୍ଦଜ) ଅରଣ୍ୟ ।

ବଣା, ବି. (ଦେ) ଗୁଡ଼ ପ୍ରଭୃତି ରଖିବା ମାଟିପାତ୍ର । ବିଂ. ଭ୍ରାନ୍ତ ।

ବଣି, ବି. (ଦେ) ଏକପ୍ରକାର ଚଢ଼େଇ ।

ବଣିଆ, ବି. (ଦେ) ବଣିକ୍, ବ୍ୟବସାୟୀ ଜାତିବିଶେଷ, (ସୁନାରୀ ଓ ପୋଟଳି ଭେଦରେ ଏମାନେ ଦ୍ୱିବିଧ) ।

ବଣିକ୍, ବି. (ପଣ୍-ଇକ୍) ବଣିଆ, ବେପାରୀ ।

ବଣିକାର, ବି. (ଦେ) ବଣିଆ, ବଣିକ୍ ।

ବଣୁଆ, ବିଂ. (ଦେ) ବନବାସୀ, ଜଙ୍ଗଲି ।

ବଣ୍ଟନ, ବି. (ବନ୍ଟ୍-ଅନ) ବିଭାଗକରଣ ।

ବଣ୍ଟର, ବି. (ଦେ) ବିଭାଗ କରିବା ।

ବତ୍, ଅଂ. (ବା-ଅତ୍) ସଦୃଶ, ତୁଲ୍ୟ । (ଅତ୍ତ ଅର୍ଥରେ ତଦ୍ଧିତ ପ୍ରତ୍ୟୟବିଶେଷ) ।

ବତକ, ବି. (ଦେ) କୁଜା ହଂସ, କାଦମ୍ବ ।

ବତର, ବିଂ. ( ଦେ ) ଓଦା । ବି. ଗବାଦି ପଶୁର ଋତୁକାଳ ।

ବତା, ବି. (ଦେ) ଚିରା ବାଉଁଶ ।

ବତାଇବା, କ୍ରି. (ଦେ) ବୁଝାଇବା, ଶିଖାଇବା ।

ବତାସ, ବି. (ବାତ ଶବ୍ଦଜ) ପ୍ରବଳ ପବନ ।

ବତି, ବି. (ଦେ) ସଳିତା, ମହମବତୀ, ବର୍ତ୍ତିକା ।

ବତିଶ } ବି. ବିଂ. ( ଦ୍ୱାତ୍ରିଂଶତ୍ ଶବ୍ଦଜ ) ସଂଖ୍ୟା
ବତ୍ରିଶ } ବିଶେଷ, ୩୨ ।

ବତୁରିବା, କ୍ରି. (ଦେ) ଓଦା କରିବା, ଜଳସିକ୍ତ ହେବା ।

ବତ୍ସ, ତ. ( ବଦ୍-ସ ) ବକ୍ଷଃସ୍ଥଳ, ବାଛୁରୀ, ଅସୁର-
ବିଶେଷ, ସନ୍ତାନର ସ୍ନେହସୂଚକ ସମ୍ବୋଧନ ।
ବତ୍ସନାଭ, ବି. ସ୍ଥାବର ବିଷବିଶେଷ ।
ବତ୍ସର, ବି. (ବସ୍-ସର) ବର୍ଷ, ୧୨ ମାସ ପରିମିତ କାଳ ।
ବତ୍ସଳ, ବିଂ. (ବତ୍ସ-ଲା-ଅ) ସେହଯୁକ୍ତ, ଅନୁରକ୍ତ ।
ବି. ବାତ୍ସଲ୍ୟ ।
ବତ୍ସଳା, ବିଂ. ( ବତ୍ସଳ-ଆ ) ବତ୍ସାଭିଳାଷିଣୀ,
ସ୍ନେହମୟୀ ।
ବତ୍ସତରୀ, ବି. (ବତ୍ସତର-ଈ) ବାଛୁରୀ ।
ବଥ, ବି. (ଦେ) ଏକଜାତୀୟ ବ୍ରଣ, ଘା ।
ବଥା ବି. (ଦେ) ବ୍ୟଥା, ପୀଡ଼ା ।
ବଥଆ, ବି. (ଦେ) ଏକପ୍ରକାର ଶାଗ ।
ବଦ, ବିଂ. (ବଦ୍-ଅ) ବକ୍ତା । କ୍ରି. କହିବା ।
ବଦନ, ବି. (ବଦ-ଅନ) ମୁଖ, ଆନନ,ଆସ୍ୟ ।
ବଦର } ବି. ( ବଦ୍-ଅର-ଅ,ଈ ) ବରକୋଳି ।
ବଦରୀ } (ବଦର) (ଯା) ବିରୋଧ ।
ବଦଳ, ବି. (ଯା) ପ୍ରତିଦାନ, ବିନିମୟ ।
ବଦଳାଇବା, କ୍ରି. (ଦେ) ପରିବର୍ତ୍ତିତ କରାଇବା ।
ବଦଳି, ବି. (ଦେ) ପରିବର୍ତ୍ତନ ।
ବଦଳିବା କ୍ରି. (ଦେ) ପରିବର୍ତ୍ତିତ ହେବା ।
ବଦନ୍ୟ } ବିଂ. ( ବଦ୍-ଅନ୍ୟ, ଆନ୍ୟ ) ଦାତା,
ବଦାନ୍ୟ } ମଧୁଭାଷୀ ।
ବଦ୍, ବିଂ. (ଯା) ମନ୍ଦ ।

ବଦ୍‌ଜାତ, ବିଂ. (ଯା) ଖଚଡ଼, ଯାହା ଜନ୍ମର ଠିକଣା ନ ଥାଏ ।

ବଦ୍ଧ, ବିଂ. (ବନ୍ଧ୍-ତ) ସଂଯତ, ଗ୍ରଥିତ, ବନ୍ଧା, ଯୁକ୍ତ ।

ବଦ୍‌ନାମ, ବିଂ. (ଯା) ଦୁର୍ନାମ ।

ବଦ୍ଧପରିକର, ବିଂ. (ବଦ୍ଧ-ପରିକର)ଯେ ଦୃଢ଼ରୂପେ ଅଣ୍ଟା ଭିଡ଼ିଅଛି, କାର୍ଯ୍ୟସାଧନରେ ଅଗ୍ରସର ।

ବଦ୍‌ମାସ, ବିଂ. (ଯା) ମନ୍ଦଲୋକ, ଦୁରାଶୟ ।

ବଦ୍ଧାଞ୍ଜଳି, ବିଂ. ( ବଦ୍ଧ-ଅଞ୍ଜଳି ) କୃତାଞ୍ଜଳି, ଯୁକ୍ତାଞ୍ଜଳି ।

ବଦ୍ଧମୁଷ୍ଟି, ବିଂ (ବଦ୍ଧ-ମୁଷ୍ଟି) କୃପଣ, ଦୃଢ଼ମୁଷ୍ଟି ।

ବଦ୍ଧମୂଳ, ବିଂ. (ବଦ୍ଧ-ମୂଳ) ଯାହାର ମୂଳ ଦୃଢ଼ରୂପେ ନିବଷ୍ଟ ହୋଇଅଛି ।

ବଧ, ବି. (ହନ୍-ଅ) ହନନ, ହତ୍ୟା ।

ବଧାଇ
ବଧେଇ } ବି. (ଦେ) ପାରିତୋଷିକ ।

ବଧିବା, କ୍ରି. (ଦେ) ମାରିବା

ବଧିର, ବିଂ. (ବନ୍ଧ-ଇର) କାଲ ।

ବଧିରିତ, ବିଂ. (ବଧିର-ଇତ) ବଧିରୀକୃତ ।

ବଧୂ, ବି.(ବହ-ଊ)ନବ ବିବାହିତା ସ୍ତ୍ରୀ, ପତ୍ନୀ,ବୋହୂ ।

ବଧୂଲି, ବି. (ଦେ) ରଙ୍ଗଣୀଫୁଲ ।

ବଧ୍ୟ, ବିଂ. (ହନ୍-ଯ) ବଧଯୋଗ୍ୟ, ହନନୀୟ ।

ବନ, ବି (ବନ୍-ଅ) ଅରଣ୍ୟ, ଜଳ ।

ବନ(ନେ)ଚର,(ଗୃହସ୍ଥ), ବିଂ. (ବନ-ଚର-ଅ,ଇନ୍) ବନବାସୀ, କପିତ ।

ବନପ୍ରିୟ, ବି. (ବନ-ପ୍ରିୟ) କୋକିଳ ।

ବନମାଳା, ବି. (ବନ-ମାଳା) କୃଷ୍ଣଙ୍କ ମାଳା ।

ବନମାଳୀ, ବି. (ବନମାଳା-ଇନ୍ )କୃଷ୍ଣ ।

ବନସ୍ତ, ବି. (ଦେ) ବନ, ଅରଣ୍ୟ ।

ବନସ୍ପତି, ବି. (ବନ-ପତି) ବୃହତ୍ ବୃକ୍ଷ, ପୁଷ୍ପ-ବ୍ୟତିରେକେ ଫଳିତ ବୃକ୍ଷ ।

ବନା } ବି. ( ଦେ ) ବ୍ୟଞ୍ଜନବର୍ଣ୍ଣରେ ସ୍ୱରବର୍ଣ୍ଣ
ବନାନ୍ } ଯୋଗ କରି ଉଚ୍ଚାରଣ ।

ବନାଇବା, କ୍ରି. ( ଦେ ) ନିର୍ମାଣ କରିବା, ପରିବା କାଟିବା ।

ବନାତ, ବି. (ହିନ୍ଦୀ) ଊର୍ଣ୍ଣାନିର୍ମିତ ବସ୍ତ୍ରବିଶେଷ ।

ବନିତା, ବି. (ବନ୍-ତ-ଆ) ନାରୀ, ଅନୁରକ୍ତା ଭାର୍ଯ୍ୟା ।

ବନିବା, କ୍ରି. (ଦେ) ବନାନ୍ କରିବା, ପାଚ ଆସିବା ।

ବନୀ, ବି. (ବନ୍-ଈ) ବନ ।

ବନୌକା, ବି. (ବନ-ଓକସ୍ ) କପି, ବାନର ।

ବନ୍ତଳକଦଳୀ, ବି. ( ଦେ ) ବ୍ୟଞ୍ଜନୋପଯୋଗୀ କଦଳୀବିଶେଷ ।

ବନ୍ଦ, ବିଂ. (ଯା) ଅଟକ, ମୁଦା, ଅବକାଶ ।

ବନ୍ଦନ } ବି. (ବନ୍ଦ-ଅନ,ଆ) ଅଭିବାଦନ, ସ୍ତବ ।
ବନ୍ଦନା }

ବନ୍ଦନୀୟ, ବିଂ. (ବନ୍ଦ-ଅନୀୟ) ନମସ୍ୟ, ସ୍ତବନୀୟ ।

ବନ୍ଦର, ବି. (ଯା) ପୋତାଶ୍ରୟ, ସମୁଦ୍ରକୂଳସ୍ଥ ଜାହାଜ ଆଶ୍ରୟ ସ୍ଥାନ ।

ବନ୍ଦା, ବି. (ଯା) ଗୋଲାମ, ଅଧୀନ ।

ବନ୍ଦାଇବା, କ୍ରି. (ଦେ) ମଙ୍ଗଳାର୍ଚ୍ଚନା କରିବା ।

ବନ୍ଦାପନା, ବି. (ବନ୍ଦ୍ ଧାତୁଜ) ବନ୍ଦନା, ବିବାହାଦି ସମୟରେ ମଙ୍ଗଳାର୍ଚ୍ଚନା ।

ବନ୍ଦାରୁ, ବିଂ. (ବନ୍ଦ୍-ଆରୁ) ସ୍ତୁତିପାଠକ ।

ବନ୍ଦି }
ବନ୍ଦୀ } ବି. (ବନ୍ଦ୍-ଇ, ଈ) କାରାରୁଦ୍ଧ, କଏଦୀ ।

ବନ୍ଦୀ, ବି. (ବନ୍ଦ୍-ଇନ୍) ସ୍ତୁତିପାଠକ । ବିଂ. ବନ୍ଦନାକାରୀ ।

ବନ୍ଦୋବସ୍ତ, ବି. (ଯା) ବ୍ୟବସ୍ଥା, ଭୂସ୍ୱତ୍ୱ ସ୍ଥିରୀକରଣ ବ୍ୟବସ୍ଥା ।

ବନ୍ଦ୍ୟ, ବିଂ. (ବନ୍ଦ୍-ଯ) ବନ୍ଦନୀୟ ।

ବନ୍ଧ, ନ. ( ବନ୍ଧ୍-ଅ ) ସେତୁ, ବଢ଼ ହୁଡ଼, ବନ୍ଧନ, ଫୋପାଖିଆ, ଆସକ୍ତି, ରଚନା, ରୋଧ ।

ବନ୍ଧନ, ବି. ( ବନ୍ଧ୍-ଅନ ) ବାନ୍ଧିବା, ବନ୍ଧନରଜ୍ଜୁ ।

ବନ୍ଧନୀ, ବି. ( ବନ୍ଧ୍ ଅନ-ଈ ) ବାନ୍ଧିବା ଦଉଡ଼ି, ଗାଣିତିକ ଚିହ୍ନବିଶେଷ ।

ବନ୍ଧା }
ବନ୍ଧକ } ବି. (ଦେ) ସମ୍ପତ୍ତି ଜାମିନ୍ ରଖି ଋଣଗ୍ରହଣ କରିବା । ବିଂ. ଆବଦ୍ଧ, ଋଣନିମିତ୍ତ ଗଚ୍ଛିତ ସମ୍ପତ୍ତି । ବନ୍ଧକୀ, ଭ୍ରଷ୍ଟା ସ୍ତ୍ରୀ ।

ବନ୍ଧୁ, ବି. (ବନ୍ଧ୍-ଉ) ମିତ୍ର, ଜ୍ଞାତି ।

ବନ୍ଧୁକ, ବି. (ଯା) ଆଗ୍ନେୟାସ୍ତ୍ର, କମାଣ, ବଧୂଲିଫଳ ଓ ତାହାର ଗଛ ।

ବନ୍ଧୁଜୀବ } ବି. ବନ୍ଧୁଲି ଗଛ ଓ ତାହାର ଲାଲ
ବନ୍ଧୁଲି } ଫୁଲ ।

ବନ୍ଧୁର, ବିଂ. (ବନ୍ଧ୍-ଉର) ଉନ୍ନତାବନତ ।

ବନ୍ଧୁତ୍ୱ } ବି. (ବନ୍ଧୁ-ତ୍ୱ, ତା) ମିତ୍ରତା ।
ବନ୍ଧୁତା }

ବନ୍ଧ୍ୟ, ବିଂ. (ବନ୍ଧ୍-ଯ) ଫଳହୀନ, ନିଷ୍ଫଳ ।

ବନ୍ଧ୍ୟା, ବିଂ. ସ୍ତ୍ରୀ. (ବନ୍ଧ୍-ଯ-ଆ) ବାଞ୍ଝ ।

ବନ୍ୟ, ବିଂ. (ବନ-ଯ) ବନସମ୍ବନ୍ଧୀୟ ।

ବନ୍ୟା, ବି. (ବନ-ଯ-ଆ) ଜଳପ୍ଲାବନ ।

ବପନ, ବି. ( ବପ୍-ଅନ୍-ଅ ) ବୀଜରୋପଣ, ଲୁଗା ବୁଣିବା, କ୍ଷୌରକର୍ମ ।

ବପୁଃ, ବି. (ବପ୍-ଉସ୍) ଶରୀର, ପ୍ରଶସ୍ତ ଆକୃତି ।

ବପୁଷ୍ମାନ୍, ବିଂ. (ବପୁଃ-ମତ୍) ପ୍ରଶସ୍ତ ଶରୀରଧାରୀ ।

ବପ୍ତା, ବିଂ. ( ବପ୍-ତୃ ) ବପନକାରୀ । ବି. ପିତା ।

ବପ୍ର, ବି. (ବପ୍-ର) କ୍ଷେତ୍ର, ତଟ, ସାନୁ, ପ୍ରାଚୀର ।

ବପ୍ରକ୍ରୀଡ଼ା, ବି. ( ବପ୍ର-କ୍ରୀଡ଼ା ) ଉତ୍ଖାତକେଳି, ବୃଷାଦି ଜୀବଙ୍କର ଶିଙ୍ଗରେ ମାଟି ଖୋଳି ଖେଳିବା ।

ବମନ, ବି. (ବମ୍-ଅନ) ଉଦ୍ଗିରଣ, ନିଃସାରଣ ।

ବମି, ବି. (ବମ୍-ଇ) ବମନ, ଅଗ୍ନି, ଧୂର୍ତ୍ତ, ଏକପ୍ରକାର ଜଳୀୟ ଜୀବ ।

ବୟଃ, ବି. ( ବୟ୍-ଅସ୍ ) ବାଲ୍ୟାଦି ଜୀବନକାଳ, ଯୌବନ, ବୟସ, ପକ୍ଷୀ ।

ବୟଃକ୍ରମ, ବି. (ବୟଃ-କ୍ରମ) ବୟସ, ଜୀବନକାଳ ।

ବୟଃସନ୍ଧି, ବି (ବୟଃ-ସନ୍ଧି) ଯୌବନାବସ୍ଥା ।

ବୟଃସ୍ଥ } ବିଂ. (ବୟଃ-ସ୍ଥା-ଅ) ଯୁବା, ମଧ୍ୟବୟସ୍କ ।
ବୟସ୍ଥ }

ବୟସ୍ୟ, ବି. (ବୟସ୍-ଯ) ସମାନବୟସ୍କ, ସଖା । ସ୍ତ୍ରୀ. ବୟସ୍ୟା ।

ବର, ବି. (ବୃ-ଅ) ଦେବତାଙ୍କଠାରୁ ପ୍ରାପ୍ତ ଅଭିଲାଷ, ଜାମାତା, ପତି । ବିଂ. ଶ୍ରେଷ୍ଠ ।

ବରକତ, ବି. (ଯା) ଶୁଭ, ମଙ୍ଗଳ ।

ବରକନ୍ଦାଜ, ବି. (ଯା) ଚପରାସି ।

ବରଖାସ୍ତ, ବିଂ. (ଯା) ପଦଚ୍ୟୁତ ।

ବରଗା, ବି. ( ଯା ) କୋଠା ଘରର କଡ଼ି ମଧ୍ୟସ୍ଥ ସରୁ କାଠ ।

ବରଗିବା, ବି. (ଦେ) ପଠାଇବା, ନିଯୁକ୍ତ କରିବା ।

ବରଜ, ବି. (ଦେ) ପାନକ୍ଷେତ ।

ବରଜୀ, ବି. (ଦେ) ଯେଉଁମାନେ ପାନଗଛ କରନ୍ତି ।

ବରଟ, ବି. (ବୃ-ଅଟ) ରାଜହଂସ । ଟା, ସ୍ତ୍ରୀ. ରାଜହଂସୀ ।

ବରଡ଼ା, ବି. ( ଦେ ) ନଡ଼ିଆ ପ୍ରଭୃତି ଗଛର ବାହୁଙ୍ଗା ।

ବରଣ, ବି. (ବୃ-ଅନ) ନିଯୁକ୍ତକରଣ, ଆଚ୍ଛାଦନ, ପ୍ରାର୍ଥନା, ଅଭ୍ୟର୍ଥନା, ବେଷ୍ଟନ ।

ବର(ଲ)ଣା, ବି. (ଦେ) ସୂତା କାଟିବା ନିମିତ୍ତ ବଳା ଯାଇଥିବା ତୂଳାର ବର୍ତ୍ତିକା ।

ବରଣୀୟ, ବିଂ. (ବୃ-ଅନୀୟ) ବରଣଯୋଗ୍ୟ, ଶ୍ରେଷ୍ଠ, ପ୍ରାର୍ଥନୀୟ ।

ବରଣ୍ଡ, ବି. (ବୃ-ଅଣ୍ଡ) ବାରଣ୍ଡା ।

ବରଦ, ବି. (ବର-ଦା-ଅ) ଯେ ଅଭୀଷ୍ଟ ପୂରଣ କରେ। ସ୍ତ୍ରୀ. ବରଦା ।

ବରଦାସ୍ତ, ବି. (ଯା) ସହନ, ସହ୍ୟ, ସହିଷ୍ଣୁତା ।

ବରଫ, ବି. (ଦେ) ତୁଷାର, ଶୀତଳତା ହେତୁରୁ ଜମି ଯାଇଥିବା ଜଳ ।

ବରଂ, ଅଂ. ଅପେକ୍ଷାକୃତ, ଉତ୍କୃଷ୍ଟ ।

ବରବର୍ଣ୍ଣିନୀ, ବି. (ବର-ବର୍ଣ୍ଣ-ଇନ୍-ଈ) ଅତ୍ୟୁତ୍ତମା ସ୍ତ୍ରୀ, ଗୌରୀ, ହରିଦ୍ରା ।

ବରଷ, ବି. (ଦେ) ବର୍ଷ ।

ବରାକ, ବିଂ.(ବୃ-ଆକ) ଦରିଦ୍ର, ଦୀନ । ବି. ଯୁଦ୍ଧ, ଶିବ।

ବରାକୀ, ବିଂ. ସ୍ତ୍ରୀ. (ବରାକ-ଈ) ଗୌରୀ, ଉତ୍ତମା ସ୍ତ୍ରୀ, ବରାଙ୍ଗୀ ।

ବରାଙ୍ଗ, ବି. (ବର-ଅଙ୍ଗ) ମସ୍ତକ, ଶ୍ରେଷ୍ଠାବୟବ, କନ୍ଦର୍ପ ।

ବରାଙ୍ଗନା, ବି. (ବର-ଅଙ୍ଗନା) ଉତ୍ତମା ସ୍ତ୍ରୀ ।

ବରାଟକ, ( ଟିକା ), ବି. ( ବର-ଅଟ-ଅକ-ଆ ) ପଦ୍ମବୀଜକୋଷ, କଉଡ଼ି ।

ବରାତ, ବି. (ଯା) କର୍ମଫଳଭୋଗ, ମାନତ୍, ହୁଣ୍ଡି, ଆୟୋଜନାତ୍ମକ ଆଦେଶ ।

ବରାରୋହା, ବି. ( ବର-ଆରୋହ-ଆ ) ଯେଉଁ ସ୍ତ୍ରୀର କଟିଦେଶ ସୁନ୍ଦର, ସୁନ୍ଦରୀ ସ୍ତ୍ରୀ ।

ବରାବର, କ୍ରି. ବିଂ.(ଯା)ଏକଧାରାରେ,ସମ୍ମୁଖ,ସମୀପ।
ବରାହ, ବି. ( ବର-ଆ-ହନ୍-ଅ ) ଶୂକର, ବିଷ୍ଣୁଙ୍କ ଅବତାରବିଶେଷ।
ବରୁଆ, ବି. (ଦେ) ନଆଁଅଠା।
ବରୁଣ, ବି. (ବୃ-ଉନନ୍)ଜଳାଧିପ,ପଶ୍ଚିମ ଦିକ୍‌ପାଳ।
ବରେଣ୍ୟ, ବିଂ. ( ବୃ-ଏଣ୍ୟ ) ଶ୍ରେଷ୍ଠ, ପ୍ରଧାନ। ବି. କୁଙ୍କୁମ।
ବର୍ଗ, ବି. (ବୃଜ୍-ଅ) ସଜାତୀୟ, ସମୂହ,ଦଳ,ଶ୍ରେଣୀ।
ବର୍ଗକ୍ଷେତ୍ର, ବି. (ବର୍ଗ-କ୍ଷେତ୍ର) ଯେଉଁ ଭୂମିର ଦୈର୍ଘ୍ୟ ଓ ପ୍ରସ୍ଥ ସମାନ।
ବର୍ଗମୂଳ, ବି. (ବର୍ଗ-ମୂଳ) ଯେଉଁ ରାଶି ଆପଣାଦ୍ୱାରା ଗୁଣିତ ହୁଏ ତାହା ସେହି ଗୁଣନଫଳର ବର୍ଗମୂଳ, ୫×୫ର ବର୍ଗମୂଳ ୫।
ବର୍ଗୀ, ବି. (ଦେ)ଦଳବଦ୍ଧ ମହାରାଷ୍ଟ୍ର ଆକ୍ରମଣକାରୀ।
ବର୍ଚ୍ଚଃ, ବି. (ବର୍ଚ୍ଚ-ଅସ୍) ତେଜଃ, କାନ୍ତି।
ବର୍ଚ୍ଛା, ବର୍ଚ୍ଛି } ବି. (ଦେ) ଶସ୍ତ୍ରବିଶେଷ।
ବର୍ଜନ,ବି.(ବୃଜ୍-ଅନ)ପରିତ୍ୟାଗ,ରହିତକରଣ,ବଧ।
ବର୍ଜନୀୟ, ବିଂ. (ବୃଜ୍-ଅନୀୟ)ତ୍ୟାଜ୍ୟ,ତ୍ୟାଗଯୋଗ୍ୟ।
ବର୍ଜିତ. ବିଂ. (ବୃଜ୍-ତ) ତ୍ୟକ୍ତ, ରହିତ।
ବର୍ଣ୍ଣ, ବି. ( ବର୍ଣ୍ଣ-ଅ ) ବ୍ରାହ୍ମଣାଦି, ଜାତି, ଶୁକ୍ଳାଦି ରଙ୍ଗ, ରୂପ, ଅକ୍ଷର।
ବର୍ଣ୍ଣକ, ବି. (ଦେ)ବିଲେପନ ଦ୍ରବ୍ୟ,ଅଙ୍ଗରାଗ,ଚନ୍ଦନ।

ବର୍ଣ୍ଣନ } ବି. ( ବର୍ଣ୍ଣ-ଅନ, ଆ ) ଗୁଣକଥନ,
ବର୍ଣ୍ଣନା } ବିବରଣ ।

ବର୍ଣ୍ଣନୀୟ, ବିଂ. (ବର୍ଣ୍ଣ-ଅନୀୟ) ବର୍ଣ୍ଣନାଯୋଗ୍ୟ ।

ବର୍ଣ୍ଣମାଳା, ବି. (ବର୍ଣ୍ଣ-ମାଳା) ଅକ୍ଷରସମୂହ ।

ବର୍ଣ୍ଣସଙ୍କର, ବି. ମିଶ୍ରଜାତି ।

ବର୍ଣ୍ଣିତ, ବିଂ.(ବର୍ଣ୍ଣ୍-ତ) ପ୍ରଶଂସିତ, ବିଖ୍ୟାତ, ବିବୃତ ।

ବର୍ତ୍ତନ, ବି. (ବୃତ୍-ଅନ) ଜୀବିକା, ବୃତ୍ତି, ବେତନ ।

ବର୍ତ୍ତମାନ, ବି. (ବୃତ୍-ଶାନଚ୍) ପ୍ରାରବ୍ଧ ଓ ଅସମାପ୍ତ କାଳ । ବିଂ. ବିଦ୍ୟମାନ ।

ବର୍ତ୍ତି, (ର୍ତ୍ତୀ), ବି. ( ବର୍ତ୍ତି-ଇ ) ପ୍ରଦୀପ, ବତୀ, ତୂଳୀ, ବଳିତା ।

ବର୍ତ୍ତିକା, ବି. (ବର୍ତ୍ତି-କନ୍-ଆ) ବତୀ, ପକ୍ଷିଣୀବିଶେଷ ।

ବର୍ତ୍ତିତ, ବିଂ. ( ବର୍ତ୍ତି-ତ ) ସମ୍ପାଦିତ, ନିଷ୍ପାଦିତ ।

ବର୍ତ୍ତୁଳ, ବିଂ. (ବୃତ୍-ଉଳ) ଗୋଲାକାର, ବୃତ୍ତ ।

ବର୍ତ୍ମ, ବି. (ବୃତ୍-ମନ୍) ରାସ୍ତା, ପଥ, ମାର୍ଗ ।

ବର୍ଦ୍ଧକ, ବିଂ. (ବୃଧ୍-ଅକ) ବୃଦ୍ଧିକାରକ ।

ବର୍ଦ୍ଧକି, ବି. (ବର୍ଦ୍ଧ-କି) ସୂତ୍ରଧର, ବଢ଼େଇ ।

ବର୍ଦ୍ଧନ, ବି. (ବୃଧ୍-ଅନ) ବୃଦ୍ଧି, ଉନ୍ନତି ।

ବର୍ଦ୍ଧମାନ, ବି, (ବୃଧ୍-ଆନ) ବୃଦ୍ଧିଶୀଳ ।

ବର୍ଦ୍ଧିତ, ବିଂ. (ବୃଧ୍-ଇ-ତ) ବୃଦ୍ଧିପ୍ରାପ୍ତ, ପୋଷିତ ।

ବର୍ଦ୍ଧିଷ୍ଣୁ, ବିଂ. (ବୃଧ-ଇଷ୍ଣୁ) ବର୍ଦ୍ଧନଶୀଳ, ବୃଦ୍ଧିଯୁକ୍ତ ।

ବର୍ମ, ବି. (ବୃ-ମନ୍) କବଚ, ସାଞ୍ଜୁ ।

ବର୍ଯ୍ୟ, ବି. (ବୃ-ଯ) ଶ୍ରେଷ୍ଠ ।

ବର୍ବର, ବି. (ବର୍ବ୍-ଅ) ନୀଚଜାତ, ପାମର ।
ବର୍ବୁର, ବି. ବବୁରଗଛ ।
ବର୍ଷ, ବି. (ବୃଷ୍-ଅ) ବୃଷ୍ଟି, ବତ୍ସର, ଦେଶ ।
ବର୍ଷଣ, ବି. (ବୃଷ୍-ଅନ) ବୃଷ୍ଟି ।
ବର୍ଷା, ବି. ବୃଷ୍ଟି, ବର୍ଷାଋତୁ ।
ବର୍ଷାଭୂ, ବି. (ବର୍ଷା-ଭୂ-କ୍ୱିପ୍) ବେଙ୍ଗ । ବି. ବର୍ଷାଜାତ ।
ବର୍ଷୀୟାନ୍ } ବି. (ବୃଦ୍ଧ-ଈୟସ୍, ଇଷ୍ଠ) ଅତି ବୃଦ୍ଧ,
ବର୍ଷିଷ୍ଠ } ସର୍ବଜ୍ୟେଷ୍ଠ ।
ବର୍ଷୁକ, ବି. (ବୃଷ୍-ଉକ) ଯେଉଁ ମେଘରୁ ବୃଷ୍ଟି ପଡ଼େ ।
ବର୍ଷୋପଲ, ବି. (ବର୍ଷା-ଉପଲ) କରକା, କୁଆପଥର ।
ବର୍ହ, ବି. (ବର୍ହ୍-ଅ) ମୟୂରପୁଚ୍ଛ ।
ବର୍ହି, ବି. (ବୃହ୍-ଇ) ଅଗ୍ନି ।
ବର୍ହିଣ } ବି. (ବର୍ହ୍-ଇନ, ଇନ) ମୟୂର ।
ବର୍ହୀ }
ବଲ, ବି. (ବଲ୍-ଅ) ସୈନ୍ୟ, ଶକ୍ତି, ସାମର୍ଥ୍ୟ, ବଳରାମ ।
ବଳକା, ବି. (ଦେ) ଅଧିକା ।
ବଳକ୍ଷ, ବି. (ଅବ-ଲକ୍ଷ୍-ଅ) ଶୁକ୍ଳବର୍ଣ୍ଣ, ଧବଳ ।
ବଳଦ, ବି. ( ବଲ୍-ଦା-ଅ ) ବଳଦାତା । ବି. (ବଳୀବର୍ଦ୍ଦ ଶବ୍ଦଜ) ବୃଷଭ ।
ବଳଦଆ, ବି. ( ଦେ ) ଥେରଆ, ଯେଉଁମାନେ ବଳଦପଠିରେ ବୋଝ ବୁହାନ୍ତି ।
ବଳଦେବ, ବି. (ବଳ-ଦେବ) ବଳଭଦ୍ର ।
ବଲମ, ବି. (ଦେ) ଏକପ୍ରକାର ଅସ୍ତ୍ର ।

ବଳୟ, ବି. (ବଳ୍-ଅୟ) କରଭୂଷଣ, ବଳା ।
ବଳୟିତ, ବିଂ. (ବଳୟ-ଇତ) ବେଷ୍ଟିତ ।
ବଳବତ୍ତା, ବି. (ବଳବତ୍-ତା) ଶକ୍ତି, ସାମର୍ଥ୍ୟ ।
ବଳବନ୍ତ, ବିଂ. (ଦେ) ବଳବାନ୍, ସମର୍ଥ ।
ବଳବାନ୍, ବିଂ. (ବଳ-ବତ୍) ବଳଶାଳୀ, ସମର୍ଥ ।
ବଳଶାଳୀ, ବିଂ. (ବଳ-ଶାଳିନ୍) ବଳବାନ୍, ବଳିଷ୍ଠ ।
ବଳା, ବି. (ବଳ୍-ଅ-ଆ) ଅସ୍ତ୍ରବିଦ୍ୟାବିଶେଷ । (ଦେ) ବଳୟ । ବିଂ. ଗୁଣଯୁକ୍ତ ।
ବଳାଇ, ବି. (ଦେ) ଅଶୁଭ ,ଅମଙ୍ଗଳ ।
ବଳାଇବା, କ୍ରି. ( ଦେ ) ବଳପୂର୍ବକ ମଙ୍ଗାଇବା, ଅବଶିଷ୍ଟ ରଖିବା, ପ୍ରବର୍ତ୍ତାଇବା ।
ବଳାକା, ବି. (ବଳ-ଅକ-ଆ) କ୍ଷୁଦ୍ର ଜାତୀୟ ବକଶ୍ରେଣୀ ।
ବଳାତ୍କାର, ବି. ( ବଳାତ୍-କୃ-ଅ ) ଜବରଦସ୍ତ, ଜୋର କରିବା ।
ବଳାରାତି, ବି. (ବଳ-ଅରାତି) ଇନ୍ଦ୍ର ।
ବଳାହକ, ବି. ( ବାରି-ବାହକ ) ମେଘ, ପର୍ବତ ।
ବଳି, ବି. ( ବଳ୍-ଇ ) ବିରୋଚନପୁତ୍ର ଦୈତ୍ୟ, ରାଜସ୍ୱ; ପୂଜାସାମଗ୍ରୀ, ପୂଜା, ଭୂତମାନଙ୍କ ବା ଜୀବମାନଙ୍କୁ ଖାଦ୍ୟଦାନ ।
ବଳିଆ, ବି. (ଦେ) ଏକଜାତୀୟ କୁକୁର ।
ବଳିଆର, ବିଂ. (ଦେ) ବଳବାନ୍, ବଳବନ୍ତ ।
ବଳିତ, ବିଂ. (ବଳି-ଇତ) ବଳିଯୁକ୍ତ ।
ବଳିତା, ବି. (ଦେ) ସଳିତା, ଘାପର ବତୀ ।

ବଳିଦାନ, ବି. (ଦେ) ଦେବୋଦ୍ଦେଶ୍ୟରେ ବଧପୂର୍ବକ ପଶୁବଧ କିମ୍ବା ପୂଜା ଉପହାର ଦାନ ।

ବଳିବା, କ୍ରି. ( ଦେ ) ଅଧିକ ହେବା, ସୂତା ଲତା ପ୍ରଭୃତିକୁ ଦଉଡ଼ିରେ ପରିଣତ କରିବା, ଜାତ ହେବା' ଆଗ୍ରହାନ୍ୱିତ ହେବା, ଲେହ୍ୟ ବସ୍ତୁକୁ ବର୍ତ୍ତୁଳାକାର କରିବା ।

ବଳିଭୁକ୍, ବି. (ବଳି-ଭୁଜ୍-କ୍ୱିପ୍) କାକ, କୁଆ ।

ବଳିଷ୍ଠ } ବିଂ. (ବଳବତ୍-ଇଷ୍ଠ, ଈୟସ୍) ଅତିଶୟ
ବଳୀୟାନ୍ } ବଳଶାଳୀ ।

ବଳିସଦ୍ମ, ବି. (ବଳି-ସଦ୍ମ) ପାତାଳ ।

ବଳୀ, ବିଂ.(ବଳ୍-ଇନ୍) ବଳବାନ୍ । ବି. ଉଦରପ୍ରଦେଶରେ ତରଙ୍ଗାନ୍ୱିତ ମାଂସ, ଗୁହ୍ୟଦ୍ୱାରସ୍ଥ ମାଂସପିଣ୍ଡ ।

ବଳୀବର୍ଦ୍ଦ, ବି. (ବଳ-ବୃଧ୍-ଅ) ବଳଦ ।

ବଲ୍କ } ବି. (ବଲ୍-ଅ (କ),କଳ)ବକଳ, ଗଛର
ବଲ୍କଳ } ଛେଲି ।

ବଲ୍ଗା, ବି. ଲଗାମ ।

ବଲ୍ଗିତ, ବିଂ. ( ବଲଗା-ଇତ ) ଅଶ୍ୱର ପ୍ଲୁତଗତି-ବିଶେଷ ।

ବଲ୍ମୀକ, ବି. ( ବଲ୍-ଇକ, ମ ଆଗମ ) ଉଇହୁଙ୍କା, ବାଲ୍ମୀକି ମୁନି ।

ବଲ୍ଲକୀ, ବି. (ବଲ୍ଲ-ଅକ-ଈ) ବାଦ୍ୟଯନ୍ତ୍ରବିଶେଷ,ବୀଣା ।

ବଲ୍ଲବ, ବି. (ବଲ୍ଲ-ବ) ପାଚକ, ଭୀମସେନ, ଗଉଡ଼ ।
ସ୍ତ୍ରୀ. ବୀ, ଗଉଡୁଣୀ ।

ବଲ୍ଲଭ, ବି°. (ବଲ୍ଲ-ଅଭ) ପ୍ରିୟ, କାନ୍ତ, ଅଧ୍ୟକ୍ଷ । ସ୍ତ୍ରୀ. ଭା, ପ୍ରିୟା ।

ବଲ୍ଲର
ବଲ୍ଲରୀ } ବି. (ବଲ୍ଲ୍-ଅର) ବ୍ରତତି, ଲତା, ମଞ୍ଜରୀ ।

ବଲ୍ଲି
ବଲ୍ଲୀ } ବି. (ବଲ୍ଲ୍-ଇ, ଈ) ଲତା, ପୃଥିବୀ ।

ବଶ, ବି (ବଶ୍-ଅ) ଅଧୀନତା । ବି°. ଅଧୀନ ।

ବଶତଃ, ଅ°. (ବଶ-ତସ୍) ଅଧୀନତା ହେତୁରୁ ।

ବଶତା, ବି. (ବଶ-ତା) ଅଧୀନତା ।

ବଶମ୍ବଦ, ବି°. (ବଶଂ-ବଦ୍-ଅ) ପ୍ରିୟବାଦୀ, ମିଷ୍ଟବକ୍ତା, ବଶୀଭୂତ ।

ବଶବର୍ତ୍ତୀ, ବି°. (ବଶ-ବୃତ୍-ଇନ୍) ବଶୀଭୂତ ।

ବଶି (ଷି)ଷ୍ଠ, ବି. (ବଶ-ଇଷ୍ଠ) ମୁନିବିଶେଷ ।

ବଶୀ, ବି°. (ବଶ୍-ଇନ୍) ଜିତେନ୍ଦ୍ରିୟ, ସ୍ୱାଧୀନ ।

ବଶୀଭୂତ, ବି°. (ବଶ-ଭୂତ, ଈ ଆଗମ) ବଶବର୍ତ୍ତୀ ।

ବଶ୍ୟ, ବି°. (ବଶ୍-ଯ) ବଶବର୍ତ୍ତୀ, ଆଜ୍ଞାକାରୀ, ପୋଷା ।

ବଶ୍ୟତା, ବି. (ବଶ୍ୟ-ତା) ଅଧୀନତା ।

ବଷଟ୍, ଅ°. ଅଗ୍ନିରେ ଆହୁତି ଦେବା ମନ୍ତ୍ର ।

ବଷଟ୍କାର, ବି. (ବଷଟ୍-କୃ-ଅ) ହୋମ, ଅଗ୍ନିରେ ଆହୁତି ଦେବା ।

ବସତି, ବି. (ବସ୍-ଅତି) ବାସସ୍ଥାନ, ବାସ, ସ୍ଥିତି ।

ବସନ, ବି. (ବସ୍-ଅନ) ବସ୍ତ୍ର, ଲୁଗା, ବାସସ୍ଥାନ ।

ବସନ୍ତ, ବି. (ବସ୍-ଅନ୍ତ) ଋତୁବିଶେଷ, ଫାଲ୍‌ଗୁନ ଓ ଚୈତ୍ର ମାସ, ବସନ୍ତ ସ୍ଫୋଟକ ।

ବସନ୍ତଦୂତ, ବି. (ବସନ୍ତ-ଦୂତ)କୋକିଳ, ଆମ୍ରବୃକ୍ଷ।
ବସନ୍ତପଞ୍ଚମୀ, ବି. ଶ୍ରୀପଞ୍ଚମୀ, ମାଘ ଶୁକ୍ଳ ପଞ୍ଚମୀ।
ବସା, ବି. (ବସ୍-ଅ-ଆ) ମଜ୍ଜା, ମେଦ, ପକ୍ଷିମାନଙ୍କର ବାସସ୍ଥାନ, ଅସ୍ଥାୟୀ ବାସଗୃହ।
ବସାଇବା, କ୍ରି. (ଦେଶଜ) ଉପବେଶନ କରାଇବା, ଦୁଧରେ ମହି ଦେବା।
ବସିବା, କ୍ରି. ( ଦେ ) ଉପବେଶନ କରିବା।
ବସୁ, ବି.(ବସ୍-ଉ)ଧନ,ରତ୍ନ,ଗଣଦେବତାବିଶେଷ।
ବସୁଦେବ, ବି. (ବସୁ-ଦେବ) କୃଷ୍ଣଙ୍କ ପିତା।
ବସୁଧା, ବସୁନ୍ଧରା, ବସୁମତୀ } ବି.(ବସୁ-ଧା-କ୍ୱିପ, ଧୃ-ଅ-ଆ, ମତୁ-ଈ) ପୃଥିବୀ।
ବସୁଧାରା, ବି. (ବସୁ-ଧୃ-ଅ) ଆଭ୍ୟୁଦୟିକ ଶ୍ରାଦ୍ଧର ପୂର୍ବରେ ଦତ୍ତ ଘୃତଧାରା, କୁବେରପୁରୀ।
ବସ୍ତା, ବି. (ଦେ) ଅଖାର ବଡ଼ ଥଳି।
ବସ୍ତି, ବସ୍ତୀ } ବି. ( ବସ୍-ତି ) ନାଭିର ଅଧୋଭାଗ, ତଳପେଟ, ବାସସ୍ଥାନ।
ବସ୍ତୁ, ବି. (ବସ୍-ତୁ) ପଦାର୍ଥ,ଦ୍ରବ୍ୟ, ସାମଗ୍ରୀ।
ବସ୍ତୁତଃ,ଅଂ.(ବସ୍ତୁ-ତସ୍)ବାସ୍ତବିକ,ଫଳତଃ,ସତ୍ୟତଃ।
ବସ୍ତ୍ର, ବି. (ବସ୍-ତ୍ର) ଆଚ୍ଛାଦନ, ବସନ, ଲୁଗା।
ବସ୍ତ୍ରଗୃହ, ବି. (ବସ୍ତ୍ର-ଗୃହ) ତମ୍ବୁ।
ବହ, ବିଂ. (ବହ୍-ଅ)ବହନକାରୀ (ଶବ୍ଦଶେଷରେ)।

ବହନ, କ୍ରି. ବିଂ. (ବହ୍-ଅନ) ଶୀଘ୍ର, ସତ୍ୱର । ବି. ନୌକା, ବହିବା, ଧାରଣ ।
ବହନ, ବି. (ଦେ) ପ୍ରଥମ ବୟସ୍ତ ।
ବହନୀୟ, ବିଂ. (ବହ୍-ଅନୀୟ) ବହନଯୋଗ୍ୟ ।
ବହପ, ବି. (ଦେ) ସାହସ ।
ବହମାନ, ବିଂ. (ବହ୍-ଆନ) ବହନ୍ତା, ବହୁଥିବା ।
ବହଳ, ବିଂ. (ବହ୍-ଅଳ) କଠିନ, ଦୃଢ଼, ବହୁଳ ।
ବହଳିଆ, ବିଂ. (ଦେ) ମୋଟା, ସାନ୍ଦ୍ର ।
ବହି, ବି. (ଯା) ପୁସ୍ତକ, ପୋଥି, କିତାପ ।
ବହିଃ, ଅଂ. ସୀମାଶେଷରେ, ବାହାରେ ।
ବହିଃସ୍ଥ, ବିଂ. (ବହିଃ-ସ୍ଥା-ଅ)
ବହି(ହେ)ଣୀ, ବି. (ଦେ) ଭଉଣୀ ।
ବହିତ୍ର, ବି. (ବହ୍-ଇତ୍ର) ନୌକା, ଜଳଯାନ ।
ବହିରଙ୍ଗ, ବି. ( ବହିଃ-ଅଙ୍ଗ ) ଅନାତ୍ମୀୟ, ପର ।
ବହିରା, ବିଂ. (ଦେ) ବଧିର, କାଲ ।
ବହିରିନ୍ଦ୍ରିୟ, ବି. (ଦେ) ଚକ୍ଷୁ ପ୍ରଭୃତି ପଞ୍ଚେନ୍ଦ୍ରିୟ ।
ବହିର୍ଭୂତ, ବିଂ. (ବହିସ୍-ଭୂ-ତ) ବହିର୍ଗତ, ନିଷ୍କ୍ରାନ୍ତ ।
ବହିବା, କ୍ରି. (ଦେ) ତରଳବସ୍ତୁ ସଞ୍ଚାଳିତ ହେବା, ବହନ କରିବା, ଅତିବାହିତ ହେବା ।
ବହିଷ୍କୃତ, ବିଂ. (ବହିସ୍-କୃ-ତ) ଦୂରୀକୃତ ।
ବହୁ, ବିଂ. (ବନ୍ହ୍-ଉ) ଅନେକ, ଅଧିକ, ପ୍ରଚୁର ।
ବହୁତ, ବିଂ. (ଦେ) ଅନେକ, ଅଧିକ, ପ୍ରଚୁର
ବହୁଦର୍ଶୀ, ବିଂ. (ବହୁ-ଦୃଶ-ଇନ୍) ବହୁଜ୍ଞ, ବିଜ୍ଞ ।

ବହୁଧା, ଅଂ. (ବହୁ-ଧା) ବହୁ ପ୍ରକାର ।

ବହୁମୂଲ୍ୟ, ବିଂ. (ବହୁ-ମୂଲ୍ୟ) ମହାର୍ଘ୍ୟ ।

ବହୁରୂପ,(ପା),ବିଂ.ଯେ ବହୁରୂପ ଧରେ । ବି. ଏଣ୍ଡ୍ରୁଅ ।

ବହୁଳ, ବିଂ. ( ବହୁ-ଲା-ଅ ) ଅନେକ, ଅଧିକ । ବି. କୃଷ୍ଣପକ୍ଷ ।

ବହୁବଚନ, ବି. (ବ୍ୟାକରଣ) ଯାହାଦ୍ୱାରା ଅନେକ ବସ୍ତୁ ବୁଝାଯାଏ ।

ବହୁବିଧ, ବିଂ. (ବହୁ-ବିଧା)·ନାନାପ୍ରକାର, ବିବିଧ ।

ବହୁବ୍ରୀହି, ବିଂ. (ବହୁ-ବ୍ରୀହି) ବହୁଧାନ୍ୟବିଶିଷ୍ଟ । ବି. ବ୍ୟାକରଣର ସମାସବିଶେଷ ।

ବହୁଶଃ, ଅଂ. (ବହୁ-ଶସ୍) ବାହୁଲ୍ୟରୂପେ, ଅନେକ-ଥର ।

ବହ୍ନି, ବି. (ବହ୍-ନି) ଅଗ୍ନି, ଅନଳ ।

ବା, ଅଂ. (ବା-୦) ବିତର୍କ, ନିଶ୍ଚୟ, ବିକଳ୍ପ । ବି. (ଦେ) ପବନ

ବାଁ, ବିଂ. (ଦେ) ବାମ, ସବ୍ୟ ।

ବାଇ, ବି. ( ବାୟୁ ଶବ୍ଦଜ ) ବାୟୁରୋଗ, ବେଶ୍ୟା, ଆର୍ଯ୍ୟା, ମାନମାନ୍ୟା ସ୍ତ୍ରୀ । ବିଂ. ବାୟ୍ୟା, ବାତୁଳ ।

ବାଇଗଣ, ବି. (ଦେ) ବାର୍ତ୍ତାକୀ ।

ବାଇଗବା, ବି. (ଦେ) ଜଙ୍ଗଲାଶ୍ରୟ ବୃକ୍ଷ ।

ବାଇଶ, ବି. ବିଂ. (ଦେ) ଦ୍ୱାବିଂଶତି, ୨୨ସଂଖ୍ୟା ।

ବାଇସ, ବି. ( ଦେ ) ଅଶ୍ଳୀଳଗାଳି ବିଂ. ହିରଣ୍ଡା, ଠିକଣା ।

ବାଉଳା, ବିଂ. (ଦେ) ବାତୁଳ, ଖେଳ ।

ବାଉଁଶ, ବି. (ବଂଶ ଶବ୍ଦଜ) ବାଉଁଶ ।

ବାକ, ବି. (ବାଚ୍-କ୍ୱିପ୍) ବାକ୍ୟ, ଶବ୍ଦ, ସରସ୍ୱତୀ ।

ବାଙ୍କା, ବିଂ. (ଯା) ଅବଶେଷ, ବକେୟା

ବାକୁଲି, ବି. (ଦେ) ୟୁଆଳୀର କଳା, ପ୍ରାଚୀରବଦ୍ଧ ବେଷ୍ଟିତ ଘର ।

ବାକ୍ୟ, ବି. ( ବଚ୍-ଯ ) କଥା, ବଚନ, ବିଭକ୍ତ୍ୟନ୍ତ ପଦସମୂହ ।

ବାଖର, ବି. (ଦେ) ମଦ୍ୟର ଉପାଦାନବିଶେଷ ।

ବାଗ, ବି. ( ଦେ ) ଆତ୍ମୀୟଭାବ, ସ୍ୱାଭାବିକ ଭାବ, ଲଗାମ । (ଯା) ବଗିଚ୍ଚା, ତୋଟା ।

ବାଗୀ,(ଘୀ), ବି. (ଦେ) ଜଙ୍ଘସନ୍ଧିରେ ହେବା ରୋଗ-ବିଶେଷ ।

ବାଗୀଶ, ବି. (ବାକ୍-ଈଶ) ବୃହସ୍ପତି, ଉତ୍ତମ ବକ୍ତା ।

ବାଗୁଡ଼ି, ବି. (ଦେ) ଜୁଡୁଖେଳ ।

ବାଗୁରା, ବି. ( ବା-ଉର-ଆ ଗ ଆଗମ ) ମୃଗବନ୍ଧନୀ ଜାଲ, ଫାଶ, ଫାନ୍ଦ ।

ବାଗ୍ଦଣ୍ଡ, ବି. ( ବାକ୍-ଦଣ୍ଡ ) ଗାଳି, ତିରସ୍କାର, ବାକ୍ୟସଂଯମ ।

ବାଗ୍ଦତ୍ତା, ବିଂ. (ବାକ୍-ଦତ୍ତା) ବିବାହ ପୂର୍ବେ ଯେଉଁ କନ୍ୟା ଅର୍ପଣ କରିବାକୁ ବାକ୍ୟଦାନ କରାଯାଇଥାଏ ।

ବାଗେଶୀ } ବି. ( ବାକ୍-ଦେବୀ, ଦେବତା )
ବାଗ୍ଦେବତା } ସରସ୍ୱତୀ ।

ବାଗ୍ମୀ, ବି°. (ବାକ୍-ମିନ୍) ବକ୍ତା, ବାଗ୍ମୂଳ, ବାକ୍‌ପଟୁ ।
ବାଗ୍‌ଯୁଦ୍ଧ, ବି. (ବାକ୍-ଯୁଦ୍ଧ) ବିତଣ୍ଡା, ତର୍କବିତର୍କ ।
ବାଘ, ବି. (ଦେ) ବ୍ୟାଘ୍ର । ସ୍ତ୍ରୀ. ବାଘୁଣୀ ।
ବାଙ୍କ, ବି°. (ଦେ) ବକ୍ର । ବି. ମୋଡ଼ ।

ବାଙ୍ଗର
ବାଙ୍ଗରି } ବି° (ଦେ) ଗେଣ୍ଡା ।

ବାଙ୍ମୟ, ବି°. (ବାକ୍-ମୟ) ବାକ୍ୟମୟ, ଶବ୍ଦଜାତ । ବି. ସାହିତ୍ୟ ।
ବାଚଂଯମ, ବି°. ( ବାଚଂ-ଯମ୍-ଅ ) ମୌନବ୍ରତ, ମିତଭାଷୀ ।

ବାଚଃପତି
ବାଚସ୍ପତି } ବି. (ବାଚସ୍-ପତି ) ଦେବଗୁରୁ, ବୃହସ୍ପତି, ବାଗ୍ମୀ ।

ବାଚକ, ବି°. (ବଚ୍-ଅକ) ଅର୍ଥପ୍ରକାଶକ, ବୋଧକ, ପାଠକ । ବି. ଅଭିଧାଦ୍ଵ ଅର୍ଥପ୍ରକାଶକ ଶବ୍ଦ ।
ବାଚନ, ବି. (ବାଚ-ଅନ) କଥନ, ପଠନ ।
ବାଚନିକ, ବି°.(ବଚନ-ଇକ)ମୌଖିକ,ବଚନନିଷ୍ପନ୍ନ ।
ବାଚାଳ, ବି°. ( ବାଚ୍-ଆଳ ) ବହୁଭାଷୀ, ଅସମ୍ବନ୍ଧ ପ୍ରଳାପୀ ।
ବାଚିକ, ବି. (ବାଚ୍-ଇକ) ସମ୍ବାଦ, ଖବର ।
ବାଚ୍ୟ, ବି. ( ବଚ୍-ଯ ) ଶବ୍ଦ ଓ ବାକ୍ୟଗଠନର ବ୍ୟାକରଣ ପଦ୍ଧତିବିଶେଷ । ବି°. ନିନ୍ଦନୀୟ ।
ବାଛୁରି, ବି. (ଦେ) ବାଳରୋଗବିଶେଷ,ଘୋଡ଼ାଛୁଆ ।

ବାଛୁବା, କି. ( ଦେ ) ନିର୍ବାଚନ କରିବା, ଅଲଗା ଅଲଗା କରିବା ।

ବାଛୁରି, ବି. (ବତ୍ସ ଶବ୍ଦଜ) ଗୋବତ୍ସ ।

ବାଜ, ବି. ( ବାଜ୍-ଅ ) ପକ୍ଷିବିଶେଷ, ଶ୍ୟେନପକ୍ଷୀ, ବାଣର ପକ୍ଷ ।

ବାଜଣା, ବି. (ଦେ) ବାଜା, ବାଦ୍ୟ ।

ବାଜପେୟୀ, ବି. ( ବାଜପେୟ-ଇନ୍ ) ବାଜପେୟ ଯଜ୍ଞକାରୀ ବ୍ରାହ୍ମଣ ।

ବାଜି, ବି. (ଯା) କୁହକ, ହୁଡ଼ ବା ପଣ ।

ବାଜିକା(ଗ)ର ବି. (ଦେ) ଐନ୍ଦ୍ରଜାଲିକ, ଯେ କୁହକ ବିଦ୍ୟା ଜାଣେ ।

ବାଜିବା, କି. (ଦେ) ଶବ୍ଦିତ ହେବା ।

ବାଜୀ, ବି. (ବାଜ-ଇନ୍) ପକ୍ଷୀ, ବାଣ, ଅଶ୍ୱ ।

ବାଜୀକରଣ, ବି (ବାଜିନ୍-କରଣ) ଅଶ୍ୱବତ୍ ରତି-ଶକ୍ତିବର୍ଦ୍ଧକ ଔଷଧାଦି ।

ବାଜୁ, ବି. (ଦେ) ହସ୍ତାଭରଣବିଶେଷ ।

ବାଜେ, ବିଂ. (ଦେ) ଖୁଚୁରା, ଇତର ।

ବାଜେଣୀ, ବି. (ଦେ) ଶବ୍ଦକାରୀ ଅଳଙ୍କାର ।

ବାଞ୍ଛନୀୟ, ବିଂ. (ବାଞ୍ଛ୍-ଅନୀୟ) ଅଭିଳଷଣୀୟ ।

ବାଞ୍ଛା, ବି. (ବାଞ୍ଛ୍-ଅ-ଆ) କାମନା, ସ୍ପୃହା ।

ବାଞ୍ଛିତ, ବିଂ. (ବାଞ୍ଛ୍-ତ) ଅଭୀଷ୍ଟ, ଅଭିଳଷିତ ।

ବାଟ, ବି. (ବଟ୍-ଅ) ପଥ, ରାସ୍ତା, ଭୂମି ।

ବାଟିକା, ବି. କ୍ଷୁଦ୍ର ବଗିଚା ।

ବାହିବା, କ୍ରି. (ଦେ) ଶଳରେ ପେଷିବା ।

ବାଟୀ, ବି. ଗୃହ, ୨୦ ମାଣ ଭୂମି ।

ବାଟୁଳି, ବି. (ଦେ) ବର୍ତ୍ତୁଳାକାର ମୃତ୍ତିକା ବା ଲୌହ-ନିର୍ମିତ କ୍ଷୁଦ୍ର ଗୋଲି ।

ବାଟୋଇ, ବି. (ଦେ) ଯେ ବାଟ ଗ୍ୟଲେ, ପଥିକ ।

ବାଡ଼, ବି. (ଦେ) ରକ୍ଷାର୍ଥବୃତ, ବଧ୍ୟତ, ଅବରୋଧକ ।

ବାଡ଼ବ, ବି. (ବଡ଼ବା-ଅ) ସମୁଦ୍ର ଅଗ୍ନି, ବଡ଼ବାନଳ ।

ବାଡ଼ବେୟ, ବି. (ବଡ଼ବା-ଏୟ) ଅଶ୍ୱିନୀକୁମାରଦ୍ୱୟ, ସମୁଦ୍ର ଅଗ୍ନି ।

ବାଡ଼ି, ବି. (ଦେ) ଯଷ୍ଟି, ଗୃହସଂଲଗ୍ନ ସ୍ଥାନ, କ୍ଷୁଦ୍ର ବଗିଚ୍ଚ, ଝାଡ଼ାକଇ ରୋଗ ।

ବାଡ଼ିତଆଡ଼ି, ବି. (ଦେ) ଝାଟିମାଟି କାନ୍ଥ ।

ବାଡ଼ୁଅ, ଧ୍ୱଂ. (ଦେ) ଅବବାଦ୍ଧତ ।

ବାଡ଼େଇବା, କ୍ରି. (ଦେ) ପ୍ରହାର କରିବା ।

ବାଢ଼ିବା, କ୍ରି. (ଦେ) ପରଷିବା, ଅନ୍ନବ୍ୟଞ୍ଜନାଦି ପତ୍ରରେ ଥୋଇବା ।

ବାଣ, ବି. (ବଣ୍-ଅ) ଶର, ଖାର, ୫ ସଂଖ୍ୟା, ଦୈତ୍ୟବିଶେଷ, ଆତସବାଜି, ମନ୍ତ୍ରୋପଗ୍ୟରବିଶେଷ, ଲୁଗାବୁଣା ମଜୁର ।

ବାଣି, ବି. (ଦେ) ଛନ୍ଦୋବିଶେଷ, ମଣିଣା ବୁଣିବା ଦଉଡ଼ି ।

ବାଣିଜ୍ୟ, ବି. (ବଣିକ୍-ଯ) ବଣିଗ୍ବୃତ୍ତି, କାରବାର ।

ବାଣୀ, ବି. (ବଣ୍-ଇ) ବାକ୍ୟ, ସ୍ୱରସ୍ୱତୀ ।

ବାଣ୍ଟ, ବି. (ଦେ) ବିଭାଗ, ହିସା, ପରମାଣବିଶେଷ ।
ବାଣ୍ଟିବା, କି. (ଦେ) ବିଭାଗ କରିବା, ବିସ୍ତାର କରିବା ।
ବାତ, ବି. (ବା-ତ) ବାୟୁ ରୋଗବିଶେଷ ।
ବାତପ୍ରମୀ, ବି. ବାୟୁ ପରି ଦ୍ରୁତଗାମୀ ମୃଗବିଶେଷ ।
ବାତାପି, ବି. (ନାମ) ଅସୁରବିଶେଷ, ଅମ୍ଳଫଳବିଶେଷ ।
ବାତାୟନ, ବି. (ବାତ-ଅୟନ) ଗବାକ୍ଷ, ଅଶ୍ୱ ।
ବାତାୟୁ, ବି. (ବାତ-ଅୟ୍-ଉ) ହରିଣ, ମୃଗ ।
ବାତୁଳ } ବିଂ. ( ବାତ-ଉଳ ) ବାତରୋଗୀ,
ବାତୂଳ } ପାଗଳ ।
ବାତ୍ୟା, ବିଂ ( ବାତ-ଯ-ଆ ) ବଳବାନ୍ ବାୟୁ, ବାତସମୂହ, ଝଞ୍ଜାପବନ ।
ବାତ୍ସଲ୍ୟ, ବି. ( ବତ୍ସଳ-ଯ ) ରସବିଶେଷ, କାରୁଣ୍ୟ, ସ୍ନେହ ।
ବାଦ, ବି. (ବଦ୍-ଅ) ଯଥାର୍ଥ ବିଚାର, ବିତର୍କ, କଳହ ।
ବାଦକ, ବିଂ. (ବାଦ-ଅକ) ବାଦ୍ୟକର ।
ବାଦନ, ବି. (ବାଦ-ଅନ) ବାଦ୍ୟ, ବଜାଇବା ।
ବାଦର, ବି. (ଦେ) ବାଦୁଡ଼ି ।
ବାଦରାୟଣ, ବି. ( ବାଦର-ଅୟନ ) ବଦରିକାଶ୍ରମ ମୁନି, ବ୍ୟାସଦେବ ।
ବାଦରାୟଣି, ବି. (ବାଦରାୟଣ-ଇ) ଶୁକଦେବ ।
ବାଦ୍‌ସା, ବି. (ଯା) ମୁସଲମାନ ସମ୍ରାଟ୍, ରାଜା ।
ବାଦାନୁବାଦ, ବି. (ବାଦ-ଅନୁବାଦ) ବାଗ୍‌ବିତଣ୍ଡା ।
ବାଦାମ, ବି. (ଦେ) ବୃକ୍ଷବିଶେଷ ଓ ତାହାର ଫଳ ।

ବାଦିତ, ବିଂ. (ବଦ୍-ଇ-ତ) ଶବ୍ଦିତ ।
ବାଦିତ୍ର, ବି. (ବାଦ୍-ଇତ୍ର) ବାଦ୍ୟଯନ୍ତ୍ର ।
ବାଦୀ, ବିଂ. (ବଦ୍-ଇନ୍) ବକ୍ତା, ଫରିୟାଦୀ ।
ବାଦୁଆ, ବିଂ. (ଦେ) ଈର୍ଷା, ବିଦ୍ୱେଷୀ, ବିରୋଧୀ ।
ବାଦୁଡ଼ି, ବି. (ଦେ) ବାଦରି, ଚମଚଟାଜାତୀୟ ଜୀବ ।
ବାଦ୍ୟ, ବି. (ବାଦ୍-ଯ) ବଜାଇବା ଯନ୍ତ୍ର ।
ବାଧକ, ବିଂ. (ବାଧ୍-ଅକ) ବାଧାଜନକ, ନିବାରକ ।
ବାଧା, ବି. (ବାଧ୍-ଆ) ବ୍ୟଥା, ପ୍ରତିବନ୍ଧକ ।
ବାଧିତ, ବିଂ. ( ବାଧ-ତ ) ପୀଡ଼ିତ, ନିବାରିତ, ବଶୀଭୂତ ।
ବାଧିବା, କ୍ରି. (ଦେ) ପୀଡ଼ାଦେବା, କାଟିବା, କଷ୍ଟ ଅନୁଭବ ହେବା ।
ବାଧ୍ୟ, ବିଂ. (ବାଧ୍-ଯ) ବଶ୍ୟ, ନିବାରଣଯୋଗ୍ୟ ।
ବାଧ୍ୟତା, ବି. (ବାଧ୍ୟ-ତା) ବଶ୍ୟତା, ନିଷିଦ୍ଧତା ।
ବାନ, ବି. (ଦେ) ତେଜଃ, କାନ୍ତି ।
ବାନପ୍ରସ୍ଥ, ବି. (ବାନ-ପ୍ରସ୍ଥ) ତୃତୀୟ ଆଶ୍ରମ, ଗୃହସ୍ଥାଶ୍ରମର ପରବର୍ତ୍ତୀ ବନପ୍ରସ୍ଥାନ ବ୍ରତ, ବନବାସୀ ।
ବାନର, ବି. (ବନ୍-ରମ୍-ଅ) ମର୍କଟ, ଶାଖାମୃଗ ।
ବାନା, ବି. (ଦେ) ପତାକା ।
ବାନାବର } ବାନାମ୍ବର } ବି. (ଦେ) ଶିବ, ମହାଦେବ, ପୁରୁଷ-ବାଚକ ନାମବିଶେଷ ।
ବାନୀର, ବି. ବେତଗଛ ।
ବାନ୍ତ, ବି. (ବମ୍-ତ) ବମନ, ଉଦ୍ଗିରଣ ।

ବାନ୍ଧବ, ବି. (ବନ୍ଧୁ-ଅ) ବନ୍ଧୁ, ମିତ୍ର ।

ବାନ୍ଧିବା, କ୍ରି. (ଦେ) ବନ୍ଧନ କରିବା, ଗଣ୍ଠି ପକାଇବା, ସଂଯତ କରିବା ।

ବାନ୍ଧେଣୀ, ବି. (ଦେ) ବନ୍ଧନ, ବନ୍ଧନସାଧନ ରଜ୍ଜୁ ପ୍ରଭୃତି । (ସମ୍ବଲପୁର) ଝାଡ଼ୁ, ବାଡ଼ୁଣୀ ।

ବାପ, (ପା), ବି. (ବପ୍ତା ଶବ୍ଦଜ) ଜନକ ।

ବାପି,(ପୀ), ବି. (ବପ୍-ଇ ଈ) ବଡ଼ପୋଖରୀ, ଦୀର୍ଘିକା ।

ବାବା, ବି. (ବପି ବା ବପ୍ର ଶବ୍ଦଜ) ପିତା ।

ବାବୁ, ବି. (ଦେ) ଧନୀ ବ୍ୟକ୍ତିଙ୍କର ଉପାଧି, ବାପ୍ରକ୍ଷ ସମ୍ବୋଧନ ।

ବାମ, ବିଂ. (ବମ୍-ଅ) ବିମୁଖ, ପ୍ରତିକୂଳ, ବିପରୀତ, ଦକ୍ଷିଣେତର ।

ବାମଦେବ, ବି. (ବାମ-ଦେବ) ମହାଦେବ, ମୁନିବିଶେଷ ।

ବାମନ, ବି, (ବାମ-ଇ-ଅନ) ଖର୍ବ, ବିଷ୍ଣୁଙ୍କ ଅବତାର-ବିଶେଷ ।

ବାମଲୂର, ବି. (ବାମ-ଲୂ-ର) ଉଇହୁଙ୍କା ।

ବାମଲୋଚନା, ବି. ( ବାମ=ସୁନ୍ଦର-ଲୋଚନ-ଆ ) ସୁରୁନେତ୍ରା, ସୁନ୍ଦରୀ ସ୍ତ୍ରୀ ।

ବାମା, ବି. ନାରୀ, ରମଣୀ, ରମା, ଦୁର୍ଗା, ଘୋଟକୀ ।

ବାମାଚାର, ବି. (ବାମ-ଆଚାର) ତନ୍ତ୍ରୋକ୍ତ ଉପାସନା ।

ବାମେତର, ବିଂ. (ବାମ-ଇତର) ଦକ୍ଷିଣ ।

ବାମୋରୁ, ବିଂ. (ବାମ-ଊରୁ) ସୁନ୍ଦର ଊରୁଯୁକ୍ତା ସ୍ତ୍ରୀ ।

ବାର୍ଣ୍ଣ, ବି. (ଦେ) ବାଷ୍ପ ।

ବାୟୁବ୍ୟ } ବିଂ. (ବାୟୁ-ଯ, ଇୟ ) ବାୟୁସମ୍ବନ୍ଧୀୟ,
ବାୟୁଵୀୟ } ବାୟୁକୋଣ ।
ବାୟସ, ବି. (ବୟ୍-ଅସ) କାକ, ଅଗୁରୁବୃକ୍ଷ । ସ୍ତ୍ରୀ. ବାୟସୀ ।
ବାୟୁ, ବି. (ବା-ଉ) ପବନ, ବତାସ, ପ୍ରାଣ ।
ବାୟୁକୋଣ, ବି. ଉତ୍ତର ପଶ୍ଚିମ କୋଣ ।
ବାୟୁସଖ, ବି. (ବାୟୁ-ସଖା) ଅଗ୍ନି ।
ବାର, ବି. ( ବୃ-ଅ ) ବାସର, ସମୂହ, ପାଳି, ଥର, ୧୨ ସଂଖ୍ୟା ।
ବାରଣ, ବି. (ବୃ-ଇ-ଅନ) ହସ୍ତୀ, ନିଷେଧ ।
ବାରବଧୂ, (ନାରୀ), ବି. ( ବାର=ଜନସମୂହ-ବଧୂ, ନାରୀ=ସ୍ତ୍ରୀ) ବେଶ୍ୟା ।
ବାରବାଣି, ବି. (ଦେ) ଉତ୍କୃଷ୍ଟ ସୁନା ।
ବାରବେଳା, ବି. ଦିନର ଯେଉଁ ସମୟରେ କୌଣସି କର୍ମ କରିବା ନିଷିଦ୍ଧ ।
ବାରମ୍ବାର, ଅଂ. ପୁନଃପୁନଃ, ବାରବାର ।
ବାରାଙ୍ଗନା, ବି. (ବାର-ଅଙ୍ଗନା) ବେଶ୍ୟା ।
ବାରାଣସୀ, ବି. (ବରଣା-ଅସୀ) କାଶୀ ।
ବାରାନ୍ତର, ବି. (ଅନ୍ୟ-ବାର) ଅନ୍ୟ ସମୟ ।
ବାରି, ବି. (ବୃ-ଇ) ଜଳ ।
ବାରିକ, ବି. (ଦେ) ଭଣ୍ଡାରି ।
ବାରିଚର, ବି. (ବାରି-ଚର-ଅ) ଜଳଚର, ମତ୍ସ୍ୟ ।
ବାରିଜ, ବି (ବାରି-ଜନ୍-ଅ) ଶଙ୍ଖ, ପଦ୍ମ ପ୍ରଭୃତି ।

ବାରଦ } ବି. ( ବାରି-ଦା-ଅ, ବହ୍-ଅ, )
ବାରିବାହ } ଜଳଦ, ମେଘ ।
ବାରିଧି } ବି. ( ବାରି-ଧା-ଇ, ନିଧି ) ଜଳଧି,
ବାରିନିଧି } ସମୁଦ୍ର ।
ବାରିରୁହ, ବି. (ବାରି-ରୁହ୍-ଅ) ପଦ୍ମ ।
ବାରୁଣୀ, ବି. (ବରୁଣ-ଅ-ଈ) ପଶ୍ଚିମ ଦିକ୍, ବରୁଣର ସ୍ତ୍ରୀ, ଏକପ୍ରକାର ମଦ, ତୀର୍ଥସ୍ନାନ ଯୋଗବିଶେଷ ।
ବାରୁଦ, ବି. ( ଦେ ) ସୋରା ଗନ୍ଧକ ମିଶ୍ରିତ ଚୂର୍ଣ୍ଣ-ବିଶେଷ ।
ବାର୍ତ୍ତା, ବି. (ବୃତ୍ତ-ଅ) ବୃତ୍ତାନ୍ତ, ସମ୍ବାଦ ।
ବାର୍ତ୍ତାବହ, ବି. (ବାର୍ତ୍ତା-ବହ୍-ଅ) ଦୂତ ।
ବାର୍ଦ୍ଧକ, ବି. (ବୃଦ୍ଧ-ଅକ) ବୃଦ୍ଧାବସ୍ଥା, ବୃଦ୍ଧର କର୍ମ ।
ବାର୍ଦ୍ଧକ୍ୟ, ବି. (ବାର୍ଦ୍ଧକ-ଯ) ବୃଦ୍ଧାବସ୍ଥା, ବୃଦ୍ଧତ୍ୱ ।
ବାର୍ଦ୍ଧୁଷିକ, ବି. ( ବୃଦ୍ଧି-ଇକ ) ବୃଦ୍ଧିଜୀବୀ, କୁଷିଦଜୀବୀ, ସୁଧଖୋର ।
ବାର୍ଯ୍ୟ, ବିଂ. (ବାରି-ଯ) ବାରଣୀୟ ।
ବାର୍ଲି, ବି. (ଇଂ) ଯବଚୂର୍ଣ୍ଣ ।
ବାର୍ଷିକ, ବିଂ. (ବର୍ଷ-ଇକ) ବାତ୍ସରିକ ।
ବାସି, ବି. (ଦେ) ବଢ଼େଇର କାଠ ଚାଞ୍ଛିବା ଯନ୍ତ୍ର ।
ବାଳ, ବି. (ବଳ୍-ଅ) ବାଳକ, କେଶ । ବିଂ. ଅଜ୍ଞାନ, ନୂତନ, ଅଳ୍ପ ବିକସିତ ।
ବାଳକ, ବି. (ବଳ୍-ଅକ) ଶିଶୁ, ବଳୟ, ଅଙ୍ଗୁରୀୟକ ।
ବାଳଖିଲ୍ଯ, ବି. ବୃଦ୍ଧାଙ୍ଗୁଷ୍ଠ ପରିମାଣ ମୁନିବିଶେଷ । (ଏମାନଙ୍କ ସଂଖ୍ୟା ୬୦ ହଜାର)

ବାଲଧି, ବି. (ବାଲ-ଧା-ଇ) ସଲୋମ ଲାଙ୍ଗୁଳ ।

ବାଳା, ବି. (ବାଳ-ଆ) ଯୁବତୀ ସ୍ତ୍ରୀ ।

ବାଲିଆ, ବି (ଦେ) କାତି ନ ଥିବା ଏକପ୍ରକାର ମାଛ ।

ବାଳିକା, ବି. (ବାଳକ-ଆ) ଅଳ୍ପ ବୟସ୍କା କନ୍ୟା ।

ବାଲି, ବି. (ଦେ) ବାଲୁକା, ବାର୍ଲି ।

ବାଲିଆ, ବିଂ. (ଦେ) ବାଲିମିଶା ।

ବାଲିକାଗଜ, ବି. (ଦେ) ଏକପ୍ରକାର ମାଟିଆ ରଙ୍ଗର କାଗଜ ।

ବାଲିଗିରଡ଼ା, ବି. ( ଦେ ) କ୍ଷୁଦ୍ର ମସୃଣ ପ୍ରସ୍ତରଖଣ୍ଡ, ଏକପ୍ରକାର ମାଛ ।

ବାଲିଙ୍ଗି, ବି. (ଦେ) ଗର୍ବ, ଆସ୍ଫାଳନ ।

ବାଳିଶ, ବି. (ବାଳ-ଶୀ-ଅ) ମୂର୍ଖ, ଶିଶୁ ।

ବାଲିଶ, ବି. (ଯା) ଉପାଧାନ, ତକିଆ ।

ବାଲୁକା, ବି. (ବଳ-ଉକ-ଆ) ସିକତା, ବାଲି ।

ବାଲୁଙ୍କା, ବି. (ଦେ) ବାଲୁକାନିର୍ମିତ ଢିଅଁ ।

ବାଲୁତ, ବି. (ଦେ) ଅତି ବାଳକ, ଶିଶୁ ।

ବାଲ୍ମୀକି, ବି. (ବଲ୍ମୀକ-ଅ, ଇ) ରାମାୟଣକର୍ତ୍ତା ମୁନି ।

ବାଲ୍ୟ, ବି. (ବାଳ-ଯ) ଶୈଶବ, ବାଲ୍ୟାବସ୍ଥା ।

ବାବଦୂକ, ବିଂ. (ବାବଦ୍-ଉକ) ବାଚାଳ ।

ବାବୁରି, ବି. (ଦେ) ଏକପ୍ରକାର ତୃଣ, ଆଲୁଳାୟିତ କ୍ଷୁଦ୍ର କେଶପାଶ ।

ବାଷଠି, ବି. ବିଂ. (ଦେ) ୬୨ ସଂଖ୍ୟା ।

ବାଷ୍ପ } ବି. ( ବା-ସୁକ୍-ପ, ନିପାତନ ) ବାମ୍ଫ,
ବାମ୍ପ } ଅଶ୍ରୁ, ଧୂମ ।
ବାଷ୍ପୀୟତରଣୀ, ବି. ଜାହାଜ ।
ବାଷ୍ପୀୟପୋତ, ବି. ଉଡ଼ା ଜାହାଜ, ବ୍ୟୋମଯାନ, ଜାହାଜ ।
ବାଷ୍ପୀୟରଥ, (ଶକଟ), ବି. ରେଲଗାଡ଼ୀ, ଟ୍ରେନ୍ ।
ବାସ, ବି. (ବସ୍-ଅ) ଗୃହ, ବସ୍ତ୍ର, ସୁଗନ୍ଧ ।
ବାସଃ, ବି. ( ବସ୍-ଇ-ଅସ୍ ) ବସ୍ତ୍ର ।
ବାସକସଜ୍ଜା, ବି. ଯେଉଁ ସ୍ତ୍ରୀ ଅଳଙ୍କାରାଦି ଦ୍ୱାରା ଭୂଷିତ ହୋଇ ନାୟକ ଆଗମନକୁ ଅପେକ୍ଷା କରିଥାଏ ।
ବାସନ, ବି. (ବସ୍-ଅନ) ସ୍ଥାନ, ପାତ୍ର, ସୁଗନ୍ଧୀକରଣ ।
ବାସନା, ବି. (ବାସ୍-ଅନ-ଆ) ସୁଗନ୍ଧ, ଇଚ୍ଛା, କାମନା ।
ବାସନ୍ତ, ବିଂ. ( ବସନ୍ତ-ଅ ) ବସନ୍ତ ଋତୁସମ୍ବନ୍ଧୀୟ । ବି. କୋକିଳ ।
ବାସନ୍ତୀ, ବି. (ବସନ୍ତ-ଈ) ନବମଲ୍ଲିକା, ଦୁର୍ଗା ।
ବାସର, ବି. ( ବସ୍-ଅର ) ଦିବସ, ବିବାହ ରାତ୍ରିର ମଧୁଶଯ୍ୟା ଗୃହ ।
ବାସବ, ବି. (ବସୁ-ଅ) ଇନ୍ଦ୍ର ।
ବାସି, ବି. (ଦେ) ପର୍ଯ୍ୟୁଷିତ, ଅତି ନିର୍ମଳ ।
ବାସିତ, ବିଂ. ( ବସ୍-ଇ-ତ) ସୁଗନ୍ଧୀକୃତ ।
ବାସିନ୍ଦା, ବିଂ. (ଦେ) ବାସକାରୀ, ଅଧିବାସୀ ।
ବାସୁକି, ବି. (ବସୁ-କ-ଇ) ସର୍ପରାଜ ।
ବାସୁଙ୍ଗା, ବି. (ଦେ) ପଟ୍ଟ, କଦଳୀ ବାହୁଙ୍ଗା ।

ବାସୁଦେବ, ବି. (ବସୁଦେବ-ଅ) କୃଷ୍ଣ ।

ବାସ୍ତବ } ବି. (ବସ୍ତୁ-ଅ, ଇକ) ପ୍ରକୃତ, ଯଥାର୍ଥ ।
ବାସ୍ତବିକ }

ବାସ୍ତବ୍ୟ, ବିଂ. (ବସ୍-ଇ-ତବ୍ୟ) ବାସଯୋଗ୍ୟ ।

ବାସ୍ତରି, କ୍ରି. ବିଂ. (ଦେ) ୭୨ ସଂଖ୍ୟା ।

ବାସ୍ତୁ, ବି. (ବସ୍-ତୁ) ଗୃହ ।

ବାସ୍ତୁଘ୍ନ, ବି. (ଯା) ଫଗୁଆ, ବାରବୁଲା ।

ବାହ, ବି. (ବହ୍-ଅ) ଘୋଡ଼ା । ବିଂ. ବାହକ ।

ବାହକ, ବି. ( ବହ୍-ଇ-ଅକ ) ସାରଥି । ବିଂ. ବହନକର୍ତ୍ତା ।

ବାହନ, ବି. ( ବାହ-ଅନ ) ଯାନ, ହସ୍ତୀ, ଅଶ୍ୱ, ନୌକା ପ୍ରଭୃତି ।

ବାହା, ବି. (ବାହୁ ଶବ୍ଦଜ) ଭୁଜ । (ଗ୍ରାମ୍ୟ) ବିବାହ ।

ବାହାଡ଼ା, ବି. ( ଦେ ) ଫଳବିଶେଷ, ବିକୃତ ଦନ୍ତ-ବିଶେଷ ।

ବାହାଦୁର, ବିଂ. (ଯା) କ୍ଷମ, ନିପୁଣ, ଉପାଧିବିଶେଷ କ୍ରି. ବାହାଦୁରି ।

ବାହାନ, ବି. (ଦେ) ବାହନ ।

ବାହାନା, ବି. (ଦେ) ଛଳନା ।

ବାହାପଟ, ବି. ( ଦେ ) ବାହୁ ଫୁଟାଇବା, କରତଳ ସଂକୋଚ କରି ବାହୁରେ ସଶବ୍ଦ ଆଘାତ ।

ବାହାପିଆ, ବିଂ. (ଦେ) ସାହସୀ, ସାହାସା ।

ବାହାବା, ବି. (ଦେ) ଧନ୍ୟବାଦ, ପ୍ରଶଂସା ।

ବାହ୍ଲାର, ବି. (ଯା) ସୌନ୍ଦର୍ଯ୍ୟ । (ବହିର୍ଗତ ଶବ୍ଦଜ) ନିର୍ଗତ, ଅଗଣା ।

ବାହ୍ଲାରିବା, କ୍ରି. ( ଦେ ) ବହିର୍ଗତ ହେବା, ନିର୍ଗତ ହେବା ।

ବାହା(ହେ)ଲ୍, ବି (ଯା) ନିଷ୍କର ଭୂମି, ସ୍ଥାୟିଭାବରେ ନିଯୁକ୍ତି ।

ବାହି, ବି. ( ଦେ ) ସ୍ତ୍ରୀମାନଙ୍କ ହସ୍ତର ଖଡ଼ୁ ଓ କାଚମୁଠା ।

ବାହିତ, ବିଂ. (ବାହି-ତ) ଗୃହୀତ, ପ୍ରବାହିତ ।

ବାହିନୀ, ବି. (ବାହ୍-ଇନ-ଈ) ସେନାବିଶେଷ, ନଦୀ ।

ବାହିନୀପତି, ବି. (ବାହିନୀ-ପତି) ସେନାପତି, ସମୁଦ୍ର, ଉପାଧିବିଶେଷ ।

ବାହିବା, କ୍ରି. (ଦେ) ବୁହାଇବା, ନୌକା ଚଳାଇବା ।

ବାହୁ, ବି. (ବହ୍-ଉ) ଭୁଜ, ରେଖାବିଶେଷ ।

ବାହୁଙ୍ଗା, ବି. (ଦେ) ଡାଳ ଓ ନଡ଼ିଆଗଛ ପ୍ରଭୃତିର ଶାଖା ।

ବାହୁଟିଆ, ବି. (ଦେ) ହରିଣବିଶେଷ ।

ବାହୁଙ୍ଗୀ, ବି. (ଦେ) ଖରର ଦଣ୍ଡ ।

ବାହୁଟୀ, ବି. (ଦେ) ହସ୍ତାଭରଣବିଶେଷ ।

ବାହୁଡ଼ା, ବି. ( ଦେ ) ବ୍ୟାବୃତ୍ତି, ପ୍ରତ୍ୟାବର୍ତ୍ତନ, ଜଗନ୍ନାଥଙ୍କ ଯାତ୍ରାବିଶେଷ ।

ବାହୁଡ଼ିବା, କ୍ରି. (ଦେ) ଫେରିବା, ଲେଉଟିବା ।

ବାହୁନା, ବି. ( ଦେ ) ଗୁଣ ସ୍ମରଣ କରି ବିଳାପ କରିବା ।

ବାହୁନବା, କ୍ରି. (ଦେ) ଗୁଣ ସ୍ମରଣ କରି କାନ୍ଦିବା, ଝୁରିବା ।

ବାହୁମୂଳ, ବି. (ବାହୁ-ମୂଳ) କାଖ, କକ୍ଷ ।

ବାହୁଯୁଦ୍ଧ, ବି. (ବାହୁ-ଯୁଦ୍ଧ) ମଲ୍ଲଯୁଦ୍ଧ, ମାଲକୁସ୍ତି ।

ବାହୁଲେୟ, ବି. (ବହୁଳ-ଏୟ) କାର୍ତ୍ତିକେୟ ।

ବାହୁଲ୍ୟ, ବି. (ବହୁଳ-ଯ) ବହୁତ୍ୱ, ଆତିଶଯ୍ୟ ।

ବାହ୍ୟ, ବିଂ. (ବହ-ଯ) ବହନୀୟ, ବହିଷ୍ଠ ।

ବି, ଉପସର୍ଗ ଅଂ. (ବା-ଇ) ବିପରୀତ, ବିଷମ, ପ୍ରଭେଦ, ବିରୋଧ । (ଅପି ଶବ୍ଦଜ) ମଧ୍ୟ । ବି. (ବେ-ଇ) ପକ୍ଷୀ

ବିଂଶ
ବିଂଶତିତମ } ବି. ବିଂ. (ବିଂଶତି-ଅ, ତମ) ବିଂଶତିର ପୂରଣ ।

ବିଂଶତି, ବି. ବିଂ. କୋଡ଼ିଏ, ସଂଖ୍ୟା, ୨୦ ।

ବିଆଣ, ବି. (ଦେ) ପ୍ରସବ ।

ବିଆଳୀ, ବି. (ଦେ) ଧାନ୍ୟବିଶେଷ ।

ବିଇଞ୍ଚି, ବି. (ବିଚର୍ଚ୍ଚିକା ଶବ୍ଦଜ) ପାଦରୋଗବିଶେଷ ।

ବିକଚ, ବିଂ. (ବି-କଚ୍-ଅ) ବିକସିତ, ପ୍ରସ୍ଫୁଟିତ ।

ବିକଟ, ବିଂ. (ବି-କଟ୍-ଅ) ଭୟଙ୍କର, ବିକୃତ, ବିଶାଳ ।

ବିକତ୍ଥନ, ବି. (ବି-କତ୍ଥ-ଅନ) ଆତ୍ମପ୍ରଶଂସା, ମିଥ୍ୟା, ଶ୍ଲାଘା

ବିକମ୍ପିତ, ବିଂ. (ବି-କମ୍ପ୍-ତ) ବିଶେଷରୂପେ କମ୍ପିତ ।

ବିକର୍ତ୍ତନ, ବି. (ବି-କୃତ୍-ଅନ) ସୂର୍ଯ୍ୟ ।

ବିକର୍ଷ, ବି. (ବି-କୃଷ୍-ଅ) ଶର, ମାର୍ଗଣ ।

ବିକର୍ଷଣ, ବି. ( ବି-କୃଷ୍-ଅନ ) ଭଲରୂପେ ଟାଣିବା, ଆକର୍ଷଣ ।

ବିକଳ, ବିଂ. ( ବି-କଳା ) ଅସମଗ୍ର, ବ୍ୟସ୍ତ, ଅବଶ, ବିହ୍ୱଳ ।

ବିକଳା, ବି. (ଦେ) କାତର, ବ୍ୟାକୁଳ ।

ବିକଳ୍ପ, ବି. (ବି-କଳ୍ପ) ସନ୍ଦେହ, ଭ୍ରମ, ସଂଶୟ ।

ବିକସିତ
ବିକଶିତ } ବିଂ. (ବି-କସ୍-ତ) ପ୍ରଫୁଲ୍ଲ, ପ୍ରକାଶିତ ।

ବିକସ୍ୱର, ବି. (ବି-କସ୍-ବର) ବିକାଶଶୀଳ ।

ବିକା, ବି. (ବିକ୍ରୟ ଶବ୍ଦଜ) ବିକ୍ରୟ । ବିଂ. ବିକ୍ରୀତ ।

ବିକାର, ବି. ( ବି-କୃ-ଅ ) ପ୍ରକୃତିର ଅନ୍ୟଥାଭାବ, ଅସ୍ୱାସ୍ଥ୍ୟ ।

ବିକାଶ, (ସ), ବି. (ବି-କାଶ୍-ଅ) ପ୍ରକାଶ, ଉଲ୍ଲାସ ।

ବିକିରଣ, ବି. (ବି-କୄ-ଅନ) ବିକ୍ଷେପଣ ।

ବିକୀର୍ଣ୍ଣ, ବିଂ. (ବି-କୄ-ତ) ବିକ୍ଷିପ୍ତ, ବିସ୍ତୃତ ।

ବିକୁକ୍ଷି, ବି. (ବି-କୁକ୍ଷି) ଇକ୍ଷ୍ୱାକୁରାଜାଙ୍କ ପୁତ୍ର ।

ବିକୃତ, ବିଂ. (ବି-କୃ-ତ) ବିକାରପ୍ରାପ୍ତ, ଘୃଣିତ ।

ବିକୃତି, ବି. ( ବି-କୃ-ତି ) ପ୍ରକୃତିର ଅନ୍ୟଥା ଭାବ, ରୋଗ ।

ବିକ୍ରମ, ବି. ( ବି-କ୍ରମ୍-ଅ ) ପରାକ୍ରମ, ଶୌର୍ଯ୍ୟ, ପାଦକ୍ଷେପ ।

ବିକ୍ରମୀ, ବିଂ. (ବି-କ୍ରମ୍-ଇନ୍) ପରାକ୍ରମଶାଳୀ ।

ବିକ୍ରୟ, ବି. (ବି-କ୍ରୀ-ଅ) ବିକିବା ।

ବିକ୍ରୀତ, ବି°. ( ବି-କ୍ରୀ-ତ ) ଯାହା ବିକ୍ରୟ କରି ଯାଇଅଛି ।
ବିକ୍ରେତା, ବି°. (ବି-କ୍ରୀ-ତୃ) ବିକ୍ରୟକାରକ ।
ବିକ୍ରେୟ, ବି°. ( ବି-କ୍ରୀ-ଯ) ବିକ୍ରୟଯୋଗ୍ୟ, ଯାହା ବିକାଯାଇ ପାରେ ।
ବିକ୍ଲବ, ବି°. (ବି-କ୍ଲବ୍-ଅ) ବିହ୍ୱଳ, କାତର । ବି. ବିକ୍ଲବତା, ବୈକ୍ଲବ୍ୟ ।
ବିକ୍ଷତ, ବି°. (ବି-କ୍ଷତ) ବିଶେଷରୂପେ ଆଘାତପ୍ରାପ୍ତ, କ୍ଷୟପ୍ରାପ୍ତ ।
ବିକ୍ଷିପ୍ତ, ବି°. ( ବି-କ୍ଷିପ୍-ତ ) ବିସ୍ତାରିତ, ତ୍ୟକ୍ତ, ନିକ୍ଷିପ୍ତ, ଉଦ୍‌ଭ୍ରାନ୍ତଚିତ୍ତ ।
ବିକ୍ଷୁବ୍ଧ, ବି°. (ବି-କ୍ଷୁଭ-ତ) ଆନ୍ଦୋଳିତ,ଆଲୋଡ଼ିତ, ଚଞ୍ଚଳ, ଉପଦ୍ରୁତ ।
ବିକ୍ଷେପ, ବି (ବି-କ୍ଷିପ୍-ଅ) ନିକ୍ଷେପ, ଅନିର୍ଦ୍ଦିଷ୍ଟଭାବରେ କ୍ଷେପଣ, ଦୁଃଖ, ଦମ୍ଭ, ଶୃଙ୍ଖଳ୍ୟ ।
ବିକ୍ଷୋଭ, ବି. ( ବି-କ୍ଷୁଭ୍-ଅ ) ଦୁଃଖ, ଶୃଙ୍ଖଳ୍ୟ, ଔଦାସ୍ୟ ।
ବିଖ୍ୟାତ, ବି°. (ବି-ଖ୍ୟା-ତ) ଖ୍ୟାତିସମ୍ପନ୍ନ, ପ୍ରସିଦ୍ଧ ।
ବିଗତ, ବି°. (ବି-ଗମ୍-ତ) ଅତୀତ, ସମ୍ପାଦିତ,ଭୂତ ।
ବିଗମ, ବି. (ବି-ଗମ୍-ଅ) ନାଶ, ଅପଗମ, ନିବୃତ୍ତି ।
ବିଗଳିତ, ବି°. (ବି-ଗଲ୍-ତ) ପତିତ, ସ୍ଖଳିତ ।
ବିଗର୍ହଣ, ବି. (ବି-ଗର୍ହ୍-ଅନ) ନିନ୍ଦା, ଅପବାଦ ।
ବିଗର୍ହିତ, ବି°. (ବି-ଗର୍ହ୍-ତ) ନିନ୍ଦିତ, ଦୂଷିତ ।

ବିଗିଡ଼ିବା, କ୍ରି. (ଦେ) ଖରାପ ହେବା, ନଷ୍ଟ ହେବା ।
ବିଗୁଣ, ବିଂ. (ବି-ଗୁଣ) ବିକୃତ, ଗୁଣରହିତ ।
ବିଗ୍ରହ, ବି (ବି-ଗ୍ରହ୍-ଅ) ଶରୀର, ଦେବମୂର୍ତ୍ତି, ଯୁଦ୍ଧ ।
ବିଘଟନ, ବି. (ବି-ଘଟ୍-ଅନ) ବିଶ୍ଳେଷ, ଅସଂଯୋଗ, ବ୍ୟାଘାତ, ବିରୋଧ ।
ବିଘଟିତ, ବିଂ. (ବି-ଘଟ୍-ଇ-ତ) ବିକସିତ, ବ୍ୟାହତ ।
ବିଘାତ, ବି. (ବି-ହନ୍-ଅ) ବାଧା, କ୍ଷତ, ପ୍ରହାର ।
ବିଘାତକ, ବିଂ. (ବି-ହନ୍-ଅକ) ବିନାଶକ ।
ବିଘ୍ନ, ବି. (ବି-ହନ୍-ଅ) ପ୍ରତିବନ୍ଧକ, ବାଧା ।
ବିଘ୍ନନାଶକ, ( ରାଜ ), ବି. ( ବିଘ୍ନ-ନାଶକ, ରାଜ ) ଗଣେଶ ।
ବିଘ୍ନିତ, ବିଂ. (ବିଘ୍ନ-ଇତ) ବ୍ୟାହତ ।
ବିଚକ୍ଷଣ, ବିଂ. ( ବି-ଚକ୍ଷ୍-ଅନ ) ଜ୍ଞାନୀ, ଦକ୍ଷ, ପଟୁ, ବିଦ୍ୱାନ୍ । ସ୍ତ୍ରୀ. ବିଚକ୍ଷଣା ।
ବିଚର୍ଚ୍ଚିକା, ବି. ( ବି-ଚର୍ଚ୍ଚ-ଅକ-ଆ ) କାଛୁରୋଗ, ବିଇଁଅରୋଗ ।
ବିଚଳ } ବିଂ. (ବି-ଚଲ୍-ଅ, ତ) ସ୍ଖଳିତ, ଚଳିତ
ବିଚଳିତ } ଅସ୍ଥିର ।
ବିଚାର, ବି. (ବି-ଚର୍-ଅ) ଯାଥାର୍ଥ୍ୟନିର୍ଣ୍ଣୟ, ନିଷ୍ପତ୍ତି ।
ବିଚାରକ, ବିଂ. (ବି-ଚର୍-ଇ-ଅକ) ମୀମାଂସାକାରକ, ବିଚାରକର୍ତ୍ତା ।
ବିଚାରଣା, ବି. (ବି-ଚର୍-ଅନ-ଆ) ବିବେଚନା ।
ବିଚାରଣୀୟ, ବିଂ. ( ବି-ଚର୍-ଅନୀୟ ) ବିଚାର୍ଯ୍ୟ ।

ବିଚାରିତ, ବିଂ. (ବି-ଚର୍-ଇ-ତ) ବିବେଚିତ, ମିମାଂସିତ, ନିର୍ଣ୍ଣୀତ।

ବିଚାର୍ଯ୍ୟ, ବିଂ. (ବି-ଚର୍-ଯ) ବିବେଚିତ।

ବିଚିତ୍ର, ବି. (ବି-ଚିତ୍ର-ଅ) ନାନା ବର୍ଣ୍ଣ, ଅର୍ଥାଲଙ୍କାର-ବିଶେଷ।

ବିଚିତ୍ରବୀର୍ଯ୍ୟ, ବି. (ବିଚିତ୍ର-ବୀର୍ଯ୍ୟ) ଶାନ୍ତନୁ ରାଜାଙ୍କ ପୁତ୍ର।

ବିଚିତ୍ରିତ, ବିଂ. (ବିଚିତ୍ର-ଇତ) ନାନାବର୍ଣ୍ଣବିଶିଷ୍ଟ।

ବିଚେତନ, ବିଂ. (ବି-ଚେତନା) ଅଜ୍ଞାନ, ମୂର୍ଚ୍ଛିତ, ଅବିବେକ।

ବିଚ୍ଛିତ୍ତି, ବି. (ବି-ଛିଦ୍-ତି) ବିଚ୍ଛେଦ, ଅଙ୍ଗରାଗ, ବୈଚିତ୍ର୍ୟ।

ବିଚ୍ଛିନ୍ନ, ବିଂ. (ବି-ଛିଦ୍-ତ) ବିଭକ୍ତ, ବିଯୁକ୍ତ, ବିଭିନ୍ନ, ଛିନ୍ନଭିନ୍ନ।

ବିଚ୍ଛୁରିତ, ବିଂ. (ବି-ଛୁର୍-ତ) ଅନୁଲିପ୍ତ, ଅନୁରଞ୍ଜିତ।

ବିଚ୍ଛେଦ, ବି. (ବି-ଛିଦ୍-ଅ) ବିରହ, ବିଯୋଗ, ବିଭାଗ, ଅଭାବ।

ବିଚ୍ୟୁତ, ବିଂ. (ବି-ଚ୍ୟୁ-ତ) ଭ୍ରଷ୍ଟ, ପତିତ, ସ୍ଖଳିତ।

ବିଚ୍ୟୁତି, ବି. (ବି-ଚ୍ୟୁ-ତି) ଭ୍ରଂଶ, ସ୍ଖଳନ।

ବିଛା, ବି. (ବୃଶ୍ଚିକ ଶବ୍ଦଜ) କୀଟବିଶେଷ।

ବିଛୁଆତି, ବି (ଦେ) କଣ୍ଡୂକାରୀ ଲତାବିଶେଷ।

ବିଜନ, ବିଂ. (ବି-ଜନ) ନିର୍ଜନ।

ବିଜନନ, ବି. (ବି-ଜନ୍-ଅନ) ଉତ୍ପତ୍ତି, ଜନ୍ମ।

ବିଜନ୍ମା, ବିଂ. (ବି-ଜନ୍ମନ୍) ଜାରଜ।

ବିଜୟ, ବି. ( ବି-ଜି-ଅ ) ଜୟ, ଜିତିବା, ଅର୍ଜୁନ, ଯମ, ବିମାନ । (ଦେ) ଯାତ୍ରା ।

ବିଜୟା, ବି. ଗଞ୍ଜେଇ, ଦୁର୍ଗା, ତିଥିବିଶେଷ, ହରିତକୀ, ବଚ ।

ବିଜୟୀ, ବିଂ. (ବିଜୟ-ଇନ୍) ଜୟଯୁକ୍ତ, ଜୟପ୍ରାପ୍ତ ।

ବିଜାତୀୟ, ବିଂ. (ବି-ଜାତି-ଈୟ) ଭିନ୍ନଧର୍ମାକ୍ରାନ୍ତ ।

ବିଜିଗୀଷା, ବି.(ବି-ଜି-ସନ୍-ଆ)ଜୟେଚ୍ଛା,ବ୍ୟବହାର ।

ବିଜିତ, ବିଂ. ( ବି-ଜି-ତ ) ପରାଭୂତ, ପରାଜିତ ।

ବିଜିହୀର୍ଷୁ, ବିଂ. (ବି-ହୃ-ସନ୍-ଉ) ବିହାରକରଣେଚ୍ଛୁ ।

ବିଜୁଳି, ବି. (ବିଦ୍ୟୁତ୍ ଶବ୍ଦଜ) ଚପଳା, ତଡ଼ିତ୍ ।

ବିଜୃମ୍ଭଣ, ବି. ( ବି-ଜୃମ୍ଭ୍-ଅନ ) ହାଇ, ବିକାଶ, ଇଚ୍ଛା, ବିସ୍ତାର ।

ବିଜୃମ୍ଭିତ, ବି. (ବି-ଜୃମ୍ଭ୍-ତ) ବିଜୃମ୍ଭଣ, ବିଳସିତ । ବିଂ. ବିକସିତ ।

ବିଜେତା, ବିଂ. (ବି-ଜି-ତୃ )ଜୟୀ, ଜୟକର୍ତ୍ତା ।

ବିଜେୟ, ବିଂ. (ବି-ଜି-ଯ) ଜୟ କରିବାଯୋଗ୍ୟ ।

ବିଜ୍ଞ, ବିଂ. ( ବି-ଜ୍ଞା-ଅ ) ପ୍ରବୀଣ, ବିଚକ୍ଷଣ, ଜ୍ଞାନୀ ।

ବିଜ୍ଞପ୍ତି, ବି. (ବି-ଜ୍ଞପ୍-ତି) ନିବେଦନ, ବିଜ୍ଞାପନ ।

ବିଜ୍ଞାନ, ବି. (ବି-ଜ୍ଞା-ଅନ) ପଦାର୍ଥର ତତ୍ତ୍ୱନିର୍ଣ୍ଣାୟକ ଶାସ୍ତ୍ର, ଈଶ୍ୱରଜ୍ଞାନ ।

ବିଜ୍ଞାପନ, ବି. (ବି-ଜ୍ଞାପି-ଅନ) ନିବେଦନ, ଜଣାଣ ।

ବିଜ୍ଞାପିତ, ବିଂ. (ବି ଜ୍ଞାପି-ତ)ନିବେଦିତ,ଅବଗମିତ ।

ବିଜ୍ଞେୟ, ବିଂ (ବି-ଜ୍ଞା-ଯ)ଜାଣିବାଯୋଗ୍ୟ,ଜ୍ଞାତବ୍ୟ ।

ବ୍ୟଞ୍ଜଣା, ବି. (ବ୍ୟଞ୍ଜନ ଶବ୍ଦଜ) ବ୍ୟଞ୍ଜନ ।

ବଟ, ବି. ( ବଟ୍-ଅ ) ଧୂର୍ତ୍ତ, କାମୁକ, ଲମ୍ପଟ, ଲବଣବିଶେଷ ।

ବଟଙ୍କ, ବି. (ବି-ଟଙ୍କ୍-ଅ) ପାରାଘର ।

ବଟପ, ବି. ( ବଟ୍-ଅପ ) ଶାଖା, ଡାଳ, ପଲ୍ଲବ, ଅଧଃଶସ୍ୟ ଲମ୍ପଟ ।

ବଟପୀ, ବି. ( ବଟପ-ଇନ୍ ) ବୃକ୍ଷ, ତରୁ, ଶାଖୀ, ବ୍ୟଭିଚାରିଣୀ ।

ବଟାଳିଆ, ବିଂ. (ଦେ) ଅଜାଡିଆ ।

ବଟୋଳ, ବିଂ. (ଦେ) ଦୁଷ୍ଟ, ଭ୍ରଷ୍ଟାଚାର ।

ବଡ଼ଙ୍ଗ, ବି. (ବଡ଼୍-ଅଙ୍ଗ) ଔଷଧବିଶେଷ ।

ବଡ଼ମ୍ବ, ବିଂ. (ବି-ଡନ୍ବ୍-ଅ) ସଦୃଶ, ତୁଲ୍ୟ ।

ବଡ଼ମ୍ବନ } ବି. ( ବି-ଡନ୍ବ୍-ଅନ, ଆ ) ଯନ୍ତ୍ରଣା,
ବଡ଼ମ୍ବନା } କ୍ଲେଶ, ଅନୁକରଣ, ପ୍ରବଞ୍ଚନା, ଉପହାସସମୀପସ୍ଥ ବ୍ୟାପାର ।

ବଡ଼ମ୍ବିତ, ବିଂ. (ବି-ଡନ୍ବ୍-ତ) ଦୁଃଖିତ, କ୍ଲେଶିତ, ପ୍ରବଞ୍ଚିତ, ଉପହସିତ ।

ବଡ଼ା }
ବଡ଼ } ବି. (ଦେ) ଗୋଷ୍ଠୀ ।

ବଡାଳ, ବି. (ବଡ୍-ଆଳ) ବସନ୍ତ । ସ୍ତ୍ରୀ. ବଡାଳୀ ।

ବଡ଼, ବି (ଦେ) ଏକପ୍ରକାର ପିଠା ।

ବଡ଼ଆ, ବି. (ବଟିକା ଶବ୍ଦଜ) ପାନଖିଲ ।

ବଡ଼ବା, କ୍ରି. (ଦେ) ପରଖିବା ।

ବଡ଼ୋ (ଡ଼ୌ)ଜାଃ ବ. (ବଟ୍-ଓଜଃ) ଇନ୍ଦ୍ର ।

ବଣ୍ଡା
ବଣ୍ଡି } ବ. (ଦେ) ବସ୍ତ୍ର ଓ ପାଳାଦିର ମେଞ୍ଚା ।

ବତଣ୍ଡା, ବ. ( ବି-ତଣ୍ଡ୍-ଆ ) ବିତର୍କ, ମିଥ୍ୟା ବଚସର, ବାଗ୍‌ଯୁଦ୍ଧ ।

ବିତରଣ, ବ. (ବି-ତୃ-ଅନ) ଦାନ, ଅର୍ପଣ, ବଣ୍ଟନ ।

ବିତର୍କ, ବ. ( ବି-ତର୍କ୍-ଅ ) ବାଦାନୁବାଦ, ତର୍କ, ଆଲୋଚନା ।

ବିତଥ, ବିଂ. (ବି-ତଥା-ଅ) ବିଫଳ, ମିଥ୍ୟା ।

ବିତଳ, ବ. ( ବି-ତଳ୍-ଅ ) ଦ୍ୱିତୀୟ ପାତାଳ ।

ବିତାନ, ବ. (ବି-ତନ୍-ଅ) ବିସ୍ତାର, ଚାନ୍ଦୁଆ ।

ବିତିବା, କ୍ରି. (ଦେ)କାଟିବା,ଯାପିତ ହେବା ।

ବିତୃଷ୍ଣ, ବିଂ. ( ବି-ତୃଷ୍ଣା ) ନିଷ୍ପୃହ, ଉଦାସୀନ ।

ବିତୃଷ୍ଣା, ବ. (ବି-ତୃଷ୍ଣା) ଅନିଚ୍ଛା,ତୃଷ୍ଣାଭାବ, ଅରୁଚି ।

ବିତ୍ତ, ବ. ( ବିଦ୍-ତ ) ଧନ, ସମ୍ପତ୍ତି ।

ବିଦ, ବିଂ. (ବିଦ୍-କ୍ୱିପ୍) ଯେ ଜାଣେ (ଶବ୍ଦାନ୍ତେ) ।

ବିଦ, ବ. ( ଦେଶଜ ) ଅଳଙ୍କାରବିଶେଷ ।

ବିଦଗ୍ଧ, ବିଂ. (ବି-ଦହ୍-ତ) ରସଜ୍ଞ, ପଣ୍ଡିତ,ଚତୁର ।

ବିଦର୍ଭ, ବ. (ବି-ଦର୍ଭ)ବିରାର ଦେଶ,ବଡ ନାଗପୁର ।

ବିଦର୍ଭଜା, ବ. (ବିଦର୍ଭ-ଜନ୍-ଅ, ଆ) ଦମୟନ୍ତୀ ।

ବିଦାକି, ବ. (ଦା ଧାତୁଜ) ମେଲାଣି ଧନାଦି ।

ବିଦାୟ,ବ.(ବି-ଦା-ଯ)ଗମନାନୁମତି,ବିସର୍ଜନ,ଦାନ ।

ବିଦାରକ, ବିଂ. ( ବି-ଦୃ-ଅକ ) ବିଦୀର୍ଣ୍ଣକାରକ ।

ବିଦାରଣ, ବି. ( ବି-ଦାର୍-ଅନ ) ବିଦୀର୍ଣ୍ଣକରଣ, ଭେଦନ, ମାରଣ ।

ବିଦାରିତ, ବିଂ. ( ବି-ଦାର୍-ତ ) ଭେଦିତ ।

ବିଦିକ୍, ବି.(ବି-ଦିଶ୍)ଦୁଇଦିଗର ମଧ୍ୟବର୍ତ୍ତୀ କୋଣ ।

ବିଦିତ, ବିଂ. (ବିଦ୍-ତ) ଅବଗତ, ଜ୍ଞାତ, ପ୍ରାର୍ଥିତ ।

ବିଦୀର୍ଣ୍ଣ, ବିଂ. (ବି-ଦୃ-ତ) ବିଭକ୍ତ,ଭିନ୍ନ,ଭଗ୍ନ,ବିସ୍ଫୁଟ ।

ବିଦୁର, ବି. (ବିଦ୍-ଉର) ଯୁଧିଷ୍ଠିରଙ୍କ ପିତୃବ୍ୟ ।

ବିଦୁଷୀ, ବି.ସ୍ତ୍ରୀ.(ବିଦ୍ୱସ୍-ଈ)ବିଦ୍ୟାବତୀ ସ୍ତ୍ରୀ,ପଣ୍ଡିତା ।

ବିଦୂର. ବିଂ. (ବି-ଦୂର) ଅତି ଦୂରବର୍ତ୍ତୀ ।

ବିଦୂଷକ, ବି. ( ବି-ଦୂଷ୍-ଅକ ) ଭଣ୍ଡ । ବିଂ. ନିନ୍ଦକ, ଲମ୍ପଟ ।

ବିଦୂଷଣ, ବି. (ବି-ଦୂଷ୍-ଅନ) ଦୋଷାର୍ପଣ, ନିନ୍ଦା । ବିଂ. ଦୋଷରହିତ ।

ବିଦେଶ, ବି. (ବି-ଦେଶ) ଦେଶାନ୍ତର, ଭିନ୍ନଦେଶ ।

ବିଦେଶୀ, ବିଦେଶୀୟ } ବିଂ. (ବିଦେଶ-ଇନ୍, ଈୟ) ଭିନ୍ନ ଦେଶବାସୀ ।

ବିଦେହ, ବି. ( ବି-ଦେହ ) ମିଥିଳା, ତିରହୁତ । ବିଂ. ଦେହରହିତ ।

ବିଦ୍ଧ, ବିଂ. (ବ୍ୟଧ୍-ତ) ଛିଦ୍ରିତ, ସମୁତ୍କୀର୍ଣ୍ଣ, ଆହତ ।

ବିଦ୍ୟମାନ, ବିଂ. (ବିଦ୍-ଆନ) ବର୍ତ୍ତମାନ, ସ୍ଥିତିଶୀଳ ।

ବିଦ୍ୟା, ବି. ( ବିଦ୍-ଯ-ଆ ) ଜ୍ଞାନ ।

ବିଦ୍ୟାଧର, ବି. ( ବିଦ୍ୟା-ଧୃ-ଅ ) ଦେବଯୋନି-ବିଶେଷ, ଗନ୍ଧର୍ବ, କିନ୍ନର ।

ବିଦ୍ୟାର୍ଥୀ, ବି. (ବିଦ୍ୟା-ଅର୍ଥ-ଇନ୍) ଛାତ୍ର, ଶିଷ୍ୟ ।
ବିଦ୍ୟାଳୟ, ବି. ( ବିଦ୍ୟା-ଆଳୟ ) ବିଦ୍ୟାଶିକ୍ଷାର ସ୍ଥାନ, ପାଠଶାଳା ।
ବିଦ୍ୟାବାନ୍, ବିଂ. (ବିଦ୍ୟା-ବତ୍) ବିଦ୍ୱାନ୍, ପଣ୍ଡିତ ।
ବିଦ୍ୟୁତ୍, ବି. (ବି-ଦ୍ୟୁତ୍) ତଡ଼ିତ୍, ସୌଦାମିନୀ ।
ବିଦ୍ୟୁଲ୍ଲତା. ବି. ( ବିଦ୍ୟୁତ୍-ଲତା ) ମେଘଜ୍ୟୋତିଃ, ତଡ଼ିତ୍ ।
ବିଦ୍ରୁତ, ବିଂ.(ବି-ଦ୍ରୁ -ତ)ଦ୍ରବୀଭୂତ,ପଳାୟିତ,ଖ୍ୟାତ ।
ବିଦ୍ରୁମ, ବି. ( ବି-ଦ୍ରୁମ ) ପଦ୍ମରାଗମଣି, ପ୍ରବାଳ ।
ବିଦ୍ରୂପ, ବି. (ବଙ୍ଗଳା ଦେଶଜ) ପରିହାସ, ଥଟ୍ଟା ।
ବିଦ୍ରୋହ, ବି. (ବି-ଦ୍ରୁହ୍-ଅ)ବିଦ୍ୱେଷ,ଯୁଦ୍ଧ,କଳହ ।
ବିଦ୍ରୋହୀ, ବିଂ. ( ବିଦ୍ରୋହ-ଇନ୍ ) ଅନିଷ୍ଟାଚରଣକାରୀ, ବିଦ୍ରୋହକାରକ ।
ବିଦ୍ୱାନ୍ , ବିଂ. ( ବିଦ୍-ବସ୍ ) ପଣ୍ଡିତ, ବିଦ୍ୟାବାନ୍, ଜ୍ଞାନୀ, ଶାସ୍ତ୍ରଦର୍ଶୀ ।
ବିଦ୍ୱେଷ } ବିଦ୍ୱେଷଣ } ବି. (ବି-ଦ୍ୱିଷ୍-ଅ,ଅନ) ଶତ୍ରୁତା,ବୈର ।
ବିଦ୍ୱେଷୀ, ବିଂ. (ବି-ଦ୍ୱିଷ୍-ଇନ୍ ) ଶତ୍ରୁ, ଦ୍ୱେଷକାରୀ ।
ବିଧ } ବିଧା } ବି. ( ବି-ଧା-ଅ ) ପ୍ରକାର, ରୀତି, ଧାରା, ବିଧି, ନିୟମ ।
ବିଧବା, ବି. (ବି-ଧବ-ଆ) ମୃତପତିକା, ପତିହୀନା ସ୍ତ୍ରୀ, ରାଣ୍ଡୀ ।
ବିଧାଃ, ବି. ( ବି-ଧା-ଅସ ) ବ୍ରହ୍ମା, ଆତ୍ମଭୂ ।

ବିଧା, ବି. (ଦେ) ହସ୍ତମୁଷ୍ଟିର ମାଡ଼ବିଶେଷ ।

ବିଧାତା, ବି. ( ବି-ଧା-ତୃ ) ବ୍ରହ୍ମା, କନ୍ଦର୍ପ । ବିଂ. ସୃଷ୍ଟିକର୍ତ୍ତା ।

ବିଧାନ, ବି. (ବି-ଧା-ଅନ)ନିୟମ,ବିଧି, ବ୍ୟବସ୍ଥା ।

ବିଧି, ବି. (ବି-ଧା-ଇ) ବିଧାତା, ନିୟମ, ଅନୁଷ୍ଠାନ ।

ବିଧିଜ୍ଞ, ବିଂ. (ବିଧି-ଜ୍ଞା-ଅ) ଶାସ୍ତ୍ରଜ୍ଞ,ବିଧାନବେତ୍ତା ।

ବିଧିପୂର୍ବକ, କ୍ରି.ବିଂ (ବିଧି-ପୂର୍ବ-କ)ବିଧାନ ଅନୁସାରେ ।

ବିଧିବତ୍, ଅଂ. ( ବିଧି-ବତ୍) ଯଥାବିଧି, ଯଥାଶାସ୍ତ୍ର ।

ବିଧିବଦ୍ଧ, ବିଂ. (ବିଧି-ବଦ୍ଧ) ନିୟମବଦ୍ଧ ।

ବିଧିବୋଧିତ, ବିଂ. ( ବିଧି-ବୋଧିତ ) ଶାସ୍ତ୍ରସମ୍ମତ ।

ବିଧୁ, ବି. (ବି-ଧେ-ଉ) ଚନ୍ଦ୍ର, କର୍ପୂର, ବ୍ରହ୍ମା, ବିଷ୍ଣୁ ।

ବିଧୁତ, ବିଧୂତ, ବିଧୂନିତ } ବିଂ. (ବି-ଧୁ, ଧୂ-ତ) କମ୍ପିତ,ଦୂରୀକୃତ ।

ବିଧୁନନ, ବିଧୂନନ } ବି. ( ବି-ଧୁ, ଧୂ-ଇ-ଅନ ) କମ୍ପନ, କମ୍ପ, ତ୍ୟାଗ ।

ବିଧୁନ୍ତୁଦ, ବି. (ବିଧୁ-ତୁଦ୍-ଅ) ରାହୁଗ୍ରହ ।

ବିଧୁର, ବିଂ. (ବି-ଧୁର-ଅ) ଆର୍ତ୍ତ, କାତର, ଦୁଃଖିତ ।

ବିଧୃତ, ବିଂ. (ବି-ଧୃ-ତ) ଧୃତ, ଅବଲମ୍ବିତ, ଆକ୍ରାନ୍ତ ।

ବିଧେୟ, ବିଂ. (ବି-ଧା-ଯ) ବିଧାନଯୋଗ୍ୟ, ଉଚିତ ।

ବିଧ୍ୱଂସ, ବି. (ବି-ଧ୍ୱନ୍ସ୍-ଅ) ବିନାଶ, କ୍ଷୟ, ବିଲୋପ ।

ବିଧ୍ୱସ୍ତ, ବିଂ. (ବି-ଧ୍ୱନ୍ସ୍-ତ) ବିନଷ୍ଟ, ଅପକୃତ ।

ବିନତ, ବିଂ. (ବି-ନମ୍-ତ) ଅବନତ, ପ୍ରଣତ,ନମ୍ର ।

ବିନତା, ବି. (ବି-ନମ୍-ତ-ଆ) କଶ୍ୟପମୁନିପତ୍ନୀ ।

ବିନତାନନ୍ଦନ } ବି. (ବିନତା-ନନ୍ଦନ, ସୁନୁ) ଗରୁଡ଼,
ବିନତାସୁନୁ } ଅରୁଣ ।

ବିନତି } ବି. ( ବି-ନମ୍-ତି, ବି-ନୀ-ଅ ) ନମ୍ରତା,
ବିନୟ } ଶିଷ୍ଟତା, ଭଦ୍ରତା ।

ବିନୟନ, ବି. (ବି-ନୀ-ଅନ) ଶିକ୍ଷା ।

ବିନୟୀ, ବିଂ. (ବିନୟ-ଇନ୍) ନମ୍ର, ବିନୀତ, ଶିଷ୍ଟ, ଶାନ୍ତ ।

ବିନଶ୍ୱର, ବିଂ. (ବି-ନଶ୍-ବର) ଅଚିରସ୍ଥାୟୀ, ଅନିତ୍ୟ, ଧ୍ୱଂସଶୀଳ ।

ବିନଷ୍ଟ, ବିଂ. (ବି-ନଶ୍-ତ) ଅପଗତ, ବିଧ୍ୱସ୍ତ, ନାଶପ୍ରାପ୍ତ ।

ବିନସ, ବିଂ .(ବି-ନାସିକା, ନାସିକା ସ୍ଥାନରେ ନସ୍) ନାସିକାହୀନ ।

ବିନା, ଅଂ. (ବି-ନା) ବ୍ୟତିରେକେ, ବର୍ଜନ, ଅଭାବ ।

ବିନାୟକ, ବି. (ବି-ନୀ-ଅକ) ଗଣେଶ, ଗରୁଡ଼, ଗୁରୁ ।

ବିନାଶ, ବି. ( ବି-ନଶ୍-ଅ ) ମୃତ୍ୟୁ, କ୍ଷୟ, ଅପଚୟ, ଲୋପ, ଧ୍ୱଂସ ।

ବିନାଶକ, ବିଂ. (ବି-ନଶ୍-ଅକ) ସଂହାରକ, ଧ୍ୱଂସକାରକ ।

ବିନାଶିତ, ବିଂ. (ବି-ନାଶି-ତ) ମୃତ, ନିହତ ।

ବିନାଶୋନ୍ମୁଖ, ବିଂ. (ବିନାଶ-ଉନ୍ମୁଖ) ବିନଷ୍ଟପ୍ରାୟ, ମୃତପ୍ରାୟ ।

ବିନିଃସୃତ, ବିଂ. (ବି-ନିର୍-ସୃତ) ବହିର୍ଗତ, ନିଷ୍କ୍ରାନ୍ତ ।

ବିନିଦ୍ର, ବିଂ. (ବି-ନିଦ୍ରା) ଜାଗରିତ, ନିଦ୍ରାରହିତ ।

ବିନିପାତ, ବି. ( ବି-ନି-ପତ୍-ଅ ) ପତନ, ଅପମାନ, କ୍ଲେଶ, ମୃତ୍ୟୁ, ଦୈବଦୁଃଖ

ବିନିମୟ, ବି. ( ବି-ନି-ମୀ-ଅ ) ପରିବର୍ତ୍ତନ, ବଦଳ, ପ୍ରତିଦାନ, ବନ୍ଧକ ।

ବିନିଯୋଗ, ବି. ( ବି-ନି-ଯୁଜ୍-ଅ ) ପ୍ରୟୋଗ, ନିୟୋଗ, ଅର୍ପଣ ।

ବିନିର୍ଗତ, ବିଂ. (ବି-ନିର୍-ଗମ୍-ତ) ନିଃସୃତ,ବହିର୍ଗତ ।

ବିନିହତ, ବିଂ. ( ବି-ନି-ହନ୍-ତ ) ବିଧ୍ୱସ୍ତ, ଲୁପ୍ତ ।

ବିନୀତ, ବିଂ. (ବି-ନୀ-ତ) ନମ୍ର, ଶାନ୍ତ, ବିନୟାନ୍ୱିତ ।

ବିନୁ, ଅଂ. (ବିନା ଶବ୍ଦଜ) ବ୍ୟତିରେକେ ।

ବିନେତା, ବି ( ବି-ନୀ-ତୃ ) ଶିକ୍ଷକ, ନିୟମକର୍ତ୍ତା ।

ବିନେୟ, ବିଂ (ବି-ନୀ-ଯ) ଶିକ୍ଷଣୀୟ, ଦମ୍ୟ, ଗ୍ରାହ୍ୟ ।

ବିନୋଦ } ବି. ( ବି-ନୁଦ-ଅ, ଅନ ) ବିହାର,
ବିନୋଦନ } ଆମୋଦପ୍ରମୋଦ ।

ବିନ୍ଦୁ, ବି. ( ବିନ୍ଦ୍-ଉ ) ଟୋପା, ଦ୍ରବଦ୍ରବ୍ୟର କଣା, ଅବସ୍ଥିତିଜ୍ଞାପକ ଚିହ୍ନ, ଅନୁସ୍ୱାର ।

ବିନ୍ଦୁବିସର୍ଗ, ବି. ଅନୁସ୍ୱାର ଓ ବିସର୍ଗ, କିଞ୍ଚିନ୍ମାତ୍ର, ଟିକିଏମଧ୍ୟ ।

ବିନ୍ଦୁସରଃ ବି. ( ବିନ୍ଦୁ-ସରସ୍ ) ତୀର୍ଥର ପ୍ରସିଦ୍ଧ ସରୋବର ।

ବିନ୍ଧ, ବି. (ଦେ) ଛିଦ୍ର, କଣା, ରନ୍ଧ୍ର ।

ବିନ୍ଧାଣି, ବି. (ଦେ) କାରିଗର ।

ବିନ୍ଧିବା, କ୍ରି. (ଦେ) ଫୋଡ଼ିବା, ଶରଦ୍ୱାରା ଆଘାତ କରିବା ।

ବିନ୍ଧ୍ୟ, ବି. (ବି-ଧୈ-ଅ, ନିପାତନ) ମଧ୍ୟଭାରତର ପର୍ବତବିଶେଷ ।

ବିନ୍ୟସ୍ତ, ବି. (ବି-ନି-ଅସ୍-ତ) ସ୍ଥାପିତ, ଯଥାକ୍ରମେ ଅର୍ପିତ ।

ବିନ୍ୟାସ, ବି.(ବି-ନି-ଅସ୍-ଅ) ସ୍ଥାପନ, ରଚନ, ସଜ୍ଜା ।

ବିପକ୍ଷ, ବି. (ବି-ପକ୍ଷ) ଭିନ୍ନ ପକ୍ଷାଶ୍ରିତ, ଶତ୍ରୁ ।

ବିପକ୍ଷତା, ବି. (ବିପକ୍ଷ-ତା) ଶତ୍ରୁତା, ପ୍ରତିକୂଳତା ।

ବିପଞ୍ଚୀ, ବି. (ବି-ପନଚ୍-ଇ) ବୀଣା ।

ବିପ(ଣି)ଣୀ, ବି. (ବିପଣ-ଇ) ବଜାର ।

ବିପତ୍ତି, ବି. (ବି-ପଦ-ତି) ଆପଦ, ଦୁର୍ଭାଗ୍ୟ ।

ବିପଥ, ବି. (ବି-ପଥ) ଆପଦ, ମରଣ, ଅପଥ, କୁପଥ ।

ବିପଦ୍, ବି. (ବି-ପଦ୍ କ୍ୱିପ୍) ଆପଦ, ଦୁର୍ଭାଗ୍ୟ ।

ବିପନ୍ନ, ବିଂ. (ବି-ପଦ୍-ତ) ଦୁରବସ୍ଥାପନ୍ନ ।

ବିପରୀତ, ବିଂ. (ବି-ପର୍-ଇତ) ଓଲଟା, ପ୍ରତିକୂଳ ।

ବିପର୍ଯ୍ୟୟ, ବି. (ବି-ପରି-ଇ-ଅ) ବୈପରୀତ୍ୟ ।

ବିପର୍ଯ୍ୟସ୍ତ, ବିଂ. ( ବି-ପରି-ଅସ୍-ତ ) ବ୍ୟତିକ୍ରାନ୍ତ, ଓଲଟପାଲଟ ।

ବିପର୍ଯ୍ୟାସ, ବି. (ବି-ପରି-ଅସ୍-ଅ) ବ୍ୟତିକ୍ରମ, ବିପର୍ଯ୍ୟୟ, ବୈପରୀତ୍ୟ ।

ବିପଶ୍ଚିତ୍, ବିଂ. (ବି-ପ୍ର-ଚିତ୍-ଅ) ବିଦ୍ୱାନ୍, ପଣ୍ଡିତ ।

ବିପାକ, ବି. ( ବି-ପଚ୍-ଅ ) ପରିଣାମ, କର୍ମଫଳ, କର୍ମର ବିସଦୃଶ ଫଳଭୋଗ ।

ବିପିନ, ବି. (ବେପ୍-ଇନ) କାନନ, ବନ ।

ବିପୁଳ, ବିଂ. (ବି-ପୁଲ୍-ଅ) ବୃହତ୍, ମହତ୍ ।

ବିପ୍ରୁଷ୍, ବି. ( ବି-ପ୍ରୁଷ୍-କ୍ୱିପ୍ ) ଜଳାଦିର କଣା ।

ବିପ୍ର, ବି. (ବି-ପ୍ରା-ଅ) ବ୍ରାହ୍ମଣ।

ବିପ୍ରକର୍ଷଣଶକ୍ତି, ବି. ଯେଉଁ ଶକ୍ତିଦ୍ୱାରା ପରମାଣୁ ପରସ୍ପର ଦୂର ହୁଏ।

ବିପ୍ରକୃଷ୍ଟ, ବିଂ. (ବି-ପ୍ର-କୃଷ୍-ତ) ଦୂରବର୍ତ୍ତୀ।

ବିପ୍ରଯୋଗ, ବି. (ବି-ପ୍ର-ଯୁଜ୍-ଅ) ବିରହ, ବିଯୋଗ, ବିବାଦ।

ବିପ୍ରଲବ୍ଧ, ବିଂ. (ବି-ପ୍ର-ଲଭ୍-ତ) ବଞ୍ଚିତ, ପ୍ରତାରିତ।

ବିପ୍ରଲବ୍ଧା, ବି. ନାୟିକାବିଶେଷ, ଯେଉଁ ନାୟିକା ସଙ୍କେତ ସ୍ଥାନରେ ନାୟକକୁ ନ ଦେଖି ନିରାଶ ହୁଏ।

ବିପ୍ରଲମ୍ଭ, ବି. (ବି-ପ୍ର-ଲଭ୍-ଅ) ବଞ୍ଚନା, ପ୍ରତାରଣା, ବିରହ, ବିବାଦ।

ବିପ୍ରିୟ, ବିଂ. (ବି-ପ୍ରିୟ) ଅପ୍ରିୟ, ଘୃଣିତ, ଅନିଷ୍ଟ।

ବିପ୍ଳବ, ବି. (ବି-ପ୍ଳୁ-ଅ) ବିବାଦ, ଗୋଳମାଳ, କଷ୍ଟ।

ବିପ୍ଳୁତ, ବିଂ. (ବି-ପ୍ଳୁ-ତ) ଦୂଷିତ, ଉପଦ୍ରୁତ।

ବିଫଳ, ବିଂ. (ବି-ଫଳ) ନିଷ୍ଫଳ, ବୃଥା, ନିରର୍ଥକ।

ବିବି, ବି. (ହିନ୍ଦୀ) ଭଦ୍ରମହିଳା। ସ୍ତ୍ରୀ. ସାହେବାଣୀ।

ବିବୁଧ, ବି. (ବି-ବୁଧ୍-ଅ) ଦେବତା, ପଣ୍ଡିତ।

ବିବୋଧ, ବି. (ବି-ବୁଧ୍-ଅ) ଜାଗରଣ, ଜ୍ଞାନ, ବିକାଶ।

ବିଭକ୍ତ, ବି. (ବି-ଭଜ୍-ତ) ବିଭିନ୍ନ, ପୃଥକକୃତ।

ବିଭକ୍ତି, ବି. (ବି-ଭଜ୍-ତି) ବିଭାଗ, ବଣ୍ଟନ, ଧାତୁ ଓ ଶବ୍ଦର ପ୍ରତ୍ୟୟ।

ବିଭବ, ବି. (ବି-ଭୂ-ଅ) ଧନ, ସମ୍ପତ୍ତି।

ବିଭା, ବି. (ବି-ଭା-ଅ) ପ୍ରଭା, ଦୀପ୍ତି। (ବିବାହ ଶବ୍ଦଜ) ବିବାହ।

ବିଭାକର, ବି. (ବିଭା-କର) ସୂର୍ଯ୍ୟ, ଅଗ୍ନି, ଅର୍କବୃକ୍ଷ ।
ବିଭାଗ, ବି. (ବି-ଭାଗ) ଅଂଶ ଭାଗ, ବଣ୍ଟନ ।
ବିଭାଜକ, ବିଂ. (ବି-ଭାଜକ) ବିଭାଗକର୍ତ୍ତା ।
ବିଭାଜ୍ୟ, ବିଂ. (ବି-ଭଜ୍-ଯ) ବିଭାଗଯୋଗ୍ୟ ।
ବିଭାଣ୍ଡକ, ବି. ମୁନିବିଶେଷ, ଋଷ୍ୟଶୃଙ୍ଗଙ୍କ ପିତା ।
ବିଭାତ, ବି. (ବି-ଭା-ତ) ପ୍ରଭାତ ।
ବିଭାବ, ବି.(ବି-ଭୂ-ଅ)ଶୋକ କ୍ରୋଧ ଉତ୍ସାହାଦି ଭାବ ।
ବିଭାବରୀ, ବି. (ବି-ଭା-ବୃ-ଅ-ଈ) ରଜନୀ, ରାତ୍ରି ।
ବିଭାବସୁ, ବି. ( ବିଭା-ବସୁ) ସୂର୍ଯ୍ୟ, ଅଗ୍ନି ।
ବିଭାବ୍ୟ, ବିଂ, (ବି-ଭୂ-ଯ) ବିଭାବନୀୟ, ଚିନ୍ତନୀୟ ।
ବିଭାଷା, ବି. (ବି-ଭାଷା) ବିକଳ୍ପ ।
ବିଭାସିତ, ବିଂ. (ବି-ଭାସ୍-ତ) ଦୀପିତ, ପ୍ରକାଶିତ ।
ବିଭିନ୍ନ, ବିଂ. ବି-ଭିଦ୍-ତ) ଅମିଶ୍ର, ପୃଥକ୍, ବିଦୀର୍ଣ୍ଣ ।
ବିଭୀତକ, ବି. (ବି-ଭୀତ-କ) ବାହାଡ଼ାଗଛ ।
ବିଭୀଷିକା, ବି. (ବି-ଭୀଷ୍-ଅକ-ଆ) ଭୟପ୍ରଦର୍ଶନ ।
ବିଭୁ, ବି. (ବି-ଭୂ-ଉ) ପ୍ରଭୁ, ବ୍ରହ୍ମା, ଶିବ, ବିଷ୍ଣୁ ।
ବିଭୂତି, ବି. (ବି-ଭୂ-ତି) ସମ୍ପତ୍ତି, ଐଶ୍ୱର୍ଯ୍ୟ, ଭସ୍ମ ।
ବିଭୂଷଣ, ବି. (ବି-ଭୂଷ୍-ଅନ) ଅଳଙ୍କାର, ଶୋଭା ।
ବିଭୂଷିତ, ବିଂ. (ବି-ଭୂଷ୍-ତ) ଅଳଙ୍କୃତ, ଶୋଭିତ ।
ବିଭେଦ, ବି. (ବି.-ଭିଦ୍-ଅ) ପ୍ରଭେଦ ।
ବିଭୋଳ, ବିଂ. (ଦେ) ବିହ୍ୱଳ, ମତ୍ତ ।
ବିଭ୍ରମ, ବି. (ବି-ଭ୍ରମ୍-ଅ) ବିଳାସ, ଭ୍ରମ, ସଂଶୟ ।
ବିଭ୍ରାଟ, ବିଂ. (ବି-ଭ୍ରାଜ୍-ଂ) ଶୋଭମାନ ଅଳଙ୍କାରାଦି ଦ୍ୱାରା ଦୀପ୍ତିଶୀଳ, ଆପଦ, ବିପଦ୍, ସଙ୍କଟ ।

ବିଭ୍ରାନ୍ତ, ବି°. (ବି-ଭ୍ରମ୍-ତ) ଭ୍ରମଯୁକ୍ତ, ବିସ୍ମୟାନ୍ୱିତ ।

ବିମତ, ବି°. (ବି-ମନ୍-ତ) ଅସମ୍ମତ, ବିରୁଦ୍ଧମତଯୁକ୍ତ, ଅପ୍ରିୟ, ଅନିଷ୍ଟ ।

ବିମନାଃ } ବି°. (ବି-ମନସ୍) ଅନ୍ୟମନସ୍କ, ଉଦ୍‌ବିଗ୍ନ,
ବିମନସ୍କ } ଦୁଃଖିତ ।

ବିମନାୟମାନ, ବି°. (ବି-ମନଃ-ଯ-ଆନ) ବିଷଣ୍ଣ, ଦୁଃଖିତ ।

ବିମର୍ଶ, ବି. (ବି-ମୃଶ୍-ଅ) ବିତର୍କ, ବିଚାର, ଅସନ୍ତୋଷ ।

ବିମର୍ଷ, ବି. (ବି-ମୃଷ୍-ଅ) ଅସହନ, ବିଷାଦ ।

ବିମଳ, ବି°. (ବି-ମଳ) ଶୁଭ୍ର, ସ୍ୱଚ୍ଛ, ନିର୍ମଳ ।

ବିମାତା, ବି. (ବି-ମାତା) ମାତୃସପତ୍ନୀ, ସାବତ ମା ।

ବିମାନ, ବି. (ବି-ମାନ କିମ୍ବା ବି-ମନ୍-ଅ) ଦେବରଥ, ବ୍ୟୋମଯାନ ।

ବିମୁକ୍ତ, ବି°. (ବି-ମୁଚ୍-ତ) ମୁକ୍ତିପ୍ରାପ୍ତ, ପରିତ୍ୟକ୍ତ ।

ବିମୁଖ, ବି°. (ବି-ମୁଖ) ପରାଙ୍ମୁଖ, ଅପ୍ରସନ୍ନ, ନିସ୍ପୃହ ।

ବିମୂଢ଼, ବି°. (ବି-ମୁହ୍-ତ) ନିର୍ବୋଧ, ମୂର୍ଖ ।

ବିମୃଶ୍ୟକାରୀ } ବି°. (ବି-ମୃଶ୍ୟ(ଷ୍ୟ)-କାରିନ୍) ଯେ
ବିମୃଷ୍ୟକାରୀ } ବ୍ୟକ୍ତି ବିବେଚନା କରି କର୍ମ କରେ ।

ବିମୋକ୍ଷଣ, ବି. ( ବି-ମୋକ୍ଷଣ ) ବିମୁକ୍ତି, ଉଦ୍ଧାର ।

ବିମୋଚନ, ବି. (ବି-ମୁଚ୍-ଅନ) ବିମୁକ୍ତି, ଉଦ୍ଧାର ।

ବିମୋହନ, ବି. ( ବି-ମୋହ-ଅନ ) ମୁଗ୍ଧକରଣ, ମୋହ ଜନ୍ମାଇବା । ବି°.ମୋହଜନକ, ଯେ ମୁଗ୍ଧ କରାଏ ।

ବିମୋହିତ, ବିଂ. (ବି-ମୁହ୍-ଇ-ତ) ମୋହପ୍ରାପ୍ତ, ମୁଗ୍ଧ ।
ବିମ୍ବ, ବି. ( ବୀ-ବ, ମ ଆଗମ, ହ୍ରସ୍ୱ ) ପ୍ରତିମୂର୍ତ୍ତି, ପ୍ରତିବିମ୍ବ, ଛାୟା, ମଣ୍ଡଳ, କଇଁଚକାକୁଣ୍ଡି ଫଳ ।
ବିମ୍ବିତ, ବିଂ. (ବିମ୍ବ-ଇତ) ପ୍ରତିଫଳିତ, ପ୍ରତିବିମ୍ବିତ ।
ବିମ୍ବୋଷ୍ଠ, ବି.(ବିମ୍ବ-ଓଷ୍ଠ) ଯାହାର ଓଷ୍ଠ ପକ୍ୱ ବିମ୍ବ ପରି ରକ୍ତବର୍ଣ୍ଣ ।
ବିୟତ୍, ବି. (ବି-ଯମ୍-କ୍ୱିପ୍) ଆକାଶ ।
ବିୟଦ୍‌ଗଙ୍ଗା, ବି. ମନ୍ଦାକିନୀ, ସ୍ୱର୍ଗଗଙ୍ଗା ।
ବିଯୁକ୍ତ, ବିଯୁତ } ବିଂ. ( ବି-ଯୁକ୍ତ, ଯୁତ ) ବିଚ୍ଛିନ୍ନ, ବିରହିତ ।
ବିୟୋଗ, ବିୟୋଗ } ବି. ( ବି-ଯୋଗ ) ବିଚ୍ଛେଦ, ବିରହ, ଅଭାବ ।
ବିୟୋଗୀ, ବିଂ. (ବିୟୋଗ-ଇନ୍) ବିରହୀ, ଅସଂଯୁକ୍ତ ।
ବିୟୋଜିତ, ବିଂ. (ବି-ଯୁଜ୍-ଇତ) ପୃଥକ୍‌କୃତ ।
ବିୟୋଡ଼, ବି. (ଦେ) ଅଯୁଗ୍ମ, ଅମିଳନ ।
ବିରକ୍ତ, ବିଂ (ବି-ରନଜ୍-ତ) ବୈରାଗ୍ୟଯୁକ୍ତ, ବିରତ, ବିମୁଖ, ଅସନ୍ତୁଷ୍ଟ ।
ବିରକ୍ତି, ବି. ( ବି-ରନଜ୍-ତି ) ଔଦାସ୍ୟ, ବୈରାଗ୍ୟ ।
ବିରଚିତ, ବିଂ. ( ବି-ରଚ-ତ ) ନିର୍ମିତ, ଗଠିତ, ପ୍ରଣୀତ, କୃତ, ଲିଖିତ ।
ବିରଜାଃ, ବି. (ବି-ରଜଃ) ଯାହାଙ୍କର ରଜୋଗୁଣ ନିବୃତ୍ତ ହୋଇଅଛି, ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ।

ବିରଞ୍ଚି } ବି. (ବି-ରଚ୍-ଇ, ମ ଆଗମ ) ବ୍ରହ୍ମା ।
ବିରିଞ୍ଚି

ବିରତ, ବିଂ. (ବି-ରମ୍-ତ) ନିବୃତ୍ତ, କ୍ଷାନ୍ତ ।

ବିରତି, ବି. (ବି-ରମ୍-ତି) ନିବୃତ୍ତି, ବିରାଗ ।

ବିରଳ, ବିଂ. ( ବି-ରା-ଅଳ ) ଅଳ୍ପ, ସ୍ୱଳ୍ପ, ନିର୍ଜନ, ଛଡ଼ା ଛଡ଼ା, ଅନିବିଡ଼ ।

ବିରସ, ବିଂ. (ବି-ରସ) ରସହୀନ, ବିସ୍ୱାଦୁ, ମଳିନ ।

ବିରହ, ବି. ( ବି-ରହ୍-ଅ ) ବିଚ୍ଛେଦ, ବିୟୋଗ ।

ବିରହିତ, ବିଂ. ( ବିରହ-ଇତ ) ବିହୀନ, ତ୍ୟକ୍ତ ।

ବିରହୀ, ବିଂ. (ବିରହ-ଇନ୍) ବିୟୋଗୀ, ବିଚ୍ଛେଦଯୁକ୍ତ । ସ୍ତ୍ରୀ. ବିରହିଣୀ ।

ବିରାଗ, (ବି-ରନ୍ଜ୍-ଅ) ବୈରାଗ୍ୟ, ବିବେକ, ବିରକ୍ତି ।

ବିରାଜମାନ, ବିଂ. (ବି-ରାଜ୍-ଶାନଚ୍) ଦୀପ୍ତିବିଶିଷ୍ଟ, ଶୋଭମାନ ।

ବିରାଜିତ, ବିଂ. (ବି-ରାଜ୍-କ୍ତ) ଶୋଭିତ, ପ୍ରକାଶିତ ।

ବିରାଟ୍, ବିଂ. ( ବି-ରାଜ୍-୦ ) ବ୍ୟାପକ, ଅତି ବୃହତ୍, ବି. ସର୍ବବ୍ୟାପୀ ପୁରୁଷ ।

ବିରାଡ଼ି, ବି. (ଦେ) ବିଲେଇ ।

ବିରାମ, ବିଂ. (ବି-ରମ୍-ଅ) ବିଶ୍ରାମ, ନିବୃତ୍ତି ।

ବିରୁଡ଼ି, ବି. (ଦେଶଜ) ଦଂଶକ କୀଟବିଶେଷ ।

ବିରୁତ, ବି. (ବି-ରୁ-ତ) ଅବ୍ୟକ୍ତ ଧ୍ୱନି, ରବ ।

ବିରୁଦ୍ଧ, ବିଂ. (ବି-ରୁଧ୍-ତ) ବିପରୀତ, ଓଲଟା, ବିପକ୍ଷ ।

ବିରୂଢ଼, ବିଂ. (ବି-ରୁହ୍-ତ) ଉତ୍ପନ୍ନ, ଜାତ, ଅଙ୍କୁରିତ ।

ବିରୂପ, ବିଂ. (ବି-ରୂପ) କୁରୂପ, କୁତ୍ସିତ ।
ବିରୂପାକ୍ଷ, ବି. (ବିରୂପ-ଅକ୍ଷ) ଶିବ, ତ୍ରିଲୋଚନ ।
ବିରେଚକ, ବିଂ. (ବି-ରେଚ-ଅକ) ଭେଦକାରକ, ମଳନିଃସାରକ ଭେଷଜ ।
ବିରେଚନ, ବି. (ବି-ରିଚ୍-ଅନ) ମଳସ୍ଖଳନ ।
ବିରୋଚନ, ବି. (ନାମ) ବଳିଙ୍କ ପିତା, ପ୍ରହ୍ଲାଦଙ୍କ ପୁତ୍ର ।
ବିରୋଧ, ବି. (ବି-ରୁଧ୍-ଅ) ବିପକ୍ଷତା, ବୈର ।
ବିରୋଧୀ, ବିଂ. (ବି-ରୁଧ୍-ଇନ୍) ପ୍ରତିକୂଳ, ବିପକ୍ଷ ।
ବିଳ, ବି. (ବିଳ୍-ଅ) ବିବର, ଛିଦ୍ର, ଗର୍ତ୍ତ, ଗୁହା ।
ବିଲ, ବି. (ଦେଶଜ) କ୍ଷେତ୍ର, କିଆରି ।
ବିଲ୍‌କୁଲ, ବିଂ. (ଯା) ସମୁଦାୟ, ସମଗ୍ର, ସଂପୂର୍ଣ୍ଣରୂପେ ।
ବିଲକ୍ଷଣ, ବିଂ. ଅସାଧାରଣ, ଭିନ୍ନ ।
ବିଲଗ, ବି. (ଦେ) ଅଲଗା, ଅସଂଯୋଗ ।
ବିଳପନ, ବିଳପିତ } ବି. (ବି-ଳପ୍-ଅନ, ତ) ବିଳାପ ଶୋକ-ବାକ୍ୟ ।
ବିଳପମାନ ବିଂ. (ବି-ଲପ୍-ଆନ) ବିଳାପକାରୀ ।
ବିଲମ୍ବ, ବି. (ବି-ଲମ୍ବ-ଅ) ଡେରି, ଅଶୀଘ୍ରତା ।
ବିଲମ୍ବିତ, ବିଂ. (ବିଳମ୍ବ-ଇତ) ଲମ୍ବମାନ, ବିଳମ୍ବଯୁକ୍ତ ।
ବିଲୟ, ବି. (ବି-ଲୀ-ଅ) ବିନାଶ, ଧ୍ୱଂସ, ଲୟ ।
ବିଳସନ, ବିଳସିତ } ବି. (ବି-ଲସ୍-ଅନ, ତ) ବିଳାସଲୀଳା ।
ବିଲାଇ, ବିଲେଇ } ବି. (ବିଡାଳ ଶବ୍ଦଜ) ବିରାଡ଼ି ।

ବିଳାପ, ବି. (ବି-ଲପ୍-ଅ) ଖେଦୋକ୍ତି ।

ବିଳାସ, ବି. ( ବି-ଲସ୍-ଅ ) ଶୃଙ୍ଗାର, କ୍ରୀଡ଼ା, ଆମୋଦପ୍ରମୋଦ ।

ବିଳାସୀ, ବିଂ. (ବିଳାସ-ଇନ୍) ଆମୋଦପ୍ରମୋଦରେ ରତ । ସ୍ତ୍ରୀ. ବିଳାସିନୀ ।

ବିଲବିଲେଇବା, କି. (ଦେ) ନିଦ ବାଉଳାରେ ବକିବା ।

ବିଲୀନ, ବିଂ. (ବି-ଲୀ-ତ) ମଗ୍ନ, ମିଶ୍ରିତ, ଲୟପ୍ରାପ୍ତ ।

ବିଲୁଆ, ବି. (ଦେ) ଶୃଗାଳ ।

ବିଲୁପ୍ତ, ବିଂ. (ବି-ଲୁପ୍-ତ) ଲୋପପ୍ରାପ୍ତ, ନଷ୍ଟ ।

ବିଲେଖନ, ବି. (ବି-ଲିଖ୍-ଅନ) ଖନନ, ବିଦାରଣ ।

ବିଲେପ, ବି. (ବି-ଲିପ୍-ଅ) ପ୍ରଲେପ ଦ୍ରବ୍ୟ, ଲେପନ ।

ବିଲେପନ, ବି. ( ବି-ଲିପ୍-ଅନ ) ଲେପନବସ୍ତୁ, ଲେପନଯୋଗ୍ୟ ସୁଗନ୍ଧ ବସ୍ତୁ ।

ବିଳେଶୟ, ବି. (ବିଳେ-ଶୀ-ଅ) ସର୍ପ, ମୂଷିକ । ବିଂ. ଯେ ଗାତରେ ରହେ ।

ବିଲୋକନ, ବି. (ବି-ଲୋକ୍-ଅନ) ଦୃଷ୍ଟି, ନେତ୍ର, ଚକ୍ଷୁ ।

ବିଲୋଡ଼ନ, ବି. (ବି-ଲୁଡ଼୍-ଅନ) ମନ୍ଥନ, ଆଲୋଡ଼ନ ।

ବିଲୋଡ଼ିତ, ବିଂ. ( ବି-ଲୁଡ଼୍-ଇ-ତ ) ଆନ୍ଦୋଳିତ, ମଥିତ ।

ବିଲୋପ, ବି. (ବି-ଲୋପି-ଅ) ବିଲୋପ, ବିନାଶ ।

ବିଲୋମ, ବିଂ. (ବି-ଲୋମ) ବିପରୀତ, ପ୍ରତିକୂଳ ।

ବିଲୋମଜ, ବିଂ. କ୍ଷତ୍ରିୟ ଔରସରେ ବ୍ରାହ୍ମଣୀଗର୍ଭଜାତ, ବୈଶ୍ୟ ଔରସରେ କ୍ଷତ୍ରିୟାଗର୍ଭଜାତ ଇତ୍ୟାଦି ବର୍ଣ୍ଣସଙ୍କର ଜାତି ।

ବିଲୋଳ, ବିଂ ( ବି-ଲୁଲ୍-ଅ ) କମ୍ପମାନ, ଚଞ୍ଚଳ ।

ବିଲୋଡ଼ିବା, କ୍ରି, ( ଦେ ) ଚର୍ଚ୍ଚା କରିବା ।

ବିଲ୍ୱ, ବି. (ବିଲ୍-ବନ୍) ବେଲ, ଶ୍ରୀଫଳ ।

ବିବକ୍ଷା, ବି. (ବଚ୍-ସନ୍-ଅ-ଆ) ବୋଲିବା ଇଚ୍ଛା, ଅଭିଳାଷ ।

ବିବକ୍ଷିତ, ବିଂ. (ବଚ୍-ସନ୍-ତ) ଯାହା କହିବାକୁ ଇଚ୍ଛା କରାଯାଇଅଛି ।

ବିବଦମାନ, ବିଂ. (ବି-ବଦ୍-ଆନ) ବିବାଦୀ, ବିରୋଧୀ ।

ବିବର, ବି. (ବି-ବୃ-ଅ) ଗର୍ତ୍ତ, ଛିଦ୍ର, ରନ୍ଧ୍ର ।

ବିବରଣ, ବି. (ବି-ବୃ-ଅନ) ବ୍ୟାଖ୍ୟା, ବର୍ଣ୍ଣନା ।

ବିବର୍ଜନ, ବି. (ବି-ବୃଜ୍-ଅନ) ପରିତ୍ୟାଗ, ବିସର୍ଜନ ।

ବିବର୍ଣ୍ଣ, ବିଂ. (ବି-ବର୍ଣ୍ଣ) ବିକୃତବର୍ଣ୍ଣ, ମଳିନ ।

ବିବର୍ତ୍ତ, ବି. (ବି-ବୃତ୍-ଅ) ଘୂର୍ଣ୍ଣନ, ପରିବର୍ତ୍ତନ ।

ବିବର୍ତ୍ତନ, ବି. (ବି-ବୃତ୍-ଅନ) ଘୂର୍ଣ୍ଣନ, ପରିବର୍ତ୍ତନ, ନୃତ୍ୟ, କ୍ରମବିକାଶ ।

ବିବର୍ତ୍ତିତ, ବିଂ. (ବି-ବୃତ୍-ତ) ପ୍ରତ୍ୟାବର୍ତ୍ତିତ, ଘୂର୍ଣ୍ଣିତ, ପରିବର୍ତ୍ତିତ ।

ବିବଶ, ବିଂ. (ବି-ବଶ୍-ଅ) ଅବଶ, ବିହ୍ୱଳ, ଅବଶୀଭୂତ ।

ବିବସ୍ୱାନ୍, ବି. (ବି-ବସ୍-ବତ୍) ସୂର୍ଯ୍ୟ ।

ବିବାକ୍, ବି. (ଯା) ସମୁଦାୟ ।

ବିବାଦ, ବି. ( ବି=ବିରୁଦ୍ଧ-ବାଦ=କଥନ ) ବିରୋଧ, କଳହ ।

ବିବାଦୀ, ବିଂ. (ବିବାଦ-ଇନ୍) ବିରୋଧୀ, ବିବାଦକାରୀ ।

ବିବାସନ, ବି. ( ବି-ବସ୍-ଇ-ଅନ ) ନିର୍ବାସନ, ସ୍ୱଦେଶରୁ ଦୂରୀକରଣ ।

ବିବାସିତ, ବିଂ. (ବି-ବାସି-ତ) ନିର୍ବାସିତ ।

ବିବାହ, ବି. (ବିବହ୍-ଅ) ପରିଣୟ ।

ବିବାହିତ, ବିଂ. (ବିବାହ-ଇତ) କୃତଦାର, ପରିଣୀତ ।

ବିବିକ୍ତ, ବିଂ. ( ବି-ବିଚ୍-ତ ) ନିର୍ଜନ, ପୃଥକ୍‌କୃତ, ଅସଂପୃକ୍ତ ।

ବିବିକ୍ଷୁ, ବିଂ.(ବିଶ ସନ୍-ଉ) ପ୍ରବେଶ କରିବାକୁ ଇଚ୍ଛୁକ ।

ବିବିଧ, ବିଂ. (ବି-ବିଧା ବହୁପ୍ରକାର, ନାନାବିଧ ।

ବିବୃତ, ବିଂ. (ବି-ବୃ-ତ) ବିସ୍ତୃତ, ପ୍ରସାରିତ, ବର୍ଣ୍ଣିତ ।

ବିବୃତି, ବି. (ବି-ବୃ-ତି) ବ୍ୟାଖ୍ୟା, ଟୀକା, ବିବରଣ ।

ବିବେକ, ବି. (ବି-ବିଚ୍-ଅ) ବିଚାର, ବିବେଚନା ।

ବିବେକୀ, ବିଂ. ( ବିବେକ-ଇନ୍ ) ବିବେଚନାକାରୀ, ବିବେକଯୁକ୍ତ ।

ବିବେଚକ, ବିଂ (ବି-ବିଚ-ଅକ୍) ବିଚାରକ୍ଷମ, ବିଚକ୍ଷଣ ।

ବିବେଚନା, ବି. (ବି-ବିଚ୍-ଅନ୍-ଆ) ବିତର୍କ, ବିଶେଷରୂପେ ଆଲୋଚନା ।

ବିବେଚିତ, ବିଂ. (ବି-ବିଚ୍-ଇ-ତ) ବିଚାରିତ ।

ବିବେଚ୍ୟ, ବିଂ.(ବି-ବିଚ-ଯ) ବିବେଚନାର ଯୋଗ୍ୟ ।

ବିଶଙ୍କ, ବିଂ (ବି-ଶଙ୍କା) ନିର୍ଭୟ, ନିଃଶଙ୍କ ।

ବିଶଦ }
ବିଷଦ } ବିଂ. ( ବି-ଶ(ସ)ଦ୍-ଅ ) ଶୁଭ୍ର, ନିର୍ମଳ, ପରିଷ୍କୃତ ।

ବିଶଲ୍ୟ, ବିଂ. (ବି-ଶଲ୍ୟ) ଶଲ୍ୟରହିତ, ବ୍ୟଥାଶୂନ୍ୟ ।

ବିଶଲ୍ୟକରଣୀ, ବି. ବେଦନାନାଶକ ଓ ସଂଜୀବକ ଔଷଧବିଶେଷ ।

ବିଶା, ବି. (ଦେ) ଅଠର, କୋଡ଼ିଏ ବା ବାଇଶ ପଳ ପରିମାଣ ଓଜନ ।

ବିଶାଖ, ବି. (ବିଶାଖା-ଅ) କାର୍ତ୍ତିକେୟ ।

ବିଶାଖା, ବି. (ବି.ଶାଖ୍-ଅ-ଆ) ଷୋଡ଼ଶ ନକ୍ଷତ୍ର ।

ବିଶାରଣ, ବି. (ବି-ଶାର୍-ଅନ) ମାରଣ, ବଧ ।

ବିଶାରଦ, ବିଂ. ( ବିଶାଳ-ଦା-ଅ ) ନିପୁଣ, ଦକ୍ଷ, ପଟୁ, ବିଦ୍ୱାନ୍ ।

ବିଶାଳ, ବିଂ. (ବି-ଶାଳ) ବୃହତ୍, ବଡ଼, ବିସ୍ତୃତ ।

ବିଶିଖ, ବି. (ବି-ଶିଖା) ବାଣ, ଶର ।

ବିଶିଷ୍ଟ, ବିଂ. (ବି-ଶିଷ୍-ତ) ଯୁକ୍ତ, ମିଳିତ, ବିଲକ୍ଷଣ ।

ବିଶୀର୍ଣ୍ଣ, ବିଂ. (ବି-ଶୃ-ତ) ଶୁଷ୍କ, କୃଶ, ଜୀର୍ଣ୍ଣ, ପତିତ ।

ବିଶୁଦ୍ଧ, ବିଂ. (ବି-ଶୁଦ୍ଧ) ପବିତ୍ର, ନିର୍ମଳ, ନିର୍ଦ୍ଦୋଷ ।

ବିଶୁଦ୍ଧି, ବି. (ବି-ଶୁଧ୍-ତି) ନିର୍ମଳତା, ପବିତ୍ରତା ।

ବିଶୃଙ୍ଖଳ, ବିଂ. ( ବି-ଶୃଙ୍ଖଳା ) ଅନିୟମିତ, ନିୟମ ବହିର୍ଭୂତ, ଶୃଙ୍ଖଳାରହିତ ।

ବିଶେଷ, ବି. ( ବି-ଶିଷ୍-ଅ ) ପ୍ରଭେଦ ବୈଲକ୍ଷଣ୍ୟ, ପ୍ରକାର । ବି. ଅଧିକ, ଉତ୍କୃଷ୍ଟ, ଭିନ୍ନ ।

ବିଶେଷଜ୍ଞ, ବିଂ. (ବିଶେଷ-ଜ୍ଞା-ଅ) ବହୁଦର୍ଶୀ, ବିଜ୍ଞ ।

ବିଶେଷଣ, ବି. ( ବି-ଶିଷ୍-ଅନ)ପ୍ରଭେଦକାରକ ଗୁଣ କ୍ରିୟାଦି ।

ବିଶେଷତଃ, ଅଂ. ( ବିଶେଷ-ତସ ) ବିଶେଷରୂପେ, ଅଧିକନ୍ତୁ ।

ବିଶେଷିତ, ବିଂ. (ବିଶେଷ-ଇତ) ଭିନ୍ନ, ପ୍ରଭେଦିତ, ବିଶେଷଣଦ୍ୱାରା ଚିହ୍ନିତ ।

ବିଶେଷ୍ୟ, ବି. (ବି-ଶିଷ୍-ଯ) ( ବ୍ୟାକରଣ ) ଯାହାଦ୍ୱାରା କୌଣସି ବସ୍ତୁ ବା ବ୍ୟକ୍ତି ବୋଧ ହୁଏ ।

ବିଶୋଇବା, କ୍ରି. (ଦେ) ବିଶ୍ରାମ କରିବା ।

ବିଶୋଧନ, ବି. ( ବି-ଶୋଧନ ) ବିଶୁଦ୍ଧକରଣ, ସଂଶୋଧନ, ନିକାଶି, ପାଉଣ୍ଡ ।

ବିଶ୍ରବ୍ଧ, ବିଂ. (ବି-ଶ୍ରନ୍ଭ-ତ) ବିଶ୍ୱସ୍ତ, ଧୀର ।

ବିଶ୍ରମ୍ଭ, ବି. (ବି-ଶ୍ରନ୍ଭ-ଅ) ବିଶ୍ୱାସ, ପ୍ରଣୟ ।

ବିଶ୍ରାନ୍ତ, ବିଂ. (ବି-ଶ୍ରମ୍-ତ) ବିଗତଶ୍ରମ, ନିବୃତ୍ତ ।

ବିଶ୍ରାମ, ବି. (ବି-ଶ୍ରମ୍) ଆରାମ କରିବା ।

ବିଶ୍ରୀ, ବିଂ. (ବି-ଶ୍ରୀ) ଶ୍ରୀହୀନ, କୁତ୍ସିତ ।

ବିଶ୍ରୁତ, ବିଂ. (ବି-ଶ୍ରୁ-ତ ) ବିଖ୍ୟାତ, ଜ୍ଞାତ, ପ୍ରସିଦ୍ଧ ।

ବିଶ୍ଳିଷ୍ଟ, ବିଂ. (ବି-ଶ୍ଳିଷ୍-ତ) ଅସଂଯୁକ୍ତ, ବିଚ୍ଛିନ୍ନ ।

ବିଶ୍ଳେଷ, ବି. (ବି-ଶ୍ଳିଷ୍-ଅ) ଅସଂଯୋଗ, ଶୈଥିଲ୍ୟ, ବିଚ୍ଛେଦ ।

ବିଶ୍ୱ, ବି. (ବିଶ୍-ବ) ଜଗତ୍, ବ୍ରହ୍ମାଣ୍ଡ । ବିଂ. ସମଗ୍ର ।

ବିଶ୍ୱକର୍ମା, ବି. (ବିଶ୍ୱ-କର୍ମନ୍) ଦେବଶିଳ୍ପୀ, ଈଶ୍ୱର ।

ବିଶ୍ୱକେତୁ, ବି. (ବିଶ୍ୱ-କେତୁ) ଅନିରୁଦ୍ଧ, ଉଷାପତି ।

ବିଶ୍ୱଜନୀନ, ବିଂ. ( ବିଶ୍ୱଜନ-ଇନ) ସାର୍ବଲୌକିକ ।

ବିଶ୍ୱନାଥ, ବି. (ବିଶ୍ୱ-ନାଥ) ଶିବ, ମହାଦେବ ।

ବିଶ୍ୱବିଦ୍ୟାଳୟ, ବି. ଯେଉଁ ବିଦ୍ୟାଳୟରେ ସର୍ବପ୍ରକାର ବିଦ୍ୟାର ଆଲୋଚନା ହୁଏ ।

ବିଶ୍ୱମ୍ଭର, ବି. ( ବି-ଶ୍ୱି-ଭୃ-ଅ ) ବିଷ୍ଣୁ, ବିଶ୍ୱପାଳକ ।

ବିଶ୍ୱମ୍ଭରା, ବି. ସ୍ତ୍ରୀ. ପୃଥିବୀ ।

ବିଶ୍ୱରାଜ, ବି. (ବିଶ୍ୱ-ରାଜା) ପରମେଶ୍ୱର ।

ବିଶ୍ୱସ୍ତ, ବିଂ. (ବି-ଶ୍ୱସ୍-ତ) ବିଶ୍ୱାସୀ ।

ବିଶ୍ୱା, ବି. (ଦେ) ଗୁଣ୍ଠକର ଷୋଳଭାଗରୁ ଏକ ଭାଗ, ଭୂମିପରିମାଣବିଶେଷ ।

ବିଶ୍ୱାମିତ୍ର, ବି. (ବିଶ୍ୱ-ମିତ୍ର) ମୁନିବିଶେଷ ।

ବିଶ୍ୱାତ୍ମା, ବି. (ବିଶ୍ୱ-ଆତ୍ମନ୍) ପରମାତ୍ମା, ପରମେଶ୍ୱର ।

ବିଶ୍ୱାସ, ବି. (ବି-ଶ୍ୱସ୍-ଅ) ପ୍ରତ୍ୟୟ, ବିଶ୍ରମ୍ଭ, ଶ୍ରଦ୍ଧା ।

ବିଶ୍ୱାସୀ, ବିଂ. (ବିଶ୍ୱାସ-ଇନ୍) ଯେ ବିଶ୍ୱାସ କରେ, ବିଶ୍ୱାସପାତ୍ର ।

ବିଶ୍ୱସ୍ୟ, ବିଂ. (ବି-ଶ୍ୱସ୍-ଯ) ବିଶ୍ୱସନୀୟ, ବିଶ୍ୱାସ-ଯୋଗ୍ୟ ।

ବିଷ, ବି. ( ବିଷ-ଅ ) ଗରଳ ।

ବିଷଘ୍ନ, ବିଂ. (ବିଷ୍-ହନ-ଅ) ବିଷନାଶକ ।

ବିଷଣ୍ଣ, ବିଂ. (ବି-ସଦ୍-ତ) ବିଷାଦଯୁକ୍ତ, ଖିନ୍ନ, ମ୍ଳାନ ।

ବିଷଦ, ବିଂ. (ବି-ସଦ୍-ଅ) ଶୁଭ୍ର, ସ୍ୱଚ୍ଛ, ନିର୍ମଳ । (ବିଷ-ଦା-ଅ) ଯେ ବିଷ ଦିଏ ।

ବିଷଧର, ବି. (ବିଷ-ଧୃ-ଅ) ସର୍ପ ।

ବିଷମ, ବିଂ. (ବି-ସମ) ଅସମାନ, ବିଯୋଡ଼, ଦୁର୍ଗମ, କଷ୍ଟକର । ବି. ଜଣ୍ଘ ମଧ୍ୟବର୍ତ୍ତୀ ପ୍ରସ୍ତରସ୍ତୂପ ।

ବିଷୟ, ବି. (ବି-ସି-ଅ) ଇନ୍ଦ୍ରିୟଗ୍ରାହ୍ୟ ପଦାର୍ଥ, ରୂପ, ଶବ୍ଦ, ରସ, ଗନ୍ଧାଦି ।

ବିଷୟୀ, ବିଂ. (ବିଷୟ-ଇନ୍) ବିଷୟାସକ୍ତ, ଧନୀ ।

ବିଷାକ୍ତ, ବିଂ. (ବିଷ-ଅକ୍ତ) ବିଷଯୁକ୍ତ, ବିଷମିଶ୍ରିତ ।

ବିଷାଣ, (ବି-ଅସ-ଶାନ) ପଶୁର ଶୃଙ୍ଗ, ବଡ଼ଦାନ୍ତ ।

ବିଷାଦ, ବି (ବି-ସଦ୍-ଅ) ଖେଦ, ଦୁଃଖ ।

ବିଷୁବ, ବି. (ବିଷୁ-ବା-ଅ) ସମରାତ୍ରିଦିନକାଳ, ମେଷ ସଂକ୍ରାନ୍ତି ।

ବିଷୁବରେଖା, ବି. ଉଭୟ ମେରୁର ସମଦୂରବର୍ତ୍ତୀ ସ୍ଥାନରେ ଯେଉଁ ମଣ୍ଡଳାକାର ରେଖା କଳ୍ପିତ ହୋଇଅଛି ।

ବିଷ୍କିର, ବି. ପକ୍ଷୀ ।

ବିଷ୍ଟପ, ବି. ଜଗତ୍, ଭୁବନ ।

ବିଷ୍ଟର, ବି. (ବି-ସ୍ତୃ-ଅ) କୁଶାସନ, ଆସନ । (ଦେ) ଅତି କ୍ଷୁଦ୍ର ।

ବିଷ୍ଟି, ବି. (ବିଷ୍-ତି) ଯନ୍ତ୍ରଣାଦାନ, ଜ୍ୟୋତିଷୋକ୍ତ ଅଶୁଭ କରଣବିଶେଷ ।

ବିଷ୍ଠା, ବି. (ବି-ସ୍ଥା-ଅ-ଆ) ମଳ, ପୁରୀଷ ।

ବିଷ୍ଣୁ, ବି. (ବିଷ୍-ନୁ) ହରି, ନାରାୟଣ, ସତ୍ତ୍ୱଗୁଣମୟ ବ୍ୟାପକ ଦେବ ।

ବିଷ୍ଣୁପଦ, ବି. ଆକାଶ ।

ବିଷ୍ଣୁପଦୀ, ବି. ସ୍ତ୍ରୀ. (ବିଷ୍ଣୁ-ପଦ୍-ଈ) ଗଙ୍ଗାନଦୀ ।

ବିଷ୍ଣୁରଥ, ବି. ଗରୁଡ଼, ବିଷ୍ଣୁଙ୍କ ବାହନ ।

ବିସ, ବି. (ବିସ୍-ଅ) ମୃଣାଳ ।

ବିସଂବାଦ, ବି. ( ବି-ସମ୍-ବଦ୍-ଅ ) ବିରୋଧ, ମନ୍ଦସଂବାଦ, ଅମେଳ ।

ବିସଂବାଦୀ, ବିଂ. ( ବି-ସମ୍-ବଦ୍-ଇନ୍ ) ବିରୋଧୀ ।

ବିସଂବାଦିତ, ବିଂ. (ବି-ସଂବାଦ-ଇତ) ବିରୁଦ୍ଧ ।

ବିସର୍ଜନ, ବି. (ବି-ସୃଜ୍-ଅନ) ତ୍ୟାଗ, ଦାନ ।

ବିସଦୃଶ, ବିଂ. (ବି-ସଦୃଶ) ବିପରୀତ, ବିରୁଦ୍ଧ ।

ବିସର୍ଗ, ବିଂ. (ବି-ସୃଜ୍-ଅ) ତ୍ୟାଗ,ଦାନ, ଦ୍ୱିବିନ୍ଦୁବର୍ଣ୍ଣ, ଃ ।

ବିସର୍ପଣ, ବି. (ବି-ସୃପ୍-ଅନ) ପ୍ରସରଣ ।

ବିସିନୀ, ବି. (ବିସ-ଇନ-ଈ) ପଦ୍ମିନୀ, ପଦ୍ମଲତା । (ଦେ) ବ୍ୟସନୀ, ଫୁଲ୍‌ବାବୁ, ବିଳାସୀ, ଲମ୍ପଟ ।

ବିସୂଚିକା, ବି. (ବି-ସୂଚ-ଅକ-ଆ) ରୋଗବିଶେଷ ।

ବିସୃଷ୍ଟ, ବିଂ. (ବି-ସୃଜ୍-ତ) ତ୍ୟକ୍ତ, ଦତ୍ତ, ପ୍ରେରିତ,

ବିସ୍ତର, ବି. (ବି-ସ୍ତୃ-ଅ) ସମୂହ, ପ୍ରଚୁର, ବିସ୍ତାର ।

ବିସ୍ତାର, ବି. (ବି-ସ୍ତୃ-ଅ) ବିସରଣ, ବିସ୍ତୃତ,ଓସାର ।

ବିସ୍ତାରିତ, ବିଂ. (ବିସ୍ତାର-ଇତ) ପ୍ରସାରିତ ।

ବିସ୍ତୀର୍ଣ୍ଣ, ବିଂ, (ବି-ସ୍ତୃ-ତ) ବିସ୍ତୃତ, ବ୍ୟାପ୍ତ, ବିଶାଳ ।

ବିସ୍ତୃତ, ବିଂ. (ବି-ସ୍ତୃ-ତ) ବ୍ୟାପ୍ତ, ବିଶାଳ ।

ବିସ୍ତୃତି, ବି. (ବି-ସ୍ତୃ-ତି) ବିସ୍ତାର ।

ବିସ୍ଫାରିତ, ବିଂ. (ବି-ସ୍ଫାର-ତ) କମ୍ପିତ, ବିସ୍ତାରିତ, ପ୍ରକାଶିତ ।

ବିସ୍ଫୁଲିଙ୍ଗ, ବି. ଅଗ୍ନିକଣା ।

ବିସ୍ଫୋଟକ, ବି. (ବି-ସ୍ଫୁଟ-ଅକ) ବ୍ରଣ, ବଥ, ବସନ୍ତ-ରୋଗ ।

ବିସ୍ମୟ, ବି. (ବି-ସ୍ମି-ଅ) ଆଶ୍ଚର୍ଯ୍ୟ, ଅଦ୍ଭୁତ ।

ବିସ୍ମରଣ, ବି. (ବି-ସ୍ମୃ-ଅନ) ବିସ୍ମୃତ, ଭୁଲ ।

ବିସ୍ମିତ, ବିଂ. (ବି-ସ୍ମି-ତ) ଆଶ୍ଚର୍ଯ୍ୟାନ୍ୱିତ ।

ବିସ୍ମୃତ, ବିଂ (ବି-ସ୍ମୃ-ତ) ସ୍ମରଣାତୀତ ।

ବିସ୍ମୃତି, ବି. (ବି-ସ୍ମୃ-ତି) ବିସ୍ମରଣ, ଭୁଲ ।

ବିସ୍ରଂସନ, ବି. (ବି-ସ୍ରନ୍ସ୍-ଅନ) ପତନ, କ୍ଷରଣ ।

ବିସ୍ରସ୍ତ, ବିଂ. (ବି-ସ୍ରନ୍ସ୍-ତ) ଚ୍ୟୁତ, ସ୍ଖଳିତ, ପତିତ ।

ବିହଗ, (ଙ୍ଗ, ଙ୍ଗମ), ବି. (ବିହାୟସ୍-ଗମ୍-ଅ) ପକ୍ଷୀ, ମେଘ, ସୂର୍ଯ୍ୟ, ଚନ୍ଦ୍ର ।

ବିହଙ୍ଗରାଜ, ବି. (ବିହଙ୍ଗ-ରାଜା) ଗରୁଡ଼, ପକ୍ଷିରାଜ ।

ବିହନ, ବି. (ଦେଶଜ) ମାଞ୍ଜିକିମ୍ବା, ଧାନ୍ୟାଦି ବୀଜ ।

ବିହରଣ. ବି. (ବି-ହୃ-ଅନ) ବିହାର, କ୍ରୀଡ଼ା ।

ବିହାୟସ, ବି. ( ବି-ହା-ଅସ୍ ) ଆକାଶ ।

ବିହାର } ବି. (ବି-ହୃ-ଅ) କ୍ରୀଡ଼ା, ଭ୍ରମଣ, ବିହାର-
ବୀହାର } ସ୍ଥାନ, ବୌଦ୍ଧମଠ ।

ବିହାରୀ, ବି. (ବିହାର-ଇନ୍ ) ଭ୍ରମଣକାରୀ ।

ବିହି, ବି. (ବିଧି ଶବ୍ଦଜ) ବିଧାତା ।

ବିହିତ, ବିଂ. ( ବି-ଧା-ତ ) କୃତ, କର୍ତ୍ତବ୍ୟ, ।

ବିହୀନ, ବିଂ. (ବି-ହା-ତ) ବିରହିତ, ବର୍ଜିତ, ତ୍ୟକ୍ତ ।

ବିହୁନେ, ଅଂ. (ବିହୀନ ଶବ୍ଦଜ) ବ୍ୟତୀତ, ଛଡ଼ା ।

ବିହ୍ୱଳ, ବିଂ. ( ବି-ହ୍ୱଳ୍-ଅ ) ଶୋକଭୟାଭିଭୂତ ।

ବୀକ୍ଷଣ, ବି. (ବି-ଈକ୍ଷ୍-ଅନ) ଦର୍ଶନ, ନିରୀକ୍ଷଣ ।

ବୀକ୍ଷିତ, ବିଂ. ( ବି-ଈକ୍ଷ-ତ ) ଅବଲୋକିତ, ଦୃଷ୍ଟ ।

ବୀଚ, ବି. (ବେ-ଇଚ) ତରଙ୍ଗ, ଲହରୀ ।
ବୀଚମାଳୀ, ବି. (ବୀଚମାଳା-ଇନ୍) ସମୁଦ୍ର, ସୂର୍ଯ୍ୟ ।
ବୀଜ, ବି. (ବି-ଜନ୍-ଅ) ମଞ୍ଜି, କାରଣ, ଶୁକ୍ର ।
ବୀଜକୋଷ, ବି. ବୀଜାଧାର, ଛୁଇଁ, ପୁଷ୍ପର ଅଂଶ-ବିଶେଷ ।
ବୀଜଗଣିତ, ବି. ଅଙ୍କଶାସ୍ତ୍ରବିଶେଷ ।
ବୀଜନ, ବି. ( ବି-ଅଜ୍-ଅନ ) ବ୍ୟଜନ, ପଙ୍ଖା ।
ବୀଟିକା, ବି. (ବି-ଇଟ-ଅକ-ଆ) ପାନଖିଲ, ବିଡ଼ିଆ ।
ବୀଣା ବି. ( ବୀ=କ୍ଷେପଣ କରିବା-ନ-ଅ ) ସପ୍ତତନ୍ତ୍ରୀ ବିଶିଷ୍ଟ ବାଦ୍ୟଯନ୍ତ୍ର ।
ବୀଣାପାଣି, ବି. (ବୀଣା-ପାଣି) ସରସ୍ୱତୀ ।
ବୀତ, ବିଂ. (ବି-ଇ-ତ) ଗତ, ପରିତ୍ୟକ୍ତ ।
ବୀତଂସ, ବି. (ବି-ତନସ୍-ଅ) ଫାଶ, ମୃଗାଦିବନ୍ଧନାର୍ଥ ଜାଲ ।
ବୀତିହୋତ୍ର, ବି. (ବୀତି-ହୁ-ତ୍ର) ଅଗ୍ନି, ସୂର୍ଯ୍ୟ ।
ବୀଥି } ବି. ( ବିଥ୍-ଇ, ଇକ-ଆ ) ଶ୍ରେଣୀ, ପଥ,
ବୀଥିକା } ଦୁଇପାଖରେ ବୃକ୍ଷଶ୍ରେଣୀଯୁକ୍ତ ପଥ ।
ବୀପ୍ସା, ବି. ( ବି-ଆପ-ସନ୍-ଅ-ଆ ) ଯୁଗପତ୍ ବ୍ୟାପନେଚ୍ଛା, ପୁନରୁକ୍ତି ।
ବୀଭତ୍ସ, ବିଂ. (ବଧ-ସନ୍-ଅ) ଅତ୍ୟନ୍ତ ଘୃଣାକର, ଅତି କଦର୍ଯ୍ୟ, କ୍ରୂର, ପାପୀ । ବି. ରସବିଶେଷ ।
ବୀଭତ୍ସୁ, ବି. (ବଧ୍-ସନ୍-ଉ) ଅର୍ଜୁନ ।
ବୀର, ବି. (ବୀର-ଅ) ରସବିଶେଷ, ଶୂର । ବିଂ. ଶ୍ରେଷ୍ଠ

ବୀରପ୍ରସୂ } ବି. ( ବୀର-ପ୍ରସ୍ୂ,ସ୍ୂ ) ବୀରପ୍ରସବିନୀ,
ବୀରସୂ } ବୀରମାତା ।

ବୀରା, ବି. (ବୀର-ଅ-ଆ) ପତିପୁତ୍ରବତୀ ନାରୀ ।

ବୀରାସନ, ବି. ( ବୀର-ଆସନ ) ଊରୁ ଉପରେ ପାଦ ସ୍ଥାପନପୂର୍ବକ ଉପବେଶନ ।

ବୀରୁଧ, ବି. (ବି-ରୁଧ୍-ଅ) ବଲ୍ଲୀ, ଲତା ।

ବୀର୍ଯ୍ୟ, ବି. (ବୀର୍-ଯ) ବୀରତ୍ୱ,ଶୌର୍ଯ୍ୟ,ବଳ, ଶୁକ୍ର ।

ବୁଟି, ବି. (ଦେ) ନଉ, ଔଷଧବିଶେଷ,ଲୁଗା ଉପରେ ଫୁଲକାମ ।

ବୁଆ, ବି. (ଦେ) ଶ୍ରେଷ୍ଠ ଧାନଗଛ ।

ବୁକ୍କ, ବି. ବକ୍ଷ, ଛାଗ ।

ବୁଜା, ବିଂ. (ଦେ) ମୁଦ୍ରିତ, ମୁଦା, ପୋତା ।

ବୁଜିବା, କ୍ରି. (ଦେ) ମୁଦିବା ।

ବୁଝିବା, କ୍ରି. (ଦେ) ହୃଦୟଙ୍ଗମ କରିବା,ସମଝିବା ।

ବୁଝାଇବା, କ୍ରି. (ଦେ) ମନାଇବା, ସମଝାଇବା ।

ବୁଟ } ବି. ( ଦେ ) ଶସ୍ୟବିଶେଷ । (ଇଂ. boot)
ବୁଣ୍ଟ } ଏକପ୍ରକାର ଜୋତା ।

ବୁଡ଼, ବି. (ଦେ) ମଜ୍ଜନ ।

ବୁଡ଼ିବା, କ୍ରି. (ଦେ) ଜୁବିବା, ପାଣିରେ ମଗ୍ନ ହେବା ।

ବୁଢ଼ା, ବିଂ. (ଦେ) ବୃଦ୍ଧ । ସ୍ତ୍ରୀ. ବୁଢ଼ୀ ।

ବୁଢ଼ିଆଣୀ, ବି. (ଦେ) ମାକଡ଼ସା, ଲୂତା ।

ବୁଣା, ବିଂ. (ଦେ) ବପିତ, ତନ୍ତ୍ରରେ ପ୍ରସ୍ତୁତ ।

ବୁଣିବା, କ୍ରି. (ଦେ) ବପନ କରିବା, ବସ୍ତ୍ର ନିର୍ମାଣ କରିବା ।

ବୁଢ଼ା, ବ. (ଦେ) ଗୁଳ୍ମ, ଖେତ୍ରୁଟ ଗଛ ।
ବୁଦ୍ଧ, ବି. (ବୁଧ୍-ତ) ଜ୍ଞାନୀ, ଜାଗ୍ରତ, ଜ୍ଞାତ । ବ. ବୌଦ୍ଧଧର୍ମ ପ୍ରବର୍ତ୍ତକ ।
ବୁଦ୍ଧି, ବି. (ବୁଧ୍-ତି) ବୋଧ, ବୁଝିବା ଶକ୍ତି ।
ବୁଦ୍ଧିମାନ୍ } ବି. (ବୁଦ୍ଧି-ମତ୍) ତୀକ୍ଷ୍ଣବୁଦ୍ଧିସମ୍ପନ୍ନ ।
ବୁଦ୍ଧିମନ୍ତ }
ବୁଦ୍ଧିମତ୍ତା, ବ. (ବୁଦ୍ଧିମତ୍-ତା) ଧୀମତ୍ତା ।
ବୁଦ୍ବୁଦ, ବ. (ବୁଦ୍-ବୁଦ) ପାଣିଫୋଟକା ।
ବୁଧ, ବ. (ବୁଧ୍-ଅ) ପଣ୍ଡିତ, ଗ୍ରହବିଶେଷ ।
ବୁନଆଦ୍, (ଦ), ବ. (ଯା) ମୂଳଭିତ୍ତି, ଅସଲ କଥା ।
ବୁନ୍ଦା, ବ (ଦେ) ବନ୍ଦୁ, ଟୋପା ।
ବୁନ୍ଦିଆ, ବ. (ଦେ) ଏକପ୍ରକାର ମିଷ୍ଟାନ୍ନ ।
ବୁଭୁକ୍ଷା, ବ. (ଭୁଜ୍-ସନ୍-ଆ) ଭୋଜନେଚ୍ଛା, କ୍ଷୁଧା ।
ବୁଭୁକ୍ଷିତ, ବି. (ବୁଭୁକ୍ଷା-ଇତ) କ୍ଷୁଧିତ ।
ବୁଭୁକ୍ଷୁ, ବି. (ଭୁଜ୍-ସନ୍-ଉ) ଭୋଜେଚ୍ଛୁ, କ୍ଷୁଧାର୍ତ୍ତ ।
ବୁରୁଜ, ବ. (ଦେ) ଦୁର୍ଗ ପ୍ରାଚୀରଦ୍ୱରୁ ବାହାରଥିବା ଅତିରିକ୍ତ ଅଂଶ, ବାରୁଦଘର, ଅସ୍ତ୍ରାଗାର ।
ବୁଲା, ବି. (ଦେ) ଯେ ବୁଲେ । ବ. ବୁଲିବା ।
ବୁଲାଇବା, କ୍ରି. (ଦେ) ଘୁରାଇବା, ଭ୍ରମଣ କରାଇବା ।
ବୁଲାକ,ବ. (ଦେ) ଦଣ୍ଡି,ନାସିକାର ଅଳଙ୍କାରବିଶେଷ ।
ବୁଲିବା, ବ. (ଦେ) ଭ୍ରମଣ କରିବା, ଫେରିବା ।
ବୁହାଇବା, କ୍ରି. (ଦେ) ବହନ କରାଇବା, ଚଳାଇବା ।
ବୁହ୍ନେ, କ୍ରି. ବି. (ଦେ) ଥରେ, ଯଥେଷ୍ଟପରିମାଣରେ ।

ବୃଂହିତ, ବି. (ବୃନ୍‌ହ୍‌-ତ) ହାତିର ଶବ୍ଦ ।
ବୃକ, ବି. ନେକଡ଼ାବାଘ, ଜଠରାଗ୍ନି ।
ବୃକୋଦର, ବି. (ବୃକ-ଉଦର) ଭୀମସେନ ।
ବୃକ୍ଷ, ବି. (ବୃକ୍ଷ୍‌-ଅ) ତରୁ, ଗଛ ।
ବୃକ୍ଷବାଟିକା, ବି. ବଗିଚା, ନିକୁଞ୍ଜ ।
ବୃଜନ, ବି. ପାପ ।
ବୃତ, ବିଂ. (ବୃ-ତ) ପ୍ରାର୍ଥିତ, ଆଚ୍ଛାଦିତ, ନିଯୁକ୍ତ ।
ବୃତି, ବି. (ବୃ-ତି) ବେଷ୍ଟନ, ବାଡ଼ ।
ବୃତ୍ତ, ବିଂ. ( ବୃତ୍‌-ତ ) ଚରିତ୍ର, ଚକ୍ରାକାର କ୍ଷେତ୍ର, ଗୀତର ସ୍ୱର । ବିଂ. ଜାତ, ଅତୀତ ।
ବୃତ୍ତସୂଚୀ, ବି. ଉପର୍ଯ୍ୟୁପରି ସ୍ଥାପିତ କ୍ରମ କ୍ଷୁଦ୍ର ବୃତ୍ତ-ସମୂହର ଆକୃତିବିଶିଷ୍ଟ କ୍ଷେତ୍ର ।
ବୃତ୍ତାନ୍ତ, ବି. (ବୃତ୍ତ-ଅନ୍ତ) ବାର୍ତ୍ତା, ବିବରଣ ।
ବୃତ୍ତାଭାସ, ବି. ବୃତ୍ତ ପରି ଗୋଲାକାର ।
ବୃତ୍ତି, ବି. (ବୃତ୍‌-ତି) ଜୀବିକା, ମନୋବୃତ୍ତି ।
ବୃତ୍ର, ବି. ( ବୃତ୍‌-ର ) ଅସୁରବିଶେଷ, ଅନ୍ଧକାର, ମେଘ ।
ବୃତ୍ରହା } ବି ( ବୃତ୍ର-ହନ୍‌-କ୍ୱିପ, ଅରି ) ଇନ୍ଦ୍ର,
ବୃତ୍ରାରି } ସୂର୍ଯ୍ୟ ।
ବୃଥା, ଅଂ. (ବୃ-ଥା) ନିଷ୍ଫଳ, ନିରର୍ଥକ, ଅକାରଣ ।
ବୃଦ୍ଧ, ବିଂ. (ବୃଧ୍‌-ତ) ପ୍ରାଚୀନ, ବୁଢ଼ା ।
ବୃଦ୍ଧପ୍ରପିତାମହ, ବି. ପିତାମହଙ୍କର ପିତା ।
ବୃଦ୍ଧପ୍ରମାତାମହ, ବି. ମାତାମହଙ୍କର ପିତା ।

ବୃଦ୍ଧା, ବିଂ. (ବୃଧ୍-ତ-ଆ) ବୁଢ଼ୀ ।
ବୃଦ୍ଧି, ବି. ( ବୃଧ୍-ତି ) ଉନ୍ନତି, ବିସ୍ତାର, ବର୍ଦ୍ଧନ, ଆଧିକ୍ୟ, କୁସୀଦ ।
ବୃନ୍ତ, ବି. (ବୃ-ତ, ନ ଆଗମ) ଡେମ୍ଫ ।
ବୃନ୍ଦ, ବି. (ବୃଣ-ଦ) ସମୂହ, ଦଶ ଅର୍ବୁଦ ସଂଖ୍ୟା ।
ବୃନ୍ଦା, ବି. ତୁଳସୀଗଛ, ରାଧିକାଙ୍କ ସଖୀବିଶେଷ, ଜଳନ୍ଧର ପତ୍ନୀ, ରାଧା ।
ବୃନ୍ଦାରକ, ବି. ( ବୃନ୍ଦ-ଆର-କ ) ଦେବତା ।
ବୃନ୍ଦାବନ, ବି. ମଥୁରା ନିକଟବର୍ତ୍ତୀ ହିନ୍ଦୁଙ୍କ ତୀର୍ଥବିଶେଷ ।
ବୃଶ୍ଚିକ, ବି. (ବ୍ରଶ୍ଚ-ଇକ) ବିଚ୍ଛା, ଅଷ୍ଟମ ରାଶି ।
ବୃଷ, ବି. (ବୃଷ୍-ଅ) ଷଣ୍ଢ, ଦ୍ୱିତୀୟ ରାଶି, ମୂଷିକ ।
ବୃଷଣ, ବି. (ବୃଷ୍-ଅନ) ଅଣ୍ଡକୋଷ, ମୁଷ୍କ ।
ବୃଷଦଂଶକ, ବି. ବିରାଡ଼ି ।
ବୃଷଭ, ବି. ( ବୃଷ-ଅଭ ) ବୃଷ, ଷଣ୍ଢ, ବଳୀବର୍ଦ୍ଦ (ଶବ୍ଦାନ୍ତେ) ଶ୍ରେଷ୍ଠ ।
ବୃଷଭାନୁ, ବି. ରାଧାଙ୍କ ପିତା ।
ବୃଷଳ, ବି. (ବୃଷ୍-ଅଳ) ଶୂଦ୍ର । ସ୍ତ୍ରୀ. ବୃଷଳୀ ।
ବୃଷା, ବି. (ବୃଷ-ଅନ୍) ଇନ୍ଦ୍ର ।
ବୃଷାକପି, ବି. ଶିବ, ବିଷ୍ଣୁ, ଅଗ୍ନି, ଇନ୍ଦ୍ର ।
ବୃଷ୍ଟି, ବି. ( ବୃଷ୍-ତି ) ବର୍ଷା, ବର୍ଷଣ ।
ବୃଷ୍ଣି, ବି. (ବୃଷ୍-ନି) ଯଦୁବଂଶ ।
ବୃଷ୍ୟ, ବିଂ. (ବୃଷ୍-ଯ) ଧାତୁବୀର୍ଯ୍ୟକର, ବଳକର ।
ବୃହତ୍, ବିଂ. (ବୃହ୍-ଅତ୍) ବିପୁଳ, ବଡ଼, ପ୍ରକାଣ୍ଡ ।

ବୃହତୀ, ବି. ବାଇଗଣ, କ୍ଷୁଦ୍ର ବାର୍ତ୍ତାକୀ ।

ବୃହଦ୍ଭାନୁ, ବି. ସୂର୍ଯ୍ୟ, ଅଗ୍ନି ।

ବୃହସ୍ପତି, ବି. (ବୃହତ୍‌-ପତି) ଦେବଗୁରୁ, ଗୁରୁ ।

ବେ, ଅଂ. (ଯା) କ୍ରିୟା ଶେଷରେ ଲଗିଲେ ଅମାନ୍ୟାର୍ଥ ବୋଧକ, ଶବ୍ଦ ଆଦ୍ୟରେ ଲଗିଲେ ଅଭାବ ବା ନିଷେଧସୂଚକ ।

ବେଇମାନ୍, ବିଂ. (ଯା) ଅଧାର୍ମିକ, କୃତଘ୍ନ ।

ବେଉଆ, ବି. (ଯା) ବିଧବା, ଅନାଥା ସ୍ତ୍ରୀ ।

ବେଉନ୍ତ, ବିଂ. (ଦେ) ବସ୍ତୃତ, ବର୍ଣ୍ଣନ ।

ବେଉନ୍ତିବା, କ୍ରି. (ଦେ) ବାର୍ଣ୍ଣିବା, ବିତରଣ, କରିବା ।

ବେଉରା, ବି. (ଦେ) ବାର୍ତ୍ତା, ବିବରଣ ।

ବେଉସା, ବି. (ଦେ) ବ୍ୟବସାୟ ।

ବେକ, ବି. (ଦେ) ଗଳାର ପଶ୍ଚାଦ୍ଭାଗ, କଣ୍ଠଦେଶ ।

ବେଗ, ବି. ( ବିଜ୍‌-ଅ ) ଶୀଘ୍ରତା, ତ୍ୱରା, ମୂତ୍ରାଦିର ନିର୍ଗମପ୍ରବଣତା, ପ୍ରବାହ ।

ବେଗବାନ୍, ବିଂ. ( ବେଗ-ବତୁ ) ବେଗବିଶିଷ୍ଟ, ତ୍ୱରାନ୍ୱିତ ।

ବେଗାଡ଼ି, (ରି), ବି. (ଦେ) ବେଠି, ବେଠିଆ ।

ବେଗୁନିଆଁ, ବି. (ଦେ) ଗୁଳ୍ମଜାତୀୟ ବୃକ୍ଷବିଶେଷ ।

ବେଗେ, କ୍ରି. ବିଂ. (ଦେ) ଶୀଘ୍ର ।

ବେଙ୍ଗ, ବି. (ବ୍ୟଙ୍ଗ ଶବ୍ଦଜ) ଭେକ ।

ବେଙ୍ଗଳା, କ୍ରି. ( ଦେ ) ଧାନ ଉପରେ ବଳଦ ବୁଲାଇବା, ବୁଲିବା ।

ବେଙ୍ଗା, ବି. (ଦେ) ରୋଗବିଶେଷ ।
ବେଜାୟ୍, ବିଂ. (ଯା) ଯଥେଷ୍ଟ, ଅପରିମିତ ।
ବେଜାର, ବିଂ. (ଯା) ବିରକ୍ତ । ବି. ବିରକ୍ତି ।
ବେଇଜ୍ଜତ, ବି. (ଯା) ଅପମାନିତ ।
ବେଟା, ବି. (ଯା) ପୁଅ ।
ବେଠି, ବି. (ଦେ) ମାଗଣା ।
ବେଠିଆ, ବିଂ. ଯେ ବିନା ପାରିଶ୍ରମିକରେ କାମ କରେ ।
ବେଡ଼ି, ବି. (ଯା) ସାଙ୍କୋଳି, ଶୃଙ୍ଖଳ ।
ବେଢ଼, ବି. (ଦେ) ବେଷ୍ଟନ, ପରିଧି, ଘେରା ।
ବେଢ଼ା, ବି. (ବେଷ୍ଟନ ଶବ୍ଦଜ) ଗୃହ ଚାରିପଟରେ ଘେରି ରହିଥିବା ପ୍ରାଚୀର ।
ବେଢ଼ିବା, କ୍ରି. (ବେଷ୍ଟନ ଶବ୍ଦଜ) ଘେରିବା ।
ବେଣା, ବି. ( ଦେ ) ତୃଣବିଶେଷ, ଉଶୀର ।
ବେଣି } ବି. ( ବେଣ୍-ଇ, ସ୍ତ୍ରୀ-ନି ) ବିନ୍ୟସ୍ତ
ବେଣୀ } କେଶପାଶ ।
ବେଣୁ, ବି. (ବେନ୍-ଉ) ବଂଶୀ, ମୁରଲୀ, ବାଉଁଶ ।
ବେଣ୍ଟ, ବି. ଅସ୍ତ୍ରାଦିର ମୁଠା, କଇଁ ପ୍ରଭୃତିର ବୀଜ-କୋଷ ଓ ବୀଜ ।
ବେଣ୍ଟି, ବି. କେଶଗୁଚ୍ଛର ତଳେ ଗୃହ ପାଖରେ ଥିବା କ୍ଷୁଦ୍ର କେଶ ।
ବେତ, ବି. (ଦେ) ବେତ୍ର, ବେତସ, ବେତ୍ରାଘାତ ।
ବେତନ, ବି. (ସ୍ତ୍ରୀ-ତନ) କର୍ମର ମୂଲ୍ୟ, ମଜୁରି ।
ବେତସ, ବି ( ସ୍ତ୍ରୀ-ତସ୍ ) ବେତଗଛ ।

ବେତା, ବି. (ଦେ) ନଡ଼ ଟୋକେଇ ।

ବେତାଳ, ବି. ଭୂତ ବା ପିଶାଚବିଶେଷ, ଭୂତାବିଷ୍ଟ ଶବ । ବି॰. ସଙ୍ଗୀତରେ ତାଳହୀନ ।

ବେତ୍ତା, ବି॰ (ବିଦ୍-ତୃ) ଜ୍ଞାତା ।

ବେଥି, ବି. (ଗା-ଥି) ବେତଗଛ ।

ବେଦ, ବି. (ବିଦ୍-ଅ) ଶାସ୍ତ୍ରଜ୍ଞାନ, ସାମାଦି ଗ୍ରନ୍ଥ ବେଦ ।

ବେଦନା, ବି. (ବିଦ୍-ଅନ୍-ଆ) ଯାତନା, ବୋଧ, ଜ୍ଞାନ ।

ବେଦବ୍ୟାସ, ବି. (ବେଦ-ବି-ଆ-ଅସ୍-ଅ) ବେଦ ବିଭାଗକର୍ତ୍ତା ମୁନି ।

ବେଦାଙ୍ଗ, ବି. ( ବେଦ-ଅଙ୍ଗ ) ଶିକ୍ଷା, କଳ୍ପ, ବ୍ୟାକରଣ, ନିରୁକ୍ତ, ଜ୍ୟୋତିଷ ଓ ଛନ୍ଦ ବେଦର ଏହି ଛଅ ଅଙ୍ଗ ।

ବେଦାନ୍ତ, ବି. (ବେଦ-ଅନ୍ତ) ଉତ୍ତର ମୀମାଂସା ନାମକ ବ୍ରହ୍ମ ସମ୍ବନ୍ଧୀୟ ଦର୍ଶନଶାସ୍ତ୍ରବିଶେଷ ।

ବେଦି, (ଦୀ) } ବି. ( ବିଦ୍-ଇ,ଈ, ଇକ-ଆ) ଯଜ୍ଞାଦି
ବେଦିକା } ନିମିତ୍ତ ଭୂମି, ଧର୍ମାନୁଷ୍ଠାନ ନିମିତ୍ତ ଚତୁରସ୍ର ଉଚ୍ଚ ଭୂମି ।

ବେଦ୍ୟ, ବି॰. (ବେଦ୍-ଯ) ବୋଧ୍ୟ, ଜ୍ଞେୟ ।

ବେଧ, ବି. ( ବିଧ୍-ଅ ) ଛିଦ୍ର କରିବା, ଗଭୀରତା, ବସ୍ତୁର ସ୍ଥୂଳତାର ପରିମାଣ । ( ଦେ ) ପରପୁରୁଷ ସଙ୍ଗମ ଜାତ, ଭ୍ରଷ୍ଟାଚରଣ ।

ବେଧକ, ବି॰. (ବିଧ୍-ଅକ) ଭେଦକ, ଯେ ବିନ୍ଧ କରେ ।

ବେଧନ, ବି. (ବିଧ୍-ଅନ) ଛିଦ୍ର କରିବା ।

ବୈଧର୍ମ, ବି. ଫୋଡ଼ଣୀ ।
ବୈଧପିଣ୍ଡ, ବି. (ଦେ) ଜାରଜ ।
ବୈଧାଃ, ବି. (ବିଧ୍-ଅସ୍) ବ୍ରହ୍ମା, ବିଧାତା ।
ବେନ, ବିଂ. (ଦେଶଜ ପଦ୍ୟ) ଦୁଇ, ଯୁଗ୍ମ ।
ବେପଥୁ, ବି. (ବେପ-ଅଥୁ) କମ୍ପନ ।
ବେପମାନ, ବିଂ. (ବେପ୍-ଆନ) କମ୍ପମାନ ।
ବେପାର, ବି. (ଦେ) ବ୍ୟବସାୟ, ବାଣିଜ୍ୟ, ବ୍ୟାପାର ।
ବେପାରୀ, ବି (ଦେ) ବ୍ୟବସାୟୀ, ବ୍ୟାପାରୀ ।
ବେଭର, ବି. ( ଦେ ) ବ୍ୟବହାର, ଆଚରଣ, ପ୍ରଥା, ରୀତି, ମଙ୍ଗଳକାର୍ଯ୍ୟାଦିରେ ଉପହାର ।
ବେଭରୀ, ବିଂ. ( ଦେ ) କାରବାରୀ, ବ୍ୟାପାରୀ, ପରିଚାଳକ ।
ବେମାର,(ରି), ବି. (ଯା) ରୋଗ, ରୋଗୀ ।
ବେର, ବି. ଶରୀର ।
ବେଳ, ବି. (ବେଳ୍-ଅ) କାଳ, ସମୟ ।
ବେଲ, ବି. (ଦେ) ବିଲ, ଶ୍ରୀଫଳ ।
ବେଲଣା, ବି. ( ଦେ ) ରୁଟି ବେଲିବାର ବର୍ତ୍ତୁଳ କାଷ୍ଠଖଣ୍ଡ ।
ବେଳା, ବି. (ବେଳ୍-ଅ-ଆ) ବେଳ, କାଳ, ସମୁଦ୍ର-ତଟ, ଜୁଆରଭଟ୍ଟା ।
ବେଲି, ବି. (ଦେ) ବେଲିବାଂ, କାଂସ୍ୟପାତ୍ରବିଶେଷ ।
ବେବର୍ତ୍ତା, ବି. (ଦେ) ବ୍ୟବହର୍ତ୍ତା, ଅଧ୍ୟକ୍ଷ, ବେଭରୀ, ଉପାଧିବିଶେଷ ।

ବେବାକ୍ } ବି. (ଯା) ସମଗ୍ର, ସମୁଦାୟ ।
ବିବାକ୍ }

ବେଶ୍, ବିଂ. ଉତ୍ତମ, ଆଚ୍ଛା, ଭଲ ।

ବେଶ, ବି. (ବିଶ-ଅ) ପ୍ରବେଶ, ସଜ୍ଜା, ବେଶ୍ୟାଳୟ ।

ବେଶର, ବି. ( ବେଶବାର ଶବ୍ଦଜ) ବଠା ଘୋରଷ, ନାକର ଅଳଙ୍କାରବିଶେଷ ।

ବେଶୀ, ବିଂ. (ଯା) ଅଧିକ, ଅତିରିକ୍ତ ।

ବେଶ୍ମ, ବି. (ବିଶ୍-ମ) ଆଳୟ, ଆବାସ, ଗୃହ ।

ବେଶ୍ୟା, ବି (ବିଶ୍-ଯ-ଆ) ବାରଙ୍ଗନା, ବାସ୍ନୀ ।

ବେଷ୍ଟନ, ବି. ଚତୁର୍ଦ୍ଦିଗର ଆବରଣ, ବେଢ଼ ।

ବେଷ୍ଟିତ, ବିଂ. (ବେଷ୍ଟ୍-ତ) ଆବୃତ, ଆଚ୍ଛାଦିତ ।

ବେସନ, ବି. (ଦେ) ବୁଟର ଅଟା ।

ବେହାୟା } ବିଂ. (ଯା) ନିର୍ଲଜ୍ଜ ।
ବେହ୍ୱାୟା }

ବେହରଣ, ବି. (ଦେ) ସଭା, ସଭାମଣ୍ଡପ ।

ବେହୁରୀ, ବି. (ଦେ) ଦୁଧ ଆଉଟିବାର ମାଟି ହାଣ୍ଡୀ ।

ବେହେରା, ବି. ( ଦେ ) ଗଉଡ଼ ପ୍ରଭୃତି ଜାତିର ଉପାଧି, ପ୍ରଧାନ ଚାକର, ଭୃତ୍ୟ ।

ବେହେରାଣିଆ, ବି. (ଦେ) ରକ୍ଷିତା ସ୍ତ୍ରୀ ।

ବେହେଲା, ବି. ( ଦେ ) ବାଦ୍ୟଯନ୍ତ୍ରବିଶେଷ ।

ବେହୋସ୍, ବିଂ. (ଯା) ଅଜ୍ଞାନ, ମତ୍ତ ।

ବୈକଳ୍ପିକ, ବିଂ. ( ବିକଳ୍ପ-ଇକ ) ସନ୍ଦେହାତ୍ମକ ।

ବୈକୁଣ୍ଠ, ବି. (ବି-କୁଣ୍ଠା-ଅ) ବିଷ୍ଣୁ, ସ୍ୱର୍ଗ ।

ବୈଖାନସ, ବି. ବାନପ୍ରସ୍ଥ ।

ବୈଗୁଣ୍ୟ, ବି. ( ବିଗୁଣ-ଯ ) ଗୁଣହୀନତା, ଦୋଷ । (ଦେ) ଦୁଃଖୀ, ବିମର୍ଷ, ଦୁଃଖିତ ।

ବୈଚିତ୍ର୍ୟ, ବି. (ବିଚିତ୍ର-ଯ) ଚମତ୍କାରିତ୍ୱ, ବିବିଧ ସୌନ୍ଦର୍ଯ୍ୟ ।

ବୈଜୟନ୍ତ, ବି. (ବି-ଜି-ଅନ୍ତ) ଇନ୍ଦ୍ରପୁରୀ ।

ବୈଜୟନ୍ତୀ, ବି. (ବୈଜୟନ୍ତ-ଈ) ପତାକା, ଧ୍ୱଜା ।

ବୈଜିକ, ବି. (ବୀଜ-ଇକ) ବୀଜସମ୍ବନ୍ଧୀୟ ।

ବୈଜ୍ଞାନିକ, ବିଂ. (ବିଜ୍ଞାନ-ଇକ) ବିଜ୍ଞାନସମ୍ବନ୍ଧୀୟ, ନିପୁଣ, ଦକ୍ଷ ।

ବୈଠକ, ବି. (ଦେ) ସଭା, ଅଧିବେଶନ, ବସିବା ।

ବୈଠା, ବି. (ଦେ) ପ୍ରଦୀପ ।

ବୈତରଣୀ, ବି. ( ବିତରଣ-ଅ-ଈ ) ପ୍ରେତନଦୀ, ଓଡ଼ିଶାର ପୁଣ୍ୟା ପଯ୍ୟସ୍ୱିନୀ ।

ବୈତାଳିକ, ବିଂ. (ବି-ତାଳ-ଇକ) ସ୍ତୁତିପାଠକ, ଭାଟ ।

ବୈଦର୍ଭୀ, ବି. ସ୍ତ୍ରୀ. (ବିଦର୍ଭ-ଅ-ଈ) ଦମୟନ୍ତୀ ।

ବୈଦାନ୍ତିକ, ବିଂ. (ବେଦାନ୍ତ-ଇକ) ବେଦାନ୍ତଶାସ୍ତ୍ରଜ୍ଞ ।

ବୈଦିକ, ବିଂ. (ବେଦ-ଇକ) ବେଦସମ୍ବନ୍ଧୀୟ । ବି. ବେଦଜ୍ଞ ବ୍ରାହ୍ମଣ ।

ବୈଦୂର୍ଯ୍ୟ, ବି. ( ବିଦୂର-ଯ ) କୃଷ୍ଣ ପୀତାଭ ମଣି-ବିଶେଷ, ନୀଳକାନ୍ତ ମଣି ।

ବୈଦେଶିକ, ବିଂ. ( ବିଦେଶ-ଇକ ) ଭିନ୍ନଦେଶୀୟ ।

ବୈଦେହୀ, ବି. (ବିଦେହ-ଅ-ଈ) ସୀତା ।

ବୈଦ୍ୟ, ବି. (ବେଦ-ଯ) ଭିଷକ୍, ଚିକିତ୍ସକ ।
ବୈଦ୍ୟକ, ବି. (ବୈଦ୍ୟ-କ) ଆୟୁର୍ବେଦ ଶାସ୍ତ୍ର ।
ବୈଦ୍ୟୁତ } ବି°. ( ବିଦ୍ୟୁତ୍-ଅ, ଇକ ) ବିଦ୍ୟୁତ୍
ବୈଦ୍ୟୁତିକ } ସମ୍ବନ୍ଧୀୟ ।
ବୈଧ, ବି°, (ବିଧି-ଅ) ବିଧିସିଦ୍ଧ, ବିଧିବୋଧିତ ।
ବୈଧବ୍ୟ, ବି. (ବିଧବା-ଯ) ପତିହୀନତା ।
ବୈନତେୟ, ବି. (ବିନତା-ଏୟ) ଗରୁଡ଼, ଅରୁଣ ।
ବୈପରୀତ୍ୟ, ବି. (ବିପରୀତ-ଯ) ବିପର୍ଯ୍ୟୟ, ଓଲଟା ।
ବୈଭବ, ବି. (ବିଭବ-ଅ) ଐଶ୍ୱର୍ଯ୍ୟ, ବିଭବ ।
ବୈମାତ୍ର } ବି. (ବିମାତୃ-ଅ, ଏୟ) ବିମାତାଠାରୁ
ବୈମାତ୍ରେୟ } ଜାତ ।
ବୈୟାକରଣ, ବି. ( ବ୍ୟାକରଣ-ଅ ) ବ୍ୟାକରଣ ବେତ୍ତା ।
ବୈର, ବି. (ବୀର-ଅ) ବିରୋଧ, ଶତ୍ରୁତା, ଦ୍ୱେଷ ।
ବୈରଖ, ବି. (ଦେ) ଏକପ୍ରକାର ପତାକା ।
ବୈରନିର୍ଯ୍ୟାତନ, ବି. ପ୍ରତିଫଳ, ବୈରଶୋଧନ ।
ବୈରାଗୀ, ବି. (ବୈରାଗ-ଇନ୍) ବିବେକୀ, ସଂସାର-ବାସନାଶୂନ୍ୟ ବୈଷ୍ଣବ ।
ବୈରାଗ୍ୟ, ବି. ( ବିରାଗ-ଯ ) ଆସକ୍ତିଶୂନ୍ୟତା, ବିବେକ, ଔଦାସ୍ୟ ।
ବୈରୀ, ବି°. (ବୈର-ଇନ୍) ଶତ୍ରୁ, ବିଦ୍ୱେଷୀ ।
ବୈରୋଚନ, ବି. (ବିରୋଚନ-ଇ) ବଳି ରାଜା ।
ବୈଲକ୍ଷଣ୍ୟ, ବି. (ବିଲକ୍ଷଣ-ଯ) ପ୍ରଭେଦ, ବିଶିଷ୍ଟତା ।

ବୈବାହିକ, ବିଂ. (ବିବାହ-ଇକ) ବିବାହସମ୍ବନ୍ଧୀୟ ।
ବୈଶମ୍ପାୟନ, ବି. ମହାଭାରତବକ୍ତା ବ୍ୟାସଶିଷ୍ୟ ମୁନିବିଶେଷ ।
ବୈଶାଖ, ବି. (ବୈଶାଖୀ-ଅ) ପ୍ରଥମ ମାସ ।
ବୈଶିଷ୍ଟ୍ୟ, (ବିଶିଷ୍ଟ-ଯ) ବୈଲକ୍ଷଣ୍ୟ, ବିଶିଷ୍ଟତା ।
ବୈଶ୍ୟ, ବି. (ବିଶ୍-ଯ) ତୃତୀୟ ବର୍ଣ୍ଣ, କୃଷକ ଓ ବଣିକ୍ ପ୍ରଭୃତି ।
ବୈଶ୍ରବଣ, ବି. (ବିଶ୍ରବସ୍-ଅ) ରାବଣ, କୁବେର ।
ବୈଶ୍ୱଦେବ, ବି. (ବିଶ୍ୱଦେବ-ଅ) ବ୍ରାହ୍ମଣର ସର୍ବ-ଦେବ ପ୍ରୀତି ସାଧନାର୍ଥ ନିତ୍ୟ ଅନୁଷ୍ଠାନବିଶେଷ, ବିଶ୍ୱଦେବ ଉଦ୍ଦେଶ୍ୟରେ ଦତ୍ତ ।
ବୈଶ୍ୱାନର, ବି. (ବିଶ୍ୱନର-ଅ) ଅଗ୍ନି ।
ବୈଷମ୍ୟ, ବି. (ବିଷମ-ଯ) ବିରୁଦ୍ଧଭାବ, ଅସମତା ।
ବୈଷୟିକ, ବିଂ. (ବିଷୟ-ଇକ) ବିଷୟଗତ, ବିଷୟ ସଂକ୍ରାନ୍ତ ।
ବୈଷ୍ଣବ, ବିଂ. (ବିଷ୍ଣୁ-ଅ) ବିଷ୍ଣୁଭକ୍ତ, ବିଷ୍ଣୁସମ୍ବନ୍ଧୀୟ ।
ବୈସାଦୃଶ୍ୟ, ବି. (ବିସଦୃଶ-ଯ) ବୈଷମ୍ୟ ।
ବୋଇତ, ବି. (ଦେ) ପୋତ, ବହିତ୍ର, ଜାହାଜ ।
ବୋଉ, ବି (ଦେ) ମା, ଜନନୀ ।
ବୋକ, ବି. (ଦେ) ଚୁମ୍ବନ, ଚୁମ୍ବ ।
ବୋକା, ବିଂ. (ଦେ) ନିର୍ବୁଦ୍ଧି, ଓଲୁ, ପାଷଣ୍ଡ ।
ବୋଝ, ବି. (ଦେ) ମୁଣ୍ଡରେ ବହିବା ଭାର ।
ବୋଝିଆ, ବି. (ଦେ) ବୋଝ ବହିବା ଲୋକ ।

ବୋଡ଼ା, ବି. (ଦେ) ଏକଜାତୀୟ ସାପ ।
ବୋଡ଼ି, ବି. (ଦେ) ପାଞ୍ଚ ଗଣ୍ଡା ।
ବୋତଲ, ବି. (ଇଂ) ବଡ଼ ଶିଶି ।
ବୋଡ, ବି. (ଦେ) କରଡ଼ା, ଶସ୍ୟର ଚୋପା ।
ବୋଦା, ବି. (ଦେ) ବଳି, ଅଣ୍ଡିରା ଛେଳି ଓ ମେଣ୍ଢା ।
ବୋଧ, ବି (ଦେ) ଜ୍ଞାନ, ବୁଦ୍ଧି ।
ବୋଧକ, ବିଂ. (ବୁଧ-ଅକ) ଜ୍ଞାପକ, ସୂଚକ, ଜ୍ଞାନପ୍ରଦ ।
ବୋଧନ, ବି. (ବୁଧ୍-ଅନ) ଜ୍ଞାପନ, ଜାଗରଣ ।
ବୋଧି, ବି. (ବୁଧ-ଇ) ଅଶ୍ୱତ୍ଥବୃକ୍ଷ, ବୌଦ୍ଧ ।
ବୋଧିତ, ବିଂ. (ବୋଧି-ତ) ଜ୍ଞାପିତ, ଜାଗରିତ ।
ବୋଧିସତ୍ତ୍ୱ, ବି. ବୌଦ୍ଧ ତପସ୍ୱୀ ।
ବୋବାଳି, ବି. (ଦେ) ଡ଼ାକ, କ୍ରନ୍ଦନ, କାତରତା ସହ ଉଚ୍ଚଧ୍ୱନି ।
ବୋର (ଳ) ଝାଞ୍ଜି, ବି. (ଦେ) ଜଳୀୟ ଦଳବିଶେଷ ।
ବୋରା, ବି. (ଦେ) ଅଖାର ବଡ଼ ଥଳୀ ।
ବୋଳ, ବି. (ଦେଶଜ) ଲେପ, ତାମ୍ବୂଳରସ ।
ବୋଲ, ବି. (ଦେ) କଥା, ବାକ୍ୟ, ବଚନ, ଆଦେଶ ।
ବୋଲକରା, ବି. (ଦେ) ଚାକର, ଆଜ୍ଞାବହ ।
ବୋଲାବୋଲି, ବି. (ଦେ) ଗାଳି, କୁହାକୋହି ।
ବୋଲି, ବି. (ଦେ) ଭାଷା ।
ବୋଳିବା, କ୍ରି. (ଦେ) ଲେପିବା ।
ବୋଲିବା, କ୍ରି. (ଦେ) କହିବା, ସ୍ୱର ଧରି ଗାଇବା ।
ବୋବାଇବା, କ୍ରି. (ଦେ) ଡାକ ପକାଇବା । (ପଶୁପକ୍ଷି ସମ୍ବନ୍ଧେ)

ବୋହୂ, ବି. (ଦେ) ବଧୂ, ପୁତ୍ରବଧୂ ।

ବୌଦ୍ଧ, ବି. (ବୁଦ୍ଧ-ଅ) ବୌଦ୍ଧଧର୍ମାବଲମ୍ବୀ ।

ବୌଷଟ୍, ବି ଅଗ୍ନିରେ ଘୃତାଦି ଆହୁତି ଦେବାର ମନ୍ତ୍ର ।

ବ୍ୟକ୍ତ, ବିଂ. (ବି-ଅନଜ୍-ତ) ବିକଶିତ, ସ୍ପଷ୍ଟ, ପ୍ରକଟ ।

ବ୍ୟକ୍ତି, ବି. (ବି-ଅନ୍ଜ-ତି) ଲୋକ, ଜନ ।

ବ୍ୟଗ୍ର, ବିଂ. (ବି-ଅଗ୍ର) ବ୍ୟାକୁଳ, ବ୍ୟସ୍ତ, ତ୍ରସ୍ତ ।

ବ୍ୟଙ୍ଗୋକ୍ତି, ବି. ( ବ୍ୟଙ୍ଗ-ଉକ୍ତି ) ବକ୍ରୋକ୍ତି, ଶ୍ଳେଷବାକ୍ୟ ।

ବ୍ୟଙ୍ଗ, ବିଂ. (ବି-ଅଙ୍ଗ) ବିକଳାଙ୍ଗ । ବି. ବେଙ୍ଗ ।

ବ୍ୟଜନ, ବି. (ବି-ଅଜ୍-ଅନ) ବାୟୁସଞ୍ଚାଳନ, ପଙ୍ଖା ।

ବ୍ୟଞ୍ଜକ, ବି. (ବି-ଅନ୍ଜ-ଅକ-ଅ) ପ୍ରକାଶକ ।

ବ୍ୟଞ୍ଜନ, ବି. (ବି-ଅନଜ୍-ଅନ) ହଳ ବର୍ଣ୍ଣ, ତରକାରି ।

ବ୍ୟଞ୍ଜନା, ବି. (ବି-ଅନଜ୍-ଅନ-ଆ) ଯେଉଁ ଶକ୍ତିଦ୍ୱାରା କାବ୍ୟର ତାତ୍ପର୍ଯ୍ୟାର୍ଥ ବୋଧ ହୁଏ ।

ବ୍ୟଞ୍ଜିତ, ବିଂ. (ବି-ଅନଜ୍-ତ) ପ୍ରକାଶିତ, ପ୍ରକଟିତ ।

ବ୍ୟତିକ୍ରମ, ବି. ( ବି-ଅତି-କ୍ରମ୍-ଅ ) କ୍ରମବିପର୍ଯ୍ୟୟ, ବୈପରୀତ୍ୟ, ଉଲ୍ଲଙ୍ଘନ ।

ବ୍ୟତିକ୍ରାନ୍ତ, ବି. (ବି-ଅତି-କ୍ରମ୍-ତ) ବିପର୍ଯ୍ୟୟପ୍ରାପ୍ତ, କ୍ରମବହିର୍ଭୂତ ।

ବ୍ୟତିରିକ୍ତ, ବିଂ. ( ବି-ଅତି-ରିଚ୍-ତ ) ବିଭିନ୍ନ ।

ବ୍ୟତିରେକ, ବି. (ବି-ଅତି-ରିଚ୍-ଅ) ଅଭାବ, ପ୍ରଭେଦ, ବିନା ।

ବ୍ୟତିବ୍ୟସ୍ତ, ବିଂ. ( ବି-ଅତି-ବି-ଅସ୍-ତ ) ବ୍ୟାକୁଳ ।

ବ୍ୟତୀତ, ବିଂ. (ବି-ଅତୀତ) ଅତିକ୍ରାନ୍ତ, ବିଗତ, ଛଡ଼ା ।
ବ୍ୟତୀପାତ, ବି. (ବି-ଅତି-ପତ୍-ଅ) ଅମଙ୍ଗଳଜନକ ଉତ୍ପାତ ।
ବ୍ୟତ୍ୟୟ, ବି. (ବି-ଅତି-ଇ-ଅ) ବ୍ୟତିକ୍ରମ, ବିପର୍ଯ୍ୟୟ, ବୈପରୀତ୍ୟ ।
ବ୍ୟଥା, ବି. (ବ୍ୟଥ୍-ଆ) ପୀଡ଼ା, ଦୁଃଖ, କ୍ଲେଶ ।
ବ୍ୟଥିତ, ବିଂ. (ବ୍ୟଥ୍-ତ) ଶୋକପ୍ରାପ୍ତ, ଦୁଃଖିତ ।
ବ୍ୟପଦେଶ, ବି. (ବି-ଅପ୍-ଦିଶ୍-ଅ) ଛଳ, ବ୍ୟାଜ ।
ବ୍ୟଭିଚାର,ବିଂ.(ବି-ଅଭି-ଚର୍-ଅ)କୁକ୍ରିୟା,କଦାଚାର, ପରପୁରୁଷ ବା ପର ସ୍ତ୍ରୀ ସହିତ କୁକ୍ରିୟା ।
ବ୍ୟଭିଚାରିଣୀ, ବି. ସ୍ତ୍ରୀ. ଅସତୀ ।
ବ୍ୟଭିଚାରୀ, ବି. (ବ୍ୟଭିଚାର-ଇନ୍) କୁକ୍ରିୟାସକ୍ତ, ପରସ୍ତ୍ରୀଗାମୀ ।
ବ୍ୟୟ, ବିଂ. (ବି-ଇ-ଅ) ଖରଚ, କ୍ଷୟ ।
ବ୍ୟୟିତ, ବିଂ. (ବ୍ୟୟ-ଇତ) ଯାହା ବ୍ୟୟ କରା-ଯାଇଅଛି, ଅପଚିତ ।
ବ୍ୟୟୀ, ବିଂ. (ବ୍ୟୟ-ଇନ୍) ଖର୍ଚ୍ଚୀ, ବ୍ୟୟଶୀଳ ।
ବ୍ୟର୍ଥ, ବିଂ. (ବି-ଅର୍ଥ) ନିରର୍ଥକ, ବୃଥା, ବିଫଳ ।
ବ୍ୟଳୀକ, ବିଂ. (ବି-ଅଳ୍-ଈକ) ମିଥ୍ୟା, ଅପ୍ରିୟ ।
ବ୍ୟବକଳନ, ବି. ବିୟୋଗ, ଫେଡ଼ାଣ ।
ବ୍ୟବଚ୍ଛେଦ, ବି. (ବି-ଅବ-ଛିଦ୍-ଅ) ଛେଦନ, ଖଣ୍ଡ ।
ବ୍ୟବଧାନ, ବି. (ବି-ଅବ୍-ଧା-ଅନ) ଆଚ୍ଛାଦନ, ତିରୋଧାନ, ଅନ୍ତର ।

ବ୍ୟବସାୟ, ବି. (ବି-ଅବ-ସୋ ଅ) ବ୍ୟାପାର, ବାଣିଜ୍ୟ ।

ବ୍ୟବସାୟୀ, ବିଂ. ( ବ୍ୟବସାୟ-ଇନ୍ ) ବେପାରୀ ।

ବ୍ୟବସ୍ଥା, ବି.(ବି ଅବ-ସ୍ଥା-ଅ-ଆ) ନିୟମ, ଶାସ୍ତ୍ରୀୟ ବିଧି ।

ବ୍ୟବସ୍ଥାପକ, ବିଂ. (ବି-ଅବ-ସ୍ଥାପି-ଅକ) ବିଧିଦାୟକ, ନିୟାମକ ।

ବ୍ୟବହାର, ବି. ( ବି-ଅବ-ହୃ-ଅ ) ଲୌକିକ କର୍ମ, ରୀତି, ମକଦ୍ଦମା ।

ବ୍ୟବହାରଶାସ୍ତ୍ର, ବି. ଆଇନ, ବ୍ୟବସ୍ଥାଶାସ୍ତ୍ର ।

ବ୍ୟବହାରାଜୀବ, ବି. ( ବ୍ୟବହାର-ଆଜୀବ ) ଓକିଲ ମୁକ୍ତାର ପ୍ରଭୃତି ।

ବ୍ୟବହାର୍ଯ୍ୟ, ବିଂ (ବି-ଅବ-ହୃ-ଯ ବ୍ୟବହାରଯୋଗ୍ୟ, ଅନୁଷ୍ଠେୟ ।

ବ୍ୟବହୃତ, ବିଂ. ( ବି-ଅବ-ହୃ-ତ ) ଆଚରିତ, ଅନୁଷ୍ଠିତ, ଉପଭୁକ୍ତ ।

ବ୍ୟଷ୍ଟି, ବି. ( ବି-ଅଶ-ତି ) ପୃଥକଭାବ, (ସମଷ୍ଟିର ବିପରୀତ) ।

ବ୍ୟସନ, ବି. ( ବି-ଅସ୍-ଅନ ) ବିପଦ୍, ଦୁର୍ଭାଗ୍ୟ ।

ବ୍ୟସନୀ, ବିଂ. (ବ୍ୟସନ-ଇନ୍) କୁଚିନ୍ତ୍ୟାସକ୍ତ, ବିଳାସୀ, ବିପଦ୍‌ଗ୍ରସ୍ତ ।

ବ୍ୟସ୍ତ, ବିଂ. ବ୍ୟାକୁଳ, ବ୍ୟତିବ୍ୟସ୍ତ ।

ବ୍ୟାକରଣ, ବି. ( ବି-ଆ-କୃ-ଅନ ) ଶବ୍ଦବ୍ୟୁତ୍ପାଦକ ଶାସ୍ତ୍ର ।

ବ୍ୟାକୁଳ, ବିଂ. ( ବି-ଆକୁଳ ) ବ୍ୟସ୍ତ, ଉତ୍କଣ୍ଠିତ, କାତର ।

ବ୍ୟାଖ୍ୟା } ବି. ( ବି-ଆ-ଖ୍ୟା-ଆ, ଅନ ) ବର୍ଣ୍ଣନ,
ବ୍ୟାଖ୍ୟାନ } କଥନ ।

ବ୍ୟାଘାତ, ବିଂ. (ବି-ଆ-ହନ୍-ତ) ବିଘ୍ନ, ଆଘାତ ।

ବ୍ୟାଘ୍ର, ବି. (ବି-ଆ-ଘ୍ରା-ଅ) ବାଘ, ଶ୍ରେଷ୍ଠ ।

ବ୍ୟାଜ, ବି. (ବି-ଅଜ୍-ଅ) ଛଳ, କପଟ, ସୁଧ ।

ବ୍ୟାଦାନ, ବି. (ବି-ଆ-ଦା-ଅନ) ପ୍ରସାରଣ, ବିସ୍ତାର ।

ବ୍ୟାଧ, ବି. (ବ୍ୟଧ୍-ଅ) ମୃଗବଧବ୍ୟବସାୟୀ, ଶବର ।

ବ୍ୟାଧି, ବି. (ବି-ଆ-ଧା-ଇ) ରୋଗ, ପୀଡ଼ା ।

ବ୍ୟାପକ, ବିଂ. (ବି-ଆପ୍-ଅକ) ଆଚ୍ଛାଦକ, ବିସ୍ତାରିତ ।

ବ୍ୟାପକତା, ବି. ପ୍ରାବଲ୍ୟ ।

ବ୍ୟାପାର, ବି. (ବି-ଆ-ପୃ-ଅ) କ୍ରିୟା, କର୍ମ ।

ବ୍ୟାପୀ, ବିଂ. ( ବି-ଆପ୍-ଇନ୍ ) ବ୍ୟାପକ (ଶବ୍ଦ-ଶେଷରେ )

ବ୍ୟାପୃତ, ବିଂ. (ବି-ଆ-ପୃ-ତ) ନିଯୁକ୍ତ, କର୍ମରତ ।

ବ୍ୟାପ୍ତ, ବିଂ. ( ବି-ଆପ୍-ତ ) ଆଚ୍ଛାଦିତ, ବିସ୍ତାରିତ, ସର୍ବତ୍ର ସ୍ଥିତ ।

ବ୍ୟାପ୍ତି. ବି. ( ବି-ଆପ୍-ତି ) ସର୍ବତ୍ର ଅବସ୍ଥିତି ।

ବ୍ୟାୟାମ, ବି. (ବି-ଆ-ଯମ୍-ଅ) ମଲ୍ଲକ୍ରୀଡ଼ା ।

ବ୍ୟାଳ, ବି. (ବି-ଆ-ଅଲ୍-ଅ) ସର୍ପ । ସ୍ତ୍ରୀ. ବ୍ୟାଳୀ ।

ବ୍ୟାବର୍ତ୍ତନ, ବି. ( ବି-ଆ-ବୃତ୍-ଅନ ) ଫେରିବା ।

ବ୍ୟାବହାରିକ, ବିଂ. ବ୍ୟବହାରସିଦ୍ଧ ।

ବ୍ୟାବୃତ୍ତ, ବିଂ. (ବି-ଆ-ବୃତ୍-ତ) ନିବୃତ୍ତ ।

ବ୍ୟାସ, ବି. (ବି-ଆ-ଅସ୍-ଅ) ବେଦବିଭାଗକର୍ତ୍ତା ମୁନି-ବିଶେଷ, ଗୋଲ ବସ୍ତୁର ମଧ୍ୟରେଖା, ବିସ୍ତାର ।

ବ୍ୟାସାର୍ଦ୍ଧ, ବି. (ବ୍ୟାସ-ଅର୍ଦ୍ଧ) ବ୍ୟାସର ଅର୍ଦ୍ଧଭାଗ ।

ବ୍ୟାସାସନ, ବି. (ବ୍ୟାସ-ଆସନ) ପୁରାଣାଦି ପାଠ ସମୟରେ ପୁରାଣ ରଖିବା କାଷ୍ଠର ଆସନବିଶେଷ ।

ବ୍ୟାହତ, ବିଂ. (ବି-ଆ-ହନ୍-ତ) ପ୍ରତିବନ୍ଧ, ନିଷିଦ୍ଧ, ନିବାରିତ, ହତାଶ ।

ବ୍ୟୁତ୍କ୍ରମ, ବି. (ବି-ଉତ୍-କ୍ରମ୍-ଅ) କ୍ରମଭିପର୍ଯ୍ୟୟ ।

ବ୍ୟୁତ୍ପତ୍ତି, ବି. (ବି-ଉତ୍-ପଦ୍-ତି) ଶବ୍ଦର ଉତ୍ପତ୍ତି, ବିଶେଷଜ୍ଞାନ ।

ବ୍ୟୁତ୍ପନ୍ନ, ବିଂ. (ବି-ଉତ୍-ପଦ୍-ତ) ଜ୍ଞାନବାନ୍, ପ୍ରକୃତି ପ୍ରତ୍ୟୟ ସାହାଯ୍ୟରେ ଉତ୍ପନ୍ନ ।

ବ୍ୟୂଢ଼, ବିଂ. (ବି-ବହ୍-ତ) ବିପୁଳ, ପ୍ରଶସ୍ତ ।

ବ୍ୟୂହ, ବି. (ବି-ଊହ୍-ଅ) ସୈନ୍ୟବିନ୍ୟାସ, ସୈନ୍ୟ-ସମୂହ, ସମୂହ ।

ବ୍ୟୋମ, ବି. (ବ୍ୟେ-ମନ, ନିପାତନରେ) ଆକାଶ ନଭୋମଣ୍ଡଳ ।

ବ୍ୟୋମକେଶ, ବି. ଶିବ, ମହାଦେବ ।

ବ୍ୟୋମଚାରୀ, ବି. (ବ୍ୟୋମ-ଚର-ଇନ) ଦେବତା, ପକ୍ଷୀ, ଗ୍ରହନକ୍ଷତ୍ରାଦି । ବିଂ. ଆକାଶବିହାରୀ । ସ୍ତ୍ରୀ. ବ୍ୟୋମଚାରିଣୀ ।

ବ୍ୟୋମଯାନ, ବି. ବିମାନ, ଆକାଶରେ ଯେଉଁ ଯାନ ଚାଲେ ।

ବ୍ରଜ, ବି. ( ବ୍ରଜ୍-ଅ ) ସମୂହ, ଗୋଷ୍ଠ, ଗୋକୁଳ ଗମନ ।

ବ୍ରଜନାଥ
ବ୍ରଜମୋହନ
ବ୍ରଜବଲ୍ଲଭ
ବ୍ରଜେନ୍ଦ୍ର } ବି. ଶ୍ରୀକୃଷ୍ଣ ।

ବ୍ରଜ୍ୟା, ବି. (ବ୍ରଜ୍-ଯ-ଆ) ପର୍ଯ୍ୟଟନ, ଗମନ, ପ୍ରସ୍ଥାନ ।

ବ୍ରଣ, ବି. (ବ୍ରଣ-ଅ) କ୍ଷତ, ଘା, ବଥ, ବିସ୍ଫୋଟ ।

ବ୍ରତ, ବି. (ବୃ-ଅତ) ନିୟମ, ପାପକ୍ଷୟକର ପୁଣ୍ୟ-ଜନକ କର୍ମ ।

ବ୍ରତତି(ତୀ) ବି. (ପ୍ର-ତନ୍-ତି) ଲତା, ବଲ୍ଲୀ ।

ବ୍ରତୀ, ବିଂ. (ବ୍ରତ-ଇନ୍) ବ୍ରତଧାରୀ, ନିୟମସ୍ଥ ।

ବ୍ରଧ୍ନ, ବି. (ବନ୍ଧ-ନ) ବୃକ୍ଷର ମୂଳ, ବୃକ୍ଷର ଚେର ।

ବ୍ରହ୍ମ, ବି. ବିଶ୍ୱବ୍ୟାପୀ ପରମାତ୍ମା ।

ବ୍ରହ୍ମଚର୍ଯ୍ୟ, ବି. (ବ୍ରହ୍ମ-ଚର୍-ଯ) ବ୍ରହ୍ମଚାରୀଙ୍କ ବ୍ରତ ।

ବ୍ରହ୍ମଚାରୀ, ବିଂ. ( ବ୍ରହ୍ମ-ଚର୍-ଇନ୍ ) ଉପନୟନ ପରେ ଗୁରୁଗୃହରେ ରହି ଧର୍ମଶିକ୍ଷା କରୁଥିବା ଦ୍ୱିଜବଟୁ ।

ବ୍ରହ୍ମଜ୍ଞ, ବିଂ. (ବ୍ରହ୍ମ-ଜ୍ଞା-ଅ) ତତ୍ତ୍ୱଜ୍ଞାନୀ ।

ବ୍ରହ୍ମତାଳୁ, ବି. ( ବ୍ରହ୍ମ-ତାଳୁ ) ମନୁଷ୍ୟର ମସ୍ତକସ୍ଥ ବ୍ରହ୍ମରନ୍ଧ୍ର ।

ବ୍ରହ୍ମଣ୍ୟ, ବିଂ. (ବ୍ରହ୍ମନ୍-ଯ) ବ୍ରହ୍ମବିଷୟକ, ବ୍ରାହ୍ମଣ-ସମ୍ବନ୍ଧୀୟ । ବି. ବ୍ରହ୍ମତେଜଃ ।

ବ୍ରହ୍ମତ୍ର, ବ. (ବ୍ରହ୍ମ-ତ୍ରୈ-ଅ) ବ୍ରହ୍ମୋତ୍ତର, ବ୍ରାହ୍ମଣ-ମାନଙ୍କ ଭରଣପୋଷଣ ପାଇଁ ଯେଉଁ ନିଷ୍କର ଜମି ଦିଆଯାଇଥିଲା ।

ବ୍ରହ୍ମତ୍ୱ, ବି. (ବ୍ରହ୍ମନ୍-ତ୍ୱ) ବ୍ରହ୍ମଭାବ, ବ୍ରାହ୍ମଣତ୍ୱ ।

ବ୍ରହ୍ମଦୈତ୍ୟ, ବି. ପ୍ରେତଯୋନିପ୍ରାପ୍ତ ବ୍ରାହ୍ମଣ ।

ବ୍ରହ୍ମପୁତ୍ର, ବି. ଭାରତର ପ୍ରସିଦ୍ଧ ନଦବିଶେଷ ।

ବ୍ରହ୍ମବନ୍ଧୁ, ବି. ଅଧମ ବା ନିନ୍ଦିତ ବ୍ରାହ୍ମଣ ।

ବ୍ରହ୍ମଯଜ୍ଞ, ବି. ବେଦପାଠ ।

ବ୍ରହ୍ମରନ୍ଧ୍ର, ବି. ବ୍ରହ୍ମତାଳୁ ।

ବ୍ରହ୍ମରାକ୍ଷସ, ବି. ବ୍ରହ୍ମଦୈତ୍ୟ ।

ବ୍ରହ୍ମର୍ଷି, ବି. ବ୍ରାହ୍ମଣ ଋଷି ।

ବ୍ରହ୍ମର୍ଷିଦେଶ, ବି. କୁରୁକ୍ଷେତ୍ର, ମତ୍ସ୍ୟ, ପାଞ୍ଚାଳ ଓ ଶୂରସେନ ଏହି ଚାରିଦେଶ ।

ବ୍ରହ୍ମଲୋକ, ବି. ବ୍ରହ୍ମାଙ୍କ ଭୁବନ ।

ବ୍ରହ୍ମବର୍ଚ୍ଚସ, ବି. ବ୍ରହ୍ମତେଜଃ ।

ବ୍ରହ୍ମବାଦୀ, ବି. (ବ୍ରହ୍ମ-ବଦ-ଇନ୍) ବ୍ରହ୍ମଜ୍ଞାନୀ, ବ୍ରାହ୍ମଣ ।

ବ୍ରହ୍ମବିଦ୍ୟା, ବି. ବ୍ରହ୍ମଜ୍ଞାନ ।

ବ୍ରହ୍ମସୂତ୍ର, ବି. ଯଜ୍ଞୋପବୀତ ।

ବ୍ରହ୍ମସ୍ୱ, ବି. ବ୍ରାହ୍ମଣର ଧନ ।

ବ୍ରହ୍ମହତ୍ୟା, ବି. ବ୍ରାହ୍ମଣବଧ ।

ବ୍ରହ୍ମା, ବି. ବିଧାତା, ସୃଷ୍ଟିକର୍ତ୍ତା, ପୁରୋହିତବିଶେଷ ।

ବ୍ରହ୍ମାଣ୍ଡ, ବି. (ବ୍ରହ୍ମନ୍-ଅଣ୍ଡ) ଜଗତ୍ ।

ବ୍ରହ୍ମାବର୍ତ୍ତ, ବି. (ବ୍ରହ୍ମନ୍‌-ଆବର୍ତ୍ତ) କୁରୁକ୍ଷେତ୍ର ନିକଟସ୍ଥ ସରସ୍ୱତୀ ଓ ଦୃଷଦ୍ୱତୀ ନଦୀଦ୍ୱୟର ମଧ୍ୟବର୍ତ୍ତୀ ଦେଶ ।

ବ୍ରହ୍ମାସ୍ତ୍ର, ବି. ଅମୋଘଅସ୍ତ୍ର ।

ବ୍ରହ୍ମୋତ୍ତର, ବି. ( ବ୍ରହ୍ମନ୍‌-ଉତ୍ତର ) ବାହ୍ମଣଙ୍କୁ ଦତ୍ତ ଭୂମ୍ୟାଦି ।

ବ୍ରାତ୍ୟ, ବିଂ. ସାବିତ୍ରୀ ପତିତ ବ୍ରାହ୍ମଣ ।

ବ୍ରାହ୍ମ, ବିଂ. ( ବ୍ରହ୍ମନ୍‌-ଅ ) ବ୍ରହ୍ମସମ୍ବନ୍ଧୀୟ, ପବିତ୍ର । ବି. ବ୍ରାହ୍ମଧର୍ମାବଲମ୍ବୀ ।

ବ୍ରାହ୍ମଣ, ବି. (ବ୍ରହ୍ମନ୍‌-ଅ) ଶ୍ରେଷ୍ଠବର୍ଣ୍ଣ, ବ୍ରହ୍ମଜ୍ଞ, ବେଦର ଅଂଶବିଶେଷ । ସ୍ତ୍ରୀ. ବ୍ରାହ୍ମଣୀ ।

ବ୍ରାହ୍ମଣ୍ୟ, ବି. (ବ୍ରାହ୍ମଣ-ଯ) ବ୍ରାହ୍ମଣତ୍ୱ ।

ବ୍ରାହ୍ମମୁହୂର୍ତ୍ତ, ବି. ସୂର୍ଯ୍ୟୋଦୟ ପୂର୍ବର ଦୁଇ ଦଣ୍ଡ ।

ବ୍ରୀଡ଼ା, ବି. (ବ୍ରୀଡ-ଅ-ଆ) ଲଜ୍ଜା ।

ବ୍ରୀଡ଼ିତ, ବି. (ବ୍ରୀଡ୍‌-ତ) ଲଜ୍ଜିତ ।

ବ୍ରୀହି, ବି. (ବୃ-ହି) ଧାନ୍ୟ, ଶସ୍ୟବିଶେଷ ।

---

## ଭ

ଭ, ବ୍ୟଞ୍ଜନ ବର୍ଣ୍ଣମାଳାର ଚତୁର୍ବିଂଶ ଅକ୍ଷର । ବି. (ଭା-ଅ) ନକ୍ଷତ୍ର ।

ଭଅଁର, ବି. ( ଭ୍ରମର ଶବ୍ଦଜ ) ଭ୍ରମର, ମଧୁକର, ଭୃଙ୍ଗ, ବଢ଼େଇର ଛିଦ୍ର କରିବା ଯନ୍ତ୍ରବିଶେଷ ।

ଭଇଁଚ, ବି. (ଦେ) କଣ୍ଟକ ଗୁଳ୍ମବିଶେଷ ।

ଭଉଁରୀ, ବି. (ଭ୍ରମରୀ ଶବ୍ଦଜ) ଜଳଭଉଁରୀ, ଚନ୍ଦନ ଯାତ୍ରାର ଶେଷ ଦିନର ଉତ୍ସବ, ଘେଚଖିଲ, କୁନ୍ଦନଚକ୍ର ।

ଭଉଁରିୟା, ବି. (ଦେ) ଭୂମିସଂକ୍ରାନ୍ତ କାଗଜବିଶେଷ ।

ଭଉଣୀ, ବି. (ଭଗିନୀ ଶବ୍ଦଜ) ଭଗିନୀ, ସ୍ୱସା ।

ଭକୁଆ, ବିଂ. (ଦେ) ଡଲୁ ।

ଭକ୍‌ଭକ୍, ଅଂ. ( ଦେ ) ଉଦ୍ଗାର କରିବାର ଧ୍ୱନି, ବେଙ୍ଗରଡ଼ିର ଅନୁକରଣ ଧ୍ୱନି ।

ଭକ୍ତ, ବି. (ଭଜ୍-ତ) ଓଦନ, ଭାତ । ବିଂ. ଅନୁରକ୍ତ, ଅନୁଗତ ।

ଭକ୍ତି, ବି. ( ଭଜ୍ ବା ଭନ୍‌ଜ୍-ତି ) ପୂଜ୍ୟ ବ୍ୟକ୍ତି ପ୍ରତି ଅନୁରାଗ, ପ୍ରେମ ।

ଭକ୍ତିମାନ୍, ବିଂ. (ଦେ) ଭକ୍ତିଯୁକ୍ତ ।

ଭକ୍ଷକ, ବିଂ. (ଭକ୍ଷ୍-ଅକ) ଭୋକ୍ତା, ଭକ୍ଷଣକାରୀ ।

ଭକ୍ଷଣ, ବି. (ଭକ୍ଷ୍-ଅନ) ଭୋଜନ, ଖାଇବା ।

ଭକ୍ଷିତ, ବିଂ. (ଭକ୍ଷ-ତ) ଭୁକ୍ତ, ଖାଦିତ ।

ଭକ୍ଷ୍ୟ
ଭକ୍ଷଣୀୟ } ବିଂ. (ଭକ୍ଷ୍-ଯ,ଅନୀୟ) ଭକ୍ଷଣଯୋଗ୍ୟ ।

ଭଗ, ବି. (ଭଜ୍-ଅ) ଯୋନି, ଗୁହ୍ୟଦେଶ, ଉତ୍ପତ୍ତି-ସ୍ଥାନ, ଐଶ୍ୱର୍ଯ୍ୟ, ସର୍ବଶକ୍ତିମତ୍ତା ।

ଭଗତ, ବି. (ଗ୍ରାମ୍ୟ ପଦ୍ୟ) ଭକ୍ତ ।

ଭଗତି, ବି. (ଗ୍ରା) ଭକ୍ତି ।

ଭଗନ୍ଦର, ବି. (ଭଗ-ଦୃ-ଅ) ଗୁହ୍ୟବ୍ରଣ ।

ଭଗବତୀ, ବି. (ଭଗ-ବତୁ-ଈ) ଦୁର୍ଗା । ବିଂ. ପୂଜ୍ୟା ।
ଭଗବାନ୍, ବିଂ. (ଭଗ-ବତୁ) ଭଗଯୁକ୍ତ, ଐଶ୍ୱର୍ଯ୍ୟାଦି ଷଡ଼୍‌ଗୁଣଯୁକ୍ତ । ବି. ପରମାତ୍ମା ।
ଭଗାର, ବିଂ. ( ଘଗଦ୍ୱାରା ଶବ୍ଦଜ ) ଶତ୍ରୁ, ବୈରୀ, ବିପକ୍ଷ । ସ୍ତ୍ରୀ. ଭଗାରୁଣୀ ।
ଭଗିନୀ, ଭଗ୍ନୀ } ବି. (ଭଗ-ଇନ୍-ଈ) ସହୋଦରା, ଭଉଣୀ, ସ୍ୱସା ।
ଭଗୀରଥ, ବି. ସୂର୍ଯ୍ୟବଂଶୀୟ ନୃପବିଶେଷ ।
ଭଗ୍ନ, ବିଂ. (ଭନଜ୍-ତ) ପରାଜିତ, ଖଣ୍ଡିତ, ଭଙ୍ଗା ।
ଭଗ୍ନାଂଶ, ବି. (ଭଗ୍ନ-ଅଂଶ) ଯେଉଁ ରାଶିଦ୍ୱାରା ଏକର ଅଂଶ ବ୍ୟକ୍ତ କରାଯାଏ ।
ଭଙ୍ଗ, ବି. (ଭନ୍‌ଜ୍-ଅ) ନାଶ, ଭଗ୍ନ ହେବା, ଖଣ୍ଡନ ।
ଭଙ୍ଗପ୍ରବଣ, ବିଂ. ଭଙ୍ଗୁର, ଯାହା ସହଜରେ ଭାଙ୍ଗିଯାଏ ।
ଭଙ୍ଗା, ବିଂ. (ଭଙ୍ଗ ଶବ୍ଦଜ) ଭଗ୍ନ, ତୁଟା ।
ଭଙ୍ଗି, ଭଙ୍ଗୀ } ବି. (ଭନ୍‌ଜ୍-ଇ, ଈ) ବୃତ୍ତି, ଶୋଭା ।
ଭଙ୍ଗିମା, ବି. (ଭଙ୍ଗ-ଇମନ୍) ଭଙ୍ଗୀ, ଶୋଭା ।
ଭଙ୍ଗୁର, ବିଂ. (ଭନ୍‌ଜ୍-ଉର) ବକ୍ର, କ୍ଷୁର, ଭଙ୍ଗଶୀଳ ।
ଭଜନ, ଭଜନା } ବି. ( ଭଜ୍-ଅନ, ଆ ) ଉପାସନା, ଆରାଧନା, ସେବା ।
ଭଜା, ବିଂ. (ଦେ) ଭୃଷ୍ଟ । ବି. ଭୃଷ୍ଟ ବ୍ୟଞ୍ଜନ ।
ଭଞ୍ଜନ, ବି. (ଭନ୍‌ଜ-ଅନ) ଭଙ୍ଗ, ନାଶ କରିବା ।

ଭଟ, ବି. (ଭଟ୍-ଅ) ଯୋଦ୍ଧା, ବୀର ।
ଭଟଭଟ, ଢ. ଗୋଳମାଳ, କଳହ । ଅଂ. ବକ୍‌ବକ୍ ।
ଭଟା, ବି. କୂଆର ଗ୍ରୁଡ଼ପିବାର ନାମ ଭଟା, ଶୁଖିଲା ।
ଭଟ୍ଟ, ବି. ପଣ୍ଡିତ, ଦର୍ଶନଶାସ୍ତ୍ରଜ୍ଞ, ଭଟ, ସ୍ତୁତିପାଠକ ।
ଭଟ୍ଟମିଶ୍ର, ବି. ଉତ୍କଳୀୟ କୁଳୀନ ବ୍ରାହ୍ମଣସଂପ୍ରଦାୟ ।
ଭଟ୍ଟାଚାର୍ଯ୍ୟ, ବି. ( ଭଟ୍ଟ-ଆଚାର୍ଯ୍ୟ ) ଦର୍ଶନଶାସ୍ତ୍ରଜ୍ଞ, ଅଧ୍ୟାପକ ।
ଭଟ୍ଟାରକ, ବି. (ଭଟ୍ଟ-ଋ-ଅ, କ ଯୋଗ) ସୂର୍ଯ୍ୟ । ବିଂ. ପୂଜ୍ୟ ।
ଭଟ୍ଟି, ବି. ଭର୍ତ୍ତୃହରିପ୍ରଣୀତ ସ୍ୱନାମପ୍ରସିଦ୍ଧ ରାମକଥାଶ୍ରୟ ମହାବାକ୍ୟ ।
ଭଡ଼, ବିଂ. (ଦେଶଜ) ବଡ଼ ।
ଭଡ଼ା, ବି. ଶକଟାଦିର ପୂର୍ତ୍ତି ବୋଝେଇ, ମାସୁଲ ।
ଭଡ଼ାଟିଆ, ବି. (ଦେ) ଯେ ଭଡ଼ା ଦେଇ ଘରେ ରହେ ।
ଭଡୁଆ, ବି. ( ଦେ ) ଭଡୁଆ, ଯେଉଁମାନେ ବେଶ୍ୟା ନଚାନ୍ତି ।
ଭଣଜା, ବି. (ଭଗିନେୟ ଶବ୍ଦଜ) ଭଉଣୀପୁଅ, ଭଣଜା ।
ଭଣତ, ବି. (ଭଣ-ତ) କଥନ । (ଦେ) ସମାପ୍ତି, ପୂର୍ତ୍ତି ।
ଭଣଭଣ, ଅଂ. ମାଛି ପ୍ରଭୃତିଙ୍କର ଗଣଗଣ ଶବ୍ଦ ।
ଭଣିତ, ବିଂ. (ଭଣ୍-ତ) କଥିତ, ରଚିତ ।
ଭଣିତା, ବି. (ଭଣ୍-ତ-ଆ) ଗ୍ରନ୍ଥର ଅଧ୍ୟାୟ ଶେଷରେ ଲେଖକର ନାମୋଲ୍ଲେଖ ।
ଭଣିବା, କ୍ରି. (ଦେ) କହିବା, ରଚିବା ।

ଭଣ୍ଡ, ବି. (ଭନ୍‌ଡ୍‌-ଅ) କୌତୁକୀ,ମସ୍କରା, ଘଣ୍ଡ ।
ଭଣ୍ଡତପସ୍ୱୀ, ବି. ( ଭଣ୍ଡ-ତପସ୍ୱୀ ) କପଟ ତପସ୍ୱୀ ।
ଭଣ୍ଡନ, ବି. (ଭନ୍‌ଡ୍‌-ଅନ) ପ୍ରତାରଣା, ଭଣ୍ଡାଇବା ।
ଭଣ୍ଡ(ଣ୍ଡୁ, ଣ୍ଡୋ)ର, ବିଂ. (ଦେ)ଖରାପ, ନଷ୍ଟ ।
ଭଣ୍ଡା, ବି. ( ଦେ ) କଦଳୀର ଫଳକୋଷ, ଗୋଡ଼ର ପେଣ୍ଡା ।
ଭଣ୍ଡାଇବା, କ୍ରି (ଦେ) ଠକିବା ।
ଭଣ୍ଡାମି, ବି. (ଦେ) ଗୁରୁଣ୍ଠି,ଛଳନା, ଭଣ୍ଡତା ।
ଭଣ୍ଡାର, ବି. (ଦେ) କୋଷ ।
ଭଣ୍ଡାରି. ବି. (ଦେ) ବାରିକ, ନରସୁନ୍ଦର, ନାପିତ । ସ୍ତ୍ରୀ. ଭଣ୍ଡାରୁଣୀ ।
ଭଣ୍ଡିବା, କ୍ରି. (ଦେଶଜ) ଠକିବା ।
ଭଦଭଦଳିଆ, ବି. (ଦେ)ଭରଦ୍ୱାଜପକ୍ଷୀ, ଜୟପକ୍ଷୀ ।
ଭଦ୍ର, ବି. ( ଭଦ୍‌-ର ) ସୌଭାଗ୍ୟ, ମଙ୍ଗଳ । ବିଂ. ସାଧୁ, ମଙ୍ଗଳଜନକ ।
ଭଦ୍ରା, ବି.,(ନାମ) ସୁଭଦ୍ରା । ବିଂ. ମଙ୍ଗଳଯୁକ୍ତା ।
ଭଦ୍ରାସନ ବି. ଯୋଗାସନ, ସିଂହାସନ ।
ଭମ୍ଭରାଳୀ, ବି. (ଭମ୍ଭ-ରା-ଳ-ଈ) ବୃହତ୍ ମକ୍ଷିକା ।
ଭୟ, ବି. (ଭୀ-ଅ) ତ୍ରାସ, ଶଙ୍କା, ଆତଙ୍କ ।
ଭୟଙ୍କର, ବିଂ. (ଭୟ-କୃ-ଅ) ଭୀଷଣ, ଘୋର ।
ଭୟାନକ,ବି.(ଭୀ-ଆନକ)ରସବିଶେଷ,ବ୍ୟାଘ୍ର,ରାହୁ ।
ଭୟାଳୁ, ବିଂ. (ଭୟ-ଆଳୁ) ଭୀରୁ, ହୀନସାହସୀ ।
ଭୟାବହ, ବିଂ. ( ଭୟ-ଆ-ବହ-ଅ ) ଭୟଜନକ, ଭୟଙ୍କର ।

ଭର, ବି. (ଭୃ-ଅ) ଭାର, ଆଧିକ୍ୟ ।

ଭରଣ, ବି. (ଭୃ-ଅନ) ପୂରଣ, ପୋଷଣ, ପ୍ରତିପାଳନ, ବେତନ, ଅଶ୍ୱିନୀ ଗୌଣୀ ।

ଭରତ, ବି. (ଭୃ-ଅତ) ଦଶରଥ ରାଜାଙ୍କ ମଧ୍ୟମ ପୁତ୍ର, ଶକୁନ୍ତଳାଙ୍କ ପୁତ୍ର ଜଡ଼ ଭରତ, ନାଟ୍ୟଶାସ୍ତ୍ର-ପ୍ରଣେତା ମୁନି ।

ଭରତଆ, ବି. ପକ୍ଷିବିଶେଷ ।

ଭରଦ୍ୱାଜ, ବି. ( ଭର-ଦ୍ୱା-ଜ ) ମୁନିବିଶେଷ, ଭଦଭଦଳିଆ ପକ୍ଷୀ ।

ଭରସା, ବି. (ଦେ) ଆଶା, ପ୍ରତ୍ୟୟ, ସାହସ ।

ଭରା, ବିଂ. (ଭୃ ଧାତୁଜ) ପୂର୍ଣ୍ଣ । ବି. ଘର, ଠେସ ।

ଭରଣ୍ଡି ବି. (ଦେ) ଧାନ୍ୟାଦି କୁଟିବାର ଗର୍ତ୍ତ ।

ଭରାଭର, ବିଂ. (ଦେ) ପରିପୂର୍ଣ୍ଣ ।

ଭରି, ବି. (ଭୃ ଧାତୁଜ) ଦଶ ମସା ଓଜନ ।

ଭରିବା, କ୍ରି. (ଦେ) ପିନ୍ଧିବା, ପୂର୍ଣ୍ଣ କରିବା ।

ଭର୍ଗ, ବି. (ଭ୍ରସ୍ଜ୍-ଅ) ଶିବ, ଐଶତେଜଃ ।

ଭର୍ଜନ, ବି. (ଭ୍ରସ୍ଜ୍-ଅନ) ଭାଜିବା, ଭଜା ।

ଭର୍ଜିତ, ବିଂ. (ଭ୍ରସ୍ଜ୍-ଇ-ତ) ଭଜା ।

ଭର୍ତ୍ତବ୍ୟ, ବିଂ. (ଭୃ-ତବ୍ୟ) ପୋଷଣୀୟ ।

ଭର୍ତ୍ତା, ବି. (ଭୃ-ତ ) ପତି, ସ୍ୱାମୀ, ଅଧିପତି, ରାଜା ।

ଭର୍ତ୍ତି, ବି. (ଦେ) ପ୍ରବେଶ । ବିଂ. ପ୍ରବିଷ୍ଟ ।

ଭର୍ମ, ବି. (ଭୃ-ମ) ସ୍ୱର୍ଣ୍ଣ, ଭୃତି, ବେତନ, ଭରଣ ।

ଭର୍ତ୍ସନ
ଭର୍ତ୍ସନା } ବି. (ଭର୍ତ୍ସ୍-ଅନ,ଆ) କୁତ୍ସା, ନିନ୍ଦା, ତର୍ଜନ ।

ଭର୍ତ୍ସିତ, ବିଂ. (ଭର୍ତ୍ସ୍-ତ) ନିନ୍ଦିତ, ତିରସ୍କୃତ ।

ଭଲ, ବି. (ଦେ) ଉତ୍ତମ, ଆଚ୍ଛା, ବେଶ୍ ।

ଭଲା, କ୍ରି. ବିଂ. (ଦେ) ଆଚ୍ଛା ।

ଭଳି, ବି. (ଦେ) ପ୍ରକାର, ପରି, ଓସାର ।

ଭଲେ, କ୍ରି. (ଦେ) ସହଜରେ, ଭଲଭାବରେ ।

ଭଲ୍ଲ, ବି. (ଭଲ୍ଲ=ବଧ କରିବା-ଅ) ଭାଲୁ, ଶସ୍ତ୍ର-ବିଶେଷ, ଭାଲ, ବର୍ଚ୍ଛା ।

ଭଲ୍ଲାତ
ଭଲ୍ଲାତକ } ବି. (ଭଲ୍ଲ-ଅତ୍-ଅ, କ) ଭାଲିଆଗଛ ।

ଭଲ୍ଲୁକ
ଭଲ୍ଲୂକ } ବି. (ଭଲ୍ଲ-ଉକ, ଊକ) ଋକ୍ଷ ଭାଲୁ ।

ଭବ, ବି. (ଭୂ-ଅ) ସ୍ଥିତି, ଉତ୍ପତ୍ତି, ପ୍ରାପ୍ତି, ଲାଭ, ଜଗତ୍, ସଂସାର, ଶିବ ।

ଭବଦୀୟ, ବିଂ. (ଭବତ୍-ଈୟ) ଯୁଷ୍ମତ୍ ସମ୍ବନ୍ଧୀୟ, ତୁମ୍ଭର ।

ଭବନ, ବି (ଭୂ-ଅନ) ଆଳୟ, ଗୃହ, ବାସସ୍ଥାନ ।

ଭବାଦୃଶ, ବିଂ. (ଭବତ୍-ଦୃଶ୍-ଅ) ଆପଣଙ୍କ ତୁଲ୍ୟ ।

ଭବାନୀ, ବି. (ଭବ-ଆନୀ) ଶିବପତ୍ନୀ ।

ଭବିତବ୍ୟ, ବିଂ. (ଭୂ-ତବ୍ୟ) ଭାବୀ, ଅବଶ୍ୟମ୍ଭାବୀ ।

ଭବିତବ୍ୟତା, ବି. (ଭବିତବ୍ୟ-ତା) ଅବଶ୍ୟମ୍ଭାବିତା ।

ଭବିଷ୍ୟତ୍
ଭବିଷ୍ୟ } ବିଂ. (ଭୂ-ଷ୍ୟତ୍) ଅନାଗତ, ଯାହା ପରେ ହେବ ।

ଭବ୍ୟ, ବିଂ. (ଭୂ-ଯ) ଶୁଭଯୁକ୍ତ, ଶିଷ୍ଟ, ସାଧୁ ।

ଭସାଇବା, କ୍ରି. (ଦେ) ପାଣି ଉପରେ ପହଁରାଇବା ।

ଭସ୍ତ୍ରା } ବି.(ଭସ୍-ତ୍ର-ଅ, ଇକ-ଆ) ଚର୍ମର ଥଳୀ,
ଭସ୍ତ୍ରିକା } କମାର ଯନ୍ତ୍ର ।

ଭସ୍ମ, ବି. (ଭସ୍-ମନ୍) ପାଉଁଶ ।

ଭସ୍ମସାତ୍, ଅଂ. (ଭସ୍ମନ୍-ସାତ୍) ଭସ୍ମରୂପରେ ପରିଣତ ।

ଭସ୍ମୀଭୂତ, ବିଂ. ( ଭସ୍ମ-ଚ୍ୱି-ଭୂ-ତ ) ଭସ୍ମରୂପରେ ପରିଣତ ।

ଭା, ବି. (ଭା-ଅ-ଆ) ପ୍ରଭା, ଆଲୋକ, କାନ୍ତି ।

ଭାଇ, ବି. (ଭ୍ରାତୃ ଶବ୍ଦଜ) ଭ୍ରାତା, ସହୋଦର ।

ଭାଇବୋହୂ, ବି. (ଦେ) ସାନ ଭାଇର ସ୍ତ୍ରୀ ।

ଭାଉ, ବି. (ଦେ) ଦର, ମୂଲ୍ୟ ।

ଭାଉଜ, ବି. ( ଭ୍ରାତୃଜାୟାର ଅପଭ୍ରଂଶ ) ବଡ଼ ଭାଇର ସ୍ତ୍ରୀ ।

ଭାକ୍, ବିଂ. (ଭାଜ୍-୦) ଅଂଶୀ, ଭାଗୀ (ଶବ୍ଦାନ୍ତେ) ।

ଭାକୁଡ଼, (ର), ବି. (ଦେ) ମତ୍ସ୍ୟବିଶେଷ ।

ଭାଖା, ବି. (ଦେ) ଭାଷା, କଥା, ବୋଲି ।

ଭାଗ, ବି. ( ଭଜ୍-ଅ ) ଅଂଶ, ଖଣ୍ଡ, ଏକଦେଶ, ପ୍ରଦେଶ, ସ୍ଥାନ, ଅଦୃଷ୍ଟ, ଭାଗ୍ୟ ।

ଭାଗଧେୟ, ବି. (ଭାଗ-ଧେୟ) ରାଜସ୍ୱ, ଅଂଶ, ଭାଗ ।

ଭାଗବତ, ବି. (ଭଗବତ୍-ଅ) ବ୍ୟାସପ୍ରଣୀତ ଭଗବଦ୍‌ବିଷୟକ ଗ୍ରନ୍ଥ, ଭଗବଦ୍ ଭକ୍ତ ।

ଭାଗହର, ବିଂ. (ଭାଗ-ହୃ-ଅ) ଅଂଶଗ୍ରାହୀ ।

ଭାଗହାର, ବ. ( ଭାଗ-ହୃ-ଅ ) ଯେଉଁ ଉପାୟରେ କୌଣସି ନିର୍ଦ୍ଦିଷ୍ଟ ରାଶିକୁ ନିର୍ଦ୍ଦିଷ୍ଟ ସଂଖ୍ୟାଦ୍ୱାରା ସମାନ ଅଂଶରେ ବିଭାଗ କରିବାକୁ ହୁଏ, ହରଣ ।

ଭାଗିନେୟ, ବି. (ଭଗିନୀ-ଏୟ) ଭଗିନୀର ସନ୍ତାନ ।

ଭାଗିବା, କ୍ରି. (ଦେ) ପଳାଇବା ।

ଭାଗୀ, ବିଂ. (ଭାଗ-ଇନ୍) ଅଂଶୀ, ଗ୍ରହଣକାରୀ ।

ଭାଗୀରଥୀ, ବି. ( ଭଗୀରଥ-ଅ-ଈ ) ଗଙ୍ଗା, ଭଗୀରଥାନୀତା ନଦୀ ।

ଭାଗୁରି, ବି. ପ୍ରସିଦ୍ଧ ବୈୟାକରଣ ପଣ୍ଡିତ ।

ଭାଗ୍ୟ, ବି. (ଭଜ୍-ଘ୍ୟ, ଅବା ଭାଗ-ଯ)ଅଦୃଷ୍ଟ, ଦୈବ ।

ଭାଗ୍ୟଧର, ବିଂ. ( ଭାଗ୍ୟ-ଧୃ-ଅ ) ଭାଗ୍ୟବନ୍ତ, ସୌଭାଗ୍ୟଶାଳୀ ।

ଭାଗ୍ୟବାନ , ବିଂ. ( ଭାଗ୍ୟ-ବତୁ ) ଭାଗ୍ୟବନ୍ତ ।

ଭାଙ୍ଗ, ବି. (ଦେ) ବସ୍ତ୍ରାଦିର ଭଙ୍ଗ, ବିଜୟା, ସିଦ୍ଧି, ଗଞ୍ଜେଇ ଓ ମରିଚବଟା ଜଳ ।

ଭାଙ୍ଗିବା, କ୍ରି. ବି. (ଭନ୍ଜ ଧାତୁଜ) ଭଗ୍ନ କରିବା ।

ଭାଜକ, ବିଂ. (ଭଜ୍-ଅକ) ଅଂଶକାରକ, ଯାହାଦ୍ୱାରା ଭାଗ କରାଯାଏ ।

ଭାଜନ, ବି. (ଭଜ୍-ଅନ) ପାତ୍ର, ଆଧାର, ଉପଯୁକ୍ତ ।

ଭାଜି, ବି. (ଦେ) ଭଜା, ଶାଗ ।

ଭାଜିବା, କ୍ରି. (ଦେ) ଭାଙ୍ଗିବା, ପଳାୟନ କରିବା, ଭ୍ରଷ୍ଟ କରିବା ।

ଭାଜ୍ୟ, ବିଂ. (ଭଜ୍-ଯ) ଭାଗାର୍ହ, ଯାହା ଭାଗ କରାଯାଏ ।

ଭାଟ, ବି. (ଭଟ୍ଟ ଶବ୍ଦଜ) ବର୍ଣ୍ଣସଙ୍କର ଜାତିବିଶେଷ, ସ୍ତୁତିପାଠକ ।

ଭାଟୀ, ବି (ଦେ) ପୋଡ଼ିବା ସ୍ଥାନରେ ଇଟାର ସ୍ତୂପ, ମଦ ଚୁଆଇବା ଚୁଲ୍ଲୀ ।

ଭାଡ଼ି, ବି. (ଦେ) କାଷ୍ଠାଦି ରଖିବାର ମଞ୍ଚା ।

ଭାଣିଜୀ, ବି. (ଭଗିନେୟୀ ଶବ୍ଦଜ) ଭଣଜାର ଭଉଣୀ, ଭଉଣୀର କନ୍ୟା ।

ଭାଣ୍ଡ, ବି. (ଭଣ୍-ଡ଼, କିମ୍ବା ଭଣ୍ଡ୍-ଅ) ପାତ୍ର, ମୂଳଧନ, ପୁଞ୍ଜି । ବିଂ ଭଣ୍ଡ, ଠକ ।

ଭାଣ୍ଡାଗାର, ବି. (ଭାଣ୍ଡ-ଆଗାର) ଧନାଗାର, ଭଣ୍ଡାର ।

ଭାତ, ବିଂ. (ଭା-ତ) ଦୀପ୍ତ ମାନ୍ । ବି. (ଦେ) ଅନ୍ନ ।

ଭାତି, ବି. (ଭା-ତି) ଶୋଭା, ଦୀପ୍ତ ।

ଭାତୁଆ, ବିଂ. (ଦେ) ଅନ୍ନଦାସ ।

ଭାତୁଡ଼ି, ବି. (ଦେ) ବ୍ରଣାକାର କ୍ଷୁଦ୍ର ମାଂସପିଣ୍ଡ ।

ଭାଦ୍ର, ବି. (ଭଦ୍ର-ଅ) ବୈଶାଖାଦି ମାସର ପଞ୍ଚମ ମାସ ।

ଭାଦ୍ରପଦ, ବି. (ଭାଦ୍ର-ପଦ) ଭାଦ୍ର ମାସ । ଦା, ସ୍ତ୍ରୀ. ନକ୍ଷତ୍ରବିଶେଷ ।

ଭାଦ୍ରବ, ବି. (ଦେ) ଭାଦ୍ର ମାସ ।

ଭାନୁ, ବି. (ଭା-ନୁ) ସୂର୍ଯ୍ୟ, କିରଣ, କାନ୍ତି, ଶିବ, ପ୍ରଭୁ, ରାଜା ।

ଭାନୁଜା, (ଭାନୁସୁତା), ବି. ଯମୁନା ।

ଭାମିନୀ, ବି. (ଦେ) (ଭାମ୍-ଇନ୍-ଈ) ଅତି କୋପନା ସ୍ତ୍ରୀ ।

ଭାର, ବି. (ଭୃ-ଅ) ଗୁରୁତ୍ୱ, ରାଶି, ସମୂହ, ବୋଝ, ପରମାଣବିଶେ

ଭାରକେନ୍ଦ୍ର, ବି. ପଦାର୍ଥର ମଧ୍ୟବର୍ତ୍ତୀ ନିର୍ଦ୍ଦିଷ୍ଟ ବିନ୍ଦୁ, ଯେଉଁଠାରେ ଭାରର ସମତା ଥାଏ ।

ଭାରତ, ବି. (ଭରତ-ଅ) ଭାରତବର୍ଷ, ଗ୍ରନ୍ଥବିଶେଷ, ମହାଭାରତ ।

ଭାରତବର୍ଷ, ବି. (ଭାରତ-ବର୍ଷ) ଦେଶବିଶେଷ ।

ଭାରଡ଼ି, ବି. (ଦେ) ଶରମୁଣା, ତୂଣୀର ।

ଭାରତୀ, ବି. ବାକ୍ୟ, ବଚନ, ସରସ୍ୱତୀ ।

ଭାରଦା, ବି. (ଦେ) ଯେଉଁ ଲୋକ ନିଜ ସ୍ତ୍ରୀକୁ ପର ପୁରୁଷ ପ୍ରତି ଆସକ୍ତ କରାଏ ।

ଭାରଦ୍ୱାଜ, ବି. ( ଭରଦ୍ୱାଜ-ଅ ) ଋଷିବିଶେଷ, ପକ୍ଷିବିଶେଷ ।

ଭାରବାହ,(କ) } ବିଂ. (ଭାର-ବହ୍-ଅ,ଅକ, ଇନ୍)
ଭାରବାହୀ } ବୋଝିଆ ।

ଭାରସହ, ବିଂ. (ଭାର-ସହ୍-ଅ) ଯାହା ଭାରରେ କ୍ଷୁଣ୍ଣି ପଡ଼େ ନାହିଁ, ଭାରସହନ ସମର୍ଥ ।

ଭାରା, ବି. (ଦେ) ଭାରି, ଗୁରୁ, ନିର୍ଭରତା, ଦାୟିତ୍ୱ ।

ଭାରି, ବିଂ. (ଭାର ଶବ୍ଦଜ) ଗୁରୁ, ଭାରା, ବହୁତ ।

ଭାରୁଆ, ବିଂ. ( ଭାରବାହ ଶବ୍ଦଜ ) ଯେ ଭାର ବହନ କରେ ।

ଭାର୍ଗବ, ବି. (ଭୃଗୁ-ଅ) ଶୁକ୍ରାଚାର୍ଯ୍ୟ, ପରଶୁରାମ ।

ଭାର୍ଗବୀ, ବି. (ଭୃଗୁ-ଈ) ପାର୍ବତୀ, ଶ୍ରୀ, ଲକ୍ଷ୍ମୀ, ଦୂର୍ବା । ପୁରୀଜିଲାର ନଦୀବିଶେଷ ।

ଭାର୍ଯ୍ୟା, ବି. (ଭୃ-ଯ-ଆ) ପତ୍ନୀ, ଜାୟା ।

ଭାଲ, ବି. (ଭା-ଲ) କପାଳ, ଲଲାଟ, ତେଜ ।
ଭାଲିଆ, ବି. (ଦେ) ଉଲ୍ଲାତକ ।
ଭାଳିବା, କ୍ରି. (ଦେ) ଭାବିବା, ଭାବନା କରିବା ।
ଭାଲୁ, ବି. (ଦେ) ଭଲ୍ଲୁକ, ଋକ୍ଷ ।
ଭାଳେଣି, ବି. (ଦେ) ଭାବନା, ଚିନ୍ତା ।
ଭାବ, ବି. ( ଭୂ-ଅ ) ଉତ୍ପତ୍ତି, ଜନ୍ମ, ସ୍ଥିତି, ବିଭୂତି, ସ୍ୱଭାବ, ଆଶୟ, କଥାର ମର୍ମ ।
ଭାବକ, ବିଂ. (ଭାବ-କ) ଉତ୍ପାଦକ, ଚିନ୍ତାକାରୀ ।

| | |
|---|---|
| ଭାବନ<br>ଭାବନା | } ବି. (ଭାବି-ଅନ, ଆ) ଧ୍ୟାନ, ଚିନ୍ତା । |

ଭାବାର୍ଥ, ବିଂ. (ଭାବ-ଅର୍ଥ) ଅଭିପ୍ରାୟ, ତାତ୍ପର୍ଯ୍ୟ ।
ଭାବିତ, ବିଂ. (ଭାବି-ତ) ଚିନ୍ତିତ, ମିଶ୍ରିତ, ଅଙ୍ଗୀକୃତ ।
ଭାବିନୀ, ବି. (ଭାବ-ଇନ୍-ଈ) କାମିନୀ, ପ୍ରିୟା ।
ଭାବିବା, କ୍ରି. (ଦେ) ଚିନ୍ତା କରିବା, ଭାଳିବା ।
ଭାବୀ, ବିଂ. (ଭୂ-ଇନ୍) ଭବିଷ୍ୟତ୍, ଆଗାମୀ ।
ଭାବୁକ, ବିଂ. (ଭୂ-ଉକ) ଭାବନାଶୀଳ, ଭାବଗ୍ରାହୀ ।
ଭାବ୍ୟ, ବିଂ. (ଭୂ-ଯ) ଭବିତବ୍ୟ ।
ଭାଷଣ, ବି. (ଭାଷ୍-ଅନ) କଥନ, କହିବା ।
ଭାଷା, ବି. ( ଭାଷ୍-ଅ-ଆ ) ଅର୍ଥଯୁକ୍ତ ଉଚ୍ଚାରିତ ଶବ୍ଦ, କଥା ।
ଭାଷାନ୍ତରିତ, ବିଂ. ଅନ୍ୟ ଭାଷାରେ ଅନୁବାଦିତ ।
ଭାଷିତ, ବିଂ. ( ଭାଷ୍-ତ ) କଥିତ, ଉକ୍ତ । ବି. ଭାଷା, ବଚନ ।

ଭାଷିବା, କ୍ରି. (ଦେ) କହିବା ।
ଭାଷୀ, ବି°. (ଭାଷ୍-ଇନ୍) କଥକ (ଶବ୍ଦାନ୍ତେ) ।
ଭାଷ୍ୟ, ବି. (ଭାଷ୍-ଯ) ବ୍ୟାଖ୍ୟାନ, ବିବରଣ ସୂତ୍ର ।
ଭାସ୍ } ବି. (ଭାସ୍-୦, ଅ) ଦୀପ୍ତି, କାନ୍ତି ।
ଭାସ }
ଭାସମାନ, ବି°. (ଭାସ୍-ଆନ) ଶୋଭମାନ, ଦୀପ୍ୟମାନ ।
ଭାସିବା, କ୍ରି. (ଦେ) ଜଳ ଉପରେ ପ୍ଳବମାନ ହେବା
ଭାସୁର, ବି°. (ଭାସ୍-ଉର) ଦୀପ୍ୟମାନ, ଦୀପ୍ତିଯୁକ୍ତ ।
ଭାସ୍କର, ବି. ( ଭାସ-କର ) ସୂର୍ଯ୍ୟ, ଅଗ୍ନି, ଜନୈକ ପଣ୍ଡିତ, ଶିଳ୍ପୀ ।
ଭାସ୍ୱର, ବି°. ( ଭାସ୍-ବର ) ଦୀପ୍ୟମାନ, ଦୀପ୍ତିଶୀଳ ।
ଭାସ୍ୱାନ୍, ବି, (ଭାସ-ବତ୍) ସୂର୍ଯ୍ୟ, ଦୀପ୍ତି ।
ଭିଆଇବା, କ୍ରି ( ଦେ ) ଜାତ କରିବା, ବିଧାନ କରିବା, ସୃଷ୍ଟି କରିବା, ଅର୍ଜିବା ।
ଭିଆଣ, ବି. ( ଦେ ) ରଚନା, ନିର୍ମାଣ, ବିଧାନ, ନିମାବନ୍ଧ କାଗଜ ।
ଭିକ, (ଖ), ବି. (ଦେ) ଭିକ୍ଷା ।
ଭିକା (ଖା)ରୀ, ବି. (ଦେ) ଭିକ୍ଷୁକ । ସ୍ତ୍ରୀ. ଭିଖାରୁଣୀ ।
ଭିକ୍ଷା, ବି. ( ଭିକ୍ଷ୍-ଆ ) ଯାଚଞ୍ଚା, ପ୍ରାର୍ଥନା, ଭିକ ।
ଭିକ୍ଷାଶୀ, ବି°. ( ଭିକ୍ଷା-ଅଶ-ଇନ୍ ) ଭୈକ୍ଷ୍ୟଜୀବୀ, ଭିକ୍ଷୁକ ।
ଭିକ୍ଷୁ, ବି. ( ଭିକ୍ଷା-ଉ ) ପ୍ରବ୍ରାଜକ, ଭିକ୍ଷୋପଜୀବୀ, ଚତୁର୍ଥାଶ୍ରମୀ । ସ୍ତ୍ରୀ. ଭିକ୍ଷୁଣୀ ।

ଭକ୍ଷୁକ, ବି. (ଭକ୍ଷ-କ) ଯାଚକ । ସ୍ତ୍ରୀ. ଭକ୍ଷୁକୀ ।
ଭଜା, ବି. (ଦେ) ଓଦା, ଆର୍ଦ୍ର ।
ଭଜେଇବା, ବି. (ଦେ) ଆର୍ଦ୍ର କରିବା ।
ଭଟା, ବି. (ଦେ) ବାସସ୍ଥଳୀ, ଘରଡିହ ।
ଭଡ଼, ବି. (ଦେ) ଲୋକସମୂହ, ଜନତା ।
ଭଡ଼ିବା, କ୍ରି. (ଦେ) କୁଣ୍ଢାଇବା, ଆକର୍ଷଣ କରିବା । ଦୃଢ଼ରୂପେ ବାନ୍ଧିବା ।
ଭଣା, ବି. (ଦେ) ଯେଉଁ ଜାତିର ଲୋକେ ତୂଳା ଭଣନ୍ତି, ଭଣିବା । ବିଂ. ଭଣା ଯାଇଥିବା ।
ଭଣିବା, କ୍ରି. (ଦେ) ପିଞ୍ଜିବା, ବଦାରିବା ।
ଭଣୋଇ, ବି. (ଭଗିନୀପତି ଶବ୍ଦଜ) ଭଗିନୀପତି ।
ଭିତର, ବି. (ଦେ) ମଧ୍ୟସ୍ଥଳ, ଅଭ୍ୟନ୍ତର, ଅନ୍ତଃପୁର ।
ଭିତର, ବିଂ. (ଦେ) ଗୋପନୀୟ, ଭିତରେ ଥିବା ।
ଭିତ୍ତି, ବି. (ଭିଦ୍-ତି) ଆବୃତ, କାନ୍ଥ ।
ଭିଦ୍, ବିଂ. (ଭିଦ୍-କ୍ୱିପ୍) ଛେଦନକାରୀ(ଶବ୍ଦାନ୍ତେ) । ବି. ବିଦାରଣ, ଛେଦନ ।
ଭିଦୁର, ବିଂ. (ଭିଦ୍-ଘୁର) ଏକୀଭୂତ, ମିଶ୍ର, ଭେଦଶାଳୀ, ଭଙ୍ଗୁର ।
ଭିନ୍ନପାଳ, ବି. କ୍ଷେପଣୀୟ ଅସ୍ତ୍ରବିଶେଷ ।
ଭିନ୍ନ, ବିଂ. (ଭିଦ୍-ତ) ଅନ୍ୟ, ବିଦୀର୍ଣ୍ଣ, ବିଶୀର୍ଣ୍ଣ, ଶିଥିଳିତ, ଛିନ୍ନ, ମର୍ଦ୍ଦିତ ।
ଭିଲ୍ଲ, ବି. ଅସଭ୍ୟଜାତିବିଶେଷ, ଭୀଲ ।
ଭିଷକ୍, ବି. (ଭିଷ୍-ଅକ୍) ବୈଦ୍ୟ, ଚିକିତ୍ସକ ।

ଭୀ
ଭୀତି } ବି. ( ଭୀ-ତି ) ଭୟ, ତ୍ରାସ, ଶଙ୍କା ।

ଭୀତ, ବିଂ. (ଭୀ-ତ) ଭୟଯୁକ୍ତ, ତ୍ରସ୍ତ, ଶଙ୍କିତ ।

ଭୀମ, ବି. ( ଭୀ-ମ ) ଦ୍ୱିତୀୟ ପାଣ୍ଡବ, ବୃକୋଦର, ଦମୟନ୍ତୀଙ୍କ ପିତା, ଶିବ । ବିଂ. ଭୟଙ୍କର ।

ଭୀମସେନ, ବି. ଦ୍ୱିତୀୟ ପାଣ୍ଡବ ।

ଭୀମା, ବି. ଦୁର୍ଗା, କଶା, ନଦୀବିଶେଷ ।

ଭୀରୁ, ବିଂ. ( ଭୀ-ରୁ ) ତ୍ରସ୍ତ, ଭୀତ । ବି. ଶୃଗାଳ ।

ଭୀଷଣ, ବିଂ. (ଭୀ-ଇ-ଅନ) ଭୟଙ୍କର ।

ଭୀଷ୍ମ, ବି. (ଭୀ-ମ) ଶାନ୍ତନୁପୁତ୍ର, ଗାଙ୍ଗେୟ ।

ଭୁଆ, ବି. (ଦେ) ଅଣ୍ଡିରା ବରାହ ।

ଭୁଆସୁଣୀ. ବି. (ଦେ) କୁଳବଧୂ, କୁଳସ୍ତ୍ରୀ ।

ଭୁକ୍, ବିଂ. (ଭୁଜ-୦) ଭୋକ୍ତା, ଯେ ଭୋଜନ କରେ ।

ଭୁକିବା, କ୍ରି. ( ଦେ ) କୁକୁର ବୋବାଇବା, ବୃଥା ବକି ହେବା, କଠିନ ବସ୍ତୁରେ ଶସ୍ତ୍ରାଦି ପ୍ରବେଶ କରିବା ।

ଭୁକ୍ତ, ବିଂ. (ଭୁଜ୍-ତ) ଭକ୍ଷିତ, ଉପଯୁକ୍ତ, ଅନ୍ତର୍ଗତ ।

ଭୁକ୍ତାବଶିଷ୍ଟ, ବିଂ. (ଭୁକ୍ତ-ଅବଶିଷ୍ଟ) ଅଇଁଠା ।

ଭୁକ୍ତଭୋଗୀ, ବିଂ. ପୁନଃପୁନଃ ଭୋଗକର୍ତ୍ତା, ଯେ ବାରମ୍ବାର ଅନୁଭବ କରିଅଛି ।

ଭୁକ୍ତି, ବି. (ଭୁଜ-ତି) ଭୋଜନ, ଭୋଗ ।

ଭୁଜ, ବି. ( ଭୁଜ୍-ଅ ) ବାହୁ, ହସ୍ତ, ଭୁର୍ଜପତ୍ର, ତ୍ରିଭୁଜର ବାହୁ ।

ଭୁଜଗ
ଭୁଜଙ୍ଗ
ଭୁଜଙ୍ଗମ } ବି. (ଭୁଜ=ବକ୍ର-ଗମ୍-ଅ) ସର୍ପ, ଫଣୀ, ବଟ, ଲମ୍ପଟ ।

ଭୁଜଙ୍ଗଭୁକ୍, ବି. (ଭୁଜଙ୍ଗ-ଭୁଜ-କ୍ୱିପ) ଗରୁଡ଼ ।

ଭୁଜା, ବି. (ଦେ) ଚୁଡ଼ା, ମୁଢ଼ି ପ୍ରଭୃତି ଖାଦ୍ୟଦ୍ରବ୍ୟ ।

ଭୁଞ୍ଜିବା, କ୍ରି. ( ଦେ ) ଭୋଗ କରିବା, ଖାଇବା ।

ଭୁଟ୍‌ଭାଟ୍, ବି. (ଦେ) ଗୋପନୀୟ କଥା ।

ଭୁଡ଼(ଡୁ)ଙ୍ଗ, ବି. (ଦେ) ତୂଣୀ ।

ଭୁଣ୍ଡି, ବି. (ଦେ) ଭଣ୍ଡି, ଅଗ୍ରଭାଗ । ଯଥା—ଫରୁଆ-ଭୁଣ୍ଡି ।

ଭୁନି, ବି. (ଦେ) ବିଧବାର ବସ୍ତ୍ରବିଶେଷ ।

ଭୁଲ, ବି. (ଦେ) ବିସ୍ମୃତି, ଭ୍ରମ, ଭ୍ରାନ୍ତି ।

ଭୁଲାଇବା, କ୍ରି. ( ଦେ ) ଭ୍ରମଯୁକ୍ତ କରାଇବା ।

ଭୁଲିବା, କ୍ରି. (ଦେ) ବିସ୍ମୃତ ହେବା, ପାସୋରିବା ।

ଭୁବନ, ବି. (ଭୂ-ବନ) ଜଗତ୍, ସପ୍ତ ପାତାଳ ।

ଭୁବନେଶ୍ୱର, ବି. ପୁରୀଜିଲାସ୍ଥ ଶିବକ୍ଷେତ୍ରବିଶେଷ, ଲିଙ୍ଗରାଜ, ଜଗଦୀଶ୍ୱର ।

ଭୁବନେଶ୍ୱରୀ, ବି. ( ଭୁବନ-ଈଶ୍ୱରୀ ) ଜଗଦମ୍ବା, ଦେବୀବିଶେଷ ।

ଭୁବଃ, ବି. (ଭୂ-ବସ୍) ଆକାଶ, ଦ୍ୱିତୀୟ ଲୋକ ।

ଭୁବର୍ଲୋକ, ବି. (ଭୁବସ୍-ଲୋକ) ପୃଥିବୀ ଓ ସୂର୍ଯ୍ୟର ମଧ୍ୟପ୍ରଦେଶ ।

ଭୁଶୁଣ୍ଡୀ, ବି. ଅପରିଷ୍କୃତା ପୃଥଳା ସ୍ତ୍ରୀ, ଆଗ୍ନେୟାସ୍ତ୍ର-ବିଶେଷ ।

ଭୁଷୁଣ୍ଡା, ବି. (ଦେ) ମୋଟା ଲୋକ ।

ଭୁଷି }
ଭୁସି } ବି. (ଦେ) ଯବ ଗୋଧୂମାଦିର ତ୍ୱକ୍ ।

ଭୁଷିବା, କ୍ରି. (ଦେ) ବାନ୍ଧିବା, କେଞ୍ଚିବା ।

ଭୁଷା, ବି. (ଦେ) କେଞ୍ଚା, ପ୍ରହାର ।

ଭୁଷଡ଼ିବା, କ୍ରି. (ଦେ) ଧସିପଡ଼ିବା, ହଠାତ୍ ବସିଣ୍ଡି ହେବା

ଭୂ, ବି. (ଭୂ-୦) ପୃଥିବୀ, ସ୍ଥାନ, ଆଧାର ।

ଭୂଇଁ, ବି. (ଭୂମି-ଶବ୍ଦଜ) କ୍ଷେତ୍ର, କ୍ଷେତ ।

ଭୂକମ୍ପ, ବି. (ଭୂ-କମ୍ପ) ଭୂମିକମ୍ପ, ପୃଥିବୀର କମ୍ପନ ।

ଭୂଗୋଳ, ବି. (ଭୂ-ଗୋଳ) ଭୂମଣ୍ଡଳ ।

ଭୂଚର, ବିଂ. (ଭୂ-ଚର) ଯେଉଁମାନେ ଭୂମିରେ ବାସ କରନ୍ତି ।

ଭୂଚକ୍ର, ବି. (ଭୂ-ଚକ୍ର) ପୃଥିବୀର ମାନଚକ୍ର ।

ଭୂଚ୍ଛାୟା, ବି. (ଭୂ-ଛାୟା) ଅନ୍ଧକାର ।

ଭୂତଭାବନ, ବି. (ଭୂତ-ଭାବନ) ସୃଷ୍ଟିକର୍ତ୍ତା ।

ଭୂତ, ବି. ( ଭୂ-ତ ) ପିଶାଚ, ଶିବଙ୍କ ଅନୁଚର, ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ।

ଭୂତକାଳ. ବି. ଅତୀତକାଳ ।

ଭୂତଧାତ୍ରୀ, ବି. ସ୍ତ୍ରୀ. ପୃଥିବୀ ।

ଭୂତନାଥ }
ଭୂତେଶ } ବି. (ଭୂତ-ନାଥ, ଈଶ) ଶିବ ।

ଭୂତପୂର୍ବ, ବିଂ. (ପୂର୍ବରେ ଭୂତ), ଯାହା ପୂର୍ବରେ ଥିଲା ।

ଭୂତଭୃତ, ବି. (ଭୂତ-ଭୃ-୦) ପାଳନକର୍ତ୍ତା, ବିଷ୍ଣୁ ।
ଭୂତଯଜ୍ଞ, ବି. ଜୀବମାନଙ୍କୁ ଖାଦ୍ୟଦାନ ।
ଭୂତଳ, ବି. (ଭୂ-ତଳ) ପୃଥିବୀପୃଷ୍ଠ ।
ଭୂତଶୁଦ୍ଧି, ବି. ଶରୀରସ୍ଥ ପାପପୁରୁଷ ଦହନପୂର୍ବକ ଶରୀର ଶୋଧନ ।
ଭୂତାବିଷ୍ଟ, ବିଂ. (ଭୂତ-ଆବିଷ୍ଟ) ଭୂତଗ୍ରସ୍ତ ।
ଭୂତାବେଶ, ବି. (ଭୂତ-ଆବେଶ) ଭୂତର ପ୍ରବେଶ ।
ଭୂତି, ବି. (ଭୂ-ତି) ମହିମା, ଐଶ୍ୱର୍ଯ୍ୟ, ଭସ୍ମ ।
ଭୂଦେବ
ଭୂସୁର } ବି. (ଭୂ-ଦେବ, ସୁର) ବ୍ରାହ୍ମଣ ।
ଭୂଧର, ବି. (ଭୂ-ଧର) ଅନନ୍ତଦେବ, ପର୍ବତ ।
ଭୂପ
ଭୂପତି
ଭୂପାଳ } ବି. (ଭୂ-ପ, ପତି, ପାଳ) ରାଜା ।
ଭୂଭୃତ, ବି. (ଭୂ-ଭୃ-କ୍ୱିପ୍) ରାଜା, ପର୍ବତ ।
ଭୂମଣ୍ଡଳ, ବି. (ଭୂ-ମଣ୍ଡଳ) ପୃଥିବୀ ।
ଭୂମା, ବିଂ. (ଭୂ-ମନ୍) ଭୂୟିଷ୍ଠ, ବହୁଳ, ଅଧିକ । ବି. ସର୍ବବ୍ୟାପୀ ପୁରୁଷ ।
ଭୂମି, ବି. (ଭୂ-ମି) ପୃଥିବୀ ।
ଭୂମିକା, ବି. (ଭୂମି-କ-ଆ) ଗ୍ରନ୍ଥର ଆଭାସ, ବକ୍ତବ୍ୟର ସୂଚନା ।
ଭୂମିଜା, ବି. (ଭୂମି-ଜା) ସୀତା, ଜାନକୀ ।
ଭୂମିଷ୍ଠ, ବିଂ. (ଭୂମି-ସ୍ଥା-ଅ) ପ୍ରଣତ, ଭୂପତିତ, ଜାତ ।

ଭୂୟଃ, ବିଂ. (ବହୁ-ଈୟସ୍) ବହୁତର, ଅଧିକ । ଅଂ. ପୁନଃପୁନଃ ।

ଭୂୟିଷ୍ଠ, ବିଂ. (ବହୁ-ଇଷ୍ଠ) ପ୍ରଚୁର, ବହୁଳ, ଅଧିକ ।

ଭୂରି, ଅଂ. ଅଧିକ, ଅନେକ, ବହୁ ।

ଭୂରୁହ, ବି. (ଭୂ-ରୁହ୍-ଅ) ବୃକ୍ଷ, ଗଛ ।

ଭୂର୍ଜ } ବି. (ଭୂ-ଉର୍ଜ-ଅ) ଭୂର୍ଜପତ୍ରର ଗଛ ଓ
ଭୂର୍ଜପତ୍ର } ତାହାର କୋମଳ ବଳକଳ ।

ଭୂଲତା, ବି (ଭୂ-ଲତା) କିଞ୍ଚୁଳୁକ, ଜିଆ । (ଦେ) ଭ୍ରୂଲତା ।

ଭୂଷଣ } ବି. (ଭୂଷ-ଅନ, ଆ) ଅଳଙ୍କାର,
ଭୂଷା } ଆଭରଣ, ଶୋଭା ।

ଭୂଷିତ, ବିଂ. (ଭୂଷ-ତ) ଅଳଙ୍କୃତ, ଶୋଭିତ ।

ଭୂସୁତ, ବି. ମଙ୍ଗଳଗ୍ରହ, ନରକାସୁର ।

ଭୂସ୍ୱାମୀ, ବି. (-ଭୂସ୍ୱାମନ୍) ରାଜା, ଜମିଦାର ।

ଭୃକୁଟି, ବି. (ଭ୍ରୂ-କୁଟ୍-ଇ) ଭ୍ରୂଭଙ୍ଗୀ ।

ଭୃଗୁ, ବି. (ଭ୍ରସ୍ଜ୍-ଉ) ମୁନିବିଶେଷ, ସାନୁ, ପର୍ବତର ଢାଲୁ ବା ଅଡଡ଼ା ।

ଭୃଗୁପତି, ବି. (ଭୃଗୁ-ପତି) ପରଶୁରାମ ।

ଭୃଗୁସୁତ, ବି. (ଭୃଗୁ-ସୁତ) ଶୁକ୍ରାଚାର୍ଯ୍ୟ, ପରଶୁରାମ ।

ଭୃଙ୍ଗ, ବି. (ଭୃ-ଗ) ଭ୍ରମର ।

ଭୃଙ୍ଗାର, ବି. (ଭୃ-ଆର) ଜଳପାତ୍ରବିଶେଷ ।

ଭୃତ୍, ବିଂ. (ଭୃ-୦) ପାଳନକର୍ତ୍ତା, ଧାରଣକର୍ତ୍ତା । (ଶବ୍ଦାନ୍ତେ) ।

ଭୃତ, ବି°. (ଭୃ-ତ) ପାଳିତ, ପୁଷ୍ଟ ।
ଭୃତକ, ବି°. (ଭୃ-ତ-କ) ଭୃତ୍ୟ, ବେତନଗ୍ରାହୀ ।
ଭୃତି, ବି. (ଭୃ-ତି) ବେତନ ।
ଭୃତ୍ୟ, ବି. (ଭୃ-ଯ) ଦାସ, ଚାକର ।
ଭୃଷ୍ଟ, ବି. ବି°. (ଭ୍ରସ୍‌ଜ-ତ) ଭର୍ଜିତ, ଭଜା ।
ଭେକ, ବି. (ଭୀ-କ) ମଣ୍ଡୂକ, ବେଙ୍ଗ ।
ଭେକ, (ଖ), ବି. (ଦେ) ବେଶ, ଆଶ୍ରମ, ବୃତ୍ତି, ବୈଷ୍ଣବାଦିଙ୍କର କୌପୀନାଦି ।
ଭେକଟା, ବି. (ଦେ) ଚିଲିକାର ପ୍ରସିଦ୍ଧ ମତ୍ସ୍ୟବିଶେଷ ।
ଭେକା, ବି°. (ଦେ) ବିହ୍ୱଳ, ବାହ୍ୟଜ୍ଞାନଶୂନ୍ୟ, ଭେଳକା ।
ଭେଜ, ବି. (ଦେ) ଏକପ୍ରକାର ଫଳ ।
ଭେଟ, ବି. (ଦେ) ସାକ୍ଷାତ୍, ଦେଖା, ମୁଲାକାତ୍ ।
ଭେଟଣ,(ଣା), ବି. (ଦେ) ଭୂତପିଶାଚାଦିଙ୍କ ସଙ୍ଗେ ହଠାତ୍ ଦେଖା ।
ଭେଟି, ବି. (ଦେ) ଉପଢୌକନ ।
ଭେଟିବା, କି.(ଦେ)ଦେଖା କରିବା, ଉପହାର ଦେବା
ଭେଡ଼ା, ବି. (ଦେ) ମେଣ୍ଢା, ପଣ୍ଡୁଆଭୂମି । ସ୍ତ୍ରୀ. ଭେଡ଼ୀ ।
ଭେଣ୍ଡା, ବି. (ଦେ) ଯୁବା ପୁରୁଷ ।
ଭେଣ୍ଡି, ବି. (ଦେ) ପରିବା ଫଳବିଶେଷ ।
ଭେଦ, ବି. (ଭିଦ୍-ଅ) ବିଚ୍ଛେଦ, ବେଧ କରିବା, ବେଧନ, ଅନୈକ୍ୟ, ରେଚନ ।
ଭେଦକ, ବି. (ଭିଦ୍-ଅକ) ବିଦାରକ, ବିରେଚକ ଔଷଧାଦି ।

ଭେଦନ, ବି. (ଭିଦ୍-ଅନ) ବିଦାରଣ, ବେଧନ ।
ଭେଦା, ବି. (ଦେ) ଗୃନ୍ଧା ।
ଭେଦୀ, ବି. ( ଭିଦ୍-ଇନ୍ ) ଭେଦକାରୀ । ବି. (ଦେ) ବିରେଚକ ।

ଭେର } ବି. (ଭୀ-ର) ଢକ୍କା, ବାଦ୍ୟଯନ୍ତ୍ରବିଶେଷ ।
ଭେରୀ }

ଭେରେଣ୍ଡା, ବି. ଅଣ୍ଡିରୀ ବିଲୁଆ, ଗବଗଛ ।
ଭେଲ, ବିଂ. (ଦେ) କୃତ୍ରିମ, ମିଶ୍ର ।
ଭେଲକା, ବିଂ. (ଦେ) ବିହ୍ୱଳ, ଅଭିଭୂତ ।
ଭେଲା, ବି. ଜଳପରିଚାର ଯନ୍ତ୍ରବିଶେଷ, ଉଡ଼ୁପ ।
ଭେଲ୍କୀ, ବି. କୁହୁକ ।
ଭେଷଜ, ବି. (ଭେଷ-ଜ-ଅ) ଭୈଷଜ୍ୟ, ଔଷଧ ।
ଭେଷଡ଼ା, ବି. (ଦେ) କଦର୍ଯ୍ୟ, ଅତିରଞ୍ଜିତ ।
ଭୈକ୍ଷ, ବି. (ଭିକ୍ଷା-ଅ) ଭିକ୍ଷାଲବ୍ଧ ବସ୍ତୁ ।
ଭୈମୀ, ବି. (ଭୀମ-ଅ-ଈ) ଦମୟନ୍ତୀ ।
ଭୈରବ, ବିଂ. (ଭୀରୁ-ଅ) ଭୀଷଣ । ବି. ଶିବ, ରୁଦ୍ରମୂର୍ତ୍ତି, ସଙ୍ଗୀତର ରାଗବିଶେଷ ।
ଭୈରବୀ, ବି. ( ଭୈରବ-ଈ ) ଦୁର୍ଗା, ରୁଦ୍ର ରୂପୀ ଶିବଙ୍କ ପୂଜାକାରିଣୀ, ରାଗିଣୀବିଶେଷ ।
ଭୈଷଜ,(ଜ୍ୟ), ବି. (ଭେଷଜ-ଅ, ଯ) ଔଷଧ ।

ଭୋ } ଅଂ. ( ଭା-ଓ, ଓସ୍ ) ସମ୍ବୋଧନସୂଚକ ଶବ୍ଦ ।
ଭୋଃ }

ଭୋଇ, ବି. (ଦେ) ଗ୍ରାମର ଜମିଜମା ସଂକ୍ରାନ୍ତ କାଗଜର ରକ୍ଷକ, ବାଉରି ।

ଭୋକ, ବି. (ଦେ) କ୍ଷୁଧା ।

ଭୋକା, ଭୋକିଲା } ବିଂ. (ଦେ) କ୍ଷୁଧାର୍ତ୍ତ ।

ଭୋକ୍ତବ୍ୟ, ବିଂ. (ଭୁଜ୍-ତବ୍ୟ) ଭୋଜନଯୋଗ୍ୟ ।

ଭୋକ୍ତା, ବିଂ. (ଭୁଜ୍-ତୃ) ଭୋଜନକର୍ତ୍ତା, ଭୋଗୀ ।

ଭୋଗ, ବି. (ଭୁଜ୍-ଅ) ସୁଖ ଉପଭୋଗ, ସର୍ପର ଫଣା ।

ଭୋଗବତୀ, ବି. (ଭୋଗ-ବତ୍-ଈ) ପାତାଳଗଙ୍ଗା ।

ଭୋଗୀ, ବି. (ଭୋଗ-ଇନ୍) ସର୍ପ, ରାଜା, ଗ୍ରାମାଧ୍ୟକ୍ଷ ।

ଭୋଟଗଇ, ବି. (ଦେ) ବାଉଁଶପାତିଆରେ ନିର୍ମିତ କ୍ଷୁଦ୍ର ପାତ୍ର ।

ଭୋଗ୍ୟ, ବି. (ଭୁଜ୍-ଯ) ଭୋଗର ଯୋଗ୍ୟ ବସ୍ତୁ ।

ଭୋଜ, ଭୋଜି } ବି. (ଦେ) ଉତ୍ସବାଦିରେ ଭୋଜନ ।

ଭୋଜନ, ବି (ଭୁଜ୍-ଅନ) ଭକ୍ଷଣ, ଭକ୍ଷ୍ୟଦ୍ରବ୍ୟ ।

ଭୋଜବିଦ୍ୟା, ବି. ଐନ୍ଦ୍ରଜାଲିକ ବିଦ୍ୟା, ଭେଲ୍କି ।

ଭୋଜ୍ୟ, ବିଂ. (ଦେ) ଭକ୍ଷ୍ୟବସ୍ତୁ, ପିତୃପୁରୁଷଙ୍କୁ ଅନ୍ନ-ରୂପେ ଦେୟ ।

ଭୋଦୁଅ, ବି. (ଦେ) ଭାଦ୍ର ମାସ ।

ଭୋପା, ବି. (ଦେ) ଦେବପୂଜକ ବିଶେଷ, ହାହ୍ଲାସା, ନିର୍ବୁଦ୍ଧି, ବିବେକହୀନ ।

ଭୋଳ, ବି. (ଭ୍ରମ ଶବ୍ଦଜ) ଭ୍ରମ, ବିସ୍ମରଣ ।

ଭୋଳା, ବ. (ଦେ) ଉନ୍ମତ୍ତ, ନିର୍ଲିପ୍ତ ।

ଭୋଳାନାଥ, ବ. (ଦେ) ଶିବ, ନିର୍ଲିପ୍ତ ଲୋକ ।

ଭୌତିକ, ବି. (ଭୂତ-ଇକ) ଭୂତସମ୍ବନ୍ଧୀୟ । ବ. ମହାଦେବ ।

ଭୌମ, ବ. (ଭୂମି-ଅ) ମଙ୍ଗଳଗ୍ରହ, ନରକାସୁର ।

ଭ୍ରଂଶ, ବ. (ଭ୍ରନ୍‌ଶ୍‌-ଅ) ପତନ, ଚ୍ୟୁତ ହେବା ।

ଭ୍ରମ, ବ. (ଭ୍ରମ୍‌-ଅ) ଭ୍ରମଣ, ଭୁଲ, ମିଥ୍ୟାଜ୍ଞାନ ।

ଭ୍ରମଣ, ବ. (ଭ୍ରମ୍‌-ଅନ) ପର୍ଯ୍ୟଟନ, ବୁଲିବା ।

ଭ୍ରମର, ବ. (ଭ୍ରମ୍‌-ଅର) ମଧୁକର, ଭୃଙ୍ଗ, ଅଳି ।

ଭ୍ରଷ୍ଟ, ବି. (ଭ୍ରନ୍‌ଶ୍‌-ତ) ଚ୍ୟୁତ, ପତିତ, ନଷ୍ଟ ।

ଭ୍ରାତା, ବ. (ଭ୍ରାଜ୍‌-ତୃ) ସହୋଦର, ଭାଇ ।

ଭ୍ରାତୁଷ୍ପୁତ୍ର, ବ. (ଭ୍ରାତୁଃ-ପୁତ୍ର) ପୁତୁରା, ଭାଇର ପୁଅ ।

ଭ୍ରାତୃଜାୟା, ବ. (ଭ୍ରାତୃ-ଜାୟା) ଭାଉଜ ।

ଭ୍ରାତୃବ୍ୟ, ବ. (ଭ୍ରାତୃ-ବ୍ୟ) ଭ୍ରାତୁଷ୍ପୁତ୍ର, ପୁତୁରା ।

ଭ୍ରାନ୍ତ, ବି. (ଭ୍ରମ୍‌-ତ) ଘୂର୍ଣ୍ଣାୟମାନ, ଭ୍ରାନ୍ତିଯୁକ୍ତ ।

ଭ୍ରାନ୍ତି, ବ. (ଭ୍ରମ୍‌-ତି) ଭ୍ରମଣ, ଭୁଲ, ଭ୍ରମ ।

ଭ୍ରାନ୍ତିମାନ୍‌, ବି. (ଭ୍ରାନ୍ତି-ମତ୍‌ ଭ୍ରାନ୍ତିଯୁକ୍ତ ।

ଭ୍ରାମ୍ୟମାଣ, ବି. (ଭ୍ରମ-ଇ-ଆନ) ଯାହା ଘୂର୍ଣ୍ଣିତ ହେଉଅଛି ।

ଭ୍ରୂ, ବ. (ଭ୍ରମ୍‌-ଉ) ଚକ୍ଷୁର ଊର୍ଦ୍ଧ୍ୱ ଓ ଲଲାଟର ନିମ୍ନସ୍ଥିତ ରୋମରାଜି ।

ଭ୍ରୁକୁଟି, ଭ୍ରୂକୁଟି } ବ. (ଭ୍ରୂ-କୁଟ୍‌-ଇ) କ୍ରୋଧାଦିଦ୍ୱାରା ଭ୍ରୂର ବକ୍ରତା ।

ଭ୍ରୂକ୍ଷେପ, ବି. (ଭ୍ରୂ-କ୍ଷେପ) ଭ୍ରୂଭଙ୍ଗ, ଭ୍ରୂଚାଳନ, ଭ୍ରୂବିଳାସ ।

ଭ୍ରୂଣ, ବି. (ଭ୍ରୂ-ଣ-ଅ) ବାଳକ, ଗର୍ଭସ୍ଥ ସନ୍ତାନ ।

ଭ୍ରୂଣହତ୍ୟା, ବି. ଗର୍ଭସ୍ଥ ଜୀବର ପ୍ରାଣନାଶ ।

ଭ୍ରୂଭଙ୍ଗ
ଭ୍ରୂଭଙ୍ଗି } ବି. ଭ୍ରୂକୁଟି, ଭ୍ରୂବିଳାସ ।
ଭ୍ରୂଭଙ୍ଗୀ

ଭ୍ରୂଲତା, ବି. ଚକ୍ଷୁର ଉପରସ୍ଥ ଲୋମଶ୍ରେଣୀ, ଭ୍ରୂଲତା ।

---

# ମ

ମ, ବ୍ୟଞ୍ଜନ ବର୍ଣ୍ଣର ପଞ୍ଚବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଓଷ୍ଠ । ବି. (ମା=ପରିମାଣ କରିବା-ଅ) ବିଷ୍ଣୁ, ଶିବ, ଯମ, ସମୟ ।

ମଁ, ଅଂ. (ଦେ) ବିତର୍କ ଓ ନିଷ୍ଟୟାର୍ଥକ ।

ମଅଳ, ବି. (ଦେ) ମଳିନ ।

ମଇ, ବି. (ଦେ) ଗୃଷକମିର ଚେକା ଭାଙ୍ଗିବାନମିତ୍ତ ବ୍ୟବହୃତ କାଷ୍ଠ ବା ବାଉଁଶର ସିଡ଼ି ।

ମଇଦା ବି. (ଦେ) ପରିଷ୍କୃତ ଗୋଧୂମଚୂର୍ଣ୍ଣ ।

ମଇନା, ବି (ଦେ) ସାରୀପକ୍ଷୀ ।

ମଇଳା, ବିଂ. (ମ୍ଳାନ ଶବ୍ଦଜ) ଅପରିଷ୍କୃତ ।

ମଇଁଷି, ବି. (ମହିଷ ଶବ୍ଦର ଅପଭ୍ରଂଶ) ପଶୁବିଶେଷ।

ମଉଛବ<br>ମଉଚ୍ଛ } ବି. (ଦେ) ମହୋତ୍ସବ।

ମଉଜ, ବିଂ. (ଦେ) ଆମୋଦପ୍ରମୋଦ, ମୌଜ।

ମଉଡ଼<br>ମହୁଡ } ବି. (ମୁକୁଟ ଶବ୍ଦଜ) ଟୋପି, ମୁକୁଟ।

ମଉନ, ବିଂ. (ମୌନ ଶବ୍ଦଜ) ତୁନି।

ମଉଳା, ବି. (ମାତୁଳ ଶବ୍ଦଜ) ମାତୁଳ, ମାମୁ।

ମଉଳିବା, କ୍ରି. (ଦେ) ମ୍ଳାନ ହେବା, ଝାଉଁଳିବା।

ମଉସା, ବି. (ମାତୃଷ୍ୱସା ଶବ୍ଦଜ) ମାତାର ଭଗିନୀପତି।

ମକଚିବା, କ୍ରି. (ଦେ) ମଳିବା, ମର୍ଦ୍ଦିବା।

ମକଦମ, ବି. (ଯା) ମଧ୍ୟସ୍ୱତ୍ୱାଧିକାରୀ ଭୂସ୍ୱାମୀ।

ମକଦମା, ବି. (ଯା) ଅଭିଯୋଗ, ରାଜଦ୍ୱାରରେ ବିଚାର ପ୍ରାର୍ଥନା।

ମକଦମୀ ବି. (ଯା) ମକଦମାର ଅଧିକାର।

ମକମକ, ବି (ଦେ) ଶାମୁକାପ୍ରଭୃତିର ଅନୁକରଣ-ଶବ୍ଦ।

ମକର, ବି (ମ-କୃ-ଅ) ମକରରାଶି, ମତ୍ସ୍ୟବିଶେଷ।

ମକରକୁଣ୍ଡଳ, ବି. ମକରାକୃତି କୁଣ୍ଡଳ।

ମକରକେତନ<br>ମକରଧ୍ୱଜ } ବି. କନ୍ଦର୍ପ, ମୀନକେତନ।

ମକରକ୍ରାନ୍ତି, ବି. ନିରକ୍ଷରେଖାର ୨୩½ ଅଂଶ ଦକ୍ଷିଣରେ ଅବସ୍ଥିତ ରେଖା।

ମକରନ୍ଦ, ବି (ମକର-ଦୋ-ଅ) ପୁଷ୍ପରସ ।
ମକରାଳୟ, ବି. (ମକର-ଆଳୟ) ସମୁଦ୍ର ।
ମକା, ବି. (ଦେ) ଏକପ୍ରକାର ଶସ୍ୟ ।
ମକୁଟ, ବି. (ମନକ୍-ଉଟ) ମୁକୁଟ, ଶିରୋଭୂଷଣ ।
ମକୁଟା, ବି. (ଦେ) ପାଟଖଦି, ରେଶମୀ ବସ୍ତ୍ର ।
ମକ୍ଷିକା, ବି. (ମକ୍ଷ୍-ଅକ-ଆ) କୀଟବିଶେଷ, ମାଛି ।
ମଖ, ବି. (ମଖ୍-ଅ) ଯାଗ, ଯଜ୍ଞ, କ୍ରତୁ ।
ମଖନ, ବି. (ଦେଶଜ) ଲହୁଣୀ, ନବନୀତ ।
ମଖମଲ, ବି. (ଯା) ଏକପ୍ରକାର ବସ୍ତ୍ର ।
ମଗଜ, ବି. (ଯାବନିକ) ମସ୍ତିଷ୍କ, ମଜ୍ଜା ।
ମଗଜଲଡୁ, ବି. (ଦେ) ଏକପ୍ରକାର ମିଷ୍ଟାନ୍ନ ।
ମଗଦୁର, ବି. (ଯା) ଯୋଗ୍ୟତା, କ୍ଷମତା ।
ମଗଧ, ବି. (ମଗ-ଧା-ଅ) ଦକ୍ଷିଣ ବିହାର ।
ମଗର, ବି. (ମକର ଶବ୍ଦଜ) ମକର, ଜଳଜନ୍ତୁ-ବିଶେଷ ।
ମଗରା, ବିଂ. (ଦେ) ଏକଗୁଝା, ଅବାଧ୍ୟ ।
ମଗୁଶିର, ବି. (ଦେ) ମାର୍ଗଶିର ମାସ ।
ମଗ୍ନ, ବିଂ. (ମସ୍ଜ-ତ) ଅନ୍ତଃପ୍ରବିଷ୍ଟ, ବୁଡ଼ିଯାଇଥିବା ।
ମଘବା, ବି. ( ମହ-ଅନ୍, ବ ଆଗମ ) ଇନ୍ଦ୍ର, ଦେବରାଜ ।
ମଘା, ବି. (ମହ୍-ଆ) ନକ୍ଷତ୍ରବିଶେଷ, ଦଶମ ନକ୍ଷତ୍ର ।
ମଙ୍ଗ, ବି. (ମନ୍ଗ-ଅ) ନୌକାର ଶିରୋଭାଗ ।
ମଙ୍ଗନ, ବି. (ମଙ୍ଗଳ ଶବ୍ଦଜ) ବିବାହର ପୂର୍ବ ଦିବସ ।

ମଙ୍ଗଳ, ବି. (ମନ୍‌ଗ୍-ଅଳ) କ୍ଷେମ, କୁଶଳ, ଶୁଭ, କୁଜଗ୍ରହ ।

ମଙ୍ଗଳବାର, ବି. ତୃତୀୟବାର, ଭୌମବାସର ।

ମଙ୍ଗଳା, ବି. ପାର୍ବତୀ, ଦୁର୍ଗା, ପତିବ୍ରତା ସ୍ତ୍ରୀ ।

ମଙ୍ଗଳାଚରଣ, ବି. (ମଙ୍ଗଳ-ଆଚରଣ) କର୍ମାରମ୍ଭରେ ଶୁଭଜନକ କ୍ରିୟା ।

ମଙ୍ଗଳିବା } କ୍ରି. (ଦେ) ମଙ୍ଗଳାନୁଷ୍ଠାନ କରିବା,
ମଙ୍ଗୁଳିବା } ମଙ୍ଗଳାର୍ଚ୍ଚନା କରିବା ।

ମଙ୍ଗଳ୍ୟ, ବିଂ. (ମଙ୍ଗଳ-ଯ) ଶୁଭଜନକ, ଶୁଭକର, ସୁନ୍ଦର, ସୁଖଦ ।

ମଙ୍ଗାଇବା, କ୍ରି. (ଦେ) ମନାଇବା, ପ୍ରବର୍ତ୍ତାଇବା ।

ମଙ୍ଗିବା, କ୍ର. ବି. (ଦେ) ସମ୍ମତ ହେବା ।

ମଚକିବା, କ୍ରି. ବି. (ଦେ) ମୋଡ଼ି ହୋଇଯିବା, ଈଷତ୍ ଭାଙ୍ଗିବା ।

ମଚଳା, ବି. (ଦେ) କଣ୍ଠ ରୋଗବିଶେଷ ।

ମଚ୍ଛ, ବି. (ମଦ୍-ଶ) ମାଛ, ମତ୍ସ୍ୟ ।

ମଜଭୁତ, ବିଂ. (ଦେ) ଦୃଢ଼, ଦୀର୍ଘକାଳସ୍ଥାୟୀ ।

ମଜୁରି, ବି. (ଯା) ଆଳସ୍ୟ, ଶ୍ରାନ୍ତି ।

ମଜଲସ୍, ବି. (ଯା) ସମାବେଶ, ସଭା ।

ମଜା, ବି. (ଯା) ଆମୋଦ, ତାମସା । (ଦେ) ମାର୍ଜ୍ଜନ, ପରିଷ୍କାର ।

ମଜବ୍ର, ବି. (ଯା) ପତ୍ରଶୋଧ ।

ମଜୁରି, ବି. (ଯା) ଦୈନିକ ବେତନ ।

ମଜ୍ଜନ, ବି. (ମସ୍ଜ-ଅନ) ସ୍ନାନ, ଅବଗାହନ ।

ମଜ୍ଜା, ବି. (ମସ୍ଜ୍-ଆ)ଅସ୍ଥି ଓ ମାଂସର ମଧ୍ୟସ୍ଥ ସ୍ନେହ-ପଦାର୍ଥବିଶେଷ ।

ମଝି, ବି. (ମଧ୍ୟ ଶବ୍ଦଜ) ମଧ୍ୟଭାଗ ।

ମଝିଆଁ, ବିଂ. (ଦେ) ମଧ୍ୟମ ।

ମଞ୍ଚ } ବି. (ମନ୍ଚ୍-ଅ, କ) ପର୍ଯ୍ୟଙ୍କ, ଖଟ,
ମଞ୍ଚକ } ବେଦୀ, ମଞ୍ଚା, ଉନ୍ନତ ମଣ୍ଡପ ।

ମଞ୍ଚା, ବି. (ଦେ) ଭଣ୍ଡ଼ି, ମଞ୍ଚ ।

ମଞ୍ଜି, ବି. (ମଜ୍ଜା ଶବ୍ଦଜ) ବୃକ୍ଷାଦିର ଓ କାଷ୍ଠାଦିର ସାରଭାଗ ।

ମଞ୍ଜର } ବି. ( ମଞ୍ଜ-ର୍-ଅ,ଇ ) ଅଙ୍କୁର, ମୁକୁଳ,
ମଞ୍ଜରି } ଡଙ୍କ ।

ମଞ୍ଜରିତ, ବିଂ. ମୁକୁଳିତ ।

ମଞ୍ଜା, ବି. (ମନ୍ଜ୍-ଆ) ଛାଗୀ, ମଞ୍ଜରି । (ଦେ) କଦଳୀ ବୃକ୍ଷର ମଞ୍ଜି ।

ମଞ୍ଜାରି, ବି. (ମାର୍ଜାର ଶବ୍ଦଜ) ବିରାଡ଼ି ।

ମଞ୍ଜି } 
ମଞ୍ଜୀ } ବି. (ମନ୍ଜ-ଇ) ଗାଜ ।

ମଞ୍ଜିଷ୍ଠା, ବି. ରକ୍ତବର୍ଣ୍ଣ ଲତାବିଶେଷ ।

ମଞ୍ଜୀର, ବି. (ମନଜ୍-ଈର) ଚରଣାଭରଣ, ନୂପୁର ।

ମଞ୍ଜୁ, ବିଂ. (ମନଜ୍-ଉ) ମନୋଜ୍ଞ, ସୁନ୍ଦର, ମଧୁର ।

ମଞ୍ଜୁଆତ, ବି. ମଞ୍ଜିଷ୍ଠା, ରକ୍ତବର୍ଣ୍ଣ ଲତାବିଶେଷ ।

ମଞ୍ଜୁର, ବି. (ଯା) ଅଙ୍ଗୀକାର, ଅନୁଜ୍ଞା ।

ମଞ୍ଜୁଳ, ବିଂ. (ମଞ୍ଜ୍-ଳ) ମନୋହର, ସୁନ୍ଦର, ମଧୁର।

ମଞ୍ଜୁଷା, ବି. (ମନକ୍-ଉଷ-ଆ) ସିନ୍ଦୁକ, ପେଡ଼ି ।

ମଟ (ମ)କା, ବିଂ. (ଦେ) ଭଙ୍ଗୁର, ଯାହା ସହଜରେ ଭାଙ୍ଗିଯାଏ ।

ମଟର, ବି ଏକପ୍ରକାର ଖାଦ୍ୟ ଶସ୍ୟ। (ଇଂ motor) ମଟରଗାଡ଼ି ।

ମଟାମ, ବି. (ଦେ) ସମକୋଣବିଶିଷ୍ଟ ଯନ୍ତ୍ର।

ମଟାଳ, ବିଂ. (ଦେ) କଠିନ ମୃତ୍ତିକାମୟ ।

ମଟାଳିବା, କ୍ରି. (ଦେ) ଡେରି କରିବା, କାଳବିଳମ୍ବ କରିବା ।

ମଠ, ବି. (ମଠ୍-ଅ) ମନ୍ଦିର, ଦେବାଳୟ, ଋଷି ବା ସନ୍ନ୍ୟାସିଙ୍କ ଆଶ୍ରମ, ଛାତ୍ରାବାସ । ବିଂ. ଅଳସ, ମୃଦୁ।

ମଠା, ବି. (ଦେ) ରେଶମୀ ବସ୍ତ୍ରବିଶେଷ ।

ମଠୁଆ, ବିଂ. (ଦେ) ଅଳସୁଆ ।

ମଡ଼କ, ବି. (ମରକ ଶବ୍ଦଜ) ମାରିଭୟ, ବହୁ ମନୁଷ୍ୟଙ୍କର ମୃତ୍ୟୁ।

ମଡ଼ଞ୍ଚି, ବିଂ. (ଦେ) ମୃତବତ୍ସା, ଯେଉଁ ସ୍ତ୍ରୀର ସନ୍ତାନ ବଞ୍ଚନ୍ତି ନାହିଁ ।

ମଡ଼ମଡ଼ିଆ, ବିଂ. (ଦେ) ଧଡ଼ିଆ, ଦୁର୍ବଳ ।

ମଡ଼ା, ବି. (ମରା ଶବ୍ଦଜ) ମୃତଦେହ, ଶବ । ବିଂ. ମୃତ ।

ମଢ଼, ବି. (ଦେ) ପଶୁର ମୃତଦେହ ।

ମଢ଼ିଆ, ବି. (ଦେ) ପର୍ଣ୍ଣକୁଟୀର, ପନକୁଡ଼ିଆ ।

ମଢ଼ଆଶାଙ୍କୋଳି, ବି. (ଦେ) ଗ୍ରନ୍ଥଶାଳୀରେ ଅବାଧ ଗ୍ରନ୍ଥମାନଙ୍କ ନିମିତ୍ତ ବ୍ୟବହୃତ ତାଳପତ୍ର ଶିଘ୍ରନିର୍ମିତ ବନ୍ଧନବିଶେଷ ।

ମଣ, ବି. (ମଣ୍ ଧାତୁଜ) ଆବୃତ୍ତି କରିବା, ମନେଇବା, ଅଭ୍ୟାସ ।

ମଣାଇବା, କ୍ରି. (ମଣ୍ ଧାତୁଜ) ବୁଝାଇବା ।

ମଣି
ମଣୀ } ବି.(ମଣ୍-ଇନ୍) ରତ୍ନବିଶେଷ, ମୁକ୍ତା ପ୍ରଭୃତି ।

ମଣିକାର, ବି. ( ମଣି-କୃ-ଅ ) ମଣିପରିଷ୍କାରକ, ମଣି-ପରୀକ୍ଷକ, ଜହରୀ ।

ମଣିବନ୍ଧ, ବି. ହାତର କବ୍‌ଜା, କରଗ୍ରନ୍ଥି ।

ମଣିବା, କ୍ରି. (ଦେ) ବୁଝିବା, ମନେ କରିବା ।

ମଣିମା, ବି. (ଦେଶଜ) ରଜା ରାଣୀଙ୍କ ପ୍ରତି ପ୍ରଯୁଜ୍ୟ ସମ୍ବୋଧନ ।

ମଣିଷ, ବି. (ଦେ) ମନୁଷ୍ୟ ।

ମଣୋହି, ବି. (ଦେ) ରଜାଙ୍କ ଭୋଜନ ।

ମଣ୍ଡ, ବି. ( ମଣ୍ଡ୍-ଅ ) ସାର, ଏରଣ୍ଡବୃକ୍ଷ, ଭୂଷଣ, ଭାତ ପ୍ରଭୃତିର ସୂକ୍ଷ୍ମାଂଶ, ପେଜ ।

ମଣ୍ଡଣି, ବି. (ଦେ) ଭୂଷଣ, ସଜ୍ଜା, ଗୁଣ୍ଡୁଆ ।

ମଣ୍ଡନ, ବି. (ମଣ୍ଡ୍-ଅନ) ଭୂଷଣ, ଅଳଙ୍କରଣ ।

ମଣ୍ଡପ, ବି.(ମଣ୍ଡ-ପା-ଅ) ଗୃହ, ଦେବଗୃହ, ବିବାହଗୃହ ।

ମଣ୍ଡଳ, ବି. ( ମଣ୍ଡ୍-ଅଳ ) ଚନ୍ଦ୍ର ସୂର୍ଯ୍ୟାଦିଙ୍କ ପରିଧି, ଚକ୍ରାକାର ବେଷ୍ଟନ, ସମୂହ, ପ୍ରଦେଶ, ଦେଶ ।

ମଣ୍ଡଳେଶ୍ୱର, ବି. (ମଣ୍ଡଳ-ଈଶ୍ୱର) ରାଜା, ସମ୍ରାଟ୍ ।

ମଣ୍ଡା, ବି. (ଦେ) ଏକପ୍ରକାର ପିଠା, ମିଷ୍ଟାନ୍ନବିଶେଷ ।

ମଣ୍ଡିତ, ବିଂ. (ମଣ୍ଡ୍-ତ) ଭୂଷିତ, ସଜ୍ଜିତ ।

ମଣ୍ଡିବା, କ୍ରି. (ଦେ) ଭୂଷିତ କରିବା, ସଜାଇବା ।

ମଣ୍ଡୂକ, ବି. (ମଣ୍ଡ୍-ଊକ) ଭେକ, ବେଙ୍ଗ ।

ମତ, ବି. ଅଭିପ୍ରାୟ । ବିଂ. ( ମନ୍-ତ ) ଜ୍ଞାତ, ଅଭିପ୍ରେତ, ସମ୍ମତ ।

ମତଙ୍ଗ } ବି. ମାତଙ୍ଗ, କୁଞ୍ଜର, ହସ୍ତୀ ।
ମତଙ୍ଗଜ

ମତଲବ, ବି. (ଯା) ଇଚ୍ଛା, ଅଭିପ୍ରାୟ, ଫନ୍ଦ, ଗୂଢ ।

ମତି, ବି. ( ମନ୍-ତି ) ବୁଦ୍ଧି, ଜ୍ଞାନ, ଅନ୍ତଃକରଣ, ମନଃ, ଇଚ୍ଛା ।

ମତିମାନ୍, ବିଂ. (ମତି-ମତ୍) ବୁଦ୍ଧିମାନ୍ ।

ମତୁଆଲା, ବିଂ. (ଯା) ପ୍ରମତ୍ତ, ଉନ୍ମତ୍ତ ।

ମତ୍, ସ. ମଦୀୟ, ମୋହର (ଅନ୍ୟ ଶବ୍ଦ ପୂର୍ବେ) ।

ମତ୍କୁଣ, ବି ଗୁଡ଼ିପୋକ ।

ମତ୍ତ, ବିଂ. (ମଦ୍-ତ) ଉନ୍ମତ୍ତ, ମତୁଆଲା ।

ମତ୍ତକାଶିନୀ } ବି. ( ମତ୍ତ-କାଶ(ସ)-ଇନ୍-ଈ ) ଉତ୍ତମା ସ୍ତ୍ରୀ ।
ମତ୍ତକାସିନୀ

ମତ୍ସ } ବି. (ମଦ୍-ସ, ସ୍ୟ) ମାଛ ।
ମତ୍ସ୍ୟ

ମତ୍ସର, ବି. (ମଦ୍-ସର) ବୈର, ଦ୍ୱେଷ, କ୍ରୋଧ । ବିଂ. କୃପଣ, ପରଶ୍ରୀକାତର ।

ମତ୍ସ୍ୟରଙ୍କ, ବି. ମାଛରଙ୍କା ଚଢ଼େଇ ।
ମତ୍ସରୀ, ବିଂ. (ମତ୍ସର-ଇନ୍ )ପରଶ୍ରୀକାତର, ଦୁର୍ଜନ ।
ମତ୍ସ୍ୟବେଧନ } ବି. ବଢ଼ଶ, ବଡ଼ଶୀ ।
ମତ୍ସ୍ୟବେଧନୀ }
ମତ୍ସ୍ୟାଧାନୀ, ବି. (ମତ୍ସ୍ୟ-ଧା-ଅନ-ଈ) ଖାଲୋଇ ।
ମଥନ, ବି. (ମଥ୍-ଅନ) ମନ୍ଥନ, ମୋନ୍ଥିବା, ବିନାଶ ।
ବିଂ. ବିନାଶକାରୀ ।
ମଥା, ବି. (ମସ୍ତକ ଶବ୍ଦଜ) ମସ୍ତକ, ମୁଣ୍ଡ ।
ମଥାଜାଲି, ବି. (ଦେ) ମସ୍ତକର ଅଳଙ୍କାରବିଶେଷ ।
ମଥାଦଦ୍ରୁ, ବି. (ଦେ) ତେଲ ।
ମଥାନ, ବି. (ଦେ)ଚୁଳି, ଘର ଚୁଳର ଶୀର୍ଷଭାଗ ।
ମଥିତ, ବିଂ. ( ମଥ୍-ତ ) ବିଲୋଡ଼ିତ, ମୁହାଁ ହୋଇ-
ଥିବା, ପୀଡ଼ିତ ।
ମଦ, ବି ( ମଦ୍-ଅ ) ମତ୍ତତା, ହସ୍ତିର ଗଣ୍ଡସ୍ଥଳରୁ
କ୍ଷରିତ ଜଳ, ଗର୍ବ, ମଦ୍ୟ ।
ମଦକଳ, ବିଂ. (ମଦ-କଳ) ମତ୍ତତା ହେତୁରୁ ଅସ୍ଫୁଟ
ଶବ୍ଦକାରୀ ।
ମଦତ୍, ବି. (ଦେ) ମାଦକଦ୍ରବ୍ୟବିଶେଷ । ( ଏହା
ଅଫିମ ନିର୍ଯାସରୁ ତିଆରି ହୁଏ) ।
ମଦନ, ବି. (ମଦ୍-ଅନ) କାମଦେବ, ବସନ୍ତକାଳ ।
ମଦନମୋହନ, ବି. ( ମଦନ-ମୋହନ ) ଶ୍ରୀକୃଷ୍ଣ ।
ବିଂ. ଅତି ସୁନ୍ଦର ।
ମଦନଲେଖ, ବି. ପ୍ରଣୟପତ୍ର ।

ମଦରଙ୍ଗା, ବି (ଦେ) ଏକପ୍ରକାର ଶାଗ ।
ମଦାର, ବି. (ଯା) ନର୍ଭିକ, ବିଶ୍ୱାସ ।
ମଦାଳସା, ବି. କାମୁକା ।
ମଦିର, ବିଂ. (ମଦ୍-ଇର) ମତ୍ତ ।
ମଦିରା, ବି. ସୁରା, ମଦ୍ୟ ।
ମଦିରାକ୍ଷୀ, ବିଂ. (ମଦିର-ଅକ୍ଷି) ମତ୍ତଲୋଚନା ସ୍ତ୍ରୀ ।
ମଦୀୟ, ବିଂ. (ଅସ୍ମଦ୍-ଈୟ) ମତ୍ସମ୍ବନ୍ଧୀୟ,ମୋହର ।
ମଦୁଆ, ବିଂ. (ଦେ) ମଦ୍ୟପ, ମତ୍ତ ।
ମଦୋତ୍କଟ, ବିଂ. (ମଦ-ଉତ୍କଟ) ମଦମତ୍ତ ।
ମଦ୍ଗୁର, ବି. ମାଗୁର ମାଛ ।
ମଦ୍ୟ, ବି. (ମଦ୍-ଯ) ସୁରା, ମଦିରା ।
ମଦ୍ୟପ, ବିଂ. (ମଦ୍ୟ-ପା-ଅ) ସୁରାପାୟୀ, ମଦୁଆ ।
ମଦ୍ର, ବି. ( ନାମ ) ପଞ୍ଜାବ ଅନ୍ତର୍ଗତ ପ୍ରାଚୀନ ଦେଶବିଶେଷ ।
ମଧୁ, ବି. (ମନ୍-ଉ,ନ=ଧ)ସୁରା,ମହୁ,ପୁଷ୍ପରସ,ବସନ୍ତ-କାଳ, ଚୈତ୍ର ମାସ, ମଧୁର ରସ । ବିଂ. ମଧୁର ।
ମଧୁକଣ୍ଠ, ବି. (ମଧୁ-କଣ୍ଠ) କୋକିଳ ।
ମଧୁକର, ବି. (ମଧୁ-କର) ଭ୍ରମର, ମହୁମାଛି, ଶୁଣ୍ଡି, ପ୍ରଣୟୀ, ବଲ୍ଲଭ ।
ମଧୁକୋଷ, ବି. (ମଧୁ-କୋଷ) ମହୁଫେଣା ।
ମଧୁପ, ବି. (ମଧୁ-ପ) ଭ୍ରମର, ମଧୁକର, ମହୁମାଛି ।
ମଧୁପର୍କ, ବି. ( ମଧୁ-ପୃଚ୍-ଅ ) ଘୃତ, ଶର୍କରା, ଜଳ, ଦଧି ମଧୁଯୁକ୍ତ ଭକ୍ଷ୍ୟବିଶେଷ ।

ମଧୁର, ବି. (ମଧୁ-ର-ଅ) ମିଷ୍ଟରସ । ବିଂ, ମିଷ୍ଟରସ-ଯୁକ୍ତ, ମନୋହର ।

ମଧୁବ୍ରତ, ବି. (ମଧୁ-ବ୍ରତ) ଭ୍ରମର ।

ମଧୁସୂଦନ } ବି. (ମଧୁ-ସୂଦନ,ହନ୍-କ୍ୱିପ୍) ବିଷ୍ଣୁ ।
ମଧୁହା

ମଧୂତଥ, ବିଂ. (ମଧୁ-ଉତ୍-ସ୍ଥା-ଅ) ମହମ ।

ମଧ୍ୟ, ବିଂ. (ମ-ଧା-ଯ) ମଧ୍ୟବର୍ତ୍ତୀ, ମଧ୍ୟମ, ଅଭ୍ୟନ୍ତର । ବି. କଟିଦେଶ । (ଦେ) ଅଂ ସୁଦ୍ଧା ।

ମଧ୍ୟଦିନ, ବି. (ମଧ୍ୟମ-ଦିନ) ଦିନର ମଧ୍ୟଭାଗ । ଦୁଇପ୍ରହରବେଳା ।

ମଧ୍ୟବର୍ତ୍ତୀ } ବିଂ. (ମଧ୍ୟ-ବର୍ତ୍ତିନ୍, ସ୍ଥା-ଅ) ମଧ୍ୟରେ ସ୍ଥିତ ।
ମଧ୍ୟସ୍ଥ

ମଧ୍ୟବିତ୍ତ, ବିଂ. (ମଧ୍ୟ-ବିତ୍ତ) ଯେ ଧନୀ ନୁହେ ବା ଦରିଦ୍ର ନୁହେ ।

ମଧ୍ୟମ, ବି. (ମଧ୍ୟ-ମ) ଶରୀରର ମଧ୍ୟଭାଗ ।

ମଧ୍ୟାହ୍ନ, ବି (ମଧ୍ୟ-ଅହନ୍) ଦିନର ମଧ୍ୟଭାଗ ।

ମନଃ,ବି. (ମନ୍-ଅସ୍)ଚିତ୍ତ, ଅନ୍ତଃକରଣ, ଅଭିଳାଷ ।

ମନଃସ୍ଥ } ବିଂ. (ମନଃ-ସ୍ଥା-ଅ) ମନଧେ ସ୍ଥିତ ।
ମନସ୍ଥ

ମନକୁ, କ୍ରି. ବିଂ. (ଦେ) ନିଜ ଇଚ୍ଛାରେ ।

ମନନ, ବି. (ମନ୍-ଅନ) ଚିନ୍ତା, ଅନୁମାନ ।

ମନସିଜ, ବି. (ମନସି-ଜ) କାମଦେବ ।

ମନସ୍କାମ, ବି. (ମନସ୍-କାମ) ମନର ଅଭିଳାଷ ।

ମନସ୍ତାପ, ବି. (ମନଃ-ତାପ)ମନର ପୀଡ଼ା, ଅନୁତାପ ।

ମନସ୍ୱୀ,ବିଂ. (ମନସ୍-ବିନ୍ ) ପ୍ରଶସ୍ତ ଅନ୍ତଃକରଣବିଶିଷ୍ଟ, ମହାମନାଃ । ସ୍ତ୍ରୀ. ମନସ୍ୱିନୀ ।

ମନା, ବି. (ଦେ) ନିଷେଧ, ବାରଣ ।

ମନାଇବା, କ୍ରି. (ଦେ) ଘେନାଇବା, ସମ୍ମତ କରାଇବା

ମନାସ, ବି. (ମାନସ ଶବ୍ଦଜ) ବାଞ୍ଛା, ଇଚ୍ଛା, ମନୋରଥ ।

ମନାସିବା, କ୍ରି. (ଦେ) ବାଞ୍ଛା କରିବା ।

ମନୀଷା, ବି. (ମନସ୍-ଈଷା) ବୁଦ୍ଧି, ପ୍ରଜ୍ଞା ।

ମନୀଷୀ,ବିଂ. (ମନୀଷା-ଇନ୍) ପଣ୍ଡିତ,ବିଦ୍ୱାନ୍,ବୁଦ୍ଧିମାନ୍ ।

ମନୁ, ବି. (ମନ୍-ଉ) ବ୍ରହ୍ମାଙ୍କ ପୁତ୍ର, ମନୁଷ୍ୟଜାତିର ଆଦିପୁରୁଷ, ଧର୍ମଶାସ୍ତ୍ର ପ୍ରଣେତା ମୁନିବିଶେଷ ।

ମନୁଜ, ମନୁଷ୍ୟ } ବି. (ମନୁ-ଜ,ଷ୍ୟ) ମନୁଙ୍କ ଅପତ୍ୟ, ମାନବ ।

ମନୁଷ୍ୟତା, (ତ୍ୱ), ବି. ମନୁଷ୍ୟୋଚିତ ସଦ୍‌ଗୁଣ ।

ମନୋଗତ, ବିଂ. (ମନସ୍-ଗତ)ମନସ୍ଥ, ଯାହା ମନରେ ରହିଅଛି ।

ମନୋଜ, ବି. ( ମନସ୍-ଜ ) କନ୍ଦର୍ପ, ମଦନ । ବିଂ. ମନୋଜାତ ।

ମନୋଜ୍ଞ, ମନୋରମ, ମନୋହର, ମନୋହାରୀ } ବିଂ.(ମନସ୍-ଜ୍ଞା-ଅ,ରମ୍-ଅ, ହୃ-ଅ, ହୃ-ଇନ୍ ) ବିଂ. ସୁନ୍ଦର ।

ମନୋଜ୍ଞାତ, ବିଂ. (ମନସ୍-ଜ୍ଞା-ତ) ମନୋମତ, ମନର ଅଭିଳଷିତ ।

ମନୋରଞ୍ଜନ, ବିଂ. (ମନଃ-ରଞ୍ଜନ) ଚିତ୍ତର ପ୍ରଫୁଲ୍ଲତା ବିଧାୟକ । ବି. ଚିତ୍ତ ପ୍ରହ୍ଲାଦନ ।

ମନୋରଥ, ବି. (ମନସ୍-ରଥ) ଇଚ୍ଛା, ମନର ବାସନା ।

ମନୋରମ, ବିଂ. (ମନସ୍-ରମ) ସୁନ୍ଦର, ସନ୍ତୋଷ-ଦାୟକ ।

ମନ୍ତବ୍ୟ, ବିଂ. (ମନ୍-ତବ୍ୟ) ଚିନ୍ତନୀୟ, ମନନୀୟ, ବିଗ୍ଣୟ । ବି. ମତ ।

ମନ୍ତ୍ର, ବି. ( ମନ୍ତ୍ର୍-ଅ ) ବେଦର ଅଂଶବିଶେଷ, ବଶୀ-କରଣସାଧନ ବାକ୍ୟ, ଗୁରୁଦତ୍ତ ଦୀକ୍ଷା ପଦ, ପୂଜାର ବାକ୍ୟ, ମନ୍ତ୍ରଣା ।

ମନ୍ତ୍ରଣା, ବି. (ମନ୍ତ୍ର-ଅନ୍-ଆ) ଗୋପନରେ ପରାମର୍ଶ, ମନ୍ତ୍ର, ବିଗ୍ଣର ।

ମନ୍ତ୍ରୀ, ବି. ( ମନ୍ତ୍ର-ଇନ୍ ) ଅମାତ୍ୟ, ସଚିବ । ବିଂ. ପରାମର୍ଶଦାତା ।

ମନ୍ଥ } ବିଂ. (ମନ୍ଥ୍-ଅ-ଅନ) ମନ୍ଥନଦଣ୍ଡ, ବିନାଶ,
ମନ୍ଥନ } ମୋହିଁବା, ଆଲୋଡ଼ନ ।

ମନ୍ଥର, ବିଂ. (ମନ୍ଥ-ଅର) ମନ୍ଦଗାମୀ, ଅଳସ, ଜଡ଼, ପ୍ରକାଣ୍ଡ, ମୀଚ ।

ମନ୍ଦ, ବିଂ. (ମନ୍ଦ୍-ଅ) ଜଡ଼, ଅଳସ, ମୃଦୁ ।

ମନ୍ଦର, ବି. ଯେଉଁ ପର୍ବତକୁ ମନ୍ଥନଦଣ୍ଡ କରି ଦେବାସୁରମାନେ ସମୁଦ୍ରମନ୍ଥନ କରିଥିଲେ ।

ମନ୍ଦା, ବି. (ଦେ.) ମଳା, ଦଳ, ସମୂହ ।

ମନ୍ଦାଏ, ବିଂ. (ଦେ) ଅଳ୍ପପରିମିତ (ପାଣି) ।

ମନ୍ଦାକିନୀ, ବି. (ମନ୍ଦ-ଅକ୍-ଇନ୍-ଈ) ସ୍ୱର୍ଗଗଙ୍ଗା ।
ମନ୍ଦାକ୍ଷ, ବି. ( ମନ୍ଦ-ଅକ୍ଷ ) ଲଜ୍ଜା, ତ୍ରପା । ବିଂ. ସଙ୍କୁଚିତନେତ୍ର ।
ମନ୍ଦାଗ୍ନି, ବି. (ମନ୍ଦ-ଅଗ୍ନି)କ୍ଷୁଧାର ଅଳ୍ପତା,କ୍ଷୁଧାମାନ୍ଦ୍ୟ ।
ମନ୍ଦାର, ବି. (ମନ୍ଦ-ଆର) ସ୍ୱର୍ଗୀୟ ଦେବତରୁବିଶେଷ, ସ୍ୱର୍ଗୀୟ ବୃକ୍ଷବିଶେଷ, ଜବାଫୁଲ ।
ମନ୍ଦିର, ବି. (ମନ୍ଦ୍-ଇର) ଗୃହ, ଭବନ, ଦେବଗୃହ, ନଗର, ପୁର ।
ମନ୍ଦିରା, ବି. କାଂସ୍ୟନିର୍ମିତ ବାଦ୍ୟଯନ୍ତ୍ରବିଶେଷ ।
ମନ୍ଦୀଭୂତ, ବିଂ. (ମନ୍ଦ-ଚ୍ୱି-ଭୂ-ତ) ଅଳ୍ପୀଭୂତ, କମ ହୋଇଯିବା, ଜଡ଼ୀଭୂତ ।
ମନ୍ଦୁରା, ବି. (ମନ୍ଦ-ଉର-ଆ)ଅଶ୍ୱଶାଳା । (ଦେ)ବ୍ରେଁସ ।
ମନ୍ଦୋଦରୀ, ବିଂ. ( ମନ୍ଦ-ଉଦର-ଈ ) କ୍ଷୀଣୋଦରୀ ସ୍ତ୍ରୀ । ବି. ରାବଣର ସ୍ତ୍ରୀ ।
ମନ୍ଦ୍ର, ବିଂ. ଗମ୍ଭୀର । ବି. ବାଦ୍ୟଯନ୍ତ୍ରବିଶେଷ ।
ମନ୍ମଥ, ବି. ( ମନସ୍-ମଥ୍-ଅ ) କାମଦେବ, କନ୍ଦର୍ପ ।
ମନ୍ମନ, ବି. (ମନସ୍-ମନ୍-ଅ) ଗଦ୍ଗଦଧ୍ୱନି, ଅସ୍ପଷ୍ଟ ଶବ୍ଦ ।
ମନ୍ୟୁ, ବି. ( ମନ୍-ଯୁ ) ଶୋକ, କ୍ରୋଧ, ଯଜ୍ଞ ।
ମନ୍ୱନ୍ତର, ବି. ମନୁଙ୍କ ରାଜ୍ୟଶାସନ କାଳ ।
ମପା, ବି. (ଦେ) ମାପ, ମାପିବା ।
ମଫସଲ, ବି. (ଯା) ପଲ୍ଲୀଗ୍ରାମସମୂହ ।
ମଫସଲିଆ }
ମଫସଲି } ବିଂ. ଗ୍ରାମ୍ୟ, ଅଶିକ୍ଷିତ ।

ମମ, ସର୍ବନାମ. (ଅସ୍ମଦ୍ ଶବ୍ଦଜ) ଆମ୍ଭର, ମୋହର ।

ମମତା } ବି. ( ମମ-ତା, ତ୍ୱ ) ମାୟା, ଅହଙ୍କାର,
ମମତ୍ୱ } ସ୍ନେହ ।

ମୟ୍, ବି. ଦାନବଶିଳ୍ପୀ, ବ୍ୟାକରଣ ପ୍ରତ୍ୟୟବିଶେଷ ।

ମୟଦାନ, ବି. (ଯା) କ୍ଷେତ୍ର, ପଡ଼ିଆ ।

ମୟୂଖ, ବି. (ମା-ଊଖ) କିରଣ, ଦୀପ୍ତି, ଶୋଭା ।

ମୟୂଖମାଳୀ, ବି. ( ମୟୂଖ-ମାଳା-ଇନ୍ ) ସୂର୍ଯ୍ୟ ।

ମୟୂର, ବି. (ମୀ-ଊର, ନିପାତନ) ପକ୍ଷିବିଶେଷ, ଶିଖୀ ।

ମର, ବି. (ମୃ-ଅ) ମରଣ । ବିଂ. ମରଣାଧୀନ ।

ମରକ, ବି. (ମୃ-ଅକ) ମାରୀ, ମଡ଼କ ।

ମରକତ, ବି. ହରିଦ୍ବର୍ଣ୍ଣ ମଣିବିଶେଷ ।

ମରଜି, ବି. (ଯା) ଇଚ୍ଛା, ଅଭିପ୍ରାୟ ।

ମରଣ, ବି. (ମୃ-ଅନ) ମୃତ୍ୟୁ, ଦେହନାଶ ।

ମରଦ୍ }
ମର୍ଦ୍ଦ } ବି. (ଯା) ପୁରୁଷ ।

ମରନ୍ଦ, ବି. ମକରନ୍ଦ, ପୁଷ୍ପରସ ।

ମରା, ବି. (ଦେ) ମଡ଼ା, ଶବ, ମୃତ ।

ମରାମତି, (ତ), ବି. (ଯା) ସଂସ୍କାର, ସଜାଡ଼ିବା ।

ମରାମର, ବି. (ମର-ଅମର) ମନୁଷ୍ୟ ଓ ଦେବତାଦି ।

ମରାମରି, ବି (ଦେ) ପରସ୍ପରକୁ ମାରିବା ।

ମରାଳ, ବି. (ମୃ-ଆଳ) ରାଜହଂସ ।

ମରୀଚ, ବି. (ମୃ-ଈଚ, ଇଚ) ଗୋଲମରିଚ ।

ମରିବା, କ୍ରି. (ଦେ) ପ୍ରାଣତ୍ୟାଗ କରିବା ।

ମରୀଚ, ବି. (ମୃ-ଈଚ)କିରଣ, ରଶ୍ମି, ମୁନିବିଶେଷ ।
ମରୀଚିକା, ବି. ( ମରୀଚି-କ-ଆ ) ମୃଗତୃଷ୍ଣା, ସୂର୍ଯ୍ୟ
କିରଣରେ ଜଳଭ୍ରମ ।
ମରୀଚିମାଳୀ, ବି. ( ମରୀଚିମାଳା-ଇନ୍ ) ସୂର୍ଯ୍ୟ ।
ମରୁ, ବି. (ମୃ-ଉ) ଜଳତୃଣାଦିଶୂନ୍ୟ ପ୍ରଦେଶ ।
ମରୁଆ, ବି. (ଦେ) ସୁଗନ୍ଧ ପୁଷ୍ପବିଶେଷ ।
ମରୁଡ଼ି, ବି. (ଦେ) ଅନାବୃଷ୍ଟି, ଶସ୍ୟନାଶ, ମହାମାରୀ ।
ମରୁତ୍ } ବି. ( ମୃ-ଉତ୍, ମରୁତ୍-ଅ ) ବାୟୁ,
ମରୁତ } ଦେବତା ।
ମରୁତ୍ୱାନ୍, ବି. (ମରୁତ୍-ବତ୍)ଇନ୍ଦ୍ର, ହନୁମାନ୍, ମେଘ ।
ମରୁଭୂମି, ବି. (ମରୁ-ଭୂମି) ମରୁ, ବାଲୁକାମୟ ଭୂମି ।
ମରେଇ, ବି. (ଦେ) କୁଣ୍ଡାରେ ତିଆରି ଧାନ ଅମାର ।
ମର୍କଟ, ବି. (ମର୍କ-ଅଟ) ବାନର, ମାକଡ଼ ।
ମର୍ତ୍ତ୍ୟ, ବି. (ମୃତ-ଯ) ମନୁଷ୍ୟ, ମଧ୍ୟମଲୋକ, ପୃଥିବୀ ।
ମର୍ଦ୍ଦନ, ବି. (ମୃଦ୍-ଅନ) ପେଷଣ, ଦଳନ, ଚୂର୍ଣ୍ଣନ,
ଅଙ୍ଗମର୍ଦ୍ଦନ ।
ମର୍ଦ୍ଦଳ, ବି. (ଦେ) ମାଦଳନାମକ ବାଦ୍ୟଯନ୍ତ୍ର ।
ମର୍ଦ୍ଦିତ, ବିଂ. (ମୃଦ୍-ଣିଚ୍-ତ) ଦଳିତ ।
ମର୍ମ, ବି. (ମୃ-ମନ୍) ଶରୀରର ସନ୍ଧିସ୍ଥାନ, ହୃଦୟର
ଅନ୍ତସ୍ଥଳ, ତାତ୍ପର୍ଯ୍ୟ, ଗୂଢ଼ କଥା ।
ମର୍ମଜ୍ଞ, ବିଂ. (ମର୍ମ-ଜ୍ଞା-ଅ) ତାତ୍ପର୍ଯ୍ୟଗ୍ରାହୀ, ପଣ୍ଡିତ ।
ମର୍ମଭେଦୀ, ବିଂ. ( ମର୍ମ-ଭିଦ-ଇନ ) ମର୍ମପୀଡ଼କ,
ଆନ୍ତରିକ ପୀଡ଼ାଦାୟକ ।

ମର୍ମର, ବି. (ମୃ-ଅର) ଶୁଷ୍କ ପତ୍ରାଦିର ଅବ୍ୟକ୍ତ ଧ୍ୱନି, ମଡ଼ମଡ଼ ।

ମର୍ମାନ୍ତକ, ବିଂ. (ମର୍ମ-ଅନ୍ତକ) ଆନ୍ତରିକ, ମର୍ମପୀଡ଼କ ।

ମର୍ଯ୍ୟାଦା, ବି. ( ଯର-ଆ-ଦା-ଅ, ଯ=ମ ) ସମ୍ମାନ, ଗୌରବ ।

ମର୍ଷଣ, ବି. (ମୃଷ୍-ଅନ) କ୍ଷମା, ସହିଷ୍ଣୁତା ।

ମଳ, ବି. ( ମଳ୍-ଅ ) ବିଷ୍ଠା, ମୂତ୍ର, ଶ୍ଳେଷ୍ମ, ରକ୍ତ, ପୂଜ ପ୍ରଭୃତି ଶରୀରର ମଇଳା, ପାପ, କଳଙ୍କ ।

ମଲମ୍, ବି. (ଯା) ଲେପମାତ୍ର ଔଷଧ ।

ମଳମାସ, ବି. (ମଳ-ମାସ) ଅଧିମାସ, ମାସବୃଦ୍ଧି ।

ମଲମ୍ବା, ବି. (ବଙ୍ଗୀୟ) ତମ୍ବା ଉପରେ ଗିଲ୍ଟି ।

ମଳୟ, ବି. (ମଲ୍-ଇ-ଅ) ପର୍ବତବିଶେଷ, ଚନ୍ଦନାଦ୍ରି ।

ମଳୟଜ, ବି. ଚନ୍ଦନ । ବିଂ. ମଳୟଜାତ ।

ମଳୟାନିଳ, ବି. (ମଳୟ-ଅନିଳ) ବସନ୍ତକାଳୀନ ବାୟୁ ।

ମଳା, ବି. (ଦେ) ମନ୍ଦା, କୁଠାର ବଇଠି, ଦଳିବା ।

ମଲା, ବିଂ. (ଦେ) ମୃତ ।

ମଲଟ, ବି. (ଦେ) ବହି ଉପରେ ଥିବା ଆଚ୍ଛାଦନ ।

ମଳି, ବି. (ଦେ) ଜମିଥିବା ମଇଳା ।

ମଳିଆ, ବିଂ. (ଦେ) ମଳିନ ।

ମଲ୍ଲି(ଲ)କଢ଼ୀ, ବି. (ଦେ) କଣ୍ଠଭୂଷଣବିଶେଷ ।

ମଳିନ, ବିଂ. (ମଳ-ଇନ) ମଳଯୁକ୍ତ, ମଇଳା ।

ମଳିନିମା, ବି. (ମଳିନ-ଇମନ୍) ମଳିନତା ।

ମଳିବା, କ୍ରି. (ଦେ) ହସ୍ତପଦାଦି ଦ୍ୱାରା ଦଳିବା ।

ମଲ୍ଲ, ବଂ. (ଦେ) ରୋଗୀ ।

ମଲେଇ, ବ. (ଦେ) କୁଟାରେ ପ୍ରସ୍ତୁତ ଧାନ ଅମାର ।

ମଲ୍ଲ, ବି. (ମଲ୍ଲ-ଅ) ବାହୁଯୋଦ୍ଧା, ମାଲ ।

ମଲ୍ଲି ,(ଲ୍ଲୀ), ବ. (ମଲ୍ଲ୍-ଇ,(ଈ) ) ମଲ୍ଲିକା, ମଲ୍ଲିଫୁଲ ।

ମଶକ, ବି. (ମଶ୍-ଅକ) ମଶା ।

ମଶଲା, ବି. ସୁଗନ୍ଧଦ୍ରବ୍ୟ, ଉପକରଣ ।

ମଶହରୀ, ବି. (ମଶ—ହୃ-ଇନ୍) ମଶାରି ।

ମଶା, ବି (ମଶକ ଶବ୍ଦଜ) ଦଂଶକ କୀଟବିଶେଷ ।

ହିଂ ଭରି, ଚର୍ମର ଜଳମୁଣା ।

ମଶାଣି, ବି. (ଶ୍ମଶାନ ଶବ୍ଦଜ) ସମାଧିସ୍ଥାନ,ପ୍ରେତଭୂମି ।

ମଶାଲ, ବି. (ଦେ) ହାତୁଡ଼ି ।

ମସକା, ବିଂ. (ଦେ) ମଟକା, ଯାହା ଅଳ୍ପ ଆଘାତରେ ଭାଙ୍ଗିଯାଏ ।

ମସଜିଦ୍, ବି. (ଯା) ମୁସଲମାନଙ୍କ ନମାଜଘର ।

ମସାର, ବି. (ମସ୍-ଋ-ଅ) ଇନ୍ଦ୍ରନୀଳ ମଣି ।

ମସି, (ସୀ) } ବି. ( ମସ୍,ମଶ୍-ଇ,ଈ ) ଲେଖିବା
ମଶି, (ଶୀ) } କାଳୀ ।

ମସୀଜୀବୀ, ବି. ଯେ ଲେଖିବା ଦ୍ୱାରା ଜୀବିକାର୍ଜନ କରେ, ଲେଖକ ।

ମସିଣା, ବି. (ଦେ) ବିଛଣା, ଚଟେଇ ।

ମସୁର, ବି. (ଦେ) ଏକପ୍ରକାର ଡାଲି ।

ମସୂରିକା, ବ. (ଦେ) ବସନ୍ତ ରୋଗ ।

ମସଣ, ବି. (ମସ୍-ରଣ) କୋମଳ, ସ୍ନିଗ୍ଧ, ଚିକ୍କଣ ।

ମସ୍କରୀ, ବି. (ଦେ) ପରିହାସକ, ଭଣ୍ଡ ।

ମସ୍କରୀ, ବି. ( ମସ୍କର-ଇନ୍ ) ଭିକ୍ଷୁ, ଚତୁର୍ଥାଶ୍ରମୀ, ଚନ୍ଦ୍ର ।

ମସ୍ତକ, ବି. (ମସ୍ତ-କ) ଶିରଃ, ମୁଣ୍ଡ, ଅଗ୍ରଭାଗ ।

ମସ୍ତିଷ୍କ, ବି. (ମସ୍-ତି-ଅ ନିପାତନ) ମଗଜ ।

ମହ,(ଃ), ବି. ତେଜଃ, ଦୀପ୍ତି, ଉତ୍ସବ, ଯଜ୍ଞ ।

ମହକ, ବି. ( ଦେ ) ବହୁଦୂରବ୍ୟାପୀ ସୁଗନ୍ଧ । କ୍ରି. ମହକିବା ।

ମହକଲ,(କୁଲ୍), ବି. (ଯା) ମୌକଲ୍, ମକ୍କେଲ୍ ।

ମହଙ୍ଗା, ବି. (ଦେ) ମହାର୍ଘ ।

ମହଣ, ବି. (ଦେ) ମହମ, ୪୦ ସେର ପରିମାଣ ।

ମହତ୍, ବି. (ମହ୍-ଅତ୍) ବୃହତ୍, ବଡ଼, ପ୍ରବଳ, ଅଧିକ, ପ୍ରଧାନ ।

ମହତ୍ତ୍ୱ, ବି. (ମହତ୍-ତ୍ୱ) ପ୍ରାଧାନ୍ୟ, ପ୍ରକର୍ଷ ।

ମହନୀୟ, ବିଂ. (ମହ୍-ଅନୀୟ) ପୂଜନୀୟ, ମାନ୍ୟ ।

ମହନ୍ତ, ବି. (ଦେ) ମଠର ଅଧ୍ୟକ୍ଷ ।

ମହମବତି, ନ (ଦେ) ମହମରେ ତିଆରି ବତି ।

ମହରଗ, (ର୍ଗ), ବିଂ. (ଦେ) ମହଙ୍ଗା ।

ମହର୍ଷି, ବି. (ମହା-ଋଷି) ପ୍ରଧାନ ଋଷି, ବ୍ୟାସ ପ୍ରଭୃତି ।

ମହଲତ୍, ବି. (ଯା) ଅବକାଶ, ଅବସର ।

ମହଲ୍ଲା, ବି. (ଯା) ଘର, ପୁର, ଡାଲା ।

ମହା, ବିଂ. (ମହତ୍ ଶବ୍ଦଜ) ବଡ଼ ।

ମହାଜନ, ବିଂ. ( ମହତ୍-ଜନ ) ସାଧୁ, ଉତ୍ତମର୍ଣ୍ଣ, ବ୍ରାହ୍ମଣମଣ୍ଡଳୀ ।

ମହାଜନ, ବି. (ଦେ) ଋଣଦାନ ।

ମହାତ୍ମା, ବି. (ମହତ୍‌-ଆତ୍ମନ୍) ମହାମନାଃ, ମହାଶୟ, ବଦାନ୍ୟ ।

ମହାଦେଈ, ବି. (ଦେ) ପାଟରାଣୀ ।

ମହାଦେବ, ବି. (ମହାନ୍‌-ଦେବ) ପରମେଶ୍ୱର, ଶିବ ।

ମହାଦେବୀ, ବି. ଦୁର୍ଗା, ପାଟରାଣୀ ।

ମହାଦେଶ, ବି. ଅନେକ ଦେଶଯୁକ୍ତ ବିସ୍ତୀର୍ଣ୍ଣ ଭୂଭାଗ ।

ମହାଧାତୁ, ବି. ସୁବର୍ଣ୍ଣ ।

ମହାନଦୀ, ବି. ଓଡ଼ିଶାର ବୃହତ୍ତମ ନଦୀ ।

ମହାନସ, ବି. ରନ୍ଧନଗୃହ, ରୋଷେଇଶାଳ ।

ମହାନିଦ୍ରା, ବି. ମୃତ୍ୟୁ, ମରଣ, ନିମୀଳନ ।

ମହାନୁଭବ } ବି. ( ମହତ୍‌-ଅନୁଭବ,ଅନୁଭାବ )
ମହାନୁଭାବ } ଉଦାରସ୍ୱଭାବ ।

ମହାପୁରୁଷ, ବି. ମହାତ୍ମା, ପରମେଶ୍ୱର ।

ମହାପ୍ରଭୁ, ବି (ମହତ୍‌-ପ୍ରଭୁ) ପରମେଶ୍ୱର ।

ମହାପ୍ରସାଦ, ବି. ଦେବୋଦ୍ଦେଶ୍ୟରେ ନିବେଦିତ ଦ୍ରବ୍ୟ, ଜଗନ୍ନାଥଙ୍କ ଭୋଗ ।

ମହାଫିଜ୍, ବି. (ଯା) ଅଭିଭାବକ, ସରକାରୀ କାଗଜ ପତ୍ର ଯାହା ଜିମାରେ ରହେ ।

ମହାବଳ, ବିଂ. ଅତି ବଳିଷ୍ଠ । ବି. ବଡ଼ ବାଘ ।

ମହାବ୍ରାହ୍ମଣ, ବି. ନୀଚ ବ୍ରାହ୍ମଣ ।

ମହାଭାଗ, ବି. (ମହତ୍‌-ଭାଗ) ଅତିଶୟ ସୌଭାଗ୍ୟଶାଳୀ, ମହାଶୟ ।

ମହାଭାରତ, ବି. ଭାରତର ସୁପ୍ରସିଦ୍ଧ ଐତିହାସିକ ପୁରାଣ ।

ମହାଭୁଜ, ବିଂ. (ମହତ୍-ଭୁଜ) ପ୍ରଭୂତ ବିକ୍ରମଶାଳୀ ।

ମହାଭୂତ, ବି. (ମହତ୍-ଭୂତ) ପଞ୍ଚଭୂତ—କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ।

ମହାମନା, ବିଂ. (ମହତ୍-ମନସ୍) ଉଦାରଚିତ୍ତ ।

ମହାମହିମ, ବିଂ (ମହାନ୍-ମହିମା) ଅତି ମହିମାନ୍ୱିତ ।

ମହାମାଂସ, ବି. ନରମାଂସ ।

ମହାମାତ୍ର, ବି. (ମହତ୍-ମାତ୍ରା)ରାଜମନ୍ତ୍ରୀ,ମହାବିଭୂତି-ସମ୍ପନ୍ନ ବ୍ୟକ୍ତି ।

ମହାମାୟା, ବି. ଦୁର୍ଗା ।

ମହାମାରୀ, ବି. ଅତ୍ୟନ୍ତ ମଡ଼କ ।

ମହାଯାତ୍ରା ବି. ଯେଉଁ ଯାତ୍ରାରୁ ଆଉ ଫେରନ୍ତି ନାହିଁ, ମୃତ୍ୟୁ ।

ମହାରଥ, ବି. ବଡ଼ ବୋଦ୍ଧା ।

ମହାରାଜ, ବି. (ମହାନ୍-ରାଜା) ସମ୍ରାଟ୍ ।

ମହାର୍ଘ / ମହାର୍ହ } ବିଂ. (ମହତ୍-ଅର୍ଘ, ଅର୍ହ ) ମହାମୂଲ୍ୟ ।

ମହାଳୟା, ବି. ଆଶ୍ୱିନ ପିତୃପକ୍ଷର ଅମାବାସ୍ୟା ।

ମହାବାହୁ, ବିଂ. ଅତି ବଳଶାଳୀ, ବଳୀୟାରଭୁଜ, ପରମେଶ୍ୱର ।

ମହାବିଷୁବ, ବି. ମେଷସଂକ୍ରାନ୍ତି ।

ମହାବୀର, (ର୍) ବି. ବଡ଼ ଯୋଦ୍ଧା, ହନୁମାନ୍ ।

ମହାବ୍ୟାଧି, ବି. କୁଷ୍ଠରୋଗ ।

ମହାଶଙ୍ଖ, ବି. ଲକ୍ଷ କୋଟି, ୧୦ ନିଖର୍ବ ସଂଖ୍ୟା ।

ମହାଶୟ, ବିଂ. (ମହତ୍‌-ଆଶୟ) ମହାମନାଃ, ମହାତ୍ମା ।

ମହାଷ୍ଟମୀ, ବି. ଆଶ୍ୱିନ ଶୁକ୍ଲାଷ୍ଟମୀ ।

ମହିମା, ବି. ( ମହତ୍‌-ଇମନ୍ ) ମାହାତ୍ମ୍ୟ, ଗୌରବ, ଐଶ୍ୱର୍ଯ୍ୟ ।

ମହିଳା, ବି. (ମହ୍‌-ଇଲ୍‌-ଆ) ନାରୀ, ଯୋଷିତ୍‌, ସ୍ତ୍ରୀ ।

ମହିଷ, ବି (ମହ୍‌-ଇଷ) ପଶୁବିଶେଷ, ଯମଙ୍କ ବାହନ, ଅସୁରବିଶେଷ ।

ମହିଷକିପା, ବି. (ଦେ) ମଇଁଷିବେକର କାଠଘଣ୍ଟି ।

ମହିଷବାହନ, ବି. ଯମ ।

ମହିଷମର୍ଦ୍ଦିନୀ, ବି. ଦୁର୍ଗା ।

ମହିଷାଳ, ବି. (ଦେ) ଯେ ମହିଷ ଚରାଏ ।

ମହିଷୀ, ବି. (ମହିଷ-ଈ) ସ୍ତ୍ରୀ ମହିଷ, କୃତାଭିଷେକା ରାଜ୍ଞୀ ।

ମହୀ } ବି. (ମହ୍‌-ଈ) ପୃଥିବୀ ।
ମହି }

ମହୀଧର, ବି. (ମହୀ-ଧୃ-ଅ) ପର୍ବତ, କ୍ଷିତିଧର ।

ମହୀପତି, (ପାଳ), ବି. ରାଜା, ଭୂପତି ।

ମହୀୟସୀ, ବିଂ. ଅତି ମହତୀ ।

ମହୀୟାନ୍, ବିଂ. ( ମହତ୍‌-ଇୟସ୍ ) ଅତି ମହତ୍‌, ମହାତ୍ମା, ଉତ୍ତମ ।

ମହୀରୁହ, ବି. (ମହୀ-ରୁହ )ବୃକ୍ଷ, ଗଛ ।

ମଞ୍ଜୁଲତା, ବି. (ମଞ୍ଜୁ-ଲତା) କଞ୍ଜୁଳ, ଜଆ ।
ମହୁ, ବି. (ଦେ) ମଧୁ ।
ମହୁଡ଼, ବି. (ଦେ) ମୁକୁଟ, ଚୂଡ଼ା, ମୋହର ।
ମହୁର, ବି. (ଦେ) ଏକପ୍ରକାର ବ୍ୟଞ୍ଜନ ।
ମହୁରି, ବି. (ଦେ) ଏକପ୍ରକାର ସ୍ଥାବର ବିଷ ।
ମହୁରି, (ଦେ) ବି. ପେଁକାଳି, ତୂରୀ ।
ମହୁଲ, ବି. (ଦେ) ମଧୂକବୃକ୍ଷ ଓ ତାହାର ଫଳ ।
ମହେନ୍ଦ୍ର, ବି. (ମହତ୍-ଇନ୍ଦ୍ର) ଇନ୍ଦ୍ର, ପର୍ବତବିଶେଷ ।
ମହେଶ } ବି. ( ମହତ୍-ଈଶ, ଈଶ୍ୱର ) ଶିବ,
ମହେଶ୍ୱର } ପରମେଶ୍ୱର ।
ମହେଷ୍ୱାସ, ବିଂ. (ମହତ୍-ଇଷୁ-ଆସ୍-ଅ)ମହାଧନୁର୍ଦ୍ଧର ।
ମହୋକ୍ଷ, ବି. (ମହତ୍-ଉକ୍ଷନ୍) ବଡ଼ ବୃଷଭ ।
ମହୋତ୍ସବ, ବି. (ମହତ୍-ଉତ୍ସବ) ବଡ଼ ଆନନ୍ଦଜନକ ବ୍ୟାପାର ।
ମହୋଦଧି, ବି. (ମହତ୍-ଉଦଧି) ସମୁଦ୍ର, ମହାସମୁଦ୍ର ।
ମହୋଦୟ, ବିଂ. ଅତି ସମୃଦ୍ଧ, ଅତ୍ୟୁନ୍ନତ ।
ମା, ଅଂ. ( ମା-୦ ) ନିଷେଧ, ବିକଳ୍ପ, ନିଷେଧ । ବି. ଲକ୍ଷ୍ମୀ, ମାତା ।
ମାଇଁ, ବି. (ଦେ) ମାମୁଁର ସ୍ତ୍ରୀ ।
ମାଇକିନିଆ, ବି. (ଗ୍ରା) ସ୍ତ୍ରୀ, ନାରୀ ।
ମାଇଚିଆ, ବିଂ. (ଦେ) ସ୍ତ୍ରୀପ୍ରକୃତିକ (ପୁରୁଷ) ।
ମାଇପ, ବି. (ଗ୍ରା) ଭାର୍ଯ୍ୟା ।
ମାଈ, ବିଂ. (ଦେ) ସ୍ତ୍ରୀ ।

ମାଉଁସ, ବି. (ଦେ) ମାଂସ ।

ମାଉସୀ, ବି. (ମାତୃଷ୍ୱସୃ ଶବ୍ଦଜ) ମାତାର ଭଗିନୀ ।

ମାଂସ, ବି. (ମନ-ସ) ପିଶିତ, ଶରୀରାଂଶବିଶେଷ ।

ମାଂସଳ, ବିଂ. (ମାଂସ-ଳ) ବଳବାନ୍, ସ୍ଥୂଳ, ମୋଟା ।

ମାଂସାଶୀ, ବିଂ. ( ମାଂସ-ଆଶୀ ) ମାଂସଭକ୍ଷକ, ଯେ ମାଂସ ଭକ୍ଷଣ କରେ ।

ମାକଡ଼<br>ମାଙ୍କଡ଼ } ବି. (ମର୍କଟ ଶବ୍ଦଜ) ବାନର, କପି ।

ମାକଡ଼ସା<br>ମାଙ୍କଡ଼ସା } ବି. ଲୂତା, ଊର୍ଣ୍ଣନାଭ ।

ମାକନ୍ଦ, ବି. ଆମ୍ବଗଛ, ଆମ୍ବ ।

ମାଙ୍ଗର, ବିଂ. (ଦେ) ରୁକ୍ଷ, ନୁଖୁର ।

ମାଖିବା, କ୍ରି. (ଦେ) ଲେପିବା, ବୋଳିବା ।

ମାଖନା, ବି. ( ଦେ ) ଯେଉଁ ପୁରୁଷ ମୁହଁରେ ବାଳ ଉଠେ ନାହିଁ ।

ମାଗଣ, ବି. (ଦେ) ଭେଦା, ଗୁନ୍ଦା ।

ମାଗଣା, ବିଂ. ବିନାମୂଲ୍ୟ, ପୋଲି ।

ମାଗଧ, ବି. (ମଗଧ-ଅ) ସ୍ତୁତିପାଠକ, ଭଟ ।

ମାଗିଖିଆ, ବିଂ. (ଦେ) ପୋଲିଖିଆ, ଭିଖାରି ।

ମାଗିବା, କ୍ରି. (ଦେ) ମାଗୁଣି ।

ମାଗୁଣି, ବି. (ଦେ) ପ୍ରାର୍ଥନା ।

ମାଗୁର, ବି. (ଦେ) ଏକପ୍ରକାର ମାଛ ।

ମାଘ, ବି. ( ମଘା-ଅ ) ଦଶମ ମାସ, ଶିଶୁପାଳବଧ କାବ୍ୟ, ନୃପବିଶେଷ ।

ମାଙ୍କଡ଼, ବି. (ଦେ) ମର୍କଟ ।

ମାଙ୍କଡ଼ୀ, ବି (ଦେ) ଏକପ୍ରକାର କଣ୍ଠଭୂଷଣ । ସ୍ତ୍ରୀ. ମର୍କଟୀ ।

ମାଙ୍ଗ, ବି. (ଦେ) ସୀମନ୍ତ, ସିନ୍ଥି ।

ମାଙ୍ଗଳିକ, ମାଙ୍ଗଲ୍ୟ } ବିଂ. (ମଙ୍ଗଳ-ଇକ, ଯ) ମଙ୍ଗଳକର, ଶୁଭଜନକ ।

ମାଛ, ବି. (ମତ୍ସ୍ୟ ଶବ୍ଦଜ) ମୀନ, ମତ୍ସ୍ୟ ।

ମାଛରଙ୍କା, ବି. (ଦେ) ପକ୍ଷିବିଶେଷ ।

ମାଛି, ବି. (ମକ୍ଷିକା ଶବ୍ଦଜ) ପତଙ୍ଗବିଶେଷ ।

ମାଜଣା, ବି. (ଦେ) ସ୍ନାନ, ମାର୍ଜନା ।

ମାଜିବା, କ୍ରି. (ଦେ) ପରିଷ୍କାର କରିବା ।

ମାଝି, ବି. (ଦେ) ନାଉରି, ନାବିକ ।

ମାଞ୍ଚୁଆ, ବି. (ଦେ) ମୋଢ଼ା, ଶ୍ରେଷ୍ଠ ଚୌକି ।

ମାଟି, ବି. (ମୃତ୍ତିକା ଶବ୍ଦଜ) ଭୂମି ।

ମାଟିଆ, ବିଂ. (ଦେ) ମୃତ୍ତିକାବର୍ଣ୍ଣଯୁକ୍ତ ।

ମାଟେଇବା, କ୍ରି. (ଦେ) ସ୍ଥଗିତ ହେବା, ଗତରେ ଧୀରତା ଆସିବା ।

ମାଠ, ବି. (ଦେ) ମୋଟା ଗୁଦର ।

ମାଠିଆ. ବି. (ଦେ) ଘଟ, ମୃତ୍ତିକାପାତ୍ରବିଶେଷ ।

ମାଠିବା, କ୍ରି. (ଦେ) ଚିକ୍କଣ କରିବା ।

ମାଡ଼, ବି. (ଦେ) ପ୍ରହାର ।

ମାଢ଼ିବା, କ୍ରି. (ଦେ) ଚପିବା, ଦାବିବା, ଲଟେଇବା, ଘୋଟି ଆସିବା ।

ମାଡ଼ୁଆ, ବିଂ. ( ଦେ ) ମାଡ଼ ଖାଇବାରେ ଉପଯୁକ୍ତ ବା ଅଭ୍ୟସ୍ତ ।

ମାଢ଼, ବି. (ଦେ) ପରିମାଣବିଶେଷ, ଦଶ ଟଙ୍କା ।

ମାଣ, ବି. (ପରିମାଣ ଶବ୍ଦଜ) କୁଞ୍ଚା, ୨୫ ଗୁଣ୍ଠ ଭୂମି ।

ମାଣବକ, ବି. (ମାଣବ-କ) ଶିଶୁ, ବାଳକ ।

ମାଣିକ୍ୟ, ବି. ( ମଣି-କୈ-ଯ ) ରତ୍ନବିଶେଷ, ମଣି, ମାଣିକ ।

ମାଣ୍ଡି, ବି. (ଦେ) ତକଆ, ମୁଚୁଳା

ମାଣ୍ଡିଆ, ବି (ଦେ) ଏକପ୍ରକାର ଶସ୍ୟ ।

ମାଣ୍ଡୁ, ବି. (ଦେ) ହସ୍ତରେ ଧରି ନିଯ୍ୟମ କରିବାର ତପ୍ତ ଲୌହାଦି ।

ମାଣ୍ଡୁଅ, ବି. (ଦେ) ଏକପ୍ରକାର ପିଷ୍ଟକ ।

ମାତଙ୍ଗ, ବି. (ମତଙ୍ଗ-ଅ) ହସ୍ତୀ, ଚଣ୍ଡାଳ, ଅଶ୍ୱତ୍ଥବୃକ୍ଷ । ସ୍ତ୍ରୀ. ମାତଙ୍ଗୀ ।

ମାତରିଶ୍ୱା, ବି. (ମାତରି-ଶ୍ୱି-ଅନ୍) ପବନ ।

ମାତଳି, ବି. ଇନ୍ଦ୍ରଙ୍କ ସାରଥି ।

ମାତବର, ବିଂ. (ଯା) ପ୍ରଧାନ, ଶ୍ରେଷ୍ଠ ।

ମାତା, ବି. (ମାନ୍-ତୃ) ଜନନୀ, ମା, ପୃଥିବୀ ଲକ୍ଷ୍ମୀ ।

ମାତାମହ, ବି. (ମାତୃ-ଆମହ) ମାତାର ପିତା, ଅଜା । ସ୍ତ୍ରୀ. ମାତାମହୀ ।

ମାତିବା, କ୍ରି. (ଦେ) ଉନ୍ମତ୍ତ ହେବା, ଆସକ୍ତ ହେବା, ବ୍ୟାପିବା ।

ମାତୁଳ, ବି. (ମାତୃ-ଉଳ) ମାତାର ଭ୍ରାତା, ମାମୁଁ । ସ୍ତ୍ରୀ. ମାତୁଳାନୀ, ମାତୁଳୀ ।

ମାତୃକା, ବି. (ମାତୃ-କ-ଆ) ମାତା, ଧାତ୍ରୀ ।
ମାତୃଷ୍ୱସା, ବି. (ମାତୃ-ସ୍ୱସା) ମାଉସୀ ।
ମାତ୍ର, ଅଂ. (ମା-ତ୍ର) କେବଳ, ଅବଧାରଣ, ସାକଲ୍ୟ, କିନ୍ତୁ, ପୁଣି ।
ମାତ୍ରା, ବି. (ମାତ୍ର-ଆ) ଅଳ୍ପ ପରିମାଣ, ଅକ୍ଷରାବୟବ ।
ମାତ୍ସର୍ଯ୍ୟ, ବି. (ମତ୍ସର-ଯ) ପରଶ୍ରୀକାତରତା ।
ମାଥ, ବି. (ଦେ) ମୁଣ୍ଡ, ମଥା ।
ମାଦକ, ବିଂ. (ମଦ୍-ଣିଚ୍-ଅକ) ମତ୍ତତାଜନକ । ବି. ନିଶାଦ୍ରବ୍ୟ ।
ମାଦଳ, ବି. (ଦେ) ମୃଦଙ୍ଗନାମକ ବାଦ୍ୟଯନ୍ତ୍ର, ପଙ୍ଗ ।
ମାଦୃକ୍ } ବିଂ. (ଅସ୍ମତ୍-ଦୃଶ୍-୦, ଅ) ମତ୍ସଦୃଶ,
ମାଦୃଶ } ମତୁଲ୍ୟ ।
ମାଧବ, ବି. (ମା-ଧବ) ବିଷ୍ଣୁ । ( ମଧ-ଅ ) ବୈଶାଖ ମାସ, ବସନ୍ତକାଳ ।
ମାଧୁକରୀ, ବି. (ମଧୁକର-ଅ-ଈ) ଭିକ୍ଷା ଆହରଣବୃତ୍ତି ।
ମାଧୁରୀ, ବି. (ମଧୁର-ଅ-ଈ) ମଧୁରତା, ମିଷ୍ଟତା, ଶୋଭା, ସୌନ୍ଦର୍ଯ୍ୟ ।
ମାଧୁର୍ଯ୍ୟ, ବି. (ମଧୁର-ଯ) ମଧୁରତା, ମିଷ୍ଟତା, ସୌନ୍ଦର୍ଯ୍ୟ ।
ମାଧ୍ୟନ୍ଦିନ ବି. ( ମଧ୍ୟନ୍ଦିନ-ଅ ) ମଧ୍ୟାହ୍ନ, ବେଦର ଶାଖାବିଶେଷ ।
ମାଧ୍ୟାକର୍ଷଣ, ବି. (Gravitation) କେନ୍ଦ୍ରଆଡ଼କୁ ଆକର୍ଷଣ କରିବାର ଶକ୍ତି ।

ମାନ, ବି. (ମା-ଅନ) ପରିମାଣ, ମାପ । (ମନ-ଅ) ଅହଙ୍କାର, କୋପ ।

ମାନଦଣ୍ଡ, ବି. ପରିମାଣଦଣ୍ଡ, ମାପବାଡ଼ି ।

ମାନନା, ବି. (ମାନ୍-ଅନ-ଆ) ସମ୍ମାନକରଣ ।

ମାନନୀୟ, ବିଂ. (ମାନ୍-ଅନୀୟ) ପୂଜନୀୟ, ମାନ୍ୟ । ସ୍ତ୍ରୀ. ମାନନୀୟା ।

ମାନବ, ବି. (ମନୁ-ଅ) ମନୁଷ୍ୟ, ପୁରୁଷ । ସ୍ତ୍ରୀ. ମାନବୀ

ମାନମନ୍ଦିର, ବି. ଯେଉଁ ସ୍ଥାନରୁ ଗ୍ରହ ନକ୍ଷତ୍ରାଦିର ପର୍ଯ୍ୟବେକ୍ଷଣ କରାଯାଏ ।

ମାନସ, ବି. (ମନସ୍-ଅ) ଚିତ୍ତ, ମନଃ, ଇଚ୍ଛା, ଅଭିପ୍ରାୟ, ମାନ ସରୋବର ।

ମାନସିକ, ବିଂ. (ମନସ୍-ଇକ) ଆନ୍ତରିକ, ମନୋଗତ ।

ମାନିତ, ବିଂ. (ମାନ୍-ତ) ପୂଜିତ, ସମ୍ମାନିତ ।

ମାନିନୀ, ବିଂ. ( ମାନ-ଇନ୍-ଈ ) ମାନବତୀ, ଅଭିମାନଯୁକ୍ତା ।

ମାନିବା, କ୍ରି. ( ମାନ୍ ଧାତୁଜ ) ସ୍ୱୀକାର କରିବା, ସମ୍ମାନ କରିବା, ଶୋଧି ପାଇବା ।

ମାନୀ, ବିଂ. ( ମାନ-ଇନ୍ ) ଅଭିମାନୀ, ମନସ୍ୱୀ, ପ୍ରଶସ୍ତମନାଃ ।

ମାନୁଷ, ବି. (ମନୁ-ଅ, ଷ ଆଗମ) ମନୁଷ୍ୟ, ନର । ସ୍ତ୍ରୀ. ମାନୁଷୀ ।

ମାନୁଷିକ, ବିଂ. (ମନୁଷ୍ୟ-ଇକ) ମନୁଷ୍ୟକୃତ, ମନୁଷ୍ୟ-ସମ୍ବନ୍ଧୀୟ ।

ମାନ୍ତ୍ରିକ, ବିଂ. (ମନ୍ତ୍ର-ଇକ) ମନ୍ତ୍ରବେତ୍ତା, ମନ୍ତ୍ରକାରକ ।

ମାନ୍ଦ୍ୟ, ବି. ( ମନ୍ଦ-ଯ ) ଆଳସ୍ୟ, ଜଡ଼ତା, ହ୍ରାନ, ରୋଗ, ପୀଡ଼ା, ମନ୍ଦତ୍ୱ, ବିଷାଦ, ଅଳ୍ପତା ।

ମାନ୍ଧାତା, ବି. (ମାମ୍-ଧେ-ତ) ପ୍ରାଚୀନ ରାଜାବିଶେଷ, ଉପାଧିବିଶେଷ ।

ମାନ୍ୟ, ବିଂ. (ମାନ୍-ଯ) ପୂଜ୍ୟ, ମାନନୀୟ, ଆଦରଣୀୟ ।

ମାପ, ବି. (ମା ଧାତୁଜ) ପରିମାଣ, ତୌଲ ।

ମାପିବା, କ୍ରି. (ମା ଧାତୁଜ) ପରିମାଣ କରିବା, ଓଜନ କରିବା ।

ମାପୁଣି, ବିଂ. (ଦେ) ପରିମାପକ, ପରିମାଣକାରୀ ।

ମାଫ୍, ବି. ( ଫାର୍ଶୀ ) କ୍ଷମା ।

ମାଫି, ବି (ଯା) ଛାଡ଼, ଛୁଟି ।

ମାମଥ, ବି. (ଦେ) ହସ୍ତୀ ପରି ଆକୃତିବିଶିଷ୍ଟ ଜୀବ-ବିଶେଷ ।

ମାମଲତ
ମାମଲା } ବି. (ଯା) ମୋକଦ୍ଦମା, କାରବାର ।

ମାମୁଁ, ବି. (ମାତୁଳ ଶବ୍ଦଜ) ମାତୁଳ, ମାତାର ଭ୍ରାତା ।

ମାମୁଲି, ବିଂ. (ଫାର୍ଶୀ) ଚିର ପ୍ରଚଳିତ ।

ମାୟା, ବି. ( ମା-ଯ ) ଶଠତା, ଚତୁରତା, ଇନ୍ଦ୍ରଜାଲ, କୁହକ, ମମତା ।

ମାୟାବତୀ, ବି. ସ୍ତ୍ରୀ. କାମପତ୍ନୀ, ରତି ।

ମାୟାବୀ
ମାୟୀ
ମାୟିକ } ବିଂ. ( ମାୟା-ବିନ, ଇନ୍, ଇକ ) ଐନ୍ଦ୍ର-ଜାଲିକ, କୁହକୀ, କପଟାଚାରୀ ।

ମାର, ବି. ( ମୃ-ଅ ) ମୃତ୍ୟୁ, ମରଣ, କାମଦେବ ।
ମାରକ, ବିଂ. ( ମୃ-ଣିର୍-ଅକ ) ବିନାଶକ । ବି. ଅଶୁଭଗ୍ରହ, ମାରୀ, ମଡ଼କ ।
ମାରକତ, ବିଂ. (ମରକତ-ଅ) ମରକତସମ୍ବନ୍ଧୀୟ ।
ମାରଣ, ବି. ( ମାର୍-ଅନ ) ହନନ, ବଧ, ହତ୍ୟା ।
ମାରଣା, ବି. ( ଦେ ) ହତ୍ୟାକାରୀ, ଖଣ୍ଡ, ବିଶ୍ୱାସ-ଘାତକ, ଯେ ମାରେ ।
ମାରଫତ୍, ବି. (ଫାର୍ଶୀ) ଜମା, ନକଟ ।
ମାରଗ, ବି. (ଦେ) ମରକତ ମଣି ।
ମାରାତ୍ମକ, ବିଂ. ( ମାର-ଆତ୍ମନ୍-କ ) ସାଂଘାତକ, ପ୍ରାଣନାଶକ ।
ମାରି } ବି. (ମାର୍-ଇ) ମରକ, ଜନକ୍ଷୟ ।
ମାରୀ }
ମାରିବା, କ୍ରି. (ମୃ ଧାତୁଜ) ପ୍ରହାର କରିବା, ଆଘାତ କରିବା ।
ମାରୀଭୟ, ବି. (ମାରୀ-ଭୟ) ମରକଜନତ ଭୟ ।
ମାରୁ, ବିଂ. (ଦେ) ଅଗ୍ରାହ୍ୟ, ଅସ୍ପୃଶ୍ୟ, ଅପବିତ୍ର ।
ମାରୁତ, ବି. ( ମରୁତ୍-ଅ ) ପବନ, ୪୯ ପ୍ରକାର ବାୟୁ ।
ମାରୁତି, ବି. (ମରୁତ୍-ଇ) ହନୂମାନ୍, ଭୀମ ।
ମାର୍କା, ବି. (ଇଂ. Mark) ଦାଗ, ଚହ୍ନ ।
ମାର୍ଗ, ବି. (ମାର୍ଗ୍-ଅ) ପଥ, ରାସ୍ତା, ବାଟ ।
ମାର୍ଗଣ, ବି. (ମାର୍ଗ-ଅନ) ପ୍ରାର୍ଥନା, ଯାଚ୍ଞା, ଅନୁସନ୍ଧାନ ।

ମାର୍ଗଶିର } ବି ଅଗ୍ରହାୟଣ ମାସ ।
ମାର୍ଗଶୀର୍ଷ

ମାର୍ଜନ,(ନା), ବି. (ମୃଜ୍-ଅନ) ପରିଷ୍କରଣ, ପ୍ରକ୍ଷାଳନ, ମାଜିବା, ପୋଛିବା ।

ମାର୍ଜନୀ, ବି. ( ମୃଜ୍-ଅନ-ଈ ) ପହଁରା, ଝାଡ଼ୁଣୀ, ଗାମୁଛା ପ୍ରଭୃତି ।

ମାର୍ଜନୀୟ, ବିଂ. (ମୃଜ୍-ଅନୀୟ) ମାର୍ଜନର ଯୋଗ୍ୟ ।

ମାର୍ଜାର, ବି. (ମୃଜ୍-ଆର) ବିଲେଇ, ରକ୍ତଚନ୍ଦନ ।

ମାର୍ଜିତ, ବିଂ. (ମୃଜ୍-ତ) ପରିଷ୍କୃତ, ପ୍ରକ୍ଷାଳିତ ।

ମାର୍ତ୍ତଣ୍ଡ, ବି. (ମୃତଣ୍ଡ-ଅ) ସୂର୍ଯ୍ୟ, ଶୂକର, ଅର୍କବୃକ୍ଷ ।

ମାର୍ଦ୍ଦଙ୍ଗିକ, ବିଂ. (ମୃଦଙ୍ଗ-ଇକ) ମୃଦଙ୍ଗବାଦକ ।

ମାର୍ଦ୍ଦବ, ବି. ( ମୃଦୁ-ଅ ) ମୃଦୁତ୍ୱ, କୋମଳତ୍ୱ ।

ମାଳ, ବି. ପୁଂ. ( ମାଳା-ଅ ) ପାବର୍ତ୍ତୀୟ ଭୂମି, ବନ, ସମୂହ ।

ମାଲ୍, ବି. (ଆରବି) ସମ୍ପତ୍ତି, ଧନ, ବାଣିଜ୍ୟଦ୍ରବ୍ୟ ।

ମାଲ, ବି. (ମଲ୍ଲ ଶବ୍ଦଜ) ବୀର, ଯୋଦ୍ଧା ।

ମାଲଖାନା, ବି. (ଯା) ଖଜଣାଖାନା ।

ମାଲଗୁଜାରି, ବି. (ଯା) ଖଜଣା, ସରବରା, କର ।

ମାଳତୀ, ବି. ( ମାଳ-ଅତ୍-ଅ-ଈ ) ମାଳତୀପୁଷ୍ପ, ଜାତୀଲତା ।

ମାଲପା, ବି. (ଦେ) ତେଲ, ତେଲ, ମଥାଦହି ।

ମାଳବ, ବି. (ନାମ) ଅବନ୍ତୀ ଦେଶ ।

ମାଲସ, ବି. (ଯା) ଘର୍ଷଣ, ଲେପନ ।

ମାଳା } ବି. ଶ୍ରେଣୀ, ଧାଡ଼ି, ମାଲ୍ୟ, ସମୂହ,
ମାଳିକା } ପ୍ରାଚୀନ ଛନ୍ଦୋବିଶେଷ ।

ମାଳି, ବି. (ଦେ) ମାଳା ।

ମାଲିକ, ବି. (ମାଳା-ଇକ) ପ୍ରଭୁ, ସ୍ୱାମୀ, ମାଳୀ, ରଜକ ।

ମାଲିକାନା, ବି. ( ଆରବୀ ) ଖଜଣା, କର୍ତ୍ତବ୍ୟ ଧନ-ବିଶେଷ ।

ମାଳିନ୍ୟ, ବି. (ମଳିନ-ଯ) ମଳିନତା ।

ମାଳୀ, ବି. (ମାଳା-ଇନ ) ମାଳାକାର । ସ୍ତ୍ରୀ. ମାଲୁଣୀ ।

ମାଳୁଆ, ବି. (ଦେ) କନ୍ଦ ଜାତି ।

ମାଲୁଆ, ବି. ( ଦେ ) ଓଧ ଜାତୀୟ ନିଶାଚର ଜୀବ-ବିଶେଷ ।

ମାଲୁମ, ବି. (ଯା) ଗୋଚର, ଜଣା ।

ମାଲ୍ୟ, ବି. (ମାଳା-ଯ) ପୁଷ୍ପମାଳା ।

ମାଶୁଲ } ବି. ( ଆରବୀ ମହସୁଲ ଶବ୍ଦଜ ) ଶୁଳ୍କ,
ମାସୁଲ } କର ।

ମାଷ, ବି (ମଷ-ଅ) ମାର, ବ୍ରୀହି ।

ମାସ, ବି. ( ମାସ୍-ଅ ) ଶୁକ୍ଲ, କୃଷ୍ଣ ଉଭୟ ପକ୍ଷାତ୍ମକ କାଳ, ବର୍ଷର ୧୨ ଭାଗରୁ ଏକ ଭାଗ ।

ମାସାନ୍ତ, ବି. (ମାସ୍-ଅନ୍ତ) ସଂକ୍ରାନ୍ତିର ପୂର୍ବ ଦିନ ।

ମାସ୍ତୁଲ, ବି. (ବୈ) ଜାହାଜର ଉପରସ୍ଥ ଉଚ୍ଚ ସ୍ତମ୍ଭ ।

ମାହାତ୍ମ୍ୟ, ବି. ( ମହାତ୍ମନ୍-ଯ ) ପ୍ରଭାବ, ଗୌରବ, ମହିମା ।

ମାହାର, ବି. (ହିଂଦୀ) ମେହେନ୍ତର, ହାଡ଼ି ।

ମାହାର, ବ. (ଦେ) ଗୋଦ୍ଦର, ପାଣିନାଳ ।
ମାହାରୀ, ବ. (ଦେ) ଦେବାଳୟର ନର୍ତ୍ତକୀ, ବେଶ୍ୟା ।
ମାହାଳ, (ଦେ) ବୃକ୍ଷବିଶେଷ ।
ମାହାଳିଆ, ବିଂ. ଅକାରଣ, ବୃଥା, ମିଥ୍ୟା ।
ମାହୁନ୍ତ, ବ. (ପ୍ରା) ହସ୍ତିଚାଳକ ।
ମାହେନ୍ଦ୍ର, ବ. (ମହେନ୍ଦ୍ର-ଅ) ଶୁଭଯୋଗ । ବିଂ. ଇନ୍ଦ୍ର-ସମ୍ବନ୍ଧୀୟ ।
ମିଛ, ବି. (ମିଥ୍ୟା ଶବ୍ଦଜ) ଅସତ୍ୟ, ଅନୃତ ।
ମିଛୁଆ, ବିଂ. (ଦେ) ମିଥ୍ୟାବାଦୀ ।
ମିଜାଜ, ବି. (ଯା) ସ୍ୱଭାବ, ପ୍ରକୃତି ।
ମିଞ୍ଜିମିଞ୍ଜି, କି. ବିଂ. ( ଦେ ) ଈଷତ୍, ଅଳ୍ପ, କ୍ଷୀଣଭାବରେ ।
ମିଟାଇବା, କି. ( ଦେ ) ନିଷ୍ପାଦନ କରିବା, ଦୂର କରିବା ।
ମିଟିକା, ବି. ( ଦେ ) ଚକ୍ଷୁର ସଙ୍କେତବିଶେଷ, ଆଙ୍ଗୁଠି ଫୁଟାଇବା ।
ମିଟିମିଟି, ବି. (ଦେ) ନେତ୍ରବିକାରବିଶେଷ ।
ମିଠା, ବିଂ. (ମିଷ୍ଟ ଶବ୍ଦଜ) ମଧୁର, ସୁସ୍ୱାଦୁ ।
ମିଠାଇ, ବି. (ଦେ) ମିଷ୍ଟାନ୍ନ, ମିଷ୍ଟଦ୍ରବ୍ୟ ।
ମିଣିପ, ବି. (ଦେ) ପୁରୁଷ ।
ମିତ, ବିଂ. ( ମା-ତ ) ଅଳ୍ପ, ପରିଚ୍ଛିନ୍ନ, ପରିମିତ, ଜ୍ଞାନ, ଅନୁମିତ । (ଦେ) ମିତ୍ର, ବନ୍ଧୁ ।
ମିତଣୀ, ବି. (ଦେ) ସ୍ତ୍ରୀ ମିତ୍ର ।

ମିତବ୍ୟୟୀ, ବିଂ. (ମିତବ୍ୟୟ-ଇନ୍) ଅଳ୍ପବ୍ୟୟୀ ।

ମିତଭାଷୀ, ବିଂ. (ମିତ-ଭାଷୀ) ଯେ ଅଳ୍ପ କଥା କହେ ।

ମିତି, ବି. ସ୍ତ୍ରୀ (ମା-ତି) ପରିମାଣ, ଜ୍ଞାନ ।

ମିତ୍ର, ବିଂ. (ମିଦ୍-ତ୍ର) ବନ୍ଧୁ, ସଖା, ସୁହୃଦ । ବି. ମିତ୍ରତା, ବନ୍ଧୁତ୍ୱ ।

ମିତ୍ରାକ୍ଷର, ବି. ପଦ୍ୟରେ ପ୍ରତ୍ୟେକ ଚରଣରେ ଯେଉଁ ସାମଞ୍ଜସ୍ୟ ଥାଏ ।

ମିଥୁନ, ବି. (ମିଥ୍-ଉନ) ସ୍ତ୍ରୀପୁରୁଷ ଯୁଗଳ, ତୃତୀୟ ରାଶି ।

ମିଥ୍ୟା, ବିଂ. (ମିଥ୍-ଯ-ଆ) ଅସତ୍ୟ, ଅନୃତ, ମିଛ ।

ମିଥ୍ୟାବାଦୀ, ବିଂ (ମିଥ୍ୟା-ବଦ୍-ଇନ୍) ମିଛୁଆ ।

ମିନତି, ବି. (ଦେ) ବିନତି, ବିନମ୍ରବଚନ ।

ମିନା } ବି. (ଦେ) ଅଳଙ୍କାର ଉପରେ ଜଡ଼ାଉ<br>ମୀନା } କାମ, ସୂକ୍ଷ୍ମ କାରୁକାର୍ଯ୍ୟ ।

ମିମିକ୍ଷା, ବି. (ମିହ୍-ସନ୍-ଅ-ଆ) ମୂତ୍ରତ୍ୟାଗକରଣେଚ୍ଛା ।

ମିଳନ, ବି. (ମିଳ୍-ଅନ) ମିଶ୍ରଣ, ସଂଯୋଗ, ଐକ୍ୟ ।

ମିଳା, ବିଂ. (ମିଳ ଧାତୁଜ) ମିଶ୍ରିତ, ସଢ଼ା ।

ମିଳାଇବା, କ୍ରି. (ଦେ) ଯୋଡ଼ିବା, ମିଶାଇବା, ଦ୍ରବୀଭୂତ ହେବା ।

ମିଳିତ, ବିଂ. (ମିଳ୍-ତ) ସଂଯୁକ୍ତ, ମିଶ୍ରିତ, ପ୍ରାପ୍ତ, ଏକୀଭୂତ ।

ମିଳିନ୍ଦ, ବି. ଭ୍ରମର ।

ମିଳିମିଳା, ବି. ରୋଗବିଶେଷ ।

ମିଶା, ବିଂ. (ମିଶ୍ର ଶବ୍ଦଜ) ମିଶ୍ର ।
ମିଶାଣ ବି. (ମିଶ୍ର ଶବ୍ଦଜ) ମିଳନ, ଏକତ୍ରକରଣ ।
ମିଶିବା କ୍ରି. (ଦେ) ଏକତ୍ର ହେବା, ଜଡ଼ିବା, ଯୁକ୍ତ ହେବା ।
ମିଶେର, ବି. ଏକପ୍ରକାର ମିଷ୍ଟ ଦ୍ରବ୍ୟ ।
ମିଶ୍ର, ବିଂ. (ମିଶ୍ର୍-ଅ) ମିଳିତ, ସଂଯୁକ୍ତ । ବି. ଉପାଧି-ବିଶେଷ ।
ମିଶ୍ରଣ, ବି. ନ. ( ମିଶ୍ର୍-ଅନ ) ମିଳନ, ମିଶାଣ ।
ମିଶ୍ରିତ, ବିଂ. (ମିଶ୍ର୍-ତ) ମିଳିତ, ଯୁକ୍ତ, ଏକୀଭୂତ ।
ମିଷ, ବି. (ମିଷ୍-ଅ) ଛଳ ।
ମିଷ୍ଟ, ବିଂ. ( ମିଷ୍-ତ ) ମଧୁର, ସୁସ୍ୱାଦ, ସୁମଧୁର । ବି. ମିଷ୍ଟାନ୍ନ ।
ମିଷ୍ଟାନ୍ନ, ବି. (ମିଷ୍ଟ-ଅନ୍ନ) ମଧୁରଦ୍ରବ୍ୟ, ମିଠେଇ ।
ମିସଲ, ବି. (ଆରବୀ) ମୋକଦ୍ଦମା, ବିଚାରସ୍ଥଳ ।
ମିସି, ବି. ଦାନ୍ତରେ ଘଷିବା ଚୂର୍ଣ୍ଣବିଶେଷ ।
ମିହି, ବିଂ. (ଦେ) ସରୁ ସୂକ୍ଷ୍ମ, ପାତଳ ।
ମିହିକା, ବି. (ମିହ୍-ଅକ-ଆ) ନୀହାର, ହିମ, ତୁଷାର ।
ମିହିର, ବି. (ମିହ୍-ଇର) ସୂର୍ଯ୍ୟ, ଅର୍କବୃକ୍ଷ, ମେଘ ।
ମୀନ, ବି. (ମୀ-ନ) ମତ୍ସ୍ୟ, ରାଶିବିଶେଷ, ବିଷ୍ଣୁଙ୍କର ଅବତାରବିଶେଷ ।
ମୀନକେତନ, ବି. (ମୀନ-କେତନ) କନ୍ଦର୍ପ ।
ମିନ୍ନା, ବି. (ଯା) ନସ୍କର । (ଦେ) ଶାଢ଼ୀରେ କରକାମ ବିଶେଷ ।

ମୀମାଂସକ, ବି. ( ମାନ୍-ସନ୍-ଅକ ) ମୀମାଂସା ଶାସ୍ତ୍ର-
ବେତ୍ତା । ବିଂ. ନିଷ୍ପତ୍ତିକାରୀ ।
ମୀମାଂସା, ବି. (ମାନ୍-ସନ୍-ଆ) ସିଦ୍ଧାନ୍ତ, ନିଷ୍ପତ୍ତି ।
ମୀମ୍ବାଦ, ବି. (ଯା) କଣ୍ଠ, ନିରୂପିତ ଦିନ, କାଏଦ୍ ।
ମୀଲନ, ବି. (ମିଲ୍-ଅନ) ଚକ୍ଷୁମୁଦ୍ରିତ କରଣ, ବୁଜିବା,
ସଙ୍କୋଚନ ।
ମିଲିତ, ବିଂ. (ମିଲ୍-ତ ମୁଦ୍ରିତ, ଅବିକସିତ, ସଙ୍କୁଚିତ ।
ମୁଁ, ସର୍ବ. (ଅସ୍ମଦ୍ ଶବ୍ଦଜ) ଆମ୍ଭେ, ମୁହିଁ ।
ମୁଁଆଁ, ବି. (ଦେ) ଖଇ ଚୁଡ଼ା କିମ୍ବା ମୁଢ଼ିର ଲଡ଼ୁ-
ବିଶେଷ ।
ମୁକା, ବି. (ଦେ) ଥର, ଦଫା, ବିଭାଗ ।
ମୁକାବିଲା, ବି. (ଯା) ଦେଖା, ସାକ୍ଷାତ୍କାର ।
ମୁକାମ, ବି. (ଯା) ସ୍ଥାନ, ଆସ୍ଥାନ ।
ମୁକୁଟ, ବି. (ମନ୍କ୍-ଉଟ) କିରୀଟ, ଶିରୋଭୂଷଣ ।
ମୁକୁତା, ବି. ( ମୁକ୍ତା ଶବ୍ଦର ଅପଭ୍ରଂଶ ) ମୁକ୍ତା ।
ମୁକୁନ୍ଦ, ବି. ( ମୁକୁମ୍-ଦ ) ମୁକ୍ତିଦାତା, ବିଷ୍ଣୁ,
କୁବେରଙ୍କ ନିଧିବିଶେଷ ।
ମୁକୁର, ବି. (ମନ୍କ-ଉର) ଦର୍ପଣ, ଆର୍ସି, ବକୁଳଗଛ ।
ମୁକୁଳ, ବି. (ମୁନ୍-ଉଳ) କଳିକା, କଢ଼ି, ଶରୀର ।
ମୁକୁଳା, ବିଂ. (ମୁକୁଳିତ ଶବ୍ଦଜ) ମେଲା, ଖୋଲା ।
ମୁକୁଳିତ, ବିଂ. (ମୁକୁଳ-ଇତ) ଈଷତ୍ ବିକସିତ ।
ମୁକ୍ତ, ବିଂ. (ମୁଚ୍-ତ) ମୋକ୍ଷପ୍ରାପ୍ତ, ନିଃସୃଷ୍ଟ, ତ୍ୟକ୍ତ,
ଉନ୍ମୁକ୍ତ, ଉଦ୍ଧୃତ

ମୁକ୍ତକଣ୍ଠ, ବି. ଉଚ୍ଚୈଃସ୍ୱର ।
ମୁକ୍ତହସ୍ତ, ବିଂ. ଦାନଶୀଳ ।
ମୁକ୍ତା, ବି. (ମୁକ୍ତ-ଆ) ମୌକ୍ତିକ, ମୋତି, ବେଶ୍ୟା ।
ମୁକ୍ତାର } ବି. (ଯା) ଅଭିଯୋକ୍ତା ବା ଅଭିଯୁକ୍ତଙ୍କ
ମୋକ୍ତାର } ପକ୍ଷ ସମର୍ଥନ ପାଇଁ ଯେଉଁମାନେ ରାଜକାୟରୁ ଆଦେଶ ପାଇଥାନ୍ତି ।
ମୁକ୍ତି, ବି. (ମୁଚ୍-ତି) ନିତ୍ୟସୁଖପ୍ରାପ୍ତି, ଅତ୍ୟନ୍ତ ଦୁଃଖନିବୃତ୍ତି, ମୋଚନ ।
ମୁଖ, ବି. (ଖନ୍-ଅ, ମୁ ଆଗମ, ନିପାତନ) ବଦନ ।
ମୁଖଚୋରା, ବିଂ. କଥା କହିବାରେ ଲଜ୍ଜାଶୀଳ ।
ମୁଖର, ବିଂ. (ମୁଖ-ର) ନିରନ୍ତରଭାଷୀ, ଅତିଶୟ-ବକ୍ତା, ବାଚାଳ ।
ମୁଖରିତ, ବିଂ. (ମୁଖର-ଇତ) ଶବ୍ଦାୟମାନ, ଧ୍ୱନିତ ।
ମୁଖବନ୍ଧ, ବି. ପ୍ରସ୍ତାବନା, ପ୍ରସଙ୍ଗ ।
ମୁଖଶାଳା, ବି. (ମୁଖ=ଆଦ୍ୟ-ଶାଳା=ଗୃହ) ପ୍ରଥମ ଗୃହ, ଦେବାଳୟ ପ୍ରଭୃତିର ସମ୍ମୁଖ ଗୃହ ।
ମୁଖା, ବି. (ମୁଖ ଶବ୍ଦଜ) କୃତ୍ରିମ ମୁଖ ।
ମୁଖାଗ୍ନି, ବି. (ମୁଖ-ଅଗ୍ନି) ଶବମୁଖରେ ପ୍ରଦତ୍ତ ଅଗ୍ନି ।
ମୁଖି, ବି. (ଦେ) ମୁହଁରେ ମାରିବା ଖୁଦା ।
ମୁଖିଆ, ବିଂ. (ମୁଖ ଶବ୍ଦଜ) ପ୍ରଧାନ, ଶ୍ରେଷ୍ଠ ।
ମୁଖ୍ୟ, ବିଂ. (ମୁଖ-ଯ) ପ୍ରଧାନ, ଶ୍ରେଷ୍ଠ, ପ୍ରଥମ, ଆଦିମ ।
ମୁଗ, ବି. (ମୁଦ୍ଗ ଶବ୍ଦଜ) ମୁଗଡାଲି, ଶସ୍ୟବିଶେଷ ।
ମୁଗୁନି, ବି. (ଦେ) କୃଷ୍ଣବର୍ଣ୍ଣ ପ୍ରସ୍ତରବିଶେଷ ।

ମୁଗୁର, ବି. ( ମୁଦ୍ଗର ଶବ୍ଦଜ ) ବଢ଼େଇଙ୍କ ପିଟଣା-ବିଶେଷ, ଗଦା, ଯଷ୍ଟି ।

ମୁଗେଇ, ବି. (ମୁଗ ଶବ୍ଦଜ) ମୁଗବର୍ଣ୍ଣବିଶିଷ୍ଟ । ଯଥା — ମୁଗେଇ ଖଦି ।

ମୁଗ୍ଧ, ବିଂ. (ମୁହ୍-ତ) ମୂଢ଼, ମୂର୍ଖ, ସୁନ୍ଦର, ମନୋହର ।

ମୁଗ୍ଧା, ବି. ସ୍ତ୍ରୀ. ନବୋଢ଼ା, ସରଳସ୍ୱଭାବା ନାୟିକା ।

ମୁଚ୍ଛଲିକା, ବି. (ଯା) ଏକରାରନାମା, ପ୍ରତିଜ୍ଞାପତ୍ର ।

ମୁଚୁଳା, ବି. (ଦେ) ମାଣ୍ଡି, ଚ୍ଛେଟ ଡଙ୍କଆ ।

ମୁଛ, ବି. (ଦେ) ଦାଢ଼ି, ଶ୍ମଶ୍ରୁ ।

ମୁଞ୍ଚିବା, କ୍ରି. (ମୁଞ୍ଚ ଧାତୁଜ) ତ୍ୟାଗ କରିବା ।

ମୁଞ୍ଜ, ବି. (ମୁଞ୍ଜ୍-ଅ) ତୃଣବିଶେଷ, ଶର ।

ମୁଠା, ବି. (ମୁଷ୍ଟି ଶବ୍ଦଜ) କୁଞ୍ଚିତ କରତଳ ।

ମୁଠାଇବା, କ୍ରି. (ଦେ) ମୁଠା ମଧ୍ୟରେ ଧରିବା ।

ମୁଠି, ବି. (ମୁଷ୍ଟି ଶବ୍ଦଜ) ଭଣ୍ଡାରର ଦୂରବ୍ୟ ରଖିବା ଥଳୀ, ମୁଷ୍ଟିମେୟ ଦ୍ରବ୍ୟ ।

ମୁଠୁଣି, ବି. (ଦେ) କହୁଣିଠାରୁ ମୁଠାପର୍ଯ୍ୟନ୍ତ ।

ମୁଡ଼ୁକ, ବି. (ଦେ) ପଇଡ଼ର ପୂର୍ବାବସ୍ଥାରେ ଥିବା କଷି ନଡ଼ିଆ ।

ମୁଢ଼ି, ବି. (ଦେ) ଭଜା ଚାଉଳ, ଭ୍ରଷ୍ଟ ତଣ୍ଡୁଳ ।

ମୁଣା }
ମୁଣି } ବି. (ଦେ) ମୁଣା, ଥଳୀ, ଝୁଲି ।

ମୁଣୁହଁ, ଅଂ. (ଦେ) ଠୁଳେ, ଆଦୌ ।

ମୁଣ୍ଡ, ବି. (ମୁଣ୍ଡ୍-ଅ) ଶିରଃ, ମସ୍ତକ ।

ମୁଣ୍ଡନ, ବି. (ମୁଣ୍ଡ୍-ଅନ) କ୍ଷୌର, ବପନ ।

ମୁଣ୍ଡା, ବି. ( ଦେ ) କାଠର ଗଣ୍ଡି, ଗୋଲାକୃତି ମୂଳ, ବନ୍ୟଜାତିବିଶେଷ । ବିଂ. ମୁନ ନ ଥିବା ।

ମୁଣ୍ଡାଇବା, କ୍ରି. (ଦେ) ମୁଣ୍ଡଦ୍ୱାରା ଧରିବା ।

ମୁଣ୍ଡାମୁଣ୍ଡି, କ୍ରି. ବିଂ. (ଦେ) ମୁଣ୍ଡଯାଏ, ଶେଷଯାଏ ।

ମୁଣ୍ଡି, ବି. (ଦେ) କାଠଗଣ୍ଡି ।

ମୁଣ୍ଡିଆ, ବି. (ଦେ) ମୁଣ୍ଡଦ୍ୱାରା ଆଘାତ, କ୍ଷୁଦ୍ର ପର୍ବତ ।

ମୁଣ୍ଡିତ, ବିଂ. (ମୁଣ୍ଡ୍-ତ) କୃତମୁଣ୍ଡନ, ଲଣ୍ଡା ।

ମୁଥ, ବି. (ମୁଷ୍ଟି ଶବ୍ଦଜ) ମୁଠି, ଖୁନ୍ଦା ।

ମୁଥା, ବି. (ମୁସ୍ତା ଶବ୍ଦଜ) ଘାସମୂଳବିଶେଷ ।

ମୁଦ, ବି. (ମୁଦ୍-ଅ) ପ୍ରୀତି, ହର୍ଷ, ସନ୍ତୋଷ, ଚିଣ୍ଟାଉ, ମୁଦ୍ରଣ, ମୁଦିବା ।

ମୁଦା, ବି. ପିଣ୍ଡୁଳାକୃତି, ଗୋଲ ।

ମୁଦାଲ, ବି. (ଯା) ଅଭିଯୁକ୍ତ ବ୍ୟକ୍ତି ।

ମୁଦି, ବି. (ଦେ) ମୁଦ୍ରିକା, ଅଙ୍ଗୁରୀୟକ ।

ମୁଦିତ, ବିଂ. (ମୁଦ୍-ତ) ହୃଷ୍ଟ, ପ୍ରୀତ ।

ମୁଦିବା, କ୍ରି. (ଦେ) ବନ୍ଦ କରିବା ।

ମୁଦିର, ବି. ( ମୁଦ୍-ଇର ) ମେଘ, ଭେକ । ବିଂ. କାମୁକ, ଲମ୍ପଟ ।

ମୁଦୁସୁଲି, ବି. ( ଦେ ) ଉଆସ ଭିତର ପୋଇଲି ।

ମୁଦି, ବି. (ଦେ) ଦୋକାନୀ, ନାନାଦ୍ରବ୍ୟ ବ୍ୟବସାୟୀ, ପାଦାଙ୍ଗୁଳିର ଅଳଙ୍କାରବିଶେଷ ।

ମୁଦ୍ଗର ବିଂ. (ଯା) ବାଧା, ଅଭିଯୋକ୍ତା ।

ମୁଦ୍ଗ, ବି. ମୁଦ-ଗ) ଶସ୍ୟବିଶେଷ, ମୁଗ, ପାଣିକୁଆ ।

ମୁଦ୍ଗର, ବି. ( ମୁଦ୍-ଗୃ-ଅ ) ଗଦା, ମୁଗୁର ।

ମୁଦ୍ରଣ, ବି. (ମୁଦ୍ରା-ଅନ) ମୁଦ୍ରିତ କରିବା, ଛାପିବା ।

ମୁଦ୍ରା, ବି. ( ମୁଦ୍-ର ) ମୋହରଛାପ, ମୋହର, ଟଙ୍କା ପଇସା ପ୍ରଭୃତି, ପୂଜାବେଳେ ଅଙ୍ଗୁଳ୍ୟାଦି ସନ୍ନିବେଶ, ହସ୍ତମୁଖାଦି ଭଙ୍ଗି ।

ମୁଦ୍ରାଙ୍କନ, ବି. (ମୁଦ୍ରା-ଅଙ୍କନ) ଛାପା କରିବା ।

ମୁଦ୍ରାଯନ୍ତ୍ର, ବି. ଛାପା କରିବାର କଳ ।

ମୁଦ୍ରାଶାଳା, ବି. (ମୁଦ୍ରା-ଶାଳା) ଯେଉଁଠାରେ ବିଭିନ୍ନ ମୁଦ୍ରା ନିର୍ମିତ ହୁଏ, ଟାଙ୍କଶାଳା, (Mint) ।

ମୁଦ୍ରିକା, ବି. ସ୍ତ୍ରୀ. ( ମୁଦ୍ରା-କ-ଆ ) ସ୍ୱର୍ଣ୍ଣରୌପ୍ୟାଦି ନିର୍ମିତ ମୁଦ୍ରା, ମୁଦି, ନାମାଙ୍କିତ ଅଙ୍ଗୁରୀୟକ ।

ମୁଦ୍ରିତ, ବିଂ. ( ମୁଦ୍ରା-ଇତ ) ସଙ୍କୁଚିତ, ନିମୀଳିତ, ମୁଦ୍ରାଚିହ୍ନିତ ।

ମୁନ, ବି. ଅସ୍ତ୍ରର ଅଗ୍ରଭାଗ ।

ମୁନଫା<br>ମୁନାଫା } ବି. (ଯା) ଲାଭ ।

ମୁନସୀ, ବି. (ଯା) ଲେଖକ, ପଣ୍ଡିତ ।

ମୁନି, ବି. (ମନ୍-ଇ) ଋଷି, ତପସ୍ୱୀ, ଜ୍ଞାନୀ ।

ମୁନିଆଁ, ବିଂ. (ଦେ) ମୁନଯୁକ୍ତ । ବି. ଏକପ୍ରକାର ପକ୍ଷୀ

ମୁନିବ, ବି. (ଯା) ପ୍ରଭୁ, ଅଧ୍ୟକ୍ଷ ।

ମୁନିଙ୍ଗା<br>ମୁନୁଙ୍ଗା } ବି. (ସମ୍ବଲପୁର) ସଜନାଗଛ

ମୁମୁକ୍ଷ, ବିଂ. (ମୁଚ୍-ସନ୍-ଉ) ମୋକ୍ଷେଚ୍ଛୁ । ବି. ଯତି, ଭିକ୍ଷୁ ।
ମୁମୂର୍ଷୁ, ବିଂ. (ମୃ-ସନ୍-ଉ) ଆସନ୍ନମୃତ୍ୟୁ, ମୃତପ୍ରାୟ ।
ମୁର, ବି. (ମୁର୍-ଅ) ଦୈତ୍ୟବିଶେଷ ।
ମୁରଜ, ବି. (ମୁରଜ-ଅ) ମୃଦଙ୍ଗ ।
ମୁରଲୀ, ବି. (ମୁର-ଲ-ଅ-ଈ) ବଂଶୀ, ବେଣୁ ।
ମୁରବି, ବି. (ଯା) କର୍ତ୍ତା. ଅଧିକାରୀ ।
ମୁରବା, ବି. (ଯା) ଏକପ୍ରକାର ମିଠେଇ ।
ମୁରା, ବି. ସ୍ତ୍ରୀ. ( ମୁର-ଆ ) ଗନ୍ଧଦ୍ରବ୍ୟବିଶେଷ, ନନ୍ଦ ରାଜାଙ୍କ ଦାସୀ ।
ମୁରାରି, ବି. (ମୁର-ଅରି) କୃଷ୍ଣ ।
ମୁରୁଗା, ମୁରୁବା } ବି. (ମୂର୍ବା ଶବ୍ଦଜ) ବାରବର୍ଷିଆ ଗଛ ।
ମୁରୁକି, ବିଂ. (ଦେ) ଈଷତ୍, ଅଳ୍ପ ।
ମୁରୁଜ, ବି. (ଦେ) ମୁର୍ଜ, ଗୁଣ୍ଡ ଓ ଖଣ୍ଡମିଶ୍ରିତ ଚୂର୍ଣ୍ଣ ।
ମୁର୍ଦ୍ଦାର, ବି (ଦେ) ଶବ, ମଡ଼ା ।
ମୁର୍ମୁର, ବି. ଚଷୁନିଆଁ, ତୁଷାନଳ ।
ମୁଲକ, ବି. (ଯା) ରାଜ୍ୟ ।
ମୁଲାକାତ, ବି. (ଯା) ଦେଖା, ସାକ୍ଷାତ୍କାର ।
ମୁଷଳ, ବି. ଢିଙ୍କିପାହାର, ମୁଦ୍ଗର ।
ମୁଷଳୀ, ବି. (ମୁଷଳ-ଇନ୍) ବଳରାମ ।
ମୁଷିତ, ମୁଷ୍ଟ } ବିଂ. ( ମୁଷ-ତ ) ଚୋରିତ, ଅପହୃତ, ବଞ୍ଚିତ ।

ମୁଷ୍କ, ବି. (ମୁଷ୍-କ) ଅଣ୍ଡକୋଷ ।

ମୁଷ୍ଟି, ବି. (ମୁଷ୍-ତି) କୁଞ୍ଚିତପାଣି, ମୁଠା, ଖଡ୍ଗାଦିର ବେଣ୍ଟ ।

ମୁଷ୍ଟିନ୍ଧୟ, ବି. (ମୁଷ୍ଟି-ଧେ-ଅ) ଶିଶୁ, ବାଳକ ।

ମୁଷ୍ଟିମେୟ, ବିଂ. (ମୁଷ୍ଟି-ମା-ଯ) ମୁଷ୍ଟିଦ୍ୱାରା ପରିମେୟ, ଅଳ୍ପ ପରିମାଣ, ଅଳ୍ପ ସଂଖ୍ୟକ ।

ମୁସଲମାନ୍, ବି. ମହମ୍ମଦୀୟ ଧର୍ମାବଲମ୍ବୀ ।

ମୁସାଫେର, ବି. (ଆରବୀ) ଭ୍ରମଣକାରୀ ।

ମୁସ୍କିଲ, ବିଂ. (ଯା) କଠିନ, ଅଡୁଆ ।

ମୁହଁ, ବି. (ମୁଖଶବ୍ଦଜ) ମୁଖ ।

ମୁହଁଖରୀ, ବିଂ. (ମୁଖର ଶବ୍ଦଜ) କଟୁଭାଷୀ ।

ମୁହାଁଇବା, କ୍ରି. (ଦେ) ମୁହଁ କରିବା, ଅଭିମୁଖୀ ହେବା ।

ମୁହାଁଣ, ମୁହାଣ୍ } ବି. (ଦେ) ଜଳାଦି ନିର୍ଗମର ପଥ ।

ମୁହାଁସ, ବି. (ଦେ) ଗନ୍ଧ, ଆସକ୍ତି, ବିଷୟ, ପ୍ରେମ ।

ମୁହିଁ, ସର୍ବ. (ଅସ୍ମଦ୍ ଶବ୍ଦଜ) ମୁଁ ।

ମୁହୁଃ, ବିଂ. (ମୁହ୍-ଉସ୍) ପୁନଃପୁନଃ, ବାରମ୍ବାର ।

ମୁହୂର୍ତ୍ତ, ବି. (ମୁହୂର୍ଚ୍ଛ-ତ) ଦିବା ରାତ୍ରର ୩୦ ଭାଗର ଏକ ଭାଗ ।

ମୁହ୍ୟମାନ୍, ବିଂ. (ମୁହ-ଯ-ଆନ) ବିକଳଚିତ୍ତ ।

ମୂକ, ବିଂ. (ମୂ-କ) ବାକ୍‌ଶକ୍ତିରହିତ, ବୋବା, ଦୀନ ।

ମୂଢ଼, ବିଂ. (ମୁହ୍-ତ) ମୂର୍ଖ, ନିର୍ବିବେକ, ଅନଭିଜ୍ଞ, ଅସଭ୍ୟ ।

ମୂଢ଼ଗର୍ଭ, ବି. ( ମୂଢ଼-ଗର୍ଭ ) ମୃତଭ୍ରୂଣ, ଗର୍ଭରେ ମୃତଶିଶୁ ।

ମୂତ୍ର
ମୂତ୍ର } ବି. (ମୂ-ତ୍ର) ପ୍ରସ୍ରାବ ।

ମୂତ୍ରାଶୟ, ବି. (ମୂତ୍ର-ଆଶୟ) ତଳପେଟ, ମୂତ୍ରସ୍ଥାନ

ମୂର୍ଖ, ବିଂ. (ମୂର୍ହ୍-ଅ) ଅଜ୍ଞ, ମୂଢ଼, ଅବୋଧ, ନିର୍ବୋଧ ।

ମୂର୍ଚ୍ଛନା, ବି. ( ମୂର୍ଚ୍ଛ-ଅନ-ଆ ) ମୂର୍ଚ୍ଛା, ସଙ୍ଗୀତରେ ସ୍ୱରର ଆରୋହ ଅବରୋହ ।

ମୂର୍ଚ୍ଛା, ବି. (ମୂର୍ଚ୍ଛ-ଆ) ମୋହ, ଅଚୈତନ୍ୟ, ବୃଦ୍ଧି, ପ୍ରସାର, ବ୍ୟାପ୍ତି ।

ମୂର୍ଚ୍ଛିତ, ବିଂ. (ମୂର୍ଚ୍ଛା-ଇତ) ମୂର୍ଚ୍ଛାଗତ ।

ମୂର୍ତ୍ତି, ବିଂ. (ମୂର୍ଚ୍ଛ-ତ) ମୂର୍ତ୍ତିମାନ୍, ସାକାର ।

ମୂର୍ତ୍ତି, ବି. ( ମୂର୍ଚ୍ଛ-ତି ) ଆକୃତି, ଅଙ୍ଗ, ଅବୟବ, ପ୍ରତିମା, ଶରୀର ।

ମୂର୍ତ୍ତିମାନ୍, ବିଂ. (ମୂର୍ତ୍ତି-ମତ୍) ମୂର୍ତ୍ତି, ଶରୀରଧାରୀ ।

ମୂର୍ଦ୍ଧଜ, ବି. (ମୂର୍ଦ୍ଧନ୍-ଜ) କେଶ ।

ମୂର୍ଦ୍ଧନ୍ୟ, ବିଂ. (ମୂର୍ଦ୍ଧନ-ଯ) ମୂର୍ଦ୍ଧାରୁ ଉଚ୍ଚାରିତ ।

ମୂର୍ଦ୍ଧା, ବି. (ମୂର୍ଚ୍ଛ-ଅନ୍ ) ମସ୍ତକ ।

ମୂର୍ବା, ବି. ମୂରଗା ଗଛ, ବାରବର୍ଷିଆ ।

ମୂଳ, ବି. ( ମୂଳ-ଅ ) ଗଛର ଚେର, ଆଦିକାରଣ, ଅସଲ ।

ମୂଲ, ବି. ମୂଲ୍ୟ, ମଜୁରି ।

ମୂଳକ, ବି. (ମୂଳ-କ) ମୂଳା, ଏକପ୍ରକାର କନ୍ଦ ।

ମୂଳଦୁଆ, ବି. (ଦେ) ମୂଳଭିତ୍ତି ।

ମୂଳା, ବି. (ଦେ) ମୂଳକ ।

ମୂଲିଆ, ବି. (ଦେ) ମଜୁରଦାର ।

ମୂଳୀ, ବିଂ. (ମୂଳ-ଇନ୍) ମୂଳବଶିଷ୍ଟ । ବି. ବୃକ୍ଷ ।

ମୂଳୀଭୂତ, ବିଂ. (ମୂଳ-ଭୂତ) ହେତୁଭୂତ, ନିଦାନ-ସ୍ୱରୂପ ।

ମୂଲ୍ୟ, ବି. (ମୂଲ-ଯ) ଦାମ, ଭଡ଼ା, ବେତନ ।

ମୂଷା
ମୂଷିକ } ବି. ମୂଷା, ଇନ୍ଦୁର ।

ମୃଗ, ବି. (ମୃଗ୍-ଅ) ହରିଣ, ପଶୁ, ମାର୍ଗଶିର ମାସ, ମକରରାଶି ।

ମୃଗତୃଷ୍ଣା
ମୃଗତୃଷ୍ଣିକା } ବି. ମରୀଚିକା, ସୂର୍ଯ୍ୟକିରଣରେ ଜଳଭ୍ରମ ।

ମୃଗନାଭି, ବି. (ମୃଗ-ନାଭି) ମୃଗମଦ, କସ୍ତୂରୀ ।

ମୃଗପତି, ବି. (ମୃଗ-ପତି) ସିଂହ ।

ମୃଗମଦ, ବି. (ମୃଗ-ମଦ) ମୃଗନାଭି, କସ୍ତୂରୀ ।

ମୃଗୟା, ବି. ( ମୃଗ୍-ଯ ) ବନପର୍ଯ୍ୟଟନପୂର୍ବକ ମୃଗବଧ, ଶିକାର ।

ମୃଗୟୁ, ବି. (ମୃଗ-ଯା-ଉ) ବ୍ୟାଧ, ଶଗାଳ ।

ମୃଗରାଜ, ବି. (ମୃଗ-ରାଜା) ସିଂହ ।

ମୃଗବାହନ, ବି. (ମୃଗ-ବାହନ) ବାୟୁ ।

ମୃଗଶିରାଃ
ମୃଗଶୀର୍ଷ } ବି. ( ମୃଗ-ଶିରସ୍, ଶୀର୍ଷ ) ନକ୍ଷତ୍ର-ବିଶେଷ ।

ମୃଗାଙ୍କ, ବି. (ମୃଗ-ଅଙ୍କ) ଚନ୍ଦ୍ର, ବାୟୁ, କର୍ପୂର ।
ମୃଗାଦନ, ବି. (ମୃଗ-ଅଦ-ଅନ) ଚିତାବାଘ, ତରକ୍ଷୁ ।
ମୃଗୀ, ବି. ସ୍ତ୍ରୀ. ( ମୃଗ-ଈ ) ହରିଣୀ, ମୂର୍ଚ୍ଛାରୋଗ ।
ମୃଗେନ୍ଦ୍ର, ବି. (ମୃଗ-ଇନ୍ଦ୍ର) ପଶୁରାଜ, ସିଂହ ।
ମୃଡ଼, ବି. (ମୃଡ-ଅ) ଶିବ, ମହାଦେବ ।
ମୃଡ଼ାନୀ, ବି. (ମୃଡ଼-ଆନୀ) ଦୁର୍ଗା, ଶିବପତ୍ନୀ ।
ମୃଣାଳ, ବି. (ମୃଣ୍-ଆଳ) ପଦ୍ମ ପ୍ରଭୃତିର ନାଡ଼ ।
ମୃଣାଳିନୀ, ବି. ପଦ୍ମିନୀ ।
ମୃଣ୍ମୟ, ବିଂ. ( ମୃଦ୍-ମୟ ) ମୃତ୍ତିକାନିର୍ମିତ ।
ମୃତ, ବିଂ. (ମୃ-ତ) ମୃତ୍ୟୁପ୍ରାପ୍ତ, ଗତପ୍ରାଣ ।
ମୃତକ, ବି. (ମୃତ-କ) ଶବ, ମରଣାଶୌଚ ।
ମୃତକଳ୍ପ, ବିଂ. (ମୃତ-କଳ୍ପ) ମଲା ପରି, ମୃତପ୍ରାୟ ।
ମୃତଣ୍ଡ, ବି. (ମୃତ୍-ଅଣ୍ଡ) ସୂର୍ଯ୍ୟ ।
ମୃତବତ୍ସା, ବିଂ. ଯେଉଁ ସ୍ତ୍ରୀର ସନ୍ତାନ ବଞ୍ଚେ ନାହିଁ ।
ମୃତ୍ତିକା, ବି. (ମୃଦ୍-ତିକ-ଆ) ମାଟି, ଗନ୍ଧମାଟି, ଭୂମି ।
ମୃତ୍ୟୁ, ବି. (ମୃ-ତ୍ୟୁ) ପ୍ରାଣବିୟୋଗ, ମରଣ, ଯମ ।
ମୃତ୍ୟୁଞ୍ଜୟ, ବି. (ମୃତ୍ୟୁମ୍-ଜୟ) ଶିବ, ମହାଦେବ ।
ମୃଦଙ୍ଗ, ବି. (ମୃତ୍-ଅଙ୍ଗ) ମୁରଜ, ପଖାଉଜ, ପଟହ ।
ମୃଦୁ, ବିଂ. (ମୃଦ୍-ଉ) କୋମଳ, ନରମ, ଆର୍ଦ୍ର ।
ମୃଦୁଳ, ବିଂ. ( ମୃଦୁ-ଳ ) କୋମଳ, ନରମ ।
ମୃଦ୍, ମୃଦା } ବି. (ମୃଦ୍-ଅ, ଆ) ମୃତ୍ତିକା, ମାଟି ।
ମୃଦ୍ୱୀ, ବିଂ. (ମୃଦୁ-ଈ) କୋମଳାଙ୍ଗୀ ।

ମୃଷା, ଅ. (ମୃଷ୍-ଆ) ମିଥ୍ୟା ।
ମୃଷ୍ଟ, ବିଂ. (ମୃଷ୍-ତ) ମାର୍ଜିତ ।
ମେକାପ, ବି. (ଦେ) ଭଣ୍ଡାରରକ୍ଷକ, ରକ୍ଷକ ।
ମେଖ, ବି. (ଦେ) କଳା ।
ମେଖଳା, ବି. (ମି-ଖଳ-ଆ) କଟିସୂତ୍ର, କଟିଭୂଷଣ ।
ମେଘ, ବି. (ମିହ୍-ଅ) ଜଳଧର, ଦୈତ୍ୟବିଶେଷ ।
ମେଘଜ୍ୟୋତିଃ, ବି. ( ମେଘ-ଜ୍ୟୋତିଃ ) ଇରମ୍ମଦ, ବଜ୍ରାଗ୍ନି ।
ମେଘନାଦ, ବି. (ମେଘ-ନାଦ) ମେଘଧ୍ୱନି, ଇନ୍ଦ୍ରଜିତ୍ ।
ମେଘା, ବି. (ଦେ) ଏକପ୍ରକାର ବାଦ୍ୟ ।
ମେଘୁଆ, ବିଂ. (ଦେ) ମେଘାଚ୍ଛନ୍ନ ।
ମେଚକ, ବି. ( ମେଚ୍-ଅକ ) ମୟୂରପୁଚ୍ଛସ୍ଥ ଚନ୍ଦ୍ରକ, ଧୂମ, ମେଘ, ଶ୍ୟାମବର୍ଣ୍ଣ, ଶ୍ୟାମଳ ।
ମେଜ, ବି. (ଯା) ଦ୍ରବ୍ୟାଧାର କାଷ୍ଠ ଖଟ, ଟେବୁଲ ।
ମେଜାଜ , ବି. (ଯା) ସ୍ୱଭାବ, ପ୍ରକୃତି, ମସ୍ତିଷ୍କ ।
ମେଞ୍ଚଡ଼, ବିଂ. (ଦେ) ଅତି ଶିଶୁ ।
ମେଞ୍ଚା. ବି (ଦେ) ପୁଳା ।
ମେଢ଼ } ବି. (ଦେ) ବେଙ୍ଗଳାର ମଝି ଖଣ୍ଟ ।
ମେଢ଼ }
ମେଢ଼, ବି. (ଦେ) ପ୍ରତିମା ରଖିବାର ସ୍ଥାନ ।
ମେଢ୍ର, ବି. ( ମିହ୍-ତ୍ର ) ଶିଶ୍ନ, ପୁରୁଷୋପସ୍ଥ, ମେଷ ।
ମେଣ୍ଢ, ବି. (ଦେ) ପଲ, ଖେଦା, ଦଳ ।
ମେଣ୍ଢା } ବି. (ଦେ) ଧାନ ଶିଁଷାର ପେଣ୍ଡା ।
ମେଣ୍ଢି }

ମେଣ୍ଢିବା } କ୍ରି. (ଦେ) ଚଳିବା, ନର୍ବାହ ହେବା ।
ମେଣ୍ଢାଇବା

ମେଣ୍ଢା, ବି. ( ମେଢ୍ର ଶବ୍ଦଜ ) ମେଷ । ସ୍ତ୍ରୀ. ମେଣ୍ଢୀ ।

ମେଥି } ବି. ଶସ୍ୟବିଶେଷ, ମେଥିଶାକ ।
ମେଥିକା

ମେଦ, ବି. (ମିଦ୍-ଅ) ଅସ୍ଥିର ମଜ୍ଜା, ବସା, ଚର୍ବି ।

ମେଦା, ବିଂ. (ମେଦସ୍ ଶବ୍ଦଜ) ଜଡ଼ ।

ମେଦିନୀ, ବି. (ମେଦ-ଇନ୍-ଈ) ପୃଥିବୀ ।

ମେଦୁର, ବିଂ. (ମିଦ୍-ଉର) ଚିକ୍କଣ, ସ୍ନିଗ୍ଧ, ଶ୍ୟାମଳ ।

ମେଧ, ବି. (ମେଧ୍-ଅ) ଯଜ୍ଞ, ଯାଗ ।

ମେଧା, ବି. (ମେଧ୍-ଆ) ଧାରଣାବତୀ ବୁଦ୍ଧି, ସ୍ମୃତିଶକ୍ତି ।

ମେଧାବୀ, ବିଂ. (ମେଧା-ବିନ୍) ମେଧାବିଶିଷ୍ଟ, ଜ୍ଞାନୀ ।

ମେଧ୍ୟ, ବିଂ. ( ମେଧ-ଯ ) ଶୁଦ୍ଧ, ପବିତ୍ର, ଯଜ୍ଞୀୟ ।
ବି. ଛାଗ ।

ମେନକା } ବି. ହିମାଳୟପତ୍ନୀ, ସ୍ୱର୍ବେଶ୍ୟାବିଶେଷ ।
ମେନା

ମେୟ, ବିଂ. (ମା-ଯ) ପରିମେୟ, ପରିମାଣଯୋଗ୍ୟ ।

ମେଳିଆ, ବି. (ଦେ) ବଳିଯୋଗ୍ୟ ନର । ବିଂ. ମେଳିଆ ।

ମେରୁ, ବି. ( ମି-ରୁ ) ହେମାଦ୍ରି, ପୃଥିବୀର ଉତ୍ତର
ଦକ୍ଷିଣ କେନ୍ଦ୍ର, ଜପମାଳାର ଉପରସ୍ଥ ବଡ଼ ମାଳି ।

ମେରୁଦଣ୍ଡ, ବି. ପିଠିର ମଧ୍ୟସ୍ଥିତ ଅସ୍ଥି, ଭୂଗୋଳ
ଅନ୍ତର୍ଗତ ଉଭୟ କେନ୍ଦ୍ରଭେଦୀ କାଳ୍ପନିକ ସରଳ
ରେଖା ।

ମେଳ } ବି. ( ମିଳ୍-ଅ, ଆ ) ଜନତା, ଐକ୍ୟ,
ମେଳା } ଯୁକ୍ତ ।

ମେଳକ, ବି. ପୁଂ. ( ମେଳ-କ ) ସଙ୍ଗ, ସହବାସ, ମିଳନ ।

ମେଳନ, ବି. (ମିଳ୍-ଅନ) ଏକତ୍ର ହେବା, ଯାତ୍ରା ।

ମେଲା, ବି. ( ଦେ ) ଦାଣ୍ଡଘର, ପ୍ରଶସ୍ତ ସ୍ଥାନ, କାନ୍ଥ ନ ଥିବା ସ୍ଥାନ । ବିଂ. ଖୋଲା ।

ମେଲାଣି, ବି. (ଦେ) ବିଦାୟ ।

ମେଳିଆ, ବିଂ. (ଦେ)ଯେ ଅନେକ ଲୋକଙ୍କ ମେଳାଇ ଆନ୍ଦୋଳନ କରେ ।

ମେଲିବା, କ୍ରି. ( ଦେ ) ପ୍ରକାଶ କରିବା, ବିସ୍ତୃତ କରିବା ।

ମେଵା, ବି. (ଯା) ସୁମିଷ୍ଟ ଫଳ ।

ମେଷ, ବି. ( ମିଷ୍-ଅ ) ମେଣ୍ଢା, ଭେଡ଼ା, ପ୍ରଥମ ରାଶି ।

ମେହ, ବି. (ମିହ୍-ଅ) ଶୁକ୍ରକ୍ଷୟ ରୋଗବିଶେଷ ।

ମେହନତ, ବି. (ଯା) ଆୟାସ, ପରିଶ୍ରମ ।

ମେହନ୍ତ, ବି. (ଦେ) ପରିଶ୍ରମ ।

ମେହେନ୍ତର, ବି. ( ଯା ) ମାହାର ।

ମେହେରବାନୀ, ବି. (ଯା) ଦୟା ।

ମେହେରାବ, ବି. (ଯା) ତୋରଣ, ଖିଲାଣ ।

ମୈତ୍ର, ବି. (ମିତ୍ର-ଅ) ମିତ୍ରତା, ସୌହାର୍ଦ୍ଦ୍ୟ, ସଂସର୍ଗ ।

ମୈତ୍ରୀ } ବି.(ମିତ୍ର୍-ଅ-ଈ, ଯ) ମିତ୍ରତା, ସୌହାର୍ଦ୍ଦ୍ୟ ।
ମୈତ୍ର୍ୟ }

ମୈଥିଲୀ, ବି. (ମିଥିଳା-ଅ-ଈ) ସୀତା ।
ମୈଥୁନ, ବି. (ମିଥୁନ-ଅ)ବିବାହ, ସୁରତ, ରତିକ୍ରିୟା ।
ମୈଦାନ, ବି. (ଯା) ପଡ଼ିଆ, ବିଲ, ମଳତ୍ୟାଗ ।
ମୈନା, ବି. (ଯା) ଶାଣ୍ଢ଼, ବଣି ଚଢ଼େଇ ।
ମୈରଗିରିଆ, ବି. (ଯା) ତୁତିଆ ।
ମୋକ୍ତା, ବିଂ. (ମୁଚ୍-ତୃ) ମୋଚନକର୍ତ୍ତା, ତ୍ରାଣକର୍ତ୍ତା ।
ମୋକ୍ଷ, ବି. ( ମୋକ୍ଷ୍-ଅ) ମୁକ୍ତି, ନିତ୍ୟସୁଖପ୍ରାପ୍ତି, ପରିତ୍ରାଣ, ମୋଚନ ।
ମୋକ୍ଷଣ, ବି. ( ମୋକ୍ଷ୍-ଅନ ) ମୋଚନ, ଉଦ୍ଧାର-କରଣ ।
ମୋଗଲ, ବି. ଯବନ ଜାତିବିଶେଷ ।
ମୋଘ, ବିଂ. (ମୁହ୍-ଅ) ବ୍ୟର୍ଥ ।
ମୋଚ, ବି. ( ମୁଚ୍-ଅ ) କଦଳୀ ଗଛ ଓ ଫଳ ।
ମୋଚନ, ବି. ମୁକ୍ତିକରଣ, ପରିତ୍ରାଣ କରଣ ।
ମୋଚି, ବି. (ଯା) ଜାତିବିଶେଷ ।
ମୋଜା, ବି. (ଯା) ପାଦ ଆବରଣ କରିବାର ଲୁଗା ମୂଣିବିଶେଷ (stocking) ।
ମୋଟ, ବି. (ଦେ) ସମୁଦାୟ । ବିଂ. ସ୍ଥୂଳ ।
ମୋଟରକାର, ବି. (Motor Car) ମଟରଗାଡ଼ି ।
ମୋଟା, ବିଂ. (ଦେ) ସ୍ଥୂଳ, ମାଂସଳ, ପୀବର ।
ମୋଟିଆ, ବି. (ଦେ) ବୋଝିଆ ।
ମୋଡ଼, ବି. ବିଂ. (ଦେ) ବାଙ୍କ ।

ମୋଡ଼ା, ବି. (ଦେ) ବଂଶ ଓ ବେତନିର୍ମିତ ଆସନ, ସୂତାର ବଣ୍ଡି । କି. ବି. ଘଷା, ଦଳା ।

ମୋଡ଼ିଆ, ବି. (ଦେ) ପାଦାଲଙ୍କାରବିଶେଷ ।

ମୋଡ଼ିବା, କି. (ଦେ) ବଙ୍କା କରିବା, ଘଷିବା, ଦଳିବା ।

ମୋତି, ବି. (ମୌକ୍ତିକ ଶବ୍ଦଜ) ମୁକ୍ତା ।

ମୋତିଜାଲି, ବି. (ଦେ) ମସ୍ତକର ଅଳଙ୍କାର-ବିଶେଷ ।

ମୋଦ, ବି. (ମଦ୍-ଅ) ଆମୋଦ, ହର୍ଷ, ଆହ୍ଲାଦ ।

ମୋଦକ, ବି. (ମୋଦ-ଅକ) ମିଷ୍ଟ ଔଷଧବିଶେଷ ।

ମୋଦନ, ବି. (ମୁଦ୍-ଅନ) ହର୍ଷ, ଆହ୍ଲାଦ ।

ମୋଦିତ, ବିଂ. (ମୁଦ୍-ଇ-ତ) ଆହ୍ଲାଦିତ ।

ମୋଷ, (ଣ), ବି. (ମୁଷ-ଅ-ଅନ) ଅପହରଣ ।

ମୋହ, ବି. (ମୁହ୍-ଅ) ମୂର୍ଚ୍ଛା, ଅଜ୍ଞାନ, ମୂର୍ଖତା ।

ମୋହନ, ବି. (ମୁହ-ଇ-ଅନ) କନ୍ଦର୍ପର ବାଣ-ବିଶେଷ । ବିଂ. ମୋହଜନକ ।

ମୋହନଭୋଗ, ବି. (ମୋହନ-ଭୋଗ) ମିଷ୍ଟଖାଦ୍ୟ ଦ୍ରବ୍ୟ ବିଶେଷ ।

ମୋହର, ବି. ସ୍ୱର୍ଣ୍ଣମୁଦ୍ରା, ମୁଦ୍ରା (Seal)

ମୋହରିର, ବି (ଯା) ଲେଖକ, କିରାନି ।

ମୋହିତ, ବିଂ. (ମୋହ-ଇତ) ମୋହପ୍ରାପ୍ତ ।

ମୋହିନୀ, ବି. (ମୋହ-ଇନ୍-ଈ) ସ୍ତ୍ରୀବେଶ୍ୟାବିଶେଷ, ମୋହକାରିଣୀ ।

ମୌକଲ, ବି. (ଯା) ଯେଉଁମାନେ ବିଗ୍ରହକରେ ନିଜର ବକ୍ତବ୍ୟ ପ୍ରକାଶ କରିବା ପାଇଁ ନିଜ ପରିବର୍ତ୍ତେ ଅନ୍ୟକୁ ନିଯୁକ୍ତ କରନ୍ତି ।

ମୌକୁଳି, ବି. (ମୁକୁଳ-ଇ) ବାୟସ, କାକ ।

ମୌକ୍ତିକ, ବି. (ମୁକ୍ତା-ଇକ) ମୁକ୍ତା, ମୋତି ।

ମୌଖିକ, ବିଂ. (ମୁଖ-ଇକ) ମୁଖସମ୍ବନ୍ଧୀୟ, କାଳ୍ପନିକ, ବାହ୍ୟ ।

ମୌଜ, ବି. (ଯା) ଆମୋଦ ପ୍ରମୋଦ ।

ମୌଜା, ବି. (ଯା) ମାହାଲ, ସୂତାନିର୍ମିତ ପଦତ୍ରାଣ ।

ମୌନ, ବି. (ମୁନି-ଅ) ଅଭାଷଣ, ତୁଷ୍ଣୀମ୍ଭାବ, ଚୁପ, ନୀରବ ।

ମୌନୀ, ବିଂ. (ମୌନ-ଇନ୍) ମୌନବ୍ରତଧାରୀ, ତପସ୍ୱୀ ।

ମୌରସୀ, ବିଂ. (ଯା) ପୁରୁଷାନୁକ୍ରମେ ଦଖଲି ।

ମୌର୍ବୀ, ବି. (ମୂର୍ବା-ଅ-ଈ) ଧନୁର୍ଗୁଣ ।

ମୌର୍ଯ୍ୟ, ବି. (ମୁର-ଯ) ଚନ୍ଦ୍ରଗୁପ୍ତ ରାଜା, ବଂଶ ବିଶେଷ ।

ମୌଲଵି, ବି. (ଯା) ମୁସଲମାନ ପଣ୍ଡିତ ।

ମୌଳା, ବି. (ମାତୁଳ-ଶବ୍ଦଜ) ମାମୁଁ ।

ମୌଳାପକ୍ଷ, ବି. (ଦେ) ଅପରପକ୍ଷ ।

ମୌଳି, ବି. (ମୂ-ଳି) ଶିଖା, ଚୂଡ଼ା, କିରୀଟ, ମୁକୁଟ, ମସ୍ତକ ।

ମୌଳିକ, ବିଂ. (ମୂଳ-ଇକ) ମୂଳୀଭୂତ, ପ୍ରଧାନସ୍ୱରୂପ । ବି. ବଂଶଜ ।

ମ୍ରକ୍ଷଣ, ବି. (ମ୍ରକ୍ଷ୍-ଅନ) ଲେପନ ।

ମ୍ରଦିମା, ବି. ( ମୃଦୁ-ଇମନ୍ ) କୋମଳତା ।

ମ୍ରିୟମାଣ, ବିଂ. (ମୃ-ଆନ) ମୃତପ୍ରାୟ, ଦୁଃଖିତ ।

ମ୍ଳାନ, ବିଂ. ( ମ୍ଳା-ତ ) କାନ୍ତିହୀନ, ମଳିନ, ବିଷଣ୍ଣ ।

ମ୍ଳାନି, ବି. (ମ୍ଳୈ-ତି) ବିଷାଦ, ମାଳିନ୍ୟ, କାନ୍ତିକ୍ଷୟ ।

ମ୍ଳେଚ୍ଛ, ବି. ( ମ୍ଳେଚ୍ଛ୍-ଅ ) ଅସଭ୍ୟ ଜାତିବିଶେଷ । ବିଂ. ପାପିଷ୍ଠ ।

---

## ଯ

ଯ, ବ୍ୟଞ୍ଜନବର୍ଣ୍ଣର ଷଡ଼ିବିଂଶ ବର୍ଣ୍ଣ । ଏହାର ଉଚ୍ଚାରଣ ସ୍ଥାନ ତାଳୁ । ବି. ( ଯା-ଅ ) ବାୟୁ, ଯଶ, ଯାନ, ସଂଯମନ, ଯମ ।

ଯ, ଯଅ, ବି. (ଦେ) ଯବଧାନ ।

ଯକୃତ, ବି. (ଯ-କୃ-୦) ପିତ୍ତାଶୟ ।

ଯକ୍ଷ, ବି. ( ଯକ୍ଷ୍-ଅ ) ଦେବଯୋନିବିଶେଷ, କୁବେରଙ୍କ ଅନୁଚର । (ଦେ) କୃପଣ ।

ଯକ୍ଷରାଜ, ବି. (ଯକ୍ଷ-ରାଜା) କୁବେର ।

ଯକ୍ଷ୍ମା, ବି. (ଯକ୍ଷ୍-ମନ୍) କ୍ଷୟରୋଗ, କାଶବିଶେଷ ।

ଯଜନ, ବି. (ଯଜ୍-ଅନ) ଯଜ୍ଞକରଣ, ପୂଜନ ।

ଯଜମାନ, ବି. (ଯଜ୍-ଆନ) ଯଷ୍ଟା, ଯଜ୍ଞକାରକ, ବ୍ରତୀ ।

ଯଜୁଃ, ଯଜୁର୍ବେଦ } ବି. (ଯଜ୍-ଉସ୍, ଯଜୁଃ-ବେଦ) ବେଦବିଶେଷ, ଦ୍ୱିତୀୟ ବେଦ ।

ଯଜୁର୍ବେଦୀ, ବି°. (ଯଜୁର୍ବେଦ-ଇନ୍) ଯଜୁର୍ବେଦବେତ୍ତା, ଯଜୁର୍ବେଦାନୁଗାମୀ ।

ଯଜ୍ଞ, ବି. (ଯଜ୍-ନ) ଯାଗ, କ୍ରତୁ, ହୋମ ।

ଯଜ୍ଞବାଟ, ବି. (ଯଜ୍ଞ-ବାଟ) ଯଜ୍ଞସ୍ଥାନ, ଯଜ୍ଞଭୂମି ।

ଯଜ୍ଞସୂତ୍ର, ଯଜ୍ଞୋପବୀତ } ବି. (ଯଜ୍ଞ-ସୂତ୍ର, ଯଜ୍ଞ-ଉପବୀତ) ପଇତା ।

ଯଜ୍ଞିୟ, ଯଜ୍ଞୀୟ } ବି°. (ଯଜ୍ଞ-ଇୟ, ଈୟ) ଯଜ୍ଞକର୍ମଯୋଗ୍ୟ, ଯଜ୍ଞର ହିତକାରୀ ।

ଯଜ୍ଞୋପବୀତ, ବି. (ଯଜ୍ଞ-ଉପବୀତ) ଯଜ୍ଞସୂତ୍ର, ପଇତା ।

ଯଜ୍ୱା, ବି°. (ଯଜ-ବନ୍) ଯାଜ୍ଞିକ, ବିଧିପୂର୍ବକ ଯାଗକର୍ତ୍ତା ।

ଯତ, ବି°. ( ଯମ୍-ତ ) ସଂଯତ, ବଦ୍ଧ, ନିୟମିତ, ନିଗୃହୀତ, ଅନୁଷ୍ଠିତ ।

ଯତଃ, ଅ°. ( ଯଦ୍-ତସ୍ ) ଯେହେତୁରୁ, ଯେତେବେଳେ, ଯହିଁରେ, ଯାହାଠାରୁ ।

ଯତନ, ବି. (ଯତ୍-ଅନ) ଯତ୍ନ, ଚେଷ୍ଟା, ଉଦ୍ୟୋଗ । (ଦେ) ବି°. ସୁନ୍ଦର ।

ଯତି, ବି. (ଯତ୍-ଇ) ତପସ୍ୱୀ, ମୁନି, ଭିକ୍ଷୁ, ପରିବ୍ରାଜକ ।

ଯତୀ, ବି ( ଯମ୍-ତ-ଇନ୍ ) ଜିତେନ୍ଦ୍ରିୟ, ମୁନି, ସନ୍ନ୍ୟାସୀ ।

ଯତ୍, ଅ°. ( ଯମ୍-° ) ଯେମନ୍ତ, ଯେହେତୁରୁ ।

ଯତ୍‌କିଞ୍ଚିତ୍, ବି. (ଯତ୍-କିଞ୍ଚିତ୍) କିଞ୍ଚିତ୍‌ପରିମାଣ, କିଛି ।

ଯତ୍ନ, ବି. (ଯତ୍-ନ) ପ୍ରବୃତ୍ତି, ପରିଶ୍ରମ, ଉଦ୍ୟମ, ଚେଷ୍ଟା ।

ଯତ୍ର, ଅ°. (ଯଦ୍-ତ୍ର) ଯେଉଁଠାରେ, ଯେଉଁ ସ୍ଥାନରେ ।

ଯଥା, ଅଂ. ( ଯଦ୍-ଥା ) ଯେଉଁପରି, ସାଦୃଶ୍ୟ, ଯୋଗ୍ୟତା । ବି. (ଦେ) ବସ୍ତ୍ରଯୁଗଳ ।

ଯଥାକଥଞ୍ଚିତ୍, ଅଂ. ଯେ କୌଣସିରୂପେ ।

ଯଥାକ୍ରମ, କ୍ରି. ବିଂ. ( ଯଥା-କ୍ରମ ) କ୍ରମାନୁରୂପ, କ୍ରମକୁ ଅତିକ୍ରମ ନ କରିବା ।

ଯଥାତଥ, ବିଂ. ( ଯଥା-ତଥା ) ଯଥାଯୋଗ୍ୟ, ଯଥାର୍ଥ ।

ଯଥାତଥା, ଅଂ. ଯେ କୌଣସିରୂପେ, ଯେ କୌଣସି ପ୍ରକାରେ ।

ଯଥାଯଥ, ବିଂ. ( ଯଥା-ଯଥା ) ଯେପରି, ପୂର୍ବାନୁ-ଯାୟୀ, ଯଥାଯୋଗ୍ୟ ।

ଯଥାର୍ଥ, ବିଂ. (ଯଥା-ଅର୍ଥ ) ସତ୍ୟ, ଯୋଗ୍ୟ ।

ଯଥାବିଧି, କ୍ରି. ବିଂ. ବିଧିଅନୁସାରେ ।

ଯଥାଶକ୍ତି, କ୍ରି. ବିଂ. ଶକ୍ତି ଅନୁସାରେ, ଯଥାସାଧ୍ୟ ।

ଯଥେଚ୍ଛାଚାର, ବି. (ଯଥା-ଇଚ୍ଛା-ଆଚାର) ସ୍ୱେଚ୍ଛାଚାର ।

ଯଥେଷ୍ଟ, କ୍ରି. ବିଂ. ( ଯଥା-ଇଷ୍ଟ ) ଯଥାଭିଳଷିତ, ପ୍ରଚୁର, ଅନେକ ।

ଯଥୋଚିତ, ଅଂ. ( ଯଥା-ଉଚିତ ) ଯଥାଯୋଗ୍ୟ, ଯଥୋପଯୁକ୍ତ ।

ଯଦା, ଅଂ. (ଯଦ୍-ଦା, କାଳାର୍ଥରେ) ଯେତେବେଳେ ।

ଯଦି, ଅଂ. (ଯତ୍-ଇ) ସଂଶୟ, ପକ୍ଷାନ୍ତର, ଅବଧାରଣ ।

ଯଦ୍ୱା, ଅଂ. (ଯଦ୍-ବା) ଅଥବା, ପକ୍ଷାନ୍ତର ।

ଯଦୁ, ବି. (ନାମ) ଯଯାତିଙ୍କ ଜ୍ୟେଷ୍ଠ ପୁତ୍ର, ଶ୍ରୀକୃଷ୍ଣଙ୍କ ପୂର୍ବପୁରୁଷ ।

ଯଦୁପତି, ବି. ଶ୍ରୀକୃଷ୍ଣ ।

ଯଦୃଚ୍ଛା, ବି. ( ଯଦ-ଋଚ୍ଛ୍-ଆ ) ସ୍ୱାତନ୍ତ୍ର୍ୟ, ସ୍ୱେଚ୍ଛା, ଅନାୟାସ, ଦୈବାତ୍ ।

ଯଦ୍ୟପି, କ୍ରି. ବି. (ଯଦ୍-ଅପି) ଯଦିଚ ।

ଯନ୍ତା, ବି. (ଯମ୍-ତୃ) ସାରଥି । ବି. ଦମନକାରୀ ।

ଯନ୍ତ୍ର, ବି. (ଯନ୍ତ୍ର୍-ଅ) କଳକୌଶଳ ।

ଯନ୍ତ୍ରଣା, ବି. (ଯନ୍ତ୍ର-ଅନ-ଆ) ଯାତନା, କ୍ଳେଶ ।

ଯନ୍ତ୍ରିତ, ବି. (ଯନ୍ତ୍ର-ତ) ଶାସିତ, ଦମିତ ।

ଯନ୍ତ୍ରୀ, ବି. (ଯନ୍ତ୍ର-ଇନ୍) ଶିଳ୍ପୀ, ଷଡ଼ଯନ୍ତ୍ରକାରୀ ।

ଯମ, ବି. ( ଯମ୍-ଅ ) ଦକ୍ଷିଣଦିକ୍‌ପାଳ, ଧର୍ମରାଜ, ଶମନ । ବି. ଯମଜ ।

ଯମକ, ବି. ( ଯମ୍-କ ) ଶବ୍ଦାଳଙ୍କାରବିଶେଷ, ପୁନରାବୃତ୍ତି ।

ଯମଜ, ବି. ( ଯମ-ଜନ୍-ଅ ) ଏକ ଗର୍ଭରୁ ଏକ ସମୟରେ ଉତ୍ପନ୍ନ ସନ୍ତାନଦ୍ୱୟ ।

ଯମଦ୍ରୁମ, ବି. (ଯମ-ଦ୍ରୁମ) ଶାଳ୍ମଳୀବୃକ୍ଷ ।

ଯମଦ୍ୱିତୀୟା, ବି. କାର୍ତ୍ତିକ ଶୁକ୍ଳଦ୍ୱିତୀୟା, ଭ୍ରାତୃଦ୍ୱିତୀୟା ।

ଯମନ, ବି. (ଯମ୍-ଅନ) ସଂଯମନ, ବନ୍ଧନ, ଛେଦନ ।

ଯମରାଟ୍ } ବି. ( ଯମ-ରାଜ୍, ରାଜ ) ଯମ, ଶମନ,
ଯମରାଜ } କୃତାନ୍ତ ।

ଯମୁନା, ବି. କାଳିନ୍ଦୀ ନଦୀ, ଯମଭଗିନୀ ।

ଯମୁନାଜନକ, ବି. (ଯମୁନା-ଜନକ) ସୂର୍ଯ୍ୟ ।

ଯଯାତି, ବି. (ନାମ) ନହୁଷ ରାଜାଙ୍କ ପୁତ୍ର ।

ଯବ, ବି (ଯୁ-ଅ) ଶସ୍ୟବିଶେଷ, ପରିମାଣବିଶେଷ, ଗୁରୁଧାନପରିମାଣ, ଅଙ୍ଗୁଳିସ୍ଥ ଯବରେଖା ।

ଯବକ୍ଷାର, ବି. (ଯବ-କ୍ଷାର) କ୍ଷାରବିଶେଷ, ସୋରା ।

ଯବନ, ବି (ଯୁ-ଅନ) ମୁଷଲମାନ । (ଯୋନି-ସ୍ଥ) ଜାତିବିଶେଷ ।

ଯବନିକା, ବି. (ଯବନ-କ-ଆ) ତିରସ୍କରଣୀ, ପର୍ଦ୍ଦା ।

ଯବାଗୂ, ବି. (ଯୁ=ମିଶ୍ରିତ କରିବା-ଆଗୂ) ଯବମଣ୍ଡ, ଯାଉ ।

ଯବିଷ୍ଠ, ଯବୀୟାନ୍ } ବିଂ. (ଯୁବନ୍-ଇଷ୍ଠ, ଈୟସ୍) ଅତି-ଯୁବା, କନିଷ୍ଠ ।

ଯଶଃ, ବି. (ଅଶ୍-ଅସ୍=ଯ ଆଗମ) ସୁଖ୍ୟାତି, କୀର୍ତ୍ତି ।

ଯଶସ୍ୟ, ଯଶସ୍କର } ବିଂ. (ଯଶସ୍-ଯ, କୃ-ଅ) ଖ୍ୟାତିଜନକ ।

ଯଶସ୍ୱାନ୍, ବିଂ. (ଯଶସ୍-ବତ୍) କୀର୍ତ୍ତିମାନ୍ ।

ଯଶସ୍ୱୀ, ବିଂ. (ଯଶସ୍-ବିନ୍) କୀର୍ତ୍ତିମାନ୍, ବିଖ୍ୟାତ ।

ଯଶୋଧନ, ବିଂ. (ଯଶଃ-ଧନ) ଯଶସ୍ୱୀ ।

ଯଷ୍ଟା, ବିଂ. (ଯଜ୍-ତୃ) ଯାଗକର୍ତ୍ତା, ପୁରୋହିତ ।

ଯଷ୍ଟି, ବି. (ଯକ୍ଷ୍-ତି) ବାଡ଼ି, ଧ୍ୱଜାଦିଦଣ୍ଡ, ଶାଖା ।

ଯଷ୍ଟିମଧୁ, ବି. (ଯଷ୍ଟି-ମଧୁ) ଯାଠିମଧୁ ।

ଯହିଁ, ଅଂ (ଦେ) ଯେଉଁଠାରେ ।

ଯହୁଁ, ଅଂ. (ଦେ) ଯେଉଁ ହେତୁରୁ ।

ଯା, ବି. (ଯାତୃ ଶବ୍ଦଜ) ପତିର ଭାତୃଜାୟା । କ୍ରି. ଗମନ କର ।

ଯାଆସ, ବି. (ଦେ) ଯିବା ଆସିବା ।

ଯାଆଁଳା, ବିଂ. (ଯାମଳ ଶବ୍ଦଜ) ଯମଜ ।

ଯାଉ, ବି. ( ଦେ ) ଯବାଗୂ, ଯବମଣ୍ଡ ।

ଯାଉଁଳ, ବି. (ଦେ) ଯୁଗ୍ମ, କାନ୍ଧର ଦୁଇ ପାଖରେ ଝୁଲୁଥିବା ବୋକଗୁ ।

ଯାଏ
ଯାକେ } ଅଂ. (ଦେ) ପର୍ଯ୍ୟନ୍ତ ।

ଯାକ, ବି. ସମୁଦାୟ । ବିଂ. ଭଳି ।

ଯାକିବା, କ୍ରି. (ଯୁଜ୍ ଧାତୁଜ) ଚିପି ଧରିବା ।

ଯାଗ, ବି. (ଯଜ୍-ଅ) ଯଜ୍ଞ, ହୋମ ।

ଯାଚକ, ବିଂ. ( ଯାଚ୍-ଅକ ) ଭିକ୍ଷୁ, ପ୍ରାର୍ଥୀ ।

ଯାଚନା
ଯାଚ୍ଞା } ବି. (ଯାଚ୍-ନ-ଆ) ଭିକ୍ଷା, ପ୍ରାର୍ଥନା ।

ଯାଚନୀୟ, ବିଂ. (ଯାଚ୍-ଅନୀୟ) ପ୍ରାର୍ଥନୀୟ ।

ଯାଚିତ, ବିଂ. (ଯାଚ୍-ତ) ପ୍ରାର୍ଥିତ ।

ଯାଜକ, ବି. (ଯଜ୍-ଅକ) ପୁରୋହିତ ।

ଯାଜନ, ବି. (ଯାଜ-ଅନ) ଯଜ୍ଞ କରାଇବା ।

ଯାଜୀ, ବିଂ. (ଯଜ୍-ଇନ୍) ଯାଜକ ।

ଯାଜ୍ଞସେନୀ, ବି. (ଯଜ୍ଞ-ସେନ-ଅ-ଈ) ଦ୍ରୌପଦୀ ।

ଯାଜ୍ଞିକ, ବିଂ. (ଯଜ୍ଞ-ଇକ) ଯଜ୍ଞକର୍ତ୍ତା, ପୁରୋହିତ ।

ଯାତ, ବିଂ. (ଯା-ତ) ଗତ । ବି. (ଯାତ୍ରା ଶବ୍ଦଜ) ଯାତ୍ରା, ପର୍ବ ।

ଯାତନା, ବି. ( ଯାତି=ଯନ୍ତ୍ରଣା ଦେବା-ଅନ, ଆ ) ତୀବ୍ରବେଦନା ।

ଯାତାୟାତ, ବି. (ଯାତ-ଆୟାତ) ଗମନାଗମନ ।
ଯାତୁଧାନ, ବି. (ଯାତୁ-ଧା-ଅନ) ରାକ୍ଷସ, ନିଶାଚର ।
ଯାତ୍ରା, ବି. (ଯା-ତ୍ର-ଆ) ପ୍ରସ୍ଥାନ, ଗମନ, ପର୍ବ ।
ଯାତ୍ରୀ, ବିଂ. (ଯାତ୍ରା-ଇନ୍) ଯାତ୍ରାକାରୀ ।
ଯାଥାତଥ୍ୟ, ବି. (ଯଥା-ତଥା-ଯ) ଯଥାର୍ଥତା ।
ଯାଥାର୍ଥ୍ୟ, ବି. (ଯଥାର୍ଥ-ଯ) ଯଥାର୍ଥତା, ସତ୍ୟତା ।
ଯାଦଃ, ବି. (ଯା-ଅସ୍, ଦ୍ ଆଗମ) ଜଳଚର ଜନ୍ତୁ ।
ଯାଦଃପତି, ବି. (ଯାଦସ୍-ପତି) ସମୁଦ୍ର, ବରୁଣ ।
ଯାଦବ, ବି. (ଯଦୁ-ଅ) କୃଷ୍ଣ, ଯଦୁନନ୍ଦନ । ବିଂ. ଯଦୁବଂଶୀୟ ।
ଯାଦୁ, ବି. (ଦେ) ବଶୀକରଣବିଦ୍ୟା, କୁହୁକ । (ଦେ) ଦଦ୍ରୁରୋଗ ।
ଯାଦୁକର, ବିଂ. (ଦେ) ଐନ୍ଦ୍ରଜାଲିକ, କୁହୁକୀ ।
ଯାଦୁଘର, ବି. (ଦେ) ସଂଗୃହୀତ ପ୍ରାକୃତିକ ବସ୍ତୁ ଓ ଶିଳ୍ପଜାତ ବସ୍ତୁର ରହିବା ଘର (Museum) ।
ଯାଦୃକ୍ } ଯାଦୃଶ } ବି. ( ଯଦ୍-ଦୃଶ୍-ଂ, ଅ ) ଯେରୂପ, ଯେପରି ।
ଯାନ, ବି. (ଯା-ଅନ) ବାହନ, ଗମନ ।
ଯାପନ, ବି. ( ଯାପି-ଅନ ) କାଳକ୍ଷେପଣ, ସମୟ କଟାଇବା ।
ଯାପିତ, ବିଂ, (ଯାପି-ତ) ଅତିବାହିତ ।
ଯାପ୍ୟ, ବିଂ. (ଯାପି-ଯ) ନିନ୍ଦନୀୟ, ଅଧମ, ଯାପନୀୟ, କ୍ଷେପଣୀୟ, ଗୋପନୀୟ, ଅପ୍ରତୀକାର୍ଯ୍ୟ ।

ଯାମ, ବି. (ଯା-ମ କମ୍ବା ଯମ୍-ଅ) ଦିବାରାତ୍ରିର ଚତୁର୍ଥ ଖଣ୍ଡୈକ କାଳ, ପ୍ରହର ।
ଯାମଘୋଷ, ବି. (ଯାମ-ଘୋଷ) କୁକ୍କୁଟ, ଶୃଗାଳ ।
ଯାମଳ, ବି. (ଯମଳ-ଅ) ଯୁଗ୍ମ, ତନ୍ତ୍ରଶାସ୍ତ୍ରବିଶେଷ ।
ଯାମାତା, ବି. (ଜାୟା-ମା-ତୃ) ଜାମାତା, ଜୁଆଁଇ ।
ଯାମି, ବି. (ଯା-ମି) ଭଗିନୀ, ଦୁହିତା, କୁଳବଧୂ ।
ଯାମିନୀ, ବି. ( ଯାମ-ଇନ୍-ଈ ) ରାତ୍ରି, ହରିଦ୍ରା ।
ଯାମ୍ୟ, ବି. (ଯାମୀ-ଯ) ଦକ୍ଷିଣଦିଗ ।
ଯାଯାବର,ବିଂ. (ଯଙ୍ଲୁକ୍ ଯା-ବର) ସଦାଭ୍ରମଣକାରୀ ।
ଯାବ, ବି. (ଯୁ-ଅ) ଅଳତା । (ଦେ) ଏକ‌ପ୍ରକାର ବୃକ୍ଷଭେଦ ।
ଯାବକ, ବି. (ଯାବ-କ) ଅଳତା ।
ଯାବତ୍, ଅଂ. (ଯଦ୍-ବତ୍) ପରିମାଣ, ସାକଲ୍ୟ, ଅବଧି ।
ଯାବତୀୟ, ବିଂ. (ଯାବତ୍-ଈୟ) ସମୁଦାୟ, ଯେତେ ଅଛି ।
ଯାବଜ୍ଜୀବନ, ବି.(ଯାବତ୍-ଜୀବନ)ଜୀବିତକାଳପର୍ଯ୍ୟନ୍ତ ।
ଯାବନ୍ତ, ବିଂ. (ଯାବତ୍ ଶବ୍ଦଜ) ଯାବତୀୟ, ସମସ୍ତ ।
ଯାହା, ବି. ସର୍ବ. (ଯତ୍ ଶବ୍ଦଜ) ଯେ, ଯେଉଁ ।
ଯିଦ୍ / ଯିଦ } ବି. (ଯା) ଜଗର, ପଣ ।
ଯୁ, ବି. (ଦେ) ଶକ୍ତି, ସାମର୍ଥ୍ୟ, କୌଶଳ ।
ଯୁଆନ୍, ବିଂ. (ଯୁବନ୍ ଶବ୍ଦଜ) ଯୁବା ।
ଯୁଆଳି, ବି, (ଯୁଗ ଶବ୍ଦଜ) ଯୁଗ, ଲଙ୍ଗଳ ପ୍ରଭୃତିର ଅଙ୍ଗ ।

ଯୁକ୍ତ, ବିଂ. (ଯୁଜ୍-ତ) ନ୍ୟାଯ୍ୟ, ଉପଯୁକ୍ତ, ମିଳିତ, ସଂଲଗ୍ନ, ନିଯୁକ୍ତ ।

ଯୁକ୍ତି, ବି. (ଯୁଜ୍-ତି) ନ୍ୟାୟ୍ୟ, ମିଳନ, ଗ୍ରନ୍ଥ, ଅନୁମାନ ।

ଯୁଗ, ବି. ( ଯୁ-ଗ ) ଯୁଗ୍ମ, ସତ୍ୟ ତ୍ରେତା ଦ୍ୱାପର କଳି ଏହି ଚାରି କାଳ, ଯୁଆଳି ।

ଯୁଗପତ୍, ଅଂ. ଏକଦା, ଏକ ସମୟରେ ।

ଯୁଗଳ, ବି. (ଯୁଗ-ଳ) ଯୁଗ୍ମ, ଯୋଡ଼ା ।

ଯୁଗାନ୍ତ, ବି. (ଯୁଗ-ଅନ୍ତ) ପ୍ରଳୟକାଳ, ଚାରିଯୁଗର ଅବସାନ ।

ଯୁଗ୍ମ, ବି. (ଯୁଜ୍-ମ) ଯୁଗଳ, ଯୋଡ଼ା ।

ଯୁଝ, ବି. (ଦେ) ଯୁଦ୍ଧ ।

ଯୁଝିବା, କ୍ରି. (ଦେ) ଯୁଦ୍ଧ କରିବା ।

ଯୁଟିବା, କ୍ରି. (ଦେ) ମିଳିବା, ଘଟିବା, ପ୍ରାପ୍ତ ହେବା ।

ଯୁଣ, ବି. (ଦେ) ଚାରିକୋଶ ପରିମାଣ, ଏକପ୍ରକାର ଯାନ ।

ଯୁତ, ବିଂ. (ଯୁ-ତ) ଯୁକ୍ତ, ସଂଯୁକ୍ତ, ମିଳିତ ।

ଯୁଦ୍ଧ, ବି. (ଯୁଧ୍-ତ) ସମର ଲଢ଼ାଇ, ବିବାଦ ।

ଯୁଧିଷ୍ଠିର, ବି. (ଯୁଧି-ସ୍ଥିର) ପ୍ରଥମ ପାଣ୍ଡବ ।

ଯୁଯୁତ୍ସୁ, ବିଂ. ( ଯୁଧ୍-ସନ୍-ଉ ) ଯୁଦ୍ଧ କରିବାକୁ ଇଚ୍ଛୁକ, ଧୃତରାଷ୍ଟ୍ରଙ୍କ ବୈଶ୍ୟାଗର୍ଭଜାତ ପୁତ୍ର ।

ଯୁଯୁଧାନ, ବି. (ଯୁଧ-କାନଚ୍) ଯୋଦ୍ଧା ।

ଯୁର, ବିଂ. (ଦେ) ନଷ୍ଟ, ଲୁଣ୍ଠିତ ।

ଯୁଲମ୍, ବି. (ଯା) ବଳାତ୍କାର ।

ଯୁବକ, ବି. ( ଯୁବନ୍-କ ) ଯୁବା, ତରୁଣ ।

ଯୁବଜାନି, ବି. ( ଯୁବତୀ-ଜାୟା ) ଯୁବତୀର ପତି, ଯାହାର ଜାୟା ଯୁବତୀ ।

ଯୁବତି
ଯୁବତୀ } (ଯୁବନ୍-ତି,ଈ) ପ୍ରାପ୍ତଯୌବନା, ତରୁଣୀ ।

ଯୁବରାଜ, ବି. (ଯୁବନ୍-ରାଜା) ରାଜ୍ୟର ଉତ୍ତରାଧିକାରୀ ରାଜପୁତ୍ର ।

ଯୁବା, ବିଂ. ( ଯୁ-ଅନ୍ ) ତରୁଣ, ୧୬ ବର୍ଷଠାରୁ ୩୦ ବର୍ଷ ପର୍ଯ୍ୟନ୍ତ ବୟସ୍କ ।

ଯୁଷ୍ମଦ୍, ସର୍ବ. (ଯୁଷ୍-ମଦ୍) ତୁମ୍ଭେ, ମଧ୍ୟମ ପୁରୁଷ ।

ଯୁଷ୍ମଦୀୟ, ବିଂ. (ଯୁଷ୍ମଦ୍-ଈୟ) ତୁମ୍ଭମାନଙ୍କ ସମ୍ବନ୍ଧୀୟ ।

ଯୂଇ, ବି. (ଯୂଥିକା ଶବ୍ଦଜ) ଫୁଲବିଶେଷ, ଚଣ୍ଡାନଳ, ଅଗ୍ନି ।

ଯୂଥ, ବି. (ଯୂ-ଥ) ପଶୁ ପକ୍ଷିର ଦଳ, ସମୂହ ।

ଯୂଥିକା
ଯୂଥୀକା } ବି. (ଯୂଥୀ-ଇକ-ଆ,) ମାଗଧୀ କୁସୁମ, ଯୂଇଫୁଲ ।

ଯୂନୀ, ବି. (ଯୁବନ୍-ଈ) ତରୁଣୀ, ଯୁବତି ।

ଯୂପ, ବି. (ଯୂ-ପ) ଯଜ୍ଞୀୟ ପଶୁବନ୍ଧନାର୍ଥ ସଂସ୍କୃତ କାଷ୍ଠସ୍ତମ୍ଭ, ଯଜ୍ଞସ୍ତମ୍ଭ ।

ଯୂଷ, ବି. (ଦେ) ଝୋଳ, ଅଣ, ରସ ।

ଯେ
ଯେଉଁ
ଯେଉଁ } ସର୍ବ. (ଯଦ୍ ଶବ୍ଦଜ) ବିଶେଷ ବ୍ୟକ୍ତି ବା ବସ୍ତୁ, ଯାହା, ଯେଉଁ ।

ଯେଉଟ, ବି. ଫଳବିଶେଷ ।

ଯେତେ଼, ସର୍ବ. (ଯଦ୍ ଶବ୍ଦଜ) ଯେଉଁ ପରିମାଣରେ, ଯେମନ୍ତ ।

ଯେଣିକି } ଅଂ. (ଦେ) ଯେଉଁ ଆଡ଼କୁ ।
ଯେଣେ

ଯେଣୁ, ଅଂ. (ଦେ) ଯେଉଁ ହେତୁରୁ, ଯେଉଁ ଆଡ଼ୁ ।

ଯେତେ, ବିଂ. (ଦେ) ଯତ୍ପରିମାଣ, ଯତ୍ସଂଖ୍ୟକ ।

ଯେତେବେଳେ, ଅଂ. ଯେଉଁ ସମୟରେ ।

ଯେମନ୍ତ, (ନ୍ତ), ଅଂ. (ଦେ) ଯେପରି, ଯେପ୍ରକାର ।

ଯେବଣ, ଅଂ. (ଦେ) ଯେଉଁ, ଯେଉଁ ଯେଉଁ ।

ଯେବେ, ଅଂ. (ଦେ) ଯେଉଁ ସମୟରେ ।

ଯେସନ } ଅଂ. (ଦେ) ଯେପରି ।
ଯେହ୍ନେ

ଯୋକ୍ତ୍ର, ବି. (ଯୁଜ୍-ତ୍ର) ଯୋତଦଉଡ଼ି, ହଳବନ୍ଧନ ରଜ୍ଜୁ ।

ଯୋଖ, ବିଂ. (ଦେ) ସଦୃଶ । ବିଂ ତୁଳନା, ଉପମା ।

ଯୋଖା, ବିଂ. ( ଦେ ) ଯୋଡ଼ା, ସଂଯୁକ୍ତ, ସହିତ, ତୁଲ୍ୟ । ବି. ଚକ୍ଷୁରୋଗବିଶେଷ ।

ଯୋଖିବା, କ୍ରି. (ଦେ) ତୁଳନା କରିବା, ଯୁକ୍ତ କରିବା ।

ଯୋଗ, ବି. (ଯୁଜ୍-ଅ) ମିଳନ, ପ୍ରୟୋଗ, ଉପାୟ, ଜୀବାତ୍ମା ଓ ପରମାତ୍ମାର ମେଳ ।

ଯୋଗକ୍ଷେମ, ବି. (ଯୋଗ-କ୍ଷେମ) ଅଲବ୍ଧ ବସ୍ତୁର ଲାଭ ଓ ଲବ୍ଧ ବସ୍ତୁର ରକ୍ଷା ।

ଯୋଗଣ, ବି. (ଦେ) ଦେବତା ବା ରଜାଙ୍କ ଭୋଜନ ।

ଯୋଗଣିଆ, ବିଂ. (ଦେ) ଯେ ଯୋଗାଇଦିଏ, ପାଚକର ସାହାଯ୍ୟକାରୀ ।

ଯୋଗନିଦ୍ରା, ବି. (ଯୋଗ-ନିଦ୍ରା) ଦୁର୍ଗା, ଚିତ୍ତର ବିଷୟାନ୍ତରନିବୃତ୍ତିରୂପ ନିଦ୍ରା ।

ଯୋଗମାୟା, ବି. (ଯୋଗ-ମାୟା)ଦୁର୍ଗା, ସଂସାରମାୟା ।

ଯୋଗରୂଢ଼, ବିଂ. (ଯୋଗ-ରୂଢ଼) ବିଶିଷ୍ଟ ଅର୍ଥରେ ପ୍ରଯୁକ୍ତ ।

ଯୋଗାଇବା, କ୍ରି. (ଦେ) କର୍ମନିର୍ବାହାର୍ଥ ଆବଶ୍ୟକ ବସ୍ତୁ ସଂଗ୍ରହ କରିବା ।

ଯୋଗାଡ଼, ବି. କର୍ମନିର୍ବାହର ଉପାୟ ।

ଯୋଗାସନ, ବି. (ଯୋଗ-ଆସନ) ଧ୍ୟାନର ଆସନ ।

ଯୋଗିନୀ, ବି. ଯୋଗକାରିଣୀ ନାରୀ, ୬୪ ସଂଖ୍ୟକ ଦେବୀବିଶେଷ ।

ଯୋଗୀ, ବିଂ. (ଯୁଜ୍-ଇନ୍) ତପସ୍ୱୀ, ଦଣ୍ଡୀ, ସନ୍ନ୍ୟାସୀ, ବ୍ରହ୍ମବିଦ୍ ।

ଯୋଗ୍ୟ, ବିଂ. (ଯୁଜ୍-ଯ ବା ଯୋଗ-ଯ) ଉପଯୁକ୍ତ, ଶକ୍ତ, ସମର୍ଥ ।

ଯୋଗ୍ୟତା, ବି. (ଯୋଗ୍ୟ-ତା) କ୍ଷମତା, ଉପଯୁକ୍ତତା ।

ଯୋଜକ, ବିଂ. (ଯୁଜ୍-ଇ-ଅକ) ସଂଯୋଗକାରକ, ଯେଉଁ ସଂକୀର୍ଣ୍ଣ ଭୂଭାଗ ଦୁଇ ବୃହତ୍ ଭୂଭାଗକୁ ଯୋଗ କରେ ।

ଯୋଜନ, ବି. (ଯୁଜ୍-ଅନ) ଚାରିକୋଶ ପରିମାଣ ।

ଯୋଜନା, ବି. (ଯୁଜ୍-ଅନ-ଆ) ଏକତ୍ରୀକରଣ, ସଂଘଟନ ।

ଯୋଜିତ, ବିଂ. (ଯୁଜ୍-ଇ-ତ) ମିଳିତ, ବନ୍ଧୁତ ।

ଯୋଡ଼୍, ବି. ( ଦେ ) ଯୁଗ୍ମ, ମିଳନ, ବସ୍ତ୍ରଯୁଗଳ, ଜଳଗୋଧିଣ୍ଡ ।

ଯୋଡ଼ା, ବିଂ. (ଦେ) ସଂଯୋଜିତ, ଯୁଗ୍ମ, ଦୁଇ, ଗୁଳ୍ଲ, ଭଳି, ଏକାଭଳି, ସମ୍ମିଳିତ ।

ଯୋଡ଼ି
ଯୋଡ଼ିଏ } ବି. (ଦେ) ସମ୍ମିଳିତ, ଯୁଗ, ଦୁଇ ।

ଯୋଡ଼ିବା, କ୍ରି. (ଦେ) ମିଳାଇବା, ସଂଯୁକ୍ତ କରିବା ।

ଯୋତ, ବି. (ଯୋକ୍ତ୍ର ଶବ୍ଦଜ) ଯୁଗାଦି ବନ୍ଧନ ରଜ୍ଜୁ, ଯୋତ ଦଉଡ଼ି । (ଯା) ପ୍ରଜାରୂପେ ଜମି ଚଷିବା ।

ଯୋତା, ବି. (ଯା) ଚର୍ମପାଦୁକା ।

ଯୋତ୍‌ଦାର, ବି. (ଯା) ପ୍ରଜା, ରୟତ ।

ଯୋଦ୍ଧା, ବି. (ଯୁଧ୍-ତୃ) ଯୁଦ୍ଧକାରକ, ବୀର ।

ଯୋଧ, ବି (ଯୁଧ୍-ଅ) ଯୋଦ୍ଧା ।

ଯୋନି, ବି. (ଯୁ-ନି) ଉତ୍ପତ୍ତିସ୍ଥାନ, କାରଣ, ସ୍ତ୍ରୀଚିହ୍ନ ।

ଯୋଷା
ଯୋଷିତ୍ } ବି. (ଯୁଷ୍-ଅ-ଆ, ଇତ୍) ନାରୀ ।

ଯୌକ୍ତିକ ବିଂ. (ଯୁକ୍ତି-ଇକ) ଯୁକ୍ତିଯୁକ୍ତ, ଯୁକ୍ତିସିଦ୍ଧ ।

ଯୌଗିକ, ବିଂ. (ଯୋଗ-ଇକ) ଯୋଗଜାତ ।

ଯୌତୁକ, ବି. ( ଯୁ-ତୁ-କ ) ବିବାହକାଳରେ ଦମ୍ପତିର ଲବ୍ଧ ଧନ ।

ଯୌନ, ବି. (ଯୋନି-ଅ) ଯୋନିସମ୍ବନ୍ଧୀୟ, ବୈବାହିକ ।

ଯୌବନ, ବି. (ଯୁବନ୍-ଅ) ତାରୁଣ୍ୟ, ତାରୁଣାବସ୍ଥା ।

ଯୌବରାଜ୍ୟ, ବି ( ଯୁବରାଜ-ଯ ) ଯୁବରାଜର ପଦ, ପିତୃସତ୍ତ୍ୱେ ପୁତ୍ରର ରାଜପଦ ।

---

# ର

ର, ବ୍ୟଞ୍ଜନବର୍ଣ୍ଣର ସପ୍ତବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ମୂର୍ଦ୍ଧା । ( ରା-ଅ ବା ରମ୍-ଅ ) ବି. ଅଗ୍ନି, କାମାଗ୍ନି, ସ୍ୱର୍ଣ୍ଣ, ଉତ୍ତାପ ।

ରଇ, ବି (ଦେ) ଚଡ଼ାନଳ ।

ରଇତ } ବି. (ଯା) ପ୍ରଜା, ଯେ ଜମିଦାରର ଜମି
ରଏତ } ଚଷେ ।

ରକମ, ବି. (ଯା) ପ୍ରକାର ।

ରକବା, ବି. (ଯା) ଭୂମିସଂକ୍ରାନ୍ତ କାଗଜ ।

ରକା, ବି. (ଦେ) ବାତରୋଗବିଶେଷ ।

ରକ୍ତ, ବି. ( ରନ୍ଜ୍-ତ ) ଲୋହିତବର୍ଣ୍ଣ, ଶୋଣିତ, ରୁଧିର । ବିଂ. ରଞ୍ଜିତ, ଅନୁରକ୍ତ ।

ରକ୍ତପିତ୍ତ, ବି. (ଦେ) ମୁଖରୁ ଅକସ୍ମାତ୍ ରକ୍ତ ବମନ-ରୂପ ରୋଗ ।

ରକ୍ତାକ୍ତ, ବିଂ. (ରକ୍ତ-ଅକ୍ତ) ଶୋଣିତଲିପ୍ତ ।

ରକ୍ତିମା, ବି. (ରକ୍ତ-ଇମନ୍) ଶୋଣିତବର୍ଣ୍ଣ, ଲାଲବର୍ଣ୍ଣ ।

ରକ୍ଷ, (କ୍ଷା), ବି. (ରକ୍ଷ୍-ଅ-ଆ) ପାଳନ, ପରିତ୍ରାଣ, ଲକ୍ଷା ।

ରକ୍ଷଃ, ବି. (ରକ୍ଷ-ଅସ୍) ରାକ୍ଷସ ।

ରକ୍ଷକ, ବିଂ. ( ରକ୍ଷ-ଅକ ) ରକ୍ଷାକର୍ତ୍ତା, ତ୍ରାଣକର୍ତ୍ତା ।

ରକ୍ଷଣ, ବି. (ରକ୍ଷ୍-ଅନ) ପାଳନ, ପରିତ୍ରାଣ ।
ରକ୍ଷଣୀୟ, ବିଂ. (ରକ୍ଷ୍-ଅନୀୟ) ରକ୍ଷା କରିବା ଯୋଗ୍ୟ ।
ରକ୍ଷିତ, ବିଂ. (ରକ୍ଷ୍-ତ) ପାଳିତ ।
ରକ୍ଷୀ, ବିଂ. (ରକ୍ଷ୍-ଇନ୍) ରକ୍ଷାକାରୀ ।
ରଖିବା, କ୍ରି. (ଦେ) ରକ୍ଷା କରିବା, ଥୋଇବା, ପାଳିବା ।
ରଖୁଆଳି, ବିଂ. (ରକ୍ଷକ ଶବ୍ଦଜ) ରକ୍ଷକ, ପାଳକ ।
ରଗ, ବି. (ଯା) କପୋଳ ପାର୍ଶ୍ୱଦ୍ୱୟର ଶିର । (ଦେ) କ୍ରୋଧ, ରାଗ ।
ରଗଡ଼ିବା, କ୍ରି. (ଦେ) ଶିଳ ବା ଚକିଦ୍ୱାରା ଚୂନା କରିବା, ଦଳିବା, ମକଚିବା ।
ରଘୁ, ବି. (ରଘ୍-ଉ) ସୂର୍ଯ୍ୟବଂଶୀୟ ଦିଲୀପ ରାଜପୁତ୍ର ।
ରଘୁନାଥ, (ପତି), ବି. ଶ୍ରୀରାମଚନ୍ଦ୍ର ।
ରଙ୍କ, ବିଂ. (ରନ୍କ୍-ଅ) କୃପଣ, ଦରିଦ୍ର, ଲୋଭୀ ।
ରଙ୍କୁ, ବି. (ରମ୍-ଉ, ଉ=କୁ) ମୃଗବିଶେଷ ।
ରଙ୍କୁଣୀ, ବି.ସ୍ତ୍ରୀ. (ରନ୍କ୍-ଉନୀ) କୃପଣା ସ୍ତ୍ରୀ, ଦରିଦ୍ରାଣୀ, ଦୁଃଖିନୀ ।
ରଙ୍ଗ, ବି. (ରନ୍ଜ୍-ଅ) ଧାତୁବିଶେଷ, ବର୍ଣ୍ଣ, ନାଟ୍ୟଶାଳା, ଅଭିନୟ, ବିଳାସ, ପରିହାସ, କୌତୁକ, ରଣଭୂମି ।
ରଙ୍ଗଣୀ, ବି. (ଦେ) ପୁଷ୍ପବିଶେଷ, ତନ୍ତୁବାୟ ଜାତିବିଶେଷ ।
ରଙ୍ଗଭୂମି, ବି. (ରଙ୍ଗ-ଭୂମି) ନାଟ୍ୟଶାଳା, ରଣସ୍ଥଳ ।
ରଙ୍ଗା, ବିଂ. (ଦେ) ରକ୍ତବର୍ଣ୍ଣବିଶିଷ୍ଟ, ଚିତ୍ରିତ ।

ରଙ୍ଗାଇବା, କ୍ରି (ଦେ) ରଞ୍ଜିତ କରିବା ।

ରଙ୍ଗାଜୀବ, ବି. (ରଙ୍ଗ-ଆଜୀବ) ଚିତ୍ରକର, ନାଟ୍ୟ-କାରକ ।

ରଚକ, ବି°. (ରଚ୍-ଅକ) ରଚନାକାରକ, ପ୍ରଣେତା ।

ରଚନ, (ନା), ବି. ( ରଚ୍-ଅନ-ଆ ) ବିନ୍ୟାସ, ସଜାଇବା, ଅର୍ପଣ, ବାକ୍ୟବିନ୍ୟାସ, ଗୁନ୍ଥିବା ।

ରଚୟିତା, ବି°. (ରଚ୍-ଇ-ତୃ) ରଚନକର୍ତ୍ତା, ନିର୍ମାତା ।

ରଚିତ, ବି°. (ରଚ୍-ଇ-ତ) କୃତ, ନିର୍ମିତ, ଗଠିତ ।

ରଚିବା, କ୍ରି.(ଦେ) ରଚନା କରିବା, ନିର୍ମାଣ କରିବା ।

ରଜ } ବି. (ରଜ-ଅ, ଅସ୍) ଧୂଳି, ପୁଷ୍ପରେଣୁ ।
ରଜଃ } ସ୍ତ୍ରୀମାନଙ୍କ ଋତୁ, ଗୁଣବିଶେଷ । (ଦେ) ଆଷାଢ଼ ସଂକ୍ରାନ୍ତି ।

ରଜକ, ବି. (ରନ୍ଜ୍-ଅକ) ଧୋବା । ସ୍ତ୍ରୀ ରଜକୀ ।

ରଜତ, ବି. ( ରନ୍ଜ୍-ଅତ ) ରୌପ୍ୟ, ହସ୍ତିଦନ୍ତ, ହାର, ଶୋଣିତ ।

ରଜନ, ବି. (ରନ୍ଜ୍-ଅନ୍) ରଙ୍ଗ କରିବା ।

ରଜନି
ରଜନୀ } ବି. (ରନ୍ଜ୍-ଅନି) ନିଶା, ସ୍ୱପ୍ନ, ହରିଦ୍ରା ।

ରଜନୀକର, ବି. (ରଜନୀ-କୃ-ଅ) ଚନ୍ଦ୍ର, ନିଶାକର ।

ରଜନୀଗନ୍ଧା, ବି ଶୁକ୍ଳବର୍ଣ୍ଣ ପୁଷ୍ପବିଶେଷ ।

ରଜପୁତ୍ର, ବି. ବର୍ଣ୍ଣସଙ୍କର ଜାତିବିଶେଷ ।

ରଜନୀମୁଖ, ବି. ( ରଜନୀ-ମୁଖ ) ପ୍ରଦୋଷ ।

ରଜସ୍ୱଳା, ବି. (ରଜଃ-ବଳ-ଅ) ଋତୁମତୀ ।

ରଜା, ବି. (ଦେ) ରାଜା, ନୃପତି ।

ରଜ୍ଜୁ, ବି. (ସୃଜ୍-ଉ) ବନ୍ଧନୀ, ଦଉଡ଼ି, ବେଣୀ ।

ରଞ୍ଜକ, ବିଂ. (ରନ୍‌ଜ୍-ଣିଚ୍-ଅକ) ରଙ୍ଗକାରକ, ପ୍ରୀତି-କାରକ । (ଦେ) ଯାହା ସାହାଯ୍ୟରେ ନିଆଁ ଲାଗେ ।

ରଞ୍ଜନ, ବି. ( ରନ୍‌ଜ୍-ଣିଚ୍-ଅନ ) ରଙ୍ଗ କରିବା, ସନ୍ତୁଷ୍ଟକରଣ, ରକ୍ତଚନ୍ଦନ । ବିଂ. ପ୍ରୀତିଜନକ ।

ରଞ୍ଜା, ବି. (ଦେ) ଲତାର ଆଶ୍ରୟ ।

ରଞ୍ଜାଇବା, କ୍ରି. ( ଦେ ) ରଞ୍ଜିତ କରିବା, ମୋହିତ କରିବା ।

ରଞ୍ଜିତ, ବିଂ. (ରନ୍‌ଜ୍-ଣିଚ୍-ତ) ରଙ୍ଗ କରାଯାଇଥିବା, ସନ୍ତୋଷିତ ।

ରଟନ } ବି. (ରଟ୍-ଅନ, ଆ) ଘୋଷଣା, ପ୍ରଚାର,
ରଟନା } କଥନ ।

ରଟମଟ, କ୍ରି. ବିଂ. (ଦେ) କର୍କଶସ୍ୱରରେ, ବିସ୍ତାରିତ ନେତ୍ରରେ ।

ରଟିତ, ବିଂ. (ଦେ) ଘୋଷିତ, ପ୍ରଚାରିତ ।

ରଟିବା, କ୍ରି. (ଦେ) ଚଟେଇ ପ୍ରଭୃତି ବୋବାଇବା, ଶବ୍ଦ କରିବା ।

ରଢ଼, ବିଂ. (ଦେ) ଜ୍ୱଳନ୍ତ । ବି. ଅହନ୍ତା ।

ରଢ଼ି, ବି. (ଦେ) ଡାକ ।

ରଢ଼ିବା, କ୍ରି. ( ଦେ ) କର୍କଶ ଶବ୍ଦ କରିବା, ରଢ଼ି ଛାଡ଼ିବା ।

ରଣ, ବି. (ରଣ୍-ଅ) ଯୁଦ୍ଧ, ସମର, ଲଢ଼ାଇ ।

ରଣପା, ବି. ( ଦେ ) ଡେଙ୍ଗା, ଲମ୍ବ କାଷ୍ଠପାଦୁକା ।

ରଣରଣ, ବ. (ରଣ ଦ୍ୱିତ୍ୱ) କନ୍ଦର୍ପ ।

ରଣା, ବ. (ଦେ) ଏକପ୍ରକାର ବିଷଧର ବଡ଼ ସାପ ।

ରଣାଙ୍ଗନ } ବି. (ରଣ-ଅଙ୍ଗନ, ଅଜିର) ଯୁଦ୍ଧଭୂମି ।
ରଣାଜିର

ରତ, ବି. (ରମ୍-ତ) ରତି, ରମଣ । ବିଂ. ଆସକ୍ତ ।

ରତରତ, କ୍ରି. ବିଂ. (ଦେ) ଅସ୍ତୋନ୍ମୁଖୀ ।

ରତା, ବିଂ. ( ଦେ ) ରକ୍ତବର୍ଣ୍ଣବିଶିଷ୍ଟ । ବି. ଏକ-ପ୍ରକାର ମାଛ ।

ରତି, ବି. (ରମ୍-ତି) କାମପତ୍ନୀ, ରମଣ, ୪ ଧାନ ।

ରତ୍ନ, ବି. ( ରମ-ନ, ମ=ତ ) ସୁବର୍ଣ୍ଣାଦି ବହୁମୂଲ୍ୟ ଉତ୍କୃଷ୍ଟ ବସ୍ତୁ ।

ରତ୍ନଗର୍ଭ, ବି. (ରତ୍ନ-ଗର୍ଭ) ସମୁଦ୍ର । ର୍ଭା, ସ୍ତ୍ରୀ· ପୃଥିବୀ, ସତ୍ପୁତ୍ରବତୀ ନାରୀ ।

ରତ୍ନାକର, ବି. (ରତ୍ନ-ଆକର) ସମୁଦ୍ର, ରତ୍ନଖଣି ।

ରଥ, ବି. (ରମ୍-ଥ) ସ୍ୟନ୍ଦନ, ଶରୀର ।

ରଥଯାତ୍ରା, ବି. ଆଷାଢ଼ଶୁକ୍ଳ ଦ୍ୱିତୀୟାର ପ୍ରସିଦ୍ଧ ଯାତ୍ରା ।

ରଥାଙ୍ଗ, ବି (ରଥ-ଅଙ୍ଗ) ଚକ୍ର, ଚକ୍ରବାକ ପକ୍ଷୀ ।

ରଥୀ, ବି. ( ରଥ-ଇନ୍ ) ରଥାରୂଢ଼ ବ୍ୟକ୍ତି, ରଥସ୍ଥ ଯୋଦ୍ଧା ।

ରଥ୍ୟା, ବି. (ରଥ-ଯ-ଆ) ବାଟ, ପଥ ।

ରଦ } ବି. (ରଦ୍-ଅ, ଅନ) ଦନ୍ତ, ଦାନ୍ତ, ଖନନ ।
ରଦନ

ରଦ୍ଦ, ବିଂ. (ଦେ) ଅପକୃଷ୍ଟ, ନଷ୍ଟ ।

ରନ୍ଧା, ବି. (ଦେ) ବଢ଼ାଇମାନଙ୍କର ଯନ୍ତ୍ରବିଶେଷ ।

ରନ୍ଧନ, ବି. (ରଧ୍-ଅନ) ପାକ, ରନ୍ଧଣା ।

ରନ୍ଧ୍ର, ବି. (ରମ୍-ଧୃ-ଅ) ଛିଦ୍ର, ବିବର, ଗର୍ତ୍ତ ।

ରପ୍ତାନି, ବି. (ଯା) ବିଦେଶକୁ ଜିନିଷ ପଠାଇବା ।

ରଫା, ବି. (ଯା) ଅପୋଷରେ ନିଷ୍ପତ୍ତି ।

ରଫୁ, ବି. (ଯା) ଏକପ୍ରକାର ସିଲାଇ କାମ ।

ରଭସ, ବି. (ରଭ୍-ଅସ୍) ବେଗ, ଶୀଘ୍ରତା, ଔତ୍ସୁକ୍ୟ ।

ରମଣ, ବି. (ରମ୍-ଅନ) କନ୍ଦର୍ପ, ପତି, ପ୍ରିୟ, କ୍ରୀଡ଼ା ।

ରମଣୀ, ବି. (ରମଣ-ଈ) ସୁନ୍ଦରୀ ସ୍ତ୍ରୀ, ପ୍ରିୟା, ପତ୍ନୀ ।

ରମଣୀୟ, ବିଂ. (ରମ୍-ଅନୀୟ) ରମ୍ୟ, ସୁନ୍ଦର ।

ରମା, ବି. (ରମ୍-ଅ-ଆ) ଲକ୍ଷ୍ମୀ ।

ରମାଧବ, ବି. (ରମା-ଧବ) ବିଷ୍ଣୁ ।

ରମିବା କ୍ରି. (ଦେ) କ୍ରୀଡ଼ା କରିବା, ରମଣ କରିବା ।

ରମ୍ଭା, ବିଂ. (ଦେ) ଆମ୍ଭୁଡ଼ା । ବି. କଣ୍ଡୁ ।

ରମ୍ଭା, ବି. (ରନଭ୍-ଅ-ଆ) କଦଳୀ, ଅପ୍ସରାବିଶେଷ, ଗୌରୀ ।

ରମ୍ୟ, ବିଂ. (ରମ୍-ଯ) ମନୋହର, ସୁନ୍ଦର ।

ରବ, ବି. (ରୁ-ଅ) ଶବ୍ଦ, ଗୋଳମାଳ, ଧ୍ୱନି ।

ରବି, ବି. (ରୁ-ଇ) ସୂର୍ଯ୍ୟ, ଦିବାକର, ଶସ୍ୟବିଶେଷ ।

ରବିବାର, ବି. ଆଦିତ୍ୟବାର, ଅର୍କବାସର ।

ରଶନା, ବି. (ରଶ୍-ଅନ-ଆ) ସ୍ତ୍ରୀଲୋକଙ୍କର କଟି-ଭୂଷଣ, ଜିହ୍ୱା ।

ରଶ୍ମି, ବି. (ଅଶ୍-ମି, ଅ=ର) କିରଣ, ରଜ୍ଜୁ, ଲଗାମ ।

ରସ, ବି. ( ରସ୍-ଅ ) ରସନେନ୍ଦ୍ରିୟଗ୍ରାହ୍ୟ ବସ୍ତୁ, ଆସ୍ୱାଦନ, ଜଳ ।
ରସଜ୍ଞ, ବିଂ. (ରସ-ଜ୍ଞା-ଅ) ରସିକ, ସ୍ୱାଦଗ୍ରାହୀ ।
ରସଦ୍, ବି. (ଯା) ଆହାରୀୟଦ୍ରବ୍ୟ ।
ରସନା } ବି. (ରସ-ଅନ-ଆ ଇନ୍ଦ୍ରିୟ) ଜିହ୍ୱା,
ରସନେନ୍ଦ୍ରିୟ } ମେଖଳା, ପାଶ ।
ରସଗ୍ରା, ବି. (ଦେ) ରସନାମକ ଧାତୁରୁ ଯେଉଁମାନେ ଖଡ୍ଡୁ ମୁଦି ପ୍ରଭୃତି ତିଆରି କରନ୍ତି ।
ରସା, ବି. (ରସ୍-ଅ-ଆ) ପୃଥିବୀ, ରସନା, ଦ୍ରାକ୍ଷା ।
ରସାଇବା, କ୍ରି. (ଦେ) ରସରେ ଅନୁରକ୍ତ କରିବା, ମନୋରଞ୍ଜନ କରିବା ।
ରସାଞ୍ଜନ, ବି. (ରସ-ଅଞ୍ଜନ) ରସଜାତ କଜ୍ଜଳ ବିଶେଷ, ଶୁର୍ମା, ଧାତୁବିଶେଷ ।
ରସାଣ, ବି. ( ଦେ ) ଶାଣଯନ୍ତ୍ର । ବିଂ. ଶାଣିତ, ଉଜ୍ଜ୍ୱଳୀକୃତ ।
ରସାଣିବା, କ୍ରି. (ଦେ) ଶାଣଯନ୍ତ୍ରରେ ଉଜ୍ଜ୍ୱଳ କରିବା ।
ରସାତଳ, ବି. (ରସା-ତଳ) ପାତାଳ ।
ରସାୟନ, ବି. ( ରସ-ଅୟନ ) ଔଷଧବିଶେଷ, ଗୁଣାନ୍ତର ପ୍ରାପ୍ତି ।
ରସାଳ, ବି. (ରସ୍-ଆ-ଲା-ଅ) ଇକ୍ଷୁ, ଆମ୍ବଗଛ । ବିଂ. ରସଯୁକ୍ତ ।
ରସାଳସା, ବି. ଧମନୀ, ନାଡ଼ୀ । ସ୍ତ୍ରୀ. ବିଂ. ରସଯୁକ୍ତା ।
ରସି, ବି. (ଯା) ଦଉଡ଼ି ।

ରସିକ, ବି°. (ରସ-ଇକ) ରସଜ୍ଞ, ଲମ୍ପଟ । ବି. ଅଶ୍ୱ ।

ରସିକା, ବି. ରସନା, କାଞ୍ଚୀ, ଗୁଡ଼, ରସଜ୍ଞା ।

ରସିଦ୍, ବି. (ଯା) ପ୍ରାପ୍ତିସ୍ୱୀକାର ।

ରସୁଆଳ, ବି°. (ଦେ) ରସଯୁକ୍ତ ।

ରସୁଣ<br>ରସୂନ<br>ରସୋନ } ବି. (ରସ-ଉନ, ଊନ, ଓନ) ରସୁଣ ।

ରସେନ୍ଦ୍ର, ବି. (ରସ-ଇନ୍ଦ୍ର) ପାରଦ ।

ରହଣି, ବି. (ଦେ) ରହିବା ।

ରହଣିଆ, ବି°. (ଦେ) ଦୁର୍ଗନ୍ଧଯୁକ୍ତ, ପଗୁ ।

ରହସ୍ୟ, ବି°. (ରହସ୍-ଯ) ଗୋପନୀୟ । ବି. ଗୂଢ଼ ତତ୍ତ୍ୱ ।

ରହିତ, ବି°. (ରହ୍-ତ) ବର୍ଜିତ, ବିହୀନ ।

ରହିବା, କ୍ରି. (ଦେ) ଅବସ୍ଥାନ କରିବା, ସ୍ଥିର ହେବା ।

ରହୁ<br>ରହୁବର } ବି. (ଦେ) ରଥ ।

ରାଇ, ବି. (ଦେ) ଏକପ୍ରକାର ସୋରିଷ, ସୋରିଷ ବଟା ଦିଆଯାଇଥିବା ବ୍ୟଞ୍ଜନବିଶେଷ ।

ରାଇବା, କ୍ରି. (ରବ ଶବ୍ଦଜ) ଡାକିବା ।

ରାଈ, ବି. (ଦେ) ରାଧିକା ।

ରାଉତ, ବି. (ଦେ) ଅଶ୍ୱାରୋହୀ ସୈନ୍ୟ ।

ରାଉଳ, ବି. (ଦେ) ଦେବପୂଜକ ଶୂଦ୍ରଜାତିବିଶେଷ ।

ରାକା, ବି. (ରା-କ-ଆ) ପୂର୍ଣ୍ଣିମାତିଥି, ନବଋତୁମତୀ ସ୍ତ୍ରୀ, ନଦୀବିଶେଷ ।

**ରାକ୍ଷସ**, ବି. (ରକ୍ଷ-ଅସ) ନିଶାଚର, ଦେବାସୁରବିଶେଷ। ସ୍ତ୍ରୀ. ରାକ୍ଷସୀ।

**ରାଗ**, ବି. (ରନ୍ଜ୍-ଅ) ରକ୍ତବର୍ଣ୍ଣ, ଅନୁରାଗ, ଇଚ୍ଛା। (ଦେ) କ୍ରୋଧ, ସଂଗୀତରେ ସ୍ୱର।

**ରାଗିଣୀ**, (ରାଗ-ଇନ୍-ଈ) ସ୍ୱରବିଶେଷ, **କୋପନା** ସ୍ତ୍ରୀ।

**ରାଗିବା**, କ୍ରି. (ଦେ) କ୍ରୁଦ୍ଧ ହେବା।

**ରାଗୀ**, ବିଂ. (ଦେ) ରାଗଯୁକ୍ତ, ଅନୁରକ୍ତ। (ଦେ) କ୍ରୋଧୀ।

**ରାଘବ**, ବି. (ରଘୁ-ଅ) ରାମଚନ୍ଦ୍ର, ରଘୁବଂଶୀୟ ରାଜା।

**ରାଜ୍**, ବି. (ରାଜ୍-୦) ରାଜା, ପ୍ରଭୁ। ବିଂ. ଶୋଭମାନ।

**ରାଜକ**, ବି. (ରାଜନ୍-କ) ରାଜସମୂହ, ରାଜା।

**ରାଜକୀୟ**, ବିଂ. (ରାଜନ୍-ଈୟ) ରାଜସମ୍ବନ୍ଧୀୟ।

**ରାଜତ**, ବିଂ. (ରଜତ-ଅ) ରଜତନିର୍ମିତ, ରୌପ୍ୟମୟ।

**ରାଜତ୍ୱ**, ବି. (ରାଜନ୍-ତ୍ୱ) ରାଜପଣ, ରାଜପଦ।

**ରାଜଧାନୀ**, ବି. (ରାଜନ୍-ଧା-ଅନ-ଈ) ପ୍ରଧାନନଗରୀ, ଯେଉଁଠାରେ ରାଜା ବାସ କରନ୍ତି।

**ରାଜନ୍ୟ**, ବି. (ରାଜନ୍-ଯ) କ୍ଷତ୍ରିୟ, ରାଜପୁତ୍ର, ସାମନ୍ତ ରାଜା।

**ରାଜପଥ**, ବି. (ରାଜନ୍-ପଥ) ରାଜମାର୍ଗ, ଅତି ପ୍ରଶସ୍ତ ପଥ।

**ରାଜପୁରୁଷ**, ବି. ରାଜକର୍ମଚାରୀ।

**ରାଜଯକ୍ଷ୍ମା**, ବି. ଯକ୍ଷ୍ମାନାମକ କ୍ଷୟକାଶ।

**ରାଜର୍ଷି**, ବି. (ରାଜନ୍-ଋଷି) ରାଜା ହୋଇ ଯେ ଋଷି ପରି ଆଚରଣ କରନ୍ତି।

ରାଜସ } ବି. ( ରଜଃ-ଅ, ଇକ ) ରଜୋଗୁଣ-
ରାଜସିକ } ପ୍ରଧାନ ।

ରାଜସୂୟ, ବି. ( ରାଜନ୍-ସୂ-ଯ ) ସମ୍ରାଟ୍‌ଙ୍କ ସମ୍ପାଦ୍ୟ ଯଜ୍ଞବିଶେଷ ।

ରାଜସ୍ୱ, ବି. (ରାଜନ୍-ସ୍ୱ)ରାଜପ୍ରାପ୍ୟ ଧନ,କର,ଖଜଣା ।

ରାଜହଂସ, ବି. ରକ୍ତଚଞ୍ଚୁଚରଣବିଶିଷ୍ଟ ଶୁକ୍ଳବର୍ଣ୍ଣ ହଂସବିଶେଷ ।

ରାଜା, ବି. (ରାଜ୍-ଅ) ଦୀପ୍ତିଶୀଳ, ନୃପତି, ପ୍ରଭୁ ।

ରାଜାଧିରାଜ, ବି. (ରାଜନ୍-ଅଧିରାଜ) ସମ୍ରାଟ୍ ।

ରାଜି } ବି ( ରାଜ୍-ଇ ) ଶ୍ରେଣୀ, ଧାଡ଼ି, ରେଖା ।
ରାଜୀ } (ଯା) ବି. ସ୍ୱୀକାର । ବିଂ. ସମ୍ମତ ।

ରାଜିତ, ବିଂ. (ରାଜ୍-ତ) ଶୋଭିତ ।

ରାଜୀବ, ବି. ( ରାଜୀ-ବ ) ପଦ୍ମ, ବୃହତ୍ ମତ୍ସ୍ୟ, ହରିଣବିଶେଷ ।

ରାଜ୍ଞୀ, ବି. (ରାଜନ୍-ଈ)ରାଜମହିଷୀ,ରାଣୀ,ସୂର୍ଯ୍ୟପତ୍ନୀ ।

ରାଜ୍ୟ, ବି. (ରାଜନ୍-ଯ) ରାଜତ୍ୱ,ରାଜକାର୍ଯ୍ୟ,ଦେଶ ।

ରାଠ, ବି. (ଦେ) ରାଜା ।

ରାଢ଼, ବି ବଙ୍ଗଳାଦେଶର ଅଂଶବିଶେଷ, କୃପଣ, ଅନାର୍ଯ୍ୟଜାତି ।

ରାଢ଼ି, ବି. (ଦେ) ଏକପ୍ରକାର କୈବର୍ତ୍ତ ।

ରାଣ, ବି. (ଦେ)ଶପଥ, ନିୟମ । (ରାଜନ୍ ଶବ୍ଦଜ)ରାଜା ।

ରାଣୀ, ବି. (ରାଜ୍ଞୀ ଶବ୍ଦଜ) ମହିଷୀ, ରାଜ୍ଞୀ ।

ରାଣ୍ଡ, ବି. (ରଣ୍ଡା ଶବ୍ଦଜ) ବିଧବା ।

ରାତ୍ର, ବି. (ରାତ୍ରି ଶବ୍ଦଜ) ବିଭାବରୀ, ରଜନୀ ।

ରାତ୍ରି
ରାତ୍ରୀ } ବି. ( ରା=ବିଶ୍ରାମ-ତ୍ରିପ୍ ) ରଜନୀ, ନିଶା ।

ରାଧା
ରାଧିକା } ବି. ବୃଷଭାନୁନନ୍ଦିନୀ, ଗୋପୀବିଶେଷ ।
ରାଧୀ

ରାଧେୟ, ବି. (ରାଧା-ଏୟ) କର୍ଣ୍ଣବୀର ।

ରାନ୍ଧଣା, ବି. (ଦେ) ରାନ୍ଧିବା, ରନ୍ଧନ ।

ରାନ୍ଧିବା, କ୍ରି. (ଦେ) ରନ୍ଧନ କରିବା ।

ରାନ୍ଧୁଣି,(ଆ), ବି. (ଦେଶଜ) ପାଚକ ବା ପାଚିକା ।

ରାମ, ବି. ( ରା-ମ ) ବିଷ୍ଣୁଙ୍କ ତିନି ଅବତାର— ପରଶୁରାମ, ବଳରାମ, ରାମଚନ୍ଦ୍ର । ବିଂ. ସୁନ୍ଦର ।

ରାମଚନ୍ଦ୍ର
ରାମଭଦ୍ର } ବି.(ରାମ-ଚନ୍ଦ୍ର,ଭଦ୍ର) ଦଶରଥଙ୍କ ପୁତ୍ର ।

ରାମଣୀୟକ, ବି. (ରମଣୀୟ-କ) ଶୋଭା ।

ରାମତିଳା, ବି. ଏକପ୍ରକାର ରାଶି ।

ରାମା, ବି, (ରମ-ଅ-ଆ) ସୁନ୍ଦରୀ ନାରୀ, ପ୍ରିୟା ।

ରାମାନନ୍ଦୀ, ବି. (ଦେ) ରାମୋପାସକଙ୍କ ତିଳକ ।

ରାମାୟଣ, ବି. ( ରାମ-ଅୟନ ) ବାଲ୍ମୀକିପ୍ରଣୀତ ରାମଚରିତବିଷୟକ ମହାକାବ୍ୟ ।

ରାମ୍ପୁଡ଼ିବା, କ୍ରି. ( ଦେଶଜ ) ନଖାଗ୍ରରେ ଚିରିବା ।

ରାୟ, ବି. (ଦେ) ରାଜା । (ଯା) ମତ, ବିଚାରକଙ୍କ ନିଷ୍ପତ୍ତି, ସ୍ୱାଧୀନ ।

ରାଳ, ବି. (ଦେ) ଆଲକତାରା ।

ରାବ, ବି. (ରୁ-ଅ) ଶବ୍ଦ, ଧ୍ୱନି, ରବ ।

ରାବଣ, ବି. (ଦେ) ରାମଶତ୍ରୁ, ଲଙ୍କାଧିପତି ।

ରାବଣି, ବି. (ରାବଣ-ଇ) ରାବଣପୁତ୍ର, ଇନ୍ଦ୍ରଜିତ୍ ।

ରାଶ, ବି. (ଯା) ଲଗାମ୍ ।

ରାଶି, ବି. (ଅଶ୍-ଇ, ନିପାତନ) ପୁଞ୍ଜ, ସ୍ତୂପ, ଗଦା, ମେଷାଦି ଦ୍ୱାଦଶ ।

ରାଶିଚକ୍ର, ବି. ( ରାଶି-ଚକ୍ର ) ମେଷାଦି ଦ୍ୱାଦଶ ରାଶିଯୁକ୍ତ ବୃତ୍ତ ।

ରାଶୀକୃତ, ବିଂ. (ରାଶି-କୃତ) ପୁଞ୍ଜୀକୃତ, ସ୍ତୂପାକାର କରିବା ।

ରାଷ୍ଟ୍ର, ବି. ( ରାଜ୍-ଷ୍ଟ୍ର ) ରାଜ୍ୟ, ଜନପଦ, ଦେଶ, ଉପଦ୍ରବ, ପ୍ରଚାର ।

ରାଷ୍ଟ୍ରବିପ୍ଳବ, ବି. ରାଜ୍ୟଶାସନର ପ୍ରଚଳିତ ପ୍ରଣାଳୀର ପରିବର୍ତ୍ତନ ।

ରାସ, ବି. ( ରସ୍-ଅ ) କାର୍ତ୍ତିକ ପୂର୍ଣ୍ଣିମାରେ କୃଷ୍ଣଙ୍କର ଲୀଳାବିଶେଷ ।

ରାସଭ, ବି. ଗର୍ଦ୍ଦଭ, ଗଧ ।

ରାସାୟନିକ, ବିଂ. ( ରସାୟନ-ଇକ ) ରସାୟନ ବିଦ୍ୟାସମ୍ବନ୍ଧୀୟ ।

ରାସ୍ତା, ବି. (ଯା) ପଥ, ମାର୍ଗ, ବର୍ତ୍ମ ।

ରାହା, ବି. (ଯା) ରାସ୍ତା, ପଥ ।

ରାହାଜାନୀ, ବି. (ଯା) ପଥରେ ହେବା ଡକାୟତି ।

ରାହୁ, ବି. (ରହ୍-ଉ) ସିଂହିକାର ପୁତ୍ର, ଅଷ୍ଟମ ଗ୍ରହ ।

ରିକ୍ତ, ବିଂ. (ରିଚ୍-ତ) ଶୂନ୍ୟ, ନିଷ୍ଫଳ ।

ରିକ୍ତା, ବି. ( ରିଚ୍-ତା ) ଚତୁର୍ଥୀ ନବମୀ ଚତୁର୍ଦ୍ଦଶୀ ତିଥି ।

ରିଝାଇବା, କ୍ରି. (ପ୍ରାଚୀନ) ବୁଝାଇବା, ମଣାଇବା ।

ରିଠା, ବି. ( ଦେ ) ବସ୍ତ୍ରପରିଷ୍କରଣାର୍ଥ ବ୍ୟବହୃତ ଫଳବିଶେଷ ।

ରିପୁ, ବି. ( ରିପ୍-ଉ ) ଶତ୍ରୁ, ବିପକ୍ଷ ; କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏହି ଛଅଟି ଶରୀରସ୍ଥ ରିପୁ ।

ରିଷ୍ଟ, ବି. ( ରିଷ୍-ତ ) କଲ୍ୟାଣ । ବିଂ. ପାପଜନକ, ଅଶୁଭ ।

ରିଷ୍ଟି, ବି. (ରିଷ୍-ତି) ଅଶୁଭ, ଅସୌଭାଗ୍ୟ ।

ରିଷା, ବି. (ଯା) କ୍ରୋଧ ।

ରୀତି, ବି. (ରୀ-ତି) କ୍ରମ, ଧାରା, ଆଗ୍ଭର ବ୍ୟବହାର ।

ରୁଅ, ବି. (ଦେ) ଛପର ଘରେ ଚାଳର ଅବଲମ୍ବନ ବାଉଁଶ, ମଲ୍ଲାବୃତ୍ତି ।

ରୁଆ, ବି (ଦେ) ଦାନା ବା ପଗଡ଼, ସୂକ୍ଷ୍ମାଂଶ । ବିଂ. ରୋପିତ ।

ରୁକ୍, ବି. (ରୁଚ୍-୦) କାନ୍ତି, ଦୀପ୍ତି, ଶୋଭା, ଇଚ୍ଛା ।

ରୁକ୍ମ, ବି. (ରୁଚ୍-ମନ୍) ସ୍ୱର୍ଣ୍ଣ ।

ରୁକ୍ମିଣୀ, ବି. କୃଷ୍ଣପତ୍ନୀ ।

ରୁକ୍ଷ } ବିଂ. ( ରୁହ୍-ସ ) କର୍କଶ, କଠିନ, ଅଚିକଣ,
ରୂକ୍ଷ } ନିଷ୍ଠୁର ।

ରୁଖା, ବି. ( ଦେ ) ଦୀପାଧାର । ବିଂ. ରୁକ୍ଷ ।
ରୁଗ୍ଣ, ବିଂ. (ରୁଜ୍-ତ) ପୀଡ଼ିତ, ଭଗ୍ନ, ବକ୍ର, ଆହତ ।
ରୁଚି, ବି. ( ରୁଚ୍-ଇ ) ପ୍ରୀତି, ଅନୁରାଗ, ସ୍ପୃହା, ଅଭିଳାଷ, ଶୋଭା ।
ରୁଚିବା, କି. (ଦେ) ସ୍ୱାଦୁ ଲାଗିବା, ପ୍ରୀତିପ୍ରଦ ହେବା ।
ରୁଚିର, ବିଂ. (ରୁଚ୍-ଇର) ମନୋଜ୍ଞ, ମଧୁର, ଉଜ୍ଜ୍ୱଳ ।
ରୁଞ୍ଜା, ବି. (ଦେ) ଗୁଞ୍ଜା । ବିଂ. ମନୋହର ।
ରୁଟି, ବି. (ରୋଟିକା ଶବ୍ଦଜ) ପିଷ୍ଟକବିଶେଷ ।
ରୁଠା, ରୁଖା } ବିଂ. (ଦେ) କର୍କଶ, ଅମସୃଣ, ରୁକ୍ଷ ।
ରୁଣ୍ଡ, ବି. (ରୁନ୍ଟ-ଅ) କବନ୍ଧ । (ଦେ) ଏକୀଭୂତ ।
ରୁଣ୍ଡାଇବା, କି. (ଦେ) ଏକତ୍ର ସଂଗ୍ରହ କରିବା ।
ରୁତ, ରୁତି } ବି. (ରୁ-ତ) ପଶୁ ପକ୍ଷିର ଶବ୍ଦ, ରୋଦନ, ରବ ।
ରୁଦ୍ଧ, ବିଂ. (ରୁଧ୍-ତ) ଆବୃତ, ବେଷ୍ଟିତ, ପ୍ରତିବଦ୍ଧ ।
ରୁଦ୍ର, ବି. ( ରୁଦ୍-ର ) ଶିବ । ବିଂ. ଭୟଙ୍କର ।
ରୁଦ୍ରାକ୍ଷ, ବି. (ରୁଦ୍ର ଅକ୍ଷ) ନମେରୁ ବୃକ୍ଷ ଓ ତାହାର ଫଳ ।
ରୁଦ୍ରାଣୀ, ବି. (ରୁଦ୍ର-ଆନୀ) ପାର୍ବତୀ, ଦୁର୍ଗା ।
ରୁଧିର, ବି. (ରୁଧ୍-ଇର) ଶୋଣିତ, ରକ୍ତ, କୁଙ୍କୁମ ।
ରୁନ୍ଧିବା, କି. ( ଦେ ) ରୁଦ୍ଧ ହେବା, ପ୍ରତିରୋଧ କରିବା ।
ରୁପା, ବି. (ଦେ) ରୌପ୍ୟଧାତୁ ।

ରୁମ, ବି. (ଦେ) ଲୋମ ।
ରୁମାଲ, ବି. (ଯା) ମୁଖମାର୍ଜନ ବସ୍ତ୍ରଖଣ୍ଡ ।
ରୁରୁ, ବି. (ରୁ-ରୁ) ମୃଗବିଶେଷ, କୃଷ୍ଣସାର ।
ରୁଷା, ବି. (ରୁଷ୍-ଆ-ଆ) ରୋଷ, କ୍ରୋଧ ।

ରୁଷିତ
ରୁଷ୍ଟ } ବିଂ. (ରୁଷ୍-ତ) କୁପିତ, କ୍ରୁଦ୍ଧ ।

ରୁଷିବା, କ୍ରି (ଦେ) ଅଭିମାନ କରିବା, ରାଗିବା ।
ରୂକ୍ଷ, ବିଂ. (ରୁକ୍ଷ୍ ଅ) କର୍କଶ, ନୁଖୁରା ।
ରୂଢ଼, ବିଂ. (ରୁହ୍-ତ) ଉତ୍ପନ୍ନ, ଜାତ, ପ୍ରସିଦ୍ଧ ।
ରୂଢ଼ି, ବି. (ରୁହ୍-ତି) ଉତ୍ପତ୍ତି, ପ୍ରସିଦ୍ଧ ।
ରୂପ, ବି. ( ରୂପ୍-ଅ ) ସ୍ୱରୂପ, ସ୍ୱଭାବ, ଶରୀର, ଆକୃତି, ପ୍ରକାର, ଚେହେରା ।
ରୂପକ, ବି. ( ରୂପ-ଅ-କ ) ଆକୃତି, ଗଠନ, କାବ୍ୟାଲଂକାରବିଶେଷ ।
ରୂପବାନ୍, ବିଂ. (ରୂପ-ବତ୍) ସୁରୂପ, ସାକାର । ସ୍ତ୍ରୀ. ରୂପବତୀ ।
ରୂପସୀ, ବି. (ବଙ୍ଗୀୟ) ରୂପବତୀ ନାରୀ ।
ରୂପାଜୀବା, ବି. ସ୍ତ୍ରୀ. (ରୂପ-ଆଜୀବ) ବେଶ୍ୟା ।
ରୂପାନ୍ତର, ବି. (ରୂପ-ଅନ୍ତର) ଅନ୍ୟ ରୂପ ।
ରୂପାସ୍ତ୍ର, ବି. (ରୂପ-ଅସ୍ତ୍ର) ମଦନ, କନ୍ଦର୍ପ ।
ରୂପ୍ୟ, (କ), ବି. ଟଙ୍କା, ରୁପା ।
ରେ, ଅଂ. ନୀଚ ସମ୍ବୋଧନ ।

ରେକ, ବି. (ଦେ) ବୃଦ୍ଧାଙ୍ଗୁଳି ଓ ମଧ୍ୟମାଙ୍ଗୁଳିର ମଧ୍ୟବର୍ତ୍ତୀ ବୃତ୍ତାକାର ପରିମାଣ ।

ରେକାବ, ବି. (ଦେ) ଥାଳିଆ ।

ରେଖ, ବି. (ଦେ) ରେଖା ।

ରେଖା, ବି. ( ଲିଖ୍-ଅ-ଆ ) ବସ୍ତୃତସ୍ଥାନ ଦୀର୍ଘ ଧରାତଳ, ଲମ୍ବାକୃତ ଚିହ୍ନ, ଶ୍ରେଣୀ ।

ରେଖାଗଣିତ, ବି. କ୍ଷେତ୍ରତତ୍ତ୍ୱ ।

ରେଚକ, ବିଂ. (ରିଚ୍-ଅକ) ଭେଦକାରକ, ଜୋଲ୍ଲାପ ।

ରେଚନ, ବି. ରିଚ୍-ଅନ) ବିରେଚନ, ଭେଦ ।

ରେଜା } ବି. ( ଦେ ) ଝୁଟୁରା, ଦୋଣି, ସୁକି,
ରେଜକ } ଅଧୁଲି ପ୍ରଭୃତି କ୍ଷୁଦ୍ର ମୁଦ୍ରା ।

ରେଜେଇ, ବି. (ଦେ) ତୂଳାଦ୍ଧ ଶେଯ ।

ରେଣୁ, ବି. (ରି-ନୁ) ଧୂଳି, ପାଂଶୁ, ପରାଗ, ଗୁଣ୍ଡା ।

ରେତଃ, ବି. (ରୀ-ଅସ୍) ଶୁକ୍ର, ବୀର୍ଯ୍ୟ, ପାରଦ, ପାରା ।

ରେଫ୍, ବି. 'ର୍' ଏହି ବର୍ଣ୍ଣ, '' ଏହି ଚିହ୍ନ ।

ରେବତୀ, ବି. ବଳରାମଙ୍କ ପତ୍ନୀ, ୨୭ଶ ନକ୍ଷତ୍ର ।

ରେବା, ବି. ( ରେବ-ଅ-ଆ ) ନର୍ମଦା ନଦୀ, ରତି ।

ରେଶମ, ବି. (ଯା ଊର୍ଣ୍ଣା, ପଶମ । ବିଂ. ରେଶମୀ ।

ରୈଖିକ, ବିଂ. (ରେଖା-ଇକ) ରେଖାସମ୍ବନ୍ଧୀୟ ।

ରୋଇବା, କ୍ରି. (ରୋପଣ ଶବ୍ଦଜ) ରୋପଣ କରିବା ।

ରୋକ, ବି. (ଯା) ଅଟକ ।

ରୋକଡ଼, ବି. ( ଯା ) ଆୟ ବ୍ୟୟ ଲେଖିବା ବହି, କାଗଜ ।

ରୋକା, ବି. (ଯା) ହାତଚିଠି, ରସିଦ ।

ରୋଗ, ବି. (ରୁଜ୍-ଅ) ବ୍ୟାଧି, ପୀଡ଼ା ।

ରୋଗା, ବିଂ. (ଦେ) ରୋଗୀ ।

ରୋଗୀ, ବିଂ. (ରୋଗ-ଇନ୍) ରୁଗ୍ଣ, ପୀଡ଼ିତ, ବ୍ୟାଧିତ ।

ରୋଚକ, ବିଂ. ( ରୁଚ୍-ଇ-ଅକ ) ରୁଚିକାରକ, ଅଗ୍ନିପ୍ରଦ ।

ରୋଚନା, ବି. ଗୋରୋଚନା, ଉତ୍ତମା ସ୍ତ୍ରୀ ।

ରୋଜ, ବି. (ଯା) ତାରିଖ, ଦିବସ, ପ୍ରତ୍ୟହ ।

ରୋଜଗାର, ବି (ଯା) ଆୟ, ଉପାର୍ଜନ ।

ରୋଜନାମଚା, ବି. (ଯା) ଡାଇରି, ଦୈନିକ ହିସାବ ବହି ।

ରୋଜା, ବି. (ଯା) ମୁସଲମାନମାନଙ୍କର ଉପବାସ ।

ରୋଟ, (ଟା), ବିଂ. (ଯା) ସ୍ଥୂଳ, ମୋଟା ।

ରୋଟି, ରୋଟିକା } ବି. ( ରୁଟ-ଇ-ଅକ-ଆ ) ଗୋଧୂମ-ଚୂର୍ଣ୍ଣର ପିଠା, ରୁଟି ।

ରୋଦନ, ବି. (ରୁଦ୍-ଅନ) କ୍ରନ୍ଦନ ।

ରୋଧ, ବି. (ରୁଧ୍-ଅ) ତୀର, କୂଳ, ବାଧା, ଅବରୋଧ ।

ରୋଧିବା, କ୍ରି. ( ଦେ ) ଅବରୋଧ କରିବା, ବନ୍ଦ କରିବା, ବାଧାଦେବା ।

ରୋପଣ, ବି. (ରୁହ୍-ଣିଚ୍-ଅନ) ବୀଜାଦି ବପନ, ସ୍ଥାପନ ।

ରୋପିତ, ବିଂ. ( ରୁହ୍-ଣିଚ୍-ତ ) ଅର୍ପିତ, ପ୍ରୋଥିତ ।

ରୋମ, ବି. (ରୁ-ମ) ଲୋମ ।

ରୋମକୂପ, ବି. ଲୋମମୂଳ ।

ରୋମନ୍ଥ
ରୋମନ୍ଥନ } ବି. (ରୋଗ-ମନ୍ଥ୍-ଅ, ଅନ) ପାକୁଳି ।

ରୋମଶ, ବିଂ. (ରୋମନ୍-ଶ) ଅଧିକ ରୋମଯୁକ୍ତ । ବି. ମେଷ, ଶୂକର ।

ରୋମହର୍ଷ
ରୋମହର୍ଷଣ
ରୋମାଞ୍ଚ } ବି. ରୋମ ଟାଙ୍କୁରିବା ।

ରୋମାଞ୍ଚିତ, ବିଂ. (ରୋମାଞ୍ଚ-ଇତ) ପୁଲକିତ ।

ରୋମୋଦ୍ଗମ, ବି. (ରୋମ-ଉଦ୍ଗମ) ରୋମାଞ୍ଚ ।

ରୋରୁଦ୍ୟମାନ, ବିଂ. (ଯଙନ୍ତ ରୁଦ୍-ଆନ) ଅତ୍ୟନ୍ତ ରୋଦନଶୀଳ ।

ରୋଳ, ବି. (ରୁଲ୍-ଅ) ଶବ୍ଦ, ଗୋଳମାଳ । (ବୈ) ରୁଲର୍ ।

ରୋଲମ୍ବ, ବି. (ରୋଡ୍-ଅମ୍ବ, ଡ=ଲ) ଭ୍ରମର ।

ରୋଶନାଇ
ରୋଶନ } ବି. (ଯା) ଆଲୋକ ।

ରୋଷ, ବି. (ରୁଷ୍-ଅ) କ୍ରୋଧ, ରାଗ ।

ରୋଷେଇ, ବି. (ଦେ) ରନ୍ଧନ ।

ରୋଷେଇଆ, ବି. (ଦେ) ଯେ ରୋଷେଇ କରେ ।

ରୋହି, ବି. (ଦେ) ରୋହିତ ମତ୍ସ୍ୟ ।

ରୋହିଣୀ, ବି. ନକ୍ଷତ୍ରବିଶେଷ, ବଳରାମଙ୍କ ମାତା, ନବବର୍ଷ ବୟସ୍କା କନ୍ୟା, ଗାଈ ।

ରୋହିଣୀପତି, (ବଲ୍ଲଭ), ବି. ଚନ୍ଦ୍ର, ବସୁଦେବ ।

ରୋହିତ, ବି. ( ରୁହ-ଇତ ) ରୋହିମାଛ, ହରିଣ-ବିଶେଷ, ରକ୍ତବର୍ଣ୍ଣ ।

ରୌଦ୍ର, ବି. ( ରୁଦ୍ର-ଅ ) କ୍ରୋଧ, ସୂର୍ଯ୍ୟତେଜ । ବିଂ. ଉଗ୍ର, ପ୍ରଚଣ୍ଡ ।

ରୌପ୍ୟ, ବି (ରୂପ୍ୟ-ଅ) ରଜତ, ରୁପା ।

ରୌରବ, ବି. (ରୁଦ୍-ଅ ନିପାତନ) ନରକବିଶେଷ । ବିଂ. ଭୟଙ୍କର ।

ରୌହିଣେୟ, ବି. (ରୋହିଣୀ-ଏୟ) ରୋହିଣୀନନ୍ଦନ, ବଳରାମ ।

---

## ଲ

ଲ, ବ୍ୟଞ୍ଜନ ବର୍ଣ୍ଣର ଅଷ୍ଟାବିଂଶ ବର୍ଣ୍ଣ, ଏହାର ଉଚ୍ଚାରଣ ସ୍ଥାନ ଦନ୍ତ । ବି. (ଲା-ଅ) ଇନ୍ଦ୍ର, ପୃଥ୍ୱୀବୀଜ ।

ଲଇ, ବି. (ଦେ) ଲତା ।

ଲଉଡ଼, ବି (ଲଗୁଡ଼ ଶବ୍ଦଜ) ଯଷ୍ଟି ।

ଲଙ୍କ, ବି. (ଦେ) ତପଲ, ଏକପ୍ରକାର ପିତ୍ତଳପାତ୍ର ।

ଲକୁଚ, ବି. ଜେଉଟଫଳ ।

ଲକ୍ଷ, ବି. ( ଲକ୍ଷ୍-ଅ ) ଶତସହସ୍ର ସଂଖ୍ୟା, ବୁରୁଷ, ପ୍ରବଞ୍ଚନା, ଶରବ୍ୟ, ଲକ୍ଷ୍ୟ, ଦୃଷ୍ଟି ।

ଲକ୍ଷଣ, ବି. (ଲକ୍ଷ-ଅନ) ସମ୍ଭ୍ରତା, ସ୍ୱରୂପ, ଚିହ୍ନ ।

ଲକ୍ଷଣା, ବି. (ଲକ୍ଷ୍-ଅନ-ଆ, ପ୍ରକୃତ ଅର୍ଥ ପରିବର୍ତ୍ତରେ ଅନ୍ୟାର୍ଥବୋଧିକା ଶକ୍ତି ।

ଲକ୍ଷଣୀୟ, ବିଂ. ( ଲକ୍ଷ-ଅନୀୟ ) ଦର୍ଶନୀୟ, ଅନୁଭବ-ଯୋଗ୍ୟ ।

ଲକ୍ଷିତ, ବିଂ. (ଲକ୍ଷ-ତ) ଦୃଷ୍ଟ, ଜ୍ଞାତ, ଅନୁମିତ ।

ଲକ୍ଷ୍ମ, ବି (ଲକ୍ଷ-ମନ୍) ଚିହ୍ନ, ପ୍ରଧାନ ।

ଲକ୍ଷ୍ମଣ, ବି. (ଲକ୍ଷ୍ମୀ-ଅ-ନ ବା ଲକ୍ଷ୍ମନ୍-ଅ) ସୁମିତ୍ରାସୁତ, ଚିହ୍ନ ।

ଲକ୍ଷ୍ମୀ, ବି. (ଲକ୍ଷ-ଈ,ମ ଆଗମ) କମଳା, ରାଜଶ୍ରୀ ।

ଲକ୍ଷ୍ମୀକାନ୍ତ, ବି. (ଲକ୍ଷ୍ମୀ-କାନ୍ତ) ନାରାୟଣ, ବିଷ୍ଣୁ, ରାଜା ।

ଲକ୍ଷ୍ମୀବାନ୍, ବିଂ. (ଲକ୍ଷ୍ମୀ-ବତ୍) ସମ୍ପତ୍ତିଶାଳୀ, ଶ୍ରୀମାନ୍ ।

ଲକ୍ଷ୍ୟ, ବି. (ଲକ୍ଷ-ଯ) ଶରବ୍ୟ, ବେଧ୍ୟ, ଚିହ୍ନ, ଶତ ସହସ୍ର ସଂଖ୍ୟା ।

ଲଖାଇବା, କ୍ରି. (ଦେ) ଅଟକାଇବା ।

ଲଗାଇବା, କ୍ରି. ( ଦେ ) ଅଟକାଇବା, ଯୋଡ଼ିବା, ସଂଲଗ୍ନ କରିବା ।

ଲଗାଏତ, ଅଂ. (ଦେ) ସମାନ୍ତରରେ, ଠାରୁ ।

ଲଗାଣ, ବି. (ଦେ) ଅନବରତ ବୃଷ୍ଟିପାତ ।

ଲଗାମ,ବି. (ଯା) ଘୋଡ଼ାର ବାଗ ।

ଲଗାଲଗି, ବିଂ. (ଦେ) ସଂଲଗ୍ନ ।

ଲଗୀ, ବି. (ହିନ୍ଦୀ) ଆଙ୍କୁଡ଼ି ।

ଲଗୁଡ଼, ବି. (ଲଗ୍-ଉଳ, ଳ—ଡ) ବାଡ଼ି, ଯଷ୍ଟି ।

ଲଗ୍ନ, ବି. (ଲସ୍ଜ୍-ତ) ଯୁକ୍ତ, ମେଷାଦି ଦ୍ୱାଦଶ ରାଶିର ଉଦୟକାଳ ।

ଲଘିମା, ବି. (ଲଘୁ-ଇମନ୍) ଲଘୁତ୍ୱ, ଅଗୌରବ ।

ଲଘିଷ୍ଠ } ବିଂ. ( ଲଘୁ-ଇଷ୍ଠ, ଇୟସ୍ ) ଅତି
ଲଘୀୟାନ୍ } ଲଘୁ ।

ଲଘୁ, ବି. ( ଲଙ୍ଘ୍-ଉ ) ଶୀଘ୍ର, ହାଲୁକା, ଅସାର ।

ଲଘୁହସ୍ତ, ବିଂ. କ୍ଷିପ୍ରହସ୍ତ ।

ଲଘୂକରଣ, ବି. (ଲଘୁ-ଚ୍ୱି-କୃ-ଅନ) ଗଣିତରେ ଉଚ୍ଚ ରାଶିକୁ ନିମ୍ନରେ ଓ ନିମ୍ନ ରାଶିକୁ ଉଚ୍ଚରେ ପରିବର୍ତ୍ତନ ।

ଲଙ୍କା, ବି. ସିଂହଳଦ୍ୱୀପ । (ଦେ) ଲଙ୍କାମରିଚ ।

ଲଙ୍କାଆମ୍ବ, ବି. (ଦେ) ଫଳବିଶେଷ ।

ଲଙ୍ଗର, ବି. (ଦେ) ଜାହାଜାଦି ଅଟକାଇ ରଖିବାର ଲୌହଯନ୍ତ୍ରବିଶେଷ ।

ଲଙ୍ଗଳ, ବି. ଲାଙ୍ଗଳ, ହଳ ।

ଲଙ୍ଗଳା, ବିଂ. (ଦେ) ଉଲଙ୍ଗ ।

ଲଙ୍ଘନ, ବି. ( ଲଙ୍ଘ୍-ଅନ ) ଉପବାସ, ଅତିକ୍ରମ, ଆକ୍ରମଣ ।

ଲଙ୍ଘିତ, ବିଂ. (ଲଙ୍ଘ୍-ତ) ଅତିକ୍ରାନ୍ତ ।

ଲଜ୍ଜା, ବି. (ଲସ୍ଜ-ଅ-ଆ) ବ୍ରୀଡ଼ା, ଲାଜ, ତ୍ରପା ।

ଲଜ୍ଜାଳୁ, ବିଂ. (ଲସ୍ଜ୍-ଆଳୁ) ଲଜ୍ଜାଶୀଳ ।

ଲଜ୍ଜିତ, ବିଂ. (ଲସ୍ଜ-ତ) ଲଜ୍ଜାଶୀଳ, ଲଜ୍ଜାଯୁକ୍ତ ।

ଲଜ୍ଜାତାରା, ବି. ଧୂମକେତୁ ।

ଲଟ, ବି. (ଦେ) ପ୍ରମାଦବଚନ, ଦୋଷ, କୌତୁକ ।

ଲଟକାଇବା, କ୍ରି. (ଦେ) ଟଙ୍ଗାଇବା, ଝୁକ୍ଗୁଇବା ।

ଲଟପଟ, ବିଂ. (ଦେ) ଗଡ଼ଇତଡ଼ଇ, ସଂଯୁକ୍ତ ।

ଲଟା, ବି. (ଦେ) ଲତା, ଜଙ୍ଗଲ ।

ଲଟାଇବା, କ୍ରି. (ଦେ) ମାଡ଼ିବା ।

ଲଟେଇ, ବି. (ଦେ) ସୂତା ଗୁଡ଼ାଇବା ଯନ୍ତ୍ରବିଶେଷ ।

ଲଟୁ, ବି. (ଦେ) ନଟୁ, ଏକପ୍ରକାର ଖେଳଣା ।

ଲଡ଼ୁ, ବି. (ଲଡ୍ଡୁକ ଶବ୍ଦଜ) ମିଷ୍ଟାନ୍ନବିଶେଷ, ମୋଦକ ।

ଲଢ଼ାଇ, ବି. (ଦେ) ଯୁଦ୍ଧ ।

ଲଢ଼ାଇବା, କ୍ରି. (ଦେ) ଯୁଦ୍ଧ କରାଇବା ।

ଲଢ଼ିବା, କ୍ରି. (ଦେ) ଯୁଦ୍ଧ କରିବା ।

ଲଣ୍ଠନ, ବିଂ. (ଇଂ. Lantern) କାଚନିର୍ମିତ ଦୀପ-ବିଶେଷ ।

ଲଣ୍ଡ, ବି. (ଲନ୍ଡ୍-ଅ) କଠିନ ଲମ୍ବାକୃତି ବିଷ୍ଠା ।

ଲଣ୍ଡଭଣ୍ଡ, ବିଂ. (ଦେ) ବ୍ୟସ୍ତବ୍ୟସ୍ତ, ହଇରାଣ ।

ଲଣ୍ଡା, ବିଂ. (ଦେ) କେଶବିହୀନ (ମସ୍ତକ) ।

ଲତା, ଲତିକା } ବି. (ଲତ୍-ଅ, ଲତା-କ-ଆ) ବ୍ରତତି, ଶାଖା ।

ଲଥା, ବି. (ଦେ) ଉପକଥା ।

ଲଦନ, ବି. (ଦେ) ବୋଝ, ହାତୀ ପିଠିର ଆସ୍ତରଣ ।

ଲଦିବା, କ୍ରି. (ଦେ) ଥୋଇବା ।

ଲପନ, ବି. (ଲପ୍-ଅନ) ବଦନ, ମୁଖ ।

ଲପିତ, ବିଂ. (ଲପ୍-ତ) କଥିତ । ବି. ବାକ୍ୟ, କଥନ ।

ଲଫାପା । ବି. (ଯା) ଚିଠିର ବହିରାବରଣ ।

ଲବ୍ଧ, ବିଂ. (ଲଭ୍-ତ) ଉପାର୍ଜିତ, ପ୍ରାପ୍ତ, ଗୃହୀତ ।

ଲଭିବା, କ୍ରି. (ଲଭ୍ ଧାତୁଜ) ପାଇବା, ଲାଭ କରିବା ।

ଲଭ୍ୟ, ବି°. ( ଲଭ୍-ଯ ) ପ୍ରାପ୍ୟ, ଲାଭଯୋଗ୍ୟ ।

ଲମ୍ପଟ, ବି. (ରମ-ଅଟ, ପ ଆଗମ, ର=ଲ) କାମୁକ ।

ଲମ୍ଫ, ବି. (ଲମ୍ଫ୍-ଅ) ଉଲ୍ଲମ୍ଫନ, ଡେଇଁବା ।

ଲମ୍ବ, ବି°. (ଲମ୍ବ୍-ଅ) ଦୀର୍ଘ, ଲମ୍ବା, ପ୍ରସାରିତ । ବି. ଲମ୍ବମାନ ରେଖା ।

ଲମ୍ବମାନ, ବି°. (ଲମ୍ବ-ଆନ) ଦୋଳାୟମାନ ।

ଲମ୍ବା, ବି. (ଦେ) ଦୈର୍ଘ୍ୟ । ବି°. ଦୀର୍ଘାକାର ।

ଲମ୍ବିତ, ବି°. (ଦେ) ଲମ୍ବିଥିବା, ଦୋଳିତ ।

ଲମ୍ବିବା, କ୍ରି. ( ଦେ ) ଓହଳିବା ।

ଲମ୍ବୋଦର, ବି. (ଲମ୍ବ-ଉଦର) ଗଣେଶ ।

ଲୟ, ବି. (ଲୀ-ଅ) ଗୀତ ବାଦ୍ୟାଦିର ତାଳ, ପ୍ରଳୟ, ବିନାଶ ।

ଲଲନ, ବି. (ଲଲ୍-ଅନ) କ୍ରୀଡ଼ା, ଗୁଳନ, କମ୍ପନ ।

ଲଲନା, ବି. (ଲଲ୍-ଅନ-ଆ) କାନ୍ତା, କାମିନୀ, ଜିହ୍ୱା ।

ଲଲାଟ, ବି. (ଲଲ୍-ଅଟ୍-ଅ) କପାଳ, ଭାଲ ।

ଲଲାଟନ୍ତପ, ବି. ( ଲଲାଟ-ତପ୍-ଅ ) ସୂର୍ଯ୍ୟ । ବି°. ଲଲାଟତାପକାରୀ ।

ଲଲାମ, ବି (ଲଲ୍-ଅମ୍-ଅ) ଲଲାଟଭୂଷଣ ।

ଲଳିତ, ବି. ( ଲଲ୍-ତ ) ବିଳାସ, ଚଳନ, କ୍ରୀଡ଼ା । ବି°. କୋମଳ ।

ଲଳିତା, ବି. (ଲଲ୍-ତ-ଆ) ଗୋପୀବିଶେଷ, ନାରୀ, ଦୁର୍ଗା । (ଦେ) ଖୋଟଗଛ ।

ଲବ, ବି. (ଲୂ-ଅ) ବିନାଶ, ଲେଶ, ସମୟର ସୂକ୍ଷ୍ମାଂଶ, ରୋମଯୂଥ ।

ଲବଙ୍ଗ, ବି. ( ଲୂ-ଅଙ୍ଗ ) ଉପପତି, ଦେବପୁଷ୍ପ ।

ଲବଣ, ବି. (ଲୂ-ଅନ) କ୍ଷାରଦ୍ରବ୍ୟବିଶେଷ, ଲୁଣ ।

ଲବଣୀ, ବି. (ନବନୀତ ଶବ୍ଦଜ) ଲହୁଣୀ ।

ଲସମ, ବି. (ଦେ) ଆର୍ଦ୍ରତାଯୁକ୍ତ, ଥଣ୍ଡା, ଶୈତ୍ୟ ।

ଲସା, ବି. (ଦେ) ଘାଉ ପୂଜପାଣି ।

ଲସି, ବି. (ଦେ) ଡେଙ୍ଗରୁ ବାହାରିବା ରସ ।

ଲସିତ, ବି. ( ଲସ୍-ତ ) ବିଳାସ, ଉଲ୍ଲାସ । ବିଂ. ଶୋଭିତ ।

ଲସିବା, କି. ( ଦେ ) ହୀନ ହେବା, ନତ ହେବା, ଦ୍ରବୀଭୂତ ହେବା ।

ଲସ୍କର, ବି. ( ଦେ ) ସେନା, ଫୌଜ, ଜାହାଜର ଖଲାସି ।

ଲହକା, ବିଂ. (ଦେ) ଲକଲକଅବସ୍ଥା ।

ଲହର, ବି. (ଦେ) ସର, ପ୍ରବାହ, ସ୍ରୋତ, ଲହରୀ ।

ଲହରି, (ରୀ), ବି. (ଲ-ହୃ-ଇ,ଈ) ଊର୍ମି, ତରଙ୍ଗ ।

ଲହଲହ, ବି. ( ଦେ )ଯାହା ସ୍ୱତଃ ନଇଁଯାଏ ।

ଲହସ, ବି. (ଦେ) ଧାର, ପ୍ରଣାଳୀ, ଝୁଙ୍କ ।

ଲହୁ, ବି. (ଯା) ରକ୍ତ ।

ଲହୁଣୀ, ବି. (ଦେ) ନବନୀତ ।

ଲହୁଲି, ବିଂ. (ଦେ) ଅତି କୋମଳ ।

ଲାଉ, ବି. ( ଅଲାବୁ-ଶବ୍ଦଜ ) ତୁମ୍ବୀ, ପ୍ରସିଦ୍ଧ ଫଳ ।

ଲାକ୍ଷା, ବି. ( ଲକ୍ଷ୍-ଅ-ଆ ) ଜଉ, ଲାଖ ।

ଲାକ୍ଷାରସ, ବି. ଅଳତା ।

ଲାଖ, ବି. (ଲାକ୍ଷା ଶବ୍ଦଜ) ଜଉ, ଲା, ଲାକ୍ଷା ।

ଲାଖେରାଜ, ବି. (ଯା) ନିଷ୍କର ଭୂମି ।

ଲାଗ, ବି. (ଦେ) ଲଗ୍ନ, କ୍ଷଣ, ମୁହୂର୍ତ୍ତ, ରଣ ।

ଲାଗି, ବି. (ଦେ) ନିଶା । ବିଂ. ଯୋଗ କରାଯାଇଥିବା । ଅଂ. ପାଇଁ, ହେତୁ, ନିମିତ୍ତ ।

ଲାଗିବା, କ୍ରି. (ଲଗ୍ନ ଶବ୍ଦଜ) ମିଶିବା, ଲାଖିବା ।

ଲାଗୁଆ, ବିଂ. ( ଦେ ) ଯାହା ନିୟମିତରୂପେ ମିଳେ, ଖଞ୍ଜା ।

ଲାଘବ, ବି. (ଲଘୁ-ଅ) ଲଘୁତ୍ୱ, ଭାରରହିତ, ହାଲୁକା ।

ଲାଙ୍ଗଳ, ବି. (ଲନ୍ଗ-ଅଳ) ଭୂମିକର୍ଷଣ ଯନ୍ତ୍ରବିଶେଷ ।

ଲାଙ୍ଗୁଳ, ଲାଙ୍ଗୂଳ } ବି. ( ଲନ୍ଗ-ଉଳ, ଊଳ ) ପୁଚ୍ଛ, ଲାଞ୍ଜ ।

ଲାଣ୍ଟୁବା, କ୍ରି. ( ଦେ ) ତପ୍ତ ଲୌହଖଣ୍ଡରେ ଦାଗ ଦେବା, ବନ୍ଧୁକ ଫୁଟାଇବା ।

ଲାଜ, ବି. (ଲଜ୍-ଅ) ଖଇ, ବେଣାମୂଳ । (ଦେ) ଲଜ୍ଜା ।

ଲାଞ୍ଚ, ବି. (ଦେ) ଉତ୍କୋଚ, ରିସ୍ୱତ ।

ଲାଞ୍ଚୁଆ, ବିଂ. (ଦେ) ଉତ୍କୋଚଗ୍ରାହୀ, ଯେ ଲାଞ୍ଚ ନିଏ ।

ଲାଞ୍ଛନ, ବି. (ଲାନ୍ଛ-ଅନ) ଚିହ୍ନ, ଧ୍ୱଜ, କଳଙ୍କ ।

ଲାଞ୍ଛିତ, ବିଂ. ଚିହ୍ନିତ, କଳଙ୍କିତ, ଅପମାନିତ ।

ଲାଞ୍ଜ, ବି. (ଲାଞ୍ଛ-ଧାତୁଜ) ପୁଚ୍ଛ, ଲାଙ୍ଗୁଳ ।

ଲାଞ୍ଜି, ବି. (ଦେ) ଚିଙ୍କିର ପୁଚ୍ଛ, କଜ୍ଜଳର ସୂକ୍ଷ୍ମ ରେଖା ।

ଲାଟ, ବି. (ଦେ) ପ୍ରଭୁ, ଲର୍ଡ଼ ।

ଲାଟବନ୍ଦୀ, ବି. ( ଦେ ) ଖଜଣା ଦାଖଲର ନିର୍ଦ୍ଦିଷ୍ଟ ଦିବସ ।

ଲାଠି, ବି. (ଦେ) ଯଷ୍ଟି, ଦଣ୍ଡ, ବାଡ଼ି ।

ଲାଣ୍ଡିଆ, ବିଂ. (ଦେ) ଅସୁନ୍ଦର, ବିକୃତାଙ୍ଗ ।

ଲାତ } ବି. (ଦେ) ପାଦପ୍ରହାର, ଗୋଇଠା ।
ନାତ }

ଲାଭ, ବି. ପ୍ରାପ୍ତି, ଉପାର୍ଜନ, ଉପସ୍ୱତ୍ୱ, ଧନ ।

ଲାଳ, ବି. (ଲାଳା ଶବ୍ଦଜ) ମୁଖାମୃତ, ଛେପ ।

ଲାଲ୍ } ବିଂ. (ଦେ) ରକ୍ତବର୍ଣ୍ଣବିଶିଷ୍ଟ । ବି. ଗୋରୁ
ନାଲ୍ } ପ୍ରଭୃତିଙ୍କ ଖୁରରେ ମରା ହେବା ଲୌହପତ୍ର ।

ଲାଳନ, ବି. (ଲାଳ୍ ଅନ) ସ୍ନେହର ସହିତ ପାଳନ ।

ଲାଲମୋହନ, ବି. (ଦେ) ଏକପ୍ରକାର ମିଷ୍ଟାନ୍ନ ।

ଲାଳସା, ବି. (ଲସ୍-ଯଙ୍‌ଲୁକ୍-ଅ-ଆ) ଲିପ୍ସା, ଆଶା, ସ୍ପୃହା ।

ଲାଳିତ, ବିଂ. (ଲାଳ୍-ତ) ପ୍ରତିପାଳିତ ।

ଲାଳିତ୍ୟ, ବି. (ଲଳିତ-ଯ) କୋମଳତା, ମାଧୁର୍ଯ୍ୟ ।

ଲାବଣ୍ୟ, ବି. ( ଲବଣ-ଯ ) ଲବଣତ୍ୱ, ସୌନ୍ଦର୍ଯ୍ୟ ।

ଲାସିକା, ବି. (ଲାସି-ଅକ-ଆ) ନର୍ତ୍ତକୀ ।

ଲାସ୍ୟ, ବି. (ଲସ୍-ଯ) ନୃତ୍ୟ, ନାଚ । ସ୍ତ୍ରୀଲୋକର ନୃତ୍ୟ ।

ଲାହା, ବି. (ଦେ) ମକ୍ଷା, ସନ୍ତ୍ର ।

ଲିଆ, ବି. (ଲାଜ ଧାତୁଜ) ଖଇ ।

ଲିଖନ, ବି. (ଲିଖ୍-ଅନ) ଲେଖନ, ଅକ୍ଷରବିନ୍ୟାସ, ଲିପି, ଚିଠି ।

ଲିଖିତ, ବିଂ. (ଲିଖ୍-ତ) ଯାହା ଲେଖା ହୋଇଅଛି ।

ଲିଙ୍ଗ, ବି. ( ଲିନ୍‌ଗ୍-ଅ ) ଚିହ୍ନ, ହେତୁ, ଶିବମୂର୍ତ୍ତି ।

ଲିଚୁ, ବି. (ଦେ) ଏକପ୍ରକାର ସୁମିଷ୍ଟ ଫଳ ।

ଲିତା, ବି. (ଦେ) ଦଣ୍ଡର ୧/୬୦ ଅଂଶ ପରିମିତ କାଳ ।

ଲିପି / ଲିପୀ } ବି. ( ଲିପ୍-ଇ ) ଲିଖିତ ପଦାର୍ଥ, ଚିଠି, ପତ୍ର ।

ଲିପିକ(କା)ର, ବି. (ଲିପି-କୃ-ଅ) ଚିତ୍ରକର, ଲେଖକ ।

ଲିପିବଦ୍ଧ, ବିଂ. (ଲିପି-ବଦ୍ଧ) ଅକ୍ଷରଦ୍ୱାରା ବିନ୍ୟସ୍ତ, ଲିଖିତ ।

ଲିପିବା / ଲେପିବା } କ୍ରି. (ଦେ) ଲେପନ କରିବା ।

ଲିପ୍ତ, ବିଂ. ( ଲିପ୍-ତ ) ଚର୍ଚ୍ଚିତ, ବିଷାକ୍ତ, ମିଳିତ ।

ଲିପ୍ସା, ବି. ( ଲଭ୍-ସନ୍-ଅ-ଆ, ଲଭ୍=ଲିପ୍ ) ଲାଭେଚ୍ଛା, ସ୍ପୃହା ।

ଲିପ୍ସୁ, ବିଂ. (ଲଭ୍-ସନ୍-ଉ) ଲୋଭୀ, ଲାଭେଚ୍ଛୁ ।

ଲିଭିବା, କ୍ରି. (ଦେ) ନିର୍ବାପିତ ହେବା ।

ଲିହ(ହା)ଣ, ବି. ( ଦେ ) ବଟାଳି, ବଢ଼େଇର ଯନ୍ତ୍ରବିଶେଷ ।

ଲିହିବା, କ୍ରି. (ଦେ) ଲେଖିବା ।

ଲୀନ, ବିଂ. (ଲୀ-ତ) ନିମଜ୍ଜିତ, ଲୟପ୍ରାପ୍ତ, ମଗ୍ନ ।

ଲୀଳା, ବି. (ଲୀ-ଅ) ଭଙ୍ଗୀ, ବିଳାସ, ଶୋଭା, କ୍ରୀଡ଼ା ।

ଲୁକ୍କାୟିତ, ବିଂ. ( ଲୁକ-ଆୟ-ତ ) ଗୁପ୍ତ, ପ୍ରଚ୍ଛନ୍ନ ।

ଲୁଗା, ବି. (ଲଗ୍ନ ଶବ୍ଦଜ) ବସ୍ତ୍ର, ବାସ ।

ଲୁଙ୍ଗୁରା, ବି. ( ଦେ ) ଘେଉର, ଲମ୍ପଟ ।

ଲୁଚକାଳି, ବି. ( ଦେ ) ପିଲାମାନଙ୍କର ଲୁଚି ଲୁଚି ଖେଳିବା ଖେଳବିଶେଷ ।

ଲୁଗୁଇବା, କ୍ରି. (ଦେ) ଗୋପନ କରିବା ।

ଲୁଗୁଏ, ଅଂ. (ଦେ) ମେଞ୍ଚାଏ, ଗୁଡ଼ାଏ ।

ଲୁଚି, ବି. (ଦେ) ଘୃତପକ୍ୱ ପିଷ୍ଟକବିଶେଷ ।

ଲୁଚିବା, କ୍ରି. (ଲୁକ୍କାୟିତ ଶବ୍ଦଜ) ଛପି ରହିବା ।

ଲୁବ୍ଧ (ବା), ଯିବା କ୍ରି. ( ଦେ ) ଶୋଭା ସୌନ୍ଦର୍ଯ୍ୟାଦିରେ ମୁଗ୍ଧ ହେବା ।

ଲୁଟି, ବି. (ଦେ) ଲୁଣ୍ଠନ ।

ଲୁଟିବା, କ୍ରି. ( ଦେ ) ବଳପୂର୍ବକ ହରଣ କରିବା, ଜର କରିବା ।

ଲୁଠନ, ବି. (ଲୁଠ୍-ଅନ) ମାଟିରେ ଗଡ଼ିବା ।

ଲୁଣ, ବି. (ଲବଣ ଶବ୍ଦଜ) ଲବଣ ।

ଲୁଣି,(ଆ), ବିଂ. (ଦେ) ଲବଣାକ୍ତ । ଆ, ବି. ଲବଣ ବ୍ୟବସାୟୀ ।

ଲୁଣ୍ଠନ, ବି ( ଲୁନ୍ଠ-ଅନ ) ଅପହରଣ, ଭୂମିରେ ଲୋଟିବା ।

ଲୁଣ୍ଠିତ, ବି. (ଲୁଣ୍ଠ୍-ତ) ଅପହୃତ, ଭୂମିରେ ଗଡ଼ିବା ।

ଲୁଣ୍ଡା, ବି. (ଦେ) ଅଗ୍ନି ଜମିଉ କୁଦାଙ୍କଣ୍ଡା ।

ଲୁଣ୍ଡି, ବି. ( ଦେ ) ତନ୍ତୁମାନଙ୍କ ସୂତା ସଜାଇବା ।

ଲୁଦୁବୁଦୁ, ବି. (ଦେ) ଅଗ୍ନିମାନ୍ଦ୍ୟରୋଗ ।

ଲୁପ୍ତ, ବିଂ. ( ଲୁପ୍-ତ ) ଅନ୍ତର୍ହିତ, ନଷ୍ଟ, ଅପହୃତ ।

ଲୁଳିତ, ବିଂ. ( ଲୁଳ-ତ ) ଚଳିତ, ଆନ୍ଦୋଳିତ, କମ୍ପିତ, ଢିଲା, ମର୍ଦ୍ଦିତ ।

ଲୁଳିବା, କ୍ରି. (ଦେ) ଦୋହଲିବା, ଲମ୍ବିବା ।

ଲୁବ୍ଧ
ଲୁବ୍ଧକ } ବି. (ଲୁଭ୍-ତ, କ) ଲୋଭୀ, କାମୁକ, ବ୍ୟାଧ ।

ଲୁହ, ବି. (ଲୋତକ ଶବ୍ଦଜ) ଚକ୍ଷୁର ଜଳ ।

ଲୁହା, ବି. (ଲୌହ ଶବ୍ଦଜ) ଲୌହ, ଧାତୁବିଶେଷ ।

ଲୂତା, ବି. (ଲୂ-ତ-ଆ) ମାକଡ଼ସା, ପିପୀଲିକା ।

ଲୂନ, ବିଂ. (ଲୂ-ତ) କର୍ତ୍ତିତ, ଛିନ୍ନ ।

ଲେଉଟାଇବା, କ୍ରି. (ଦେ) ଫେରାଇବା ।

ଲେଉଟିଆ, ବି. (ଦେ) ଶାଗବିଶେଷ ।

ଲେଖ, ବି. (ଲିଖ୍-ଅ) ଲିପି, ଚିଠି, ଲେଖନ, ଦେବତା ।

ଲେଖକ, ବିଂ. (ଲିଖ୍-ଅକ) ଲିପିକର, ଚିତ୍ରକାରକ ।

ଲେଖନ. ବି. (ଲିଖ୍-ଅନ) ଲିଖନ, ଲେଖା, ଅଙ୍କନ, ଯହିଁରେ ଲେଖନ୍ତି, ଲୁହା କଲମ ।

ଲେଖନୀ, ବି. (ଲିଖ୍-ଅନ-ଈ) କଲମ, ତୂଳୀ ।

ଲେଖା, ବି. (ଲିଖ୍-ଅ-ଆ) ଲିଖନ, ଲିପି, ଚିତ୍ର କରିବା ।

ଲେଖାଏଁ, ଅଂ. ପରିମାଣରେ, ସଂଖ୍ୟାରେ ।

ଲେଖିତ, ବିଂ. (ଲିଖ୍-ତ) ଲିଖିତ ।

ଲେଖିବା, କ୍ରି. (ଦେ) ଲିଖନ କରିବା, ଲିପିବଦ୍ଧ କରିବା ।

ଲେଖ୍ୟ, ବିଂ. (ଲେଖ-ଯ) ଲିଖନଯୋଗ୍ୟ, ଲିଖିତ ପତ୍ରାଦି, ଦଲିଲ୍, ଦସ୍ତାବିଜ।

ଲେଙ୍ଗଡ଼ା, ବିଂ. (ଦେ) ଖ୍ରେଠା।

ଲେଙ୍ଗୁଟି, ବି. (ଦେ) କୌପୁନି, କୌପୀନ।

ଲେଟୁବା, କ୍ରି. (ଦେ) ଛାଡ଼ିବା, ତ୍ୟାଗ କରିବା।

ଲେଞ୍ଜରା, ବି. (ଦେ) ଅଳିଆ, ଝାଟୁଆ। ବିଂ. ଅଡ଼ୁଆ।

ଲେଡ଼, ବି. (ଦେ) କରତଳ।

ଲେଢରା, ବି. (ଦେ) ଚକ୍ଷୁମଳ, ଆଖିମଳି।

ଲେପ, ବି. (ଲିପ୍-ଅ) ପ୍ରଲେପ, ଲେପନସାମଗ୍ରୀ।

ଲେପନ, ବି. (ଲିପ୍-ଅନ) ବିଲେପନ, ଲେପିବା।

ଲେଫଡ଼ା, ବି. ( ଦେ ) ଫଳବିଶେଷ, ଦାନ୍ତ ଦେଖାଇବା, ଦରହସା।

ଲେଭଡ଼ା, ବି. (ଦେ) ଲେଞ୍ଜୀ, ଲମ୍ପଟ।

ଲେମ୍ବୁ, ବି. (ଦେ) ଅମ୍ଳଫଳବିଶେଷ।

ଲେଶ, ବି. (ଲିଶ୍-ଅ) ବିନ୍ଦୁ, ଅଳ୍ପ, କିଞ୍ଚିତ୍, ଶ୍ଳେଷ।

ଲେଶିବା, କ୍ରି. ( ଦେ ) ଲେପିବା, ମାଟି ପ୍ରଭୃତି ବୋଳିବା।

ଲେହ, (ନ), ବି. (ଲିହ୍-ଅ) ଲେହନ, ଚାଟିବା।

ଲେହୁ, ବି. (ଦେ) ଅଠା, ମଣ୍ଡ।

ଲେହିବା, କ୍ରି. (ଦେ) ଚାଟିବା।

ଲେହ୍ୟ, ବିଂ. ( ଲେହ୍-ଯ ) ଲେହନୀୟ, ଆସ୍ୱାଦ୍ୟ, ଯାହାକୁ ଚାଟି ଖାଆନ୍ତି।

ଲେ, ଅଂ. (ଦେ) କୋମଳ ସମ୍ବୋଧନ।

ଲୋକ, ବି. (ଲୋକ୍‌-ଅ) ମନୁଷ୍ୟ, ଭୁବନ, ଜଗତ୍ ।
ଲୋକଚକ୍ଷୁ, ବି. ସୂର୍ଯ୍ୟ ।
ଲୋକନ, ବି. (ଲୋକ-ଅନ) ଅବଲୋକନ ।
ଲୋକନାଥ, ବି. ଶିବ, ବିଷ୍ଣୁ, ରାଜା ।
ଲୋକପାଳ, ବି. ପୁରାଣୋକ୍ତ ଅଷ୍ଟଦିକ୍‌ପାଳ ।
ଲୋକସାନ୍ ବି. (ଯା) କ୍ଷତି ।
ଲୋକହସା, ବି. (ଦେ) ହଟହଟା, ଉପହାସ । ବିଂ. ଲୋକହସିତ ।
ଲୋକାନ୍ତରିତ, ବିଂ. ପରଲୋକଗତ, ମୃତ ।
ଲୋକାଲୋକ, ବି. (ଲୋକ-ଆଲୋକ) ବ୍ରହ୍ମାଣ୍ଡବେଷ୍ଟନ କାରୀ ପର୍ବତ ।
ଲୋକୋତ୍ତର, ବିଂ. (ଲୋକ-ଉତ୍ତର) ଅଲୌକିକ ।
ଲୋଚନ, ବି. (ଲୋଚ୍‌-ଅନ) ନୟନ, ଚକ୍ଷୁ ।
ଲୋଚ୍ଚା, ବିଂ. (ଦେ) ଲମ୍ପଟ, କାମୁକ ।
ଲୋଟଣି, ବି. (ଦେ) ଲେଉଟୁଥିବା, ବନ୍ଧଭାଙ୍ଗିଥିବା ।
ଲୋଟା, ବି. (ଦେ) ଢାଳ ।
ଲୋଠିବା, କ୍ରି. (ଦେ) ଗଡ଼ିବା
ଲୋଡ଼ା, ବିଂ. (ଦେ) ଆବଶ୍ୟକ ।
ଲୋଡ଼ିବା, କ୍ରି. (ଦେ) ଖୋଜିବା, ଇଚ୍ଛା କରିବା ।
ଲୋତରା, ବିଂ. (ଦେ) କ୍ଳାନ୍ତ, ଲୁଳିତ ।
ଲୋପ, ବି. ( ଲୁପ୍-ଅ ) ଅପଚୟ, ଭ୍ରଂଶ, ନାଶ ।
ଲୋଭ, ବି. (ଲୁଭ୍‌-ଅ) ଲିପ୍ସା, ପରଦ୍ରବ୍ୟ ଗ୍ରହଣର ଅଭିଳାଷ ।

ଲୋଭନୀୟ, ବ°. ( ଲୁଭ୍-ଅନୀୟ ) ଲୋଭଜନକ, ସ୍ପୃହଣୀୟ ।

ଲୋଭା, ବ. (ଦେ) ଲୋଭୀ ।

ଲୋଭୀ, ବ°. (ଲୋଭ୍-ଇନ୍) ଲୋଲୁପ, ଲୁବ୍ଧ ।

ଲୋଭେଇବା, କ୍ରି. (ଦେ) ଲୋଭ କରିବା ।

ଲୋମ, ବ. (ଲୁ-ମନ୍) ଶାରୀରଜାତ କେଶ, ପୁଚ୍ଛ ।

ଲୋମକୂପ, ବ. ଲୋମମୂଳର ଗର୍ତ୍ତ ।

ଲୋମଶ, ବ°. (ଲୋମ-ଶ) ଲୋମବିଶିଷ୍ଟ ।

ଲୋମହର୍ଷଣ, ବ. ( ଲୋମ-ହୃଷ୍-ଅନ ) ରୋମାଞ୍ଚ, ସୂତମୁନି ।

ଲୋମାଞ୍ଚ, ବ. ( ଲୋମନ୍-ଅଞ୍ଚ୍-ଅ ) ରୋମୋଦମ ।

ଲୋଳ, (ଳା), ବ°. ( ଲୋଡ୍-ଅ ) ଚଞ୍ଚଳ, ଗ୍ଳିତ, ଇଚ୍ଛୁକ ।

ଲୋଳା, ବ. (ଦେ) ବେଣାଦ୍ଦ ଆଘାତଚିହ୍ନ ବା ଦାଗ ।

ଲୋଳିତ, ବ°. ( ଲୁଲ୍-ଇ-ତ ) ଗ୍ଳିତ, ଚଞ୍ଚଳ, କମ୍ପମାନ, ଶ୍ଳଥ, ଢିଲା ।

ଲୋଲୁପ } ବ°. ( ଲୁପ୍, ଲୁଭ୍-ଅ ) ଅତିଲୋଭୀ,
ଲୋଲୁଭ } ଆସକ୍ତ ।

ଲୋଷ୍ଟ୍ର, ବ. (ଲୋଷ୍ଟ୍-ର) ଟେକା, ଢେଲା ।

ଲୋହ, ବ. (ଲୂ-ହ) ଲୌହ, ଲୁହା, ରକ୍ତଚନ୍ଦନ ।

ଲୋହକାର, ବ. (ଲୋହ-କୃ-ଅ) କମାର ।

ଲୋଣ୍ଢ, ବ. (ଦେ) ଲୋମନିର୍ମିତ ବସ୍ତ୍ରବିଶେଷ ।

ଲୋହିତ, ବିଂ. (ରୁହ-ଇତ, ରୁ=ଲୁ) ରକ୍ତବର୍ଣ୍ଣଯୁକ୍ତ ।

ଲୌକିକ, ବିଂ. ( ଲୋକ-ଇକ ) ଲୋକସମ୍ବନ୍ଧୀୟ, ମାନୁଷିକ, ଲୋକବ୍ୟବହାରସିଦ୍ଧ ।

ଲୌଲ୍ୟ, ବି. ( ଲୋଳ-ଯ ) ଚାଞ୍ଚଲ୍ୟ, ସ୍ପୃହା, କୋମଳତା, ରମ୍ୟତା, ଲୋଭ ।

ଲୌହ, ବି. (ଲୋହ-ଅ) ଧାତୁବିଶେଷ, ଲୁହା ।

ଲୌହବର୍ତ୍ମ, ବି. ଲୌହନିର୍ମିତ ପଥ, ରେଲଓ୍ୱେ ।

ଲୌହିତ୍ୟ, ( ଲୋହିତ-ଯ ) ରକ୍ତବର୍ଣ୍ଣ । ତ୍ୟା, ସ୍ତ୍ରୀ, ବ୍ରହ୍ମପୁତ୍ର ନଦ ।

---

## ଶ

ଶ, ବ୍ୟଞ୍ଜନବର୍ଣ୍ଣର ତ୍ରିଂଶ ବର୍ଣ୍ଣ ।

ଶଂସିତ, ବିଂ. (ଶନ୍ସ୍-ତ) କଥିତ, ଉକ୍ତ, ପ୍ରଶଂସିତ ।

ଶଂସୀ, ବିଂ. (ଶଂସ୍-ଇନ୍) ସୂଚକ, ଜ୍ଞାପକ (ଶବ୍ଦ.ନ୍ତେ) ।

ଶଅର, ବି. (ଦେ) ଶବର ।

ଶଏ, (ହେ), ବି. (ଦେ) ଏକ ଶତ ।

ଶକ, ବି. ( ଶକ୍-ଅ ) ଶକଦେଶୀୟ ଲୋକ, ଅବ୍ଦ-ବିଶେଷ ।

ଶକଟ, ବି. (ଶକ୍-ଅଟ) ଶଗଡ଼ ।

ଶକଟା, ବି. (ଦେ) ଏକପ୍ରକାର ଖେଳ ।

ଶକଳ, ବି. (ଶକ୍-ଅଳ) ଅଂଶ, ଖଣ୍ଡ ।

ଶକାବ୍ଦ, ବି. ( ଶକ-ଅବ୍ଦ ) ଶକନାମକ ନୃପତିଙ୍କ ପ୍ରଚଳିତ ସମ୍ବତ୍ସର ।

ଶକାର, ବି. ରାଜାଙ୍କ ରକ୍ଷିତା ସ୍ତ୍ରୀର ଭାଇ, ଟେଣ୍ଟୁକାର।

ଶକାରି, ବି. (ଶକ-ଅରି) ବିକ୍ରମାଦିତ୍ୟ।

ଶକୁନ, ବି. (ଶକ-ଉନ) ପକ୍ଷୀ, ଶୁଭାଶୁଭ ଚିହ୍ନ।

ଶକୁନି, ବି. (ଶକ-ଉନି) ଶାଗୁଣା, ଗୃଧ୍ର, ଦୁର୍ଯ୍ୟୋଧନାଦିଙ୍କ ମାମୁଁ।

ଶକୁନ୍ତ, ବି. ପକ୍ଷୀ।

ଶକୁନ୍ତଳା, ବି. (ଶକୁନ୍ତ-ଲା-ଅ-ଆ) ଦୁଷ୍ମନ୍ତ ରାଜାଙ୍କ ମହିଷୀ।

ଶକ୍ତ, ବି. (ଶକ୍-ତ) ଶକ୍ତିଯୁକ୍ତ, ସମର୍ଥ, କ୍ଷମତାବାନ୍।

ଶକ୍ତି, ବି. (ଶକ୍-ତି) ସାମର୍ଥ୍ୟ, ବଳ, କ୍ଷମତା।

ଶକ୍ତୁ, ବି. (ଶକ୍-ତୁନ୍) ଯବାଦିଚୂର୍ଣ୍ଣ, ଛତୁ।

ଶକ୍ୟ, ବିଂ. (ଶକ୍-ଯ) ଶକ୍ତିସାଧ୍ୟ।

ଶକ୍ର, ବି. (ଶକ୍-ର) ଇନ୍ଦ୍ର।

ଶଗଡ଼, ବି. (ଦେ) ଶକଟ।

ଶଗଡ଼ବାଟୁଆ, ବି. (ଦେ) ଏକପ୍ରକାର କୋଳି ଓ ତାହାର ଗଛ।

ଶଗଡ଼ିଆ, ବି. (ଦେ) ଶଗଡ଼ଚାଳକ।

ଶଙ୍କର, ବି. (ଶମ୍-କୃ-ଅ) ଶିବ, ଶଙ୍କରାଚାର୍ଯ୍ୟ। ସ୍ତ୍ରୀ. ଶଙ୍କରୀ, ଦୁର୍ଗା। ବିଂ. ମଙ୍ଗଳକାରଣୀ।

ଶଙ୍କା, ବି. (ଶଙ୍କ୍-ଆ) ତ୍ରାସ, ଭୟ, ଆଶଙ୍କା।

ଶଙ୍କିତ, ବି. (ଶଙ୍କ୍-ଇତ) ଭୀତ, ସନ୍ଦିଗ୍ଧ।

ଶଙ୍କୁ, ବି. (ଶଙ୍କ୍-ଉ) ଅସ୍ତ୍ରବିଶେଷ, ଶଲ୍ୟ, କୀଳା, କାଳମାପକ ଯନ୍ତ୍ରବିଶେଷ।

ଶଙ୍ଖ, ବି. (ଶମ୍-ଖ) ସମୁଦ୍ରଜାତ ଦ୍ରବ୍ୟବିଶେଷ, କମ୍ବୁ, ଲକ୍ଷକୋଟି ସଂଖ୍ୟା ।

ଶଙ୍ଖା, ସ୍ତ୍ରୀ. (ଦେ) ସ୍ତ୍ରୀଲୋକମାନଙ୍କ ହସ୍ତରେ ପିନ୍ଧିବା ଏକପ୍ରକାର ଚୁଡ଼ି ।

ଶଙ୍ଖାରି, ବି. (ଦେ) ଯେଉଁମାନେ ଶଙ୍ଖା ତିଆରି କରି ବିକନ୍ତି ।

ଶଙ୍ଖାଳି, ବି. (ଦେ) ମୂଲ୍ୟବାନ୍ ରତ୍ନ, ପ୍ରିୟବସ୍ତୁ ।

ଶଙ୍ଖୀ, ବି. (ଦେ) ଧଳା, ଶୁକ୍ଳ ।

ଶଙ୍ଖୁଆ, ବି. (ଦେ) ଶଙ୍ଖବାଦକ, ବିଷବିଶେଷ ।

ଶଚି, (ଚୀ) ବି. (ଶଚ୍-ଇ, ଈ) ଇନ୍ଦ୍ରାଣୀ ।

ଶଜାରୁ, ବି. (ଦେ) ଝିଙ୍କ, ଶ ଙ୍କା ।

ଶଟା, ବି. (ଶଟ୍-ଅ-ଆ) ଜଟା, ସିଂହର କେଶର ।

ଶଠ, ବିଂ. (ଶଠ-ଅ) ଧୂର୍ତ୍ତ, ଖଳ, ଦୁଷ୍ଟ, ଠକ ।

ଶଠତା, ବି. (ଶଠ-ତା) ଖଳତା, ଧୂର୍ତ୍ତତା ।

ଶଣ, ବି. (ଶଣ୍-ଅ) ଛଣପଟଗଛ ।

ଶଣ୍ଡ, ବି. (ଶନ-ଡ଼) ବୃଷ, ନପୁଂସକ ।

ଶଣ୍ଡା, ବି. (ଦେ) ପିଆଜପ୍ରଭୃତିର ପରିବର୍ଦ୍ଧିତ ପତ୍ର ।

ଶଣ୍ଡୁଆସି, ବି. (ଦେ) ଚମୁଟାବିଶେଷ ।

ଶଣ୍ଢ, ବି. (ଶଣ୍-ଢ଼) ବୃଷ, ନପୁଂସକ, ଅନ୍ତଃପୁରଚର ।

ଶତ, ବି. (ଶୋ-ଅତ)ଦଶଗୁଣିତ ଦଶସଂଖ୍ୟା, ୧୦୦ ।

ଶତକ, ବି. (ଶତ-କ) ଶତସଂଖ୍ୟା, ଶତଶ୍ଳୋକବିଶିଷ୍ଟ କାବ୍ୟ ।

ଶତକୁମ୍ଭ, ବି. ସ୍ୱର୍ଣ୍ଣ, ପର୍ବତ ।

ଶତକ୍ରତୁ, ବି. (ଶତ-କ୍ରତୁ) ଇନ୍ଦ୍ର ।

ଶତଦଳ
ଶତପତ୍ର } ବି. (ଶତ-ଦଳ, ପତ୍ର) ପଦ୍ମଫୁଲ ।

ଶତଦ୍ରୁ, (ଦ୍ରୁ), ବି. (ଶତ-ଦ୍ରୁ-ଉ) ନଦୀବିଶେଷ ।

ଶତଧା, ଅଂ (ଶତ-ଧା) ଶତଖଣ୍ଡ, ଶତପ୍ରକାର ।

ଶତଭିଷା. ବି. ଚତୁର୍ବିଂଶ ନକ୍ଷତ୍ର ।

ଶତରଞ୍ଚ, ବି. (ଦେ) ଏକପ୍ରକାର ଖେଳ ।

ଶତରଞ୍ଜୀ, ବି. ( ଦେ ) ଚିତ୍ରିତ ସୂତ୍ରନିର୍ମିତ ଆସନ-ବିଶେଷ ।

ଶତସହସ୍ର, ବି. (ଶତ-ସହସ୍ର) ଲକ୍ଷ ସଂଖ୍ୟା ।

ଶତହ୍ରଦା, ବି. ବିଜୁଳି ।

ଶତାବରୀ, ବି. ( ଶତ-ଆ-ବୃ-ଅ-ଈ ) ଶତମୂଳୀ, ଛଟେଢୀରୀ ।

ଶତାବ୍ଦୀ, ବି. Century (ଶତ-ଅବ୍ଦ) ଶତବର୍ଷକାଳ ।

ଶତ୍ରୁ, ବି. (ଶଦ୍-ରୁ) ରିପୁ, ବୈରୀ, ବିପକ୍ଷ ।

ଶତ୍ରୁଘ୍ନ, ବି. (ଶତ୍ରୁ-ଘ୍ନ) ରାମଙ୍କ ଭ୍ରାତା, ସୁମିତ୍ରାପୁତ୍ର । ବିଂ. ଶତ୍ରୁନାଶକ ।

ଶତ୍ରୁତା, ବି. ( ଶତ୍ରୁ-ତା ) ବିପକ୍ଷତା, ବିଦ୍ୱେଷ ।

ଶନି, ବି. (ଶଣ୍-ଇ) ସପ୍ତମ ଗ୍ରହ ।

ଶନୈଃ, ଅଂ. (ଶନ୍-ଐସ୍) ଅଳ୍ପେ ଅଳ୍ପେ, କ୍ରମେକ୍ରମେ ।

ଶପ
ଶଉପ } ବି. ଶପ ମସିଣା ।

ଶପଥ, ବି ( ଶପ୍-ଅଥ ) ପ୍ରତିଜ୍ଞା, ସତ୍ୟାବଧାରଣ ।

ଶପ୍ତ, ବିଂ. (ଶପ୍-ତ) ଶାପଗ୍ରସ୍ତ, ଅଭିଶପ୍ତ ।

ଶଫ, ବି. ପଶୁମାନଙ୍କ ଖୁରା ।

ଶଫରୀ, ବି. (ଶଫ୍-ର-ଅ-ଈ) ଜୋକପୋଣ୍ଡିମାଛ ।

ଶବଳ } ବିଂ. (ଶପ୍-ଅଳ, ଶବଳ-ଇତ) ନା..
ଶବଳିତ } ବର୍ଣ୍ଣଯୁକ୍ତ ।

ଶବ୍ଦ, ବି. ଶ୍ରବଣେନ୍ଦ୍ରିୟ ଗ୍ରାହ୍ୟ ପଦାର୍ଥ, ଧ୍ୱନି ।

ଶବ୍ଦକୋଷ, ବି. (ଶବ୍ଦ-କୋଷ) ଅଭିଧାନ ।

ଶବ୍ଦାୟମାନ, ବିଂ. (ଶବ୍ଦ-ଆୟ-ମାନ) ଶବ୍ଦକାରୀ, ଯେ ଶବ୍ଦ କରୁଅଛି ।

ଶବ୍ଦିତ, ବିଂ (ଶବ୍ଦ-ତ) କୃତଶବ୍ଦ, ଧ୍ୱନିତ ।

ଶମ୍, ଶଂ, ବି. ମଙ୍ଗଳ, କଲ୍ୟାଣ ।

ଶମ, ବି. (ଶମ୍-ଅ) ଶାନ୍ତି, ନିରୁପଦ୍ରବ ।

ଶମନ, ବି. (ଶମ୍-ଅନ) ଯମ, କୃତାନ୍ତ ।

ଶମନସ୍ୱସା, ବି. (ଶମନ-ସ୍ୱସା) ଯମୁନା ।

ଶମୟିତା, ବିଂ. (ଶମ୍-ଣିଚ୍-ତୃ) ଶାନ୍ତକାରୀ, ଦମନକାରୀ ।

ଶମିତ, ବିଂ. (ଶମ୍-ଣିଚ୍-ତ) ଦମିତ, ବିନାଶିତ ।

ଶମୀ, ବିଂ. (ଶମ୍-ଇନ୍) ଶାନ୍ତ, ସଂଯମୀ, ଧୀର । ବି. ବୃକ୍ଷବିଶେଷ ।

ଶମ୍ପା, ବି. (ଶମ୍-ପା-ଅ-ଆ) ବିଜୁଳି ।

ଶମ୍ବ, ବି. (ଶମ୍ବ୍-ଅ) ଅଶନି, ବଜ୍ର ।

ଶମ୍ବର, ବି. ମୃଗବିଶେଷ, ଅସୁରବିଶେଷ ।

ଶମ୍ବରାରି, ବି. (ଶମ୍ବର-ଅରି) କନ୍ଦର୍ପ ।

ଶମ୍ବଳ, ବି. (ଶମ୍ବ୍-ଅଳ) ବାଟଖରଚ, କୂଳ, ତୀର ।

ଶମ୍ବୁ } ବି. (ଶମ୍ବ୍-ଉ, ଉକ) ଶାମୁକ, ଶଙ୍ଖ ।
ଶମ୍ବୁକ

ଶମ୍ଭଳୀ, ବି. ସ୍ତ୍ରୀ. (ଶମ୍-ଭଲ୍-ଅ-ଈ) ଦୂତୀ,କୁଟ୍ଟଣୀ ।

ଶମ୍ଭୁ, ବି. (ଶମ୍-ଭୂ-ଡୁ) ଶିବ, ମହାଦେବ ।

ଶୟନ, ବି. (ଶୀ-ଅନ) ନିଦ୍ରା, ଶଯ୍ୟା ।

ଶୟନୀୟ, ବି. ( ଶୀ-ଅନୀୟ ) ଶଯ୍ୟା । ବିଂ. ଶୟନ-ଯୋଗ୍ୟ ।

ଶୟଳ, ବି. (ଦେ) ସଂସାର ।

ଶୟାନ, ବିଂ. (ଶୀ-ଆନ) ନିଦ୍ରିତ ।

ଶଯ୍ୟା, ବି. (ଶୀ-ଯ) ତଳ୍ପ, ବିଛଣା, ଖଟ୍ୱା ।

ଶର } ବି. (ଶୃ-ଅ) ବାଣତୃଣ, ବାଣ, କାଣ୍ଡ ।
ସର

ଶରଣ, ବି. ( ଶୃ-ଅନ ) ଗୃହ, ରକ୍ଷକ, ଆଶ୍ରୟ, ଚନ୍ଦ୍ରର ମକର କୁମ୍ଭ ରାଶିରେ ଅବସ୍ଥାନ ।

ଶରଣାଗତ, ବିଂ. ( ଶରଣ-ଆଗତ ) ଶରଣାପନ୍ନ, ରକ୍ଷାର୍ଥୀ ।

ଶରଣାପନ୍ନ, ବିଂ. (ଶରଣ-ଆପନ୍ନ) ଆଶ୍ରିତ, ରକ୍ଷାର୍ଥୀ ।

ଶରଣି } ବି. (ଶୃ-ଅନ) ପଥ, ରାସ୍ତା, ପ୍ରସାରଣୀ ।
ଶରଣୀ

ଶରଣ୍ୟ, ବି. (ଶରଣ-ଯ) ରକ୍ଷାକର୍ତ୍ତା ।

ଶରଦ୍, ବି. (ଶୃ-ଅଦ୍ ) ଋତୁବିଶେଷ, ଆଶ୍ୱିନ ଓ କାର୍ତ୍ତିକ ମାସଦ୍ୱୟ ।

ଶରଭ, ବି. ମୃଗବିଶେଷ, ହାତୀଖୁଆ ।

ଶରମ, ବି. (ଯା) ଲଜ୍ଜା, ବ୍ରୀଡ଼ା ।

ଶରୟୁ
ଶରୟୂ } ବି. (ଶ-ଅୟୁ) ନଦୀବିଶେଷ ।

ଶରଳ, ବିଂ. ( ୃ-ଅଳ ) ଅକପଟହୃଦୟ, ସଜ୍ଜନ ।

ଶରବ୍ୟ, ବିଂ. (ଶର-ବ୍ୟେ-ଅ) ଶରର ଲକ୍ଷ୍ୟ, ବାଣର ନିଶାଣ ।

ଶରାବ, ବି. (ଶରାବ ଶବ୍ଦଜ) କ୍ଷୁଦ୍ର ମୃତ୍ପାତ୍ରବିଶେଷ ।

ଶରାଳି, ବି. (ଦେ) ହଂସରାଳି ପକ୍ଷିବିଶେଷ ।

ଶରାସନ, ବି. (ଶର-ଆସନ) କାର୍ମୁକ, ଧନୁକ ।

ଶରୀର, ବି. (ଶୃ-ଇରନ୍) ଦେହ, ବିଗ୍ରହ, କଳେବର ।

ଶରୀରୀ, ବି (ଶରୀର-ଇନ୍) ଆତ୍ମା, ଜୀବାତ୍ମା ।

ଶର୍କରା, ବି. (ଶୃ-କରନ୍-ଆ) ଚିନି, ଖଣ୍ଡ ।

ଶର୍ମ, ବି. (ଶୃ-ମନ୍) ସୁଖ, ମଙ୍ଗଳ ।

ଶର୍ମଦ
ଶର୍ମପ୍ରଦ } ବିଂ. (ଶର୍ମ-ଦା-ଅ, ପ୍ର-ଦା-ଅ) ସୁଖଦାୟକ ।

ଶର୍ମା, ବି. (ଶୃ-ମନ୍) ବ୍ରାହ୍ମଣମାନଙ୍କ ଉପନାମ ।

ଶର୍ବ, ବି. (ଶୃ-ବ) ଶିବ, ମହାଦେବ ।

ଶର୍ବରୀ, ବି. (ଶର୍ବ-ଅର-ଈ) ରାତ୍ରି, ନିଶି, ହରିଦ୍ରା ।

ଶଲଭ, ବି (ଶଲ୍-ଅଭ) ପଙ୍ଗପାଳନାମକ ଝିଣ୍ଟିକା ।

ଶଳା, ବି. (ଦେ) ଶାଳକ, ଭାର୍ଯ୍ୟାର ଭାଇ ।

ଶଳାକା, ବି. ( ଶଲ-ଅକ-ଆ ) କ୍ଷୁଦ୍ର ଯଷ୍ଟି, ନଳ, ଅଙ୍କୁର, ବାଣ, ଶଲ୍ଲକୀ, ଶଲ୍ୟ, ଶେଲ ।

ଶଳ, ବି. (ଶଲ୍-କ) ମାଛକାତି ।

ଶଲ୍ୟ, ବି. (ଶଲ୍‌-ଯ) ଶର, ବାଣ, ମଦ୍ରଦେଶର ରାଜା, ଶଙ୍କୁ, ଶଳାକା ।

ଶଲ୍ଲକୀ, ବି. (ଶଲ୍ଲକ-ଈ) ଶଜାରୁ, ଝିଙ୍କପକ୍ଷୀ ।

ଶବ, ବି. (ଶବ୍‌-ଅ) ମୃତ ଶରୀର, ମଡ଼ା ।

ଶବର, ବି. ( ଶବ-ରା-ଅ ) କିରାତ, ବ୍ୟାଧ । ସ୍ତ୍ରୀ. ଶବରୀ, ଶବରଣୀ, ଶବରୁଣୀ ।

ଶଶ,(କ), ଶଶା(ଦେ) } ବି. (ଶଶ୍‌-ଅ, ଅକ) ଠେକୁଆ, ଚନ୍ଦ୍ରଙ୍କ ଲାଞ୍ଛନ ।

ଶଶଧର, ବି. (ଶଶ-ଧର) ଚନ୍ଦ୍ର, ମୃଗାଙ୍କ, କର୍ପୂର ।

ଶଶିଭୂଷଣ, ବି. ( ଦେ ) ( ଶଶିନ୍‌-ଭୂଷଣ ) ଶିବ ।

ଶଶୀ, ବି. (ଶଶ-ଇନ୍‌) ଚନ୍ଦ୍ରମା, ଚନ୍ଦ୍ର ।

ଶଶ୍ୱତ୍‌, ଅ°. ସର୍ବଦା, ସବୁବେଳେ ।

ଶଷ୍କୁଳ,(ଳୀ), ବି. ଚକୁଳିପିଠା ।

ଶସ, ବି. ( ଦେ ) ଵୀଜର କୋମଳ ମଧ୍ୟଭାଗ, କାଠ ପ୍ରଭୃତିର ମଞ୍ଜି ।

ଶସ୍ତ, ବି°. (ଶନସ୍‌-ତ) ସୁଖୀ, କଲ୍ୟାଣଯୁକ୍ତ, ପ୍ରଶସ୍ତ ।

ଶସ୍ତା, ବି°. (ଦେ) ସୁମୂଲ୍ୟ, ସୁଲଭ୍ୟ, ଅଳ୍ପ ମୂଲ୍ୟ ।

ଶସ୍ତ୍ର, ବି. (ଶସ୍‌-ତ୍ର) ଆୟୁଧ, ଅସ୍ତ୍ର ।

ଶସ୍ତ୍ରୀ, ବି°. (ଶସ୍ତ୍ର-ଇନ୍‌) ଶସ୍ତ୍ରଧାରୀ ।

ଶସ୍ୟ, ବି. (ଶସ୍‌-ଯ) ବୃକ୍ଷାଦିର ଫଳ ।

ଶହ, ଷହେ } ବି°. (ଦେ) ୧୦୦ ସଂଖ୍ୟା, ଏକ ଶତ ।

ଶହର, ବି. (ଯା) ରାଜଧାନୀ, ମହାନଗର ।

ଶାଙ୍କଳା, ବିଂ. (ଦେ) କୋମଳସ୍ପର୍ଶ ।
ଶାଙ୍କଳିବା, କ୍ରି. (ଦେ)ଆଙ୍କସିବା, ଖୁସାମତ କରିବା ।
ଶାକ, ବି. (ଶାକ୍-ଅ) ବୃକ୍ଷର ପତ୍ରାଦି, ଶାଗ ।
ଶାକର, ବି. (ଦେ) ଶର୍କରା, ଚିନି, ନବାତ, ବ୍ୟଞ୍ଜନ ବିଶେଷ ।
ଶାକ୍ତ, ବି. (ଶକ୍ତି-ଅ) ଶକ୍ତିଙ୍କ ଉପାସକ, ତାନ୍ତ୍ରିକ ।
ଶାକ୍ୟ, (ମୁନି, ସିଂହ), ବି. ବୁଦ୍ଧଦେବ ।
ଶାଖା, ବି. ( ଶାଖ୍-ଅ-ଆ ) ଡାଳ, ବିଟପ, ଅଂଶ, ପରିଚ୍ଛେଦ ।
ଶାଖାମୃଗ, ବି. (ଶାଖା-ମୃଗ) କପି, ବାନର ।
ଶାଖୀ, ବି. (ଶାଖା-ଇନ୍) ବୃକ୍ଷ ।
ଶାଗ, ବି. (ଦେ)ଖାଦ୍ୟରୂପେ ବ୍ୟବହୃତ ବୃକ୍ଷପତ୍ରାଦି ।
ଶାଗୁଆ, ବିଂ. (ଦେ) ଶାଗର ବର୍ଣ୍ଣ ପରି ବର୍ଣ୍ଣବିଶିଷ୍ଟ ।
ଶାଙ୍ଖୋଳି, ବି. (ଶୃଙ୍ଖଳ ଶବ୍ଦଜ) ବନ୍ଧନ ।
ଶାଟୀ, ବି. ସ୍ତ୍ରୀଲୋକର ପରିଧେୟ ବସ୍ତ୍ର ।
ଶାଠ୍ୟ, ବି. (ଶଠ-ଯ) ଧୂର୍ତ୍ତତା, ଶଠତା, ଖଳତା ।
ଶାଢ଼ୀ, ବି.(ଦେ) ସ୍ତ୍ରୀଲୋକମାନଙ୍କ ପରିଧେୟ ବସ୍ତ୍ର ।
ଶାଣ, ବି. ( ଶୋ-ଣ ) କଷ୍ଟିପଥର, ଶାଣଯନ୍ତ୍ର ।
ଶାଣିତ, ବିଂ. (ଶାଣ-ଇତ) ତୀକ୍ଷ୍ଣୀକୃତ, ଦାଢ଼ୁଆ ।
ଶାତକୁମ୍ଭ, ବି. (ଶତକୁମ୍ଭ-ଅ) ସୁବର୍ଣ୍ଣ ।
ଶାଦା, ବିଂ. (ଶ୍ୱେତ ଶବ୍ଦଜ)ଶ୍ୱେତବର୍ଣ୍ଣ, ଶୁକ୍ଳ, ଶୁଭ୍ର ।
ଶାଦ୍ୱଳ, ବିଂ. (ଶାଦ୍-ବଳ)ନବତୃଣଦ୍ୱାରା ହରିଦ୍ବର୍ଣ୍ଣ ।
ଶାନ୍ତ, ବିଂ. ( ଶମ୍-ତ ) ଶମଗୁଣବିଶିଷ୍ଟ, ସୌମ୍ୟ, ଜିତେନ୍ଦ୍ରିୟ ।

ଶାନ୍ତନୁ, ବି. (ଶଂ-ତନୁ, ଅ ସ୍ଥାନରେ ଆ) ଚନ୍ଦ୍ରବଂଶୀୟ ନୃପବିଶେଷ ।

ଶାନ୍ତି, ବି. (ଶମ-ତି) ଚିତ୍ତର ସ୍ଥିରତା, ନିରୁପଦ୍ରବ ।

ଶାପ, ବି. (ଶପ୍-ଅ) ଅଭିସମ୍ପାତ, ଶାପ ଦେବା ।

ଶାବଳ, ବି. (ଶବଳା ଶବ୍ଦଜ) ଖନନାସ୍ତ୍ରବିଶେଷ ।

ଶାବ୍ଦିକ, ବିଂ. (ଶବ୍ଦ-ଇକ) ଶବ୍ଦଶାସ୍ତ୍ରବେତ୍ତା ।

ଶାମଳିବା, କ୍ରି. (ଦେ) ଶାଉଁଳିବା, କେଶାଦି ପରିଷ୍କାର କରିବା ।

ଶାମିୟାନା, ବି. (ଯା) ଚାନ୍ଦୁଆ ।

ଶାମୁକ,(କା), ବି. (ଦେ)ଶମ୍ବୁକ, ଜଳଜ ଜୀବବିଶେଷ ଓ ତାହାର ଖୋଳ ।

ଶାମ୍ବରୀ, ବି. (ଶମ୍ବର-ଅ-ଈ) ଇନ୍ଦ୍ରଜାଲ, କୁହକ ।

ଶାମ୍ବୁକ, ବି. (ଦେ) ଶାମୁକା ।

ଶାୟକ, ବି. (ଶୋ-ଅକ) ଶର, ବାଣ, ଖଡ୍ଗ ।

ଶାୟିତ, ବିଂ. (ଶାୟି-ତ) ନିଦ୍ରିତ, ପାତିତ ।

ଶାରଙ୍ଗ, ବି. ( ଶାର-ଗମ୍-ଅ ) ମୃଗ, ହସ୍ତୀ, ଚାତକପକ୍ଷୀ ।

ଶାରଦ, ବି. (ଶରଦ୍-ଅ) ବତ୍ସର, କାଳ, ବକୁଳ ।

ଶାରଦା
ଶରଳା,(ଦେ) } ବି. (ଶର-ଦା-ଅ-ଆ) ସରସ୍ୱତୀ ।

ଶାରଦୀୟ, ବିଂ. (ଶରତ୍-ଈୟ) ଶରତ୍‌କାଳୀନ ।

ଶାରି,(ରୀ, ରିକା), ବି. ପକ୍ଷିଣୀବିଶେଷ ।

ଶାରୀରକ, ବିଂ. (ଶରୀର-ଇକ) ଦେହସମ୍ବନ୍ଧୀୟ ।

ଶାର୍ଙ୍ଗ, ବି. (ଶୃଙ୍ଗ-ଅ) ଶୃଙ୍ଗନିର୍ମିତ ଧନୁ ।

ଶାର୍ଦ୍ଦୂଳ, ବି. (ଶୃ-ଦୁଳଚ୍) ବ୍ୟାଘ୍ର ।

ଶାଳ } ବି. (ଶଲ୍-କର୍ମ୍ମ ଶାଲ୍-ଅ) ମତ୍ସ୍ୟବିଶେଷ,
ସାଳ } ପ୍ରାଚୀର, ଶାଳଗଛ ।

ଶାଳଗ୍ରାମ, ବି. ( ଦେ ) ବିଷ୍ଣୁରୂପେ ପୂଜିତ ଗଣ୍ଡକୀ ନଦୀର ଶିଳାଖଣ୍ଡବିଶେଷ ।

ଶାଳା, ବି. (ଶାଲ୍-ଅ-ଆ) ଗୃହ, ଗୃହର ଏକଦେଶ

ଶାଳି, ବି. (ଶାଡ୍-ଇ) ଧାନ୍ୟ, କଳମଧାନ ।

ଶାଳିତ, ବିଂ. (ଦେ) ଶିଥିଳିତ, ଚଳିତ ।

ଶାଳିବାହନ, ବି. ( ଶାଲି-ବାହନ ) ଶକାବ୍ଦପ୍ରବର୍ତ୍ତକ ନୃପବିଶେଷ ।

ଶାଳୀ, ବିଂ. ( ଶାଳା-ଇନ୍ ) ବିଶିଷ୍ଟ, ଯୁକ୍ତ, ଶୋଭମାନ (ଶବ୍ଦାନ୍ତେ) । (ଦେ) ସ୍ତ୍ରୀ. ଭାର୍ଯ୍ୟାର ସାନ ଭଉଣୀ ।

ଶାଳୁ (ଳୂ)କ, ବି. (ଶାଳ-ଊକ) ପଦ୍ମାଦିର ମୂଳ ।

ଶାଳ୍ମଳୀ, ବି. (ଶାଳ-ମଳ-ଇନ୍) ଶିମିଳିଗଛ ।

ଶାବ, (କ), ବି. (ଶବ୍-ଅ, ଅକ) ଶିଶୁ, ବତ୍ସ ।

ଶାଶୁ, ବି. (ଦେ) ପତି ବା ପତ୍ନୀର ମା ।

ଶାଶ୍ୱତ, ବିଂ. (ଶଶ୍ୱତ୍-ଅ) ନିତ୍ୟ, ଅବିନଶ୍ୱର ।

ଶାସନ, ବି. (ଶାସ୍-ଅନ)ଆଜ୍ଞା, ଆଦେଶ, ଉପଦେଶ ।

ଶାସନତନ୍ତ୍ର, ବି. ରାଜ୍ୟଶାସନ ପ୍ରଣାଳୀ ।

ଶାସିତ, ବିଂ. ( ଶାସ୍-ତ ) ଦଣ୍ଡିତ, ଶିକ୍ଷିତ ।

ଶାସ୍ତି, ବି. (ଶାସ୍-ତି) ଶାସନ, ଦଣ୍ଡ, ନିଗ୍ରହ, ନିୟମ ।

ଶାସ୍ତ୍ର, ବି. ( ଶାସ୍-ତ୍ର ) ଶାସନ, ଆଜ୍ଞା, ଦେବତା ବା ମୁନିପ୍ରଣୀତ ଗ୍ରନ୍ଥ ।

ଶାସ୍ତ୍ରୀ, ବିଂ. (ଶାସ୍ତ୍ର-ଇନ୍) ପଣ୍ଡିତ, ଶାସ୍ତ୍ରଦର୍ଶୀ ।

ଶାସ୍ତ୍ରୀୟ, ବିଂ. (ଶାସ୍ତ୍ର-ଇୟ) ଶାସ୍ତ୍ରସିଦ୍ଧ, ଶାସ୍ତ୍ରସମ୍ମତ ।

ଶିଂଶପା, ବି. ବୃକ୍ଷବିଶେଷ, ଶିଶୁଗଛ ।

ଶିଅଳ, ବି. (ଦେ) ଚମାର, ଶୁଣ୍ଡୀ ।

ଶିଆଳ, ବି. (ଦେ) ଶୃଗାଳ, ବିଲୁଆ ।

ଶିଉଳି, ବି. (ଶୈବାଳ ଶବ୍ଦଜ) ଶୈବାଳ, ଜଳଜାତ ଉଦ୍‌ଭିଦ୍ ।

ଶିକା, ବି. ( ଶିକ୍ୟ ଶବ୍ଦଜ ) ଦ୍ରବ୍ୟାଦି ରକ୍ଷଣାର୍ଥ ରଜ୍ଜୁମୟ ଆଧାର ।

ଶିକାର, ବି. (ଯା) ମୃଗୟା, ମୃଗୟାଲବ୍ଧ ମାଂସ ।

ଶିକାରି, ବି. (ଦେ) ଯେ ଶିକାର କରେ, ମୃଗୟୁ ।

ଶିକୁଳା, (ଳି), ବି. (ଦେ) ଜଞ୍ଜିର ।

ଶିକୁଳି, ବି (ଶୃଙ୍ଖଳ ଶବ୍ଦଜ) ଶୃଙ୍ଖଳ, ଜଞ୍ଜିର ।

ଶିକ୍ଷକ, ବି. (ଶିକ୍ଷ-ଣିଚ୍-କ) ଶିକ୍ଷାଦାୟକ, ଅଧ୍ୟାପକ, ଶାସନକର୍ତ୍ତା ।

ଶିକ୍ଷଣ, ବି. (ଶିକ୍ଷ-ଅନ) ଶିକ୍ଷା, ଅଭ୍ୟାସ, ଦମନ ।

ଶିକ୍ଷଣୀୟ, ବିଂ. (ଶିକ୍ଷ-ଅନୀୟ) ଶିକ୍ଷାକରିବା ଯୋଗ୍ୟ ।

ଶିକ୍ଷା, ବି (ଶିକ୍ଷ-ଅ-ଆ) ଅଭ୍ୟାସ, ବିନୟ, ଉପଦେଶ, ଅଧ୍ୟୟନ, ଦମନ, ଶ୍ୟାମାକବୃକ୍ଷ, ବେଦାଙ୍ଗବିଶେଷ ।

ଶିକ୍ଷିତ, ବିଂ. (ଶିକ୍ଷା-ଇତ) ଶିକ୍ଷାପ୍ରାପ୍ତ, କୃତବିଦ୍ୟ, ବିନୀତ ।

ଶିଖ, ବି. (ଦେ) ଶିଖର, ଅଗ୍ରଭାଗ ।
ଶିଖଣ୍ଡ, ବି. ମୟୂରପୁଚ୍ଛ ।
ଶିଖଣ୍ଡୀ, ବି. ( ଶିଖଣ୍ଡ-ଇନ୍ ) ମୟୂର, ମୟୂରପୁଚ୍ଛ, ଦ୍ରୁପଦ ରାଜପୁତ୍ର ।
ଶିଖଣ୍ଡିବାହନ, ବି. (ଶିଖଣ୍ଡୀ-ବାହନ) କାର୍ତ୍ତିକେୟ ।
ଶିଖର, ବି. (ଶିଖା-ର) ପର୍ବତର ଶୃଙ୍ଗ, ଅଗ୍ରଭାଗ, ବୃକ୍ଷାଗ୍ର ।
ଶିଖରୀ, ବି. (ଶିଖର-ଇନ) ପର୍ବତ ।
ଶିଖା, ବି. (ଶୀ-ଖକ୍-ଆ) ଅଗ୍ରଭାଗ, ଚୂଡ଼ା ।
ଶିଖାଇବା, କି.(ଦେ) ଶିକ୍ଷାଦେବା, ଉପଦେଶ ଦେବା, ଶିକ୍ଷିତ କରିବା ।
ଶିଖାବଳ, ବି (ଶିଖା-ବଳ) ମୟୂର ।
ଶିଖିବା, କି. (ଦେ) ଅଭ୍ୟାସ କରିବା ।
ଶିଖୀ, ବି. (ଶିଖା-ଇନ୍ ) ଅଗ୍ନି, ମୟୂର, ଗିରି ।
ଶିଙ୍ଗ, ବି. (ଦେ) ଶୃଙ୍ଗ, ଧାନଶୁଣ୍ଡ ।
ଶିଙ୍ଗଡ଼ା, ବି. (ଦେ) କଣ୍ଟକ ଫଳବିଶେଷ ।
ଶିଙ୍ଗା, ବି. (ଶୃଙ୍ଗ ଶବ୍ଦଜ) ବାଦ୍ୟଯନ୍ତ୍ରବିଶେଷ ।
ଶିଙ୍ଗାରହାର, ବି. ଗଙ୍ଗଶିଉଳି ଫୁଲ ।
ଶିଙ୍ଘାଣୀ, ବି. (ଦେ) ନାସିକାରୁ ନିର୍ଗତ ଶ୍ଳେଷ୍ମା ।
ଶିଜୁ, ବି. (ଦେ) ଧଳା କ୍ଷୀରବିଶିଷ୍ଟ ବୃକ୍ଷବିଶେଷ ।
ଶିଞ୍ଜିତ, ବି. (ଶିନ୍ଜ୍-ତ) ଭୂଷଣଧ୍ୱନି ।
ଶିଞ୍ଜିନୀ, ବି. (ଶିନ୍ଜ୍-ଇନ୍-ଈ) ନୂପୁର, ଧନୁର୍ଗୁଣ ।

ଶିଠା ବି. ( ଦେ ) ବୃକ୍ଷର କ୍ଷୀର, ରସହୀନ ଦ୍ରବ୍ୟ, ଅସାର ବସ୍ତୁ ।

ଶିଢ଼ି, ବି. (ଦେ) ପାହାଚ, ସୋପାନ, ନିଶୁଣୀ ।

ଶିତ, ବିଂ. (ଶା-ତ) କ୍ଷୀଣ, ତୀକ୍ଷ୍ଣ, ଶାଣିତ ।

ଶିତକଣ୍ଠ, ବି. (ଶିତ-କଣ୍ଠ) ନୀଳକଣ୍ଠ, ଶିବ, ମୟୂର ।

ଶିତୁଳି, ବିଂ. (ଦେ) ଶୀତଳ, ଥଣ୍ଡା ।

ଶିତୁଳିଆ, ବି. (ଦେ) ଏକପ୍ରକାର ବ୍ରଣ ।

ଶିଥିଳ, ବିଂ. (ଶ୍ଳଥ୍-ଇଳ) ଶ୍ଳଥ, ଅବସନ୍ନ, କ୍ଳାନ୍ତ ।

ଶିପ, ବି. (ଦେ) ପୋଢ଼ା ଶାମୁକା ଖୋଳ ।

ଶିମ, (ଦେ) } ବି. (ଶି-ବ) ଶିମ, ଶିମଗଛ ।
ଶିମ୍ବ

ଶିୟାଳି, ବି. (ଶୃଗାଳ ଶବ୍ଦଜ) ଶିବା, ଶୃଗାଳ ।

ଶିର, ବି. (ଶ୍ର-ଅ, ନିପାତନ) ମସ୍ତକ, ମୁଣ୍ଡ ।

ଶିର ବି. (ଦେ) ଶିରା, ରକ୍ତବହା ନାଡ଼ୀ ।

ଶିରଃ, ବି. ( ଶ୍ରି-ଅସ୍, ନିପାତନ ) ମସ୍ତକ, ବୃକ୍ଷାଗ୍ର, ଅଗ୍ରଭାଗ ।

ଶିରପା, ବି. (ଯା) ପୁରସ୍କାର, ପଗଡ଼ି ।

ଶିରପେଞ୍ଚ, ବି. (ଯା) ଏକପ୍ରକାର ପଗଡ଼ି ।

ଶିରସ୍ତ୍ରାଣ, ବି. (ଶିରସ୍-ତ୍ରୈ-ଅନ) ଉଷ୍ଣୀଷ, ପଗଡ଼ି ।

ଶିରା, ବି. ( ଶୃ-ଅ-ଆ ) ଶରୀରମଧ୍ୟସ୍ଥ ରକ୍ତ ଗମନାଗମନର ପଥ ।

ଶିରାଳ, ବିଂ. (ଶିରା-ଲ) ଶିରାଯୁକ୍ତ ।

ଶିରୀଷ, ବି. ବୃକ୍ଷବିଶେଷ ଓ ତାହାର ଫୁଲ ।

ଶିରୋଧାର୍ଯ୍ୟ, ବିଂ. ( ଶିରସ୍-ଧାର୍ଯ୍ୟ ) ମସ୍ତକରେ ଧାରଣୀୟ ।
ଶିଳ, ବି. (ଦେ) ବାଟିବାପାଇଁ ବ୍ୟବହୃତ ପ୍ରସ୍ତର ।
ଶିଳା, ବି. (ଶିଳ୍-ଆ) ପାଷାଣ, ପ୍ରସ୍ତର, ପଥର ।
ଶିଳୀନ୍ଧ୍ର, ବି. ଛତୁଗଛ ।
ଶିଳୀମୁଖ, ବି (ଶିଳୀ-ମୁଖ) ଭ୍ରମର, ବାଣ ।
ଶିଳ୍ପ, (ଶିଲ୍-ପକ୍) ବସ୍ତୁନିର୍ମାଣାଦିକର୍ମ, କାରିଗରୀ ।
ଶିଳ୍ପକାର, ବି. (ଶିଳ୍ପ-କାର) ଶିଳ୍ପୀ, କାରିଗର ।
ଶିଳ୍ପୀ, ବି. (ଶିଳ୍ପ-ଇନ୍) କାରିଗର ।
ଶିବ, ବି. ( ଶିବ୍-ଅ ) ଶମ୍ଭୁ, ମହେଶ, ମହାଦେବ, ପାରଦ । ବିଂ. ମଙ୍ଗଳ ।
ଶିବଚତୁର୍ଦ୍ଦଶୀ, ବି. ଫାଲ୍‌ଗୁନ ମାସର କୃଷ୍ଣ ଚତୁର୍ଦ୍ଦଶୀ ।
ଶିବପୁରୀ, ବି. (ଶିବ-ପୁରୀ) ବାରାଣସୀ, କାଶୀ ।
ଶିବପ୍ରିୟ, ବି. ରୁଦ୍ରାକ୍ଷ, ଧୁସ୍ତୁର । ୟା, ସ୍ତ୍ରୀ. ଦୁର୍ଗା ।
ଶିବରାତ୍ରି, ବି (ଶିବ-ରାତ୍ରି) ଶିବଚତୁର୍ଦଶୀ ।
ଶିବଲିଙ୍ଗ, ବି. ଶିବଙ୍କର ପ୍ରସ୍ତର ମୃତ୍ତିକାଦିମୟ ଲିଙ୍ଗମୂର୍ତ୍ତି ।
ଶିବବାହନ, ବି. (ଶିବ-ବାହନ) ବୃଷ, ଷଣ୍ଢ ।
ଶିବବୀଜ, ବି. (ଶିବ-ବୀଜ) ପାରଦ, ପାରା ।
ଶିବା, ବି. (ଶିବ-ଆ) ଶୃଗାଳୀ, ହରିତକୀ, ଆମଳକୀ ।
ଶିବିକା, ବି. (ଶିବି-କ-ଆ) ଯାନବିଶେଷ, ପାଲିକି ।
ଶୀବର, ବି. ( ଶୀ-ଇର, ବ ଆଗମ ) ସେନାନିବେଶ, ଛାଉଣୀ ।

ଶିଶି, ବି. (ଯା) କାଚନିର୍ମିତ କ୍ଷୁଦ୍ର ନଳ ।

ଶିଶିର, ବି. (ଶିଶ୍-ଇର) ତୁଷାର ।

ଶିଶୁ, ବି. (ଶିଶ୍-ଉ) ବାଳକ, ଶାବକ, ଡମ୍ଭ । (ଦେ) ବୃକ୍ଷବିଶେଷ ।

ଶିଶୁମାର, ବି. (ଦେ) ଜଳଜନ୍ତୁବିଶେଷ ।

ଶିଶ୍ନ, ବି. (ଶିଶ୍-ନ) ପୁରୁଷଚିହ୍ନ, ଉପସ୍ଥ ।

ଶିଷା, ଶିଂଷା } ବି. (ଦେ) (ଶୀର୍ଷ ଶବ୍ଦଜ) ଧାନକେଣ୍ଡା ।

ଶିଷ୍ଟ, ବିଂ. (ଶାସ୍-ତ) ଶାନ୍ତ, ଧୀର, ସୁବୋଧ, ସୁଶୀଳ, ମାନ୍ୟଜ୍ଞ । ବି. ଶିଷ୍ଟତା ।

ଶିଷ୍ଟାଚାର, ବି. ( ଶିଷ୍ଟ-ଆଚାର ) ସାଧୁବ୍ୟବହାର, ଭଦ୍ରତା ।

ଶିଷ୍ୟ, ବି. (ଶାସ୍-ଯ) ଛାତ୍ର ।

ଶିହାଣିଆ, ବିଂ. (ଦେ) ଧୂର୍ତ୍ତ, ଚତୁର ।

ଶୀକର, ବି. (ଶୀକ-ଅରନ୍) ଜଳକଣା ।

ଶୀତକର, ବି. (ଶୀତ-କର) ଚନ୍ଦ୍ର ।

ଶୀଘ୍ର, କ୍ରି. ବିଂ.(ଶିଙ୍ଘ୍-ରକ୍, ନିପାତନ) ଅବିଳମ୍ବ, ଦ୍ରୁତ ।

ଶୀତ, ବିଂ. (ଶ୍ୟୈ-ତ) ଶୀତଳ, ଜଡ଼, ଅଳସ ।

ଶୀତଳ, ବିଂ. (ଶୀତ-ଲା-ଅ) ଥଣ୍ଡା ।

ଶୀତ୍କାର, ବି. (ଶୀତ୍-କୃ-ଅ) ଶୀତେଇପଡ଼ିବା, ଶ୍ରେଷ୍ଠ ସ୍ତ୍ରୀ ମାନଙ୍କର ରତକାଳୀନ ‘ଇସ୍’ ଧ୍ୱନି ।

ଶୀର୍ଣ୍ଣ, ବିଂ. (ଶ-ତ) କୃଷ, କ୍ଷୀଣ, ଶୁଷ୍କ ।

ଶୀଷ, ବି. (ଶିରସ୍ ସ୍ଥାନେ ଶୀର୍ଷ) ମସ୍ତକ, ମଥା ।

ଶୀର୍ଷକ, ବି. (ଶୀର୍ଷ-କ) ଟୋପି, ପଗଡ଼ି, ମସ୍ତକ ।

ଶୀଳ, ବି. (ଶୀଲ୍-ଅ) ସ୍ୱଭାବ, ଚରିତ୍ର ।

ଶୀଳନ, ବି. (ଶୀଲ୍-ଅନ) ଆଲୋଚନା, ଅଭ୍ୟାସ ।

ଶୁଆ, ବି. (ଦେ) ଶୁକପକ୍ଷୀ, ଟିଆଚଢ଼େଇ ।

ଶୁଆର, ବି. (ସୂପକାର ଶବ୍ଦଜ) ପାଚକବିଶେଷ ।

ଶୁକ, ବି. (ଶୁଭ୍-କ) ପକ୍ଷିବିଶେଷ, ଟିଆପକ୍ଷୀ ।

ଶୁକୁ(ଖୁ)ଆ, ବି. (ଦେ) ଶୁଷ୍କ ମତ୍ସ୍ୟ ।

ଶୁକ୍ତି, ବି. (ଶୁଚ୍-ତି) ଶାମୁକା, ଶଙ୍ଖ ।

ଶୁକ୍ତିଜ, ବି. (ଶୁକ୍ତି-ଜନ୍-ଅ) ମୌକ୍ତିକ, ମୁକ୍ତାଫଳ ।

ଶୁକ୍ର, ବି. (ଶୁଚ୍-ରକ୍) ଭାର୍ଗବ, ଦୈତ୍ୟଗୁରୁ, ଗ୍ରହ-ବିଶେଷ, ବୀର୍ଯ୍ୟ, ରେତଃ ।

ଶୁକ୍ରବାର, ବି. (ଶୁକ୍ର-ବାର) ଶୁକ୍ରଗ୍ରହର ଭୋଗ ଦିବସ ।

ଶୁକ୍ଳ, ବି. (ଶୁଚ୍-ଲକ୍) ଶ୍ୱେତବର୍ଣ୍ଣ, ଶାଦା ।

ଶୁକ୍ଳପକ୍ଷ, ବି. (ଶୁକ୍ଳ-ପକ୍ଷ) ଶୁକ୍ଳ ପ୍ରତିପଦଠାରୁ ପୂର୍ଣ୍ଣିମାପର୍ଯ୍ୟନ୍ତ ପଞ୍ଚଦଶ ତିଥି ।

ଶୁଖିବା, କ୍ରି. (ଦେ) ଶୁଷ୍କ ହେବା ।

ଶୁଙ୍ଘି(ଙ୍ଘି)ବା, କ୍ରି. (ଦେ) ଆଘ୍ରାଣ କରିବା ।

ଶୁଚି, ବିଂ. ଶୁଦ୍ଧ, ପବିତ୍ର, ନିର୍ମଳ, ଶୁଭ୍ର ।

ଶୁଜି, ବି. (ଦେ) ଗହମର ଯେଉଁ ଅଂଶ ମଇଦା ନ ହୋଇ ରହିଯାଏ ।

ଶୁଝିବା, କ୍ରି. (ଦେ) ପରିଶୋଧ କରିବା ।

ଶୁଣ୍ଠି
ଶୁଣ୍ଠୀ } ବି. (ଶୁଣ୍ଠ୍-ଇ) ଶୁଷ୍କ ଆର୍ଦ୍ରକ ।

ଶୁଣ୍ଠିଆ, ବି (ଦେ) ବିଧବାମାନଙ୍କ ପରିହିତ ବସ୍ତ୍ରବିଶେଷ ।

ଶୁଣ୍ଡ, ବି. (ଶୁଣ୍ଡ୍-ଡ) କରହସ୍ତ, ହାତିଶୁଣ୍ଡ ।

ଶୁଣ୍ଡାଳ, ବି. (ଶୁଣ୍ଡା-ଳ) ହାତୀ ।

ଶୁଣ୍ଡୀ, ବି. (ଶୁଣ୍ଡା-ଇନ୍) ସୁରାପ୍ରସ୍ତୁତକାରୀ ଜାତି-ବିଶେଷ, ହସ୍ତୀ ।

ଶୁଦ୍ଧ, ବିଂ. (ଶୁଧ୍-ତ) ପବିତ୍ର, ସ୍ୱଚ୍ଛ, ନିର୍ମଳ, ଉଜ୍ଜ୍ୱଳ ।

ଶୁଦ୍ଧାନ୍ତ, ବି. (ଶୁଦ୍ଧ-ଅନ୍ତ) ଅନ୍ତଃପୁର ।

ଶୁଦ୍ଧି, ବି. (ଶୁଧ୍-ତି) ଶୋଧନ, ଶୁଦ୍ଧତା ।

ଶୁଧୁରିବା, କ୍ରି. (ଦେ) ମନ୍ଦରୁ ଭଲ ହେବା ।

ଶୁଭ, ବି. (ଶୁଭ୍-ଅ) କ୍ଷେମ, ମଙ୍ଗଳ, ସୁଖ ।

ଶୁଭଙ୍କର,(ସ୍ତ୍ରୀ), ବି.ଜନୈକ,ଗାଣିତିକ ଓ ତତ୍ପ୍ରବର୍ତ୍ତିତ ଗଣିତର ପଦ୍ଧତିବିଶେଷ ।

ଶୁଭଦ, ବିଂ. ଶୁଭଦାୟକ, ଶୁଭଜନକ ।

ଶୁଭାଙ୍ଗୀ, ବି. ସ୍ତ୍ରୀ. (ଶୁଭ-ଅଙ୍ଗ-ଇନ୍) ସୁନ୍ଦର ଅବୟବ-ବିଶିଷ୍ଟା ସ୍ତ୍ରୀ ।

ଶୁଭିବା, କ୍ରି. (ଦେ) ଶୁଣାଯିବା, ଶ୍ରୁତିଗୋଚର ହେବା ।

ଶୁଭ୍ର, ବି. (ଶୁଭ୍-ର) ଶୁକ୍ଳବର୍ଣ୍ଣ, ଚନ୍ଦନ ।

ଶୁଳ୍କ, ବି. (ଶୁଳ୍-କ) ମାସୁଲ, ଯୌତୁକ, ମୂଲ୍ୟ ।

ଶୁଶ୍ରୂଷା, ବି (ଶ୍ରୁ-ସନ୍-ଅ-ଆ)ଶ୍ରବଣେଚ୍ଛା, ପରିଚର୍ଯ୍ୟା ।

ଶୁଷ୍କ, ବିଂ. (ଶୁଷ୍-କ) ଶୁଖିଲା, ନୀରସ ।

ଶୂକ, ବି. ( ଶୋ-ଊକକ୍, ନିପାତନ ) ଶସ୍ୟାଦିର ସୂକ୍ଷ୍ମାଗ୍ରଭାଗ ।

ଶୂକର, ବି. (ଶୂକ-ର) ବରାହ, ଘୁଷୁରି ।

ଶୂକ୍ଷ୍ମ, ବି. (ସୂଚ୍-ସ୍ମନ୍, ସୂ=ଶୂ) ଅଳ୍ପ, ସରୁ, ମିହି ।

ଶୂଦ୍ର, ବିଂ. ( ଶୁଚ୍-ରକ, ଉ=ଊ, ଚ ସ୍ଥାନରେ ଦ ) ବ୍ରାହ୍ମଣାଦି ଚତୁର୍ବର୍ଣ୍ଣର, ଅନ୍ତର୍ଗତ ଚତୁର୍ଥବର୍ଣ୍ଣ ।

ଶୂନ୍ୟ, ବି. ( ସୂ-ଊନ-ଯ, ସ=ଶ ) ଆକାଶ, ବିନ୍ଦୁ, ନିର୍ଜନସ୍ଥାନ । '୦' ଅଭାବାର୍ଥକ ଏହି ଚିହ୍ନ । ବିଂ. ନିର୍ଜନ ।

ଶୂପକାର, ବି. ପାଚକ ।

ଶୂର, ବି. (ଶୂର-ଅ) ବୀର, ସାହସୀ ।

ଶୂଳ, ବି. (ଶୂଳ୍-ଅ) ଉଦରଜାତ ବେଦନା, ରୋଗ-ବିଶେଷ, ଅସ୍ତ୍ରବିଶେଷ ।

ଶୂଳପାଣି, ବି. (ଶୂଳ-ପାଣି) ତ୍ରିଶୂଳଧାରୀ ଶିବ ।

ଶୂଳା, ବି. ( ଦେ ) ରୋଗବିଶେଷ, ଚଢ଼ା ଲୋକ, ଗୋଜା, ଶୂଳ, ଟେକା ।

ଶୂଳଆପଦା, ବି. (ଦେ) ବଧସ୍ଥାନ ।

ଶୂଳେଇବଜେ, ବି. ( ଦେ ) ରାଜାଙ୍କର ମଳତ୍ୟାଗ କରିବା ।

ଶୃଗାଳ, ବି. (ସୃଜ୍-ଆଳ, ନିପାତନ) ବିଲୁଆ, ଗୋମାୟୁ ।

ଶୃଙ୍ଖଳ, (ଳା), ବି. (ଶଙ୍-ଖଳ୍-ଅ) ପୁରୁଷର କଟିଭୂଷଣ, ପୁରୁଷର କଟିବସ୍ତ୍ରବନ୍ଧ, ଲୌହମୟ ପାଦବନ୍ଧନୀ, ଶିକୁଳି ।

ଶୃଙ୍ଖଳିତ, ବିଂ. (ଶୃଙ୍ଖଳା-ଇତ) ଶୃଙ୍ଖଳାବଦ୍ଧ, ନିଗଡ଼ିତ ।

ଶୃଙ୍ଗ, ବି. (ଶ-ଗନ୍, ନିପାତନ) ଶିଖର, ଅଗ୍ରଭାଗ, ଶିଙ୍ଗ ବା ବିଷାଣ, ଧନୁର ଅଗ୍ର ।

ଶୃଙ୍ଗାଟ, (କ), ବି. (ଶୃଙ୍ଗ-ଅଟ-ଅ, କ) ଚତୁଷ୍ପଥ, ଛକ, ଚୌରାସ୍ତା, ଶିଙ୍ଗଡ଼ା ।

ଶୃଙ୍ଗାର, ନି. (ଶୃଙ୍ଗ-ଆର) ଆଦ୍ୟରସ, ସ୍ତ୍ରୀ ପୁରୁଷ ପ୍ରଣୟ, ରତି, ସଜ୍ଜା, ବେଶ ।

ଶୃଣି, ବି. (ଶ୍ରୁ-ନି) ଅଙ୍କୁଶ ।

ଶେଉଳ, ବି. (ଦେ) ଶୈବାଳମତ୍ସ୍ୟ ।

ଶେଖର, ବି. (ଶିଖ୍-ଅର) ଚୂଡ଼ା, ଶିରୋଭୂଷଣ ।

ଶେଠ, ବି. (ଦେ) ବଣିକ୍‌ବିଶେଷ ।

ଶେଣୀ, ବି. (ଦେ) ଶ୍ରେଣୀ, ଗୃହଧରର ପ୍ରଧାନ ଅବଲମ୍ବନ କାଷ୍ଠଖଣ୍ଡ ।

ଶେତା, ବି. (ଦେ) ରକ୍ତହୀନ, ଶ୍ୱେତ ।

ଶେଫାଳିକା, ବି. (ଦେ) ଗଙ୍ଗଶିଉଳି ବା ଶିଙ୍ଗଡ଼ାହାର ଫୁଲ ।

ଶେଯ, ବି. (ଶଯ୍ୟା ଶବ୍ଦଜ) ଶଯ୍ୟା ।

ଶେଯାଇବା, କ୍ରି. (ଦେ) ବିଛଣା ବିଛାଇବା ।

ଶେଳ, ବି (ଦେ) ଶଲ୍ୟ, ଶୂଳାସ୍ତ୍ର ।

ଶେଷ, ବି. (ଶିଷ୍-ଅ) ବିନାଶ, ଧ୍ୱଂସ, ନିଷ୍ପତ୍ତି, ଅନ୍ତ, ଅବଶେଷ, ବାସୁକି, ବଳରାମ । ବିଂ. ଅବଶିଷ୍ଟ ।

ଶୈତ୍ୟ, ବି. (ଶୀତ-ଯ) ଶୀତଳତ୍ୱ, ଶୀତଗୁଣ ।

ଶୈଥିଲ୍ୟ, ନି. (ଶିଥିଳ-ଯ) ଶିଥିଳତ୍ୱ, ଅଦୃଢ଼ସଂଯୋଗ ।

ଶୈଳ, ବି. (ଶିଳା-ଅ) ଭୂଧର, ପର୍ବତ ।

ଶୈଳୀ, ବି. ( ଶୀଳ-ଅ-ଈ ) କୌଶଳ, ସଂକ୍ଷିପ୍ତ ପ୍ରଣାଳୀ, ପଦ୍ଧତି ।

ଶୈଳୂଷ, ବି. (ଶିଳୂଷ-ଅ) ନଟ, ଧୂର୍ତ୍ତ ।

ଶୈବ, ବି. ( ଶିବ-ଅ ) ଶିବଙ୍କ ଉପାସକ ।

ଶୈବଳ } ବି (ଶୀ-ବଳ) ଜଳଜାତ ଉଦ୍ଭିଦ୍-
ଶୈବାଳ } ବିଶେଷ, ଶିଉଳି ।

ଶୈବଳିନୀ, ବି. (ଶୈବଳ-ଇନ୍-ଈ) ତଟିନୀ, ନଦୀ ।

ଶୈଶବ, ବି. (ଶିଶୁ-ଅ) ଶିଶୁତ୍ୱ, ବାଲ୍ୟାବସ୍ଥା ।

ଶୋଇବା, କି. ( ଦେ ) ନିଦ୍ରାଯିବା, ବିଛଣାରେ ଜାଗ୍ରତ୍ ଅବସ୍ଥାରେ ପଡ଼ି ରହିବା ।

ଶୋକ, ବି. ( ଶୁଚ୍-ଅ) ମନୋଦୁଃଖ, ପ୍ରିୟବ୍ୟକ୍ତିର ମୃତ୍ୟୁ ଅଥବା ଦୁଃଖାଦି ହେତୁରୁ ମନର ବିକଳତା ।

ଶୋଚନ, (ନା),ବି. (ଶୁଚ୍-ଅନ-ଆ) ଶୋକ କରିବା ।

ଶୋଚନୀୟ } ବିଂ. ( ଶୁଚ୍-ଅନୀୟ, ଯ ) ଯାହାକୁ
ଶୋଚ୍ୟ } ଉଦ୍ଦେଶ୍ୟ କରି ଶୋକ କରାଯାଏ, ଶୋକର ଯୋଗ୍ୟ ।

ଶୋଠା, ବି. (ଦେ) ଏକପ୍ରକାର ମୋଟା ବାଡ଼ି ।

ଶୋଣ, ବିଂ. ରକ୍ତବର୍ଣ୍ଣ, ଲୋହିତ ।

ଶୋଣିତ, ବି. (ଶୋଣ-ଇତ) ରୁଧିର, ରକ୍ତ ।

ଶୋଥ, ବି. (ଦେ) ଫୁଲା ରୋଗ ।

ଶୋଧକ, ବିଂ. (ଶୁଧ୍-ଣିଚ୍-ଅକ) ଶୋଧନକାରକ, ପାବନ ।

ଶୋଧନ, ବି. (ଶୁଧ୍-ଅନ) ନିର୍ଦ୍ଦୋଷକରଣ, ଶୁଦ୍ଧି । (ଦେ) ଗାଳି ।

ଶୋଧା, ବ. (ଦେ) ନିର୍ଜନ କରିବା କାର୍ଯ୍ୟ, ଗାଳି ।
ଶୋଧି, ବ. (ଦେ) ଅଙ୍କପାଠବିଶେଷ ।
ଶୋଧିତ, ବିଂ. ( ଶୁଧ୍-ଇତ ) ପରିଷ୍କୃତ, ମାର୍ଜିତ ।
ଶୋଧିବା, କ୍ରି. (ଦେ) ଗାଳିଦେବା, ନିର୍ଜନ କରିବା, ପରିଷ୍କାର କରିବା ।
ଶୋଭନ, ବିଂ.(ଶୋଭ-ଅନ) ଶୋଭାଯୁକ୍ତ, ଶୋଭା-ଜନକ, ସୁନ୍ଦର ।
ଶୋଭା, ବ. (ଶୋଭ-ଆ) କାନ୍ତି, ଦୀପ୍ତି, ସୌନ୍ଦର୍ଯ୍ୟ,
ଶୋଭାବନ, ବିଂ. (ଦେ) ସୁନ୍ଦର, ଶୋଭାଯୁକ୍ତ ।
ଶୋଭିତ, ବିଂ. (ଶୋଭ-ତ) ଶୋଭାଯୁକ୍ତ, ଭୂଷିତ ।
ଶୋଭିବା, କ୍ରି.(ଦେ)ଶୋଭା ପାଇବା,ଶୋଭିତ ହେବା ।
ଶୋରା } ବି. (ଯା) ଯବକ୍ଷାର, ଏକପ୍ରକାର କ୍ଷାର ।
ଶୋରା }
ଶୋଲ, (ଲ), ବ. ଜଳଜ ତୃଣବିଶେଷ ।
ଶୋଷ, ବ. (ଶୁଷ୍-ଅ) ନୀରସତା, ରସାକର୍ଷଣ । (ଦେ) ପିପାସା ।
ଶୋଷକ, ବିଂ. ( ଶୁଷ୍-ଣ-କ ) ଶୋଷଣକର୍ତ୍ତା, ରସାକର୍ଷକ ।
ଶୋଷଣ, ବ. (ଶୁଷ୍-ଣିଚ-ଅନ) ରସାକର୍ଷଣ ।
ଶୋଷା, ବ. (ଦେ) ତୃଷାବେଗ, ଅତି ତୃଷ୍ଣା ।
ଶୋଷିତ, ବିଂ. (ଶୁଷ୍-ଇତ) ନୀରସୀକୃତ ।
ଶୋଷିବା, ବ. (ଦେ) ଶୋଷଣ କରିବା, ପିଇବା ।
ଶୋଷୀ, ବିଂ. (ଦେ) ତୃଷାର୍ତ୍ତ ।

**ଶୋହିବା**, କ୍ରି. (ଶୁଭ ଧାତୁଜ) ଶୋଭା ପାଇବା ।
**ଶୌଚ**, ବି. (ଶୁଚି-ଅ) ଶୁଦ୍ଧି, ଶୁଚିତା, ପବିତ୍ରତା ।
**ଶୌଣ୍ଡିକ**, ବି. (ଶୁଣ୍ଡା-ଇକ) ଜାତିବିଶେଷ, ଶୁଣ୍ଢୀ ।
**ଶୌଭିକ**, ବି. (ଶୋଭା-ଇକ) ଐନ୍ଦ୍ରଜାଲିକ, ମାୟାବୀ ।
**ଶୌରି**, ବି. (ଶୂର-ଇ) କୃଷ୍ଣ, ଶନିଗ୍ରହ ।
**ଶୌର୍ଯ୍ୟ**, ବି. (ଶୂର-ଯ) ସାହସ, ବୀରତ୍ୱ, ବୀର୍ଯ୍ୟ, ବଳ ।
**ଶ୍ମଶାନ**, ବି. (ଶବ-ଶୟନ) ପ୍ରେତଭୂମି, ଶବଦାହ ସ୍ଥାନ ।
**ଶ୍ମଶାନବାସୀ**, ବି. (ଶ୍ମଶାନ-ବାସିନ୍) ଶିବ, ମହାଦେବ ।
**ଶ୍ମଶ୍ରୁ**, ବି. (ଶ୍ମନ୍-ଶ୍ରି-ଉ) ନିଶ, ଦାଢ଼ୀ ।
**ଶ୍ମଶ୍ରୁଳ**, ବିଂ. (ଶ୍ମଶ୍ରୁ-ଳ) ଶ୍ମଶ୍ରୁବିଶିଷ୍ଟ, ଯାହାର ନିଶ ଦାଢ଼ୀ ଅଛି ।
**ଶ୍ୟାମ**, ବିଂ. (ଶ୍ୟୈ-ମ) କୃଷ୍ଣବର୍ଣ୍ଣବିଶିଷ୍ଟ ।
**ଶ୍ୟାମଳ**, ବି. (ଶ୍ୟାମ-ଲା-ଅ) କୃଷ୍ଣବର୍ଣ୍ଣ ।
**ଶ୍ୟାମଳତା**, ବି. (ଶ୍ୟାମଳ-ତା) କାଳିମା, ଶ୍ୟାମଳତ୍ୱ ।
**ଶ୍ୟାଳ** } ବି.(ଶ୍ୟୈ-ଆଳ, କ) ପତ୍ନୀର ଭ୍ରାତା ।
**ଶ୍ୟାଳକ** } ଳୀ, ଳିକା, ସ୍ତ୍ରୀ. ପତ୍ନୀର ଭଗିନୀ ।
**ଶ୍ୟେନ**, ବି. (ଶ୍ୟୈ-ଇନ) ବାଜପକ୍ଷୀ ।
**ଶ୍ରଦ୍ଧଧାନ**, ବିଂ. (ଶ୍ରତ୍-ଧା-ଆନ) ଶ୍ରଦ୍ଧାଯୁକ୍ତ ।
**ଶ୍ରଦ୍ଧା**, ବି. (ଶ୍ରତ୍-ଧା-ଆ) ଭକ୍ତି, ବିଶ୍ୱାସ, ସ୍ପୃହା ।
**ଶ୍ରଦ୍ଧାଳୁ** } ବିଂ. ( ଶ୍ରଦ୍ଧା-ଆଳୁ, ବତ୍ ) ଶ୍ରଦ୍ଧା-
**ଶ୍ରଦ୍ଧାବାନ୍** } ବିଶିଷ୍ଟ, ଭକ୍ତିମାନ୍ ।
**ଶ୍ରମ**, ବି. (ଶ୍ରମ୍-ଅ) ଶ୍ରାନ୍ତି, ପରିଶ୍ରମ, ଖେଦ ।

ଶ୍ରମଣ, ବି. (ଶ୍ରମ୍-ଅନ) ସନ୍ନ୍ୟାସୀ, ଭିକ୍ଷୁ ।

ଶ୍ରମବାରି, ବି. (ଶ୍ରମ-ବାରି) ଝାଳ, ଘର୍ମ, ସ୍ୱେଦ ।

ଶ୍ରମୋପଜୀବୀ, ବିଂ. (ଶ୍ରମ-ଉପଜୀବୀ) ପରିଶ୍ରମକାରୀ, ଯେ ପରିଶ୍ରମଦ୍ୱାରା ଜୀବିକା ନିର୍ବାହ କରେ, ମୂଲିଆ ।

ଶ୍ରୟ, ବି. (ଶ୍ରି-ଅ) ଆଶ୍ରୟ, ଅବଲମ୍ବନ ।

ଶ୍ରବ
ଶ୍ରବଃ } ବି. (ଶ୍ରୁ-ଅ,ଅସ୍) ଶ୍ରବଣେନ୍ଦ୍ରିୟ, କର୍ଣ୍ଣ ।

ଶ୍ରବଣ, ବି. (ଶ୍ରୁ-ଅନ) ଶ୍ରବଣେନ୍ଦ୍ରିୟ, କର୍ଣ୍ଣ ।

ଶ୍ରବଣା, ବି. ଅଶ୍ୱିନ୍ୟାଦି ଅନ୍ତର୍ଗତ ଦ୍ୱାବିଂଶ ନକ୍ଷତ୍ର ।

ଶ୍ରବଣେନ୍ଦ୍ରିୟ, ବି. (ଶ୍ରବଣ-ଇନ୍ଦ୍ରିୟ) କର୍ଣ୍ଣ, କାନ ।

ଶ୍ରବ୍ୟ
ଶ୍ରବଣୀୟ } ବିଂ. ( ଶ୍ରୁ-ଯ, ଅନୀୟ ) ଶ୍ରୋତବ୍ୟ, ଶୁଣିବାର ଯୋଗ୍ୟ ।

ଶ୍ରାଦ୍ଧ, ବି. (ଶ୍ରଦ୍ଧା-ଅ) ପିତୃକୃତ୍ୟ । ବିଂ. ଶ୍ରଦ୍ଧାଯୁକ୍ତ ।

ଶ୍ରାନ୍ତ, ବିଂ. (ଶ୍ରମ୍-ତ) ଶ୍ରମଯୁକ୍ତ, କ୍ଳାନ୍ତ, ଖିନ୍ନ, ଶାନ୍ତ ।

ଶ୍ରାନ୍ତି, ବି. (ଶ୍ରମ୍-ତି) ଶ୍ରମ, କ୍ଲେଶ, ଖେଦ, ବିଶ୍ରାମ ।

ଶ୍ରାୟ, ବି. (ଶ୍ରି-ଅ) ଆଶ୍ରୟ, ଅବଲମ୍ବନ ।

ଶ୍ରାବକ, ବିଂ. (ଶ୍ରୁ-ଅକ) ଶ୍ରୋତା, ଶ୍ରବଣକର୍ତ୍ତା ।

ଶ୍ରାବଣ, ବି. ( ଶ୍ରାବଣୀ-ଅ ) ବୈଶାଖାଦି ଦ୍ୱାଦଶ ମାସର ଅନ୍ତର୍ଗତ ଚତୁର୍ଥ ମାସ ।

ଶ୍ରାବ୍ୟ, ବି. (ଶ୍ରୁ-ଯ) ଶ୍ରବଣଯୋଗ୍ୟ ।

ଶ୍ରୀ, ବି. (ଶ୍ରି-୦, ଇ=ଈ) ଲକ୍ଷ୍ମୀ, ସମ୍ପତ୍ତି, ଶୋଭା ।

ଶ୍ରୀକଣ୍ଠ, ବି. (ଶ୍ରୀ-କଣ୍ଠ) ଶିବ, ଭବଭୂତି ।

ଶ୍ରୀଖଣ୍ଡ, ବି. ଚନ୍ଦନକାଷ୍ଠ ।

ଶ୍ରୀଧର
ଶ୍ରୀପତି } ବି. (ଶ୍ରୀ-ଧର, ପତି) ବିଷ୍ଣୁ ।

ଶ୍ରୀନିବାସ, ବି. (ଶ୍ରୀ-ନିବାସ) ବିଷ୍ଣୁ ।

ଶ୍ରୀପଞ୍ଚମୀ, ବି. ( ଶ୍ରୀ-ପଞ୍ଚମୀ ) ମାଘ ଶୁକ୍ଳ ପଞ୍ଚମୀ ।

ଶ୍ରୀଫଳ, ବି. (ଶ୍ରୀ-ଫଳ) ବେଲଗଛ, ବେଲ, ନଡ଼ିଆ ।

ଶ୍ରୀମାନ୍, ବିଂ. ( ଶ୍ରୀ-ମତୁ ) ଐଶ୍ୱର୍ଯ୍ୟଶାଳୀ, ଧନୀ, ସୁନ୍ଦର, ସୁଶ୍ରୀ ।

ଶ୍ରୀମୂର୍ତ୍ତି, ବି. (ଶ୍ରୀ-ମୂର୍ତ୍ତି) ବିଷ୍ଣୁମୂର୍ତ୍ତି, ଦେବବିଗ୍ରହ ।

ଶ୍ରୀଯୁତ
ଶ୍ରୀଯୁକ୍ତ } ବି. (ଶ୍ରୀ-ଯୁତ,ଯୁକ୍ତ)ଶ୍ରୀମାନ୍,ଲକ୍ଷ୍ମୀବାନ୍ ।

ଶ୍ରୀଳ,ବିଂ.(ଶ୍ରୀ-ଳ)ଶ୍ରୀଯୁକ୍ତ,ସୌଭାଗ୍ୟବାନ୍,ଲକ୍ଷ୍ମୀବାନ୍ ।

ଶ୍ରୀଶ, ବି. (ଶ୍ରୀ-ଈଶ) ବିଷ୍ଣୁ ।

ଶ୍ରୁତ, ବିଂ. (ଶ୍ରୁ-ତ) ଆକର୍ଣ୍ଣିତ । ବି. ଶାସ୍ତ୍ର ।

ଶ୍ରୁତି, ବି. (ଶ୍ରୁ-ତି) ବେଦ, କର୍ଣ୍ଣ ।

ଶ୍ରୁତିଧର
ଶ୍ରୁତଧର } ବିଂ. (ଶ୍ରୁତି-ଧର)ଯେ ବ୍ୟକ୍ତି କୌଣସି ବିଷୟକୁ ଶୁଣିବାମାତ୍ରକେ ଅଭ୍ୟାସ କରିବାକୁ ସମର୍ଥ ହୁଏ ।

ଶ୍ରୁବ, ବି. (ଶ୍ରୁ-ଅ) ଯଜ୍ଞରେ ଘୃତକ୍ଷେପଣ ପାତ୍ର ।

ଶ୍ରେଢ଼ୀ, ବି. ସମପରିମାଣରେ ବର୍ଦ୍ଧିତ ଅଙ୍କଶ୍ରେଣୀ ।

ଶ୍ରେଣି
ଶ୍ରେଣୀ } ବି. (ଶ୍ରି-ନି) ପଂକ୍ତି, ଧାଡ଼ି, ଦଳ ।

ଶ୍ରେୟଃ, ବି. ଧର୍ମ, ମଙ୍ଗଳ ।

ଶ୍ରେୟସ୍କର ବିଂ. (ଶ୍ରେୟସ୍-କର) ମଙ୍ଗଳଜନକ ।

ଶ୍ରେଷ୍ଠ, ବି°. ( ପ୍ରଶସ୍ୟ-ଇଷ୍ଠ ) ଅତି ପ୍ରଶସ୍ତ, ପ୍ରଧାନ, ଜ୍ୟେଷ୍ଠ ।

ଶ୍ରେଷ୍ଠତା, ବି. (ଶ୍ରେଷ୍ଠ-ତା) ପ୍ରାଧାନ୍ୟ, ଉତ୍କର୍ଷ ।

ଶ୍ରେଷ୍ଠାଶ୍ରମ, ବି. ( ଶ୍ରେଷ୍ଠ-ଆଶ୍ରମ ) ପ୍ରଧାନ ଆଶ୍ରମ, ଗୃହସ୍ଥାଶ୍ରମ ।

ଶ୍ରେଷ୍ଠୀ, ବି. (ଶ୍ରେଷ୍ଠ-ଇନ୍ ) ବଣିକ୍‌ବିଶେଷ,ଶେଠ ।

ଶ୍ରୋଣି, ବି. କଟିଦେଶ, ନିତମ୍ବଦେଶ ।

ଶ୍ରୋତବ୍ୟ, ବି°. (ଶ୍ରୁ-ତବ୍ୟ)ଶ୍ରବଣୀୟ,ଶ୍ରବଣଯୋଗ୍ୟ ।

ଶ୍ରୋତା, ବି°. (ଶ୍ରୁ-ତୃ) ଶ୍ରବଣକର୍ତ୍ତା, ଯେ ଶୁଣେ ।

ଶ୍ରୋତ୍ର, ବି. (ଶ୍ରୁ-ତ୍ର) କର୍ଣ୍ଣ ।

ଶ୍ରୋତ୍ରିୟ, ବି. (ଶ୍ରୋତ୍ର-ଇୟ) ବେଦାଧ୍ୟାୟୀ ବ୍ରାହ୍ମଣ ।

ଶ୍ଲକ୍ଷ୍ଣ, ବି°. (ଶ୍ଲିଷ-ସ୍ନ) ସୂକ୍ଷ୍ମ, କୃଶ,ମନୋହର,ଚକ୍କଣ ।

ଶ୍ଲଥ, ବି°. (ଶ୍ଲଥ୍-ଅ) ଶିଥିଳ, ଅଦୃଢ଼, ଢିଲା,ଦୁର୍ବଳ ।

ଶ୍ଲାଘା, ବି. (ଶ୍ଲାଘ୍-ଅ-ଆ) ପ୍ରଶଂସା,ଅଭିଳାଷ, ଇଚ୍ଛା ।

ଶ୍ଲାଘ୍ୟ } ବି°. ( ଶ୍ଲାଘ୍-ଯ, ଅନୀୟ ) ଆଶ୍ବାସ୍ୟ,
ଶ୍ଲାଘନୀୟ } ସ୍ପୃହଣୀୟ ।

ଶ୍ଲିଷ୍ଟ, ବି°. (ଶ୍ଲିଷ-ତ) ଶ୍ଲେଷଯୁକ୍ତ ।

ଶ୍ଲୀପଦ, ବି. ଶୋଥରୋଗ, ଗୋଦର ।

ଶ୍ଲୀଳ, ବି°. (ଶ୍ରୀ-ଳ) ଶ୍ରୀଯୁକ୍ତ ।

ଶ୍ଲେଟ୍, ବି. (ଇ°. Slate) ସିଲଟ ।

ଶ୍ଲେଷ, ବି. ( ଶ୍ଲିଷ୍-ଅ ) ସଂଯୋଗ, ଆଲିଙ୍ଗନ, ଶବ୍ଦାଳଙ୍କାରବିଶେଷ ।

ଶ୍ଲେଷ୍ମା, ବି. (ଶ୍ଲିଷ-ମନ୍) କଫ, ସର୍ଦ୍ଦି ।

ଶ୍ଳୋକ, ବି. (ଶ୍ଳୋକ୍-ଅ) ପଦ୍ୟ, କବିତା, ଛନ୍ଦୋ-ବିଶିଷ୍ଟ ବାକ୍ୟ, ଯଶଃ, ସୁଖ୍ୟାତି ।

ଶ୍ୱଃ, ଅଂ. ପରଦିନ, ଆଗାମୀ ଦିନ, କାଲି ।

ଶ୍ୱଦନ୍ତ, ବି. (ଶ୍ୱା-ଦନ୍ତ) କୁକୁରର ଦାନ୍ତ ପରି ମୁନିଆଁ ହୋଇଥିବା ଦାନ୍ତ ।

ଶ୍ୱପଚ }
ଶ୍ୱପାକ } ବି. ବ୍ୟାଧ, ଚଣ୍ଡାଳ ।

ଶ୍ୱବୃତ୍ତି, ବି. (ଶ୍ୱନ୍-ବୃତ୍ତି) ସେବା, ଚାକିରି ।

ଶ୍ୱଶୁର, ବି. (ଶୁ-ଅଶ୍-ଉର) ଭର୍ତ୍ତାର କିମ୍ବା ପତ୍ନୀର ପିତା ।

ଶ୍ୱଶ୍ରୂ, ବି. ( ଶ୍ୱଶୁର-ଊ ) ଶାଶୁ, ସ୍ୱାମୀ କିମ୍ବା ପତ୍ନୀର ମାତା ।

ଶ୍ୱସନ, ବି. (ଶ୍ୱସ୍-ଅନ) ବାୟୁ, ନିଶ୍ୱାସ, ଜୀବନ ।

ଶ୍ୱାନ, ବି. (ଶ୍ୱନ୍-ଅ) କୁକ୍କୁର । ସ୍ତ୍ରୀ. ଶୁନୀ ।

ଶ୍ୱାପଦ, ବି. (ଶ୍ୱନ୍-ଆ-ପଦ୍-ଅ) ଶିକାରି ଜନ୍ତୁ ।

ଶ୍ୱାସ, ବି. ( ଶ୍ୱସ୍-ଅ ) ନିଶ୍ୱାସ, ଶ୍ୱାସକାସ ରୋଗ ।

ଶ୍ୱେତ, ବି. (ଶ୍ୱିତ୍-ଅ) ଶୁକ୍ଳବର୍ଣ୍ଣ ।

ଶ୍ୱେତଦ୍ୱୀପ, ବି. ବୈକୁଣ୍ଠପୁରୀ । ( ଦେ ) ବ୍ରିଟିଶ ଦ୍ୱୀପପୁଞ୍ଜ ।

ଶ୍ୱେତରକ୍ତ, ବି. ପାଟଳବର୍ଣ୍ଣ, ଗୋଲାପୀ ରଙ୍ଗ ।

ଶ୍ୱେତସାର, ବି. ଖାଦ୍ୟ ବସ୍ତୁରେ ଥିବା ଉପାଦାନ-ବିଶେଷ ।

# ଷ

ଷ, ବ୍ୟଞ୍ଜନବର୍ଣ୍ଣର ଏକତ୍ରିଂଶ ବର୍ଣ୍ଣ । ବି. (ଷୋ-ଅ) କେଶ, ବାଳ ।

ଷଟ୍, ବି. ବିଂ. (ଷଷ୍-ଂ, ନିପାତନ) ଛଅ ସଂଖ୍ୟା, ୬ ।

ଷଟ୍କ, ବିଂ. (ଷଷ୍-କ) ଛଅ ସଂଖ୍ୟା, ୬ ।

ଷଟ୍କର୍ମ, ବି. (ଷଟ୍-କର୍ମନ୍)ଯଜନ, ଯାଜନ, ଅଧ୍ୟୟନ, ଅଧ୍ୟାପନା, ଦାନ, ପ୍ରତିଗ୍ରହ ।

ଷଟ୍ପଦ, ବି. (ଷଷ୍-ପଦ) ଭ୍ରମର ।

ଷଠିଘର, ବି. ( ଦେ ) ଶିଶୁଜନ୍ମର ଷଷ୍ଠ ଦିନର ଅନୁଷ୍ଠାନବିଶେଷ ।

ଷଠିଧାନ, ବି. (ଦେ) ବିଆଳୀଜାତୀୟ ଧାନ ।

ଷଡ଼ଙ୍ଘ୍ରି, ବି. (ଷଷ୍-ଅଙ୍ଘ୍ରି) ଭ୍ରମର ।

ଷଡ଼ାନନ, ବି. (ଷଷ୍-ଆନନ) ସ୍କନ୍ଦ, କାର୍ତ୍ତିକେୟ ।

ଷଡ୍, ବିଂ. (ଦେ) ଛଅ, ୬ ।

ଷଡ୍ଜ, ବି. (ଷଷ୍-ଜ) ତନ୍ତ୍ରୀକଣ୍ଠୋତ୍ଥିତ ସ୍ୱରବିଶେଷ ।

ଷଡ୍ଦର୍ଶନ, ବି. ପୂର୍ବମୀମାଂସା, ବେଦାନ୍ତ, ସାଂଖ୍ୟ, ଯୋଗ,ନ୍ୟାୟ,ବୈଶେଷିକ ଏହି ଛଅଟି ଦର୍ଶନଶାସ୍ତ୍ର ।

ଷଡ୍ରସ, ବି. ( ଷଷ୍-ରସ ) ମଧୁର, ତିକ୍ତ, କଷାୟ, ଅମ୍ଳ, କଟୁ, ଲବଣ ।

ଷଡ଼ଶୀତି, ବିଂ. (ଷଟ୍-ଅଶୀତି) ୮୬ ସଂଖ୍ୟା ।

ଷଣ୍ଢ, ବି. (ଷଣ୍-ଢ) ସ୍ୱାଧୀନ, ନପୁଂସକ, ପଦ୍ମସମୂହ ।

ଷଣ୍ଢ, ବ. (ଷଣ୍-ଢ଼) ନପୁଂସକ, କ୍ଲୀବ, ବୃଷ ।
ଷଣ୍ମୁଖ, ବ. (ଷଷ୍-ମୁଖ) ଷଡ଼ାନନ, କାର୍ତ୍ତିକେୟ ।
ଷଷ୍ଟି, ବ. (ଷଷ୍-ତ) ଷାଠିଏ ସଂଖ୍ୟା, ୬୦ ।
ଷଷ୍ଟିକ, ନ. ଷଠିଆଧାନ ।
ଷଷ୍ଟିତମ, ବଂ. (ଷଷ୍ଟି-ତମ) ଷାଠିଏର ପୂରଣ ।
ଷଷ୍ଠ, (କ), ବଂ. (ଷଷ୍-ଥ, କ) ଛଅର ପୂରଣ ।
ଷଷ୍ଠି } ବ. ( ଷଷ୍ଠ-ଇ, କ-ଆ ) କାତ୍ୟାୟିନୀ,
ଷଷ୍ଠିକା } ଦୁର୍ଗା ।
ଷାଣ୍ମାତୁର, ବ.(ଷଷ୍-ମାତୃ-ଅ) ଷଡ଼ାନନ, କାର୍ତ୍ତିକେୟ ।
ଷାଣ୍ମାସିକ, ବଂ. (ଷଣ୍ମାସ-ଇକ) ଛଅ ମାସ ସମ୍ବନ୍ଧୀୟ, ଛଅ ମାସର କର୍ତ୍ତବ୍ୟ ।
ଷୋଡ଼ଶ, ବଂ. ( ଷଷ-ଦଶନ୍, ନପାତନ) ଷୋଳ ସଂଖ୍ୟା, ୧୬ ।
ଷୋଡ଼ଶୀ, ବ. ସ୍ତ୍ରୀ. ଷୋଡ଼ଷବର୍ଷୀୟା ସ୍ତ୍ରୀ, ଯୁବତୀ ।
ଷୋ(ହ୍ଳ)ଳ, ବ. ବଂ. (ଦେ) ୧୬ ସଂଖ୍ୟା ।

---

# ସ

ସ, ବ୍ୟଞ୍ଜନବର୍ଣ୍ଣର ଦ୍ୱାତ୍ରିଂଶ ବର୍ଣ୍ଣ । ବ. (ସୋ-ଅ)ଶିବ, ବସ୍ତ୍ର, ବାୟୁ ।
ସଂକୁ'ଖୁ)ଢ଼, ବ. (ଦେ) ଅଇଁଠା

* ସଂକ୍ରମ } ବି. ( ସମ୍-କ୍ରମ୍-ଅ ) ଗମନ, ସଂକ୍ରମଣ,
ସଂକ୍ରାମ } ସଂକ୍ରାନ୍ତି ।

ସଂକ୍ରମଣ, ବି. ( ସମ୍-କ୍ରମ୍-ଅନ ) ଗମନ, ପ୍ରବେଶ, ପ୍ରାପ୍ତି, ସଂକ୍ରାନ୍ତି ।

ସଂକ୍ରମିତ } ବିଂ. ( ସମ୍-କ୍ରମ୍-ତ ) ନିବେଶିତ,
ସଂକ୍ରାମିତ } ସ୍ଥାପିତ ।

ସଂକ୍ରାନ୍ତ, ବିଂ. (ସମ୍-କ୍ରମ୍-ତ) ପ୍ରତିବିମ୍ବିତ, ସମ୍ବନ୍ଧୀୟ ।

ସଂକ୍ରାନ୍ତି, ବି. (ସମ୍-କ୍ରମ୍-ତି) ସଞ୍ଚାର, ଗମନ ।

ସଂକ୍ରାମକ, ବିଂ. ( ସମ୍-କ୍ରମ୍-ଅକ ) ଅନ୍ୟ ସ୍ଥାନକୁ ପ୍ରବେଶକାରକ, ଛୁଆଁ ।

ସଂଗୃହୀତ, ବିଂ. (ସମ୍-ଗ୍ରହ-ତ) ସଙ୍କଳିତ, ଆହୃତ ।

ସଂଗ୍ରହ, ବି. (ସମ୍-ଗ୍ରହ୍-ଅ) ଏକତ୍ରୀକରଣ, ସଂକଳନ ।

ସଂଗ୍ରହୀତା } ବିଂ. (ସମ୍-ଗ୍ରହ୍-ତୃ, ଅକ) ସଂଗ୍ରହକର୍ତ୍ତା ।
ସଂଗ୍ରାହକ }

ସଂଗ୍ରାମ, ବି. (ସମ୍-ଗ୍ରାମ୍-ଅ) ଯୁଦ୍ଧ, ସମର ।

ସଂଘ, ବି. (ସମ୍-ହନ୍-ଅ) ସମୂହ, ଦଳ ।

ସଂଘଟନ, ବି. ( ସମ୍-ଘଟ୍-ଅନ ) ମେଳନ, ଘଟନା, ଗଠନ ।

---

* ଯେଉଁ ବର୍ଗର ବର୍ଣ୍ଣ ପରେ ଥାଏ ପଦର ଅନ୍ତସ୍ଥିତ 'ମ୍' ବା ଅନୁସ୍ୱାର ସ୍ଥାନରେ ସେହି ବର୍ଗର ପଞ୍ଚମବର୍ଣ୍ଣ ହୁଏ—ସନ୍ଧିର ଏହି ନିୟମ ଅନୁସାରେ ସଂକ୍ରମ ଓ ସଙ୍କ୍ରମ, ସଂଗ୍ରହ ଓ ସଙ୍ଗ୍ରହ ପ୍ରଭୃତି ଶବ୍ଦର ଦ୍ୱିବିଧ ଆକୃତି ଶୁଦ୍ଧ, ତେଣୁ 'ସଙ୍କ୍ରମ' ନ ମିଳିଲେ 'ସଂକ୍ରମ' ଦେଖିବାକୁ ହେବ, 'ସଂକଟ' ନ ମିଳିଲେ 'ସଙ୍କଟ' ଦେଖିବାକୁ ହେବ । ଇତ୍ୟାଦି ।

ସଂଘର୍ଷ, ସଂଘର୍ଷଣ } ବି. (ସମ୍-ଘୃଷ୍-ଅ, ଅନ) ଘର୍ଷଣ, ବିରୋଧ ।

ସଂଘାତ, ବି. (ସମ-ହନ୍-ଅ)ସମଷ୍ଟି, ନିବିଡ଼ ସଂଯୋଗ, ଆଘାତ, ହତ୍ୟା ।

ସଂଜ୍ଞା, ବି. (ସମ୍-ଜ୍ଞା-ଆ) ଆଖ୍ୟା, ନାମ, ଚୈତନ୍ୟ, ପାରିଭାଷିକ ଶବ୍ଦର ଅର୍ଥସୂଚକ ।

ସଂପୁଟ, ସଂପୁଟକ } ବି. (ସମ-ପୁଟ-ଅ, କ) ସଂଗୁଆ ।

ସଂଯତ, ବିଂ. (ସମ୍-ଯମ୍-ତ) ବଦ୍ଧ, ରୁଦ୍ଧ, ନିୟମିତ ।

ସଂଯମ, ସଂଯମନ } ବି (ସମ୍-ଯମ୍-ଅ, ଅନ) ବନ୍ଧନ, ଯୋଗ, ଧ୍ୟାନ ।

ସଂଯମନୀ, ବି. (ସମ୍-ଯମ୍-ଅନ୍-ଈ) ଯମପୁରୀ ।

ସଂଯମିତ, ବିଂ. (ସମ୍-ଯମି-ତ) ବଦ୍ଧ, ନିୟମିତ ।

ସଂଯମୀ, ବିଂ. (ସମ୍-ଯମ୍-ଇନ୍) ଯୋଗୀ, ଜିତେନ୍ଦ୍ରିୟ ।

ସଂଯାପ, ବି. (ଦେ) ଧଣ୍ଡି ।

ସଂଯୁକ୍ତ, ସଂଯୁତ } ବିଂ. (ସମ୍-ଯୁଜ,ଯୁ-ତ) ସଂଲଗ୍ନ, ଏକତ୍ର ।

ସଂଯୁଗ, ବି. (ସମ୍-ଯୁଜ୍-ଅ) ଯୁଦ୍ଧ ।

ସଂଯୋଗ, ବି. (ସମ୍-ଯୁଜ୍-ଅ) ମିଳଣ, ମିଶ୍ରଣ ।

ସଂଯୋଜନ, ବି. (ସମ୍-ଯୁଜ୍-ଅନ) ମିଶ୍ରଣ, ଏକତ୍ରୀକରଣ ।

ସଂଯୋଜିତ, ବିଂ. (ସମ୍-ଯୋଜି-ତ) ମିଶ୍ରୀକୃତ, ସଂଯୋଗକରଣ ।

ସଂରକ୍ଷ, (ଣ), ବି. (ସମ୍-ରକ୍ଷ-ଅ, ଅନ) ପରିତ୍ରାଣ।

ସଂରବ୍ଧ, ବିଂ. (ସମ୍-ରନ୍ଭ୍-ତ) କ୍ରୁଦ୍ଧ, ଉତ୍ସାହିତ।

ସଂରମ୍ଭ, ବି. ( ସମ୍-ରନ୍ଭ୍-ଅ ) କ୍ରୋଧ, ଆକ୍ରୋଶ, ବେଗ।

ସଂଲଗ୍ନ, ବିଂ. (ସମ୍-ଲଗ୍-ତ) ମିଳିତ, ସଂଯୁକ୍ତ, ସଂଯତ।

ସଂଳାପ, ବି. (ସମ-ଲପ୍-ଅ) ପରସ୍ପର କଥାବାର୍ତ୍ତା।

ସଂବତ୍, ବି. (ସମ-ବଦ୍-୦) ବର୍ଷ, ସାଲ, ବିକ୍ରମାଦିତ୍ୟ ରାଜାଙ୍କ ପ୍ରଚଳିତ ଅବ୍ଦ।

ସଂବତ୍ସର, ବି. (ସମ୍-ବସ୍-ସର) ବତ୍ସର, ବର୍ଷ।

ସଂବର, ବି. (ସମ୍-ବୃ-ଅ) ଜଳ, ଧନ, ଅସୁରବିଶେଷ।

ସଂବରଣ, ବି. ( ସମ୍-ବୃ-ଅନ ) ସଂଗୋପନ, ବରଣ, ଆବରଣ, ନିବାରଣ।

ସଂବର୍ତ୍ତ, ( କ ), ବି. (ସମ୍-ବୃତ୍-ଅ, କ) ମହାପ୍ରଳୟ, ମେଘବିଶେଷ।

ସଂବର୍ଦ୍ଧନ, (ନା), ବି. (ସମ୍-ବୃଧ୍-ଅନ-ଆ, ଅନ) ବୃଦ୍ଧି, ବଢ଼ାଇବା, ସମ୍ମାନନା।

ସଂବର୍ଦ୍ଧିତ, ବିଂ. (ସମ୍-ବୃଧ୍-ଣିଚ୍-ତ) ବୃଦ୍ଧିପ୍ରାପ୍ତ।

ସଂବଳିତ, ବିଂ. ( ସମ୍-ବଲ୍-ତ ) ଚଳିତ, ସଙ୍ଗତ, ମିଶ୍ରିତ, ମିଳିତ, ଯୋଜିତ, ଚୂର୍ଣ୍ଣିତ, ବେଷ୍ଟିତ।

ସଂବାଦ, ବି. ( ସମ୍-ବଦ୍-ଅ ) ସମାଚାର, ଖବର, ବୃତ୍ତାନ୍ତ।

ସଂବାଳୁଆ, ବି. (ଦେ) ଲୋମଶ କୀଟବିଶେଷ।

ସଂବିଦ୍, ବି. ( ସମ୍-ବିଦ୍-କ ପ୍ ) ଆତ୍ମଜ୍ଞାନ, ବୁଦ୍ଧି, ପ୍ରତିଜ୍ଞା, ଯୁଦ୍ଧ।

ସଂବିଷ୍ଟ, ବିଂ. (ସମ୍-ବିଶ୍-ତ) ନିଦ୍ରିତ, ସୁପ୍ତ, ନିବିଷ୍ଟ ।
ସଂବୃତ, ବିଂ. (ସମ୍-ବୃ-ତ) ଆବୃତ, ଗୁପ୍ତ, ଗୋପିତ ।
ସଂବେଗ, ବିଂ. ( ସମ୍-ବିଜ-ଅ ) ଭୟ, ଅତିବେଗ ।
ସଂବେଦନ, (ନା),ବି. (ସମ୍ ବିଦ୍-ଅନ) ଅନୁଭବ ।
ସଂବେଶ, ବି. (ସମ୍-ବିଶ୍-ଅ) ନିଦ୍ରା, ଶୟନ ।
ସଂଶପ୍ତକ, ବି. ( ସମ୍-ଶପ୍ତ-ଅକ ) ଯେଉଁ ସବୁ ସୈନ୍ୟମାନେ ଶପଥ ବା ସଂଗ୍ରାମରୁ ବିଚଳିତ ନ ହୁଅନ୍ତି ।
ସଂଶୟ, ବି. (ସମ୍-ଶୀ-ଅ) ସନ୍ଦେହ, ଦ୍ୱୈଧଜ୍ଞାନ ।
ସଂଶିତ, ବିଂ. (ସମ୍-ଶୋ-ତ) ନିର୍ଣ୍ଣୀତ, ସ୍ଥିରୀକୃତ ।
ସଂଶୁଦ୍ଧି } ବି. (ସମ୍-ଶୁଦ୍ଧି, ଶୋଧନ) ଶୋଧନ,
ସଂଶୋଧନ } ପରିଷ୍କରଣ, ମାର୍ଜନ ।
ସଂଶୋଧକ, ବିଂ. (ସମ୍-ଶୁଧ୍-ଅକ) ସଂଶୋଧନକାରୀ, ପରିଷ୍କାରକ ।
ସଂଶୋଧିତ, ବିଂ. (ସମ୍-ଶୁଧ୍-ତ) ପରିଷ୍କୃତ, ମାର୍ଜିତ ।
ସଂଶ୍ରୟ, ବି. (ସମ୍-ଶ୍ରି-ଅ) ଆଶ୍ରୟ ।
ସଂଶ୍ରବ } ବି. (ସମ୍-ଶ୍ରୁ-ଅ) ପ୍ରତିଜ୍ଞା, ଅଙ୍ଗୀକାର ।
ସଂଶ୍ରାବ }
ସଂଶ୍ଳିଷ୍ଟ, ବିଂ. (ସମ୍-ଶ୍ଳିଷ୍-ତ) ଆଲିଙ୍ଗିତ, ଆଶ୍ଳିଷ୍ଟ, ମିଳିତ, ସଂବଦ୍ଧ ।
ସଂଶ୍ଳେଷ, ବି. ( ସମ୍-ଶ୍ଳିଷ୍-ଅ ) ମିଳନ,ସମ୍ବନ୍ଧ ।
ସଂସର୍ଗ, ବି. (ସମ୍-ସୃଜ୍-ଅ) ସହବାସ, ସମ୍ପର୍କ ।
ସଂସଦ୍ ବିଂ. (ସମ୍-ସଦ୍-କ୍ୱିପ୍) ସଭା ।

ସଂସାର, ବି. ( ସମ୍-ସୃ-ଅ ) ମର୍ତ୍ତ୍ୟଲୋକ, ଜଗତ୍, ପରିବାର ।

ସଂସାରୀ, ବିଂ. (ସଂସାର-ଇନ୍) ସଂସାରସ୍ଥ, ସଂସାରାସକ୍ତ ।

ସଂସୃଷ୍ଟ, ବିଂ. (ସମ୍-ସୃଜ-ତ) ସମ୍ବନ୍ଧ, ମିଳିତ ।

ସଂସ୍କାର, ବି. (ସମ୍-କୃ-ଅ) ପୂର୍ବକର୍ମବାସନା, ମରାମତି, ଶୁଦ୍ଧି, ବିବାହାଦି, ଦଶକର୍ମ, ମନର ଧାରଣା, ପ୍ରାଚୀନ ଆର୍ଯ୍ୟଭାଷା ।

ସଂସ୍କାରକ, ବିଂ. (ସମ୍-କୃ-ଇ-ଅକ) ସଂଶୋଧନକାରୀ ।

ସଂସ୍କୃତ, ବିଂ. (ସମ୍-କୃ-ତ) ସଜ୍ଜିତ, ଭୂଷିତ, ଶୋଧିତ ।

ସଂସ୍ଥା, ବି. (ସମ୍-ସ୍ଥା-ଅ-ଆ) ବ୍ୟବସ୍ଥା, ସ୍ଥିତି, ସଭା ।

ସଂସ୍ଥାନ, ବି. (ସମ୍-ସ୍ଥା-ଅନ) ଆକୃତି, ବିନ୍ୟାସ, ନିର୍ମାଣ ।

ସଂସ୍ଥାପନ, ବି. ( ସମ୍-ସ୍ଥାପି-ଅନ ) ସ୍ଥାପିତ କରିବା, ରଖିବା ।

ସଂସ୍ଥାପିତ, ବିଂ. (ସମ୍-ସ୍ଥାପି-ତ) ଯାହା ସ୍ଥାପନ କରି ଯାଇଅଛି ।

ସଂସ୍ଥିତ, ବିଂ. (ସମ୍-ସ୍ଥା-ତ) ମୃତ, ସ୍ଥିତ, ସନ୍ନିବିଷ୍ଟ ।

ସଂସ୍ଥିତି, ବି. (ସମ୍-ସ୍ଥା-ତି) ସଂସ୍ଥାନ, ମୃତ୍ୟୁ, ଗୃହ ।

ସଂସ୍ପର୍ଶ, ବି. (ସମ୍-ସ୍ପୃଶ୍-ଅ) ସମ୍ୟକ୍ ସ୍ପର୍ଶ ।

ସଂସ୍ପୃଷ୍ଟ, ବିଂ. ( ସମ୍-ସ୍ପୃଶ୍-ତ ) ସଂଯୁକ୍ତ ।

ସଂସ୍ରବ, ବି. (ସମ୍-ସ୍ରୁ-ଅ) ସମ୍ବନ୍ଧ, ମିଳନ ।

ସଂହତ, ବିଂ. (ସମ୍-ହନ୍-ତ) ଦୃଢ଼, ସଞ୍ଚିତ, ମିଳିତ ।

ସଂହନନ, ବି. ଶରୀର, ବଧ, ଆଘାତ ।

ସଂହତି, ବି. ( ସମ୍-ହନ-ତି ) ସମୂହ, ସମ୍ୟକ୍ ବଧ, ନିବିଡ଼ଯୋଗ ।

ସଂହର୍ଷ, ବି. (ସମ୍-ହୃଷ୍-ଅ) ଆମୋଦପ୍ରମୋଦ, ବାୟୁ, ଘର୍ଷଣ, ରୋମାଞ୍ଚ, ମାତ୍ସର୍ଯ୍ୟ ।

ସଂହାର, ବି. (ସମ୍-ହୃ-ଅ) ବିନାଶ, ଧ୍ୱଂସ, ସଂକ୍ଷେପ । ସଂଗ୍ରହ, ସଂକୋଚ, ପ୍ରତ୍ୟାକର୍ଷଣ ।

ସଂହିତ, ବିଂ. ( ସମ୍-ଧା-ତ ) ମିଳିତ, ସଂଗୃହୀତ ।

ସଂହିତା, ବି. ( ସଂହିତ-ଆ ) ମନ୍ୱାଦିପ୍ରଣୀତ ଧର୍ମଶାସ୍ତ୍ର, ସ୍ମୃତିଶାସ୍ତ୍ର ।

ସଂହୃତ, ବିଂ. (ସମ୍-ହୃ-ତ) ସଂଗୃହୀତ, ସଞ୍ଚିତ ।

ସଅଁ (ଇଁ) ତ୍ରିଶ, ବିଂ. (ଦେ) ୩୭ ସଂଖ୍ୟା ।

ସଅଳ, କ୍ରି. ବିଂ. (ଦେ) ଚଞ୍ଚଳ, ଶୀଘ୍ର ।

ସଇସ, ବି. (ଆରବୀ ସାଇସ ଶବ୍ଦଜ) ଅଶ୍ୱରକ୍ଷକ ।

ସଇ, ସହି } ବି. (ସଖୀ ଶବ୍ଦଜ) ସହଚାରିଣୀ, ସଙ୍ଗିନୀ ।

ସଉକୀ, ବିଂ. (ଦେ) ସୌଖୀନ, ମଉଜୀ, ବିଳାସୀ ।

ସଉତୁଣୀ, ବି. (ସପତ୍ନୀ ଶବ୍ଦଜ) ସମାନପତିକା ସ୍ତ୍ରୀ ।

ସଉଦା, ବି. (ପାରସିକ) ପଣ୍ୟ ଦ୍ରବ୍ୟ, ବାଣିଜ୍ୟବସ୍ତୁ ।

ସଉଦାଗର, ବି. (ଯା) ବଣିକ୍, ବେପାରୀ ।

ସଉପ, ବି. ( ଦେ ) ଏକପ୍ରକାର ମସଲା, ଔଷଧି ଦ୍ରବ୍ୟବିଶେଷ ।

ସକଳ, ବିଂ. (ସ-କଳା) ସମୁଦାୟ, ସମସ୍ତ, ସମଗ୍ର ।

ସକର୍ମକ, ବିଂ. (ସ-କର୍ମ-କ) ଯେଉଁ କ୍ରିୟାର କର୍ମ ଥାଏ ।

ସକାଇବା, କ୍ରି. (ଦେ) ନାକରେ କାନ୍ଦିବା ।

ସକାମ, ବିଂ. (ସ-କାମ) କାମନାବିଶିଷ୍ଟ, ସାଭିଳାଷ ।

ସକାଳ, ବି.' (ଦେ) ପ୍ରାତଃକାଳ ।
ସକାଶ, ବିଂ. (ସ-କାଶ) ସମୀପ, ନିକଟ, କାଶଯୁକ୍ତ ।
ସକ୍ତି, ବିଂ. (ସନ୍ଜ୍-କ୍ତି) ସଙ୍ଗ, ଆସକ୍ତି, ସଂଯୋଗ ।
ସକ୍ତୁ, ବି. (ସଚ୍-ତୁ) ଯବାଦିଚୂର୍ଣ୍ଣ, ଛତୁ ।
ସଖା, ବି. ( ସଖି ଶବ୍ଦଜ ) ମିତ୍ର ।
ସଖୀ, ବି. (ସଖି-ଈ) ସହଚରୀ, ବୟସ୍ୟା ।
ସଖ୍ୟ, ବି. (ସଖି-ଯ) ସଖିତ୍ୱ, ମୈତ୍ରୀ, ମିତ୍ରତା ।
ସଗର, ବି. (ସ-ଗର) ସୂର୍ଯ୍ୟବଂଶୀୟ ନୃପବିଶେଷ ।
ବିଂ. ବିଷଯୁକ୍ତ ।
ସଗୋତ୍ର
ସଗୋତ୍ରା } ବିଂ. (ସ-ଗୋତ୍ର) ଜ୍ଞାତି, ଏକବଂଶୋତ୍ପନ୍ନ ।
ସଙ୍କଟ, ବିଂ. ( ସମ୍-କଟ ) ସଂକୀର୍ଣ୍ଣ, ଆପଦଜନକ, ଅଭେଦ୍ୟ, ବିପଦ୍ ।
ସଙ୍କର, ବିଂ. ( ସମ୍-କୃ-ଅ ) ମିଶ୍ରଣ, ଅଳଆ, ବର୍ଣ୍ଣସଙ୍କର ଜାତି ।
ସଙ୍କର୍ଷଣ, ବି. (ସମ୍-କୃଷ-ଅନ) ବଳରାମ ।
ସଙ୍କଳ, (ନ), ବି. ( ସମ୍-କଳ-ଅ, ଅନ ) ସଂଗ୍ରହ, ଯୋଗ, ମିଳନ ।
ସଙ୍କଳିତ, ବିଂ. (ସମ-କଳ୍-ତ) ସଂଗୃହୀତ, ଏକତ୍ରୀକୃତ ।
ସଙ୍କଳ୍ପ, ବି. (ସମ୍-କୢପ୍-ଅ) ମନୋରଥ, ଇଚ୍ଛା ।
ସଙ୍କଳ୍ପଜନ୍ମା, ବି. )ସଙ୍କଳ୍ପ-ଜନ୍ମନ୍) କାମଦେବ ।
ସଙ୍କଳ୍ପିତ, ବିଂ. (ସମ୍-କଳ୍ପ-ତ) ଅଭିପ୍ରେତ, ବାଞ୍ଛିତ ।

ସଙ୍କାଶ, ବିଂ. (ସମ୍-କାଶ୍-ଅ) ସମୀପ, ନିକଟ, (ଶବ୍ଦର ପରବର୍ତ୍ତୀ ହେଲେ ) ସଦୃଶ, ତୁଲ୍ୟ ।

ସଙ୍କୀର୍ଣ୍ଣ, ବିଂ. (ସମ୍-କୃ-ତ) ଭିଡ଼, ସଙ୍କୁଚିତ, ଅପ୍ରଶସ୍ତ ।

ସଙ୍କୀର୍ତ୍ତନ, ବି. (ସମ୍-କୃତ୍-ଅନ) ବର୍ଣ୍ଣନା, ଉଚ୍ଚାରଣ ।

ସଙ୍କୀର୍ତ୍ତିତ, ବିଂ. (ସମ୍-କୃତ୍-ତ) ବର୍ଣ୍ଣିତ, ଉଚ୍ଚାରିତ, ସଂସ୍ତୁତ ।

ସଙ୍କୁଚିତ, ବିଂ. (ସମ୍-କୁଚ୍-ତ) ଅପ୍ରଫୁଲ୍ଲ, ମୁଦ୍ରିତ ।

ସଙ୍କୁ (ଙ୍ଖୁ) ଡ଼ି, ବି. (ଦେ) ଅଇଁଠା, ରନ୍ଧା ହୋଇଥିବା ଖାଦ୍ୟ ।

ସଙ୍କୁଳ, ବିଂ. (ସମ୍-କୁଳ୍-ଅ) ତୁମୁଳ, ବ୍ୟାପ୍ତ, ମିଶ୍ରିତ, ସଙ୍କୀର୍ଣ୍ଣ ।

ସଙ୍କେତ, ବିଂ. ( ସମ୍-କିତ୍-ଅ ) ଇଙ୍ଗିତ, ଚିହ୍ନ

ସଙ୍କୋଚ, ବି. ( ସମ୍-କୁଚ୍-ଅ ) ସଂକ୍ଷେପ, ବନ୍ଧନ, ଅଳ୍ପୀକରଣ ।

ସଙ୍କୋଚନ, ବି. ( ସମ-କୁଚ୍-ଅନ ) ସଂକୋଚ-କରଣ ।

ସଂକ୍ଷିପ୍ତ, ବିଂ. (ସମ୍-କ୍ଷିପ୍-ତ) ଅଳ୍ପୀକୃତ ।

ସଂକ୍ଷେପ, ବି. (ସମ୍-କ୍ଷିପ-ଅ) ସଂକୋଚ, ଅଳ୍ପୀକରଣ ।

ସଙ୍ଖାଳି, ବି. (ଦେଶଜ) ପ୍ରିୟବସ୍ତୁ ।

ସଙ୍ଖୁଳା, ବି. (ଦେ) କୁଶଳପ୍ରଶ୍ନ, ସ୍ୱାଗତସମ୍ଭାଷଣ ।

ସଙ୍ଖାଳିବା, କ୍ରି. ( ଦେ ) ସ୍ୱାଗତ ବା କୁଶଳପ୍ରଶ୍ନ କରିବା, ଆଶ୍ୱାସନା କରିବା ।

ସଂଖ୍ୟା, ବି. (ସମ୍-ଖ୍ୟା-ଅ) ଗଣନା, ବୁଦ୍ଧି, ବିଚାର ।

ସଂଖ୍ୟାତ, ବିଂ. ଗଣନା କରିବା, ବିଖ୍ୟାତ ।

ସଙ୍ଗ, ବି. (ସନ୍ଜ୍-ଅ) ସଂସର୍ଗ, ସହବାସ, ଅନୁରାଗ ।

ସଙ୍ଗତ, ବିଂ. (ସମ-ଗମ୍-ତ) ଉପଯୁକ୍ତ, ମିଳିତ । ବି. ମିତ୍ରତା ।

ସଙ୍ଗତି, ବି. ( ସମ୍-ଗମ୍-ତି ) ମିଳନ, ଯୋଗ, ସୁଅବସ୍ଥା ।

ସଙ୍ଗମ, ବି. (ସମ୍-ଗମ-ଅ) ମିଳନ, ସଂଯୋଗ ।

ସଙ୍ଗାତ, ବି. (ଦେ) ମିତ । ସ୍ତ୍ରୀ. ସଙ୍ଗାତୁଣୀ ।

ସଙ୍ଗିନୀ, ବି. (ସଙ୍ଗ-ଇନ୍-ଈ) ସହଚାରିଣୀ ।

ସଙ୍ଗୀ, ବିଂ. (ସଙ୍ଗ-ଇନ୍) ସହଚର, ସମଭିବ୍ୟାହାରୀ ।

ସଙ୍ଗୀତ, ବି. (ସମ-ଗୀତ) ଗାନ, ତୌର୍ଯ୍ୟତ୍ରିକ ।

ସଙ୍ଗୀନ, ବିଂ. (ଦେ) ଭୟଙ୍କର, ଭୟାବହ, ବିଷମ ।

ସଂଗୃହୀତ, ବିଂ. (ସମ-ଗ୍ରହ୍-ତ) ସଙ୍କଳିତ, ଆହୃତ ।

ସଚରାଚର, ବିଂ. (ସ-ଚରାଚର) ସର୍ବସାଧାରଣ, ଜଗତ୍ ।

ସଚ୍ଚ, (ଚା) ବିଂ. (ଦେ) ଠିକ୍, ଯଥାର୍ଥ ।

ସଚି,(ଚୀ), ବି. (ସଚ୍-ଇ, ଈ ) ଇନ୍ଦ୍ରାଣୀ ।

ସଚିବ, ବି. (ସଚି-ବା-ଅ) ସହାୟ, ସଙ୍ଗୀ, ମନ୍ତ୍ରୀ ।

ସଚେତନ, ବିଂ. ( ସ-ଚେତନା ) ଚୈତନ୍ୟବିଶିଷ୍ଟ, ପ୍ରାଣୀ ।

ସଚେଷ୍ଟ, ବିଂ. (ସ-ଚେଷ୍ଟା) ଚେଷ୍ଟାଯୁକ୍ତ, ଉଦ୍ୟୋଗୀ ।

ସଚ୍ଚିଦାନନ୍ଦ, ବି. ( ସତ୍-ଚିତ୍-ଆନନ୍ଦ ) ବ୍ରହ୍ମ, ପରମେଶ୍ୱର ।

ସଚ୍ଛଳ }
ସ୍ୱଚ୍ଛଳ } ବିଂ. (ସଚ୍ଛୀଳ ଶବ୍ଦଜ) ଦାତା, ବଦାନ୍ୟ ।

ସଜ, ବିଂ. (ସଦ୍ୟ ଶବ୍ଦଜ) ନୂଆ, ଯାହା ବାସି ନୁହେଁ, ବେଶ, ଉପକରଣ, ଅଳଙ୍କାର, କର୍ମକରାଙ୍କ ହତିଆର, ସୁବିଧା, ସଜ୍ଜିତ, ଭୂଷିତ ।

ସଜଡ଼ା, ବିଂ. (ଦେ) ସଜ୍ଜିତ ।

ସଜନା, ବି. (ଦେ) ଶୋଭାଞ୍ଜନବୃକ୍ଷ ।

ସଜନୀ, ବି. (ସ୍ୱଜନ ଶବ୍ଦଜ) ସହଚାରିଣୀ, ଆପଣା ସ୍ତ୍ରୀ ।

ସଜଳସ, ବି. (ସର୍ଜରସ ଶବ୍ଦଜ) ଝୁଣା ।

ସଜା, ବି. (ଯା) ଦଣ୍ଡ, ଶାସ୍ତି ।

ସଜାଡ଼, ବିଂ. (ଦେ) ସୁସଜ୍ଜ, ସୁସନ୍ନିବେଶ ।

ସଜାଡ଼ିବା, କ୍ରି. (ସଜ୍ଜା ଶବ୍ଦଜ) ସଜ୍ଜିତ କରିବା ।

ସଜିଲ୍, ବିଂ. (ଦେ) ଠିକ୍, ସୁବିଧାଜନକ ।

ସଜୀବ, ବିଂ. (ସ-ଜୀବ) ଜୀବିତ, ଯାହାର ଜୀବନ ଅଛି ।

ସଜ୍ଜ, ବିଂ. (ସସ୍ଜ୍-ଅ) ସଜ୍ଜିତ, ଭୂଷିତ, ବର୍ମିତ ।

ସଜ୍ଜନ, ବିଂ. (ସତ୍-ଜନ) ସତ୍କୁଳୋଦ୍ଭବ, ସୁଜନ ।

ସଜ୍ଜା, ବି. (ସଜ୍ଜ-ଅ-ଆ) ବେଶଭୂଷା, ଆୟୋଜନ ।

ସଜ୍ଜିତ, ବିଂ. (ସଜ୍ଜ୍-ତ) ଭୂଷିତ, ସଜାଇବା ।

ସଞ୍ଚ, ବି. ( ସମ୍-ଚି-ଅ ) ପୁସ୍ତକ ଲେଖିବା ନିମିତ୍ତ ତାଳପତ୍ରାଦିର ବିଡ଼ା, ଗ୍ରନ୍ଥ । ବିଂ. ସୁଢ଼ଳ, ସୁନ୍ଦର ।

ସଞ୍ଚପିବା, କ୍ରି. (ଦେ) ସଞ୍ଚୟ କରିବା, ସଂକ୍ଷେପ କରିବା ।

ସଞ୍ଚୟ, ବି. (ସମ୍-ଚି-ଅ) ସମୂହ, ସଂଗ୍ରହ ।

ସଞ୍ଚୟୀ, ବିଂ. (ସଞ୍ଚୟ-ଇନ୍) ସଂଗ୍ରହକାରକ ।

ସଞ୍ଚରିତ, ବିଂ. ( ସମ୍-ଚର୍-ତ ) ପ୍ରଚଳିତ, ପ୍ରସ୍ଥିତ ।

ସଞ୍ଚଳନ, ବି. ( ସମ୍-ଚଳ-ଅନ ) କମ୍ପନ, ପ୍ରଚଳନ ।

ସଞ୍ଚା, ବି. (ଦେ) ଖାଦ୍ୟସାମଗ୍ରୀ, ଚହ୍ନ, ଦାଗ ।
ସଞ୍ଚାଣ, ବି. (ଦେ) ଶ୍ୟେନପକ୍ଷୀ, ଛଞ୍ଚାଣ ।
ସଞ୍ଚାର } ବି. (ସମ୍-ଚର୍-ଅ, ଅନ) ଗତି, ବୃଦ୍ଧି,
ସଞ୍ଚରଣ } ବିସ୍ତାର ।
ସଞ୍ଚାରିତ, ବିଂ. (ସମ୍-ଚର୍-ତ) ଇତସ୍ତତଃ ଚାଳିତ ।
ସଞ୍ଚାରୀ, ବିଂ. (ସମ୍-ଚର-ଇନ୍) ଗତିଶୀଳ,ଅସ୍ଥାୟୀ।
ସଞ୍ଚିତ ବିଂ, (ସମ୍-ଚି-ତ) ସଂଗୃହୀତ, ସଞ୍ଚୟ କରିଥିବା ।
ସଞ୍ଚିବା, କି. (ଦେ) ସଞ୍ଚୟ କରିବା ।
ସଞ୍ଜ, ବି. (ଦେ) ସନ୍ଧ୍ୟା ।
ସଞ୍ଜା, ବି. ( ଦେ ) ପ୍ରଜାଉତ୍ପାଦିତ ଶସ୍ୟର ନିର୍ଦ୍ଦିଷ୍ଟ ରାଜଅଂଶ ।
ସଞ୍ଜାପ, ବି. (ଦେ) ଧଡ଼ୀ ।
ସଞ୍ଜୀବନୀ, ବି. (ସମ୍-ଜୀବନୀ) ଜୀବନଦାୟିନୀ ଔଷଧ-ବିଶେଷ ।
ସଟା, ବି. (ସଟ୍-ଅ-ଆ) ଜଟା, କେଶର, ଶିଖା ।
ସଟାବଟା, ବି. (ଦେ) ସ୍ତୋକବାକ୍ୟ, କୌଶଳପୂର୍ଣ୍ଣ ମୀମାଂସା, ସାମାନ୍ୟ, ତୁଚ୍ଛ ।
ସଡ଼, ବିଂ. (ଦେ) ଘୃତ ତୈଳାଦିଦ୍ୱାରା ପରିପକ୍ୱ ।
ସଡକ, ବି. (ପାରଶୀ ଶବ୍ଦ) ରାସ୍ତା ,ବର୍ତ୍ମ, ପଥ ।
ସଡ଼ା, ବିଂ. (ଦେ) ପଚା ।
ସଡ଼ିବା, କି. (ଦେ) ପଚିବା ।
ସଡ଼ା, (ଢ଼ା) ଇ, ବି. (ଦେ) ନଡ଼ିଆର ଖୋଳ ।
ସଢ଼ୁ, ବି. (ଦେ) ଭାର୍ଯ୍ୟାର ଭଗିନୀପତି ।

ସଣ୍ଟଣା, ବି. (ଦେ) ମର୍ଯ୍ୟାଦା ।

ସଣ୍ଡୁଆସୀ, ବି. (ଦେ) ଲୁହାର ଏକପ୍ରକାର ଚମୁଟା ।

ସତ, ବି. (ଦେ) ସତ୍ୟ, ସତ୍ତ୍ୱଗୁଣ ।

ସତଚାଳିଶ, ବିଂ. (ଦେ) ୪୭ ସଂଖ୍ୟା ।

ସତତ, କ୍ରି. ବିଂ. (ସମ୍-ତନ୍-ତ) ନିରନ୍ତର, ସର୍ବଦା ।

ସତର, ବିଂ. (ଦେ) ୧୭ ସଂଖ୍ୟା ।

ସତର୍କ, ବିଂ. (ସ-ତର୍କ) ସାବଧାନ, ତର୍କଯୁକ୍ତ ।

ସତୀ, ବିଂ. (ସତ୍-ଈ) ସାଧ୍ୱୀ, ପତିବ୍ରତା ।

ସତୀତ୍ୱ, ବି. (ସତୀ-ତ୍ୱ) ପାତିବ୍ରତ୍ୟ, ସତୀ ସ୍ତ୍ରୀର ଧର୍ମ ।

ସତୀର୍ଥ, ବିଂ. (ସ-ତୀର୍ଥ) ସହାଧ୍ୟାୟୀ, ଏକ ଗୁରୁର ଶିଷ୍ୟ ।

ସତୃଷ୍ଣ, ବିଂ. (ସ-ତୃଷ୍ଣା) ପିପାସିତ, ଅଭିଳାଷୀ ।

ସତେଜ, ବିଂ. (ସ-ତେଜ) ତେଜସ୍ୱୀ, ବଳବାନ ।

ସତ୍, ବିଂ. (ଅସ୍-ଅତ ) ସତ୍ୟ, ପ୍ରଶସ୍ତ, ଉତ୍ତମ ।

ସତ୍କାର / ସତ୍କୃତି / ସତ୍କ୍ରିୟା } ବି. ( ସତ୍-କାର, କୃତି, କ୍ରିୟା ) ସମାଦର, ପୂଜା, ସମ୍ମାନ ।

ସତ୍ତମ, ବିଂ. (ସତ୍-ତମ) ପୂଜ୍ୟ, ଅତିଉତ୍ତମ ସାଧୁ ।

ସତ୍ତା, ବି. (ସତ୍-ତା) ସ୍ଥିତି, ବିଦ୍ୟମାନତା, ଉତ୍ପତ୍ତି ।

ସତ୍ତ୍ୱ, ବି. (ସତ୍-ତ୍ୱ) ଦୟା, ଭକ୍ତି ପ୍ରଭୃତି ପ୍ରକୃତିର ଉଚ୍ଚଗୁଣ, ବଳ, ସାର ।

ସତ୍ତ୍ୱ / ସତ୍ୱ } ବି. (ସତ୍-ତ୍ୱ) ପ୍ରାଣୀ, ଜନ୍ତୁ ।

ସତ୍ତ୍ୱବାନ୍, ବିଂ. (ସତ୍ତ୍ୱ-ବତ୍) ସତ୍ତ୍ୱଗୁଣବିଶିଷ୍ଟ, ସ୍ଥାୟୀ, ସ୍ୱାଭାବିକ, ଧାର୍ମିକ, ନିଷ୍ପାପ ।

ସତ୍ୟ, ବି. (ସତ୍-ଯ) ଅମିଥ୍ୟା, ଯାଥାର୍ଥ୍ୟ, ପ୍ରତିଜ୍ଞା, ପ୍ରଥମ ଯୁଗ, ଶପଥ । ବିଂ. ପ୍ରକୃତ ।

ସତ୍ୟନାରାୟଣ, ବି. ସତ୍ୟପୀର, ନାରାୟଣ ।

ସତ୍ୟବତୀ, ବି. ବ୍ୟାସଦେବଙ୍କ ମାତା ।

ସତ୍ୟବାଦୀ, ବିଂ. (ସତ୍ୟ-ବଦ୍-ଇନ୍) ଯେ ସତ୍ୟକଥା କହେ ।

ସତ୍ୟବ୍ରତ, ବିଂ. (ସତ୍ୟ-ବ୍ରତ) ସତ୍ୟପରାୟଣ । ବି. ଭୀଷ୍ମ ।

ସତ୍ୟସନ୍ଧ, ବିଂ. (ସତ୍ୟ-ସନ୍ଧା) ସତ୍ୟପ୍ରତିଜ୍ଞ ।

ସତ୍ର, ବି. (ସନ୍-ଅ) ଯଜ୍ଞ, ସତ୍ୟବ୍ରତ ।

ସତ୍ୱର, କ୍ରି. ବିଂ. (ସ-ତ୍ୱରା) ଶୀଘ୍ର, ଅବିଳମ୍ବ ।

ସଦନ, ବି. (ସଦ୍-ଅନ) ନିଳୟ, ଗୃହ, ଘର ।

ସଦୟ, ବିଂ. (ସ-ଦୟା) ଦୟାଳୁ, କୃପାବିଶିଷ୍ଟ ।

ସଦର, ବିଂ. (ଯା) ପ୍ରକାଶ୍ୟ, ପ୍ରଧାନ ।

ସଦଃ, ବି. (ସଦ୍-ଅସ୍) ସଭା ।

ସଦସ୍ୟ, ବି. (ସଦସ୍-ଯ) ସଭାସଦ୍, ସଭ୍ୟ, ଯଜ୍ଞରେ ବିଧିଦର୍ଶକ ।

ସଦା, ଅଂ. (ସ-ଦା) ସର୍ବଦା, ନିୟତ, ଅବିଶ୍ରାନ୍ତ ।

ସଦାଗତି, ବି. (ସଦା-ଗତି) ସୂର୍ଯ୍ୟ, ବାୟୁ । ବିଂ. ସର୍ବଦା ଗତିଶୀଳ ।

ସଦାଚାର, ବି. (ସତ୍-ଆଚାର) ଭଲ ବ୍ୟବହାର, ସାଧୁ ଆଚରଣ ।

ସଦାବ୍ରତ } ବି. (ସଦା-ବ୍ରତ) ନିତ୍ୟ ଅତିଥି-
ସଦାବର୍ତ୍ତ (ଦେ) } ସେବା ରୂପ ବ୍ରତ ।

ସଦାଶିବ, ବି. (ସଦା-ଶିବ) ମହାଦେବ ।

ସଦୃଶ, ବିଂ. (ସ-ଦୃଶ-ଅ) ଅନୁରୂପ, ସମାନ, ତୁଲ୍ୟ, ଉପଯୁକ୍ତ, ଯୋଗ୍ୟ ।

ସଦ୍ଗତି, ବି. (ସଦ୍-ଗତି) ମୁକ୍ତି, ଉତ୍ତମଗତି ।

ସଦ୍ଭାବ, ବି. (ସତ୍-ଭାବ) ସାଧୁତା, ପ୍ରଶସ୍ତ, ବନ୍ଧୁତା ।

ସଦ୍ମ, ବି. (ସଦ୍-ମ) ଗୃହ, ନିକେତନ, ଆବାସ ।

ସଦ୍ୟଃ, ଅଂ. (ସ-ଦ୍ୟଃ) ତତ୍‌କ୍ଷଣାତ୍, ସେହିକ୍ଷଣି ।

ସଦ୍ୟୋଜାତ, ବିଂ. ( ସଦ୍ୟଃ-ଜାତ ) ତତ୍‌କ୍ଷଣରେ ଉତ୍ପନ୍ନ ।

ସଦ୍‌ବୃତ୍ତ, ବି. (ସଦ୍-ବୃତ୍ତ)ସାଧୁଜନୋଚିତ ବ୍ୟବହାର ।

ସଧର୍ମିଣୀ, ବି.(ସ-ଧର୍ମ-ଇନ୍-ଈ)ସଧର୍ମଚାରିଣୀ, ପତ୍ନୀ ।

ସଧବା, ବି. (ସ-ଧବ) ସଭର୍ତ୍ତୃକା, ପତିବତୀ ।

ସନ, ବି. (ଦେ) ସାଲ, ବର୍ଷ ।

ସନନ୍ଦ, ବି. (ଦେ) ପ୍ରମାଣସ୍ୱରୂପ ଲିଖିତ ପତ୍ରାଦି ।

ସନାକ୍ତ, ବିଂ. (ଯା) ପ୍ରମାଣିତ ।

ସନାତନ, ବି. ( ସଦା-ତନ ) ବ୍ରହ୍ମା, ବିଷ୍ଣୁ, ଶିବ । ବିଂ. ଚିରସ୍ଥାୟୀ, ନିତ୍ୟ ।

ସନ୍ତକ, ବି. (ଦେ) ସ୍ୱାକ୍ଷର ପରିବର୍ତ୍ତେ ଅଙ୍କିତ ଚିହ୍ନ, ନିଦର୍ଶନ, ସନ୍ତାନ, ପଂକ୍ତି, ଶ୍ରେଣୀ ।

ସନ୍ତତ, କ୍ରି. ବିଂ. (ସମ୍-ତନ୍-ତ) ସତତ, ନିରନ୍ତର ।

ସନ୍ତତି, ବି. ( ସମ-ତନ୍-ତି ) ବଂଶ, ଗୋତ୍ର, ପୁତ୍ର ବା କନ୍ୟା ।

ସନ୍ତପ୍ତ, ବିଂ. (ସମ୍-ତପ୍-ତ) ସନ୍ତାପଯୁକ୍ତ, କ୍ଲିଷ୍ଟ ।

ସନ୍ତରଣ, ବି.(ସମ୍-ତୃ-ଅନ)ପାରଗମନ, ପହଁରିବା ।

ସନ୍ତରି, ବି. (ଦେ) ଓଦାଭୂମି, ତୃଣବିଶେଷ ।

ସନ୍ତର୍ପଣ, ବିଂ. (ସମ୍-ତୃପ୍-ଣିଚ୍-ଅନ) ତୃପ୍ତିକର । ବି. ତୃପ୍ତିକରଣ ।

ସନ୍ତସନ୍ତଆ, ବିଂ. (ଦେ) ଓଦା, ସର୍ବଦା ଆର୍ଦ୍ର ।

ସନ୍ତାଇବା, କ୍ରି. (ଦେ)ସନ୍ତାପିତ କରିବା,କଷ୍ଟ ଦେବା ।

ସନ୍ତାନ, ବି. (ସମ୍-ତନ୍-ଅ ) ବଂଶ, ଅପତ୍ୟ ।

ସନ୍ତାପ, ବି.(ସମ୍-ତପ୍-ଅ)ମନସ୍ତାପ,ଅନ୍ତର୍ଦାହ,ଦୁଃଖ ।

ସନ୍ତାପିତ, ବିଂ. ( ସନ୍ତାପ-ଇତ ) ସନ୍ତାପଯୁକ୍ତ, ଦୁଃଖିତ, ଉତ୍ତପ୍ତ ।

ସନ୍ତୁଳା, ବି. (ଦେ) ଏକପ୍ରକାର ତରକାରି ।

ସନ୍ତୁଳିବା, କ୍ରି. (ଦେ) ତରକାରିକୁ ତେଲ ପ୍ରଭୃତି ଦ୍ୱାରା ଭାଜିବା, କଷ୍ଟ ଦେବା ।

ସନ୍ତୁଷ୍ଟ, ବିଂ. (ସମ-ତୁଷ୍ଟ) ସନ୍ତୋଷଯୁକ୍ତ, ତୃପ୍ତ ।

ସନ୍ତୋଷ, ବି. (ସମ୍-ତୁଷ୍-ଅ) ତୃପ୍ତି, ଆହ୍ଲାଦ ।

ସନ୍ଥ, ବି. (ଦେ) ସାଧବ୍ୟକ୍ତି, ଯେଉଁ ପାଠ ଶିଷ୍ୟକୁ ଶିଖିବାକୁ ଦିଆଯାଏ ।

ସନ୍ଦଂଶ, ବି. (ସମ୍-ଦନ୍ଶ୍-ଅ) ସଣ୍ଡୁଆସି ।

ସନ୍ଦର୍ଭ, ବି. (ସମ୍-ଦୃଭ-ଅ) ପ୍ରବନ୍ଧ, ପରସ୍ପର ସଂବନ୍ଧ, ରଚନା, ଗ୍ରନ୍ଥ ।

ସନ୍ଦର୍ଶନ, ବିଂ. (ସମ୍-ଦୃଶ୍-ଅନ) ପରୀକ୍ଷା, ଅବଲୋକନ ।
ସନ୍ଦିଗ୍ଧ, ବିଂ. (ସମ୍-ଦିହ୍-ତ) ସନ୍ଦେହଯୁକ୍ତ, ସଂଶୟିତ ।
ସନ୍ଦିହାନ, ବିଂ. ( ସମ-ଦିହ୍-ଆନ ) ସନ୍ଦେହାନ୍ୱିତ ।
ସନ୍ଦେଶ, ବି. (ସମ୍-ଦିଶ୍-ଅ) ଆଦେଶ, ବାର୍ତ୍ତା ।
ସନ୍ଦେହ, ବି. (ସମ୍-ଦିହ୍-ଅ) ସଂଶୟ, ଦ୍ୱୈଧଜ୍ଞାନ ।
ସନ୍ଦୋହ, ବି. (ସମ୍-ଦୁହ୍-ଅ) ସମୂହ, ଗଣ ।
ସନ୍ଧା, ବି. (ସମ୍-ଧା-ଅ, ଆ) ପ୍ରତିଜ୍ଞା, ସନ୍ଧି, ଅନୁସନ୍ଧାନ ।
ସନ୍ଧାନ, ବି. ( ସମ୍-ଧା-ଅନ ) ସନ୍ଧି, ମିଳନ, ମିଶ୍ରଣ, ଅନ୍ୱେଷଣ ।
ସନ୍ଧାଳୀ, ବିଂ. (ଦେ) ଭେଦୁଆ, ଚର, ସନ୍ଧାନକାରୀ ।
ସନ୍ଧି, ବି. (ସମ୍-ଧା-ଇ) ମିଳନ, ମିଳନସ୍ଥାନ ।
ସନ୍ଧିପୂଜା, ବି. ମହାନବମୀର ଆଦ୍ୟଦଣ୍ଡ ପୂଜା ।
ସନ୍ଧିବା, କ୍ରି. (ଦେ) ସନ୍ଧାନ କରିବା, ଢାଳିକରି ଏକତ୍ର ମିଶାଇବା ।
ସନ୍ଧ୍ୟା, ବି. (ସନ୍ଧି-ଯ-ଆ, ସମ୍-ଧ୍ୟୈ-ଯ-ଆ) ଦିବା ରାତ୍ରିର ମିଳନକାଳ, ଉପାସନା ।
ସନ୍ନଦ୍ଧ, ବିଂ. (ସମ୍-ନହ୍-ତ) ବର୍ମିତ, ଅସ୍ତ୍ରସଜ୍ଜିତ ।
ସନ୍ନାହ, ବି (ସମ୍-ନହ୍-ଅ) କବଚ ।
ସନ୍ନିକର୍ଷ, ବି. (ସମ୍-ନି-କୃଷ୍-ଅ) ସାନ୍ନିଧ୍ୟ, ନୈକଟ୍ୟ ।
ସନ୍ନିକୃଷ୍ଟ, ବିଂ. ( ସମ୍-ନି-କୃଷ୍-ତ ) ସନ୍ନିହିତ, ନିକଟବର୍ତ୍ତୀ ।
ସନ୍ନିଧାନ, ସନ୍ନିଧି } ବି. ( ସମ୍-ନି-ଧା-ଅନ, ଇ ) ସାମୀପ୍ୟ, ନିକଟ ।

ସନ୍ନିପାତ } ବି. ( ସମ୍-ନି-ପତ୍-ଅ, ଅନ) ସମୂହ,
ସନ୍ନିଧାତନ } ଏକତ୍ର ।

ସନ୍ନିବିଷ୍ଟ, ବିଂ. ( ସମ୍-ନି-ବିଶ୍-ତ ) ଉପବିଷ୍ଟ, ନିକଟସ୍ଥ, ସଂସ୍ଥାନ୍ତ ।

ସନ୍ନିବେଶ, ବି. (ସମ-ନି-ବିଶ -ଅ) ରଚନା, ବିନ୍ୟାସ, ସ୍ଥାନ, ନିକଟ ।

ସନ୍ନିହିତ, ବି. (ସମ-ନି-ଧା-ତ) ନିକଟବର୍ତ୍ତୀ,ସମୀପସ୍ଥ ।

ସନ୍ନ୍ୟାସ, ବି. (ସମ-ନି-ଅସ୍-ଅ) ସଂସାରକାମନାତ୍ୟାଗ, ତ୍ୟାଗ, ହଠାତ୍ ମୃତ୍ୟୁ ରୋଗବିଶେଷ ।

ସନ୍ନ୍ୟାସୀ, ବି. (ସନ୍ନ୍ୟାସ-ଇନ୍) ଭିକ୍ଷୁ, ଚତୁର୍ଥାଶ୍ରମୀ ।

ସନ୍ମାନ, ବି. (ସତ୍-ମାନ) ସମ୍ମାନ, ଆସ୍ଥା ।

ସପ, ବି. (ଦେ) ସଉପ ମସିଣା

ସପକ୍ଷ, ବି. (ସ-ପକ୍ଷ) ସହାୟ, ଅନୁକୂଳ, ତୁଲ୍ୟ । ବିଂ. ପକ୍ଷଯୁକ୍ତ ।

ସପଥ, ବି. (ଶପଥ ଶବ୍ଦଜ) ଶପଥ, ରାଣ

ସପତଣୀ, ବି. (ଦେ) ସପତ୍ନୀ, ସଉତୁଣୀ ।

ସପତ୍ନ, ବି. (ସହ-ପତ୍-ନ) ଶତ୍ରୁ, ବୈରୀ ।

ସପତ୍ନୀ, ବି.(ସ-ପତି-ଈ) ସମାନପତିକା ସ୍ତ୍ରୀ, ସଉତୁଣୀ ।

ସପର୍ଯ୍ୟା, ବି. (ସପର୍-ଯ-ଆ) ପୂଜା, ଆରାଧନା ।

ସପିଣ୍ଡ, ବି. (ସ-ପିଣ୍ଡ) ସାତ ପୁରୁଷର କୁଟୁମ୍ବ, ଜ୍ଞାତି ।

ସପୁରି, ବି. (ଦେ) କଅଁଳାତିଆ ଗଛର ଫଳବିଶେଷ, (ବଙ୍ଗଳା-ଆନାରସ)

ସପ୍ତ, ବି. (ସପ-ତ) ସାତ ସଂଖ୍ୟା, ୭ ।

ସପ୍ତକ, ବିଂ. (ସପ୍ତ-କ) ସପ୍ତସଂଖ୍ୟାବିଶିଷ୍ଟ, ସାତର ପୂରଣ ।

ସପ୍ତଚ୍ଛଦ } ବି. (ସପ୍ତ-ଚ୍ଛଦ, ପର୍ଣ୍ଣ) ଛତିଅନାଗଛ ।
ସପ୍ତପର୍ଣ୍ଣ }

ସପ୍ତତି, ବିଂ. (ସପ୍ତ-ତି) ସତୁରି ସଂଖ୍ୟା, ୭୦ ।

ସପ୍ତଦଶ, ବିଂ. (ସପ୍ତଦଶ-ଅ) ସତରର ପୂରଣ ।

ସପ୍ତମ, ବିଂ. (ସପ୍ତ-ମ) ସାତର ପୂରଣ ।

ସପ୍ତମୀ, ବି. (ସପ୍ତମ-ଈ) ତିଥିବିଶେଷ ।

ସପ୍ତର୍ଷି, ବି. ( ସପ୍ତ-ଋଷି ) ୭ ନକ୍ଷତ୍ର, ମରୀଚି, ଅତ୍ରି, ଅଙ୍ଗିରା, ପୁଲସ୍ତ୍ୟ, ପୁଲହ, କ୍ରତୁ, ବଶିଷ୍ଠ ଏହି ସାତ ଋଷି ।

ସପ୍ତସାଗର, ବି. ଲବଣ, ଇକ୍ଷୁ, ସୁରା, ସର୍ପିଃ, ଦଧି, ଦୁଗ୍ଧ, ଜଳ ଏହି ସପ୍ତ ପଦାର୍ଥର ସାତ ସମୁଦ୍ର ।

ସପ୍ତାହ, ବି. (ସପ୍ତନ୍-ଅହନ୍ ) ସାତ ଦିନ, ହପ୍ତା ।

ସଫର } ବି. (ସ୍ଫୁର ଧାତୁଜ) ମହୁରାଳି ମାଛ ।
ସଫରୀ }

ସଫଳ, ବିଂ. (ସ-ଫଳ) ସିଦ୍ଧ, ଫଳଯୁକ୍ତ ।

ସଫା, ବିଂ. (ଯା) ନିର୍ମଳ । କ୍ରି. ବିଂ. ପ୍ରକାଶ୍ୟରୂପେ ।

ସଫେଦ, ବିଂ. (ଯା) ସାଦା ।

ସବାଖିଆ, ବି. (ଦେ) ସର୍ବଭୁକ୍, ମାଂସଜାତିବିଶେଷ, କେଳା ।

ସଭା, ବି. ( ସ-ଭା-ଆ ) ପରିଷଦ୍, ସମାଜ, ଜନତା, ଗୃହ ।

ସଭାଜନ, ବି. ( ସଭାଜ୍-ଅନ ) ଅଭ୍ୟର୍ଥନା, ସତ୍କାର, ସଭାର ଲୋକ ।

ସଭାପତି, ବି. (ସଭା-ପତି) ସଭାର ବଶିଷ୍ଟ ଭାରପ୍ରାପ୍ତ ସଭ୍ୟ, ବଗ୍ଣ୍ରକ ।

ସଭାସଦ୍, ବି. (ସଭା-ସଦ୍-କ୍ୱିପ୍) ସଭ୍ୟ, ସାମାଜିକ ।

ସଭ୍ୟ, ବି. ( ସଭା-ଯ ) ସାମାଜିକ, ସଭାସଦ୍, ସାଧୁ, ସଜ୍ଜନ ।

ସମ , ଅଂ. (ଉପସର୍ଗ) ସଂଯୋଜକ, ସମ୍ୟକ୍, ସମୂହ, ସୌନ୍ଦର୍ଯ୍ୟ ।

ସମ, ବିଂ. (ସମ୍-ଅ) ସମଗ୍ର, ସକଳ, ତୁଲ୍ୟ, ସଦୃଶ, ଅବନ୍ଧୁର ।

ସମକକ୍ଷ, ବିଂ. ତୁଲ୍ୟ, ପ୍ରତିଯୋଗୀ, ତୁଲ୍ୟବଳ ।

ସମକୋଣ, ବି. ୯୦ ଡ଼ିଗ୍ରୀ ପରିମିତ କୋଣ ।

ସମକ୍ଷ, ବିଂ. (ସମ୍-ଅକ୍ଷି-ଅ) ସମ୍ମୁଖ, ପ୍ରତ୍ୟକ୍ଷ ।

ସମଗ୍ର, ବିଂ. (ସମ୍-ଗ୍ରହ୍-ଅ) ସମସ୍ତ, ସକଳ, ସମ୍ପୂର୍ଣ୍ଣ ।

ସମଜାଇବା, କ୍ରି. (ଦେ) ବୁଝାଇବା ।

ସମଜିବା, କ୍ରି. (ଦେ) ବୁଝିବା ।

ସମଞ୍ଜସ, ବିଂ. ( ସମ୍-ଅଞ୍ଜସା-ଅ ) ଉଚିତ, ଯୋଗ୍ୟ, ଉପଯୁକ୍ତ, ସଦୃଶ ।

ସମତଳ<br>ସମଦେଶ } ବି. (ସମ-ତଳ, ଦେଶ) ସମାନଭୂମି ।

ସମତା, ବି. (ସମ-ତା) ତୁଲ୍ୟତା, ସାଦୃଶ୍ୟ ।

ସମତୁଲ, ବିଂ. (ସମତୁଲ୍ୟ ଶବ୍ଦଜ) ସମାଧା, ଏକତୁଲ ।

**ସମଦଣ୍ଡ**, ବି. (ଦେ) ସେନା, ସୈନ୍ୟ ।

**ସମଦର୍ଶୀ**, ବି°. (ସମ୍-ଦୃଶ୍-ଇନ୍) ବିବେକୀ, ଆତ୍ମ-ତତ୍ତ୍ୱଜ୍ଞ, ସମଦର୍ଶକ ।

**ସମଧୀ**, ବି. (ଦେ) ସମ୍ବନ୍ଧୀ, ପୁତ୍ରକନ୍ୟାଙ୍କ ଶ୍ୱଶୁର । ସ୍ତ୍ରୀ. ସମଦୁଣୀ ।

**ସମଧିକ**, ବି°. (ସମ୍-ଅଧିକ) ବହୁତ, ପ୍ରଚୁର, ଅତ୍ୟଧିକ ।

**ସମନ୍**, ବି. (ଇଂ) ସରକାରଙ୍କ ଆଦେଶପତ୍ର ।

**ସମନ୍ୱୟ**, ବି, ( ସମ୍-ଅନୁ-ଇ-ଅ ) ସଂଯୋଗ, ଅବିରୋଧ ।

**ସମନ୍ୱିତ**, ବି°. (ସମ୍-ଅନ୍ୱିତ) ମିଳିତ, ସଂଯୁକ୍ତ ।

**ସମଭିବ୍ୟାହାର**, ବି. (ସମ୍-ଅଭି-ବି-ଆ-ହୃ-ଅ) ସଙ୍ଗ, ଏକତ୍ରାବସ୍ଥା ।

**ସମୟ**, ବି. (ସମ-ଇ-ଅ) ଅବସର, କାଳ ।

**ସମର**, ବି. (ସମ୍-ଋ-ଅ) ସଂଗ୍ରାମ, ଯୁଦ୍ଧ ।

**ସମର୍ଥ**, ବି°. (ସମ୍-ଅର୍ଥ୍-ଅ) ଶକ୍ତିବିଶିଷ୍ଟ, ବଳବାନ୍, କ୍ଷମତାପନ୍ନ ।

**ସମର୍ଥନ**, ବି. ( ସମ୍-ଅର୍ଥ-ଅନ ) ବିବେଚନା, ମୀମାଂସା, ମାନିବା ।

**ସମର୍ଥିତ**, ବି°. (ସମ୍-ଅର୍ଥ-ତ) ବିବେଚିତ, ଦୃଢ଼ୀକୃତ, ମୀମାଂସିତ ।

**ସମର୍ପଣ**, ବି. (ସମ୍-ଅର୍ପଣ) ଦାନ, ଅର୍ପଣ ।

**ସମର୍ପିତ**, ବି°. (ସମ୍-ଅର୍ପିତ) ଅର୍ପିତ, ଦତ୍ତ, ସ୍ଥାପିତ ।

**ସମବାୟ**, ବି. ( ସମ୍-ଅବ୍-ଇ-ଅ ) ନିତ୍ୟସମ୍ବନ୍ଧ, ମିଳନ, ସମୂହ ।

ସମବେତ, ବିଂ. (ସମ୍-ଅବ-ଇ-ତ) ମିଳିତ ।

ସମଷ୍ଟି, ବିଂ. (ସମ୍-ଅଶ୍-ତି) ସମ୍ୟକ୍‌ବ୍ୟାପ୍ତି, ଯୋଗ ।

ସମସ୍ତ, ବିଂ. ( ସମ୍-ଅସ୍-ତ ) ସମୁଦାୟ, ସକଳ ।

ସମସ୍ୟା, ବି. ( ସମ-ଅସ-ଯ-ଆ ) ପ୍ରଶ୍ନର ଉତ୍ତରର ସମାଧାନ, ପ୍ରଶ୍ନ ।

ସମାକୁଳ, ବିଂ. (ସମ୍-ଆକୁଳ) ବ୍ୟାକୁଳ, କାତର ।

ସମାଗତ, ବିଂ. (ସମ୍-ଆଗତ) ମିଳିତ, ଉପସ୍ଥିତ ।

ସମାଚାର, ବି. (ସମ-ଆ-ଚର୍-ଅ) ଉତ୍ତମ ଆଚରଣ । (ଦେ) ସମ୍ବାଦ ।

ସମାଚ୍ଛନ୍ନ, ବିଂ. (ସମ୍-ଆଚ୍ଛନ୍ନ) ଆଚ୍ଛାଦିତ, ଆବୃତ ।

ସମାଜ, ବି. (ସମ୍-ଅଜ୍-ଅ) ସମୂହ, ଦଳ, ଗଣ ।

ସମାଦର, ବି. [illegible] ସମ୍ମାନ ।

ସମାଦୃତ, ବିଂ. ( ସମ-ଆଦୃତ ) ସମ୍ମାନିତ ।

ସମାଧା, ସମାଧାନ } ବି. (ସମ-ଆ-ଧା-ଆ, ଅନ) ସିଦ୍ଧାନ୍ତ, ବିରୋଧଭଞ୍ଜନ, ନିଷ୍ପତ୍ତି, ନିୟମ ।

ସମାଧି, ବି. ( ସମ-ଆ-ଧା-ଇ ) ଗମ୍ଭୀର ଧ୍ୟାନ, ଶବକୁ ଭୂଗର୍ଭରେ ପୋତିବା ।

ସମାନ, ବିଂ (ସ-ମାନ) ତୁଲ୍ୟ, ସଦୃଶ, ଅଭିନ୍ନ ।

ସମାନ୍ତରାଳ, ବିଂ. (ସମ-ଅନ୍ତରାଳ) ସମଦୂରବର୍ତ୍ତୀ ।

ସମାପନ, ବି. (ସମ-ଆପ୍-ଅନ) ସମାପ୍ତି, ସମ୍ପୂରଣ ।

ସମାପନ୍ନ, ବିଂ. ( ସମ-ଆ-ପଦ୍-ତ ) ସମାପ୍ତ, ପ୍ରାପ୍ତ, ଲବ୍ଧ ।

ସମାପିକା, ବି. ସ୍ତ୍ରୀ. ବାକ୍ୟର ସମାପ୍ତିବିଧାୟିନୀ (କ୍ରିୟା)

ସମାପିତ } ବି°. ( ସମ-ଆପ୍-ଣିଚ୍-ତ ) ସମ୍ପାଦିତ,
ସମାପ୍ତ } ନିଷ୍ପନ୍ନ, ସମ୍ପୂର୍ଣ୍ଣ ।

ସମାପ୍ତି, ବି. (ସମ-ଆପ୍-ତି) ସମାପନ, ଶେଷ ।

ସମାବର୍ତ୍ତନ, ବି. (ସମ୍-ଆ-ବୃତ୍-ଅନ) ଗୁରୁଗୃହରୁ ପ୍ରତ୍ୟାବର୍ତ୍ତନ ।

ସମାବୃତ, ବି°. (ସମ୍-ଆ-ବୃ-ତ) ବେଷ୍ଟିତ, ଆବୃତ ।

ସମାରୋହ, ବି. ( ସମ୍-ଆ-ରୁହ୍-ଅ ) ଅଭ୍ୟୁନ୍ନତ, ଆଡ଼ମ୍ବର, ଜାକଜମକ ।

ସମାବିଷ୍ଟ, ବି°. ( ସମ୍-ଆ-ବିଶ୍-ତ ) ଏକାଗ୍ରଚିତ୍ତ ।

ସମାବେଶ, ବି. (ସମ୍-ଆ-ବିଶ୍-ଅ) ପ୍ରବେଶ, ଏକତ୍ର ଅବସ୍ଥାନ ।

ସମାସ, ବି. ( ସମ-ଅସ-ଅ ) ସଂକ୍ଷେପ, ବହୁ ପଦର ଏକପଦୀକରଣ । (ସ-ପେ) ଅବ୍ୟୟୀ, କାର୍

ସମାସୀନ, ବି°. (ସମ୍-ଆସ୍-ଆନ)ଆସୀନ, ଉପବିଷ୍ଟ ।

ସମାହାର, ବି. (ସମ୍-ଆ-ହୃ-ଅ) ମିଳନ, ସଂଗ୍ରହ ।

ସମାହିତ, ବି°. (ସମ୍-ଆ-ଧା-ତ)ସମାଧିନିଷ୍ଠ,ଅବହିତ ।

ସମାହୃତ, ବି°. (ସମ୍-ଆ-ହୃ-ତ) ପ୍ରାପ୍ତ, ସଂଗୃହୀତ ।

ସ(ସା)ମିଆନା, ବି. (ଯା) ଚନ୍ଦୁଆ ।

ସମିତି, ବି. (ସମ୍-ଇ-ତି) ଯୁଦ୍ଧ, ସଭା, ସଂଘ ।

ସମିଧ, ବି. (ସମ୍-ଇନ୍ଧ୍-ଅ) ଅଗ୍ନି, ଯଜ୍ଞକାଷ୍ଠ ।

ସମୀକ୍ଷ୍ୟକାରୀ, ବି°. (ସମ୍-ଈକ୍ଷ୍-ଯ-କୃ-ଇନ) ପୂର୍ବାପର ବିବେଚନା କରି ଯେ କାର୍ଯ୍ୟ କରେ ।

ସମୀଚୀନ, ବି° ( ସମ୍ୟଚ୍-ଈନ ) ସତ୍ୟ, ଯଥାର୍ଥ, ଉପଯୁକ୍ତ ।

ସମୀପ, ବିଂ. ଅନ୍ତିକ, ନିକଟ ।

ସମୀର, ବି. (ସମ୍-ଈର-ଅ) ବାୟୁ, ଅନିଳ ।

ସମୀରଣ, ବି. (ସମ୍-ଈର୍-ଅନ) ବାୟୁ, ପଥିକ ।

ସମୁଚିତ, ବିଂ. (ସମ୍-ଉଚିତ) ଉପଯୁକ୍ତ, ଯୋଗ୍ୟ ।

ସମୁଚ୍ଚୟ, ବି. ( ସମ୍-ଉତ୍-ଚି-ଅ ) ସମାହାର, ମିଳନ, ସମୂହ ।

ସମୁଚ୍ଚିତ, ବିଂ. ( ସମ୍-ଉତ୍-ଚି-ତ ) ରାଶୀକୃତ, ସଂଗୃହୀତ ।

ସମୁତ୍କୀର୍ଣ୍ଣ, ବିଂ. (ସମ୍-ଉତ୍-କୃ-ତ) କ୍ଷୋଦିତ, ବିଦ୍ଧ ।

ସମୁତ୍ଥ } ବିଂ. (ସମ୍-ଉତ୍-ସ୍ଥା-ଅ, ତ) ଉତ୍ପନ୍ନ,
ସମୁତ୍ଥିତ } ଜାତ, ଉଠିଥିବା ।

ସମୁତ୍ପନ୍ନ, ବିଂ. ( ସମ୍-ଉତ୍-ପଦ୍-ତ ) ଉତ୍ପନ୍ନ, ଜାତ, ପ୍ରବୃତ୍ତ ।

ସମୁତ୍ପାଟ } ବି. (ସମ୍-ଉତ୍-ପାଟି-ଅ, ଅନ) ଉନ୍ମୂଳନ ।
ସମୁତ୍ପାଟନ }

ସମୁତ୍ପାଟିତ, ବିଂ. (ସମ୍-ଉତ୍-ପାଟି-ତ) ଉନ୍ମୂଳିତ ।

ସମୁତ୍ସାଦିତ, ବିଂ. (ସମ୍-ଉତ୍-ସାଦି-ତ) ବିନାଶିତ ।

ସମୁତ୍ସୁକ, ବିଂ. (ସମ୍-ଉତ୍ସୁକ) ଉତ୍କଣ୍ଠିତ, ଚିନ୍ତିତ ।

ସମୁଦୟ, ବି. ( ସମ-ଉତ୍-ଇ-ଅ ) ସମଗ୍ର, ସକଳ ।

ସମୁଦାୟ, ବି. (ସମ୍-ଉତ୍-ଇ-ଅ) ସମଗ୍ର, ସକଳ, ଯୁଦ୍ଧ ।

ସମୁଦିତ, ବିଂ. ( ସମ୍-ଉତ୍-ଇ-ତ ) ଉତ୍ଥିତ, ଉନ୍ନତ, ଉତ୍ପନ୍ନ ।

ସମୁଧୀ, ବ. ( ସମ୍ବନ୍ଧିନ୍ ଶବ୍ଦଜ ) ପୁତ୍ର ଓ କନ୍ୟାର ଶ୍ୱଶୁର । ସ୍ତ୍ରୀ. ସମୁଧୁଣୀ ।

ସମୁଦ୍ଗ,(କ),ବ.(ସମ-ଉତ୍-ଗମ୍-ଅ)ସମ୍ପୁଟକ,ଫରୁଆ।

ସମୁଦ୍ଗତ, ବି°. ( ସମ-ଉତ୍-ଗମ୍-ତ ) ଉଦ୍ଗତ, ଉତ୍ପନ୍ନ, ଉତ୍ଥିତ ।

ସମୁଦ୍ୟତ, ବ. (ସମ୍-ଉଦ୍ୟତ) ସମ୍ୟକ୍ ଉଦ୍‌ଯୁକ୍ତ ।

ସମୁଦ୍ଭବ, ବ. (ସମ୍-ଉଦ୍ଭବ) ଉତ୍ପତ୍ତି, ଜନ୍ମ, କାରଣ ।

ସମୁଦ୍ଭୂତ, ବି°. (ସମ୍-ଉଦ୍ଭୂତ) ଉତ୍ପନ୍ନ ।

ସମୁଦ୍ର, ବ. (ସ-ମୁଦ୍-ର-ଅ)ଅମ୍ବୁଧି,ଜଳରାଶି,ସାଗ'

ସମୁନ୍ନତ, ବି° (ସମ୍-ଉନ୍ନତ) ଉନ୍ନତବିଶିଷ୍ଟ, ଉ‍ ମହତ୍ ।

ସମୁନ୍ନତି, ବ. (ସମ୍-ଉନ୍ନତି)ବୃଦ୍ଧି,ଉଚ୍ଚତା,ଉଚ୍ଚପଦ।

ସମୁଲ୍ଲେଖ, ବ. ( ସମ୍-ଉଲ୍ଲେଖ ) ଉଲ୍ଲେଖ, ଖନନ ।

ସମୂଳ,(କ), ବି°. (ସ-ମୂଳ,କ) ମୂଳସହିତ,ସହେ‍

ସମୂହ, ବ. (ସମ-ଊହ୍-ଅ) ସମୁଦାୟ, ରାଶି ।

ସମୃଦ୍ଧ, ବି°. (ସମ୍-ଋଧ୍-ତ) ସମୃଦ୍ଧିଯୁକ୍ତ,ବୃଦ୍ଧିଯୁକ୍ତ

ସମୃଦ୍ଧି, ବ. (ସମ-ଋଧ୍-ତି)ସମ୍ପତ୍ତି,ଐଶ୍ୱର୍ଯ୍ୟ,ଉନ୍ନତି ।

ସମେତ, ବି°. (ସମ୍-ଇ-ତ)ସହିତ,ସଂଯୁକ୍ତ,ମିଳିତ

ସମ୍ପତ୍ତି } ସମ୍ପଦ } ବ. (ସମ୍-ପଦ୍-ତି, ଅ) ବିଭୂତି, ଐଶ୍ୱର୍ଯ୍ୟ, ଧନ ।

ସମ୍ପନ୍ନ, ବି°. (ସମ୍-ପଦ୍-ତ) ସମଗ୍ର, ସମ୍ପୂର୍ଣ୍ଣ, ନିଷ୍ପନ୍ନ ।

ସମ୍ପର୍କ, ବ. (ସମ-ପୃଚ୍-ଅ) ସମ୍ବନ୍ଧ,ସଂଯୋଗ, ମି‍

ସମ୍ପର୍କୀୟ, ବ. (ସଂପର୍କ-ଈୟ)ସମ୍ବନ୍ଧବିଶିଷ୍ଟ,ସମ୍ବ:

ସମ୍ପା, ବି. (ସମ-ପତ୍-ଅ-ଆ) ବିଦ୍ୟୁତ୍, କ୍ଷଣପ୍ରଭା ।
ସମ୍ପାତ, ବି. (ସମ୍-ପତ୍-ଅ) ପତନ, ପ୍ରବେଶ,ଉଡ୍ଡୀନ ।
ସମ୍ପାଦକ, ବିଂ. ( ସମ୍-ପାଦ୍-ଅକ ) ନିଷ୍ପାଦକ ।
ସମ୍ପାଦନ, ବି. (ସମ୍-ପାଦ୍-ଅନ) ନିଷ୍ପାଦନ,ନିର୍ବାହ ।
ସମ୍ପାଦିତ, ବିଂ. (ସମ୍-ପାଦ୍-ତ)ନିଷ୍ପାଦିତ,ନିର୍ବାହିତ ।
ସମ୍ପାଦିବା, କ୍ରି. (ଦେ) ସମ୍ପନ୍ନ କରିବା ।
ସମ୍ପାଦ୍ୟ, ବିଂ. ( ସମ୍-ପଦ୍-ଯ ) ସମ୍ପାଦନଯୋଗ୍ୟ, ସାଧ୍ୟ, କରଣୀୟ ।
ସମ୍ପିବା, କ୍ରି. (ଦେ) ଗାଳିଦେବା, ସମର୍ପଣ କରିବା ।
ସମ୍ପୁଟ, ସମ୍ପୁଟକ } ବି. (ସମ୍-ପୁଟ୍-ଅ, କ) ପେଟରା ପ୍ରଭୃତି, ଫରୁଆ ।
ସମ୍ପୂର୍ଣ୍ଣ, ବିଂ. (ସମ୍-ପୂର୍ଣ୍ଣ) ପରିପୂର୍ଣ୍ଣ,ସମଗ୍ର,ସମାପ୍ତ ।
ସମ୍ପୃକ୍ତ, ବିଂ. ( ସମ୍-ପୃଚ୍-ତ ) ମିଳିତ, ମିଶ୍ରିତ ।
ସମ୍ପ୍ରତି, ଅଂ. (ସମ୍-ପ୍ରତି) ବର୍ତ୍ତମାନ, ଏହିକ୍ଷଣି ।
ସମ୍ପ୍ରଦାନ, ବି.(ସମ୍-ପ୍ର-ଦା-ଅନ)ଦାନୀୟବ୍ୟକ୍ତି, ଦାନ ।
ସମ୍ପ୍ରଦାୟ, ବି. (ସମ୍-ପ୍ର-ଦା-ଅ) ସମାଜ, ଦଳ ।
ସମ୍ପ୍ରାପ୍ତ, ବିଂ. (ସମ୍-ପ୍ରାପ୍ତ) ଲବ୍ଧ, ଆଗତ, ଉପସ୍ଥିତ ।
ସମ୍ବତ୍, ବି. (ସମ୍ବତ୍ସର ଶବ୍ଦଜ) ସାଲ, ବର୍ଷ ।
ସମ୍ବଦ୍ଧ, ବିଂ. ( ସମ୍-ବଧ୍-ତ ) ସମ୍ବନ୍ଧଯୁକ୍ତ ।
ସମ୍ବନ୍ଧ, ବି. (ସମ୍-ବନ୍ଧ-ଅ) ସଂସର୍ଗ, ସମ୍ପର୍କ, ସଂଯୋଗ ।
ସମ୍ବରଣ, ବି. (ସମ୍-ବୃ-ଅନ)ବରଣ, ବରମାଲ୍ୟଦାନ, ଲଜ୍ଜାବରଣ ।
ସମ୍ବରାରି, ବି. (ସମ୍ବର-ଅରି) କାମଦେବ, କନ୍ଦର୍ପ ।

ସମ୍ବଳ, ବି°. (ସମ୍ବ-ଅଳ)ପାଥେୟ, ବାଟଖରଚ, ପୁଞ୍ଜି ।
ସମ୍ବୋଧନ, ବି. (ସମ୍-ବୁଧ୍-ଅନ) ଆହ୍ୱାନ, ଆମନ୍ତ୍ରଣ ।
ସମ୍ଭଳୀ, ବି. (ସମ-ଭଳ-ଅ-ଈ) ଦୂତୀ, କୁଟ୍ଟଣୀ ।
ସମ୍ଭବ, ବି. (ସମ୍-ଭୂ-ଅ) ହେତୁ, କାରଣ, ଉତ୍ପତ୍ତି, ଜନ୍ମ ।
ସମ୍ଭାଇବା, କ୍ରି. (ଦେ) ପ୍ରବିଷ୍ଟ ହେବା, ଧରିବାର ଉପଯୁକ୍ତ ହେବା ।
ସମ୍ଭାର, ବି°. (ସମ୍-ଭୃ-ଅ)ସମୂହ, ରାଶି,ଉପକରଣ ।
ସମ୍ଭାଳିବା, କ୍ରି. (ଦେ) ସଂବୃତ କରିବା, ନିବାରଣ କରିବା, ଆୟତ୍ତ କରିବା ।
ସମ୍ଭାବନ / ସମ୍ଭାବନା } ବି. (ସମ୍-ଭାବ-ଅନ)ଚିନ୍ତା, ଯୋଗ୍ୟତା, ସ୍ୱୀକାର, ସମ୍ପାଦନ, ସଂଶୟ ।
ସମ୍ଭାବିତ, ବି°. (ସମ-ଭାବ-ତ) ପୂଜିତ, ସନ୍ଦେହର ବିଷୟ ।
ସମ୍ଭାବ୍ୟ, ବି°. (ସମ୍-ଭୂ-ଯ) ଶ୍ଳାଘ୍ୟ, ପ୍ରଶଂସନୀୟ ।
ସମ୍ଭାଷ / ସମ୍ଭାଷଣ / ସମ୍ଭାଷା } ବି. ( ସମ-ଭାଷ, ଅନ, ଆ ) ପରସ୍ପର କଥୋପକଥନ, ଆଳାପନ ।
ସମ୍ଭୂତ, ବି°. (ସମ୍-ଭୂ-ତ)ଉତ୍ପନ୍ନ, ଉଦ୍ଭୂତ, ଜାତ ।
ସମ୍ଭୋଗ, ବି. (ସମ୍-ଭୋଗ)ଉପଭୋଗ, ରତିକ୍ରିୟା ।
ସମ୍ଭ୍ରମ, ବି. ( ସମ୍-ଭ୍ରମ୍-ଅ ) ସମ୍ମାନ, ଗୌରବ, ମାନ୍ୟତା, ଆଦର, ଉଦ୍‌ବେଗ ।
ସମ୍ଭ୍ରାନ୍ତ, ବି°. (ସମ୍-ଭ୍ରମ୍-ତ)ମାନ୍ୟ, ଗୌରବାନ୍ୱିତ ।

ସମ୍ମତ, ବି°. ( ସମ୍-ମନ୍-ତ ) ଅଭିମତ, ଅନୁମତ ।
ସମ୍ମତି, ବି. ( ସମ୍-ମନ୍-ତି ) ଅନୁମତି, ଆଦେଶ, ମତ, ଇଚ୍ଛା ।
ସମ୍ମାନ, ବି. ( ସମ୍-ମାନ୍-ଅ ) ପୂଜା, ସମାଦର ।
ସମ୍ମାନିତ, ବି. (ସମ୍-ମାନ୍-ତ) ସମାଦୃତ, ସତ୍କୃତ ।
ସମ୍ମାର୍ଜନ, ବି°. ( ସମ୍-ମୃଜ୍-ଅନ ) ଶୋଧନ, ପରିଷ୍କରଣ ।
ସମ୍ମାର୍ଜନୀ, ବି. (ସମ୍ମାର୍ଜନ-ଈ) ଝାଡ଼ୁ ।
ସମ୍ମିଳନ, ବି. (ସମ୍-ମିଲ୍-ଅନ) ସଂଯୋଗ, ମିଳନ ।
ସମ୍ମିଳିତ, ବି°. ( ସମ୍-ମିଲ୍-ତ ) ଏକତ୍ରୀଭୂତ, ସମବେତ, ଠୁଳ ।
ସମ୍ମୁଖ, ବି°. (ସମ୍-ମୁଖ) ସମକ୍ଷ, ଅଭିମୁଖ ।
ସମ୍ମୁଖୀନ, ବି°. ( ସମ୍ମୁଖ-ଈନ ) ସମ୍ମୁଖସ୍ଥିତ ।
ସମ୍ମୋହନ, ବି°. ( ସମ୍-ମୋହ୍-ଅନ) ମୋହଜନକ ।
ସମ୍ୟକ୍, ଅ°. (ସମ-ଅଞ୍ଚ) ଯଥାର୍ଥ, ସଙ୍ଗତ ।
ସମ୍ରାଟ୍, ବି. (ସମ୍-ରାଜ୍-୦) ସାର୍ବଭୌମ,ରାଜାଧିରାଜ ।
ସରଃ, ବି. (ସୃ-ଅସ୍) ସରୋବର, ପୁଷ୍କରିଣୀ ।
ସର, ବି. ( ସୃ-ଅ ) ଦୁଗ୍ଧ ପ୍ରଭୃତିର ସାର, ବାଣ, ସରୋବର, ହାର ।
ସରକ, ବି (ସୃ-ଅକ) ସଡ଼କ ।
ସରକାର, ବି. (ଯା) ରାଜ୍ୟଶାସକ, ଶାସନପ୍ରଣାଳୀ ।
ସରଗରମ୍, ବି°. (ଯା) ଉତ୍ତେଜିତ, ଉଷ୍ଣତାଯୁକ୍ତ ।
ସରଘର, ବି (ଦେ) ଖାଦ୍ୟ ପଦାର୍ଥ ସଞ୍ଚୟ ଘର ।

ସରଘରଆ, ବି°. (ଦେ) ସରଘରର ତତ୍ତ୍ୱାବଧାରକ ।
ସରଘା, ବି. (ସର-ହନ୍-ଅ-ଆ) ମଧୁମକ୍ଷିକା ।
ସରଜମିନ୍, ବି. ( ଦେ ) ବିଷୟୀଭୂତ ଜମି, ଘଟନାସ୍ଥଳ ।
ସରଞ୍ଜାମ, ବି. (ଦେ) ସାମଗ୍ରୀ ।
ସରଟ, ବି. (ସୃ-ଅଟ,) କୃକଲାସ, ଏଣ୍ଡୁଅ ।
ସରଣ, ବି. ( ସୃ-ଅନ ) ଗମନ, ଲୌହମଳ । ବି°. ଗମନଶୀଳ ।
ସରଣି
ସରଣୀ } ବି. (ସୃ-ଅନି) ବର୍ତ୍ମ, ପଥ, ପଂକ୍ତି, ଶ୍ରେଣୀ ।
ସର(ରେ)ହ, ବି. (ଯା) ନିର୍ଦ୍ଦିଷ୍ଟ ଚକି, ନିୟମ ।
ସରଦାର, ବି. (ଯା) ପ୍ରଧାନ ବ୍ୟକ୍ତି ।
ସରଦି, ସର୍ଦ୍ଦି, ବି. (ଦେ) ଶ୍ଳେଷ୍ମା, ଲସମ, ଶୀତଳତା ।
ସରପଣା, ବି. (ଦେ) ଦୁଧସର ମିଶିଥିବା ପ୍ରପାନକ ।
ସରପୁଲି, ବି. (ଦେ) ଏକପ୍ରକାର ପିଠା ।
ସରମ, ବି. (ଦେ) ଲଜ୍ଜା ।
ସରଳ, ବି. (ସୃ-ଅଳ) ଦେବଦାରୁବୃକ୍ଷ, ଶାଳବୃକ୍ଷ । ବି°. ଅକପଟ, ଉଦାର, ସାଧୁ, ସିଧା ।
ସରବରା
ସର୍ବରା } ବି. (ଦେ) ଖଜଣା, ରାଜସ୍ୱ ।
ସରବରାକାର, ବି. (ଦେ) ଯେ ଖଜଣା ଅସୁଲ କରେ ।
ସରସ, ବି. (ସୃ-ଅସ) ସରୋବର, ରସଯୁକ୍ତ, ମଧୁର ।
ସରସିଜ, ବି. (ସରସି-ଜନ-ଅ) ପଦ୍ମ ।

ସରସୀ, ବି. (ସୃ-ଅସ୍-ଈ) ସରୋବର ।
ସରସ୍ୱତୀ, ବି. ( ସରସ୍ୱତ୍-ଈ ) ବାଗ୍ଦେବୀ, ବ୍ରାହ୍ମଣୀ, ବାଣୀ, ବାକ୍ୟ ।
ସରସ୍ୱାନ୍, ବି. (ସରସ-ବତ୍) ସମୁଦ୍ର , ସାଗର ।
ସରା, ବି. (ଦେ) ମୃତ୍ତିକାନିର୍ମିତ କ୍ଷୁଦ୍ର ପାତ୍ରବିଶେଷ ।
ସରାଇ, ବି. (ଯା) ପାନ୍ଥଶାଳା, ଯାତ୍ରିନିବାସ ।
ସରାଗ, ବିଂ. (ସ-ରାଗ) ଅନୁରକ୍ତ, ରଞ୍ଜିତ, ରକ୍ତବର୍ଣ୍ଣ । (ଦେ) ପ୍ରେମ, ଅନୁରାଗ ।
ସରାପ, ବି. (ଯା) ମଦ୍ୟ, ମଦ ।
ସରାଳି, ବି. (ଦେ) ହଂସରାଳି, ଜଳଚର ପକ୍ଷିବିଶେଷ ।
ସରି, ବି. ( ଦେ ) ସମାନ, ଧାରା, ଶ୍ରେଣୀ, ପର୍ଯ୍ୟନ୍ତ, ପରସ୍ତ ।
ସରିତ୍, ବି. (ସୃ-ଇତ୍) ନଦୀ ।
ସରିସମ, ବିଂ. (ଦେ) ତୁଲ୍ୟ ।
ସରି(ରି)ହଦ୍, ବି. (ଯା) ସୀମା ।
ସରୀସୃପ, ବି. (ଯଙ୍‌ନ୍ତ ସୃପ୍-ଅ) ବକ୍ର ସର୍ପ ଭେକାଦି ।
ସରୁ, ବିଂ. (ସୃ-ଉ) କ୍ଷୀଣ, ସୂକ୍ଷ୍ମ ।
ସରୋଜ }
ସରୋଜନ୍ମା } ବି. (ସରସ୍-ଜ, ଜନ୍ମନ୍) ପଦ୍ମ ।
ସରୋଜିନୀ, ବି. ( ସରୋଜ-ଇନ୍-ଈ ) କମଳିନୀ, ପଦ୍ମିନୀ, ପୁଷ୍କରିଣୀ ।
ସରୋରୁହ, ବି. (ସରଃରୁହ-ଅ) ପଦ୍ମ ।
ସରୋବର, ବି. (ସରସ୍-ବର) ପଦ୍ମାକର, ପୋଖରୀ ।

ସର୍ଗ, ବି. (ସୃଜ୍-ଅ) ସୃଷ୍ଟି, ନିର୍ମାଣ, ଉତ୍ପତ୍ତି, ଗ୍ରନ୍ଥର ପରିଚ୍ଛେଦ ।

ସର୍ଜ
ଶର୍ଜ } ବି. (ସୃଜ୍-ଅ) ଶାଳଗଛ ।

ସର୍ଜିବା, କ୍ରି. (ଦେ) ସୃଷ୍ଟି କରିବା ।

ସର୍ପ, ବି. (ସପ୍-ଅ) ସରୀସୃପବିଶେଷ, ସାପ ।

ସର୍ଦ୍ଦ
ସରଦ୍ } ବି. (ଯା) ଶ୍ଳେଷା, ଥଣ୍ଡା, ଲସମା ।

ସର୍ପଣ, ବି. (ସୃପ୍-ଅନ) ଗମନ, ଗତି ।

ସର୍ବ, ବିଂ. (ସର୍ବ-ଅ) ସମଗ୍ର, ସମୁଦାୟ, ସକଳ, ଶିବ ।

ସର୍ବଜନୀନ, ବିଂ. ( ସର୍ବଜନ-ଈନ ) ସମସ୍ତଙ୍କର ହିତକାରୀ ।

ସର୍ବଜ୍ଞ, ବି. (ସର୍ବ-ଜ୍ଞା) ଶିବ, ବୁଦ୍ଧ । ବିଂ. ଯେ ସବୁ ବିଷୟ ଜାଣନ୍ତି ।

ସର୍ବତୋଭାବେ, କ୍ରି. ବିଂ. (ସର୍ବତଃ-ଭାବେ) ସକଳ-ପ୍ରକାରେ ।

ସର୍ବତୋମୁଖ, ବିଂ. (ସର୍ବତଃ-ମୁଖ) ସର୍ବଦର୍ଶୀ ।

ସର୍ବତ୍ର, ଅଂ. (ସର୍ବ-ତ୍ର) ସବୁ ଜାଗାରେ, ସବୁ ସ୍ଥାନରେ ।

ସର୍ବଥା, ଅଂ. (ସର୍ବ-ଥା) ସକଳପ୍ରକାରେ, ଅତିଶୟ ।

ସର୍ବଦା, ଅଂ. (ସର୍ବ-ଦା) ସଦା, ସବୁ ସମୟରେ ।

ସର୍ବନାମ, ବି. ( ସର୍ବ-ନାମ ) ସମସ୍ତଙ୍କର ସଂଜ୍ଞା (ବିଶେଷ୍ୟପଦ ପରିବର୍ତ୍ତେ ଯାହା ବ୍ୟବହାର ହୁଏ) ।

ସର୍ବଂସହା, ବି. (ସର୍ବଂ-ସହ୍-ଆ) ବସୁମତୀ, ପୃଥିବୀ ।

ସର୍ବସ୍ୱ, ବି. (ସର୍ବ-ସ୍ୱ) ସମୁଦାୟ ଧନ, ସାର ।
ସର୍ଷପ, ବି. (ସୃ-ଅପ) ଶସ୍ୟବିଶେଷ, ସୋରିଷ ।
ସଲ } ବି. (ସଲ-ଅ, ଇଳ) ଅମ୍ବୁ, ବାରି, ଜଳ ।
ସଲିଳ }
ସଲଖ, ବିଂ. (ଦେ) ସିଧା, ଅବକ୍ର ।
ସଲଖିବା, କ୍ରି. (ଦେ) ସିଧା କରିବା ।
ସଲଭ, ବି ପତଙ୍ଗ ।
ସଲାମ୍, ବି. (ଯା) ଏକ ହସ୍ତରେ ନମସ୍କାର ।
ସଲାମୀ, ବି. (ଯା) ଭେଟି, ଉପହାର ।
ସଳି, ବି. (ଦେ) ଶଳୁ ।
ସଳିତା, ବି. (ଦେ) ପ୍ରଦୀପର ବର୍ତ୍ତିକା, ବଳିତା ।
ସଲିଳ, ବିଂ. (ସ-ଲୀଳା) ସକୌତୁକ, ଲୀଳାଯୁକ୍ତ, କୌତୁକୀ । ବି. ଜଳ
ସଲ୍ଲକୀ, ବି. (ସଲ-ଅକ) ସଜାରୁ, ଝିଙ୍କ ।
ସଲ୍ଲା, ବି.(ଯା) ଗୁପ୍ତମନ୍ତ୍ରଣା, ଗୁପ୍ତ ମିଳନ, କୌଶଳ ।
ସବର୍ଣ୍ଣ, ବିଂ. (ସ-ବର୍ଣ୍ଣ) ସମାନ ଜାତି ।
ସବଳ, ବି. (ସ-ବଳ) ବଳବାନ, ସସୈନ୍ୟ ।
ସବିତା, ବି. ( ସୂ-ତୃ ) ସୂର୍ଯ୍ୟ । ବିଂ. ଜନୟିତା ।
ସବୁ, ବି. (ସର୍ବ ଶବ୍ଦଜ) ସମସ୍ତ ।
ସବୁର୍, ବି. (ଯା) ଅପେକ୍ଷା, ଅବକାଶ ।
ସବ୍ୟ, ବି. (ସୁ-ଯ) ବାମ ।
ସବ୍ୟସାଚୀ, ବି. ( ସବ୍ୟ-ସଚ୍-ଇନ୍ ) ଅର୍ଜୁନ, ଯେ ବାମହସ୍ତରେ ମଧ୍ୟ ବାଣ କ୍ଷେପଣ କରି ପାରନ୍ତି ।

ସଶଙ୍କ, ବିଂ. (ସ-ଶଙ୍କା) ଶଙ୍କାଯୁକ୍ତ, ଭୀତ ।

ସସଜ୍ଜ, ବିଂ. (ସ-ସଜ୍ଜା) ସଜ୍ଜିତ, ସଜ୍ଜାଯୁକ୍ତ ।

ସସତ୍ତ୍ୱା, ବିଂ. ସ୍ତ୍ରୀ. (ସ-ସତ୍ତ୍ୱ-ଆ) ଗର୍ଭବତୀ ।

ସସ୍ତ୍ରୀକ, ବିଂ. (ସ-ସ୍ତ୍ରୀ-କ) ସ୍ତ୍ରୀସହିତ, ପତ୍ନୀ ସହିତ ।

ସସ୍ମିତ, ବିଂ. (ସ-ସ୍ମିତ) ସହାସ୍ୟ, ସମ୍ୟକ୍ ସ୍ମିତଯୁକ୍ତ ।

ସହ, ଅଂ. (ସହ୍-ଅ) ସହିତ, ସାକଲ୍ୟ, ସାଦୃଶ୍ୟ ।

ସହକାର, ବି. (ସହ-କୃ-ଅ) ଆମ୍ରବୃକ୍ଷ, ସାହାଯ୍ୟ ।

ସହକାରୀ, ବିଂ. (ସହ-କୃ-ଇନ୍)ସହାୟ,ସାହାଯ୍ୟକାରୀ ।

ସହଗମନ, ବି. (ସହ-ଗମନ) ମୃତ ସ୍ୱାମିଙ୍କ ସଙ୍ଗେ ମୃତ୍ୟୁ ।

ସହଚର, ବିଂ. (ସହ-ଚର-ଅ) ଅନୁଚର, ସଙ୍ଗୀ, ବୟସ୍ୟ । ସ୍ତ୍ରୀ. ସହଚରୀ ।

ସହଜ, ବିଂ. (ସହ-ଜନ୍-ଅ) ଅନାୟାସ, ଅକ୍ଲେଶ ।

ସହଦେବ, ବି. ମାଦ୍ରୀଙ୍କ ପୁତ୍ର, ୪ର୍ଥ ପାଣ୍ଡବ ।

ସହଧର୍ମିଣୀ } ବି. ପତ୍ନୀ, ଭାର୍ଯ୍ୟା ।
ସହଧର୍ମଚାରିଣୀ }

ସହନ, ବି. (ସହ୍-ଅନ) ସହିବା ।

ସହନୀୟ, ବିଂ. (ସହ୍-ଅନୀୟ) ସହନଯୋଗ୍ୟ ।

ସହମରଣ, ବି. ମୃତ ସ୍ୱାମିଙ୍କ ସଙ୍ଗେ ଚିତାନଳରେ ମରିବା ।

ସହଯୋଗୀ. ବିଂ. (ସହ-ଯୁଜ୍-ଇନ୍) ସାହାଯ୍ୟକାରୀ ।

ସହର, ବି. (ଯା) ନଗର ।

ସହବାସ, ବି. (ସହ-ବାସ) ଏକସଙ୍ଗରେ ରହିବା, ସଂସର୍ଗ, ସଙ୍ଗ ।

ସହସା, ଅଂ. (ସହ୍-ଅସା) ଶୀଘ୍ର, ହଠାତ୍, ଅକସ୍ମାତ୍ ।
ସହସ୍ର, ବି. ଦଶ ଶତ ସଂଖ୍ୟା, ହଜାର, ୧୦୦୦ ।
ସହସ୍ରରଶ୍ମି } ବି. ସୂର୍ଯ୍ୟ ।
ସହସ୍ରାଂଶୁ }
ସହସ୍ରାକ୍ଷ, ବି. (ସହସ୍ର-ଅକ୍ଷ) ଇନ୍ଦ୍ର, ବିଷ୍ଣୁ ।
ସହାଧ୍ୟାୟୀ, ବି. (ସହ-ଅଧ୍ୟାୟୀ) ଏକ ଗୁରୁଙ୍କ ଶିଷ୍ୟ, ସହପାଠୀ ।
ସହାନୁଭୂତ, ବି. ( ସହ-ଅନୁଭୂତ ) ଅନ୍ୟର ସୁଖ ଦୁଃଖରେ ସେହିପରି ସୁଖଦୁଃଖ ଅନୁଭବ କରିବା ।
ସହାୟ, ବି. (ସହ-ଇ-ଅ) ସହଚର, ସାହାଯ୍ୟକାରୀ ।
ସହିତ, ବିଂ. (ସହ-ଇତ) ସଂଯୁକ୍ତ ।
ସହିବା, କ୍ରି. (ଦେ) ସହ୍ୟ କରିବା ।
ସହିଷ୍ଣୁ, ବିଂ. (ସହ-ଇଷ୍ଣୁ) ସହନଶୀଳ ।
ସହିଷ୍ଣୁତା, ବି. (ସହିଷ୍ଣୁ-ତା) ସହନଶୀଳତା ।
ସହି, ବି. (ସଖୀ ଶବ୍ଦର ଅପଭ୍ରଂଶ) ସଖୀ, ସହଚରୀ ।
ସହୃଦୟ, ବି. (ସ-ହୃଦୟ) ରସିକ, ପ୍ରଶସ୍ତହୃଦୟ ।
ସହୋଦର, ବି (ସହ-ଉଦର) ଏକ ମାତାର ଗର୍ଭଜାତ ଭ୍ରାତା । ସ୍ତ୍ରୀ. ସହୋଦରୀ ।
ସହ୍ୟ, ବିଂ. (ସହ୍-ଯ) ସହନୀୟ, ସହନଯୋଗ୍ୟ । ବି. ପଶ୍ଚିମଘାଟ ପର୍ବତ ।
ସାଂବତ୍ସରିକ, ବିଂ. (ସଂବତ୍ସର-ଇକ) ବାର୍ଷିକ ।
ସାଂବାଦିକ, ବିଂ. ( ସଂବାଦ-ଇକ ) ସମ୍ବାଦଦାତା, ନୈୟାୟିକ ।

ସାଂସାରିକ, ବି°. (ସଂସାର-ଇକ) ସଂସାରସମ୍ବନ୍ଧୀୟ ।

ସାଆନ୍ତ. ବି. (ଦେ) ସାମନ୍ତ, କୁଳୀନ, ସ୍ୱାମୀ, ପ୍ରଭୁ, କୁଳୀନ ବ୍ରାହ୍ମଣ, ରାଜପରିବାରର ଅନ୍ତର ସନ୍ତାନ ।

ସାଇ, (ହି), ବି. ( ଦେ ) ସହରବାସିମାନଙ୍କର ଗୃହାବଳୀ ।

ସାଇଁ, ବି. (ଦେ) ସ୍ୱାମୀ, ପ୍ରଭୁ ।

ସାଇତା, ବି. ବି°. (ଦେ) ସଞ୍ଚୟ, ସଞ୍ଚିତ ।

ସାଇତିବା, କ୍ରି. (ଦେ) ସମ୍ପାଦିବା, ସଞ୍ଚୟ କରିବା ।

ସାଉଣ୍ଟିବା, କ୍ରି. (ଦେ) ସଂଗ୍ରହ କରିବା, ଗୋଟାଇବା, ଉଠାଇବା ।

ସାକର, ବି. ( ଦେ ) ଶର୍କରା, ଗୁଡ଼, ଖଣ୍ଡ ପ୍ରଭୃତି, ଏକପ୍ରକାର ମିଠାଇ, ମଧୁରାମ୍ଳ ବ୍ୟଞ୍ଜନବିଶେଷ ।

ସାକରପଟା, ବି. ( ଦେ ) ଉପର ଦ୍ୱାରବନ୍ଧରେ ଲାଗିଥିବା ପଟା ।

ସାକଲ୍ୟ, ବି. (ସକଳ-ଯ) ସମଗ୍ର, ସମୁଦାୟ ।

ସାକାର, ବି°. (ଦେ) ଆକାରଯୁକ୍ତ । ବି. ଈଶ୍ୱରଙ୍କର ଆକାର କଳ୍ପନା ।

ସାକିନ୍, ବି. (ଯା) ବାସସ୍ଥାନ ।

ସାକୁଲିଇବା, କ୍ରି. (ଦେ) କାକୁତି ବିନତି କରିବା ।

ସାକେତ, ବି. (ସହ-ଆ-କିତ୍-ଅ) ଅଯୋଧ୍ୟା ନଗର ।

ସାକ୍ଷର, ବି°. ( ସ-ଅକ୍ଷର ) ବିଦ୍ୱାନ୍, ଅକ୍ଷରଜ୍ଞାନ-ସମ୍ପନ୍ନ ।

ସାକ୍ଷାତ୍, ଅ°. (ସ-ଅକ୍ଷ-ଅତ୍-୦) ସମ୍ମୁଖରେ ପ୍ରତ୍ୟକ୍ଷ-ରୂପେ । ବି. (ଦେ) ସମ୍ମୁଖ ।

ସାକ୍ଷାତ୍କାର, ବି. (ସାକ୍ଷାତ୍-କୃ-ଅ) ଦେଖା କରିବା ।
ସାକ୍ଷୀ, ବିଂ. (ସ-ଅକ୍ଷି-ଇନ୍) ପ୍ରତ୍ୟକ୍ଷଦର୍ଶୀ, ସ୍ୱୟଂଦ୍ରଷ୍ଟା ।
ସାକ୍ଷ୍ୟ, ବିଂ. (ସାକ୍ଷିନ୍-ଯ) ସାକ୍ଷିର କର୍ମ,ପ୍ରମାଣଦେବା ।
ସାଗର, ବି. (ସଗର-ଅ) ସମୁଦ୍ର, ଦଶପଦ୍ମ ସଂଖ୍ୟା ।
ସାଗିବା, କି. (ଦେ) ସଙ୍କୁଚିତ କରିବା ଓ ହେବା, ପ୍ରସାରିତ ହେବା ।
ସାଗୁଣା, ବି. (ଦେ) ଗୃଧ୍ରପକ୍ଷୀ ।
ସାଗୁ, (ଦାନା), ବି. (ଦେ) ରୋଗିର ପଥ୍ୟବିଶେଷ ।
ସାଗ୍ନିକ, ବିଂ. (ସ-ଅଗ୍ନି-କ) ଅଗ୍ନିହୋତ୍ରୀ ଦ୍ୱିଜ ।
ସାଙ୍ଗଚ, ବି. (ଦେ) ଜଳଚର ଜୀବବିଶେଷ ।
ସାଙ୍କେତିକ, ବିଂ.(ସଙ୍କେତ-ଇକ) ଯେ ସଙ୍କେତ ଦିଏ, ସଙ୍କେତସୂଚକ, ଗାଣିତିକ ପ୍ରକ୍ରିୟାବିଶେଷ ।
ସାଙ୍ଖ୍ୟ, ବି. (ସମ୍-ଖ୍ୟା-ଯ) କପିଳପ୍ରଣୀତ ଦର୍ଶନ-ଶାସ୍ତ୍ରବିଶେଷ ।
ସାଙ୍ଗ, ବିଂ. ( ସ-ଅଙ୍ଗ ) ଅଙ୍ଗଯୁକ୍ତ, ପୂର୍ଣ୍ଣତାପ୍ରାପ୍ତ, ସମ୍ପନ୍ନ । (ଦେ) ସଙ୍ଗୀ, ସଙ୍ଗ ।
ସାଙ୍ଗି, ବି. (ଦେ) ଗୁରୁବସ୍ତୁ ଉଠାଇବାରେ ବ୍ୟବହୃତ କାଷ୍ଠଖଣ୍ଡ ଓ ଉଠାଇବା ପ୍ରକ୍ରିୟା ।
ସାଂଘାତିକ, ବିଂ. (ସଂଘାତ-ଇକ) ମାରାତ୍ମକ ।
ସାଚି, ବି. (ଦେ) କବାଟ, କଳ । ବିଂ. ଉତ୍କୃଷ୍ଟ ।
ସାଜ, ବି. (ସଜ୍ଜା ଶବ୍ଦଜ) ବେଶ, ଭୂଷଣଦ୍ରବ୍ୟ ।
ସାଜମାଟି,ବି.(ଦେ) ଲୁଗା ସଫା କରିବାରେ ବ୍ୟବହୃତ ଲୁଣା ମାଟିବିଶେଷ ।

ସାଜବା, କି. (ଦେ) ସଜ୍ଜିତ ହେବା ଓ କରବା ।
ସାଞ୍ଜି, ବି. (ଦେ) ଗ୍ରନ୍ଥ, ଅଲେଖା ତାଳପତ୍ର ଖେଦା ।
ସାଞ୍ଜୁ, ବି. (ଦେ) ବର୍ମ, କବଚ ।
ସାଟୋପ, ବିଂ. (ସ-ଆଟୋପ) ସାଡ଼ମ୍ବର, ସଗର୍ବ ।
ସାଢ଼ୀ, ବି. (ଦେ) ଶାଢୀ, ସ୍ତ୍ରୀମାନଙ୍କ ପିନ୍ଧା ଲୁଗା ।
ସାଢ଼େ, ବି. (ଦେ) ସାର୍ଦ୍ଧ, ଅର୍ଦ୍ଧସହିତ ।
ସାଣୁଣା, ବି. (ଦେ) କୌଶଳ, ମହତ୍ତ୍ୱ, କଳାବିଦ୍ୟା ।
ସାତ, ବି. (ସୋ-ତ) ସୁଖ, କୁଶଳ, ମଙ୍ଗଳ । (ଦେ) ୭ ସଂଖ୍ୟା ।
ସାତଢଙ୍କିଆଫୁଲ, ବି. (ଦେ) ବନ୍ଧୂଲପୁଷ୍ପ ।
ସାତପୁଆ, ବି. ( ଦେ ) ଏକପ୍ରକାର ମିଷ୍ଟାନ୍ନ । ବି. ଭାଦ୍ର ଅମାବାସ୍ୟା ।
ସାତଶୟ୍ୟ, ବିଂ. (ସ-ଅତିଶୟ) ଅଧିକ, ଅତିଶୟିତ ।
ସାତ୍ତ୍ୱିକ, ବିଂ. ( ସତ୍ତ୍ୱ-ଇକ ) ସତ୍ତ୍ୱଗୁଣଜାତ, ଯଥାର୍ଥ, ସାଧୁ, ଅନ୍ତଃକରଣର ବୃତ୍ତିବିଶେଷ ।
ସାଥି, (ଥୀ), ବିଂ. (ଦେ) ସଙ୍ଗୀ । ବି. ସଙ୍ଗ ।
ସାଦର, ବିଂ. (ସ-ଆଦର) ଆଦରସହିତ ।
ସାଦା, ବିଂ. (ଯା) ସାଧାରଣ, ଅକୁଟିଳ, ଶୁକ୍ଳବର୍ଣ୍ଣ ।
ସାଦି, ବି. (ସଦ୍-ଇନ୍) ଅଶ୍ୱାରୋହୀ । (ଯା) ବିବାହ ।
ସାଦୃଶ୍ୟ, ବି. (ସଦୃଶ-ଯ) ତୁଲ୍ୟତା, ସାମ୍ୟ ।
ସାଧ, ବି. (ଦେ) ବାଞ୍ଛା, ଅଭିଳାଷ ।
ସାଧକ, ବିଂ. (ସାଧ୍-ଅକ) ସାଧନକର୍ତ୍ତା, ସିଦ୍ଧିକାରକ ।
ସାଧନ, (ନା), ବି. ( ସାଧ୍-ଅନ ) ସିଦ୍ଧି, ସମ୍ପାଦନ, ଆରାଧନା, ଉପାୟ ।

ସାଧବ, ବି. (ଦେ) ସାଧୁ, ସଜ୍ଜନ ।
ସାଧବବୋହୂ, ବି. (ଦେ) ଇନ୍ଦ୍ରଗୋପ କୀଟ ।
ସାଧାରଣ, ବି. (ସ-ଧାରଣା-ଅ) ତୁଲ୍ୟ, ଏକବିଧ ।
ସାଧିତ, ବିଂ. (ସାଧ୍-ତ) ମଣ୍ଡିତ, ସମ୍ପାଦିତ ।
ସାଧିବା, କ୍ରି. (ଦେ) ସାଧନ କରିବା ।
ସାଧୁ, ବିଂ. ( ସାଧ୍-ଉ ) ଉତ୍ତମ, ମହତ୍ତ୍ୱ, ସଜ୍ଜନ ।
ସାଧୁବାଦ, ବି. (ସାଧୁ-ବାଦ) ଧନ୍ୟବାଦ, ପ୍ରଶଂସା ।
ସାଧ୍ୟ, ବିଂ. (ସାଧୁ-ଯ) ସାଧନଯୋଗ୍ୟ, ନିଷ୍ପାଦ୍ୟ ।
ସାଧ୍ୱସ, ବି. (ସାଧୁ-ଅସ୍-ଅ) ଭୟ ।
ସାଧ୍ୱୀ, ବି. (ସାଧୁ-ଈ) ପତିବ୍ରତା, ସତୀ ।
ସାନ, ବିଂ. (ଦେ) କନିଷ୍ଠ, କ୍ଷୁଦ୍ର ।
ସାନନ୍ଦ, ବିଂ. (ସ-ଆନନ୍ଦ) ଆନନ୍ଦଯୁକ୍ତ ।
ସାନି, ବି (ଯା) ପୁନର୍ବାର, ପୁନର୍ବିଗ୍ରହ ପ୍ରାର୍ଥନା ।
ସାନୁ, ବି.(ସନ୍-ଉ) ପର୍ବତର ଉପରସ୍ଥ ସମାନ ଭୂମି, ଗିରିତଟ ।
ସାନୁନୟ, ବିଂ. (ସ-ଅନୁନୟ) ବିନୟଯୁକ୍ତ ।
ସାନ୍ତ, ବିଂ. (ସ-ଅନ୍ତ) ସସୀମ ।
ସାନ୍ତ୍ୱନା (ନ), ବି. (ସାନ୍ତ୍ୱ-ଅନ-ଆ) ପ୍ରିୟବାକ୍ୟ-ଦ୍ୱାରା ପ୍ରବୋଧ ଦେବା ।
ସାନ୍ଦ୍ର, ବିଂ. (ସ-ଅନ୍ଦ୍-ର) ନିବିଡ଼, ଘନ ।
ସାନ୍ଧିବା, କ୍ରି. ( ଦେ ) ଭଲ କରି ଦଳିବା, ଦୃଢ଼ ସଂଲଗ୍ନ କରିବା ।
ସାନ୍ଧ୍ୟ, ବିଂ. (ସନ୍ଧ୍ୟା-ଅ) ସନ୍ଧ୍ୟାକାଳୀନ ।

ସାନ୍ନିଧ୍ୟ, ବି. (ସନ୍ନିଧି-ଯ) ନୈକଟ୍ୟ, ସନ୍ନିଧାନ ।
ସାନ୍ନିପାତିକ, ବିଂ. ( ସନ୍ନିପାତ-ଇକ) ତ୍ରିଦୋଷଜ ।
ସାପ, ବି. (ସର୍ପ ଶବ୍ଦଜ) ସରୀସୃପ, ସର୍ପ ।
ସାପେକ୍ଷ, ବିଂ. ( ସ-ଅପେକ୍ଷା ) ଅପେକ୍ଷାଯୁକ୍ତ, ସାକାଂକ୍ଷ ।
ସାଫଲ୍ୟ, ବିଂ. (ସଫଳ-ଯ) ସଫଳତା ।
ସାବନା, ବିଂ. (ଦେ) ଶ୍ୟାମଳ । ସ୍ତ୍ରୀ. ସାବନୀ ।
ସାବାସ୍, ବିଂ. (ଯା) ଧନ୍ୟ । ବି. ଧନ୍ୟବାଦ ।
ସାବୁନ, (ବୁନ୍) ବି. ( ଯା ) ମଳ ପରିଷ୍କାରକ ବସ୍ତୁବିଶେଷ ।
ସାମ, ବି. (ସୋ-ମନ୍) ସାମବେଦ, ସାନ୍ତ୍ୱନା, ପ୍ରିୟବଚନ ।
ସାମଗ୍ରୀ, ବି. (ସମଗ୍ର-ଈ) ସାକଲ୍ୟ, ସମୁଦାୟ ।
ସାମଞ୍ଜସ୍ୟ, ବି. (ସମଞ୍ଜସ-ଯ) ଉତ୍କର୍ଷ, ମେଳ ।
ସାମନା, ବି. (ଯା) ସମ୍ମୁଖ । ବିଂ. ସମ୍ମୁଖବର୍ତ୍ତୀ ।
ସାମନ୍ତ, ବି. (ସମନ୍ତ-ଅ) ଅଧୀନ, ରାଜା, ସାଆନ୍ତ ।
ସାମୟିକ, ବିଂ. (ସମୟ-ଇକ) ସମୟୋଚିତ ।
ସାମର୍ଥ୍ୟ, ବି. (ସମର୍ଥ-ଯ) ବଳ, ଶକ୍ତି, ଯୋଗ୍ୟତା ।
ସାମାଜିକ, ବିଂ. ( ସମାଜ-ଇକ ) ସଭ୍ୟ, ସହୃଦୟ, ସମାଜସମ୍ବନ୍ଧୀୟ ।
ସାମାନ୍ୟ, ବିଂ. (ସମାନ-ଯ) ସାଧାରଣ । (ଦେ) ତୁଚ୍ଛ, ଶ୍ରେଷ୍ଠ, ଅଳ୍ପ ।
ସାମିଲ, ବିଂ (ଯା) ସମ୍ମିଳିତ, ଅନ୍ତର୍ଗତ ।

ସାମୀପ୍ୟ, ବି. (ସମୀପ-ଯ) ନୈକଟ୍ୟ, ସାନ୍ନିଧ୍ୟ ।

ସାମୁଦ୍ରିକ, ବିଂ. (ସମୁଦ୍ର-ଇକ) ସମୁଦ୍ରଜାତ, ସମୁଦ୍ର-ସମ୍ବନ୍ଧୀୟ, ଶରୀରର ଚିହ୍ନଜ୍ଞାପକ ବିଦ୍ୟା ।

ସାମୁସେଇ, ବି. (ଦେ) କ୍ଷୁଦ୍ର ଜଳପାତ୍ରବିଶେଷ ।

ସାମ୍ୟ, ବି. (ସମ-ଯ) ସମତା, ତୁଲ୍ୟତା, ସାଦୃଶ୍ୟ ।

ସାମ୍ରାଜ୍ୟ, ବି. (ସମ୍ରାଜ୍-ଯ) ସମ୍ରାଟଙ୍କ ଅଧୀନ ବିସ୍ତୃତ ରାଜ୍ୟ ।

ସାୟକ, ବି. (ସୋ-ଅକ) ବାଣ, ଶର, ଖଡ୍ଗ ।

ସାୟନ୍ତନ, ବିଂ. (ସାୟମ୍-ତନ) ସନ୍ଧ୍ୟାକାଳୀନ ।

ସାୟାହ୍ନ, ବି. ସନ୍ଧ୍ୟାକାଳ, ଦିନାନ୍ତ ।

ସାୟୁଜ୍ୟ, ବି. (ସ-ଯୁଜ୍-ଯ) ଏକତ୍ୱ, ଏକୀଭୂତ ହେବା, ସହଯୋଗ ।

ସାର, ବି. (ସୃ-ଅ) ବୃକ୍ଷର ମଜ୍ଜା, ଉତ୍କୃଷ୍ଟ ଅଂଶ, ତେଜ, ବଳ, ଉତ୍କର୍ଷ, ଅତିଶୟ । (ଦେ) ପଶାଖେଳ । ବିଂ. ଶ୍ରେଷ୍ଠ ।

ସାରଗ୍ରାହୀ, ବିଂ. ( ସାର-ଗ୍ରାହୀ ) ଶ୍ରେଷ୍ଠାଂଶଗ୍ରାହକ, ସାରଗ୍ରହଣକାରୀ ।

ସାରଙ୍ଗ, ବି. (ସୃ-ଅଙ୍ଗ) ଚାତକପକ୍ଷୀ, ଭ୍ରମର, ହରିଣ ହସ୍ତୀ, ସିଂହ, ରାଜହଂସ, କୋକିଳ, କାମଦେବ, ମୃଗ-ବିଶେଷ, ମୟୂର, ବୃକ୍ଷ, ପଦ୍ମ, ଶଙ୍ଖ, ମଣି, ପୃଥିବୀ, ରାତ୍ରି, ଜ୍ୟୋତି, ଛନ୍ଦ ।

ସାରଙ୍ଗୀ, ବି. (ଦେ) ବାଦ୍ୟଯନ୍ତ୍ରବିଶେଷ ।

ସାରଣି, (ଣୀ), ବି. (ସାର-ଅନି) କ୍ଷୁଦ୍ର ନଦୀ, ଏକ-ପ୍ରକାର ଖେଳଣା ।

ସାରଥି, ବି. ( ସ-ରଥ-ଇ ) ରଥଚାଳକ, ଯନ୍ତା, ସହାୟ ।

ସାରଥ୍ୟ ବି. (ସାରଥି-ଯ) ରଥଚଳାଇବା କାର୍ଯ୍ୟ ।

ସାରଦା, ସ୍ତ୍ରୀ. (ସାର-ଦା) ସରସ୍ୱତୀ, ଦୁର୍ଗା ।

ସାରମେୟ, ବି. (ସରମା-ଏୟ) କୁକ୍କୁର ।

ସାରଲ୍ୟ, ବି. (ସରଳ-ଯ) ସରଳତା, ଅକାପଟ୍ୟ ।

ସାରସ, ବି. (ସରସ୍-ଅ) ହଂସ, କଳହଂସ, ପଦ୍ମ ।

ସାରସନ, ବି. ( ସାର-ସନ୍-ଅ ) ସ୍ତ୍ରୀର କଟିଭୂଷଣ, ଚନ୍ଦ୍ରହାର ପ୍ରଭୃତି, ପୁରୁଷର କଟିବନ୍ଧନ ।

ସାରସ୍ୱତ, ବିଂ. ( ସରସ୍ୱତୀ-ଅ ) ସରସ୍ୱତୀ ସମ୍ବନ୍ଧୀୟ, ବିଦ୍ୟାବିଷୟକ ।

ସାରି, ବି. (ଦେ) ସମଗ୍ର, ଠିକ୍, ହାରାହାରି ମାପ ।

ସାରି,(ରୀ), ବି. ( ସାର-ଇ ) ପକ୍ଷିଣୀବିଶେଷ, ଶାରୀ । (ଦେ) ଧାଡ଼ି ।

ସାରିବା, କ୍ରି. ( ଦେ ) ଶେଷ କରିବା, ବ୍ୟବହାର କରିବା ।

ସାରୁ, ବି (ଦେ) ମୂଳବିଶେଷ, କଚୁ ।

ସାରୁଆ, ବି. (ଦେ) ଯେଉଁ ନୀଚ ବ୍ରାହ୍ମଣକାଠ ସାରୁ-ଗୃହ କରନ୍ତି ।

ସାର୍ଥ. ବି. (ସ-ଅର୍ଥ ) ସମୂହ, ସଙ୍ଗୀ, ସାଥୀ, ବଣିକ୍‌ଦଳ ।

ସାର୍ଥକ, ବିଂ. (ସ-ଅର୍ଥ-କ) ଅର୍ଥଯୁକ୍ତ, ସଫଳ ।

ସାର୍ଦ୍ଧ, ବିଂ. (ସ-ଅର୍ଦ୍ଧ ) ଅର୍ଦ୍ଧସହିତ ।

ସାର୍ବଜନୀନ, ବିଂ. ( ସର୍ବଜନ-ଈନ ) ସର୍ବଲୋକର ହିତକର, ସାର୍ବଲୌକିକ ।

ସାର୍ବଭୌମ, ବି. ( ସର୍ବଭୂମି-ଅ ) ଉତ୍ତର ଦିଗ୍‌ଗଜ, ସମ୍ରାଟ ।

ସାଲ } ବି. (ଯା)ବର୍ଷ, ଲୋମନିର୍ମିତ ବସ୍ତ୍ରବିଶେଷ।
ଶାଲ } (ଦେ) ଳ, ଏକପ୍ରକାର ମାଛ ।

ସାଲ୍‌ଗମ୍, ବି. (ବୈଦେ) ଏକପ୍ରକାର ପରିବା ।

ସାଲମା, ବି. (ବୈ) ଏକପ୍ରକାର କୋଳି, ଆମ୍ବଡ଼ା ।

ସାଲସା, ବି. (ବୈ) ଔଷଧବିଶେଷ ।

ସାଲିସ୍, ବି. (ଯା) ରଫା କରିବା, ମିଳିବା ।

ସାଲୁ, ବି. (ଦେ) ଏକପ୍ରକାର ଲାଲ ରଙ୍ଗର ଲୁଗା ।

ସାବିକ୍, ବି. (ଯା)ପୂର୍ବତନ, ପୂର୍ବେ ହୋଇଥିବା, ବାକି ।

ସାବତ, ବି. (ଦେ) ସପତ୍ନୀ । ବିଂ. ସପତ୍ନୀସମ୍ବନ୍ଧୀୟ ।

ସାବଧାନ, ବିଂ. (ସ-ଅବଧାନ) ମନୋଯୋଗୀ ।

ସାବିତ୍ରୀ, ବି. ( ସବିତ-ଅ-ଈ ) ସତ୍ୟବାନ୍ ରାଜାଙ୍କ ପତ୍ନୀ, ଅଶ୍ୱପତି ରାଜାଙ୍କ କନ୍ୟା, ଗାୟତ୍ରୀ ।

ସାଶ୍ରୁ, ବିଂ. (ସ-ଅଶ୍ରୁ) ଅଶ୍ରୁଯୁକ୍ତ, ଲୋତକପୂର୍ଣ୍ଣ ।

ସାସ୍ଥିମ, ବିଂ. ( ଦେ ) ସଚେତ, ସଜ୍ଞାନ । ବି. ଚେତନା, ଜ୍ଞାନ ।

ସାହଚର୍ଯ୍ୟ, ବି. ( ସହଚର-ଯ ) ସଙ୍ଗ, ସଂସର୍ଗ, ସହଚରତ୍ୱ ।

ସାହସ, ବି. (ସହସ୍-ଅ) ଉତ୍ସାହ, ନିର୍ଭୟ ।

ସାହସିକ } ବିଂ. ( ସାହସ-ଇକ, ଇନ୍ ) ସାହସ
ସାହସୀ } କର୍ମକାରୀ, ନିର୍ଭୀକ ।

ସାହା, ବିଂ. ( ଦେ ) ସହାୟ, ଅବଲମ୍ବନ । (ଯା ପାରସ୍ୟର ରାଜା ।

ସାହାଡ଼ା, ବ. (ଦେ) ଶାଖୋଟବୃକ୍ଷ ।
ସାହାଣ, ବ. (ଦେ) ଦଳ, ସମୂହ, ସମ୍ପୂର୍ଣ୍ଣ, ଶାଣପଥର ।
ସାହାଣି, ବ. (ଦେ) ଅଶ୍ୱରକ୍ଷକ, ରାଉତ ।
ସାହାଯ୍ୟ, ବ. (ସହାୟ-ଯ) ସହାୟତା, ଆନୁକୂଲ୍ୟ ।
ସାହାଲ, ବ. (ଦେ) ଶ୍ରେଣୀବଦ୍ଧ (ବାସଗୃହ) ।
ସାହିତ୍ୟ, ବ. (ସହିତ-ଯ) ସଂସର୍ଗ, ମିଳନ । (ସମ୍-ହିତ-ଯ) କାବ୍ୟଶାସ୍ତ୍ର ।
ସାହି, ବ. (ଦେ) ସାଇ, ପଲ୍ଲୀ ।
ସାହୁ, ବ. (ସାଧୁ ଶବ୍ଦଜ) ମହାଜନ ।
ସାହେବ, ବ. (ଯା) ପ୍ରଧାନ ବ୍ୟକ୍ତି, ଇଉରୋପୀୟ ଲୋକ ।
ସାହେବି, ବିଂ. (ଦେ) ସାହେବଙ୍କ ପରି, ସାହେବ ସମ୍ବନ୍ଧୀୟ ।
ସିଅ, ବ (ଦେ) ଗଛର ଚେର ।
ସିଆ (ହା) ଇ, ବ. (ଦେ) କାଳୀ, ମସୀ ।
ସିହାଣା, (ଣିଆ), ବିଂ. (ଦେ) ଚତୁର । ସ୍ତ୍ରୀ. ସିହାଣୀ ।
ସିଆଁ, ବିଂ. (ଦେ) ସିଲାଇ କରାଯାଇଥିବା । ବ. ସିଇଁବା ।
ସିଆର, ବ. (ଦେ) ଲଙ୍ଗଳଗାର, ପହଣୀ ।
ସିଇଁବା, କ୍ରି. (ଦେ) ସିଲାଇ କରିବା ।
ସିକ୍କା,(କା), ବ. (ଦେ) ଷୋଳଅଣା ମୂଲ୍ୟର ମୁଦ୍ରା, ଷୋଳଅଣା ।
ସିଂହ, ବ. (ହିନ୍ସ୍-ଅ) ମୃଗେନ୍ଦ୍ର, ପଶୁରାଜ, ପଞ୍ଚମ ରାଶି, ଶ୍ରେଷ୍ଠ ।

ସିଂହଦ୍ୱାର, ବି. (ସିଂହ-ଦ୍ୱାର) ପ୍ରବେଶଦ୍ୱାର,ଫାଟକ ।

ସିଂହଳ, ବି. (ସିଂହ-ଳା-ଅ) ଲଙ୍କାଦ୍ୱୀପ ।

ସିଂହବାହିନୀ, ବି.(ସିଂହବହ୍-ଇନ୍-ଈ) ଦୁର୍ଗା,ଭଗବତୀ ।

ସିଂହା(ଘା)ଣି, ବି (ଦେ) ନାସିକାର ଶ୍ଲେଷ୍ମା ।

ସିଂହାର, ବି. (ଦେ) ଭୂଷଣ, ଅଳଙ୍କାର ।

ସିଂହାରୀ, ବିଂ. (ଦେ) ବେଶକାରୀ ।

ସିଂହାସନ, ବି.(ସିଂହ-ଆସନ) ରାଜାସନ,ଦେବତାସନ ।

ସିଂହୀ, ବି. (ସିଂହ-ଈ) ସିଂହପତ୍ନୀ, ରାହୁମାତା ।

ସିକଡ଼, ବି. (ଦେ) ବୃକ୍ଷର ଚେର ।

ସିକତା, ବି. (ସିକ୍-ଅତ୍-ଆ) ବାଲୁକାମୟ ଦେଶ ।

ସିକା, ବି. (ଦେ) ସିକ୍ୟ, ଦଉଡ଼ିରେ ତିଆରି ବସ୍ତୁ-ଧାରକବିଶେଷ ।

ସିକତିଳ, ବିଂ. (ସିକତା-ଇଲ) ବାଲୁକାମୟ ।

ସିକମି, ବି. (ଯା) ପ୍ରଜାର ଅଧୀନ ପ୍ରଜା ।

ସିକ୍ତ, ବି. (ଷିଚ୍-ତ) ଆର୍ଦ୍ରୀକୃତ, ଅଭିବୃଷ୍ଟ, ଓଦା ।

ସିଙ୍ଗଡ଼ା, ବି. (ଦେ) ପାଣିଫଳ, ମିଷ୍ଟାନ୍ନବିଶେଷ ।

ସିଝା, ବିଂ. (ଦେ) ସିଦ୍ଧ, ପକ୍ୱ ।

ସିଝିବା, କ୍ରି. (ଦେ) ସିଦ୍ଧ ହେବା ।

ସିଞ୍ଚଡ଼ା, ବି. ( ଦେ ) ସେଚନ, ପବନଚାଳିତ ଜଳଧାରା ।

ସିଞ୍ଚିବା, କ୍ରି. (ଦେ) ଛିଞ୍ଚିବା, ସେଚନ କରିବା ।

ସିଠା, ବି. (ଦେ)ଅସାର, ଅସାରଅଂଶ,ରକ୍ତହୀନତା ।

ସିତ, ବି. (ସେ-କ୍ତ)ଶୁକ୍ଳବର୍ଣ୍ଣ,ଶୁକ୍ରାଚାର୍ଯ୍ୟ,ଶର,ବାଣ ।

ସିତକର, ବି. (ସିତ-କର) ଚନ୍ଦ୍ର, କର୍ପୂର ।

ସିତାଂଶୁ, ବି. (ସିତ-ଅଂଶୁ) ଚନ୍ଦ୍ର, କର୍ପୂର ।

ସିତା, ବି. (ସିତ-ଆ) ଶର୍କରା, ଚିନି ।

ସିତାର, ବି. (ଦେ) ବାଦ୍ୟଯନ୍ତ୍ରବିଶେଷ ।

ସିତିକଣ୍ଠ, ବି. (ସିତି-କଣ୍ଠ) ନୀଳକଣ୍ଠ, ଶିବ, ମୟୂର ।

ସିଦ୍ଧ, ବି. (ସିଧ୍-ତ) ଦେବଯୋନିବିଶେଷ, ମୁନି, ଯୋଗବିଶେଷ । ବି॰. ସମ୍ପନ୍ନ, ପକ୍ୱ ।

ସିଦ୍ଧାନ୍ତ, ବି. (ସିଦ୍ଧ-ଅନ୍ତ) ମୀମାଂସା, ଜ୍ୟୋତିଷ ଶାସ୍ତ୍ରବିଶେଷ ।

ସିଦ୍ଧାର୍ଥ, ବି. (ସିଦ୍ଧ-ଅର୍ଥ) ଶ୍ୱେତ ସର୍ଷପ, ବୁଦ୍ଧଦେବ ।

ସିଦ୍ଧି, ବି. (ସିଧ୍-ତି) ନିଷ୍ପତ୍ତି, ଫଳୋତ୍ପତ୍ତି, ସଫଳତା, ଜୟ, ଶୁଭ ।

ସିଧା, ବି. (ଦେ) ସଳଖ ।

ସିନା, ଅଂ. ନିଶ୍ଚୟାର୍ଥ, ଅବଧାରଣ ଓ ସମ୍ଭାବନା-ବୋଧକ ଅବ୍ୟୟ ।

ସିନୀବାଲୀ, ବି. ଚତୁର୍ଦ୍ଦଶୀ ବା ପ୍ରତିପଦ୍ ଯୁକ୍ତ ଅମାବାସ୍ୟା ।

ସିନ୍ଦୁକ, ବି. (ଦେ) କାଷ୍ଠମଞ୍ଜୁଷା ।

ସିନ୍ଦୂର, ବି. (ସ୍ୟନ୍ଦ୍-ଊର) ରକ୍ତବର୍ଣ୍ଣ ଚୂର୍ଣ୍ଣବିଶେଷ ।

ସିନ୍ଦୂରିତ, ବି॰. (ସିନ୍ଦୂର-ଇତ) ରକ୍ତବର୍ଣ୍ଣବିଶିଷ୍ଟ ।

ସିନ୍ଦୂରା, ବି॰. (ଦେ) ଲାଲ ।

ସିନ୍ଦୂରମୁଣ୍ଡି, ବି. (ଦେ) ଏକଜାତୀୟ ବନ୍ୟ ପକ୍ଷୀ ।

ସିନ୍ଧି, ବି. (ଦେ) ଘର କାନ୍ଥରେ ଚୋରକୃତ ଗର୍ତ୍ତ ।

ସିନ୍ଧୁ, ବି. (ସ୍ୟନ୍ଦ୍-ଉ) ସମୁଦ୍ର, ସାଗର, ନଦୀବିଶେଷ, ଦେଶବିଶେଷ, ନଦୀ ।

ସିନ୍ଧୁସୁତା, ବି. (ଦେ) ଲକ୍ଷ୍ମୀ ।
ସିଇଁବା, କ୍ରି. (ସୀବନ ଶବ୍ଦଜ) ସୂଚୀକର୍ମ ।
ସିପ, ବି. ( ଦେ ) ଶାମୁକା, ଯାହାକୁ ପୋଡ଼ିଲେ ଚୂନ ହୁଏ ।
ସିପାହି, ବି. ( ଦେ ) ସୈନିକ, ଶାନ୍ତିରକ୍ଷକ, କନଷ୍ଟେବଲ, ପାଇକ ।
ସିସ୍ର, ବି.(ସ-ସ୍ର ନାଡ଼ୀ,ଚନ୍ଦନ ପ୍ରଭୃତିର ତରଳ ସାର ।
ସିହା, ବି (ଯା) ସିରସ୍ତା, ଜମାଖର୍ଚ୍ଚ ବହି, ମୁସଲମାନ୍ ଶାଖାବିଶେଷ ।
ସିହାଣି,(ଆ), ବିଂ. (ଦେ) ଚତୁର ।
ଶୀକର, ବି. (ସିକ୍-ଅର) ଜଳକଣା ।
ସୀତା, ବି. ( ସି-ତ୍ର-ଆ ) ଲାଙ୍ଗଳପଦ୍ଧତି, ଲାଙ୍ଗଳ-ଚହ୍ନିତ ରେଖା, ବୈଦେହୀ, ଜାନକୀ ।
ସୀଧୁ, ବି. ( ଶୀ-ଧୁ ) ମଦ୍ୟ ।
ସୀମନ୍ତ, ବି. (ସୀମନ୍-ଅନ୍ତ) କେଶବାନ୍ଧ ।
ସୀମନ୍ତିନୀ, ବି. (ସୀମନ୍ତ-ଇନ୍-ଈ) ନାରୀ, ସ୍ତ୍ରୀ, ବଧୂ ।
ସୀମନ୍ତୋନ୍ନୟନ, ବି. ଗର୍ଭିଣୀର ଚତୁର୍ଥ ମାସରେ କର୍ତ୍ତବ୍ୟ ସଂସ୍କାରବିଶେଷ ।
ସୀମା, ବି. ( ସୀ-ମନ୍ ) ଅନ୍ତ, ଅବଧି, କ୍ଷେତ୍ର ।
ସୀମାନା, ବିଂ ( ସୀମନ୍ ଶବ୍ଦଜ ) ଗ୍ରାମାଦିର ନିର୍ଦ୍ଧିଷ୍ଟ ଅନ୍ତଭାଗ ।
ସୀର, ବି. (ସୀ-ର) ହଳ, ଲାଙ୍ଗଳ, ସୂର୍ଯ୍ୟ ।
ସୀବନ, ବି. (ସୀବ୍-ଅନ) ତନ୍ତୁସନ୍ତାନ, ସୂଚୀକର୍ମ, ସିଇଁବା ।

ସୀସ / ସୀସକ } ବି. (ସୀ-ନ୍ସା-ଅ, କ) ସୀସା ଧାତୁ ।

ସୀସା, ବି. (ଦେ) ସୀସକଧାତୁ ।

ସୁ, ଅ°. ( ଉପସର୍ଗ ) ଉତ୍ତମ, ଶୋଭନ, ସୁନ୍ଦର ।

ସୁଅ, ବି. (ଦେ) ସ୍ରୋତ ।

ସୁଆଁ, ବି.(ଦେ)ଏକପ୍ରକାର ଲଇ,ଏକପ୍ରକାର ଶସ୍ୟ ।

ସୁଆଗ / ସୁହାଗ } ବି. ( ଦେଶଜ ) ଅତିଶୟ ସ୍ନେହ, ଆଦରକରଣ ।

ସୁଆଙ୍ଗ ବି (ଦେ)ବିକୃତ ବେଶରଚନା,ଗ୍ରାମ୍ୟଯାତ୍ରା ।

ସୁଆର, ବି. (ଦେ) ସୂପକାର, ପାଚକ ।

ସୁଆରୀ, ବି. (ଦେ) ଶିବିକା, ସବାରୀ ।

ସୁଆଲ, ବି. (ଯା) ପ୍ରଶ୍ନ ।

ସୁକଟ, ବି. (ଦେ) ନିର୍ଯ୍ୟାତନା, ଯନ୍ତ୍ରଣା ।

ସୁକର, ବି°. (ସୁ-କୃ-ଅ) ସୁସାଧ୍ୟ ।

ସୁକୁମାର, ବି°. (ସୁ-କୁମାର)ଅତି ମୃଦୁ, ଅତି କୋମଳ, ଅତି ଶିଶୁ ।

ସୁକୁମାରୀ,ବି°.ସ୍ତ୍ରୀ. (ସୁ-କୁମାରୀ)ଅତିକୋମଳାଙ୍ଗୀ ସ୍ତ୍ରୀ ।

ସୁକୃତୀ, ବି°. ( ସୁ-କୃତୀ ) ସୁକୃତକାରୀ, ପୁଣ୍ୟାତ୍ମା, ପୁଣ୍ୟବାନ୍ ।

ସୁକୃତ, ବି. (ସୁ-କୃତ)ପୁଣ୍ୟ,ଧର୍ମ,ଭାଗ୍ୟ,ଶୁଭ,ଦାନ ।

ସୁକୃତି, ବି. ( ସୁ-କୃତି ) ସତ୍କର୍ମ, ପୁଣ୍ୟ, ଧର୍ମ, ଅଦୃଷ୍ଟ, ଭାଗ୍ୟ ।

ସୁକୃତି, ବିଂ. (ସୁକୃତ-ଇନ୍) ଧାର୍ମିକ; ପୁଣ୍ୟବାନ୍ ।

ସୁଖ, ବିଂ. (ସୁ-ଖ) ପ୍ରୀତି; ହର୍ଷ; ଆନନ୍ଦ; ସ୍ୱର୍ଗ; ଜଳ ।

ସୁଖକର } ବିଂ. (ସୁଖ ଆ-କୃ-ଅ, ଆ-ବହ-ଅ)
ସୁଖାବହ } ସୁଖଦାୟକ; ସୁଖଜନକ ସୁସାଧ୍ୟ ।

ସୁଖୀ, ବିଂ. (ସୁଖ-ଇନ୍) ସୁଖବିଶିଷ୍ଟ; ସନ୍ତୁଷ୍ଟ ।

ସୁଖ୍ୟାତି, ବି. (ସୁ-ଖ୍ୟା-ତି) ପ୍ରଶଂସା ।

ସୁଗନ୍ଧ, ବି. (ସୁ-ଗନ୍ଧ) ଚନ୍ଦନ ବୃକ୍ଷ, ଉତ୍ତମଗନ୍ଧ।
ବିଂ. ଉତ୍ତମଗନ୍ଧ ବିଶିଷ୍ଟ ।

ସୁଗନ୍ଧି, ବିଂ. (ସୁଗନ୍ଧ-ଇ) ସଦ୍‌ଗନ୍ଧଯୁକ୍ତ; ସୁରଭି ।

ସୁଗମ, ବିଂ. (ସୁ-ଗମ୍-ଅ) ଅନାୟାସଲଭ୍ୟ; ସୁଜ୍ଞେୟ ।

ସୁଗ୍ରୀବ, ବି. (ସୁ-ଗ୍ରୀବା) ବାନର ରାଜା ବୀର ।
ବିଂ. ସୁନ୍ଦର ଗ୍ରୀବାଯୁକ୍ତ ।

ସୁଙ୍ଗି (ଙ୍ଘି) ବା, କ୍ରି, (ଦେ) ଆଘ୍ରାଣ କରିବା ।

ସୁଚାରୁ, ବିଂ. (ସୁ-ଚାରୁ) ଅତି ସୁନ୍ଦର ।

ସୁଜନ, ବି. (ସୁ-ଜନ) ସଜ୍ଜନ; ଧାର୍ମିକ; ସାଧୁ ।

ସୁଜି, ବି. (ଦେ) ଗହମଚୂର୍ଣ୍ଣର ସୂକ୍ଷ୍ମାଂଶ ।

ସୁଝିବା, କ୍ରି. (ଦେ) ପରିଶୋଧ କରିବା; ବିବାହରେ ଜାତକ ମିଳିବା ।

ସୁଠାମ, ବିଂ. (ଦେ) ସୁନ୍ଦର ।

ସୁଡ଼ଙ୍ଗ, ବି. (ସୁରଙ୍ଗ ଶବ୍ଦଜ) ସିନ୍ଧି; ଗର୍ତ୍ତ; ମାଟି ଭିତରେ ହୋଇଥିବା ପଥ ।

ସୁଢ଼ଳ, ବିଂ. (ଦେ) ସୁନ୍ଦର; ସୁଗଠିତ ।

ସୁଣ୍ଠା, ବି. (ଦେ) ଶୁଷ୍କଦ୍ରବ୍ୟ ।

ସୁତ, ବି. (ସୁ-ତ) ପୁତ୍ର; ରାଜନନ୍ଦନ; ଯୁବରାଜ ।

ସୁତନୁ, ବିଂ. (ସୁ–ତନୁ) ଅତିଶୟ କୃଶ । ସ୍ତ୍ରୀ ଶୋଭନାଙ୍ଗୀ ।

ସୁତରାଂ, ଅଂ. (ସୁ–ତରାଂ) ଅବଶ୍ୟ; ଅଗତ୍ୟା; ତେଣୁ ।

ସୁତା, ବି. (ସୁତ–ଆ) ଦୁହିତା; କନ୍ୟା ।

ସୁତୀକ୍ଷ୍ଣ, ବି. (ସୁ–ତୀକ୍ଷ୍ଣ) ମୁନିବିଶେଷ । ବିଂ. ଅତି ତୀକ୍ଷ୍ଣ ।

ସୁତୁରା, ବିଂ. (ଦେ) ପରିଷ୍କୃତ; ନିର୍ମଳ ।

ସୁତ୍ରାମ, ବି. (ସୁ–ତ୍ରୈ–ମନ୍) ଇନ୍ଦ୍ର ।

ସୁଦ (ଧ), ବି. (ଦେ) ବୃଦ୍ଧି, କଳନ୍ତର ।

ସୁଦର୍ଶନ, ବି. (ସୁ–ଦୃଶ୍–ଅନ) ବିଷ୍ଣୁଙ୍କର ଚକ୍ରନାମକ ଅସ୍ତ୍ର । ବିଂ. ସୁନ୍ଦର । ନା, ସ୍ତ୍ରୀ. ସୁନ୍ଦରୀ ସ୍ତ୍ରୀ ।

ସୁଦୃଶ୍ୟ, ବିଂ. (ସୁ–ଦୃଶ୍ୟ) ସୁନ୍ଦର; ସୁଶ୍ରୀ ।

ସୁଧର୍ମା, ବି. (ସୁ–ଧର୍ମ–ଅନ୍) ଦେବସଭା ।

ସୁଧା, ବି. (ସୁ–ଧା–ଆ) ଚୂନ; ଅମୃତ ।

ସୁଧାଂଶୁ, ସୁଧାକର } ବି. (ସୁଧା–ଅଂଶୁ, ଆକର) ଚନ୍ଦ୍ର; ଶଶୀ

ସୁଧୀ, ବି. (ସୁ–ଧୀ) ପଣ୍ଡିତ; ବିଦ୍ୱାନ୍ ।

ସୁନା, ବି. (ଦେ) ସ୍ୱର୍ଣ୍ଣ; ସୁବର୍ଣ୍ଣ ।

ସୁନାମକେଇ, ବି. (ଦେ) ଭେଦକ ଦ୍ରବ୍ୟବିଶେଷ ।

ସୁନାରୀ, ବି. (ସ୍ୱର୍ଣ୍ଣକାର ଶବ୍ଦଜ) ବଣିଆ; ସ୍ୱର୍ଣ୍ଣକାର ।

ସୁନାସୀର, ବି. (ସୁ–ନାସୀର) ଇନ୍ଦ୍ର; ଦେବରାଜ ।

ସୁନିଆଁ, ବି. (ଦେ) ଭାଦ୍ରଶୁକ୍ଳ ଦ୍ୱାଦଶୀ; ଓଡ଼ିଶା ରାଜାଙ୍କ ଅଙ୍କ ପରିବର୍ତ୍ତନର ଦିନ ।

ସୁନୁ(ନେ)ଲି, ବିଂ. (ଦେ) ସୁନାପରି ବର୍ଣ୍ଣବିଶିଷ୍ଟ ।

ସୁନୁସୁନିଆଁ, ବି. (ଦେ) ଏକପ୍ରକାର ଶାଗ ।

ସୁନ୍ଥା, ବ. (ଦେ) ସୀମନ୍ତ, କେଶବିନ୍ୟାସ ।

ସୁନ୍ଥାଣ, ବ. (ଦେ) ତଳିଆ ।

ସୁନ୍ଦର, ବିଂ. (ସୁ-ଦୁ-ଅ) ମନୋହର, ରମ୍ୟ, ସ୍ୱରୂପ ।

ସୁନ୍ଦରୀ, ବ. (ସୁ-ଦୃ-ଈ) ସୁରୂପା ସ୍ତ୍ରୀ ।

ସୁପର୍ଣ୍ଣି, ବ. (ସୁ-ପର୍ଣ୍ଣି) ଗରୁଡ଼ପକ୍ଷୀ ।

ସୁପାତ, ବ. (ଦେ) ଶଯ୍ୟା ।

ସୁପାରସ୍, ବ. (ଯା) ଉପଦେଶ, ଅନୁରୋଧ ।

ସୁପାରୀ, ବ. (ହିନ୍ଦୀ) ଗୁବାକଫଳ, ଗୁଆ ।

ସୁପ୍ତ, ବ. (ସ୍ୱପ୍-ତ) ନିଦ୍ରା, ଶୟନ । ବିଂ. ନିଦ୍ରିତ ।

ସୁପ୍ତି, ବ. (ସ୍ୱପ୍-ତି) ନିଦ୍ରା, ଶୟନ, ସ୍ୱପ୍ନ, ।

ସୁବା, ବ (ଯା) ପ୍ରଦେଶ, ଦେଶର ଅଂଶବିଶେଷ ।

ସୁବା(ବେ)ଦାର, ବ. ( ଯା ) ସୁବାର ମାଲିକ, ସୈନ୍ୟାଧ୍ୟକ୍ଷବିଶେଷ ।

ସୁବିଧା, ଅଂ. (ସୁ-ବିଧା) ଉତ୍ତମପ୍ରକାର, ସୁଯୋଗ ।

ସୁବୋଧ, ବିଂ. (ସୁ-ବୋଧ) ଉତ୍ତମ ବୁଦ୍ଧିଶାଳୀ ।

ସୁଭଗ, ବିଂ. (ସୁ-ଭଗ) ସୁନ୍ଦର, ପ୍ରିୟ ।

ସୁଭଦ୍ରା, ବ. (ଦେ) କୃଷ୍ଣଙ୍କ ଭଗିନୀ ।

ସୁମ, ବ. (ସୁ-ମା) କୁସୁମ, ଫୁଲ ।

ସୁମତି, ବ. (ସୁ-ମତି) ସୁବୁଦ୍ଧି, ଦୟା, ବନ୍ଧୁତ୍ୱ ।

ସୁମଧ୍ୟମା, ବିଂ. (ସୁ-ମଧ୍ୟମ-ଆ) ସୁନ୍ଦର କଟିଯୁକ୍ତା ସ୍ତ୍ରୀ, ଷୋଡ଼ଶୀ ।

ସୁମନ, ବ. (ଦେ) ପୁଷ୍ପ, ଭଲ ମନ ।

ସୁମନାଃ, ବ. ( ସୁ-ମନସ୍ ) ଦେବତା, ବିଦ୍ୱାନ୍, ପୁଷ୍ପମାଳା ।

ସୁମନ୍ତ, ବି. ଦଶରଥଙ୍କ ମନ୍ତ୍ରୀ ।
ସୁମରିବା, କି. ସ୍ମରଣ କରିବା ।
ସୁମାର, ବି. (ଯା) ସଂଖ୍ୟା କରିବା ।
ସୁମେଧାଃ, ବିଂ. (ସୁ-ମେଧା-ଅ୍) ସୁବୁଦ୍ଧି, ବୁଦ୍ଧି-ସମ୍ପନ୍ନ ।
ସୁମେରୁ, ବି. ( ସୁ-ମି-ରୁ ) ପୃଥିବୀର ମଧ୍ୟସ୍ଥ ପର୍ବତ-ବିଶେଷ, ପୃଥିବୀର ଉତ୍ତର କେନ୍ଦ୍ର ।
ସୁଯୋଗ, ବି. (ସୁ-ଯୋଗ) ଉତ୍ତମଯୋଗ, ସୁସମୟ ।
ସୁଯୋଧନ, ବି. (ସୁ-ଯୁଧ୍-ଅନ) ଦୁର୍ଯ୍ୟୋଧନ ।
ସୁର, ବି. (ସୁ-ର) ପଣ୍ଡିତ, ଦେବତା, ସୂର୍ଯ୍ୟ ।
ସୁରଗୁରୁ, ବି. (ସୁର-ଗୁରୁ) ବୃହସ୍ପତି ।
ସୁରତ, ବି. (ସୁ-ରମ୍-ତ) ରମଣ, ରତିକ୍ରୀଡ଼ା ।
ସୁରତରୁ, ବି. ମନ୍ଦାର, ଦେବଦାରୁ, ପୁନ୍ନାଗ ।
ସୁରଧନୁ, ବି. (ସୁର-ଧନୁ) ଶକ୍ରଧନୁ, ଇନ୍ଦ୍ରଧନୁ ।
ସୁରଧୁନୀ, ସୁରନଦୀ, ସୁରନିମ୍ନଗା } ବି. ଦେବନଦୀ, ଗଙ୍ଗା ।
ସୁରପତି, ବି. (ସୁର-ପତି) ଦେବରାଜ, ଇନ୍ଦ୍ର ।
ସୁରଭି, ବି. (ସୁ-ରଭ୍-ଇ) ସୁଗନ୍ଧଦ୍ରବ୍ୟ ଚୈତ୍ରମାସ । ବିଂ. ସୁଗନ୍ଧଯୁକ୍ତ, ମନୋହର ।
ସୁରଭିତ, ବିଂ. (ସୁ-ରଭ୍-ତ) ସୁଗନ୍ଧବିଶିଷ୍ଟ ।
ସୁରସ, ବିଂ. ସୁସ୍ୱାଦୁ, ମିଷ୍ଟ, ରସଯୁକ୍ତ ।
ସୁରସୁନ୍ଦରୀ, ସୁରାଙ୍ଗନା } ବି. ( ସୁର-ସୁନ୍ଦରୀ, ଅଙ୍ଗନା ) ସ୍ୱର୍ଗବେଶ୍ୟା ।

ସୁରା, (ସ୍ତ୍ରୀ), ବି. (ସୁ-ଅ-ଆ, ଈ) ମଦ୍ୟ, ମଦିରା ।
ସୁରାଚାର୍ଯ୍ୟ, ବି. (ସୁର-ଆଚାର୍ଯ୍ୟ) ବୃହସ୍ପତି ।
ସୁରୁଆ, ବି. (ଯା) ସିଝା ମାଂସର ଘନରସ, ଝୋଳ ।
ସୁରୁକି, ବି. (ଯା) ଇଟାଗୁଣ୍ଡ ।
ସୁରେଇ, ବି. ( ଯା ) ଦୀର୍ଘଗ୍ରୀବାବିଶିଷ୍ଟ ଜଳପାତ୍ର ।
ସୁରେନ୍ଦ୍ର, ସୁରେଶ୍ୱର } ବି. (ସୁର-ଇନ୍ଦ୍ର, ଈଶ୍ୱର) ଦେବରାଜ, ଇନ୍ଦ୍ର ।
ସୁଲଭ, ବିଂ. (ସୁ-ଲଭ୍-ଅ) ଅନାୟାସଲଭ୍ୟ ।
ସୁବର୍ଣ୍ଣ, ବି. (ସୁ-ବର୍ଣ୍ଣ) ସ୍ୱର୍ଣ୍ଣ, ସୁନା ।
ସୁବାସ, ବି. (ସୁ-ବାସ) ସୌରଭ, ଉତ୍ତମବାସ ।
ସୁବାସିତ, ବିଂ. (ସୁବାସ-ଇତ) ସୁଗନ୍ଧଯୁକ୍ତ ।
ସୁବିଧା, ଅଂ. (ସୁ-ବିଧା) ଉତ୍ତମପ୍ରକାର, ସୁଯୋଗ ।
ସୁଶୀଳ, ବିଂ. (ସୁ-ଶୀଳ) ସଚ୍ଚରିତ୍ର ।
ସୁଶ୍ରାବ୍ୟ, ବିଂ. (ସୁ-ଶ୍ରୁ-ଯ) ସୁମଧୁର ।
ସୁଶ୍ରୀ, (କ), ବିଂ. ( ସୁ-ଶ୍ରୀ-କ ) ଶ୍ରୀମାନ୍, ସୁନ୍ଦର ।
ସୁଶ୍ରୁତ, ବିଂ. ( ସୁ-ଶ୍ରୁ ତ ) ବିଶ୍ୱାମିତ୍ରପୁତ୍ର, ପ୍ରସିଦ୍ଧ ଚିକିତ୍ସା ଗ୍ରନ୍ଥକାର, ତଦାଖ୍ୟ ଚିକିତ୍ସାଗ୍ରନ୍ଥ ।
ସୁଷମ, ବିଂ. (ସୁ-ସମ୍-ଅ) ସୁନ୍ଦର, ଶୋଭନ, ସମାନ ।
ସୁଷମା, ବି. ପରମଶୋଭା, ଉତ୍କୃଷ୍ଟ ସୌନ୍ଦର୍ଯ୍ୟ ।
ସୁଷୁପ୍ତ, ବି. ( ସୁ-ସ୍ୱପ୍-ତ ) ଗଭୀର ନିଦ୍ରିତ, ଅଜ୍ଞ, ଆତ୍ମବୋଧଶୂନ୍ୟ ।
ସୁଷୁପ୍ତି, ବି. (ସୁ-ସ୍ୱପ୍-ତି) ଅଚେତନ, ନିଦ୍ରା, ସୁନିଦା ।
ସୁଷୁମ୍ନା, ବି. (ସୁଷୁ-ମା-ଅ) ଶରୀରସ୍ଥ ନାଡ଼ୀବିଶେଷ ।

ସୁସଙ୍ଗ, ବିଂ. (ଦେ) ସୁଗଠିତ, ସୁନ୍ଦର ।

ସୁସାର, ବିଂ. (ଦେ) ସହଜରେ । କ୍ରି. ବିଂ. ସୁଖରେ ।

ସୁସ୍ଥ, ବିଂ. ( ସୁ-ସ୍ଥା-ଅ ) ନୀରୋଗ, ସ୍ୱଚ୍ଛନ୍ଦ, ସୁଖୀ, ସୁସ୍ଥିର, ସ୍ୱାସ୍ଥ୍ୟଯୁକ୍ତ ।

ସୁସ୍ଥୀ, ବିଂ. (ଦେ) ଅଳସୁଆ, ମଠଆ ।

ସୁସ୍ପଷ୍ଟ, ବିଂ. (ସୁ-ସ୍ପଷ୍ଟ) ଅତିସ୍ପଷ୍ଟ, ଅତିଶୟ ସ୍ପଷ୍ଟ ।

ସୁହାଇବା, କ୍ରି. (ଦେ)ସୁଖ ଲାଗିବା, ସହନଯୋଗ୍ୟ ହେବା ।

ସୁହାଗ, ବି. (ଦେ) ସୌଭାଗ୍ୟ ।

ସୁହାଗୀ, ବିଂ. ସ୍ତ୍ରୀ. (ଦେ) ସୌଭାଗ୍ୟବତୀ ।

ସୁହୃଦ୍, ବି. (ସୁ-ହୃଦ୍) ମିତ୍ର, ସଖା, ସାହାଯ୍ୟକାରୀ ।

ସୂ, ବି. (ସୂ-୍) ପ୍ରସବ, ପ୍ରେରଣ । ବିଂ. ପ୍ରସବକର୍ତ୍ତା ।

ସୂକର, ବି. (ସୂ-କର, ସୂ=ଶୂ) ଶୂକର, ବରାହ ।

ସୂକ୍ତ, (କ୍ତି), ବି. (ସୁ-ଉକ୍ତ, ଉକ୍ତି) ସମୀଚୀନ ବାକ୍ୟ, ସଦ୍‌ବଚନ, ବେଦର ମନ୍ତ୍ର ।

ସୂକ୍ଷ୍ମ, ବିଂ. (ସୂଚ୍-ସ୍ମ) ଅଳ୍ପ, କ୍ଷୁଦ୍ର, କ୍ଷୀଣ, ସରୁ ।

ସୂକ୍ଷ୍ମଦର୍ଶୀ, ବିଂ. (ସୂକ୍ଷ୍ମ-ଦର୍ଶିନ୍) ଅତିଶୟ ବୁଦ୍ଧିମାନ୍ ।

ସୂଚକ, ବିଂ. ( ସୂଚ୍-ଣିକ୍-ଅକ ) ଜ୍ଞାପକ, ପ୍ରକାଶକ ।

ସୂଚନ, (ନା), ବି. ( ସୂଚ୍-ଅନ-ଅ,ଆ ) ଜ୍ଞାପନ, କଥନ ।

ସୂଚି / ସୂଚୀ } ବି. (ସୂଚ୍-ଇ,ଈ) ସୀବନୀ, ଛୁଞ୍ଚୀ ।

ସୂଚିକ, ବି. (ସୂଚୀ-କ) ଦରଜୀ ।

ସୂଚିତ, ବିଂ. (ସୂଚ୍-ତ) ଜ୍ଞାପିତ, ବୋଧିତ, କଥିତ ।
ସୂଚିପତ୍ର, ବି. (ସୂଚି-ପତ୍ର) ନିର୍ଘଣ୍ଟ ।
ସୂତ, ବି. (ସୂ-ତ) ସାରଥି, ସୂର୍ଯ୍ୟ, ସୂତ୍ରଧର ଜାତି ।
ବିଂ. ଜାତ, ସ୍ତୁତିପାଠକ ।
ସୂତକ, ବି. (ସୂତ-କ) ଜନନାଶୌଚ ।
ସୂତା } ବି. (ସୂ-ତ-ଆ) ନବପ୍ରସୂତା ସ୍ତ୍ରୀ ।
ସୂତିକା }
ସୂତା, ବି. (ସନ୍ଧ ଶବ୍ଦ) ତନ୍ତୁ, ସୂତ୍ର ।
ସୂତି, ବି. ( ସୂ-ତି) ପ୍ରସବ, ଉତ୍ପତ୍ତି, ଜନ୍ମ, ସନ୍ତାନ ।
ସୂତିକାଗାର, ବି. (ସୂତିକା-ଆଗାର) ଅନ୍ତୁଡ଼ିଶାଳ ।
ସୂତୁଲି, ବି. (ସୂତ୍ର ଶବ୍ଦଜ) ଛଣପଟ ଦଉଡ଼ି ।
ସୂତ୍ର, ବି. ( ସିବ୍-ତ୍ର ) ତନ୍ତୁ, ସୂତା, ବ୍ୟବସ୍ଥା ।
ସୂତ୍ରଧର, (ଧାର), ବି. (ସୂତ୍ର-ଧୃ-ଅ) ଇନ୍ଦ୍ର, ବଢ଼େଇ,
ନାଟ୍ୟପ୍ରସ୍ତାବକ ।
ସୂତ୍ରପାତ, ବି. (ସୂତ୍ର-ପତ୍-ଅ) ଆରମ୍ଭ, କାର୍ଯ୍ୟର
ସୂଚନା ।
ସୂତ୍ରାମା, ବି. (ସୁ-ତ୍ରୈ-ମନ୍) ଇନ୍ଦ୍ର ।
ସୂଦନ, ବି. ( ସୂଦ-ଅନ ) ହନନ, ବଧ । ବିଂ.
ବିନାଶକ ।
ସୂନା, ବି. (ସୂନ୍-ଆ) ବଧସ୍ଥାନ, ବଧଭୂମି, କଂସେଇ-
ଖାନା, କନ୍ୟା ।
ସୂନୁ, ବି. -ନୁ) ତନୟ, ପୁତ୍ର ।
ସୂନୃତ, ବି. (ସୁ-ନୃତ-ଅ) ସତ୍ୟ ଅଥଚ ପ୍ରିୟ ବାକ୍ୟ ।

ସୂପ, ବି. (ସୂ-ପ) ବ୍ୟଞ୍ଜନବିଶେଷ, ଡାଲି, ଝୋଳ ।
ସୂପକାର, ବି°. (ସପ-କାର) ପାଚକ, ରନ୍ଧନକାରୀ ।
ସୂରି, ବି. (ସୂ-ରି) ସୂର୍ଯ୍ୟ, ପଣ୍ଡିତ, ଜ୍ଞାନୀ ।
ସୂରସୂତ, ବି. (ସୂର-ସୂତ) ସୂର୍ଯ୍ୟସାରଥି, ଅରୁଣ ।
ସୂରୀ, (ରି), ବି°. ( ସୂର୍-ଇନ-ଈ) ପଣ୍ଡିତ, ଜ୍ଞାନୀ ।
ସୂର୍ପ, ବି. (ସୂର୍ପ-ଅ) କୁଲା, ପରିମାଣବିଶେଷ ।
ସୂର୍ପଣଖା, ବି. (ସୂର୍ପ-ନଖ) ରାବଣର ଭଗିନୀ ।
ସୂର୍ଯ୍ୟ, ବି. (ସୃ-ଯ) ଦିବାକର, ଆଦିତ୍ୟ ।
ସୂର୍ଯ୍ୟକାନ୍ତ, ବି. (ସୂର୍ଯ୍ୟ-କାନ୍ତ) ମଣିବିଶେଷ ।
ସୃଜନ, ବି. ସୃଜ୍-ଅନ) ସୃଷ୍ଟି, ନିର୍ମାଣ ।
ସୃଣି, (ଣୀ), ବି. (ସୃ-ନିକ) ହସ୍ତିଶାସନାସ୍ତ୍ର, ଅଙ୍କୁଶ ।
ସୃତ, ବି°. (ସୃ-ତ) ଗତ, ବିଗତ ।
ସୃତି, ବି. ( ସୃ-ତି ) ଗତି, ବର୍ତ୍ମ, ପଥ ।
ସୃଷ୍ଟ, ବି°. (ସୃଜ୍-ତ) ରଚିତ, ନିର୍ମିତ, କୃତ, ଯୁକ୍ତ ।
ସୃଷ୍ଟି, ବି. (ସୃଜ୍-ତି) ନିର୍ମାଣ, ରଚନା, ଜଗତ୍ ।
ସୃଷ୍ଟିକର୍ତ୍ତା, ବି. (ସୃଷ୍ଟି-କର୍ତ୍ତା) ପରମେଶ୍ୱର, ବ୍ରହ୍ମା ।
ସେ, ସେହି, ସର୍ବ. (ସଂସ୍କୃତ ସଃ)ତଦ୍‌ଶବ୍ଦର ପୁଂଲିଙ୍ଗ ପ୍ରଥମା ଏକବଚନ, ବୁଦ୍ଧିସ୍ଥ ପୁରୁଷ ବା ନାରୀ ।
ସେଉଳ, ବି. (ଦେ) ଏକପ୍ରକାର ମାଛ ।
ସେକ, ବି. (ସିଚ୍-ଅ) ସେଚନ । (ଦେ) ଉତ୍ତପ୍ତକରଣ ।
ସେକା, ବି. ବି°. (ଦେ)ସେକିବା,ସେକା ହୋଇଥିବା ।
ସେକିବା, କ୍ରି. ( ଦେ ) ତାପଦେବା ।

ସେଚନ, ବି. (ସିଚ୍-ଅନ) ଆର୍ଦ୍ରୀକରଣ, ଛିଞ୍ଚିବା ।

ସେଣା, ବି. (ଦେ) କୃଷିକ୍ଷେତ୍ରକୁ ଜଳ ବୁହାଇବାର ପାତ୍ରବିଶେଷ ।

ସେତଖାନା, ବି. (ଦେ) ପାଇଖାନା ।

ସେତାର, (ର), ବି. (ଦେ) ବାଦ୍ୟଯନ୍ତ୍ରବିଶେଷ ।

ସେତୁ, ବି. ବନ୍ଧ, କ୍ଷେତ୍ରାଦିର ଆଡ଼, ପୋଲ ।

ସେନା, ବି. (ସି-ନ-ଆ) ସୈନ୍ୟ, ସୈନ୍ୟଦଳ ।

ସେନାନିବେଶ, ବି. (ଦେ) ଶିବିର, ଛାଉଣୀ ।

ସେନାନୀ }
ସେନାପତି } ବି. (ସେନା-ନୀ-କ୍ୱିପ୍, ପତି) ସୈନ୍ୟାଧ୍ୟକ୍ଷ ।

ସେର, ବି. ଚାରି ପା ବା ୧୬ ଛଟାଙ୍କି ପରିମାଣ ।

ସେରନ୍ଧ୍ରୀ, ବି. (ଦେ) ସ୍ନେହରେ ଲାଳିତ ।

ସେବକ, ବିଂ. (ସେବ୍-ଅକ) ପରିଚାରକ, ଦାସ ।

ସେବତୀ, ବି. (ଦେ) ପୀତବର୍ଣ୍ଣ ପୁଷ୍ପବିଶେଷ ।

ସେବନ, ବି. (ସେବ୍-ଅନ) ସେବା, ଉପାସନା ।

ସେବନୀ, ବି. ସୂଚୀ, ଛୁଞ୍ଚୀ ।

ସେବା, ବି. (ସେବ୍-ଆ) ପରିଚର୍ଯ୍ୟା, ଶୁଶ୍ରୂଷା ।

ସେବାବୃତ୍ତ, ବିଂ. (ଦେ) ସେବକ, ସେବାକାରୀ ।

ସେବିତ, ବିଂ. (ସେବ୍-ତ) ଆରାଧିତ, ଉପଭୁକ୍ତ ।

ସେବ୍ୟ, ବିଂ. (ସେବ୍-ଯ) ସେବାର ଯୋଗ୍ୟ ।

ସେହି }
ସେହୁ } ସର୍ବ. (ତଦ୍ ଶବ୍ଦଜ) ସେ, ସେଇ ।

ସେନ୍ଧା, ବି. (ଦେ) ସାଞ୍ଜୁ, ବର୍ମି ।

ସୈକତ, ବ. (ସିକତା-ଅ) ପୁଳିନ, ବାଲୁକାମୟ ତଟ ।
ସୈନିକ, ବ. (ସେନା-ଇକ) ସିପାହି, ସେନାଶ୍ରେଣୀ ।
ସୈନ୍ଧବ, ବ. (ସିନ୍ଧୁ -ଅ) ଅଶ୍ୱ, ସମୁଦ୍ରଜାତ ଲବଣ ।
ସୈନ୍ୟ, ବ. (ସେନା-ଯ) ଶ୍ରେଣୀବଦ୍ଧ ଯୋଦ୍ଧା ।
ସୈରନ୍ଧ୍ରୀ } ବ. (ସୀର-ଧୃ-ଅ, ଈ) ପରଗୃହରେ
ସୈରିନ୍ଧ୍ରୀ } ଥିବା ଶିଳ୍ପକାରିଣୀ ସ୍ୱାଧୀନା ସ୍ତ୍ରୀ ।
ସୋଜା, ବଂ. (ଦେ) ସରଳ, ଅବକ୍ର, ଅକୁଟିଳ ।
ସୋଡ଼ା, ବଂ. ସୋରା, କ୍ଷାରକ୍ଷାର ।
ସୋଲ୍ଟୁ (ଡ୍ଡି) ଅ, ବ୍ର. ( ଦେ ) ପାଣି ବୋହିବାର
ନୌକାକାର ପାତ୍ର ।
ସୋତ୍କଣ୍ଠ, ବଂ.(ସ-ଉତ୍କଣ୍ଠା) ଉଦ୍‌ବିଗ୍ନ, ଉତ୍କଣ୍ଠାଯୁକ୍ତ ।
ସୋଦର } ବ. ( ସ-ଉଦର, ଯ ) ଏକଗର୍ଭଜାତ
ସୋଦର୍ଯ୍ୟ } ଭ୍ରାତା ।
ସୋପାନ, ବ. (ସ-ଉପାନ) ଆରୋହଣୀ, ସିଢ଼ୀ ।
ସୋମ, ବ. (ସୁ-ମ) ଚନ୍ଦ୍ର, କୁବେର, ଯମ ।
ସୋମଲତା, ବ. ପବିତ୍ର ଲତାବିଶେଷ ।
ସୋରା, ବ. ଯବକ୍ଷାର ।
ସୋରିଷ, ବ. (ସର୍ଷପ ଶବ୍ଦଜ) ସର୍ଷପ ।
ସୋହାଗା, ବ. (ଦେ) ଟାଙ୍ଗଣା ।
ସୌକର୍ଯ୍ୟ, ବ. (ସୁକର-ଯ) ସୁସାଧ୍ୟତା ।
ସୌକୁମାର୍ଯ୍ୟ, ବ. (ସୁକୁମାର-ଯ) କୋମଳତା ।
ସୌଖୀନ, ବଂ. (ସୁଖ-ଇନ) ସୁଖେଚ୍ଛୁ , ବିଳାସୀ ।
ସୌଖ୍ୟ, ବ. (ସୁଖ-ଯ) ସୁଖ, ସୁଖସମୂହ ।

ସୌଗନ୍ଧିକ, ବି. (ସୁଗନ୍ଧ-ଇକ) ନୀଳକଇଁ ।
ସୌଜନ୍ୟ, ବି°. (ସୁଜନ-ଯ) ସୁଜନତା, ସାଧୁତା ।
ସୌଦାମନୀ } ବି. ( ସୁଦାମନ୍-ଈ ) ତଡ଼ିତ୍,
ସୌଦାମିନୀ } ବିଦ୍ୟୁତ୍ ।
ସୌଧ, ବି. (ସୁଧା-ଅ) ରାଜସଦନ, ପ୍ରାସାଦ, ହର୍ମ୍ୟ ।
ସୌନିକ, (ସୂନା-ଇକ) କଂସାଇ ।
ସୌନ୍ଦର୍ଯ୍ୟ, ବି. (ସୁନ୍ଦର-ଯ) ସୁନ୍ଦରତା, ସୁଶ୍ରୀକତା ।
ସୌଭାଗ୍ୟ, ବି. ( ସୁଭଗ-ଯ ) ଶୁଭାଦୃଷ୍ଟ, ଯୋଗ ବିଶେଷ ।
ସୌଭ୍ରାତ୍ର, ବି. ( ସୁ-ଭ୍ରାତୃ-ଅ ) ଭାଇଙ୍କର ପରସ୍ପର ପ୍ରୀତି ।
ସୌମିତ୍ରି, ବି. (ସୁମିତ୍ରା-ଇ) ସୁମିତ୍ରାପୁତ୍ର, ଲକ୍ଷ୍ମଣ, ଶତ୍ରୁଘ୍ନ ।
ସୌମ୍ୟ, ବି°. (ସୋମ-ଯ) ସୁନ୍ଦର ଶାନ୍ତମୂର୍ତ୍ତି ।
ସୌର, ବି. (ସୂର-ଅ) ଶନି, ଯମ, ସୂର୍ଯ୍ୟୋପାସକ । ବି°. ସୂର୍ଯ୍ୟସମ୍ବନ୍ଧୀୟ ।
ସୌରଜଗତ୍, ବି. ସୂର୍ଯ୍ୟକୁ କେନ୍ଦ୍ର କରି ଚାରିପାଖରେ ବୁଲୁଥିବା ଗ୍ରହଗଣର ଅବସ୍ଥିତି ।
ସୌରଭ, ବି. ( ସୁରଭି-ଅ ) କୁଙ୍କୁମ, ସୁଗନ୍ଧ ।
ସୌରମାସ, ବି. ଏକ ସଂକ୍ରାନ୍ତିଠାରୁ ପର ସଂକ୍ରାନ୍ତି ପର୍ଯ୍ୟନ୍ତ କାଳ ।
ସୌରାଜ୍ୟ, ବି. (ସୁରାଜ-ଯ) ଉତ୍ତମ ରାଜତ୍ୱ ।
ସୌରାଷ୍ଟ୍ର, ବି. (ସୁରାଷ୍ଟ୍ର-ଅ) ସୁରାଟ୍ ଦେଶ ।

ସୌର, ବ. (ସୂର-ଇ) ଶନୈଶ୍ଚର, ଯମ, କୃଷ୍ଣ । ବିଂ. ସୂର୍ଯ୍ୟସମ୍ବନ୍ଧୀୟ ।

ସୌଷ୍ଠବ, ବି. (ସୁଷ୍ଠୁ-ଅ) ସୌନ୍ଦର୍ଯ୍ୟ, ଉତ୍କର୍ଷ, ଆଧିକ୍ୟ ।

ସୌସାଦୃଶ୍ୟ, ବି. ( ସୁ-ସଦୃଶ-ଯ ) ମେଳ ।

ସୌହାର୍ଦ୍ଦ, ସୌହାର୍ଦ୍ଦ୍ୟ, ସୌହୃଦ, ସୌହୃଦ୍ୟ } ବି. (ସୁହୃଦ୍-ଅ, ଯ) ପ୍ରଣୟ, ବନ୍ଧୁତ୍ୱ, ସୌଜନ୍ୟ ।

ସ୍କନ୍ଦ, ବି. (ସ୍କନ୍ଦ୍-ଅ) କାର୍ତ୍ତିକେୟ, ଷଡାନନ ।

ସ୍କନ୍ଧ, ବି. (କ-ଧା-ଅ) ଅଂଶ, କନ୍ଧରା, କାନ୍ଧ, ବ୍ୟୁହ. ସୈନ୍ୟରଚନା ।

ସ୍କନ୍ଧାବାର, ବି. ( ସ୍କନ୍ଧ-ଆ-ବୃ-ଅ ) ତମ୍ବୁ, ଶିବିର ।

ସ୍କୁଲ, ବି. (ଇଂ.) ବିଦ୍ୟାଳୟ, ପାଠଶାଳା ।

ସ୍ଖଳନ, ବି. (ସ୍ଖଲ୍-ଅନ) ଧର୍ମରୁ ପତନ, ଭ୍ରଂଶ, ପତନ ।

ସ୍ଖଳିତ, ବିଂ. (ସ୍ଖଲ୍-ତ) ଭ୍ରଷ୍ଟ, ବିଚ୍ୟୁତ ।

ସ୍ତନ, ବି. (ସ୍ତନ୍-ଅ) ବକ୍ଷୋଜ, ପୟୋଧର, କୁଚ ।

ସ୍ତନିତ, ବି. (ସ୍ତନ୍-ଇ-ତ) ମେଘଗର୍ଜନ, ବଜ୍ରଧ୍ୱନି ।

ସ୍ତନନ୍ଧୟ, ବି. (ସ୍ତନ-ଧେ-ଅ) ସ୍ତନ୍ୟପାୟୀ, ଅତି ଶିଶୁ ।

ସ୍ତନୟିତ୍ନୁ, ବି. (ସ୍ତନ-ଣିଚ୍-ଇତ୍ନୁ) ମେଘ, ବିଦ୍ୟୁତ ।

ସ୍ତନ୍ୟ, ବି. (ସ୍ତନ-ଯ) ସ୍ତନଦୁଗ୍ଧ ।

ସ୍ତନ୍ୟପାୟୀ, ( ସ୍ତନ୍ୟ-ପା-ଇନ୍ ) ମନୁଷ୍ୟାଦି ସ୍ତନ୍ୟ-ପାନକାରୀ ଜୀବ ।

ସ୍ତବ, ବି. (ସ୍ତୁ-ଅ) ସ୍ତୁତି, ପ୍ରଶଂସା, ଗୁଣବର୍ଣ୍ଣନା ।

ସ୍ତବକ, ବି. (ସ୍ତୁ-ଅକ) ଗୁଚ୍ଛ, ପେଣ୍ଡା, ସମୂହ ।

ସ୍ତବ୍ଧ, ବିଂ. (ସ୍ତନ୍ଭ୍-ତ) ସ୍ତମ୍ଭିତ, ଜଡୀଭୂତ, ଅସ୍ପନ୍ଦ ।

ସ୍ତମ୍ଭ, ବି. (ସ୍ତନ୍ଭ୍-ଅ) ଖୁଣ୍ଟ, ଅଚଞ୍ଚଳତା, ସ୍ଥିରଭାବ ।

ସ୍ତମ୍ଭନ, ବି. (ସ୍ତନ୍ଭ୍-ଅନ) ଅବରୋଧ, ନିବାରଣ ।

ସ୍ତମ୍ଭିତ, ବିଂ. (ସ୍ତନ୍ଭ୍-ଇ-ତ) ଜଡ଼ୀକୃତ, ସ୍ଥିରୀକୃତ ।

ସ୍ତର, ବି. (ସ୍ତୃ-ଅ) ତବକ, ଥାକ, ଭୂମିର ପରସ୍ତ ।

ସ୍ତାବକ, ବିଂ. (ସ୍ତୁ-ଅକ) ସ୍ତୁତିକାରକ, ଗୁଣଗାୟକ ।

ସ୍ତିମିତ, ବିଂ. (ସ୍ତିମ୍-ତ) ଆର୍ଦ୍ର, ନିଶ୍ଚଳ, ସ୍ଥିର, ଜଡ଼ ।

ସ୍ତୁତ, ବିଂ. (ସ୍ତୁ-ତ) ପ୍ରଶଂସିତ, ସଂକୀର୍ତ୍ତିତ ।

ସ୍ତୁତି, ବି. (ସ୍ତୁ-ତି) ପ୍ରଶଂସା, ସ୍ତବ, ଗୁଣକଥନ ।

ସ୍ତୁତିପାଠକ, ବିଂ. (ସ୍ତୁତି-ପାଠକ) ସ୍ତବକର୍ତ୍ତା, ବନ୍ଦୀ ।

ସ୍ତୁତ୍ୟ, ବି. (ସ୍ତୁ-ଯ) ପ୍ରଶଂସାଯୋଗ୍ୟ ।

ସ୍ତୂପ, ବିଂ. (ସ୍ତୂପ୍-ଅ) ରାଶି, ସମୂହ, ରାଶୀକୃତ ।

ସ୍ତୂପୀକୃତ, ବି. (ସ୍ତୂପ-ଚ୍ୱି-କୃ-ତ) ରାଶୀକୃତ ।

ସ୍ତୋକ, ବି. (ସ୍ତୁଚ୍-ଅ) ଅଳ୍ପ, ଈଷତ୍, ପ୍ରବୋଧ ।

ସ୍ତୋତ୍ର, ବି. (ସ୍ତୁ-ତ୍ର) ସ୍ତୁତି, ସ୍ତବ ।

ସ୍ତୋମ, ବି. (ସ୍ତୋମ୍-ଅ) ରାଶି, ସମୂହ ।

ସ୍ତ୍ରୀ, ବି. ( ସ୍ତ୍ୟୈ-ର୍-ଈ ) ଯୋଷିତ୍, ପତ୍ନୀ, ଭାର୍ଯ୍ୟା ।

ସ୍ତ୍ରୈଣ, ବିଂ. (ସ୍ତ୍ରୀ-ନ) ସ୍ତ୍ରୀବଶ, ସ୍ତ୍ରୀସମ୍ବନ୍ଧୀୟ ।

ସ୍ଥ, ବିଂ. (ସ୍ଥା-ଅ) ସ୍ଥିତ, ବିଦ୍ୟମାନ, ବର୍ତ୍ତମାନ ।

ସ୍ଥପତି, ବି.(ସ୍ଥ-ପତି) ଗୃହନିର୍ମାତା, ଶିଳ୍ପୀ, ସୂତ୍ରଧର ।

ସ୍ଥଗିତ, ବିଂ. (ସ୍ଥଗ୍-ତ) ଆବୃତ, ତିରୋହିତ, ନିବୃତ୍ତ ।

ସ୍ଥଳ } ବି. (ସ୍ଥଳ୍-ଅ,-ଈ) ସ୍ଥାନ, ପ୍ରଦେଶ, ପାର୍ଶ୍ୱ,
ସ୍ଥଳୀ } ଥଳୀ ।

ସ୍ଥଳପଦ୍ମ, ବି. ସ୍ୱନାମପ୍ରସିଦ୍ଧ ପୁଷ୍ପବିଶେଷ ।

ସ୍ଥବିର, ବିଂ. ( ସ୍ଥା-ଇର, ସ୍ଥା=ସ୍ଥବ) ବୃଦ୍ଧ, ଅଚଳ, ସ୍ଥିର ।

ସ୍ଥାଣୁ, ବି. (ସ୍ଥା-ନୁ) ଶିବ, କୀଳ, ଖୁଣ୍ଟା, ଥୁଣ୍ଟାଗଛ ।

ସ୍ଥାନ , ବି. (ସ୍ଥା-ଅନ) ସ୍ଥଳ, ପଦ, ସ୍ଥିତି, ଆଧାର ।

ସ୍ଥାନୀୟ, ବିଂ. (ସ୍ଥାନ-ଈୟ) ସ୍ଥିତିଯୋଗ୍ୟ, ସ୍ଥାନ-ସମ୍ବନ୍ଧୀୟ ।

ସ୍ଥାପକ, ବିଂ. (ସ୍ଥାପି-ଅକ) ସଂସ୍ଥାପନକାରୀ, ଯେ ରଖେ ।

ସ୍ଥାପତ୍ୟ, ବି. (ସ୍ଥପତି-ଯ) ଗୃହନିର୍ମାଣ ଶିଳ୍ପ ।

ସ୍ଥାପନ, (ନା), ବି. (ସ୍ଥାପି-ଅନ-ଅ) ଅର୍ପଣ, ରଖିବା ।

ସ୍ଥାପିତ, ବିଂ. (ସ୍ଥାପି-ତ) ଅର୍ପିତ, ନିବେଶିତ, ଗଚ୍ଛିତ ।

ସ୍ଥାୟୀ ବିଂ. (ସ୍ଥା-ଇନ୍) ସ୍ଥିତିବିଶିଷ୍ଟ, ଅଚଳ, ସ୍ଥିର ।

ସ୍ଥାବର, ବିଂ. (ସ୍ଥା-ବର) ସ୍ଥିତିଶୀଳ, ବୃକ୍ଷପର୍ବତାଦି ।

ସ୍ଥିତ, ବିଂ. (ସ୍ଥା-ତ) ସ୍ଥିର, ଅବଧାରିତ, ଆକ୍ରାନ୍ତ ।

ସ୍ଥିତି, ବି ( ସ୍ଥା-ତି ) ଅବସ୍ଥାନ, ଥିବା, ସ୍ଥିରତା ।

ସ୍ଥିତିସ୍ଥାପକ, ବି. ପୂର୍ବସ୍ଥାନରେ ସ୍ଥାପନକାରୀ ଗୁଣ ବିଶେଷ ।

ସ୍ଥିର, ବିଂ. (ସ୍ଥା-ଇର) ଧୀର, ବିଶ୍ୱାସଯୋଗ୍ୟ, ସ୍ଥାୟୀ ।

ସ୍ଥିରତା, ବି. (ସ୍ଥିର-ତା) ଅବଧାରଣ, ଦୃଢ଼ତା ।

ସ୍ଥିରା, ବି. ଅଚଳା, ପୃଥିବୀ ।

ସ୍ଥିରୀକୃତ, ବିଂ. ନିର୍ଣ୍ଣୀତ, ଦୃଢ଼ୀକୃତ ।

ସ୍ଥୂଳ, ବିଂ. (ସ୍ଥୂଲ୍-ଅ) ଇନ୍ଦ୍ରିୟଗ୍ରାହ୍ୟ, ପୁଷ୍ଟ, ପୀବର ।

ସ୍ଥୂଳକୋଣ, ବି. ସମକୋଣ ଅପେକ୍ଷା ବଡ଼ କୋଣ ।

ସ୍ଥେୟ, ବିଂ. ( ସ୍ଥା-ଯ ) ସ୍ଥିରତର, ସ୍ଥାପନୀୟ । ବି. ସଂଶୟନିର୍ଣ୍ଣାୟକ, ମଧ୍ୟସ୍ଥ, ଜଜ, ପୁରୋହିତ ।

ସ୍ଥୈର୍ଯ୍ୟ, ବି. (ସ୍ଥିର-ଯ) ସ୍ଥିରତା, ଦୃଢ଼ତା ।

ସ୍ନପନ, ବି. (ସ୍ନପି-ଅନ) ସ୍ନାନ, ଗାଧୁଆ ।

ସ୍ନପିତ, ବିଂ. (ସ୍ନପି-ତ) ସ୍ନାତ, ସିକ୍ତ, ଅଭିଷେଚିତ ।

ସ୍ନାତ, ବିଂ. (ସ୍ନା-ତ) ଅଭିଷିକ୍ତ, ଧୌତ, କ୍ଷାଳିତ ।

ସ୍ନାନ, ବି. (ସ୍ନା-ଅନ) ସର୍ବାଙ୍ଗକ୍ଷାଳନ, ଅବଗାହନ ।

ସ୍ନାନପୂର୍ଣ୍ଣିମା, ବି. ଜ୍ୟୈଷ୍ଠ ମାସର ପୂର୍ଣ୍ଣିମା ।

ସ୍ନାୟୁ, ବି. (ସ୍ନା-ଉ) ଦେହବର୍ତ୍ତୀ ସୂତ୍ରବତ୍ ସୂକ୍ଷ୍ମ ନାଡ଼ୀ, ମାଂସ ଓ ଅସ୍ଥିର ବନ୍ଧନ ଶିରା ।

ସ୍ନିଗ୍ଧ, ବିଂ. (ସ୍ନିହ୍-ତ) ଚିକ୍କଣ, କୋମଳ, ମଧୁର ।

ସ୍ନୁଷା, ବି. (ସ୍ନୁ-ସ-ଆ) ପୁତ୍ରବଧୂ ।

ସ୍ନେହ, ବି. (ସ୍ନିହ୍-ଅ) ପ୍ରେମ, ଦୟା, ବାତ୍ସଲ୍ୟ, ତୈଳାଦି ଦ୍ରବବସ୍ତୁ ।

ସ୍ନେହୀ, ବିଂ. (ସ୍ନେହ-ଇନ୍) ପ୍ରେମୀ, ସ୍ନେହଯୁକ୍ତ, ତୈଳାଦିଯୁକ୍ତ ।

ସ୍ପନ୍ଦ, (ନ), ବି. (ସ୍ପନ୍ଦ୍-ଅ, ଅନ) ସ୍ଫୁରଣ, ଈଷତ୍ କମ୍ପନ ।

ସ୍ପନ୍ଦିତ, ବିଂ. (ସ୍ପନ୍ଦ୍-ତ) କମ୍ପିତ, ସ୍ଫୁରିତ ।

ସ୍ପର୍ଦ୍ଧା, ବି. (ସ୍ପର୍ଦ୍ଧ୍-ଆ) ପ୍ରତିଯୋଗିତା, ଗର୍ବ ।

ସ୍ପର୍ଦ୍ଧିତ, ବିଂ. (ସ୍ପର୍ଦ୍ଧା-ଇତ) ସ୍ପର୍ଦ୍ଧାଯୁକ୍ତ ।

ସ୍ପର୍ଦ୍ଧୀ, ବିଂ. (ସ୍ପର୍ଦ୍ଧା-ଇନ୍) ସ୍ପର୍ଦ୍ଧାକାରୀ ।

ସ୍ପର୍ଶ, ବି. (ସ୍ପୃଶ୍-ଅ) ସ୍ପର୍ଶନ, ପରଶ, ଛୁଇଁବା ।

ସ୍ପର୍ଶନ, ବି. (ସ୍ପୃଶ୍-ଅନ) ସ୍ପର୍ଶ, ଛୁଇଁବା, ବାୟୁ ।

ସ୍ପର୍ଶମଣି, ବି. (ସ୍ପର୍ଶ-ମଣି) ପରଶପଥର, ଯାହାର ସ୍ପର୍ଶରେ ଲୌହାଦି ଧାତୁସମୂହ ସ୍ବର୍ଣ୍ଣ ହୋଇଯାଏ ।

ସ୍ପର୍ଶୀ, ବିଂ. (ସ୍ପୃଶ୍-ଇନ୍) ସ୍ପର୍ଶକାରୀ ।
ସ୍ପର୍ଶେନ୍ଦ୍ରିୟ, ବି. (ସ୍ପର୍ଶ-ଇନ୍ଦ୍ରିୟ) ତ୍ୱଗିନ୍ଦ୍ରିୟ ।
ସ୍ପଷ୍ଟ, ବି. (ସ୍ପଶ୍-ତ) ସ୍ଫୁଟ, ବ୍ୟକ୍ତ, ପ୍ରକାଶିତ ।
ସ୍ପୃଷ୍ଟ, ବିଂ. (ସ୍ପୃଶ୍-ତ) ଛୁଇଁବା, ବ୍ୟାପ୍ତ ।
ସ୍ପୃହଣୀୟ, ବିଂ. (ସ୍ପୃହ-ଅନୀୟ) ବାଞ୍ଛନୀୟ, ଶୋଭନୀୟ ।
ସ୍ପୃହା, ବି. (ସ୍ପୃହ-ଆ) ବାଞ୍ଛା, ଇଚ୍ଛା, ଗ୍ରହଣେଚ୍ଛା ।
ସ୍ଫଟିକ, ବି. (ସ୍ଫଟି-କ) ସୂର୍ଯ୍ୟକାନ୍ତ ମଣି ।
ସ୍ଫାଟିକ, ବିଂ. (ସ୍ଫଟିକ-ଅ) ସ୍ଫଟିକମୟ, ସ୍ଫଟିକନିର୍ମିତ ।
ସ୍ଫୀତ, ବିଂ. (ସ୍ଫାୟ-ତ) ପ୍ରବୃଦ୍ଧ, ବଦ୍ଧିତ, ଫୁଲିବା, ଫମ୍ପା ।
ସ୍ଫୀତି, ବି. (ସ୍ଫାୟ-ତି) ଫୁଲି ଉଠିବା, ପ୍ରବୃଦ୍ଧି ।
ସ୍ଫୁଟ, ବିଂ. (ସ୍ଫୁଟ୍-ଅ) ବିକଶିତ, ପ୍ରଫୁଲ୍ଲ, ସ୍ପଷ୍ଟ, ବ୍ୟକ୍ତ ।
ସ୍ଫୁଟନ, ବି. (ସ୍ଫୁଟ୍-ଅନ) ବିକଶନ, ବ୍ୟକ୍ତ ହେବା ।
ସ୍ଫୁଟିତ, ବିଂ. (ସ୍ଫୁଟ୍-ତ) ବିକଶିତ ।
ସ୍ଫୁର, ବି. (ସ୍ଫୁର୍-ଅ) ସ୍ଫୁରଣ, ଫୁଲ୍ଲ ।
ସ୍ଫୁରଣ } ବି. (ସ୍ଫୁର୍-ଅନ) ସ୍ପନ୍ଦନ, ଈଷତ୍‌କମ୍ପନ,
ସ୍ଫୁରଣା } ସ୍ଫୂର୍ତ୍ତି ।
ସ୍ଫୁରିତ, ବିଂ. (ସ୍ଫୁର୍-ତ) ଚଳିତ, ସ୍ଫୂର୍ତ୍ତ ।
ସ୍ଫୁଲିଙ୍ଗ, ବି. (ସ୍ଫୁ-ଲିନ୍‌ଗ-ଅ) ଅଗ୍ନିକଣା ।
ସ୍ଫୂର୍ତ୍ତି, ବି. (ସ୍ଫୁର୍-ତି) କମ୍ପ, ସ୍ପନ୍ଦ, ହର୍ଷ, ପ୍ରତିଭା, ବିକାଶ ।
ସ୍ଫୋଟକ, ବି. (ସ୍ଫୁଟ୍-ଅକ) ବଥ, ଆବୁ ।
ସ୍ଫୋଟନ, ବି. (ସ୍ଫୁଟ୍-ଅନ) ବିଦାରଣ, ଭଙ୍ଗ ।
ସ୍ମୟ, ବି. (ସ୍ମି-ଅ) ଗର୍ବ, ଆଶ୍ଚର୍ଯ୍ୟ ।

ସ୍ମର, ବି. (ସ୍ମୃ-ଅ) କାମଦେବ, ସ୍ମରଣ ।
ସ୍ମରଗୁରୁ, ବି. (ସ୍ମର-ଗୁରୁ) ବିଷ୍ଣୁ, କନ୍ଦର୍ପପିତା ।
ସ୍ମରଣ, ବି, (ସ୍ମୃ-ଅନ) ଧ୍ୟାନ, ଚିନ୍ତା, ସ୍ମୃତି ।
ସ୍ମରଣୀୟ, ବିଂ.(ସ୍ମୃ-ଅନୀୟ)ସ୍ମର୍ତ୍ତବ୍ୟ, ସ୍ମରଣଯୋଗ୍ୟ।
ସ୍ମରପ୍ରିୟା, ବି. (ସ୍ମର-ପ୍ରିୟା) ରତି, କାମପତ୍ନୀ ।
ସ୍ମରବଲ୍ଲଭ, ବି. (ସ୍ମର-ବଲ୍ଲଭ) ଅନିରୁଦ୍ଧ ।
ସ୍ମରବୀଥିକା, ବି.(ସ୍ମର-ବୀଥି-କା)ବାରାଙ୍ଗନା,ବେଶ୍ୟା ।
ସ୍ମରହର } ବି. (ସ୍ମର-ହର, ଅରି) ଶିବ ।
ସ୍ମରାରି }
ସ୍ମର୍ତ୍ତବ୍ୟ, ବିଂ (ସ୍ମୃ-ତବ୍ୟ) ସ୍ମରଣୀୟ, ସ୍ମୃତିଯୋଗ୍ୟ ।
ସ୍ମାରକ, ବିଂ. (ସ୍ମୃ-ଅକ) ସ୍ମୃତିଜନକ, ସ୍ମରଣକାରୀ ।
ସ୍ମାର୍ତ୍ତ, ବି. (ସ୍ମୃତି-ଅ)ସ୍ମୃତିସମ୍ବନ୍ଧୀୟ, ସ୍ମୃତିଶାସ୍ତ୍ରୋକ୍ତ, ସ୍ମୃତିବେତ୍ତା ।
ସ୍ମିତ, ବି. (ସ୍ମି-ତ) ଈଷତ୍ ହାସ୍ୟ । ବିଂ. ହସିତ ।
ସ୍ମୃତ, ବିଂ. (ସ୍ମୃ-ତ) ସ୍ମରଣବିଷୟ ।
ସ୍ମୃତି, ବି. ( ସ୍ମୃ-ତି ) ସ୍ମରଣ, ଧର୍ମସଂହିତା, ଇଚ୍ଛା ।
ସ୍ମୃତିମାନ୍, ବିଂ. (ସ୍ମୃତି-ମତ୍) ସ୍ମରଣଯୁକ୍ତ ସ୍ମରଣକାରୀ ।
ସ୍ମେର, ବିଂ. (ସ୍ମି-ର) ଈଷତ୍ ହାସ୍ୟଯୁକ୍ତ, ବିକଶିତ ।
ସ୍ୟନ୍ଦ, ବି. (ସ୍ୟନ୍ଦ୍-ଅ) କ୍ଷରଣ, ଗମନ ।
ସ୍ୟନ୍ଦନ, ବି. (ସ୍ୟନ୍ଦ୍-ଅନ) ରଥ ।
ସ୍ୟମନ୍ତକ, ବି. ଶ୍ରୀକୃଷ୍ଣଙ୍କ ଭୂଷଣ ମଣି ।
ସ୍ୟୂତ, ବିଂ. (ସିବ୍-ତ) ଗ୍ରଥିତ, ସିଲାଇ ହୋଇଥିବା ।

ସ୍ରକ୍, ବ, (ସ୍ରଜ୍-କ୍ୱିପ୍) ମାଲ୍ୟ, ମାଳା, ହାର ।

ସ୍ରଗାବର୍ତ୍ତ, ବ. ( ସ୍ରକ୍-ଆବର୍ତ୍ତ ) ପୁଷ୍ପର ପାଖଡ଼ାମାନଙ୍କର ସମଷ୍ଟି ।

ସ୍ରବ, ସ୍ରବଣ } ବ. (ସ୍ରୁ-ଅ, ଅନ) କ୍ଷରଣ, ପତନ, ଉତ୍ସ, ଝର ।

ସ୍ରଷ୍ଟା, ବ. (ସୃଜ-ତୃ) ବିଧାତା । ବି॰. ସୃଷ୍ଟିକର୍ତ୍ତା ।

ସ୍ରସ୍ତ, ବି॰. (ସ୍ରନ୍ସ୍-ତ) କ୍ଷରିତ, ଚ୍ୟୁତ, ବିଗଳିତ ।

ସ୍ରାବ, ବ. (ସ୍ରୁ-ଅ) କ୍ଷରଣ, ପତନ, ଭ୍ରଂଶ ।

ସ୍ରୁତ, ବି॰. (ସ୍ରୁ-ତ) କ୍ଷରିତ, ଗଳିତ, ପତିତ ।

ସ୍ରୋତ, ସ୍ରୋତଃ } ବ. (ସ୍ରୁ-ତ, ଅସ ) ଜଳପ୍ରବାହ ।

ସ୍ରୋତସ୍ୱତୀ, ସ୍ରୋତସ୍ୱିନୀ } ବ. (ସ୍ରୋତସ୍-ବତୁ, ବିନ୍-ଈ) ନଦୀ । ବି॰. ସ୍ରୋତୟୁକ୍ତ ।

ସ୍ରୋତସ୍ୱାନ୍, ବି॰.(ସ୍ରୋତସ୍-ବତୁ) ସ୍ରୋତୋବିଶିଷ୍ଟ ।

ସ୍ୱ, ବ. (ସ୍ୱନ୍-ଅ) ଜ୍ଞାତି, ଜୀବାତ୍ମା । ( ସର୍ବନାମ ) ଆତ୍ମା, ସ୍ୱୟଂ । ବି॰. ସ୍ୱକୀୟ ।

ସ୍ୱକୀୟ, ବି॰. (ସ୍ୱ-ଈୟ) ଆପଣା, ସ୍ୱୀୟ, ନିଜ ।

ସ୍ୱଗତ, ବି॰. (ସ୍ୱ-ଗତ) ଆତ୍ମଗତ, ଆତ୍ମନିଷ୍ଠ, ମନୋଗତ, ମନେ ମନେ କହିବା ।

ସ୍ୱଚ୍ଛ, ବି॰. (ସୁ-ଅଚ୍ଛ) ନିର୍ମଳ, ଶୁଭ୍ର, ଶୁକ୍ଳ ।

ସ୍ୱଚ୍ଛନ୍ଦ, ବି॰. (ସ୍ୱ-ଛନ୍ଦ) ସ୍ୱାଧୀନ, ସ୍ୱେଚ୍ଛାନୁବର୍ତ୍ତୀ ।

ସ୍ୱଜନ, ବ. (ସ୍ୱ-ଜନ) ବନ୍ଧୁ, ଆତ୍ମୀୟ, କୁଟୁମ୍ବ ।

ସ୍ୱତଃ, ଅ॰. (ସ୍ୱ-ତସ୍) ନିଜଠାରୁ, ଆପଣାଠାରୁ, ସ୍ୱୟଂ ।

ସ୍ୱତଃପ୍ରବୃତ୍ତ, ବିଂ. ସ୍ୱୟଂ ପ୍ରବୃତ୍ତ।

ସ୍ୱତଃସିଦ୍ଧ, ବିଂ. ଯାହା କୌଣସି ପ୍ରମାଣସାପେକ୍ଷ ନୁହେ।

ସ୍ୱତନ୍ତ୍ର, ବିଂ. (ସ୍ୱ-ତନ୍ତ୍ର) ସ୍ୱାଧୀନ, ଆତ୍ମବଶ।

ସ୍ୱତ୍ୱ, ବି. (ସ୍ୱ-ତ୍ୱ) ଅଧିକାର, ଧନାଦିରେ ପ୍ରଭୁତ୍ୱ।

ସ୍ୱଧା, ଅଂ. (ସ୍ୱଦ୍-ଆ) ଦେବୋଦ୍ଦେଶରେ ହବିର୍ଦାନ, ପିତୃଲୋକ ଉଦ୍ଦେଶରେ ପିଣ୍ଡ ଦାନ।

ସ୍ୱନ, ବି. (ସ୍ୱନ୍-ଅ) ଶବ୍ଦ, ଧ୍ୱନି, ସ୍ୱର।

ସ୍ୱନିତ, ବିଂ. (ସ୍ୱନ୍-ତ) ଧ୍ୱନିତ। ବି. ଧ୍ୱନି।

ସ୍ୱପନ, ସ୍ୱପ୍ନ } ବି. (ସ୍ୱପ୍-ଅନ, ନ) ନିଦ୍ରା, ନିଦ୍ରାବସ୍ଥାରେ ବିଷୟାନୁଭବ।

ସ୍ୱଭାବ, ବି. ( ସ୍ୱ-ଭାବ ) ପ୍ରକୃତି, ଅଭିପ୍ରାୟ।

ସ୍ୱଭାବତଃ, ଅଂ. (ସ୍ୱଭାବ-ତସ୍) ସ୍ୱାଭାବିକ ରୂପରେ।

ସ୍ୱୟଂ, ଅଂ. ଆପେ, ନିଜେ।

ସ୍ୱୟଂବର, ସ୍ୱୟମ୍ବର } ବି. (ସ୍ୱୟମ୍-ବୃ-ଅ) ବିଖ୍ୟାତ ଦେଶସ୍ଥ ବ୍ୟକ୍ତିଙ୍କ ଆହ୍ୱାନପୂର୍ବକ ସଭା କରି ତହିଁ ମଧ୍ୟରୁ ସ୍ୱୀକର୍ତ୍ତିଙ୍କ ସ୍ୱୟଂ ପତିଗ୍ରହଣ।

ସ୍ୱୟଂବରା, ସ୍ୱୟମ୍ବରା } ବି. (ସ୍ୱୟମ୍-ବୃ-ଅ-ଆ) ସ୍ୱୟଂ ପତିଗ୍ରାହିଣୀ ସ୍ତ୍ରୀ।

ସ୍ୱୟଂଭୂ, ସ୍ୱୟମ୍ଭୂ, ସ୍ୱୟମ୍ଭୂ } ବି. (ସ୍ୱୟମ୍-ଭୂ-ଂ, ଉ) ବ୍ରହ୍ମା, ପରମାତ୍ମା।

ସ୍ୱାୟମ୍ଭୁବ, ବି. (ସ୍ୱୟମ୍ଭୂ-ଅ) ବ୍ରହ୍ମା, **ପ୍ରଥମ ମନୁ**।

ସ୍ୱର, ବି. (ସ୍ୱର-ଅ) ସ୍ୱନ, ଶବ୍ଦ, କଣ୍ଠଧ୍ୱନି ।

ସ୍ୱରାଜ୍ୟ, ବି. (ସ୍ୱ-ରାଜ୍ୟ) ସ୍ୱାଧୀନରାଜ୍ୟ, ନିଜରାଜ୍ୟ ।

ସ୍ୱରୂପ, ବି. (ସ୍ୱ-ରୂପ) ପ୍ରକୃତି, ସ୍ୱଭାବ, ପ୍ରକୃତ ରୂପ । ବିଂ. ସୁନ୍ଦର, ମନୋଜ୍ଞ ।

ସ୍ୱର୍, ଅଂ. (ସ୍ୱୃ-୦) ସ୍ୱର୍ଗ, ସୁରଲୋକ, ଆକାଶ, ପ୍ରଭା ।

ସ୍ୱର୍ଗ, ବି. ( ସୁ-ଋଜ୍-ଅ ) ସୁରଲୋକ, ଦେବନଗରୀ ।

ସ୍ୱର୍ଗଙ୍ଗା, ବି. (ସ୍ୱର୍-ଗଙ୍ଗା) ମନ୍ଦାକିନୀ, ସୁରନଦୀ ।

ସ୍ୱର୍ଗତ, ବିଂ. (ସ୍ୱଃ-ଗତ) ମୃତ, ଯେ ସ୍ୱର୍ଗକୁ ଯାଇଅଛି ।

ସ୍ୱର୍ଗ୍ୟ, ସ୍ୱର୍ଗୀୟ } ବିଂ. (ସ୍ୱର୍ଗ-ଯ, ଈୟ) ସ୍ୱର୍ଗସମ୍ବନ୍ଧୀୟ ।

ସ୍ୱର୍ଣ୍ଣ, ବି. ( ସୁ-ଅର୍ଣ୍ଣ ) କାଞ୍ଚନ, ସୁବର୍ଣ୍ଣ, ସୁନା ।

ସ୍ୱର୍ଣ୍ଣକାର, ସ୍ୱର୍ଣ୍ଣକୃତ୍ } ବି. (ସ୍ୱର୍ଣ୍ଣ-କାର, କୃତ୍) ବଣିଆଜାତି ।

ସ୍ୱର୍ଣ୍ଣଚୂଡ଼, ବି. (ସ୍ୱର୍ଣ୍ଣ-ଚୂଡ଼ା) ପକ୍ଷିବିଶେଷ, ଚଷାପୁଅ-ପକ୍ଷୀ, କୁକୁଟ, ଉତ୍କଳର ପର୍ବତବିଶେଷ ।

ସ୍ୱର୍ଣ୍ଣ(ନ)ଦୀ, ବି. (ସ୍ୱର୍-ନଦୀ) ମନ୍ଦାକିନୀ, ଗଙ୍ଗା ।

ସ୍ୱର୍ଭାନୁ, ବି. (ସ୍ୱର୍-ଭାନୁ) ରାହୁଗ୍ରହ ।

ସ୍ୱର୍ବେଶ୍ୟା, ବି. ( ସ୍ୱର୍-ବେଶ୍ୟା ) ଅପ୍ସରା ।

ସ୍ୱର୍ବୈଦ୍ୟ, ବି. ( ସ୍ୱର୍-ବୈଦ୍ୟ ) ସ୍ୱର୍ଗର ଚିକିତ୍ସକ, ଅଶ୍ୱିନୀକୁମାରଦ୍ୱୟ ।

ସ୍ୱଳ୍ପ, ବିଂ. (ସୁ-ଅଳ୍ପ) ଅତି ଅଳ୍ପ, ଅତି କ୍ଷୁଦ୍ର ।

ସ୍ୱବଶ, ବିଂ. (ସ୍ୱ-ବଶ) ସ୍ୱତନ୍ତ୍ର, ଆତ୍ମବଶ ।

ସ୍ୱସା, ବି. (ସୁ-ଅସ୍-ଋ) ଭଗିନୀ, ଭଉଣୀ ।

ସ୍ୱସ୍ତି, ଅଂ. (ସୁ-ଅସ୍-ତି) ଆଶୀର୍ବାଦ, ଶୁଭ, ମଙ୍ଗଳ ।

ସ୍ୱସ୍ତିକ, ବି. (ସ୍ୱସ୍ତି-କ) ସମ୍ମୁଖ ବାରଣ୍ଡା, ବା ଗୃହମା-ଯୁକ୍ତ ପ୍ରାସାଦ, ଆସନବିଶେଷ ।

ସ୍ୱସ୍ତିବାଚନ, ବି. ସ୍ୱସ୍ତି ଶବ୍ଦର ଉଚ୍ଚାରଣ ।

ସ୍ୱସ୍ତ୍ୟୟନ, ବି (ସ୍ୱସ୍ତି-ଅୟନ) କୁଗ୍ରହ ଶାନ୍ତି ନିମିତ୍ତ ମଙ୍ଗଳକର୍ମାନୁଷ୍ଠାନ ।

ସ୍ୱସ୍ଥ, ବିଂ. (ସ୍ୱ-ସ୍ଥା-ଅ) ନିରୁଦ୍‌ବିଗ୍ନ, ସୁସ୍ଥ ।

ସ୍ୱସ୍ରୀୟ, ବି. (ସ୍ୱସୃ-ଈୟ) ଭଗିନୀର ପୁତ୍ର ।

ସ୍ୱାକ୍ଷର, ବି. (ସ୍ୱ-ଅକ୍ଷର) ଦସ୍ତଖତ ।

ସ୍ୱାଗତ, ବି. (ସୁ-ଆଗତ) କୁଶଳପ୍ରଶ୍ନ, ଶୁଭାଗମନ ।

ସ୍ୱାଚ୍ଛନ୍ଦ୍ୟ, ବି. ( ସ୍ୱଚ୍ଛନ୍ଦ-ଯ ) ସ୍ୱାଧୀନତା, ସ୍ୱଚ୍ଛନ୍ଦତା, ସ୍ୱାସ୍ଥ୍ୟ ।

ସ୍ୱାତନ୍ତ୍ର୍ୟ, ବି. (ସ୍ୱତନ୍ତ୍ର-ଯ) ସ୍ୱତନ୍ତ୍ରତା, ସ୍ୱାଧୀନତା ।

ସ୍ୱାତି, (ତୀ), ବି. (ସୁ-ଅତ୍-ଇ) ନକ୍ଷତ୍ରବିଶେଷ ।

ସ୍ୱାଦ, ବି. (ସ୍ୱଦ୍-ଅ) ରସ, ଆସ୍ୱାଦ, ରସାନୁଭବ ।

ସ୍ୱାଦୁ, ବିଂ. ( ସ୍ୱଦ୍-ଉ ) ମିଷ୍ଟ, ମଧୁର, ସୁସ୍ୱାଦୁ ।

ସ୍ୱାଧୀନ, ବିଂ. (ସ୍ୱ-ଅଧୀନ) ସ୍ୱେଚ୍ଛାଚାରୀ, ସ୍ୱତନ୍ତ୍ର ।

ସ୍ୱାଧୀନପତିକା } ବି. ( ସ୍ୱ-ଅଧୀନ-ପତି, ଭର୍ତ୍ତୃ )
ସ୍ୱାଧୀନଭର୍ତ୍ତୃକା } ନାୟିକାବିଶେଷ, ନାୟକ ଯାହାର ବଶୀଭୂତ ।

ସ୍ୱାଧ୍ୟାୟ, ବି. ( ସୁ-ଆ-ଅଧ୍ୟାୟ ) ବେଦାଧ୍ୟୟନ ।

ସ୍ୱାନ, ବି. (ସ୍ୱନ୍-ଅ) ସ୍ୱନ, ଧ୍ୱନି, ଶବ୍ଦ ।

ସ୍ୱାଭାବିକ, ବିଂ. (ସ୍ୱଭାବ-ଇକ) ସ୍ୱଭାବସିଦ୍ଧ, ନୈସର୍ଗିକ ।

ସ୍ୱାମିତ୍ୱ, ବି. (ସ୍ୱାମିନ୍-ତ୍ୱ) ସ୍ୱତ୍ୱ, ପ୍ରଭୁତ୍ୱ ।

ସ୍ୱାମୀ, ବି (ସ୍ୱ-ଆମିନ୍) ପ୍ରଭୁ, ରାଜା, ପତି, ସନ୍ନ୍ୟାସୀ ।

ସ୍ୱାର୍ଥ, ବି. (ସ୍ୱ-ଅର୍ଥ) ସ୍ୱକାର୍ଯ୍ୟ, ନିଜ ପ୍ରୟୋଜନ ।

ସ୍ୱାର୍ଥିକ, ବିଂ. (ସ୍ୱାର୍ଥ-ଇକ) ନିଜ ଅର୍ଥରେ ସମ୍ପାଦିତ, ସ୍ୱାର୍ଥରେ ବର୍ଦ୍ଧିତ ।

ସ୍ୱାର୍ଥପର } ବିଂ. ( ସ୍ୱାର୍ଥ-ପର, ପରାୟଣ )
ସ୍ୱାର୍ଥପରାୟଣ } ସ୍ୱକାର୍ଯ୍ୟସାଧନତତ୍ପର, ନିଜ ପ୍ରୟୋଜନସିଦ୍ଧି ବିଷୟରେ ବ୍ୟଗ୍ର ।

ସ୍ୱାସ୍ଥ୍ୟ, ବି. (ସୁସ୍ଥ-ଯ) ସୁସ୍ଥତା, ଆରୋଗ୍ୟ, ସନ୍ତୋଷ ।

ସ୍ୱାହା, ଅଂ. ( ସୁ-ଆ-ହ୍ୱେ-ଆ ) ଦେବୋଦ୍ଦେଶରେ ଅଗ୍ନିରେ ଘୃତପ୍ରଦାନ, ତଦ୍ଦାନର ମନ୍ତ୍ର, ଅଗ୍ନିଙ୍କ ଭାର୍ଯ୍ୟା ।

ସ୍ୱାହାଭୁକ୍, ବି. (ସ୍ୱାହା-ଭୁଜ୍-କ୍ୱିପ୍) ଦେବତା ।

ସ୍ୱିନ୍ନ, ବିଂ. (ସ୍ୱିଦ୍-ତ) ସ୍ନେହଯୁକ୍ତ, ଘର୍ମାକ୍ତ ।

ସ୍ୱୀକାର, ବି. ( ସ୍ୱ-ଚ୍ୱି-କୃ-ଅ ) ପ୍ରତିଜ୍ଞା, ଅଙ୍ଗୀକାର, ଗ୍ରହଣ, ବଶୀକରଣ ।

ସ୍ୱୀକୃତ, ବିଂ. (ସ୍ୱ-ଚ୍ୱି-କୃତ) ଅଙ୍ଗୀକୃତ, ସମ୍ମତ, ଗୃହୀତ

ସ୍ୱୀୟ, ବିଂ. (ସ୍ୱ-ଈୟ) ସ୍ୱକୀୟ, ଆତ୍ମୀୟ, ନିଜ ।

ସ୍ୱେଚ୍ଛା, ବି (ସ୍ୱ-ଇଚ୍ଛା) ଆପଣା ଇଚ୍ଛା, ସ୍ୱଚ୍ଛନ୍ଦ ।

ସ୍ୱେଚ୍ଛାଚାରୀ, ବିଂ. ( ସ୍ୱେଚ୍ଛା-ଆଚାରୀ ) ସ୍ୱାଧୀନ, ଯେ ଆପଣା ଇଚ୍ଛାନୁସାରେ ଆଚରଣ କରେ, ଅବାଧ୍ୟ ।

ସ୍ୱେଦ, ବି. (ସ୍ୱିଦ୍-ଅ) ତାପ, ଘର୍ମ, କ୍ଳେଦ, ଝାଳ ।

ସ୍ୱେଦଜ, ବିଂ. (ସ୍ୱେଦ-ଜନ୍-ଅ ) ଉଷ୍ମଜ, କୃମି ଦଂଶ ମଶକାଦି ।

ସ୍ୱୈର, ବିଂ. ( ସ୍ୱ-ଈର-ଅ ) ଆତ୍ମବଶ, ସ୍ୱାଧୀନ, ସ୍ୱଚ୍ଛନ୍ଦ, ମନ୍ଦ, ଜଡ଼ ।

ସ୍ୱୈରଚାରିଣୀ, ବି. (ସ୍ୱୈର-ଚାରିଣୀ) ବ୍ୟଭିଚାରିଣୀ ସ୍ତ୍ରୀ।

ସ୍ୱୈରଚାରୀ, ବିଂ. (ସ୍ୱୈର-ଚର-ଇନ୍) ସ୍ୱେଚ୍ଛାଚାରୀ, ଅବାଧ ।

ସ୍ୱୈରନ୍ଧ୍ରୀ, ବି. ( ସ୍ୱୈର-ଧୃ-ଇ ) ପରଗୃହରେ ଥାଇ ଯେଉଁ ସ୍ତ୍ରୀ ଶିଳ୍ପଶିକ୍ଷା ଦିଏ ।

ସ୍ୱୈରିଣୀ, ବିଂ. (ସ୍ୱୈର-ଇନ୍-ଈ) ବ୍ୟଭିଚାରିଣୀ ।

ସ୍ୱୈରୀ, ବିଂ. (ସ୍ୱୈର-ଇନ୍) ସ୍ୱେଚ୍ଛାଚାରୀ, ଅବାଧ ।

——

# ହ

ହ, ବ୍ୟଞ୍ଜନବର୍ଣ୍ଣର ତ୍ରୟସ୍ତ୍ରିଂଶତ୍ ବର୍ଣ୍ଣ । ବି. (ହା କମ୍ପା ହନ୍-ଅ) ଶିବ, ବିଷ୍ଣୁ, ଜଳ, ଶୂନ୍ୟ । (ଦେ). ଚନ୍ଦ୍ର ।

ହଂସ, ବି. (ହନ୍-ସ) ହଂସ, ପକ୍ଷିବିଶେଷ, ଆତ୍ମା । ବିଂ. ଶ୍ରେଷ୍ଠ । ସ୍ତ୍ରୀ. ହଂସୀ ।

ହଂସକ, ବି. (ହଂସ-କୈ-ଅ) ନୂପୁର, ପାଦାଭରଣ-ବିଶେଷ, ରାଜହଂସ ।

ହଂସରାଳୀ, ବି. (ଦେ) କ୍ଷୁଦ୍ରଜାତୀୟ ହଂସ ।

ହଂସା, ବି. (ଦେ) ସାହସ, ଧୈର୍ଯ୍ୟ, ପ୍ରାଣବାୟୁ ।

ହଂସୁଲି, ବି. ( ଯା ) ବେକର ଅଳଙ୍କାରବିଶେଷ, ହଂସପରରେ ପୂରିତ (ଗଣ୍ଡା, ଶୋଧ)

ହୁଁ, ଅଂ. (ଦେ) ସମ୍ମତସୂଚକ ଅବ୍ୟୟ ।

ହଇଜା, ବ.(ଯା) ବିସୂଚିକା, ମହାମାରୀ, ଝାଡ଼ାବାନ୍ତି ।

ହଇରାଣ, ବ. (ଯା) ହରକତ, ହରବର ।

ହକ, ବିଂ. ( ଯା ) ଯଥାର୍ଥ, ନ୍ୟାଯ୍ୟ । ବି. ନ୍ୟାଯ୍ୟ ଅଧିକାର ।

ହକର୍, ବି. (ଦେ) ଡାକରା ।

ହକାରିବା, କ୍ରି. (ଦେ) ଡାକିବା ।

ହକ୍‌ଯତ୍ତ, ବି. (ଯା) ଅଧିକାର, ସ୍ୱତ୍ୱ ।

ହଗା, ବି. (ଦେ) ଝାଡ଼ା ରୋଗ ।

ହଗୁରା, ବିଂ (ଦେ) ଝାଡ଼ାରୋଗୀ, ଡରୁଆ, ଭୀତ ।

ହଜମ, ବି. (ଯା) ପରିପାକ, ଆତ୍ମସାତ୍ କରିବା ।

ହଜାଇବା, କ୍ରି. (ଦେ) ହରାଇବା ।

ହଜାର, ବି. (ଦେ) ସହସ୍ର, ୧୦୦୦ ସଂଖ୍ୟା, ଅସଂଖ୍ୟ ।

ହଜିବା, କ୍ରି. (ଦେ) ନଷ୍ଟ ହେବା, ନ ମିଳିବା ।

ହଜୁର, ବି. ( ଦେ ) ମହାଶୟ, ଶ୍ରୀମୁ (ବଡ଼ଲୋକଙ୍କ ପ୍ରତି ପ୍ରଯୁଜ୍ୟ) ।

ହଟ, ବି. (ଦେ) କୌତୁକ, ରଙ୍ଗ, ତାମସା ।

ହଟଚମଟ, ବି. (ଦେ) କୁହୁକ, ଇନ୍ଦ୍ରଜାଲ ।

ହଟହଟା, ବିଂ. ( ଦେ ) ଲୋକହସା, ଅପକୀର୍ତ୍ତି ।

ହଟା, ବି. (ଦେ) ଗୋଳମାଳ, ଲୋକନନ୍ଦା, ଲୋକହସା ।

ହଟିଆ, ବିଂ. (ଦେ) କୌତୁକକାରୀ, ରଙ୍ଗିଆ ।

ହଟିବା, କ୍ରି. ( ଦେ ) ଚହଟ ହେବା, ଘଞ୍ଚୁଇବା ।

ହଟଶୁ, ଅଂ. (ଦେ) ହଟ କରି, ଇଚ୍ଛାବଶତଃ ।

ହଟ୍ଟ, ବି. (ହଟ୍-ଟ) କ୍ରୟବିକ୍ରୟ ସ୍ଥାନ, ହାଟ ।

ହଟ୍ଟବିଳାସିନୀ, ବି. ( ହଟ୍ଟ-ବି-ଲସ୍-ଇନ୍-ଈ ) ବାରାଙ୍ଗନା, ବେଶ୍ୟା ।

ହଠ, ବି. (ହଠ୍-ଅ) ବଳାତ୍କାର ।

ହଠାତ୍, କ୍ରି. ବି°. (ହଠ ଶବ୍ଦଜ)ଅକସ୍ମାତ୍, ଦୈବାତ୍ ।

ହଡ଼ପ, ବି. (ଦେ) ତାମ୍ବୂଳସାମଗ୍ରୀ ।

ହଡ଼ା, ବି. (ଦେ) ବୁଢ଼ା ଗୋରୁ ।

ହଡ୍ଡ଼, ବି. (ହଠ୍-ଡ଼) ଅସ୍ଥି, ହାଡ଼ ।

ହଣା, ବି°. (ଦେ) ଅସ୍ତ୍ରାଦରେ ଆଘାତ, ଅସ୍ତ୍ରାଘାତରେ ଛିନ୍ନ ।

ହଣ୍ଡା, ବି. (ଦେ) ବଡ଼ ପିତଳହାଣ୍ଡି ।

ହଣ୍ଡିକା, ହଣ୍ଡୀ, ବି. ( ହଣ୍ଡା-କ-ଆ, ଈ ) ମୃତ୍ପାତ୍ର-ବିଶେଷ, ହାଣ୍ଡି ।

ହତ, ବି°. (ହନ୍-ତ) ବିନଷ୍ଟ, ବିନାଶିତ, ବ୍ୟାହତ ।

ହତଭଗା, ବି°. (ଦେ) ହତଭାଗ୍ୟ, ଭାଗ୍ୟହୀନ ।

ହତଭାଗିନୀ, ବି°. ସ୍ତ୍ରୀ. ଭାଗ୍ୟହୀନା ।

ହତଭାଗ୍ୟ, ବି°. (ହତ-ଭାଗ୍ୟ) ଭାଗ୍ୟହୀନ ।

ହତଶ୍ରୀ,(କ), ବି°. ଶ୍ରୀହୀନ ।

ହତା, ବି. (ଦେ) ଅସ୍ତ୍ରଶସ୍ତ୍ରର ମୁଠା, ଚଟ, କରଚୁଲି, ଆବୃତ ଭୂଖଣ୍ଡ, ଗୋଟିଏ ହାତର ପାପୁଲିରେ ଯେତେ ଧର ପାରେ ।

ହତାଦର, ବି. ( ହତ-ଆଦର ) ଅସମ୍ମାନ । ବି°. ଅବଜ୍ଞାତ ।

ହତାଶ, ବିଂ. (ହତ-ଆଶା) ନିର୍ଦ୍ଦୟ, ନିରାଶ, ଆଶା-ରହିତ ।

ହତିଆର, ବି. (ଯା) ଶସ୍ତ୍ର ।

ହତ୍ୟା, ବି. ( ହନ-ଯ-ଆ, ନ ସ୍ଥାନରେ ତ ) ବଧ, ହନନ, ବିନାଶ ।

ହଦ, ବି. (ଦେ) ହ୍ରଦ, ପ୍ରଶସ୍ତ ଜଳଭାଗ ।

ହଦ୍, ବି. (ଯା) ସୀମା, ଶେଷ ସୀମା । ବିଂ. ଅତ୍ୟନ୍ତ, ବେଶୀ ।

ହନନ, ବି. (ହନ୍-ଅନ) ବଧ, ହତ୍ୟା, ମାରଣ ।

ହନୁ(ନୂ), ବି. (ହନ୍-ଉ) ଗଣ୍ଡଦେଶର ଉପରିଭାଗ । (ଦେ) ବାନର ।

ହନୁମନ୍ତ, ବି. (ଦେ) ହନୁମାନ୍ ।

ହନୁମାନ୍ } ବି. ( ହନୁ-ମତ୍ ) ଅଞ୍ଜନାଗର୍ଭଜାତ
ହନୂମାନ୍ } ବାନର, ବାନର ।

ହନ୍ତକ, ବିଂ. (ଦେ) ହତ୍ୟାକାରୀ ।

ହନ୍ତବ୍ୟ, ବିଂ. (ହନ୍-ତବ୍ୟ) ହନନୀୟ, ବଧଯୋଗ୍ୟ ।

ହନ୍ତସନ୍ତ, ବି. (ଦେ) ଅସନ୍ତୁଷ୍ଟ, ବିବ୍ରତ, ବ୍ୟସ୍ତ ।

ହନ୍ତା, ବିଂ. (ହନ୍-ତୃ) ହନନକର୍ତ୍ତା, ବଧକାରକ ।

ହପା,(ପ୍ପା), ବି. (ଯା) ତୃଷ୍ଣା, ଆବେଗ, ଉତ୍କଣ୍ଠା ।

ହପ୍ତା, ବି. (ଯା) ସପ୍ତାହ ।

ହମହମ, ବିଂ. (ଯା) ଉଦ୍ୟତ ।

ହମା(ମ୍ଭା)ଳିବା, କ୍ରିଂ (ଦେ) ଗୋରୁ ବୋବାଇବା ।

ହମ୍ବା
ହମ୍ଭା
ହମ୍ମା
ବି. (ହମ୍-ଭ-ଅ-ଆ, ବା, ମା) ଗୋଧ୍ୱନି, ଗୋରୁର ଶବ୍ଦ।

ହୟ, ବି (ହୟ କମ୍ପା ହି-ଅ) ଅଶ୍ୱ, ଘୋଟକ।

ହୟଙ୍କଷ, ବି. (ହୟ-କଷ-ଅ) ସାରଥି।

ହର, ବି.(ହୃ-ଅ)ଶିବ,ଭାଜକ ଅଙ୍କ। ବିଂ. ହରଣକାରୀ।

ହରକତ୍, ବି. ( ଯା ) ହଇରାଣ, ହରବର, କଷ୍ଟ, ବାଧ୍ରତ।

ହରକରା, ବି. (ଯା) ଚର, ଦୂତ, ପତ୍ରବାହକ।

ହରଗୌରୀ, ବି. (ଦେ) ପୁଷ୍ପବିଶେଷ ଓ ତାହାର ଗଛ।

ହରଘଡି, ଅଂ. (ଦେ) ନିରନ୍ତର, ସର୍ବଦା।

ହରଡ଼, ବି. (ଦେ) ରାହାଡ଼ି, ଶସ୍ୟବିଶେଷ।

ହରଣ, ବି. (ହୃ-ଅନ) ଗ୍ରହଣ, ଅପହରଣ, ଚୋର।

ହରତାଳ, ବି. ( ଯା ) ଏକମେଳରେ ସମଗ୍ର କାର୍ଯ୍ୟ ବନ୍ଦ ରଖିବା।

ହରଦର୍, ବିଂ. (ଦେ) ହାରାହାର, ମୋଟାମୋଟି।

ହରପ୍, (ଫ୍), ବି. (ଯା) ବର୍ଣ୍ଣମାଳାର ଅକ୍ଷର।

ହରବର, ବି. (ଦେ) ହଇରାଣ, ହରକତ।

ହରାଇବା, କ୍ରି. (ଦେ) ପରାସ୍ତ କରିବା, ଦୂର କରିବା।

ହରାହର, ବିଂ. (ଦେ) ମୋଟାମୋଟି, ହରଦର୍।

ହରି, ବି. ( ହୃ-ଇ ) ବିଷ୍ଣୁ, ସିଂହ, ଚନ୍ଦ୍ର। ବିଂ. ହରିଦ୍ବର୍ଣ୍ଣ।

ହରିକା, ଅଂ. (ଦେ) ହେବରିକା, ପ୍ରଭୃତି।

ହରକାଠ, ବି. (ଦେ) ଅର୍ଗଳବିଶେଷ, ଦଣ୍ଡସାଧନ-ବିଶେଷ ।

ହରିଚନ୍ଦନ, ବି. ଦେବତରୁବିଶେଷ, ପୀତ ସୁଗନ୍ଧ ଚନ୍ଦନ, ଜ୍ୟୋତ୍ସ୍ନା ।

ହରଡ଼ା, ବି. (ଦେ) ହରିତକୀ ।

ହରଣ, ବି. (ହୃ-ଇନ) ମୃଗ, କୁରଙ୍ଗ, ପାଣ୍ଡୁବର୍ଣ୍ଣ ।

ହରିତ, (ତ୍), ବି. (ହୃ-ଇତ୍) ନୀଳପୀତମିଶ୍ରିତ ବର୍ଣ୍ଣ, ସବୁଜବର୍ଣ୍ଣ ।

ହରିତକୀ, ବି. (ହରିତକ-ଈ) ହରଡ଼ା ।

ହରିତାଳ, ବି. ପୀତବର୍ଣ୍ଣ ଧାତୁଦ୍ରବ୍ୟବିଶେଷ ।

ହରିତାଳୀ, ବି. ଛାୟାପଥ, ଦକ୍ଷିଣୋତ୍ତରବ୍ୟାପିନୀ ଆକାଶସ୍ଥ ଜ୍ୟୋତିର୍ମୟ ବର୍ତ୍ମ, ହାତୀଦାନ୍ତ ।

ହରିତାଳିକା, ବି.ଗଣେଶଚତୁର୍ଥୀ, ଭାଦ୍ର ଶୁକ୍ଳ ଚତୁର୍ଥୀ ।

ହରିଦଶ୍ୱ, ବି. (ହରିତ୍-ଅଶ୍ୱ) ସୂର୍ଯ୍ୟ ।

ହରିଦ୍ରା, ବି. (ହରି-ଦ୍ରୁ-ଅ-ଆ) ହଳଦୀ ।

ହର(ରି)ଦ୍ୱାର, ବି. (ହର, ହରି-ଦ୍ୱାର) ପୁଣ୍ୟତୀର୍ଥ-ବିଶେଷ, ହିମାଳୟ ନିକଟବର୍ତ୍ତୀ ନଗର ।

ହରିବା, କ୍ରି. (ଦେ) ହରଣ କରିବା, ଚୋର କରିବା, ଭାଗ କରିବା ।

ହରିବାସର, ବି. ଏକାଦଶୀ ତିଥି ଓ ଦ୍ୱାଦଶୀ ତିଥିର ପ୍ରଥମ ପାଦ ।

ହରିହୟ୍ୟ, ବି. (ହରି-ହୟ୍ୟ)ଇନ୍ଦ୍ର, ସୂର୍ଯ୍ୟ, କାର୍ତ୍ତିକେୟ, ଗଣେଶ ।

ହରିହର, ବି. ସଂଯୁକ୍ତ ହରିହରମୂର୍ତ୍ତି ।

ହରିହେତି, ବି. ( ହରି-ହେତି ) ବିଷ୍ଣୁଙ୍କ ଆୟୁଧ, ସୁଦର୍ଶନ ଚକ୍ର ।

ହରେକ, ବିଂ. (ଯା) ପ୍ରତ୍ୟେକ ।

ହର୍ତ୍ତା, ବିଂ. ( ହୃ-ତ ) ହରଣକାରକ, ବହନକାରକ, ସଂହାରକାରକ ।

ହରଦମ୍, ଅଂ. (ଯା) ନିରନ୍ତର ।

ହର୍ମ୍ୟ, ବି. (ହୃ-ଯ, ମ ଆଗମ) ଧନୀମାନଙ୍କର ବାସ-ଭବନ, ପ୍ରାସାଦ ।

ହର୍ଯ୍ୟକ୍ଷ, ବି. (ହରି-ଅକ୍ଷି-ଅ) ସିଂହ, କୁବେର ।

ହର୍ଷ, ବି. (ହୃଷ୍-ଅ) ଆନନ୍ଦ, ସୁଖ, ଆମୋଦ ।

ହର୍ଷିତ, ବିଂ. (ହୃଷ-ଇ-ତ) ଆମୋଦିତ, ତୋଷିତ ।

ହଲ, ବି. (ହଲ୍-ଅ) ଲଙ୍ଗଳ, ହଳ, ବ୍ୟଞ୍ଜନବର୍ଣ୍ଣ ।

ହଲ୍କ, ହାଲୁକ } ବି. (ଦେ) ଧୈର୍ଯ୍ୟ, ସାହସ ।

ହଲଚଲ, ବିଂ. (ଦେ) ଇତସ୍ତତଃ ସଞ୍ଚାଳିତ ।

ହଳଦିଆ, ବିଂ. (ଦେ) ହଳଦିବର୍ଣ୍ଣବିଶିଷ୍ଟ ।

ହଳଦିବସନ୍ତ, ବି. (ଦେ) ପକ୍ଷିବିଶେଷ ।

ହଳଦୀ, ବି. (ହଳଦ୍-ଦେ-ଅ) ହରିଦ୍ରା, ହଳଦି ।

ହଳଧର, ବି. (ହଳ-ଧର) ବଳଦେବ, କୃଷକ ।

ହଲନ୍ତ, ବି. ( ହଲ୍-ଅନ୍ତ ) ହସନ୍ତ, ସ୍ୱରହୀନ ବ୍ୟଞ୍ଜନ, ' ୍ ' ଚିହ୍ନ ।

ହଲପ୍, (ଫ୍), ବି. (ଯା) ଶପଥ ।

ହଲ୍ଲ, ବ. (ଦେ) ଗୃଳନ, । ବି°. ଗୃଳିତ ।
ହଳା, ବ. (ଦେ) କଣ୍ଠା ଧାନଗଛର ବଡ଼ା, କଳେଇ, ବଡ଼ା, ଜଳ ।
ହଳାୟୁଧ, ବ. (ହଳ-ଆୟୁଧ) ବଳରାମ, ବଳଦେବ ।
ହଳାହଳ, ବ. ( ହଳ-ଆ-ହଲ୍-ଅ ) ବିଷବିଶେଷ, କାଳକୂଟ ।
ହଳି(ଳୁ)ଆ, ବି°. (ଦେ) ଯେ ହଳ କରେ ।
ହଲିବା, କ୍ରି. (ଦେ) ଦୋହଲିବା ।
ହଳୀ, ବ. (ହଲ୍-ଇନ୍) ବଳରାମ, କୃଷକ ।
ହଳୀଷା, ବ. (ହଳ-ଈଷା) ଲାଙ୍ଗଳଦଣ୍ଡ ।
ହଲ୍ଲା, ବ. (ଦେ) ଗୋଳମାଳ, ହାହାକାର ।
ହଲ୍ଲୀଷ, (କ), ବ. (ହେଳା-ଲସ୍-ଅ, କ) ସ୍ତ୍ରୀଲୋକମାନଙ୍କର ମଣ୍ଡଳାକାର ନୃତ୍ୟ ।
ହବନ, ବ. (ହୁ-ଅନ) ହୋମ, ଯଜ୍ଞ ।
ହବନୀୟ, ବି°. (ହୁ-ଅନୀୟ) ହୋମଯୋଗ୍ୟ ।
ହବିଃ, ବ. (ହୁ-ଇସ୍ ) ଘୃତ, ହୋମଘୃତ, ହବନୀୟ ।
ହବିର୍ଭୁକ୍, ବ. (ହବିସ୍-ଭୁଜ୍-୦) ଅଗ୍ନି, ଦେବତା ।
ହବିଷ, ବ. (ଦେ) ଦିବସରେ ଥରେ ମାତ୍ର ଖାଇବା ରୂପ ବ୍ରତ ।
ହବିଷ୍ୟ, ବ. (ହବିସ୍-ଯ) ଘୃତାନ୍ନ, ପକ୍ୱ ନବନୀତ ।
ହବ୍ୟ, ବ. (ହୁ-ଯ) ଘୃତ, ହୋମାର୍ଥ ବସ୍ତୁ, ଦଧ୍ୟାଦି ।
ହବ୍ୟକବ୍ୟ, ବ. ଯଜ୍ଞର ଘୃତ ।
ହଷ୍ଟେଲ୍, ବ. (Hostel) ଛାତ୍ରାବାସ ।

ହସ, (ନ), ପୁ. (ହସ୍-ଅ, ଅନ) ହାସ୍ୟ, ହସ ।
ହସନ୍ତୀ, ସ୍ତ୍ରୀ. ଉମ୍ନାଇ, ଅଗ୍ନି ରଖିବାର ପାତ୍ର ।
ହସିତ, ବିଂ. (ହସ୍-ତ) ସହାସ୍ୟ, ବିକସିତ ।
ହସିବା, କ୍ରି. (ଦେ) ହାସ୍ୟ କରିବା ।
ହସ୍ତ, ପୁ. (ହସ୍-ତ) କର, ହାତ, ୨୪ ଆଙ୍ଗୁଳ ପରିମାଣ ।
ହସ୍ତା, ସ୍ତ୍ରୀ. ତ୍ରୟୋଦଶ ନକ୍ଷତ୍ର ।
ହସ୍ତିନା, ସ୍ତ୍ରୀ. (ନାମ) ଗଙ୍ଗାତୀରବର୍ତ୍ତୀ ପ୍ରାଚୀନ ଦିଲ୍ଲୀ ନଗର ।
ହସ୍ତିପ, (କ), ପୁ. (ହସ୍ତିନ୍-ପା-ଅ, କ) ମାହୁନ୍ତ, ହସ୍ତିର ରକ୍ଷକ ।
ହସ୍ତୀ, ପୁ. (ହସ୍ତ-ଇନ୍) କରୀ, ଗଜ ।
ହା, ଅ°. ବିଷାଦ, ଶୋକ, ପୀଡ଼ାସୂଚକ, ହାୟ ।
ହାହା } ପୁ. (ହ-ହା-୦) ଗନ୍ଧର୍ବ, ସ୍ୱର୍ଗୀୟ ଗାୟକ ।
ହାହା } ଅ°. ଦୁଃଖ, ଶୋକ, ବିସ୍ମୟ ଓ ସମ୍ଭ୍ରମ-ସୂଚକ ଶବ୍ଦ ।
ହାଁ, ଅ°. ବିସ୍ମୟ ଓ ସ୍ୱୀକାରସୂଚକ ।
ହାଇ, ସ୍ତ୍ରୀ. (ହାଫିକା ଶବ୍ଦଜ) ମୁଖବ୍ୟାଦାନ, ଜୃମ୍ଭଣ ।
ହାଉଦା, ପୁ. (ଯା) ହସ୍ତିପୃଷ୍ଠର ଅମାରୀ ।
ହାଉଳା, ବିଂ. (ଦେ) ବାଉଳା, କିଂକର୍ତ୍ତବ୍ୟବିମୂଢ଼ ।
ହାଉହାଉ, ପୁ. (ଦେ) ଗୋଳମାଳ ।
-ହାଓୟା, ବିଂ. (ଦେ) ବହମାନ ବାୟୁ ।
ହାକ (ଙ୍କି) ବା, କ୍ରି. (ଦେ) ଡାକବା ।

ହାକମ, ବି. (ଯା) ବିଚାରପତି, ଶାସନକର୍ତ୍ତା ।

ହାକୁଟି, ବି. (ଦେ) ହିକ୍କା, ଗର୍ଭସ୍ଥ ବାୟୁର ସଶବ୍ଦରେ ବହିର୍ନିଃସରଣ ।

ହାଙ୍ଗର, ବି, (ଦେ) ହିଂସ୍ର ଜଳଜନ୍ତୁ ବିଶେଷ ।

ହାଙ୍ଗମା } ବି. (ଯା) ଦଙ୍ଗା, ଗୋଳମାଳ,
ହେଙ୍ଗମା } ଚିତ୍କାର ।

ହାଜତ୍, ବି. (ଦେ) ଦୋଷ ପ୍ରମାଣ ପୂର୍ବେ ଦୋଷିର ଅବରୋଧ ।

ହାଜ (ଜି)ର, ବିଂ. (ଯା) ଉପସ୍ଥିତ ।

ହାଜିରି, ବି. (ଯା) ଉପସ୍ଥାନ ।

ହାଜିର, ବି. (ଯା) ଭୋଜନ ।

ହାଟ, ବିଂ. ( ହଟ୍ଟ ଶବ୍ଦଜ ) ବଜାର, କ୍ରୟବିକ୍ରୟ ସ୍ଥାନ ।

ହାଟକ, ବି. (ହଟ୍-ଅକ) ସ୍ୱର୍ଣ୍ଣ । ବିଂ. ସ୍ୱର୍ଣ୍ଣନିର୍ମିତ ।

ହାଟୁଆ, ବି. ( ଦେ ) ଶୂଦ୍ର ଜାତିବିଶେଷ । ବିଂ. ହାଟରେ କାରବାର କରିବା ଲୋକ ।

ହାଡ଼, ବି. (ହଡ୍ଡ ଶବ୍ଦଜ) ଅସ୍ଥି ।

ହାଡ଼ଗିଳା, ବି. (ଦେ) ହାଡ଼ ଗିଳୁଥିବା ଏକପ୍ରକାର ପକ୍ଷୀ ।

ହାଡ଼ଫୁଟି, ବି. ( ଦେ ) ବସନ୍ତକାଳୀୟ ସଂକ୍ରାମକ ରୋଗବିଶେଷ ।

ହାଣ୍ଡ, ବି. (ହଣ୍ଡ ବା ହଣ୍ଡିକ ଶବ୍ଦଜ) ମେହନ୍ତର ।

ହାଣ୍ଡି, ବି. (ଦେ) ମୃତ୍ପାତ୍ର, ଭାଣ୍ଡ ।

ହାଣ୍ଡିଆ, ବି. (ଦେ) ଏକପ୍ରକାର ମଦ।

ହାତ, ବି. (ହସ୍ତ ଶବ୍ଦଜ) କର, ଭୁଜ, ପାଣି।

ହାତୀ, ବି (ହସ୍ତୀ ଶବ୍ଦଜ) କରୀ, ହସ୍ତୀ, ଗଜ।

ହାତୁଡ଼ିଆ, ବି. (ଦେ) ମୂର୍ଖ ବୈଦ୍ୟ, କୁଚିକିତ୍ସକ।

ହାତୁଡ଼ୀ, ବି. (ଦେ) ଲୌହ ମୁଦ୍ଗରବିଶେଷ, ଆଘାତ କରିବା ଯନ୍ତ୍ର।

ହାତୁଣୀ, ବି. (ଦେ) ମାଈ ହାତୀ।

ହାନ, ବି (ହା-ତ, ତ=ନ) ଗତ। (ହା-ନ) ତ୍ୟାଗ ନାଶ, କ୍ଷତି, ଅପଚୟ।

ହାଦୋଳା, ବି. (ଦେ) ଦୋଳା।

ହାପୁ } ବି. (ଦେ) ଅଫିମ।
ଆପୁ }

ହାପୁରିବା, କ୍ରି. (ଦେ) ତରଳ ପଦାର୍ଥକୁ ସଶବ୍ଦରେ ହସ୍ତଦ୍ୱାରା ଶୋଷିବା।

ହାମୁ (ମ୍ଭୋ)ଡ଼ିବା, କ୍ର. (ଦେ) ଆଣ୍ଠୁରେ ଚାଲିବା, ଝୁଣ୍ଟି ପଡ଼ିଯିବା, ହାବୁଡ଼ିଯିବା।

ହାୟ, ଅ°. (ହା ଶବ୍ଦଜ) ଖେଦପ୍ରକାଶକ ଶବ୍ଦ।

ହାୟନ, କ୍ଳୀ. ବର୍ଷ, ସମ୍ବତ୍ସର।

ହାର, ବି. (ହୃ-ଅ) ମୁକ୍ତାଦିମାଳା, ହରଣ। (ଦେ) ପରାଜୟ।

ହାରକ, ବି°. ବି. (ହୃ-ଅକ) ଧୂର୍ତ୍ତ, ଚୌର, ଭାଜକ ଅଙ୍କ।

ହାରାବଳୀ, ବି. (ହାର-ଆବଳୀ) ମୁକ୍ତାବଳୀ।

ହାସ୍ୱମ୍, ବି. (ଯା) ଶୂକର, ଘୁଷୁରି। ବି°. କୁତଘ।

ହାରି } ବି. (ହୃ-ଇ) ପରାଭବ । ବିଂ. ମନୋହର,
ହାରୀ } ଭୂଚର ।
ହାରିବା, କ୍ରି. (ହୃ ଧାତୁଜ) ପରାଜିତ ହେବା ।
ହାରୀ, ବିଂ. ( ହୃ-ଇନ୍ ) ମନୋହର, ବାହକ, ଅପହାରକ । ( ହାର-ଇନ୍ ) ହାରବିଶିଷ୍ଟ ।
ହାର୍ଦ } ବି. (ହୃଦ-ଅ, ଯ) ପ୍ରଣୟ, ସ୍ନେହ । ବିଂ
ହାର୍ଦ୍ୟ } ହୃଦ୍ଗତ, ହୃଦୟଗ୍ରାହ୍ୟ ।
ହାର୍ଯ୍ୟ, ବିଂ. (ହୃ-ଯ) ଗ୍ରହଣଯୋଗ୍ୟ, ଗ୍ରାହ୍ୟ, ଭକ୍ଷ୍ୟ, ଅପହରଣୀୟ ।
ହାଲ୍, ବି. ( ଯା ) ଘଟନାର ବିବରଣ, ରୀତି, ଆଚରଣ ।
ହାଲ୍ଚାଲ } ବି. (ଯା) ଘଟନାର ବିବରଣ, ଅବସ୍ଥା ।
ହାଲତ୍ }
ହାଲପା, ବିଂ. (ଦେ) ଅତି ଶୀତଳ ।
ହାଲସା, ବି. ନାହାର ମଙ୍ଗ ।
ହାଲାହଳ, ବି. (ହଳାହଳ-ଅ) ବିଷ ।
ହାଲିଆ, ବିଂ. (ଦେ) ଦୁର୍ବଳ, କ୍ଲାନ୍ତ ।
ହାଳିକ, ବିଂ. ହଳ-ଇକ) ଲୃଷକ, ହଳୁଆ ।
ହାଲୁଆ, ବି. ( ଯା ) ମୋହନଭୋଗ, ମିଷ୍ଟାନ୍ନ-ବିଶେଷ ।
ହାଲୁକା, ବିଂ. (ଦେ) ଲଘୁ ।
ହାଲେଇ, ବି. (ଯା) ଗୁଣ୍ଡିଆ ।
ହାଲୋଳ, ବି. (ଦେ) କୋଳାହଳ ।

ହାବ, ବି. (ହୁ-ଅ) ସ୍ତ୍ରୀମାନଙ୍କର ଶୃଙ୍ଗାରଭାବଜାତ ବିଳାସ ବିବ୍ବୋକ ବିଭ୍ରମ ଲଳିତ ହେଳା ଲୀଳା ଏହି ସକଳ କ୍ରିୟାବିଶେଷ।

ହାବା, ବି. (ଦେ) ବାକ୍‌ଶକ୍ତିହୀନ, ବୋକା।

ହାବିଲ୍‌ଦାର, ବି. (ଯା) ପାଇକମାନଙ୍କ ସର୍ଦାର, ସୈନିକ କର୍ମଚାରିବିଶେଷ।

ହାବୁକା, ବି. (ଦେ) ଧକ୍କା, ଜଳର ଲହରୀ।

ହାବୁଡ଼, ବି. (ଦେ) ଧକ୍କା, ଆଘାତ।

ହାବୁଡ଼ା, ବି. (ଦେ) ଭେଟ, ଅଟକ, ବୋକା।

ହାବୁ (ବୋ) ଡ଼ିବା, କି. (ଦେ) ସମ୍ମୁଖବର୍ତ୍ତୀ ହେବା, ହଠାତ୍ ଭେଟିବା, ଧକ୍କା ବାଜିବା।

ହାବେଲୀ, ବିଂ, (ଆରବୀ) ବାସସ୍ଥାନ। (ଦେ) ବାଣ-ବିଶେଷ।

ହାସ, ବି. (ହସ୍-ଅ) ହାସ୍ୟ।

ହାସଲ୍, ବି. (ଯା) କର୍ତ୍ତବ୍ୟସମ୍ପାଦନ।

ହାସିଲ, ବି (ଯା) ପ୍ରୟୋଜନ ସିଦ୍ଧି।

ହାସିଲାତ୍, ବିଂ. (ଯା) କର୍ଷଣଯୋଗ୍ୟ, ଉର୍ବର।

ହାସ୍ୟ, ବି. (ହସ୍-ଯ) ହସ, କାବ୍ୟର ରସବିଶେଷ। ବିଂ. ପରିହସନୀୟ।

ହାହା, ବି. (ହା-ହା-୦) ଗନ୍ଧର୍ବ, କୁବେରାନୁଚର ଅଂ. ଦୁଃଖ।

ହାହାକାର, ବି. (ହାହା-କୃ-ଅ) କଳରବ, ଶୋକାଦି-ଜନ୍ୟ ଉଚ୍ଚରବ, ଅଶ୍ୱାଦି ପ୍ରେରଣ ଧ୍ୱନି।

ହି, ଅଂ. (ହି-ଇ) ହେତୁ, ନିଶ୍ଚୟ, ଅବଧାରଣ ।
ହିଂସକ, ବି. (ହିନ୍ସ୍-ଅକ) ହିଂସ୍ରଜନ୍ତୁ, ଶତ୍ରୁ ।
ହିଂସା } ବି. (ହିନସ୍-ଅ-ଆ, ଅନ) ହତ୍ୟା, ବଧ,
ହିଂସନ } ହନନ ।
ହିଂସ୍ର } ବିଂ. ( ହିଂନ୍ସ୍-ର, ହିଂସ୍ର-ଅକ ) ହିଂସା-
ହିଂସ୍ରକ } ଶୀଳ ।
ହିଁ, ଅଂ. ( ଦେ ) ନିଶ୍ଚୟାର୍ଥସୂଚକ, କେବଳ, ସୁଦ୍ଧା,
ମଧ୍ୟ ।
ହିଁହିଁ, ଅଂ. (ଦେ) ଉଚ୍ଚହାସ୍ୟର ଅନୁକରଣ ଧ୍ୱନି ।
ହିଆ, ବି. (ଦେ) ହୃଦୟ, ଗୁଡ ।
ହିକ୍କା, ବି. (ହିକ୍କ୍-ଅ-ଆ) ରୋଗର ଉପସର୍ଗବିଶେଷ,
ହାକୁଟି, ଢକାର ।
ହିଙ୍ଗ , ବି. (ହିମ୍-ଗମ୍-ଉ) ହେଙ୍ଗ ।
ହିଙ୍ଗୁଳ, ବି. (ହିଙ୍ଗ-ଲା-ଅ) ହେଙ୍ଗୁଳ ।
ହିଜ(ଡ଼ା)ଡ଼ା, (ଦେ) ନପୁଂସକ, ଖୋଜା ।
ହିଜିରି, ବି (ଯା) ମୁସଲମାନଙ୍କର ସାଲ ।
ହିଞ୍ଜଳ, ବି. (ଦେ) ଏକପ୍ରକାର ବୃକ୍ଷ ।
ହିଡ଼, ବି. (ଦେ) ବିଲର ଖେତ ବନ୍ଧ ।
ହିତ, ବିଂ. (ଧା-ତ) ଯୋଗ୍ୟ, ପଥ୍ୟ, ଉପକାରକ,
ପ୍ରିୟ । ବି. ଉପକାର, ମଙ୍ଗଳ ।
ହିତକର } ବିଂ. ( ହିତ-କର, କାରୀ ) ମଙ୍ଗଳ-
ହିତକାରୀ } ଦାୟକ ।
ହିତୈଷଣା, ବି. (ଦେ) ମଙ୍ଗଳସାଧନେଚ୍ଛା ।

ହିତୈଷୀ, ବିଂ. ( ହିତ-ଏଷିନ୍ ) ହିତେଚ୍ଛାକାରୀ, ହିତାଭିଳାଷୀ ।

ହିନସ୍ଥା, ବି. (ଦେ) ହୀନାବସ୍ଥା, ଦୁର୍ଦ୍ଦଶା, ହଟହଟା ।

ହି (ହୀ) ନ୍ତାଳ, ବି. (ହୀନ-ତାଳ) ହେନ୍ତାଳ ।

ହିନ୍ଦୁ,ବି. (ହିନ୍-ଦୁସ୍ ,ନିପାତନ) ଜାତିବିଶେଷ,ଆର୍ଯ୍ୟ ।

ହିମ, ବି. (ହିନ୍-ମ, ହିନ୍=ହି) ତୁଷାର, ନୀହାର, ଶୈତ୍ୟ ଚନ୍ଦନ, କର୍ପୂର । ବିଂ. ଶୀତଳ ।

ହିମକର, ବି. (ହିମ-କର) ଚନ୍ଦ୍ର, କର୍ପୂର ।

ହିମକୂଟ, ବି. (ହିମ-କୂଟ) ଶିଶିରଋତୁ, ଶୀତକାଳ ।

ହିମଗିରି, ବି. (ହିମ-ଗିରି) ହିମାଳୟ ପର୍ବତ ।

ହିମବାନ୍, ବି. (ହିମ-ବତ୍) ହିମାଳୟ, ପର୍ବତ ।

ହିମଶିଳା, ବି. ତୁଷାର, ବରଫ ।

ହିମଶୈଳ, ବି. (ହିମ-ଶୈଳ) ହିମାଳୟ ପର୍ବତ ।

ହିମସଂହତି, ବି. (ହିମ-ସଂହତି) ହିମାନୀ, ବରଫ ।

ହିମାଂଶୁ, ବି. (ହିମ-ଅଂଶୁ) ଶୀତକିରଣ, ଚନ୍ଦ୍ର, କର୍ପୂର

ହିମାଦ୍ରି, ବି. (ହିମ-ଅଦ୍ରି) ହିମାଳୟ ପର୍ବତ ।

ହିମାନୀ, ବି. (ହିମ-ଈ, ନ ଆଗମ) ହିମସଂହତି,ବରଫ ।

ହିମାଳୟ, ବି. (ହିମ-ଆଳୟ) ଭାରତବର୍ଷର ଉତ୍ତର-ସୀମାସ୍ଥ ପର୍ବତବିଶେଷ ।

ହିୟା, ବି. (ହୃଦୟ ଶବ୍ଦଜ) ବକ୍ଷସ୍ଥଳ ।

ହିରଣ, ବି. ( ହୃ-ଅନ, ହୃ=ହିର୍ ) ସ୍ୱର୍ଣ୍ଣ, ରେତଃ, ବରାଟକ ।

ହିରଣ୍ମୟ ବିଂ. (ହିରଣ୍-ମୟ) ହିରଣ୍ୟବିକାର, ସ୍ୱର୍ଣ୍ଣମୟ ।

ହିରଣ୍ୟ, ବି. (ହୃ-ଅନ୍ୟ) ସୁବର୍ଣ୍ଣ, ରୌପ୍ୟ, ଧନ, ରେତଃ ।

ହିରଣ୍ୟକଶିପୁ, ବି. (ହିରଣ୍ୟ-କଶିପୁ) ଦୈତ୍ୟବିଶେଷ । ପ୍ରହ୍ଲାଦଙ୍କ ପିତା ।

ହିରଣ୍ୟଗର୍ଭ, ବି. (ହିରଣ୍ୟ-ଗର୍ଭ) ବ୍ରହ୍ମା ।

ହିଲ୍ଲୋଳ, ବି. (ହିଲ୍ଲୋଲ୍-ଅ) ଦୋଳନ, ତରଙ୍ଗ, ଢେଉ ।

ହିସାବ ବି. (ଯାବନିକ) ଗଣନା, ଆୟବ୍ୟୟବିବରଣ ।

ହିହି, ଅଂ. ଆହ୍ଲାଦସୂଚକ ଶବ୍ଦ, ହାସ୍ୟ ଶବ୍ଦ ।

ହୀନ, ବିଂ. (ହା-ତ, ତ ସ୍ଥାନରେ ନ) ରହିତ, ଅଧମ, ନୀଚ, ଶୂନ୍ୟ ।

ହୀର, ବି. (ହୃ-ଅ) ହୀରକ, ଶିବ, ବଜ୍ର ।

ହୀରକ, ବି. (ହୀର-କ) ରତ୍ନବିଶେଷ, ହୀରା ।

ହୀରା, ବି. (ହୀର୍-ଆ) ଲକ୍ଷ୍ମୀ, ହୀରକ ।

ହୁଁ, ଅଂ. (ଦେଶଜ) ସ୍ୱୀକାରବୋଧକ ଶବ୍ଦ ।

ହୁକା, ବି. (ଦେ) ଗୁଡ଼ାଖୁ ପିଇବାର ଯନ୍ତ୍ରବିଶେଷ ।

ହୁ କନ, କ୍ରି. ବିଂ. (ଦେ) ଶୀଘ୍ର, ହଠାତ୍ ।

ହୁକୁମ୍ ବି. (ଯାବନିକ) ଆଜ୍ଞା, ଆଦେଶ, ଅନୁମତି ।

ହୁଗୁଳା, ବିଂ. (ଦେ) ଢିଲା, ଶିଥିଳ ।

ହୁଗୁଳିବା, କ୍ରି. (ଦେ) ଢ଼ିଲା ହେବା, ଶିଥିଳ ହେବା ।

ହୁଙ୍କା, ବି. (ଦେ) ବଲ୍ମୀକ, ଉଇହିକିରା ।

ହୁଙ୍କାର, ବି. (ହୁମ୍-କାର) ହୁଙ୍କାର ଶବ୍ଦ, ବନ୍ୟ ବରାହର ଧ୍ୱନି ।

ହୁଞ୍ଚଡ଼ିବା, କ୍ରି. (ଦେ) ବଳାତ୍କାରରେ ଟାଣିନେବା !

ହୁଡ଼, ବି. (ଦେ) ପ୍ରତିଜ୍ଞା, ପଣ, ବାଜି, ଭ୍ରମ, ଦୋଷ ।

ହୁଡ଼ା, ବି. (ଦେ) ମାଟିଗଦା, ମୃତ୍ତିକାନିର୍ମିତ ବନ୍ଧ, ଟେକା ।

ହୁଡ଼ାହୁଡ଼ି, (ଦେ) ଅମର୍ଯ୍ୟାଦାସୂଚକ ବୋଲବୋଲି ।

ହୁଡ଼ି, (ରି), ବି. (ଦେ) କୋଳାହଳ, ଡକା ।

ହୁଡ଼ିବା, କ୍ରି. (ଦେ) ଭୁଲ କରିବା, ଗାଳିଦେବା ।

ହୁଡ଼୍କା, ବି. (ଦେ) ଦ୍ୱାର ବନ୍ଦ କରିବାର କାଷ୍ଠ ବା ଲୌହଖଣ୍ଡ ।

ହୁଡ଼ୁମ୍ବ, ବି. (ଦେ) ଏକପ୍ରକାର ଚୁଡ଼ାଭଜା ।

ହୁଣ୍ଡା, ବି. (ଦେଶଜ) ନିର୍ବୋଧ, ମୂର୍ଖ ।

ହୁଣ୍ଡୀ ବି. (ଦେଶଜ) ଅର୍ଥସମ୍ବନ୍ଧୀୟ ଚିଠି, ଋଣପତ୍ର-ବିଶେଷ ।

ହୁତ, ବିଂ. (ହୁ-ତ) ଦେବୋଦ୍ଦେଶରେ ମନ୍ତ୍ରପୂର୍ବକ ଅଗ୍ନିରେ କ୍ଷିପ୍ତ ।

ହୁତଭୁକ୍<br>ହୁତବହ<br>ହୁତାଶ<br>ହୁତାଶନ } ବି. (ହୁତ-ଭୁକ, ବହ, ଅଶ, ଅଶନ) ଅଗ୍ନି, ହୋମଘୃତାଦି ଭକ୍ଷକ ।

ହୁତି, ବି. (ହୁ-ତି) ହବନ, ହୋମ ।

ହୁନ୍ଦର, ବି. (ଯା) ଇନ୍ଦ୍ରଜାଲ, କୌତୁକ ।

ହୁପା, ବି. (ଦେ) ତରଙ୍ଗ, ଢେଉ, ଜନରବ ।

ହୁମ, ବି. (ଦେ) ହୋମ ।

ହୁମ୍, (ହୁଂ), ଅଂ. (ଦେ) ସ୍ୱୀକାରବୋଧକ ଅବ୍ୟୟ ।

ହୁରୁଡ଼ା, ବିଂ. (ଦେ) ଅତି ସାମାନ୍ୟ କାରଣରେ ଯେ ଚମକିପଡ଼େ ।

ହୁରୁଡ଼ିବା, କ୍ରି (ଦେ) ସାମାନ୍ୟ କାରଣରେ ଚମକିବା

ହୁଲ, ବି. (ଦେ) ଧନୁର ଅଗ୍ରଭାଗ ବା କୋଟି ।

ହୁଲର୍, ବି. (ଦେ) ହୁର ।

ହୁଲହୁଲି, ବି. (ହୁଲ-ଅ, ଦ୍ୱିତ୍ୱ, ଇ) ସ୍ତ୍ରୀଲୋକ-ମାନଙ୍କର ମଙ୍ଗଳସୂଚକ ମୁଖଶବ୍ଦ ।

ହୁଳା, ବି. (ଦେ) ଜ୍ୱାଳା, ମସାଲ, ଦହୁଡ଼ି ।

ହୁଲିଆ, ବି. (ଦେ) ନିରୁଦ୍ଦିଷ୍ଟ ବ୍ୟକ୍ତିର ଅନୁସନ୍ଧାନ ନିମିତ୍ତ ସଙ୍କେତ ପ୍ରଚାର ।

ହୁଶିଆର, ବିଂ. (ଯାବନିକ) ମନୋଯୋଗୀ, ଚତୁର, ବିଜ୍ଞ, ସାବଧାନ ।

ହୂତ, ବିଂ. (ହ୍ୱେ-ତ) ଆହୂତ । ବି. ଆହ୍ୱାନ ।

ହୂତି, ବି. (ହ୍ୱେ-ତି) ଆହ୍ୱାନ, ଡାକିବା, ଆହୁତି ।

ହୃତ, ବିଂ. (ହୃ-ତ) ଆକୃଷ୍ଟ, ଅପହୃତ, ଆନୀତ, ଛିନ୍ନ ।

ହୃତ୍, ବିଂ. (ହୃ-୦, ତ ଆଗମ) ହରଣକାରୀ ।

ହୃତ୍କମ୍ପ, ବି. (ହୃଦ୍-କମ୍ପ) ଗ୍ଲାନି ଥରିବା ।

ହୃତ୍ପିଣ୍ଡ, ବି. ହୃଦୟସ୍ଥିତ ରକ୍ତାଦିର ଆଧାର ସ୍ଥାନ ।

ହୃଦ୍ } ବି. (ହୃ-୦, ତ ଆଗମ, ତ=ଦ୍, ହୃ-ଅୟ
ହୃଦୟ } ଦ ଆଗମ) ବକ୍ଷସ୍ଥଳ, ଚିତ୍ତ, ମନ ।

ହୃଦୟଙ୍ଗମ, ବିଂ. ( ହୃଦୟ-ଗମ ) ହୃଦୟଗତ, ମନୋଗତ ।

ହୃଦ୍‌ଗତ, ବି॰. (ହୃଦ୍-ଗତ) ମନୋଗତ, ହୃଦୟସ୍ଥ ।

ହୃଦ୍ୟ, ବି॰. (ହୃଦ୍-ଯ) ହୃଦୟଙ୍ଗମ, ମନୋଜ୍ଞ ।

ହୃଷିତ, ବି॰. (ହୃଷ୍-ଇ-ତ) ହର୍ଷିତ, ଆହ୍ଲାଦିତ ।

ହୃଷୀକ, ବି. (ହୃଷ୍-ଈକ) ଇନ୍ଦ୍ରିୟ, ଜ୍ଞାନେନ୍ଦ୍ରିୟ ।

ହୃଷୀକେଶ, ବି. (ହୃଷୀକ-ଈଶ) ବିଷ୍ଣୁ , ନାରାୟଣ ।

ହୃଷ୍ଟ, ବି॰. (ହୃଷ୍-ତ) ଆହ୍ଲାଦିତ, ଆନନ୍ଦିତ ।

ହୃଷ୍ଟି, ବି॰. (ହୃଷ୍-ତି) ହର୍ଷ, ଆନନ୍ଦ, ଗର୍ବ ।

ହେ, ଅ॰ (ହି-ଏ) ସମ୍ବୋଧନ, ଆହ୍ୱାନ, ଅସୂୟା ।

ହେଙ୍ଗ, ବି. (ଦେ) ହିଙ୍ଗୁ ।

ହେଙ୍ଗୁଳ, ବି. (ଦେ) ହିଙ୍ଗୁଳ ।

ହେଜ, ବି. (ଦେ) ସ୍ମରଣ ।

ହେଜିବା, କ୍ରି. (ଦେ) ସ୍ମରଣ କରିବା, ଭାବିବା ।

ହେଞ୍ଜଡ଼ା, ବି. (ଦେ) ଚଗଲା ।

ହେଞ୍ଜେଡ଼ୀ, ବି. ସ୍ତ୍ରୀ. (ଦେ) ସ୍ୱୀବିବର୍ଷ୍ଣାନା ନାରୀ ।

ହେଟ
ହେଠ } ବି. (ଦେ) ନମ୍ର, ଅବନତ ।

ହେଠା, ବି. (ଦେ) ଗାଧିଆବାଧ ।

ହେଡ଼ା, ବି. (ଦେ) ଗୋମାଂସ, ପଶୁ ମାଂସ ।

ହେଣ୍ଟାଇବା, କ୍ରି. (ଦେ) ଅଣ୍ଟାଇବା, ସାହାଯ୍ୟ କରିବା ।

ହେଣ୍ଡି, ବି. (ଦେ) କଷ୍ଟବାଦ୍ୟ ।

ହେତି, ବି. (ହନ୍-ତି, ନିପାତନ) ଅସ୍ତ୍ରଶସ୍ତ୍ର ।

ହେତୁ, ବି. (ହି-ତୁ) କାରଣ, ବୀଜ, ମୂଳ, ପ୍ରୟୋଜନ ।

ହେତୁବାଦ, ବି. (ହେତୁ-ବାଦ) ହେତୁକଥନ ।

ହେନ୍ତାଳ, ବ. (ଦେ) ହନ୍ତାଳ, ବାଉଁଶଜାତୀୟ ତୃଣ ।
ହେପାଜତ୍, ବ. (ଯା) ଯତ୍ନ, ତତ୍ତ୍ୱାବଧାନ, ଅଧିକାର ।
ହେମ, ବ. (ହି-ମ) ସ୍ୱର୍ଣ୍ଣ, ସୁବର୍ଣ୍ଣ ।
ହେମକୂଟ, ବ. ହିମାଳୟର ଉତ୍ତରସ୍ଥ ପର୍ବତବିଶେଷ ।
ହେମତ୍, ବ. (ଯା) ସାହସ ।
ହେମନ୍ତ, ବ. ( ହନ୍-ଅନ୍ତ, ହନ=ହି, ମ ଆଗମ ) ହିମସମୟ, କାର୍ତ୍ତିକ ଓ ମାର୍ଗଶିର ମାସ ।
ହେମମାଳୀ, ବ. (ହେମ-ମାଳା-ଇନ୍ ) ସୂର୍ଯ୍ୟ ।
ହେମାଙ୍ଗ, ବଂ. ( ହେମ-ଅଙ୍ଗ) ସୁନା ପରି ହଳଦିଆ ଶରୀରବିଶିଷ୍ଟ । ବ. ସୁମେରୁ ।
ହେମାଦ୍ରି, ବ. (ହେମ-ଅଦ୍ରି) ସୁମେରୁପର୍ବତ ।
ହେମାଳ, ବ. (ଦେ) ଅତି ଶୈତ୍ୟ, ବଂ. ଅତି ଶୀତଳ ।
ହେୟ, ବଂ. (ହା-ଯ) ତୁଚ୍ଛ ।
ହେରମ୍ବ, ବ. ଗଣେଶ, ମହିଷ ।
ହେରସା, ବଂ. (ଦେ) ନିର୍ଲଜ୍ଜ ।
ହେରାପଞ୍ଚମୀ, ବ. (ଦେ) ଗୁଣ୍ଡିଚାଯାତ୍ରାର ପରବର୍ତ୍ତୀ ପଞ୍ଚମୀ । —
~~ହେହଜ୍ଜା~~, ବ. (ଦେ) ପ୍ରଭୃତି ।
ହେରିବା, କି. (ଦେ) ଦେଖିବା ।
ହେଳା, ବଂ. (ହେଳ-ଅ-ଆ) ଅବହେଳା, ଅବଜ୍ଞା ।
ହେଳେ, କ୍ରି. ବଂ. (ଦେ) ଅକ୍ଲେଶରେ ।
ହେଲେ, ବ. (ଦେ) ତେବେ ସୁଦ୍ଧା, ତଥାପି ।
ହେହେ, ଅଂ. (ହେ) ସମ୍ବୋଧନସୂଚକ ଶବ୍ଦ ।

ହୈ. (ହେ-ଐ) ଆହ୍ୱାନ, ସମ୍ବୋଧନ ।

ହୈମ, ବି. ( ହିମ-ଅ ) ହିମସମ୍ବନ୍ଧୀୟ, ସୌବର୍ଣ୍ଣ, ହିରଣ୍ମୟ ।

ହୈମନ୍ତିକ, ବିଂ. ( ହେମନ୍ତ-ଇକ ) ହେମନ୍ତକାଳ-ସମ୍ବନ୍ଧୀୟ ।

ହୈମବତୀ, ବି. (ହିମବତ୍-ଅ-ଈ) ପାର୍ବତୀ, ଦୁର୍ଗା ।

ହୈୟଙ୍ଗବୀନ, ବି. (ହ୍ୟସ୍-ଭବାର୍ଥେ, ନିପାତନ) ସଦ୍ୟୋଜାତ ଘୃତ ।

ହୈହ (ହେ)ୟ, ବି. (ନାମ) କାର୍ତ୍ତବୀର୍ଯ୍ୟ ।

ହୋ, ଅଂ. ( ହେ-ଓ ) ସମ୍ବୋଧନସୂଚକ ଶବ୍ଦ, ସମ୍ବୋଧନ ।

ହୋଟେଲ୍, ବି. (ଇଂ. Hotel) ଯେଉଁଠାରେ ମୂଲ୍ୟ ବିନିମୟରେ ଖାଦ୍ୟ ବିକ୍ରି ହୁଏ ।

ହୋତା, ବି. (ହୁ-ତୃ) ପୁରୋହିତ । ବିଂ. ଯଜ୍ଞକର୍ତ୍ତା ।

ହୋତ୍ର, ବି. (ହୁ-ତ୍ର) ହୋମ, ହବିଃ, ହୋମଘୃତ ।

ହୋମ, ବି. (ହୁ-ମ) ଦେବୋଦ୍ଦେଶରେ ମନ୍ତ୍ରପାଠ-ପୂର୍ବକ ଅଗ୍ନିରେ ଘୃତାଦି କ୍ଷେପଣ ।

ହୋରା, ବି. ( ହୋଡ଼୍-ଅ-ଆ ) ଲଗ୍ନ, ୨୧ ଦଣ୍ଡ ବା ଏକ ଘଣ୍ଟା ।

ହୋରି, ବି. (ଦେ) ଦୋଳଯାତ୍ରା, ଦୋଳପୂର୍ଣ୍ଣିମାର ପରବର୍ତ୍ତୀ ଦିନ ।

ହୋସ୍, ବି. (ଯା) ଜ୍ଞାନ, ବୁଦ୍ଧି, ମନ ।

ହ୍ୟଃ, ଅ° ଗତ ଦିନ, ପୂର୍ବ ଦିନ ।

ହ୍ୟସ୍ତନ, ବି°. ( ହ୍ୟସ୍-ତନ ) ଗତଦିବସୀୟ, ପୂର୍ବଦିନର ।

ହ୍ରଦ, ବି. (ହ୍ରାଦ୍-ଅ, ନିପାତନ) ଅକୃତ୍ରିମ ବୃହତ୍ ଜଳାଶୟ ।

ହ୍ରସ୍ୱ, ବି°. (ହ୍ରସ୍-ବ) ଖର୍ବ, କ୍ଷୁଦ୍ର, ଲଘୁ, ଶ୍ରେଷ୍ଠ ;

ହ୍ରାଦ, ବି. (ହ୍ରାଦ୍-ଅ) ଶବ୍ଦ, ଗୋଳମାଳ ଧ୍ୱନି ।

ହ୍ରାଦିନୀ, ବି. (ହ୍ରାଦ୍-ଇନ-ଈ) ନଦୀ, ବଜ୍ର ।

ହ୍ରାସ, ବି. (ହ୍ରସ୍-ଅ) କ୍ଷୀଣତା, କ୍ଷୟ, ଶବ୍ଦ ।

ହ୍ରୀ, ବି. (ହ୍ରୀ-୦) ଲଜ୍ଜା, ବ୍ରୀଡ଼ା ।

ହ୍ରେଷା, ବି, ( ହ୍ରେଷ୍-ଅ-ଆ ) ଅଶ୍ୱଧ୍ୱନି, ଘୋଡ଼ା-ଡାକ ।

ହ୍ଲାଦ / ହ୍ଲାଦନ } ବି. (ହ୍ଲାଦ-ଅ ଅନ) ଆହ୍ଲାଦ, ଆନନ୍ଦ ।

ହ୍ଲାଦିନୀ, ବି. ( ହ୍ଲାଦ୍-ଇନ୍-ଈ, ର=ଲ ) ବିଦ୍ୟୁତ୍, ବଜ୍ର ।

ହ୍ଲାଦୀ, ବି°. (ହ୍ଲାଦ୍-ଇନ୍ ) ଆହ୍ଲାଦଯୁକ୍ତ ।

ହ୍ୱାନ, ବି. (ହ୍ୱେ-ଅନ) ଆହ୍ୱାନ, ହୂତ ।

ସମାପ୍ତ ।

---

Printed by V. Kar, U. S. Press, Cuttack